# ମହାନଗରୀ ମନ୍ଦିରମାଳିନୀ:
# ଏକାମ୍ର ଭୁବନେଶ୍ୱର

ବିଜୟିନୀ - ୨୦୧୮

# ମହାନଗରୀ ମନ୍ଦିରମାଳିନୀ :: ଏକାମ୍ର ଭୁବନେଶ୍ୱର

ପ୍ରକାଶକ
ବିଜୟିନୀ ସ୍ମୃତି ଟ୍ରଷ୍ଟ
ସମାରୋହ, ୧୨୮, ଡୁମୁଡୁମା (କ), ଭୁବନେଶ୍ୱର-୩୦

ପ୍ରକାଶ କାଳ : ୧୬-୯-୨୦୧୮

ମୁଦ୍ରଣ :
ଶ୍ରୀରାମ ସ୍କ୍ରିନ୍ ପ୍ରିଣ୍ଟିଂ, ୩୭୧, ସହିଦନଗର, ଭୁବନେଶ୍ୱର-୭

ମୂଲ୍ୟ : ୧୦୦ ଟଙ୍କା

# ଉତ୍ସର୍ଗ

ଏକାମ୍ର ଭୁବନେଶ୍ୱରଙ୍କୁ ବାସ୍ତବ ଭୁବନଶ୍ରେଷ୍ଠ କରିବାଲାଗି, ନିରନ୍ତର ସ୍ୱପ୍ନ ଦେଖୁଥିବା ବିଜୟିନୀଙ୍କୁ ଉତ୍ସର୍ଗୀକୃତ...

– ଇନ୍ଦ୍ରମଣି

# ପ୍ରଫେସର ବିଜୟିନୀ ମହାନ୍ତି

*(୧୪.୧୧.୧୯୫୭ - ୧୬.୦୯.୨୦୧୩)*

ପ୍ରଫେସର ବିଜୟିନୀ ମହାନ୍ତି ନିଜ ଜୀବନର ୫୫ ବର୍ଷରୁ ୩୭ ବର୍ଷ ଅଧ୍ୟାପନାରେ କଟାଇଛନ୍ତି । ସେହି ଅବଧି ମଧ୍ୟରେ ତାଙ୍କର ଗବେଷଣା କ୍ଷେତ୍ର ହୋଇଛି ପୌର ଶାସନ (ଭୁବନେଶ୍ୱର ପୌରପାଳିକାରେ ଲୋକମାନଙ୍କର ଅଂଶଗ୍ରହଣ), ମହିଳା ସଶକ୍ତିକରଣ, ଅନୁସୂଚିତ ଗିରିଜନ, ପଞ୍ଚାୟତିରାଜ, ଓଡିଶା ପ୍ରଶାସନ, ଅମଲାତନ୍ତ୍ର ଓ ଅନେକ ନୂତନ ପ୍ରଶାସନିକ ଭାବଧାରା । ପ୍ରଥମ ଦୁଇଟି ବିଷୟରେ ନିଜର ପି.ଏଚ.ଡି ଓ ଡି.ଲିଟ୍ ଲାଭ କରିଛନ୍ତି । ବହୁ ଗୁଡିଏ ଅମୂଲ୍ୟ ପୁସ୍ତକ ରଚନା କରିଛନ୍ତି ।

ସାମାଜିକ ଜୀବନରେ ବିଜୟିନୀ ସବୁ କ୍ଷେତ୍ରରେ ଉଦାହରଣ ହୋଇ ରହିଛନ୍ତି । ସମାଜରେ ଆଦର୍ଶ କନ୍ୟା, ଭଉଣୀ ହେବା ସହିତ ସମସ୍ତଙ୍କର ଆଦରଣୀୟା ହୋଇଛନ୍ତି । ମଣିଷପଣିଆ ନେଇ ବିଜୟିନୀ କାର୍ଯ୍ୟ କ୍ଷେତ୍ରରେ ବି ପୂର୍ଣ୍ଣ ଲକ୍ଷ୍ୟ ହାସଲ କରିଥିଲେ - ପାଠପଢା, ଘରକରଣା, ଗବେଷଣା. ଶିକ୍ଷାଦାନ ଅବା  ପୁସ୍ତକ ପ୍ରଣୟନ ।

ତାଙ୍କର ତିରୋଧାନ ପରେ ତାଙ୍କର ସ୍ମୃତି ପାଇଁ ଗଠିତ ବିଜୟିନୀ ସ୍ମୃତି ଟ୍ରଷ୍ଟ ତରଫରୁ କିଛି କାର୍ଯ୍ୟକ୍ରମ କରାଯାଉଛି । 'ବିଜୟିନୀ ସ୍ମୃତି ସଭା' ତିରୋଧାନ ଦିବସ, ସେପ୍ଟେମ୍ବର ୧୬ ତାରିଖରେ ହୁଏ । ଏହି ଉପଲକ୍ଷେ 'ବିଜୟିନୀ' ସ୍ମରଣିକା ପ୍ରକାଶିତ ହୁଏ । ଆତ୍ମୀୟ ଓ ବନ୍ଧୁମାନଙ୍କ ପରାମର୍ଶକ୍ରମେ ବିଜୟିନୀ ମହାନ୍ତିଙ୍କ ସମ୍ମାନରେ ଜଣେ କୃତୀ ମହିଳାଙ୍କୁ 'ବିଜୟିନୀ ସମ୍ମାନ' ଦିଆଯାଉଛି । ଶିକ୍ଷା କ୍ଷେତ୍ରରେ ତାଙ୍କର କର୍ମକ୍ଷେତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗର ସ୍ନାତକୋତ୍ତର ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥୀଙ୍କୁ 'ବିଜୟିନୀ ମେମୋରିଆଲ ଆୱାର୍ଡ', ରମାଦେବୀ ମହିଳା ମହାବିଦ୍ୟାଳୟ (ବିଶ୍ୱବିଦ୍ୟାଳୟ)ର ରାଜନୀତି ବିଜ୍ଞାନରେ ସ୍ନାତକ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନରେ ଥିବା ଛାତ୍ରୀଙ୍କୁ 'ବିଜୟିନୀ ସ୍ମୃତି ପୁରସ୍କାର' ଓ ଶୈଳବାଳା ମହିଳା ମହାବିଦ୍ୟାଳୟରେ ସେହି ପରି 'ବିଜୟିନୀ ସ୍ମାରକୀ ପୁରସ୍କାର' ୨୦୧୪ରୁ ଦିଆ ହେଉଛି ।

ଏହା ବ୍ୟତୀତ ତାଳପଦେଶ୍ୱରୀ ସାହିତ୍ୟ ଆସରର ମୂଳ ଉପଦେଷ୍ଟା ଭାବରେ ଏହି ଅନୁଷ୍ଠାନର ଜଣେ କୃତୀ ସାହିତ୍ୟିକଙ୍କୁ  'ତାଳପଦେଶ୍ୱରୀ ବିଜୟିନୀ ସମ୍ମାନ' ଦିଆ ଯାଉଛି ।

ନିଜର ଅନେକ ଅଭୀପ୍ସା ରହିଥିଲା, ଯାହା ଅପୂରଣୀୟ ହୋଇ ରହିଯାଇଥିଲା, କେତେଜଣ ଡକ୍ଟରାଲ ଗବେଷକଙ୍କୁ ଅଧାରେ ରଖିଦେଇ ନିୟତିର ନିର୍ଦ୍ଦେଶରେ ଚାଲିଯାଇଛନ୍ତି । ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀଙ୍କ ସଯତ୍ନ ଆଗ୍ରହରୁ ସେ ସବୁ ପରିପୂର୍ଣ୍ଣ ହୋଇପାରିଛି । ବିଭାଗର କେତୋଟି ପୁସ୍ତକ ପ୍ରଣୟନ କରିବା ବିଜୟିନୀଙ୍କର ଲକ୍ଷ୍ୟଥିଲା, ସେହି କାର୍ଯ୍ୟକ୍ରମରେ ଲୋକ ପ୍ରଶାସନ ବିଭାଗ ସହଯୋଗରେ ସମ୍ପାଦିତ ହେବ ବୋଲି ଆଶା ।

ପ୍ରଫେସର ବିଜୟିନୀ ମହାନ୍ତିଙ୍କର ଅନେକ ଅସଂପୂର୍ଣ୍ଣ ପ୍ରବନ୍ଧ, ଗବେଷଣା ଲବ୍ଧ ସାମାଜିକ ତତ୍ତ୍ୱକୁ ପ୍ରକାଶ ଉପଯୋଗୀ କରି ଆତ୍ମୀୟ ଓ ଛାତ୍ରଛାତ୍ରୀ ବିଭିନ୍ନ ମାଗାଜିନ୍‌ରେ ପ୍ରକାଶ କରି ବିଜୟିନୀର ସ୍ମୃତିର ଧାରାକୁ ଜୀବନ୍ତ କରି ରଖିଛନ୍ତି ।

୨୦୧୬ ବର୍ଷ ଡିସେମ୍ବରରୁ ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗରେ 'ପ୍ରଥମ ବିଜୟିନୀ ମେମୋରିଆଲ ବକ୍ତୃତା' ଅନୁଷ୍ଠିତ ହେଲା, ବକ୍ତା ଥିଲେ ଦିଲ୍ଲୀ ଜାମିଆ ମିଲିଆର ପ୍ରଫେସର ରୁମ୍‌କି ବସୁ । ୨୦୧୭ ମସିହା ଠାରୁ ବିଜୟିନୀ ମେମୋରିଆଲ ବକ୍ତୃତା ତାଙ୍କ ସ୍ମୃତି ସଭାସହିତ ଅନୁଷ୍ଠିତ ହେବାର ନିଷ୍ପତ୍ତି ନିଆଯାଇଛି । ଏଥର ବନାରସ ହିନ୍ଦୁ ୟୁନିଭରସିଟିର ପ୍ରାକ୍ତନ ପ୍ରଫେସର ଆର୍.ଆର୍. ଝା 'ଦ୍ୱିତୀୟ ସ୍ମାରକୀ ବକ୍ତୃତା' ଦେବାପାଇଁ ସମ୍ମତି ପ୍ରଦାନ କରିଛନ୍ତି । ଏହି ବର୍ଷ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ଅମିତା ସିଂହ 'ତୃତୀୟ ବିଜୟିନୀ ମେମୋରିଆଲ ବକ୍ତୃତା' ଦେବାର କାର୍ଯ୍ୟକ୍ରମ ରହିଛି ।

***ଡାକ୍ତର ଇନ୍ଦ୍ରମଣି ଜେନା***
*ସଭାପତି, ବିଜୟିନୀ ସ୍ମୃତି ଟ୍ରଷ୍ଟ*

# ଉପକ୍ରମ

ଭୁବନେଶ୍ୱର ନାମଟି ଉଚ୍ଚାରଣ କରିବାରେ ଆମେ ଆମର ପ୍ରିୟ ମହେଶ୍ୱର ବା ଶିବଙ୍କ ନାମ ଉଚ୍ଚାରଣ କରି ନିଜର ମନକୁ ଆଧ୍ୟାତ୍ମିକ ଦୃଷ୍ଟିରୁ ପବିତ୍ରତାରେ ଭରିଦେଉ। ଏମିତି କ୍ୱଚିତ୍ କେତେ ସହରର ନାମକରଣ ଦେଖିବାକୁ ମିଳେ।

ମୋ ନିଜର ଏହି ନଗରୀଟି ପ୍ରତି ବହୁ ମାନସିକ ଦୁର୍ବଳତା ରହିଛି। ଏଇ ନଗରୀର ପରିଧି ଭିତରେ ମୋର ଜନ୍ମ।ଏହାର ପାଣି ପବନ, ରାସ୍ତାଘାଟ ଓ ବୃକ୍ଷଲତା ସହିତ ମୋର ନିବଡ ସମ୍ପର୍କ ରହିଛି। ନିଜ ମାଟି ବିଷୟରେ ଜାଣିବାର ଅବକାଶ ମୋତେ ମିଳିଲା ଯେବେ ମୋର ସହଧର୍ମୀଣୀ ବିଜୟିନୀ ରାଜନୀତି ବିଜ୍ଞାନରେ ୧୯୮୬ ମସିହାରେ ପି.ଏଚ୍.ଡି. ପଞ୍ଜୀକରଣ କଲେ। ବିଷୟବସ୍ତୁ ଥିଲା ଭୁବନେଶ୍ୱର ପୌରପରିଷଦରେ ନାଗରିକମାନଙ୍କର ଅଂଶ ଗ୍ରହଣ। ଜଣେ ମହିଳା ଗବେଷିକା ଭାବରେ ସିଏ ୫୦୦ ଲୋକଙ୍କର ସାକ୍ଷାତକାର ନେବେ, ଏହା ମୋ ବିନା ସହାୟତାରେ ଅସମ୍ଭବ ବୋଲି ନିଜେ ଗାଇଡ୍ ଓ ସୁପରଭାଇଜର ପ୍ରଫେସର ସାରଦା ରଥ ଓ ପ୍ରଫେସର ସତ୍ୟନାରାୟଣ ରଥ ଅନୁଭବ କଲେ।

ପୁଣି କେତେ ପୁସ୍ତକାଗାର ପ୍ରବନ୍ଧ କଲିକତା ନେସନାଲ୍ ଲାଇବ୍ରେରୀରୁ ଆଣିବା ପାଇଁ ଯିବାର ଆବଶ୍ୟକତା ଥିଲା। ପ୍ରଫେସର ରଥ ମୋତେ ବିଜୟିନୀଙ୍କର ଗବେଷଣା କାର୍ଯ୍ୟ ପାଇଁ 'ପାଓ୍ୱାର ଅଫ୍ ଆଟର୍ଣ୍ଣି' ଦିଆ ଗଲା ବୋଲି ମଜାରେ ଘୋଷଣା କଲେ, ବାସ୍ତବିକ ତା ପରଠାରୁ ମୁଁ ମୋର ଜନ୍ମମାଟି ବିଷୟରେ ଅଧିକ ଜାଣିବାକୁ ପାଇଲି। ଖାରବେଳ ହୁଅନ୍ତୁ କି ପୁରୁଣା ତଥା ନୂତନ ଭୁବନେଶ୍ୱର ବିଷୟ ହେଉ, ମୋର ସେଥିପାଇଁ ଜିଜ୍ଞାସା ବଢିଲା। ଏମିତି କି ବାର୍ଷିକ ପାଞ୍ଜିଟିଏ କିଣିବା ପରି ୧୯୮୫ ମସିହାରୁ ପୌରପାଳିକାର ବାର୍ଷିକ ରିପୋର୍ଟଟିଏ ପ୍ରତିବର୍ଷ ଆଣି ସଞ୍ଚରଖିବାର ବିଧି ପାଳଟିଗଲା।


କାଳକ୍ରମେ ମୁଁ ଜାଣିଲି, ନୂତନ ଭୁବନେଶ୍ୱରର ଭିତ୍ତିପ୍ରସ୍ତର ସ୍ଥାପନ ହେବାର ଶହେ ସତର ଦିନ ପରେ ହିଁ ମୋର ଏଠାରେ ଜନ୍ମ। ଏହି ମାଗାଜିନ୍‌ର ଅନେକ ଲେଖକ-ଲେଖିକାଙ୍କର ବି ନୂତନ ରାଜଧାନୀ ପ୍ରତିଷ୍ଠା କାଳରେ ଜନ୍ମ। ଆମ ଗାଁରେ ମୋ ନିଜର ସମସାମୟିକ ବନ୍ଧୁମାନଙ୍କୁ ଯେମିତି ସଂଗାତ, ମୈତ୍ର ଭାବରେ ଦେଖେ, ଏହି ନୂତନ ଭୁବନେଶ୍ୱରକୁ ମୋର ସମସାମୟିକ ଭୌଗୋଳିକ ବ୍ୟକ୍ତିତ୍ୱ ଭାବରେ ମୈତ୍ର ମନୋଭାବ ପୋଷଣ କରେ। ଯେବେଠାରୁ କଟକରେ ନଗରଟିର ସହସ୍ରବର୍ଷ ପାଳିତ ହୋଇଗଲା, ସେହି ନିୟମରେ ନୂଆ ରାଜଧାନୀ ଭୁବନେଶ୍ୱରର ବୟସ ଧାର୍ଯ୍ୟ ହୋଇଗଲା ।

ଖବରକାଗଜରେ ଭୁବନେଶ୍ୱର ବିଷୟର ମାନ ସମ୍ମାନ ସମ୍ବଳିତ କିଛି ପ୍ରକାଶ ପାଇଲେ, ମନ ଗର୍ବରେ ଫାଟି ପଡେ, ପୁଣି କେବେ ବା ଅସମ୍ମାନ ବିଷୟ ଆସିଲେ, ନିଜକୁ ଆମ ଗାଁଗଣ୍ଡାରେ ଗୋବଧ ଅପରାଧ କରିବା ପରି ବୋଧହୁଏ, କେତେଦିନ ରାଜନୈତିକ ବା ପ୍ରଶାସନିକ କାରଣରୁ ଭୁବନେଶ୍ୱରର ବନ୍ଧୁତାକୁ ସନ୍ଦେହଜନକ ଚକ୍ଷୁରେ ଦେଖିବାକୁ ବି ପଡିଛି। କିଏ କହେ ଭୁବନେଶ୍ୱର କେତେକ କ୍ଷେତ୍ରରେ ଦେଶର ପ୍ରଧାନ ସହର ହେବାକୁ ଯାଉଛି ତ କିଏ କହେ ଏମିତ ସହର ନାହିଁ। କେତେବେଳେ ଏହା ଶାନ୍ତଶିଷ୍ଟ ସହର ତ କେବେ ଏହା ସରଳ ଜୀବନଯାପନ ପାଇଁ ଉପଯୁକ୍ତ ସହର। ବିଶ୍ୱରେ ହକି ଖେଳର ଆୟୋଜକ ଭାବରେ ସମ୍ମାନିତ ହେବା ଯେତିକି ଆନନ୍ଦମୟ, ଏହା ସେମିତି ଅନେକ ଶ୍ରଦ୍ଧା, ପ୍ରଶାନ୍ତି ଓ ଆତ୍ମସନ୍ତୋଷର ଭାଷା।

ଆଉ କେତେବେଳେ ଅପରାଧ ପ୍ରବଣ ସହର ତ କେବେ ଗରମରେ ଦାଉଦାଉ ହୋଇ ଜଳିଯାଉଥିବା ନିଆଁହୁଳାର ସହର। ଦୁର୍ଘଟଣାର ମୃତ୍ୟୁଯନ୍ତା ତ କେବେ ନାରୀ ଉତ୍ପୀଡନ ଲଜ୍ଜାରେ ମୁହଁ ଲୁଚାଇବାକୁ କାନି ଖୋଜୁଥିବା ସହର। ମନ ପୋଡିଯାଏ। ରହିବା ସ୍ଥାନର ଗୁରୁତ୍ୱକୁ ଭୁଲିଯିବାକୁ ମନ ନିଜକୁ ଫୁସୁଲାଇବାକୁ ବାଟ ଖୋଜେ।

ସବୁ ସତ୍ତ୍ୱେ କୌଣସି ଦୁଇଟି ଘଟଣାରେ ଭୁବନେଶ୍ୱରର ପକ୍ଷ ନେବାକୁ ମନରେ କିଛି ଦ୍ୱିଧା ଆସିନି। କିନ୍ତୁ କେବଳ ଶ୍ରୋତା ବା ପାଠକ ଭାବରେ ଭୁବନେଶ୍ୱରର ପକ୍ଷନେଇ ଆଶାକରିଛି।

ଯେତେବେଳେ ଭୁବନେଶ୍ୱରର ନାମ ଦେଶର ସ୍ମାର୍ଟସିଟି ଭାବରେ ଓଡିଶା ସରକାର ଅନୁମୋଦନ କରି ପଠାଇଲେ, ମନରେ ଜିତିବାର ଦୁର୍ବାର ଲାଳସା ଥିଲେ ବି ପରିସ୍ଥିତି ବହୁ ସନ୍ଦେହ ସୃଷ୍ଟି କରୁଥିଲା। ଭାରତରେ କେତେ ସୁନ୍ଦର ସୁନ୍ଦର ପୁରୁଣା ସହର ରହିଛି, କେଉଁଠି ରାସ୍ତାଘାଟ, ପରିମଳ ବ୍ୟବସ୍ଥା, ବାସଗୃହ, ଗଛବୃକ୍ଷ ସବୁ କେତେ ଆକର୍ଷଣୀୟ ଢଙ୍ଗର, ସେଠି ଭୁବନେଶ୍ୱର କୁଆଡେ ତୁଳନାକୁ ଆସିବ ? ଏଇଠି ଭୁବନେଶ୍ୱର ଏନ୍. ଏ. ସି. ଆରମ୍ଭ ହୋଇଛି ମାତ୍ର ୧୯୫୨ ମସିହାରୁ, ଯେତେବେଳକୁ ଶତବାର୍ଷିକୀ ପାଳନ କରୁଥିବା ପୌରପାଳିକା ଥିଲେ ଦେଶରେ। ଦେଶର ସହର କହିଲେ ସେମାନଙ୍କ




ନାମ ପ୍ରଥମେ ଉଚ୍ଚାରଣ କରିବାକୁ ପଡୁଥିଲା । ଭୁବନେଶ୍ୱର ନୋଟିଫାଏଡ୍ ଏରିଆ କାଉନସିଲ୍ ଉନ୍ନିତ ହେଲା ପୌରପାଳିକାକୁ ୧୯୭୯ରେ । ସେତେବେଳକୁ ଦେଶରେ ଅନେକ ଆଦର୍ଶ ପୌରପାଳିକା ଓ ନଗରପାଳିକା ନିଜର କାୟା ବିସ୍ତାର କରିଚାଲିଥିଲେ । ଦେଶର ପୌରପାଳିକା ସହିତ ତୁଳନା କରିବା ତ ଦୂରରକଥା, ନିଜ ରାଜ୍ୟରେ ବି ତୁଳନାତ୍ମକ ଭାବରେ ଭୁବନେଶ୍ୱର ମୁନିସିପାଲିଟି କଟକଠାରୁ ବହୁ ପଛରେ ପଡିଯାଇଥିଲା । ପୁଣି ଭୁବନେଶ୍ୱର ପୌରପାଳିକା ୧୯୮୮ ମସିହାରେ ଚତୁର୍ଦିଗକୁ ବୃଦ୍ଧି ପାଇବାରେ ଯେଉଁ ପୁରୁଣା ଗ୍ରାମପୁଞ୍ଜି ଗୁଡ଼ିକୁ ନିଜ ସହରୀ ପରିସର ମଧ୍ୟରେ ଗ୍ରାସ କରିଦେଲା, ମନେହେଲା ସହରଟି ଗ୍ରାମାଞ୍ଚଳକୁ ପରିବର୍ତ୍ତିତ ହେବାକୁ ଲାଗିଛି । ସେଇଠି ଦଶବର୍ଷ ଯାଏ ରାସ୍ତାଘାଟ, ନାଳନର୍ଦ୍ଦମା, ବିଦ୍ୟୁତ ସରବରାହ, ପରିମଳ ବ୍ୟବସ୍ଥା ଆଦୌ ସନ୍ତୋଷଜନକ ଭାବରେ ବିକଶିତ ହେଉ ନଥିଲା । ପୌର ପ୍ରଶାସନ ପୁଣି ୧୯୯୪ ମସିହାରେ ନଗର ନିଗମ ହେବା ବେଳକୁ ତାହାର କେବଳ ଗୋଟିଏ ଯୋଗ୍ୟତା ନଗରନିଗମ ପାଇଁ ପ୍ରଯୁଜ୍ୟ ଥିଲା - ଭୁବନେଶ୍ୱରର ଲୋକ ସଂଖ୍ୟା କେବଳ ଏହାକୁ ନଗର ନିଗମ ଭାବରେ ଘୋଷଣା କରିବା ପାଇଁ ଯୋଗ୍ୟତାର ଉପାଦାନ ଭାବରେ ରହିଥିଲା । ଭୁବନେଶ୍ୱର ଗୋଟିଏ ପୌରାଞ୍ଚଳ, ଏହି ଧାରଣା କେବଳ ଦୈନିକ ଖବରକାଗଜ, ପୌର ନିର୍ବାଚନ ସମୟ ଅବା ପୌରଟିକସ ଅବଧିରେ ମନକୁ ଆସେ । ଏହା ଯେ ବିଦେଶର ବା ଦେଶର ବଡ ବଡ ସହର ପରି, ତାହା ଭୁବନେଶ୍ୱରରେ ବୋଧ ହୁଏନି । ଓଡିଶା ସରକାରଙ୍କର ଶାସନର ବିଧାୟକ, ପ୍ରଶାସକ ଓ ସହକାରୀ ମାନଙ୍କର ବସତିର ସହର । ଏମିତି ୧୯୯୨ ଭାରତୀୟ ସମ୍ବିଧାନର ସ୍ୱାୟତ୍ତ ଶାସନ ସମ୍ବନ୍ଧୀୟ ସମ୍ବିଧାନ ସଂଶୋଧନ ପରର ପାଞ୍ଚ ଛଅଟି ପୌର ନିର୍ବାଚନ ଭୁବନେଶ୍ୱର ନଗରପାଳିକାର ଉପସ୍ଥିତି ଜାହିର କରିଛି ଲୋକମାନଙ୍କ ସହରୀ ଚେତନାରେ ।

ଏବେ ୨୦୧୪ ମସିହାର ଦେଶର କେନ୍ଦ୍ର ସରକାରଙ୍କର ସ୍ମାର୍ଟ ସିଟି ବା ସ୍ଫୁର୍ତ୍ତ ସହର ଯୋଜନାରେ ଯେତେବେଳେ ଓଡିଶାରୁ ଭୁବନେଶ୍ୱରର ନାମ ପଠାଗଲା, ଏହା ମନରେ ଏକ ଲଘୁ ପ୍ରସଙ୍ଗ ଭାବରେ ଗଣତି କରାଗଲା ତଥା ଆମର ମନରେ ଆସିଲା, ଦେଶର ଅନେକ ଭଲ ଭଲ ନିଚିପଳ ପୌରାଞ୍ଚଳ ରହିଛି । ନଗର ଉନ୍ନୟନ ବାବତରେ, ଆର୍ଥିକ ପରିଚାଳନାରେ, ପୌରନାଗରିକମାନଙ୍କୁ ସ୍ୱାଚ୍ଛନ୍ଦରେ ବାସକରିବାର ଗୃହ, ଆସବାବ, ଗମନାଗମନ ଆଦି ସୁବିଧା ଯୋଗାଇ ଦେବାରେ ଆମ ନଗର ନିଗମ ଏ ସବୁରେ ଅନଭିଜ୍ଞ । ନିଶ୍ଚୟ ଆମର ସ୍ଥାନ କେତେ ତଳକୁ ଚାଲିଯିବ, କଳ୍ପନାତୀତ ।

ଯେମିତି ଗୋଟିଏ ଗ୍ରାମର ଫୁଟବଲ୍ ଟିମ୍ କୌଣସି ସହରକୁ ବହୁ ନାମକରା ପୁରସ୍କାର ପ୍ରାପ୍ତ ଟିମ୍ ସହିତ ଲିଗ୍ ମ୍ୟାଚ୍ ଖେଳିବାକୁ ଯାଏ, ଆମ ମନରେ ସେଭଳି ଧାରଣା ଆସିଲା । ସ୍ମାର୍ଟସିଟି କଣ୍ଟେଷ୍ଟରେ ଭୁବନେଶ୍ୱର ନଗର ନିଗମ କେତେ ଯେ ଗୋଲ୍ ଖାଇଯିବ, ସେଇଟା ମନକୁ ଖଟା କରିଦେଇଥିଲା ।

ମାତ୍ର ଯେଉଁଦିନ ସ୍ମାର୍ଟ ସିଟିଗୁଡିକର ପ୍ରଥମ ତାଲିକା ବାହାରିଲା, ଭୁବନେଶ୍ୱର ଦେଶର ଏକ ନମ୍ବର ସ୍ମାର୍ଟସିଟି ଭାବରେ ମନୋନୀତ, ଏହି ଖବର ଆମକୁ ଚକିତ କରିଦେଲା । ଏଇ ନୂଆ ନଗର ନିଗମ ଯାହାର ବୟସ ମାତ୍ର ୨୦ ବର୍ଷ, ସେ ସଜାଗ ଓ ସ୍ଫୁର୍ତ୍ତ ପରିମାପରେ ଏକ ନମ୍ବର ସ୍ଥାନ ଦଖଲ କରିବ ଏହା ବିସ୍ମୟର ବିଷୟ । ତେବେ ଆମକୁ ଏହି ସ୍ମାର୍ଟନେଶ୍ ବା ସ୍ଫୁର୍ତ୍ତ ଶବ୍ଦର ସଠିକ୍ ଅର୍ଥ ନିର୍ଣ୍ଣୟ କରିବା ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ ।

ପ୍ରକୃତରେ ଏହି ସ୍ଫୁର୍ତ୍ତିମନ୍ତ ସହରର ଯେଉଁ ଗୁଣଗୁଡିକ ହିସାବକୁ ନିଆଯାଇଛି, ସେଗୁଡିକ ହେଲେ, ନଗରଗୁଡିକ ନାଗରିକମାନଙ୍କ ଜୀବନଧାରଣ ପ୍ରତି ସହାୟକ ହେବାରେ ଓ ନଗର ଉନ୍ନୟନର ଧାରା ବଜାୟ ରଖିବାର ପ୍ରୟାସ । ପୁଣି ମୌଳିକ ନଗର ଭାବରେ ନିଜର ନଗର ଉନ୍ନୟନ ପ୍ରତିଭା ପରିପାର୍ଶ୍ୱକୁ ବିକିରଣ କରି ଏହି ଦିଗରେ ନେତୃତ୍ୱ ନେବାର ସୁଯୋଗ ସ୍ମାର୍ଟ ସିଟିର ବିଶେଷତ୍ୱ । ଏହିଧାରାରେ ଯେଉଁ ପ୍ରଥମ ୨୦ଟି ନଗର ଚୟନ କରାଗଲା, ତାକୁ 'ବତୀଘର ବା ଲାଇଟ୍ ହାଉସ୍ ସହର' ବୋଲି ନାମିତ କରାଗଲା । ଏହି ତାଲିକାର ପ୍ରଥମ ବତୀଘର ସହରଟି ଭୁବନେଶ୍ୱର । ନାଗରିକ ପରିକଳ୍ପନା ଓ ସ୍ଫୂର୍ତ୍ତ ମୂଲ୍ୟାୟନରେ ଭାରତର ସବୁ ସହରକୁ ପଛରେ ପକାଇ ଦେଇଛି ଭୁବନେଶ୍ୱର । ଏଥିପାଇଁ ଭୁବନେଶ୍ୱର ପକ୍ଷରେ ରହିଛି ଦୁଇଟି କାରଣ, ଏହା ଏକ ପରିକଳ୍ପିତ ସହର, ଏହାର ପରିପୂର୍ଣ୍ଣ ବିକାଶର ସମ୍ଭାବନା ରହିଛି ।

ଏକ ବର୍ଷ ଅନ୍ତରରେ ଆନ୍ତର୍ଜାତୀୟ ସ୍ତରରେ ଭୁବନେଶ୍ୱର ନଗରନିଗମ ସ୍ମାର୍ଟ ସିଟି ଏକସ୍‌ପୋ ୱ୍ୟାର୍ଡ କଂଗ୍ରେସକୁ ନିଜର ସ୍ଥାନ ମୂଲ୍ୟାୟନ ପାଇଁ ପଠାଇଛି। ଭୁବନେଶ୍ୱରର ନାମ ମଧ୍ୟ ବିଚାର ପାଇଁ ମନୋନୀତ ହୋଇ ଆମେରିକା ଯାଇଛି। ଏହି ମନୋନୟନ ବିଷୟ ମନରେ ଆଣିଦେଲା ଅନେକ ନିରାଶା – କାହିଁ ଆମେରିକାର ନିଉୟର୍କ, ଲସ୍ ଆଞ୍ଜେଲସ, ଚିକାଗୋ ତଥା ଲଣ୍ଡନ, ପ୍ୟାରିସ୍, ସିଙ୍ଗାପୁର କାହିଁ ଭାରତର ଓଡିଶା ରାଜ୍ୟର ଭୁବନେଶ୍ୱର। ନଗରଗୁଡିକର ଗମନାଗମନ, ରାସ୍ତାଘାଟ ଏବଂ ବିମାନ ଚଳାଚଳ ଯେବେଠାରୁ ଆରମ୍ଭ ହେଲାଣି, ଆମ ଦେଶ ସ୍ୱାଧୀନ ହୋଇ ନଥିବ। ଯାହା ଆଜି ନିୟୁୟର୍କ ନଗର ଉନ୍ନୟନରେ ଘଟୁଛି, ତାହା ଭାରତ ଆସିବାକୁ ଏକ ଦଶାନ୍ଦୀ, ପୁଣି ଓଡ଼ିଶାରେ ଚଳିବାକୁ ଆହୁରି ସେତିକି ଡେରି। ଗାଁର ଅଳ୍ପଶିକ୍ଷିତ ମନରେ ଆସୁଥିବା ହାସ୍ୟାସ୍ପଦ ମନୋଭାବ କେତେଥର ମନକୁ ଆସୁଥିବ। 'କାହିଁ ରାଣୀ କାହିଁ ଚନ୍ଦ୍ରକାଣୀ !'

ଯାହାହେଲେ ହେବ, ଭୁବନେଶ୍ୱର ନିଜର ନାଁ ବଦନାମ ନ କରୁ। ଯେତେବେଳେ ଭାରତରେ ପ୍ରଥମ ହୋଇଛି, ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଅନାମଧେୟ ହୋଇ ନଯାଉ। ତଥାପି ମନରେ ଡହଳବିକଳ ଏଥର ଆନ୍ତର୍ଜାତୀୟ ସ୍ତରରେ କିଛି ତ ମିଳିବାର ନାହିଁ କେବଳ ଭାରତର ସର୍ବଶ୍ରେଷ୍ଠ ପୌରପାଳିକା ଭାବରେ ନାଁଟି ଯାହା ବଦନାମ ହେବ। କେଉଁଠି ସିଙ୍ଗାପୁର, ସାନ୍ ଫ୍ରାନସିସ୍‌କୋ, ଲଣ୍ଡନ, ନିଉୟର୍କ, ବାର୍ସେଲୋନା, ବର୍ଲିନ, ଟୋକିଓ ସାମନାରେ ଓଡିଶାର ଭୁବନେଶ୍ୱର !

ଭୁବନେଶ୍ୱର ପୌରପାଳିକା ପ୍ରଥମ ୨୦ଟି ସ୍ଥାନରୁ ୧୯ନମ୍ବର ସ୍ଥାନ ଅଧିକାର କରିପାରିଲା ! ପଛରେ ରହିଗଲେ ବାର୍ସେଲୋନା, ବର୍ଲିନ, ମେକ୍ସିକୋ। ଏହା ବିସ୍ମିତ କରିଦେଲା ଭୁବନେଶ୍ୱରପ୍ରେମୀମାନଙ୍କୁ। ସତରେ ସହରଟିର ଜୀବନ ରହିଛି। ସବୁ ପ୍ରତିଯୋଗିତାରେ ବିଜୟୀ।

ଏହି ଆନ୍ତର୍ଜାତୀୟ ସ୍ଫୂର୍ତ୍ତି ସହର ପାଇଁ କେତେ ନାଗରିକ ସମ୍ବଳ ପ୍ରତି ଧ୍ୟାନ ରହିଛି। ନଗରରେ ଗମନାଗମନ ପାଇଁ ଖୋଲା ରାସ୍ତାଘାଟ, ଜାନବାହାନ, ପୌର ନାଗରିକମାନଙ୍କର ସ୍ୱାସ୍ଥ୍ୟର ଯତ୍ନ; ଜୀବନର ନିରାପତ୍ତା ଏବଂ ପରିଶେଷରେ ପରିପୂର୍ଣ୍ଣ ଜୀବନ ନିର୍ବାହ। ଏମିତି ପ୍ରତିଟି ବିଷୟରେ ଭୁବନେଶ୍ୱର ଯେମିତି ଗୋଟିଏ ଗୋଟିଏ ଆକର୍ଷଣୀୟ ସ୍ଥାନ ଦଖଲ କରିପାରିଲା।

ଭୁବନେଶ୍ୱରର ଗୋଟିଏ ଉଦାହରଣ ଆଖିଦେଖା ହୋଇ ରହିଗଲା – ତରୁଣ ଯୁବ ସମ୍ପ୍ରଦାୟକୁ ଆତ୍ମ-ସୁରକ୍ଷା ପାଇଁ ସଶକ୍ତିକରଣ କରିବାରେ ଓ ସାମାଜିକ ଜୀବନରେ ସଫଳ ହେବାରେ ଯୋଜନା ପ୍ରସ୍ତୁତିକରଣ। ବିଭିନ୍ନ ସମ୍ପ୍ରଦାୟର ସହାବସ୍ଥାନ ଓ ପୌରପାଳିକାର ସେବା ନାଗରିକ ଜୀବନକୁ ସୁଯୋଗ ଦେଇ ଉନ୍ନତ କରିବାର ଧାରାରେ ବିସ୍ତୃତ ଭୂମିକା ରହିଛି। ଏହା ବିବିଧ ପୌର ପ୍ରଣାଳୀର ସରଳ ସମନ୍ୱୟ କରିବାରେ ସିଦ୍ଧହସ୍ତ, ରାସ୍ତାର ଟ୍ରାଫିକ୍ ସମସ୍ୟା ନିୟନ୍ତ୍ରଣ, ବସ୍ ଷ୍ଟାଣ୍ଡ ନିର୍ମାଣ ଆଦିରେ ବିଶେଷ ଦକ୍ଷତା ରହିଛି।

ଏ ସବୁ ଦେଖିବା ପରେ ମନରେ ଏହି ପ୍ରତିଯୋଗିତାର ଗୋଟିଏ ରୂପ ମାନସପଟରେ ଖେଳିଗଲା। ଯେପରି ଜାତୀୟ ସ୍ତରରେ ଗୋଟିଏ



ଫୁଟବଲ ଲିଗ୍‌ର ତୁଳନା ମନରେ ଖେଳିଯାଇଥିଲା, ଏଥର ମନକୁ ଆସିଲା ଆନ୍ତର୍ଜାତୀୟ ସ୍ତରରେ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ପରି। କେତେ କେତେ ସୁନ୍ଦରୀ ରାମ୍ପ ଉପରେ ନିଜର ପୌର ଚେହେରା ଦେଖାଇ ନିଜର ସ୍ଥାନ ସଂରକ୍ଷଣ କରିବାରେ ବ୍ୟସ୍ତ। ମନକୁ ନିଶ୍ଚୟ ଆସିବ, ଭୁବନେଶ୍ୱର କେଉଁ ବେଶରେ ସେହି ରାମ୍ପ୍ ଉପରେ ନିଜର ପୌର ସୌନ୍ଦର୍ଯ୍ୟ ପ୍ରଦର୍ଶନ କରିଥିବ ?

ମନକୁ ଆସେ ସେଇ ତ୍ରିଭୁବନେଶ୍ୱର, ଯାହାଙ୍କ ନାମରେ ଭୁବନେଶ୍ୱରର ନାମକରଣ ହୋଇଛି ସେ ନିଜ ତ୍ରିଶୂଳଧାରୀ ବେଶରେ ରାମ୍ପ ଉପରେ ସ୍ୱୟଂ ଦୃଢ଼ ଦୃଷ୍ଟିରେ ନିଜର ସ୍ୱରୂପ ପ୍ରତିପାଦନ କରିଛନ୍ତି। ତାଙ୍କର ସଂସାର ବକ୍ଷରେ ଭୁ ଆଉ ବନ ସଂଯୋଗରେ ଚୟନ କାଳକାଳକୁ ସମସ୍ତେ ସ୍ୱୀକୃତି ଦେଉଥିବେ। ଏଇଟା ଭୁବନେଶ୍ୱର ନାମକ ଭୌଗୋଳିକ ଭୂଖଣ୍ଡର ଅନ୍ତର୍ନିହିତ ଶକ୍ତି ବୋଲି କହିବାକୁ ହେବ। ଭୁବନେଶ୍ୱର ନଗରପାଳିକା ନିଜର ଦକ୍ଷତାର ଯେତେ ଗୁଣଗାନ କଲେ ବି ଦେଶ ବା ଆନ୍ତର୍ଜାତୀୟ ସ୍ତରରେ ନିଜର ଉପସ୍ଥିତି ପାଇଁ ଯେତେ କୌଶଳୀ ପରିକଳ୍ପନା ବିଶେଷଜ୍ଞ ବୋଲି ଦାବିଦାର ହେଲେ ବି ସବୁର ମୂଳରେ ରହିଛି ଭୁବେନଶ୍ୱରର ଭୂମି ଓ ମୃତ୍ତିକାର ଭୂତତ୍ତ୍ୱଗତ ପ୍ରକୃତି ଆଉ ଜୈବଧାରାର ପ୍ରବୃତ୍ତି।

ଭୁବନେଶ୍ୱରର ଜଣେ ପ୍ରପିଡ଼ିତ କହିପାରନ୍ତି, ଏଠିକାର ଜଳବାୟୁ ଯେପରି ପରିବର୍ତ୍ତିତ ହେଉଛି, ଜୀବନଧାରଣ ଉପରେ ନିଶ୍ଚିତ ପ୍ରଭାବ ପଡୁଛି। ଦିନକୁ ଦିନ ତାପମତ୍ରା ଅସହ୍ୟ ହୋଇପଡୁଛି। କେତେ ଲୋକ ଖରାଦିନେ ଅଂଶୁଘାତରେ ଆହତ ହେଉଛନ୍ତି। ଅବଶ୍ୟ ଏଇଟା କେବଳ ଭୁବନେଶ୍ୱର କାହିଁକି, ସମଗ୍ର ଦେଶରେ ତଥା ବିଶ୍ୱରେ ଜଳବାୟୁ ଏବେ ଜୀବନ ବିପନ୍ନ କରିବାର ବିସ୍ତୃତ ଉଦାହରଣ ମିଳୁଛି।

ଏବେ ପ୍ରତିଟି ବର୍ଷାରେ ନଗରର ମଧ୍ୟଭାବରେ ବନ୍ୟାର ଦୃଶ୍ୟ ଦେଖିବାକୁ ମିଳୁଛି। ସହରୀବନ୍ୟା। ଭୂଖଣ୍ଡର ବର୍ଷାଜଳ ଗତିପଥକୁ ଦୃଷ୍ଟି ନଦେଇ ବସତି ନିର୍ମାଣ ଆଜି ସୂଚାଇ ଦିଏ କି ନଗର ଉନ୍ନୟନ ବିଷୟରେ ଆଜି ବି କିଛି ଅପୂରଣୀୟ ରହିଛି, ଅଭିଜ୍ଞତା ଏହା ପ୍ରତିପାଦନ କରୁଛି। କେବଳ ଭୁବନେଶ୍ୱର ନୁହେଁ, କେଇ ବର୍ଷରେ ମହାନଗରୀମାନେ ବି ରାସ୍ତାରେ ମୀନ ଖେଳିବାର ଉଦାହରଣ ସୃଷ୍ଟି କରିଛନ୍ତି। ଏହା ନିଶ୍ଚିତ ନଗର ଉନ୍ନୟନ କ୍ଷେତ୍ର ପାଇଁ ଶିକ୍ଷା, ଭବିଷ୍ୟତ ପରିକଳ୍ପନାରେ ବାସ୍ତୁ ଉପାଦାନଗୁଡ଼ିକୁ ଅର୍ଥପୂର୍ଣ୍ଣ ଭାବରେ ବିବେଚନା କରିବା ପାଇଁ।

ଯାହାହେଉ, ଗୋଟିଏ ନଗର ଭାବରେ ଭୁବନେଶ୍ୱରର ଭୌଗୋଳିକ ମୂଲ୍ୟାୟନ ନିଶ୍ଚିତ ଅତି ଉଚ୍ଚମାନର। ଏହାର ସଦୁପଯୋଗ ପରିବେଶକୁ ସୁଖମୟ କରିପାରିବ, ଏହି କ୍ଷମତା ରହିଛି ଭୁବନେଶ୍ୱର ଭୂମି, ପାଣି ପବନର। ତା ସାଙ୍ଗକୁ ରହିଛି ଅତୀତର ବିସ୍ତୃତ କଳାଭାସ୍କର୍ଯ୍ୟ। ଏହା ଭୁବନେଶ୍ୱରକୁ ଆଧୁନିକ ବିଜ୍ଞାନ ପଥଗାମୀ ହେବାକୁ ବାଧା ଦେଉଛି ବୋଲି ଚିନ୍ତା କରିବା ଧୃଷ୍ଟତା ବ୍ୟତୀତ ଆଉ କିଛି ହୋଇ ନପାରେ। ସେଇ ମନ୍ଦିରମାଳିନୀ ଏହି ସହରର ପରିଚୟ, ସେଇ କୃତ୍ତିବାସ ଏହାର ଅଧିଷ୍ଠାତା। ଏହା ସବୁ କ୍ଷେତ୍ରରେ ଭୁବନେଶ୍ୱରର ପରିଚୟ ହୋଇ ରହିଛି ଓ ରହିଥିବ।

ଭୁବନେଶ୍ୱରକୁ ଆହୁରି ପ୍ରାଣବନ୍ତ କରିବାରେ ଯେ ନାଗରିକ ମାନଙ୍କର ଗୁରୁ ଦାୟିତ୍ୱ ରହିଛି। ଜଣେ ପୌରନାଗରିକ ହିସାବରେ ସାର୍ଥକ ହେଲେ ଏହି ସହର ଭୂସ୍ୱର୍ଗ ହେବା ସମ୍ଭବ।

ବିଜୟିନୀ-୨୦୧୮କୁ ସମୃଦ୍ଧ କରିଥିବା ଲେଖକ, ଲେଖିକା, କବି ଓ କବୟିତ୍ରୀମାନଙ୍କୁ ବିଜୟିନୀ ସ୍ମୃତି ଟ୍ରଷ୍ଟ ତରଫରୁ କୃତଜ୍ଞତା ଜ୍ଞାପନ କରୁଅଛି।

**ଡା. ଇନ୍ଦ୍ରମଣି ଜେନା**



**ଅଭିମତ:**

# ଏକାମ୍ରନଗର ଓ ଭୁବନେଶ୍ୱର

**ଗୌରହରି ଦାସ**

'ବିଜୟିନୀ'ର ଏହି ସଂଖ୍ୟାଟି 'ମହାନଗରୀ ମନ୍ଦିରମାଳିନୀ ଏକାମ୍ର ଭୁବନେଶ୍ୱର' ଶିରୋନାମାରେ ପ୍ରକାଶ ପାଉଅଛି। ଶିରୋନାମାକୁ ଯାଥାର୍ଥ୍ୟ ଦେବା ପାଇଁ ଏହାର ସଂପାଦକ ଡାକ୍ତର ଇନ୍ଦ୍ରମଣି ଜେନା ବହୁ ପରିଶ୍ରମ ସ୍ୱୀକାର କରି ପ୍ରବନ୍ଧ, କବିତା, ଗଳ୍ପ ଏବଂ ରମ୍ୟରଚନାମାନ ସଂଗ୍ରହ କରିଛନ୍ତି। ପ୍ରତ୍ୟେକ ଲେଖା ଉଚ୍ଚକୋଟୀର ଏବଂ ଅତ୍ୟନ୍ତ ପଠନୀୟ। ମୋର ଗଭୀର ବିଶ୍ୱାସ, 'ବିଜୟିନୀ'ର ପୂର୍ବ ସ୍ୱତନ୍ତ୍ର ସଂଖ୍ୟାଗୁଡ଼ିକ ପରି ଭୁବନେଶ୍ୱରକୁ ନିବେଦିତ ଏହି ସଂଖ୍ୟାଟି ମଧ୍ୟ ପାଠକପାଠିକାଙ୍କର ଆଦର ଲାଭ କରିବ।

ଏହି ସ୍ୱତନ୍ତ୍ର ସଂଖ୍ୟାର ଆଉ ଏକ ବିଶେଷତ୍ୱ ହେଲା, ଏଥିରେ ଭିନ୍ନ ଭିନ୍ନ ପିଢ଼ିର ବ୍ୟକ୍ତି ଲେଖାମାନ ଲେଖିଛନ୍ତି। ଯେଉଁମାନେ ତରୁଣ ଆଖିରେ ଭୁବନେଶ୍ୱରକୁ ରାଜଧାନୀ ସହର ରୂପେ ଗଢ଼ି ଉଠିବାର ଦେଖିଥିଲେ ସେମାନଙ୍କ ସହ ତାଙ୍କର ପରବର୍ତ୍ତୀ ପ୍ରଜନ୍ମ ମଧ୍ୟ ଏହି ସହର ଓ ତୀର୍ଥକ୍ଷେତ୍ର ଉପରେ ଲେଖିଛନ୍ତି। ଉଦାହରଣ ସ୍ୱରୂପ ମୁଁ ଡାକ୍ତର ତନୟା ଜେନାଙ୍କର ପ୍ରବନ୍ଧ କଥା ଉଲ୍ଲେଖ କରିପାରେ। ଡାକ୍ତର ଜେନା ନୂଆ ପିଢ଼ିର ନାଗରିକ। ମାତ୍ର ତାଙ୍କ ଲେଖାଟି ପ୍ରାଚୀନ ଓ ନୂତନ, ପରମ୍ପରା ଓ ଆଧୁନିକତା ଭିତରେ ସୁବର୍ଣ୍ଣସେତୁର ଭୂମିକା ନିର୍ବାହ କରିଛି। ଡାକ୍ତର ଜେନା ଓ ତାଙ୍କ ସମୟର ମଣିଷମାନେ ଆମର ଭବିଷ୍ୟତ। ସେମାନେ ଯଦି ତାଙ୍କର ପୂର୍ବପିଢ଼ି ପରି ଏ ସହରକୁ ଭଲପାଇବେ, ଆଦର କରି ଶିଖିବେ, ତାହାହେଲେ ଏ ସହର ଅଧିକ ବିକଶିତ ହେବ।

ଏକାମ୍ରନଗରୀ କହିଲେ ଆମ ଦୃଷ୍ଟିକୁ ଗୋଟିଏ ପ୍ରକାର ଚିତ୍ର ଆସେ, ଭୁବନେଶ୍ୱର କହିଲେ ଆଉ ଗୋଟିଏ ପ୍ରକାର ଚିତ୍ର ଆସେ। ଏକାମ୍ରନଗରୀ ପାହାଡ଼, ଝରଣା, ଅରଣ୍ୟ, ମନ୍ଦିର, ଗୁମ୍ଫା, ପରମ୍ପରା, ଘଣ୍ଟାଶବ୍ଦ, ଶଙ୍ଖଧ୍ୱନିକୁ ନେଇ ମହିମାମଣ୍ଡିତ। ତା'ର କପାଳରେ କଳିଙ୍ଗ ଯୁଦ୍ଧର କ୍ଷତ ପୁଣି ବକ୍ଷରେ ଖଣ୍ଡଗିରିର ବିଜୟମାଳା। ସହସ୍ର ବର୍ଷର ସମୃଦ୍ଧ ପରମ୍ପରାରେ ଗଢ଼ା ତାହାର ଇତିହାସ। କିନ୍ତୁ ଭୁବନେଶ୍ୱର କହିଲେ, ଦାପ୍ତରିକ ରାଜଧାନୀ ସହର ଯାହାର ବୟସ ଶହେ ସୁଦ୍ଧା ଛୁଇଁନାହିଁ। ଏ ସଂକଳନର ଲେଖାଗୁଡ଼ିକ ଉଭୟଙ୍କ କଥା କହିବାକୁ ଚେଷ୍ଟା କରିଛି।

ଆଧୁନିକତାର ଅର୍ଥ ପୁରାତନର ଧ୍ୱଂସ ନୁହେଁ। ପୁରାତନର ମୂଳଦୁଆ ଉପରେ ଆଧୁନିକତା ଗଢ଼ିଉଠିଲେ ତା'ର ମହତ୍ତ୍ୱ ବୃଦ୍ଧିପାଏ। ମାତ୍ର ଦୁର୍ଭାଗ୍ୟକୁ ଭୁବନେଶ୍ୱରର ଆଧୁନିକତା ତାହାର ପରମ୍ପରାକୁ ଗିଳିଦେବାଲାଗି ଦୁଃସାହସ କରୁଥିବା ଅଭିଯୋଗ ହେଉଛି। ସେ ପ୍ରକାର ଆକ୍ରମଣକୁ ଏହାର ତରୁଣ ପିଢ଼ି ପ୍ରତିହତ କରିବା ଦରକାର। ଭୁବନେଶ୍ୱରର ବଡ଼ ପରିଚୟ ଏହା ମନ୍ଦିରମାଳିନୀ ସହର। ଏକ ସମୟରେ ଭୁବନେଶ୍ୱରରେ ଥିବା ମନ୍ଦିରର ସଂଖ୍ୟା ୯ ହଜାର ବୋଲି କୁହାଯାଉଥିଲା। ତା' ଭିତରେ ପ୍ରଖ୍ୟାତ ଲିଙ୍ଗରାଜ ମନ୍ଦିର ଓ ବିଖ୍ୟାତ ରାଜରାଣୀ ମନ୍ଦିର ଅନ୍ତର୍ଭୁକ୍ତ। ମୁକ୍ତେଶ୍ୱର ମନ୍ଦିର ବେଢ଼ାର ତୋରଣ ପୁଣି ଓଡ଼ିଶାର ସ୍ୱତନ୍ତ୍ର ପରିଚୟ। ଏହା ସାଙ୍ଗକୁ ପର୍ଶୁରାମେଶ୍ୱର, ବୈତାଳ, ଭାସ୍କରେଶ୍ୱର, ବ୍ରହ୍ମେଶ୍ୱର ଏବଂ ମେଘେଶ୍ୱର ପରି ବହୁ ପ୍ରସିଦ୍ଧ ମନ୍ଦିର ରହିଛି। ଭାରତ ତଥା ଭାରତ ବାହାରୁ ବହୁ ପର୍ଯ୍ୟଟକ କେବଳ ଓଡ଼ିଶାର ମନ୍ଦିରଗୁଡ଼ିକର ଭାସ୍କର୍ଯ୍ୟ ଦେଖିବାଲାଗି ହିଁ ଆସିଥାଆନ୍ତି। ଏହା ସାଙ୍ଗକୁ ଧଉଳିଗିରିରେ ଅଶୋକଙ୍କ ଶିଳାଲେଖ, ଉଦୟଗିରି ଓ ଖଣ୍ଡଗିରିର ରାଣୀଗୁମ୍ଫା ଭୁବନେଶ୍ୱରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଥାଏ। କୁହାଯାଏ, ଭୁବନେଶ୍ୱରର ବୟସ ୨୬୦୦ ବର୍ଷରୁ ପୁରୁଣା। ଏ ସହର ବୌଦ୍ଧ, ଜୈନ, ଶୈବ, ମହିମା, ଶାକ୍ତ, ବୈଷ୍ଣବ ଆଦି ସମସ୍ତ ଧର୍ମର ସମନ୍ୱୟ ପୀଠ ଭାବେ ମର୍ଯ୍ୟାଦା ପାଇଛି।

୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ବେଳକୁ କଟକ ଥିଲା ଏହି ନୂଆ ରାଜ୍ୟର ରାଜଧାନୀ। ସାର ହଥର୍ନ ଲେଭିସ୍ ଓଡ଼ିଶାର ଗଭର୍ଣ୍ଣର ଥିବାବେଳେ ତାଙ୍କର ଅନ୍ୟତମ ଉପଦେଷ୍ଟା ଶ୍ରୀ ବି. କେ. ଗୋଖଲେ ସମ୍ଭାବ୍ୟ ନୂଆ ରାଜଧାନୀ ପାଇଁ ସ୍ଥାନ ନିର୍ବାଚନ ପରିପ୍ରେକ୍ଷୀରେ ଭୁବନେଶ୍ୱର କଥା ମଧ୍ୟ କହିଥିଲେ। କଟକ ଦୁଇ ନଦୀ ମହାନଦୀ ଓ କାଠଯୋଡ଼ି ମଝିରେ ତଳିଆ ଅଞ୍ଚଳରେ ଥିଲା ଓ ଏହି ସହରକୁ ସର୍ବଦା ବନ୍ୟା ଆଶଙ୍କା ରହୁଥିଲା। ତେଣୁ ସମୁଦ୍ରପତ୍ତନ ଠାରୁ ଯଥେଷ୍ଟ ଉଚ୍ଚାରେ ଥିବା ଭୁବନୋବରକୁ ନୂଆ ରାଜଧାନୀ ନିର୍ମାଣର ସ୍ଥାନ ଭାବେ ବଛାଯାଇଥିଲା। ଡକ୍ଟର ହରେକୃଷ୍ଣ ମହତାବ ପ୍ରଧାନମନ୍ତ୍ରୀ ଥିବା ସମୟରେ ଏହି ନିଷ୍ପତ୍ତିକୁ ସରକାରୀ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ପାଇଁ ପ୍ରଥମ ମାଷ୍ଟର ପ୍ଲାନ୍ ତିଆରି କରିଥିଲେ ଜର୍ମାନ ସ୍ଥପତି ଡକ୍ଟର ଅଟ୍ଟୋ ଏଚ୍. କୋଏନ୍ସବର୍ଗର। ସେହି ପ୍ଲାନ୍‌ଟି ମାତ୍ର ୪୦ ହଜାର ବାସିନ୍ଦାଙ୍କ ପାଇଁ ତିଆରି ହୋଇଥିଲା। ବର୍ତ୍ତମାନ ଏହି ସହରର ଲୋକସଂଖ୍ୟା ଦଶଲକ୍ଷରୁ ଊର୍ଦ୍ଧ୍ୱ ହେଲାଣି। ମଝିରେ ମାଷ୍ଟର ପ୍ଲାନ୍ ପ୍ରତି ଆଦୌ ଧ୍ୟାନ ଦିଆ ନ ଯିବା ଯୋଗୁଁ ସହରର ବୃଦ୍ଧି ବିଶୃଙ୍ଖଳିତ ଭାବରେ ହୋଇଛି, ଯେଉଁଥିପାଇଁ ଆଜି ବର୍ଷାଦିନେ ସହର ଭିତରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି

ଏବଂ କୋଟି କୋଟି ଟଙ୍କାର ଧନସମ୍ପତ୍ତି ନଷ୍ଟ ହେଉଅଛି । ସହରର ଏପ୍ରକାର ପରିସ୍ଥିତି ନେଇ ଆଜି ପ୍ରବୀଣମାନେ ମନସ୍ତାପ କରୁଥିବାବେଳେ ତରୁଣମାନେ ଏହା 'ସ୍ମାର୍ଟ ସହର' ନୁହେଁ 'ସିକ୍ ସହର' ବା ରୁଗ୍ଣ ସହର ବୋଲି ଆକ୍ଷେପ କରୁଛନ୍ତି । ଏବେ ବି ସମୟ ଅଛି । ପ୍ରଶାସନ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ଲାଗି ବିଶେଷଜ୍ଞମାନଙ୍କର ପରାମର୍ଶ ଗ୍ରହଣ କରିବା ଆବଶ୍ୟକ ଏବଂ କୌଣସି ପରିସ୍ଥିତିରେ ସୁଦ୍ଧା ଗୃହୀତ ଯୋଜନାର ନକ୍ସାକୁ ଉଲ୍ଲଂଘନ କରିବାକୁ ଅନୁମତି ଦେବା ଉଚିତ ନୁହେଁ । ସ୍ୱାଭାବିକ ନାଳଗୁଡ଼ିକର ପୁନଃଖନନ ଓ ସଂରକ୍ଷଣ ଏ କ୍ଷେତ୍ରରେ ପ୍ରଥମ ପଦକ୍ଷେପ ହେବ ।

ଭୁବନେଶ୍ୱରର ଆୟତନ ଏବେ ୧୫୫ ବର୍ଗ କିଲୋମିଟର । ଖୋର୍ଦ୍ଧା ଜିଲ୍ଲା ଭିତରେ ଅନ୍ତର୍ଭୁକ୍ତ ଏହି ସହର ଓଡ଼ିଶାର କେବଳ ବଡ଼ ସହର ନୁହେଁ, ବିମାନବନ୍ଦର ଥିବା ଏକମାତ୍ର ସହର । ସେଥିପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକେ ଭୁବନେଶ୍ୱରରେ ରହିବାଲାଗି ଆଗ୍ରହ ପ୍ରକାଶ କରନ୍ତି । ଏହାଛଡ଼ା ଏମ୍ସ, ଆଇ.ଆଇ.ଟି., ନାଇସର, ବିପିୟୁଟି, ଓୟୁଏଟି ସହ ଏକାଧିକ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ପ୍ରଭୃତି ବହୁ ଅନୁଷ୍ଠାନ ଭୁବନେଶ୍ୱରରେ ଗଢ଼ିଉଠିଲାଣି । ଆଗକୁ ଅନେକ ଜାତୀୟ ସଂସ୍ଥାର ବିଭିନ୍ନ କେନ୍ଦ୍ର ଏଠାରେ ଗଢ଼ିଉଠିବ । ଏସବୁ ସାଙ୍ଗକୁ ଭୁବନେଶ୍ୱରର ସାଂସ୍କୃତିକ ବୈଶିଷ୍ଟ୍ୟ ମଧ୍ୟ ଏକ ଲକ୍ଷଣୀୟ ଦିଗ । ଭାରତର ଅଳ୍ପ କେତୋଟି ଶାସ୍ତ୍ରୀୟ ନୃତ୍ୟ ଭିତରେ ଓଡ଼ିଶୀ ନୃତ୍ୟ ଯେମିତି ଗୌରବପୂର୍ଣ୍ଣ ସ୍ଥାନ ଦଖଲ କରିଛି, ଆଠଟି ଶାସ୍ତ୍ରୀୟ ଭାଷା ଭିତରେ ଓଡ଼ିଆ ସେମିତି ଶାସ୍ତ୍ରୀୟ ମାନ୍ୟତା ପାଇଛି । ଓଡ଼ିଶାରେ ଥିବା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ସ୍ଥାପିତ ହେବାକୁ ଯାଉଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟ ଓଡ଼ିଶାର ସାଂସ୍କୃତିକ ବୈଶିଷ୍ଟ୍ୟର ପ୍ରଚାର କ୍ଷେତ୍ରରେ ଗୋଟିଏ ଗୋଟିଏ ମୂଲ୍ୟବାନ ପଦକ୍ଷେପ ।

ପ୍ରଥମରୁ ଉଲ୍ଲେଖ କରିଛି ଯେ ଭୁବନେଶ୍ୱରର ଏକ ମହାନ ପରମ୍ପରାର ଉତ୍ତରାଧିକାରୀ । ଯୋଉ ସହରର ପରମ୍ପରା ଏତେ ମହାନ ତାହାର ଭବିଷ୍ୟତ ଆହୁରି ମହାନ ହେବା ଅବଧାରିତ । ଏ କ୍ଷେତ୍ରରେ ଏହି ସହରର ନାଗରିକ, ଲୋକପ୍ରତିନିଧି ଏବଂ ଯୋଜନାପ୍ରଣେତା ମାନଙ୍କର ଗୁରୁଦାୟିତ୍ୱ ରହିଛି । ଏହିସବୁ ଦିଗ ସମ୍ପର୍କରେ 'ବିଜୟିନୀ'ର ଏହି ସ୍ୱତନ୍ତ୍ର ସଂଖ୍ୟାର ଲେଖାଗୁଡ଼ିକ ଆଲୋଚନା କରିଥିବାରୁ ସେହି ଆଲୋଚକମାନେ ଏବଂ ବିଶେଷକରି ଏହାର ସଂପାଦକ ଡାକ୍ତର ଇନ୍ଦ୍ରମଣି ଜେନା ଆମ ସମସ୍ତଙ୍କର ଅଭିନନ୍ଦନୀୟ ।

'ଅନୁଭବ'
୩୭୮ ବରମୁଣ୍ଡା ଗାଁ, ଭୁବନେଶ୍ୱର ୭୫୧ ୦୦୩
gourahari60@gmail.com



# ମହାନଗରୀ ମନ୍ଦିରମାଳିନୀ :: ଏକାମ୍ର ଭୁବନେଶ୍ୱର


| | | | |
|---|---|---|---|
| | ଉପକ୍ରମ | ଡା ଇନ୍ଦ୍ରମଣି ଜେନା | ୫ |
| | ଅଭିମତ | ଡ. ଗୌରହରି ଦାସ | ୯ |
| **୧.** | **ବନ ଓ ଭୁବନର ଈଶ୍ୱର :: ଏକାମ୍ର ଭୁବନେଶ୍ୱର** | | |
| | ଭୁବନେଶ୍ୱର | ଜଗନ୍ନାଥ ପ୍ରସାଦ ଦାସ | ୧୫ |
| | ମାହେଶ୍ୱରୀ | ଡ. ଫନୀ ମହାନ୍ତି | ୧୬ |
| | ଭୁବନେଶ୍ୱର - ଝଲକାଏ ସାଂସ୍କୃତିକ ଐଶ୍ୱର୍ଯ୍ୟ | ଡ. ପ୍ରସନ୍ନ କୁମାର ମିଶ୍ର | ୧୭ |
| | ସମୟ ପ୍ରବାହରେ ଭୁବନେଶ୍ୱର | ଏକ ସମୀକ୍ଷା | ୧୯ |
| | କିମ୍ବଦନ୍ତୀ ଓ ଲୋକକଥାର ସହର - ଭୁବନେଶ୍ୱର | ଡା. ତନୟା ଜେନା | ୨୪ |
| | ଭୁବନେଶ୍ୱରର ନାମ ଓ ପାରିପାର୍ଶ୍ୱିକ ଶକ୍ତି | ଡା. ପ୍ରେରଣା ବିଶ୍ୱାଳ | ୩୦ |
| | ଭୁବନେଶ୍ୱରୀ | ସୁଜାତା ସିହ୍ନା | ୩୪ |
| **୨.** | **ତିନି ସହସ୍ରାବ୍ଦର ଇତିହାସ-ଐତିହ୍ୟ** | | |
| | ଗନ୍ଧବତୀ | ଡ. ମନୋରମା ମହାପାତ୍ର | ୩୭ |
| | ଭୁବନେଶ୍ୱର | ଉମାକାନ୍ତ ମହାପାତ୍ର | ୩୮ |
| | ଏକାମ୍ର ମନ୍ଦିରମାଳା ପରିକ୍ରମା | ଏକ ସମୀକ୍ଷା | ୪୦ |
| | କଳିଙ୍ଗ ଚରିତର ମୂକସାକ୍ଷୀ :: ଧଉଳିଗିରି | ସଂଘମିତ୍ରା ନାୟକ | ୪୮ |
| | ଶୈବ ଓ ବୈଷ୍ଣବ ସଂସ୍କୃତିର ସମନ୍ୱୟ ପୀଠ :: ଚକ୍ର କ୍ଷେତ୍ରର ଅନନ୍ତ ବାସୁଦେବ ମନ୍ଦିର | ଡ. ଭାସ୍କର ମିଶ୍ର | ୫୧ |
| | କଳା ବିମଣ୍ଡିତ ରାଜରାଣୀ ମନ୍ଦିର | ବିଜୟଲକ୍ଷ୍ମୀ ଦାଶ | ୫୫ |
| | କିମ୍ବଦନ୍ତୀର ପୃଷ୍ଠଭୂମିରେ କେଦାରଗୌରୀ | ଡ. ଉର୍ମିମାଳା ଆଚାର୍ଯ୍ୟ | ୫୮ |
| | ରାଣୀହଂସପୁର ଗୁମ୍ଫା | ଡା. ଇନ୍ଦ୍ରମଣି ଜେନା, ପ୍ର. ବିଜୟିନୀ ମହାନ୍ତି | ୬୧ |
| | ବଡ଼ଗଡ଼-ଇତିହାସ-ଐତିହ୍ୟର ସିଂହାବଲୋକନ | ଦିଲ୍ଲୀପ ହାଲି | ୬୫ |
| | ବିଶ୍ୱର ଏକ ଶ୍ରେଷ୍ଠ ଓ ଦୀର୍ଘ ସ୍ଥାୟୀ ଯୋଗଧାମ – ଭୁବନେଶ୍ୱର | ଡ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ | ୭୦ |
| | ମନ୍ଦିର ମାଳିନୀ | ହଂସନାଥ ମୁଦୁଲି | ୭୨ |
| | ଚଉଷଠି ଯୋଗିନୀ - ଭୁବନେଶ୍ୱର | ଇଂ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ | ୭୪ |
| | ବୁଦ୍ଧମୟ ଉତ୍କଳଭୂମି | ଡ. ଭାଗ୍ୟଲିପି ମଲ୍ଲ | ୭୬ |
| | ଯୁଗ ଯୁଗର ଶମ୍ଭୁ କ୍ଷେତ୍ର - ଭୁବନେଶ୍ୱର | ଡ. ଭବାନୀ ଶଙ୍କର ଦାଶ | ୭୯ |
| | ଭୁବନେଶ୍ୱରର ଧର୍ମଧାରା | ଡ. ଉଦ୍ଧବ ଚରଣ ନାୟକ | ୮୧ |
| | ଶୈବଧର୍ମର ପୀଠ - ଭୁବନେଶ୍ୱର | ସୁଶାନ୍ତ କୁମାର ଆଚାର୍ଯ୍ୟ | ୮୬ |
| **୩.** | **ଯୁଗେଯୁଗେ ରାଜଧାନୀ ମାନ୍ୟତାପ୍ରାପ୍ତ ଭୁବନେଶ୍ୱର** | | |
| | ତିନି ସହସ୍ର ବର୍ଷର : ଏକାମ୍ର ଭୁବନେଶ୍ୱର | ପ୍ର. ଅଭିନ୍ନ ସାହୁ | ୯୧ |
| | ଭୁବନେଶ୍ୱରରେ ଦିବ୍ୟଜନନୀ ଶ୍ରୀ ସାରଦା ଦେବୀ | ମନୋଜ କୁମାର ମହାପାତ୍ର | ୯୪ |
| | ନୂଆ ରାଜଧାନୀ ଭୁବନେଶ୍ୱର ପ୍ରତିଷ୍ଠାରେ ହରେକୃଷ୍ଣ ମହତାବ | ଡ. ପ୍ରତାପ ଚନ୍ଦ୍ର ସ୍ୱାଇଁ | ୯୬ |
| | ଓଡିଶାର ରାଜନୈତିକ ମାନଚିତ୍ରରେ ଭୁବନେଶ୍ୱର | ଡ. ସୂର୍ଯ୍ୟ ନାରାୟଣ ମିଶ୍ର, ଡ. ଦେବୀଲାଲ ମିଶ୍ର | ୧୦୦ |

## ୪. ସଭ୍ୟତାର ମୋହମୁଗ୍ଧ ଦଉଡ ପ୍ରତିଦ୍ୱନ୍ଦ୍ୱିତାରେ

| | | |
|---|---|---|
| ରାଜଧାନୀ ଆକାଶର ଇନ୍ଦ୍ରଧନୁ | ଡ. ଭାଗ୍ୟଲିପି ମଲ୍ଲ | ୧୦୫ |
| ଏକାମ୍ର କ୍ଷେତ୍ର ଭୁବନେଶ୍ୱର – ଅତୀତ ଓ ବର୍ତ୍ତମାନ | ବିଜୟ କୁମାର ଦାଶ | ୧୦୬ |
| କି ନାରଖାର ବିନ୍ଦୁସାଗର ! | ଡା. ସୋମନାଥ ପ୍ରସାଦ ଜେନା | ୧୦୯ |
| କାହିଁ ସେ ଭୁବନେଶ୍ୱର ! | ଜ୍ୟୋସ୍ନା ମହାପାତ୍ର | ୧୧୨ |
| ଅଣନିଃଶ୍ୱାସୀ | କଲ୍ୟାଣୀ ବ୍ରହ୍ମା | ୧୧୬ |

## ୫. ସତେଜ ଉଷ୍ମତାରେ ସ୍ଫୂର୍ତ୍ତ :: ସ୍ମାର୍ଟସିଟି ଭୁବନେଶ୍ୱର

| | | |
|---|---|---|
| ଘରକୁ ଫେରିବାର ବେଳ | ଡା. ଗୌରୀଶଙ୍କର ପଣ୍ଡା | ୧୧୯ |
| ଏକାମ୍ର ଗର୍ଭରେ ନୂତନ ଏକାମ୍ର କାନନ | ଡ. ରାମଚନ୍ଦ୍ର ମହାନ୍ତି | ୧୨୦ |
| ସତେଜ ସହର – ଭୁବନେଶ୍ୱର | ଶ୍ରୀମତୀ ବିଦେଶୀ ଭଞ୍ଜ | ୧୨୪ |

## ୬. ସମ୍ଭାବନାର ସିନ୍ଦୂରା ପ୍ରତୀକ୍ଷାରେ

| | | |
|---|---|---|
| ଭୁବନେଶ୍ୱର, କେତୋଟି ସ୍କେଚ୍ | ମମତା ପଟନାୟକ | ୧୨୯ |
| ଭୁବନେଶ୍ୱର ପୌର ପ୍ରଶାସନ ସମ୍ବନ୍ଧିତ ବିଜୟିନୀ ମହାନ୍ତିଙ୍କର ସନ୍ଦର୍ଭ ଓ ପ୍ରବନ୍ଧମାଳା | ଡ. ସ୍ୱର୍ଣ୍ଣମୟୀ ତ୍ରିପାଠୀ | ୧୩୧ |
| ଅନୁଶାସନ, ପ୍ରଶାସନ ଓ ସୁଶାସନର ଆଦର୍ଶ ଭୁବନେଶ୍ୱର | ଡ. ପଦ୍ମାଳୟା ମହାପାତ୍ର | ୧୩୪ |
| ସମ୍ଭାବନାମୟ ମହାନଗରୀ | ଡ. କେଶବ ଚନ୍ଦ୍ର ଶତପଥୀ | ୧୩୮ |
| ଭୁବନେଶ୍ୱରର ଭିତିରି କଥା | ଡ.ରାଧାଚରଣ ଦାସ | ୧୩୯ |
| ସ୍ଫୂର୍ତ୍ତ ଭୁବନେଶ୍ୱର ସହରରେ ନିରାପଦ ଜୀବନ | ସୁଶୀଲ କୁମାର ପଟ୍ଟନାୟକ | ୧୪୧ |
| ଐତିହ୍ୟ ପଦଯାତ୍ରା ଓ ବିସ୍ତୃତ ପର୍ଯ୍ୟଟନ ସ୍ଥଳୀ:: ଭୁବନେଶ୍ୱର | ଡ. ସୁଜାତା ପ୍ରିୟଦର୍ଶିନୀ | ୧୪୪ |
| ଆଦ୍ୟା | ରବି କାନୁନ୍ ଗୋ | ୧୪୬ |

## ୭. ଭୁବନେଶ୍ୱରର ସ୍ମୃତି-ଅନୁଭୂତି

| | | |
|---|---|---|
| ଆଜି ସବୁ ନୂଆ ନୂଆ | ମନଜ୍ୟୋସ୍ନା ସାମଲ | ୧୪୯ |
| କୃଷ୍ଣଚୂଡାର ସହର, ବସାଘର ଓ ଭୁବନେଶ୍ୱର : ଗାଁଆରୁ କେତେ ଦୂର ? | ଡ. ଅଜିତ ମହାନ୍ତି | ୧୫୦ |
| ଆମ ସ୍ମାର୍ଟ ସିଟି, ଆମ ଦାୟିତ୍ୱ, ଆମ ସମୃଦ୍ଧିର ନବଦିଗନ୍ତ | ସଂଘମିତ୍ରା ମିଶ୍ର | ୧୫୩ |
| ଆମ ରାଜଧାନୀ : ମୋ ପହିଲା ସ୍ମୃତି | ସ୍ୱଦେଶ ସୁନ୍ଦର ପଟ୍ଟନାୟକ | ୧୫୭ |
| ଅନୁଭୂତିରେ ଭୁବନେଶ୍ୱର : ମନ୍ଦିରମାଳିନୀ ନଗରୀ ଆଜି ପାଲଟିଛି ପ୍ରାସାଦ ନଗରୀ | ଡ. ବିଷ୍ଣୁପ୍ରିୟା ଓତା | ୧୬୨ |
| ଗର୍ବରେ କହେ, ମୁଁ ଭୁବନେଶ୍ୱରିଆ | ସୟଦ୍ ମକ୍‌ବୁଲ୍ ଅଲ୍ଲୀ | ୧୬୫ |
| ରାଜଧାନୀର ଅତୀତରୁ ଚେନାଏ :: ଶଗଡ଼ ଗାଡ଼ିରୁ ଏୟାର ଏସିଆ | ସତ୍ୟ ନାରାୟଣ ରାଉତରାୟ | ୧୬୯ |
| ବେଦ-ବିଶ୍ୱ ସନ୍ଧିଧାନ | ଦ୍ୱାରିକା ମୋହନ ମିଶ୍ର | ୧୭୧ |
| ଭୁବନ ବିଘୋଷିତ ଖ୍ୟାତି ଯା'ର | ଡ. ଦେବେନ୍ଦ୍ର କୁମାର ପତି | ୧୭୪ |
| ଭୁବନେଶ୍ୱର ବ୍ୟକ୍ତିତ୍ୱର କେତୋଟି ଦିଗ | ଡ. ଫକୀର ମୋହନ ସାହୁ | ୧୭୫ |
| ଅନ୍ଧାରିବସ୍ତିର ଅନ୍ଧାର ଭୁବନେଶ୍ୱର | ଲୋପାମୁଦ୍ରା କର | ୧୭୮ |
| ଭୁବନେଶ୍ୱର ହେ ଭୁବନେଶ୍ୱର | ଆରିଆ ରାଉତରାୟ | ୧୮୦ |
| ରାଜଧାନୀରେ ଘରଟିଏ | ଡ. ନାରାୟଣ ସାହୁ | ୧୮୧ |
| ବୟସ କେତେ ? | ତପନ ମହାପାତ୍ର | ୧୮୪ |
| କୁମାରୀ | ପ୍ରତିମା ମହାପାତ୍ର | ୧୮୮ |
| ବାଃ ବାଃରେ କ୍ୟାପିଟାଲ | ପୀତବାସ ରାଉତରାୟ | ୧୯୩ |

॥ ଏକ ॥

# ବନ ଓ ଭୁବନର ଈଶ୍ୱର :: ଏକାମ୍ର ଭୁବନେଶ୍ୱର



# ଭୁବନେଶ୍ୱର

*ଜଗନ୍ନାଥ ପ୍ରସାଦ ଦାସ*

କୌଣସି ଆବେଗ ନ ଥାଏ
କୌଣସି ଉଦ୍‌ବେଗ ନ ଥାଏ
ଇତିହାସ ପଛରୁ ସୂର୍ଯ୍ୟ ଉଠେ
ସମ୍ପୂର୍ଣ୍ଣ ଉତ୍ତେଜନା ବିହୀନ
ଉଡ଼ାଜାହାଜ ପଡ଼ିଆ ପଛ ପାଖେ
ବିଲୁଆ ଭୁକୁଥାଏ
ରାଜଧାନୀର ସକାଳ ହୁଏ
ସାଇକେଲ ଘଣ୍ଟି ଓ ମାଛ ଦୋକାନର ଭିଡ଼ରେ
ଅଫିସର ଫାଟକ ସବୁ ଖୋଲିଯାଏ
ମନ୍ଦିରର ଘଣ୍ଟା ଓ ଆଳତି ଧ୍ୱନିରେ

କଂକ୍ରିଟର ରାଜପଥ ଅଲଗା କରିଦିଏ
ନୂଆ ଓ ପୁରୁଣାର ସଂପର୍କ
ଟେଲିଫୋନ୍‌ର ତାର କାଟିଦିଏ
ଯକ୍ଷ ଓ ଶାଳଭଂଜିକାର କଥୋପକଥନ
ନିଅନ ଆଲୁଅ ଲିଭାଇ ଦିଏ
ପଥରର ଅନ୍ଧକାରାଚ୍ଛନ୍ନ ଆଶ୍ଚର୍ଯ୍ୟ
ଖବରକାଗଜର ହେଡ୍‌ଲାଇନ୍
ଅର୍ଥହୀନ କରିଦିଏ
କିମ୍ବଦନ୍ତୀର କରୁଣତମ ରହସ୍ୟକୁ

ପହିଲା ତାରିଖର ପର୍ବ ସବୁ
ଅତି ଶୀଘ୍ର ଉଦ୍‌ଯାପିତ ହୋଇଯାନ୍ତି
ରାଜାମାନଙ୍କର ବଂଶାବଳୀ ସହିତ
ଯୋଡ଼ିଯାଏ ମନ୍ତ୍ରିମଣ୍ଡଳର ବିବରଣୀ
କଳିଙ୍ଗ ଯୁଦ୍ଧର ସମତଳ କ୍ଷେତ ଉପରକୁ
ଓହ୍ଲାଇ ଆସନ୍ତି
ଦଳ ବଦଳର ସୈନିକମାନେ
ନିର୍ବାଚନର ଅଜଣା ଦିନମାନଙ୍କରେ
ଯୋଦ୍ଧାମାନେ ଯାଇ ଆଶ୍ରୟ ନିଅନ୍ତି
ମ୍ୟୁଜିଅମ୍‌ର ଅଳିଆଗଦା ଭିତରେ

ସିନେମା ପୋଷ୍ଟର ତଳେ
ଗାଈ ଶୋଇ ରହି ପାକୁଳି କରେ
ପାନ ଦୋକାନ ଆଗରେ
ଦେଶର ଭବିଷ୍ୟତମାନେ ଠିଆ ହୋଇ
ଶିକ୍ଷାଞ୍ଚଳ ଆଡ଼କୁ ଅନାଇଥାନ୍ତି
ଅଶୋକ ଓ ଖାରବେଳ
ଆଉ ମନେ ପଡ଼ନ୍ତି ନାହିଁ
ଏମ୍ପଲୟମେଣ୍ଟ୍ ଏକ୍ସଚେଞ୍ଜର ଭିଡ଼ ଟପି
ଗାଡ଼ି ଯାଇ ଅଟକେ
ହୋଟେଲ୍‌ର ମୁଖଶାଳାରେ
ରିକ୍ସାର ଚକ ମାପିନିଏ
ସାମାଜିକ ଚେତନାର ଆରୋହ ଅବରୋହକୁ
ଭିଖାରୀମାନେ ବାହାରି ଆସନ୍ତି
ଐତିହାସିକ ଗୁମ୍ଫାମାନଙ୍କ ଭିତରୁ
ପ୍ରତ୍ନତାତ୍ତ୍ୱିକ ଧ୍ୱଂସସ୍ତୂପ ଉପରେ
ବ୍ୟାଙ୍କର ନକ୍ସା ତିଆରି ହୁଏ
ବିଦେଶୀ ପର୍ଯ୍ୟଟକର କ୍ୟାମେରାରେ
ବନ୍ଦ ହୋଇ ରହିଯାଏ
ଅଶୋକାଷ୍ଟମୀ ଓ ଶିବରାତ୍ରିର ତାତ୍ପର୍ଯ୍ୟ

ଫାଇଲ ଉପରେ ଧୂଳି ଜମୁଥାଏ
ମନ୍ଦିରର ଚୂଡ଼ା ସବୁ
ବିନା କାରଣରେ ଉପରକୁ ଅନାଇଥାନ୍ତି
ଉପର ବେଳାର ଉଡ଼ାଜାହାଜ ଉଡ଼ିଯାଏ
କାନ୍ଥରେ ଲେଖା ସ୍ଲୋଗାନରେ
ବିଦ୍ରୋହ ହେଉଥାଏ
ମୁହଁ ପୋତି ଚାଲିଯାନ୍ତି ଚୁପ୍‌ଚାପ୍
ଅଫିସ୍‌ରୁ ଫେରୁଥିବା ଲୋକମାନେ ।
(ସୌଜନ୍ୟ: ଆଧୁନିକ ଓଡ଼ିଆ କବିତା ସମ୍ଭାର, ସଂ- ଯତୀନ୍ଦ୍ରମୋହନ ମହାନ୍ତି)

**୩୦୫, ଏସ୍‌ଏଫ୍‌ଏସ୍, ହଜଖସ,**
**ନୂଆଦିଲ୍ଲୀ- ୧୧୦୦୧୬**



# ମାହେଶ୍ୱରୀ

*ଡ. ଫନୀ ମହାନ୍ତି*

କୋଉ ଅବର୍ଣ୍ଣ ବର୍ଣ୍ଣରେ ବର୍ଣ୍ଣିବି
ଦରଫୁଟା ନୀଳ କଇଁ ପରି ଦିଶୁଥିବା
ତୁମ ଅପରୂପ ରୂପର ଲାବଣ୍ୟ ?

କୋଉ ଶୁଦ୍ଧପୂତ ପ୍ରଥା ପଦ୍ଧତିରେ
ଅନୁଗତ ଭକ୍ତ ପରି ମୁଁ କରିବି
ତମ ପୂଜା ଆରାଧନା କର୍ମ ଅବାହନ।

ତମ କୃଷ୍ଣନୀଳ ଘୁମନ୍ତ କବରୀ
ନିରଭ୍ର ଆକାଶେ ଯେଉଁଯାଏଁ
ପ୍ରଲଂବିତ ସେଇଠୁଁ ଆରଂଭ ପୁଣି
ନୂଆ ଏକ ପ୍ରେମର ସାମ୍ରାଜ୍ୟ।

ମାୟାମେଘ ଖଂଡେ ଭଳି ତମେ
ସାରା ଆକାଶରେ ବ୍ୟାପ୍ତ, ବିକ୍ଷୁବ୍ଧ
ବିଶ୍ୱର ତମେ ଛଳଛଳ
ସୁନୀଳ ଶୀତଳ ମଧୁର ପ୍ରପାତ।

ତମ ବିକୀର୍ଣ୍ଣ କେଶରାଜିର
ରେଶମ ଫାଶରେ ଆଜୀବନ ଗୃହବଂଦୀ
ମୋର ପାଦ ଟଳମଳ,

କର୍ମ ଅବଳକୁ ତମ ଗର୍ଭଗୃହେ ନିବାଡ
ଅଂଧାରେ ଯେ' ବାୟା ରାଜା
କ୍ଷଣୁଁକ୍ଷଣ ଲୀନ ପଳପଳ।

ତମେ ତ ଅପାପବିଦ୍ଧା ଅକାୟା
ଅବର୍ଣ୍ୟ, କଳ୍ପନାର ଆଦ୍ୟ ଉତ୍ସ ତମେ
ତମେ ପୁଣି ପ୍ରିୟତମ ଭାଷାର ବ୍ୟଂଜନା।

ହୀରକ ଖଚିତ ଝିଲିମିଲି ମେଘମାଳା
ତମ ପିଂଧା ରନ୍ ଓଡିଆଣୀ ଶାଢ଼ିର୍
ଉତ୍ତରୀ, ବର୍ଣ୍ଣୋଜ୍ଜ୍ୱଳ ଇଂଦ୍ରଧନୁ ସୀମଂତର
ଝଟଝଟ ଝକମକ ଅପାସୋରା ମଣି।

ସାଧକର ସିଦ୍ଧି ତମେ
ପୁଷ୍ପର ସୁଗଂଧ ତମେ
ପ୍ରେମ ଓ କରୁଣାର ଚଳଂତି ପ୍ରତିମା

କାବ୍ୟ-କବିତା ଆତ୍ମା ତମେ
ସ୍ୱପ୍ନ ଓ କଳ୍ପନାର ଛଂଦତାଳଲୟ
ତମେ ଆଦ୍ୟ ଆଷାଢର ବାରିପାତ
ତମେ ଅଶାନ୍ତ ସାଗରର ଅନଂତ ନୀଳିମା।

କେମିତି ବର୍ଣ୍ଣିବି ତମକୁ ଯେଉଁଠାରୁ
ସ୍ୱପ୍ନ ଓ କଳ୍ପନାର ସୀମାରେଖା ଶେଷ
ସେଇଠୁ ହିଁ ତମର ଆରଂଭ
ଓ ମୋର ଅନ୍ତିମ ମହାଯାତ୍ରା ଶେଷ।।

ପୁଷ୍ପଧନୁ, ବମିଖାଲ, ଭୁବନେଶ୍ୱର,
ମୋ - ୯୯୩୭୯୬୧୮୭୮

# ଭୁବନେଶ୍ୱର - ଝଲକାଏ ସାଂସ୍କୃତିକ ଐଶ୍ୱର୍ଯ୍ୟ

*ଡ. ପ୍ରସନ୍ନ କୁମାର ମିଶ୍ର*

ଭୁବନେଶ୍ୱର ବି ଏକାମ୍ର କ୍ଷେତ୍ର ଓ କୃତ୍ତିବାସ କ୍ଷେତ୍ର ଭାବରେ ବହୁ ପୁରାତନ ସଂସ୍କୃତ ରଚନାଗୁଡ଼ିକରେ ଦେଖିବାକୁ ମିଳେ। ଏହି ମୂଳ ରଚନାଗୁଡ଼ିକ ହେଉଛି ଏକାମ୍ର ପୁରାଣ, ଏକାମ୍ର ଚନ୍ଦ୍ରିକା, ସ୍ୱର୍ଣ୍ଣାଦ୍ରି ମହୋଦୟ, କପିଳ ସଂହିତା ଓ ତୀର୍ଥ ଚିନ୍ତାମଣି। ମନ୍ଦିରମାଳିନୀ ଏହି କ୍ଷେତ୍ର ବହୁ ପୁରାତନ କାଳର ଅବିଚ୍ଛିନ୍ନ ଇତିହାସର ପରିଚୟ ସଂକଳନ ଧରି ରଖିଛି। ଏହା ସମ୍ଭବତଃ ଆମ ଦେଶର ଏକମାତ୍ର ସହର ଯାହା ସମୟଚକ୍ରର ଧାରାରେ ଷଷ୍ଠ ଶତାବ୍ଦୀ ଠାରୁ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ଗୋଟିଏ ସୀମିତ ଅଞ୍ଚଳ ମଧ୍ୟରେ ମନ୍ଦିରଗୁଡ଼ିକୁ ଧାରଣ କରିଛି। ଏଥିରୁ ପ୍ରତ୍ନତତ୍ତ୍ୱବିତ୍, ଐତିହାସିକ ଓ କଳାସଂସ୍କୃତି ଐତିହାସିକମାନେ ଗବେଷଣା ନିମନ୍ତେ ପ୍ରଚୁର ଉପାଦାନ ଆହରଣ କରନ୍ତି। ଜଣେ ଖ୍ୟାତିସମ୍ପନ୍ନ ଦାର୍ଶନିକ ନିଜର ମତାମତ ପୋଷଣ କରି କହିଛନ୍ତି -

"ଏକାମ୍ର କାନନ (ପୁରୁଣା ଭୁବନେଶ୍ୱର)ର ଗଳିକନ୍ଦିରେ ଘୂରି ବୁଲିବା ମାନେ ଆଶାତୀତ ଯଶ ଓ ଗୌରବର ପ୍ରତ୍ନତାତ୍ତ୍ୱିକ ତଥ୍ୟସାଗରରୁ ପ୍ରଚୁର ସମ୍ବଳ ଉପଲବ୍ଧି କରିବା।"

"ଏହାର ରାସ୍ତା କଡରେ ପଡ଼ିଥିବା ପ୍ରତିଟି ପଥର ଖଣ୍ଡ କିଛି କଥା କହିବାକୁ ରଖିଛି ଯଦି ପର୍ଯ୍ୟଟକଙ୍କର କାନ ଶୁଣିବାକୁ ପ୍ରସ୍ତୁତ ରହିଛି ଓ ତାଙ୍କର ଠିଆ ହେବାକୁ ସମୟ ଅଛି।"

ଭୁବନେଶ୍ୱର ପୁରାତନ ସଂସ୍କୃତିର ଐତିହ୍ୟରେ ପରିପୂର୍ଣ୍ଣ। ଓଡ଼ିଶା ଇତିହାସର ତାଳେତାଳେ ଗଢ଼ି ଉଠିଥିବା ମନ୍ଦିର ଗୁଡ଼ିକ ଏହାର ପରିସର ମଧ୍ୟରେ ବିତି ଯାଇଥିବା ଯୁଗର କଳାଭାସ୍କର୍ଯ୍ୟ ପରିସ୍ଫୁଟ କରେ, ନିର୍ଦ୍ଦିଷ୍ଟ କାଳର ଶିଳାଶିଳ୍ପର ପରିପ୍ରକାଶ କରେ, ଏମିତି କି ସେଇ ଯୁଗର ମୂକ ନୁହେଁ, ଚିରନ୍ତନ ସାକ୍ଷୀ ଭାବରେ ଦଣ୍ଡାୟମାନ। ପ୍ରତିଟି ମନ୍ଦିର ଗୋଟିଏ ଗୋଟିଏ ରାଜତ୍ୱର କୀର୍ତ୍ତିସ୍ତମ୍ଭ ଭାବରେ ପରିଗଣିତ। ଓଡ଼ିଶାର ବିଖ୍ୟାତ ଐତିହାସିକ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କହନ୍ତି,

"ବାସ୍ତବରେ ଭାରତର କୌଣସି ସ୍ଥାନରେ ଭୁବନେଶ୍ୱର ପରି ଏତେ ସଂଖ୍ୟକ ବିଶାଳ ମନ୍ଦିର ଦେଖିବାକୁ ମିଳେନି, ଯାହାକି ଦୀର୍ଘ ଅବଧିର ଏବଂ ରାଜବଂଶର ଇତିହାସ ବହନ କରେ।"

ଦୀର୍ଘ ଏକ ସହସ୍ରାବ୍ଦରୁ ଊର୍ଦ୍ଧ୍ୱ (ଷଷ୍ଠ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ) ପର୍ଯ୍ୟନ୍ତ ଓଡ଼ିଶାରେ ନିଜସ୍ୱ ମନ୍ଦିର ଗଢ଼ିବା କଳାର ବିବର୍ତ୍ତନ ସହଜରେ ବାରି ହୋଇପଡ଼େ। ଭୁବନେଶ୍ୱରର ସଂସ୍କୃତିସମୃଦ୍ଧ ଓ ମୁଖ୍ୟ ମନ୍ଦିରଗୁଡ଼ିକ ମଧ୍ୟରୁ ପର୍ଶୁରାମେଶ୍ୱର, ବୈତାଳେଶ୍ୱର, ମୁକ୍ତେଶ୍ୱର, ରାଜରାଣୀ, ବ୍ରହ୍ମେଶ୍ୱର, ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର ଏବଂ ଅନନ୍ତ ବାସୁଦେବ ମନ୍ଦିର ଉଲ୍ଲେଖ ଯୋଗ୍ୟ। ଆହୁରି ବି ଭୁବନେଶ୍ୱର ଅନେକ ଗୁଡ଼ିଏ ପୁରାତନ ମନ୍ଦିର ପାଇଁ ବିଖ୍ୟାତ, ଯେଉଁଗୁଡ଼ିକ ଉପର ନାମିତ ମନ୍ଦିର ଗୁଡ଼ିକ ଆଗରୁ ନିର୍ମିତ ହୋଇଥିଲା ଏବଂ ଏହା ମନ୍ଦିର ନିର୍ମାଣଶୈଳୀ ବିଷୟରେ ସମ୍ୟକ ସୂଚନା ଦିଏ। ଶତୃଘ୍ନେଶ୍ୱର, ଭରତେଶ୍ୱର, ଲକ୍ଷଣେଶ୍ୱର ଏବଂ ସ୍ୱପ୍ନଜଳେଶ୍ୱର ଷଷ୍ଠ ଓ ସପ୍ତମ ଶତାବ୍ଦୀର ପ୍ରାରମ୍ଭରେ ନିର୍ମିତ ହୋଇଥିଲା।

ଭୁବନେଶ୍ୱର ଓଡ଼ିଶୀ କଳା ଓ ଭାସ୍କର୍ଯ୍ୟର ମୂଳକେନ୍ଦ୍ର ଭାବରେ ଖ୍ୟାତି ଅର୍ଜ୍ଜନ କରିଛି। ଧଉଳିରେ ପଥରଖଣ୍ଡରୁ ଖୋଦିତ ହସ୍ତୀର ଅଗ୍ରଭାଗ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଶିଳାଶିଳ୍ପ, ଏହାକୁ କଳିଙ୍ଗର ଅତି ପୁରାତନ କାର୍ଯ୍ୟଭାବରେ ଗ୍ରହଣ କରାଯାଇପାରେ। ଖଣ୍ଡଗିରି ଓ ଉଦୟଗିରି ଯୁଗଳ ପାହାଡ଼ର ଜୈନ ଗୁମ୍ଫାଗୁଡ଼ିକ ପ୍ରାଚୀନ ଭାରତୀୟ କଳା ଇତିହାସର ଗୁରୁତ୍ୱ ବହନକରେ।

ପ୍ରସିଦ୍ଧ ଶୈବ କ୍ଷେତ୍ର ଭୁବନେଶ୍ୱର ଅନେକ ଧର୍ମର ସମ୍ମୁଖୀନ ହୋଇଛି, ଖାରବେଳଙ୍କ ଅମଳରେ ରାଜକୀୟ ପୃଷ୍ଠପୋଷକତାରେ ଜୈନ ଧର୍ମର ବିଶେଷ ପ୍ରାଧାନ୍ୟ ଥିଲା ଏବଂ ବୌଦ୍ଧଧର୍ମର ବିସ୍ତୃତି ଏଠାକାର ମନ୍ଦିର ଶିଳ୍ପକଳା ଭାସ୍କର୍ଯ୍ୟର ଶୈଳୀରୁ ପ୍ରତୀୟମାନ ହୁଏ। ଏଠାରେ ବି ନାଗ ପୂଜା ପ୍ରଚଳିତ ଥିଲା ଏବଂ ଏହା ଶକ୍ତିପୀଠ ଭାବରେ ପରିଗଣିତ। ଶକ୍ତିର ଉଦାହରଣ ଏଠିକାର ବୈତାଳ, ମୋହିନୀ, ଗଉରୀ ଓ ଚୌଷଠି ଯୋଗିନୀ ଶିଳାଶଳ୍ପରେ ମିଳେ, ପୁଣି ସପ୍ତମାତୃକା, ମହିଷାମର୍ଦ୍ଦିନୀ, ଚାମୁଣ୍ଡା ଏହାର ପ୍ରମାଣ ଦିଅନ୍ତି।

ଭୁବନେଶ୍ୱର ହିନ୍ଦୁମାନଙ୍କର ଗୋଟିଏ ପବିତ୍ର ସ୍ଥାନ। ବହୁ ସଂସ୍କୃତ ରଚନାରେ ଏହାର ବର୍ଣ୍ଣନା ରହିଛି। ଏଠାରେ ଶୈବ ଏବଂ ବୈଷ୍ଣବ ଧର୍ମର ଅଭୂତପୂର୍ବ ସମନ୍ୱୟ ରହିଛି। ହିନ୍ଦୁଧର୍ମର ଦୁଇଟି ଧାରାର ସମ୍ମିଶ୍ରଣ ଭାରତର ଆଉ କେଉଁଠାରେ ଦେଖିବାକୁ ବିରଳ, ସେଥିପାଇଁ ଏହି ଅଦ୍ୱିତୀୟ ଧର୍ମକ୍ଷେତ୍ରଟିକୁ ହରିହର କ୍ଷେତ୍ର ବୋଲି ନାମିତ କରାଯାଇଛି। ଭୁବନେଶ୍ୱରର ମାହାତ୍ମ୍ୟ ଏତେ ବେଶି ଯେ, ଶ୍ରୀ ଚୈତନ୍ୟଙ୍କ ପରି ପରମ ବୈଷ୍ଣବ ସୂର୍ଯ୍ୟବଂଶୀ ଗଜପତି ପ୍ରତାପରୁଦ୍ରଙ୍କ ଶାସନକାଳରେ ଓଡ଼ିଶା ଆଗମନ

କରିଥିଲେ। ସେ ଭୁବନେଶ୍ୱରରେ ରହି ବିନ୍ଦୁସାଗରରେ ସ୍ନାନ କରି ପ୍ରଭୁ ଲିଙ୍ଗରାଜଙ୍କର ଦର୍ଶନ କରିଥିଲେ, ଏବଂ ପ୍ରଭୁଙ୍କ ନାମ ସଂକୀର୍ତ୍ତନ କରିଥିଲେ।

୧୫୬୮ ମସିହାରେ ଓଡ଼ିଶାର ହିନ୍ଦୁ ରଜାଙ୍କର ଶାସନ ସମାପିତ ହେବାରୁ ଭୁବନେଶ୍ୱରର ଭାଗ୍ୟର ସୂର୍ଯ୍ୟ ଅସ୍ତମିତ ହୋଇଗଲା। ଶିଳାଶିଳ୍ପର ଉନ୍ନତି ତଥା ଅବସ୍ଥିତି ଅନୁମାନିକ ୧୮୩ ବର୍ଷ ମୁସଲମାନ ଶାସନକାଳରେ ମଉଳିବାକୁ ଲାଗିଲା। ତା ପର ପଚାଶ ବର୍ଷ ମରାଠାମାନଙ୍କର ଓଡ଼ିଶା ଶାସନକାଳରେ ଏହି ପ୍ରସ୍ତର କଳାଭାସ୍କର୍ଯ୍ୟର ପୁନରୁଦ୍ଧାର କରିବାର ଅବକାଶ ଯଦିଚ ରହିଥିଲା, ତାହାର ନମୁନା ଭୁବନେଶ୍ୱର ବା ଅନ୍ୟତ୍ର ଦେଖିବାକୁ ମିଳେନାହିଁ। ୧୮୦୩ ମସିହାରୁ ଇଂରେଜ ସରକାରଙ୍କର ଓଡ଼ିଶା ଶାସନ କାଳରେ ବି ରାଜ୍ୟର ବା ଭୁବନେଶ୍ୱରର ପ୍ରତ୍ନତାତ୍ତ୍ୱିକ ବିଭବର ଅନ୍ୱେଷଣ ପାଇଁ ସେମିତି କିଛି ବିଶେଷ ପ୍ରଚେଷ୍ଟା ଦୃଷ୍ଟି ଗୋଚର ହୁଏନି। ସୌଭାଗ୍ୟକ୍ରମେ, ଊନବିଂଶ ଶତାବ୍ଦୀର ଶେଷଭାଗକୁ ଲର୍ଡ କର୍ଜନ ବଡ ଲାଟ ଥିବା କାଳରେ ରାଜ୍ୟର ପ୍ରତ୍ନତତ୍ତ୍ୱ ସମ୍ପଦର ଅବଶେଷ ଦୃଷ୍ଟିକୁ ଆସିଥିଲା। ଓଡ଼ିଶାର ଏହି ବିଭବର ସଂରକ୍ଷଣ, ସୁରକ୍ଷା ଓ ସାଂସ୍କୃତିକ ଗାରିମାର ପୁନରୁଦ୍ଧାର ପାଇଁ ନିୟମ ପ୍ରଣୟନ କରାଗଲା। ଭୁବନେଶ୍ୱର ପୁନର୍ବାର ଭାରତର ଜାତୀୟ ସାଂସ୍କୃତିକ ନକ୍ସାରେ ନିଜର ସ୍ଥାନ ଫେରିପାଇଲା।



ମନ୍ଦିରମାଳିନୀ ଭୁବନେଶ୍ୱର ଯେତେବେଳେ ଓଡ଼ିଶା ରାଜ୍ୟର ରାଜଧାନୀ ଭାବରେ ମନୋନୀତ ହେଲା, ସେତେବେଳକୁ ଏହା ଜନସଂଖ୍ୟା ଓ ଆଧୁନିକତା ଦୃଷ୍ଟିରୁ ଗୁରୁତ୍ୱହୀନ ଗୋଟିଏ କ୍ଷୁଦ୍ର ସହର ମାତ୍ର ଥିଲା। ତା ସତ୍ତ୍ୱେ ତଦାନୀନ୍ତନ ଓଡ଼ିଶାର ରାଜ୍ୟପାଳ କେ.ଏନ. କାଟ୍‌ଜୁ ନିଜର ଏପରି ମତାମତ ଦିଅନ୍ତି –

"...... ଏଇଟା ପ୍ରତ୍ନତତ୍ତ୍ୱବିତ୍ ମାନଙ୍କ ପାଇଁ ସବୁଠାରୁ ଚିତ୍ତାକର୍ଷକ କ୍ଷେତ୍ର, କାରଣ ଏହି ଜାଗାଟି ବହୁ ପ୍ରତ୍ନତତ୍ତ୍ୱର ଅବଶେଷରେ ଭରପୂର, ଯାହାର ସେଇ ଦୃଷ୍ଟିକୋଣରୁ ମୂଲ୍ୟ ବହୁତ ଅଧିକ ଏବଂ ଏହା ଇତିହାସର ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସହିତ ସମ୍ପୃକ୍ତ। ଭୁବନେଶ୍ୱରର ବିବର୍ତ୍ତନ ଓ ପ୍ରାଧାନ୍ୟ ବିଷୟରେ ଅସଂଖ୍ୟ କିମ୍ବଦନ୍ତୀ ଓ ପୌରାଣିକ ଉପାଖ୍ୟାନ ରହିଛି। ପୁନଶ୍ଚ କେଶରୀ ଶାସନକାଳରେ ବ୍ରାହ୍ମଣ୍ୟ ଧର୍ମ ପୁନର୍ଜାଗରିତ ହୋଇଥିଲେ ସୁଦ୍ଧା ଏହା ସ୍ୱୀକାର୍ଯ୍ୟ ଯେ ଖ୍ରୀଷ୍ଟଙ୍କ ଜନ୍ମ ପୂର୍ବରୁ ଓଡ଼ିଶା ତଥା ଭୁବନେଶ୍ୱର ବୌଦ୍ଧଧର୍ମର ପ୍ରଧାନ ପୀଠସ୍ଥଳୀ ଥିଲା।

.......... ଏହି ସ୍ଥାନ, ଭୁବନେଶ୍ୱର ବହୁ ମନଲୋଭା କାରୁକାର୍ଯ୍ୟଭରା ମନ୍ଦିର ମାଳରେ ପରିପୂର୍ଣ୍ଣ ହୋଇ ଦର୍ଶାଇ ଦିଏ ଯେ, କଳା ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ଓଡ଼ିଆମାନେ ସର୍ବୋଚ୍ଚ ପ୍ରାଧାନ୍ୟ ଓ ଗୌରବ ଲାଭ କରି ପାରିଛନ୍ତି। ସେମାନଙ୍କର ସମକକ୍ଷ ହେବାଭଳି ଅନ୍ୟ କିଏ ଭାରତବର୍ଷ କାହିଁକି, ବିଶ୍ୱରେ ବି ଦେଖାଯାଆନ୍ତି ନାହିଁ।"

୧୦, ଆନି ଏନ କ୍ଲେଭ୍, ଆଇଗିଣିଆ,
ଖଣ୍ଡଗିରି, ଭୁବନେଶ୍ୱର.
ମୋ – ୯୮୬୧୧୧୫୦୦୦

# ସମୟ ପ୍ରବାହରେ ଭୁବନେଶ୍ୱର

***ଏକ ସମୀକ୍ଷା***

ଆମ ଦେଶରେ ବହୁ ପୁରାତନ ନଗର ରହିଛି ଏବଂ କେତେକ ସହର ନିଜର ସହସ୍ରାବ୍ଦ ବା ଅଧିକ ବୟସର ବୋଲି ଉତ୍ସବମୁଖର ହେବାର ଦେଖିବାକୁ ମିଳେ। ସେ ଦୃଷ୍ଟିରୁ ଦେଖିଲେ ଭୁବନେଶ୍ୱର କେତେ ପୁରୁଣା, ଏହା ମନକୁ ଆସେନି, ମନକୁ ଆସେ ଏହା ତ ନୂଆ ରାଜଧାନୀ, ନୂତନ ଭୁବନେଶ୍ୱର। ଏହାର ବୟସ ଭାରତର ସ୍ୱାଧୀନତା ସମୟରୁ। ସମସ୍ତେ ଭୁଲି ଯାଆନ୍ତି ଏହାର ପୁରୁଣା ଭୁବନେଶ୍ୱର ବସତିକୁ। ଲିଙ୍ଗରାଜ ମନ୍ଦିରକୁ, ସନ୍ନିକଟ ଧଉଳି, ଶିଶୁପାଳଗଡ କି ଖଣ୍ଡଗିରି ଉଦୟଗିରି ପାହାଡ କୀର୍ତ୍ତିକୁ।

ମନକୁ ଆସେନି କଳିଙ୍ଗ ଯୁଦ୍ଧର ବିଭୀଷିକାର ଆକ୍ରାନ୍ତ ସେଇ ତୋଷାଳି କି ଧନଧାନ୍ୟ ଭରା କଳିଙ୍ଗନଗରୀ। ପୁଣି ମଗଧ ସମ୍ରାଟ ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କର ପୁନର୍ଜନ୍ମର କୋଟୀତୀର୍ଥ ତୋଷାଳିର ରଣପ୍ରାଙ୍ଗଣ। ତୋଷାଳି ନଥିଲେ ଚଣ୍ଡାଶୋକ ହିଁ ଚଣ୍ଡାଶୋକରେ ଇତିହାସର ପଙ୍କିଳ ଅଧ୍ୟାୟରେ ବିଲୁପ୍ତ ହୋଇ ରହି ଯାଇଥାଆନ୍ତେ, ଏହା ନିଃସନ୍ଦେହ।

ପୁଣି ଏହି କଳିଙ୍ଗନଗରୀର ପୃଷ୍ଠଭୂମି ଯାହାକି ଗଢିତୋଳିଥିଲା ମହାମେଘବାହାନ ଖାରବେଳଙ୍କର ଶିକ୍ଷା, କୌଶଳ ଓ ମାନସିକତା। ଦିଗ୍‌ବିଜୟ ଜୀବନର ଏକମାତ୍ର ଲକ୍ଷ୍ୟ ନଥିଲା ଆଲେକଜାଣ୍ଡରଙ୍କ ପରି, ତାଙ୍କ ଅବଧିରେ ସମାଜର କଳା, ସଂସ୍କୃତି, ଶିଳ୍ପ, ବିଜ୍ଞାନ କେଉଁ କ୍ଷେତ୍ର ବାକି ପଡି ନଥିଲା କଳିଙ୍ଗବକ୍ଷରେ ବିକାଶ ଲାଭ କରିବାକୁ। ସେ ଭୁଲି ନଥିଲେ ତାଙ୍କର ପ୍ରିୟ କଳିଙ୍ଗନଗରୀକୁ। କାଳକାଳକୁ ସ୍ମୃତି ସଞ୍ଚି ରଖିଯାଇଛନ୍ତି ଏହି ଜନ୍ମଭୂମିର ଉପସ୍ଥିତି ଆଉ ଗୌରବ ଦର୍ଶାଇବାକୁ।

ପୁଣି ଉଦ୍‌ଯୋଗୀ ସୋମବଂଶୀ କୁଶଳୀପୁତ୍ର ଉଦ୍ୟୋତ କେଶରୀ। ନିଜର ରାଜପ୍ରାସାଦ ତୋଳନ୍ତି ଲିଙ୍ଗରାଜ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ। କେବଳ ଲିଙ୍ଗରାଜ ମନ୍ଦିର ଦର୍ଶନରେ ତାଙ୍କ ଧର୍ମ ବାସନା ତୃପ୍ତ ହୁଏନି। ଲୋକ କିମ୍ବଦନ୍ତୀ ଶୁଣି ବି ତୋଳାନ୍ତି କେଦାରଗୌରୀ ମନ୍ଦିର। ଗହନବନରେ ପଶ୍ଚିମ ଦିଗର କୁମାରଗିରି ପର୍ବତରେ ଜୈନ ସାଧୁମାନଙ୍କ ସାଧନାରେ ସନ୍ତୁଷ୍ଟ ହୋଇ ଅନେକ ଗୁମ୍ଫା ଓ ତୀର୍ଥଙ୍କର-ଶାସନଦେବୀ ମୂର୍ତ୍ତି ଖୋଦନ କରାନ୍ତି ବାରଭୂଜା ଓ ନବମୁନି ଗୁମ୍ଫାରେ। ସେହି ଉଦ୍ୟୋତ କେଶରୀ ଭୁବନେଶ୍ୱର ନଗରର ନାମକରଣର ଉଦ୍‌ଗାତା !

ଭୁବନେଶ୍ୱର ସହ ସମ୍ପୃକ୍ତ ଏହି ତିନି ପୁରୁଷ ଯେତେବେଳେ ଇତିହାସର କାଳଚକ୍ର ପ୍ରବାହକୁ ବିନ୍ୟାସ କରନ୍ତି, ସମୟ ସ୍ରୋତରେ ନଗରୀଟିର ପରିକ୍ରମା କରିବା ନିଶ୍ଚୟ ପ୍ରତି ଭୁବନେଶ୍ୱର ପ୍ରେମୀଙ୍କର ଧେୟ ମନେହୁଏ। ଆସନ୍ତୁ ଉଡି ଆସିବା ପୁରାଣ ଇତିହାସ ଯୁଗର ଅସ୍ପଷ୍ଟ କଳ୍ପନାରୁ ଆଜିର ରୂପ ଯୌବନରେ ଭୂଷିତ ସ୍ପର୍ଦ୍ଧାମନ୍ତ ଭୁବନେଶ୍ୱରକୁ।

ଭୁବନେଶ୍ୱର ନାମଟି ସ୍ୱର୍ଗ, ମର୍ତ୍ତ୍ୟ ଆଉ ପାତାଳ ଏହି ତିନି ଭୁବନର ଈଶ୍ୱର ତ୍ରିଭୁବନେଶ୍ୱର ଶବ୍ଦଟିରୁ ପ୍ରାପ୍ତ, ଲୋକମୁଖରେ ଏହା ସଂକ୍ଷିପ୍ତ ହୋଇ ଭୁବନେଶ୍ୱର ହୋଇଛି। ଏହା ତ ଏହି ସ୍ଥାନର ଅଧିଷ୍ଠାତା ଶିବଲିଙ୍ଗ ଯାହାଙ୍କୁ ଅତୀତରେ ବି କୃତ୍ତିବାସ ବୋଲି ଉଲ୍ଲେଖ ଅଛି, କିନ୍ତୁ ବର୍ତ୍ତମାନର ନାମକରଣ ଲିଙ୍ଗରାଜ। ଏହି ସ୍ଥାନଟିର ନାମ ବି ଈଶ୍ୱରଙ୍କ ନାମର, ଭୁବନେଶ୍ୱର। ସ୍ଥାନଟି ଆଗରୁ ଗୋଟିଏ ବିଶାଳ ଆମ୍ବ ଗଛ ତଳେ ଶିବ ଲିଙ୍ଗ ପୂଜିତ ହେବାର ବର୍ଣ୍ଣନା ଅଛି, ଏକାମ୍ର କାନନ ନାମଗ୍ରହଣ କରିଥିବାର ଐତିହ୍ୟ ରହିଛି। ଏହା ଉପରେ ଗୋଟିଏ ତୀର୍ଥସ୍ଥାନର ଉତ୍ପତ୍ତି ଘଟିଛି। ଏକାଦଶ ଶତାବ୍ଦୀରୁ ଲିଙ୍ଗରାଜ ମନ୍ଦିର ନିର୍ମାଣ ପରଠାରୁ ଏକାମ୍ରକ୍ଷେତ୍ର ଦେଶର ପ୍ରମୁଖ ଶୈବଧର୍ମପୀଠ ଭାବରେ ସ୍ୱୀକୃତି ପାଇଛି। ଶତାବ୍ଦୀ ଶତାବ୍ଦୀର ଧର୍ମଧାରାର ପରିବର୍ତ୍ତନ ସତ୍ତ୍ୱେ, ଭୁବନେଶ୍ୱର ଗୋଟିଏ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ବଜାୟ ରଖିଛି।

ଏକାମ୍ର କାନନର ବିସ୍ତୃତି ଆଜିର ପୁରୁଣା ଭୁବନେଶ୍ୱର ଆକାରରୁ ବେଶ୍ ବଡ ଥିଲା। ପୁରୁଣା ଶାସ୍ତ୍ର (ସ୍ୱର୍ଣ୍ଣାଦ୍ରି ମହୋଦୟ ଓ ଏକାମ୍ର ଚନ୍ଦ୍ରିକା) ଏହା ପଶ୍ଚିମରେ ଖଣ୍ଡଗିରିରୁ ପୂର୍ବଦିଗରେ କୁଣ୍ଡଳେଶ୍ୱର ଏବଂ ଉତ୍ତରରେ ବଳହାଦେବୀଙ୍କ ପାଖରୁ ଦକ୍ଷିଣରେ ଧଉଳି ଊର୍ଦ୍ଧ୍ୱର ବହିରଙ୍ଗେଶ୍ୱର ପର୍ଯ୍ୟନ୍ତ ବ୍ୟାପି ଏକ ଗୋଲାକାର ବା ମଣ୍ଡଳାକାର ରୂପ ନିଏ।

ଏକାମ୍ରକ୍ଷେତ୍ରର ଇତିହାସ ପୂର୍ବର ଏହି ସ୍ଥାନ ବିଷୟରେ ଯାହା ପ୍ରତ୍ନତତ୍ତ୍ୱବିତ୍ ମାନଙ୍କ ପାଖରୁ ମିଳେ। ଅଶୋକଙ୍କର ଶିଳାଲେଖ ଏହି ତୋଷାଳୀରେ ଭୁବନେଶ୍ୱରର ୮ କିଲୋମିଟର ଦକ୍ଷିଣରେ ଧଉଳି ପାହାଡରେ ରହିଛି। ପ୍ରସ୍ତର ଖୋଦିତ ହାତୀର ପୂର୍ବଭାଗ ଓ ଅଶୋକଙ୍କର ଅନୁଶାସନ ରହିଛି। ଏହି ଶିଳାଲିଖନରୁ ବାଦ୍ ପଡିଯାଇଛି ତାଙ୍କର ତ୍ରୟୋଦଶ ଅନୁଶାସନ, ଯହିଁରୁ ବାଦ୍ ପଡିଛି ଏ କଥା କି ଅଶୋକ ତାଙ୍କର ସିଂହାସନ ଆରୋହଣର ଅଷ୍ଟମବର୍ଷ ଖ୍ରୀଷ୍ଟପୂର୍ବ ୨୬୧ ରେ କଳିଙ୍ଗ ବିଜୟ କରିଥିଲେ। ଏହାପରେ ତୋଷାଳି ମୌର୍ଯ୍ୟ ସମାଜର ନୂତନ ରାଜ୍ୟ କଳିଙ୍ଗର ରାଜଧାନୀ ବା ଶାସନକେନ୍ଦ୍ର ଥିଲା। ସନ୍ନିକଟ ଶିଶୁପାଳ ଗଡ ଖନନରୁ ଜଣାଯାଏ ଯେ,

ଏଠାରେ ଗୋଟିଏ ପୁରାତନ ଦୁର୍ଗଥିଲା, ତାହା ବି ଅଶୋକଙ୍କ ସମୟରେ ବ୍ୟବହୃତ ହେଉଥିବା ଅସମ୍ଭବ ନୁହେଁ।

ଲିଙ୍ଗରାଜ ମନ୍ଦିରର ୮ କିଲିମିଟର ପଶ୍ଚିମକୁ ଉଦୟଗିରି ପାହାଡର ହାତୀଗୁମ୍ଫା ଶିଳାଲିଖନରୁ ମହାମେଘବାହାନ ଖାରବେଳଙ୍କ ଶାସନକାଳର ଘଟଣାବଳୀରୁ ପ୍ରତୀୟମାନ ହୁଏ କି, ସେ ଖ୍ରୀଷ୍ଟଜନ୍ମର ପୂର୍ବ ଶତାବ୍ଦୀରେ କଳିଙ୍ଗ ଶାସନ କରୁଥିଲେ। ଏହା ସ୍ପଷ୍ଟ ହୁଏ, ମୌର୍ଯ୍ୟ ସମ୍ରାଜର ପତନ ପରେ ଚେଦିବଂଶ ସ୍ୱାଧୀନ କଳିଙ୍ଗ ଗଠନ କରିଥିଲେ। ଖାରବେଳଙ୍କ ଶାସନକାଳରେ ଭାରତର ବିଭିନ୍ନ ଦିଗରେ ଦିଗ୍‌ବିଜୟ କରିଥିଲେ। ସାତକର୍ଣ୍ଣୀଙ୍କୁ ଖାତିର ନକରି ତାଙ୍କର ଆଶ୍ରିତ ରାଷ୍ଟ୍ରିକ ଓ ଭୋଜକଙ୍କୁ ପରାସ୍ତ କରିଥିଲେ, ମଥୁରାର ଯବନରାଜାଙ୍କୁ ବିତାଡିତ କରିଥିଲେ, ଭାରତବର୍ଷ ବିଜୟ, ଉତ୍ତରପଥ ଓ ମଗଧ ବିଜୟ କରିଥିଲେ। ଖାରବଳ ସର୍ବଧର୍ମର ରକ୍ଷକ ଥିଲେ, କିନ୍ତୁ ପରିବାର ଓ ପ୍ରାଥମିକ ଭାବରେ ଜୈନଧର୍ମାବଲମ୍ବୀ ଥିଲେ। ତାଙ୍କର ବିଶାଳ ସମ୍ରାଜ୍ୟର ରାଜଧାନୀ ଥିଲା କଳିଙ୍ଗନଗରୀ, ଏହି ଶିଶୁପାଳ ଗଡ।

ଖାରବେଳଙ୍କ ପରେ ପରେ ଭୁବନେଶ୍ୱରର ଇତିହାସ ଅନ୍ଧକାରାଚ୍ଛନ୍ନ ହୋଇପଡିଛି। ଏଠାକାର ନାଗ ଓ ଯକ୍ଷ ମୂର୍ତ୍ତି ସ୍ଥାନୀୟ ଲୋକକଳାର ସନ୍ଧାନ ଦିଏ। ଏଠିକାର ବଡଗଡ ଭାସ୍କରେଶ୍ୱର ମନ୍ଦିରରେ ଶିବଲିଙ୍ଗ ପାଇଁ ବ୍ୟବହୃତ ପଥରଖଣ୍ଡର ଆକାର ଓ ପ୍ରକରରୁ ଏହା ଗୋଟିଏ ଅଶୋକସ୍ତମ୍ଭ ବୋଲି ଜଣାଯାଏ, ମାଉସୀ ମା ମନ୍ଦିର ପାଖ ଅଶୋକଝରରେ ପଡିଥିବା ଅଶୋକସ୍ତମ୍ଭର ଅଂଶରୁ ଜଣାଯାଏ ଯେ, ଖ୍ରୀଷ୍ଟଜନ୍ମ ପୂର୍ବ ଶତାବ୍ଦୀରେ ବୌଦ୍ଧଧର୍ମର ପ୍ରସାର ଘଟିଥିଲା।

ଗୁପ୍ତ ଶାସନର କଳିଙ୍ଗ ଉପରେ ପ୍ରଭାବ ବିଷୟରେ କିଛି ଜଣା ନଥିଲେ ବି କଳାଭାସ୍କର୍ଯ୍ୟରେ ଗୁପ୍ତଯୁଗର ପ୍ରଭାବ ଭୁବନେଶ୍ୱରରେ ପରିଲକ୍ଷିତ ହୁଏ। ଲିଙ୍ଗରାଜ ମନ୍ଦିରର ପାର୍ବତୀ ଓ କାର୍ତ୍ତିକେୟ ଓ ବିନ୍ଦୁସାଗରରୁ ଉଦ୍ଧାର କରାଯାଇଥିବା ଚର୍ତୁମୁଖ ଲିଙ୍ଗ ଏହାର ଉଦାହରଣ। ଭୁବନେଶ୍ୱରରେ ଷଷ୍ଠ ଓ ସପ୍ତମ ଶତାବ୍ଦୀ ପୂର୍ବରୁ ଶୈବଧର୍ମ ଓ ମନ୍ଦିର ତୋଳା ଶିଳାଶିଳ୍ପର ଅୟମାରମ୍ଭ ହୋଇସାରିଥିବାର ଧାରଣା ଆସେ।

ସପ୍ତମ ଶତାବ୍ଦୀରେ ଶୈବଧର୍ମର ପ୍ରାଧାନ୍ୟ ବୃଦ୍ଧି ପାଇଛି, ପ୍ରଥମ ଶିବ ମନ୍ଦିର ଗୁଡିକରେ ଲକୁଳିଶଙ୍କର ପ୍ରତିମୂର୍ତ୍ତି ରହିଛି, ଏହାର ଉଦାହରଣ ସପ୍ତମ ଶତାବ୍ଦୀରେ ନିର୍ମିତ ଭରତେଶ୍ୱର, ଶତ୍ରୁଘ୍ନେଶ୍ୱର, ପର୍ଶୁରାମେଶ୍ୱର। ଅଷ୍ଟମ ଶତାବ୍ଦୀରେ ତୋଳାଯାଇଛି ବୈତାଳ, ଶିଶିରେଶ୍ୱର ଓ ତାଳେଶ୍ୱର ମନ୍ଦିର, ଦଶମ ଶତାବ୍ଦୀରେ ମୁକ୍ତେଶ୍ୱର, ଏକାଦଶ ଶତାବ୍ଦୀରେ ରାଜରାଣୀ ଓ ଲିଙ୍ଗରାଜ ମନ୍ଦିର ଏବଂ ଦ୍ୱାଦଶ ଶତାବ୍ଦୀରେ ମେଘେଶ୍ୱର ମନ୍ଦିର। ଏମିତି ଖ୍ରୀଷ୍ଟଜନ୍ମର ପ୍ରଥମ ଶତାବ୍ଦୀଗୁଡିକରେ ଭୁବନେଶ୍ୱର ବୌଦ୍ଧ, ଜୈନ, ଯକ୍ଷ ଓ ନାଗ ପୂଜାର ଉଦାହରଣ ହେଲେ ମଧ୍ୟ ଷଷ୍ଠ ଶତାବ୍ଦୀରୁ ଶୈବଧର୍ମର ପ୍ରାଧାନ୍ୟ ବୃଦ୍ଧି ଘଟିଛି, କିନ୍ତୁ ଅନ୍ୟଧର୍ମ ସବୁ ବିଲୁପ୍ତ ହୋଇଯାଇନି।

## ଏକାମ୍ର କ୍ଷେତ୍ରର ଧାର୍ମିକ ମାନ୍ୟତା -

ମଧ୍ୟଯୁଗର ପ୍ରାରମ୍ଭରେ ଭୁବନେଶ୍ୱର ଗୋଟିଏ ପ୍ରମୁଖ ଶୈବପୀଠ ଭାବରେ ସିଦ୍ଧିଲାଭ କରିଛି ଏବଂ ଏହା ଅନେକ ନାମ ବହନ କରିଛି - ଏକାମ୍ର, ଏକାମ୍ର କାନନ, ଏକାମ୍ର କ୍ଷେତ୍ର, ସ୍ୱର୍ଣ୍ଣକୂଟ, ସ୍ୱର୍ଣ୍ଣାଚଳ ଇତ୍ୟାଦି। ସର୍ବ ପ୍ରଥମେ ୬୦୦ ମସିହାରେ ଏକାମ୍ର ବିଷୟରେ ଖୋଦିତ ଲିପି ଦେଖିବାକୁ ମିଳେ, ବିଗ୍ରହ ବଂଶର ଲିପିରେ ଏକାମ୍ରକର ମଣିନାଗେଶ୍ୱର ଭଟ୍ଟାରିକା ଏକାମ୍ରକ ବା ଏକାମ୍ରର ଚିତ୍ର ଦିଏ। ଭୌମକର ଶାସନକାଳରେ ଶାନ୍ତିକରଦେବ ନାମକ ସାମନ୍ତରାଜା ଭୁବନେଶ୍ୱର ଆସି ବିନ୍ଦୁସାଗର କୂଳରେ ତାଙ୍କ ରାଜ୍ୟ ଯମଗର୍ତ୍ତ ମଣ୍ଡଳ (ଅନୁଗୁଳ-ତାଳଚେର)ର ଜଣେ ବ୍ରାହ୍ମଣଙ୍କୁ ଜମି ଦାନ କରିଛନ୍ତି। ଏହି ଶିଳାଲିଖନ ବିରଜା କ୍ଷେତ୍ର ବିଷୟରେ ଉଲ୍ଲେଖ କରେ। ନବମ କି ଦଶମ ଶତାବ୍ଦୀର ଏହି ଲିଖନ ବିନ୍ଦୁସାଗର ଓ ଏକାମ୍ରର ତୀର୍ଥ ଭାବରେ ସାବିତ ହେବାର ଉଦାହରଣ ହୋଇରହିଛି।

ବ୍ରହ୍ମେଶ୍ୱର ମନ୍ଦିରର ଏକାଦଶ ଶତାବ୍ଦୀରେ ଏକାମ୍ର ସିଦ୍ଧତୀର୍ଥରେ ନିର୍ମିତ ହୋଇଛି ବୋଲି ମନ୍ଦିର ଶିଳାଲିପିରେ ଉଦ୍ଧୃତ। ଏମିତି ମନ୍ଦିରମୟୀ ସହରର ନାମ ଏକାମ୍ର ବୋଲି ପ୍ରମାଣ ମିଳେ। ୧୨୭୮ ମସିହାରେ ଚନ୍ଦ୍ରିକା ଦେବୀଙ୍କ ନିର୍ମିତ ଅନନ୍ତ ବାସୁଦେବ ମନ୍ଦିର ଶିଳାଲେଖ ଦର୍ଶାଯାଇଛି ଯେ, ପୂର୍ବରୁ ଏକାମ୍ର ସ୍ଥାନଟିରେ ଗୋଟିଏ ବିଶାଳ ଆମ୍ବ ଗଛ ଥିଲା ଏବଂ ପରେ ପରେ ଶହ ଶହ ଆମ୍ବଗଛ ଉଠିଛି। ସେଠାରେ ଗୋଟିଏ ଶିବ ମନ୍ଦିରକୁ ଘେରି ଅନେକ ମନ୍ଦିର ଅଛି, ଗନ୍ଧସିନ୍ଧୁ (ଗନ୍ଧବତୀ ବା ଗଙ୍ଗୁଆ) କୂଳରେ ଅବସ୍ଥିତ ଏହି ସ୍ଥାନର ଅଧିଷ୍ଠିତ ଦେବତା ହେଉଛନ୍ତି କୃତ୍ତିବାସ। କିନ୍ତୁ ଦ୍ୱାଦଶ ଶତାବ୍ଦୀର ଏକ ଲିଖନରେ ତ୍ରିଭୁବନେଶ୍ୱର ବୋଲି ଉଲ୍ଲିଖିତ। କପିଳେନ୍ଦ୍ର ଦେବ (ଚତୁର୍ଦ୍ଦଶ ଶତାବ୍ଦୀ)ଙ୍କ ଅମଳରେ ରଚିତ ସାରଳା ମହାଭାରତର ବନପର୍ବରେ କୀର୍ତ୍ତି ଏବଂ ବାସ ନାମକ ଦୁଇ ଅସୁର ବଧ ସହ ଭୁବନେଶ୍ୱର ତୀର୍ଥ ବିଷୟ ଉଲ୍ଲେଖ ରହିଛି। ସେଥି ନିମନ୍ତେ ସୂର୍ଯ୍ୟବଂଶୀ ଗଜପତି ପୁରୁଷୋତ୍ତମ ଦେବ ନିଜ ଲିଖନରେ ଏହି ସ୍ଥାନକୁ କୃତ୍ତିବାସ କଟକ ବୋଲି ଦର୍ଶାଇଛନ୍ତି। ଯାହା ଜଣାଯାଏ, ପରବର୍ତ୍ତୀ ସମୟରେ ଦୁଇ ତିନି ଶତାବ୍ଦୀ ମଧ୍ୟରେ ଭୁବନେଶ୍ୱର ଦେବତା ଓ ସହର ଭାବରେ ନାମିତ ହୋଇଛନ୍ତି।

ପୁରାତନ ସଂସ୍କୃତ ରଚନା ଗୁଡିକ ଏକାମ୍ର କ୍ଷେତ୍ରର ମାହାତ୍ମ୍ୟ ପ୍ରତିପାଦନ କରନ୍ତି। ମତ୍ସ୍ୟପୁରାଣ ଏକାମ୍ର ଏବଂ ଏହାର ମୁଖ୍ୟ ଦେବୀ କୀର୍ତ୍ତିମତୀ ବୋଲି ଦର୍ଶାଇଛନ୍ତି। ସେ ହି ମାତା ପାର୍ବତୀ। ଏକାମ୍ରପୁରାଣ ତାଙ୍କୁ କୀର୍ତ୍ତିରୂପା ବୋଲି ବର୍ଣ୍ଣନା କରିଛନ୍ତି। ବ୍ରହ୍ମପୁରାଣରେ ଏକାମ୍ରର ପରିସୀମା, ମନ୍ଦିର, ଉଦ୍ୟାନ, ବାସଗୃହ, ବସତି ଓ ସୁନ୍ଦରୀ ରମଣୀଙ୍କ ବିଷୟ ରଚିତ। ଏହି ଏକାମ୍ରର ପରିସର ଅଢେଇ ଯୋଜନ ବୋଲି ରଚିତ। ଏହା ଏକ ଆମ୍ର ବୃକ୍ଷରୁ ହିଁ ରୂପନେଇଛି। ଏହି ପୁରାଣ ବିନ୍ଦୁସାଗର, କପିଳ ତୀର୍ଥ ଓ ଭାସ୍କରେଶ୍ୱର ଶିବଲିଙ୍ଗ ବିଷୟ ଉଲ୍ଲେଖ କରେ। ଏହି କ୍ଷେତ୍ରର ଏକ କୋଟି ଶିବଲିଙ୍ଗଙ୍କ ଉପସ୍ଥିତି ଏହାକୁ ବାରାଣସୀର ସମକକ୍ଷ ଶୈବକ୍ଷେତ୍ର ବୋଲି ପ୍ରତିପାଦନ କରେ। ଯେଉଁ ଭକ୍ତ ଏହି ତୀର୍ଥର ଶିବଲିଙ୍ଗ, ଦେବୀପାର୍ବତୀ, ଗଣଚନ୍ଦ୍ର, କାର୍ତ୍ତିକେୟ, ଗଣେଶ, ବୃଷଭ ଓ କଳ୍ପଦ୍ରୁମ ଦର୍ଶନ କରନ୍ତି, ତାଙ୍କର ଶିବଲୋକ ପ୍ରାପ୍ତି ହୁଏ।

ଶିବ ପୁରାଣ ଭାରତବର୍ଷର ସବୁ ଶିବଲିଙ୍ଗ ବିଷୟ ବର୍ଣ୍ଣନା କରନ୍ତି। କୀର୍ତ୍ତିବାସେଶ୍ୱର, କେଦାରେଶ ଓ ଭୁବନେଶ ଶିବ ନାମ ରହିଛି। ତା ମଧ୍ୟରୁ ଭୁବନେଶ ଏକାମ୍ରବାସୀ ଶିବଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି। ଶିବ



ପୁରାଣରେ ବି ରଚିତ, ଭୁବନେଶ ପୁରୁଷୋତ୍ତମ ଦେଶରେ ସିଦ୍ଧିପ୍ରଦାୟକ ଅଟନ୍ତି। ଏହି ପୁରାଣର ପଇଁଚାଳିଶ ଅଧ୍ୟାୟରୁ ପାଞ୍ଚୋଟି ଅଧ୍ୟାୟ କେବଳ ଏକାମ୍ର ଓ ଲିଙ୍ଗରାଜ-ତ୍ରିଭୁବନେଶ୍ୱର ବିଷୟ ପାଇଁ ଉଦ୍ଦିଷ୍ଟ। ଏହି ପୁସ୍ତକଟି ପଞ୍ଚଦଶ ବା ଷୋଡଶ ଶତାବ୍ଦୀରେ ଓଡିଆ ଭାଷାରେ ରଚିତ।

କାଳକ୍ରମେ ଏକାମ୍ର କ୍ଷେତ୍ର ଶୈବକ୍ଷେତ୍ର ଭାବରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଏଥିପାଇଁ ଅନେକ ସ୍ଥଳମାହାତ୍ମ୍ୟ ଯଥା - ଏକାମ୍ର ପୁରାଣ, ଏକାମ୍ର ଚନ୍ଦ୍ରିକା ଏବଂ ସ୍ୱର୍ଣ୍ଣାଦ୍ରି ମହୋଦୟ ଉଲ୍ଲେଖନୀୟ। ଏଗୁଡିକ ପ୍ରତିଟି ମନ୍ଦିର, କିମ୍ବଦନ୍ତୀ, ସରୋବର ଓ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ବିଷୟରେ ସବିଶେଷ ବର୍ଣ୍ଣନା କରନ୍ତି। ଏହି ପୁସ୍ତିକାଗୁଡିକ ଲିଙ୍ଗରାଜ ମନ୍ଦିର ଭିତରର ଦେବାଳୟ ବିଷୟ ଉଲ୍ଲେଖ କରିଛନ୍ତି। ଏଗୁଡିକର ରଚନାକାଳ ଲିଖିତ ନାହିଁ, କିନ୍ତୁ ଏହା ବହୁପୂର୍ବର ତଥ୍ୟ ଦେଇଛନ୍ତି। ଭିତରର ପାଠକୁ ନେଇ ଏକାମ୍ର ପୁରାଣ ସର୍ବ ପୁରାତନ ବୋଲି ଧରି ନିଆଯାଏ, ତା ପର ସମୟର ସ୍ୱର୍ଣ୍ଣାଦି ମହୋଦୟ ଓ ଏକାମ୍ର ଚନ୍ଦ୍ରିକା। ଏହି ଏକାମ୍ର ପୁରାଣର ରଚନାକାଳ ୯୫୦ ରୁ ୧୧୫୦ ମଧ୍ୟରେ ହୋଇଥିବାର ଅନୁମାନ କରାଯାଏ।

ଏକାମ୍ର ପୁରାଣ କପିଳେଶ୍ୱରଙ୍କ ମାହାତ୍ମ୍ୟ ଉଦ୍ଧାର କରିଛନ୍ତି,ଏହାର ନିର୍ମାତା ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ର ଦେବ (୧୪୩୫ ରୁ ୧୪୬୭), କିନ୍ତୁ ଏକାମ୍ରପୁରାଣକୁ ଏହି ଅଧ୍ୟାୟଟି ପରବର୍ତ୍ତୀ ସମୟରେ ରଚିତ ହେବାର ଅନୁମାନ କରାଯାଏ।

ଏକାମ୍ର କ୍ଷେତ୍ର ଆଠଗୋଟି ତୀର୍ଥର ସମାହାର, ଏଗୁଡିକ ହେଉଛନ୍ତି - ବିନ୍ଦୁ ତୀର୍ଥ, ପାପନାଶିନୀ କୁଣ୍ଡ, ଯମୁନା ତୀର୍ଥ, କୋଟିତୀର୍ଥ, ବ୍ରହ୍ମକୁଣ୍ଡ, ମେଘ ତୀର୍ଥ, ରାମକୁଣ୍ଡ। ଏ ସବୁ ମଧ୍ୟରେ ବିନ୍ଦୁସାର ସର୍ବୋତ୍ତମ। ଏଥିରେ ସ୍ନାନ କରି ଭକ୍ତ ଅନନ୍ତ ବାସୁଦେବ, ଦେବୀପଦହରା ଓ ତ୍ରିଭୁବନେଶ୍ୱର ଦର୍ଶନଲାଭ କରନ୍ତି। ପାପନାଶିନୀରେ ସ୍ନାନ କରି ମିତ୍ରେଶ୍ୱର ଓ ବରୁଣେଶ୍ୱର ଦର୍ଶନ ମିଳିବ।

ସ୍ୱର୍ଣ୍ଣାଦ୍ରି ମହୋଦୟ ଓ ଏକାମ୍ର ଚନ୍ଦ୍ରିକା ଆଠ ଚଣ୍ଡୀଙ୍କ ବିଷୟରେ ରଚନା କରନ୍ତି - ରାମାୟଣୀ, କାପାଳିନୀ, ମୋହିନୀ, ବିନ୍ଧ୍ୟବାସିନୀ, ଅମ୍ବିକା, ଦ୍ୱାରବାସିନୀ, ଉତ୍ତରେଶ୍ୱରୀ ଓ ଗୌରୀ। ବିନ୍ଦୁସାଗରର ଚତୁର୍ପାର୍ଶ୍ୱରେ (ପଶ୍ଚିମରେ ଅମ୍ବିକା, ପୂର୍ବରେ ଦ୍ୱାରବାସିନୀ, ଉତ୍ତରରେ ଉତ୍ତରେଶ୍ୱରୀ ଓ ଗୌରୀ, ଦକ୍ଷିଣରେ ମୋହିନୀ ଓ ବିନ୍ଧ୍ୟାଗା।

ପ୍ରକୃତରେ ପ୍ରତି ରାଜବଂଶ ନିଜ ରାଜୁତିକାଳରେ କିଛିକିଛି ମନ୍ଦିର ନିର୍ମାଣ କରି ନିଜର ମର୍ଯ୍ୟାଦା ବଢାଇଛନ୍ତି। ଏହା ଅନେକାଂଶରେ ସମସାମୟିକ ଶିଳାଶିଳ୍ପର ଅଗ୍ରଗତି, ଶାସନର ଅବଧି ଆଉ ଆର୍ଥିକ ପରିସ୍ଥିତି ସହିତ ସମାନୁପାତିକ ଭାବରେ ରାଜନୈତିକ ସମୀକରଣ ସଠିକ ହୋଇ ନପାରେ, କିନ୍ତୁ ଷଷ୍ଠ ଶତାବ୍ଦୀର ଶତ୍ରୁଘ୍ନେଶ୍ୱରରୁ ଆରମ୍ଭକରି ଏକାଦଶ ଶତାବ୍ଦୀ ବେଳକୁ ଲିଙ୍ଗରାଜ ମନ୍ଦିର ପରି ଉତ୍କର୍ଷତାରେ ପହଞ୍ଚି ପାରିଲା ମନ୍ଦିର ତୋଳା। ଏହା ବି ପଞ୍ଚଦଶ ଶତାବ୍ଦୀ ବେଳକୁ କପିଳେଶ୍ୱର ମନ୍ଦିର ପରି ଶକ୍ତ ହୋଇପାରିଛି।

ଭୁବନେଶ୍ୱରର ଶିଳାଶିଳ୍ପ ଧର୍ମଗତ ସହିଷ୍ଣୁତା ପରିବେଷଣ କରେ। ଯେଉଁ ଖାରବେଳ ଜଣେ ଜୈନ, ସିଏ ବି ସବୁ ଦେବାଦେବୀ ମନ୍ଦିରର ସଂରକ୍ଷକ ବୋଲାନ୍ତି। ସେହି ପରି ଦଶମ ଶତାବ୍ଦୀରେ ଶକ୍ତ ଶୈବଯୁଗରେ



ବି ମୁକ୍ତେଶ୍ୱର ମନ୍ଦିର ଅନେକ ତୀର୍ଥଙ୍କର ମାନଙ୍କର ମୂର୍ତ୍ତି ଧାରଣକରେ ଆଉ ସୋମବଂଶୀ ଉଦ୍ୟୋତ କେଶରୀ ତୀର୍ଥଙ୍କର ଓ ଶାସନଦେବୀଙ୍କର ମୂର୍ତ୍ତିମନ୍ତ କରନ୍ତି ବାରଭୂଜା ଆଉ ନବମୁନୀ ଗୁମ୍ଫାଗୁଡିକୁ। ସେମିତି ବଡଗଡ ଭାସ୍କରେଶ୍ୱର ଆଉ ଭୁବନେଶ୍ୱରରେ ତାରା, ଲୋକନାଥ ଓ ହଲାହଲ ଲୋକେଶ୍ୱର ପ୍ରମାଣ କରେ ବୌଦ୍ଧଧର୍ମର ଉପସ୍ଥିତି। ଶୈବକ୍ଷେତ୍ରରେ ବି ଖୁବ୍ ସମ୍ମିଶ୍ରଣ ଘଟିଛି ବୈଷ୍ଣବୀୟ ଭାବଧାରାର। ଅନନ୍ତ ବାସୁଦେବ ହିଁ ଏହାର ଆଦର୍ଶ ଉଦାହରଣ। ସେଥିପାଇଁ କପିଳ ସଂହିତା ଏକାମ୍ରକୁ 'ହରିହରାତ୍ମକ କ୍ଷେତ୍ର' ଭାବରେ ନାମିତ କରନ୍ତି।

## ସପ୍ତମରୁ ଅଷ୍ଟାଦଶ ଶତାବ୍ଦୀର ଭୁବନେଶ୍ୱର -

ଷଷ୍ଠରୁ ସପ୍ତମ ଶତାବ୍ଦୀ ବେଳକୁ ଭୁବନେଶ୍ୱର ସନ୍ନିକଟ ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ସହିତ ଶୈଳୋଦ୍ଭବ ରାଜ୍ୟସୀମା ମଧ୍ୟରେ ଥିଲା। ଏହାର ପ୍ରମାଣ ଭୁବନେଶ୍ୱରର କେତେଗୋଟି ଆଦ୍ୟ ମନ୍ଦିର। ଅଷ୍ଟମ-ନବମ ଶତାବ୍ଦୀରେ ଭୌମକର ରାଜୁତି ଉପକୂଳ ଓଡିଶାର ମେଦିନିପୁରରୁ ଗଞ୍ଜାମ ପର୍ଯ୍ୟନ୍ତ ବ୍ୟାପ୍ତଥିଲା। ଭୁବନେଶ୍ୱରେ ସେମାନଙ୍କର ଉପସ୍ଥିତି ଧଉଳିରେ ଓ ଖଣ୍ଡଗିରି ଉଦୟଗିରି ଗଣେଶ ଗୁମ୍ଫାରେ ଦେଖିବାକୁ ମିଳେ। ଭୌମକର ରାଜଧାନୀ ଥିଲା ବିରଜା ସନ୍ନିକଟ ଗୁହଶିବ ପାଟକ। ଶାନ୍ତିକରଦେବଙ୍କର ତାମ୍ରଫଳକରୁ ପ୍ରମାଣ ମିଳେ କି ବିରଜା ଓ ଏକାମ୍ର ସେ ସମୟର ପ୍ରଧାନ ପର୍ଯ୍ୟଟନ କ୍ଷେତ୍ର ଥିଲା। ସୋମବଂଶୀ ଶାସନ ଆରମ୍ଭ ହୁଏ ୮୮୦ ଖ୍ରୀଷ୍ଟାବ୍ଦରୁ, ସୁଦୂର ସୁବର୍ଣ୍ଣପୁରରୁ ଜନ୍ମେଜୟ ଏକାମ୍ର ସମେତ ଉପକୂଳ ଓଡିଶା ଜୟ କରି ତାଙ୍କ ଯଯାତିଙ୍କ ସମୟକୁ କୋଶଳ ଓ ଉତ୍କଳର ମିଶ୍ରଣ ଘଟେ। ବ୍ରହ୍ମେଶ୍ୱର ମନ୍ଦିର ସ୍ମରଣିକା ଲିପି ଏହା ଉଦ୍ୟୋତ କେଶରୀଙ୍କ ମାତା କୋଳାବତୀ ଦେବୀଙ୍କ ଦ୍ୱାରା ନିର୍ମିତ ହେବାର ପ୍ରମାଣ ସିଦ୍ଧକରେ। ସୋମବଂଶୀ ଶାସକ ମାନଙ୍କ କୀର୍ତ୍ତି ଆଜିର ମୁକ୍ତେଶ୍ୱର, ରାଜରାଣୀ, ବ୍ରହ୍ମେଶ୍ୱର ଓ ଲିଙ୍ଗରାଜ ମନ୍ଦିର ସାବ୍ୟସ୍ତ କରନ୍ତି। ତା ପରେ ଗଙ୍ଗବଂଶୀ ଚୋଡଗଙ୍ଗ ଆସି ନିଜର ଶିଳାଲିପିରେ ନିଜର ଉପସ୍ଥିତି ଜାହିର କରନ୍ତି ଲିଙ୍ଗରାଜ, କେଦାରେଶ୍ୱର, ମେଘେଶ୍ୱର ଓ ଅନନ୍ତ ବାସୁଦେବ ମନ୍ଦିରରେ। ଏହି ରାଜବଂଶ ପରେ ସୂର୍ଯ୍ୟବଂଶୀ କପିଳେନ୍ଦ୍ର ଦେବଙ୍କର ରାଜ୍ୟାଭିଷେକ ହୁଏ କୃତ୍ତିବାସ-କଟକ (ଏକାମ୍ର)ରେ। ଲିଙ୍ଗରାଜ ମନ୍ଦିର ଜଗମୋହନ କପିଳେନ୍ଦ୍ର ଓ ପୁତ୍ର ପୁରୁଷୋତ୍ତମଙ୍କର ଶିଳାଲିପି ଧାରଣ କରିଛି; ବିଶେଷକରି ପୁରୁଷୋତ୍ତମ ଗଜପତିଙ୍କର ଓଡିଆ ଲିଖନ ସୂଚାଇ ଦିଏ, ସେ ଭୁବନେଶ୍ୱରରେ ଏକ ରାଜକୀୟ ଶିବିର ବା ରାଜଗୃହରେ ବାସ କରୁଥିଲେ। ଭୁବନେଶ୍ୱରବାସୀ ଲିଙ୍ଗରାଜ ମନ୍ଦିର ଦକ୍ଷିଣରେ ଆଗରୁ ରହିଥିବା ପୁରାତନ ମାଟି କୁଦକୁ ରାଜନିବାସ ବୋଲି ଧାରଣା କରନ୍ତି। ଗଜପତି ପ୍ରତାପରୁଦ୍ର ଶାସନ କାଳରେ ଶ୍ରୀ ଚୈତନ୍ୟଙ୍କ ଏକାମ୍ର ଆଗମନ, ବିନ୍ଦୁସାଗର ସ୍ନାନ, ଲିଙ୍ଗରାଜ ଦର୍ଶନ ଚୈତନ୍ୟ ଚରିତାମୃତରେ ବର୍ଣ୍ଣିତ।

ପରବର୍ତ୍ତୀ କାଳରେ ୧୫୬୮ ମସିହାରେ ଓଡିଶାର ଆଫଗାନ ଅଧିକାର, ମୋଗଲ ଅଧିକାର, ଖୋରଧା ଗଡର ଜାଗରଣ, ମାନସିଂହଙ୍କର ଓଡିଶା ଆଗମନ, ମୋଗଲ ସୁବାଦାର କର୍ତ୍ତୃକ ଓଡିଶା ଶାସନକାଳରେ ଭୁବନେଶ୍ୱର ନିର୍ଜୀବ ଭାବରେ ସେନା ଅବା ସୁବାଦାରଙ୍କର ଅଶ୍ୱଧାବନରେ ପୀଡିତ ହେଉଥିଲେ ବି ନିଜର ମନ୍ଦିର ମାଳା ନିମନ୍ତେ ପର୍ଯ୍ୟଟନ କ୍ଷେତ୍ରର ମର୍ଯ୍ୟାଦାରେ ସୀମିତ ହୋଇ ରହୁଥିଲା। ହିନ୍ଦୁ ମରହଟ୍ଟା ଶାସନରେ ଭୁବନେଶ୍ୱର କି ସ୍ୱାଦ ଚାଖିଛି, ଜଣାଯାଏନି।

## ୧୮୦୩ ମସିହା ପରର ଭୁବନେଶ୍ୱର -

ଅକ୍ଟୋବର ୧୪ ତାରିଖ ୧୮୦୩ ମସିହାରେ ଇଂରେଜମାନେ ଓଡିଶା ଦଖଲ କଲେ ଏବଂ ରଘୁଜୀ ଭୋସଲେ କଟକ ଓ ବନ୍ଦର ସହିତ ବାଲେଶ୍ୱର ଜିଲ୍ଲା ଇଂରେଜକୁ ହସ୍ତାନ୍ତର କଲେ।

ବାରବର୍ଷ ପରେ ୧୮୧୫ ମସିହାରେ ତତ୍କାଳୀନ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ କଲିନ୍ ମାକେଞ୍ଜି ଭୁବନେଶ୍ୱରର ମୂର୍ତ୍ତିଗୁଡିକର ଛବି ଆଙ୍କିଲେ। ଆଣ୍ଡ୍ରିଉ ଷ୍ଟାର୍ଲିଂ ସେ ସମୟରେ ୧୮୨୨ ମସିହା ପର୍ଯ୍ୟନ୍ତ ଓଡିଶାରେ ରହିଥିଲେ। ସେ ଭୁବନେଶ୍ୱର ଆସି ଭୁବନେଶ୍ୱର ବିଷୟରେ କିଛି ସାରଗର୍ଭକ ବର୍ଣ୍ଣନା କରିଛନ୍ତି -

"... ଧ୍ୱସ୍ତ ସହର, କେବଳ ପରିତ୍ୟକ୍ତ ଓ ଭଙ୍ଗରୁଜା ମନ୍ଦିର ଯାହା କି ମହାଦେବଙ୍କ ପୂଜା ନିମିତ୍ତ ଅସୁମାରି ନାମରେ ଏବଂ ଅବିଶ୍ୱାସଯୋଗ୍ୟ କିମ୍ବଦନ୍ତୀ ଅବା ଭକ୍ତ ମାନଙ୍କର ପ୍ରଶଂସା ବହନ କରି ପୂଜିତ। ସେ ସବୁ ମଧ୍ୟରୁ ଲିଙ୍ଗରାଜଙ୍କର ବିଶାଳ ମନ୍ଦିରଟି ନିଜ କଳେବର ସହିତ ଅତି ସୁନ୍ଦର କାରୁକାର୍ଯ୍ୟରେ ଭୂଷିତ।"

ଆଣ୍ଡ୍ରିଉ ଏଇଟି ସିନା ଏସିଆଟିକ୍ ରିସର୍ଚ୍ଚେସ୍ (୧୮୨୫)ରେ ପ୍ରକାଶ କଲେ, କିନ୍ତୁ ଆମର ଆଶାରେ ରହିଗଲା ଇଂରେଜଙ୍କର କିଛିଟା

ମନ୍ଦିର ଉଦ୍ଧାର ଅଭିଳାଷ ? ସେଇ ବି ଆହୁରି ଲେଖିଛନ୍ତି,

"ଏହି ଲିଙ୍ଗରାଜ ମନ୍ଦିର ପାଖରେ ଠିଆ ହେଲେ, ଜଣେ ନିଜର ପାଖରେ ଥିବା ୩୦-୫୦ ମନ୍ଦିର ଆଡକୁ ଦୃଷ୍ଟି ନ ବଦଳାଇ ନିର୍ନିମେଷ ନୟନରେ ଚାହିଁ ଲିଙ୍ଗରାଜ ମନ୍ଦିରକୁ ହିଁ ଚାହିଁ ରହିଥିବ।"

୧୮୩୭ରେ ଜେମ୍ସ ଫର୍ଗୁଶନ୍ ଭୁବନେଶ୍ୱର ପରିଦର୍ଶନ କରି ନିଜର ଟିପ୍ପଣୀ ଦେଇଛନ୍ତି, "ଭାରତରେ ଅନେକ ଏମିତି ମନ୍ଦିର ଅଛି, ଆହୁରି ଅଧିକ ଅଳଙ୍କୃତ ଓ ସୁନ୍ଦର କୁହାଯାଇପାରେ, ମାତ୍ର ମୁଁ ଜାଣିବାରେ କୌଣସିଟି ଲିଙ୍ଗରାଜ ପରି ପ୍ରଭାବଶାଳୀ ହୋଇ ପାରିବନି, ମନରେ ଅବିସ୍ମୃତ ଗାଢ ଛାପ ଦେଇ ପାରିବନି କାରଣ ଏହାର ଚତୁଷ୍ପାର୍ଶ୍ୱରେ ଅସଂଖ୍ୟ ସାନ ସାନ ଏପରିକି ଆଧୁନିକ ମନ୍ଦିର ରହିଛି ଏବଂ ଏହା ଗୋଟିଏ ମୂଲ୍ୟବାନ ସୁଶୋଭିତ ବାତାବରଣରେ ସ୍ଥାନିତ, ଯାହାକି ହିନ୍ଦୁସ୍ଥାନରେ କେଉଁଠି ନାହିଁ କାରଣ ଭାରତର ସମସ୍ତ ମନ୍ଦିର ମିଶାଇଦେଲେ ଯେତେ ହେବ ତାଠାରୁ ଅଧିକ ଆଧୁନିକ ମନ୍ଦିର ଏହି ଭୁବନେଶ୍ୱରରେ ଅଛି।"

ଉନବିଂଶ ଶତାବ୍ଦୀରେ ଭୁବନେଶ୍ୱରର ଆଉ ଜଣେ ପ୍ରଶଂସକ ରେଭରେଣ୍ଡ ଏଫ୍.ବି.ଲୋରି ବହୁତ କଥା କହିଯାଇଛନ୍ତି. । ସେ ପଶ୍ଚିମଦିଗକୁ ଖଣ୍ଡଗିରିମୁହାଁ ହୋଇ ଯିବାବେଳେ ଦୁଇ ତିନି ମାଇଲ ଦୂରତ୍ୱରୁ ଏହି ଲିଙ୍ଗରାଜ ମନ୍ଦିରର ଭୂୟସୀ ପ୍ରଶଂସା କରି ଏହାର ଆଡମ୍ବରପୂର୍ଣ୍ଣ ଚେହେରା କିପରି ଭୂମିରୁ ଆକାଶ ସ୍ପର୍ଶ କରୁଛି ଲେଖିଛନ୍ତି।

୧୮୬୮ ମସିହାରେ ରାଜେନ୍ଦ୍ରଲାଲ ମିତ୍ର ଓଡିଶା ଆସି ଭୁବନେଶ୍ୱର ଓ ଆଖପାଖ ବସତିଗୁଡିକ ଉପରେ ନିଜର ମତାମତ ଦେଇଛନ୍ତି - ଭୁବନେଶ୍ୱର ପରି ଖୋଲାଫାଙ୍କା ବିଶାଳ ଅଞ୍ଚଳରେ ଘର ସଂଖ୍ୟା ଅତି ନଗଣ୍ୟ - ମାତ୍ର ୭୧୬ ମଧ୍ୟରୁ ୨୪୯ କପିଳେଶ୍ୱରରେ। ୧୮୭୨ ମସିହାରେ ଜନଗଣନା ଜଣାଏ ଆଦିମ କାଳରୁ ଭୁବନେଶ୍ୱର ମୁଖ୍ୟତଃ ପୂଜକ-ବ୍ରାହ୍ମଣମାନଙ୍କ ବସତି, ସେଇ ବର୍ଷ ଜନସଂଖ୍ୟା ୩,୯୨୬। ସେମାନଙ୍କ ମଧ୍ୟରୁ ୮୬୨ ଜଣ ବୃତ୍ତିଗତ ପୂଜକ ଥିଲେ। ଅନ୍ୟ ଜାତିର ଲୋକ ବି ଥିଲେ। ଭୁବନେଶ୍ୱରରେ ମୁସଲମାନ ନଥିଲେ, ମାତ୍ର ସେମାନେ ସହରତଳି ଅଞ୍ଚଳରେ କିଛି ମାତ୍ରାରେ ଥିଲେ। କପିଳେଶ୍ୱର ଭୁବନେଶ୍ୱର ଅପେକ୍ଷା ଅଧିକ ସମୃଦ୍ଧିଶାଳୀ ଥିଲା। ନିଜର ଭୁବନେଶ୍ୱରକୁ ନିଛାଟିଆ, ଶିଳ୍ପହୀନ ଅଣବ୍ୟବସାୟୀ ପୂଜକ ବୃତ୍ତିର ବସତି ବୋଲି କହିବା ସହିତ ମିତ୍ର ପରୋକ୍ଷରେ ସ୍ୱୀକାର କରିଛନ୍ତି କି ଏହା ପୂର୍ବତନ ବିରଳ କୃତୀରେ ସମୃଦ୍ଧ ମୂଲ୍ୟବାନ ପୀଠ।

୧୯୦୦ ମସିହାରୁ ବେଙ୍ଗଲ-ନାଗପୁର ରେଳ ଯୋଗାଯୋଗ ଭୁବନେଶ୍ୱରକୁ ଗମନାଗମନର ବାଟ ଖୋଲିଲା। ୧୯୦୮ ମସିହାର ଓ' ମାଲିଙ୍କ ଦ୍ୱାରା ପ୍ରକାଶିତ ପୁରୀ ଜିଲ୍ଲା ଗେଜେଟିୟର ଭୁବନେଶ୍ୱରକୁ ଗୋଟିଏ ରାଜସ୍ୱ ଗ୍ରାମ ବୋଲି ଦର୍ଶାଇ ଏଥିରେ କପିଳେଶ୍ୱର ଓ ବଡଗଡର ଆଂଶିକ ଅନ୍ତର୍ଭୁକ୍ତ କରାଯାଇଛି। ଏହାର ପରିସୀମା ରାମେଶ୍ୱର ମନ୍ଦିରରୁ କପିଳେଶ୍ୱର ଓ ପୂର୍ବରେ ବ୍ରହ୍ମେଶ୍ୱର ମଧ୍ୟରେ ରାଜସ୍ୱ ହିସାବରେ ଥିଲେ ବି ପର୍ଯ୍ୟଟକଙ୍କ ପାଇଁ ସେଇ ବର୍ଣ୍ଣନା-ପୂର୍ବରେ ଟଙ୍କପାଣିର କୁଣ୍ଡଳେଶ୍ୱର, ପଶ୍ଚିମରେ ଖଣ୍ଡାଚଳ, ଉତ୍ତରରେ ନୂଆପଲ୍ଲୀର ବଳହାଦେବୀ ମନ୍ଦିର ଓ ଦକ୍ଷିଣରେ ଧଉଳିର ବହିରଙ୍ଗେଶ୍ୱର ମନ୍ଦିର। ୧୯୦୮ ରେ ଭୁବନେଶ୍ୱରରେ ଗୋଟିଏ ଡିସପେନସାରି, ମଧ୍ୟ ଇଂରାଜୀ ବିଦ୍ୟାଳୟ, ପୋଲିସ୍ ଆଉଟପୋଷ୍ଟ, ପୋଷ୍ଟ ଅଫିସ୍, କାନୁନଗୋ ଅଫିସ୍ ଓ ଦୁଇଟି ଡାକବଙ୍ଗଳା (ଡିଷ୍ଟ୍ରିକ୍ଟ ବୋର୍ଡ ଓ ପି.ଡବଲ୍ୟୁ.ଡି) ରହିଥିଲା। ଭୁବନେଶ୍ୱରକୁ ପ୍ରାୟ ପୁରୀ ଫେରନ୍ତା ଯାତ୍ରୀ ଆସୁଥିଲେ, ରହିବାପାଇଁ ବି କିଛି ଲଜିଂ ରହିଥିଲା। ଲିଙ୍ଗରାଜ ମନ୍ଦିର ପାଖରେ ମନ୍ଦିରର ଅଫିସ୍ ରହିଥିଲା।

## ନୂଆ ରାଜଧାନୀ ଭୁବନେଶ୍ୱର -

୧୯୩୬ ମସିହାରୁ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ୧୯୪୬ ପର୍ଯ୍ୟନ୍ତ ନିଜର ରାଜଧାନୀ କଟକରୁ ସମାହିତ କରୁଥିଲା, ମାତ୍ର ଦଶ ବର୍ଷ ଧରି ଗୋଟିଏ ନୂତନ ରାଜଧାନୀର ସନ୍ଧାନରେ ରହିଥିଲା, ଯାହାକି ତଦାନୀନ୍ତନ ଓଡିଶାର ପ୍ରଧାନମନ୍ତ୍ରୀ (ମୁଖ୍ୟମନ୍ତ୍ରୀ) ହରେକୃଷ୍ଣ ମହତାବ ୧୯୪୬ ସେପ୍ଟେମ୍ବର ୩୦ରେ ଘୋଷଣା କଲେ, 'ସବୁ ଦୃଷ୍ଟିରୁ ଓଡିଶାର ରାଜଧାନୀ ପାଇଁ ଭୁବନେଶ୍ୱର ହିଁ ସର୍ବୋତ୍କୃଷ୍ଟ ସ୍ଥାନ'। ଭାରତର ପ୍ରଧାନମନ୍ତ୍ରୀ ନେହେରୁ ଅପ୍ରେଲ ମାସ ୧୩ ତାରିଖ ୧୯୪୮ ମସିହାରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କଲେ, ଏବଂ ଭାଷଣରେ କହିଥିଲେ, "ଏହା ବହୁ ପ୍ରାସାଦର ସରକାରୀ କର୍ମଚାରୀ ଓ ଧନୀଲୋକ ମାନଙ୍କର ଏକ ସହର ହେବନି, ବରଂ ଧନୀ-ଗରିବ ବିଭେଦ ହ୍ରାସ ପାଇ ସାଧାରଣ ଲୋକଙ୍କର ବସତି ହେବ। ନୂତନ ଭୁବନେଶ୍ୱର ଏକ ସୁନ୍ଦର ସହର ହେବ।"

କନିଗ୍ସବର୍ଗରଙ୍କ ନକ୍ସା ଅନୁସାରେ ଭୁବନେଶ୍ୱର ନିର୍ମାଣ ଆଗେଇ ଚାଲିଲା। ରାଜଧାନୀ ଖୋଳା ଗାତରୁ ବହୁ ପୁରାତନ ଧ୍ୱଂସାବଶେଷ ମିଳିଲା। ଆନନ୍ଦର ସହିତ ମହତାବ ନେହେରୁଙ୍କ ପାଖକୁ ଲେଖିଥିଲେ, "ଏହା ନିଶ୍ଚିତ ଯେ ଆଜିର ନିର୍ମାଣାଧୀନ ରାଜଧାନୀ ତଳେ ଅତୀତରେ ଆଉ ଗୋଟିଏ ରାଜଧାନୀ ରହିଥିଲା।"

ନୂତନ ରାଜଧାନୀ ଭୁବନେଶ୍ୱର ଆଜି ସତୁରି ବର୍ଷ ପୂରିବା ପୂର୍ବରୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ମାର୍ଟ ସିଟିର ମାନ୍ୟତା ଏହି ଭୂମିର ଯୋଗ୍ୟତା ପ୍ରତିପାଦନ କରେ।

**ଅବଲମ୍ବନ -**


୧. ସ୍ୱର୍ଣ୍ଣାଦ୍ରି ମହୋଦୟ
୨. ଏକାମ୍ର ଚନ୍ଦ୍ରିକା,
୩. ଏକାମ୍ର ପୁରାଣ
୪. ମତ୍ସ୍ୟ ପୁରାଣ
୫. ବ୍ରହ୍ମ ପୁରାଣ
୬. ଶିବ ପୁରାଣ
୭. ହଷ୍ଟୋରି ଅଫ୍ ଓଡିଶା, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ,
୮. ସାରଳା ମହାଭାରତ
୯. ଆର୍ଚିଓଲଜିକାଲ୍ ରିମେନ୍ସ ଅଫ୍ ଭୁବନେଶ୍ୱର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ



ଡା. ଇନ୍ଦ୍ରମଣି ଜେନା,
ସମରୋହ, ୧୨୮, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ - ୯୪୩୮୦୦୭୫୦୯

# କିମ୍ବଦନ୍ତୀ ଓ ଲୋକକଥାର ସହର - ଭୁବନେଶ୍ୱର

*ତନୟା ଜେନା*

ସବୁ ସ୍ଥାନରେ କିଛି ନା କିଛି ମଜାଦାର ଗପ ରହିଛି, ଯାହାକି ସେ ଅଞ୍ଚଳର ପ୍ରାଧାନ୍ୟ ଦର୍ଶାଇଥାଏ। ଇତିହାସର କ୍ରମକୁ ନେଇ ଗପଟି ଏମିତି ଚୁମ୍ବକରେ ସଜା ହୋଇଥାଏ ଯେ, ନଶୁଣିଲା ଲୋକର ବି ଆଗ୍ରହ ବଢିବ, ନଜାଣିଲା ଲୋକର ଉତ୍କଣ୍ଠା ବଢିବ ଓ ଜାଣିବା ବୁଝିବା ଲୋକ ବି ଗ୍ରହଣ କରିଯିବେ। ତଥାପି ସତମିଛର ଦ୍ୱନ୍ଦ୍ୱରେ ଅବିଶ୍ୱାସର ବାତାବରଣରେ କିମ୍ବଦନ୍ତୀ ଅବା ଲୋକକଥା ବଞ୍ଚିରହେ, ଦିନକୁ ଦିନ ଅଧିକ ପରିପୃଷ୍ଟ ହୁଏ।

ଏମିତି କିମ୍ବଦନ୍ତୀରେ କେଉଁଠି ପ୍ରେମର ବିସ୍ମୟକର ଉପାଦାନ ତ କେଉଁଠି ମାତୃଭୂମି ପାଇଁ ଆତ୍ମତ୍ୟାଗର ଉଦାହରଣ, କେଉଁଠି ଜଙ୍ଗଲରେ ବିସ୍ମୟକର ଘଟଣା ତ କେଉଁଠି ସାକ୍ଷାତ୍ ଦେବଦେବୀଙ୍କର ଆବିର୍ଭାବ।

ଏହି କିମ୍ବଦନ୍ତୀ ବ୍ୟତୀତ ଅନେକ ସ୍ଥାନରେ ଠାକୁର, ଜଙ୍ଗଲ ବା ଜୀବଯନ୍ତୁଙ୍କୁ ନେଇ ଲୋକକଥା ଶୁଣାଯାଏ। ଭୁବନେଶ୍ୱର ପରି ତିନି ସହସ୍ରାବ୍ଦର ଘଟଣାବହୁଳ ଅଞ୍ଚଳରେ କେତେ କେତେ ରାଜନୈତିକ ଯୁଦ୍ଧ ଘଟିଛି, କେତେ ନଭଶ୍ଚୁମ୍ବୀ ମନ୍ଦିର ତୋଳା ଯାଇଛି, ସବୁ ମନ୍ଦିର, ପୁଷ୍କରିଣୀ ବା ଝାଡ ଜଙ୍ଗଲ ବିଷୟରେ କିଛି ନା କିଛି ଲୋକକଥା ରହିଛି।

ଆଜି ସିନା ସହର ବଢି ଚାଲିଛି, ବିଦ୍ୟୁତକରଣ ଗାଁଗଣ୍ଡାକୁ ମାଡି ଗଲାଣି, ଜୀବନଶୈଳୀ ବଦଳି ଗଲାଣି, ଆଉ ଆଈ ନାତୁଣୀ ଏକାଠି ନାହାନ୍ତି, ଥିଲେ ବି ଆଈ ପାଖରେ ଲୋକକଥା ନାହିଁ କି ନାତୁଣୀକୁ ବେଳ ନାହିଁ ଶୁଣିବାକୁ। ପିଲାଦିନରେ ଆଈମାକୁ କଥାଟିଏ କହିବାକୁ ଅଳି କରୁଥିବା ନାତି ନାତୁଣୀମାନେ ଆଜି ଖେଳ କି ପଢାସ୍କୁଲର ବସ୍ତାନି ଭାରରେ ଅଣନିଶ୍ୱାସୀ। ସମୟ ସହିତ ପିଲାମାନେ ବି ଭାଷାଭିତ୍ତିକ ମାତୃଭାଷାର ଉଜାଣି ସୁଅରେ ପଢୁଛନ୍ତି, ଲୋକକଥା ବୁଝି ପାରିବେ କି ନା ସନ୍ଦେହ।

ନୂଆ କିମ୍ବଦନ୍ତୀ ବା ଲୋକ କଥା ସିନା ହୋଇ ପାରୁନି, ମାତ୍ର ଅନେକ କିମ୍ବଦନ୍ତୀ ଓ ଲୋକକଥା ରହିଛି। ଏଗୁଡିକ ଭୁବନେଶ୍ୱର ସହିତ ଏମିତି ଅଙ୍ଗାଙ୍ଗୀଭାବରେ ଜଡିତ, ଯାହାକୁ କଦାପି ସମୟ ଲିଭାଇ ଦେଇପାରିବ ନାହିଁ।

## କିମ୍ବଦନ୍ତୀମୟୀ ଏକାମ୍ରନଗରୀ

### ସତ୍ୟ-ତ୍ରେତା ଯୁଗରୁ ଶୈବ-ବୈଷ୍ଣବ ଧାରାର ଏକାମ୍ର-

ମଧ୍ୟଯୁଗର ସେହି ଐତିହାସିକ ଉତ୍ତୁଙ୍ଗ ମନ୍ଦିରମାଳିନୀ ଏକାମ୍ର କ୍ଷେତ୍ର ଆଜିର ସୁରମ୍ୟ ସୌଧମାଳିନୀ ଭୁବନେଶ୍ୱର। ଏବେ ସାଜିଛି ସମଗ୍ର ରାଜ୍ୟ ପ୍ରଶାସନର ହୃତ୍‌ପିଣ୍ଡ। କ୍ରମବର୍ଦ୍ଧିଷ୍ଣୁ ଏହି ନଗରୀର ଭୌତିକ ବିକାଶ ସହିତ ରହିଛି ଅତୀତର ଧର୍ମ ସଂସ୍କୃତି ଓ ଆଧ୍ୟାତ୍ମିକ ଅଭିଜ୍ଞତା। ଯାହାର ଅବଧି ତିନି ସହସ୍ରାବ୍ଦରୁ ବି ଅଧିକ ହୋଇପାରେ। ଏହି ଶୈବକ୍ଷେତ୍ରର କ୍ଷେତ୍ରାଧିପତି ମହାପ୍ରଭୁ ଲିଙ୍ଗରାଜ, ଅନ୍ୟତମ ମୁଖ୍ୟ ଉପାସ୍ୟ ହେଉଛନ୍ତି ଅନନ୍ତ ବାସୁଦେବ। ଶତଶତ ଶିବ ମନ୍ଦିର ମଧ୍ୟରେ ଏକମାତ୍ର ବିଷ୍ଣୁ ମନ୍ଦିର ଯାହାକି ପ୍ରମାଣତଃ ଶିବ ବୈଷ୍ଣବଙ୍କ ମଧ୍ୟରେ ଉଦାହରଣ। ତେଣୁ ଐତିହାସିକ ତଥ୍ୟ ସହିତ ପୌରାଣିକ କିମ୍ବଦନ୍ତୀର ସମସ୍ତ ଦିଗରୁ ଆଲୋଚନା ଆବଶ୍ୟକ।

କପିଳ ସଂହିତାରେ ରଚିତ -

**"ଏକାମ୍ରଂ ପରମଂ ପୁଣ୍ୟଂ**
**ବନଂ ବିଷ୍ଣୁପ୍ରିୟଂ ମହତ୍ ।୨।**
**ଏକାମ୍ରେତୁ ଜଗନ୍ନାଥୋ**
**ଭାତି ପାଷାଣ ଲୀଳୟା ।୩।"**

ପରମ ପୁଣ୍ୟଧାମ ଏକାମ୍ର କାନନ ବିଷ୍ଣୁଙ୍କର ପ୍ରିୟସ୍ଥାନ ଏବଂ ସାକ୍ଷାତ୍ ବୈକୁଣ୍ଠ। ଏଠାରେ ଶଙ୍ଖଚକ୍ରଗଦାପଦ୍ମଧାରୀ ବନମାଳା ବିଭୂଷିତ ଜଗନ୍ନାଥ ପାଷାଣଲୀଳା ବିଗ୍ରହ ଭାବରେ ବିଦ୍ୟମାନ। କିନ୍ତୁ ତ୍ରେତାଯୁଗରୁ ଏହା ଶୈବ କ୍ଷେତ୍ରର ମାନ୍ୟତା ପାଇଛି।

ସମୟ ଆସିଛି, ବାରାଣସୀଧାମ ଜନାକୀର୍ଣ୍ଣ ହୋଇପଡିଛି। ଶିବଙ୍କର ଜପତପରେ ଶାନ୍ତିଭଗ୍ନ ହେଉଛି। ନାରଦଙ୍କୁ ଅନୁରୋଧ କରୁଛନ୍ତି ସାରା ଜଗତ ମଧ୍ୟରେ ତପସ୍ୟାସ୍ଥଳୀଟିଏ ଖୋଜିବାକୁ।

ପରମ ବୈଷ୍ଣବ ନାରଦ ଏକାମ୍ରକ ବନର ସନ୍ଧାନ ଦେଇ କହିଛନ୍ତି, ବାସୁଦେବଙ୍କ ଏକାମ୍ର ଗୁହ୍ୟସ୍ଥାନ ଶିବ ବ୍ରହ୍ମାଙ୍କୁ ବି ଅଗୋଚର। ଏମିତି କି ସ୍ତ୍ରୀ ଲକ୍ଷ୍ମୀ ବି ଏହି ଗୁପ୍ତ ରହସ୍ୟ ଭେଦ କରିପାରି ନାହାନ୍ତି। ସ୍ୱୟଂ ବାସୁଦେବ, ଶଯ୍ୟାରୂପୀ ଶେଷଦେବ ଓ ନାରଦଙ୍କ ବ୍ୟତୀତ ଇନ୍ଦ୍ର କି ଅନ୍ୟ କୌଣସି ଦେବତା ଏହା ଜାଣନ୍ତି ନାହିଁ।

ସଦାଶିବ ଏକାମ୍ର ଯାତ୍ରାକରି ବାସୁଦେବଙ୍କୁ 'ସ୍ୱସ୍ଥାନଂ ଦେହି' ବୋଲି ସ୍ଥାନଟିଏ ପାଇଁ ପ୍ରାର୍ଥନା କରିଥିଲା। କିନ୍ତୁ ବାସୁଦେବ ଚାହିଁଲେ ଗୋଟିଏ ସର୍ତ୍ତ। ଆଉ କାଶୀ ନଯାଇ ସଦାଶିବ ଏହି ଏକାମ୍ରରେ ସର୍ବଦା ଅବସ୍ଥାନ କରିବେ।

ଦ୍ୱିଧାରେ ପଡିଗଲେ ଶିବ । ନିଜର ପ୍ରିୟ ଗଙ୍ଗା ଓ ମଣିକର୍ଣ୍ଣିକା ତୀର୍ଥ ତ୍ୟାଗକରି ଏଠାରେ କିପରି ରହିଯିବେ !

ମନ ଭେଦ କଲେ ବାସୁଦେବ । ନିରବତା ଭଙ୍ଗ କରି କହିଲେ – ମୋ ଆଗରେ ଗୁଳ୍ମଲତା ଆଚ୍ଛାଦିତ ପାପନାଶିନୀ ମଣିକର୍ଣ୍ଣିକା । ପୁଣି ଏକାମ୍ରର ଅଗ୍ନି କୋଣରେ ଗଙ୍ଗାଯମୁନା ସମ ନଦୀ ପ୍ରବାହିତ ।

କୃତ୍ୟକୃତ୍ୟ ହେଲେ ଶିବ । ମୁଖରେ ତାଙ୍କର ପ୍ରସନ୍ନତା । ପରିପୂର୍ଣ୍ଣ ହେଲା ମନବାଞ୍ଛା । କହି ଉଠିଲେ –

**"ଏକାମ୍ର ବିପିନେ ସ୍ଥାସ୍ୟେ ସନ୍ନିହିତେ ପ୍ରଭୋ,**
**ସତ୍ୟଂ ସତ୍ୟଂ ପୁନଃ ସତ୍ୟଂ ନ ଯାମି ଚ କୁତ୍ରଚିତ୍ ।।"**

କହି ଉଠିଲେ – ଅଙ୍ଗୀକାର କଲି ବାସୁଦେବ । ବାରାଣସୀ ଛାଡିଲି । ଏଇଠି ରହିବି ।

ଗଢି ଉଠିଲା କୋଟିଲିଙ୍ଗେଶ୍ୱର ତ୍ରିଭୁବନେଶ୍ୱର । କ୍ଷେତ୍ରାଧିପତି ମହାପ୍ରଭୁ ଲିଙ୍ଗରାଜ, ପରିପାଳକ ବାସୁଦେବ । ଦାରୁବ୍ରହ୍ମ ଜଗନ୍ନାଥ ନୀଳାଦ୍ରିରେ ବିଜେ କଲା ପୂର୍ବରୁ ଏକାମ୍ରରେ ବାସୁଦେବ ବିରାଜିଲେ ।



## ଅବନ୍ତୀର ବିଦ୍ୟାପତି, ଇନ୍ଦ୍ରଦ୍ୟୁମ୍ନଙ୍କ ଏକାମ୍ର ପୁରୁଷୋତ୍ତମ-

ଅବନ୍ତୀବାସୀ ବ୍ରାହ୍ମଣ ବିଦ୍ୟାପତି ଜମ୍ବୁଦ୍ୱୀପର ପୂର୍ବାନ୍ତରେ ଉତ୍କଳ ରାଜ୍ୟରେ ନୀଳଗିରି ପର୍ବତରେ ନୀଳକାନ୍ତ ମଣିମୟ ଭଗବାନ ବାସୁଦେବଙ୍କ ସନ୍ଧାନରେ ଆସିଥିଲେ । ରାସ୍ତାରେ ଏକାମ୍ରକାନନ ଅତିକ୍ରମ କଲାବେଳେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । କାରଣ ଏଠିକାର ସବୁ ମଣିଷ ତାଙ୍କୁ ଶଙ୍ଖଚକ୍ରଗଦାପଦ୍ମଧାରୀ ରୂପରେ ଦେଖାଗଲେ । ଅନୁଭବ କଲେ, ଜନ୍ମାନ୍ତର ହୋଇଗଲା କି ତାଙ୍କର !

ନା, ଏହା ସ୍ଥାନର ମହାତ୍ମ୍ୟ ! ଏଠାରେ ସର୍ବ ବିଷ୍ଣୁମୟ । ଏମିତି ବିଦ୍ୟାପତି ବିଷ୍ଣୁଙ୍କର ଅନୁଭବ ନେଇ ଏକାମ୍ରକ ଅତିକ୍ରମ କଲେ ।

ଏହାପରେ ନିଜର ଦଳ ସହିତ ଉପନୀତ ହୋଇଛନ୍ତି ଅବନ୍ତୀର ନୃପତି । ନୀଳାଦ୍ରି ଗମନ ପଥେ ଏକାମ୍ରକ ଧାମ । କୋଟିଲିଙ୍ଗେଶ୍ୱରଙ୍କର ପୂର୍ବାହ୍ନ ପୂଜା ସମୟ । ଏକାମ୍ର କାନନ ପୂଜା ବାଦ୍ୟଧ୍ୱନିରେ ଶବ୍ଦାୟମାନ । ଭ୍ରମରେ ପଡିଲେ ଇନ୍ଦ୍ରଦ୍ୟୁମ୍ନ । ନିଜର ଭ୍ରମ ସଂଶୋଧନ ପାଇଁ ନାରଦଙ୍କୁ ପଚାରୁଛନ୍ତି – ଆମେ ଦେବନିବାସ ନୀଳଗିରି ଶିଖରରେ ପହଞ୍ଚିଗଲେ କି ?

ନାରଦ ଧୀରେ କହିଲେ – ହେ ରାଜନ୍ ! ଏହି ଦୁର୍ଲଭ କ୍ଷେତ୍ରକୁ ଭଗବାନ ମୁରାରି (ବାସୁଦେବ) ଗୋପନ ରଖିଛନ୍ତି ।

ଇନ୍ଦ୍ରଦ୍ୟୁମ୍ନ ବିନ୍ଦୁସାଗରରେ ସ୍ନାନକରି ତଟସ୍ଥ ପୁରୁଷୋତ୍ତମଙ୍କୁ ଯଥାବିଧି ପ୍ରଣିପାତ ପୂର୍ବକ କୋଟି ଲିଙ୍ଗେଶ୍ୱରଙ୍କୁ ଦର୍ଶନକଲେ । ଶିବଙ୍କର ଏଠାରେ ଆଜ୍ଞା, ଅନନ୍ତ ବାସୁଦେବଙ୍କୁ ପ୍ରଥମେ ଦର୍ଶନ ଆଉ ପ୍ରାର୍ଥନା । ତା ନହେଲେ, କୌଣସି ଇଷ୍ଟଭୀଷ୍ଟ ଶୁଭକାର୍ଯ୍ୟ ସ୍ୱୀକାର୍ଯ୍ୟ ନୁହେଁ ।

## ବିନ୍ଦୁ ବିନ୍ଦୁ ଜଳ ସମ୍ଭାରର ବିନ୍ଦୁସାଗର-

ବିନ୍ଦୁସାଗର ଭୁବନେଶ୍ୱରର ଗୋଟିଏ ପ୍ରଧାନ ତୀର୍ଥସ୍ଥାନ । ଅନୁମାନ କରାଯାଏ, ଏହା ସପ୍ତମରୁ ଅଷ୍ଟମ ଶତାବ୍ଦୀରେ ବର୍ଦ୍ଧିତ ରୂପ ନେଇଛି । କିନ୍ତୁ ଆବହମାନ କାଳରୁ ଏକାମ୍ରରେ ବିରାଜମାନ । ବିନ୍ଦୁସାଗର ବିଷୟରେ ଅନେକ କିମ୍ବଦନ୍ତୀ ରହିଛି ।

ମହାମହାଦେବ ଶିବ କାଶୀରେ ଲୋକ ଗହଳିରେ ବ୍ୟତିବ୍ୟସ୍ତ ହୋଇ ପଡିଥିଲେ । ସେ ଦୁନିଆରେ ଗୋଟିଏ ଗୁପ୍ତ ସ୍ଥାନ ଦେଖି ନିରୋଳାରେ ତପମଗ୍ନ ହୋଇ ଯାଉଥିଲେ । ଏହି ସ୍ଥାନକୁ ଗୁପ୍ତକାଶୀ ବୋଲି କୁହାଯାଏ । ପାର୍ବତୀ ଏ ବିଷୟରେ ଅଗୋଚର ଥିଲେ । ବ୍ରହ୍ମାଙ୍କୁ ସ୍ମରଣ କରି ଦେବୀ ଜାଣିଲେ ସ୍ୱାମୀ ଏକାମ୍ରକାନନ ପରି ଗୋଟିଏ ସୁନ୍ଦର ସ୍ଥାନ ବାଛିନେଇ ସେଠାରେ ତପମଗ୍ନ ।

କାହାକୁ କିଛି ନକହି ପାର୍ବତୀ ଦେବୀ ଏକାମ୍ରକୁ ଆସି ସ୍ୱାମୀ ଭୋଳାନାଥଙ୍କୁ ଖୋଜିବାକୁ ଲାଗିଲେ । ଦେଖିଲେ ଜଙ୍ଗଲ ଭିତରେ ଗୋଟିଏ ଜାଗାରେ ହଜାର ହଜାର ଗାଈ ସ୍ୱତଃ କ୍ଷୀର ଦେଇ ଫେରୁଛନ୍ତି । ଦେବୀ ଆଶ୍ୱସ୍ତ ହେଲେ, ତାଙ୍କ ସ୍ୱାମୀ ହିଁ ଏହିଠାରେ ତପମଗ୍ନ । ନିଜେ ଗୋପାଳୁଣୀ ବେଶରେ ଗାଈମାନଙ୍କର ଯତ୍ନ ନେବାରେ ଲାଗିଲେ । ଏହି ଗାଈଗୁଡିକ ସନ୍ନିକଟ ଗୋସହରେଶ୍ୱର ବା ଗୋସାଗରେଶ୍ୱର ନାମକ ସ୍ଥାନରୁ ଆସୁଥିଲେ ।

ସେହି ସ୍ଥାନରେ କୀର୍ତ୍ତି ଓ ବାସ ନାମରେ ଦୁଇ ଅସୁର ଦୌରାତ୍ମ୍ୟ କରୁଥିଲେ । ଅତିଷ୍ଠ ହୋଇ ମୁନିଋଷିମାନେ ସେ ସ୍ଥାନ ଛାଡି ଅନ୍ୟତ୍ର ପଳାଇ ଯାଉଥିଲେ । ସେଇ ଦୁଇ ଅସୁର ସୁନ୍ଦରୀ ଗୋପାଳୁଣୀ ରୂପରେ ଚଳପ୍ରଚଳ ହେଉଥିବା ପାର୍ବତୀ ଦେବୀଙ୍କ ଆକର୍ଷଣୀୟ ରୂପ ଓ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତାଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଲେ ।

ଦେବୀ ଛଳରେ ସେମାନଙ୍କୁ କହିଲେ, ସେମାନେ ଯଦି ତାଙ୍କୁ କାନ୍ଧରେ ବହନ କରି ନେଇ ପାରିବେ, ତେବେ ସେ ବିବାହ କରିବାକୁ ରାଜି । ଦୁଇଜଣ ଯାକ ଏହି ପ୍ରସ୍ତାବରେ ରାଜି ହୋଇ ତାଙ୍କୁ କାନ୍ଧରେ ନେବାକୁ ରାଜି ହେଲେ । ଦେବୀ ଜଣଙ୍କ କାନ୍ଧରେ ଗୋଟିଏ ପାଦ, ଆର ଜଣଙ୍କ କାନ୍ଧରେ ଆଉ ଗୋଟିଏ ପାଦ ରଖିଲେ । ଅଳ୍ପ ବାଟ ଯିବା ପରେ

ଦୁଇଜଣ ଅସୁର ମାଟିରେ ଚାପି ହୋଇ ଇହଧାମ ତ୍ୟାଗ କଲେ। ଏହା ଯେଉଁ ସ୍ଥାନରେ ଘଟିଲା, ସେଇଟିକୁ 'ଦେବୀ ପାଦହରା' ବୋଲି କହନ୍ତି। ଦେବୀଙ୍କ ତୃଷା ମେଣ୍ଟାଇବାକୁ ଶିବ ସେଠାରେ ନିଜ ତ୍ରିଶୂଳ ମୁନରେ ଗୋଟିଏ ଜଳ ସ୍ରୋତ ଫିଟାଇଥିଲେ। ଦେଶର ସମସ୍ତ ନଦୀ, ପୁଷ୍କରିଣୀ ଓ ତୀର୍ଥର ବିନ୍ଦୁ ବିନ୍ଦୁ ଜଳ ଆସି ସେଠାରେ ଏକ ବିଶାଳ ପୁଷ୍କରିଣୀ ପ୍ରତିଷ୍ଠା ଲାଭ କଲା। ଏହାର ନାମ ବିନ୍ଦୁସାଗର।

ଅସୁର ବଧ କଲାପରେ ଦେବୀ ନିକଟରେ ଯେଉଁଠାରେ ଆଶ୍ରା ନେଲେ, ସେଇଟି ଆଜିକାର ଭବାନୀ ଶଙ୍କର ମନ୍ଦିର, ସ୍ୱର୍ଣ୍ଣାଧିଶ୍ୱର ଭବାନୀ ଶଙ୍କର।

## ଘଟଣାରେ ପରିପୂର୍ଣ୍ଣ ଏକାମ୍ରନଗରୀରେ ଲୋକକଥା

### କାରୁବାକୀ -

ରୂପସୀ ଧୀବର କନ୍ୟା କାରୁବାକୀ। ଇତିହାସ ଏମିତ କହିନି। ଲୋକକଥାରେ ସେଇ କଳିଙ୍ଗ ସୁନ୍ଦରୀ କୁଆଡେ ଦିନେ ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ କଳିଙ୍ଗଯୁଦ୍ଧର ଏକ ପ୍ରମୁଖ କାରଣ ସାଜିଥିଲା। ରାଜ୍ୟରୁ ବହିଷ୍କୃତ ହୋଇ ଅଶୋକ କଳିଙ୍ଗରେ ଆଶ୍ରୟ ଲୋଡିଥିବା ଚଣ୍ଡାଶୋକ କାଳେ କାରୁବାକୀର ସୌନ୍ଦର୍ଯ୍ୟରେ ଭଳି ଯାଇଥିଲେ। ସେ ମଗଧ ସିଂହାସନ ଲାଭ କଲା ପରେ ଭାରତବର୍ଷରେ ଅଖଣ୍ଡ କ୍ଷମତାର ଅଧିକାରୀ ହେଲେହେଁ କାରୁବାକୀକୁ ପାଇବାକୁ ସକ୍ଷମ ହେଲେନି।

ଅନେକ କାରଣ ଥାଇପାରେ କଳିଙ୍ଗ ପରି କ୍ଷୁଦ୍ର ରାଜ୍ୟଟିଏ ଆକ୍ରମଣ କରିବାକୁ, କିନ୍ତୁ ମଗଧର ସମସ୍ତ ସାମରିକ ଶକ୍ତି ବିନିଯୋଗ କରନ୍ତି କଳିଙ୍ଗ ଯୁଦ୍ଧ ପାଇଁ। ଏହାର ଅର୍ଥ ବିପୁଳ ବିଜୟ ସହିତ କାରୁବାକୀଙ୍କୁ ଲାଭ କରି ମଗଧ ଘେନିଯିବେ।

ଏହି ଲୋକକଥା ନେଇ ସିନେମା ବି ହୋଇସାରିଛି, କିନ୍ତୁ କୌଣସି ଐତିହାସିକ ବା ପ୍ରତ୍ନତାତ୍ତ୍ୱିକ ସତ୍ୟତା ଉପଲବ୍ଧ ହୁଏନାହିଁ। ସତରେ ଅଶୋକ ଯୁବରାଜ ବୟସରେ କିଛିକାଳ ମଗଧରାଜ୍ୟାନ୍ତର ଆଦେଶ ପାଇ କଳିଙ୍ଗରେ ଆତ୍ମଗୋପନ କରିଥିଲେ, ସିଂହାସନ ଲାଭର ଆଠ ବର୍ଷ ପରେ ବିଭତ୍ସ କଳିଙ୍ଗଯୁଦ୍ଧ ଲଢିଥିଲେ, ତାଙ୍କର କାରୁବାକୀ ନାମ୍ନୀ ପତ୍ନୀ ଥିବାର ଘଟଣା ସତ (କାରୁବାକୀ ଅଶୋକଙ୍କର ଚାରିଜଣ ସ୍ତ୍ରୀମାନଙ୍କ ମଧ୍ୟରୁ ଜଣେ, ତାଙ୍କ ନାମରେ ଗୋଟିଏ ଶିଳାଲିପିରେ ଉଲ୍ଲେଖ ଅଛି ଏବଂ ତାଙ୍କର ତିବର ନାମକ ପୁତ୍ରଥିଲା)।

କିନ୍ତୁ କାରୁବାକୀ କଳିଙ୍ଗର ବୋଲି ଜଣାଯାଏ ନାହିଁ, ଏମିତି କିଛି ଐତିହାସିକ ତଥ୍ୟ ଉପରେ ଏହି କିମ୍ବଦନ୍ତୀଟି ଆଧାରିତ ନୁହେଁ। ଯାହା ଜଣାଯାଏ, ଏହା ଅଙ୍କ କେଇ ଦଶନ୍ଧିର କାହାଣୀ, ଏହାକୁ ନେଇ ଅଶୋକ ସିନେମା ବି ହୋଇଛି।

### ଜାଙ୍ଗୁଳୀ ଧାମିଳ -

ଜାଙ୍ଗୁଳୀ ଧାମିଳ ଥିଲେ ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କ କଳିଙ୍ଗ ବିପକ୍ଷରେ ଲଢିଥିବା କଳିଙ୍ଗ ଯୁଦ୍ଧରେ କଳିଙ୍ଗର ସର୍ବୋଚ୍ଚ ସେନାଧକ୍ଷା। ଏହି ବୀରା ରମଣୀ ହେଉଛନ୍ତି କଳିଙ୍ଗର ରାଜଜେମା। ତାଙ୍କ ବାପା ନରେନ୍ଦ୍ର ଦ୍ରୁମଳ ଏବଂ ମାତା ପଦ୍ମଗନ୍ଧା। ଜାଙ୍ଗୁଳୀ ଥିଲା ମନ୍ତ୍ରତନ୍ତ୍ରରେ ଅଦ୍ଭୁତ ସାଧନ କରିଥିବା ରମଣୀ। କୁହୁକିନୀ ଭାବରେ କୁହୁକ ବିଦ୍ୟାକୁ ଆପଣେଇଥିବା ନାରୀ। ଏହି ଶକ୍ତିରେ ସେ କଳିଙ୍ଗରେ ତନ୍ତ୍ର ଓ ବିସ୍ମୟର ବାତାବରଣ ସୃଷ୍ଟି କରିଥିଲେ। ଦୃଶ୍ୟର କୁହେଳିକା ସୃଷ୍ଟି କରିବାରେ ପାରଙ୍ଗମ ଥିଲେ ସେ !

ଜାଙ୍ଗୁଳୀଙ୍କର ରୂପ ଥିଲା ଭୟଙ୍କର। ଘନକଳା କେଶରାଶି ତାଙ୍କର ଭୂମି ସ୍ପର୍ଶ କରୁଥିଲା। ଏମିତି କୁହୁକିନୀ ବେଶରେ ସେ ତୋଷାଳିରେ ପଦଚାଳନା କଲେ କେହି ତାଙ୍କ ସାମନାକୁ ଆସିବାକୁ ସାହସ କରନ୍ତି ନାହିଁ।

ମଗଧସେନାଙ୍କୁ ନେଇ ଚଣ୍ଡାଶୋକ ସୌରଭଗିରି (ଧଉଳି) ରେ ପାଦଦେବା ବେଳକୁ ଜାଙ୍ଗୁଳୀ ଥିଲେ କଳିଙ୍ଗସେନା ପରିଚାଳନା ଦାୟିତ୍ୱରେ। କଳିଙ୍ଗ ଚାହୁଁନଥିଲା ମଗଧର ସ୍ୱର୍ଦ୍ଧିତ ସର୍ତ୍ତରେ ରାଜି ହୋଇ ମଗଧର କରଦ ରାଜ୍ୟ ହେବାକୁ। ଜୀବନକୁ ହେୟ ମନେକରି କଳିଙ୍ଗ ରାଜ୍ୟକୁ ଶ୍ରେୟଃ ମନେ କରୁଥିବା ସ୍ୱାଧୀନଚେତା କଳିଙ୍ଗର ସମଗ୍ର ଜନତାଙ୍କ ମନରେ ଭରି ରହିଥିଲା ମଗଧ ମିଳିତ ସେନା ପ୍ରତି ପ୍ରବଳ ଘୃଣା।

ଅବଶ୍ୟ ଯୁଦ୍ଧରେ ଅଶୋକ ଜୟଲାଭ କରିଥିଲେ। କିନ୍ତୁ ଜାଙ୍ଗୁଳୀ ତାଙ୍କୁ ଭଲ ପାନେ କଳିଙ୍ଗ ଗଦ ଚଖେଇ ଦେଇଥିଲେ।

ଜାଙ୍ଗୁଳୀଙ୍କ କୁହୁକ ବିଦ୍ୟାରେ ମଗଧ ସେନା ଭୀଷଣ ଭୟରେ ଧଉଳି ପଠାରେ ସମୟ କଟାଉଥିଲେ। ଅନେକ ପ୍ରାଣ ଭୟରେ ମଗଧ ଲେଉଟି ଗଲେ। ପ୍ରତିଟି ମୁହୂର୍ତ୍ତ ଧୂଆଁ, ଧୂଳି ବା କୁହୁକ ବିଦ୍ୟାର ବିସ୍ମୟରେ ମଗଧ ସେନା ବିସ୍ଫାରିତ ନୟନରେ ଚାହିଁ ରହିଥିବା ବେଳେ କଳିଙ୍ଗ ଗରିଲା ଆକ୍ରମଣ କରି ଘାଇଲା କରି ପକାଉଥିଲେ। କଳିଙ୍ଗର ଦଶଗୁଣ ଶକ୍ତିର ମଗଧ ରଣଭୂମିରେ କାଉଁଦା ପଡିଯାଇଥିଲା।

ତୋଷାଳିବାସୀ ମାନଙ୍କର ସେହି ଦୁର୍ଦ୍ଦିନରେ ଜାଙ୍ଗୁଳୀ ନଗର ଅଭ୍ୟନ୍ତରରେ ସେମାନଙ୍କୁ ସଂଗଠିତ କରି ଆଶ୍ୱାସନା ଦେଇଥିଲେ, ସେମାନଙ୍କୁ ଅଭୟବାଣୀ ପ୍ରଦାନ କରିଥିଲେ ଏବଂ ସେମାନଙ୍କର ବୀରତ୍ୱ ଜାଗରଣ କରି ମାତୃଭୂମି ପାଇଁ ଜୀବନ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ। ମହିଳା ଓ ବୃଦ୍ଧ ବୟସ ଲୋକମାନଙ୍କର ସୁରକ୍ଷାର ବନ୍ଦୋବସ୍ତ କରାଇଥିଲେ।

ବର୍ଣ୍ଣନା କରାଯାଇଛି, ପ୍ରାଚୀ ନଦୀ କୂଳରେ ଜାଙ୍ଗୁଳୀଙ୍କର ଗୋଟିଏ ଯଜ୍ଞବେଦୀ ଥିଲା। ମନ୍ତ୍ର ବଳରେ ଚଣ୍ଡାଶୋକଙ୍କୁ ଧରିଆଣି ତୁରନ୍ତ ମଗଧ ପ୍ରତ୍ୟାବର୍ତ୍ତନ ସର୍ତ୍ତରେ ବାହୁଡାଇ ଦେଇଥିଲେ। ଜୀବନରେ କୌଣସି ହିଂସ୍ର କାର୍ଯ୍ୟ କି ଯୁଦ୍ଧ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଇ ଭୟରେ ଚଣ୍ଡାଶୋକ ପରି ପାଷାଣ ହୃଦୟ ବି ଅନନ୍ୟୋପାୟ ହୋଇ ବୌଦ୍ଧଧର୍ମ ଦୀକ୍ଷା ନେବାକୁ ବାଧ୍ୟ ହୋଇଥିଲା ବୋଲି ଦେଖିବାକୁ ମିଳେ।

ଭୁବନେଶ୍ୱର ନିକଟରେ ବୟସ୍କ ଲୋକମାନେ ଅଳ୍ପବହୁତେ ଏପରି ଗପ ଶୁଣିଥିବାର ଦେଖାଯାଏ। ଜାଙ୍ଗୁଳୀ ନାମଟି ଗୋଟିଏ ଜଣାଶୁଣା ନାଁ। ସ୍ଥାନୀୟ କାଟପାଣି କି ଝଡାଫୁଙ୍କା ବିଧିରେ ଜାଙ୍ଗୁଳୀଙ୍କ ନାଁ ଶୁଣିବାକୁ ମିଳେ - 'ଜାଙ୍ଗୁଳୀ ଧମିଲ୍ଲଙ୍କ କୋଟି କୋଟି ଆଜ୍ଞା।'

ବସ୍ତୁତଃ ଆଜିର ବାଲିଅନ୍ତା ନହରକଣ୍ଟା ପାଖରେ କୁଆଖାଇ କୂଳରେ ବଙ୍ଗୁଆରି ବୋଲି ଗୋଟିଏ ଗାଁ ଅଛି, ସେଠିକାର ଗ୍ରାମଦେବତୀଙ୍କର ନାମ ଜାଙ୍ଗୁଳାଇ। ସେଇ ମୂର୍ତ୍ତି ସମ୍ପୂର୍ଣ୍ଣ ସିନ୍ଦୂର ଆବୃତ୍ତା। ପୁରାତନ ବୌଦ୍ଧମୂର୍ତ୍ତି ଓ ବୌଦ୍ଧଦେବୀ ଭାବରେ ଜଣା। ଆଜି ବି ଅଞ୍ଚଳରେ ଲୋକ ବିଶ୍ୱାସରେ

ସାପବିଷ ହରଣରେ ତାଙ୍କର ସୁନାମ ରହିଛି ।

କଥିତ ଅଛି ଜାଙ୍ଗୁଳୀ ଗୌତମ ବୁଦ୍ଧଙ୍କଠାରୁ ବି ପୁରାତନ । ବୁଦ୍ଧଦେବ ଏହି ଦେବୀଙ୍କର ପୂଜାର ମନ୍ତ୍ର ତାଙ୍କ ପରମ ଶିଷ୍ୟ ଆନନ୍ଦଙ୍କୁ କହିଥିବାର ଉଦାହରଣ ରହିଛି ।

ଏହି ଜାଙ୍ଗୁଳାଇଙ୍କ ସନ୍ନିକଟରେ ଏକ ଶ୍ମଶାନ ରହିଛି । ଶୁଣିବାକୁ ମିଳେ, ଅସ୍ତ୍ରାଘାତରେ ମୃତ ସୈନିକମାନେ ଏଠାରେ ଦାହ ହୁଅନ୍ତି । ଲୋକ କଥାରେ ଏହା ଜାଙ୍ଗୁଳୀ ଧାମିଳଙ୍କର ସାଧନା କ୍ଷେତ୍ର । ବିଶିଷ୍ଟ ତାନ୍ତ୍ରିକମାନେ ମତ ଦିଅନ୍ତି ଏହା ଏକ ମହାଶ୍ମଶାନ ଏବଂ ଏହା ଭୈରବଙ୍କ ସ୍ଥାନ ।

ଏହି ଲୋକକଥାଟି ଆକାଶବାଣୀରୁ ବି ପ୍ରଚାରିତ ହୋଇଛି ଏବଂ ଏହା ପ୍ରତି ଓଡିଆଙ୍କ ମନରେ କିଛି ଭାବ ସୃଷ୍ଟି କରେ । ପ୍ରତ୍ନତତ୍ତ୍ୱଲବ୍ଧ ବିଭସ୍ତ କଳିଙ୍ଗ ଯୁଦ୍ଧର କାହାଣୀରେ ଅଧିବାସୀଙ୍କ ବୀରତ୍ୱ ନିଶ୍ଚିତ ଭାବରେ ଆମୋଦଦାୟକ ।

## ଅଶୋକାଷ୍ଟମୀ ବିଷୟରେ କିମ୍ବଦନ୍ତୀ -

ଭୁବନେଶ୍ୱରରେ କ୍ଷେତ୍ରାଧିପତି ଲିଙ୍ଗରାଜଙ୍କର ପ୍ରସିଦ୍ଧ ଯାତ୍ରା ଅଶୋକାଷ୍ଟମୀ । ପର୍ବଟିର ନାମ କାହିଁକି ଅଶୋକାଷ୍ଟମୀ ସେ ବିଷୟରେ ଅନେକ କିମ୍ବଦନ୍ତୀ ରହିଛି । କଥିତ ଅଛି ରାମଚନ୍ଦ୍ର ଯୁଦ୍ଧରେ ରାବଣଙ୍କୁ ପରାସ୍ତ କରିବା ଲାଗି ସାତଦିନ ପଲାସ, ତୁଳସୀ, ଅତସୀ, ବିଲ୍ୱ, ପ୍ରିୟଙ୍କ, ଶମୀ, କମ୍ବିଳ ଆଦି ନବପତ୍ର ସହ ସହସ୍ର ପଦ୍ମରେ କାଳିକାଙ୍କୁ ସନ୍ତୁଷ୍ଟ କରି ଅଷ୍ଟମୀ ଦିନ ରାବଣଙ୍କୁ ବଦ୍ଧ କରିଥିବାରୁ ଏହା ଅଶୋକାଷ୍ଟମୀ ନାମରେ ବିଦିତ ।

ଅଶୋକାଷ୍ଟମୀକୁ ଅଶୋକଯାତ୍ରା ବୋଲି କୁହାଯାଏ । ଅଶୋକବୃକ୍ଷ ଆମ ଶାସ୍ତ୍ରାନୁଯାୟୀ ନାରୀମାନଙ୍କର ଗର୍ଭଧାରଣ ଶକ୍ତି ବୃଦ୍ଧିକାରୀ । ଅଶୋକ ବୃକ୍ଷର ନାରୀମାନଙ୍କ ପ୍ରଜନନ ଶକ୍ତିର ଉପଚାରକୁ ଦୃଷ୍ଟିରେ ରଖି ଏହି ଅଶୋକାଷ୍ଟମୀରେ ତାହାର ଉପଯୋଗ କରାଯାଏ । ସେହି କାରଣରୁ ଭୁବନେଶ୍ୱର କେଦାରଗୌରୀ ବା ମରୀଚ କୁଣ୍ଡର ପାଣି ସନ୍ତାନହୀନ ନାରୀମାନଙ୍କ ପାଇଁ ବହୁମୂଲ୍ୟରେ ନିଲାମ କରାଯାଏ । ଅଶୋକ ବୃକ୍ଷ ନାରୀମାନଙ୍କର ସମ୍ଭୋଗବିଳାସ ଓ ସୌକୁମାର୍ଯ୍ୟ ସହିତ ଅଙ୍ଗାଙ୍ଗୀ ଭାବରେ ଜଡିତ । ନାରୀର ସ୍ପର୍ଶରେ ଅଶୋକ ପୁଷ୍ପଭରା ହୁଏ, ଦୋହଡ ହୁଏ । ଏ ନେଇ ମନ୍ଦିର ବା ଗୁମ୍ଫା ମୁଖରେ ଅଶୋକ ଡାଳରୁ ଷୋଡଶୀ ଶାଳଭଞ୍ଜିକା ଓହଳି ରହି ପର୍ଯ୍ୟଟକମାନଙ୍କୁ ରସାଳ ଚାହାଣିରେ ଚାହିଁ ରହି ସ୍ୱାଗତ କରୁଥାଏ ।

ଏହି ପରମ୍ପରାପୂର୍ଣ୍ଣ ଅଶୋକାଷ୍ଟମୀ ଦିନ ପ୍ରଭୁ ଲିଙ୍ଗରାଜଙ୍କର ବିଜୟ ପ୍ରତିମା ଚନ୍ଦ୍ରଶେଖରଙ୍କୁ ରଥାରୂଢ କରି ରାମେଶ୍ୱର ମନ୍ଦିରକୁ ନିଆଯାଏ । ଏହି ରଥକୁ ରୁକୁଣା ରଥ ବୋଲି କୁହାଯାଏ, କାରଣ ଏହା ରୁକ୍ମିଣୀଙ୍କ ରଥ, ଚନ୍ଦ୍ରଶେଖରଙ୍କ ସହିତ ଲକ୍ଷ୍ମୀ ବି ବିଜେ କରନ୍ତି । ରୁକୁଣାରଥ ଅଣଲେଉଟା । ଏହା ପୁରୀ ରଥ ପରି ଲେଉଟାଯାଏନି, ବରଂ ରାମେଶ୍ୱର ମନ୍ଦିର ପାର୍ଶ୍ୱ ସେହି ବିଜୟ ପଡିଆରେ କେବଳ ମୁଖ ବଦଳାଏ ।

## ଧଉଳି ଅଞ୍ଚଳର କିଛି କିମ୍ବଦନ୍ତୀ -

ଏଇ ଧଉଳିର ଧାର ଦିନେ ମଣିଷ ରକ୍ତରଞ୍ଜିତ ଉଷ୍ମଧାରରେ ପରିଣତ ହୋଇଥିଲା । ପରଦିନ ଏଇ ଧାର କୂଳରେ ବିଶ୍ୱର ସବୁଠାରୁ ନିଷ୍ଠୁର ନୃପତି ପ୍ରବର୍ତ୍ତିତ ହୋଇଥିଲେ କୋମଳମତି ପରମସୌଗତରେ । ପୁଣ୍ୟତୋୟା ଦୟାନଦୀ କେବଳ କଳିଙ୍ଗ ବୀରତ୍ୱର ମୂକସାକ୍ଷୀ ନୁହେଁ, ଏହା ବି ଆହୁରି ପୁରୁଣା କିମ୍ବଦନ୍ତୀରେ ଓ ଉତ୍ସର୍ଗର ସ୍ମୃତି ବହନ କରେ ।

ପୁରାଣରେ ବର୍ଣ୍ଣିତ ରହିଛି ବୃତ୍ରାସୁର କଥା । ଗୋଟିଏ ଦୁର୍ଦ୍ଦାନ୍ତ ଅସୁର । ଅତ୍ୟାଚାରରେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳକୁ କମ୍ପମାନ କରୁଥିଲା । ତାର ନିଧନ ପାଇଁ ଦେବତାମାନେ ଇନ୍ଦ୍ରଙ୍କୁ ଅଭିଯୋଗ କଲେ । ତାର ମୃତ୍ୟୁର ବାଟ ଖୋଜାଗଲା । ଜଣାଗଲା ଯେ, ଯଦି ଦଧୀଚି ମୁନିଙ୍କର ଅସ୍ଥିରେ ବଜ୍ର ନିର୍ମାଣ ହୋଇପାରିବ, ତେବେ ହିଁ ବୃତ୍ରାସୁର ବଧ ହେବ ।

ଏ ବିଷୟରେ ଦଧୀଚି କି ପ୍ରତିକ୍ରିୟା ପ୍ରକାଶ କରିବେ, ତାହା ସମସ୍ତେ ଉତ୍ସୁକତାର ସହିତ ଚାହିଁ ରହିଲେ । ଇନ୍ଦ୍ର ବହୁ ଦ୍ୱିଧାର ସହିତ ଏହି ଅପ୍ରିୟ ସତ୍ୟ ମୁନିବରଙ୍କୁ ଜଣାଇଲେ ।

ଦଧୀଚି ଉତ୍‌ଫୁଲ ଚିତ୍ତେ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଶରୀର ତ୍ୟାଗକରି ନିଜର ଅସ୍ଥିଦାନ ଦେଲେ । ସେଇ ପବିତ୍ର ଅସ୍ଥିରେ ପ୍ରସ୍ତୁତ ଅମୋଘ ବଜ୍ରରେ ବୃତ୍ରାସୁର ନିଧନ ହେଲା । ଦଧୀଚି ହେଉଛନ୍ତି ଆତ୍ମତ୍ୟାଗର ଅମର ଉଦାହରଣ ।

ମୁନିଶ୍ରେଷ୍ଠ ଦଧୀଚି ଦୟାନଦୀ କୂଳ ଆଶ୍ରମରେ ତପସ୍ୟା କରୁଥିଲେ । ସେଥିପାଇଁ ଏହି ପବିତ୍ର ନଦୀର ନାମ 'ଦଧିଭଦ୍ରା' । ଅପଭ୍ରଂଶ ହୋଇ 'ଦହିଆ' ବା 'ଦୟା' ହୋଇଛି ।

ଦୟା ବିଷୟରେ ଓଡିଶାରେ ବହୁ ରଚନା ରହିଛି, ତା' ମଧ୍ୟରୁ ରାଧାନାଥ ରାୟଙ୍କର ରଚନା ହେଉଛି,

**"ଦୟା-ବୀର ମୁନି ଦଧୀଚି ପୟର**
**ପ୍ରକ୍ଷାଳନେ ପୂତନୀରା**
**ବହେ ପାଦେ ଯାର ଦୟା ପ୍ରବାହିଣୀ**
**ସୁପ୍ରସନ୍ନା ସୁଗଭୀରା ।"**

## କେଦାର ଗୌରୀ ଲୋକକଥା -

କେଦାର ଗଉରୀ ପ୍ରେମ କାହାଣୀ କାହାକୁ ଅଛପା ନାହିଁ । ଏହି କାହାଣୀ ଶୁଣି ଲଲାଟେନ୍ଦୁ କେଶରୀ ରାଜା କେଦାରେଶ୍ୱର ଓ ଗଉରୀ ମନ୍ଦିର ନିର୍ମାଣ କରିଥିଲେ ।

ରାଜା ଯେତେବେଳେ ଶୁଣିଲେ କେଦାର ଗଉରୀ ପରସ୍ପରକୁ ଅତି ଅନ୍ତରର ସହିତ ଭଲ ପାଉଥିଲେ । ବାପା ମା କି ଗାଁ ଲୋକ ସେମାନଙ୍କର ପ୍ରେମକୁ ସ୍ୱୀକୃତି ନ ଦେବାରୁ ସେମାନେ ଜଙ୍ଗଲକୁ ଆସି ରହୁଥିଲେ । ପାଖରେ ଝରଣା । କେଦାର ଖାଦ୍ୟ ଅନ୍ୱେଷଣରେ ଯାଇ ଆଉ ଫେରିନି । ଗଉରୀ କେଦାରକୁ ଖୋଜି ଖୋଜି ତାକୁ ପାଇନି । ଜଙ୍ଗଲରେ ଡାକ ଛାଡି ଛାଡି ହତାଶ ହୋଇଛି । ବହୁ ସମୟ ପରେ ମନରେ ସନ୍ଦେହ ଆସିଛି । କେଦାରକୁ ଜଙ୍ଗଲରେ ବାଘ ଖାଇ ଦେଇଛି ।

ହୃଦୟ ଫାଟି ପଡିଛି ଗଉରୀର । ସ୍ୱର୍ଗ, ମର୍ତ୍ତ୍ୟ ପାତାଳ ତା ପାଇଁ ଏକାକାର ହୋଇଛି । ପାଖ ଝରଣାରେ ଝାସ ଦେଇ ପ୍ରାଣତ୍ୟାଗ କରିଛି ।

କେଦାର କିନ୍ତୁ ମରି ନଥିଲା । ଖାଦ୍ୟ ସଂଗ୍ରହ କରି ଫେରିବା ବେଳକୁ ପ୍ରାଣପ୍ରିୟା ତାର ଜୀବନ ହାରି ଦେଇଛି । ଆଉ ତାକୁ ନପାଇ ହି

ଝରଣାରେ ଝାସ ଦେଇଛି ।

କେଦାର କହିଛି – ଧିକ୍ ଏ ଜୀବନ । କେମିତି ବଞ୍ଚିବି ଗଉରୀ ବିନା ? ସିଏ ବି ଝରଣାରେ ଝାସ ଦେଇ ପ୍ରାଣ ହରାଇଛି ।

ହୋଇ ପାରେ ଏ କଥା କାଳ୍ପନିକ ବା ଲୋକକଥା । କିନ୍ତୁ ଶୁଣିଲା ବେଳକୁ ମଣିଷ ହୃଦୟରେ ଗୋଟିଏ ସ୍ୱତନ୍ତ୍ର ଅନୁଭବ ଆସେ । ଦୁଃଖରେ ମନ ଭରିଯାଏ ।

ଏହାକୁ ଶୁଣି ମନ ବିଷଣ୍ଣ ହୋଇଛି ଓଡ଼ିଶାର ସୋମବଂଶୀ ରାଜାଙ୍କର । ତାଙ୍କ ଦେଶରେ ସଚ୍ଚା ପ୍ରେମୀ କି ଉତ୍ତର ପାଆନ୍ତି ସମାଜରୁ । ଏ କଥା ଭାବି ଭାବି ନିଦ ତାଙ୍କର ଦୂର ହୋଇଯାଇଛି । ଦିନେ ରାତିରେ ଶୋଇ ସେଇ ସେଇ ଦୃଶ୍ୟପଟ ମନକୁ ଆସୁଛି । ସ୍ୱପ୍ନରେ କିଏ ତାଙ୍କୁ ମନ୍ତ୍ରଣା କରୁଛି, ଏହି ଶାଶ୍ୱତ ପ୍ରେମ କାହାଣୀକୁ କାଳଜୟୀ କରିବାକୁ ।

ଶିଳାଶିଳ୍ପୀଙ୍କୁ ଡକାଇ ଝରଣାର ପାଣି ଧାରକୁ ନେଇ ଦୁଇଟି ମନ୍ଦିର ଓ ଦୁଇଟି କୁଣ୍ଡ ଗଢେଇବାର ଆଦେଶ ଦେଇଛନ୍ତି । କେଦାର ଗଉରୀ ମଣିଷ ହେଲେ କଅଣ ହେଲା ପ୍ରେମ ତାଙ୍କର ଈଶ୍ୱର ପାର୍ବତୀଙ୍କ ଠାରୁ ବି ବଳିଯିବ !

## ଖଣ୍ଡଗିରି ଅଞ୍ଚଳର କିଛି ଲୋକକଥା –

ଖଣ୍ଡଗିରି ଉଦୟଗିରି ଅଞ୍ଚଳରେ ଅନେକ ଲୋକକଥା ରହିଛି, ଯାହାକି ବର୍ଷ ବର୍ଷ ଧରି ଚାରି ପାଖର ଗାଁର ବୁଢ଼ାବୁଢ଼ୀମାନେ କହନ୍ତି । ସତରେ ଏ ପାଖର ବହୁତ ଲୋକ ଖାରବେଳ କି ତାଙ୍କର ଇତିହାସ ବିଷୟରେ ଅଜ୍ଞ । କିନ୍ତୁ ପଥରରେ ଶୃଙ୍ଖଳିତ ଢଙ୍ଗରେ ଖୋଦିତ ଗୁମ୍ଫା ଓ କାରୁକାର୍ଯ୍ୟ ସବୁ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଗବେଷଣା ସମୟ ପୂର୍ବରୁ ବି ପାଖ ବସତିଗୁଡ଼ିକରେ କିଛି ଲୋକକଥା ରହିଛି ।

ଓଡ଼ିଶାର ସବୁ ଅଞ୍ଚଳ ପରି ଏଠାରେ ଠାକୁରାଣୀ ଓ ତାଙ୍କ ବିଷୟରେ ଅନେକ ବିଶ୍ୱାସ ରହିଛି । ଦିନ ଆସିବ ଯେତେବେଳ ପୃଥିବୀ ପ୍ରଳୟ ହେବ । ବାରଭୂଜୀ ଠାକୁରାଣୀ ତାଙ୍କର ବାରହାତୀ ଖଣ୍ଡାରେ ପାପୀ ମାନଙ୍କୁ ନିଧନ କରିବେ ।

ସତ କହିବାକୁ ଗଲେ ଏହା ବାରଭୂଜୀ ଠାକୁରାଣୀଙ୍କର ମାହାତ୍ମ୍ୟ ପ୍ରସାର କରେ । ଖଣ୍ଡଗିରି ପାହାଡରେ ପାହାଚ ଚଢି ପ୍ରଥମ ସ୍ତରର ଗୁମ୍ଫା ଗୁଡିକ ମଧ୍ୟରୁ ବାରଭୂଜୀ ଗୁମ୍ଫା ପ୍ରସିଦ୍ଧ ଲୋକପ୍ରିୟ ଗୁମ୍ଫା । ଏହି ଗୁମ୍ଫା ଖାରବେଳଙ୍କ ୧୨୦୦ ବର୍ଷ ପରେ ଉଦ୍ୟୋତ କେଶରୀଙ୍କ ସମୟରେ ଖୋଦିତ । ଖାରବେଳଙ୍କ ସମୟରେ ଏମିତି ଜୈନ ତୀର୍ଥଙ୍କରମାନଙ୍କର ସାମୁହିକ ସ୍ଥାପନା ଓ ପୂଜା ଦେଖିବାକୁ ମିଳେନା, କିନ୍ତୁ କେବଳ ଅଗ୍ରଜୀନା, ନେମୀନାଥ ଆଦିଙ୍କର ପୂଜା ମଥୁରା, ସାତବାହାନର ପ୍ରତିଷ୍ଠାନ ଦେଖିବାକୁ ମିଳେ । କୁମାରୀଗିରିର ଖୋଦିତ ଅନେକ ଚିତ୍ର ଖାରବେଳଙ୍କର ନିଜ ଜୀବନର ଓ କଳିଙ୍ଗ ସଂସ୍କୃତିର । ଉଦ୍ୟୋତ କେଶରୀ ନିଜେ ଜୈନ ଆବାହକ ହେମଚନ୍ଦ୍ର ଓ ତାଙ୍କ ଶିଷ୍ୟଙ୍କୁ ପୃଷ୍ଠପୋଷକତା ଦେଇଛନ୍ତି । ଗୁମ୍ଫା ଖୋଦନ ବେଳକୁ ବହୁ ଜୈନ ରଚନା ଓ କଳ୍ପନା ରୂପ ନେଇଛି । ତେଣୁ ସେ ୨୪ ତୀର୍ଥଙ୍କର ଓ ସେମାନଙ୍କର ଶାସନଦେବୀଙ୍କର ଚିତ୍ର ଖୋଦନ କରିଛନ୍ତି ବାରଭୂଜୀ ଗୁମ୍ଫା ଗାତ୍ରରେ । ବହୁବର୍ଷ ପରେ ଶେଷ ଜୈନ ସାଧୁ ଯେତେବେଳେ କୁମାରଗିରି ଛାଡି ଚାଲି ଯାଇଛନ୍ତି, ପରିତ୍ୟକ୍ତ ଗରିକୁ ସ୍ଥାନୀୟ ଲୋକେ ଚିହ୍ନିବାକୁ ଚେଷ୍ଟା କରି ବାର ହାତ ଥିବା ଶାସନଦେବୀଙ୍କୁ ବାରଭୂଜୀ ଗୁମ୍ଫା ନାମକରଣ କରି ପୂଜାର୍ଚ୍ଚନା କରି ଆସୁଛନ୍ତି । ଏବେ ପର୍ଯ୍ୟନ୍ତ ଦୁର୍ଗାପୂଜାରେ ବିଶାଳ ପୂଜା ସଂଗଠିତ ହେଉଛି ।

ଗାଁ ଲୋକଙ୍କର ବିଶ୍ୱାସ ରହିଛି, ଏହି ପାହାଡରେ ପ୍ରଚୁର ଧନ ସମ୍ପଦ ଭରି ରହିଛି ? ସୁନା ପରି ଧାତୁ ଯଖ ହୋଇ ଘୁରି ବୁଲୁଛନ୍ତି । କିନ୍ତୁ ଏହି ପାହାଡେ ଏକ ଅଦ୍ଭୁତ ସାପ ରହିଛି, ଯାହାର ଉଡିବା ପରି ଶକ୍ତି ରହିଛି । କାନ୍ଥ ଉପରୁ ମଣିଷ ଉପରକୁ ଡେଇଁ ଦଂଶନ କରିପାରେ । ସେଇ ସାପକୁ ଲୋକମାନେ ନାଁ ଦେଇଛନ୍ତି ଦଂଶନୀ ସାପ ।

କିନ୍ତୁ ଆଶ୍ଚର୍ଯ୍ୟର କଥା, ଏମିତି ସାପ କେବେ କେହି ଦେଖିଥିବାର ପ୍ରମାଣ ନାହିଁ, କାମୁଡିବାର କି ମୃତ୍ୟୁବରଣ କରିବାର ଉଦାହରଣ ନାହିଁ । ଏଇଟା ଲୋକକଥା ନୁହେଁ ତ କଅଣ ?

ଉପରେ ଗୋଟିଏ ପାଣି କୁଣ୍ଡ (ପୋଖରୀ) ରହିଛି, ଯାହାର ନାମ ଆକାଶ ଗଙ୍ଗା । ଏହା ବାରଭୂଜୀ ଗୁମ୍ଫା ଉପରେ ସ୍ତରରେ ଅଛି । ଏହା ବେଶ୍ ଗଭୀର । ଏଥିରେ ଗୋଡ ଖସିଗଲେ, ପାଣି ଏତେ ତଳ ପର୍ଯ୍ୟନ୍ତ ରହିଛି, ବିଶ୍ୱାସ କରାଯାଏ ପାତାଳକୁ ଯାଇଛି । ଲୋକକଥା ରହିଛି ଏଇ ଆକାଶ ଗଙ୍ଗା ଭିତରକୁ ଥରେ ଗୋଟିଏ ମଇଁଷି ଖସିଗଲା । ଗାଈଆଳ ଟୋକା ମଇଁଷିକୁ ଅଟକାଇବାକୁ ଯାଇ ତା ଲାଞ୍ଜ ଧରିଲା । ଦିହେଁ ବୁଡିଗଲେ, ଆଉ ସେଠାରେ ନ ବାହାରି ବାହାରିଲେ ବିନ୍ଦୁସାଗରରେ ।  ବିନ୍ଦୁସାଗର ଏଠାରୁ ୧୦ କିଲୋ ମିଟର ଦୂର ।

ଏହି ଲୋକକଥାର ରହସ୍ୟ ହେଉଛି, ଏତେ ସୁନ୍ଦର ଗଭୀର ପଥରର ପୋଖରୀଟିଏ ବା ବଡ ଗୁମ୍ଫାଟିଏ ଖଣ୍ଡଗିରିରେ ସୁନ୍ଦର କନ୍ଦା ପଥର ଖୋଦିତ ହୋଇ ମନ୍ଦିର ନିର୍ମାଣ ନିମନ୍ତେ ହେଉ କି ବିନ୍ଦୁସାଗରର ପାର୍ଶ୍ୱ ବନ୍ଧ ନିର୍ମାଣ ପାଇଁ ଭୁବନେଶ୍ୱର ଯାଏ । ଏଠାରେ ଲୋକକଥା ରହିଛି, ପଥର ହାତୀ ଦ୍ୱାରା ବୁହାହୋଇ ଉଦୟଗିରିରୁ ସିଧା ସଳଖ ଧର୍ମବିହାର ଓ ତା ପରେ ରହିଥିବା ମାଟି ବନ୍ଧ (ଯାହାକୁ ଚାରବନ୍ଧ କହନ୍ତି) ତା ଉପର ଦେଇ ଗଣ୍ଡମୁଣ୍ଡା ଦେଇ ଆଜିର ଏରୋଡ୍ରମ ଓ ଭୀମକୁଣ୍ଡ ଦେଇ ପୁରୁଣା ଭୁବନେଶ୍ୱର ଯାଏ ।

ତେଣୁ ପଥରକୁଣ୍ଡ ଓ ଏହାର ଗଭୀରତା ସହିତ ମନ୍ଦିର ଓ ବିନ୍ଦୁସାଗର ସହିତ ଉଦ୍ୟୋତ କେଶରୀଙ୍କ ସମୟରୁ ଏମିତି ଲୋକକଥା ଥାଇପାରେ ବୋଲି ମନେ ହୁଏ ।

ଆହୁରି ବି ଏହି ଅନୁଚ୍ଚ ପାହାଡ ଦୁଇଟି କୂଳର ଗାଁ ଗୁଡିକର ବୟସ୍କ ଲୋକମାନେ କହନ୍ତି, ରାତି ଅଧରେ ଗୋଟିଏ ରୋଷଣି ପୂର୍ବ ଦିଗରୁ କୁମାରୀଗିରି ବା ଉଦୟଗିରି ପାଦଦେଶକୁ ଆସେ । ଏହି ରୋଷଣି ସହିତ କେତେ ଲୋକ ଆସନ୍ତି, କିନ୍ତୁ ଜଣେ ରାଜକୀୟ ପୋଷାକ ପରିହିତ ବଳିଷ୍ଠ ପ୍ରାପ୍ତ ବୟସର ବ୍ୟକ୍ତି ପାଲିଙ୍କିରୁ ଓହ୍ଲାଇ କୁମାରଗିରି ଆଡକୁ ଯାଇ ଅଦୃଶ୍ୟ ହୋଇଯାଆନ୍ତି ।

ଏହା ଅନେକ ଲୋକ ଦେଖିଛନ୍ତି ଓ ସେମାନଙ୍କର ଦେଖିଥିବା ଦୃଶ୍ୟ ପରସ୍ପର ଭିତରେ ଆଲୋଚନା କରିବାର ଶୁଣିବାକୁ ମିଳେ । ଏ ସବୁ ଭୁବନେଶ୍ୱରକୁ କୋଳାହଳ ଆସିବା ପୂର୍ବର କଥା । ରାତି ଅଧରେ କେହି ଏହି ହିଂସ୍ର ଭୟଙ୍କର ନିର୍ଜନ ପରିବେଶକୁ ନଆସି ପାରିବା ବେଳର କଥା ।

ଏ ବିଷୟରେ ଲୋକମାନେ କିଛି ବି ଅନୁମାନ କରି ପାରନ୍ତିନି। କିନ୍ତୁ ଆଜି ଉଦୟଗିରିର ଅନେକ ଅତୀତ ଜାଣିବାକୁ ମିଳିଛି। କିଏ ସେହି ରାଜା ଯିଏ ତାଙ୍କ କୁମାରୀଗିରିର ମୋହ ଛାଡି ପାରୁନାହାନ୍ତି ? କାହିଁକି ରାତି ଅଧରେ ରାଣୀ ହଂସପୁର ଆଡକୁ ଯାଆନ୍ତି ? ମନରେ ଆଶଙ୍କା ଆସେ କି କଳିଙ୍ଗର ରାଣୀଙ୍କ ଜୀବନ ଏଠିକାର ହିଂସ୍ରଜନ୍ତୁ ପରିବେଶରେ ବିପନ୍ନ ?

ଯାହା ହେଉ, ସେଇ ଲୋକକଥାର ନାୟକ ଚେଦିକୁଳ ନନ୍ଦନ ବଂଶବର୍ଦ୍ଧନ ଖାରବେଳ ହୋଇପାରନ୍ତି।

## ବଡଗଡ ଅଞ୍ଚଳର କିଛି ଲୋକକଥା -

ଆଜି ଯେଉଁଠି ବଡଗଡର ବ୍ରିଟ୍ କଲୋନି ବା ପାଣ୍ଡବ ନଗର ହୋଇଛି, ସେଇଠି ଗୋଟିଏ ପୁରାତନ ଗୁମ୍ଫା ଥିଲା। ଭୁବନେଶ୍ୱରର ପଞ୍ଝା ଚାରି ଦିଗକୁ ପ୍ରସାରିତ ହେବା ଆଗରୁ ବଡଗଡ ଓ ଭୁବନେଶ୍ୱର ମଧ୍ୟରେ ଦୁଇ ମାଇଲ ବ୍ୟବଧାନ ଥିଲା ଏବଂ ଏହି ଦୂରତ୍ୱ ଭିତରେ କେତୋଟି ମାଟି ବା ପଥର କୁଦ ଆଉ ବର୍ଷାପାଣିର ଗାଡିଆ (ଲୋକଙ୍କ ଭାଷାରେ ବାଉଁଶ ଗାଡିଆ କି ଆଉ କେତେ ଗାଡିଆ) ରହିଥିଲା। ଏହି ଗୁମ୍ଫାପାଇଁ ବଡଗଡର ଲୋକମାନେ ଗର୍ବ କରନ୍ତି। ମାଟି କୁଦ ଭିତରେ ଲୁଚି ରହିଥିବା ଅତି ପୁରାତନ ଗୁମ୍ଫା। ବଡଗଡକୁ ଅତି ପ୍ରାଚୀନ କାଳରେ ପାଣ୍ଡବମାନେ ଆସିଥିବାର ଚାକ୍ଷୁଶ ପ୍ରମାଣ ଏ ଗୁମ୍ଫା। ଅନ୍ୟ କେତେ ଅଞ୍ଚଳ ପରି ବଡଗଡ ଅପାଣ୍ଡବା ଗାଁ ନୁହେଁ।

ଗାଁ ଲୋକମାନେ ପାଣ୍ଡବ ଗୁମ୍ଫାରେ ବର୍ଷରେ ଥରେ ଭୋଜି କରନ୍ତି। ସହର ପଶିବା ପରଠାରୁ ତାହା ସଂଗଠିତ ହେବାକୁ ମାନସିକତା ଓ ସ୍ଥାନ ହଜିଯାଇଛି। ଯେଉଁ ରାତିରେ ଲିଙ୍ଗରାଜଙ୍କ ରୁକୁଣା ରଥରେ କନା ଲାଗେ ଆଉ ବାନା ଚଢେ, ସେଇ ନେତ୍ରଉତ୍ସବ ଦିନ ବଡଗଡିଆ ଲୋକମାନେ ଅତି ଆଗ୍ରହରେ ଭୋଜିଟିଏ କରନ୍ତି। ସାହି ସାହି ଭିତରେ ବହୁ ବାଦବିବାଦ ଭୁଲି ପୁରାତନ ପ୍ରଥା ଅନୁସାରେ ଭୋଜିଟି ଅଶୋକାଷ୍ଟମୀ ପୂର୍ବରାତିରେ ଅନୁଷ୍ଠିତ ହୁଏ। ବର୍ଷକରେ ବାରମୁହଁ ଥିଲେ ବି ନେତ୍ର ଉତ୍ସବ ରାତିରେ ବଡଗଡ ଏକମୁହାଁ।

ଏହି ପରମ୍ପରା ସହିତ ଯୋଡି ହେବା ପରି ଗୋଟିଏ ସୁନ୍ଦର କିମ୍ବଦନ୍ତୀ ରହିଛି। ଏହି ଭୁବନେଶ୍ୱର ପୂର୍ବ ଦିଗର ଗଙ୍ଗୁଆ ଜଳର ଧାର ତାହା ଶାସ୍ତ୍ରପୁରାଣରେ ଗନ୍ଧବତୀ ନଦୀ। ଏହି ନଦୀ କୂଳରେ ଦେବ-ଦାନବଙ୍କ ମଧ୍ୟରେ କେବେ ଯୁଦ୍ଧ ହୋଇଥିଲା ଓ ଦାନବମାନେ ପରାସ୍ତ ହୋଇ ଦେବତାମାନଙ୍କୁ ଭୁବନେଶ୍ୱରକୁ ଦେବସ୍ଥାନ ଭାବରେ ଛାଡିଦେଇ ପଳାଇଗଲେ।

ଏହି କିମ୍ବଦନ୍ତୀ ସହିତ ବଡଗଡ ପାଣ୍ଡବ ଗୁମ୍ଫାର ସମ୍ପର୍କ କଅଣ ଥାଇପାରେ ?


ପାଣ୍ଡବଗୁମ୍ଫାକୁ ପାଣ୍ଡବ ଆସିଥାଇ ପାରନ୍ତି, କିନ୍ତୁ ବହୁ ବର୍ଷ ପରେ ଭୁବନେଶ୍ୱର ଗୋଟିଏ ଧର୍ମବିବାଦର ସ୍ଥଳୀ ହୋଇଛି। ଅଶୋକଙ୍କ ତୋଷାଳିରେ ବହୁ ବୌଦ୍ଧକୀର୍ତ୍ତି ସ୍ଥାପନ କରିବା ପରଠାରୁ ବୌଦ୍ଧଧର୍ମ ସାମନାରେ ହିନ୍ଦୁଧର୍ମର ଶୈବଧର୍ମ ଆଉ ମୌଳିକ ହୋଇନାହିଁ। ସେମାନଙ୍କର ଯେତିକି ପ୍ରସାରଥିଲା, ତାହା ବି ଫାଳଫାଳ ହୋଇଗଲାଣି, ତନ୍ତ୍ରମନ୍ତ୍ର ପଶି ଜଟିଳ ହୋଇଗଲାଣି। ବୁଦ୍ଧଙ୍କ ସରଳ ମଣିଷ ଜୀବନ ବୌଦ୍ଧଧର୍ମରୁ ଅପସରି ଗଲାଣି। ଶୈବଧର୍ମ ସମାଜରେ ଆଶା ସଞ୍ଚାର କରିଛି। କଳିଙ୍ଗର ଶାସକ ସୋମବଂଶୀ ରାଜାମାନେ ଆଉ ବୌଦ୍ଧଧର୍ମ ପୃଷ୍ଠପୋଷକ ନୁହଁନ୍ତି। ସେତିକି ବେଳେ ଦେବ-ଦାନବ ଯୁଦ୍ଧର କିମ୍ବଦନ୍ତୀ ବିଭିନ୍ନ ପୁରାତନ କାବ୍ୟରୁ ଦେଖିବାକୁ ମିଳିଛି।

ଏହା ବୌଦ୍ଧ ଓ ଶୈବ ଭକ୍ତମାନଙ୍କ ମଧ୍ୟରେ ଏକାମ୍ର ଦଖଲର ଘଟଣା ବହୁଳ ସମୟ। ଏକାମ୍ରରେ ଶୈବଧର୍ମର ବଳିଷ୍ଠ ଭିତ୍ତିପ୍ରସ୍ତର ସ୍ଥାପନ। ଖ୍ରୀଷ୍ଟଜନ୍ମ ପରର ପ୍ରଥମ ସହସ୍ରାବ୍ଦ ଶେଷ ଭାଗର କଥା। ଅପସରି ଯାଆନ୍ତି ବୌଦ୍ଧମାନେ। ସମୟ ସ୍ରୋତରେ ପୋତି ହୋଇ ପଡିଥିବା ସ୍ତୁପ ଗୋଲାକାର ପଥର ପାତାଳଫୁଟା ଲିଙ୍ଗ ଭାବରେ ଶୈବଧର୍ମୀ କଳିଙ୍ଗ ଶାସକଙ୍କ ଦୃଷ୍ଟିକୁ ଆସି ଏକାମ୍ର କ୍ଷେତ୍ରରେ ସହସ୍ରାଧିକ ଶିବ ମନ୍ଦିର ଗଢିତୋଳିବାର କ୍ଷେତ୍ର ପାଲଟି ଯାଏ।

ଯାହା ହେଉ, ବୌଦ୍ଧମାନେ ବି କୁଆଡେ ରଥଯାତ୍ରା କରୁଥିଲେ। ରଥରେ ତ୍ରିରତ୍ନ ବସାଇ ଯାତ୍ରା ସମ୍ପାଦନ କରୁଥିଲେ। ସେଇ ବୌଦ୍ଧମାନେ ହଜିଯିବା ପରେ ଶୈବଭକ୍ତମାନେ ଲିଙ୍ଗରାଜଙ୍କ ଓ ଅଶୋକାଷ୍ଟମୀ ପର୍ବ ଓ ରୁକୁଣାରଥଯାତ୍ରାର ବିଧି ପାଳିଲେ। ଭୁବନେଶ୍ୱରରେ ଅନେକ ଶିବଭକ୍ତ ଆସ୍ଥାନ ଜମାଇଲେ। କିନ୍ତୁ ଅନେକ ପରମ ଶିବ ସାଧକମାନେ ବିଭିନ୍ନ ସ୍ଥାନରେ ସାଧନାରେ ଲିପ୍ତ ରହିଲେ। ସେହି ସମୟରେ ପାଣ୍ଡବ ଗୁମ୍ଫା ଶୈବସାଧନାର ପ୍ରମୁଖ କ୍ଷେତ୍ର ହୋଇଥିଲା, ଅନେକ ସାଧୁ ସେଠାରେ ସାଧନାରତ ଥିଲେ ବୋଲି ଲୋକମୁଖରୁ ଶୁଣିବାକୁ ମିଳେ। ତାହା ହିଁ ବଡଗଡରେ ନେତ୍ରଉତ୍ସବ ପାଳନର କାରଣ ହୋଇପାରେ। ଏହା ଭୁବନେଶ୍ୱରର ଗୋଟିଏ ସର୍ବପୁରାତନ ଜନବସତିର ଐତିହ୍ୟକୁ ସମର୍ଥନ କରେ।

ଇତିହାସର ତୋଷାଳି-କଳିଙ୍ଗନଗରୀ-ଶିଶୁପାଳଗଡ କ୍ରମରେ ଏହି ଗ୍ରାମଟି ଅଶୋକ, ଖାରବେଳ କି ସୋମବଂଶୀ ଶାସନରେ ପ୍ରାଧାନ୍ୟ ସାବ୍ୟସ୍ତ କରି ବଡଗଡ ହୋଇଛି, ତାହା ଆଜି ବି ପ୍ରଶ୍ନବାଚୀ।

ସମାରୋହ, ୧୨୮, ଡୁମୁଡୁମା (କ),
ଖଣ୍ଡଗିରି, ଭୁବନେଶ୍ୱର-୩୦.
ମୋ - ୮୭୬୩୬୬୬୦୩୧



# ଭୁବନେଶ୍ୱରର ନାମ ଓ ପାରିପାର୍ଶ୍ୱିକ ଶକ୍ତି

*ପ୍ରେରଣା ବିଶ୍ୱାଳ*

ଭୁବନେଶ୍ୱର ଦୀର୍ଘ ତିନି ସହସ୍ରାବ୍ଦ ମଧ୍ୟରେ ତିନିଥର ରାଜ୍ୟର ରାଜଧାନୀ ହେବାର ମର୍ଯ୍ୟାଦା ଲାଭ କରିଛି, ତା ମଧ୍ୟରୁ ଶେଷ ଚୟନପରେ ଏହି ମର୍ଯ୍ୟାଦାର ସୁଦୀର୍ଘ ଭବିଷ୍ୟତ ଅନୁଭବ ହୁଏ। ଆଜିର ଦୃଶ୍ୟପଟ୍ଟରେ ବିଶ୍ୱ ମାନଚିତ୍ରରେ ସତେଜ ସହର ବା ସ୍ମାର୍ଟ ସହର ବୋଲି ଦେଶ ଓ ବିଦେଶର ଆକର୍ଷଣର କେନ୍ଦ୍ର ସାଜିଛି। 'ରଥ କହେ ମୁଁ ଦେବତା, ଚକ କହେ ମୁଁ ଦେବତା' ଓଡିଆ ଢଗ ମତରେ ଆଜିର ପୌର ପ୍ରଶାସକ, ନଗର ଉନ୍ନୟନ ଅଧିକାରୀ ଅବା ରାଜ୍ୟର କେହି ମୁଖ୍ୟ କିଏ ଏହି ଗୌରବର ସ୍ଥପତି ବୋଲି ଚିନ୍ତା କଲା ବେଳକୁ ମନେହୁଏ ଯେମିତି ଏହି ଭୁବନେଶ୍ୱର ନଗର ହିଁ ସବୁ କଳ୍ପର ମୂଳ। ଏହାର ନାମକରଣ ଯେଭଳି ଦେବତା ନାମ, ଏହାର ଭୌଗୋଳିକ ସଂସ୍ଥାନ, ଐତିହାସିକ ସ୍ମୃତି, ଆଧ୍ୟାତ୍ମିକ ପରିବେଶ ସବୁ ଏହାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ସୁଫଳ ଆଣିଦେବ।

ଆଜି ଜଣେ ଅନ୍ୟ ରାଜ୍ୟର ଲୋକ ଭୁବନେଶ୍ୱରର ପ୍ରଶସ୍ତ ରାସ୍ତାଘାଟ ଦେଖି ଯେତିକି ପ୍ରଶଂସାମୁଖର ହୋଇ ଉଠନ୍ତି, ମନରେ ଗର୍ବ ଆସିଯାଏ। କିନ୍ତୁ ସେଥିପାଇଁ ଭୁବନେଶ୍ୱରର ମାଟି ହିଁ ବହୁ ମାତ୍ରାରେ ଦାୟୀ। ଏହା ମନ୍ଦିର ମାଳିନୀ। ସେଥି ପାଇଁ ଏଠିକାର ପଥର ଓ ଶିଳ୍ପୀ ମାନେ ଦାୟୀ। ସମ୍ରାଟ ଅଶୋକ ବର୍ଦ୍ଧନ ମୌର୍ଯ୍ୟ ଓ କଳିଙ୍ଗାଧିପତି ମହାମେଘ ବାହାନ ଆର୍ଯ୍ୟ ଖାରବେଳଙ୍କୁ ଶିଳାଶିଳ୍ପର ଉତ୍କର୍ଷରେ ମନୋନିବେଶ କରିବାରେ ଆକର୍ଷିତ କରିଛନ୍ତି। ନ ହେଲେ ତ କେତେଆଡେ ଆଉ କେତେଟା ମନ୍ଦିରମାଳିନୀ ପ୍ରତିଯୋଗୀ ଥାଆନ୍ତେ। ଏହାର ଘଞ୍ଚ ଜଙ୍ଗଲ ଓ ଝରଣା ଦିନେ ଦୁନିଆର ସବୁଠାରୁ ଆକର୍ଷକ ଥିଲା। ଏହି ଭୌଗୋଳିକତା ଭୁବନେଶ୍ୱରର ଗଠନର ଅଦୃଶ୍ୟ ଗୁରୁତ୍ୱ ବହନ କରେ।

ଭୁବନେଶ୍ୱର ନାମ କିଏ ପ୍ରଚାର ଓ ପ୍ରସାର କରିଛି, ଜାଣିବା କଥା। ଯେମିତି ଦିନେ ପୁରୁଷୋତ୍ତମ ଜଗନ୍ନାଥ ଭାବରେ ପରିଚିତ ହେଲେ, ଆଉ କଳିଙ୍ଗ ନିଜ ନାମ ବଦଳାଇ ହେଲା ଓଡିଶା ରାଷ୍ଟ୍ର, ତା ପାଇଁ ଦାୟୀ କରାଯାଏ କପିଳେନ୍ଦ୍ର ଦେବଙ୍କୁ। ଏହା ପଞ୍ଚଦଶ ଶତାବ୍ଦୀର ଘଟଣା। କିନ୍ତୁ ତାହାର ଚାରି ଶତାବ୍ଦୀ ପୂର୍ବରୁ ଲଲାଟେନ୍ଦୁ କେଶରୀ (ଉଦ୍ୟୋତ କେଶରୀ)ଙ୍କ ବେଳରୁ ଏକାମ୍ର କାନନ ବା ଏକାମ୍ର କ୍ଷେତ୍ର ହୋଇଗଲା ଭୁବନେଶ୍ୱର। ଏମିତି କିଏ କୃତିବାସ କି ଲିଙ୍ଗରାଜଙ୍କ ମନ୍ଦିରର ଆଦୃତ ନାଁ ହେଲା ଭୁବନେଶ୍ୱର ମନ୍ଦିର। ଏହା ଜନପ୍ରିୟ ଲଲାଟେନ୍ଦୁ କେଶରୀଙ୍କର ନାମକରଣ। ଲିଙ୍ଗରାଜ ମନ୍ଦିର ନିର୍ମାଣ ଯଯାତି କେଶରୀ ଆରମ୍ଭ କରିଥିଲେ ହେଁ ତାଙ୍କ ପରେ ସୂର୍ଯ୍ୟ କେଶରୀ ଓ ଅନନ୍ତ କେଶରୀ ଦୀର୍ଘ ୩୪ ବର୍ଷ ଶାସନକାଳରେ ବିଶେଷ ଅଗ୍ରଗତି ହୋଇ ନଥିଲା। ଏହାକୁ ଉଦ୍ୟୋତ କେଶରୀ (ଲଲାଟେନ୍ଦୁ) ସମାପ୍ତ କରିଥିଲେ।

ସେ ସମୟରେ ଯାଜପୁର ଓଡିଶାର ରାଜଧାନୀ ଥିଲା। କେଶରୀ ବଂଶ ଶୈବ ଭକ୍ତ, ଶୈବପୀଠ ଭୁବନେଶ୍ୱର ପ୍ରତି ତାଙ୍କର ପ୍ରବଳ ଶ୍ରଦ୍ଧା ଓ ଆଗ୍ରହ ଥିଲା। ଲଲାଟେନ୍ଦୁଙ୍କର ଲିଙ୍ଗରାଜଙ୍କ ପ୍ରତି ପ୍ରଗାଢ ଭକ୍ତିର ଉଦାହରଣ ହେଉଛି, ସିଏ ଭୁବନେଶ୍ୱରରେ ବାସ କରିବାପାଇଁ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ନଅରଟିଏ ନିର୍ମାଣ କରିଥିଲେ। ପିତା ଯଯାତି ତୋଳିଥିଲେ ଲିଙ୍ଗରାଜ, ମାତା କୋଳାବତୀ ଦେବୀ ବ୍ରହ୍ମେଶ୍ୱର ମନ୍ଦିର। ଦୁଇଟିର ବହୁ ସାମଞ୍ଜସ୍ୟ ରହିଛି। ଲଲାଟେନ୍ଦୁଙ୍କ ବିଷୟରେ ଲିପିବଦ୍ଧ ଅଛି -

**ଗହାଷ୍ଟେଷୁମିତେ ଜାତେ**
**ଶକାବ୍ଦେ କୃତ୍ତିବାସୟଃ**
**ପ୍ରାସାଦମ୍ କରୋଦୁ ରାଜା**
**ଲଲାଟେନ୍ଦୁ ଶ୍ରୀ କେଶରୀ**

ଏହି ଲଲାଟେନ୍ଦୁ (ଉଦ୍ୟୋତ କେଶରୀ) ଯେତିକି ଶୈବ ଥିଲେ, ସେହି ଅନୁପାତରେ ଅନ୍ୟ ଧର୍ମ ପ୍ରତି ଉଦାର ଥିବାର ଦେଖାଯାଏ। ତାଙ୍କର ଏମିତି ଦ୍ୱିତୀୟ ପରିଚୟ ମିଳେ କୁମାରଗିରି ଓ କୁମାରୀଗିରି ପର୍ବତ ଦ୍ୱୟରେ। ସେ ଜୈନ ମାନଙ୍କ ପ୍ରତି କେବଳ ଉଦାର ମନୋଭାବାପନ୍ନ ନୁହନ୍ତି, ନିଜେ ଜଣେ ନୈଷ୍ଠିକ ଜୈନ ପରି ବାରଭୂଜୀ ଗୁମ୍ଫାର କାନ୍ଥରେ ସବୁ ଜୈନ ତୀର୍ଥଙ୍କର ଓ ସେମାନଙ୍କ ସହିତ ସମ୍ପୃକ୍ତ ସବୁ ଶାସନୀଦେବୀ ମାନଙ୍କର ମୂର୍ତ୍ତି ଖନନ କରିଥିଲେ। ସେହି ସମୟରେ କୁମାରଗିରିରେ ବାସ କରୁଥିବା ଜୈନଗୁରୁ ଜୈନ ସାଧକ ଶୁଭଚନ୍ଦ୍ର ଓ ତାଙ୍କର ତିନି ଜଣ ଛାତ୍ର ଶ୍ରାବକିରୁଭି, ଭିଜୋ ଓ ଶ୍ରୀଧରଙ୍କ ନାମ ବି ନବମୁନି ଗୁମ୍ଫାରେ ଖୋଦିତ ହୋଇଛି। ଶୁଭଚନ୍ଦ୍ର ତଦାନୀନ୍ତନ ଜୈନ ଆଚାର୍ଯ୍ୟ କୁଳଚନ୍ଦ୍ରଙ୍କର ଶିଷ୍ୟ। ମନେହୁଏ, ଖଣ୍ଡଗିରି ଓ ସନ୍ନିକଟ ପଥର ଖଣିଗୁଡିକରୁ ମନ୍ଦିର ତୋଳା ପାଇଁ ଏକାମ୍ରକୁ ପଥର ଆସୁଥିବା ପ୍ରସଙ୍ଗରେ

ଉଦ୍ୟୋତ କେଶରୀ କୁମାରପର୍ବତରେ ବସବାସ କରୁଥିବା ଜୈନ ସାଧକଙ୍କ ସାନ୍ନିଧ ଲାଭ କରିଥିବେ। ସେ ସମୟର ଉତ୍ତର ଭାରତର ବିଭିନ୍ନ ପର୍ଯ୍ୟଟକ ମାନଙ୍କ ଆଶା ଓ ଆକାଂକ୍ଷାକୁ ରୂପ ଦେବାପାଇଁ କୁମାରଗିରିରେ ବହୁ ଶ୍ରମ ଓ ଅର୍ଥ ବ୍ୟୟ କରି ଗୁମ୍ଫାଗାତ୍ରରେ ତୀର୍ଥଙ୍କର ଓ ଶାସନଦେବୀଙ୍କର ମୂର୍ତ୍ତି ଖୋଦନ କରିଛନ୍ତି। ଶୈବଶକ୍ତି ଉଦ୍ଭବ ଏକାଦଶ ଶତାବ୍ଦୀରେ ଶୈବ-ବୌଦ୍ଧ ତିକ୍ତତାର ଉଦାହରଣ ମିଳୁଥିବା ସମୟରେ ଉଦ୍ୟୋତ କେଶରୀଙ୍କର ଜୈନକୀର୍ତ୍ତି ସ୍ଥାପନ ତାଙ୍କ ଧର୍ମ ମନୋଭାବର ପରିଚୟ ଦିଏ।



ଏକଦା ଖ୍ରୀଷ୍ଟଜନ୍ମ ପୂର୍ବରୁ କଳିଙ୍ଗଯୁଦ୍ଧ ଓ ମହାମେଘବାହାନ ଖାରବେଳଙ୍କ ତୋଷାଳି, କଳିଙ୍ଗନଗରୀ ବସତିଗୁଡିକର ଉତ୍‌ଥାନ ପରେ ଦୀର୍ଘ ଏକ ସହସ୍ର ବର୍ଷ ପରେ କେଶରୀବଂଶର ଏକାମ୍ର ମନ୍ଦିର ତୋଳା ପର୍ବ ଏହି ଭୂଖଣ୍ଡକୁ କଳିଙ୍ଗର ରାଷ୍ଟ୍ରକୃତ ଶକ୍ତିର ଏକ କ୍ଷେତ୍ର ବୋଲି ପରିଚୟ ଦେବାବେଳେ, ସର୍ବଜନପ୍ରିୟ କେଶରୀନୃପତି ଉଦ୍ୟୋତ କେଶରୀ ଏହାକୁ ନାମକରଣ କରି ରାଜଧାନୀର ମାନ୍ୟତା ଦେଇଥିଲେ।

ଅବଶ୍ୟ ଭୁବନେଶ୍ୱର ତାପରେ ନିର୍ଜନ ହୋଇ ଯାଇନାହିଁ, ବରଂ ଏହାର ମନ୍ଦିର ପରିଚୟ ପର ପିଢିର ଉତ୍କଳ ସମ୍ରାଟମାନଙ୍କୁ ଧର୍ମଭିତ୍ତିରେ ଆକର୍ଷିତ କରିଛି। ଗଙ୍ଗନୃପତିମାନେ କିପରି ଲିଙ୍ଗରାଜଙ୍କର ଯତ୍ନ ନେଉଥିଲେ, ତାହା ନିମ୍ନ ଓଡିଶାର ସାମରିକ ଉତ୍ସ ଚୁଡଙ୍ଗଗଡ ବର୍ଣ୍ଣନା ସୂତ୍ରରୁ ପ୍ରତିପାଦିତ ହୋଇଥାଏ। ଗଙ୍ଗନୃପତିମାନେ ଭୁବନେଶ୍ୱରର ମନ୍ଦିର ସମ୍ପ୍ରସାରଣ ଓ ପୁରୁଷୋତ୍ତମ କ୍ଷେତ୍ରର ଅନୁପୂରକ କ୍ଷେତ୍ର ଭାବରେ ବିଶେଷ ଯତ୍ନ ନେବା ସମୟରେ ଭୁବନେଶ୍ୱର ସନ୍ନିକଟ ଉତ୍କଳର ଗୁପ୍ତ ସାମରିକ କେନ୍ଦ୍ରର ଅବସ୍ଥିତିରେ ଭୁବନେଶ୍ୱରକୁ ଗୁରୁତ୍ୱ ଦେଉଥିବା ସ୍ୱୀକାର୍ଯ୍ୟ।

ନବମ ଓ ଦଶମ ଶତକର ଉତ୍କଳ ଓ ଭୁବନେଶ୍ୱର। ସୋମବଂଶୀ କେଶରୀ ସୋମବଂଶୀମାନଙ୍କର କାଳଚୁରୀ ଆକ୍ରମଣରେ ସମ୍ବଲପୁର କୋଶଳରୁ ପୂର୍ବଦିଗକୁ ଅପସାରଣ ଓ ଉତ୍କଳରେ ଶାସକ ଭାବରେ ଆବିର୍ଭାବର କାଳ। ରାଜଧାନୀ ବିନିକାରୁ ବିରଜାକ୍ଷେତ୍ରକୁ ପରିବର୍ତ୍ତନ। ଭାରତବର୍ଷ ତୁହାକୁ ତୁହା ଯବନ ଆକ୍ରମଣ। ତୋଗଲକ, ଖିଲିଜି ଆଉ କେତେ କେତେ ପଶ୍ଚିମା ଯବନ ଶକ୍ତିରେ ପରାହତ ଉତ୍ତର ଭାରତ। ଚୋରାଛପା ଆକ୍ରମଣ ଓ ଗୁପ୍ତ ଷଡଯନ୍ତ୍ର ଭିତିକ ଆତ୍ମରକ୍ଷା। ଦିଲ୍ଲୀ ଦୌଲତାବାଦ ମାଣ୍ଡୋ ସବୁଠାରେ ଗଡ, ଗଡଖାଇ, ସୁଡଙ୍ଗ ଆଉ ଆତ୍ମରକ୍ଷାର କୌଶଳୀ ରାସ୍ତା।

ଏହା ବି ଦିନେ ସୋମବଂଶୀ ଶାସକଙ୍କ ନିଦ ହଜାଇ ଦେଇଥିଲା। କେଶରୀମାନେ ଅତି ବଳଶାଳୀ ନଥିଲେ ବି ଜନପ୍ରିୟ ଓ କଳାଭାସ୍କର୍ଯ୍ୟପ୍ରିୟ ଥିବା ନିଶ୍ଚିତ। ସେମାନେ ନିଜ ରାଜ୍ୟର ଶକ୍ତି ଆକଳନ କରି ଗୋଟିଏ ସୁଦୃଢ ଗୁପ୍ତ ଆଶ୍ରୟ ଖୋଜିବା ଆଳରେ ନିଜ ରାଜ୍ୟର ସ୍ଥିତ ଓ ପରିତ୍ୟକ୍ତ ଗଡ ଗୁଡିକର ସମୀକ୍ଷା କରିଛନ୍ତି। ସେମାନେ ନିଶ୍ଚିତ, ଏହି କଳିଙ୍ଗର ସାମରିକ ଜାତି ନିଜ ସାମରିକତା ବୃଦ୍ଧିପାଇଁ ଅନେକ ପ୍ରାକୃତିକ ପରିବେଶ ବାଛି ନେଇଥିବେ, ଗଡ, ଗଡଖାଇ, ପ୍ରଶିକ୍ଷଣ, ସେନାର ବିନ୍ୟାସରେ ବିଭିନ୍ନ ବର୍ଗର ଅଭିଜ୍ଞତା ଆଦିକୁ ସୁଧାରି ଉତ୍କଳ ନିମନ୍ତେ ସଂଗଠନ କରିବା।

ସେଇ ସୂତ୍ରରେ ସେମାନେ ଗୋଟି ଗୋଟି କରି ତନଖିଛନ୍ତି ଶତାଧିକ ବର୍ଷରୁ ତିଷ୍ଟି ରହିଥିବା ଶିଶୁପାଳ ଗଡ, ବଡଗଡ, ଭଅଁରା ଗଡ, ଚୁଡଙ୍ଗଗଡ, ବାଲିଅନ୍ତା ଗଡ, ସେରଗଡ, ଗୁଆଳି ଗଡ ଓ ଗଙ୍ଗେଶ୍ୱରଗଡ। ଏଗୁଡିକ ମଧ୍ୟରୁ ଗୁପ୍ତ ଆଶ୍ରୟ ଓ ସାମରିକ ଶକ୍ତି ବର୍ଦ୍ଧନ ପାଇଁ ବାଛି ଛନ୍ତି ଚୁଡଙ୍ଗ ଗଡ। କଳିଙ୍ଗ ଉତ୍କଳକୁ ପ୍ରକୃତିଦତ୍ତ ଗୁପ୍ତ ଆଶ୍ରୟର ନିର୍ଭୟ ସ୍ଥାନ !

ଦେଖିଲେ ମନେହୁଏ, ଏହା ଅନନ୍ତ କାଳରୁ ଅତି ପୁରାତନ କଳିଙ୍ଗ ସାମରିକତାର ପ୍ରାଣକେନ୍ଦ୍ର, ସମ୍ଭବତଃ ଖାରବେଳ କି ତାର ବହୁ ପୂର୍ବରୁ ଏଇ ଅଞ୍ଚଳର ସାମରିକ ପ୍ରଶିକ୍ଷଣ ଓ ବିକାଶ କେନ୍ଦ୍ର ଭାବରେ ଗୁପ୍ତରେ ରହିଆସିଛି। ଏହାର ପ୍ରାକୃତିକ ପାହାଡ ପର୍ବତ ଘେରା ନିରାପଦ ପରିବେଶ ସହିତ ନିକଟରେ ମହାନଦୀରୁ ବାହାରି ଶକ୍ତ ଜଳଧାରାର ପ୍ରାଚୀ ନଦୀ ଏହାକୁ ଅତି ନିରାପଦ ବୋଲି ନିର୍ଭୟ ଦେଉଛି।

ଏହି ସ୍ଥାନର ଗୋଟିଏ ଭୟ ହେଉଛି ଭୟଙ୍କର ସାପଗୁଡିକର ଉପସ୍ଥିତି। ସନ୍ନିକଟ ବସତିଗୁଡିକରେ ବହୁ ସର୍ପାଘାତ କେଶରୀ ରାଜାଙ୍କୁ ବ୍ୟଥିତ କରିଥିଲା। ବହୁ ଚିନ୍ତାକରି ପଦ୍ମକେଶରୀ ଦକ୍ଷିଣ ରାଜ୍ୟରୁ କେତେକ ସାପଧରାଳୀ ବଂଶଧରଙ୍କୁ ଗୋଟିଏ ପଡାରେ ଆଶ୍ରୟ ଦେଇଥିଲେ ଦଶମ



ଶତାବ୍ଦୀରୁ। ତାଙ୍କ ନାମ ଆଜି ଆମେ ଶୁଣି ପାରୁଛେ, ପଟିଆ କେଲାଙ୍କ ବସତି ପଦ୍ମକେଶରୀପୁରରୁ।

ଏମିତି ସୋମବଂଶୀ ରାଜାମାନେ ଏହାକୁ ନିର୍ଭୟ ସ୍ଥାନ ମଣି ଏଠାରେ ବି ସାମୟିକ ବାସ କରିବାର ପ୍ରମାଣ ରଖିଯାଇଛନ୍ତି। ଏମିତି କି ଏହି ଗଡରୁ ଗୁପ୍ତ ରାସ୍ତାରେ ବାହାରି ଅଶ୍ୱାରୋହୀ ସସ୍ତ୍ରୀକ ପଦ୍ମକେଶରୀ ସାରଙ୍ଗଗଡ ନିର୍ଗତ ପଥରୁ (ଆଜିର ବାରଙ୍ଗ ରେଳ ଷ୍ଟେସନ ପାଖରୁ) ଦୁଇ ଯୋଜନ (୧୫ କିଲୋମିଟର) ରାସ୍ତା ଅତିକ୍ରମ କରି ଲିଙ୍ଗରାଜ ଦର୍ଶନ ପାଇଁ ପ୍ରତ୍ୟହ ଯିବାର କିମ୍ବଦନ୍ତୀ ରହିଛି।

ଖାଲି ସେତିକି ନୁହେଁ, ଶେଷ ସୋମବଂଶୀ ନୃପତିଙ୍କୁ ହଟାଇ ଗଙ୍ଗବଂଶୀ ପ୍ରଥମ ଉତ୍କଳ ରାଜା ଚୋଡଗଙ୍ଗ ଏଠାରେ କିଛି କାଳ ବସବାସ କରିବାର ପ୍ରମାଣ, ଏହି ଗଡରେ ଜନ୍ମ ହୋଇଛନ୍ତି ତାଙ୍କର ବିଖ୍ୟାତ ପୁତ୍ର ପୁରୀ ଶ୍ରୀମନ୍ଦିର ନିର୍ମାତା ଅନଙ୍ଗଭୀମଦେବ। ଏହି ସମୟରେ ଚୋଡଗଙ୍ଗଙ୍କର କନ୍ୟା ତ୍ରୈଲୋକ୍ୟ ସୁନ୍ଦରୀ ବିବାହ କରିଛନ୍ତି ସିଂହଳ ରାଜକୁମାର ବିକ୍ରମ ବାହୁଙ୍କୁ। ଏକାଦଶ ଶତାବ୍ଦୀରେ ଉତ୍କଳ ଆଉ ସିଂହଳର ଗମନାଗମନ ରହସ୍ୟମୟ କଥା ନୁହେଁ।

ଶୁଣିଲେ ବିସ୍ମିତ ଲାଗେ, ଉତ୍କଳ କାହାଣୀ କେତେ ଲମ୍ବିଛି! ପ୍ରାଚୀ-ମହୋଦଧି-ସିଂହଳ ଜଳପଥରେ ସିଂହଳ ନରେଶ କଳିଙ୍ଗରେ ପଦାର୍ପଣ କରିଛନ୍ତି ଚୁଡଙ୍ଗ ଗଡରେ! ତାଙ୍କ ବୋଇତ ସ୍ୱଚ୍ଛନ୍ଦରେ ପହଞ୍ଚିଥିଲା, କିନ୍ତୁ କୋଉ ବୋଇତ ବୁଡି ଯାଇଥିଲା କେଜାଣି, ନୌପରିବହନର ପ୍ରମାଣ ଆଜିର ଏହି ବାରଙ୍ଗ ନିକଟର ବୋଇତବୁଡି ନାମକ ଗଭୀର ଗଣ୍ଡର ଅବସ୍ଥିତି।

ଭୁବନେଶ୍ୱରରୁ ପନ୍ଦର କିଲୋମିଟର ଉତ୍ତରରେ ବାରଙ୍ଗ ପାଖରେ ଏହି ଐତିହାସିକ ଚୁଡଙ୍ଗ ଗଡ ଦିନେ କଳିଙ୍ଗ - ଉତ୍କଳର ପ୍ରାଣକେନ୍ଦ୍ର ଥିଲା। ଏହି ପୁରାତନ ଗଡଟିର ଜରାଜୀର୍ଣ୍ଣ ଶରୀର ଆଜିର ମୂକସାକ୍ଷୀ। ଏହା ଥିଲା କଳିଙ୍ଗ ପରି ସାମରିକ ରାଜ୍ୟର ପ୍ରାଣକେନ୍ଦ୍ର, କଳିଙ୍ଗ ନୃପତିଙ୍କର ମାଂସପେଶୀ। ସାରଙ୍ଗ ଗଡର ପଦାତିକ, ଗଜାରୋହୀ କି ଅଶ୍ୱାରୋହୀ ନାଁ ଶୁଣିଲେ ପଡୋଶୀ ରାଜ୍ୟର ସମର୍ଥ ଯୋଦ୍ଧାମାନଙ୍କର ବି ହୃତ୍କମ୍ପ ହେଉଥିଲା।

ନିବିଡ ଅରଣ୍ୟ, ତଦାନୀନ୍ତନ ପ୍ରାଚୀ ନଦୀର ବଳିଷ୍ଠ ଜଳଧାର ସାରଙ୍ଗଗଡର ଉତ୍ତରପାର୍ଶ୍ୱ ଗଡଖାଇର କବଚ, ଅନ୍ୟ ଦିଗରେ ପାହାଡର ଘେର ଦିଏ ପ୍ରବଳ ପ୍ରତିବନ୍ଧ। ପୁରୁଷ ପୁରୁଷ ଅଭିଜ୍ଞତାରୁ ରାଜକୀୟ ଉଦ୍ୟମରେ ବିଶାଳାକାୟ ପଥର ଖଣ୍ଡରେ ୨୦ ରୁ ୨୫ ଫୁଟ ଉଚ୍ଚର ବରାଟ ପାଚେରି ଦଣ୍ଡାୟମାନ। ଦୁଇ କୋଲୋମିଟର ବ୍ୟାପ୍ତ ଏହି ଗଡ କେଶରୀ ଓ ଗଙ୍ଗ ସମ୍ରାଜ୍ୟର ଜୀବନ ନାଟିକା ହୋଇ ରହିଥିଲ। ପୁଣି ଗଡଟିର ଚାରି ପାଖେ ୨୦ ରୁ ୫୦ ଫୁଟ ଚଉଡାର ଗଡଖାଇ। ବହୁ ହ୍ରଦ ଓ ଜଳାଶୟରେ ଭରପୂର ଚୂଡଙ୍ଗ ଗଡ। ଏମିତି ଅଛି ୧୮ ଏକର ପରିମିତ ଚୁଡଙ୍ଗ ହ୍ରଦ, ରାଣୀମାନଙ୍କ ନୌବିହାର ପାଇଁ ଆଉ ୧୮ ଏକରର ଜେନାମଣି ହ୍ରଦ, ଗୋସେବା ପାଇଁ କ୍ଷୀର ପୋଖରୀ। ସବୁଠାରୁ

ବଡ ରାଜପରିବାରର ଜଳକ୍ରୀଡାର କଞ୍ଜିଆ ହ୍ରଦ ଆଜିର ନନ୍ଦନକାନନ ହ୍ରଦ ।

ଚୁଡଙ୍ଗ ଗଡ ପହରାରେ ଜାଗ୍ରତ ପ୍ରହରୀ ଥିଲା ଗୁଳିଆଗଡ । ରାଜପରିବାରର ସୁରକ୍ଷାସ୍ଥଳୀ । ୮-୧୦ ଲୋକ ଖସିଯିବା ଭଳି ସୁଡଙ୍ଗ ରହିଛି । ଆଜିର ବୃହତ୍ ଦାରୁଠେଙ୍ଗ ଗ୍ରାମଟି ହିଁ ଅତୀତର ଗୁଳିଆଗଡ ।

ଅନୁମାନ କରାଯାଏ, ପରିତ୍ୟକ୍ତ ଏହି ପ୍ରାକୃତିକ ଅଭୟ ସ୍ଥାନକୁ କେଶରୀ ବଂଶର ସାରଙ୍ଗ କେଶରୀ ପରିକଳ୍ପନା କରିଥିଲେ । ସେଇ ସାରଙ୍ଗ ଶବ୍ଦ ଦିନେ ଅପଭ୍ରଂଶ ହୋଇ ବାରଙ୍ଗ ହୋଇଛି, ତାହା ମାନିବାକୁ ପଡିବ । ଚୁଡଙ୍ଗ ପରି ଗିରିଦୁର୍ଗକୁ ଦେଖିଲେ ଯେ କେହି ପର୍ଯ୍ୟଟକ ବିସ୍ମୟାଭିଭୂତ ହୋଇପଡିବେ ।

ସାରଙ୍ଗ କେଶରୀଙ୍କ ପର ଠାରୁ ପଦ୍ମ କେଶରୀଙ୍କ ପର୍ଯ୍ୟନ୍ତ ଏହି ଗଡ ଉପରେ ନିର୍ଭରଶୀଳ ଥିଲେ । ଶେଷ କେଶରୀ ନୃପତି ପଦ୍ମ କେଶରୀଙ୍କ ଠାରୁ ଚୋଡଗଙ୍ଗ ଦେବ ତ୍ରିକଳିଙ୍ଗ ଅଧିକାର କରି ବି ଏଠାରେ ବସବାସ କରିବାର ଉଦାହରଣ ଦିଆଯାଇଛି । ଓଡିଶାର ଶେଷ ସ୍ୱାଧୀନ ରାଜା ତେଲେଙ୍ଗା ମୁକିନ୍ଦଦେବ ଏହି ସାରଙ୍ଗଗଡ ସଂକ୍ରାନ୍ତ ରହସ୍ୟର ଆତ୍ମଘାତୀ ଶିକାର ହୋଇଥିଲେ ନିଜ ସେନାପତି ରାମଚନ୍ଦ୍ର ଭଞ୍ଜଙ୍କ ଦ୍ୱାରା । ପରିଶେଷରେ ଆଫଗାନ ଓ ମୋଗଲ ଶାସନ ଓଡିଶାକୁ କରଗତ କଲା । ମୁକୁନ୍ଦଦେବଙ୍କର ଦୁଇ ପୁତ୍ରଙ୍କ ମଧ୍ୟରୁ ରାମଚନ୍ଦ୍ରଦେବ ଆଳିର ରାଜା ହେଲେ, ଚକ୍ରଧର ଦେବ ସାରଙ୍ଗଗଡ ସହ ୬ଟି ପ୍ରଗଣା ପାଇ ଛକଡି ଭ୍ରମରବର ରାୟ ଉପାଧି ଲାଭକଲେ । ଏମିତି ସାରଙ୍ଗଗଡର ଐତିହ୍ୟ ବିଲୀନ ହେଲା ।

ଶିଶୁପାଳ ଗଡ ବି ଇତିହାସରେ ବହୁ ବର୍ଷ ପର୍ଯ୍ୟନ୍ତ ସକ୍ରିୟ ଥିଲା । ଖାରବେଳଙ୍କ ସମୟରୁ ଶୀର୍ଷାସନରେ ଉପବିଷ୍ଟ ଶିଶୁପାଳ ଗଡ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ଜୀବନ୍ତ ଥିବାର ପ୍ରମାଣ ରହିଛି । ଏମିତି କି କଳାପାହାଡ ଏହାକୁ ଧ୍ୱଂସ କରିବାର ପ୍ରମାଣ ରହିଛି ।

ପୁଣି ଭୁବନେଶ୍ୱର ଉପକଣ୍ଠର ଅନତି ଦୂରରେ ଇତିହାସ ପୃଷ୍ଠାରେ ବିରାଜମାନ ଖୋର୍ଦ୍ଧା ବରୁଣେଇ ମଧ୍ୟରେ ଗଢି ଉଠିଥିବା ସାମରିକ ଖୋରଧା ଗଡ । ଏହାର ସାମରିକ ପରିଚାଳନା ଫଳରେ ଓଡିଶାର ସାମରିକ ରାଜଧାନୀ ଦିନେ ଖୋର୍ଦ୍ଧାକୁ ଚାଲିଆସିଲା । ପୁରୀର ରାଜାଙ୍କର ରାଜଧାନୀ ହେଲା ଖୋର୍ଦ୍ଧା । ଜଗନ୍ନାଥଙ୍କ ସୁରକ୍ଷା ଏହି ବଳୟ ଭିତରେ ରହିଲା । ବାସ୍ତବିକ ଓଡିଆ ପାଇକ କହିଲେ ଖୋର୍ଦ୍ଧାର ଜୀବନମୂର୍ଚ୍ଛା ସଂଗ୍ରାମ ରଚି ପାରିବା ସୈନିକ ଗୋଷ୍ଠୀ । ଜଗନ୍ନାଥଙ୍କୁ ବିଶ୍ୱାସ କରି ନିଜର ଜୀବନ ମୂର୍ଚ୍ଛିଦିଏ ଯୁଦ୍ଧ ଭୂମିରେ ।

ଏମିତି ଚତୁଃପାର୍ଶ୍ୱର ସାମରିକତାର ମାଧ୍ୟାକର୍ଷଣରେ ପୂର୍ବରୁ ସଂରକ୍ଷିତ ଏକାମ୍ର କାନନର ବିସ୍ତୀର୍ଣ୍ଣ ଜଙ୍ଗଲ, ସରକାରୀ ଜମିକୁ ନେଇ ଯେ ଦିନେ ରାଜ୍ୟର ରାଜଧାନୀ ହେବ, ଏହା ଲିଙ୍ଗରାଜ ମହାପ୍ରଭୁଙ୍କ ମହାଶିବରାତ୍ରୀର ଶିଖରକୁ ଉଠୁଥିବା ମହାଦୀପ ଆଧ୍ୟାତ୍ମିକ ମତେ ସ୍ୱୀକାର କରୁଥିଲା ।

ସମାରୋହ, ୧୨୮, ଡୁମୁଡୁମା (କ),
ଖଣ୍ଡଗିରି, ଭୁବନେଶ୍ୱର-୩୦.
ମୋ - ୯୦୭୮୬୭୧୪୭୮





# ଭୁବନେଶ୍ୱରୀ

*ସୁଜାତା ସିହ୍ନା*

ତୁମେ ଖୁବ୍ ସୁନ୍ଦରୀ
ତୁମ ରୂପର ଚର୍ଚ୍ଚା
ଚଉଦିଗରେ, ସବୁରି ମୁହଁରେ ।
ଶେଫାଳୀ ଫୁଲର ହସପରି
ତୁମର ହସ ।
ରାତିରେ ରଜନୀଗନ୍ଧା ପରି ତୁମର ସୁବାସ

ତୁମ ଲାବଣ୍ୟରେ ତୁମେ
ଲକ୍ଷହୀରା
ତୁମ ଲାସ୍ୟରେ ତୁମେ
ଚିର ଅପାସୋରା ।

ସମସ୍ତଙ୍କୁ ତୁମେ ଆକର୍ଷିତ କରିପାର
ତୁମ ଲଳିତ କୋମଳ
କମନୀୟ କଳା ଚାତୁରୀରେ
ଆନମନା କରିପାର
କାମୋଦ୍ଦୀତ କରିପାର
ତୁମ କଟାକ୍ଷରେ
ନୀଳ-କାମନାରେ ।

ତୁମ ମାୟାରେ ଅନିର୍ବାର
ଛନ୍ଦିହୁଏ ମନ ଅତୁଳ ଅପାର ।
ତୁମ କମନୀୟ କଟୀର
ଶିଥିଳତାରେ ଶିହରିଯାଏ
ସକାଳ ସତ୍ୱର ।

ଦୂର ଦିଗନ୍ତର ନିରବ କୋଳାହଳ ଭିତରେ
ଡେଣାଝାଡି ପକ୍ଷୀକୁଳ
ସ୍ୱପ୍ନ ବିଭୋର ଚିରକାଳ -
ତୁମ ନିଟୋଳ ନିଝୁମ ରାତିରେ
ଚରମ ଉଷ୍ଣତାରେ
ତୁମେ ତୁମ ମୋହିନୀ ମନ୍ତ୍ରରେ
ସମସ୍ତଙ୍କୁ ଆକର୍ଷିତ କରି ରଖିଅଛ
କାଳକାଳ କଳାର କୁଟିଳ
ଆବେଦନରେ, ତୁମେ
କାମ କଳାରେ ।

ନିଜ ରାତିର ନମ୍ର କୋମଳ କାମନାରେ
ଗଢା ହୋଇଥିବା ସାଂସ୍କୃତିକ
କୀର୍ତିରାଜିକୁ ତୁମେ ସଂପାତି ରଖିଛ
ଶତାବ୍ଦୀ ଶତାବ୍ଦୀ ଧରି ଓ
ଭାଇଚାରାରେ ଭରିଦେଇଛ ହୃଦ,
ଭାଙ୍ଗିଦେଇଛ ଅହଂକାରର ଅନେକ ସଉଧ,
ସାରା ଅରିକୁଳ ।
ସମୟକୁ ଅତିକ୍ରମି ଯାଇ
କାଟି ଦେଇଛ କେତେ କେତେ
ଦ୍ରୋହକାଳ, ସଂଜ ଓ ସକାଳ ।

ତୁମେ କାଳକାଳ
କଳ୍ପନାର କନକସୁନ୍ଦରୀ ।
ତୁମେ ଭାବର ବୈଭବ
ପୁଣି, ଭୁବନ ମୋହିନୀ -
ଭୁବନେଶ୍ୱରୀ ।।

ଦନ୍ଦନଈ, ବନ୍ତଳୀଗ୍ରାମ, ପୁରୀ
ମୋ-୯୨୩୮୮୨୯୯୪୪

॥ ଦୁଇ ॥

# ତିନି ସହସ୍ରାବ୍ଦର ଇତିହାସ-ଐତିହ୍ୟ



# ଗନ୍ଧବତୀ

ଡଃ ମନୋରମା ମହାପାତ୍ର

ଇତିହାସ ଠାରୁ ବି ପ୍ରାଚୀନ
ଏଇ 'ଗନ୍ଧବତୀ' ନଦୀ
ଶିଳାଲେଖ ଠାରୁ ବି ପ୍ରାଚୀନ
ଏକାମ୍ରନଗରୀର କାନଭାସ୍ ଉପରେ
ଚିତ୍ରାର୍ପିତ।

ଇତିହାସର କେଉଁ ତାରିଖରେ
ଗନ୍ଧବତୀ, ଗଙ୍ଗୁଆ ନାମରେ ଖ୍ୟାତ ହେଲା,
ଗନ୍ଧବତୀ କେତେବେଳେ
ସୁଷମା ମଣ୍ଡିତ ତ
କେତେବେଳେ ଢେଉର ବିଳାସରେ
ଉଦ୍‌ବେଳିତ।

ଗନ୍ଧବତୀ ନ ହେଉପଛେ
ଭାର୍ଗବୀ ପରି ଅନୁପମା
ଗନ୍ଧବତୀ ନ ହେଉ ପଛେ
ଇତିହାସ ଠାରୁ ଆହୁରି ପ୍ରାଚୀନ
ସ୍ମୃତିମୟ କିମ୍ବଦନ୍ତୀ
ଗନ୍ଧବତୀ ହିଁ ଗନ୍ଧବତୀ କେବଳ।

ଗନ୍ଧବତୀର ଶଙ୍ଖଚିଲ ଗାଁରେ
କୁମ୍ଭାଟୁଆ ଆଳାପ ଅଭ୍ୟାସ କରେ
'ଭୈରବୀ' ରାଗର
ନୀଳକଣ୍ଠ ପକ୍ଷୀ ଅବା ଡାହୁକ ଡାକରେ
ଗନ୍ଧବତୀର ନିଦ ଭାଙ୍ଗେ ପ୍ରତି ପ୍ରଭାତରେ।
ଗନ୍ଧବତୀ କେବଳ ଏକ ଅନୁଭବ
ଜୀବନକୁ କୋଳେଇ ନେବାର ଅନୁଭବ।
ମୁଁ ବହୁ ଦିନରୁ ଘୁଂଚି ଆସିଲିଣି ତା ପାଖରୁ
ତଥାପି ମୋ ଅଗୋଚରରେ
ବନ୍ଧାପଡ଼ିଛି ଗନ୍ଧବତୀ ପାଖରେ।
ଗନ୍ଧବତୀର ପାଦଚିହ୍ନ ମୋ ଚେତନାରେ ।
ଜୀବନ ଭିତରେ।
ଗନ୍ଧବତୀ ନଥିବା ଦିନ
ଗନ୍ଧବତୀ ନଥିବା ଜନପଦ
ସବୁ ଶୂନ୍ୟ ସବୁ ହାହାକାର।

ପ୍ରୀତମପୁରୀ, ୧୨୫, ଆଚାର୍ଯ୍ୟବିହାର
ଭୁବନେଶ୍ୱର, ଫୋନ୍-୦୯୪୩୭୦୧୧୦୦୩

ବି.ଦ୍ର. : 'ଗନ୍ଧବତୀ' ନଦୀର ଅନ୍ୟ ନାମ ଗଙ୍ଗୁଆ। ଲକ୍ଷ୍ମୀସାଗର ଝାରପଡ଼ା ଦେଇ କୋରଡ଼କଣ୍ଟା ଗ୍ରାମକୁ ଗଲାବେଳକୁ ଏହି ନଦୀ ଦୃଷ୍ଟିଗୋଚର ହୋଇଥାଏ। ଏକାମ୍ରକ୍ଷେତ୍ର ଭୁବନେଶ୍ୱରର ସବୁ ପ୍ରାଚୀନ ନଦୀ ଗନ୍ଧବତୀ ସମ୍ଭବତଃ ନିଜର ନାମ ପରିବର୍ତ୍ତନ ପୂର୍ବକ 'ଗଙ୍ଗୁଆ' ନାମରେ ଆଜି ପରିଚିତ। ସମୟସ୍ରୋତରେ ନିଜର ଗତିପଥ ପରିବର୍ତ୍ତନ କରି ଏହାର ଜଳଧାରା ଆଧୁନିକ ଭୁବନେଶ୍ୱରର ଗଳାର ମୁକ୍ତାହାର ସଦୃଶ ଶୋଭା ପାଉଛି।

# ଭୁବନେଶ୍ୱର

*ଉମାକାନ୍ତ ମହାପାତ୍ର*

ବହୁବର୍ଣ୍ଣା ଭାବନାର
ଭୁବନ ତୁ,
ମୁଠିଏ ମାଟିର ଐଶ୍ୱର୍ଯ୍ୟ
ମୃଣ୍ମୟ ଶରୀରେ ତୋ'ର
କଂକ୍ରିଟର କୁଟିଳ ଜଙ୍ଗଲ ଧରି
ସଜେଇଛୁ କୋଟିଏ ମହଲ !
ନାନାରଙ୍ଗେ ତିଆରିଛୁ ନିଜକୁ ତୁ
ନିର୍ବିବାଦେ କରିଅଛୁ
ସଭିଙ୍କୁ ନିଜର ।

ସୁଖ ଆଉ ଦୁଃଖର ଗମ୍ଭୀରା ଖୋଲି,
ବାଣ୍ଟିଅଛୁ ଭାବର ପୁଲକ ଯେତେ
ଭାବନାର ଭବ୍ୟ ଭୂଲୋକରେ
ରଚିଅଛୁ ଦୀପ୍ତିମୟ
ଅନନ୍ତ ଭାସ୍କର୍ଯ୍ୟ
ଭୀମନାଦେ ଭରିଅଛୁ ଅନନ୍ତ ଯୋଜନ
ଭୂଧର-ଭୂପତି ଯେତେ
ଭୂର୍ଜପତ୍ରେ ଲେଖିଛନ୍ତି ତୋ' ଦେହରେ
ଭୋଗ ଆଉ ଭାଗ୍ୟର କବିତା !
ମଉନ ମନ୍ଦିର ସବୁ ଗାଉଛନ୍ତି
ଏବେ ବି ତ ମଉଳା ଅଧର ଖୋଲି
ସେଇ ସବୁ କଥା ।

ମଗ୍ନ ମଙ୍ଗୁଆଳମାନେ
ଏବେ ଖାଲି ଆପଣାର କଲାକର୍ମ କହି ଅଯଥାରେ
କୁଟୁଛନ୍ତି ମନର ମାଣିକ
ଚାରିଆଡେ ଶୁଭେ କୋଳାହଳ -
କାମନାର କରୁଣ ଚିତ୍କାର ।

"ତୂଳିତଳ୍ପେ ଥୋଇଦେଇ ତୃଷ୍ଣାର-ତୁଷାର ଦେଇ, ଆପଣାର
ଇଜ୍ଜତ ଉଜାଡି-ନପୁଂସକପରି
ମନର ତୁରଗଧାଏଁ ତୂର୍ଯ୍ୟନାଦେ
ତେଜୋମୟ ପରି ;
ତୁଷାନଳେ ସିଝୁଥାଏ ଦେହ ରୁ ବି ଦେହ
ଭାଗ୍ୟକୁ ଆଦରି ।"

ଏବେ-
ତ୍ୟାଗ ଆଉ ତିତିକ୍ଷାର
ସମୟ ସରିଛି ।
ତର୍ଜନୀରେ ତ୍ରିପୁର ବିଟାଳି
ଆପଣାର ସୁଖପାଇଁ
ଭାବଭକ୍ତି ଏଡିଦେଲ ଏ ମଣିଷ ଆଜିକାଲି
ନିର୍ମମ ନିର୍ବୋଧ ପରି
ନିର୍ଲଜ୍ଜେ ନିର୍ଲିପ୍ତ ହୁଏ,
ଲଂଘିଯାଏ ପୁଣ୍ୟର ପାଚେରି ।
ବିପଥେ ବେପଥୁ ଜନେ
ଜମିଯାଏ ପାପର ପାପୁଲି;
କର୍ମକୁ ଆଦରି କଳି ହୁଏ
କୀଟଦ୍ରଂଷ୍ଟ

ଚାରିଆଡେ ଦୁର୍ଭାଗା ଦୁର୍ଗତି ।
ଦୁର୍ଦିନ ଆସୁଛି ମାଡି, ଦୁର୍ଗତି ଓ
ଦୁର୍ନୀତିରେ ଦୁର୍ବହ ଦୁକୂଳ ।
ଦୁଃଖର ଦୁନ୍ଦୁଭି ବାଜେ, ଦୁମୁକାଣି
ମାଡ଼ିଆସେ- ଦୁରାଶା ପ୍ରବଳ ।
ଭାବନାର ଭାଲପଟେ
ପଲପଲ ଉଡେ ମାଟିଚିଲ ।

ସେଇସବୁ କଥା ଭାବି
କେବେ ବା କେଉଁଠି
ଶଙ୍କାରେ ସାଙ୍ଗୁଡ଼ି ଯାଏ
ଶ୍ରଦ୍ଧାରେ ମୁଁ ଥାପୁଡ଼ାଏ ପିଠି।
ପାପର ପିଞ୍ଜରା ଖୋଲି
ଉଡ଼ିଯାଉ ପ୍ରିୟ ପ୍ରାଣପକ୍ଷୀ ମୋର -
ଦୁର୍ମଦ-ଦୁର୍ମନା !

ଦୁର୍ଜ୍ଜୟ ଦୁଲାଳମାନେ
ରଚିଯାନ୍ତୁ ଦେବୋପମ ସୃଷ୍ଟି ଅନୁପମା।
ଧୀ ଓ ଧୀଷଣା ଯେତେ ଚରିଯାଉ ଧମନୀରେ,
ଧୂପ ଓ ଧ୍ୱନ ନ କରି
କଟିଯାଉ କାଳରାତ୍ରୀ
ଏହାହିଁ କାମନା !!

ଉଦୟରାଗ କମ୍ପ୍ଲେକ୍ସ, ବଳିଆପଣ୍ଡା, ସିପସରୁବାଲି,
ପୁରୀ-୭୫୨୦୦୧
ମୋ - ୯୨୩୮୫୯୨୪୯୨



# ଏକାମ୍ର ମନ୍ଦିରମାଳା ପରିକ୍ରମା

***ଏକ ସମୀକ୍ଷା***

ମନ୍ଦିରମାଳିନୀ ଭୁବନେଶ୍ୱରର ଗଳାକୁ କାଳକ୍ରମେ ଗୋଟି ଗୋଟି ହୋଇ ମନ୍ଦିରଗୁଡ଼ିକ ମଣ୍ଡନ କରିଛନ୍ତି । କିନ୍ତୁ ସେହି କାଳର କରାଳ ଗର୍ଭରେ କୋଟିଏ ଶିବଲିଙ୍ଗଥିବା ଦ୍ୱିତୀୟ କାଶୀ - ଏହି ଭୁବନେଶ୍ୱରର ବହୁ ମନ୍ଦିର ବିଲୀନ ହୋଇଯାଇଛି । ଅଦ୍ୟାବଧି ତିନିଶହ କୋଡ଼ିଏଟି ମନ୍ଦରି, ପଞ୍ଚାଳିଶଟି ଶିବଲିଙ୍ଗ ଏବଂ ପନ୍ଦରଟି ସହସ୍ରଲିଙ୍ଗ ବିଶିଷ୍ଟ ସ୍ତମ୍ଭ ଭଗ୍ନ, ଅର୍ଦ୍ଧଭଗ୍ନ ବା ଅସୁରକ୍ଷିତ ଅବସ୍ଥାରେ ବିଦ୍ୟମାନ ।

ପଣ୍ଡିତମାନଙ୍କର ମତ - ଶୈବଧର୍ମର ପାଶୁପତ ସମ୍ପ୍ରଦାୟ ଏ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥିଲା । ସେହି ସମ୍ପ୍ରଦାୟର ଶୈବଗୁରୁ ଶୈବମତ ପ୍ରଚାର କାଳରେ ବୌଦ୍ଧଗୁରୁମାନଙ୍କର ସମ୍ମୁଖୀନ ହୋଇଥିଲେ । ଶାସକ ଶୈଳୋଦ୍ଭବ ରାଜବଂଶ ବ୍ରାହ୍ମଣ୍ୟ ମତବାଦର ପୃଷ୍ଠପୋଷକ ହୋଇଥିବାରୁ ପାଶୁପତ ସମ୍ପ୍ରଦାୟର ଆଚାର୍ଯ୍ୟମାନେ ଏକାମ୍ରର ବୌଦ୍ଧମଠ, ଚୈତ୍ୟ, ବିହାର ସଙ୍ଘାରାମ ଓ ଅଶୋକକାଳୀନ ସ୍ତମ୍ଭଗୁଡ଼ିକୁ ନିପାତ କରି ତା ସ୍ଥାନରେ ଶିବଲିଙ୍ଗ, ସହସ୍ରଲିଙ୍ଗ ବିଶିଷ୍ଟ ସ୍ତମ୍ଭ, ଶୈବମଠ ନିର୍ମାଣ କରିଥିଲେ ।

### ଭରତେଶ୍ୱର, ଲକ୍ଷ୍ମଣେଶ୍ୱର ଓ ଶତ୍ରୁଘ୍ନେଶ୍ୱର ମନ୍ଦିର -

ଭୁବନେଶ୍ୱର ସହରର ସର୍ବପ୍ରାଚୀନ ମନ୍ଦିର ତିନୋଟି ଜରାଜୀର୍ଣ୍ଣ, ଏଗୁଡ଼ିକ ରାମେଶ୍ୱର ମନ୍ଦିରର ପୂର୍ବଦିଗକୁ ମାଉସୀମା ମନ୍ଦିର ପାଖରେ ଅବସ୍ଥିତ । ଏହା ମାଉସୀମା ମନ୍ଦିର ଛକରୁ ମୁନିସିପାଲଟି-ମ୍ୟୁଜିୟମ ଆଡ଼କୁ ଆସିବାରେ ଅଳ୍ପକେତେ ଗଜ ଦୂରରେ ରାସ୍ତାକଡ଼ରେ ଅବସ୍ଥିତ । ଏହି ମନ୍ଦିରଗୁଡ଼ିକର ନାମ ଭରତେଶ୍ୱର, ଲକ୍ଷ୍ମଣେଶ୍ୱର ଓ ଶତ୍ରୁଘ୍ନେଶ୍ୱର । ସମ୍ଭବତଃ ଏଗୁଡ଼ିକ ଶୈଳୋଦ୍ଭବ ଶାସନକାଳରେ ନିର୍ମିତ ।

### ସ୍ୱର୍ଣ୍ଣଜଳେଶ୍ୱର ମନ୍ଦିର -

ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରୁ ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭୁବନେଶ୍ୱର ଭୂମିରେ ସହସ୍ରାଧିକ ମନ୍ଦିର ଗଢ଼ି ଉଠିଥିଲା । ସ୍ୱର୍ଣ୍ଣଜଳେଶ୍ୱର ମନ୍ଦିର ତନ୍ମଧ୍ୟରୁ ଅନ୍ୟତମ । ଏହା ବିନ୍ଦୁସାଗର କୂଳରେ ଅବସ୍ଥିତ । ଏହି ସର୍ବପ୍ରାଚୀନ ମନ୍ଦିରଟି ଲୋକଲୋଚନ ଆଢୁଆଳରେ ବୃକ୍ଷଲତା ଉହାଡ଼ରେ ଲୁଚିଯାଇଥିଲା । ଏହା



କଙ୍ଗୋଦ ମଣ୍ଡଳର ଶୈଳୋଦ୍ଭବ ରାଜବଂଶ ସମୟରେ ନିର୍ମିତ । ଶୈଳୋଦ୍ଭବ ସାମ୍ରାଜ୍ୟ ଦକ୍ଷିଣରେ ବାଣପୁର ପର୍ଯ୍ୟନ୍ତ ବ୍ୟାପିଥିଲା । ମନ୍ଦିର ଗଢଣ ପ୍ରଣାଳୀ ସପ୍ତମ ଶତାବ୍ଦୀର । ସେହି କାଳରେ ମନ୍ଦିରରେ ମୁଖଶାଳା ନଥିଲା । କେବଳ ଦେବାଦବୀ ପୂଜା କରିବାକୁ ଗର୍ଭଗୃହ ଥିଲା ।

ସ୍ୱର୍ଣ୍ଣଜଳେଶ୍ୱର ମନ୍ଦିରଟି ତ୍ରିରଥ ପ୍ରଣାଳୀରେ ଗଠିତ । ଏହାର ଏପରି ନାମକରଣ କାହିଁକି ହୋଇଛି, ସେ ତଥ୍ୟ ଜଣାଯାଇନାହିଁ । ଏହି ମନ୍ଦିରଟିକୁ ରାଜ୍ୟସରକାର ସଂରକ୍ଷଣ କରିବାର ଘୋଷଣା କରି ୧୯୭୪-୭୫ରେ ପନ୍ଦର ହଜାର ଟଙ୍କା ମଞ୍ଜୁର କରିଥିଲେ । ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏ କାର୍ଯ୍ୟ ହାତକୁ ନେଇଛନ୍ତି । ଏ ମନ୍ଦିର ସଂରକ୍ଷଣ କାଳରେ ଏକ ପ୍ରସ୍ତର ନିର୍ମିତ ଯୁଗଳ ପ୍ରତିମା ମନ୍ଦିର ମାଟି ତଳୁ ଉଦ୍ଧାର କରାଯାଇଛି, ଯାହା କି ସପ୍ତମ ଶତାବ୍ଦୀର ଏବଂ ଏହା ସ୍ୱର୍ଣ୍ଣଜଳେଶ୍ୱର ମନ୍ଦରି ନିର୍ମାଣ କରିଥିବା ରାଜା ଓ ରାଣୀଙ୍କର ବୋଲି ଅନୁମାନ କରାଯାଏ । ମନ୍ଦିରର ଶିଳାମାନଙ୍କରେ ମହାଭାରତ ଓ ରାମାୟଣ ଦୃଶ୍ୟ ଖୋଦିତ ହୋଇଛି । ସେଗୁଡିକ ହେଲା - ପଞ୍ଚବଟୀ ଦୃଶ୍ୟ, ସ୍ୱର୍ଣ୍ଣ ମୃଗ ବିଚରଣ, ସୀତାଙ୍କର ସ୍ୱର୍ଣ୍ଣ ମୃଗ ଆଣିବାକୁ ଇଙ୍ଗିତ; ରାମଙ୍କ ମାୟାମୃଗ ପଛରେ ଧାବନ; ରାମ ଓ ଲକ୍ଷ୍ମଣ ମାୟାମୃଗ ମାରି ପର୍ଣ୍ଣକୁଟୀରକୁ ପ୍ରତ୍ୟାବର୍ତ୍ତନ; ବାନର ସେନାଙ୍କୁ ସୁଗ୍ରୀବଙ୍କ ଆଦେଶ; ରାମଚନ୍ଦ୍ରଙ୍କର ସପ୍ତଶିଳା ଛେଦନ ଦୃଶ୍ୟ ; ବାଳୀ ଓ ସୁଗ୍ରୀବର ଯୁଦ୍ଧ, ରାମଚନ୍ଦ୍ରଙ୍କର ବାଳୀକୁ ତୀର ମାରିବାର ଚିତ୍ର ; ବାନରସେନା ମୁଣ୍ଡରେ ପଥର ନେଇ ସେତୁବନ୍ଧ ନିର୍ମାଣ୍; ହନୁମାନ ପର୍ବତ ଧାରଣ କରି ଉଡିବାର ଦୃଶ୍ୟ ।

ସେହିପରି ମହାଭାରତ ଦୃଶ୍ୟରେ ଅର୍ଜୁନଙ୍କର ତପସ୍ୟା, ଏକ ଗଣ୍ଡା ବାନ୍ଧି ନେଉଥିବାର ଦୃଶ୍ୟ; ଉମା-ମହେଶ୍ୱରଙ୍କ ସମ୍ମୁଖରେ ଅର୍ଜୁନଙ୍କର ଧନୁର୍ଦ୍ଧର ବେଶ; ଶିବ-ଅର୍ଜୁନ ଯୁଦ୍ଧ ଓ ଶିବଙ୍କ ପରାଜୟ; ଶିବଙ୍କୁ ଅର୍ଜୁନଙ୍କ ପ୍ରାର୍ଥନା ଓ ପାଶୁପତ ଲାଭ ।

ଏହି ମନ୍ଦିରରେ ରାମାୟଣ, ମହାଭାରତ ଦୃଶ୍ୟ ବ୍ୟତୀତ ଶିବଙ୍କର ତାଣ୍ଡବ ନୃତ୍ୟ; ଶିବବିବାହ ଦୃଶ୍ୟ; ହିମାଳୟରେ ଉପବିଷ୍ଟ ପାର୍ବତୀ, ଗଣେଶ ଓ କାର୍ତ୍ତିକେୟ; ଜୀବଯନ୍ତୁ ମାନଙ୍କ ଦୃଶ୍ୟ; ଅନେକ ହାତୀ, ମାହୁନ୍ତ, ଯୁଦ୍ଧ ଓ ହାତୀ ପୋଷାମନାଇବା ଦୃଶ୍ୟ ।

## ପର୍ଶୁରାମେଶ୍ୱର ମନ୍ଦିର -

ଏକାମ୍ର କ୍ଷେତ୍ର ଭୁବନେଶ୍ୱରରେ ଯେତେଗୋଟି ଶିବମନ୍ଦିର ଅତୁଟ ରହିଛି, ପର୍ଶୁରାମେଶ୍ୱର ତା ମଧ୍ୟରୁ ଗୋଟିଏ । କେତେକ ଏହାକୁ ଶତ୍ରୁଘ୍ନେଶ୍ୱର, ଭରତେଶ୍ୱର ଓ ଲକ୍ଷ୍ମଣେଶ୍ୱର ତିନି ମନ୍ଦିରର ପର ମନ୍ଦିର ବୋଲି କହନ୍ତି । ଏହାର ନିର୍ମାଣ ଅବଧି ସପ୍ତମ ଶତାବ୍ଦୀ ବୋଲି ଦେବଳା ମିତ୍ର ନିଜର ମତ ବ୍ୟକ୍ତ କରନ୍ତି ।

ଏକାମ୍ର ପୁରାଣ ବ୍ୟାଖ୍ୟା ଅନୁସାରେ ଭଗବାନ ପର୍ଶୁରାମ ଏକାମ୍ର କ୍ଷେତ୍ରକୁ ଆସି ତ୍ରିଭୁବନେଶ୍ୱରଙ୍କୁ ସନ୍ତୁଷ୍ଟ କରାଇ ନିଜ ନାମରେ ଗୋଟିଏ ଲିଙ୍ଗ ପ୍ରତିଷ୍ଠା କରିବାକୁ ଏହି ମନ୍ଦିର ନିର୍ମାଣ କରାଇଥିଲେ । ସେ ବର ପାଇଥିଲେ କି ଯେଉଁ ବ୍ୟକ୍ତି ଆଷାଢ ଶୁକ୍ଳ ଅଷ୍ଟମୀରେ ବିନ୍ଦୁସାଗରରେ ସ୍ନାନକରି ସଭକ୍ତିରେ ପର୍ଶୁରାମାଶ୍ୱରଙ୍କୁ ପୂଜା କରିବ, ସେ ମୁକ୍ତିର ଅଧିକାରୀ ହେବ । ଆହୁରି ଅନେକ ଏମିତି କିମ୍ବଦନ୍ତୀ ରହିଛି ।

ଏକାମ୍ର ଚନ୍ଦ୍ରିକାରୁ ଜଣାଯାଏ ଯେ, ଆଷାଢ ଶୁକ୍ଳ ଅଷ୍ଟମୀରେ ଲିଙ୍ଗରାଜ ମହାପ୍ରଭୁଙ୍କ ବିଜେ ପ୍ରତିମା ଶିବିକା ଆରୋହଣ କରି ପର୍ଶୁରାମେଶ୍ୱରଙ୍କ ନିକଟକୁ ଆସନ୍ତି । ପର୍ଶୁରାମଙ୍କ ସମ୍ମୁଖ ଲିଙ୍ଗରାଜଙ୍କୁ ଦର୍ଶନକଲେ କୁହାଯାଏ, ବ୍ରହ୍ମହତ୍ୟା ପରି ମହାପାତକରୁ ମୁକ୍ତିମିଳେ ଓ ଶିବଲୋକ ପ୍ରାପ୍ତି ହୁଏ ।

ଏହି ମନ୍ଦିରର ଉଚ୍ଚତା ୪୨ ଫୁଟ୍, ଏହା ପଶ୍ଚିମ ମୁହାଁ । ଏହାର ଦ୍ୱାରବନ୍ଧ ଉପରେ ଥିବା ପାଟରେ ଅଷ୍ଟଗ୍ରହ ମୂର୍ତ୍ତି ଖୋଦିତ ହୋଇଛି । ଏହି ମନ୍ଦିର ସପ୍ତମ ଶତାବ୍ଦୀର ହେଲେବି ଏଥିରେ ଜଗମୋହନ ରହିଛି, କିନ୍ତୁ ଏହା ପ୍ରକୃତ ଜଗମୋହନ ପରି ଲାଗୁନି । ବୋଧହୁଏ, ଜଗମୋହନର ଉପକ୍ରମ ଆରମ୍ଭ ହୋଇଛି ଏହି ମନ୍ଦିର ହେବା ଦିନରୁ । ଏହି ମନ୍ଦିରର ପାଦ ଭୂଇଁ ନାହିଁ, ଏହାର ବାଡ ଚଟାଣଠାରୁ ସିଧା ସଳଖ ଉଠିଛି । ଏହାକୁ ତ୍ରିରଥ ବିଶିଷ୍ଟ କୁହାଯାଇପାରେ । ଏଥିରେ ଦୁଇଟି ପାର୍ଶ୍ୱଦେବତା ଅଛନ୍ତି, ଗଣେଶ ଆଉ କାର୍ତ୍ତିକେୟ । କୌତୂହଳର ବିଷୟ, ଶିବପାର୍ବତୀଙ୍କ ବିବାହ ଦୃଶ୍ୟ । ଅଗ୍ନିଦେବଙ୍କ ସମ୍ମୁଖରେ ଉପବେଶନ । ବ୍ରହ୍ମା ହେଉଛନ୍ତି ପୁରୋହିତ । କିନ୍ତୁ ଏହି ବିବାହରେ ଘଟ ମୂର୍ତ୍ତି ପାଖରେ ଗଣେଶଙ୍କ ମୂର୍ତ୍ତିଟିଏ ଖୋଦିତ । ଏହା ପୂର୍ବଜନ୍ମରେ ଗଣେଶଙ୍କର ସତୀ ଦକ୍ଷପୁତ୍ରୀଙ୍କ ଶ୍ରୀଅଙ୍ଗ ମଳିରୁ ଜନ୍ମନେଇଥିବା, ଶିବଙ୍କ ଦ୍ୱାରା ଶିରଚ୍ଛେଦ ହୋଇ ପୁନର୍ବାର ଗଜମୁଣ୍ଡ ସ୍ଥାପନ କରାଯାଇଥିବା ଗଣାଧିନାୟକ ଅଗ୍ରପୂଜ୍ୟଙ୍କର ମୂର୍ତ୍ତି ।

ଏହି ମନ୍ଦିରରେ ବି ଶିବ ପୁରାଣ ବର୍ଣ୍ଣିତ ରାବଣାନୁଗ୍ରହ ମୂର୍ତ୍ତି ଖୋଦିତ ହୋଇଛି । ଏଥିରେ ରାବଣ କୈଳାସ ପର୍ବତକୁ ଉତ୍ପାଟନ କରିବାର ଦୃଶ୍ୟ, ଶିବ-ପାର୍ବତୀ ସମେତ କୈଳାସ ଉପୁଡୁଛି, ଭୀତତ୍ରସ୍ତ ହୋଇ ପାର୍ବତୀ ଶିବଙ୍କୁ ଆଲିଙ୍ଗନ କରୁଛନ୍ତି, ଗଣେଶ କାର୍ତ୍ତିକ ଯୁଦ୍ଧୋଦ୍ୟମ ଭଙ୍ଗୀରେ ଠିଆ ହୋଇଛନ୍ତି ।

ଏହି ପର୍ଶୁରାମେଶ୍ୱର ମନ୍ଦିରର ଲକୁଳୀଶ ମୂର୍ତ୍ତି ଏହି ମନ୍ଦିର ନିର୍ମାତାଙ୍କୁ ଜଣେ ପାଶୁପତ ଶୈବ ଭାବରେ ଅନୁମାନ କରାଯାଏ । ଏହି ମନ୍ଦିରରେ ବି ସୁନ୍ଦର ନଟରାଜଙ୍କ ମୂର୍ତ୍ତି ଖୋଦିତ । ଏହି ନଟରାଜଙ୍କ ଅନୁକରଣରେ ପରବର୍ତ୍ତୀ କାଳରେ ମାର୍କଣ୍ଡେଶ୍ୱର ଓ ବୋଇତାଳ ମନ୍ଦିର ନଟରାଜ ନିର୍ମିତ ହେବା ଜଣାଯାଏ ।

ଏହାର ଜଗମୋହନରେ ସୁନ୍ଦର ମୂର୍ତ୍ତିଗୁଡିକ ପ୍ରତି ଦର୍ଶକଙ୍କୁ ଅଭିଭୂତ କରେ । ଏଥିରେ ଅଛି ଲିଙ୍ଗାର୍ଚ୍ଚନ, ହାତୀଧରା ଦୃଶ୍ୟ, ଶିବଙ୍କ ଅନୁଚର ଚଣ୍ଡ ପ୍ରଚଣ୍ଡ, ପୁରୁଷମୂର୍ତ୍ତିର କେଶବିନ୍ୟାସ, ନୃତ୍ୟରତ ଅର୍ଦ୍ଧନାରୀଶ୍ୱର, ଗଙ୍ଗାଯମୁନା, ହରିହର, ଯମ, ବରୁଣ ଇତ୍ୟାଦି ।

କେଦାରଗୌରୀ, ମୁକ୍ତେଶ୍ୱର, ସିଦ୍ଧେଶ୍ୱର, ସ୍ୱର୍ଣ୍ଣଜଳେଶ୍ୱର ଓ ପାତାଳେଶ୍ୱର ଆଦି ମନ୍ଦିରଗୁଡିକର ଠିକ୍ ମଧ୍ୟଭାଗରେ ଏହି ପର୍ଶୁରାମେଶ୍ୱର ମନ୍ଦିର ଆଜିକୁ ତେରଶହ ବର୍ଷ ହେବ ନିର୍ମିତ । ଏହା କେବଳ ଭୁବନେଶ୍ୱରରେ ନୁହେଁ, ସମଗ୍ର ଓଡିଶାରେ କଳାତ୍ମକ ଓ ପୌରାଣିକ ଆଖ୍ୟାନରେ ପରିପୂର୍ଣ୍ଣ ହୋଇ ଆକର୍ଷଣୀୟ ହୋଇପାରିଛି ।

## ମୋହିନୀ ମନ୍ଦିର -

ବିନ୍ଦୁସାଗରର ଦକ୍ଷିଣ ବନ୍ଧରେ ଦଶଭୂଜା ଚାମୁଣ୍ଡା ମୂର୍ତ୍ତି ଏହି ମନ୍ଦିର ଅଧିଷ୍ଠାତ୍ରୀ ଦେବୀ। ଜଗମୋହନରେ ଉପବିଷ୍ଟ ଷଡଭୂଜା ମହିଷାସୁର ମର୍ଦ୍ଦିନୀ। ଏହିମନ୍ଦିର ପର୍ଶୁରାମେଶ୍ୱରର ସମସାମୟିକ ଗୋଟିଏ ପୁରୁଣା ମନ୍ଦିର, ୬୮୭ ଖ୍ରୀଷ୍ଟାବ୍ଦରେ ଭୌମରାଜା ଶିବକରଦେବଙ୍କ ରାଣୀ ମୋହିନୀ ଦେବୀ ତୋଳାଇଥିଲେ। ତାଙ୍କରି ନାମ ଅନୁସାରେ ଏହା ମୋହିନୀ ମନ୍ଦିର ଭାବରେ ଜଣା।

## ଶିଶିରେଶ୍ୱର ମନ୍ଦିର -

ଅଷ୍ଟମ ଶତାବ୍ଦୀରେ ନିର୍ମିତ ମନ୍ଦିର ହେଲେ - ଶିଶିରେଶ୍ୱର, ମାର୍କଣ୍ଡେଶ୍ୱର ଓ ବୈତାଳ। ଶିଶିରେଶ୍ୱର ମନ୍ଦିର ବୈତାଳ ପାଖରେ ସେଇ ପରିସୀମାର ଉତ୍ତରରେ ଅବସ୍ଥିତ। ମନ୍ଦିର ସ୍ଥାପତ୍ୟ କଳାରେ ଏହି ମନ୍ଦିର ଏକ ସ୍ପଷ୍ଟ ବିବର୍ତ୍ତନର ଚିତ୍ର ଧାରଣ କରିଛି। ଏଥିରେ ଦେଉଳ ଓ ଆୟତାକାର ଏକ ଜଗମୋହନ ରହିଛି। ମନ୍ଦିରର କଳା ଭାସ୍କର୍ଯ୍ୟରେ ବହୁ ନୂତନତ୍ୱ ପରିଲକ୍ଷିତ ହୁଏ।

## ମାର୍କଣ୍ଡେଶ୍ୱର ମନ୍ଦିର -

ମାର୍କଣ୍ଡେଶ୍ୱର ମନ୍ଦିର ବିନ୍ଦୁସାଗରର ଦକ୍ଷିଣ-ପଶ୍ଚିମ କୋଣରେ ଅବସ୍ଥିତ ଏବଂ ଶିଶିରେଶ୍ୱର ମନ୍ଦିରର ପ୍ରତିଛବି ପରି ଜଣାପଡେ। ପୁରାତନ ଶ୍ରେଣୀର ମନ୍ଦିର ଭାବରେ ଏହାର ଶିଖର ନୀଚରେ ରହିଛି।

## ବୈତାଳ ମନ୍ଦିର -

ସମ୍ପୂର୍ଣ୍ଣ ପୃଥକ୍ ଆକରର ଏହି ମନ୍ଦିରକୁ ବି ବୋଇତାଳ ମନ୍ଦିର କହନ୍ତି। ଏଠାରେ ଅଧିଷ୍ଠାତା ଦେବତା ଶିବ ବଦଳରେ ଭୟଙ୍କର ରକ୍ତପିପାସୁ ଚାମୁଣ୍ଡା। ଏହାର ଉପର ମନ୍ଦିର ପରି ଗୋଜିଆ ନୁହେଁ, ଡଙ୍ଗା ଲେଉଟିଗଲେ ଯେମିତି ଦିଶେ ସେହିପରି। ଏହା ଅଷ୍ଟମ ଶତାବ୍ଦୀର ମନ୍ଦିର। ଏହା ବିନ୍ଦୁସାଗରର ପଶ୍ଚିମ ବନ୍ଧର ବିଶ୍ରାମ ଘାଟ ନିକଟରେ ଅବସ୍ଥିତ। ୩୮ ଫୁଟ ଉଚ୍ଚ ଏହି ମନ୍ଦିରଟିର ଅନ୍ୟନାମ କାପାଳିନୀ ମନ୍ଦିର। ଏହି ମନ୍ଦିର ସମ୍ଭବତଃ ଭୌମ ରାଜବଂଶୀୟ ତ୍ରିଭୁବନ ମହାଦେବୀ (ଅନ୍ୟ ନାମ କାତ୍ୟାୟିନୀ) ଦୁର୍ଗା ବା କାତ୍ୟାୟିନୀଙ୍କୁ ପୂଜାର୍ଚ୍ଚନା ପାଇଁ ଏହି ମନ୍ଦିର ନିର୍ମାଣ କରିଥିଲେ। ବେତାଳ ଶବ୍ଦରୁ ଏହି ମନ୍ଦିରର ନାମକରଣ ହୋଇଥିବା ଅନେକ ଅନୁମାନ କରନ୍ତି, ବେତାଳ ଦ୍ୱାରା ଅନେକ କାପାଳିକ ଓ ତାନ୍ତ୍ରିକ ସାଧନା କରନ୍ତି।

## ଉତ୍ତରେଶ୍ୱର ମନ୍ଦିର -

ବିନ୍ଦୁସାଗରର ଉତ୍ତର ବନ୍ଧରେ ସ୍ଥାନିତ ଏହି ମନ୍ଦିର ମଧ୍ୟରେ ଅନେକ ଦେବାଦେବୀ ବିଦ୍ୟମାନ। ଉତ୍ତରେଶ୍ୱର ଓ ଭୀମେଶ୍ୱର ଏଠାରେ ଅଛନ୍ତି। ଏହି ମନ୍ଦିର ଅଷ୍ଟମ ଓ ନବମ ଶତାବ୍ଦୀର ବୋଲି ମନେହୁଏ।

## ପଶ୍ଚିମେଶ୍ୱର ମନ୍ଦିର -

ବିନ୍ଦୁସାଗରର ଦକ୍ଷିଣ ପଶ୍ଚିମ କୋଣରେ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଏହି ପଶ୍ଚିମେଶ୍ୱର ମନ୍ଦିର। ଏହି ମନ୍ଦିର ତ୍ରିରଥ ଶୈଳୀରେ ନିର୍ମିତ ହୋଇଥିଲା।

ଏହା ବିଷୟରେ ଗୋଟିଏ କିମ୍ବଦନ୍ତୀ ରହିଛି, ଏଠାରେ ବିଷ୍ଣୁ ମୋହିନୀ ରୂପରେ ଦେଖାଯାଆନ୍ତି।

## ମୁକ୍ତେଶ୍ୱର ମନ୍ଦିର -

ସ୍ଥାପତ୍ୟ ଓ କଳାକୌଶଳର ଅପୂର୍ବ ବିଭବମଣ୍ଡିତ ମୁକ୍ତେଶ୍ୱର ମନ୍ଦିର ଉତ୍କଳୀୟ ଶିଳାଶିଳ୍ପର ଉତ୍କର୍ଷତାର ସୂଚକ। ଏହା ସନ୍ନିକଟ ସୁଦୃଶ୍ୟ ତୋରଣର ଗମ୍ବୁଜାକୃତି ଶୀର୍ଷ ଓ ଏହାର ସୂକ୍ଷ୍ମାତିସୂକ୍ଷ୍ମ କାରୁକାର୍ଯ୍ୟ ଉତ୍କଳୀୟ ସ୍ଥାପତ୍ୟ ଓ କାରିଗରୀ କୌଶଳର ନିଦର୍ଶନ। ଗମ୍ବୁଜର ଦୁଇ ପାର୍ଶ୍ୱ ଓ ମଧ୍ୟଦେଶରେ ତିନିଗୋଟି ଶୋଭମାନ ବୁଦ୍ଧମୂର୍ତ୍ତି। ଏହାର ମୂର୍ତ୍ତି, ପଦ୍ମ ଓ ଅନ୍ୟାନ୍ୟ ପୁଷ୍ପସଜ୍ଜା ମନ ହରଣକରେ।

ସେଇ ମୁକ୍ତେଶ୍ୱର କେଦାରଗୌରୀ ହତାରେ ଅଧିଷ୍ଠିତ ମୁକ୍ତେଶ୍ୱର ଶିବଲିଙ୍ଗ। ମନ୍ଦିର ପ୍ରବେଶ ପୂର୍ବରୁ ବେଢା କାନ୍ଥରେ ଏକ ଅପୂର୍ବ ଚିତ୍ର ଦେଖିବାକୁ ମିଳେ ? ଦୁଇ ମଣିଷ ମୁଣ୍ଡ - ଗୋଟିଏ ଉପର ଓ ଆଉ ଗୋଟିଏ ତଳ ମୁହାଁ ? ଉପର ମୂର୍ତ୍ତିଟି ଯେପରି ଶତ୍ରୁକୁ ମାଡି ବସିଛି, ଡାହାଣ ହାତରେ ଖଣ୍ଡା ଓ ବାମ ହାତରେ ଶତ୍ରୁକୁ ଚାପି ଧରି କାବୁ କରିପକାଉଛି। ଏମିତି ଗୋଟିଏ ଜଟିଳ ଲୋଭନୀୟ ଚିତ୍ର। ମୁକ୍ତେଶ୍ୱର ଶିଳ୍ପୀର କଳ୍ପନାରେ ଦୁଇଟି ମନୁଷ୍ୟ ମସ୍ତକ ସଂଲଗ୍ନ ଚାରିଗୋଟି ଯୋଦ୍ଧାର କଳ୍ପନା ସ୍ଥାପତ୍ୟ କଳାର ଏକ ବୈଶିଷ୍ଟ୍ୟ। ସୁନ୍ଦର ବୁଦ୍ଧମୁଖ ଏହାର ପ୍ରାଚୀର ଗାତ୍ରରେ ଖୋଦିତ।

ଲିଙ୍ଗରାଜ, କପିଳେଶ୍ୱର, ସିଦ୍ଧେଶ୍ୱର, ଯମେଶ୍ୱର ଆଦି ଶିବ ମନ୍ଦିରରେ ପାର୍ଶ୍ୱଦେବତା ଭାବରେ ଗଣେଶ, କାର୍ତ୍ତିକ ଓ ପାର୍ବତୀ ଥାଆନ୍ତି, ସେମାନେ ଦଣ୍ଡାୟମାନ ହୋଇଥିବାର ଦେଖିବାକୁ ମିଳେ। କିନ୍ତୁ ମୁକ୍ତେଶ୍ୱର ଠାରେ କାର୍ତ୍ତିକେଶ୍ୱର ପଦ୍ମପୀଠ ଉପରେ ଆସୀନ, ବାହାନ ମୟୂର ବି ବାମ ପାଖରେ ଉପବିଷ୍ଟ।



ମନ୍ଦିରର ଚତୁର୍ଦ୍ଦିଗ ବିବିଧ କାରୁକାର୍ଯ୍ୟରେ ପରିପୂର୍ଣ୍ଣ। ମନ୍ଦିରର ବାମ ପାର୍ଶ୍ୱରେ କାନ୍ଥରେ କେତେ ଅଳସକନ୍ୟା ଅପେକ୍ଷମାଣା। ମନେହୁଏ, ବିଦେଶରେ କାର୍ଯ୍ୟରତ ପ୍ରିୟର କୁଶଳ ସମ୍ବାଦ ଶୁକଠାରୁ ଶୁଣିବା ଢଙ୍ଗରେ ବିରହିଣୀ ନାୟିକା ସ୍ତମ୍ଭଉପରେ ଭରାଦେଇ ନିର୍ନିମେଷ ନୟନରେ ଚାହିଁ ରହିଛି। ସମ୍ମୁଖ ସ୍ତମ୍ଭରେ ଶୁକପକ୍ଷୀଟି ବିରହିଣୀକୁ ସଙ୍ଗୀତ ଶୁଣାଇ ସାନ୍ତ୍ୱନା ଦେଉଛି। ଆଉ କେଉଁଠି ଛାତ୍ରବୃନ୍ଦ ଜିଜ୍ଞାସୁ ନୟନରେ ଚାହିଁ ରହିଛନ୍ତି ଗୁରୁଙ୍କୁ। ଗୁରୁ କିଛି କହିବା ଢଙ୍ଗରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ଆଉ ଟିକିଏ ଦୂରରେ କଙ୍କାଳସାର ମୁନି ଧ୍ୟାନମଗ୍ନ। ପୁଣି ଏକ ଅଳସକନ୍ୟା ପ୍ରସାଧନରେ ବ୍ୟସ୍ତ। ମୁକ୍ତେଶ୍ୱର ମନ୍ଦିରରେ ଗୋଟିଏ ନଗରାଜ ମୂର୍ତ୍ତି ଏବଂ ଏହା ବାହାର ବେଢା ମୂର୍ତ୍ତିଠାରୁ ଭିନ୍ନ।

ଏ ସବୁ ମୂର୍ତ୍ତି ବ୍ୟତୀତ ଲକୁଳୀଶଙ୍କର ମୂର୍ତ୍ତି ବିଦ୍ୟମାନ। ପ୍ରସିଦ୍ଧ ଆଚାର୍ଯ୍ୟଗଣ ମନ୍ଦିର ନିକଟ ମରିଚି କୁଣ୍ଡ ସମ୍ମୁଖରେ ଉପବିଷ୍ଟ। କେବଳ ବୌଦ୍ଧ ଆଚାର୍ଯ୍ୟଙ୍କ ମୂର୍ତ୍ତି ଖୋଦନ କରି ଶିଳ୍ପୀ ନିରବ ନୁହନ୍ତି, ବୁଦ୍ଧମୁଖ, ଧ୍ୟାନୀବୁଦ୍ଧ, ଅବଲୋକିତେଶ୍ୱର, ଜୈନ ତୀର୍ଥଙ୍କର, ଗଜାସୁର ସଂହାର ଆଦି ଖୋଦିତ। ଅନେକ ସାମାଜିକ ଚିତ୍ର-ଶିକାର ଦୃଶ୍ୟ, ଗଜ, ମେଷ, ଲତା, ଆଲଟଚାମରଧାରୀ ସେବିକାଗଣଙ୍କର ରାଣୀଙ୍କୁ ଆରାଧନା। ଏମିତିକି କୁମ୍ଭୀର ମାଙ୍କଡ କଲିଜା ଗପ ବି ଶିଳାଶିଳ୍ପରେ ଅଙ୍କିତ।

ସୋମବଂଶୀ ରାଜା ପ୍ରଥମ ଯଯାତି ୯୬୬ ଖ୍ରୀଷ୍ଟାବ୍ଦରେ ମୁକ୍ତେଶ୍ୱର ମନ୍ଦିର ତୋଳାନ୍ତି। ରାଜା ନିଜ ତତ୍‌କାଳୀନ ରାଜଧାନୀ ବଉଦରେ ବି ଏମିତି ସ୍ଥାପତ୍ୟ ରଚନା କରିଛନ୍ତି। ଏହି ମନ୍ଦିରରେ ପୀଢ ଦେଉଳ ପରି ଆମଳକ ଶିଳା ଏଠାରେ ନାହିଁ।

ସ୍ଥାପତ୍ୟ କଳାକୌଶଳର ଅପୂର୍ବ ବିଭବ ମଣ୍ଡିତ ମୁକ୍ତେଶ୍ୱର ମନ୍ଦିର ମାଳରେ ନିଜର ଜାଜ୍ୱଲ୍ୟମାନ ରଶ୍ମି ବିକିରଣ କରୁଛି।

## କେଦାରେଶ୍ୱର ମନ୍ଦିର -

ଶିବ-ପାର୍ବତୀଙ୍କୁ ସମର୍ପିତ ଏହି ମନ୍ଦିର ମୁକ୍ତେଶ୍ୱର ମନ୍ଦିର ନିକଟରେ ଅବସ୍ଥିତ। କିମ୍ବଦନ୍ତୀ ଅନୁସାରେ ପ୍ରେମିକ କେଦାର ଓ ପ୍ରେମିକା ଗଉରୀଙ୍କର ପ୍ରେମର ନିଦର୍ଶନ ସଦୃଶ ଭୁବନେଶ୍ୱରକୁ ଖୁବ୍ ଭଲପାଉଥିବା ସୋମବଂଶୀ ଲଲାଟେନ୍ଦୁ କେଶରୀ ଏହି ମନ୍ଦିରଟିକୁ ନିର୍ମାଣ କରିଥିଲେ।

## ମାର୍କଣ୍ଡେଶ୍ୱର ମନ୍ଦିର -

ବିନ୍ଦୁସାଗରର ଦକ୍ଷିଣ-ପଶ୍ଚିମ କୋଣରେ ଅବସ୍ଥିତ, ପୂରା ଶିଶିରେଶ୍ୱର ମନ୍ଦିର ପରି। ସବୁଠାରୁ ପୁରୁଣା ମନ୍ଦିର ପରି ଏହାର ଶିଖର ଅନୁଚ୍ଚ ଆଉ ଗଣ୍ଡି ଓ ବେଢା ମଝିରେ ଏକ କଣ୍ଠି ଅଛି।

## ନାଗେଶ୍ୱର ମନ୍ଦିର -

ନାଗେଶ୍ୱର ମନ୍ଦିରଟି ରବିଟକିଜ୍ ନିକଟରେ, ଏହାଏକାଦଶ ଶତାବ୍ଦୀରେ ନିର୍ମିତ ହେବାର ଜଣାଯାଏ। ଏହା କେଦାରେଶ୍ୱର ଓ ସିଦ୍ଧେଶ୍ୱର ମନ୍ଦିର ସହିତ ସମ୍ପର୍କ ରହିଛି।

## ରାଜରାଣୀ ମନ୍ଦିର -

ଶୈବମନ୍ଦିରମାଳିନୀ ଏକାମ୍ରରେ ଈଶ୍ୱର ଶବ୍ଦ ନିପାତନରେ ନାମିତ ଏକମାତ୍ର ମନ୍ଦିର ହେଉଛି ରାଜରାଣୀ। କଳାଗତ ସୌନ୍ଦର୍ଯ୍ୟ ପାଇଁ ସଂଖ୍ୟାତୀତ ପର୍ଯ୍ୟଟକ, ଦର୍ଶକ, ବିଦ୍ୟାନ୍ ଓ ଅନିସନ୍ଧିତ୍ସୁ ଏଠାରେ ମନଧ୍ୟାନ ଦେଇ ମଜ୍ଜିଯାଇଥାନ୍ତି। ଏକ ସବୁଜ କ୍ଷେତରେ ଛିଡା ହୋଇ ଏହି ପଥର ସୁନ୍ଦରୀ ହାତଠାରି ଆମନ୍ତ୍ରଣ କରନ୍ତି ସୁରସିକ, ଗବେଷକ ଆଉ ବିଦେଶୀ କଳାକାରମାନଙ୍କୁ।

ଭୁବନେଶ୍ୱରର ଅନେକାଂଶ ମନ୍ଦିରର ପ୍ରତିଷ୍ଠାକାଳ ନିରୂପିତ ହୋଇଛି, କିନ୍ତୁ ରାଜରାଣୀ ମନ୍ଦିରର ନିର୍ମାଣ ବୃତ୍ତାନ୍ତ ଅଦ୍ୟାପି ଅଜ୍ଞାତ। ଅନୁମାନ କରାଯାଏ, ଏହା ଦଶମ ଶତାବ୍ଦୀ ଶେଷାଂଶରେ ତୋଳାଯାଇଥିଲା। ସ୍ଥାପତ୍ୟ ଅନ୍ୱେଷଣରୁ ଏହି ସିଦ୍ଧାନ୍ତ ମିଳେ କି ଏହାର ଭାସ୍କର୍ଯ୍ୟ ମୁକ୍ତେଶ୍ୱରର ପରବର୍ତ୍ତୀ ଓ ବ୍ରହ୍ମେଶ୍ୱରର ପୂର୍ବବର୍ତ୍ତୀ।

ଏକାମ୍ର ପୁରାଣ, ଏକାମ୍ର ଚନ୍ଦ୍ରିକା, ସ୍ୱର୍ଣ୍ଣାଦି ମହୋଦୟ ଓ କପିଳ ସଂହିତା ଆଦି ଚାରି ଗ୍ରନ୍ଥ ଭୁବନେଶ୍ୱରର ପ୍ରତିଷ୍ଠିତ ପ୍ରାଚୀନ ମନ୍ଦିର ଗୁଡ଼ିକ ବିଷୟରେ ସବିଶେଷ ତଥ୍ୟ ଉଲ୍ଲେଖ କରିଛନ୍ତି, ମାତ୍ର ସେଥିରେ ରାଜରାଣୀ ବିଷୟରେ ସୂଚନା ନାହିଁ। କିନ୍ତୁ ଦୁଇଟି ଗ୍ରନ୍ଥ ଇନ୍ଦ୍ରେଶ୍ୱର ଓ ଶକ୍ରେଶ୍ୱର ବୋଲି ମନ୍ଦିର ସିଦ୍ଧେଶ୍ୱରଙ୍କ ଠାରୁ ସତୁରୀ ଧେନ୍ୱନ୍ତର ଦୂରରେ ଥିବାର ବର୍ଣ୍ଣନା ରାଜରାଣୀକୁ ଏହାର ମୂଳ ନାମ ଇନ୍ଦ୍ରେଶ୍ୱର (ସମାର୍ଥ ବିଶିଷ୍ଟ ନାମ ଶକ୍ରେଶ୍ୱର) ବୋଲି ଧରି ନିଆଯାଏ।

ଏହା ସହିତ ମାଦଳାପାଞ୍ଜିର ଇନ୍ଦ୍ରକେଶରୀ ବା ସୋମବଂଶୀ ଇନ୍ଦ୍ରରଥ (ଶାସନକାଳ ୧୦୨୦ ଖ୍ରୀଷ୍ଟାବ୍ଦ) ନିଜ ପୂର୍ବ ଓ ପର ସମ୍ପର୍କୀୟ ସୋମବଂଶୀ ଶାସକମାନଙ୍କ ପରି ଏପରି ମନ୍ଦିର ନିର୍ମାଣ କରିଥିବା ବିଶ୍ୱାସଯୋଗ୍ୟ।

ପାଷାଣ ସୁନ୍ଦରୀ ରାଜରାଣୀଙ୍କର ଅଳସକନ୍ୟାଗଣ ସବୁଠାରୁ ଲୋଭନୀୟ ଶରୀର ଧାରଣ କରି ଅପରୂପା ଶୋଭାରେ ଦର୍ଶକ ମନ ଲୋଭନ୍ତି। ହାସ୍ୟଲାସ୍ୟମୟୀ ରୂପସୀଗଣ ଅନିନ୍ଦ୍ୟ ସୁନ୍ଦର ରୂପଶୋଭା ପ୍ରାଣକୁ ପୁଲକିତ କରେ। ସ୍ଥପତି କଳାକୁଶଳୀଙ୍କ କଳ୍ପନା କିମିଆଁ କରିଛି ରାଜରାଣୀରେ। ଲୀଳା ଅରବିନ୍ଦ ଧରି ଅଳସଭରା ନିଜର ଅଙ୍ଗବଲ୍ଲରୀକୁ ନ୍ୟସ୍ତ କରେ ଲଳନା। ଦର୍ପଣରେ ନିଜକୁ କେବେ ଅବଲୋକନ କରେ ତ କେବେ ପ୍ରସାଧନରେ ବ୍ୟସ୍ତ ରହେ। ତନୁ ତନିମାରେ ଯୌବନର ତରଙ୍ଗ, ଅଙ୍ଗେଅଙ୍ଗେ ଭରା ମାଦକତା, ମୃଦୁ ଉଷ୍ମତା। ସୁବିନ୍ୟସ୍ତ କେଶରାଶି। ଉତ୍କଣ୍ଠିତା, ବିକଚଯୌବନା ପ୍ରିୟବିନା ଆଭରଣବିନା ଉନ୍ମାଦିନୀ ବିରହିଣୀ ବାଳା। କେଉଁଠି ପୁଣି ପ୍ରଣୟର ପ୍ରଥମ ପ୍ରଭାତର ଲଜ୍ଜାରୁଣ ମୁଖ। ଆଉ କେଉଁଠି ଯୁଦ୍ଧବେଶେ ସେନାପତି ବୀର ମାଗେ ମେଲାଣି, ପ୍ରିୟ ମୁଖ ଦେଖେ ବୀରାଙ୍ଗନା।

କେବଳ ଯୌବନପୂଜକ ନୁହେ ରାଜରାଣୀ ଶିଳାବିଶେଷଜ୍ଞ, ତୋଳେ ସନ୍ତାନ ବତ୍ସଳା ମାତା, ସ୍ନେହ ନିର୍ଝରିଣୀ। ପୁଣି କେଉଁଠି ପ୍ରମତ୍ତ ଦନ୍ତା କୁମ୍ଭ ବିଦାରଣ କରେ। ପରୀରାଜ୍ୟ ପରି ମନେ ହେଉଥିବା ରୂପଲାବଣ୍ୟ ଦର୍ଶନରେ କବି ମନ ଉଲ୍ଲସିତ ହୋଇ କହିଉଠେ -

"ଆହା ଏ ଶୋଭାର କାହିଁ ପଟାନ୍ତର
ଥିଲେ ଥିବ ସ୍ୱର୍ଗେ, ମର୍ତ୍ତ୍ୟେ, ଅଗୋଚର।"

## ବ୍ରହ୍ମେଶ୍ୱର ମନ୍ଦିର -

ବ୍ରହ୍ମେଶ୍ୱର ମନ୍ଦିର ମେଘେଶ୍ୱର ମନ୍ଦିର ସନ୍ନିକଟରେ ବ୍ରହ୍ମେଶ୍ୱର ପାଟଣା ଗାଁ ଭିତରେ, ଏହା ପ୍ରାଚୀନ ଗନ୍ଧବତୀ (ଆଜିର ଗଙ୍ଗୁଆ) ନଦୀକୂଳରେ ଅବସ୍ଥିତ। ଏହି କ୍ଷୁଦ୍ର ଜଳଧାର ପାରିହେଲେ ଶିଶୁପାଳଗଡ।

ବ୍ରହ୍ମେଶ୍ୱର ଶିବ ମନ୍ଦିର ଦେଖିବାକୁ ଗଲେ ଗୋଟିଏ କ୍ଷୁଦ୍ର ଲିଙ୍ଗରାଜ ମନ୍ଦିର। ମନ୍ଦିରର କାରୁକାର୍ଯ୍ୟ ଓ ପ୍ରତିମା ଲିଙ୍ଗରାଜ ମନ୍ଦିର ଭଳି।ଏହି ମନ୍ଦିରର ବିଶେଷତ୍ୱ ହେଉଛି ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ଓ ଭାଗବତର ଲୀଳାମୂର୍ତ୍ତି। ହଂସ, ହାତୀ ବା ମୃଗମାନଙ୍କର ଧାଡିଧାଡି ଛବି ବାଡରେ ଖୋଦିତ। ଶିବଲିଙ୍ଗ ବ୍ୟତୀତ ହରପାର୍ବତୀଙ୍କ ମୂର୍ତ୍ତି ବି ରହିଛି। ସବୁ ମୂର୍ତ୍ତି ଓ କାରୁକାର୍ଯ୍ୟ ମନୋମୁଗ୍ଧକର। ଏହାର ଶିଳାଲିପି ଐତିହାସିକତା ପ୍ରତିପାଦନ କରେ।

ଏହି ମନ୍ଦିରର ଶିଳାଲିପିରେ ୨୦ ଧାଡିରେ ୧୭ଡି ଶ୍ଳୋକ ରହିଛି, ପ୍ରଥମରେ ଅଛି ସୋମ ବା ଚନ୍ଦ୍ର ଓ ଲକ୍ଷ୍ମୀ। ସମୁଦ୍ର ମନ୍ଥନରୁ ଜାତ ହେଲେ, ସୋମବଂଶରେ ଜନ୍ମେଜୟ ଜାତହେଲେ, ସେ ତ୍ରିକଳିଙ୍ଗାଧିପତି। ଉଡ୍ରରାଜାଙ୍କୁ ହତ୍ୟାକରି ଉଡ୍ର ଜୟକଲେ। ତାଙ୍କ ପୁତ୍ର ଯଯାତି ରାଜା ହେଲେ, ତାଙ୍କ ପରେ ବହୁଗୁଣାବଳୀ ଭୂଷିତ ଭୀମରଥ, ତାଙ୍କ ପୁତ୍ର ଧର୍ମରଥ, ସେ ଅପୁତ୍ରିକ ହୋଇମଲେ, ରାଜ୍ୟ ଶତ୍ରୁମାନଙ୍କ ଦ୍ୱାରା ବିଧ୍ୱସ୍ତ ହେଲା।

ଅମାତ୍ୟବୃନ୍ଦଙ୍କ ସାହାଯ୍ୟରେ ସିଂହାସନ ଲାଭକଲେ ଚଣ୍ଡୀହର। ତାଙ୍କର ପ୍ରପିତାମହ ଥିଲେ ଜନ୍ମେଜୟ। ଚଣ୍ଡୀହରଙ୍କ ପୁତ୍ର ପରାକ୍ରମୀ ଉଦ୍ୟୋତକେଶରୀ। ସେ ଉହାଳ, ଉଡ୍ର ଓ ଗୌଡ ଦେଶ ଜୟ କରିଥିଲେ। ତାଙ୍କ ମାତା କୋଳାବତୀ ଜଣେ ଧର୍ମପରାୟଣା ନାରୀ ଥିଲେ।

ବ୍ରହ୍ମେଶ୍ୱର ଶିଳାଲିପିରେ କୋଶଳ ଓ ଉତ୍କଳରେ ରାଜତ୍ୱ କରୁଥିବା ସୋମକୁଳୀ କେଶରୀ ବଂଶୀୟ ରାଜାମାନଙ୍କର ବଂଶାବଳୀ ବର୍ଣ୍ଣିତ।

## ଲିଙ୍ଗରାଜ ମନ୍ଦିର -

ଭୁବନେଶ୍ୱରକୁ ଯେତେ ପର୍ଯ୍ୟଟକ ଆସନ୍ତି, ସେମାନଙ୍କ ଭିତରେ ଲିଙ୍ଗରାଜ ମନ୍ଦିର ଦେଖିବା ପାଇଁ ସର୍ବାଧିକ ସଂଖ୍ୟାର। ଓଡିଶାର ତିନୋଟି ପର୍ଯ୍ୟଟନ କ୍ଷେତ୍ର ହେଉଛି ପୁରୀ ଶ୍ରୀମନ୍ଦିର, କୋଣାର୍କ ମନ୍ଦିର ଓ ଲିଙ୍ଗରାଜ ମନ୍ଦିର। ଏହି ମନ୍ଦିରର କାଳ ନିରୂପିତ ହୋଇଛି ୧୦ ରୁ ୧୪ ଶତାବ୍ଦୀ। ପୁଣି ଏହି ମନ୍ଦିରର ନିର୍ମାତା କିଏ ତାହା ଆଜି ସୁଧା ସଠିକ୍ ଭାବେ ଜଣା ଯାଇନି।


ଏହି ମନ୍ଦିର ଲଳିତେନ୍ଦୁ କେଶରୀ (ଲଲାଟେନ୍ଦୁ କେଶରୀ ବା ଉଦ୍ୟୋତ କେଶରୀ) ସମାପ୍ତ କରିଥିଲେ। କିନ୍ତୁ ଏହାର ନର୍ମାଣ କାର୍ଯ୍ୟ ଯଯାତି କେଶରୀ କରିଥିବା ବହୁ ଗବେଷକ ଓ ଐତିହାସିକ ମତବ୍ୟକ୍ତ କରନ୍ତି। ଏହା ତୋଳାଯାଇଥିବା ଆନୁମାନିକ ସମୟ ୧୦୩୦ରୁ ୧୦୬୫ ଖ୍ରୀଷ୍ଟାବ୍ଦ।

ଏହି ମନ୍ଦିରଟି (୫୨୦ ଫୁଟ ଲମ୍ବ x ୪୬୫ ଫୁଟ ଚଉଡା) ଗୋଟିଏ ମାଙ୍କଡା ପଥରର ଚଟାଣ ଉପରେ ଅନେକଗୁଡିଏ ସାନ ସାନ ମନ୍ଦିର ମଧ୍ୟରେ ଦଣ୍ଡାୟମାନ। ମନ୍ଦିରର ପୂର୍ବ, ଉତ୍ତର ଓ ଦକ୍ଷିଣ ଦ୍ୱାର ରହିଛି, ମନ୍ଦିରଟି ୧୮୦ ଫୁଟ ଉଚ୍ଚ, ଚାରିଆଡେ କଳାଭାସ୍କର୍ଯ୍ୟ ଖୋଦିତ। ଏହାର ଦେଉଳ, ଜଗମୋହନ, ଭୋଗ ଓ ନାଟମନ୍ଦିର ରହିଛି। ଏଥିରେ ଖୋଦିତ ଚିତ୍ରରେ ସାମାଜିକ ଜୀବନ ପ୍ରତିଫଳିତ।

ଲିଙ୍ଗରାଜ ମନ୍ଦିରର ଅଧିଷ୍ଠାତା ଦେବତା ହେଉଛନ୍ତି କୀର୍ତ୍ତିବାସ, କୃତିବାସ, ଭୁବନେଶ୍ୱର, ତ୍ରିଭୁବନେଶ୍ୱର। ସେ ସମଗ୍ର ଭାରତବର୍ଷର ୧୨ ଜ୍ୟୋତିଲିଙ୍ଗ ମଧ୍ୟରୁ ପୁଣ୍ୟବନ୍ତ ବୋଲି ବିବେଚିତ। ଏହା ସ୍ୱୟମ୍ଭୂ ଲିଙ୍ଗ।

ଲିଙ୍ଗରାଜ ମନ୍ଦିରର ଆଉ ଗୋଟିଏ ବିଶେଷତ୍ୱ ହେଉଛି, ଶିବ ମନ୍ଦିର ହୋଇ ବି ଏହା ବୈଷ୍ଣବ ପୂଜାପ୍ରଥାକୁ ଗ୍ରହଣ କରିଛି। ବାସ୍ତବରେ ଏଇଠି ଶିବ ହୁଅନ୍ତି ହରିହର, ବିଷ୍ଣ ଓ ଶିବଙ୍କ ସମଷ୍ଟି। ଏହି ମନ୍ଦିରରେ ବୃଷଭ ଟିକିଏ କଡ ହୋଇଯାଇଛନ୍ତି, ହିନ୍ଦୁଧର୍ମ ଓ ମତଭେଦର ମୀମାଂସାରେ ଏହା ଗୋଟିଏ ବିରାଟ ସମାଧାନ। ଏହି ମନ୍ଦିରରେ ପାର୍ଶ୍ୱଦେବତା ଭାବରେ ଗଣେଶ, କାର୍ତ୍ତିକେୟ ଓ ପାର୍ବତୀ ଅଛନ୍ତି, କିନ୍ତୁ ପାର୍ବତୀ ମନ୍ଦିର ସ୍ୱତନ୍ତ୍ର, ବହୁ କାରୁକାର୍ଯ୍ୟରେ ପରିପୂର୍ଣ୍ଣ। ଜଗମୋହନର ଉତ୍ତରରେ ଗୋପାଳୁଣୀ ବା ଭୁବନେଶ୍ୱରୀ ବୋଲି ଆଉ ଗୋଟିଏ ମନ୍ଦିର ଅଛି; ଦକ୍ଷିଣରେ ସାବିତ୍ରୀ ମନ୍ଦିର ରହିଛି। ଲିଙ୍ଗରାଜଙ୍କର ଦକ୍ଷିଣରେ ଅନନ୍ତେଶ୍ୱର ମନ୍ଦିର, ଯହିଁରେ ବିଜେକରନ୍ତି ବଳରାମ, ସୁଭଦ୍ରା ଓ କୃଷ୍ଣ। ଅନଙ୍ଗ-ଭୀମଦେବଙ୍କ ଶାସନ କାଳରେ ଏହି ମନ୍ଦିରଟି ନିର୍ମିତ ହୋଇଥିବାର ତଥ୍ୟ ରହିଛି।

ଲିଙ୍ଗରାଜ ମନ୍ଦିର କଳିଙ୍ଗ ଶିଳାଶିଳ୍ପର ଶେଷ ପର୍ଯ୍ୟାୟର ନିଦର୍ଶନ ଭାବରେ ମୂଲ୍ୟାୟନ କରାଯାଏ।



## ବକ୍ରେଶ୍ୱର ମନ୍ଦିର -

ଏହି ମନ୍ଦିରଟି ଯମେଶ୍ୱର ମନ୍ଦିରର ବାମ ପାର୍ଶ୍ୱରେ ଅଛି, ମାତ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ମନ୍ଦିରଟିର ବିମାନ ଓ ଜଗମୋହନ ଅଛି, ଏବଂ ଏହା ନବରଥ ପରିକଳ୍ପନାର ଯାହାକି ଏକାମ୍ର ମନ୍ଦିର ମାନଙ୍କ ମଧ୍ୟରେ ଏହି ଗୋଟିକରେ ଦେଖାଯାଏ।

## ମେଘେଶ୍ୱର ମନ୍ଦିର -

ମେଘେଶ୍ୱର ମନ୍ଦିର ଶିଳାଲିପି ପାଇଁ ଐତିହାସିକମାନଙ୍କର ଅଗ୍ରାଧିକାର ପାଏ।

ଓଁ ନମଃ ଶିବାୟରୁ ଆରମ୍ଭ ହୋଇ ୩୫ଟି ଶ୍ଳୋକ ଖୋଦିତ। ଏଥିରେ ଚୋଡଗଙ୍ଗ ନାମଧେୟ ଚନ୍ଦ୍ରବଂଶୀୟ ରାଜାଙ୍କ ବର୍ଣ୍ଣନା, ତାଙ୍କ ଅନ୍ତେ ପୁତ୍ର ରାଜରାଜ ବିଜୟୀ ହୋଇ ରାଜତ୍ୱ କଲେ ଓ ସୁରମାଦେବୀଙ୍କୁ ବିବାହ, ରାଜରାଜଙ୍କ ଅନ୍ତେ ତ୍ରିକଳିଙ୍ଗନାଥ ଅନିୟଙ୍କ ଭୀମ, ଅନିୟଙ୍କ ଦେବଙ୍କ ଶାଳକ ସ୍ୱପ୍ନେଶ୍ୱର ବୀରଙ୍କ ସତକୀର୍ତ୍ତି ମେଘେଶ୍ୱର ମନ୍ଦିର ଆଦି ଅନେକ ବିଷୟ ଖୋଦିତ। ଏହି ପ୍ରଶସ୍ତିର ରଚୟିତା କବି ଉଦୟନ। ଉଦୟନ ଜଣେ ରାଜ ଉପାଧିପ୍ରାପ୍ତ କବି ନୁହଁନ୍ତି, ବରଂ ରାଜାଙ୍କର ପ୍ରଧାନ ସେନାପତି।

ଏହି ମନ୍ଦିର ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା। ଏହି ମନ୍ଦିରରେ ବିଶେଷ କଳାକୃତି ନାହିଁ।

## ଅନନ୍ତ ବାସୁଦେବ ମନ୍ଦିର -

ଏକାମ୍ର ପରି ବିଶିଷ୍ଟ ଶୈବ କ୍ଷେତ୍ରରେ, ଏହି ଅନନ୍ତ ବାସୁଦେବ ମନ୍ଦିର ବୈଷ୍ଣବ ମନ୍ଦିର ଭାବରେ ବ୍ୟତୀକ୍ରମ। ବିନ୍ଦୁସାଗରର ପୂର୍ବବନ୍ଧରେ ଏହା ଅବସ୍ଥିତ। ଏହାକୁ ଚନ୍ଦ୍ରିକା ଦେବୀ ୧୨୭୮ ଖ୍ରୀଷ୍ଟାବ୍ଦରେ ତୋଳେଇ ଥିଲେ। ଚନ୍ଦ୍ରିକା ଦେବୀ ଅନଙ୍ଗଭୀମ ଦେବ (ତୃତୀୟ)ଙ୍କ କନ୍ୟା, ଲାଙ୍ଗୁଡା ନରସିଂହଦେବଙ୍କ ଭଗିନୀ। ତାଙ୍କ ସ୍ୱାମୀ ପରମର୍ଦ୍ଦି ଦେବଙ୍କର ବଙ୍ଗଳାର ଯବାନମାନଙ୍କ ସହ ଲଢେଇ କରିବା ସମୟରେ ବୀରତ୍ୱ ପ୍ରାପ୍ତି ହୋଇଥିଲା। ଏହାର ନିଦର୍ଶନ ସ୍ୱରୂପ ଚନ୍ଦ୍ରିକା ଦେବୀ ଏହି ମନ୍ଦିରଟି ନିର୍ମାଣ କରିଥିଲେ।

ଏହି ମନ୍ଦିରରେ ପୁରୀ ମନ୍ଦିର ପରି ଅନନ୍ତ (ବଡ ଭାଇ ବଳରାମ), ବାସୁଦେବ (ସ୍ୱୟଂ ନାରାୟଣ) ଓ ସୁଭଦ୍ରା (ଭଉଣୀ) ପୂଜା ପାଆନ୍ତି।

## ଭାସ୍କରେଶ୍ୱର ମନ୍ଦିର -

ଭୁବନେଶ୍ୱର ରବି ଟକିଜ୍ ପାଖରୁ ବାମକୁ ଟଙ୍କପାଣି ରାସ୍ତାରେ ଚାଲିଲେ, ଟିକିଏ ଆଗରେ ଡାହାଣରେ ରାଜରାଣୀ ମନ୍ଦିର, ଆଉ କିଛି ଦୂର ଆଗକୁ ଯାଇ ଦୟା ୱେଷ୍ଟ କେନାଲ ପୋଲ ପାରିହେଲେ ମୁଖଶାଳା ବିହୀନ ଦ୍ୱିତଳ ବିଶିଷ୍ଟ ଭାସ୍କରେଶ୍ୱର ମନ୍ଦିର।

ଏହି ମନ୍ଦିରରେ ବିଶାଳ ଶିବଲିଙ୍ଗ। ଏହା ଗୋଟିଏ ଅଶୋକସ୍ତମ୍ଭକୁ ଭାଙ୍ଗି ଶିବଲିଙ୍ଗ ଗଢା ହୋଇଥିବା ଐତିହାସିକମାନଙ୍କ ଦ୍ୱାରା ପ୍ରମାଣିତ।

ଏହି ମନ୍ଦିରର ବିଶେଷତ୍ୱ ହେଲା ଏହାର ଶିଳାଲିପି। ଏହାର ଶିଳାଲିପି ୧୮୩୫ ମସିହାରେ ମେଜର କିଟୋ କଲିକତା ନେଇଯାଇଥିଲେ। ମନ୍ଦିର କର୍ମଚାରୀ କାଶୀ ଅମିନ ଘୋର ଆପତ୍ତି କରଥିଲେ, ଫଳରେ ଏହି ଫଳକ ଓଡିଶା ଫେରି ଆସିଲା ଏବଂ ତାହା ଅନନ୍ତ ବାସୁଦେବ ପାଚିରରେ ରହିଛି।

## ଯମେଶ୍ୱର ମନ୍ଦିର -

ଭୁବନେଶ୍ୱରର ଭାରତୀ ମଠର ଦକ୍ଷିଣରେ ଗୋଟିଏ ବିରାଟ ହତାରେ ଏହି ବିଶାଳ ମନ୍ଦିରଟି ଧ୍ୱଂସାବସ୍ଥାରେ ରହିଛି। ଏହା ଅନେକାଂଶରେ ଅନନ୍ତ ବାସୁଦେବ ମନ୍ଦିର ପରି ଦେଖାଯାଏ। ଏହା ସନ୍ନିକଟରେ ପୂର୍ବଦିଗକୁ ମିତ୍ରେଶ୍ୱର ଓ ବରୁଣେଶ୍ୱର ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ୍ ଦଣ୍ଡାୟମାନ।

## ଚିତ୍ରେଶ୍ୱର ମନ୍ଦିର -

ଅନେକ ଏହାକୁ ଚିତ୍ରକାରିଣୀ ମନ୍ଦିର ବୋଲି କହନ୍ତି। ଏହା ଲିଙ୍ଗରାଜ ମନ୍ଦିରର ଅଳ୍ପଦୂରରେ ଉତ୍ତରରେ ଅବସ୍ଥିତ। ପଞ୍ଚାୟତନ ପରିକଳ୍ପନା ଅନୁଯାୟୀ ଏହାର ଚାରିପଟେ ଚାରିଟି କ୍ଷୁଦ୍ର ମନ୍ଦିର ଅଛି। ଏକଦା ଏହା ସବୁଠାରୁ ଦର୍ଶନୀୟ ମନ୍ଦିର ଥିବାର ଜଣାଯାଏ, କିନ୍ତୁ ଏହାର ନିମ୍ନ ପ୍ରକାରର ପଥରରେ ତିଆରି ହୋଇଥିବାରୁ ଏହା ସମୟ ସ୍ରୋତରେ କ୍ଷୟ ହୋଇଯାଇଛି। ଏହା ମଧ୍ୟରେ ଚାମୁଣ୍ଡା ପୂଜା ପାଉଥିଲେ।

## ସାରି ଦେଉଳ -

ବିନ୍ଦୁ ସାଗରର ପଶ୍ଚିମ ବନ୍ଧରେ ଜଗନ୍ନାଥ ବଲ୍ଲଭ ମଠ ପଛରେ ସାରିଦେଉଳ ବିଦ୍ୟମାନ। ଏହା ବି ଅନନ୍ତ ବାସୁଦେବ ଓ ଯମେଶ୍ୱର ମନ୍ଦିର ଶୈଳୀରେ ନିର୍ମିତ। ଏହା ସପ୍ତରଥ ପରିକଳ୍ପନାର ମନ୍ଦିର ଏବଂ ଏହଗଙ୍ଗ ଅମଳର ବୋଲି ପ୍ରତୀୟମାନ ହୁଏ। ଏହା ନରସିଂହ ଦେବ (ପ୍ରଥମ)ଙ୍କ ଦ୍ୱାରା ନିର୍ମିତ ହୋଇଥିଲା ଏବଂ ଏଥିରେ ନାରୀମୂର୍ତ୍ତି ଦୃଶ୍ୟମାନ ହୁଏ।

## ଭବାନୀଶଙ୍କର ମନ୍ଦିର -

ବିନ୍ଦୁସାଗରର ଦକ୍ଷିଣ-ପୂର୍ବ କୋଣରେ ତୀର୍ଥେଶ୍ୱରର ଆଗକୁ ଭବାନୀଶଙ୍କର ମନ୍ଦିରଟି ଦେବୀ ବିନ୍ଧ୍ୟବାସିନୀ (ପାର୍ବତୀ)ଙ୍କୁ ସମର୍ପିତ। ଦେବୀ ଏଠାରେ ଶୟନ କରୁଥିବା ଅବସ୍ଥାରେ ଶିବ ତାଙ୍କ ପାଖରେ ଦଣ୍ଡାୟମାନ ଚିତ୍ର ସାରା ଭାରତବର୍ଷରେ ବିରଳ।

## ବିଭୀଷଣେଶ୍ୱର ମନ୍ଦିର -

ଭୁବନେଶ୍ୱର ଏହି ମନ୍ଦିରଟି ବହୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ଏହା ଲିଙ୍ଗରାଜ ମନ୍ଦିର ମୁଖ୍ୟଦ୍ୱାର ସାମନାରେ ପୁରୀ ଆଡକୁ ଯାଉଥିବା ରାସ୍ତାର ଡାହାଣ ପାଖରେ ପଡିବ। ଏହି ମନ୍ଦିରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ଏହାର ସୁରକ୍ଷା ଦାୟିତ୍ୱ ବିଶିଷ୍ଟ ଐତିହାସିକ କେଦାରନାଥ ମହାପାତ୍ର ନେଇ ଜଗମୋହନ ବସାଇ ଏଠାରର ବିଶାଳ ଲିଙ୍ଗକୁ ପୂଜାର୍ଚ୍ଚନା କରିବାର ସୁଯୋଗ ସୃଷ୍ଟି କରିଥିଲେ। ଏବେ ଏଠାରେ ଗୋଟିଏ ସ୍ୱସ୍ତିକ ମଣ୍ଡପ ନିର୍ମାଣ କରାଯାଇ ଏହାକୁ ସାମାଜିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଛି।

ଏହି ମନ୍ଦିରଟି ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ। ଏହା ପଛରେ ରାମାୟଣର ଏକ କିମ୍ବଦନ୍ତୀ ରହିଛି। ରାମାୟଣରେ ରାବଣ ବଧ ପରେ ବିଭୀଷଣ ଶିବଙ୍କୁ ପୂଜାର୍ଚ୍ଚନା କରିବାକୁ ଏକାମ୍ର ଆସି ଏହି ଲିଙ୍ଗ ସ୍ଥାପନ କରିଥିଲେ।

## ଭୀମେଶ୍ୱର ମନ୍ଦିର -

ଏକାମ୍ର କ୍ଷେତ୍ରର ପଶ୍ଚିମ ଆଡକୁ ଭୀମଟାଙ୍ଗି ଆଉ ଭୀମକୁଣ୍ଡ ପୁଷ୍କରିଣୀ। କଥିତ ଅଛି ମହାଭାରତର ପାଣ୍ଡବମାନଙ୍କର ଅଜ୍ଞାତବାସ କାଳରେ ପଞ୍ଚୁପାଣ୍ଡବ ଗୋଟିଏ ଗୋଟିଏ ଛୋଟ ମନ୍ଦିର କରି ଶିବଙ୍କ ପୂଜାର୍ଚ୍ଚନା କରୁଥିଲେ।

ଏକାମ୍ର କ୍ଷେତ୍ରରେ ବଡଗଡ ଅଞ୍ଚଳରେ ଭାସ୍କରେଶ୍ୱର ମନ୍ଦିରର ଅନତିଦୂରରେ ପାଣ୍ଡବ ଗୁମ୍ଫା ରହିଛି। ଏଠାରେ ବି ପାଞ୍ଚଟି କ୍ଷୁଦ୍ର ଗୁମ୍ଫା ରହିଛି। ଏହି ପଥର ଖୋଦିତ ଗୁମ୍ଫା ଗୁଡିକ ଗୁପ୍ତଯୁଗର କୀର୍ତ୍ତି ବୋଲି ଐତିହାସିକ ମାନେ ମତ ଦିଅନ୍ତି।

## ରାମେଶ୍ୱର ମନ୍ଦିର -

ମାଉସୀ ମା ମନ୍ଦିର ହିଁ ରାମେଶ୍ୱର ମନ୍ଦିର। ଏହା ଜଗମୋହନ ବିହୀନ ମନ୍ଦିର ଏବଂ ଏହା ଭୂମିଠାରୁ ବେଶ୍ ଉଚ୍ଚରେ ଗଢାଯାଇଛି। ଏହା ସମ୍ଭବତଃ ଦ୍ୱାଦଶ ଶତାବ୍ଦୀରେ ଗଙ୍ଗ ଶାସନ ଅମଳର।

ଏହି ମନ୍ଦିର ନିକଟରେ ଅଶୋକଝରେ ଓ ଅଶୋକକୁଣ୍ଡ ରହିଛି। ଅନେକ ବିଶ୍ୱାସ କରନ୍ତି, କଳିଙ୍ଗଯୁଦ୍ଧର କିଛି ବର୍ଷ ପରେ ଅଶୋକ କଳିଙ୍ଗ ଆସି ଏଠାରେ ଅନେକ ବୌଦ୍ଧ ସ୍ତୁପ, ଚୈତ୍ୟ ଓ ସ୍ତମ୍ଭ ନିର୍ମାଣ କରିଥିଲେ।

ଏବେ ଲିଙ୍ଗରାଜଙ୍କ ରଥଯାତ୍ରାଦିନ ରୁକୁଣା ରଥରେ ଲିଙ୍ଗରାଜଙ୍କ ପ୍ରତିମୂର୍ତ୍ତି ଚନ୍ଦ୍ରଶେଖର, ବାସୁଦେବ ଓ ରୁକ୍ମିଣୀ ଲିଙ୍ଗରାଜ ମନ୍ଦିରରୁ ବାହାରି ରାମେଶ୍ୱର ମନ୍ଦିର ଆସନ୍ତି, ପାଞ୍ଚଦିନ ରହଣି ପରେ ପୁନର୍ବାର ଏହି ଅଣଲେଉଟା ରଥରେ ଲିଙ୍ଗରାଜ ମନ୍ଦିର ଫେରିଯାଆନ୍ତି।

## କୋଟୀତୀର୍ଥେଶ୍ୱର ମନ୍ଦିର -

ଏହି ମନ୍ଦିରଟି କୋଟୀତୀର୍ଥ ପୁଷ୍କରିଣୀ ପାଖରେ ଅବସ୍ଥିତ, ପଞ୍ଚଦଶରୁ ଷଡଦଶ ଶତାବ୍ଦୀରେ ନିର୍ମିତ। ଏହା ଗୋଟିଏ ରେଖା ଦେଉଳ ଏବଂ ଏହା ପଞ୍ଚରଥ ପରିକଳ୍ପନା ଅନୁସାରେ ତୋଳାଯାଇଛି। ଏହା ପାଖର କୋଟୀତୀର୍ଥର ରହସ୍ୟ ହେଉଛି, ଏହା ଦଶ ନିୟୁତ ଧାର୍ମିକ ତୀର୍ଥର ଜଳ ସମଷ୍ଟିରେ ଗଠିତ।

## ପାପନାଶିନୀ ମନ୍ଦିର -

ଲିଙ୍ଗରାଜ ମନ୍ଦିର ନିକଟରେ ମାଙ୍କଡା ପଥରକାନ୍ଥରେ ତିଆରି ପାପନାଶିନୀ ପୁଷ୍କରିଣୀକୁ ପ୍ରତିବର୍ଷ ପ୍ରଥମାଷ୍ଟମୀରେ ପ୍ରଭୁ ଲିଙ୍ଗରାଜଙ୍କ ପ୍ରତିମୂର୍ତ୍ତି ସ୍ନାନ ନିମନ୍ତେ ଆସନ୍ତି। ଏଇ ମନ୍ଦିରଟି ପଞ୍ଚଦଶ ଶତାବ୍ଦୀର ବୋଲି ମନ୍ଦିର ରୂପରୁ ପ୍ରତୀୟମାନ ହୁଏ।

## କପିଳେଶ୍ୱର ମନ୍ଦିର -

ଏହି ମନ୍ଦିରଟି ଏକାମ୍ର ମନ୍ଦିର ନିର୍ମାଣର ଶେଷ ପର୍ଯ୍ୟାୟର ବୋଲି ଅନୁମାନ କରାଯାଏ। ଏହା ଗଜପତି କପିଳେନ୍ଦ୍ରଦେବ ନିର୍ମାଣ କରିଥିଲେ।

## ଚିନ୍ତାମଣିଶ୍ୱର ମନ୍ଦିର -

ଏହି ମନ୍ଦିରଟି ଲକ୍ଷ୍ମୀସାଗର ଅଞ୍ଚଳରେ ପୁରୁଣା ଭୁବନେଶ୍ୱର ଷ୍ଟେସନକୁ ଲାଗି ଅବସ୍ଥିତ। ଚିନ୍ତାମଣିଶ୍ୱର ଲିଙ୍ଗ ପଶ୍ଚିମମୁଖା। ନିଜେ ଚିନ୍ତାମଣିଶ୍ୱର ଲିଙ୍ଗରାଜଙ୍କର ମନ୍ତ୍ରୀ ବୋଲି ଲୋକମୁଖରୁ ଶୁଣିବାକୁ ମିଳେ। ଏହି ମନ୍ଦିରଟି ଏକାଦଶ ଶତାବ୍ଦୀର ମନ୍ଦିର ତୋଳା ତଥ୍ୟ ବହନକରେ।

ଐତିହାସିକ ତଥ୍ୟ ଅନୁଯାୟୀ ଚୋଡଗଙ୍ଗଦେବ (ଅନ୍ୟନାମ ଗଙ୍ଗେଶ୍ୱର ଦେବ)ଙ୍କ ସ୍ତ୍ରୀ ଲକ୍ଷ୍ମୀ ଦେବୀ ଏହି ମନ୍ଦିରଟି ତିଆରି କରିଥିଲେ ଏବଂ ଲକ୍ଷ୍ମୀସାଗର ନାମକରଣ କରିଥିଲେ।

## ଦକ୍ଷିଣଚଣ୍ଡୀ ମନ୍ଦିର -

ମାଙ୍କଡା ପଥରରେ ନିର୍ମିତ ଛୋଟ ପିଢ ମନ୍ଦିରରେ ମହିଷାମର୍ଦ୍ଦିନୀ ଦୁର୍ଗା (ନାମ ତାଙ୍କର ଦକ୍ଷିଣ ଚଣ୍ଡୀ) ବିଜେ କରନ୍ତି ଠିକ୍ ଲିଙ୍ଗରାଜ ମନ୍ଦିର ଦକ୍ଷିଣ ଦ୍ୱାର ସାମନାରେ ଥିବା ରାଜ ପ୍ରାସାଦର ଭଗ୍ନାବଶେଷ ପାଖରେ।

ଗଙ୍ଗ ଅମଳର ଆଉ ଗୋଟିଏ କ୍ଷୁଦ୍ର ଶାକ୍ତ ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ଦ୍ୱାରବାସିନୀ (ମହିଷାମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତି) ଅଛନ୍ତି। ଏହା ବ୍ୟତୀତ ଲିଙ୍ଗରାଜ ମନ୍ଦିର ଚାରିପାଖରେ ଉତ୍ତରେଶ୍ୱରୀ, ବିନ୍ଧ୍ୟବାସିନୀ, ଗଉରୀ, ରାମାୟଣୀ, ମୋହିନୀ, କାପାଳିନୀ ଓ ଅମ୍ବାୟନୀ ଏମିତି ସାତଟି ଶକ୍ତିପୀଠ ରହିଅଛି।

## ଶିଖରଚଣ୍ଡୀ ମନ୍ଦିର -

ଭୁବନେଶ୍ୱରର ଉତ୍ତର ଦିଗରେ ପଟିଆ ଅଞ୍ଚଳରେ ଯେଉଁ ପାହାଡଟି ରହିଚି, ତାହା ଅତୀତରେ ଏକ ଯୋଗିନୀ କ୍ଷେତ୍ର ଥିଲା, ସେଥିପାଇଁ ଛୋଟ ମନ୍ଦିରରେ ବିଜେ କରନ୍ତି ଶିଖରଚଣ୍ଡୀ। ଏହି ଅଞ୍ଚଳଟି ତଥା ଏହି ପାହାଡଟିର ନାମ ଶିଖରଚଣ୍ଡୀ। ଏହା ଚଉଷଠୀ ଯୋଗିନୀ ମନ୍ଦିରର ସମସାମୟିକ ବୋଲି ଅନୁମାନ କରାଯାଏ। ଆଜି ଏଠାରେ ସୁନ୍ଦର ମାର୍ବଲ ଚଟାଣ କରାଯାଇ ଥିବାରୁ ବିଭାଘର ପରି ଅନେକ ସାମାଜିକ କାର୍ଯ୍ୟକ୍ରମ କରାଯାଏ।

## ବୁଦ୍ଧେଶ୍ୱରୀ ମନ୍ଦିର -

ଏକାମ୍ର ନଗରୀର ଉତ୍ତର ସୀମାରେ ଥିଲେ ବଲ୍‌ହନ ଦେବୀ, ଖ୍ରୀଷ୍ଟିୟ ନବମ ଶତାବ୍ଦୀ ଠାରୁ ୧୯୫୭ ପର୍ଯ୍ୟନ୍ତ ପୋତି ହୋଇ ରହିଥିଲେ ପୁରୁଣା ଭୁବନେଶ୍ୱର ରେଳ ଷ୍ଟେସନ ପୂର୍ବରେ ଥିବା ବୁଦ୍ଧେଶ୍ୱରୀ ଅଞ୍ଚଳରେ। ଦୁଇ ବାହୁ ବିଶିଷ୍ଟ ଏହି ମାନସ ମୂର୍ତ୍ତି ସର୍ପଦେବୀ ଓ ଶିବଙ୍କର କନ୍ୟା ଭାବରେ ପରିଚିତ। ଛୋଟ ଆଧୁନିକ ଛୋଟ ମନ୍ଦିରଟିରେ ଯୋଗାସନରେ ବସିରହିଛନ୍ତି।

## ଶ୍ରୀରାମ ମନ୍ଦିର -

ନୂତନ ରାଜଧାନୀ ଭୁବନେଶ୍ୱର ସହରର କେନ୍ଦ୍ର ସ୍ଥଳ ଖାରବେଳ ନଗରରେ ଶ୍ରୀରାମ ମନ୍ଦିର ୨୭ ଜୁନ୍ ୧୯୭୯ରୁ ସ୍ଥାପିତ ହୋଇଛି।



ଯଦିଚ ଏହି ମନ୍ଦିରଟିର ନାମ ଶ୍ରୀରାମଙ୍କର ନାମରେ ନିର୍ମିତ, ଏଠାରେ ସମୁଦାୟ ସାତଟି ମନ୍ଦିର ଅଛି । ମୂଳ ମନ୍ଦିରରେ ଶ୍ରୀରାମ, ମାତା ସୀତା, ଲକ୍ଷ୍ମଣ, ଭରତ, ଶତୃଘ୍ନ ଓ ଭକ୍ତ ହନୁମାନ ମୂର୍ତ୍ତିମନ୍ତ । ଆଉ ଗୋଟିଏ ମନ୍ଦିରରେ ଶ୍ରୀକୃଷ୍ଣ ଓ ରାଧାରାଣୀ ବଦ୍ୟମାନ । ଶ୍ରୀ ପଞ୍ଚମୁଖୀ ହନୁମାନ ଆଉ ଗୋଟିଏ ମନ୍ଦିରରେ; ଶିବ, ପାର୍ବତୀ, ଗଣେଶ, କାର୍ତ୍ତିକେୟ ଓ ବୃଷଭ ଆଉ ଗୋଟିଏ ମନ୍ଦିରରେ ଏବଂ ରାଣୀ ସତୀ ଆଉ ଗୋଟିଏ ମନ୍ଦିରେ ପୂଜା ପାଆନ୍ତି । ଏଠାରେ ଅନେକ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟ ସମ୍ପନ୍ନ ହୁଏ ।

### ବୁଦ୍ଧମନ୍ଦିର -

୧୯୯୩ମସିହାରେ ନୂଆ ରାଜଧାନୀ ୯ ନମ୍ବର ୟୁନିଟ୍ ପ୍ଲଟ ୪ରେ ଶ୍ରୀଲଙ୍କାରୁ ଆସିଥିବା ଗୋଟିଏ ଫାଇବର ବୁଦ୍ଧ ମୂର୍ତ୍ତି ଓ ବୋଧିଦ୍ରୁମ ନେଇ ଏହି ମନ୍ଦିରଟି ସ୍ଥାପନ କରାଯାଇଥିଲା । ବର୍ମାର ପ୍ରଧାନ ମନ୍ତ୍ରୀ ୟୁନୁ ଶ୍ରୀଲଙ୍କାର ଅନୁରାଧାପୁରରୁ ଅଣାଯାଇଥିବା ବୋଧିଦ୍ରୁମ ରୋପଣ କରିଥିଲେ । ଓଡିଶାରେ ଏହା ଏକମାତ୍ର ବୌଦ୍ଧ ମନ୍ଦିର ଯେଉଁଠାରେ ଦଶ ହଜାର ବୌଦ୍ଧାବଲମ୍ବୀ କୌଣସି ଧାର୍ମିକ ପରିବେଶ ବା ଧର୍ମ ସମ୍ମିଳନୀ ସଂଗଠିତ କରିପାରିବେ ।

### କୃଷ୍ଣ ବଳରାମ ମନ୍ଦିର -

ଏହି ମନ୍ଦିରଟିର ଲୋକପ୍ରିୟ ନାମ ଇସ୍କନ ମନ୍ଦିର ।ଏହା ପାଞ୍ଚନମ୍ବର ଜାତୀୟ ରାଜପଥ କଡରେ ନୂଆପଲ୍ଲୀ ଅଞ୍ଚଳରେ ନିର୍ମିତ । ଏହା କୃଷ୍ଣଚେତନା ପାଇଁ ଗଠିତ ଆନ୍ତର୍ଜାତୀୟ ସଂଗଠନ (ଇସ୍କନ) ଦ୍ୱାରା ସୁନ୍ଦର ମନ୍ଦିରଟିଏ ବିକଶିତ ହୋଇ ଶ୍ରୀଗୁଣ୍ଡିଚା ରଥଯାତ୍ରା ପରି ଅନେକ ଜଗନ୍ନାଥ ପରମ୍ପରା ପାଳନ କରୁଛି ।

# କଳିଙ୍ଗ ଚରିତର ମୂକସାକ୍ଷୀ :: ଧଉଳିଗିରି

*ସଂଘମିତ୍ରା ନାୟକ*


ସୂର୍ଯ୍ୟବଂଶର ଅବତାରଣା କରିବାକୁ ଯାଇ ଦକ୍ଷିଣ ଭାରତର ଆନ୍ଧ୍ରବାସୀ ଲୋଲ୍ଲ ଲକ୍ଷ୍ମୀଧର 'ସରସ୍ୱତୀ ବିଳାସ'ରେ ଲେଖିଛନ୍ତି ସୂର୍ଯ୍ୟବଂଶରେ ଯେତେ ରାଜା ମହାରାଜାମାନେ ଜନ୍ମଗ୍ରହଣ କରିଥିଲେ ସମସ୍ତେ ଦିକ୍‌ପାଳ ସଦୃଶ ଥିଲେ । ଅହିରାଜ ଅନନ୍ତ ନିଜର ସହସ୍ର ଫଣାରେ ଯେପରି ପୃଥ୍ୱୀକୁ ଧାରଣ କରିଥାଆନ୍ତି, ସୂର୍ଯ୍ୟବଂଶର ରାଜାମାନେ ଠିକ୍ ସେହିପରି ନିଜର ସହସ୍ର ବାହୁବଳୟ ମଧ୍ୟରେ ରାଷ୍ଟ୍ରର ପ୍ରଜାଙ୍କ ଭାର ବହନ କରିଥିଲେ । କେବଳ ସେତିକି ନୁହେଁ, ନିଜର ବାହୁବଳରେ ସମସ୍ତ ରାଜାଙ୍କୁ ନିଜ ଅଧୀନ କରିପାରିଥିଲେ । ସୂର୍ଯ୍ୟବଂଶୀ କପିଳେନ୍ଦ୍ର ଦେବ ଥିଲେ ଏକାଧାରରେ ସୌଜନ୍ୟର ଖଣି, ଦାରିଦ୍ର୍ୟ ଦୂରୀକରଣରେ କୁଶଳୀ ପ୍ରଶାସକ, ଉତ୍ତମ ସୌଭାଗ୍ୟର ଅଧିକାରୀ, ଧର୍ମ ଓ ନ୍ୟାୟ ଦ୍ୱାରା ଅର୍ଜିତ ଯଶୋରାଶିର ସାଗର, ସୌନ୍ଦର୍ଯ୍ୟର ଝରଣା, ଶତ୍ରୁମାନଙ୍କ ପାଇଁ ଗୁମ୍ଫା ଭିତରେ ମହାକାଳସର୍ପ, ଚାତୁର୍ଯ୍ୟ ଓ ମହାତ୍ମ୍ୟରେ ସେ ଥିଲେ ମହେଶ୍ୱରତୁଲ୍ୟ ଏବଂ ରାଷ୍ଟ୍ର ଥିଲା ତାଙ୍କର ଧର୍ମପତ୍ନୀ ସଦୃଶ । ପୁନଶ୍ଚ ରାମକୃଷ୍ଣ ଭଟ୍ଟଙ୍କ ଦ୍ୱାରା ପ୍ରଣିତ 'ପ୍ରତାପ ମାର୍ତ୍ତଣ୍ଡ' ନାମକ ଗ୍ରନ୍ଥକୁ ସେ ପ୍ରତାପରୁଦ୍ରଙ୍କ ନାମରେ ଭଣିତା କରିଛନ୍ତି । ଏହି ପୁସ୍ତକରେ ସେ ମହାନଦୀକୁ 'ଚିତ୍ରୋତ୍ପଳା' ନାମରେ ଅଭିହିତ କରିଛନ୍ତି । ତାହାର ଦର୍ଶନ, ସ୍ପର୍ଶନ ଓ ଅବଗାହନରେ ପାପ ନଷ୍ଟ ହୁଏ ବୋଲି ଉଲ୍ଲେଖ କରିଛନ୍ତି । ଏହି ନଦୀର ସୁରମ୍ୟ ପରିବେଶ ମଣ୍ଡିତ ତୀର ପ୍ରଦେଶରେ ନଭଶ୍ଚୁମ୍ବୀ ନବତଳ ପ୍ରାସାଦ ବିଶିଷ୍ଟ ବାରବାଟୀ ଗଡ଼ ଅବସ୍ଥିତ–

"ତୀରେ ବିଶିଷ୍ଟ ମଣି ମଣ୍ଡପ ବେଦି ସୌଧ-
ଶୋଭା ବିନିର୍ଜିତ ସୁରେନ୍ଦ୍ରଗୁହାଂଥ ତସ୍ୟାଃ
ଶ୍ରୀ ବିଶ୍ୱନାଥ ଗିରିଜର ଗଣନାଥଯୁକ୍ତା
ବାରାଣସୀ କଟକ ପୂର୍ବପଦା ବିଭାତି ।"

କଟକ ନଗରୀରେ ଏତାଦୃଶ ମଣି ମଣ୍ଡପ ବିମଣ୍ଡିତ ସୌଧରେ ସୂର୍ଯ୍ୟବଂଶର ରାଜାମାନେ ଅବସ୍ଥାନ କରୁଥିଲେ । ଏହାଥିଲା କଳିଙ୍ଗ ନଗରର ରାଜଧାନୀ ।

୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ପର୍ଯ୍ୟନ୍ତ କଟକ ହିଁ ଥିଲା ଉତ୍କଳର ରାଜଧାନୀ । ୧୯୩୭ ଜୁଲାଇରେ ପ୍ରଥମ ରାଜ୍ୟ ବିଧାନସଭା ପାଇଁ ନିର୍ବାଚନ ହୋଇ କଟକରେ ହିଁ ବିଧାନସଭା ବୈଠକ ବସିଥିଲା; କିନ୍ତୁ ୧୯୪୬ ମସିହା ସେପ୍ଟେମ୍ବର ୩୦ ତାରିଖରେ ବିଧାନସଭାରେ ସର୍ବ ସମ୍ମତିକ୍ରମେ ରାଜଧାନୀ ଭୁବନେଶ୍ୱରକୁ ସ୍ଥାନାନ୍ତର ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ୧୯୪୮ରେ ଭୁବନେଶ୍ୱରରେ ନୂଆ ରାଜଧାନୀର ଶୁଭ ଦିଆଯାଇଥିଲା । ଭାରତ ସ୍ୱାଧୀନ ହେବାର ୨ ବର୍ଷ ପରେ ୧୯୪୯ ମସିହା ଅଗଷ୍ଟ ୧୯ ତାରିଖଠାରୁ କଟକ ପରିବର୍ତ୍ତେ ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତରିତ କରାଗଲା ।

ଭୁବନେଶ୍ୱରର ନାମକରଣ 'ତ୍ରିଭୁବନେଶ୍ୱର'ରୁ ହିଁ ନିସୃତ ହୋଇଛି । ଯାହାର ଅର୍ଥ ହେଉଛି ତିନି ଭୁବନର ଈଶ୍ୱର ବା ନାଥ ଶଙ୍କର୍ଷଣ ମହାଦେବଙ୍କ ପୀଠସ୍ଥଳିକୁ ହିଁ ପ୍ରତିପାଦିତ କରିଥାଏ । ଷଷ୍ଠ ଶତାବ୍ଦୀରୁ ଆଜିର ରାଜଧାନୀର ଦକ୍ଷିଣ ଦିଗରେ ଥିବା ପୁରୁଣା ଭୁବନେଶ୍ୱର ଏକ ଧାର୍ମିକ ସ୍ଥଳ ହେବା ସହିତ ଏହା ସହରୀକରଣର ରୂପ ନେଇଥିଲା । ରାଜା ଓ ସ୍ଥାନୀୟ ଧାନାଢ୍ୟ ବ୍ୟକ୍ତିଙ୍କ ପୃଷ୍ଠପୋଷକତାରେ ଷଷ୍ଠ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ମଧ୍ୟରେ ପୁରୁଣା



ଭୁବନେଶ୍ୱର ଅଞ୍ଚଳରେ ପ୍ରାୟ ୭୦୦୦ ମନ୍ଦିର ନିର୍ମିତ ହୋଇଥିଲା ବୋଲି ଶୁଣାଯାଏ। ଏଥିମଧ୍ୟରୁ ଏବେ ୪୦୦ରୁ ଊର୍ଦ୍ଧ୍ୱ ମନ୍ଦିର ତିଷ୍ଠ ରହିଛି ଏବଂ ପ୍ରାୟତଃ ସମସ୍ତ ମନ୍ଦିର ଅଧିଷ୍ଠିତ ଦେବ ହେଉଛନ୍ତି ଦେବ ଦେବ ମହାଦେବ ତ୍ରିଭୁବନେଶ୍ୱର। ୮୦୦ ରୁ ୧୦୬୦ ମସିହା ମଧ୍ୟରେ ନିର୍ମିତ ମୁକ୍ତେଶ୍ୱର, ରାଜାରାଣୀ ଓ ବ୍ରହ୍ମେଶ୍ୱର ମନ୍ଦିର ପରେ ସୋମବଂଶୀଙ୍କ ଶାସନ କାଳରେ ଏକାଦଶ ଶତାବ୍ଦୀରେ ବୃହତ୍ତ ଲିଙ୍ଗରାଜ ମନ୍ଦିର ନିର୍ମାଣ କରାଯାଇଥିଲା। ୧୧୯୫ ମସିହାରେ ମେଘେଶ୍ୱର, ୧୨୭୮ ମସିହାରେ ଅନନ୍ତ ବାସୁଦେବ ମନ୍ଦିର ଗଙ୍ଗବଂଶ ଶାସନ କାଳରେ ନିର୍ମାଣ ହୋଇଥିଲା। ଗଙ୍ଗୁଆନାଳ ନିକଟସ୍ଥିତ କପିଳେଶ୍ୱର ମନ୍ଦିର ଗଙ୍ଗବଂଶ ରାଜାଙ୍କ ଦ୍ୱାରା ନିର୍ମିତ ଶେଷ ମନ୍ଦିର ଥିଲା। ଧଉଳି ନିକଟରେ ଅର୍ଜ୍ଜନଶ୍ୱର ମନ୍ଦିର ଦେବ ଦେବ ମହାଦେବଙ୍କର ଲୀଳାଖେଳାର ଭୂମି କହିଲେ ଅତ୍ୟୁକ୍ତି ହେବନାହିଁ । ଯଦିଓ ଧଉଳି ଉପରେ ନିର୍ମିତ ମନ୍ଦିର ୧୯୭୦ ମସିହା ପରେ ନିର୍ମିତ ହୋଇଅଛି, ତଥାପି ଏହା ସେହି ମହାଦେବ ଧବଳେଶ୍ୱରଙ୍କର ସ୍ୱାକ୍ଷର ବହନ କରେ । ତେଣୁ ଏହି ସ୍ଥାନର ନାମକରଣ ଭୁବନେଶ୍ୱର ଯଥାର୍ଥ ଅଟେ ।

ଏହି ସହରଟିର ପରିକଳ୍ପନା କରିଥିଲେ ଓଟୋ କନିଗ୍ସବର୍ଗର। ଜାମସେଦପୁର, ଚଣ୍ଡୀଗଡ ପରି ଏକ ସମୟରେ ପରିକଳ୍ପିତ ହୋଇଥିବା ସହର ପରି ଭୁବନେଶ୍ୱର। ଉତ୍ତରରେ କୁଆଖାଇ ଓ ଦକ୍ଷିଣରେ ଦୟାନଈ ମଧ୍ୟବର୍ତ୍ତୀ ସମତଳ ଓ ଜଙ୍ଗଲ ଜମି ଉପରେ ଭୁବନେଶ୍ୱରର ପରିକଳ୍ପନା। ବ୍ୟାପକ ଭୂତଳ ଝରଣା ଥିବାରୁ ପୁରାଣକାଳରୁ କୃଷି ଭିତ୍ତିକ ଗ୍ରାମୀଣ ସମାଜ ଏଠାରେ ବସତି ସ୍ଥାପନ କରିଥିଲେ। ଖୋର୍ଦ୍ଧା, ପଟିଆ ଓ ଡମପଡାର ରାଜାମାନେ ଜଙ୍ଗଲ ମଧ୍ୟରେ ସେମାନଙ୍କର ସୈନ୍ୟରୂପେ କିଛି ଶବର ଓ ଡମ ଉପଜାତିର ଅଧିବାସୀଙ୍କୁ ଆଣି ସେଠାରେ ବସବାସ କରାଇଥିଲେ। ବନଜାତ ଫଳମୂଳ, ଜାଳେଣୀ ସଂଗ୍ରହ ଓ ଶିକାର ପାଇଁ ଏ ଅଞ୍ଚଳର ଅଧିବାସୀମାନେ ସେ ସମୟରେ ଜଙ୍ଗଲରେ ପାଦଚଲା ରାସ୍ତା ସୃଷ୍ଟି କରିଥିଲେ।

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଭୁବନେଶ୍ୱରର ଦକ୍ଷିଣ-ପୂର୍ବ ଦିଗରେ ଦୟାନଦୀ ନିକଟ ଶିଶୁପାଳଗଡଠାରେ ପ୍ରତ୍ନତାତ୍ତ୍ୱିକ ଖନନ ପରଠାରୁ ଏଠାରେ ସହରୀକରଣ ପ୍ରାଚୀନ କାଳରୁ ଗଢି ଉଠିଥିବାର ଯଥେଷ୍ଟ ପ୍ରମାଣ ମିଳେ। କଳିଙ୍ଗ ଯୁଦ୍ଧପରେ ସମ୍ରାଟ ଅଶୋକ ଶିଶୁପାଳଗଡ ନିର୍ମାଣ କରିଥିବାର ଅନେକ ମତବ୍ୟକ୍ତ କରନ୍ତି। ମୌର୍ଯ୍ୟଶାସନକାଳେ ଏହି ଗଡଭିତରେ ଓ ଏହାକୁ ଘେରି ଏକ ସହରୀ ସଭ୍ୟତା ମୁଣ୍ଡ ଟେକିଥିଲା ବୋଲି ଅନୁମାନ କରାଯାଏ। ତମ୍ବା, ହାଡ, ହାତୀଦାନ୍ତ, କାଚ ନିର୍ମିତ ଚୁଡି, କାନଫୁଲ ଆଦି ଅଳଙ୍କାର ସହିତ ଧାତୁ ନିର୍ମିତ ଫୁଙ୍କନଳୀ, ପିନ୍ କଣ୍ଟା, ଲୁହା, ଛୁରି, ଶିକୁଳି, ଦାଆ, ଖଣ୍ଡା, ବର୍ଚ୍ଛା, ଶରମୂନ ଇତ୍ୟାଦି ଦ୍ରବ୍ୟ ଦୁର୍ଗ ଭିତରୁ ମିଳିଥିବାରୁ ଏହା ଭୁବନେଶ୍ୱରର ପ୍ରାଚୀନ ସହର ବୋଲି ମନେକରାଯାଏ।

ଶିଶୁପାଳଗଡଠାରୁ ଅଳ୍ପ କିଛି କିଛି କିଲୋମିଟର ଦୂରରେ ଭୁବନେଶ୍ୱରର ଦକ୍ଷିଣଦିଗରେ ଦେବଦେବ ମହଦେବ ଧବଳେଶ୍ୱରଙ୍କ ବାସସ୍ଥଳୀ ଧଉଳି ପାହାଡ। ଦୟାନଦୀର ଅପରପାର୍ଶ୍ୱରେ ଦୁଇଟି ସମାନ୍ତରାଳ ପାହାଡର ନାମ ଧଉଳିଗିରି। ଧଉଳି, ଖଟୁଆପଡା, କୌଶଲ୍ୟାପୁର, ଡିହସାହି, ଖରିଜା, ବୋଇରୀ, ପାଢୀସାହି, ହଳଦୀବସନ୍ତ, ପମ୍ପସରା ପ୍ରଭୃତି କେତେ ଗୁଡିଏ ଛୋଟବଡ ଗ୍ରାମ ଆବାସସ୍ଥଳୀ ଗଢି ଉଠିଥିଲା ଏହି ଧଉଳିର ପାଦଦେଶରେ। ଦୟାନଦୀ ଅବବାହିକାରେ ବସତି ଗଠନ କରି କୃଷିକୁ ଜୀବିକା ରୁପେ ଗ୍ରହଣ କରିଥିବା ଏହି ଅଧିବାସୀମାନେ ଅତ୍ୟନ୍ତ ସାହାସୀ ଓ ପରାକ୍ରମୀ ବୋଲି କହିଥିଲେ।

ଏଠାରେ ପ୍ରକାଶ ଥାଉକି, ଧଉଳି ପାହାଡ ପାଦଦେଶରେ ଅବସ୍ଥିତ କାଇରୀ (ପୂର୍ବନାମ - କାଇଲ) ଗ୍ରାମରେ ମୋର ଭିଟାମାଟି ସମ୍ପୂର୍ଣ୍ଣ ମୋର ପିତୃପୁରୁଷଙ୍କ ବାସସ୍ଥାନ। ଏହାର ଗ୍ରାମଦେବତୀଙ୍କ ନାମ ଥିଲା କାଳୁଣୀ। ସମ୍ରାଟ ଅଶୋକଙ୍କର ବିଭସ୍ଥ କଳିଙ୍ଗ ଯୁଦ୍ଧରେ ଏହି ବସତିର ଅସଂଖ୍ୟ ଯୋଦ୍ଧା ପ୍ରାଣବଳି ଦେଇଥିବା ପ୍ରତୀୟମାନ ହୁଏ। ଆଜିର ଲୋକମାନେ ଦିନେ ସେହି ରକ୍ତିମ ବର୍ଣ୍ଣର ଦୟାନଦୀ ଜଳ ଆମ ଗ୍ରାମ ପାଖରେ ପ୍ରବାହିତ ହେଉଥିବା ମନେକରି ଶିହରି ଉଠନ୍ତି। ଏହି ଯୁଦ୍ଧ ଶହ ଶହ ମହିଳା ଓ ନବ ବିବାହିତାଙ୍କ ହାତରୁ ଶଙ୍ଖା ଓ ମୁଣ୍ଡରୁ ସିନ୍ଦୂର ପୋଛି ଦେଇଥିଲା। ମନେହୁଏ, ସେଇ ହତଭାଗିନୀମାନଙ୍କର କ୍ରନ୍ଦନ ଶୁଣି ପ୍ରତିକାର କରିପାରି ନଥିବାରୁ ଠାକୁରାଣୀ କାଳୁଣୀ ବୋଲି ଯୁଗଯୁଗକୁ ନାମିତ ହୋଇ ରହିଛନ୍ତି। କିନ୍ତୁ ଆମ ଅଞ୍ଚଳରେ ଡାକବିଭାଗ ନିଜର ଅଫିସ୍ ଖୋଲିଲେ ମୋର ପ୍ରପିତାମହଙ୍କ ଗୃହରେ, ଏବଂ ସେହି ସମୟରୁ ଏହି ଡାକଘର ନାମ ରହିଲା କାଇରୀ

ମୋର ବାପା ଯଦୁମଣି ନାୟକ ଓ ଜେଜେବାପା କୁମରବର ନାୟକ ପୂର୍ବ ପୁରୁଷମାନେ ଅନନ୍ତ ଅତୀତରୁ ଏହିଠାର ବାସିନ୍ଦା ହୋଇଥିବାରୁ ସେମାନେ ନିଶ୍ଚୟ କଳିଙ୍ଗ ଯୁଦ୍ଧର ସୈନିକ ହୋଇଥିବା ନିଶ୍ଚିତ ମନେହୁଏ। ସେମାନଙ୍କୁ ନାୟକ (ସେନାନାୟକ) ଉପାଧି ମିଳିଥିବା ଅନୁମେୟ। ଆଜିକାର ଐତିହାସିକ ଯଦି କଳିଙ୍ଗ ଯୁଦ୍ଧରେ କଳିଙ୍ଗର ରାଜା କିଏ ଥିଲେ ବୋଲି ଅନନ୍ତ ପଦ୍ମନାଭ ବୋଲି ନିର୍ଦ୍ଧାରଣ କରନ୍ତି, ତେ ମୋର ପୂର୍ବ ପୁରୁଷ ତାଙ୍କରି ସେନାନୀ ଓ ସେନାନାୟକ ହୋଇଥିବା ସମ୍ଭବ। ସେହି ଦିନରୁ ଏହି ସାମରିକ ଜାତିର ସନ୍ତକ ଭାବରେ ଘରେ ଖଣ୍ଡା ରହି ଦଶହରାରେ ଖଣ୍ଡା ପୂଜାପାଏ। ପୂଜା ପରେ ଖଟୁଲି ଘରେ ବଡ ବଡ ସିନ୍ଧୁକରେ ସଯତ୍ନରେ ରଖାଯାଏ। ଏହି ତରବାରି ଯୁଦ୍ଧ ଦେଖିଛି, ସଂଚିତ ହୋଇ ବଂଶପରିଚୟ ସହିତ ପୂଜାପାଉଛି। ଏହାର ହାତୀଦାନ୍ତ ବେଣ୍ଟ ମୋର ପିତୃପୁରୁଷଙ୍କର ପରିଚୟ ଦିଏ।

ଯୁଦ୍ଧପରେ ପରାକ୍ରମୀ ବୀର କଳିଙ୍ଗ ତଥା ଓଡିଶା ରାଷ୍ଟ୍ରର ସୈନିକମାନେ ଚାଷକାମ ଆଦରି ନେଇ ଅଦ୍ୟାବଧି ସେଇ ଧଉଳି (ଯାହାର ପୂର୍ବ ନାମ ଇତିହାସରେ କେବେ ସୌରଭଗିରି ତଥା ଶ୍ୱେତଗିରି ଥିଲା) ପାଦଦେଶରେ ସ୍ଥାୟୀ ବାସିନ୍ଦା ହୋଇଛନ୍ତି। ଦୟାନଦୀ ଅବବାହିକାରେ ଜମି ଗୁଡିକ ସ୍ୱର୍ଣ୍ଣପ୍ରସୂ। ଏହି ସ୍ୱର୍ଣ୍ଣପ୍ରସୂ କଳିଙ୍ଗଙ୍କୁ ନିଜ ଆୟତ୍ତକୁ ଆଣିବାକୁ ଅଜସ୍ର ଚିଟାଉକୁ ସମ୍ରାଟ ଅନନ୍ତ ପଦ୍ମନାଭ ପାଦରେ ଦଳିଦେଇଥିଲେ। ଚଣ୍ଡାଶୋକ ଯୁଦ୍ଧ ଅନ୍ତରେ କଳିଙ୍ଗ ଅଭ୍ୟନ୍ତରରେ ଯେଉଁ ପୋଡାଜଳା କରି ସାମାଜିକ ଜୀବନ ନଷ୍ଟଭ୍ରଷ୍ଟ କରିଥିଲେ, ସେଥିରେ ଏହି ଅଞ୍ଚଳର କି ଅବସ୍ଥା ହୋଇଥିବ କଳ୍ପନା କରିହୁଏନି। ପୁଣି ଯାହା ଦର୍ଶା ଯାଇଛି ଜଣେ ବୟସ୍କା ନାରୀ ରଣଶିବିରକୁ ଯାଇ ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କୁ ଧିକ୍କାର କରି ନିଜ ପିତା, ପତି ଓ ପୁତ୍ରର ଜୀବନ ନେଇଥିବାରୁ ତାଙ୍କୁ ହତ୍ୟାକରିବାକୁ ବେକ ପାତି ରଣପ୍ରିୟ ଚଣ୍ଡାଙ୍କୁ ଭୂପତିତ କରିଦେଇଥିଲେ, ସିଏ ଆଉ କେହି ନୁହନ୍ତି ଏହି ସୌରଭଗିରି ଉପକୂଳର ଜଣେ କଳିଙ୍ଗ ମାତା।

ଏବକାର ଏହି ଜମି ବି ସେମିତି ଉର୍ବର ଓ ଧାନଚାଷର ଉତ୍କୃଷ୍ଟ ଜମି ଭାବରେ ରହିଛି। ଏଠାରେ ଚକବନ୍ଦି ହେଲାପରେ ୧ ଏକର ୨୧ ଡିସିମିଲି

ଜମି ଆଜି ପର୍ଯ୍ୟନ୍ତ ମୋର ମା' ସୁଧାଂଶୁବାଳା ନାୟକଙ୍କ ନାମରେ ଫସଲ ଉତ୍ପାଦନ ପାଇଁ ରାଜ୍ୟ ସରକାରଙ୍କ ଠାରୁ ପୁରସ୍କାର ପାଇଆସୁଛି ।

ମୋର ବାପାଙ୍କର ପିତାମହ ଅତ୍ୟନ୍ତ ପରାକ୍ରମୀ ଥିଲେ । ସେ ଘୋଡ଼ା ଚଢ଼ି ଶିକାର କରିବାକୁ ଯାଉଥିବା ସମୟରେ ବଳିଷ୍ଠ ଏବଂ ଗୋରା ତକ୍‌ତକ୍ ଶରୀର ସାଧାରଣ ବ୍ୟକ୍ତିଙ୍କ ହୃଦୟକୁ ସ୍ପର୍ଶ କରୁଥିଲା ଏବଂ ଠିକ୍ ଏକ ବୀର ସୈନିକ ଯୁଦ୍ଧ କ୍ଷେତ୍ରକୁ ଯିବାର ଭ୍ରମ ଉତ୍ପାଦନ କରେ (ମୋର ଜନ୍ମ ପର୍ଯ୍ୟନ୍ତ ଜୀବିତ ଥିଲେ ଏବଂ ମୋର ନାମକରଣ ସେ କରିଥିଲେ) । ଏଥିରୁ ଏହି ନାୟକ ବଂଶର ପୂର୍ବପୁରୁଷମାନେ ହିଁ ଯୋଦ୍ଧା ଥିଲେ ବୋଲି ଦାମ୍ଭିକତାର ସହିତ କୁହାଯାଇ ପାରିବ । ମୁଁ ଯେତିକି ଆଖିରେ ଦେଖିଛି ଓ ଅନୁଭବ କରିଛି ମୋର ବାପା, ଦାଦା ଏବଂ ଜେଜେବାପା ଏମାନେ ଖୁବ୍ ଶକ୍ତିଶାଳୀ ଏବଂ ଯୋଦ୍ଧାମାନଙ୍କ ପରି ଅତ୍ୟନ୍ତ ସାହାସୀ ଅଟନ୍ତି । ମୋର ଦେଖିବାରେ ମୋର ବାପା ଯଦୁମଣି ନାୟକ ଲଉଡ଼ି ଯୁଦ୍ଧ ନିଜର ଗୁରୁଙ୍କ ଠାରୁ ଶିକ୍ଷା ଲାଭକରି ଲଉଡ଼ି ଚାଳନାରେ ଖୁବ୍ ସିଦ୍ଧହସ୍ତ ଅଟନ୍ତି । ସେ ମଧ୍ୟ 'ଆଗ ସୁନ' ଏବଂ 'ପଛ ସୁନ' ମାରିବାରେ ଅତ୍ୟନ୍ତ କୌଶଳୀ ଅଟନ୍ତି । ମୋର ଜେଜେବାପା ଖଣ୍ଡିଏ ବାଡ଼ି ସାହାଯ୍ୟରେ ପଚାଶ ଜଣ ଆକ୍ରମଣକାରୀଙ୍କୁ ଅନାୟାସରେ ଆୟତ୍ତାଧୀନ କରିପାରିବାରେ ମୁଁ ଦେଖିଛି । ଏଣୁ 'କଳିଙ୍ଗାଃ ସାହସିକାଃ' ଏମାନଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଆମ ଘରେ ଚାଲୁଥିବା ପୋଷ୍ଟ ଅଫିସ୍‌ର ପୋଷ୍ଟମାଷ୍ଟର ମୋର ପିତାମହ ପଦ୍ମନାଭ ନାୟକ ଥିଲେ ଏବଂ ଏହା ଏବେ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଯାଇଛି । ଏହି ପ୍ରବଳ ପରାକ୍ରମୀ, ସାହସୀ ନାୟକ ବଂଶର ଦାୟାଦ ପଦ୍ମନାଭ ନାୟକ ଅଖଣ୍ଡ କ୍ଷମତାର ଏବଂ ଭୂସମ୍ପତ୍ତିର ଅଧିକାରୀ ଥିଲେ; କିନ୍ତୁ ଜନ କଲ୍ୟାଣ ନିମିତ୍ତ ସେ ଗ୍ରାମରେ ବିଦ୍ୟାଳୟ, ହାଟ ଇତ୍ୟାଦି ସ୍ଥାପନ କରିବା ପାଇଁ ନିଜ ସମ୍ପତ୍ତିରୁ ସେ ଗ୍ରାମବାସୀଙ୍କୁ ଅର୍ପଣ କରିଥିଲେ । ଏହା ଏବେ ମଧ୍ୟ ଚାଲୁ ରହିଛି । ଏଥିରୁ ଜଣାଯାଏ ଏହି ଜନନାୟକ ମଧ୍ୟ ଅତ୍ୟନ୍ତ ଉଦାର ଚରିତ୍ରବତ୍ତାର ନିଦର୍ଶନ ଅଟନ୍ତି।

ମୋର ବାପାଙ୍କର ପ୍ରପିତାମହ ନଟ ନାୟକ ମୋର ନାମ ସଂଘମିତ୍ରା ରଖିଥିଲେ । ଏହି ଧଉଳି ପାହାଡ଼ର ପାଦଦେଶରେ ଦେବାନାଂ ପ୍ରିୟଦର୍ଶୀ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକକୁ ପରିବର୍ତ୍ତିତ ହୋଇ ତାଙ୍କର କନ୍ୟା ସଂଘମିତ୍ରା ଏବଂ ପୁତ୍ର ମହେନ୍ଦ୍ରଙ୍କୁ ବୌଦ୍ଧଧର୍ମ ପ୍ରଚାର ନିମିତ୍ତ ସିଂହଳ ଆଦି ବିଭିନ୍ନ ଦେଶକୁ ଶାନ୍ତି ସ୍ଥାପନ ନିମିତ୍ତ ପ୍ରେରଣ କରିଥିବାରୁ ହୁଏତ ମୋର ନାମ 'ସଂଘମିତ୍ରା' ରଖିବାକୁ ସେ ମନସ୍ଥ କରିଥିଲେ । ଆହୁରି ମଧ୍ୟ ମୁଁ ଜନ୍ମ ସମୟରେ ମୋର ମା' ପୁରୀ ଏସ୍.ସି.ଏସ୍. କଲେଜରେ ଫିଲୋସଫି ଡିପାର୍ଟମେଣ୍ଟରେ ଅଧ୍ୟୟନରତା ଥିଲେ ଏବଂ 'ବୁଦ୍ଧିଷ୍ଟ ଫିଲୋସଫି' ଗୋଟିଏ 'ପେପର' ରୂପେ ଏଥିରେ ପଢ଼ା ହେଉଥିବାରୁ ମୋର ନାମ 'ସଂଘମିତ୍ରା' ରଖାଯାଇଥିଲା ବୋଲି ମୁଁ ମୋର ବାପା, ମା' ଏବଂ ଜେଜେବାପାଙ୍କଠାରୁ ଶୁଣିଛି ।

୧୯୭୦ ମସିହା ପର୍ଯ୍ୟନ୍ତ ଏହି ପାହାଡ଼ ଦ୍ୱୟ ପାଦଦେଶରେ ଯୁଦ୍ଧକ୍ଷେତ୍ର ଯୋଗ୍ୟ ବିଶାଳ ସମତଳ ପ୍ରାନ୍ତର ଥିଲା । ୧୯୭୧ ମସିହାରେ ଧଉଳିରେ ଜାପାନୀ ବୌଦ୍ଧ ସଂଘ ଦ୍ୱାରା ଶାନ୍ତିସ୍ତୂପ, ପ୍ରାର୍ଥନା, ଚୈତ୍ୟଗୃହ, ସଧର୍ମ ବିହାର ଏବଂ ପାହାଡ଼ ଶିଖରକୁ ଦୁଇ ଦିଗରୁ ସର୍ପିଳ ରାସ୍ତା ନିର୍ମାଣ ଫଳରେ କଳିଙ୍ଗ ଯୁଦ୍ଧର ରଣକ୍ଷେତ୍ରଟି ନିଜର ପୁରୁଣା ସ୍ୱରୂପ ହରାଇଛି । ବ୍ୟାପକ ରାସ୍ତାନିର୍ମାଣ, ବୃକ୍ଷରୋପଣ ଏବଂ ୧୯୭୨ ମସିହାରେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଶାନ୍ତିସ୍ତୂପ ସଂଲଗ୍ନ ପାହାଡ଼ ଶୀର୍ଷରେ 'ଧବଳେଶ୍ୱର' ଶିବ ମନ୍ଦିର ନିର୍ମାଣ କରାଯାଇ ଧଉଳିକୁ ଏକ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରାଯାଇଛି । ପାହାଡ଼ର ଦକ୍ଷିଣପଟ ପାଦଦେଶରେ ଏକ ହାତୀର ମୁଣ୍ଡ ସମେତ ଅର୍ଦ୍ଧଶରୀର ପ୍ରାକୃତିକ ଶିଳାରେ ଖନନ କରାଯାଇଛି । ହାତୀ ମୂର୍ତ୍ତିକୁ ସ୍ଥାନୀୟ ଅଧିବାସୀ ଅଶ୍ୱତ୍ଥମାଙ୍କ ପ୍ରତିମୂର୍ତ୍ତି କହୁଥିବାସ୍ଥଳେ ବୌଦ୍ଧ ଧର୍ମାବଲମ୍ବୀମାନେ ଏହି ମୂର୍ତ୍ତିକୁ ସ୍ୱୟଂ ବୁଦ୍ଧଙ୍କ ଅବତାର ମାନିଥାନ୍ତି ।

ହାତୀ ମୂର୍ତ୍ତି ତଳେ ୧୫ ଫୁଟ୍ ଓ ଦଶ ଫୁଟ୍ ଓସାର କ୍ଷେତ୍ରକୁ ସମତଳ କରାଯାଇ ସମ୍ରାଟ ଅଶୋକଙ୍କ ଆଦେଶନାମା ଖୋଦନ କରାଯାଇଛି । ୧୮୩୭ ମସିହାରେ ପ୍ରଖ୍ୟାତ ଐତିହାସିକ ପ୍ରତ୍ନତତ୍ତ୍ୱବିତ୍ ଆଲେକ୍‌ଜାଣ୍ଡାର କନିଙ୍ଗହାମ୍‌ଙ୍କ ନିର୍ଦ୍ଦେଶରେ ଲେଫ୍ଟନାଣ୍ଟ କିଟୋ ଧଉଳି ପାହାଡ଼ର ଶିଳାଲେଖକୁ ବହୁ କଷ୍ଟରେ ନକଲ କରି ପାରିଥିଲେ। ଭଗବାନ୍ ଲାଲ ଇନ୍ଦ୍ରାଜୀ ଏହି ଲେଖାର ପାଠୋଦ୍ଧାର କରିବାକୁ ସମର୍ଥ ହେଲେ। ଏହି ପ୍ରସ୍ତର ଖୋଦିତ ଅନୁଶାସନ ମଗଧ ସମ୍ରାଟ ଅଶୋକଙ୍କ ଦ୍ୱାରା କଳିଙ୍ଗବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଥିଲା। ପୁରାତନ ବ୍ରାହ୍ମୀ ଭାଷାରେ ଲିଖିତ ଏହି ଫଳକରେ ଲିଖିତ ସମସ୍ତ ପ୍ରଜାକୁଳ ମୋର ସନ୍ତାନ । ନିରପେକ୍ଷ, ଅହିଂସା, ନ୍ୟାୟପରାୟଣ ଏବଂ ସଦୟ ଶାସନ ପାଇଁ ରାଜକର୍ମଚାରୀମାନଙ୍କୁ ସମ୍ରାଟ ଅଶୋକଙ୍କ ନିର୍ଦ୍ଦେଶ ଏଥିରେ ଖୋଦିତ ହୋଇଛି ।

ହାତୀ ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ପାଇଁ ଅତ୍ୟନ୍ତ ଶୁଭସୂଚକ ଅଟେ । ହୁଏତ ସେଇଥିପାଇଁ ମଗଧ ସମ୍ରାଟ ଅଶୋକ ବୌଦ୍ଧଧର୍ମ ଗ୍ରହଣ କଲାପରେ ଏହି ହାତୀର ପ୍ରତିମୂର୍ତ୍ତି ନିର୍ମାଣ କରାଇ ଥାଇପାରନ୍ତି । ଶୁଦ୍ଧୋଦନ ପବିତ୍ର ଶାକ୍ୟବଂଶର ଶ୍ରେଷ୍ଠ ରାଜସିଂହାସନ ଲାଭକରି ତଥା ଅନୁପମା ସୌନ୍ଦର୍ଯ୍ୟମୟୀ ପତ୍ନୀଦ୍ୱୟ ମହାପ୍ରଜାପତି ଗୌତମୀ ଓ ମାୟାଦେବୀଙ୍କୁ ଲାଭ କରି ମଧ୍ୟ ନିଃସନ୍ତାନ ହେତୁ ଦୁଃଖରେ ଅଧୀର ହୋଇପଡ଼ିଥିଲେ। ଏହି ସମୟରେ ପତ୍ନୀ ମାୟାଦେବୀ ନିଜକୁ ଦେବୋପମ କାର୍ଯ୍ୟରେ ଲିପ୍ତ ରହି ସନ୍ତାନ ବାଞ୍ଛା କରିବା ପରେ ଦିନେ ଗୋଟିଏ ଦୈବୀ ସ୍ୱପ୍ନ ଦର୍ଶନ କରିଥିଲେ। ମାୟାଦେବୀ ଦେଖିଲେ, ଗୋଟିଏ ଶ୍ୱେତ ହସ୍ତୀ ପାହାଡ଼ରେ ଭ୍ରମଣ କରୁଛି। କ୍ରମେ ହସ୍ତୀଟି ଗୋଟିଏ ଶ୍ୱେତପଦ୍ମ ଧରି ତାଙ୍କ ଆଡ଼କୁ ଆସିବାକୁ ଲାଗିଲା। ପାଖକୁ ଆସି ସେହି ବିଚିତ୍ର ହସ୍ତୀ ପଲ ଚାରିପାଖରେ ତିନିଥର ବୁଲି ସଙ୍ଗେସଙ୍ଗେ ତାଙ୍କ ଗର୍ଭରେ ପ୍ରବେଶ କଲା। ମୟାବତୀ ଲୁମ୍ବିନୀ ଉଦ୍ୟାନରେ ଭ୍ରମଣ କରୁଥିବା ସମୟରେ ଖ୍ରୀଷ୍ଟପୂର୍ବ ୫୬୩ ମସିହାରେ ପୃଥିବୀର ଅଜ୍ଞାନାନ୍ଧକାରଛନ୍ନ ବକ୍ଷକୁ ଆଲୋକିତ କରି ଜନ୍ମଲାଭ କରିଥିଲେ ଗୋଟିଏ ପୁତ୍ର ସନ୍ତାନ। ଏହି ପୁତ୍ର ସନ୍ତାନ ହେଉଛନ୍ତି ଭବିଷ୍ୟତର ତ୍ରାଣକର୍ତ୍ତା, ନିର୍ବାଣାଲୋକର ଆବିଷ୍କର୍ତ୍ତା ଏବଂ ଦୟା, କ୍ଷମା, ଜ୍ଞାନ ଓ ପ୍ରେମର ମୂର୍ତ୍ତିମନ୍ତ ବିଗ୍ରହ ମହାମାନବ ବୁଦ୍ଧ।

ତେଣୁ ବର୍ତ୍ତମାନର ଭୁବନେଶ୍ୱରର ଧଉଳିଗିରି କଳିଙ୍ଗବୀର ଓ କଳିଙ୍ଗ ସାହସିକତା କଥା ମନେପକାଇବା ସହିତ ଅତିମାନବ ବୁଦ୍ଧଙ୍କର ଦୟା, କ୍ଷମା, ପ୍ରେମ ଓ ନିର୍ବାଣର ସ୍ୱାକ୍ଷର ବହନ କରି ଦଣ୍ଡାୟମାନ ହୋଇ ରହିଛି ।

ପ୍ଲଟ ନଂ- ୧୩୬, କାଠଯୋଡ଼ି ନଦୀ ବନ୍ଧ
ପାର୍କ ପାଖ, ଖାନନଗର, ଅରୁଣୋଦୟ ନଗର, କଟକ-୧୨
ଦୂରଭାଷ : ୯୪୩୮୬୫୬୮୦୦

# ଶୈବ ଓ ବୈଷ୍ଣବ ସଂସ୍କୃତିର ସମନ୍ୱୟ ପୀଠ - ଚକ୍ର କ୍ଷେତ୍ରର ଅନନ୍ତ ବାସୁଦେବ ମନ୍ଦିର

*ଡ. ଭାସ୍କର ମିଶ୍ର*

ଶୈବ କ୍ଷେତ୍ର ଭୁବନେଶ୍ୱରରର ଅନ୍ୟତମ ମୁଖ୍ୟ ଉପାସ୍ୟ ହେଉଛନ୍ତି ଶ୍ରୀ ଅନନ୍ତ ବାସୁଦେବ। ଅତ୍ୟନ୍ତ ପ୍ରାଚୀନ ସମୟରୁ ପ୍ରତିଷ୍ଠିତ ବହୁ ସଂଖ୍ୟକ ଶିବ ମନ୍ଦିର ପରିବେଶ ମଧ୍ୟରେ ଅନନ୍ତ ବାସୁଦେବଙ୍କ ଅଧିଷ୍ଠାନ ଏକମାତ୍ର ପ୍ରସିଦ୍ଧ ବିଷ୍ଣୁ ମନ୍ଦିର ଅଟେ। ଯାହାକି ଶୈବ ଓ ବୈଷ୍ଣବ ସମ୍ପ୍ରଦାୟ ମଧ୍ୟରେ ମହାମିଳନର ପ୍ରତୀକ ରୂପେ ଦଣ୍ଡାୟମାନ। କ୍ଷେତ୍ର ମାହାତ୍ମ୍ୟରେ ଉଭୟ ମହାପ୍ରଭୁ ଲିଙ୍ଗରାଜ ଓ ଶ୍ରୀ ଅନନ୍ତ ବାସୁଦେବଙ୍କ ସମ୍ପର୍କରେ 'କପିଳ ସଂହିତା'ରେ ପ୍ରାଧାନ୍ୟ ଦିଆଯାଇଛି। ଶ୍ରୀ ଅନନ୍ତ ବାସୁଦେବଙ୍କ ସମ୍ବନ୍ଧରେ 'କପିଳ ସଂହିତା'ଗ୍ରନ୍ଥର ୧୦ମ ଓ ୧୧ଶ ଅଧ୍ୟାୟରେ କୁହାଯାଇଛି ଯେ:-

"ଏକାମ୍ରଂ ପରମଂ ପୁଣ୍ୟଂ ବନଂ ବିଷ୍ଣୁପ୍ରିୟଂ ମହତ୍"
(କ.ସଂ - ୧୦/୨୩)

"ଏକାମ୍ରେତୁ ଜଗନ୍ନାଥୋ ଭାତି ପାଷାଣ ଲୀଳୟା"
(କ.ସଂ - ୧୦/୨୫)

"ତତ୍ର ଶ୍ରୀ ବାସୁଦେବାଖ୍ୟ ରାମାନାଥୋ ଜଗଦ୍‌ଗୁରୁଃ
ଅନନ୍ତେନ ସହ ଶ୍ରୀମାନେକାକୀ ବିଜନେ ବନେ।"
(କ.ସଂ - ୧୧/୨୫)

ଅର୍ଥାତ୍ ପରମ ପୁଣ୍ୟ ଅଧିଷ୍ଠାନ ଏକାମ୍ରବନ ବିଷ୍ଣୁଙ୍କର ଅତିପ୍ରିୟ ତଥା ସାକ୍ଷାତ୍ ବୈକୁଣ୍ଠ ଭୁବନ ସଦୃଶ। ସେହିଠାରେ ଶଙ୍ଖଚକ୍ରଗଦାପଦ୍ମଧାରୀ, ବନମାଳା ବିଭୂଷିତ ଜଗନ୍ନାଥ ପାଷାଣ ଲୀଳା ବିଗ୍ରହ ରୂପେ ବିଦ୍ୟମାନ। ଏପରିକି ଶ୍ରୀ ବାସୁଦେବ ନାମରେ ସ୍ୱୟଂ ଜଗଦଗୁରୁ ଲକ୍ଷ୍ମୀପତି ଅନନ୍ତଙ୍କ ସହିତ ସେଠାରେ ଏକାକୀ ବିଗ୍ରହବାନ ହୋଇଅଛନ୍ତି।

ଇତିହାସରୁ ଜଣାଯାଏ ଯେ, ଗଙ୍ଗବଂଶର ଅନଙ୍ଗଭୀମ ଦେବ ଜଣେ ପ୍ରତାପଶାଳୀ ଓ ସୌନ୍ଦର୍ଯ୍ୟବନ୍ତ ରାଜା ଥିଲେ। ସେ ପରମ ବିଷ୍ଣୁ ଭକ୍ତ ଓ ଦାନୀ ଥିଲେ। ଏପରିକି ସେ ଶିବ ଓ ବିଷ୍ଣୁ ଉଭୟଙ୍କର ଉପାସକ ଥିଲେ। ତାଙ୍କର ଚନ୍ଦ୍ରା ବା ଚନ୍ଦ୍ରିକା ଦେବୀ ନାମରେ ଜଣେ କନ୍ୟା ଥିଲେ। ସେ ହୈହୟ ବଂଶଜ ପରମର୍ଦ୍ଦି ଦେବଙ୍କୁ ବିବାହ କରିଥିଲେ। ଅନଙ୍ଗଭୀମ ଦେବଙ୍କ ରାଜତ୍ୱକାଳରେ ପରମର୍ଦ୍ଦି ଦେବ ବଙ୍ଗ ମୁସଲମାନ ସେନା ମାନଙ୍କ ସହିତ ଯୁଦ୍ଧ କରି ନିହତ ହୋଇଥିଲେ। ନିଜ ପତିଙ୍କ ବିୟୋଗରେ ମର୍ମାହତ ହୋଇ ଚନ୍ଦ୍ରିକା ଦେବୀ ପରମ ବୈଷ୍ଣବୀ ହୋଇ ଯାଇଥିଲେ। ତତ୍କାଳୀନ ସମାଜରେ ସ୍ୱାମୀର ମୃତ୍ୟୁ ପରେ ତାଙ୍କର ବିଧବା ପତ୍ନୀମାନେ ଭଗବଦ୍ ଭକ୍ତି ମାର୍ଗକୁ ଆଶ୍ରୟ କରି ଶୁଦ୍ଧ ପୂତ ଭାବେ ଆଧ୍ୟାତ୍ମିକ ଜୀବନ ବିତାଉଥିଲେ। ମନ୍ଦିର ନିର୍ମାଣ, ପୁଷ୍କରିଣୀ, କୂପ ଖନନ, ଦାନ, ଯଜ୍ଞ, ଧର୍ମଶାସ୍ତ୍ରାଲୋଚନା ଇତ୍ୟାଦି ପୁଣ୍ୟ କାମରେ ନିୟୋଜିତ ହେଉଥିଲେ। ଗବେଷକମାନଙ୍କ ମତାନୁଯାୟୀ ଗଙ୍ଗବଂଶୀ ରାଜା ଅନଙ୍ଗଭୀମ ଦେବ (ତୃତୀୟ)ଙ୍କ ବିଧବା କନ୍ୟା ଚନ୍ଦ୍ରା ବନାମ ଚନ୍ଦ୍ରିକା ଦେବୀଙ୍କ ଦ୍ୱାରା ତାଙ୍କର ପୁତୁରା ପ୍ରଥମ ଭାନୁଦେବଙ୍କ ରାଜତ୍ୱ (ଖ୍ରୀ: ୧୨୬୪-୧୨୭୯) କାଳରେ ଏକାମ୍ର କ୍ଷେତ୍ରସ୍ଥ ବିନ୍ଦୁସାଗର ତୀରରେ ପଶ୍ଚିମାଭିମୁଖୀ ବିଷ୍ଣୁ ମନ୍ଦିରଟି ୧୨୭୮ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା। ଅର୍ଥାତ୍ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିରର ନିର୍ମାଣକାଳ ତ୍ରୟୋଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ। କେତେକ ଐତିହାସିକ ମତ ବ୍ୟକ୍ତ କରିଛନ୍ତି ଯେ, ଚନ୍ଦ୍ରିକା ଦେବୀ ନିଜ ପିତାଙ୍କୁ ଅନୁରୋଧ କରି ଅଧୁନାତମ ଭୁବନେଶ୍ୱର ଠାରେ ତଥା ଲିଙ୍ଗରାଜ ମନ୍ଦିର ସମୀପରେ ଅନନ୍ତ ବାସୁଦେବ ମନ୍ଦିର ୧୨୭୮ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରିଥିଲେ।

ଅନନ୍ତ ବାସୁଦେବ ମନ୍ଦିର ସଂଲଗ୍ନ ଏକ ଶିଳାଲିପିରେ ବର୍ଣ୍ଣିତ ଅଛି ଯେ, ତାଙ୍କ ସ୍ୱାମୀ ପରମର୍ଦ୍ଦି ଦେବ ନରସିଂହ ଦେବଙ୍କ ପାଇଁ ଯୁଦ୍ଧ କରି ନିହତ ହୋଇଥିଲେ। ପରମର୍ଦ୍ଦି ଦେବ ଅନଙ୍ଗଭୀମ ଦେବଙ୍କ ଜାମାତା ଥିଲେ ଏବଂ ସେନାପତି ଭାବରେ ମୁସଲମାନଙ୍କ ସହ ଯୁଦ୍ଧ ଚଳାଇଥିଲେ।

ଅନନ୍ତ ବାସୁଦେବ ମନ୍ଦିର ଶିଳାଲିପିର ଉଲ୍ଲେଖ ପ୍ରକାରେ :-

"ପତ୍ନ୍ୟା ବୀରନୃସିଂହଦେବ ନୃପତେ ର୍ଦ୍ଦ୍ୱିଷାନ୍ ରଣେ ଉଦ୍ୟତ
ଦତ୍ୱା ତାନ୍ ସୁରଲୋକ ଗାନପି ରୁଷା ଜେତୁଂ ସ୍ୱୟଂ ସ୍ୱମ ଯୌ
ମନ୍ୟେଽସୌ ପରମର୍ଦ୍ଦି ଦେବ ସୁଭଟଃ କୀର୍ତ୍ତି ସମୁଲ୍ଲସାୟନ୍"

ମନ୍ଦିର ସଂଲଗ୍ନ ଥିବା ଶିଳାଲେଖଟି ୧୮୧୪ ଖ୍ରୀଷ୍ଟାବ୍ଦ ପୂର୍ବରୁ ମେଜର ଜେନେରାଲ ଚାର୍ଲସ୍ ଷ୍ଟୁଆର୍ଟ ଭୁବନେଶ୍ୱରରୁ ନେଇ ଯାଇଥିଲେ ଏବଂ ଉକ୍ତ ଶିଳାଲେଖଟି ଲଣ୍ଡନ ମିଉଜିୟମ୍‌ରେ ସଂରକ୍ଷିତ ଅଛି। ଶିଳାଲେଖର ପ୍ରଶସ୍ତି ଅନୁଯାୟୀ ଅନଙ୍ଗଭୀମ ଦେବ (୩ୟ)ଙ୍କ ଔରସରୁ ତାଙ୍କର କନ୍ୟା ଚନ୍ଦ୍ରିକା ଦେବୀ (ଡଃ ମହତାବଙ୍କ ଓଡିଶା ଇତିହାସର ଉଲ୍ଲେଖ ପ୍ରକାରେ ଚନ୍ଦ୍ରା ଦେବୀ) ଜାତ ହୋଇଥିଲେ। ଚନ୍ଦ୍ରିକା ଦେବୀଙ୍କର ମୁଖମଣ୍ଡଳ ସଦ୍ୟ ପ୍ରସ୍ଫୁଟିତ ପଦ୍ମ ପୁଷ୍ପ ପରି ଶୋଭା ପାଉଥିଲା ଏବଂ ତାଙ୍କର

ଶରୀର ଚନ୍ଦ୍ରର କିରଣ ପରି ଝଲସି ଉଠୁଥିଲା । ସେ ସଙ୍ଗୀତ, ନୃତ୍ୟାଦି ବିଦ୍ୟାରେ ଅତ୍ୟନ୍ତ ନିପୁଣା ଥିଲେ । ସେ ହୈହୟ ବଂଶର ରାଜା ପରମର୍ଦ୍ଦି ଦେବଙ୍କୁ ବିବାହ କରିଥିଲେ । ପରମର୍ଦ୍ଦି ଦେବ ଜଣେ ବଳିଷ୍ଠ ଯୋଦ୍ଧା ଥିଲେ । ଯୁଦ୍ଧ କ୍ଷେତ୍ରରେ ଅନେକ ବୀରଙ୍କୁ ପରାସ୍ତ କରିଥିବାର ବର୍ଣ୍ଣନା ମିଳେ । ଶିଳାଲେଖବିତ୍ ଗବେଷିକା ଡକ୍ଟର ଭାରତୀ ପାଲ୍ ଅନନ୍ତ ବାସୁଦେବ ମନ୍ଦିର ଅଭିଲେଖ ଏକ ପ୍ରଶସ୍ତିମୂଳକ ଏବଂ ଏଥିରେ ସର୍ବମୋଟ୍ ୧୭ଟି ଧାଡି ରହିଛି । ଉଭୟ ନାଗରୀ ଲିପି ଏବଂ ସଂସ୍କୃତ ଭାଷାରେ ଏହା ଖୋଦିତ ହୋଇଥିଲା । ପ୍ରଶସ୍ତିଟି ପଦ୍ୟାକାରରେ ରଚିତ ଏବଂ କବି ଉମାପତି ଏହାର ରଚୟିତା । ଏହା ଅତି ଉଚ୍ଚକୋଟୀର ବୋଲି ପଣ୍ଡିତମାନେ ସ୍ୱୀକାର କରିଛନ୍ତି । ପ୍ରଶସ୍ତିରୁ ଜଣାଯାଏ ଯେ, ଗଙ୍ଗବଂଶର ରାଜା ନରସିଂହ ଦେବଙ୍କର ଶତ୍ରୁମାନଙ୍କ ସହିତ ହୈହୟ ବଂଶର ରାଜା ତଥା ଚନ୍ଦ୍ରିକା ଦେବୀଙ୍କର ସ୍ୱାମୀ ପରମର୍ଦ୍ଦି ଦେବ ପ୍ରଚଣ୍ଡ ପରାକ୍ରମୀ ଯୋଦ୍ଧା ଭାବେ ଯୁଦ୍ଧ କରି ଯୁଦ୍ଧ କ୍ଷେତ୍ରରେ ବୀରଗତି ପ୍ରାପ୍ତ ହୋଇଥିଲେ । ଯୌବନାବସ୍ଥାରେ ଚନ୍ଦ୍ରିକା ଦେବୀ ବୈଧବ ଯନ୍ତ୍ରଣା ଭୋଗ କରି ଶେଷରେ ତାଙ୍କର ସମସ୍ତ ଜୀବନ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥଙ୍କ ପାଦପଦ୍ମରେ ବିତାଇଥିଲେ । ସେ ତାଙ୍କର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି ଏକାମ୍ର କ୍ଷେତ୍ରରେ ବିନ୍ଦୁସାଗର ପୁଷ୍କରିଣୀ ଠାରେ ଭଗବାନ ବିଷ୍ଣୁଙ୍କ ନିମନ୍ତେ ଏକ ମନ୍ଦିର ତୋଳାଇଥିଲେ । ଐତିହାସିକମାନେ ଏହି ମନ୍ଦିର ନିର୍ମାଣ କାଳ ୧୨୭୮ ଖ୍ରୀଷ୍ଟାବ୍ଦ ବୋଲି ନିର୍ଦ୍ଧାରଣ କରନ୍ତି । ସେ ସମୟରେ ବିନ୍ଦୁସାଗର ପୁଷ୍କରିଣୀଟି ଅସଂଖ୍ୟ ଯାତ୍ରୀଙ୍କର ତୃଷ୍ଣା ଏବଂ କ୍ଲାନ୍ତି, ତାର ପବିତ୍ର ଜଳ ଦ୍ୱାରା ଦୂର କରୁଥିଲା ବୋଲି ଅନନ୍ତ ବାସୁଦେବ ଶିଳାଲେଖର ପ୍ରଶସ୍ତିରେ କୁହାଯାଇଛି । ପରିଶେଷରେ ଏହି ଶିଳାଲେଖରେ ବର୍ଣ୍ଣନା କରାଯାଇଛି ଯେ, ରାଣୀ ଚନ୍ଦ୍ରିକା ଏକାମ୍ର କ୍ଷେତ୍ରରେ ଅନନ୍ତ ବାସୁଦେବ ମନ୍ଦିର ନିର୍ମାଣ କରି ସେଠାରେ ଭଗବାନ ବଳଦେବ, କୃଷ୍ଣ ଓ ସୁଭଦ୍ରା ଦେବୀଙ୍କର ମୂର୍ତ୍ତି ପ୍ରତିଷ୍ଠା କରି ଅତ୍ୟନ୍ତ ଭକ୍ତିପୂତ ଭାବରେ ତାଙ୍କର ପୂଜାର୍ଚ୍ଚନା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଅନନ୍ତ ବାସୁଦେବ ମନ୍ଦିରଟି ଚନ୍ଦ୍ରିକା ଦେବୀଙ୍କର ଏକ ଅମ୍ଳାନ କୀର୍ତ୍ତି ଏବଂ ଏହା ଏକାମ୍ର କ୍ଷେତ୍ରର ପ୍ରଥମ ବୈଷ୍ଣବ ମନ୍ଦିର ଭାବେ ପରିଗଣିତ ।

ଯେତେବେଳେ ଅନନ୍ତ ବାସୁଦେବ ମନ୍ଦିର ଚନ୍ଦ୍ରିକାଦେବୀଙ୍କ ମାନସିକ ମନ୍ଦିର, ଯାହାର ମୂଳ ନାୟକ ବିଖ୍ୟାତ ବୀର ପରମର୍ଦ୍ଦି ଦେବ, ନିଶ୍ଚୟ ପାଠକ ମାନଙ୍କ ମନରେ ଉତ୍ସୁକତା ଆସିବ । ପରମାର୍ଦ୍ଦି କେତେ ବଡ ବୀର ଥିଲେ, କେଉଁ ବୀର ପଣରେ ଓଡିଆ ସେନାନିରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ଆଉ କେଉଁ ପରିବେଶ ଓ ପରିସ୍ଥିତିରେ ମୃତ୍ୟୁ ମୁଖରେ ପଡିଲେ, ଅଳିଅଳି ଚନ୍ଦ୍ରିକାଙ୍କୁ ଚିରକାଳ ପାଇଁ ଛାଡି ସ୍ୱର୍ଗକୁ ଚାଲିଲେ । ଏଇଟା ନିଶ୍ଚିତ ଓଡିଶା ପାଇଁ ଭାଗ୍ୟର ଅଟ୍ଟହାସ୍ୟ, ଲାଙ୍ଗୁଡା ନରସିଂହଙ୍କ ବଳିଷ୍ଠ ଚରିତ୍ରକୁ କୁଠାରାଘାତ । ଭଉଣୀ ଚନ୍ଦ୍ରିକା ଦେବୀଙ୍କ ମାନସିକତାରେ ମନ୍ଦିର ତୋଳିବାର ଦୁର୍ବାର ଆଶାକୁ ଗଙ୍ଗବଂଶର ପ୍ରତିଶ୍ରୁତି, ପ୍ରତିଜ୍ଞା ଓ ପାଳନ ।

ପରମର୍ଦ୍ଦି ଦେବ ଜଣେ ବିଚକ୍ଷଣ ରଣନୀତି ବିଶାରଦ ଓ ସୈନ୍ୟ ପରିଚାଳନା ବିଶେଷଜ୍ଞ ଓ ଆଗଧାଡିର ସେନାପତି । ଓଡିଶାକୁ ସ୍ଥିର ପ୍ରତିରକ୍ଷା ଦେବାକୁ ଯେତେବେଳେ ଗଙ୍ଗବଂଶ ଦୃଢପ୍ରତିଜ୍ଞ, ସେତେବେଳେ ତୁହାକୁ ତୁହା ଯବନ ଆକ୍ରମଣ ଓ ଅସ୍ଥିରତାର ବାତାବରଣ ସୃଷ୍ଟି କରିଚାଲିଛନ୍ତି ତ୍ରୟୋଦଶ ଶତାବ୍ଦୀ ଓଡିଶାରେ । ପୁରୁଷୋତ୍ତମ ଧାମ ଉପରେ ଏଇ ମନ୍ଦିରବିଧ୍ୱଂସୀ ଯବନ ମାନଙ୍କର ଆଖି, ପୁଣି କେତେଥର କୃତକାର୍ଯ୍ୟ ହୋଇ ଆକର୍ଷିତ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଉପରେ ।

ଏଇ ଯବନ କୁଳ କେତେ ଶତାବ୍ଦୀ ଆଗରୁ ଭାରତ ଆକ୍ରମଣ କରି ତୈମୁର କାଳରୁ ପ୍ରତିମାବିଧ୍ୱଂସ, ଲୁଟତରାଜ, ପ୍ରବଳ ନରହତ୍ୟା ଓ ଅନେକ ଅମାନୁଷିକ କାର୍ଯ୍ୟ ଚଳାଇ ଆସିଛନ୍ତି । ଦିଲ୍ଲୀ ଆଗ୍ରା ଠାରୁ ସହଜରେ ପୂର୍ବ ଦିଗରେ ବିହାର-ବଂଗଳା ଓ ଦକ୍ଷିଣ ଦିଗରେ ଗୋଲକୋଣ୍ଡା ଆଡକୁ ମାଡି ଗଲେଣି । ଓଡିଶାର ବିହାର-ବଙ୍ଗଳା ସୀମା ତୁର୍କୀ-ଆଫଗାନ ମାମଲୁକ୍ ବଂଶଜ ଯବନାଧୀନ । ଲୁହାର ପାଚିର ଗଢି ଦଣ୍ଡାୟମାନ ଉତ୍କଳ । ଏହାକୁ କେତେ ଶତାବ୍ଦୀ ଭିତରେ ଭେଦି ନ ପାରନ୍ତି ଯବନ । ତଥାପି ଓଡିଶାର ଉତ୍ତର ଦିଗ ବିପଦମୁକ୍ତ ନୁହେଁ । ରାଜା କି ସେନା ଟିକିଏ ମୁହଁ ବୁଲେଇଲେ, ବଙ୍ଗଳାର ଯବନରାଜ ଆସି ଠିଆ ହୋଇଯିବେ ବିଡାନାସି କଟକ କି ପୁରୁଷୋତ୍ତମରେ ।

ନରସିଂହଙ୍କ ପରାକ୍ରମକୁ 'ଯବନବାଣୀ ବଲ୍ଲଭ' ବା 'ହମିର ମଦମର୍ଦ୍ଦନ' ଭାବରେ ସମସାମୟିକ କବି ବିଦ୍ୟାଧର ଓ ଅନ୍ୟାନ୍ୟମାନେ ପଦ୍ୟରଚନା କରିଛନ୍ତି । ୧୨୪୩ ମସିହାରେ କଣ୍ଟାଇ ଯୁଦ୍ଧରେ ବଙ୍ଗଳାର ତୁଘ୍ରାଲ ତୁଘାନ ଖାଁକୁ ଓଡିଆ ସୈନ୍ୟ ପାଣି ପିଆଇଦେଲେ, ଲକ୍ଷ୍ନୌତି ଦୁର୍ଗକୁ ଆକ୍ରମଣ କରି ପଛଘୁଞ୍ଚା ଦେଉଥିବା ଓଡିଆ ସେନା କୌଶଳରେ ଆଖୁକିଆରି ଭିତରୁ ଏମିତି ଆକ୍ରମଣ କଲେ, ବଙ୍ଗଳାର ଅସଂଖ୍ୟ ସୈନିକ ଟଳିପଡିଲେ, ଏହାକୁ କେନ୍ଦୁପାଟଣା ବ୍ରୋଞ୍ଜ ଲିଖନରେ ଦର୍ଶାଯାଇଛି, "ଗଙ୍ଗାର ଜଳ ବଙ୍ଗଳାର ରାଧା ଓ ବରେନ୍ଦ୍ର ଜିଲ୍ଲାର ନରସିଂହଙ୍କ ଅସୀମୂନରେ ମୃତ ସୈନିକମାନଙ୍କ ବିଧବା ସ୍ତ୍ରୀମାନଙ୍କ ଲୋତକରେ କୃଷ୍ଣବର୍ଣ୍ଣ ଧାରଣକଲା ।"

ପୁଣି ୧୨୪୪ ମସିହାର ଲକ୍ଷ୍ନୌତି ଯୁଦ୍ଧରେ ନରସିଂହ କୌଶଳରେ ଜିତିଗଲେ । ପରମର୍ଦ୍ଦି ଏମିତି କୌଶଳ ରଚାନ୍ତି, ତାହା ବୁଝିବାକୁ ଯବନମାନେ ସକ୍ଷମ ହୁଅନ୍ତି ନାହିଁ ।

ତା ପରେ ୧୨୪୭ରୁ ୧୨୫୬ ପର୍ଯ୍ୟନ୍ତ ଲାଗି ରହିଲା ଉମୁର୍ଦାନ ଯୁଦ୍ଧ, ଓଡିଶାରୁ ବଙ୍ଗଳା ନିଜର ସୀମା ଉଦ୍ଧାର ପାଇଁ ୟୁଜବାକ୍ ସେନାପତି ନିଯୁକ୍ତ ହୋଇ ଲାଙ୍ଗୁଡା ନରସିଂହଙ୍କ ସେନାପତି ଦାୟିତ୍ୱରେ ଥିବା ପରମର୍ଦ୍ଦିଙ୍କ ଦୁର୍ଦ୍ଧାନ୍ତ ଓଡିଆ ବାହିନୀକୁ ବାରମ୍ବାର ଆକ୍ରମଣ କରୁଥିଲେ । ପରମର୍ଦ୍ଦି କୌଶଳର ସହିତ ଯବନ ପକ୍ଷକୁ ଏମିତି ଲଜ୍ଜ୍ୟାଜନକ ପରିସ୍ଥିତିରେ ପକାଉଥିଲେ, ଓଡିଶାର ବିଜୟ ଜଳ ଜଳ ହୋଇ ଦିଶୁଥିଲା । ମାତ୍ର ୟୁଜବାକ୍‌ଙ୍କ ନିମନ୍ତ୍ରଣରେ ଦିଲ୍ଲୀରୁ ଆସିଥିବା ବିଶାଳ ସୈନ୍ୟବାହିନୀ ଓଡିଶାର ବିଜିତ ମନ୍ଦାରଣ (ଉମିର୍ଦାନ ବା ଆଜିର ହୁଗୁଳିର ଜହାନାବାଦ) ପର୍ଯ୍ୟନ୍ତ ମାଡି ଆସିଲେ । ପରମର୍ଦ୍ଦି ଦେବ ପ୍ରବଳ ପ୍ରତିରୋଧ କଲେ ଏବଂ ଅପୂର୍ବ କୌଶଳର ସହିତ ସେମାନଙ୍କର ଗତିରୋଧ କଲେ । ମାତ୍ର ଏହି ଯୁଦ୍ଧରେ ତାଙ୍କର ଦେହାନ୍ତ ଘଟିଲା, ସେ ଦେଶ ମାତୃକା ପାଇଁ ନିଜର ମୂଲ୍ୟବାନ

ଜୀବନ ହରାଇଲେ। ସେହି ଅନୁପମ ବୀରଙ୍କର ସ୍ମୃତିରେ ତାଙ୍କର ବିଧବା ପତ୍ନୀ ଚନ୍ଦ୍ରିକା ତୋଳାଇଲେ ଆଜିକୁ ଆଠଶହ ବର୍ଷ ଧରି ଚଳଚଞ୍ଚଳ ରହିଥିବା ଅନନ୍ତ ବାସୁଦେବ ମନ୍ଦିର।

ଇତିହାସରୁ ଜଣାଯାଏ ଯେ, ଗଙ୍ଗବଂଶର ରାଜାମାନେ ସେମାନଙ୍କର ସାମ୍ରାଜ୍ୟ ବିସ୍ତାର କରିବା ସଙ୍ଗେ ସଙ୍ଗେ ହିନ୍ଦୁ ଧର୍ମର ନାନା ସମ୍ପ୍ରଦାୟ ଓ ନାନା ଧାର୍ମିକ ମତବାଦ ମଧ୍ୟରେ ସମନ୍ୱୟ ଆଣିବା ଦିଗରେ ଯତ୍ନବାନ ହୋଇଥିଲେ। ଏହି ବଂଶର ରାଜାମାନେ ମୂଳତଃ ଶୈବ ଧର୍ମାବଲମ୍ବୀ ଥିଲେ। ମାତ୍ର ଗଙ୍ଗ ବଂଶର ପ୍ରତିଷ୍ଠାତା ଅନନ୍ତ ବର୍ମନ ଚୋଡଗଙ୍ଗ ଦେବ ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର କରିଥିବା ତାଙ୍କ ପ୍ରଦତ୍ତ କୋର୍ଣ୍ଣି ତାମ୍ର ଫଳକରୁ ସୂଚନା ମିଳେ। ପରବର୍ତ୍ତୀ ଗଙ୍ଗ ବଂଶୀୟ ରାଜାମାନେ ମଧ୍ୟ ବୈଷ୍ଣବ ଧର୍ମର ପ୍ରଚାର ପ୍ରସାରରେ ନିମଗ୍ନ ରହିଥିଲେ।

ଶ୍ରୀ ଅନନ୍ତ ବାସୁଦେବଙ୍କ ମୁଖ୍ୟ ମନ୍ଦିର ଓ ଜଗମୋହନ ପଞ୍ଚ ରଥ ଶୈଳୀର। ପରବର୍ତ୍ତୀ ସମୟରେ ଏଥି ସହିତ ନାଟ ମନ୍ଦିର ଓ ଭୋଗମଣ୍ଡପ ନିର୍ମାଣ ହୋଇଛି। ଡଃ ହରେକୃଷ୍ଣ ମହତାବଙ୍କ 'ଓଡିଶା ଇତିହାସ' ଗ୍ରନ୍ଥରେ ଉଲ୍ଲେଖ ପ୍ରକାରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ସମୀପସ୍ଥ ତଥା ବିନ୍ଦୁସାଗର ପୁଷ୍କରିଣୀ ସମ୍ମୁଖ ଭାଗରେ ପ୍ରତିଷ୍ଠିତ ଅତ୍ୟନ୍ତ କାରୁକାର୍ଯ୍ୟ ସଂପନ୍ନ ଅନନ୍ତ ବାସୁଦେବ ମନ୍ଦିରଟି ଜଗମୋହନ, ନାଟ ମନ୍ଦିର ଓ ଭୋଗମଣ୍ଡପକୁ ନେଇ ଗଠିତ। ଏଥିରେ ବଳରାମ, କୃଷ୍ଣ ଓ ସୁଭଦ୍ରାଙ୍କ ମୂର୍ତ୍ତି ପୂଜିତ ହେଉ ଅଛନ୍ତି। ଅନନ୍ତ ବାସୁଦେବ ମନ୍ଦିର ସହ ନରସିଂହ ଦେବଙ୍କ ପ୍ରଥମ ଅଙ୍କ ସମୟରେ ନାଟମନ୍ଦିର ଓ ଭୋଗମଣ୍ଡପ ସମ୍ମିଶ୍ରଣ ମନ୍ଦିର ନିର୍ମାଣ ପ୍ରଣାଳୀରେ ଏକ ନୂତନ ଉପାଦାନ ପରିଗଣିତ ହୋଇ ମନ୍ଦିରର ପରିପାଟୀ ବୃଦ୍ଧି କରିଥିଲେ। ସୁତରାଂ ପ୍ରାରମ୍ଭରେ ଚନ୍ଦ୍ରିକା ଦେବୀଙ୍କ ଦ୍ୱାରା ବିମାନ ଓ ଜଗମୋହନକୁ ନେଇ ମନ୍ଦିରଟି ଗଠିତ ହୋଇଥିଲା। ବିମାନର ଖୋଦିତ କଳା ଅତ୍ୟନ୍ତ ସୁନ୍ଦର ଓ ବହୁ ନିପୁଣତା ତଥା ଅଧ୍ୟବସାୟ ସହକାରେ ଖୋଦିତ ହୋଇଛି। ମନ୍ଦିରର ଚତୁଃ ପାର୍ଶ୍ୱରେ ଅବସ୍ଥିତ ପାର୍ଶ୍ୱ ଦେବତାମାନଙ୍କ ମଧ୍ୟରେ ବାମନ ଓ ବରାହ ଅବତାର ବିଷ୍ଣୁ ବିଦ୍ୟମାନ ଅଛନ୍ତି। ପ୍ରତ୍ୟେକଙ୍କ ପୃଷ୍ଠ ଦେଶରେ ତ୍ରିବଳି ଆଭାମଣ୍ଡଳ (Trifoliated Arch) ଅଛି। ବାସ୍ତବିକ୍ ଏହି ପ୍ରକାର ଆଭାମଣ୍ଡଳ ଗଙ୍ଗ ରାଜତ୍ୱର ବିଶେଷତ୍ୱ ଅଟେ। ମନ୍ଦିରଟି ବଉଳମାଳା ପ୍ରସ୍ତରରେ ନିର୍ମିତ। ମନ୍ଦିରରେ ପରିଶୋଭିତ ଅଷ୍ଟଦିଗପାଳ ଓ ସେମାନଙ୍କର ଶକ୍ତି ମନ୍ଦିରର ଏକ ବୈଶିଷ୍ଟ୍ୟ। ଅନ୍ୟାନ୍ୟ ଖୋଦିତ ମୂର୍ତ୍ତିମାନଙ୍କ ମଧ୍ୟରେ ଶିଳ୍ପଶାସ୍ତ୍ରାନୁମୋଦିତ ବିବିଧ ପାରମ୍ପରିକ ମୂର୍ତ୍ତିମାନଙ୍କ ସମେତ ପଞ୍ଚଫଣାଯୁକ୍ତ ନାଗ ଓ ନାଗୁଣୀ, ଯୁଦ୍ଧଯାତ୍ରାର ଦୃଶ୍ୟ, ହସ୍ତୀ, ଲତା ଓ ପତ୍ରାବଳୀ ବିଭିନ୍ନ ପ୍ରକାର କାରୁକାର୍ଯ୍ୟ ଦୃଶ୍ୟମାନହୁଏ। ପ୍ରାବନ୍ଧିକ ଜଗବନ୍ଧୁ ସିଂହ ଅନନ୍ତ ବାସୁଦେବ ମନ୍ଦିର ଗାତ୍ରରେ କାରୁକଳାପୂର୍ଣ୍ଣ ଜୀବନ୍ତ ଭାସ୍କର୍ଯ୍ୟ ଖୋଦିତ ହୋଇଥିବା ପ୍ରକାଶ କରିଛନ୍ତି। ମନ୍ଦିରର ନାଟମଣ୍ଡପ ମଧ୍ୟରେ ଗରୁଡ ସ୍ତମ୍ଭଟି ରହିଅଛି। ମନ୍ଦିରର ଦ୍ୱାରଦେଶରେ ନାନାଳଙ୍କାର ଭୂଷିତ ଦୁଇଜଣ ଦ୍ୱାରପାଳ ଦଣ୍ଡାୟମାନ। ମନ୍ଦିରରେ ନବଗ୍ରହ ପାଟ ମଧ୍ୟ ରହିଛି। ମନ୍ଦିରର ସିଂହଦ୍ୱାରରେ ଦୁଇ ପାର୍ଶ୍ୱରେ ବୃହତ୍‌କାୟ ଦୁଇଗୋଟି ସିଂହ ମୂର୍ତ୍ତି ପ୍ରତିଷ୍ଠିତ।

**ମୁଖ୍ୟ ବିଗ୍ରହ ମାନଙ୍କ ବର୍ଣ୍ଣନା**

ପୀଠାଧିଷ୍ଠିତ ସପ୍ତଫଣାକୃତି ଶ୍ରୀ ଅନନ୍ତ ଦେବ ଦକ୍ଷିଣ ହସ୍ତରେ ହଳ ଓ ବାମ ହସ୍ତରେ ମୂଷଳ ଧାରଣ କରିଛନ୍ତି। ଚତୁର୍ଭୁଜ ବାସୁଦେବଙ୍କର ବାମପାର୍ଶ୍ୱ ଉପର ହସ୍ତରେ ଶଙ୍ଖ ଓ ତଳ ହସ୍ତରେ ଚକ୍ର ଏବଂ ଦକ୍ଷିଣ ହସ୍ତରେ ଗଦା, ତଳ ହସ୍ତ ବରଦ ମୁଦ୍ରାରେ ସୁଶୋଭିତ। ମସ୍ତକରେ ଅର୍ଦ୍ଧବୃତ୍ତାକାର ପ୍ରଭାମଣ୍ଡଳ ବିଦ୍ୟମାନ। ଦେବୀ ସୁଭଦ୍ରା ଏକ ପଦ୍ମ ଉପରେ ଦଣ୍ଡାୟମାନା। ଶିରୋଭୂଷଣ ପଦ୍ମାଦି ବିବିଧ ଅଳଙ୍କାରରେ ବିମଣ୍ଡିତ। କେତେକଙ୍କ ମତରେ ଏହି ମନ୍ଦିରରେ ପ୍ରଥମେ କଳା ମୁଗୁନି ପ୍ରସ୍ତରରେ ନିର୍ମିତ ଅନନ୍ତ ବାସୁଦେବଙ୍କ ବିଗ୍ରହର ଦୁଇଟି ବିଗ୍ରହ ଅନନ୍ତ ଓ ବାସୁଦେବ ନାମରେ ପୂଜିତ ହେଉଥିଲା। ପରବର୍ତ୍ତୀ ସମୟରେ ଏହି ମୂଳ ବିଗ୍ରହ ଦ୍ୱୟଙ୍କୁ ସ୍ୱସ୍ଥାନରୁ ଅପସାରଣ କରାଯାଇ ଅନନ୍ତ ବାସୁଦେବଙ୍କ ଦୁଇଟି ନୂତନ ବିଗ୍ରହଙ୍କ ମଧ୍ୟରେ ସୁଭଦ୍ରାଙ୍କ ପ୍ରସ୍ତର ମୂର୍ତ୍ତି ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଗଲା। ସେହି ଦିନଠାରୁ ଅଦ୍ୟାବଧି ଏହି ତିନି ବିଗ୍ରହ ପୂଜା ପାଇ ଆସୁ ଅଛନ୍ତି। ସୁତରାଂ ମୁଖ୍ୟ ବିଗ୍ରହ ତ୍ରୟ ପାଷାଣକୃତ।

ଅନନ୍ତ ବାସୁଦେବ ମନ୍ଦିରର ଦୈନନ୍ଦିନ ନୀତି ଅନୁଯାୟୀ ପ୍ରତ୍ୟହ ସକାଳ ସମୟରେ ପହୁଡ ଫିଟା, ସ୍ନାନ, ମାର୍ଜନ, ଦନ୍ତଧାବନ, ବେଶ, ବସ୍ତ୍ର ପରିଧାନ ଆଦି ଅନୁଷ୍ଠିତ ହୋଇଥାଏ। ସକାଳ ୮ ଘଟିକାରେ ବାଳଭୋଗରେ ଖଇ, ବିଭିନ୍ନ ଫଳାଦି ସମର୍ପଣ  ହୋଇଥାଏ। ଏହାପରେ ଦିବା ୧୦ଟା ୩୦ ମିନିଟ୍‌ରେ ସଙ୍କୁଡି ଧୂପ ଓ ଦିବା ୧୨ ଘଟିକାରେ ଅନୁଷ୍ଠିତ ସକାଳ ଧୂପରେ ମିଷ୍ଟାନ୍ନ, ଡାଲି ଇତ୍ୟାଦି ଠାକୁରମାନଙ୍କୁ ନୈବେଦ୍ୟ ହୋଇଥାଏ। ସକାଳ ଧୂପ ପରେ ବରାଦୀ / ଯଜମାନୀ ଭୋଗରେ ବିଭିନ୍ନ ପ୍ରକାର ଅନ୍ନ, ଡାଲି, ଡାଲେମା, ବେଶର, ତରକାରୀ, ଶାଗ, ମହୁର, ଖଟା, ଖିରି, ପାଚେଡି ଭୋଗ ହୋଇଥାଏ। ଦିବା ୨ଟା ୩୦ ମିନିଟ୍‌ରେ ଠାକୁରମାନଙ୍କ ଦିବା ପହୁଡ ନୀତି ହୋଇ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥାଏ। ଅପରାହ୍ନ ୪ଟା ୩୦ ମିନିଟରେ ପହୁଡ ଫିଟାଯାଇ ସ୍ୱତନ୍ତ୍ର ଧୂପ ଓ ଯଜମାନୀ ଭୋଗ ପ୍ରସ୍ତୁତ ପୂର୍ବକ ନୈବେଦ୍ୟ ହୋଇଥାଏ। ସନ୍ଧ୍ୟା ୭ ଘଣ୍ଟା ସମୟରେ ସନ୍ଧ୍ୟାଧୂପରେ ଖେଚେଡି ଓ ଛତ୍ର ଭୋଗ ତିନି ଠାକୁରଙ୍କ ନିକଟରେ କରାଯାଏ। ଏଠାରେ ବଡସିଂହାର ବେଶ ପ୍ରଚଳିତ ନଥିବାରୁ କେବଳ ଧୂପରେ ମଗଜଲଡୁ ନୈବେଦ୍ୟ  ହୋଇଥାଏ। ରାତ୍ର ୮ଟାରେ ପହୁଡ ନୀତି ଅନୁଷ୍ଠିତ ହୋଇଥାଏ।

ସାମାଜିକ ପରମ୍ପରାରେ ବିବାହ ନିର୍ବନ୍ଧ ଆଦି ଶୁଭ କର୍ମାରମ୍ଭ ଶ୍ରୀ ଅନନ୍ତ ବାସୁଦେଙ୍କ ମନ୍ଦିରରେ ଅନୁଷ୍ଠିତ ହୁଏ। ପୁରୀ ଶ୍ରୀମନ୍ଦିରରେ ଅବଢ଼ା ଅନ୍ନ ଭଳି ଅନନ୍ତ ବାସୁଦେବଙ୍କ ଅନ୍ନ ବ୍ୟଞ୍ଜନାଦି ପ୍ରସାଦ ଅତ୍ୟନ୍ତ ପବିତ୍ର ତଥା ରୁଚିକର ଅଟେ। ସାମାଜିକ ବିବାହ, ବ୍ରତ, ଘର ପ୍ରତିଷ୍ଠା, ଦଶାହ, ଶ୍ରାଦ୍ଧାଦି କାର୍ଯ୍ୟ ଉପଲକ୍ଷେ ଏହି ମନ୍ଦିରର ଅନ୍ନ ପ୍ରସାଦକ ଲୋକମାନେ ସେବନ କରିଥାନ୍ତି। ଏଥିପାଇଁ ସେମାନେ ବରାଦ ମୁତାବକ ଅନ୍ନ ପ୍ରସାଦ ପ୍ରାପ୍ତି ହୋଇଥାନ୍ତି।

ଶ୍ରୀ ଅନନ୍ତ ବାସୁଦେବ ମନ୍ଦିରରେ ବର୍ଷରେ ବିଭିନ୍ନ ପର୍ବପର୍ବାଣି ପାଳିତ ହୋଇଥାଏ। ତନ୍ମଧ୍ୟରେ ସ୍ନାନ ପୂର୍ଣ୍ଣିମା, ଅନନ୍ତ ବ୍ରତ (ଶ୍ରୀ ବିଗ୍ରହ

ମାନଙ୍କ ଜୟନ୍ତୀ ଉତ୍ସବ), ସପ୍ତପୁରୀ ଅମାବାସ୍ୟା, ସାବିତ୍ରୀ ଅମାବାସ୍ୟା, ବୁଦ୍ଧ ପୂର୍ଣ୍ଣିମା ଇତ୍ୟାଦି ଅନ୍ୟତମ। ଅନନ୍ତ ବ୍ରତ ଉତ୍ସବ ଦିନ ସନ୍ଧ୍ୟା ଧୂପ ପରେ ବିଗ୍ରହମାନଙ୍କର ମାର୍ଜନା ନୀତି ଅନୁଷ୍ଠିତ ପୂର୍ବକ ବିଭିନ୍ନ ପ୍ରକାର ଅଳଙ୍କାର, ତୁଳସୀ, ପୁଷ୍ପ, ମାଳା ଇତ୍ୟାଦି ଲାଗି ହୋଇଥାଏ। ଦର୍ଶନ ଅବସ୍ଥାରେ ସନ୍ଧ୍ୟାଧୂପ ସମର୍ପଣ ହୋଇଥାଏ। ସ୍ନାନପୂର୍ଣ୍ଣିମା ଦିନ ଠାକୁର ମାନଙ୍କ ଗଜାନନ ବେଶ, ସପ୍ତପୁରୀ ଆମାବାସ୍ୟା ତିଥିରେ ବିବିଧ ପ୍ରକାର ସୁମିଷ୍ଟ ପିଷ୍ଟକ ଇତ୍ୟାଦି ଠାକୁରଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ହୋଇଥାଏ। ଗବେଷକ ଭାଗୀରଥି ମହାସୁଆରଙ୍କ ମତ ଅନୁଯାୟୀ ଏହି ମନ୍ଦିରର ଦେବ ନୀତି ଯଥା ସ୍ନାନ, ବେଶ, ଚାମୁ ପରିଷ୍କରଣ ମହାସୁଆର, ପତ୍ରୀ, ପୂଜାପଣ୍ଡା ଇତ୍ୟାଦି ସମସ୍ତ ସେବା ଲିଙ୍ଗରାଜ ମହାପ୍ରଭୁଙ୍କ ମହାସୁଆର ସେବକମାନେ ହିଁ କରିଥାନ୍ତି। ଏଥିପାଇଁ ଆବଶ୍ୟକ ଅର୍ଥ ବ୍ରାହ୍ମଣ ନିଯୋଗ ସମିତି ତରଫରୁ ବହନ କରାଯାଇ ଥାଏ।

ଏକାମ୍ର କ୍ଷେତ୍ରରେ ଏହି ପ୍ରାଚୀନ ବିଷ୍ଣୁ ମନ୍ଦିରକୁ ପ୍ରତ୍ୟହ ବହୁ ସଂଖ୍ୟକ ବୈଷ୍ଣବ, ଦର୍ଶନାର୍ଥୀ ଭକ୍ତମାନଙ୍କ ଆଗମନ ପୂର୍ବକ ଶ୍ରୀ ଅନନ୍ତ ବାସୁଦେବଙ୍କ ଦର୍ଶନ ଓ ଅନ୍ନ ପ୍ରସାଦ ସେବନ କରି ନିଜକୁ ଧନ୍ୟ ମଣିଥାନ୍ତି।

**ତଥ୍ୟ ସୂତ୍ର -**


୧. ଓଡିଶା ଇତିହାସ - ଡଃ ହରେକୃଷ୍ଣ ମହତାବ
୨. ଓଡିଶା ମନ୍ଦିରର ଭୋଗ ପରମ୍ପରା - (ସଂ) ଡଃ ଭାସ୍କର ମିଶ୍ର
୩. ଏକାମ୍ର କ୍ଷେତ୍ର, ପ୍ରକାଶକ - ଉତ୍କଳ ପାଠକ ସଂସଦ, ପୃ-୩୫୩
୪. ଅନନ୍ତ ବାସୁଦେବ ଶିଳାଲେଖର ମହତ୍ତ୍ୱ - ଡଃ ଭାରତୀ ପାଲ୍
୫. ଲାଙ୍ଗୁଡା ନରସିଂହ ଓ୍ୱିକିପିଡିଆ



ମୁଖ୍ୟ ସମ୍ପାଦକ, ନୀଳାଦ୍ରି, ଶ୍ରୀ ଜଗନ୍ନାଥ ଧାମ, ପୁରୀ,
ମୋ - ୯୪୩୭୨୮୧୧୦୨
ଇ-ମେଲ୍ - drbhaskarmishra@gmail.com




# କଳା ବିମଣ୍ଡିତ ରାଜରାଣୀ ମନ୍ଦିର

***ବିଜୟଲକ୍ଷ୍ମୀ ଦାଶ***

ଆଧୁନିକ ଓଡିଶାର ରାଜଧାନୀ ଭୁବନେଶ୍ୱର ପ୍ରାଚୀନକାଳରୁ ସମଗ୍ର ଭାରତବର୍ଷରେ ଧାର୍ମିକ, ଆଧ୍ୟାତ୍ମିକ, ସାଂସ୍କୃତିକ, ରାଜନୈତିକ ଓ ଐତିହାସିକ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା ଅସୀମ ପ୍ରତ୍ନତାତ୍ତ୍ୱିକ ବିଭବର ଅଧିକାରୀ ଭାବରେ ଆଜିର ବିଶ୍ୱ ପର୍ଯ୍ୟଟନ ପରିବେଶରେରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଛି।

ଆଦିମ ଯୁଗରୁ ଧଉଳିଗିରିର ଅଶୋକଙ୍କ ଖୋଦିତ ହସ୍ତୀର ଅଗ୍ରଭାଗ, ଖଣ୍ଡଗିରି ଉଦୟଗିରିର ଗୁମ୍ଫାରାଜି, ଖୋଦିତ ସାମାଜିକ ଚିତ୍ର ବେଶେଷ, ହାତୀଗୁମ୍ଫାର ଶିଳାଲିପି, ମନ୍ଦିରମାଳିନୀ ଭୁବନେଶ୍ୱରର କଳାଭାସ୍କର୍ଯ୍ୟ, ଶିଶୁପାଳ ଗଡ, ବଡଗଡ, ଚୁଡଙ୍ଗଗଡ, ଖୋରଧା ଗଡ ଗୁଡିକର ସାମରିକ ପ୍ରସ୍ତୁତି ଚିତ୍ର, ବିନ୍ଦୁସାଗର, ଅଶୋକଝର, କେଦାରଗୌରୀ ଆଦି ବିଶୁଦ୍ଧ ଝରଣା ସମୂହ ତଥା ବିଭିନ୍ନ ପୋଥି, ପୁରାଣ, ମୁଦ୍ରା, ତାମ୍ରଶାସନ ଆଦି ଭୁବନେଶ୍ୱରର ଭୌଗୋଳିକ ତଥା ଐତିହାସିକ ପ୍ରାଧାନ୍ୟର ଉତ୍ସ ହୋଇଛି। ଭୁବନେଶ୍ୱରର ଐତିହ୍ୟ ଓଡିଶା ତଥା ଭାରତର ଇତିହାସକୁ ସମୃଦ୍ଧ କରେ। ଖ୍ରୀଷ୍ଟଜନ୍ମ ପୂର୍ବରୁ ଆରମ୍ଭ କରି ଅନେକ ବିବରଣୀ ମିଳେ ଏହାର କଳାଭାସ୍କର୍ଯ୍ୟରୁ। ପ୍ରାଚୀନ ଉତ୍କଳର ଇତିହାସ ସହିତ ଶିଳାଶିଳ୍ପ, ଧର୍ମ, ବୀରତ୍ୱ ଓ ଉତ୍ସର୍ଗର ଉଦାହରଣ ହୋଇଛି ଭୁବନେଶ୍ୱର।

ଭଗବାନ ବିଷ୍ଣୁଙ୍କର ଚାରିଗୋଟି ଆୟୁଧ ଭାବରେ ଓଡିଶାରେ ଚାରୋଟି କ୍ଷେତ୍ର ରହିଛି। ଏହା ସମଗ୍ର ଭାରତବର୍ଷରେ ବିଭିନ୍ନ ଧର୍ମାବଲମ୍ବୀମାନଙ୍କ ମାନସିକତା ଉପରେ ପ୍ରଭାବ ପକାଏ। ଏମିତି ରହିଛି ଶଙ୍ଖ କ୍ଷେତ୍ର - ପୁରୀ; ଚକ୍ର କ୍ଷେତ୍ର - ଭୁବନେଶ୍ୱର; ଗଦା କ୍ଷେତ୍ର - ବୈତରଣୀ ବା ଯାଜପୁର ଏବଂ ପଦ୍ମ ବା ଅର୍କ କ୍ଷେତ୍ର - କୋଣାର୍କ। ଏଇ ଭୁବନେଶ୍ୱର ଇତିହାସ ଓ ପୁରାଣରେ ଅନେକ ନାମରେ ପ୍ରସିଦ୍ଧ ଥିଲା। ଏହା ତୋଷାଳି, ଏକାମ୍ର, ସ୍ୱର୍ଣ୍ଣାଦି, ସ୍ୱର୍ଣ୍ଣାଚୁଳ, ହେମଗିରି, ହେମକୂଟ ଓ ଭୁବନେଶ୍ୱର ନାମ ବହନ କରିଛି। ବାଲ୍ମୀକି ରାମାୟଣ ପରି ବହୁ ପ୍ରାଚୀନ ଗ୍ରନ୍ଥରେ ଏହା ହେମକୂଟ ଭାବରେ ନାମିତ।

ଏହାର ପୀଠ ବା ଅଧିଷ୍ଠିତ ଦେବତାଙ୍କ ନାମ ଲିଙ୍ଗରାଜ। ଲିଙ୍ଗରାଜଙ୍କର ଅନ୍ୟ ନାମ ତ୍ରିଭୁବନେଶ୍ୱରରୁ ଭୁବନେଶ୍ୱରର ନାମ ଉଦ୍ଭବ। କିମ୍ବଦନ୍ତୀ ଅନୁସାରେ ଏହି ଏକାମ୍ର କ୍ଷେତ୍ରରେ ଶିବ ପାର୍ବତୀ କୃତି ଏବଂ ବାସ ନାମକ ଦୁଇ ଦୁର୍ଦ୍ଦାନ୍ତ ଅସୁର ବଧ କରିଥିଲେ ବୋଲି ଏହାକୁ କୃତିବାସ କ୍ଷେତ୍ର ବୋଲି କୁହାଯାଏ। ବିଶ୍ୱାସ କରାଯାଏ ହିନ୍ଦୁମାନଙ୍କର ଅନ୍ୟତମ ପବିତ୍ର ତୀର୍ଥ କାଶୀ ବା ବାରାଣସି ପରି ଏଠାରେ ଏକଲକ୍ଷ ଶିବଲିଙ୍ଗ ଗୁପ୍ତ ଭାବରେ ରହି ଏ ମାଟିକୁ ପବିତ୍ର କରୁଛନ୍ତି। ତେଣୁ ଗୁପ୍ତ କାଶୀ ବୋଲି ଭୁବନେଶ୍ୱରର ଗୁରୁତ୍ୱ ଓ ମହତ୍ତ୍ୱ ରହିଛି।

ଭୁବନେଶ୍ୱର ବାସ୍ତବରେ ଶୈବ କ୍ଷେତ୍ର ହେଲେହେଁ ଏହା ହରିହର କ୍ଷେତ୍ର ଭାବରେ ଜଣା। ଏଠାରେ ରୀତିନୀତି ଓ ପୂଜା ପଦ୍ଧତିରେ ଶିବ ଓ ବିଷ୍ଣୁଙ୍କର ନୀତି ସମ୍ମିଳିତ ଭାବରେ ଅନୁସରଣ କରାଯାଏ। ଧଉଳିର ବୌଦ୍ଧ କୀର୍ତ୍ତି, ଖଣ୍ଡଗିରିର ଜୈନ କୀର୍ତ୍ତି ଏବଂ ଏଠାରେ ରହିଥିବା ବୈଷ୍ଣବ, ଶୈବ, ଶାକ୍ତ, ସୌର, ତନ୍ତ୍ର, ଆଦି ଉପାସନା ପୀଠଗୁଡିକ ଏଠାକାର ସର୍ବଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ଥିବା ସମନ୍ୱୟ ବିଚାରଧାରାକୁ ପରିପ୍ରକାଶ କରିବା ସହିତ ସମ୍ରାଟ ଅଶୋକ, ସମ୍ରାଟ ଖାରବେଳ, କେଶରୀ, ଗଙ୍ଗ ବଂଶଗୁଡିକର କୃତି, କୀର୍ତ୍ତି ଓ ରାଜତ୍ୱର ଜୟଗାନ କରୁଛନ୍ତି।

ଅସଂଖ୍ୟ ମନ୍ଦିର ନିମନ୍ତେ ଭୁବନେଶ୍ୱର ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ମନ୍ଦିରମାଳିନୀ ନଗରର ଭାବରେ ବିଖ୍ୟାତ। ଏଠାରେ ପ୍ରତି ପାଦରେ ଦେଖିବାକୁ ମିଳେ ଗୋଟିଏ ପ୍ରାଚୀନ କାରୁକାର୍ଯ୍ୟ ଖଚିତ ମନ୍ଦିର। ଏହି ପ୍ରାଚୀନ ମନ୍ଦିରଗୁଡିକ ଇତିହାସର ବିଭିନ୍ନ କାଳର ବିଚିତ୍ର କମନୀୟ କଳା ପ୍ରଦର୍ଶନ କରିବା ବ୍ୟତୀତ କାରୁକଳାର ଭିନ୍ନତା ପରିସ୍ଫୁଟ କରନ୍ତି। ସେହିପରି ଏକ ବିରଳ କଳାକୃତି, ଆକର୍ଷଣୀୟ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀ ଭାବରେ ପ୍ରସିଦ୍ଧିଲାଭ କରିଛି ରାଜରାଣୀ ମନ୍ଦିର।

ରାଜରାଣୀ ମନ୍ଦିର ଭୁବନେଶ୍ୱର-ପୁରୀ ରାସ୍ତାର ରବି ଟକିଜ୍ ଛକରୁ ବାମ ପଟ ପୂର୍ବକୁ ଟଙ୍କପାଣି ରାସ୍ତାରେ ଗଲେ ଛକ ଠାରୁ ଦୁଇଶହ ମିଟର ଦୂରତାରେ ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ବିଭାଗ ଅଧୀନରେ ଥିବା ଉକ୍ତ ମନ୍ଦିରକୁ ଯିବାକୁ ପର୍ଯ୍ୟଟକମାନଙ୍କର କୌଣସି ଅସୁବିଧା ନାହିଁ। ଏହାର ଅନତି ଦୂରରେ ମେଘେଶ୍ୱର, ଭାସ୍କରେଶ୍ୱର ଓ ମୁକ୍ତେଶ୍ୱର ମନ୍ଦିର ଅବସ୍ଥିତ। ଭୁବନେଶ୍ୱରରେ ଥିବା ପ୍ରାଚୀନ ମନ୍ଦିରମାନଙ୍କ ଭିତରୁ ସବୁଠାରୁ ସୁନ୍ଦର ନୟନରଞ୍ଜକ ଓ ଚିତ୍ତହାରୀ ମନ୍ଦିର ହେଉଛି ରାଜରାଣୀ ମନ୍ଦିର। ଏହା ଐତିହାସିକ, ପ୍ରତ୍ନତାତ୍ତ୍ୱିକ ଓ ଭାସ୍କର୍ଯ୍ୟ କଳା ପରିପ୍ରେକ୍ଷୀରେ ବହୁ ଗୁରୁତ୍ୱ ବହନ କରେ। ଏହାର ନିର୍ମାଣ ଏକାଦଶ ଶତାବ୍ଦୀରେ ବୋଲି ବହୁ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍

ବିଶ୍ୱାସ କରନ୍ତି । ଏହା ଲିଙ୍ଗରାଜ ମନ୍ଦିର ଓ ଜଗନ୍ନାଥ ମନ୍ଦିରର ସମସାମୟିକ ବୋଲି ଅନେକ ମତ ଦିଅନ୍ତି । ଅତୀତରେ ଏହି ମନ୍ଦିର ଇନ୍ଦ୍ରେଶ୍ୱର ମନ୍ଦିର ଭାବରେ ପରିଚିତ ଥିଲା ।

ବର୍ତ୍ତମାନର ବିଗ୍ରହଶୂନ୍ୟ ଏହି ମନ୍ଦିରଟିକୁ କେହି କେହି ବିଷ୍ଣୁ ମନ୍ଦିର ବୋଲି ଅନୁମାନ କରୁଥିବା ବେଳେ, ମନ୍ଦିର ଗାତ୍ରରେ ଖୋଦିତ ଶିବକଥା ଆଧାରିତ ମୂର୍ତ୍ତି ଓ କାରୁକାର୍ଯ୍ୟମାନ ଏହାକୁ ଶିବମନ୍ଦିର ନିମନ୍ତେ ନିର୍ମାଣ କରିବାର ପ୍ରୟାସକୁ ପ୍ରାଧାନ୍ୟ ଦିଅନ୍ତି ।

ସମ୍ଭବତଃ ଏହା ଇନ୍ଦ୍ରେଶ୍ୱର ନାମକ ଶିବଲିଙ୍ଗ ପାଇଁ ନିର୍ମାଣ କରାଯାଇଥିଲା ଏବଂ କୌଣସି ଅଜ୍ଞାତ କାରଣରୁ ବିଗ୍ରହ ପ୍ରତିଷ୍ଠିତ ହୋଇ ପାରି ନାହାନ୍ତି, ଅଥବା ପ୍ରତିଷ୍ଠିତ ବିଗ୍ରହ କୌଣସି କାରଣରୁ ଗୋଟିଏ ଅଜଣା ସ୍ଥାନକୁ ସ୍ଥାନାନ୍ତର ହୋଇଛନ୍ତି । ଲୋକଲୋଚନର ଅଗୋଚରରେ ଏପରି ଘଟଣା ଘଟିଥିବାକୁ ଅସ୍ୱୀକାର କରାଯାଇ ନପାରେ । କାରଣ ଧାର୍ମିକ ଅସହିଷ୍ଣୁତା ବସତଃ ଉତ୍କଳର ମନ୍ଦିର ଓ ଦେବବିଗ୍ରହ ଉପରେ ବାରମ୍ବାର ଯବନ ଆକ୍ରମଣର ତଥ୍ୟ କିଛି ନୂଆ କଥା ନୁହେଁ । ଏବେ ମଧ୍ୟ ଅନେକ ସ୍ଥାନର ଧାର୍ମିକ ରାଜନୀତିର ଶରବ୍ୟ ହୋଇଥିବା ବିଧ୍ୱସ୍ତ ଓ ବିଗ୍ରହବିହୀନ ମନ୍ଦିର ଏହାକୁ ପ୍ରମାଣିତ କରନ୍ତି ।

ଉକ୍ତ ମନ୍ଦିର ଗାତ୍ରରେ ଥିବା ପୁରୁଷନାରୀଙ୍କ ଯୁଗଳ ମୂର୍ତ୍ତି ଓ ଶୃଙ୍ଗାର ରସାତ୍ମକ ମୈଥୁନ ମୂର୍ତ୍ତି ଦେଖି କେହି କେହି ଏହାକୁ ପ୍ରେମର ମନ୍ଦିର ବୋଲି କହନ୍ତି । ମାତ୍ର ଏହା ଅଯୌକ୍ତିକ । କାରଣ ଭାରତୀୟ ମନ୍ଦିର କଳା ଓ ଶାସ୍ତ୍ର ଅନୁସାରେ ମନ୍ଦିର ଗାତ୍ରରେ ଏପରି ମୂର୍ତ୍ତି ରହିବା ଶାସ୍ତ୍ରସମ୍ମତ । ଇଷତ୍ ଲାଲ ଓ ହଳଦିଆ (ବାଦାମୀ) ରଙ୍ଗର ବାଲି ପଥରରେ ଏହି ମନ୍ଦିର ପଞ୍ଚରଥ ଶୈଳୀରେ ନିର୍ମିତ । ଏହି ଶ୍ରେଣୀର ପଥରରେ ରହିଛି ସବୁଦିନିଆ ଚମକ । ସଦା ତେଜୀୟାନ୍ ଏହି ପଥରକୁ ସ୍ଥାନୀୟ ଅଧିବାସୀମାନେ କହନ୍ତି ‘ରାଜରାଣୀ ପଥର’ । ତେଣୁ ବିଗ୍ରହଶୂନ୍ୟ ଏହି ମନ୍ଦିର ପରବର୍ତ୍ତୀ କାଳରେ ରାଜରାଣୀ ମନ୍ଦିର ନାମରେ କଥିତ ହୋଇ ବିଶ୍ୱ ପର୍ଯ୍ୟଟନ ଦରବାରରେ ପ୍ରସିଦ୍ଧି ଲାଭ କରିଛି ।

ଓଡିଶୀ ମନ୍ଦିରକଳା ପଞ୍ଚରଥ ଶୈଳୀରେ ନିର୍ମିତ ରାଜରାଣୀ ମନ୍ଦିର ସୋମବଂଶୀ ରାଜାମାନଙ୍କ ଅମଳରେ ନିର୍ମିତ ହୋଇଥିବାର ଅନୁମାନ କରାଯାଏ । ଏହି ରାଜବଂଶ ମଧ୍ୟଭାରତରୁ ଆସି ଓଡିଶାକୁ କିଛି କାଳ ଶାସନ କରିଥିଲେ । ସ୍ୱଶାସନ କାଳର କୀର୍ତ୍ତିଗତ ସ୍ମାରକୀ ରଖିବା ଲକ୍ଷ୍ୟରେ ଏହି ମନ୍ଦିର ନିର୍ମାଣ କରିଥିବା ଅନୁମେୟ । ତେଣୁ ସେମାନଙ୍କ ଦ୍ୱାରା ନିର୍ମିତ ମନ୍ଦିରଟିର ଦେଉଳ ବା ବିମାନରେ ଖଜୁରାହୋ ଓ କଡବାର ତୋତେଶ୍ୱର ମହାଦେବ ମନ୍ଦିର ଭାସ୍କର୍ଯ୍ୟ ପ୍ରତିଫଳିତ ହେବା ଭଳି ପ୍ରତୀୟମାନ ହୁଏ । ମଧ୍ୟଭାରତର ଏହି ମନ୍ଦିର ଦ୍ୱୟ ରାଜରାଣୀ ମନ୍ଦିର ସହ ସାମଞ୍ଜସ୍ୟ ଲକ୍ଷ୍ୟକରି ଉକ୍ତ ମନ୍ଦିରମାନ ସମସାମୟିକ ବୋଲି ଅନେକ ଗବେଷକ ଯୁକ୍ତି ଦର୍ଶାଇଛନ୍ତି ।

ଗଠନ ଶୈଳୀରୁ ରାଜରାଣୀ ମନ୍ଦିରଟି ଦୁଇ ଭାଗରେ ବିଭକ୍ତ । ପ୍ରଥମଟି ବିମାନ ବା ମୁଖ୍ୟ ଦେଉଳ ଓ ଅନ୍ୟଟି ଜଗମୋହନ । ମୁଖ୍ୟ ଦେଉଳଟି ତୋରଣାକୃତି । ୫୯ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ଓଡିଶାର ଅନ୍ୟାନ୍ୟ ମନ୍ଦିର ପରି ଏକକ ପଥର ଚଟାଣ ଉପରେ ଦଣ୍ଡାୟମାନ । ଯେଉଁ ମନ୍ଦିରରେ ପ୍ରାଚୀନ ମନ୍ଦିର ତଥା ଶାସ୍ତ୍ରୀୟ ନିର୍ମାଣ ଶୈଳୀ ଅନୁସରଣ କରା ଯାଇଅଛି । ପତନ, ଚଟାଣ, ଜଙ୍ଘା, ବନ୍ଧନ, ଉପରଜଙ୍ଘା, ବାରଣ୍ଡା, ଗଣ୍ଡି, ଅମଳକ ବା ଅଁଳାବେଢ଼ା, ଶିଖର, କଳସ ଆଦି ଶାସ୍ତ୍ରମତେ ରହିଛି । ଏହାର ଭିତ୍ତିଭୂମି ପଦ୍ମଫୁଲ ସଦୃଶ । ସେହିପରି ଓଡିଶାର ଅନ୍ୟ ପ୍ରାଚୀନ ମନ୍ଦିରର ମୁଖଶାଳା ବା ଜଗମୋହନରେ ପୌରାଣିକ କଥାବସ୍ତୁ ଆଧାରିତ ମୂର୍ତ୍ତି ବା ଚିତ୍ର ଓ ବିଭିନ୍ନ କାରୁକାର୍ଯ୍ୟ ଖୋଦେଇ ବା ଅଙ୍କିତ ହେବା ପରି ରାଜରାଣୀ ମନ୍ଦିରରେ ମଧ୍ୟ ପଥର ଦେହରେ କାରୁକାର୍ଯ୍ୟ ଖୋଦେଇ ହୋଇ ଏହାର ସୌନ୍ଦର୍ଯ୍ୟ ଓ ଗାରିମାକୁ ବହୁଗୁଣିତ କରୁଛି । ଏଗୁଡିକ ହିଁ ପ୍ରକୃତରେ ଓଡିଶୀ କଳାଭାସ୍କର୍ଯ୍ୟର ଶ୍ରେଷ୍ଠ ନିଦର୍ଶନ ।

କେହି କେହି କହନ୍ତି, ଏହାର ଦ୍ୱାର ଦେଶରେ ନାଗ-ନାଗୁଣୀଙ୍କ ମୂର୍ତ୍ତି ରାଜାରାଣୀଙ୍କର ପ୍ରତିନିଧି ବୋଲି ଏହାର ନାମ ହୋଇଛି ରାଜରାଣୀ । ଏହି ମନ୍ଦିରଟିର ବିଶେଷତ୍ୱ ହେଉଛି ଅଷ୍ଟଦିଗପାଳ । ଏହି ମନ୍ଦିରର ପୂର୍ବ ଦିଗରେ ଇନ୍ଦ୍ର ନିଜର ବଜ୍ର ଓ ହାତୀ ସହିତ ବିଦ୍ୟମାନ, ଅଗ୍ନି କୋଣରେ ପେଟୁଆ ଆକାରର ଅଗ୍ନିଦେବତା, ଦକ୍ଷିଣ କୋଣରେ ନିଜର ଦଣ୍ଡ ଓ ମଇଁଷି ବାହାନ ସହିତ ଯମ, ନୈରିତ କୋଣରେ ଦୁଃଖର ପ୍ରତିନିଧି ହାତରେ ଖଣ୍ଡା ଓ କଟାମୁଣ୍ଡ ସହିତ, ପଶ୍ଚିମ ଦିଗରେ କୁମ୍ଭୀର ବାହାନରେ ବସି ବରୁଣ, ହରିଣ ବାହାନରେ ବସି ବାୟୁ ଅଛନ୍ତି ବାୟୁ କୋଣରେ, ଉତ୍ତର ଦିଗରେ ରତ୍ନପୂର୍ଣ୍ଣ ସାତୋଟି ପାତ୍ର ଧାରଣ କରି କୁବେର ପୁଣି ଈଶାନ କୋଣରେ ଶିବ ।

ଶିବ ପାର୍ବତୀଙ୍କ ବିବାହ, ଜଟାଜୁଟଧାରି ପାଶୁପତ ଶିବଙ୍କ ଶିଷ୍ୟମାନଙ୍କ ଗହଣରେ ଉପବେଶନ, ନଟରାଜ ଶିବପାର୍ବତୀଙ୍କ ନୃତ୍ୟମୁଦ୍ରା, ବୃକ୍ଷ, ଲତା, ସରୁ ତନୁପାତଳୀ ନାୟିକା, ଗେଲ କରୁଥିବା ମାତା, ବୃକ୍ଷଡାଳ ଧାରଣ କରି ପ୍ରିୟ ପୁରୁଷ ନିମନ୍ତେ ପ୍ରତୀକ୍ଷାରେ ଅଭିସାରିକା, ମୁକୁରରେ ନିଜର ପ୍ରତିବିମ୍ବକୁ ଚାହିଁ ରହିଥିବା ରୂପ ଓ ସୌନ୍ଦର୍ଯ୍ୟ ସଚେତନ ନାରୀ, ପାଳିତ ପକ୍ଷୀମାନଙ୍କର ଯତ୍ନଶୀଳା ଗୃହିଣୀ, ପାଦର ନୂପୁରକୁ ଅବଲୋକନ କରୁଥିବା ବା ବାଦ୍ୟଯନ୍ତ୍ରରେ ସଂଗୀତର ମୂର୍ଚ୍ଛନା ତୋଳୁଥିବା ଆଦି କମନୀୟ ନାରୀମୂର୍ତ୍ତିଗୁଡିକ ଓଡିଶାର ପ୍ରକୃତି, ଉତ୍କୃଷ୍ଟ ସମୃଦ୍ଧ ଜୀବନଶୈଳୀ, ଭାସ୍କର୍ଯ୍ୟ, ସଂଗୀତ, ନୃତ୍ୟ, ନାଟକ ଆଦି ବିବିଧ କଳାର ବଳିଷ୍ଠତାକୁ ଯଥାର୍ଥ ଉପସ୍ଥାପନ କରିବା ସହିତ ପ୍ରାଚୀନତାକୁ ମଧ୍ୟ ପ୍ରମାଣ କରୁଛି । ଉକ୍ତ ମନ୍ଦିରର ଜଗମୋହନରେ ଆଠଟି ଦ୍ୱାର ରହିଛି । ଅଷ୍ଟଦ୍ୱାରରେ ଅଷ୍ଟଦ୍ୱାରପାଳ ମୂର୍ତ୍ତି ଏବଂ ଦ୍ୱାରବନ୍ଧରେ ନାଗବନ୍ଧନ ଖୋଦେଇ ହୋଇଛି । ପ୍ରବେଶଦ୍ୱାରରେ ନବଗ୍ରହଙ୍କର କମନୀୟ ମୂର୍ତ୍ତି ଶୋଭା ପାଉଛି । ମୁଖ୍ୟଦ୍ୱାରରେ ଦ୍ୱାରପାଳ ରୂପରେ ଶୈବଦେବତା ବା ସିବ ଅନୁଚର ଚଣ୍ଡ, ପ୍ରଚଣ୍ଡ ଓ ଜଟାମୁଖ ସ୍ଥାନ ପାଇଛନ୍ତି । ଏସବୁ ଜାଣିବା ପରେ ରାଜାରାଣୀ ମନ୍ଦିର ମହାଦେବ ଶିବଙ୍କ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିବା ଗ୍ରହଣ କରାଯାଇପାରେ ।

ବିଗ୍ରହ ନଥିବା ଏହି କାରୁକାର୍ଯ୍ୟପୂର୍ଣ୍ଣ ସୌନ୍ଦର୍ଯ୍ୟ ବିମଣ୍ଡିତ ମନ୍ଦିରଟି ଦୀର୍ଘଦିନ ଜନସାଧାରଣଙ୍କ ଦୃଷ୍ଟି ଆଢୁଆଳରେ ରହିଥିଲା । ଏହି ମନ୍ଦିରର ପୁନରୁଦ୍ଧାର ସହ ମରାମତି କରାଯିବା ପରେ ମଧ୍ୟ ଦେବତାରହିତ ଏ ମନ୍ଦିରଟି ପ୍ରତି ଶ୍ରଦ୍ଧାଳୁମାନେ ବିମୁଖ ଥିଲେ । କୌଣସି ବିଗ୍ରହ ନଥିବାରୁ

ଏଠାରେ କୌଣସି ଧାର୍ମିକ ତଥା ପାରମ୍ପରିକ ପର୍ବ ବା ଉତ୍ସବାନୁଷ୍ଠାନ ପାଳିତ ହୋଇପାରୁ ନଥିଲା। ଫଳରେ ପର୍ବ, ଉତ୍ସବ ଓ ଦେବପ୍ରିୟ ଓଡ଼ିଆମାନଙ୍କର ଏହି ମନ୍ଦିର ସହିତ ଭାବଗତ ବା ଆତ୍ମିକ ସମ୍ପର୍କ ସୃଷ୍ଟି ହୋଇ ପାରୁ ନଥିଲା। ମନ୍ଦିର ବହୁ ପୂର୍ବରୁ ଧାର୍ମିକ ଗୁରୁତ୍ୱ ହରାଇଥିଲା। ମାତ୍ର ପୁନରୁଦ୍ଧାର ପରେ ଐତିହାସିକ ଓ ପର୍ଯ୍ୟଟକ ପ୍ରାଧାନ୍ୟ ମଧ୍ୟ ହରାଇବାକୁ ବସିଥିଲା। ଏ ସବୁକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କର ପର୍ଯ୍ୟଟନ ବିଭାଗ, ସାଂସ୍କୃତିକ ବିଭାଗ ଓ ଭୁବନେଶ୍ୱର ସଂଗୀତ ଅନୁଷ୍ଠାନ (ଭୁବନେଶ୍ୱର ମ୍ୟୁଜିକାଲ ସର୍କଲ) ପ୍ରତିବର୍ଷ ଜାନୁୟାରୀ ୧୮ ତାରିଖରୁ ୨୦ ତାରିଖ ମଧ୍ୟରେ ତିନିଦିନିଆ ରାଜଧାନୀ ସଂଗୀତ ମହୋତ୍ସବ ପାଳନ କରନ୍ତି। ରାଜରାଣୀ ମନ୍ଦିରର ପରିବେଶ ହିନ୍ଦୁସ୍ତାନୀ, କର୍ଣ୍ଣାଟକୀ ଓ ଓଡ଼ିଶୀ ସଂଗୀତର ଝଙ୍କାରରେ ଗୁଞ୍ଜରି ଉଠେ। ସର୍ବଭାରତୀୟ ସ୍ତରରେ ସୁନାମଧନ୍ୟ ତଥା ପ୍ରଖ୍ୟାତ ଶାସ୍ତ୍ରୀୟ ଓ ଲୋକ ସଂଗୀତର କଣ୍ଠଶିଳ୍ପୀ ଓ ବାଦ୍ୟଶିଳ୍ପୀଙ୍କୁ ନେଇ ଏ ଉତ୍ସବ ପାଳନ କରାଯାଏ। ଏହା ୨୦୦୩ ମସିହାରୁ ଆରମ୍ଭ ହେଲାଣି, ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଆସି ରାଜରାଣୀ ମହୋତ୍ସବ ସହିତ ଭୁବନେଶ୍ୱରର ସମସ୍ତ ମନ୍ଦିର ଦର୍ଶନ କରି ବେଶ୍ ଉପଭୋଗ କରନ୍ତି। ଫଳତଃ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିର ପଚାର ଓ ପ୍ରସାର ଘଟୁଛି, ବିଶ୍ୱ ସ୍ତରରେ ପର୍ଯ୍ୟଟନ ବଜାରରେ ଓଡ଼ିଶା ଧୀରେ ଧୀରେ ଅଧିକରୁ ଅଧିକ ଆକର୍ଷଣୀୟ ହୋଇ ଚାଲିଛି।

ଡି. ୧୦୨ / ବ୍ୟାସଭବନ,
ଶ୍ରୀକ୍ଷେତ୍ର ଭକ୍ତନିବାସ, ବଡଦାଣ୍ଡ, ପୁରୀ
ମୋ - ୯୪୩୯୦୧୨୨୬୭



# କିମ୍ବଦନ୍ତୀର ପୃଷ୍ଠଭୂମିରେ କେଦାରଗୌରୀ

*ଡ. ଊର୍ମିମାଳା ଆଚାର୍ଯ୍ୟ*

ମନ୍ଦିରମାଳିନୀ ଭୁବନେଶ୍ୱରର ପ୍ରାଚୀନ ନାମ ଏକାମ୍ରକାନନ ଥିଲା। କୁହାଯାଏ, ଏଠାରେ ଘଞ୍ଚ ଜଙ୍ଗଲ ତଥା ଲକ୍ଷେ ଶିବଲିଙ୍ଗ ସ୍ଥାପିତ ଥିଲେ। ତେଣୁ ଅନେକ ଛୋଟ ବଡ ମନ୍ଦିର ଏଠାରେ ଉପଲବ୍ଧ। ତେବେ ଅଷ୍ଟଶମ୍ଭୁ ମନ୍ଦିରମାନଙ୍କ ମଧ୍ୟରେ ମୁକ୍ତେଶ୍ୱର ମନ୍ଦିରର ନିକଟରେ କେଦାରେଶ୍ୱର ମନ୍ଦିର ଅବସ୍ଥିତ। ଏହି ମନ୍ଦିରରେ ଭଗବାନ ଶିବଙ୍କର ତଥା ମାତା ଗୌରୀ ଦେବୀଙ୍କର ପୂଜା କରାଯାଏ। ଲୋକମାନେ ଏହି ଶିବଲିଙ୍ଗଙ୍କୁ କେଦାରେଶ୍ୱର ନାମରେ ଜାଣନ୍ତି। ଏହି ମନ୍ଦିରର ସମ୍ମୁଖଭାଗ ଦକ୍ଷିଣଦିଗକୁ ମୁହଁ କରି ରହିଛନ୍ତି। ମନ୍ଦିରରେ ଅବସ୍ଥିତ ଗୋଲାକାର ଯୋନିପୀଠ ବାଲୁକା ପ୍ରସ୍ତରରେ ନିର୍ମିତ ଅଟନ୍ତି। ଶକ୍ତି ମଧ୍ୟରେ ଥିବା ଲିଙ୍ଗ ଦୃଶ୍ୟମାନ ନୁହନ୍ତି। ଏହି ପବିତ୍ର ସ୍ଥାନ ୨.୫ ବର୍ଗ ମିଟର ଏବଂ ବର୍ତ୍ତମାନର ଚଟାଣର ୦.୮ ମିଟର ତଳେ ଅବସ୍ଥିତ।

ଏହି ମନ୍ଦିରର ଚତୁଃପାର୍ଶ୍ୱରେ ବିଭିନ୍ନ ଜିନିଷ ଉପଲବ୍ଧ ଅଟେ। ପଶ୍ଚିମ ଭାଗରେ ଦ୍ୱିତୀୟ କେଦାରେଶ୍ୱର ୫୦୦ ମିଟର ଦୂରରେ ଅବସ୍ଥିତ। ପୂର୍ବଦିଗରେ କେଦାରକୁଣ୍ଡ ପ୍ରାୟ ୫୦ ମିଟର ଦୂରତାରେ ଅବସ୍ଥିତ। ଦକ୍ଷିଣ ଦିଗରେ ଗୌରୀ ମନ୍ଦିର ପ୍ରାୟ ୬ ମିଟର ଦୂରତାରେ ଅବସ୍ଥିତ। ଏହାର ଉତ୍ତର ଦିଗରେ ପଥର ପାଚିର ପ୍ରାୟ ୨୦ ମିଟର ଦୂରତାରେ ବେଢିକରି ରହିଅଛି।

ମନ୍ଦିର ଗଠନ ଅନୁସାରେ ମନ୍ଦିରର ଗୋଟିଏ ବିମାନ ତଥା ଜଗମୋହନ ଯାହାର ଲମ୍ବ ୨୦ - ୪୦ ମିଟର, ଓସାର ୯.୬୦ ମିଟର, ଗଣ୍ଡିଆଳ-୬୦ ମିଟର। ମନ୍ଦିରର ଆକାର ପଞ୍ଚରଥ ପରି। ମନ୍ଦିର ନିମ୍ନଦେଶର ପ୍ରଭାଗରେ ପାଞ୍ଚଟି ଗୋଲାକାର ଖୁରା, ଖମ୍ଭ, ପଟ୍ଟା, କାଣି ଏବଂ ବସନ୍ତ ଯାହାର ଦୂରତା ୧.୨୪ ମିଟର ଅଟେ। ତଳଜଙ୍ଘ ୧.୧୮ ମିଟର ଦକ୍ଷିଣ -୫ ମିଟର, ଉପର ଜଙ୍ଘ ୧.୮ ମିଟର ଏବଂ ବାରଣ୍ଡା ୧.୩୦ ମିଟର ଉଚ୍ଚତା ଅଟେ। ମନ୍ଦିରଟି ସୁନ୍ଦର ସୁନ୍ଦର ଚିତ୍ରକଳାରେ ସଜ୍ଜିତ ହୋଇଅଛି। ମନ୍ଦିରର ଗଣ୍ଡି ୫.୩୦ ମିଟର। ଦେଉଳର ମସ୍ତକ ସ୍ୱାଭାବିକ ଭାବରେ ବେକି-ଅମ୍ଳକ-ଖପୁରୀ-କଳସ ଏବଂ ଆୟୁଧ ଯାହାକି ୩ ମିଟର ଅଟେ। ଆକାର ଦୃଷ୍ଟିରୁ ଜଗମୋହନ ପିଢା ଆକୃତିର ଅଟେ।

ସ୍କନ୍ଦ ପୁରାଣରେ କେଦାରଗୌରୀ ମନ୍ଦିର ବିଷୟରେ ବିଭିନ୍ନ କଥା ବର୍ଣ୍ଣନା କରାଯାଇଛି ଏକଦା ଶିବ ନିଜର ଶିବଗଣଙ୍କ ସହିତ ପ୍ରଥମ ଗାନ ଗାଇ ନୃତ୍ୟ କରୁଥିଲେ। ନୃତ୍ୟ କରୁକରୁ ସେ ପ୍ରଦକ୍ଷିଣ ମଧ୍ୟ କରୁଥିଲେ। ସାଥିରେ ଦେବୀ ପାର୍ବତୀ ନଥିଲେ। ପାର୍ବତୀ ଯେତେବେଳେ ଭଗବାନ ଶିବଙ୍କ ସହିତ ନଥିବାର କାରଣ ଜିଜ୍ଞାସା କଲେ, ଭଗବାନ ଶିବ ତାଙ୍କୁ କହିଲେ ଯେ, ଏହି ନୃତ୍ୟ କାର୍ଯ୍ୟକ୍ରମରେ ତାଙ୍କର କୌଣସି ଅବଦାନ ନାହିଁ। ତେଣୁ ତାଙ୍କୁ ପ୍ରଦକ୍ଷିଣରୁ ଅଲଗା କରାଯାଇଛି। ଏହା ଶୁଣି ଦେବୀ ପାର୍ବତୀ ଅତ୍ୟଧିକ କ୍ରୋଧିତ ହୋଇ ସେହି ସ୍ଥାନ ତ୍ୟାଗକରି କାନ୍ଦିକାନ୍ଦି ଘନ ଜଙ୍ଗଲକୁ ଚାଲିଗଲେ। କ୍ରୋଧିତା ଦେବୀ ନିଜର ବୈଶିଷ୍ଟ୍ୟ ପ୍ରତିପାଦନ କରିବାକୁ ଚାହୁଁଥିଲେ। ତେଣୁ ସେ ଋଷି ଗୌତମଙ୍କୁ ଭଗବାନ ଶିବଙ୍କର ଶରୀରର ଅର୍ଦ୍ଧଭାଗ ଆଣିବାକୁ କହିଲେ। ଋଷି ଗୌତମ ତାଙ୍କୁ କେଦାରେଶ୍ୱର ବ୍ରତ କରିବାପାଇଁ ଉପଦେଶ ଦେଲେ। ଦେବୀ ପାର୍ବତୀ ଭଗବାନ ଶିବଙ୍କର ଅର୍ଦ୍ଧେକ ଶରୀର ପ୍ରାପ୍ତ କରିବାପାଇଁ କେଦାର ପୂଜା ଆରମ୍ଭ କରିଥିଲେ। ଶିବଙ୍କର ଅର୍ଦ୍ଧେକ ଶରୀର ଦେବୀ ପାର୍ବତୀଙ୍କର ଶରୀରରେ ମିଶିଯିବାରୁ ଅର୍ଦ୍ଧନାରୀଶ୍ୱର ରୂପ ପ୍ରକାଶ ପାଇଲା। ଭଗବାନ ଶିବ ହିନ୍ଦୁ ଧର୍ମରେ ଅର୍ଦ୍ଧନାରୀଶ୍ୱର ରୂପରେ ପୂଜା ପାଇଥାନ୍ତି।

କେଦାରେଶ୍ୱର ବ୍ରତର ମାହାତ୍ମ୍ୟ ବିଷୟରେ ବିଭିନ୍ନ ପୁରାଣରେ ବିଭିନ୍ନ କଥା ବର୍ଣ୍ଣନା କରାଯାଇଛି। ବିଭିନ୍ନ ସ୍ଥାନରେ ଏହା ଆଶ୍ୱିନ ଅମାବାସ୍ୟା ଦିନ ପାଳନ କରାଯାଇଥାଏ। ଭକ୍ତମାନେ ସେମାନଙ୍କର ଉପବାସ କରିବା ସହିତ ଆଶ୍ୱିନ ଅଥବା କାର୍ତ୍ତିକ କୃଷ୍ଣପକ୍ଷର ଅଷ୍ଟମୀ ତିଥିରୁ ଆରମ୍ଭ କରିଥାନ୍ତି ଏବଂ ଅମାବାସ୍ୟା ଦିନ ସମ୍ପୂର୍ଣ୍ଣ କରନ୍ତି। କେବଳ ମନୁଷ୍ୟ ନୁହନ୍ତି, ପୁରାଣରେ ବର୍ଣ୍ଣନା କରାଯାଇଛି ଯେ ଅନେକ ଦେବାଦେବୀ ମଧ୍ୟ ସେମାନଙ୍କର ମନୋକାମନା ପୂରଣ କରିବା ପାଇଁ ଏହି ବ୍ରତ ପାଳନ କରିଥାନ୍ତି। କିମ୍ବଦନ୍ତୀ ଅନୁସାରେ ଭଗବାନ ବିଷ୍ଣୁ ଏହି ବ୍ରତ ପାଳନ କରି ବୈକୁଣ୍ଠପୁର ଲାଭ କରିଥିଲେ। ଭଗବାନ ବ୍ରହ୍ମା ମଧ୍ୟ ଏହି ବ୍ରତ ପାଳନ କରି ତାଙ୍କର ହଂସବାହନ ଲାଭ କରିଥିଲେ। ଏହା ବିଶ୍ୱାସ କରାଯାଏ ଯେ, ଯେଉଁ ଭକ୍ତ କେଦାରଗୌରୀ ବ୍ରତ ୨୧ଥର ପୂର୍ଣ୍ଣ କରିଥାନ୍ତି, ସେମାନେ ସମସ୍ତ ପ୍ରକାର ଆନନ୍ଦ ଏବଂ ସୁଖ ପ୍ରାପ୍ତ ହୋଇଥାନ୍ତି। ବିବାହିତ ଦମ୍ପତି ତଥା ସ୍ତ୍ରୀ ଲୋକମାନେ କେଦାରେଶ୍ୱର ଶିବଙ୍କୁ ଉପାସନା କରି ସେମାନଙ୍କର ଜୀବନରେ ସୁଖ, ଆନନ୍ଦ ଓ ଐଶ୍ୱର୍ଯ୍ୟର ଅଧିକାରିଣୀ ହୋଇଥାନ୍ତି।

ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ଭୃଙ୍ଗି ଋଷି ଭଗବାନ ଶିବଙ୍କର

ଅନନ୍ୟ ଭକ୍ତ ଥିଲେ। ମାତ୍ର ସେ ଶକ୍ତି ଦେବୀଙ୍କୁ ଘୃଣା କରୁଥିଲେ ତଥା ଅନ୍ୟ ସ୍ତ୍ରୀ ଜାତିକୁ ମଧ୍ୟ। ଏହି କଥା ଶକ୍ତି ଦେବୀଙ୍କୁ କ୍ରୋଧିତ କରିଥିଲା ଏବଂ ସେ କ୍ରୋଧରେ ଜର୍ଜରିତ ହୋଇ ଭୃଙ୍ଗି ଋଷିଙ୍କ ଶରୀରରୁ ସମସ୍ତ ମାଂସ ଏବଂ ଶକ୍ତି କାଢି ନେଇଥିଲେ। ଅଲଗା କରାଯାଇଥିବା ଶକ୍ତି କିଛି ନଥିଲା ମାତ୍ର ଦେବୀ ଗୌରୀଙ୍କର ପ୍ରତୀକ ଥିଲା। ଅଲଗା କରାଯାଇଥିବା ଶକ୍ତି ଅଂଶ ଭଗବାନ ଶିବଙ୍କ ସହିତ ମିଶିବାପାଇଁ ଚାହୁଁଥିଲା। ସେଥିପାଇଁ ମା ଶକ୍ତି ଶିବଙ୍କୁ ସନ୍ତୁଷ୍ଟ କରିବାପାଇଁ କେଦାର ବ୍ରତ ଆରମ୍ଭ କରିଥିଲେ। ଭଗବାନ ଶିବ ଅଲଗା କରାଯାଇଥିବା ଶକ୍ତିର ପବିତ୍ରତାରେ ଅତ୍ୟଧିକ ପ୍ରସନ୍ନ ହୋଇ ସେହି ଅଂଶକୁ ନିଜ ଶରୀରର ବାମ ପାର୍ଶ୍ୱରେ ସ୍ଥାନ ଦେଇଥିଲେ। ଏହି କଥାରୁ ହିଁ ଅର୍ଦ୍ଧନରୀଶ୍ୱର ମୂର୍ତ୍ତିର ସୃଷ୍ଟି ତଥା ଶିବଙ୍କର ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି ସମଗ୍ର ବିଶ୍ୱରେ ପୂଜନୀୟ ଥିଲା।

କେଦାରଗୌରୀ ମନ୍ଦିର ବିଷୟରେ ବିଭିନ୍ନ ପ୍ରକାର ଲୋକକଥା ଶୁଣାଯାଏ। କବିବିର ରାଧାନାଥ ରାୟ ତାଙ୍କର କେଦାରେଶ୍ୱର କାବ୍ୟରେ ଏହି ମନ୍ଦିର ସମ୍ବନ୍ଧିତ କାହାଣୀକୁ ଲେଖିଯାଇଛନ୍ତି। ଏକଦା କେଦାର ଏବଂ ଗୌରୀ ନାମରେ କିଶୋର କିଶୋରୀ ପରସ୍ପରକୁ ପ୍ରେମ କରୁଥିଲେ। ସେମାନେ ବିବାହ କରିବାକୁ ମନସ୍ଥ କରିଥିଲେ। କିନ୍ତୁ କୌଣସି କାରଣରୁ ସମାଜ ଏହି ବିବାହକୁ ଅନୁମତି ପ୍ରଦାନ କରୁ ନଥିଲା। ଉଭୟଙ୍କର ପିତାମାତା ତଥା ସମ୍ପର୍କୀୟମାନେ ସେମାନଙ୍କ ପ୍ରେମରେ ବାଧା ଉପୁଜାଇଲେ। ଜାତିଗତ ପ୍ରଥା ଏହି ବିବାହ ବନ୍ଧନ ପାଇଁ ସବୁଠାରୁ ବଡ ପ୍ରତିବନ୍ଧକ ଥିଲା। ଉଭୟେ ଘର ଛାଡି ଚାଲିଯିବାକୁ ମନସ୍ଥ କଲେ। ରାତିର ଘନଘୋର ଅନ୍ଧକାରରେ ସେମାନେ ଘରଛାଡି ପଳେଇଗଲେ। ଯାତ୍ରାପଥରେ ଯାଉଯାଉ ଗୌରୀକୁ ବହୁତ କ୍ଷୁଧା ଲାଗିଲା। କେଦାର ଖାଦ୍ୟ ଅନ୍ୱେଷଣରେ ଯାଉ ଯାଉ ଜଙ୍ଗଲ ପଥରେ ବାଘ ହାବୁଡରେ ପଡିଲା। ଭୟରେ କେଦାର ଦୌଡି ପଳାଇ ଯାଉଯାଉ ତାର ଉତ୍ତରୀୟ ଖସିପଡିଲା ତଥା ବାଘ ସେହି ଉତ୍ତରୀୟରେ ତାର ରକ୍ତରଞ୍ଜିତ ପଞ୍ଝାର ରକ୍ତଦାଗର ଛାପ ଛାଡିଦେଲା।

କେଦାରର ଫେରିବା ବିଳମ୍ବ ଦେଖି ଗୌରୀ ତାର ପଛେ ପଛେ ପାଗଳଙ୍କ ଭଳି ଖୋଜିବାକୁ ବାହାରିଲା। ଜଙ୍ଗଲୀ ରାସ୍ତାରେ ଯାଉ ଯାଉ କେଦାରର ରକ୍ତରଞ୍ଜିତ ଉତ୍ତରୀୟ ଦେଖି ଗୌରୀ ଭାବିଲା ଯେ ବାଘ କେଦାରକୁ ଖାଇ ଦେଇଛି। ତେଣୁ ସେ ପାଖରେ ଥିବା ଜଳାଶୟରେ ଡେଇଁ ପଡି ଆତ୍ମହତ୍ୟା କଲା। ଏହାର କିଛି ସମୟ ପରେ କେଦାର ଖାଦ୍ୟ ପୁଡିଆ ଧରି ଫେରିବା ପରେ ଗୌରୀର ମୃତ ଶରୀର ଜଳରେ ଭାସୁଥିବାର ଦେଖି ହତ୍‌ବାକ୍ ହୋଇଗଲା। ନିଜର ପ୍ରେମିକାର ଏମିତି ଦୁଃଖଦ ପରିସ୍ଥିତିରେ ସେ ନିଜର ଆତ୍ମରକ୍ଷା ପାଇଁ ରଖିଥିବା ଗୁପ୍ତ ଛୁରିକାରେ ନିଜକୁ ଶେଷ କରିଦେଲା। ଉଭୟଙ୍କ ଅନ୍ତିମ ପରିଣତି ଖୁବ୍ ମର୍ମନ୍ତୁଦ ଥିଲା। ସେମାନଙ୍କର ଅମର ପ୍ରେମ ବିଷୟତର ଜ୍ଞାତ ହେବାପରେ ଉତ୍କଳର ରାଜା ଲଲାଟେନ୍ଦୁ କେଶରୀ ଗୋଟିଏ ମନ୍ଦିର ନିର୍ମାଣ କରାଇଥିଲେ। ସେମାନଙ୍କ ନାମାନୁସାରେ ମନ୍ଦିରର ନାମ କେଦାରଗୌରୀ ରଖାଯାଇଛି। ପ୍ରେମିକ ପ୍ରେମିକାମାନେ କେଦାରଗୌରୀ ଆସି ନିଜର ପ୍ରେମ ସାର୍ଥକ ହେବାପାଇଁ ପ୍ରାର୍ଥନା କରି ତଥା ସେମାନଙ୍କ ଜୀବନରେ ଯେପରି କିଛି ପ୍ରତିବନ୍ଧକ ନ ଆସୁ ସେମାନେ ସେଥିପାଇଁ ଭଗବାନଙ୍କୁ ଆରାଧନା କରନ୍ତି।

କେଦାରଗୌରୀ ମନ୍ଦିରର ମୁଖ୍ୟ ଆକର୍ଷଣ ହେଉଛି ୮ ଫୁଟ ଉଚ୍ଚର ହନୁମାନ ମୂର୍ତ୍ତି ଏବଂ ସିଂହ ଉପରେ ଅବସ୍ଥାପିତା ଦେବୀ ଦୁର୍ଗା ମୂର୍ତ୍ତି। ମନ୍ଦିର



ପରିସରରେ ଦୁଇଟି କୁଣ୍ଡ (ପୋଖରୀ) ଅବସ୍ଥିତ, ଯାହାର ନାମ କ୍ଷୀରକୁଣ୍ଡ ଓ ମରିଚି କୁଣ୍ଡ। କୁହାଯାଏ ଏହି କୁଣ୍ଡର ଜଳ ଅତ୍ୟନ୍ତ ପବିତ୍ର ଶକ୍ତି ସମ୍ପନ୍ନ। କ୍ଷୀରକୁଣ୍ଡର ଜଳ ମଣିଷକୁ ମୋକ୍ଷ ପ୍ରଦାନ କରେ ତଥା ଜନ୍ମ-ମୃତ୍ୟୁର ବନ୍ଧନରୁ ମୁକ୍ତି ପ୍ରଦାନ କରିଥାଏ। ମରିଚି କୁଣ୍ଡର ଜଳ ସ୍ତ୍ରୀମାନଙ୍କର ବନ୍ଧ୍ୟାତ୍ୱ ନିରାକରଣ କରିଥାଏ। ଅକ୍ଷୟ ତୃତୀୟା ଦିନ ଏହି କୁଣ୍ଡର ପ୍ରଥମ ଉତ୍ତୋଳିତ ଜଳକୁ ନିଲାମ କରାଯାଏ ତଥା ନିଃସନ୍ତାନ ଦମ୍ପତ୍ତି ଏହାକୁ କିଣିକରି ନିଅନ୍ତି।

ଏହି ମନ୍ଦିର ଏଥିପାଇ ପ୍ରସିଦ୍ଧ ଯେ, ଭଗବାନ ଶିବପାର୍ବତୀଙ୍କର ବିବାହ ଶୋଭାଯାତ୍ରା ଅକ୍ଷୟ ତୃତୀୟା ଦିନ ଲିଙ୍ଗରାଜ ମନ୍ଦିରରୁ କେଦାରଗୌରୀ ମନ୍ଦିର ପର୍ଯ୍ୟନ୍ତ ବାହାରିଥାଏ। ମନ୍ଦିର ଭିତରକୁ ପ୍ରବେଶ ଦ୍ୱାରରେ ଯେଉଁ ମୁକ୍ତେଶ୍ୱର ତୋରଣ ଅଛି, ତାହାର କାରୁକାର୍ଯ୍ୟ, ଚିତ୍ରକଳା ଏତେ ସୁନ୍ଦର ଯେ, ତାହା ଓଡିଶାର ପର୍ଯ୍ୟଟନ ବିଭାଗର ପ୍ରତୀକ ରୂପେ ନିଆଯାଇଛି। କୋଣାର୍କ ରଥଚକ ସହିତ ଏହି ତୋରଣର ଚିତ୍ରକୁ ପର୍ଯ୍ୟଟନ ବିଭାଗ ପ୍ରଥମ ଆକର୍ଷକ ଭାବରେ ସ୍ଥାନିତ କରନ୍ତି।

କେଦାରଗୌରୀ ମନ୍ଦିର ପରିସରରେ ଏବେ ବୃହତ୍ ସୂର୍ଯ୍ୟଘଡି ଅବସ୍ଥିତ। ବୋଧହୁଏ ପ୍ରାଚୀନ କାଳରେ ନିକଟସ୍ଥ ଲୋକମାନେ ସେହି ଘଡି ସାହାଯ୍ୟରେ ସମୟ ନିର୍ଘଣ୍ଟ କରୁଥିଲେ। ପୁରୁଣା ଭୁବନେଶ୍ୱରର ଅଧିବାସୀମାନଙ୍କର ମୁଖ୍ୟ ଇଷ୍ଟଦେବୀ ହେଉଛନ୍ତି ଗୌରୀ ଦେବୀ। ଗୌରୀ ମନ୍ଦିରଟି କେଦାରେଶ୍ୱର ମନ୍ଦିର ଠାରୁ ବୃହତ୍ ଅଟେ। ଗୌରୀ ମନ୍ଦିର ସାମନାରେ ଏକ ପ୍ରାକୃତିକ ଝରଣା ଅବସ୍ଥିତ। ଏହି ଝରଣାର ଜଳ ପୁଷ୍କରିଣୀରେ ପରିବର୍ତ୍ତିତ ହୋଇଛି। ଏହି ପୁଷ୍କରିଣୀର ଜଳ କେବେ ଶୁଖେନାହିଁ ବା କମିଯାଏ ନାହିଁ। ସ୍ଥାନୀୟ ଅଧିବାସୀ ବା ପର୍ଯ୍ୟଟକମାନେ ଏଠାରେ ସ୍ନାନ କରନ୍ତି ତଥା ଆନନ୍ଦ ଅନୁଭବ କରନ୍ତି।

ଅମୃତାୟନ,
୪୫୫, ଶକ୍ତିବିହାର, ଭୁବନେଶ୍ୱର-୧୭
ମୋ - ୯୪୩୭୦



# ରାଣୀହଂସପୁର ଗୁମ୍ଫା

*ଡା. ଇନ୍ଦ୍ରମଣି ଜେନା, ପ୍ର. ବିଜୟିନୀ ମହାନ୍ତି*

ଆଜି ଜରାଜୀର୍ଣ୍ଣ ଖଣ୍ଡଗିରି ଉଦୟଗିରିର ସବୁଠାରୁ ଆଗରେ ପୂର୍ବଦିଗକୁ ମୁହଁକରି ବହୁତଳ ବିଶିଷ୍ଟ ରାଣୀଗୁମ୍ଫା (ଗୁମ୍ଫା ନଂ-୧) ଅତି ପୁରାତନ ଓଡିଶାର କୀର୍ତ୍ତିରାଜି ବହନ କରେ। ଇତିହାସ ଆଢୁଆଳରେ ରହିଯାଇଥିବା ଏହି ସ୍ଥାନଟି ଯେପରି କହିବାକୁ ଚାହେଁ, ଏଠାରେ ଲିଖିତ ଓ ଖୋଦିତ ଚିତ୍ରକୁ ମୂଲ୍ୟଦିଅ। ଭାରତବର୍ଷକୁ କିଛି ମାସ ଶାସନ କରିଥିବା ରାଜଶକ୍ତିକୁ ଇତିହାସ ଯେତିକି ସମ୍ମାନ ଦେଇଛି, ଗଳ୍ପ ଆଧାରକୁ ନେଇ ଚରିତ୍ର ଗଠନ କରିଛି, ଏଠାରେ ଖୋଦିତ ଭାଷ୍ୟରୁ ଓ ଚିତ୍ରରୁ ଲବ୍ଧ ତଥ୍ୟ ଭାରତୀୟ ଇତିହାସକୁ ସମୃଦ୍ଧ କରିଥିଲେ ବି କଳିଙ୍ଗାଧିପତି ଖାରବେଳ ଓ ତାଙ୍କର ରାଜ୍ୟ ଶାସନ ସ୍ଥାନ ମଣ୍ଡନ କରେନାହିଁ।

ଉଦୟଗିରିର ପୁରାତନ ନାମ କୁମାରୀଗିରି। ଖ୍ରୀଷ୍ଟଜନ୍ମ ପୂର୍ବରୁ ଶିଳାଶିଳ୍ପ କେବଳ ପାହାଡର ଗୁମ୍ଫା ଓ ବିରାଟ ଶିଳା ଉପରେ ସୀମିତ ଥିଲା। ମନ୍ଦିରଶିଳ୍ପର ପ୍ରମାଣ ମିଳେନାହିଁ। ଅଶୋକଙ୍କର ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଶିଳାଲେଖ ଓ ସ୍ତମ୍ଭ ନିର୍ମାଣ ତଦାନୀନ୍ତନ ଶିଳାଶିଳ୍ପର ପରିଚୟଦିଏ। ଯଦିଚ ଅଶୋକ କିଛି ସ୍ତୂପ ସ୍ତମ୍ଭ କଳିଙ୍ଗର ତୋଷାଳିରେ ନିର୍ମାଣ କରିଥିଲେ, ସେଗୁଡିକ ପରବର୍ତ୍ତୀ କାଳର ମନ୍ଦିର ମାଳ ପରି ଦୀର୍ଘକାଳ ତିଷ୍ଠି ପାରିବାର ପ୍ରମାଣ ମିଳେନି। କେବଳ ପଥରଖଣ୍ଡ ଓ ଅଶୋକସ୍ତମ୍ଭର ଅବଶେଷ ଦେଖିବାକୁ ମିଳେ।

କିନ୍ତୁ ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କ ଅଳ୍ପ ବ୍ୟବଧାନ ପରେ ଭାରତବର୍ଷରେ ତିନି ଚାରୋଟି ସ୍ଥାନରେ ଶିଳାଶିଳ୍ପର ଐଶର୍ଯ୍ୟ ଦେଖିବାକୁ ମିଳେ। ଏଗୁଡିକ ମଧ୍ୟରେ ପାଟଳୀପୁତ୍ର ସନ୍ନିକଟ ବାରହୁଟ୍ ଓ ମଗଧର ସାଞ୍ଚିସ୍ତୂପ ଅନ୍ୟତମ।ଏଗୁଡିକରେ ଅନେକ ଅଶୋକସ୍ତମ୍ଭ, କାରକାର୍ଯ୍ୟମଣ୍ଡିତ ଶାଳଭଞ୍ଜିକା ଦେଖିବାକୁ ମିଳେ। ବୌଦ୍ଧ ଧର୍ମର କୀର୍ତ୍ତି, ବୁଦ୍ଧଙ୍କ ଜନ୍ମ ଓ ସନ୍ୟାସ ବିଷୟରେ ଅନେକ ଚିତ୍ର ରହିଛି। ସମସାମୟିକ ବା କେତେ ଦଶାବ୍ଦୀ ପରର ସାତବାହାନ ଶାସନର ଶିଳାଲେଖ ଓ କାରୁକାର୍ଯ୍ୟ ମହାରାଷ୍ଟ୍ରର ନାସିକ ପର୍ବତରେ ଦେଖିବାକୁ ମିଳେ।

ସମସାମୟିକ କଳିଙ୍ଗ ଯେତେବେଳେ ମହାମେଘବାହାନ ଶାସକମାନଙ୍କ ଦ୍ୱାରା ଶାସିତ ହେଉଥିଲା, ତୃତୀୟ ଚେଦିକୁଳନନ୍ଦନ କଳିଙ୍ଗାଧିପତି ଖାରବେଳଙ୍କ ଶାସନକାଳରେ ସୁବର୍ଣ୍ଣଯୁଗରେ ପଦାର୍ପଣ କରିଥିଲା। ତାଙ୍କର ପ୍ରିୟ କୁମାରୀଗିରିକୁ ସୁଶୋଭିତ କରି ଭାରତବର୍ଷରେ ସବୁଠାରୁ ଆଦର୍ଶ ଶିଳାକୀର୍ତ୍ତିର ନିଦର୍ଶନ ଭାବରେ ଗଢି ତୋଳିଥିଲେ। ଖଣ୍ଡଗିରି ଓ ଉଦୟଗିରି ଯାହା ସେ ସମୟରେ କୁମାରଗିରି ଓ କୁମାରୀଗିରି ନାମରେ ଥିଲେ, ସେଠାରେ ଅଜସ୍ର ଗୃହୋପଯୋଗୀ ଗୁମ୍ଫା ଜୈନ ଅର୍ହତ ମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା, କେତେକ ରାଜକୀୟ ପ୍ରଶସ୍ତି ପାଇଁ ଆଉ କେତେ ଧର୍ମାଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ, ଆକର୍ଷକ ପର୍ଯ୍ୟଟନ କ୍ଷେତ୍ର ଉଦ୍ଦେଶ୍ୟରେ ଖୋଦିତ ହୋଇଥିଲା। କୁମାରୀଗିରିର ବହୁତଳ ଗୁମ୍ଫାଗୁଡିକ ଶିଳାଶିଳ୍ପରେ ଉଦାହରଣ ହୋଇ ରହିଛି। ତକ୍ଷଶିଳା ପରି ସମସାମୟିକ ଶିକ୍ଷାନୁଷ୍ଠାନ ଦେଖିଲେ, ମନେହୁଏ କୁମାରୀଗିରି ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଶେଷଆଡକୁ ଏକ ବିରାଟ ସର୍ବଧର୍ମ ସର୍ବଶିଳ୍ପ ସମ୍ମିଶ୍ରଣର ବିଶାଳ ଶିକ୍ଷାୟତନ ସୃଷ୍ଟି ହୋଇ ପାରିଥିଲା। ଯେଉଁଥିପାଇଁ ସର୍ବଗୁଣ ସମ୍ପନ୍ନ ଖାରବେଳଙ୍କର ଶିକ୍ଷିତା ସିଂହପଥ ରାଣୀ (ସିନ୍ଧୁଳା)ଙ୍କ ଇଚ୍ଛା ପୂରଣ କରି ନିଜେ ଦିଗବିଜୟରୁ ଅପସରି ଏହି କୁମାରୀଗିରିରେ ତାପସ ଜୀବନ ଆଦରିନେଲେ। ଅବଶ୍ୟ ଏଇଟା ତଥ୍ୟଭିତ୍ତିରେ ପ୍ରମାଣ କରିବା ସମୟସାପେକ୍ଷ ହୋଇପାରେ।

କଳିଙ୍ଗାଧିପତି ଇତିହାସରେ ନିଜର କୀର୍ତ୍ତି ଚିରଜୀବୀ କରିବାକୁ ରାଷ୍ଟ୍ରର ସମଗ୍ର ଶିଳାଶିଳ୍ପର ବିକାଶ କରିଥିଲେ, ଫଳ ସ୍ୱରୂପ କେବଳ ଧର୍ମ ଭିତରେ ସୀମିତ ନ ରହି ସମାଜର ସମସ୍ତ ନିଖୁଣ ଚିତ୍ର ଖୋଦନ କରିବାରେ ପ୍ରୋତ୍ସାହନ ଦେଇଥିବା ଅନୁମେୟ। ସେ ନିଜେ କିମ୍ବା ତାଙ୍କର କ୍ଷେତ୍ର ପରିଚାଳକବୃନ୍ଦ କଳିଙ୍ଗାଧିପତିଙ୍କ ଜୀବନୀ କାହାଣୀକୁ ବିସ୍ତୃତ ରୂପ ଦେଇଛନ୍ତି। ଦୁଇ ସହସ୍ର ବର୍ଷରେ କ୍ଷୟଶୀଳ କନ୍ଦାପଥରରେ ଅଙ୍କିତ କୀର୍ତ୍ତି ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି, ତଥାପି ଏହାର ତଥ୍ୟ ଥରେ ବୁଝିପାରିଲେ, ପ୍ରତୀୟମାନ ହୁଏ ସେହି ବିଶାଳ ହୃଦୟର ଖାରବେଳ କଳିଙ୍ଗରେ କେତେ ଧନସମ୍ପଦ ଠୁଳ କରିଥିଲେ ! କେତେ ଦୂରରୁ ଶିଳ୍ପୀ ଆଣି କଳିଙ୍ଗ ଅନୁରକ୍ତ ଚିତ୍ର ତୋଳିଛନ୍ତି ! କେତେ ଶାଳଭଞ୍ଜିକା, ଦିଶିଧାରିକା, ଦ୍ୱାରପାଳ, ଦ୍ୱାରପାଳିକା, ସ୍ୱାଗତିକା, ଜଗୁଆଳ, ନର୍ତ୍ତକୀ, ବାଦ୍ୟବାଦିକା, ବଂଶୀବାଦିକା, ଦେଶୀ ଦ୍ୱାରପାଳ, ବିଦେଶୀ ଦ୍ୱାରପାଳ, ଜୀବଜନ୍ତୁ, ଚିନ୍ତାଶୀଳ ହାତୀ, ବିଦ୍ୟାଧର, ଯକ୍ଷ, କଳିଙ୍ଗ ରାଜକର୍ମଚାରୀ ଓ ଅନେକ କଳିଙ୍ଗାଧିପତିଙ୍କ ପରିବାର ଚିତ୍ର, ପୂଜା ଚିତ୍ର ରହିଛି ଦେଖିବା ପାଇଁ।

ଦେଖିବା ଆଜିର ରାଣୀଗୁମ୍ଫାର ବୈଶିଷ୍ଟ୍ୟ।

ଏହି ଦୁଇମହଲା ଗୁମ୍ଫା ଗୋଟିଏ ଆୟତାକାର କ୍ଷେତ୍ରର ତିନି ପାର୍ଶ୍ୱରେ

ନିର୍ମିତ, ଏହାର ଚତୁର୍ଥ ପୂର୍ବ (ଆଂଶିକ ଦକ୍ଷିଣପୂର୍ବ) ପାଖଟି ଖୋଲା । ଏହା କୁମାରୀଗିରି ମୂଳ ପଥରରେ ଖୋଦିତ, ଏମିତି ଖୋଦିତ ଯେ, ଦ୍ୱାରମୁହଁ ଆଡକୁ ଗଡାଣି ହୋଇଛି । ଏହି ଗୁମ୍ଫା ତଦାନୀନ୍ତନ ଶିଳାଶିଳ୍ପର ପ୍ରୟୋଗ ଦେଖିଲେ ବିସ୍ମିତ ଲାଗେ । ଏହାର ସୌନ୍ଦର୍ଯ୍ୟ ବହୁଗୁଣା ଥିଲା, ଏହାର ତଳ ମହଲାର ବାରଣ୍ଡା ଓ ତା ଉପରର ତାଜା ଭାଙ୍ଗିଯିବାରୁ ତଳ ମହଲାର ବହୁ କୀର୍ତ୍ତିରାଜି ଜରାଜୀର୍ଣ୍ଣ ହୋଇଯାଇଛି, ଉପର ମହଲା ପରି ବି ତିଷ୍ଠି ରହିଥିଲେ, ବିଶାଳ ପ୍ରତ୍ନତାତ୍ତ୍ୱିକ ସମ୍ବଳ ହୋଇ ପାରି ଥାଆନ୍ତା ।

ତଳ ମହଲାର ଦକ୍ଷିଣ ପାର୍ଶ୍ୱରେ ବଡ ଗୁମ୍ଫାଟିଏ, ପଶିବାକୁ ୩ଟି ଦ୍ୱାର, ସବୁର ଦ୍ୱାରବନ୍ଧରେ ସୁନ୍ଦର ସୁନ୍ଦର ତୋରଣ । ଆମ୍ବ ପେନ୍ଥା, ହାତୀଦୁଇଟିର ଶୁଣ୍ଢରୁ ଗୋଟିଏ ପୂର୍ଣ୍ଣ ପ୍ରସ୍ଫୁଟିତ ପଦ୍ମଫୁଲ, ଆଉ କେତେକ ପଦ୍ମକଢି । ଗୁମ୍ଫାର ଦ୍ୱାରବନ୍ଧ ଗୁଡିକ ଏତେ ଛୋଟ ଯେ, ଏହା ଭିତରକୁ ଗୁରୁଣ୍ଡିଲେ ହିଁ ଜଣେ ପଶିପାରିବ । ସାମନା କାନ୍ଥରେ ଅନେକ ସୁନ୍ଦର ସାମାଜିକ ଚିତ୍ର । ଗୋଟିଏ ପୁରୁଷ, ସ୍ତ୍ରୀ, ବାମନାକୃତି ବାଳକ ଓ ଜଣେ ରତ୍ନାଧାର ବହନ କରିଥିବା ନାରୀ । ପର ଚିତ୍ରରେ ଜଣେ ପୁରୁଷ କଡରେ ଦୁଇଜଣ ମହିଳା, ପୂଜାଡାଲା ଓ ଫୁଲଦାନୀ ଧରିଥିବା ଦୁଇଜଣ ମହିଳା ଦୁଇକଡରେ ଦଣ୍ଡାୟମାନ । ମୁଣ୍ଡର ରାଜ ମୁକୁଟ ଦେଖିଲେ, ଏହା କଳିଙ୍ଗାଧିପତି ଖାରବେଳ ଓ ତାଙ୍କ ପରିବାରର ଚିତ୍ର ଖୋଦନ ଭଳି ପ୍ରତୀୟମାନ ହୁଏ ।

ତୃତୀୟ ଚିତ୍ରଟି ଗୋଟିଏ କମରାରେ ନାଚଦଳ । ନୃତ୍ୟରତା ମହିଳା, ଝିନବସ୍ତ୍ର ପରିହିତା, ଏତେ ତନ୍ମୟ ନାଚ କି ନର୍ତ୍ତକୀର କେଶ ବି ପବନରେ ସମାନ୍ତରାଳ ହୋଇ ଫୁର୍‌ଫୁର୍ ଉଡୁଛି । ବାଦ୍ୟବାଦିକା ମାନେ ମୃଦଳ, ଢୋଲ, ବଂଶୀ ଆଉ ବୀଣା ବାଦନ କରୁଛନ୍ତି । ବଂଶୀଟି ଏତେ ସୁନ୍ଦର ହୋଇଛି ଯେ, ତାର ମୁଣ୍ଡ ପଟ ଗୋଟିଏ ସିଂହର ମୁହଁ ସହିତ ଅର୍ଦ୍ଧ ଶରୀର ରୂପ ନେଇଛି । ଏହା ସେ ସମୟର କଳିଙ୍ଗର ବାଦ୍ୟ, ନୃତ୍ୟଗୀତ ଆଉ ତୌର୍ଯ୍ୟତ୍ରିକ ଯାହା ହାତୀଗୁମ୍ଫା ଶିଳାଲେଖରେ ଖୋଦିତ ।

ତଳ ମହଲାର ବାମ ପାର୍ଶ୍ୱରେ ବଡ ଗୁମ୍ଫାଟି ରହିଛି, ମାତ୍ର ଏହାର କାରୁକାର୍ଯ୍ୟ ବହୁ ପରିମାଣରେ ଜରାଜୀର୍ଣ୍ଣ । ତଥାପି ଗୁମ୍ଫା କାନ୍ଥରେ ସିଂହ, ବୃଷଭ, ବୃକ୍ଷ, ଫଳ ଆଦିର ଚିହ୍ନ ଜଣାପଡୁଛି ମୁଖ୍ୟ ଅଂଶ ସହିତ ଦକ୍ଷିଣ ଆଉ ଉତ୍ତର ପାର୍ଶ୍ୱର ମିଳନସ୍ଥଳରେ ଦୁଇଟି ଦ୍ୱାରପାଳ କମରା ପରି ସୁନ୍ଦର କାରୁକାର୍ଯ୍ୟଭରା କକ୍ଷ । ଏହି କ୍ଷୟ ପାଉଥିବା କାନ୍ଥ ଚାରୁକଳାରେ ଗଛ, ଦିମହଲା ଘର, ହାତୀ ଉପରେ ୩ଜଣ ବସିବାର ଦୃଶ୍ୟ । ଗୋଟିଏ ଚିତ୍ରରେ ଜଣେ ରାଜା ନିଜର ସୁସଜ୍ଜିତ ଘୋଡାରୁ ଓହ୍ଲାଇ ଅନ୍ୟ ପକ୍ଷର ରାଜା ଓ ଅଙ୍ଗରକ୍ଷୀଙ୍କୁ ଆଣ୍ଠୁମାଡି ପ୍ରଣିପାତ କରୁଛନ୍ତି । ପାଖର ଆଉ ଗୋଟିଏ ଚିତ୍ରରେ ବିଜୟୀ ବୀର ରାଜାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି । ଏହା ଖାରବେଳଙ୍କର ମଗଧ ବିଜୟ ଓ କଳିଙ୍ଗ ପ୍ରତ୍ୟାବର୍ତ୍ତନରେ ଆନନ୍ଦ ଉଲ୍ଲାସ ସହିତ ସ୍ୱାଗତ କରାଯିବାର ଦୃଶ୍ୟ ଯାହାକୁ କି ହାତୀଗୁମ୍ଫା ବର୍ଣ୍ଣନା ସହିତ ମିଳି ଯାଉଛି ।

ଉପର ମହଲାରେ ଚାରିଗୋଟି ଗୁମ୍ଫା ଠିକ୍ ତଳ ଗୁମ୍ଫାର ଉପରେ ନରହି କିଛିଟା ପଛକୁ ରହିଥିବାରୁ ସାମନାରେ ସ୍ଥାନରେ ବାଲକୋନୀ ରହିଛି । ଚାରିଗୋଟି ଗୁମ୍ଫା ସହ ବାମ ଓ ଦକ୍ଷିଣ ପାଶ୍ୱରେ ବି ବାରଣ୍ଡା ଗୁମ୍ଫା ସାମନାରେ ଲମ୍ବିଛି । ସାମନାରେ ୯ଟି ସ୍ତମ୍ଭ ରହିଛି । ସେଗୁଡିକରେ କ୍ଷୟପ୍ରାପ୍ତ କେତେ



ଜଗୁଆଳ, ରାଜକର୍ମଚାରୀ ଓ କାରୁକାର୍ଯ୍ୟ ରହିଥିଲା, ଯାହାକି ଦୁଇହଜାର ବର୍ଷ ପରବେଳକୁ ଏମିତି ଅବସ୍ଥାକୁ ଆସିଛି।

ସମୁଦାୟ ୪ଟି ଗୁମ୍ଫା କାନ୍ଥରେ ସୁନ୍ଦର ଖୋଦିତ ଚିତ୍ର ଗୋଟିଏ ଉପାଖ୍ୟାନ ଅବତାରଣା କରୁଛି। ଆରମ୍ଭରେ ଶୁଭ କାର୍ଯ୍ୟ ସୂଚକ ଉଡନ୍ତା ଧୋତିପିନ୍ଧା ବିଦ୍ୟାଧର, ହାତରେ ଫୁଲହାର ଓ ପଦ୍ମକଢି। ତା ପରେ ପଦ୍ମ ପୋଖରୀରେ ଦନ୍ତାହାତୀର ରମଣ, ଜଣେ ପୁରୁଷ ଓ ଦଶଜଣ କଳିଙ୍ଗକନ୍ୟାଙ୍କୁ ଆକ୍ରମଣ, ଜଣେ ସାହସୀ କନ୍ୟା ହାତୀକୁ ବଟଫଳରେ ଛେଚିବାର ଦୃଶ୍ୟ, ଜଣେ ଆହତ ପୁରୁଷକୁ ସେଇ ସାହସୀକନ୍ୟାର ସେବା ଶୁଶ୍ରୂଷା, ଅନ୍ୟ ଜଣେ ଯୋଦ୍ଧାର ସେଇ ସାହସୀ କନ୍ୟାକୁ ଅପହରଣ, ସେହି ସମୟରେ ରାଜାଙ୍କର ଶିକାର ଯାତ୍ରା ଓ ସାହସୀକନ୍ୟାକୁ ଛାଡିଦେଇ ଅପହରଣକାରୀର ପଳାୟନ, ରାଜାଙ୍କର ସାହାସୀ କନ୍ୟାକୁ ଉଦ୍ଧାର ଓ ନିଜ ରାଜପ୍ରାସାଦରେ ନୃତ୍ୟ ନାଟିକା ସହ ଆପ୍ୟାୟିତ କରିବାର ଦୃଶ୍ୟ। ତା ପରର କେତେ ଖୋଦିତ ଚିତ୍ର ନଷ୍ଟ ହୋଇଯାଇଥିଲେ ବି, କେବଳ ବିଦ୍ୟାଧର, ଫୁଲମାଳ ଆଉ ଶୁଭ ସୂଚନା ଗୋଟିଏ ତଥ୍ୟ ପ୍ରତିପାଦନ କରେ, ଏହା ଖାରବେଳଙ୍କର ଦ୍ୱିତୀୟ ସିଂହପଥ ରାଣୀଙ୍କ ସହିତ ସମ୍ପୃକ୍ତି ତଥ୍ୟ। ଠିକ୍ ଏହି ଚିତ୍ରର ଅନେକାଂଶ ଗଣେଶଗୁମ୍ଫାରେ ଖୋଦିତ। ତାହା ଗୁରୁତ୍ୱଦିଏ ଏହି ଦୃଶ୍ୟ ଗୁଡିକର।

ଏତେ ଦୃଶ୍ୟପଟ ଧାରଣ କରିଥିବା ଗୁମ୍ଫାଟି କଅଣ ପାଇଁ ଓ କେବେ ଖାରବେଳ ନିର୍ମାଣ କରିଥିଲେ, ହୃଦ୍‌ବୋଧ କରିବା ଆବଶ୍ୟକ। କିଏ କହେ ଖାରବେଳ ନିଜର ଶାସନ କିଛି ଦିନ ପାଇଁ ଏହି ଉଚ୍ଚ ସ୍ଥାନକୁ ଉଠାଇ ଆଣୁଥିଲେ, କାରଣ କଳିଙ୍ଗନଗରୀ (ଶିଶୁପାଳ ଗଡ) ବର୍ଷାଦିନର ବନ୍ୟା ବିଭୀଷିକାରୁ ମୁକ୍ତ ନୁହେଁ। ପୁଣି ମୌର୍ଯ୍ୟ ଶାସନର ଚାଣକ୍ୟ କୂଟନୀତି ପର୍ଯ୍ୟବେଶିତ ଗୁପ୍ତଚର ଖଚିତ ଶାସନରୁ ମୁକୁଳିବାକୁ କୁମାରଗିରି ଏକ ଲୁକକାୟିତ ଧର୍ମସ୍ଥାନ ହୋଇପାରେ।

ଖାରବେଳଙ୍କ ନିଜ ହାତୀଗୁମ୍ଫା ଶିଳାଲେଖ କହେ -

**(ଧାଡି -୧୫ ଓ ୧୬)** - ସିଂହପଥ ରାଣୀଙ୍କ ଇଚ୍ଛାନୁଯାୟୀ ଅର୍ହତମାନଙ୍କ ଆଶ୍ରୟ ଗୁମ୍ଫାର ପୂର୍ବଦିଗରେ ଦୂରଦୂରାନ୍ତର ଉତ୍ତମ ଗଭୀର ଖଣିମାନଙ୍କରୁ କଟାଯାଇଥିବା ୩୫ ଲକ୍ଷ ପଥର ପଟାରେ ଗୋଲାପୀ ଚଟାଣ ଓ ମରକତମଣି ଖଚିତ ଖମ୍ବ ନିର୍ମାଣ କରନ୍ତି, ଯାହା ପାଇଁ ଏକ ଲକ୍ଷ ପାଞ୍ଚ ସହସ୍ର ମୁଦ୍ରା ବ୍ୟୟ ହୁଏ। ଏହା ଦେଶର ଚତୁର୍ଦ୍ଦିଗରୁ ଦୂରବର୍ତ୍ତୀ ସ୍ଥାନରୁ ଆସିଥିବା ଶ୍ରଦ୍ଧଣ, ଯତି, ତପସ୍ୱୀ, ଋଷି ଓ ସଂଘବାସୀମାନଙ୍କର ସୁବିଧା ପାଇଁ ଉଦ୍ଦିଷ୍ଟ।

ଚଉଷଠି କଳାର ଅନ୍ତର୍ଭୁକ୍ତ ତୌର୍ଯ୍ୟାତିକ ପଦ୍ଧତି ଯାହାକି ମୌର୍ଯ୍ୟ ଅମଳରୁ ସ୍ଥଗିତ ରହିଥିଲା, ତାହାର ପୁନରୁଦ୍ଧାର କରନ୍ତି।"

ଏହି ପଂକ୍ତିଟିକୁ ଅନୁଧ୍ୟାନ କଲେ, ଜଣାପଡେ -

(କ). "ସିଂହପଥ ରାଣୀଙ୍କ ଇଚ୍ଛାନୁଯାୟୀ ଅର୍ହତମାନଙ୍କ ଆଶ୍ରୟ ଗୁମ୍ଫାର ପୂର୍ବଦିଗରେ ...."

ଆଜି ଆମେ ଯେଉଁ ଆକର୍ଷଣୀୟ ଗୁମ୍ଫା ବିଷୟ ଆଲୋଚନା କରୁଛେ, ସେଇଟି ଅର୍ହତମାନଙ୍କ ଆଶ୍ରୟ ନିମିତ୍ତ କୁମାରୀଗିରିର ପ୍ରାଥମିକ ଗୁମ୍ଫା (ଜୟ-ବିଜୟ, ଅଳକାପୁରୀ, ଆଦି କୁମାରୀଗିରିର ନୀଚତମ ଧାର) ଗୁଡିକର ପୂର୍ବଦିଗରେ ଅବସ୍ଥିତ। ସେଇ ଦର୍ଶିତ ଭୌଗୋଳିକ ପରିବେଶ ହେଉଛି ହିଁ ଗୁମ୍ଫା ନଂ-୧ (ରାଣୀଗୁମ୍ଫା ବା ସ୍ଥାନୀୟ ଲୋକମାନଙ୍କ ଭାଷାରେ ରାଣୀହଂସପୁର ଗୁମ୍ଫା)। ଏହାକୁ ରାଣୀ ଶବ୍ଦ ସହିତ ସଂପୃକ୍ତ କରିବାର କାରଣ ବି ରହିଛି। ସିଂହପଥ ରାଣୀଙ୍କ ଅଭିଳାଷକୁ ପୂରଣ କରିବାକୁ କଳିଙ୍ଗାଧିପତି ଖାରବେଳ କଳିଙ୍ଗର ସାମରିକ ଦିଗ୍‌ବିଜୟ କାର୍ଯ୍ୟକ୍ରମ ଶେଷ ହେବା ପରେ ଏହାର ନିର୍ମାଣ ଅନୁମୋଦନ କରିଛନ୍ତି। ଅନୁମାନ କରାଯାଇପାରେ, ନିର୍ମାଣାଧୀନ ଏହି ପଥରଖଣ୍ଡରେ କିଛି ଗୁମ୍ଫା ନଥିଲା। କିନ୍ତୁ ଏହି ବିରାଟ ପଥରଖଣ୍ଡରେ ଗୋଟିଏ କ୍ଷୁଦ୍ର ଝରଣା ରହିଥିଲା, ଯାହା ପାଇଁ ଉପର ମହଲାରେ ପାଣିଧାର ପାଇଁ ଗୁମ୍ଫା ଚଟାଣରେ କ୍ଷୁଦ୍ର ନାଳ ବି ଖୋଳା ଯାଇଛି। ଏହି ଯୁଗଳ ପର୍ବତରେ ସୂର୍ଯ୍ୟୋଦୟ ପ୍ରଥମେ ଦର୍ଶନ କରେ ଏହି ଗୁମ୍ଫା। ସେଥିପାଇଁ ଏହି କୁମାରୀଗିରି ପର୍ବତକୁ ପରେ ଉଦୟଗିରି ଭାବରେ ନାମିତ ହୋଇଛି।

(ଖ) .. "୩୫ ଲକ୍ଷ ପଥର ପଟାରେ ଗୋଲାପୀ ଚଟାଣ ଓ ମରକତମଣି ଖଚିତ ଖମ୍ବ ନିର୍ମାଣ କରନ୍ତି",

ଏହି ଗୁମ୍ଫାର ଚଟାଣ ମୂଲ୍ୟବାନ ଗୋଲାପୀ ରଙ୍ଗର ଦାମୀ ପଥର ଖଚିତ ହୋଇଥିଲା। ଏଥିରେ ୩୫ ଲକ୍ଷ ପଥର ଖଚିତ ହୋଇଥିବା ଦର୍ଶାଯାଇଛି। ଏବେ ଏହି ରାଣୀଗୁମ୍ଫା ପରି କୁମାରୀଗିରିରେ ଆଉ କୌଣସି ବିରାଟ ଆୟତନର ଗୁମ୍ଫା ନାହିଁ।

ଏହି ଗୁମ୍ଫାର ତଳ ଓ ଉପର ମହଲାରେ ବହୁ ସ୍ତମ୍ଭ ରହିଛି। ବିଶେଷକରି ଉପର ମହଲାର ସ୍ତମ୍ଭ ଗୁଡିକରେ ଜଗୁଆଳ ପରି କେତେ ଜରାଜୀର୍ଣ୍ଣ ମୂର୍ତ୍ତି ଗଢାହୋଇଥିବାର ଜଣାଯାଏ। ହାତୀଗୁମ୍ଫା ଶିଳାଲେଖ ବର୍ଣ୍ଣିତ ମରକତମଣି ପରି ମୂଲ୍ୟବାନ ପଥର ଏହିଠାରେ ହିଁ ଖଚିତ ହୋଇଥିବା ସମ୍ଭବ।

(ଗ). "ଯାହା ପାଇଁ ଏକ ଲକ୍ଷ ପାଞ୍ଚ ସହସ୍ର ମୁଦ୍ରା ବ୍ୟୟ ହୁଏ।"

ଏହି ଗୁମ୍ଫାଟି ନିର୍ମାଣ ପାଇଁ କଳିଙ୍ଗ ରାଜକୋଷରୁ ଏକଲକ୍ଷ ପାଞ୍ଚ ହଜାର ମୁଦ୍ରାବ୍ୟୟ ହୋଇଥିଲା। ଏହି ମୁଦ୍ରା ସେ ସମୟର ପ୍ରଚଳିତ ରୌପ୍ୟମୁଦ୍ରା, ଯାହାକି ସମ୍ଭବତଃ ମୌର୍ଯ୍ୟ ସମୟରୁ ପ୍ରଚଳିତ ଛିଦ୍ରିତ ରୋପ୍ୟମୁଦ୍ରା। କଳିଙ୍ଗ ଏହି ଗୁମ୍ଫା ନିର୍ମାଣ ବେଳକୁ ସବୁଠାରୁ ସମୃଦ୍ଧ ରାଜ୍ୟଥିଲା। ସାତବର୍ଷ ତଳୁ ଭୋଜିକ ଓ ରଥିକ ରାଜ୍ୟର ଆତ୍ମ ସମର୍ପଣ; ପାଞ୍ଚବର୍ଷ ତଳର ମଥୁରା ବିଜୟ, ଚାରିବର୍ଷ ତଳର ଭାରତବର୍ଷ ଅଭିଜାନ, ଦାକ୍ଷିଣାତ୍ୟ ବିଜୟ, ଏକବର୍ଷ ତଳର ଉତ୍ତରପଥ ଅଭିଜାନ, ଅଗ୍ରଜିନାଙ୍କ ମୁକୁଟ ସହିତ ମଗଧ ଓ ଅଂଗ ରାଜକୋଷର ସମସ୍ତ ଅର୍ଥ କଳିଙ୍ଗ ରାଜକୋଷ ଭରି ଯାଇଥିଲା। ପ୍ରଚଳିତ ରୋପ୍ୟମୁଦ୍ରାରେ କଳିଙ୍ଗ ରାଜକୋଷ ପୂର୍ଣ୍ଣ ହୋଇଯାଇଥିବା କଳନା କରାଯାଇପାରେ।

ଅନୁମାନ କରାଯାଇ ପାରିବ, ଏହି ଅନୁମୋଦିତ ଅର୍ଥ ଗୁମ୍ଫା ଖନନ ଓ କାରୁକାର୍ଯ୍ୟ ଖୋଦନରେ ଖର୍ଚ୍ଚ ହୋଇଥିଲା। କାରଣ ବହୁ ମୂଲ୍ୟବାନ ପଥର କଳିଙ୍ଗ ଦାକ୍ଷିଣାତ୍ୟ ବିଜୟ ପରେ ପାଣ୍ଡ୍ୟରାଜଙ୍କ ସୌଜନ୍ୟରୁ ପାଇଥିଲା ତଥା ଦେଶର କଳିଙ୍ଗ ଠାରୁ ଦୂର ହେଲେ ବି ମୂଲ୍ୟବାନ ପଥରଖଣି କଳିଙ୍ଗ କର୍ତ୍ତୃତ୍ୱାଧୀନ ଥିଲା।

ବିଶେଷ ଭାବରେ ଚିନ୍ତାକଲେ, ସିଂହପଥ ରାଣୀଙ୍କ ଇଚ୍ଛା ଓ କଳ୍ପନାର ପରିପ୍ରକାଶ ଭାବରେ ଏହି ଲେନ ବା ଗୁମ୍ଫାରେ ରାଜ ପରିବାରର ଅନେକ ଦୃଶ୍ୟ ହିଁ ନିପୁଣ ଭାବରେ ରୂପ ନେଇଥିଲେ। କେଉଁଠି କଳିଙ୍ଗାଧିପତି ଦୁଇ ରାଣୀଙ୍କ ମଧ୍ୟରେ ଉପବିଷ୍ଟ ତ କେଉଁଠି ପୂଜା ପାଇଁ ହାତ ଯୋଡି ଦେବାୟତନରେ

ଦଣ୍ଡାୟମାନ। ଏମିତି ରାଜ ପରିବାରର ବହୁ ଚିତ୍ର ରହିଛି, ଅନେକ କ୍ଷୟ ହୋଇଯାଇଛି। ମଗଧ ବିଜୟ ଓ କଳିଙ୍ଗବାସୀଙ୍କ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ବି ରହିଛି।

କିନ୍ତୁ ସିଂହପଥ ରାଣୀ ଓ ଖାରବେଳଙ୍କ ବିବାହର ସୂତ୍ର ନିଶ୍ଚିତ ଦୁଇମହଲାର ଗୁମ୍ଫା କାନ୍ଥରେ ଅପହରଣ ଓ ଉଦ୍ଧାର ଚିତ୍ର-ନାଟିକାରେ ବର୍ଣ୍ଣିତ। କହିବା ବାହୁଲ୍ୟ ଏହି କି, ଏହି ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟ ଦୋଅଡାହୋଇଛି ପୁଣି ରାଣୀଗୁମ୍ଫା ଅନତି ଦୂରର ଗଣେଶ ଗୁମ୍ଫା କାନ୍ଥରେ। ଏହା ନିଶ୍ଚୟ ରାଣୀଙ୍କ ଜୀବନ ସହ ସମ୍ପୃକ୍ତ, ଏଥିରେ ସନ୍ଦେହ ନାହିଁ।

(ଘ) ..."ଏହା ଦେଶର ଚତୁର୍ଦ୍ଦିଗରୁ ଦୂରବର୍ତ୍ତୀ ସ୍ଥାନରୁ ଆସିଥିବା ଶ୍ରମଣ, ଯତି, ତପସ୍ୱୀ, ଋଷି ଓ ସଂଘବାସୀ ମାନଙ୍କର ସୁବିଧା ପାଇଁ ଉଦ୍ଦିଷ୍ଟ।".

ଏଥିରୁ ଅନେକ କଥା ପ୍ରତିପାଦିତ ହୁଏ। ସିଂହପଥ ରାଣୀ ଜଣେ ସୁଶିକ୍ଷିତା ସର୍ବଧର୍ମ ଆଚରଣପ୍ରିୟା ସ୍ୱାଭିମାନୀ ମହିଳା। କଳିଙ୍ଗର ଧର୍ମ ଆଚରଣ ଓ ମାନବିକତାର ପରାକାଷ୍ଠା ଦର୍ଶାଇବାକୁ ତଥା ଦିଗବିଜୟୀ ସ୍ୱାମୀଙ୍କର ବ୍ୟକ୍ତିତ୍ୱ ପ୍ରସାର ନିମନ୍ତେ ଏମିତି ଅଭିଳାଷ କରିବା ସମ୍ଭବ ମନେହୁଏ। ଭାରତବର୍ଷ ଅଧିକାର କରିବା ପରେ ନିଜର କୀର୍ତ୍ତିର ନିଦର୍ଶନ ଗଢିବାକୁ ଅଭିଳାଷ କରିଥିଲେ।

ଦ୍ୱିତୀୟତଃ ସ୍ୱୟଂ କଳିଙ୍ଗାଧିପତି ଖାରବେଳ ବି ନୈଷ୍ଠିକ ଜୈନ ପରିବାରରେ ଜନ୍ମ ଗ୍ରହଣ କଲେ ବି ସେ ସବୁ ଧର୍ମର ପୂଜକ ଥିଲେ। ପ୍ରଜାନୁରାଗୀ ରାଜା କେମିତି ବା ଗୋଟିଏ ଧର୍ମରେ ସୀମିତ ହୋଇ ନିଜ ଧର୍ମ ପ୍ରଜାମାନଙ୍କ ଆଧ୍ୟାତ୍ମିକତାକୁ ବଳ ପ୍ରୟୋଗ କରି ଧର୍ମାନ୍ତର କରିବେ ?

ତୃତୀୟତଃ ଏହି ଗୁମ୍ଫା କୁମାରୀଗିରିର ସର୍ବଭାରତୀୟ କ୍ଷେତ୍ରରେ ଧର୍ମ ସହତ ଶିକ୍ଷା ଓ ସଂସ୍କୃତିର ବିଶାଳ ଶିକ୍ଷାୟତନ ବୋଲି ପରିଚୟ ଦେଉଛି।

ଏହି ରାଣୀହଂସପୁର ଗୁମ୍ଫାଟିର ପରିଚୟ ଦେବା ବେଳକୁ ଦୁଇଟି ଅନ୍ତର୍ନିହିତ ତଥ୍ୟର ଅବତାରଣା କରିବା ଆବଶ୍ୟକ। ଏହାର ଅଗଣା ଏମିତି ମାପଚୁପରେ ହୋଇଛି, ପର କାଳରେ ନାଟ୍ୟଶାସ୍ତ୍ରରେ ପ୍ରମୁଖ ସ୍ଥାନ ପାଇଛି। ଏହାର ରଚୟକ ଭରତମୁନି ନିଶ୍ଚିତ ରାଣୀଗୁମ୍ଫା ପରିଦର୍ଶନ କରି କଳିଙ୍ଗ ନୃତ୍ୟ ଓ ରଙ୍ଗମଞ୍ଚର ନମୁନା ସଂଗ୍ରହ କରିଥିବେ ଅଥବା କଳିଙ୍ଗର ଅତିଥି ହୋଇ ନୃତ୍ୟ ନାଟିକା ଦେଖିଯାଇଥିବା ଅନେକ ଗବେଷକ ମନେକରନ୍ତି। ଖାରବେଳଙ୍କ ପରି ନୃତ୍ୟଗୀତରେ ପ୍ରଶିକ୍ଷିତ ଓ ଅନୁପ୍ରାଣିତ ବ୍ୟକ୍ତିତ୍ୱ ନିଶ୍ଚିତ ରାଣୀଗୁମ୍ଫା ପ୍ରାଙ୍ଗଣକୁ ରଙ୍ଗମଞ୍ଚ ଭାବରେ ବ୍ୟବହାର ଉପଯୋଗୀ କରିଥିବା ବିସ୍ମୟକର ନୁହେଁ। କେବଳ ସେତିକି ନୁହେଁ, ଏହି ପର୍ବତଟି ଯେମିତି କୁମାରୀଗିରି, ଏଠାରେ ରାଣୀ, ମହିଳା, ନୃତ୍ୟଗୀତର ଚିତ୍ରପଟ, ମହିଳାଙ୍କ ନାମରେ ନାମିତ ଲଳିତା କୁଣ୍ଡ, ମହିଳା ଦ୍ୱାରପାଳ (ଦ୍ୱାରପାଳିକା), ଦୀପଧାରୀ ମହିଳା (ଦିଶିଧାରିକା) ଛବିରେ ପରିପୂର୍ଣ୍ଣ, ଏହା ଏକ ସାଂସ୍କୃତିକ ବିପ୍ଳବର ଚିତ୍ର ବହନକରେ।

ଦ୍ୱିତୀୟ ବିଷୟଟି ଲେଖକମାନଙ୍କର ବ୍ୟକ୍ତିଗତ ଅନୁଭବ। ଏହି ରାଣୀହଂସପୁର ଉପରମହଲା ଚାରି ଗୁମ୍ଫାର ଛାତରେ ମଣିଷ ଗଳିପାରିବା ଭଳି ଗାତ ରହିଛି, ଏହା ଉପରକୁ ଗଲେ ବିରାଟ ସଂଘା ଯେଉଁଠି ଦଶ ବାର ଜଣ ଲୋକ ଆତ୍ମଗୋପନ କରିପାରିବେ ବା ରାଜକୋଷର ବହୁ ଧନରତ୍ନ ଏଠାରେ ସୁରକ୍ଷିତ ରଖାଯାଇ ପାରିବ। ଏହା ସମ୍ଭବତଃ କୌଣସି ବର୍ଣ୍ଣନାରେ ଉଲ୍ଲେଖହେବାର ଦେଖାଯାଏନି। ଏ ବିଷୟରେ ପ୍ରତ୍ନତତ୍ତ୍ୱ ବିଭାଗର ଗବେଷଣା କରିବାର ପ୍ରୟୋଜନ ରହିଛି।

ତୃତୀୟତଃ ଏମିତି ମୂଲ୍ୟବାନ ଗୁମ୍ଫା ବା ରାଜ ଆଶ୍ରୟସ୍ଥଳ ସେ ସମୟର କୁମାରୀଗିରି ପରି ଅଗ୍ନାଗ୍ନି ବନସ୍ତ ମଧ୍ୟରେ ଆଜିପରି କଅଣ ବିନା କବାଟ ଓ ସ୍ୱତନ୍ତ୍ର ପ୍ରାଚୀର ଓ ଜଗୁଆଳ ବିନା ରହିଥିବ ? ଏହାର ନିଶ୍ଚିତ ମୁଖ୍ୟ କାଠ ତିଆରି ପାଚେରି ଓ ବନ୍ୟଜୀବଙ୍କ ଦୌରାତ୍ମ୍ୟର ସୁରକ୍ଷା ବଳୟ ମଧ୍ୟରେ ରହିଥିବ।

ସଂକ୍ଷେପରେ କହିବାକୁ ଗଲେ, ଆଜିର ରାଣୀ ହଂସପୁର ଗୁମ୍ଫା ଦିନେ ଦେଶର ପ୍ରମୁଖ କଳା ଓ ସଂସ୍କୃତିର କେନ୍ଦ୍ରବିନ୍ଦୁ ହୋଇଥିଲା। ଖାରବେଳ ଯଦି ନିଜ ବିରାଟ ସାମ୍ରାଜ୍ୟର ଏହି କୀର୍ତ୍ତି ଭାରତର କେନ୍ଦ୍ରୀୟ କୌଣସି ପର୍ବତରେ କରିଥାଆନ୍ତେ, ତେବେ ସେ ଇତିହାସରେ ବହୁ ପୃଷ୍ଠା ମଣ୍ଡନ କରିଥାଆନ୍ତେ। ଏହା ରାଜପ୍ରାସାଦ, ଧର୍ମାନୁଷ୍ଠାନ, ଶିକ୍ଷାୟତନ ତଥା କୀର୍ତ୍ତିମୟୀ ଅନୁଷ୍ଠାନର ମହତ୍ତ୍ୱରେ କଳିଙ୍ଗର ବାନା ସଦୃଶ ଥିଲା।

**ଏହି ପ୍ରବନ୍ଧର ଅବଲମ୍ବନ -**

**୧. ହାତୀଗୁମ୍ଫା ଶିଳାଲେଖ -**

**ଧାଡି (୧୪)** X X X ଦୁଇ ସହସ୍ର ମୁଦ୍ରା ବ୍ୟୟରେ ଦୁଇଟି ସ୍ତମ୍ଭ ଓ ଶକ୍ତ ସୁନ୍ଦର ତୋରଣ ନିର୍ମାଣ କରନ୍ତି। X X X ଜନିଜର ମୂଲ୍ୟବାନ ହସ୍ତୀ ଓ ନୌବହର ହରାଇ ଅନେକ ଅଶ୍ୱ, ଗଜ ଓ ରତ୍ନ ଲାଭକରନ୍ତି। ମଣିମୁକ୍ତା ଓ ଲକ୍ଷ ଲକ୍ଷ ମୂଲ୍ୟବାନ ପଥର ସହିତ ପାଣ୍ଡ୍ୟ ନୃପତିଙ୍କୁ କଳିଙ୍ଗନଗରୀକୁ ଆସିବାକୁ ଅନୁମତି ପ୍ରଦାନ କରନ୍ତି। **(ଧାଡି - ୧୫/୧୬ )-** ***ସିଂହପଥ ରାଣୀଙ୍କ ଇଚ୍ଛାନୁଯାୟୀ ଅର୍ହତମାନଙ୍କ ଆଶ୍ରୟ ଗୁମ୍ଫାର ପୂର୍ବଦିଗରେ ଦୂରଦୂରାନ୍ତର ଉତ୍ତମ ଗଭୀର ଖଣି ମାନଙ୍କରୁ କଟାଯାଇଥିବା ୩୫ ଲକ୍ଷ ପଥର ପଟାରେ ଗୋଲାପୀ ଚଟାଣ ଓ ମରକତମଣି ଖଚିତ ଖମ୍ବ ନିର୍ମାଣ କରନ୍ତି, ଯାହା ପାଇଁ ଏକ ଲକ୍ଷ ପାଞ୍ଚ ସହସ୍ର ମୁଦ୍ରା ବ୍ୟୟ ହୁଏ। ଏହା ଦେଶର ଚତୁର୍ଦ୍ଦିଗରୁ ଦୂରବର୍ତ୍ତୀ ସ୍ଥାନରୁ ଆସିଥିବା ଶ୍ରମଣ, ଯତି, ତପସ୍ୱୀ, ଋଷି ଓ ସଂଘବାସୀ ମାନଙ୍କର ସୁବିଧା ପାଇଁ ଉଦ୍ଦିଷ୍ଟ।*** ଚଉଷଠି କଳାର ଅନ୍ତର୍ଭୁକ୍ତ ତୌର୍ଯ୍ୟାତିକ ପଦ୍ଧତି ଯାହାକି ମୌର୍ଯ୍ୟ ଅମଳରୁ ସ୍ଥଗିତ ରହିଥିଲା, ତାହାର ପୁନରୁଦ୍ଧାର କରନ୍ତି।

**୨. ଆର୍. ପି. ମହାପାତ୍ର, ଜୈନ ମନୁମେଣ୍ଟ୍ସ ଅଫ ଓଡିଶା, ଡି.କେ.ପବ୍ଲିକେଶନ୍ସ, ଦିଲ୍ଲୀ, ୧୯୮୪, ପୃଷ୍ଠ୩-୫୭.**

**୩. ଏନ୍. କେ. ସାହୁ, ଖାରବେଳ, ଏ ଗୋଲ୍ଡେନ ଜୁବୁଲି ପବ୍ଲିକେଶନ୍ ଅଫ ଓଡିଶା ଷ୍ଟେଟ୍ ମ୍ୟୁଜିୟମ, ଭୁବନେଶ୍ୱର, ୧୯୮୪.**

ସମାରୋହ, ୧୨୮, ଡୁମୁଡୁମା (କ),
ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ - ୯୪୩୮୦୦୭୫୦୯

# ବଡ଼ଗଡ଼-ଇତିହାସ-ଐତିହ୍ୟର ସିଂହାବଲୋକନ

*ଦିଲ୍ଲୀପ ହାଲି*

ବଡ଼ଗଡ଼ ଗ୍ରାମଟି ବର୍ତ୍ତମାନ ପୂର୍ବ ଓ ପଶ୍ଚିମ ଦୁଇ ଭାଗରେ ବିଭକ୍ତ ହୋଇ ଓଡ଼ିଶା ରାଜଧାନୀର ଏକ ଅଂଶ ଭାବରେ ରହିଛି । ଏହି ସ୍ଥାନଟିର ନାମ ପଚିଶ ଶହ ବର୍ଷ ପୂର୍ବେ କ'ଣ ଥିଲା ତାହା କହିହେଉ ନଥିଲେ ମଧ ଏହାର ସ୍ଥାନ ମହତ୍ୱପୂର୍ଣ୍ଣ ହୋଇ ଆସିଛି । ଭୁବନେଶ୍ୱର ଉତ୍ତର ଦିଗକୁ ଏହି ସ୍ଥାନ ଖଣ୍ଡଗିରି ଓ ଧଉଳିଗିରି ମଧ୍ୟବର୍ତ୍ତୀ ପୁରାଣ ଯୁଗର ପଞ୍ଚକୋଶୀର ଅଂଶ ବିଶେଷ । ଏହି ସ୍ଥାନରେ ପ୍ରାଚୀନ ଯୁଗର ଇତିହାସର ଅଲିଭା ସ୍ମୃତି ହୋଇ ରହିଛି ।

ସୋମବଂଶୀ ବା କେଶରୀ ବଂଶର ରାଜା ଯଯାତୀ କେଶରୀ ଓଡ଼ିଶା ଅଧିକାର କରିବା ପରେ ଲକ୍ଷ୍ମଣେଶ୍ୱର ଗ୍ରୁପ୍ ଦେଉଳର ପଶ୍ଚିମକୁ ଅଧ କିଲୋମିଟର ଦୂରରେ ଏକ ପ୍ରାସାଦ ଦୁର୍ଗ ନିର୍ମାଣ କରିଥିଲେ । ତାହା ସିଂହଗଡ଼ ବା ବୃହଦ୍ଦୁର୍ଗ । ଏହି ନାମର ଅପଭ୍ରଂଶ ବଡ଼ଗଡ଼ । ଏହି ନଗର ସ୍ଥାନାନ୍ତରିତ ହୋଲା ଲିଙ୍ଗରାଜ ମନ୍ଦିର ନିର୍ମାଣ ବେଳେ ତା'ର ଦକ୍ଷିଣକୁ । କଳିଙ୍ଗ ରାଜ୍ୟର ରାଜଧାନୀ । ପୂର୍ବ ଗଡ଼ଟି ସମତଳ କରାଯାଇ ବର୍ତ୍ତମାନ ସେଠାରେ ୧୯୬୪ ମସିହାରୁ ରାଜ୍ୟ ସଂଗ୍ରାହାଳୟ ନିର୍ମିତ ହୋଇଅଛି । ଲକ୍ଷ୍ମଣେଶ୍ୱର, ଭରତେଶ୍ୱର, ଶତ୍ରୁଘ୍ନେଶ୍ୱର ଦେଉଳଗୁଡ଼ିକ ଶୈଳୋଦ୍ଭବ ବଂଶୀୟ ରାଜାଙ୍କ ଦ୍ୱାରା ଓଡ଼ିଶାରେ ପ୍ରାଚୀନତମ ମନ୍ଦିର । ଧଉଳି ପାହାଡର ଚତୁଃପାର୍ଶ୍ୱରେ ମହାଯାନ ବୌଦ୍ଧ ଓ ଖଣ୍ଡଗିରି, ଉଦୟଗିରିରେ ଜୈନ ପ୍ରଭାବକୁ ପ୍ରତିହିତ କରିବାପାଇଁ ଏହି ସ୍ଥାନଟି ଶୈବ ପୃଷ୍ଠପୋଷକ ରାଜଶକ୍ତି ବାଛି ନେଇଥିଲେ ସପ୍ତମ ଶତାବ୍ଦୀରେ । ଇତି ପୂର୍ବରୁ ଗୌଡ଼ ଦେଶର ରାଜା ଶଶାଙ୍କ ଏହି ରାଜ୍ୟ ଅଧିକାର କରି ବୌଦ୍ଧ ସ୍ତୂପମାନ ନଷ୍ଟ କରି ଦେଇ ତ୍ରିଭୁବନେଶ୍ୱର ମନ୍ଦିର ନିର୍ମାଣ କରାଇଥିଲେ । ନବମ ଶତାବ୍ଦୀରେ ଦେହି ସ୍ଥାନରେ ବର୍ତ୍ତମାନର ବିଖ୍ୟାତ ଲିଙ୍ଗରାଜ ମନ୍ଦିର ।

୧୮୩୭ ମସିହାରେ ପ୍ରଖ୍ୟାତ ଐତିହାସିକ ପ୍ରତ୍ନତତ୍ତ୍ୱବିତ୍ ଆଲେକଜାଣ୍ଡାର କନିଙ୍ଗହାମ୍‌ଙ୍କ ନିର୍ଦ୍ଦେଶରେ ଲେଫ୍ଟନାଣ୍ଟ କିଟୋ ଧଉଳୀ ପାହାଡ଼ର ଶୈଳଲେଖକୁ ବହୁ କଷ୍ଟରେ କପି କରି ପଠାଇଲେ । ଭଗବାନ ଲାଲ ଇନ୍ଦ୍ରାଜୀ ଏହି ଲେଖାର ପାଠୋଦ୍ଧାର କରିବାକୁ ସମର୍ଥ ହେଲେ । ଏହି ପ୍ରସ୍ତର ଖୋଦିତ ଅନୁଶାସନ ମଗଧ ସମ୍ରାଟ ଅଶୋକଙ୍କ ଦ୍ୱାରା କଳିଙ୍ଗବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ । ଏହା ତିନି କିଲୋମିଟର ଉତ୍ତର ଦିଗରେ ଥିବା ତୋଷାଳି ଦୁର୍ଗରେ ଶାସନ କାର୍ଯ୍ୟରେ ନିଯୁକ୍ତ ରାଜ କୁମାର, ମହାମାତ୍ୟମାନଙ୍କୁ ଆଦେଶ । କଳିଙ୍ଗର ଅନ୍ଧକାରାଚ୍ଛନ୍ନ ଇତିହାସ ତଥା ଭାରତ ବର୍ଷର ସେ ସମୟର ସମାଜର ଲିପିବଦ୍ଧ ରକ୍ତାକ୍ତ ସଂଗ୍ରାମର ଚିତ୍ର ପରିପୃଷ୍ଟ ହେଲା "ଏହି ଧର୍ମଲିପି ଦେବପ୍ରିୟଙ୍କ ଆଦେଶରେ ପର୍ବତରେ ଲେଖାଯାଇଛି" କଳିଙ୍ଗ ବିଜୟ ପରେ ୨୯ ବର୍ଷ କାଳ ଖ୍ରୀ. ପୂ (୨୬୧-୨୩୨) ଉକ୍ତ ରାଜ୍ୟକୁ ତୋଷାଳି ନଗରୀରୁ ଶାସନ କରିଥିଲେ ।

କଳିଙ୍ଗ ଯୁଦ୍ଧରେ ଏକ ଲକ୍ଷ ସୈନ୍ୟ ମୃତ, ଦେଢ ଲକ୍ଷ ସୈନ୍ୟ କାରାରୁଦ୍ଧ ଓ ଏହାର ବହୁଗୁଣ ଲୋକ ଆହତ ଓ କ୍ଷତିଗ୍ରସ୍ତ ହୋଇଥିବାର ଏହାର ଭୟାବହତା ବର୍ଣ୍ଣନା କରିଥିବା ତ୍ରୟୋଦଶ ଅନୁଶାସନଟି 'କଳସୀ'ରେ ଖୋଦିତ ଅଛି । ଏହି ଯୁଦ୍ଧ ପ୍ରସିଦ୍ଧ ଐତିହାସିକ କେଦାର ନାଥ ମହାପାତ୍ରଙ୍କ ଭାଷାରେ "ତୋଷାଳିର ପଶ୍ଚିମ ଭାଗରେ ବିସ୍ତୀର୍ଣ୍ଣ ସମତଳ ଟାଙ୍ଗରା ଭୂମିରେ (ଭୀମଟାଙ୍ଗୀ ଓ ବଡ଼ଗଡ଼ ଟାଙ୍ଗୀରେ) କଳିଙ୍ଗ ବାହିନୀ ସମରାନଳରେ ଶେଷ ଜୀବନାହୂତି ପ୍ରଦାନ କରିଥିଲେ ।" ଉଦୟଗିରି ହାତୀଗୁମ୍ଫା ଶିଳାଲେଖର ତ୍ରୟୋଦଶ ଧାଡିରେ ଅଛି "ପଞ୍ଚମ ବର୍ଷ ବେଳେ ନନ୍ଦ ରାଜାଙ୍କ ଦ୍ୱାରା ଶହେ ତିନି ବର୍ଷ ପୂର୍ବେ ଉଦ୍‌ଘାଟିତ ପ୍ରଣାଳୀକୁ ତନୁସୁଲୀ ବାଟେ ନଗର ମଧ୍ୟକୁ ପ୍ରବେଶ କରାନ୍ତି ।" ଏହି ଶିଳାଲେଖ ଐର ସମ୍ରାଟ ମେଘବାହନ, ଖାରବେଳଙ୍କ ଆଦେଶରେ ଉତ୍କୀର୍ଣ୍ଣ । ଏଥିରେ ଖାରବେଳ ସ୍ୱୀକାର କରିଛନ୍ତି ଅଶୋକଙ୍କ ପୂର୍ବରୁ ନନ୍ଦ କଳିଙ୍ଗ ଅଧିକାର କରି ଯେଉଁ ପୟ ପ୍ରଣାଳୀ ଖୋଳାଇ ଥିଲେ ତାହା ଗଂଧବତୀ ବା ଗଙ୍ଗୁଆ ତୋଷାଳୀ ଗଡର (ଶିଶୁପାଳ ଗଡ଼) ପରୀଖାକୁ ଓ କଳିଙ୍ଗ ନଗରକୁ ଜଳ ସରବରାହ କରୁଥିଲା । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ, ଏହାକୁ ଅଧିକାର କଲାବେଳେ ନନ୍ଦବଂଶୀ ରାଜା ଯୁଦ୍ଧ କରି ସହସ୍ର ସହସ୍ର କଳିଙ୍ଗ ସେନା ନିହତ କରିଥିଲେ । ଅଶୋକଙ୍କ କଳିଙ୍ଗ ଆକ୍ରମଣର ଦୁଇଶହ ବର୍ଷ ଭିତରେ କଳିଙ୍ଗ ସମ୍ରାଟ ଖାରବେଳ ଦୁଇଥର ଭାରତର ଉତ୍ତର ପଶ୍ଚିମ ଓ ଦକ୍ଷିଣ ଦିଗକୁ ଅଭିଯାନ ବହୁ ରାଜ୍ୟ ଓ ରାଜାଙ୍କୁ ପରାଭୂତ କରିଥିଲେ । ମଗଧ ରାଜ ବୃହସ୍ପତି ମିତ୍ରଙ୍କୁ ଦୁଇଥର ପରାସ୍ତ କରି ତିନିଶତ ବର୍ଷ ପୂର୍ବେ ନନ୍ଦରାଜାଙ୍କ ଅପସାରିତ ସିଂହାସନକୁ ଫେରାଇ ଆଣିଥିଲେ । ଖଣ୍ଡଗିରି ଓ ଉଦୟଗିରିରେ ପ୍ରସିଦ୍ଧ କାରୁକଳା ବିଶିଷ୍ଟ ଗୁମ୍ଫାମାନ ଆହତମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ମାତ୍ର ତେର ବର୍ଷ ରାଜତ୍ୱ କରିଥିଲେ ମଧ ଏପରି ପ୍ରତାପଶାଳୀ ଶାସକ କଳିଙ୍ଗରେ ନଥିଲେ । ସେ ଜୈନ ଧର୍ମର ପୃଷ୍ଠପୋଷକ ଓ ତାଙ୍କ ଦ୍ୱାରା ଜୈନ ଧର୍ମର ବହୁ ପ୍ରସାର ହୋଇଥିଲା । ମାତ୍ର ତାଙ୍କ ପରେ ତାଙ୍କ ବଂଶଧରମାନଙ୍କ ସମ୍ବନ୍ଧରେ ବିଶେଷ ତଥ୍ୟ ମିଳେ ନାହିଁ ।

କିଛି କାଳ ପାଇଁ ଆନ୍ଧ୍ର ସାତବାହନ ନରପତିଗଣ କଳିଙ୍ଗ ଅଧିକାର କରିଥିଲେ। ଶୈଳୋଦ୍ଭବ ବଂଶୀୟ ରାଜାମାନଙ୍କ ବହୁ ବର୍ଷ ରାଜତ୍ୱରୁ ଜଣାଯାଏ। ଲକ୍ଷ୍ମଣେଶ୍ୱର ଗ୍ରୁପର ମନ୍ଦିର ପାଶୁପାତ ସଂପ୍ରଦାୟ ଶୈବ ସନ୍ୟାସୀମାନଙ୍କ ପ୍ରଭାବରେ ପ୍ରତିଷ୍ଠିତ ହୋଇଥିଲା। ଏହି ସମୟରେ ବହୁ ବୌଦ୍ଧକୀର୍ତ୍ତି, ସ୍ତୂପ ଓ ସ୍ତମ୍ଭକୁ ବିନାଶ କରି ତତତ୍ରିବର୍ତ୍ତେ ଶିବଲିଙ୍ଗର ସ୍ଥାପନା କରାଗଲା। ବଡ଼ଗଡ଼ ଗ୍ରାମର ଭାସ୍କରେଶ୍ୱର ଶିବଲିଙ୍ଗ ଏକ ଅଶୋକ ସ୍ତମ୍ଭ। ଏହି ଅଶୋକ ସ୍ତମ୍ଭକୁ ତିନିଖଣ୍ଡ କରି ସେଥିରୁ ୧୨ ଫୁଟରେ ଏକ ବିରାଟ ଶିବଲିଙ୍ଗ ଯାହା ଉଚ୍ଚତାରେ ୪ ଖଣ୍ଡ ପ୍ରସ୍ତରରେ ଯୋଡ଼ା। ଉପର ଭାଗର ଶୀର୍ଷ ମୁକୁଟ ସ ଅଶୋକ ଯୁଗର ସିଂହ ବର୍ତ୍ତମାନ ମ୍ୟୁଜିୟମ୍‌ରେ ସଂରକ୍ଷିତ। ବୌଦ୍ଧ ଯୁଗର ଗୁମ୍ଫା, ପଞ୍ଚୁପାଣ୍ଡବ ଗୁମ୍ଫାରେ ଶୈବ ଲକୁଳୀଶ ମୂର୍ତ୍ତି ପୂଜିତ। ଗୋପାଳିନୀ ନାମରେ ପୂଜିତ ଯକ୍ଷ ମୂର୍ତ୍ତି ଶାନ୍ତିସ୍ତୂପ ଅନୁରୂପ ବୌଦ୍ଧ ଉପଦେବତା। ଏହି ଗ୍ରାମରେ ଥିବା ହାତୀ ଖାଲ ସବୁ ବୌଦ୍ଧ ଧର୍ମର ପ୍ରତୀକ। ବୁଦ୍ଧଦେବଙ୍କ ମାତା ବୁଦ୍ଧ ଜନ୍ମ ପୂର୍ବ  ଧଳା ହାତୀର ସ୍ୱପ୍ନର ପ୍ରତୀକ। ଏହି ଗ୍ରାମରେ ଥିବା ନାଗାର୍ଜୁନ ସ୍ତୂପ ଏକ ପ୍ରସିଦ୍ଧ ବୌଦ୍ଧ ସ୍ତୂପ ଥିଲା।

ଏହି ଉଦାହରଣରୁ ଜଣାଯାଏ ବୌଦ୍ଧ ପ୍ରଭାବ ନଷ୍ଟ କରିବା ପାଇଁ ପାଶୁପାତମାନେ ଭୌମକର ଓ କେଶରୀ ବଂଶୀୟ ରାଜାମାନଙ୍କୁ ପ୍ରଭାବିତ କରି ପାରିଥିଲେ। ଏକାମ୍ର ପୁରାଣ, କପିଳ ସଂହିତା ଆଦି ଶୈବ ପୁରାଣମାନଙ୍କରେ ବର୍ଣ୍ଣିତ ଦେବାସୁର ଯୁଦ୍ଧରେ ଶୈବମାନେ ନିଜକୁ ଦେବତା ଆସନରେ ବସାଇ ବୌଦ୍ଧମାନଙ୍କୁ ରାକ୍ଷସ ଭାବରେ ଚିତ୍ରଣ କରିଛନ୍ତି। କାଳକ୍ରମେ ବୌଦ୍ଧମାନେ ଜଙ୍ଗଲକୁ ବିତାଡିତ ବା ସମାଜରେ ଅସ୍ପୃଶ୍ୟ ହୋଇ ଯାଇଛନ୍ତି।

ମଣିଷ ସମାଜରେ ଶ୍ରେଣୀ ସଂଘର୍ଷ ସବୁଠାରେ ଧର୍ମ ସଂଘର୍ଷ ରୂପରେ ପ୍ରକାଶ ପାଏ। ଭୁବନେଶ୍ୱର ବଡ଼ଗଡ଼ ଓ ଶିଶୁପାଳ ଗଡ଼କୁ କେନ୍ଦ୍ର କରି ଯେଉଁ ଅଞ୍ଚଳରେ ଭୟଙ୍କର ଯୁଦ୍ଧ, ରକ୍ତପାତ ଓ ସଂଘର୍ଷର ଇତିହାସର ପଦଚିହ୍ନ ରହିଯାଇଛିତାହା ଏହି ଅଞ୍ଚଳର ପ୍ରାଧାନ୍ୟ ଯୋଗୁଁ। ଉପକୂଳର ଉର୍ବର ସମତଳ ଅଞ୍ଚଳର ମଧ୍ୟଭାଗରେ ତୋଷାଳି ନଗରୀ ଗଢ଼ି ଉଠିଥିଲା। ଏହି ରାଜ୍ୟକୁ ଦଖଲ କରିବାକୁ ହେଲେ କେନ୍ଦ୍ରୀୟ ଶାସନକଳକୁ ଅଧିକାର କରି ଶାସନ କରିବାକୁ ହେବ। ତେଣୁ ଧଉଳି ଓ ଉଦୟଗିରି ଶାସନର ଇତିହାସ ଓ ସମ୍ବିଧାନ ଭୌମକର, କେଶରୀବଂଶ, ଗଙ୍ଗବଂଶ ଓ ସୂର୍ଯ୍ୟବଂଶୀ ରାଜବଂଶ ରାଜତ୍ୱ କରି ଏଠାରେ ବହୁ ସୁନ୍ଦର, କାରୁକାର୍ଯ୍ୟ ପୂର୍ଣ୍ଣ ମନ୍ଦିରରେ ମଣ୍ଡିତ କରିଛନ୍ତି। ବଡ଼ଗଡ଼ ମୌଜାରେ ପ୍ରସିଦ୍ଧ ଐତିହାସିକ ମନ୍ଦିର ରହିଛି ଭାସ୍କରେଶ୍ୱର, ବ୍ରହ୍ମେଶ୍ୱର, ମେଘେଶ୍ୱର ଓ ରାଜରାଣୀ। ଭାସ୍କରେଶ୍ୱର ଶିବଲିଙ୍ଗ ଏକ ଅଶୋକ ସ୍ତମ୍ଭ। ସୁନ୍ଦର ପ୍ରାକୃତିକ ବିଭବପୂର୍ଣ୍ଣ ମନ୍ଦିର ମେଘେଶ୍ୱର, ଯାହାର ଶିଳାଲେଖ ଲିଙ୍ଗରାଜ ମନ୍ଦିର ପରି ସୁନ୍ଦର। ରାଜରାଣୀରେ "ଖଜୁରାହୋ"ର ସୌନ୍ଦର୍ଯ୍ୟ ପୁରି ରହିଛି।

ଏହି ମନ୍ଦିର ଗଠନ ଯୁଗ ପରେ ପରେ ଆସିଲା ଆଫଗାନ ମୋଗଲ ଓ ମରହଟ୍ଟାମାନଙ୍କର ବାରମ୍ବାର ଆକ୍ରମଣ ଓ ଦଖଲ। ତେଣୁ ଏହି ଅଞ୍ଚଳ ବହୁ କ୍ଷତି ସହିଛି ଓ ଲଢେଇକରି ବଞ୍ଚିରହିଛି।

ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ମୃତ୍ୟୁପରେ ଓଡ଼ିଶାରେ ଅରାଜକତା ଦେଖାଗଲା। ଏହାର ସୁଯୋଗ ନେଇ କଳାପାହାଡ ଜଗନ୍ନାଥ ମନ୍ଦିର ଆକ୍ରମଣ କରି ବିଗ୍ରହ ଧ୍ୱଂସ କରିବାରୁ ଜନତା ନିଃସହାୟ ହୋଇପଡିଲେ। ଏହି ଘଡିସନ୍ଧି ମୁହୂର୍ତ୍ତରେ ଜନାର୍ଦ୍ଦନ ବିଦ୍ୟାଧରଙ୍କ ପୁତ୍ର, ଖୋର୍ଦ୍ଧା ଭୋଇ ରାଜ ବଂଶର ପ୍ରତିଷ୍ଠାତା ରାମଚନ୍ଦ୍ର ଦେବ (ରମେଇ ରାଉତରା) ଖୋର୍ଦ୍ଧା ପାଇକ ବୀରମାନଙ୍କର ସହାୟତାରେ ସ୍ୱତନ୍ତ୍ର ଖୋର୍ଦ୍ଧା ରାଜ୍ୟ ଗଠନ କରି ବରୁଣେଇ ପାହାଡର ଉତ୍ତର ଦିଗରେ ଘଞ୍ଚଅରଣ୍ୟ ମଧ୍ୟରେ ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ ୧୫୭୨ ଖ୍ରୀ. ଅ. ରେ।

୧୫୭୨ ଖ୍ରୀ.ଅ.ରୁ ୧୮୦୩ ପର୍ଯ୍ୟନ୍ତ କ୍ରମାନ୍ୱୟରେ ମୋଗଲ ଓ ମରହଟ୍ଟାମାନଙ୍କର ଅଧୀନରେ ଓଡ଼ିଶା ରହିଥିଲା। ଏମାନଙ୍କର ଶୋଷଣରେ ଚାଷୀ, ମୂଲିଆ ଓ ସାଧାରଣ ଲୋକେ ଅତ୍ୟନ୍ତ ଦୁର୍ଦ୍ଦଶାଗ୍ରସ୍ତ ହୋଇଗଲେ। ଖୋର୍ଦ୍ଧା ରାଜାଙ୍କର ଆକବରଙ୍କ ମନ୍ତ୍ରୀ ମାନସିଂହଙ୍କ ଚୁକ୍ତି ଅନୁସାରେ ଖୋର୍ଦ୍ଧା ରାଜ୍ୟରେ ୭୧ଟି ଗଡ଼ ଓ ୨୯ ଗୋଟି ଜମିଦାରୀ ଖୋର୍ଦ୍ଧା ରାଜାଙ୍କ ଅଧୀନରେ ଥିଲା। ଏହି ଜଙ୍ଗଲ ଅଞ୍ଚଳରେ ୧୭ଟି ଶବର ଗଡ଼ ଥିଲା।

୧୮୦୪ ଖ୍ରୀ.ଅ.ରେ ଇଂରେଜମାନେ ଖୋର୍ଦ୍ଧାଗଡ଼ ଗୁଡିକ ହେଲେ, ରଥିପୁର, ବଡ଼ଗଡ଼, ଶିଶୁପାଳ ଗଡ଼, ଝାରପଡା, କପିଳ ପ୍ରସାଦ, ପାତ୍ରପଡା, ଅନ୍ଧାରୁଆ, ଦାରୁଠେଙ୍ଗ, ଗଙ୍ଗପଡା ଇତ୍ୟାଦି। ଏହି ଗଡ଼ମାନଙ୍କରେ ଦୁର୍ଗପତି, ଦଳବେହେରା (ମୁସଲମାନ ବା ଖଣ୍ଡାୟତ) ରହି ଗଡର ସୁରକ୍ଷା କରିବା ଏହି ଗଡ଼ର ସୁରକ୍ଷା ଦାୟିତ୍ୱ ନେଉଥିଲେ। ଶତ୍ରୁକୁ ପ୍ରତିରୋଧ କରିବା ଓ ନିଜ ରାଜ୍ୟ ରକ୍ଷା କରିବା ଏହି ଗଡର ମୁଖ୍ୟ କାର୍ଯ୍ୟ। ବଡ଼ଗଡ଼ ସମସ୍ତ କଳିଙ୍ଗ ରାଜ୍ୟର ଶାସନ କାର୍ଯ୍ୟ ଏହିଠାରୁ ହିଁ ତ୍ୱରାନ୍ୱିତ କରାଯାଉଥିଲା।

ଇତିହାସର ପୁନରାବର୍ତ୍ତନ ହେଲା। ପୁଣି ଏହି ସ୍ଥାନ ଓଡିଶାର ରାଜଧାନୀ ହେଲା। କଳିଙ୍ଗ ଶିଳ୍ପୀଙ୍କର ଅପୂର୍ବ ମନ୍ଦିରମାଳା ଶୋଭିତ ନଗରୀ ସବୁ ଧର୍ମର ପୂଜା ପୀଠ ଓ ସଂସ୍କୃତିର କେନ୍ଦ୍ର। ଏଥିରେ ନାମ ଥିବା ନଥିବା ଚତୁପାର୍ଶ୍ୱର ଜନବସତି ରାଜଧାନୀର ଭିତ୍ତିଭୂମି ଇତିହାସର ପ୍ରାକ୍‌କାଳରୁ।

**ଲକ୍ଷ୍ମଣେଶ୍ୱର, ଭରତେଶ୍ୱର ଓ ଶତ୍ରୁଘ୍ନେଶ୍ୱର :** ରାମେଶ୍ୱର ମନ୍ଦିରର ସମ୍ମୁଖ ରାସ୍ତାର ଅପର ପାର୍ଶ୍ୱରେ ତିନିଗୋଟି ଭଗ୍ନ ମନ୍ଦିର ଦୃଷ୍ଟିକୁ ଆସେ। ତା' ହେଲା ଲକ୍ଷ୍ମଣେଶ୍ୱର, ଭରତେଶ୍ୱର ଓ ଶତ୍ରୁଘ୍ନେଶ୍ୱର। ଏହା ଭୁବନେଶ୍ୱରର ସର୍ବପ୍ରାଚୀନ ମନ୍ଦିର। ଏହା ୭ମ ଖ୍ରୀଷ୍ଟାବ୍ଦର ପ୍ରାରମ୍ଭରେ ଶୈଳୋଦ୍ଭବମାନଙ୍କ ରାଜତ୍ୱ ସମୟରେ ନିର୍ମାଣ କରାଯାଇଥିଲା। ଏହି ପୀଠରେ ଲକୁଳୀଶ ଶୈବମାନଙ୍କର ଶିବ ମନ୍ଦିର ନିର୍ମାଣ କରାଯାଇଛି। ଏହାର ନିକଟସ୍ଥ ଅଶୋକ କୁଣ୍ଡ ଏବେ ମଧ୍ୟ ଲୋକଲୋଚନକୁ ଆସେ। ଅଶୋକାଷ୍ଟମୀ ମଦନମୋହନ ଏଠାରେ ପାଞ୍ଚଦିନ ଅବସ୍ଥାନ କରନ୍ତି। ଅଶୋକଙ୍କ ସମୟର ବୌଦ୍ଧଦନ୍ତ ଯାତ୍ରାର ସୂଚନା ଦିଏ। ଧଉଳୀର ବୌଦ୍ଧ ପ୍ରଭାବ ଓ ଉଦୟଗିରି ଜୈନ ଧର୍ମ ହ୍ରାସ ପାଇଁ ଏହି ଶୈବ ମନ୍ଦିରମାନ ନିର୍ମିତ ହୋଇଥିଲା ବୋଲି ଜଣାଯାଏ। ଏହା ନିକଟରେ ଅଶୋକ ଝର ରହିଅଛି।

**ଭାସ୍କରେଶ୍ୱର :** ଭୁବନେଶ୍ୱରକୁ ଲାଗିରହିଥିବା ବଡ଼ଗଡ଼ରେ ଗଙ୍ଗୁଆ ନଦୀର ପଶ୍ଚିମକୁ ଅବସ୍ଥିତ ପ୍ରସିଦ୍ଧ ଭାସ୍କରେଶ୍ୱର ଶିବ ମନ୍ଦିର। ଏହି ମନ୍ଦିରର ଏକ ବୃହତକାର ଲିଙ୍ଗ ପୂଜିତ ହେଉଛନ୍ତି। ଏହାଙ୍କ ଶକ୍ତି ୨୦ ଫୁଟ ପରିଧି ବିଶିଷ୍ଟ ଚାରିଖଣ୍ଡ ପଥରରେ ଯୋଡାହୋଇ ତିଆରି କରାଯାଇଛି। ଏଠାରେ ବିଗ୍ରହମାନଙ୍କରୁ ଅନୁମେୟ ଯେ, ଏହି ସ୍ଥାନରେ ବା ଏହାର ନିକଟବର୍ତ୍ତୀ କୌଣସି ସ୍ଥାନରେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ପୂର୍ବରୁ ଗୋଟିଏ ବୌଦ୍ଧସ୍ତୂପ ଓ



ସ୍ତମ୍ଭ ଥିଲା । ପରବର୍ତ୍ତୀ ସମୟରେ ସ୍ତମ୍ଭଟିକୁ କାଟି ଶିବଲିଙ୍ଗରେ ପରିବର୍ତ୍ତନ ହୋଇଛି । ଭାସ୍କରେଶ୍ୱର ଶିବଲିଙ୍ଗ ସମ୍ବନ୍ଧରେ ଅନେକ ତଥ୍ୟ ମିଳେ । ଏହି ମନ୍ଦିର ନିର୍ମାଣ ପୂର୍ବରୁ ଏଠାରେ ଏକ ବୌଦ୍ଧସ୍ତୂପ ଥିଲା । ୧୯୬୬ରେ ରାଧାମୁକୁନ୍ଦ ମୁଖାର୍ଜୀ ମାଟି ଖୋଳି ଏହା ପାଖରୁ ବୌଦ୍ଧ ସ୍ତୂପ ପାଖରେ ଥିବା ରେଲିଙ୍ଗ୍ ବାଡର ଅଂଶ ପାଇଥିଲେ । ତାହା ମ୍ୟୁଜିୟମରେ ସ୍ଥାନିତ । ଏହି ସ୍ଥାନ ବଡ଼ଗଡ଼ ରାଜସ୍ୱ ଗ୍ରାମର ଅଂଶ ହୋଇଥିଲେ ମଧ୍ୟ ଏହାକୁ ବର୍ତ୍ତମାନ ବ୍ରହ୍ମେଶ୍ୱର ପାଟଣା ବୋଲି ନାମିତ କରାଯାଇଛି ।

**ଅଶୋକ ସ୍ତମ୍ଭର ମୁକୁଟ :** ଭାସ୍କରେଶ୍ୱର ମନ୍ଦିରର ପଶ୍ଚିମକୁ ଏକ ମାଇଲ୍ ଦୂରରେ ଅବସ୍ଥିତ ରାମେଶ୍ୱର ମନ୍ଦିର ପୋଖରୀ ଅଶୋକ ଝରର ପୂର୍ବ ପାଖରେ ବହୁକାଳ ଧରି ଏକ ଶୀର୍ଷମୁକୁଟ ପଡିରହିଥିଲା । ଏହାକୁ ସ୍ଥାନାନ୍ତରିତ କରାଯାଇ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଫାଟକ ନିକଟରେ ରଖାଯାଇଛି । ଏହାର ଉଚ୍ଚତା ୩୨ଇଞ୍ଚ, ମୋଟା ଅଂଶର ପରିଧି ୧୯ ଫୁଟ ୫ ଇଞ୍ଚ । ଏହାର ତଳପଟ ଗୋଲାକାର ଗର୍ତ୍ତ ହୋଇଥିବାରୁ ଏକ ଗୋଲାକାର ସ୍ତମ୍ଭର ଅଗ୍ରଭାଗରେ ସ୍ଥାପିତ ହୋଇଥିବା ସମ୍ଭବ । ଏହାର ଉପରିଭାଗ ସମତଳ ଓ ଗୋଲ । ଏହାର କରମଙ୍ଗିଆ ଅଂଶକୁ ଦେଖିଲେ ଏହା ଅଶୋକ ଯୁଗର ଏକ ସ୍ତମ୍ଭ ଉପରେ ରକ୍ଷିତ ହୋଇଥିବାର ସ୍ପଷ୍ଟ ଜଣାଯାଏ । ଏହି ବୃତ୍ତାକାର କ୍ଷେତ୍ରର ଉପରେ ବସାଯାଇଥିବା ପଶୁମୂର୍ତ୍ତିଟିକୁ ଜବତ କରି ରଖିବାପାଇଁ ଏହାର ଦୁଇପାଖର ଧାରକୁ ଟିକିଏ ଉଚ୍ଚ କରାଯାଇଥିଲା । ବିହାରର ନନ୍ଦନଗଡ଼ ଗ୍ରାମ ଓ ପାଟଳୀପୁତ୍ର, ନେପାଳ ରାସ୍ତା ପାଖରେ ଏପରି ସ୍ତମ୍ଭ ଅଦ୍ୟାପି ଦଣ୍ଡାୟମାନ । ଅଶୋକସ୍ତମ୍ଭର ଶୀର୍ଷ ମୁକୁଟ ଦେହରେ ଅବିକଳ ଏପରି କରମଙ୍ଗିଆ କାମ ଦେଖାଯାଏ ।

**ବ୍ରହ୍ମେଶ୍ୱର ମନ୍ଦିର :** ଏହି ମନ୍ଦିରର ଅବସ୍ଥାନ ଲିଙ୍ଗରାଜ ମନ୍ଦିର ପୂର୍ବ ଦିଗରେ ଦୁଇ କିଲୋମିଟର ଦୂର ବଡ଼ଗଡ଼ ଗ୍ରାମର ବ୍ରହ୍ମେଶ୍ୱର ପାଟଣା ସୀମାରେ ଅବସ୍ଥିତ । ଶିଳାଲିପିରୁ ଜଣାଯାଏ ଯେ ସୋମବଂଶୀ ରାଜା ଲଲାଟେନ୍ଦୁ କେଶରୀଙ୍କର ମାତା କୋଳାବତୀ ଦେବୀଙ୍କ ଦ୍ୱାରା ତାଙ୍କର ଅଷ୍ଟାଦଶ ବର୍ଷ ରାଜତ୍ୱ କାଳରେ ନିର୍ମିତ ହୋଇଥିଲା । ଏହି ମନ୍ଦରର ଉଚ୍ଚତା ୬୦ ଫୁଟ । ଜଗମୋହନର ଉଚ୍ଚତା ୪୭ ଫୁଟ ।ଏହାର ଦୁଇଟି ପ୍ରାଚୀର ରହିଛି । ଭିତର ପ୍ରାଚୀର ମଧ୍ୟରେ ବ୍ରହ୍ମେଶ୍ୱର ମୁଖ୍ୟ ମନ୍ଦିରଟି ପଞ୍ଚରଥ ପ୍ରକାରେ ନିର୍ମିତ । ମୁଖ୍ୟ ମନ୍ଦିରର ଚାରିକୋଣରେ ଚାରିଗୋଟି ମନ୍ଦିର ଓ ଦକ୍ଷିଣ ଦିଗରେ ବ୍ରହ୍ମକୁଣ୍ଡ ନାମରେ ଏକ ସୁନ୍ଦର ପୁଷ୍କରିଣୀ ରହିଚି । ଏସବୁକୁ ଆବଦ୍ଧ କରି ଏକ ବୃହତ ପ୍ରାଚୀର ରହିଛି । ଏଥିରେ ପୂଜିତ ଶିବଲିଙ୍ଗର ଉଚ୍ଚତା ୩.୫୦ ଫୁଟ ଗୋଲେଇ ୪ଫୁଟ ଏବଂ ୧୦ ଫୁଟ ଶକ୍ତି ବିଶିଷ୍ଟ । ମନ୍ଦିରଟି ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ । ବହୁକ୍ଷେତ୍ରରେ ମୁକ୍ତେଶ୍ୱର ମନ୍ଦିରର ମୂର୍ତ୍ତିମାନଙ୍କ ପରି । ସୂର୍ଯ୍ୟ ଉଦୟ ସମୟରେ ଓ ଅସ୍ତ ସମୟରେ ସୂର୍ଯ୍ୟଙ୍କର ପ୍ରଥମ୍ ଲାଲ୍ କିରଣ ଶିବ ଲିଙ୍ଗ ଉପରେ ପଡିଥାଏ । ଏହି ମନ୍ଦିରର ଶିଳାଲିପିଟି ସ୍ଥାନାନ୍ତରିତ ହୋଇଯାଇଛି ଓ ଜେମସ୍ ପ୍ରିନସେପ ଏସିଆଟିକ ସୋସାଇଟି ଜର୍ଣ୍ଣାଲରେ ଅବତାରଣା କରିଛନ୍ତି ।

**ମେଘେଶ୍ୱର :** ବଡ଼ଗଡ଼ ଗ୍ରାମମର ଉତ୍ତର-ପୂର୍ବକୁ ମେଘେଶ୍ୱର ମନ୍ଦିର ଏକ ବିରାଟ ପ୍ରାଚୀର ମଧ୍ୟରେ ଅବସ୍ଥିତ । ଏହି ମନ୍ଦିର ଏକ ବିରାଟ ମନ୍ଦିର ଗଙ୍ଗବଂଶର ରାଜା ରାଜରାଜ ଦେବଙ୍କ ଶାଳକଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଏହି ମନ୍ଦିରର ମୁଖ ପଶ୍ଚିମ ଦିଗକୁ । କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିରର ମୁଖଶାଳାଟି କାରୁକାର୍ଯ୍ୟବିହୀନ । ଏହି ମନ୍ଦିରର ଉଚ୍ଚତା ୫୧ ଫୁଟ । ସପ୍ତରଥ ପ୍ରଣାଳୀରେ

ଏହା ନିର୍ମିତ । ନିକଟରେ ମେଗତୀର୍ଥ ପୁଷ୍କରିଣୀ ଓ ତାଡ' ମଧ୍ୟରେ ଏକ ଦୀପଦଣ୍ଡି ଏବେ ଦୃଷ୍ଟି ଆକର୍ଷଣ କରେ । ଏହି ମନ୍ଦିରର ଶିଳାଲିପି ଅନନ୍ତ ବାସୁଦେବଙ୍କ ମନ୍ଦିରର ପଶ୍ଚିମ ପାଚେରି କାନ୍ଥରେ ସ୍ଥାପନ କରାଯାଇଛି । ଉକ୍ତ ମନ୍ଦିରରେ ଦେବଦାସୀ ପ୍ରଥା ପ୍ରଚଳନ ଥିଲା ।

ଶିଳାଲିପି: ଶ୍ରୀ ସ୍ୱପ୍ନେଶ୍ୱର ନାମ ନାମ ସୁରମା ଦେବୀଚ ସ୍ୱାର୍ଥୀ ଦ୍ୱୟ
ଏକଃ କ୍ଷ୍ମାତଳ-ମଣ୍ଡନାୟ ସକଳାଧରସ୍ତଥାନ୍ୟା
ଜଗ ଦାରିଦ୍ର୍ୟ ଜ୍ୱରନାଶମୟ ଜଗତୀ ଚିନ୍ତାମଣିଃ-ଶ୍ରୀ ରଭୂତ୍ ।।

**ରାଜରାଣୀ ମନ୍ଦିର :** ବଡ଼ଗଡ଼ର ଦକ୍ଷିଣ ପାର୍ଶ୍ୱରେ ଏକାଦଶ ଶତାବ୍ଦୀରେ ନିର୍ମିତ ୫୯ ଫୁଟ ଉଚ୍ଚତା ବିଶିଷ୍ଟ ରାଜରାଣୀ ମନ୍ଦିର ଏବେ ମଧ୍ୟ ଶ୍ରେଷ୍ଠ ଭାସ୍କର୍ଯ୍ୟର ପରିଚୟ ଦିଏ । ଆଜିର ଏହି ଶୂନ୍ୟ ମନ୍ଦିରଟିର ଉଚ୍ଚତା ୫୯ ଫୁଟ । ଉତ୍କୃଷ୍ଟ କାରୁକାର୍ଯ୍ୟ ବିଶିଷ୍ଟ ଈଷତ୍ ଲାଲ୍ ରାଜରାଣୀଆ କନ୍ଦା ପଥରରେ ନିର୍ମିତ ଏହି ମନ୍ଦିରଟି । ଆନୁମାନିକ ୧୦୦୦ ରୁ ୧୦୨୩ ଖ୍ରୀଷ୍ଟାବ୍ଦରେ କେଶରୀ ବଂଶର ରାଜା ଇନ୍ଦ୍ରରଥଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା । ଶିଖର ଦେହରେ ମୂଳ ମନ୍ଦିର ଭଳି କ୍ଷୁଦ୍ର ମନ୍ଦିରମାନ ରହିଛି । ଉକ୍ତ ମନ୍ଦିରରେ ମୂର୍ତ୍ତି ନାହିଁ ।

**ପଞ୍ଚୁପାଣ୍ଡବ ଗୁମ୍ଫା :** ଭାସ୍କରେଶ୍ୱର ମନ୍ଦିର ପଶ୍ଚିମକୁ ବଡ଼ଗଡ଼ ଗ୍ରାମ ନିକଟରେ ପଞ୍ଚୁପାଣ୍ଡବ ଗୁମ୍ଫା ରହିଛି । ଏହା ବୌଦ୍ଧ ସନ୍ୟାସୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ପରେ ଏହାକୁ ପାଶୁପାତ ଶୈବମାନେ ଅଧିକାର କରିନେଲେ । ଏଥିରେ ଲକୁଳୀଶ ମୂର୍ତ୍ତି ବର୍ତ୍ତମାନ ପୂଜିତ ।

**ବୁଦ୍ଧେଶ୍ୱରୀ ମନ୍ଦିର :** ବଡ଼ଗଡ଼ ଗ୍ରାମର ଉତ୍ତର-ପଶ୍ଚିମ ଦିଗରେ ବୁଦ୍ଧେଶ୍ୱରୀ ମନ୍ଦିର ଅବସ୍ଥିତ । ଏହା ଭୁବନେଶ୍ୱରର ରକ୍ଷାକର୍ତ୍ତ୍ରୀ ଦେବୀ ଭାବରେ ପ୍ରତିଷ୍ଠା ହୋଇଥିଲେ ବୋଲି ପ୍ରାଚୀନ ଗ୍ରନ୍ଥମାନଙ୍କରୁ ଜଣାଯାଏ । ଏହି ମନ୍ଦିରଟିର ଗଠନ ସମୟ ନବମ ଶତାବ୍ଦୀ । ବର୍ତ୍ତମାନ ଏହି ମନ୍ଦିରଟି ରାଜଧାନୀର ଏକ ମୂଖ୍ୟ ମନ୍ଦିର ଭାବେ ମୁଣ୍ଡ ଟେକିଛି । ଏହି ମନ୍ଦିରଟି ବୌଦ୍ଧଧର୍ମର ନିଦର୍ଶନ । ପ୍ରାଚୀନ ଗ୍ରନ୍ଥ ମାନଙ୍କରେ ଉକ୍ତ ମନ୍ଦିରର ପ୍ରସିଦ୍ଧି ଉଲ୍ଲିଖିତ ।

**ପତିତପାବନ ମନ୍ଦିର :** ଖୋର୍ଦ୍ଧାରାଜା ପୁରୀରେ ଅବସ୍ଥାନ କରିବା ସମୟରେ ବୃହତ ଗଡ଼ରୁ ପତିତପାବନ ମୂର୍ତ୍ତିକୁ ବଡ଼ଗଡ଼ ଅଧିବାସୀମାନଙ୍କ ହାତରେ ଅର୍ପଣ କରିଥିଲେ । ଅଧିବାସୀମାନେ ଗଡ଼ଦେଉଳର କନ୍ଦା ପଥରରେ ଗ୍ରାମ ମଧ୍ୟରେ ଏକ ମନ୍ଦିର ନିର୍ମାଣ କରି ପତିତପାବନକୁ ସ୍ଥାପନ କରିଛନ୍ତି ଓ ଇଷ୍ଟ ଦେବତା ରୂପେ ପୂଜା କରୁଅଛନ୍ତି ।

**ଗୋପାଳୁଣୀ :** ବଡ଼ଗଡ଼ ଗ୍ରାମର ପୂର୍ବଦିଗରେ ଗୋପାଳୁଣୀ ମନ୍ଦିର ଅବସ୍ଥିତ । ଓଡ଼ିଶାର ପ୍ରାଚୀନତମ ବୌଦ୍ଧ ଯକ୍ଷମର୍ତ୍ତିମାନଙ୍କ ମଧ୍ୟରୁ ଏହା ଅନ୍ୟତମ । ଏହି ଯକ୍ଷମୂର୍ତ୍ତି ଏବେ ଗୋପାଳୁଣୀ ନାମରେ ପୂଜିତ । ଏଠାରେ ଏକ ସୁଶୋଭିତ ପୁଷ୍କରିଣୀ ଦୃଷ୍ଟିଗୋଚର ହୁଏ । ଗ୍ରାମର ଅଧିବାସୀମାନେ ଏହାକୁ ବ୍ୟବହାର କରୁଛନ୍ତି ।

**ନାଗାର୍ଜ୍ଜୁନ ଡିହ :** ବଡ଼ଗଡ଼ ଗ୍ରାମର ସମୀପବର୍ତ୍ତୀ ଅଧୁନା ବକ୍ସି ଜଗବନ୍ଧୁ ନଗରଠାରେ ଏକ ବୌଦ୍ଧ ସ୍ତୁପ ରହିଥିଲା । ତାହା ବୌଦ୍ଧ ଦାର୍ଶନିକ ନାଗାର୍ଜ୍ଜୁନ ସ୍ତୁପର ଅପଭ୍ରଂଶ । ଏହାକୁ ସମତଳ କରାଯାଇ ବାସସ୍ଥାନ କରାଯାଇଛି ।

**ହାତୀଖାଲ :** ଏହି ମୌଜାରେ ପାଞ୍ଚୋଟି ଏଲ ଆକାରରେ ପଥରକଟା ଖାଲକୁ ସ୍ଥାନୀୟ ଲୋକେ ହାତୀଖାଲ କହନ୍ତି । ମାତ୍ର ବୁଦ୍ଧଦେବଙ୍କର ମାତା ବୁଦ୍ଧ ଜନ୍ମ ପୂର୍ବରୁ ଏକ ଧଳା ହାତୀର ସ୍ୱପ୍ନ ଦେଖିଥିଲେ ଯେ ଧଳା ହାତୀ ତାଙ୍କ କୁକ୍ଷି ମଧ୍ୟରେ ପଦ୍ମ ଉପସ୍ଥାପନ କରୁଛି । ତେଣୁ ଏପରି ଖାଲକୁ ବୌଦ୍ଧମାନେ ପବିତ୍ର ଚିହ୍ନ ଭାବରେ ବହୁ ସ୍ଥାନରେ ରଖିଯାଇଛନ୍ତି । ବର୍ତ୍ତମାନ ସେସବୁ ସ୍ଥାନକୁ ବାସସ୍ଥାନ ରୂପେ ବ୍ୟବହାର କରାଯାଉଅଛି ।

**ଲକ୍ଷ୍ମୀସାଗର :** ଗଙ୍ଗେଶ୍ୱର ଦେବଙ୍କର ଅଷ୍ଟରାଣୀଙ୍କ ମଧ୍ୟରୁ ଅନ୍ୟତମ ରାଣୀ ଲକ୍ଷ୍ମୀଦେବୀ ବିନ୍ଦୁସାଗରଠାରୁ ବୃହତ୍ତର ଏକ ପୁଷ୍କରିଣୀ ଖୋଳାଇଥିଲେ ତା'ର ନାମ ଲକ୍ଷ୍ମୀସାଗର । ସେହି ଲକ୍ଷ୍ମୀସାଗର ମଝିରେ ଏକ କନ୍ଦା ପଥର ନିର୍ମିତ ଏକ ଦୀପଦଣ୍ଡି ଥିଲା, ସେଥିରେ ବୁଦ୍ଧେଶ୍ୱର ଠାକୁର ଚାପ ଖେଳିବା ପାଇଁ ଯାଉଥିଲେ । ତା'ପାଖରେ ଏକ ବ୍ରାହ୍ମଣ ଶାସନ ବସାଇଥିଲେ ତା'ର ନାମ ଲକ୍ଷ୍ମୀସାଗର ।

**ଚିନ୍ତାମଣିଶ୍ୱର ମନ୍ଦିର :** ଗଙ୍ଗେଶ୍ୱର ଦେବ ଚିନ୍ତାମଣିଶ୍ୱର ମନ୍ଦିର ନିର୍ମାଣ କରାଇଥିଲେ ଏବଂ ପ୍ରତ୍ୟକ ଦିନ ସେ ଏହି ମନ୍ଦିରରେ ପୂଜାର୍ଚ୍ଚନା କରୁଥିଲେ । ଏହି ମନ୍ଦିର ପରିସରରେ ଗୋଟିଏ ଗଣେଶ ମୂର୍ତ୍ତି ଏବେ ମଧ୍ୟ ବିଦ୍ୟମାନ ।

**ଖଣ୍ଡଗିରି :** କଳା ଭାସ୍କର୍ଯ୍ୟରେ ପରିପୂର୍ଣ୍ଣ ଖଣ୍ଡଗିରି ପାହାଡ ବର୍ତ୍ତମାନ ରାଜଧାନୀର ଏକ ଅଂଶ ହୋଇଯାଇଛି । ଏହାର ଶିଖରରେ ଏକ ଜୈନ ମନ୍ଦିର ଦୃଷ୍ଟିକୁ ଆସେ । ସଂସ୍କୃତ ପୁରାଣରେ ଏହା ଖଣ୍ଡାଚଳ ରୂପେ ବର୍ଣ୍ଣିତ ହୋଇଛି । ଏହାର ଅନ୍ୟନାମ କୁମାର ପର୍ବତ । ଏହିଠାରୁ ଧଉଳୀ ପର୍ଯ୍ୟନ୍ତ ଅଞ୍ଚଳଟି ପଞ୍ଚକୋଶୀ ନାମରେ ନାମିତ । ଏହା କଳିଙ୍ଗ ସ୍ଥାପତ୍ୟ ମଳାର ଆଦ୍ୟ ବିକାଶ । ଉକ୍ତ ପାହାଡର ଉଚ୍ଚତା ୧୨୩ ଫୁଟ । ଅନେକଗୁଡିଏ ଗୁମ୍ଫା ଧ୍ୱଂସପ୍ରାପ୍ତ । ବର୍ତ୍ତମାନ ଏଠାରେ ୧୯ଟି ଗୁମ୍ଫା ଦୃଷ୍ଟିରେ ପଡେ । ତତ୍ତ୍ୱଗୁମ୍ଫା(କ), ତତ୍ତ୍ୱଗୁମ୍ଫା (ଖ), ଖୋଲାଗୁମ୍ଫା, ତେନ୍ତୁଳିଆ ଗୁମ୍ଫା, ଖଣ୍ଡଗିରି ଗୁମ୍ଫା, ଧ୍ୟାନଘର ଗୁମ୍ଫା, ନବମୂନୀ ଗୁମ୍ଫା, ବାରଭୂଜା ଗୁମ୍ଫା, ତ୍ରିଶୁଳ ଗୁମ୍ଫା, ଲଲାଟେନ୍ଦୁ ଗୁମ୍ଫା, ଅନନ୍ତ ଗୁମ୍ଫା, ଆକାଶଗଙ୍ଗା ଗୁମ୍ଫା, ଜୈନ ମନ୍ଦିର, ଦେବ ସଭା ଓ ଭଗ୍ନ ଗୁମ୍ଫାଗୁଡିକ ଅଦ୍ୟାବଧି ବିଦ୍ୟମାନ । ମାଘ ସପ୍ତମୀରେ ଏଠାରେ ଏକ ବଡ ଧରଣର ମେଳା ଅନୁଷ୍ଠିତ ହୁଏ ।

**ଉଦୟଗିରି :** ଖଣ୍ଡଗିରିର ଉତ୍ତର ଦିଗରେ ଅବସ୍ଥିତ ଉଦୟଗିରି ପାହାଡ଼ ୧୧୦ ଫୁଟ୍ ଉଚ୍ଚତା ବିଶିଷ୍ଟ । ଉଦୟଗିରିରେ ଧର୍ମଭାବ ସହିତ ରାଜନୈତିକ, ପାରିବାରିକ, ସଭ୍ୟତା ଓ ସ୍ଥାପତ୍ୟ ଆଦିର ବହୁମୁଖୀ ପ୍ରତିଭାର ଚିହ୍ନ ରହିଛି । ଏହି ପାହାଡ଼ର ପୂର୍ବନାମ ଥିଲା କୁମାରୀ ପର୍ବତ । ଏଥିରେ ୪୪ଟି ଗୁମ୍ଫା ଖୋଦିତ । ସେଥିରୁ କେତେକ ପ୍ରଧାନ ଗୁମ୍ଫାର ନାମ ଉଲ୍ଲେଖଯୋଗ୍ୟ । ରାଣୀହଂସପୁର, ସଂଗୀତକାର, ବାଜାଦାର, ଛୋଟ ହାତୀଗୁମ୍ଫା, ଅଳକାପୁରୀ, ଜୟବିଜୟ ଗୁମ୍ଫା, ଠାକୁରାଣୀ ଗୁମ୍ଫା, ପଣସ ଗୁମ୍ଫା, ପାତାଳପୁରୀ ଗୁମ୍ଫା, ମଞ୍ଚପୁରୀ ଗୁମ୍ଫା, ଗଣେଶ ଗୁମ୍ଫା, ଧ୍ୟାନଘର ଗୁମ୍ଫା, ହାତୀଗୁମ୍ଫା, ସର୍ପଗୁମ୍ଫା, ବାଘଗୁମ୍ଫା, ହରିଦାସ ଗୁମ୍ଫା, ଜମେଶ୍ୱର ଗୁମ୍ଫା, ଜଗନ୍ନାଥ ଗୁମ୍ଫା ଓ ରୋଷେଇ ଗୁମ୍ଫା ଇତ୍ୟାଦି । ଜଣାଯାଏ ଯେ ରାଣୀହଂସପୁରରେ ଖାରବେଳ ଯାତ୍ରା ଅଭିନୟ ପ୍ରଦର୍ଶନ କରାଉଥିଲେ ରାଜପରିବାର ପାଇଁ । ଏହାର ନାମ ବ୍ୟାଜୋକ୍ତି । ଏହାଦ୍ୱାରା ସୈନ୍ୟମାନଙ୍କ ମଧ୍ୟରେ ସାଂସ୍କୃତିକ ମନୋଭାବ ଜାଗ୍ରତ ହେବା ସଂଗେ ସଂଗେ ଯୁଦ୍ଧର ଭାବ ପ୍ରବଣତା ସୃଷ୍ଟି କରାଯାଉଥିଲା । ସେ ଥିଲେ



ନିଜେ ନୃତ୍ୟ, ଗୀତ ଓ ସଂଗୀତ ପ୍ରିୟ । ହାତୀଗୁମ୍ଫାର ଖୋଦିତ ଲିପି ଖାରବେଳଙ୍କ ରାଜତ୍ୱର ବୀରତ୍ୱପୂର୍ଣ୍ଣ କାହାଣୀ ଓ କଳିଙ୍ଗର ସ୍ୱର୍ଣ୍ଣ ଯୁଗର ଅତୁଳନୀୟ ବିବରଣୀ ଇତିହାସ ପ୍ରସିଦ୍ଧ ।

ଶିଶୁପାଳଗଡ଼ : ବଡ଼ଗଡ଼ ସୀମାର ଦକ୍ଷିଣ ଦିଗରେ ଶିଶୁପାଳଗଡ଼ ଅବସ୍ଥିତ । ଉକ୍ତ ଗଡ଼ର ନାମକରଣରେ ଐତିହାସିକମାନେ ବିଭିନ୍ନ ମତ ଦିଅନ୍ତି ।

୧. ରାଜା ଶିଶୁପାଳଙ୍କ ଦ୍ୱାରା ନିର୍ମିତ ହୋଇଥିବାରୁ ତାଙ୍କ ନାମାନୁସାରେ ଏହାର ନାମ ଶିଶୁପାଳ ।

୨. କେଶରୀବଂଶର ରାଜା ଶିଶୁପାଳ କେଶରୀଙ୍କ ଦ୍ୱାରା ନିର୍ମିତ ।

୩. ଶିଶୁପାଳ ଗ୍ରାମରେ ଏହି ଗଡ଼ ଅବସ୍ଥିତ ।

ଏହି ଗଡ଼ ଏକ ବର୍ଗାକାର ଗଡ଼ । ଏହାର ଚତୁଃପାର୍ଶ୍ୱରେ ଗଡ଼ଖାଇ ଥିଲା ଓ ଗଡ଼ର ଚାରିକଡ଼ରେ ମାଟିର ପ୍ରାଚୀର ସହ ଚାରିକଡ଼ରେ ୪ ଗୋଟି ପ୍ରବେଶ ଦ୍ୱାର ଥିଲା । ଏହି ଗଡ଼ରେ ୩ଟି ପ୍ରାଚୀନ ମନ୍ଦିର ଥିଲା । ତାହା ଉତ୍କଳଶ୍ୱେର, ଗୋକର୍ଣ୍ଣେଶ୍ୱର ଓ ସର୍ବତେଶ୍ୱର ।

ଐତିହାସିକମାନଙ୍କର ଅନୁମାନ ଯେ, ଏଠାରେ ଯେଉଁ ଜନବସିତ ଥିଲା ତାହାର କାଳ ଖ୍ରୀ.ପୂ. ୩୦୦-୪୦୦ ବର୍ଷ ପୂର୍ବର । ଶିଶୁପାଳଗଡ଼ କଳିଙ୍ଗ ନଗର ବର୍ଣ୍ଣନାର ବହୁ ସାଦୃଶ୍ୟ ଥିବାର ଜଣାଯାଏ । ଏହା ମେଘବାହନଙ୍କ ବଂଶର ଚେଦୀରାଜା ଖାରବେଳଙ୍କ ରାଜଧାନୀ ଥିଲା । ଶିଳାଲେଖରୁ ଜଣାଯାଏ ଯେ ଖାରବେଳଙ୍କ ପ୍ରସିଦ୍ଧ ଦିଗ୍‌ବିଜୟ ପରେ ଉକ୍ତ ଗଡ଼ର ମରାମତି କରିଥିଲେ ବହୁ ସ୍ୱର୍ଣ୍ଣମୁଦ୍ରା ବ୍ୟୟରେ । ଉଦୟଗିରି ନିକଟରେ ଶିଶୁପାଳଗଡ଼ ଛଡ଼ା ଅନ୍ୟ କୌଣସି ସୁଦୃଢ଼ ଦୁର୍ଗ ନଥିଲା । ତେଣୁ ଶିଶୁପାଳଗଡ଼ କଳିଙ୍ଗ ନଗର ବୋଲି ଅଧିକ ପ୍ରମାଣଯୋଗ୍ୟ ହୋଇଛି । ମାତ୍ର ଶିଶୁପାଳଗଡ଼ ୧୯୪୮ରେ ଖନନ ବେଳେ ଓ ଧଉଳିର ଅନୁଶାସନ ପାଠରୁ ଜଣାପଡ଼େ, ଏହା ମୌର୍ଯ୍ୟ ଶାସନ କାଳରେ ତୋଷାଳି ନଗରୀ ଓ ଗଡ଼ ଥିଲା । ଏହିଠାରୁ ତୋଷାଳି ରାଜ୍ୟ ଶାସିତ ହେଉଥିଲା ।

**ଧଉଳିଗିରି :** ଭୁବନେଶ୍ୱରର ଦକ୍ଷିଣ ଦିଗରେ ବିଖ୍ୟାତ ଧଉଳିଗିରି ଦୟାନଦୀ କୂଳରେ ଅବସ୍ଥିତ । ଏହି ପାହାଡ଼ରେ ସମ୍ରାଟ ଅଶୋକଙ୍କ ଅନୁଶାସନ ଦେଖାଯାଏ । ପାହାଡ଼ ଖୋଲରେ ଏକ ମନ୍ଦିର ଅବସ୍ଥିତ । "ରାଜାଭିଷେକର ଅଷ୍ଟମ ବର୍ଷରେ ଦେବପ୍ରିୟ ପ୍ରିୟଦର୍ଶୀ ରାଜା କଳିଙ୍ଗ ଦେଶ ଜୟ କରିଥିଲେ । କଳିଙ୍ଗ ଯୁଦ୍ଧରେ ଏକଶତ ପଚାଶ ହଜାର (ଦେଢ଼ଲକ୍ଷ) ଲୋକ ବନ୍ଦୀ ରୂପେ ସ୍ଥାନାନ୍ତରିତ ହୋଇଥିଲେ ।"

"ଦେବପ୍ରିୟ ପ୍ରିୟଦର୍ଶୀ ଅଶୋକଙ୍କ ଆଦେଶରେ ତୋଷାଳିରେ ନିଯୁକ୍ତ ମହାମାତ୍ରୀୟ ନଗର ବ୍ୟବହାରମାନଙ୍କ ଉଦ୍ଦେଶ୍ୟରେ ଲିଖିତ ହୋଇଅଛି ।"

ଐତିହାସିକ ପୀଠ ବଡ଼ଗଡ଼ ଗ୍ରାମର ମହନୀୟତା ପ୍ରକାଶ କରିବାକୁ ଗଲାବେଳେ ଏହାର ଚତୁର୍ଦ୍ଦିଗରେ ଅବସ୍ଥିତ ଐତିହାସିକ ସ୍ଥାନ ଏବଂ ଏହା ମନ୍ଦିରମାଳିନୀ ଭୁବନେଶ୍ୱରର ଏକ ପ୍ରଧାନ ଅଂଶ ଭାବରେ ପ୍ରତିପାଦନ କରାଯାଇଛି । ଏଣୁ ଏହାର ନିକଟବର୍ତ୍ତୀ ଐତିହାସିକ ପୀଠଗୁଡ଼ିକ ପୁସ୍ତକର ଅନ୍ୟତ୍ର ବିଶଦ ଭାବରେ ବର୍ଣ୍ଣନା କରାଯାଇଅଛି ଏବଂ ଏହି ପରିଚ୍ଛେଦରେ ସେହି ସ୍ଥାନଗୁଡ଼ିକ ସଂକ୍ଷେପରେ ବର୍ଣ୍ଣନା କରାଯାଇଛି ।

ବଡ଼ଗଡ଼, ଭୁବନେଶ୍ୱର

# ବିଶ୍ୱର ଏକ ଶ୍ରେଷ୍ଠ ଓ ଦୀର୍ଘସ୍ଥାୟୀ ଯୋଗଧାମ-ଭୁବନେଶ୍ୱର

*ଡ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ*

ଦୁର୍ଦ୍ଧର୍ଷ ଭୂମିଥିଲା ତରବାରିରେ ରାଜ୍ୟ ଜୟର କର୍ମଭୂମି ଓ ଆଧ୍ୟାତ୍ମ ବିଦ୍ୟାରେ ଯୋଗର ତପୋଭୂମି ଏହା ଏକ ନିର୍ବିବାଦ ସତ୍ୟ ଯେ, ଭୁବନେଶ୍ୱରସ୍ଥ ଖଣ୍ଡଗିରି ଓ ଉଦୟଗିରି, ଯାହାକୁ କୁମାର ଓ କୁମାରୀ ପର୍ବତ ବୋଲି କୁହାଯାଇଅଛି, ତାହା ଶ୍ରମଣ, ଯତି, ଉପସ୍କାର, ଅର୍ହତ ତପସ୍ୱୀ ଆଦି ମାନଙ୍କର ଏକ ପ୍ରଧାନ ଯୋଗପୀଠ ରୂପେ ପ୍ରସିଦ୍ଧି ଥିଲା । ଯେଉଁଠି ଶତଶତ ଗୁମ୍ଫାରେ ଯୋଗୀମାନେ ଧ୍ୟାନରତ ଥିଲେ ଏହା ଖାରବେଳଙ୍କର ବହୁ ପୂର୍ବରୁ ପ୍ରାୟ ୬୦୦ ଖ୍ରୀ. ପୂର୍ବରୁ ଆରମ୍ଭ ହୋଇ ଷୋଡଶ–ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । କାରଣ ଖାରବେଳଙ୍କ ଶିଳାଲେଖା ଅନୁସାରେ ୨୪ତମ ଜୈନ ତୀର୍ଥଙ୍କର ମହାବୀର ଏଠାରେ ଧର୍ମଚକ୍ର ପ୍ରବର୍ତ୍ତନ ମହାସଭା କରାଇଥିଲେ । ମହାବୀରଙ୍କ ସମୟ ୬୯୯ ଖ୍ରୀ.ପୂ. ହେତୁ ସେତେବେଳଠାରୁ ଏହି ଭୁବନେଶ୍ୱର ଏକ ଶ୍ରେଷ୍ଠ ଯୋଗପୀଠ ରୂପେ ପ୍ରଚଳିତ ଥିଲା ଓ ୧୬ଶ-୧୭ଶ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏଠାରେ ଥିବା ଶିଳାଲେଖାରୁ ନିଶ୍ଚିତ ହୁଏ ଯେ ଏଠାରେ ମୁନି ଋଷିମାନେ ତପୋରତ ଥିଲେ । ଏଣୁ ୨୦୦୦ ବର୍ଷ ବ୍ୟାପୀ ଏକ ସୁଦୀର୍ଘ ଯୋଗଭୂମି ରୂପେ ଏହା ସ୍ୱୀକୃତ ଥିବା ନିଃସନ୍ଦେହ – ଏପରି ବିଶାଳ ଓ ଦୀର୍ଘ ଯୋଗଧାମ ଅତ୍ୟନ୍ତ ବିରଳ । ଦ୍ୱିତୀୟରେ ଖାରବେଳ ନିଜକୁ ଓ ବନ ବଂଶଧର ରୂପେ ପରିଚୟ ଦେଇଛନ୍ତି ଯେଉଁ ବଂଶରେ ରାଜା ପୃଥୁ ଜନ୍ମ ନେଇଥିଲେ ଓ ଖାରବେଳ ସେହି ପୃଥୁଙ୍କ ପଦାନୁସରଣ କରିଥିବା କଥା ସ୍ପଷ୍ଟ କରିଛନ୍ତି । ଖାରବେଳଙ୍କ ରାଜ୍ୟାଭିଷେକ ସମୟରେ ପୃଥୁ ନିର୍ଦ୍ଦିଷ୍ଟ ମାର୍ଗକୁ ଅନୁସରଣ କରିବାକୁ ସେ ପ୍ରତିଜ୍ଞା କରି କହିଛନ୍ତି:

"ଯଶ୍ଚାତ୍ର ଧର୍ମନୀତ୍ୟୁକ୍ତୋ ଦଣ୍ଡନୀତି ବ୍ୟପାଶ୍ରୟଃ
ତମଶଙ୍କଃ କରିଷ୍ୟାମି ସ୍ୱବଶୋନ କଦାଚନ''

ଅର୍ଥାତ୍ - ଏଠାରେ ପ୍ରଚଳିତ ଧର୍ମନୀତି ଦଣ୍ଡନୀତିକୁ ମୁଁ ଶଙ୍କା ହୀନ ଭାବେ ଆଶ୍ରୟ କରିବି ଏବଂ ନିଜ ଇଚ୍ଛାନୁସାରେ କେବେ ବି ପରିଚାଳିତ ହେବି ନାହିଁ ।

ଦ୍ୱିତୀୟରେ – ସପ୍ତଶତୀ ଚଣ୍ଡୀକୁ ଆଧାର କରି ପୁରୀ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପଣ୍ଡିତ ମାନେ ଅନୁମାନ କରନ୍ତି ଯେ ଖାରବେଳଙ୍କ ପିତା ଥିଲେ ରାଜା ସୁରଥ ଯିଏ ଶତ୍ରୁ ଦ୍ୱାରା ପରାହତ ହୋଇଥିଲେ ଓ ଏହି ଖଣ୍ଡଗିରି ଠାରେ ମେଧା ଋଷିଙ୍କ ଠାରୁ ଯୋଗ ଶିକ୍ଷା କରି ଦୃତ ରାଜ୍ୟ ଫେରି ପାଇଥିଲେ । ମେଧା ଋଷି ପର୍ଶୁରାମଙ୍କ ଯୋଗ ଶ୍ରୀ ବିଦ୍ୟାର ପ୍ରବର୍ତ୍ତକ ହୋଇଥିବାରୁ ଏଠାରେ ଶ୍ରୀ ବିଦ୍ୟାର ପ୍ରଚଳନ ଥିବା ଅନୁମାନ କରି ହୁଏ

କହିବା ବାହୁଲ୍ୟ ଯେ ଭାଗବତରେ ବିସ୍ତୃତଭାବେ ବର୍ଣ୍ଣିତ ପୃଥୁରାଜାଙ୍କର ଯୋଗ ପ୍ରଣାଳୀ ଏବେ ମଧ୍ୟ ହିନ୍ଦୁ ଧର୍ମରେ ବ୍ରାହ୍ମଣମାନେ ଦେବଦେବୀ ପୂଜା ସମୟରେ ପାଳନ କରୁଛନ୍ତି । କିନ୍ତୁ ତାହା ଏବେ କେବଳ ଉପଚାର ବା ସଦାଚାର ରୂପରେ ବ୍ୟବହାର ହେଉଛି । ଆଚାର, ବିଚାର, ବିମର୍ଶହୀନ ହୋଇ ଏବେ କେବଳ ଏଠି ସେହି ଯୋଗର କନାଖଣ୍ଡକ ପଡି ରହିଛି ଓ କର୍ପୁରତକ ଉଡି ଯାଇଛି । ଭୁବନେଶ୍ୱରର ଏହି ଯୋଗ ଯାହା କେବଳ ଏବେ ଆବୃତ୍ତିମଧ୍ୟରେ ପ୍ରଚଳିତ ଓ ଭାଗବତରେ ଲିପିବଦ୍ଧ - ତାହାର ଅବିକଳ ରୂପ – ଜୈନ ମାନଙ୍କର ଯୋଗ "ପିଣ୍ଡସ୍ଥାନ' ମଧ୍ୟରେ ଉପଲବ୍ଧ ହୁଏ । ଏହା ହିନ୍ଦୁ ଯୋଗର ଭୂତ ଶୁଦ୍ଧି, ପାପ ପୁରୁଷ ଦହନ, ଶୋଷଣ ଆପ୍ଲାବନ ଆଦି ସହ ସମାନ ଅଟେ । ପଂଭୂତର ଲୟ ଆଦି ଯୋଗର ସାର ଗୁଡିକ ଯାହା ଭାଗବତରେ ଉପଲବ୍ଧ ତାର ସଂଗ୍ରହକୁ ଏଠାରେ ବିସ୍ତାର ଭୟରେ ସଂକ୍ଷେପରେ ଉଦ୍ଧାର କରାଯାଇପାରେ ।

**ଭାଗବତରେ ଖଣ୍ଡଗିରି ଯୋଗ**


ଭାଗବତ ସ୍କନ୍ଧ, ଅଧ୍ୟାୟ-୨୩
ସମ୍ରାଟ ପୃଥୁ ସମାଧି ଯୋଗ
(ମୈତ୍ରେୟ ବିଦୁର ସମ୍ବାଦ)

ବୃଦ୍ଧ ଶରୀର ଗ୍ରାସେ କାଳ । ଦେଖି ବିଷାଦ ମହିପାଳ ॥
ସକଳ ସମର୍ପି କୁମରେ । ଗମନ କଲେ ବନ ଘୋରେ ॥
ସ୍ୱଇଚ୍ଛା ମତେ ଦୁଃଖ ଶ୍ରମେ । ତପ ଆରାଧି ଯୋଗ ଧର୍ମେ ॥
କଠୋର ଉଗ୍ର ତପେ ରାୟେ । ଯେମନ୍ତେ ପୂର୍ବେ ରାଜ୍ୟ ଜୟେ ॥
ଫଳାଦି ଶାକ କନ୍ଦମୂଳ । ଭୋଜନ କରନ୍ତି କେବଳ ॥
ନିଷ୍କାମ ତପସ୍ୟା କଠୋର । କେବଳ ପବନ ଆହାର ॥
ପୁଣି ନିଦାଘ କାଳେ ନୃପ । ତପସ୍ୟା କଲେ ପଂ ତାପ ॥
ସେ ଚାରିପାଶେ ଅଛି ଜାଳି । ମଧ୍ୟେ ବସିଲେ ନିର୍ବିଚଳି ॥
ସୂର୍ଯ୍ୟ ମଣ୍ଡଳେ ଦୃଷ୍ଟି ଧରି । ପରମ ବ୍ରହ୍ମେ ଧ୍ୟାନ କରି ॥
ନିରତେ ପ୍ରାଣାୟମ କରି । ଇନ୍ଦ୍ରିୟ ସମୂହ ସଂହରି ॥
ଛାଡିଲା ଅଶେଷ ବନ୍ଧନ । ଯେ କିଛି ବାସନାଦି ମାନ ॥
ଶୟନେ ଭୂମି ଶଯ୍ୟା କରି । ଏ ଘୋର ତପସ୍ୟା ଆଚରି ॥

ଜୀତପବନ ଉର୍ଦ୍ଧ୍ୱରେ । ସଂଜାତ ଗୀର ଶାନ୍ତ ଦାନ୍ତ ॥
ନିଶ୍ଚଳ ଚିତ୍ତେ ନୃପବର । ତପ ସାଧନେ ନଷ୍ଠାପର ॥
ନିର୍ମଳ ମନ ପ୍ରକାଶିଲା । ବୈରାଗ୍ୟ କିନ ଉପୁଜିଲା ॥
ସେ ଜ୍ଞାନ ତୀକ୍ଷ୍ଣ ଶସ୍ତ୍ରେ ରାୟେ। ଛେଦିଲେ ହୃଦୟ ସଂଶୟେ ॥
ଦେହରେ ଆତ୍ମ ବୁଦ୍ଧି ଯେହି । ତକ୍ଷଣେ ଦୂର ଗଲା ସେହି ॥
ଏଣୁ ପାଇଲେ ଆତ୍ମଗତି । ନିରହଂକାର ହେଲା ମତି ॥
ଏ ରୂପେ କଲେ ସେ ରାଜନ । ଆତ୍ମାରେ ଆତ୍ମାକୁ ଯୋଜନ ॥
ସେ ଯୋଗୀ ଯୋଗାସନ ବଳେ । ବ୍ରହ୍ମସ୍ୱରୂପୀ ସେ ହୋଇଲେ ॥
ବାମ ଚରଣ ମୂଳାଧାରେ । ନିରୋଧି ଚାପିଲେ ନିର୍ଭରେ ॥

ସେ ମୂଳାଧାରାରୁ ପବନ । ଉର୍ଦ୍ଧ୍ୱକୁ ଟେକିଲେ ରାଜନ ॥
ନାଭିରୁ ହୃଦୟ କମଳେ । ପବନ ରଖିଲେ ସଧୀରେ ॥
ତହୁଁ ଷୋଡଶ ଦଳେ ନେଲେ । ତହୁଁ କଣ୍ଠରେ ତହୁଁ ଶୀରେ ॥
ଏ ରୂପେ ପ୍ରାଣାଦି ପବନ । ଭେଦିଣ ଏ ଷଦଚକ୍ରେଣ ॥
ସେ ବ୍ରହ୍ମରନ୍ଧ୍ରେ ଯୋଗବଳେ । ଏ ସର୍ବ କରି ଏକ ଠୁଳେ ॥
ମନ ପବନ ଦୃଢେ ଧରି । ଭିତରେ ରହିଲେ ପାସୋରି ॥
ସେ ବନେ ପୃଥୁ ନୃପନାଥ । ଦେହ ଧାରଣେ ପଂଭୂତ ॥
ଏମନ୍ତେ ପୃଥୁ ମହୀପାଳ । ଦେହ ତେଜିଲେ ପାଇ କାଳ ॥
ସେ ଅର୍ଚ୍ଚିରାଣୀ ସୁକୁମାରୀ । ଦୃଢରେ ପତିବ୍ରତାଚାରୀ ॥

ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୮୫୩୧୯୪୫୭୨



# ମନ୍ଦିର ମାଳିନୀ

*ହଂସନାଥ ମୁଦୁଲି*

ଆମର ଏହି ସହର
ମନ୍ଦିରମାଳିନୀ ଭୁବନେଶ୍ୱର
ବକ୍ଷରେ ଧରିଛି ସୁନ୍ଦର ସୁନ୍ଦର
ଶହ ଶହ ପୁରାତନ ମନ୍ଦିର ।୦।

ପ୍ରଭୁ ଲିଙ୍ଗରାଜ ମନ୍ଦିର
ଦେବଦେବ ସେହି ମହାଦେବଙ୍କର
ଅତି ପ୍ରିୟସ୍ଥଳୀ ଭୁବନେଶ୍ୱର
ଏଇ ସହରକୁ ସାରା ଦୁନିଆରେ
ଦେଇଛି ନୂଆ ନଜର ।୧।

ପୁଣି ମୁକ୍ତେଶ୍ୱର ମନ୍ଦିର
କଳାଭାସ୍କର୍ଯ୍ୟର ସେ ଗନ୍ତାଘର
ଦେଖଣାହାରୀଙ୍କ ମନର ଗାର
ସୁନ୍ଦର ପଣରେ ସାରା ଜଗତର
ଦର୍ଶକ ମନକୁ କରେ ଅଧିର ।୨।

ଆଉ ରାଜରାଣୀ ମନ୍ଦିର
ଗାରିମା ବଢ଼ାଏ ମନ୍ଦିର ସହର
ଖଜୁରାହୋ ପରି ଭାସ୍କର୍ଯ୍ୟ ତାର
ସବୁ ପର୍ଯ୍ୟଟକ ମନରେ ପ୍ରେମର
ଗୁଢ଼ତତ୍ତ୍ୱ ପୁଣି କରେ ସଂଚାର ।୩।

ପର୍ଶୁରାମେଶ୍ୱର ମନ୍ଦିର
ଓଡିଶାରେ ଏକ ପୁରୁଣା ଭାସ୍କର
ବରଷା କାଳରେ ଦର୍ଶକ ଭିଡର
ସମାଗମ ଏଠି ଅତି ସୁନ୍ଦର
ବିଜେ ଦେବ ମହାଦେବ ଠାକୁର ।୪।

ପବନେଶ୍ୱର ମନ୍ଦିର
ପର୍ଶୁରାମେଶ୍ୱର ମନ୍ଦିର ନିକଟେ
ଭୁବନେଶ୍ୱରର ଏହି ମନ୍ଦିର
ପ୍ରଭୁ ମହାଦେବ ଏଠି ଠାକୁର
ଦର୍ଶକ ଦେଖନ୍ତି ହୋଇ ଅଧିର ।୫।

ସୁବର୍ଣ୍ଣେଶ୍ୱର ମନ୍ଦିର
ପର୍ଶୁରାମେଶ୍ୱର ମନ୍ଦିର ପାଖରେ
ପାପନାଶିନୀ କୁଣ୍ଡ ଘେରା ମନ୍ଦିର
ପୁରୁଣା ସହରେ ପୁରୁଣା ମନ୍ଦିର
ଗଢ଼ା ଦଶମ ଶତାବ୍ଦୀ କାଳର ।୬।



ମଙ୍ଗଳେଶ୍ୱର ମନ୍ଦିର
ହିନ୍ଦୁ ମାନଙ୍କର ଶିବମନ୍ଦିର
ଚତୁର୍ଦ୍ଦଶ ଶତାବ୍ଦୀ କାଳର
ପୁରୁଣା ସହରେ ପୁରୁଣା ମନ୍ଦିର
ଦର୍ଶକ ମନରେ ଆଣା ଆଦର ।୭।

ଆଉ ବ୍ରହ୍ମେଶ୍ୱର ମନ୍ଦିର
ହିନ୍ଦୁମାନଙ୍କର ଏ ଶିବ ମନ୍ଦିର
ନବମ-ଦଶମ ଶତାବ୍ଦୀ କାଳର
ମନେହୁଏ ଗଢା ଏହି ମନ୍ଦିର
ଓଡିଶା କଳାର ନିଖୁଣ ଗାର ।୮।

ବହିଭାଙ୍ଗେଶ୍ୱର ମନ୍ଦିର
ଧଉଳି ପାହାଡ ନିକଟେ ଏହି ଯେ
ସୁନ୍ଦର କଳାର ଘର
ମହାପ୍ରଭୁ ଶିବ ପୂଜାର ଠାକୁର
ଦର୍ଶକଙ୍କ ଭିଡ ସ୍ଥଳ ।୯।
ଚମ୍ପକେଶ୍ୱର ମନ୍ଦିର
ଦେବ ମହାଦେବ ଏଠି ଯେ ଠାକୁର
କୋଟି ତୀର୍ଥ ଗଳିର ଭିତର
ତ୍ରୟୋଦଶ ଶତାବ୍ଦୀର ମୋହର
ପୁରୁଣା ସହରେ ସ୍ଥିତି ଏହାର। ।୧୦।

ପୁଣି ଦିଶେଶ୍ୱର ମନ୍ଦିର
ପଞ୍ଚଦଶ ଶତାବ୍ଦୀର ମନ୍ଦିର
ମନ୍ଦିର ଉପରେ ବୃକ୍ଷଲତା ଛାଇ
ଏବେ ସ୍ଥିତି ଟିକେ ଖରାପ ତାହାର
ତଥାପି ଦର୍ଶକ ମନ ଅଧିର। ।୧୧।

ଏଠି ଗଙ୍ଗେଶ୍ୱର ମନ୍ଦିର
ମନ୍ଦିର ପୁରୁଣା ସହର ଭିତର
କଲ୍ୟାଣକାରୀ ଶିବ ଠାକୁର
ଲୋକ କଥା ଏଠି ଦେବୀଙ୍କ ପାଇଁକି
ଗଙ୍ଗା ଯମୁନା ହୋଇଥିଲେ ବାହାର ।୧୨।

ପୁଣି ଅଷ୍ଟଶମ୍ଭୁ ମନ୍ଦିର
ଆଠ ମନ୍ଦିରର ଏହା ସମାହାର
ପ୍ରଭୁ ମହାଦେବ ଯହିଁ ଠାକୁର
କଳିଙ୍ଗ କଳାର ଉତ୍କୃଷ୍ଟ ସମ୍ଭାର
ଦର୍ଶକ ମାନଙ୍କୁ କରେ ଅଧିର ।୧୩।

ଆଉ ଜଳେଶ୍ୱର ମନ୍ଦିର
କଳାରାହାଙ୍ଗ ଗାଁର ବାହାରେ
ଧାନ କ୍ଷେତ ଘେରା ପୋଖରୀ କୂଳରେ
ମନ୍ଦିର ପାର୍ଶ୍ୱରେ କେତୋଟି ଖଣ୍ଡରେ
ଭଗ୍ନ ମୂର୍ତ୍ତି କିଛି ହୋଇ ଆବିଷ୍କାର
ତଥାପି ଲାଗଇ ଭାରି ସୁନ୍ଦର। ।୧୪।

କପିଳେଶ୍ୱର ମନ୍ଦିର
କପିଳେଶ୍ୱର ଗାଁ ଦକ୍ଷିଣ ପଶ୍ଚିମେ
ଚତୁର୍ଦ୍ଦଶ ଶତାବ୍ଦୀର ମନ୍ଦିର
ବିରାଜମାନ କପିଳନାଥ
ଶିବ ଯହିଁ ଅଧୀଶ୍ୱର ।୧୫।

ସହସ୍ର ମଧ୍ୟରୁ କେତୋଟି ଏହି ଯେ
ଆହୁରି ଅଛି ଅନେକ
ପ୍ରିୟ ଭକ୍ତଜନ ବୁଲି ଦେଖୁଛନ୍ତି
(ସବୁ) ମନ୍ଦିର ଏହି ପୀଠରେ
ମନ୍ଦିରମାଳିନୀ ଭୁବନେଶ୍ୱର
ଆମର ଏହି ସହର।


ଡୁମୁଡୁମା (କ), ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୩୦
ମୋ - ୯୭୭୭୯୬୮୭୧୯

# ଚଉଷଠି ଯୋଗିନୀ - ଭୁବନେଶ୍ୱର

*ଇଂ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ*

ପୁରାଣ ପ୍ରସିଦ୍ଧ ଓ ଇତିହାସ ପ୍ରସିଦ୍ଧ ଭୁବନେଶ୍ୱର ସହର ଉପକଣ୍ଠରେ ରହିଛି ବିଖ୍ୟାତ ଚଉଷଠି ଯୋଗିନୀ ପୀଠ । ଏହା ଏକ ତନ୍ତ୍ରପୀଠ ଭାବରେ ସର୍ବବିଦିତ । ଭୁବନେଶ୍ୱରର ଦକ୍ଷିଣ-ପୂର୍ବ ଦିଗରେ ଅବସ୍ଥିତ ଧଉଳି ପାହାଡର ପୂର୍ବକୁ ଅନତି ଦୂରରେ ଏହା ଅବସ୍ଥିତ । ଚଣ୍ଡୀପୁରାଣ ଅନୁସାରେ ମହିଷାସୁର ବଧ ପାଇଁ ମା ଦୁର୍ଗାଙ୍କ ସକଳ ଉଦ୍ୟମ ବ୍ୟର୍ଥ ହେଲା । କାରଣ ମା ଦୁର୍ଗାଙ୍କୁ ଯୁଦ୍ଧରେ ସାମନା କରିବାକୁ ହୋଇଥିଲା ମହିଷାର ମୁଖ୍ୟ ସହାୟକ ରକ୍ତବୀର୍ଯ୍ୟକୁ । ରକ୍ତବୀର୍ଯ୍ୟକୁ ମାରିବାକୁ ଯେତେ କୌଶଳ ଅବଲମ୍ବନ କଲେ ମଧ୍ୟ ବ୍ୟର୍ଥ ହେଉଥିଲା ସବୁ କିଛି । କାରଣ ମା ଦୁର୍ଗାଙ୍କ ପ୍ରହାରରେ କ୍ଷତାକ୍ତ ହେଲାପରେ କ୍ଷରିକ୍ତ ରକ୍ତ ଭୂମି ସ୍ପର୍ଶ କଲାମାତ୍ରେ ଅନେକ ରକ୍ତବୀର୍ଯ୍ୟ ସୃଷ୍ଟି ହେଉଥିଲେ । ଏହିଭଳି ଅବସ୍ଥାକୁ ସାମନା କରିବାକୁ ମା ଦୁର୍ଗା ନୂତନ ଉପାୟ ଅବଲମ୍ବନ କରିଥିଲେ । ତଦନୁସାରେ ନିଜ ଶରୀରରୁ ଚଉଷଠି ଯୋଗିନୀ ସୃଷ୍ଟି କଲେ ମା ଦୁର୍ଗା । ସୃଷ୍ଟି ହୋଇଥିବା ଯୋଗିନୀଗଣ ବିକଟାଳ ଶବ୍ଦ କରି ରକ୍ତବୀର୍ଯ୍ୟର ପ୍ରତି ବିନ୍ଦୁ ରକ୍ତ ଭୂମି ସ୍ପର୍ଶ କରିବା ପୂର୍ବରୁ ସଙ୍ଗେସଙ୍ଗେ ଶୋଷି ନେଉଥିଲେ । ପରିଣତିରେ ମାଙ୍କ ଦ୍ୱାରା ରକ୍ତବୀର୍ଯ୍ୟର ନିଧନ ସମ୍ଭବ ହୋଇଥିଲା । ରକ୍ତବୀର୍ଯ୍ୟର ସଂହାର ପରେ ମହିଷାସୁର ନିଧନ ସହଜ ହୋଇଥିଲା । ମହିଷାକୁ ମାରି ମା ଦୁର୍ଗା ଜଗତ କଲ୍ୟାଣ ସାଧନ କରିପାରିଥିଲେ ।

ସେହି ଯୋଗିନୀଗଣଙ୍କ ସଂଖ୍ୟା ଚଉଷଠି ଥିଲା । ମଧ୍ୟପ୍ରଦେଶ ମୋରେନା ଜିଲ୍ଲାର ଚଉଷଠି ଯୋଗିନୀ ମନ୍ଦିର, ଖଜୁରାହୋ ଓ ଜବଲପୁରରେ ଥିବା ମନ୍ଦିର ଭଳି ଭୁବନେଶ୍ୱର ସନ୍ନିକଟ ହୀରାପୁର ଚଉଷଠି ଯୋଗିନୀ ମନ୍ଦିରର ଗଢଣଶୈଳୀ । ରହସ୍ୟମୟ ଭାବେ ଏହାର ପରିଗଠନ । ଓଡିଶାର ବଲାଙ୍ଗୀର ଜିଲ୍ଲାର ରାଣୀପୁର ଝରିଆଲ ଠାରେ ଏକାପରି ଚଉଷଠି ଯୋଗିନୀ ମନ୍ଦିର ରହିଅଛି ।

ହୀରାପୁର ଓ ରାଣୀପୁର ଝରିଆଲ୍ ଚଉଷଠି ଯୋଗିନୀ ମନ୍ଦିର ମଧ୍ୟରେ ବେଶ୍ ସାମଞ୍ଜସ୍ୟ ରହିଛି । ଏଗୁଡିକର ନିର୍ମାଣ କୌଶଳ କୌଣସି ଦର୍ଶକକୁ ଅଭିଭୂତ କରିଦେବ । ଐତିହାସିକମାନଙ୍କ ସିଦ୍ଧାନ୍ତ ଅନୁସାରେ ଉତ୍କଳର ପ୍ରସିଦ୍ଧ ଭୌମକର ରାଜବଂଶର ଜଣେ ରାଣୀଙ୍କ ନାମ ଅନୁସାରେ ହୀରାପୁରର ନାମକରଣ । ତେବେ, ଭୌମକର ରାଜବଂଶ ଏହି ମନ୍ଦିର ନିର୍ମାଣ ସହିତ ସମ୍ପୃକ୍ତିର ଯଥେଷ୍ଟ ସମ୍ଭାବନା ରହିଛି । ମନ୍ଦିରମାଳିନୀ ଭୁବନେଶ୍ୱରର ଛୋଟବଡ ମନ୍ଦିର ଗୁଡିକୁ ଲକ୍ଷ୍ୟକଲେ, ଯେଉ ଶିଳାଶିଳ୍ପର ନିଦର୍ଶନ ଦୃଷ୍ଟି ଗୋଚର ହୁଏ, ତାହା ହିଁ ସନ୍ନିକଟ ହୀରାପୁର ଚଉଷଠି ଯୋଗିନୀ ମନ୍ଦିରରେ ପରିସ୍ଫୁଟ ହେବା ଦେଖାଯାଏ । ଏହି ଯୋଗିନୀ ମନ୍ଦିର କିନ୍ତୁ ଓଡିଶାର ଅନ୍ୟ ମନ୍ଦିର ପରି ନୁହେଁ ।

ଏହାର ଗଠନ ଓ ଗଢଣ ସ୍ୱତନ୍ତ୍ର । ଏହାର ପଥର ଭିନ୍ନ, ପଥରର ଆକାର ଭିନ୍ନ । ଚିକ୍‌କଣ କଳା ପଥରରେ ଏହା ନିର୍ମିତ; ପୁଣି ପ୍ରତିଟି ପଥରର ଆକାର ଚାରିକୋଣିଆ ନୁହେଁ, ଏହା ଗୋଲାକାର । ମନ୍ଦିରର ଦଧିନଉତି ନାହିଁ । ମନ୍ଦିରର ଉପର ଭାଗ ଖୋଲା । ୩୦ ଫୁଟ ଘେର ମନ୍ଦିରର ଉଚ୍ଚତା ମୋଟେ ୬ କି ୮ ଫୁଟ । ପାଞ୍ଚଫୁଟରୁ କମ ଅନୁଚ୍ଚ ଦ୍ୱାରଟିଏ । ମୁଣ୍ଡନୁଆଁଇ ମନ୍ଦିର ଭିତରକୁ ପଶିବାକୁ ପଡେ ।

ମନ୍ଦିର ସାମନାରେ ଦ୍ୱାରପାଳ ମୂର୍ତ୍ତି । ଭିତରକୁ ପଶିଗଲେ, ଦୃଷ୍ଟିଗୋଚର ହୁଅନ୍ତି ବୃତ୍ତାକାରରେ ଗୋଲ ହୋଇ ସଜା ହୋଇଥିବା ଯୋଗିନୀଗଣ । କଳା ମୁଗୁନି ପଥରରେ ନିର୍ମିତ ମୂର୍ତ୍ତି । ଗୋଟିଏ ମାପର ୬୦ଟି ମୂର୍ତ୍ତି, ଆଉ ଚାରୋଟି ମଝିରେ ରହିଥିବା ବେଦୀ ଚାରିପାଖରେ ସଜାହୋଇ ଅଛନ୍ତି । ଯୋଗିନୀମାନଙ୍କ ଗହଣରେ ପୂର୍ବମୁହାଁ ଦଶଭୂଜା ମହାମାୟାଙ୍କ ମୂର୍ତ୍ତି । ମନ୍ଦିର ଚତୁଷ୍ପାର୍ଶ୍ୱରେ ବି କିଛି ମୂର୍ତ୍ତି ରହିଛି ।

କୌତୂହଳର ବିଷୟ, ପ୍ରତି ଯୋଗିନୀଙ୍କର ସ୍ୱତନ୍ତ୍ର ନିଜସ୍ୱ ବାହାନ ରହିଛି, ଯେମିତି ଦୁର୍ଗାଙ୍କ ବାହାନ ସିଂହ । ଠିକ୍ ସେହିପରି ଚୁଚୁନ୍ଦ୍ରା, ଝିଟିପିଟି, ଏଣ୍ଡୁଅ, କାଉ, ବିଛା ପରି ଜୀବ ହୋଇଛନ୍ତି ଯୋଗିନୀମାନଙ୍କ ବାହାନ । ପ୍ରତ୍ୟେକ ଯୋଗିନୀ ମୂର୍ତ୍ତିକୁ ଖରାବର୍ଷାରୁ ରକ୍ଷାକରିବା ପାଇଁ ମୁଣ୍ଡ ଉପରେ ରହିଛି ଛତା ପରି କାନ୍ଥରୁ ଝୁଲିଥିବା ପଥର । ଓଡିଆ ଶିଳାଶିଳ୍ପୀର ଚାତୁରୀ ଓ ବୁଦ୍ଧିମତ୍ତାର ବିଶେଷ ପରିଚୟ ମିଳେ ଏଠାରୁ । ଭୁବନେଶ୍ୱରର ମନ୍ଦିରମାଳାର ଶିଳାଶିଳ୍ପିତ କୌଶଳ ପରି ଏହି ଚଉଷଠି ଯୋଗିନୀ ମନ୍ଦିର ନିଜ ଗଢଣ କାଳର ଶିଳ୍ପ ନୈପୁଣ୍ୟର ପରିଚୟ ଦିଏ । ବାସ୍ତବିକ ଭୁବନେଶ୍ୱର ଦିନେ ଶିଳାଶିଳ୍ପର ଉତ୍କର୍ଷ ଲାଭ କରି ଧାର୍ମିକତାର ଏକ ଯୁଗପତ୍ ପ୍ରୟୋଗଶାଳା ହୋଇପାରିଥିଲା । ଏହାର ସୂକ୍ଷ୍ମ ଅନୁସନ୍ଧାନ ହେବା ନିତାନ୍ତ ଆବଶ୍ୟକ ମନେହୁଏ ।

ଓଡିଶାର କ୍ଷେତ୍ରମାନଙ୍କ ଭିତରେ ଏକାମ୍ର କ୍ଷେତ୍ର ସ୍ୱତନ୍ତ୍ର । ତାହାରି ଭିତରେ ଗୌରବମୟ ଇତିହାସ ପ୍ରଚ୍ଛନ୍ନ ହୋଇ ରହିଛି । ଗୋଟିଏ ଜାତିର

ବିସ୍ତୃତ ଓ ଲିଭିଯାଇଥିବା ଇତିହାସକୁ ଯଦି ଶିଳାଶିଳ୍ପ ଜୀବନ୍ତ ଭାବରେ ସୂଚନା ଦିଏ, ଭୁବନେଶ୍ୱରର କଳାଭାସ୍କର୍ଯ୍ୟକୁ ଛାଡି ୨୮ଟି ଶିଳାଲେଖ ସମୟ, ବ୍ୟକ୍ତିତ୍ୱ ଓ ଧର୍ମାର୍ଥ ପରିପ୍ରକାଶ କରେ। ରାଜାମାନଙ୍କର ବିଶେଷ ବିବରଣୀ ଏହି ଶିଳାଲିପିରେ ଉଲ୍ଲିଖିତ। ଏମିତି ସଂଖ୍ୟାଧିକ ଲିଖନ ରହିଛି ଲିଙ୍ଗରାଜ ମନ୍ଦିରରେ। ସାରଳା ଦାସଙ୍କ ମହାଭାରତର ବନପର୍ବର ଏକାମ୍ର ବିବରଣୀ ଏଠାରୁ ମିଳେ। ଶଲ୍ୟପର୍ବରେ ଯୋଗିନୀଗଣଙ୍କର ସୂଚନା ରହିଛି।

ତଦନୁସାରେ ଶ୍ରୀରାମଚନ୍ଦ୍ର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କାଳରେ ଏକାମ୍ରକ୍ଷେତ୍ରସ୍ଥ ରାମେଶ୍ୱର ଲିଙ୍ଗଙ୍କୁ ପୂଜା କରିଥିଲେ। ତୀର୍ଥ ପର୍ଯ୍ୟଟନ ସମୟରେ ଧର୍ମରାଜ ଯୁଧିଷ୍ଠିର ଏକାମ୍ରକ୍ଷେତ୍ରର ବିନ୍ଦୁସାଗରରେ ସ୍ନାନ କରି ଏକାମ୍ରେଶ୍ୱରଙ୍କର ଦର୍ଶନ କରିଥିଲେ। ରକ୍ତନଦୀ ଦିଗରେ ଦୁର୍ଯୋଧନ ପ୍ରାଣରକ୍ଷା ପାଇଁ ଧାଇଁଥିବା ବେଳେ ଯୋଗିନୀଗଣଙ୍କର ଯେଉଁ କିଳିକିଳା ଶବ୍ଦ ଶୁଣିଥିଲେ, ସେଇ ଯୋଗିନୀଗଣ ଏଠାରେ ମୃଣ୍ମୟରୂପ ନେଇଥିବା ଅନୁମାନ କରାଯାଏ।

ଭାରତବର୍ଷରେ ବିଭିନ୍ନ ଧର୍ମର ପ୍ରବାହ ମଧ୍ୟରେ ଦିନେ ମୂଳ ଉତ୍ସ ଥିଲା ସନାତନ ଧର୍ମ। ଏହିଧର୍ମ ହିନ୍ଦୁଧର୍ମ ଭାବରେ ଅଭିହିତ, କାଳକ୍ରମେ ଅନେକ ସମ୍ପ୍ରଦାୟରେ ବିଭକ୍ତ। କିନ୍ତୁ ପ୍ରାକ୍ ଐତିହାସିକ ଯୁଗରୁ ବିଭିନ୍ନ ଧର୍ମ ସମ୍ପ୍ରଦାୟ ମଧ୍ୟରେ ଶାକ୍ତଧର୍ମର ପ୍ରବାହ ରହିଛି। ଏମିତି ଭାରତୀୟ ଧର୍ମ ସଂସ୍କୃତିରେ ଦୁଇଟି ମୁଖ୍ୟ ସ୍ରୋତ ପରିଦୃଷ୍ଟ। ଏହା ହେଲା ପୁରୁଷ ପ୍ରଧାନ ବୈଦିକ ଧାରା ଓ ମାତୃ ପ୍ରଧାନ ତାନ୍ତ୍ରିକ ଧାରା। ବେଦର ବ୍ରହ୍ମପୁରୁଷ ଦଶ ଅବତାର ରୂପେ ପରିକଳ୍ପିତ ହେବାବେଳେ ଶକ୍ତି ଦଶ ମହାବିଦ୍ୟା ରୂପେ ପରିଚିତା। ବୈଦିକମତା ପୁରୁଷ ହିଁ ପରମାତ୍ମା, କିନ୍ତୁ ତନ୍ତ୍ର ମତରେ ପ୍ରକୃତି ବା ଶକ୍ତି ହି ପରଂବ୍ରହ୍ମ।

ଏହି ଶକ୍ତିଙ୍କୁ ଭଗବାନ ଶିବଙ୍କ ପତ୍ନୀଙ୍କୁ ଦେବୀ ରୁପେ ପୂଜା କରାଯାଏ। ଏହି ଦେବୀ ଧରିତ୍ରୀର ଆଦ୍ୟାଶକ୍ତି, ବିଶ୍ୱ ପ୍ରସବିନୀ କେବେ ବିଶ୍ୱ ସଂହାରିଣୀ। ତାଙ୍କ ସହାୟତା ବିନା ଶିବ ବି ଶବ ପାଲଟି ଯାଆନ୍ତି। ଏହି ଶାକ୍ତଧର୍ମ ଓଡିଶାର ଧର୍ମ ଇତିହାସରେ ବହୁଳ ପ୍ରସାରିତ ଯାହା ଫଳରେ ଉତ୍କଳ ଶାକ୍ତ ମଣ୍ଡଳ ନାମକରଣ ହୋଇଛି। ବହୁ ସମୟରେ ହିନ୍ଦୁଧର୍ମ ହେଉ କି ବୌଦ୍ଧ କି ଜୈନ, ସମସ୍ତ ଧର୍ମ ଶକ୍ତିର ପ୍ରଭାବରୁ ମୁକ୍ତ ହୋଇ ରହି ପାରି ନାହାନ୍ତି। ଜୈନ ଧର୍ମ ଯକ୍ଷିଣୀ ଓ ବୌଦ୍ଧଧର୍ମ ପର୍ଣ୍ଣଶବରୀ (ପତ୍ର ସଉରୁଣୀ) ପରି ପ୍ରଖ୍ୟାତ ଦେବୀଙ୍କ ଶକ୍ତିରେ ଆଛନ୍ନ। ଭାରତବର୍ଷର ତନ୍ତ୍ରସାଧନାର ଚାରି ପୀଠ (ଜଳନ୍ଧର, ଉଡ୍ଡୀୟାନ, ପୂର୍ଣ୍ଣଗିରି ଓ କାମରୂପ) ମଧ୍ୟରୁ ଉଡ୍ଡୀୟାନ ବା ଓଡିଶା ପ୍ରମୁଖ।

ଏମିତି ଭୁବନେଶ୍ୱର ଶକ୍ତିପୂଜାର ଏକ ପ୍ରଧାନ ତୀର୍ଥ ପାଲଟିଛି। ପୁରପଲ୍ଲୀରେ ତଥା ନଗର ନଗରୀରେ ଶକ୍ତିଦେବୀଙ୍କର ପ୍ରାଧାନ୍ୟ ବିସ୍ତୃତ। ସୋମବଂଶୀ ଶୈବ ଶାସକମାନେ ଶକ୍ତି ଓ ତନ୍ତ୍ର ସହ ଜଡିତ ଶାକ୍ତ କ୍ଷେତ୍ର ଗୁଡିକର ପୃଷ୍ଠପୋଷକତା କରିଥିଲେ। ଏହି ବଂଶର ଦ୍ୱିତୀୟ ଯଯାତି ଚଣ୍ଡୀହାର ନାମଧାରୀ, ସେମାନେ ଅଷ୍ଟମରୁ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ଶାସନ କରୁଥିଲେ। ପ୍ରଥମେ ଦକ୍ଷିଣ କୋଶଳ (ପଶ୍ଚିମ ଓଡିଶା) ଦଖଲ କରି ବିନୀତପୁର ବା ବିନିକାଠାରେ ରାଜଧାନୀ ସ୍ଥାପନ କରିଥିଲେ। ପରେ ଉତ୍କଳ ଅଧିକାର କରି ଭୁବନେଶ୍ୱରରେ ରାଜଧାନୀ ସ୍ଥାପନ କରିଥିଲେ ତଥା ମନ୍ଦିରମାଳିନୀର ଶୁଭପ୍ରସ୍ତର ଭିତ୍ତି ପକାଇଥିଲେ।

ଉତ୍କଳର ଭୌମବଂଶ ସହିତ କୋଶଳ ସୋମବଂଶୀଙ୍କ ବିବାହ ସମ୍ପର୍କ ରାଜ୍ୟରେ ତଥା ଭୁବନେଶ୍ୱରରେ ଶାକ୍ତ ଧର୍ମର ମୌଳିକତା ସ୍ଥାପନ କରିଛନ୍ତି। ଗୌରୀ ମହାଦେବୀ ଗୌରୀମନ୍ଦିର ତୋଳିବା ସହିତ ମହାରାଣୀ ହୀରାଦେବୀ ତୋଳାଇଛନ୍ତି ଚୌଷଠୀ ଯୋଗିନୀ ମନ୍ଦିର।

ବରମୁଣ୍ଡା ବିଡିଏ କଲୋନି,
ଭୁବନେଶ୍ୱର-୩
ମୋ - ୯୪୩୭୦୭୭୭୬୭



# ବୁଦ୍ଧମୟ ଉତ୍କଳଭୂମି

*ଡ. ଭାଗ୍ୟଲିପି ମଲ୍ଲ*

ପରମ କାରୁଣିକ କାମନାମୁକ୍ତ ବୁଦ୍ଧ ନାନା ରୂପ, ନାନା ମୁଦ୍ରା ନାନା ଭାବରେ ଅଛନ୍ତି ଲଳିତଗିରି, ଉଦୟଗିରି, ରତ୍ନଗିରି, ଲାଙ୍ଗୁଡି ପାହାଡ ପାଦଦେଶରେ; ପୁଣି ଅଛନ୍ତି ସାଧକ ସାଧିକା ଭକ୍ତମାନଙ୍କ ଗହଣରେ ପ୍ରାୟ ଷଷ୍ଠ ଶତାବ୍ଦୀରୁ ପଞ୍ଚଦଶ-ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ। ହୁଏନ୍‌ସାଂଙ୍କ ଭାବରେ ସେ ପୁଷ୍ପଗିରି ମହାଜ୍ୟୋତି ମନ୍ଦ୍ରନାଦ ଓ ମହୌଷଧି। ମାତ୍ର ସେ କେତୋଟି ବିହାର ଭିତରେ ବନ୍ଦୀ ଜୀବନ ବଞ୍ଚୁ ନାହାନ୍ତି। ଶହ ଶହ ବର୍ଷ ଧରି ନିକଟରୁ ସୁଦୂର ଭୂମିରେ ଆପଣା ଜୀବନ ଔଷଧିରେ ମଣିଷମାନଙ୍କୁ ମୃତ୍ୟୁଞ୍ଜୟୀ କରିଛନ୍ତି। ପାଖରେ ବ୍ରହ୍ମଣୀ ନଈର ଆର କୂଳରେ ବିରଜାକ୍ଷେତ୍ର ଶକ୍ତି ପୀଠ। ଦେବୀ ଦ୍ୱିଭୂଜା ମହାମାୟା। ମାତ୍ର ତାଙ୍କରି ଭୂମିରେ ଅଛନ୍ତି ପ୍ରାୟ ଷୋହଳ ଫୁଟରୁ ଅଧିକ ଉଚ୍ଚତା ବିଶିଷ୍ଟ ବୋଧିସତ୍ତ୍ୱ, ପଦ୍ମପାଣି ଏବଂ ଶାନ୍ତ ମାଧବ। ଉଭୟ ବିଶାଳାକାୟ। ସେମାନଙ୍କୁ ଦେଖି ଦିନେ ଚକିତ ପରମାନନ୍ଦ ଆଚାର୍ଯ୍ୟ ଏହା ଗୁପ୍ତ କଳାର ଉତ୍ର ରୂପାନ୍ତର ବୋଲି ଅନୁମାନ କରିଛନ୍ତି। ଯାଜପୁର ପାଖ ବୈତରଣୀ ନଈକୂଳରେ ରହିଛି ସୋଲଙ୍ଗପୁର ଗାଁ। ଏଠି ବି ଦିନେ ବିହାର ଥିଲା। ବିହାର ଭାଙ୍ଗିଯାଇଛି। ମାତ୍ର ମୂର୍ତ୍ତିଗୁଡିକ ପ୍ରାୟ ଅକ୍ଷତ ରହିଛନ୍ତି। ସ୍ଥାନୀୟ ଲୋକମାନେ ସମ୍ଭାଳିଛନ୍ତି ରଘୁନାଥ ମନ୍ଦିରରେ। ଏଗୁଡିକ ମଧ୍ୟରେ ଯେଉଁ କେତୋଟି ଆମକୁ ବିମୁଗ୍ଧ କରେ, ତାହା ବୁଦ୍ଧଙ୍କ ଅଷ୍ଟାଚର୍ଯ୍ୟ ଚିତ୍ର। ଦିବ୍ୟ ଚେତନା ଯେପରି ସ୍ୱର୍ଗରୁ ଅବତରି ଆସିଛନ୍ତି ମର୍ତ୍ତ୍ୟକୁ। ରହିଛି ତାଙ୍କର ଜନ୍ମ, ଧର୍ମଚକ୍ରପ୍ରବର୍ତ୍ତନ, ମାଙ୍କଡ ହାତରୁ ଖାଦ୍ୟ ସଂଗ୍ରହ ଓ ମହାପରିନିର୍ବାଣର ଦୃଶ୍ୟ। ପୀଠିକାରେ ରହିଛି ଅର୍ଦ୍ଧପର୍ଯ୍ୟଙ୍କ ଆସନରେ ଖୋଦିତ ଛ' ଗୋଟି ମାନୁସୀ ଚିତ୍ର ଏବଂ ଅବଲୋକିତେଶ୍ୱର ଓ ତ୍ରିଭଙ୍ଗୀ ଠାଣିରେ ଠିଆ ତାରା। ଏଥିସହିତ ଅନ୍ୟ ବହୁ ଛୋଟ ଛୋଟ ମୂର୍ତ୍ତି। ଆଉ ଟିକିଏ ଦୂରକୁ ଗଲେ ବାଲେଶ୍ୱର। ଏଠାରେ ନୀଳଗିରି ସହର ପାଖରେ ଗୋଟିଏ ଗାଁ ଅଯୋଧ୍ୟା। ସୁନ୍ଦର ପ୍ରାକୃତିକ ପରିମଣ୍ଡଳ। ଚାରିପାଖରେ ପାହାଡ ଓ ନଈ। ଗାଁରେ ବାରି ହୋଇ ପଡୁଛି ବୁଦ୍ଧ ଚେତନାର ଦୃଶ୍ୟ। ଏଠି ଇଷ୍ଟଦେବୀ ମାରିଚୀ। ଖଣ୍ଡଭାଡି ନାମକ ସ୍ଥାନରୁ ଏ ଗାଁକୁ ଆସିଛନ୍ତି। କଳାମୁଗୁନି ପଥରରେ ଗଢା ଦେହ। ଉଚ୍ଚତା ପ୍ରାୟ ସାଢେ ତିନିଫୁଟ। ଆଠଟି ହାତ, ତିନି ଦିଗକୁ ମୁହଁ। ରଥ ଉପରେ ଠିଆ ହୋଇଛନ୍ତି, ରଥକୁ ଟାଣୁଛନ୍ତି ଆଠଟି ବାରହା। ହାତରେ ବଜ୍ର, ଗଦା, ଧନୁ, ଶର, ଛୁଞ୍ଚି ଓ ସୂତା। ଆସନରେ ଧାରଣୀ ଚିହ୍ନ। ପାଖରେ ଚାରିଜଣ ସହଚରୀ। ଅନ୍ୟ ଦୁଇଟି ମୂର୍ତ୍ତି ରାଜକୀୟ ପୋଷାକରେ ଶୋଭାବନ୍ତ ମଞ୍ଜୁଶ୍ରୀ ଓ ଚାରିହାତ ଥିବା ଅବଲୋକିତେଶ୍ୱର। ଗାଁରେ ଶିବ ମନ୍ଦିରଟିଏ ଅଛି। ସେଠି ପୂଜା ପାଉଛନ୍ତି ତାରା। ଆଠଟି ହାତ, ଚାରି ମୁଣ୍ଡ, ଆୟୁଧ କହିଲେ - ଶଙ୍ଖ, ଶର, ଧନୁ, ବଜ୍ର ଇତ୍ୟାଦି। ମଥା ଉପରେ ଧ୍ୟାନୀ ବୁଦ୍ଧ। ଆଜିର ଶିବାଳୟ ଓ ଶକ୍ତିପୀଠଗୁଡିକ ଯେ ଏକଦା ବୌଦ୍ଧ ପୀଠ ଥିଲା ଅଯୋଧ୍ୟା ତାହାର ଉଦାହରଣ।

ଏକଦା ଦୁଇ ବିଖ୍ୟାତ ଐତିହାସିକ ପରମାନନ୍ଦ ଆଚାର୍ଯ୍ୟ ଓ ରମା ପ୍ରସାଦଙ୍କ ଆଖି ଭୌମକର ରାଜାମାନଙ୍କ କରଦ ରାଜ୍ୟ, ଭଞ୍ଜବଂଶୀ ମାନଙ୍କ ବିଚରଣ ଭୂମି ମୟୂରଭଞ୍ଜ କଳାକୀର୍ତ୍ତି ଉପରେ ପଡିଛି। ଖିଚିଂ ମନ୍ଦିର ଏବଂ ଆଖପାଖ ଅଞ୍ଚଳର ପୀଠଗୁଡିକୁ ସେମାନେ ଖନନ କରିଛନ୍ତି। ସେମାନଙ୍କ ଆଖି ଆଗରେ ସ୍ପଷ୍ଟ ହୋଇଯାଇଛି ଛୋଟ ଛୋଟ ବିହାର। ଶଙ୍ଖୁଆଗଡରୁ ମିଳିଛି ପୋଡା ମାଟିର ଧାରଣୀ ଚିହ୍ନ ଅଙ୍କିତ ପ୍ରତୀକ। ଭୂମିସ୍ପର୍ଶୀ ଧ୍ୟାନୀବୁଦ୍ଧ ଏବଂ ତାରା ବସୁଧାରା, ଜମ୍ଭାଳ, ମଞ୍ଜୁଶ୍ରୀ ଆଦିଙ୍କ ମୂର୍ତ୍ତି। ମୁଗୁନି ପଥରରେ ତିଆରି। ଟାଣ ପଥର ଖଣ୍ଡକୁ ନିହାଣ ମୁନରେ ହାଣି ହାଣି ଚିକ୍‌କଣ ଓ ଭାବ ଉଦ୍‌ଭାସନ ପରି ସୂକ୍ଷ୍ମ କଳାବୋଧର ଅଧିକାରୀ ଥିଲେ ସେକାଳର ସ୍ଥପତିମାନେ। ବହୁ ସଂଖ୍ୟକ ମୂର୍ତ୍ତି ଏବେ ଖିଚିଂ ସଂଗ୍ରହାଳୟର ସମ୍ପଦ।

ବୁଦ୍ଧ ଏବେ ମହାକୋଶଳରେ। କଳାହାଣ୍ଡିର ବେଲପଡାଠାରୁ ଆରମ୍ଭ କରି ସମ୍ବଲପୁର, ସୋନପୁର, ବୌଦ୍ଧ ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡରେ। ଏହି ଅଞ୍ଚଳ ଏକଦା ବୌଦ୍ଧ ସହଜଯାନୀ ମାନଙ୍କର ସାଧନାଭୂମି ଥିଲା। ଶକ୍ତି ଓ ବୁଦ୍ଧଙ୍କର ସମୀକରଣ ଓ ଉଚ୍ଚରଣ ତତ୍ତ୍ୱର କ୍ଷେତ୍ର। ବଉଦରେ ସମ୍ଭବତଃ ଏକ ବିହାର ଥିଲା। ରହିଛନ୍ତି ଭୂମିସ୍ପର୍ଶୀ ମୁଦ୍ରାବିଷ୍ଟ ବୁଦ୍ଧ। ସ୍ଥାନୀୟ ଲୋକଙ୍କର ପ୍ରିୟ ବୁଦ୍ଧରାଜା। ଗଢଣ ଅବଶ୍ୟ ସୂକ୍ଷ୍ମ ନୁହେଁ, ମାତ୍ର ତିନିଖଣ୍ଡ ପଥରର ଯୋଡଣ। ଅନ୍ୟତମ ପ୍ରତିମା ଚାରିବାହୁ ବିଶିଷ୍ଟ। ଶଙ୍ଖନାଥ ଲୋକେଶ୍ୱର, ଲଳିତାସନ ଓ ବରଦମୁଦ୍ରା। ବଉଦ ପାଖ ମହାନଦୀ କୂଳରେ ରହିଛି ଅନ୍ୟ ଏକ ମୂର୍ତ୍ତି। ଖଣ୍ଡୋଲାଇଟ୍ ପଥରରେ ତିଆରି ଭୂମିସ୍ପର୍ଶୀ ମୁଦ୍ରାରେ ଉପବିଷ୍ଟ ମୂର୍ତ୍ତି ଚାରିପଟରେ ଅଛନ୍ତି ତାରା, ଗନ୍ଧର୍ବ ଓ ଯକ୍ଷ। ବଉଦରୁ ମହାନଦୀ କୂଳେ କୂଳେ ଆସିଲେ ପଡିବ ନରସିଂହପୁର। ସ୍ଥାନର ନାମ ବାଣେଶ୍ୱରନାସୀ। ଅବଲୋକିତେଶ୍ୱର, ପ୍ରଜ୍ଞାପାରମିତା ଆଦି ଅନେକ ମୂର୍ତ୍ତି

ଏଠାରେ। ତାରା ଓ ଧ୍ୟାନୀ ବୁଦ୍ଧଙ୍କ ପ୍ରତିମା ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ପନ୍ନ। ସେମାନେ ଏବେ ରୂପାନ୍ତରିତ ହୋଇ ଯାଇଛନ୍ତି ଶକ୍ତି ରୂପରେ। ଭୂମିଥିଲା। ପୂଜା ବି ପାଉଛନ୍ତି। ବରଗଡର ଗଣିଆପାଲିରେ ବି ବୁଦ୍ଧ ଅଛନ୍ତି। ଏକଦା ବ୍ରାହ୍ମଣୀ ନଇକୂଳରେ ତାଳଚେର ଏବଂ ଦୂରରେ ଥିବା ହିନ୍ଦୋଳ ଅଞ୍ଚଳ ମଧ୍ୟ ବୁଦ୍ଧଙ୍କ ଭୂମିଥିଲା। ତାଳଚେର ପାଖ ପଞ୍ଚମେଶ୍ୱର ମନ୍ଦିରରେ ରହିଛନ୍ତି ଧ୍ୟାନମୁଦ୍ରାରେ ଆସୀନ ବୁଦ୍ଧ ପ୍ରତିମା। ଖଣ୍ଡଖଣ୍ଡ ପଥରର ଯୋଡଣରେ ସୁଗଠିତ ତାଙ୍କ ଦେହ। ଲଳିତଗିରିର ବୁଦ୍ଧମୂର୍ତ୍ତି ଅନୁରୂପ।

ପଶ୍ଚିମ ଓ ମଧ୍ୟ ଓଡିଶାରୁ ଏବେ ଆସିବା ଉପକୂଳ ଅଞ୍ଚଳକୁ। ଚୌଦ୍ୱାର, ପୁରୀ, ବାଣପୁର - ସବୁଠି ବୁଦ୍ଧ। ମହାନଦୀ ବିରୂପା କୂଳର ଚୌଦ୍ୱାର ଗଡ ପାଖରୁ ମିଳିଛନ୍ତି ଅବଲୋକିତେଶ୍ୱର ଓ ପ୍ରଜ୍ଞାପାରମିତା । ଦୁଇ ହାତ ଥିବା ତାରା ଠିଆ ହୋଇଛନ୍ତି। ଗୋଟିଏ ହାତରେ ପାନପତ୍ର ଓ ଅନ୍ୟ ହାତରେ କାଣ୍ଡ ବିନ୍ଧିଲା ପରି ମୁଦ୍ରା। ଏଗୁଡିକ ସୋମବଂଶୀ ଶାସନକାଳୀନ ପ୍ରତିମା। ପୁରୀ ଜିଲ୍ଲାର ବାଣପୁର ପାଖ ଅଚ୍ୟୁତରାଜପୁର ଅନ୍ୟତମ ବୌଦ୍ଧ କ୍ଷେତ୍ର। ଏଠାରେ ବହୁ ସଂଖ୍ୟକ ବ୍ରୋଞ୍ଜ ମୂର୍ତ୍ତି ସହିତ ମିଳିଛି ତିନୋଟି ପଥର ପ୍ରତିମା। ଗୋଟିଏ ଦୁଇ ହାତ ଥିବା ତାରା ବେଶ୍ କଳାତ୍ମକ। ସେ ଉତ୍ତରାୟଣୀ ନାମରେ ପୂଜିତା। ଦ୍ୱିତୀୟ ଲଳିତାସନା ତାରା। ଗୋଟିଏ ହାତରେ ପଦ୍ମ ଓ ଅନ୍ୟ ହାତ ବରଦମୁଦ୍ରା। ତାଙ୍କ କୀରିଟରେ ରହିଛନ୍ତି ତଥାଗତ। ପାଖରେ ମାରୀଚି ଓ ଏକଜଟା ପୀଠିକାରେ ଦୁଇଜଣ ନତଜାନୁ ଭକ୍ତ ଓ ଧାରିଣୀ ଚିହ୍ନ। ତୃତୀୟ ପ୍ରତିମା ରହିଛନ୍ତି ବାଲୁଙ୍କେଶ୍ୱର ମନ୍ଦିରରେ। ସେ ତ୍ରୟଂତିଶା। ଅଚ୍ୟୁତପୁରର ଅନ୍ୟ ଏକ ଶିବ ମନ୍ଦିରେ ଅଛନ୍ତି ଅବଲୋକିତେଶ୍ୱର ଓ ଆଠ ହାତ ବିଶିଷ୍ଟ ମାରିଚୀ। ମାରିଚୀଙ୍କର ତିନୋଟି ମୁହଁ। ରଥ ଉପରେ ବସିଛନ୍ତି, ରଥକୁ ଟାଣୁଛନ୍ତି ସାତଟି ଶୂକର। ଏହିପରି ଏକ ମୂର୍ତ୍ତି ରହିଛି ନୀଳଗିରିରେ। ଅନ୍ୟ ଏକ ମୂର୍ତ୍ତି ବଜ୍ରପର୍ଯ୍ୟଙ୍କ ବୁଦ୍ଧ। ଆକାରରେ ଛୋଟ।

ଦୟାନଦୀ କୂଳରେ ଆରାଗଡ, ହରିପୁର ଗ୍ରାମ ପଞ୍ଚାୟତର ଅନ୍ୟ ଏକ ଗାଁ। ଏଠି ଏକ ସ୍ତୂପ ରହିଛି। ରହିଛନ୍ତି ଚତୁର୍ଭୁଜ ଅବଲୋକିତେଶ୍ୱର, ତାରେ ଏବଂ ପୀଠିକାରେ ମହାବୈରୋଚନା, ହୟଗ୍ରୀବ ଓ ବଜ୍ରସତ୍ତ୍ୱଙ୍କ ପ୍ରତିମା। ପାହାଡର ଚୂଡାରେ ରହିଛି ଏକ ସ୍ତୂପ। ଏହାର ଛାତ ସମତଳ। ଛାତକୁ ଟେକି ଧରିଛି ଖୁଣ୍ଟ। ଚାରିପାଖେ ଖୋଲା। ତଳେ ରହିଛି ଏକ କୋଠରି। ଏଥିରେ ଗୋଟିଏ କବାଟ। ଜଣାପଡୁଛି ଏହା ଏକ ପ୍ରାଚୀନ ସ୍ତୂପ। ଏବେ ସୁନ୍ଦରପଦା ପାଖ କପିଳପ୍ରସାଦ ଗାଁକୁ ଆସିବା। ଚକ୍ରଧର ମହାପାତ୍ର ଓ ଅନ୍ୟ କେତେକ ଗବେଷକ ଏହାକୁ ବୁଦ୍ଧଙ୍କର ଜନ୍ମଭୂମି ବୋଲି ଦାବି କରନ୍ତି। ଏଠାରେ ନାଗ ନାଗୁଣି ପ୍ରତିମା ସହିତ ମିଳିଛି ଧନଦା ତାରାଙ୍କ ମୂର୍ତ୍ତି। କୋଣାର୍କ ପାଖ କୁରୁମି ଗାଁରେ ମଧ୍ୟ ବୁଦ୍ଧ ପୂଜା ପାଉଛନ୍ତି। ବୁଦ୍ଧଙ୍କ ଗଢଣ ସ୍ୱତନ୍ତ୍ର। ସେ ବସିଛନ୍ତି ପଦାସନରେ। ଡାହାଣ ହାତ ଭୂମି ଛୁଇଁଛି, ବାମ ହାତ ଜଂଘ ଉପରେ। ବେକରେ ଲମ୍ବା ହାର। ମଥାରେ ମୁକୁଟ। ବୁଦ୍ଧ ପୃଥିବୀର ସବୁ ମଣିଷଙ୍କ ପାଖରେ ଜଣେ ପରିଚିତ ସତ୍ତା। ଏକ ପ୍ରତିମାକୁ ଆମେ ସବୁ ଭୂମିରେ ବୁଦ୍ଧ ଭାବରେ ଚିହ୍ନୁଛୁ। ତାଙ୍କ ରୂପ କିପରି ଥିଲା, ଆମେ କେହି ଦେଖିନାହୁଁ। ସେ ପ୍ରଥମେ ଜଣେ ଶିଳ୍ପୀର ଚେତନାରେ ପ୍ରମୂର୍ତ୍ତି ହୋଇଛନ୍ତି ଏକ ନିର୍ଦ୍ଦିଷ୍ଟ କାଳରେ, ଏକ ନିର୍ଦ୍ଦିଷ୍ଟ ଭୂମିର ପ୍ରତୀକ



ରୂପରେ ସକଳ ଭୂମିକୁ ଗତି କରିଛନ୍ତି । କାଳକ୍ରମେ ସେ ଭିନ୍ନ ଭିନ୍ନ ରୂପରେ ଆସିଛନ୍ତି - ଶୈଶବରୁ ମହାନିର୍ବାଣ ପର୍ଯ୍ୟନ୍ତ । ମଝିରେ ଯାହା ଯୁବରାଜର ସନ୍ନ୍ୟାସ, ସାଧନାରୁ ସିଦ୍ଧିଲାଭ । ତାଙ୍କ ଭିନ୍ନ ଭିନ୍ନ ଭାବ ରୂପକୁ ଆମେ ପଦାର୍ଥ ମାଧ୍ୟମରେ ପ୍ରମୂର୍ତ୍ତି କରୁଛୁ, ମାତ୍ର ଯେଉଁ ରୂପରେ ଗଢ଼ିଦେଲେ ବି ଗଢ଼ଣ ଭିତରେ ଏକ ନିର୍ଦ୍ଦିଷ୍ଟ ରୂପ ଉଦେହୋଇ ଯାଉଛି । ଅର୍ଥାତ୍ ରୂପ ଓ ଭାବ ଭିତରେ ଅଭେଦତ୍ୱ ଯେପରି ଅନୁବନ୍ଧିତ । ତାଙ୍କ ଭାବ ରୂପ ସୁସ୍ପଷ୍ଟ ।

ଆମେ ଷଷ୍ଠ-ସପ୍ତମ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡିଶାରେ ବିଭିନ୍ନ ଅଞ୍ଚଳରେ ବୁଦ୍ଧଙ୍କୁ ନାନା ରୂପରେ ଦେଖୁଛୁ । ବୋଧିସତ୍ତ୍ୱ, ଅବଲୋକିତେଶ୍ୱର, ବଜ୍ରସତ୍ତ୍ୱ, ବଜ୍ରପାଣି, ପଦ୍ମପାଣି ଇତ୍ୟାଦି । ଅଙ୍ଗରେ ନାନା ମୁଦ୍ରା । କେତେବେଳେ ଦଣ୍ଡାୟମାନ ତ କେତେବେଳେ ଆସୀନ । ସକଳ ଭିତରେ ବୁଦ୍ଧତ୍ୱ ବାରି ହୋଇ ପଡୁଛି । ଏହା ହିଁ ସ୍ଥପତିମାନଙ୍କର ସୂକ୍ଷ୍ମ ଚେତନାର ପ୍ରତୀକ । ଏଠାରେ ପଦାର୍ଥ (କନ୍ଦା, ବଉଳମାଳିଆ ଓ କଳା ମୁଗୁନି ପଥର) ମାଧ୍ୟମ ମାତ୍ର । ଜଣେ ଭାବ ଜଗତରେ ସମାହିତ ସତ୍ତା ହିଁ ପଦାର୍ଥକୁ ପତିମାୟିତ କରିପାରେ । ପ୍ରତ୍ୟେକ ମୂର୍ତ୍ତି ତାହାର ଉଦାହରଣ । ମୂର୍ତ୍ତି ଗଢ଼ଣରେ ଶାସ୍ତ୍ର/ବ୍ୟାକରଣ ଅବଶ୍ୟ କଥା କହୁଛି । ପାଦର ନଖ ପାଖରୁ କେଶ ପର୍ଯ୍ୟନ୍ତ ପ୍ରତ୍ୟେକ ଅଙ୍ଗ-ପ୍ରତ୍ୟଙ୍ଗ ଗଢ଼ଣରେ ଆନୁପାତିକତା ବିଦ୍ୟମାନ । ମାର୍ତ ଆନୁପାତିକତା ସବୁକିଛି ନୁହେଁ, ଗୁରୁତ୍ୱପୂର୍ଣ୍ଣ ହେଉଛି ଗଢ଼ଣ କାଳରେ ସେଗୁଡିକର ଭାବଧର୍ମୀ ରୂପାନ୍ତର । ସେ ନାରୀ ଅଥବା ପୁରୁଷ, ପଶୁ ଅଥବା ପକ୍ଷୀ ବା ସରୀସୃପ । ଯେ କୌଣସି ପ୍ରତିମା ହେଉ, ସେମାନଙ୍କ ଭାବରୂପ ଦର୍ଶକକୁ ଗଭୀର ଭାବେ ଅଭିଭୂତ କରେ ।

ପ୍ରତିମାମାନଙ୍କ ଗଢ଼ଣ କଳାକୁ ବିଚାର କରିବା । କିଏ ଯୋଡ ହସ୍ତ, କିଏ ପାତ୍ର ହସ୍ତ କିଏ ଆୟୁଧ ହସ୍ତ, କିଏ ପଦ୍ମହସ୍ତ ତ କିଏ ଅସ୍ତ୍ରଧାରୀ; କିଏ ପଦ୍ମାସନା, କିଏ ନତଜାନୁ, କିଏ ଶାୟିତ, କିଏ ଅର୍ଦ୍ଧଶାୟିତ; କିଏ ଦ୍ୱିଭୁଜ, କିଏ ଚତୁର୍ଭୁଜ, କିଏ ଅଷ୍ଟଭୁଜ । ପ୍ରତ୍ୟେକ ଅଙ୍ଗଭଙ୍ଗୀ ଜୀବନ୍ତ । ପ୍ରତ୍ୟେକଙ୍କ ଦେହରେ ସ୍ୱତନ୍ତ୍ର ଅଳଙ୍କାର । ପଛରେ ଧର୍ମର ପ୍ରତୀକ ଓ ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ପନ୍ନ ପ୍ରଭା । ଏଠାରେ ନାରୀ ମୂର୍ତ୍ତିମାନଙ୍କର ଗଢ଼ଣ ଗୋଟିଏ ଶବ୍ଦରେ କହିଲେ ଚମତ୍କାର । ସେମାନଙ୍କର ନାନା ନାମ । ତାରା, ଅଷ୍ଟମହାଭୟା ତାରା, ପ୍ରଜ୍ଞାପାରମିତା, ବସୁଧାରା, ଯମୁନା, ଚାମରଧାରିଣୀ, ପାତ୍ର ଧାରିଣୀ, ଦ୍ୱାରପାଳିକା ଓ ଦେହସୁଖ ବିଭୋର ପୁରୁଷ ଓ ନାରୀ ପ୍ରତ୍ୟେକ ସ୍ୱତନ୍ତ୍ର । ସେମାନେ ପୁଣି ସାଳଙ୍କୃତ । ଅଣ୍ଟାରେ ସରି ସରି ଅଣ୍ଟାସୂତା, ଗଳାରେ ଛୋଟ ଅଥବା ଅଣ୍ଟା ପର୍ଯ୍ୟନ୍ତ ଲମ୍ବିତ ହାର, ବାହୁ ଓ ମଣିବନ୍ଧ, ପାଦରେ ନାନା ଆକାର ଓ ପ୍ରକାର ଅଳଙ୍କାର, ନାନା ଭଙ୍ଗୀର କେଶ ସଜ୍ଜା । ସବୁ ସ୍ୱତନ୍ତ୍ର । ଅଣ୍ଟା ସରୁ, ନାଭି ଗଭୀର, ନିତମ୍ବ ଘନ, ବର୍ତ୍ତୁଳ ଓ ସୁଲମ୍ବ । ସ୍ତନ ଉନ୍ନତ ଓ ବର୍ତ୍ତୁଳ । ଆଖି, ଓଠ, କପାଳ - ସବୁ କଥା କୁହା । ଠାଣି ଭାବଧର୍ମୀ । ଦେହ ତ ନୁହେଁ, ସତେ ଯେପରି ସମ୍ମୋହନ ଓ ପରିନିର୍ବାଣର ମହାଧାରା ।

ଦର୍ଶନ ଓ ବିଚାରକୁ ମୂର୍ତ୍ତି, ସ୍ତୂପ ଓ ଦେଉଳ ମାଧ୍ୟମରେ କିପରି ଏକାଭୂତ କରାଯାଇ ପାରେ, ମୂର୍ତ୍ତିଗୁଡିକ ତାହାର ଉଦାହରଣ । ବହୁ ମୂର୍ତ୍ତିର ଗଢ଼ଣ ତ୍ରିସ୍ତରୀୟ । ତଳେ ପଦ୍ମ ପାଖୁଡାଯୁକ୍ତ ପାଠିକା, ରହିଛନ୍ତି ଭକ୍ତ, ସେବକ ; ମଝିରେ ବିଭିନ୍ନ ମୁଦ୍ରାଯୁକ୍ତ ସ୍ୱୟଂ ମୂର୍ତ୍ତି ଓ ଶୀର୍ଷରେ ଧ୍ୟାନୀବୁଦ୍ଧ । ଏଠାରେ ପାଠ ଯେପରି ପ୍ରପଞ୍ଚ, ସଂସାର - ବୈଚିତ୍ର୍ୟମଣ୍ଡିତ । ମଝିରେ ସାଧନାନିଷ୍ଠ ଜୀବନ ଓ ଶୀର୍ଷରେ ସିଦ୍ଧି । ମାତ୍ର ସିଦ୍ଧିରେ ଜୀବନର ପୂର୍ଣ୍ଣତା ନାହିଁ । ଶୀର୍ଷ ଅତିକ୍ରମଣରେ ହିଁ ପୂର୍ଣ୍ଣତା । ଉପରେ ଶୂନ୍ୟ, ମହାଶୂନ୍ୟ-ପରିନିର୍ବାଣ, ଯାହା ଏକ ଅତିକଳ୍ପନା-ଅଦୃଶ୍ୟ ମହାଦୃଶ୍ୟ ।

ବୌଦ୍ଧ ସ୍ଥାପତ୍ୟର ଅନ୍ୟତମ ବୈଚିତ୍ର୍ୟ ଇଟା ତିଆରି ସ୍ତୂପ ଓ ମନ୍ଦିର ଗୁଡିକର ପଥର ଖଚିତ ଦ୍ୱାରବନ୍ଧରେ ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ପନ୍ନ ଲତା, ଫୁଲ, ଫଳର କଳାତ୍ମକ ସଂରଚନା, ମୋଟିଫ୍ । ଏବଂ ପଶୁ, ପକ୍ଷୀ, ସରୀସୃପ ମାନଙ୍କର ଭାବରୂପ । ପରବର୍ତ୍ତୀ କାଳୀନ ମନ୍ଦିର ସ୍ଥାପତ୍ୟରେ ସମ କଳାବୋଧ ସୁସ୍ପଷ୍ଟ । ମୂର୍ତ୍ତି ଖଣ୍ଡିଏ ପଥର, କେତେ ଖଣ୍ଡ ପଥରର ଯୋଡଣ ଅଥବା ପାହାଡ ଦେହରେ ପ୍ରମୂର୍ତ୍ତି । ମାତ୍ର ପ୍ରତ୍ୟେକ ଯେପରି ଏକ ଭାବାଦର୍ଶର ଉଦ୍‌ଭାସନ । ଭାରତୀୟ ଦର୍ଶନ ଓ ସୂକ୍ଷ୍ମ କଳାବୋଧର ପ୍ରତୀକ, ପ୍ରଫୁଲ୍ଲ ରୂପ ।

ମନେହୁଏ, ଖଣ୍ଡଗିରି, ଲଳିତଗିରି, ରତ୍ନଗିରି ଥିଲା ସେକାଳର ମୂର୍ତ୍ତି ଗଢ଼ଣର ଶାଳ । ବୁଦ୍ଧ ଓ ସହଜ ସାଧିକା ମାନଙ୍କ ଛୋଟ ଓ ବଡ ମୂର୍ତ୍ତି ଗୁଡିକ ନାନା ଭୂମିକୁ ସ୍ଥାନାନ୍ତରିତ ହୋଇଛି । କେତେକ ବୁଦ୍ଧ ଏବଂ ଅନ୍ୟ କେତେକ ଶକ୍ତି ଯାହା ଉତ୍କଳୀୟ ସ୍ଥାପତ୍ୟର ସ୍ମାରକୀ ।

ମୋବାଇଲ୍ - ୯୪୩୯୨୮୧୫୬୧

# ଯୁଗ ଯୁଗର ଶମ୍ଭୁ କ୍ଷେତ୍ର - ଭୁବନେଶ୍ୱର

***ଡ. ଭବାନୀ ଶଙ୍କର ଦାଶ***

**ସ୍ୱର୍ଣ୍ଣାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ**
**ପାର୍ବତୀ ପ୍ରାଣନାଥାୟ ଲିଙ୍ଗରାଜାୟତେ ନମଃ ।**

ଏକ ଦୃଢ ଧାର୍ମିକ ଭିତ୍ତିଭୂମି ଥିବା ଐତିହ୍ୟ ସମ୍ପନ୍ନ ସହର ଆଜିର ଭୁବନେଶ୍ୱର । ଭାରତର ଏକ ସ୍ୱଚ୍ଛ ନଗରୀର ମାନ୍ୟତା ପାଇଛି । ଅଥଚ ଶିଳ୍ପ ସଭ୍ୟତାର ବିକାଶ ପରେ ଏହାର ଅଧିବାସୀମାନେ ମନେରଖିପାରି ନାହାନ୍ତି ଏହାର ଗରିମାମୟ ଅତୀତ ଓ ଐତିହ୍ୟକୁ । ଏକଦା ଏହା ଥିଲା ଏକ ବିଶିଷ୍ଟ ଶୈବକ୍ଷେତ୍ର । ମନ୍ଦିରମାଳିନୀ । ଝାଡଜଙ୍ଗଲ ଓ ଝରଣାରେ ପରିପୂର୍ଣ୍ଣ । ପୁରାଣ ସାହିତ୍ୟର ବର୍ଣ୍ଣନାରେ ସମ୍ଭବତଃ ଏହାଥିଲା ଦଣ୍ଡକାରଣ୍ୟର ପାର୍ଶ୍ୱବର୍ତ୍ତୀ କୌଣସି ଅରଣ୍ୟ । ତ୍ରେତୟାରେ ଶ୍ରୀରାମଚନ୍ଦ୍ରଙ୍କ ବନବାସ ଓ ଦ୍ୱାପରରେ ପଞ୍ଚୁପାଣ୍ଡବଙ୍କ ବନବାସ ପ୍ରମାଣ ବହନ କରେ ଏହି ସ୍ୱର୍ଣ୍ଣାଦି କ୍ଷେତ୍ରର । ଏବେ ବି ଏଠାରେ ରହିଛି ଭୀମଙ୍କ ପାଦଚିହ୍ନ ଓ ଭୀମକୁଣ୍ଡ । ଚାରିଆଡେ କିନ୍ତୁ ଶିବ ମନ୍ଦିର । ଏଠାରେ ଲକ୍ଷ୍ମଣ, ଶତ୍ରୁଘ୍ନ ଓ ଲବକୁଶ ରାମାୟଣ ଚରିତ୍ରର ନାମ ଧାରଣ କରିଥିବା ଶିବମନ୍ଦିର,  ଏବଂ ମହାଭାରତ କାବ୍ୟର ଚରିତ୍ର ନାମରେ ଈଶ୍ୱରଙ୍କର ମନ୍ଦିର ବିଦ୍ୟମାନ । ପୁରାଣ କେବଳ ନୁହେଁ, ଅପରନ୍ତୁ ଅନେକ ଐତିହାସିକଙ୍କ ମତରେ ଏହାଥିଲା ବୁଦ୍ଧଦେବଙ୍କର ଜନ୍ମସ୍ଥାନ । ଏହାର ପୂର୍ବ ଦିଗରେ ପ୍ରବାହିତ ସ୍ୱଚ୍ଛ ଗନ୍ଧବତୀ (ଗଙ୍ଗୁଆ) ନଦୀ, ଅନ୍ୟ ତିନି ଦିଗରେ ଘଞ୍ଚ ଅରଣ୍ୟ ଓ ଦିଗନ୍ତ ବିସ୍ତାରୀ ପର୍ବତମାଳା । ପର୍ବତମାଳା ଭିତରେ ଯମଜ ଖଣ୍ଡଗିରି ଓ ଉଦୟଗିରି ଅନନ୍ୟ ଆକର୍ଷଣୀୟ । ପ୍ରଥମେ ଜୈନ ଓ ପରେ ବୌଦ୍ଧଧର୍ମର ବିକଚ ବିକାଶରେ ଧଉଳି ପାହାଡ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଜନଶ୍ରୁତି ମୁତାବକ ଖଣ୍ଡଗିରି, ଉଦୟଗିରି ଓ ପାହାଡ ଗୁମ୍ଫାରେ ଏବେ ବି ମୁନିଋଷି ସାଧନାରତ ଓ ଧ୍ୟାନମଗ୍ନ । ଲୋକକଥାରେ ଏହିଠାରୁ ହିଁ ଦେବସଭାକୁ ଯିବାପାଇଁ ପ୍ରବେଶପଥ ରହିଛି । ତେବେ ଯମଜ ପାହାଡ ଦୁଇଟି ଯମଜ ଋଷି ପରି ମନେହୁଅନ୍ତି । ଦିନେ ଝରଣାର ଝର ଝର ଶବ୍ଦରେ ମୁଖରିତ ଥିଲା ଏ ଅଞ୍ଚଳ । ମନେହୁଏ, ଯେମିତି ସହସ୍ର କଣ୍ଠରେ ମୁଖରିତ ଓଁକାର ନାଦ ଅନାହତ ଯୁଗଯୁଗ ଧରି ଉଚ୍ଚାରିତ ହୋଇଚାଲିଛି ! ଆଜି ସେ ଝରଣା ସବୁ ବିଲୁପ୍ତ ଅତଳଗର୍ଭରେ । ଘଞ୍ଚ ଜଙ୍ଗଲ ନିର୍ମୂଳ ହୋଇ ତା ସ୍ଥାନରେ କଂକ୍ରିଟ୍‌ର ଘନ ଜଙ୍ଗଲ ଠିଆହେଲା ପରେ କାହିଁକି କେଜାଣି ଶିବଙ୍କ ଜଟାରୁ ଗଙ୍ଗା ଭୂପତିତ ହେଲାପରି ଝରିପଡୁଥିବା ଝରଣା ସବୁ କୁଆଡେ ଉଭେଇଗଲେ । କେଦାରଗୌରୀ କଣ୍ଠ ପରି କେତେ ମୃତପ୍ରାୟ ଜଳକୁଣ୍ଡ ଝରଣା ଜଳଧାରଣର ମୂକ ସାକ୍ଷୀ ହୋଇ ରହି ଯାଇଛନ୍ତି ମାତ୍ର । ଶୁଣାଯାଏ ଯେ ଏକଦା କେଦାରଗୌରୀ ଝରଣାର ଜଳ ବାହାର ରାଜ୍ୟକୁ ବିକ୍ରି ପାଇଁ ଯାଉଥିଲା । କାରଣ ଏ ଜଳରେ କେତେ ରୋଗ ନିବାରକ ତତ୍ତ୍ୱ ଭରି ରହିଥିଲା । ବିନ୍ଦୁସାଗରର ସେ ସ୍ୱଚ୍ଛ ଜଳ ଏବେ ତୀବ୍ର ପ୍ରଦୁଷିତ ।

ଏଠାରେ ପ୍ରତି ପଦ ଭୂଖଣ୍ଡରେ ଶିବଲିଙ୍ଗ ଥିବାରୁ ଭୁବନେଶ୍ୱର ଏକ ଅତ୍ୟନ୍ତ ପବିତ୍ର ସ୍ଥାନ । ଶିବ ପାର୍ବତୀ ଏଠାରେ ନାନାଦି ନାମରେ ନାମିତ ହୋଇଛନ୍ତି । ଏକାମ୍ରେଶ୍ୱର, ମୁକ୍ତେଶ୍ୱର, ବ୍ରହ୍ମେଶ୍ୱର, ଭାସ୍କରେଶ୍ୱର, ମେଘେଶ୍ୱର ... ଇତ୍ୟାଦି ବିଭିନ୍ନ ନାମରେ ପୂଜିତ । ଭୁବନେଶ୍ୱର ପୁରାଣ ପ୍ରସିଦ୍ଧ ସର୍ବ ବିଦିତ । ଏହା ପ୍ରାୟ ୩୦୦୦ ବର୍ଷ ପୁରୁଣା ନଗରୀ । ଜଣାଯାଏ ଯେ ଏହା ଥିଲା ପ୍ରାଚୀନ କଳିଙ୍ଗର ରାଜଧାନୀ । ପୌରାଣିକତାକୁ ଆଧାର କଲେ ଜଣାଯାଏ ଯେ, ଏହି ଶୈବ କ୍ଷେତ୍ରର ପ୍ରାଚୀନ ନାମ ଥିଲା ଏକାମ୍ର କ୍ଷେତ୍ର । ଏକାମ୍ର ନାମ ଧାରଣ କରିବା ପୂର୍ବରୁ ଏହା ସ୍ୱର୍ଣ୍ଣାଦ୍ରି ନାମ ଧାରଣ କରିଥିବା ସମ୍ଭବ ମନେହୁଏ । ଶ୍ରୀ ପୁରୁଷୋତ୍ତମ ମାହାତ୍ମ୍ୟ (ସ୍କନ୍ଧ ପୁରାଣ)ରେ କୁହାଯାଇଛି ଯେ ଶ୍ରୀମନ୍ଦିର କାର୍ଯ୍ୟରେ ଯୋଗଦେବା କାର୍ଯ୍ୟରେ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରିବା ଲକ୍ଷ୍ୟରେ ଏକଦା ମହର୍ଷି ନାରଦଙ୍କ ସହିତ ରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମଲୋକ ଯାତ୍ରା କଲେ । ଯାତ୍ରାକାଳରେ ଏକାମ୍ର କ୍ଷେତ୍ରରେ ପହଞ୍ଚିଥିଲେ । ଏକାମ୍ର କ୍ଷେତ୍ର ଓ କ୍ଷେତ୍ରାଧିପତି ଶିବଙ୍କ ବିଷୟରେ ନାରଦ



ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଅନେକ କଥା କହିଥିଲେ। ଇନ୍ଦ୍ରଦ୍ୟୁମ୍ନ ପଚାରିଲେ, ଯେଉଁ ମହେଶ୍ୱର ପୁରାଣ କାଳରେ ଏକ ମାତ୍ର ଶରଦ୍ୱାରା ଦୁର୍ଦ୍ଧାନ୍ତ ତ୍ରିପୁରାସୁରକୁ ଦଗ୍ଧ କରିଥିଲେ ସିଏ କେଉଁ କାରଣରୁ ଭୟଭୀତ ହେଲେ ଓ କାହାର ଶରଣାପନ୍ନ ହେଲେ ? ... ଯେଉଁ ଭବନାଥ ଭବସଂସାରରେ ଭୟଭୀତ ବ୍ୟକ୍ତିଙ୍କ ରକ୍ଷାକର୍ତ୍ତା, ସେଇ ପରମ ପବିତ୍ର ଗିରିଜାପତି ଏହ ଭବରେ କେଉଁ କାରଣରୁ ଭୟଭୀତ ଓ କିଏ ବା ତାଙ୍କୁ ଜୟ କରିବାକୁ ସମର୍ଥ ?

ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ନାରଦ କହିଲେ, ପୂର୍ବ କାଳରେ ହିମଗିରି ପର୍ବତ ଶିଖରରେ ବାସ କରୁଥିବା ବ୍ରହ୍ମଚାରୀ ଭଗବାନ ନୀଳଲୋହିତ ଗୌରୀଙ୍କ ତପସ୍ୟାରେ ବଶୀଭୂତ ହୋଇ ଏବଂ କାମବାଣ ପ୍ରଭାବରୁ ବିବଶ ହୋଇ ଗିରିସୂତା ଗୌରୀଙ୍କୁ ବିବାହ କଲେ। ସେ ଶ୍ୱଶୁରାଳୟରେ ରହି ଦେବବାଞ୍ଛିତ ଭୋଗ ସମୂହ ଉପଭୋଗ ସମେତ ରମଣଲିପ୍ତ ରହିଲେ। ବିବାହିତ ଝିଅ ଜ୍ୱାଇଁ ଦୀର୍ଘକାଳ ଶ୍ୱଶୁର ଘରେ ରହିବା ଅସୁନ୍ଦର। ଏ କଥା ଗୌରୀଙ୍କୁ ତାଙ୍କ ମାତା ପରୋକ୍ଷରେ ଜଣାଇଦେଲେ। ଏଥିରେ ଗୌରୀ ଅତ୍ୟନ୍ତ ମର୍ମାହତ ହେଲେ। ସ୍ୱାମୀ ନିକଟରେ ମାତା କହିଥିବା କଥା ଗୋପନ ରଖି ସେ ସ୍ନେହଗର୍ଭିତ ଭାଷାରେ କିଞ୍ଚିତ୍ କଟୁଭାଷା ପ୍ରୟୋଗକଲେ। ଏ କଥା ଶୁଣି ବୃଷଧ୍ୱଜ ମଧ୍ୟଦେଶକୁ ଗମନକଲେ। ଗୌରୀଙ୍କ ପ୍ରୀତ୍ୟାର୍ଥେ ପୂର୍ବସମୁଦ୍ର ଗମନଶୀଳା ଗଙ୍ଗାର ଉତ୍ତର ତଟରେ ବାରାଣସୀ ନାମ ପୁରୀ ନିର୍ମାଣକଲେ। ବିଶ୍ୱକର୍ମାଙ୍କ ଦ୍ୱାରା ଏହା ନିର୍ମାଣ କରାଯାଇଥିଲା। ଏହିପରି ବହୁଯୁଗ ଅତୀତ ହେବାରୁ ମହାଦେବ ସେଠାରେ କୋଟି ଲିଙ୍ଗ ସ୍ଥାପନ କରି କୈଳାସକୁ ଗମନକଲେ। ପରବର୍ତ୍ତୀ କାଳରେ କାଶୀରାଜ ନାମରେ ଜଣେ ନରପତି ସେଠାରେ ବାସ କରୁଥିଲେ। ଜରାସନ୍ଧ ବହୁ ରାଜାମାନଙ୍କୁ ଜୟ କରିଥିବା ଅଚ୍ୟୁତ (ଶ୍ରୀକୃଷ୍ଣ)ଙ୍କୁ ଜୟ କରିବାର ଅଭିସନ୍ଧି ରଖି କାଶୀରାଜ ଭକ୍ତ ତପସ୍ୟା ଦ୍ୱାରା ଶଙ୍କରଙ୍କୁ ସନ୍ତୁଷ୍ଟ କଲେ। ଶଙ୍କର ସନ୍ତୁଷ୍ଟ ହୋଇ ଅଭୟ ବର ପ୍ରଦାନ କଲେ ତୁମେ ରଣାଙ୍ଗନରେ ଶ୍ରୀକୃଷ୍ଣଙ୍କୁ ପରାଜୟ କରିପାରିବ। ମୁଁ ମଧ୍ୟ ତୁମକୁ ସାହାଯ୍ୟ କରିବି। ବୃଷଭାରୂଢ଼ ହୋଇ ପ୍ରମଥଗଣଙ୍କ ସହ ଗମନକରି ମୁଁ ଯୁଦ୍ଧ କରିବି। ଫଳରେ କାଶୀରାଜ ଗର୍ବରେ ଶ୍ରୀହରିଙ୍କୁ ଯୁଦ୍ଧପାଇଁ ଆହ୍ୱାନ ଦେଲେ। ଅନ୍ତର୍ଯ୍ୟାମୀ ଏ ସବୁ ଜାଣିପାରି କାଶୀରାଜର ବିନାଶ ନିମନ୍ତେ ଚକ୍ର ପେଷିଲେ। ସହସ୍ର ସୂର୍ଯ୍ୟ ସଦୃଶ ତେଜୀୟାନ ସୁଦର୍ଶନ ଉଗ୍ରରୂପ ଧାରଣକରି ଭଗବାନଙ୍କ ଅଭିପ୍ରାୟକୁ ଚରିତାର୍ଥ କରିବା ଲକ୍ଷ୍ୟରେ ଲାଗିପଡିଲେ। କାଶୀରାଜର ମସ୍ତକ ଛିନ୍ନକଲେ। ଶିବ ଏ କଥା ଜାଣି ନିଜର ପିନାକଧନୁ ଓ ପ୍ରମଥମାନଙ୍କ ସହ କ୍ରୋଧିତ ହୋଇ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେଲେ। ସୁଦର୍ଶନ ପ୍ରଥମେ ପ୍ରମଥଗଣ ଓ ପାଶୁପତକୁ ଦହନକରି ଅଙ୍ଗାରରେ ପରିଣତ କରିଦେଲେ। ପୂର୍ବକାଳରୁ ମହାଦେବଙ୍କ ଭକ୍ତିରେ ସନ୍ତୁଷ୍ଟହୋଇ ବିଷ୍ଣୁଙ୍କ ବର ବଳବତ୍ତର ଥିଲା କି ସ୍ମରଣ କଲାମାତ୍ରେ ମହାଦେବଙ୍କ ଅସ୍ତ୍ର ଅତି ଉଚ୍ଚଶକ୍ତିକୁ ପରିବର୍ତ୍ତିତ ହେବ। କିନ୍ତୁ ବିଷ୍ଣୁ ବିପରୀତ ହେଲେ ସେ ଅସ୍ତ୍ରର ତେଜ ଅପସାରିତ ହେବ। ଏହାପରେ ଭୟଙ୍କର ପାଶୁପତ ଧ୍ୱଂସ ହେବା ଓ ବାରାଣସୀ ଦଗ୍ଧ ହେବା ଅବସରରେ ମହାଦେବ ଭୀତତ୍ରସ୍ତ ହୋଇ ପୁରୁଷୋତ୍ତମଙ୍କୁ ସ୍ତବ କରିବାକୁ ଲାଗିଲେ। ତାଙ୍କର ପ୍ରାର୍ଥନାରେ ବିଷ୍ଣୁ ସନ୍ତୁଷ୍ଟ ହେଲେ। ଇନ୍ଦ୍ରିୟାତୀତ ବିଷ୍ଣୁ ନିଜର ଚକ୍ରରୂପ ପରିତ୍ୟାଗ ପୂର୍ବକ ଗରୁଡାସନରେ ଆବିର୍ଭୂତ ହୋଇ କହିଲେ, ହେ ଧୂର୍ଜଟୀ, ତୁମର ଏ ଦୁର୍ବୁଦ୍ଧି କାହିଁକି ? କାହିଁକି ଗୋଟେ କୀଟ ସଦୃଶ ନରପତି ପାଇଁ ମୋ ସହିତ ଯୁଦ୍ଧ କଲ। ଏହାପରେ ଶିବ ଅନେକ ସ୍ତୁତି କରିଚାଲିଲେ। ଶେଷରେ ବିଷ୍ଣୁ କହିଲେ, ତୁମେ ବହୁକାଳରୁ ତପସ୍ୟାକରି ଶକ୍ତିସମ୍ପନ୍ନ ହୋଇଛ। ଏବେ ମୋ ନାମେ ଖ୍ୟାତ କ୍ଷେତ୍ର ପୁରୁଷୋତ୍ତମକୁ ଯାତ୍ରା କର। ଏହା ଦକ୍ଷିଣ ସମୁଦ୍ରତୀର ନୀଳ ପର୍ବତଦ୍ୱାରା ସୁଶୋଭିତ। ସେହି ସ୍ଥାନରେ ମୁଁ ନୀଳକାନ୍ତ-ମଣିମୟ ରୂପ ଚତୁଷ୍ଟୟ ଧାରଣକରି ରହିଅଛି। ତାର ଉତ୍ତରରେ ଏକାମ୍ର ନାମକ ସୁପ୍ରସିଦ୍ଧ କାନନ ରହିଛି।

**ତସ୍ୟୋ ଉତ୍ତସ୍ୟାଂ ବିଖ୍ୟାତଂ ବନମେକାମ୍ରକାହ୍ୱୟମ୍**
**ପାର୍ବତ୍ୟା ଅତ୍ର ନିବସନ୍ ନିର୍ଭୟ ସ୍ତ୍ରୀ ପୁରାନ୍ତକ** ।।(୧୨/୭୫)

ଅତଏବ ତୁମେ ପାର୍ବତୀଙ୍କ ସହିତ ସେଠାକୁ ଯାଇ ନିର୍ଭୟରେ ବାସକର। ସମସ୍ତ ଲୋକର ସୃଷ୍ଟିକର୍ତ୍ତା ବ୍ରହ୍ମା ମୋର ଅନୁମତିକ୍ରମେ ତମ୍ଭଙ୍କୁ ସେଠାରେ କୋଟି ଲିଙ୍ଗର ରାଜତ୍ୱ ପଦରେ ଅଧିଷ୍ଠିତ କରିବେ। ନାରଦ ପୁନର୍ବାର କହିଲେ, ପୂର୍ବକାଳରେ ମହାଦେବ ଶ୍ରୀପୁରୁଷୋତ୍ତମ, ବଳଦେବ ଓ ଲକ୍ଷ୍ମୀଙ୍କୁ ଆରାଧନା କରି ସନ୍ତୁଷ୍ଟ କରିଥିଲେ। ପିତାମହ ବ୍ରହ୍ମା ସାକ୍ଷାତ୍ ଉମାକାନ୍ତଙ୍କୁ ଏହି ସ୍ଥାନରେ ସ୍ଥାପନ କରିଥିଲେ। ତେଣୁ ଏହି ଶମ୍ଭୁକ୍ଷେତ୍ରଟି ତମୋଗୁଣକୁ ବିନାଶ କରିବାପାଇଁ ଅତି ଉତ୍କୃଷ୍ଟ। ଚକ୍ରପାଣିଙ୍କର ତେଣୁ ଏହା ଗୋପନୀୟ କ୍ଷେତ୍ର ଅଟେ।

ଇତିହାସ ଅନୁସାରେ ଦଶମ-ଏକାଦଶ ଶତାବ୍ଦୀରେ ଯଯାତି କେଶରୀଙ୍କ କାଳରୁ ଲଲାଟେନ୍ଦୁ କେଶରୀ ଶାସନ ମଧ୍ୟରେ ଲିଙ୍ଗରାଜ ମନ୍ଦିର ନିର୍ମାଣ ସମ୍ପନ୍ନ ହୋଇଥିଲା। ୧୯୪୮ ମସିହାରେ ଓଡିଶାର ରାଜଧାନୀ କଟକରୁ ଭୁବନେଶ୍ୱରକୁ ପରିବର୍ତ୍ତନ ହେଲା। ୧୯୫୬ ମସିହାରେ ଏହା ବିଧିବଦ୍ଧ ରାଜଧାନୀ ହେଲା ଓ ପରେ କ୍ରମଶଃ ଏହାର ଆଧୁନିକ କଳେବର ବୃଦ୍ଧି ପାଇଲା। ବିଶେଷ କରି ଧଉଳି ପାହାଡ, କଳିଙ୍ଗଯୁଦ୍ଧ, ସମ୍ରାଟ ଅଶୋକଙ୍କର କଳିଙ୍ଗ ବକ୍ଷରେ ଚରିତ୍ରଲାଭ, କଳିଙ୍ଗରେ ବୌଦ୍ଧ ଓ ଜୈନଧର୍ମ ବିକାଶରେ ଭୁବନେଶ୍ୱର ମୂକସାକ୍ଷୀ ଭାବରେ ଦଣ୍ଡାୟମାନ। ସବୁଠାରୁ ବଡ କଥା ହେଉଛି, ଖଣ୍ଡଗିରି ଓ ଉଦୟଗିରିରେ ଥିବା ବିଶାଳ ରଙ୍ଗମଞ୍ଚ। ପ୍ରାଚୀନ ଭାରତୀୟ ନାଟ୍ୟକଳାର ବିକାଶରେ ଏହାର ଭୂମିକା ଥିଲା ଅବିଶ୍ୱସନୀୟ ଭାବେ ଗୁରୁତ୍ୱପୂର୍ଣ୍ଣ। ଐତିହାସିକ ତଥ୍ୟ ଅନୁସାରେ ଉଦୟଗିରିର ଏହି ମୁକ୍ତମ ମହାମେଘବାହାନ ଖାରବେଳଙ୍କର କୀର୍ତ୍ତି। ସାହିତ୍ୟିକ ଆକଳନ ଅନୁସାରେ ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଏଭଳି ମଞ୍ଚ ବିରଳ। ବାସ୍ତବିକ ତ୍ରିଭୁବନେଶ୍ୱରରୁ ଭୁବନେଶ୍ୱର ହୋଇଥିବା ଆଧୁନିକ ଭୁବନେଶ୍ୱର ଏ ସଂସାର ଭୁବନରେ ବିରଳ !

ପ୍ରାଧ୍ୟାପକ,
ଶିଶୁ ଅନନ୍ତ ମହାବିଦ୍ୟାଳୟ, ବାଲିପାଟଣା
ମୋ - ୯୪୩୭୨୭୯୧୪୨

# ଭୁବନେଶ୍ୱରର ଧର୍ମଧାରା

*ଡ. ଉଦ୍ଧବ ଚରଣ ନାୟକ*

ଭୁବନେଶ୍ୱର ଅନ୍ୟନାମ ଏକାମ୍ରକ୍ଷେତ୍ର । ଭୁବନେଶ୍ୱର ଏକ ଶୈବପୀଠ ଭାବରେ ପରିଚିତ ହେଲେ ହେଁ ଏଠାରେ ବିଭିନ୍ନ ସମୟରେ ବିଭିନ୍ନ ଧର୍ମ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ଘଟିଥିବାର ଜଣାଯାଏ । ଅନେକ ମହାପୁରୁଷ, ସନ୍ଥ, ସାଧକ ବହୁ ସମୟରେ ଏହି କ୍ଷେତ୍ରରେ ଅବସ୍ଥାନ କରି ଦିବ୍ୟ ସନ୍ଦେଶ ପ୍ରାପ୍ତ ହୋଇଥିବାର ପ୍ରମାଣମାନ ମଧ୍ୟ ରହିଛି । ଆଦିକାଳରେ ସମଗ୍ର ଭାରତ ସମେତ ସମଗ୍ର ଉତ୍କଳ ତଥା ଭୁବନେଶ୍ୱରରେ ସନାତନଧର୍ମ ପରିବ୍ୟାପ୍ତ ଥିଲା । ପରେ ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ, ନିରାକାରବାଦ ଓ ମହିମାଧର୍ମ ଆଦିର ଧର୍ମମତ ଏକ୍ଷେତ୍ରରେ ପ୍ରସାର ଲାଭ କରିଛି ।

**ଜୈନଧର୍ମ:** ମହାବୀରଙ୍କ ସମୟ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ କଳିଙ୍ଗ ଜୈନଭୂମି ଭାବରେ ପ୍ରସିଦ୍ଧିଲାଭ କରିଥିଲା । ଉତ୍କଳ ଖଣ୍ଡରେ ତାଙ୍କର ଧର୍ମ ପ୍ରଚାର ପ୍ରଧାନ କେନ୍ଦ୍ରଥିଲା 'କୁମାରୀ ପର୍ବତ' । ଯାହାର ଆଧୁନିକ ନାମ ହେଉଛି 'ଉଦୟଗିରି-ଖଣ୍ଡଗିରି' । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ମହାପଦ୍ମନନ୍ଦ କଳିଙ୍ଗ ଆକ୍ରମଣ କରିଥିଲେ । କଳିଙ୍ଗରେ



ସେତେବେଳେ ପୂଜା ପାଉଥିବା କଳିଙ୍ଗଜିନ ଜୈନ ପ୍ରତିମାକୁ ସେ ତାଙ୍କର ବିଜୟର ପ୍ରତୀକ ଭାବରେ ଘେନି ଯାଇଥିଲେ। ଏ କଥା ଖାରବେଳଙ୍କର ହାତୀଗୁମ୍ଫା ଶିଳାଲେଖରେ ସ୍ପଷ୍ଟ ଭାବରେ ଉଲ୍ଲେଖଅଛି। ଏଥିରୁ ଜଣାଯାଏ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ଜୈନଧର୍ମ କଳିଙ୍ଗର ଧର୍ମ ଭାବରେ ପ୍ରତିଷ୍ଠିତ ଥିଲା। ତତ୍କାଳୀନ ଭୁବନେଶ୍ୱର ତଥା କଳିଙ୍ଗନଗରୀରେ ଏହି ଧର୍ମ ଲୋକପ୍ରିୟ ଥିବାର ମଧ୍ୟ ସୂଚନା ମିଳେ। ମୌର୍ଯ୍ୟଯୁଗର ତଥା ମହାବୀରଙ୍କ ବହୁପୂର୍ବରୁ କଳିଙ୍ଗର ରାଜର୍ଷି କରକଣ୍ଡୁଙ୍କ ସମୟରେ ପାର୍ଶ୍ୱନାଥ ଓଡିଶା ଆସି କୁମାରୀ ପର୍ବତରେ ଧର୍ମ ପ୍ରଚାର କରିଥିବାର ଉଦାହରଣ ରହିଛି। ତେଣୁ କଳିଙ୍ଗରେ ତଥା କଳିଙ୍ଗନଗରୀରେ ଜୈନଧର୍ମର ପ୍ରାଚୀନତା ସ୍ପଷ୍ଟ ଭାବରେ ଅନୁମେୟ।

କଳିଙ୍ଗଯୁଦ୍ଧରେ ଏକ ଲକ୍ଷ ଲୋକ ପ୍ରାଣ ହରାଇଲେ ଓ ଦେଢ ଲକ୍ଷ ଲୋକ ବନ୍ଦୀ ହେଲେ। ଏଥିପାଇଁ ଅଶୋକଙ୍କ ମନରେ ଘୋର ଅନୁଶୋଚନା ଜାତ ହେଲା। ସେ ସ୍ୱୀକାର କରିଥିଲେ ଯେ, ଏହି କଳିଙ୍ଗ ଯୁଦ୍ଧରେ ବ୍ରାହ୍ମଣ ଓ ଶ୍ରମଣମାନେ ଗଭୀର ଦୁଃଖ ଭୋଗ କରିଛନ୍ତି। ଗବେଷକ ଲକ୍ଷ୍ମୀନାରାୟଣ ସାହୁଙ୍କ ମତରେ, ଅଶୋକ ଯେଉଁମାନଙ୍କୁ ଶ୍ରମଣ ବୋଲି ଅଭିହିତ କରିଛନ୍ତି, ସେମାନେ ହିଁ ଜୈନ। ଅଶୋକଙ୍କ ସହ ଯେଉଁ କଳିଙ୍ଗ ରାଜା ଯୁଦ୍ଧ କରିଥିଲେ, ସେ ଜଣେ ଜୈନରାଜା ବୋଲି ବିଶ୍ୱାସ କରାଯାଏ। ବୀର କଳିଙ୍ଗସନ୍ତାନ ମହାମେଘବାହାନ ଐର ଖାରବେଳ କଳିଙ୍ଗ ସିଂହାସନ ଆରୋହଣ କରି ଦୀର୍ଘ ତେର ବର୍ଷ ରାଜ୍ୟ ଶାସନ କରିଥିଲେ। ସେହି ସମୟରେ ସେ ମଗଧ ବିଜୟ କରି କଳିଙ୍ଗ ଗୌରବ ଜିନ ପ୍ରତିମାକୁ ସଗୌରବେ ସ୍ୱଦେଶକୁ ଫେରାଇ ଆଣିଥିଲେ। ଏଥିପାଇଁ ଏକ ବିରାଟ ଶୋଭାଯାତ୍ରା ଓ ମହୋତ୍ସବର ଆୟୋଜନ ମଧ୍ୟ କରିଥିଲେ।

କିନ୍ତୁ ଖାରବେଳ ପ୍ରଥମରୁ ଜୈନ ଧର୍ମାବଲମ୍ବୀ ନଥିଲେ। ତାଙ୍କ ପିତା ଚେତରାଜ ଖ୍ରୀଷ୍ଟପୂର୍ବ ୧୭୯ରେ ଇହଧାମ ତ୍ୟାଗ କରିବାରୁ ସେ ସିଂହାସନ ଆରୁଢ ହୋଇଥିଲେ। ଗବେଷକ ରାଧାଚରଣ ପଣ୍ଡାଙ୍କ ମତରେ, ଚେତରାଜ ବା ଚୈତ୍ରଐର ଜଣେ ହିନ୍ଦୁ ଥିଲେ। ତାଙ୍କର ଉପାସ୍ୟ ଦେବତା ଥିଲେ ଶିବ। ଖାରବେଳଙ୍କ ରାଜ୍ୟାଭିଷେକ 'ବ୍ରାହ୍ମଣ୍ୟ ପୌରୋହିତ୍ୟ' ରୀତିରେ ଅନୁଷ୍ଠିତ ହୋଇଥିଲା ବୋଲି ଗବେଷକ ମହେନ୍ଦ୍ର ପଟ୍ଟନାୟକ ମତବ୍ୟକ୍ତ କରନ୍ତି। ଖାରବେଳ ରାଜଗାଦିରେ ବସିବା ମାତ୍ରକେ ଅନେକ ଦେବଦେବୀ ମନ୍ଦିର ପୁନରୁଦ୍ଧାର କରିଥିଲେ। ଜୈନଧର୍ମରେ ଦେବଦେବୀ କେଉଁଠୁ ଆସିଲେ? ଜୈନମାନେ ଜୈନମାନଙ୍କ ବ୍ୟତୀତ ଅନ୍ୟମାନଙ୍କୁ ପାଖଣ୍ଡ କହି ଘୃଣା କରନ୍ତି। ଯଦି ଖାରବେଳ ପ୍ରଥମରୁ ଜୈନ ଥାଆନ୍ତେ ତେବେ ତାଙ୍କ ତେରବର୍ଷ ରାଜତ୍ୱରେ ଲୋମହର୍ଷଣକାରୀ ଯୁଦ୍ଧମାନ କରି ଭାରତର ଅର୍ଦ୍ଧାଧିକ ରାଜ୍ୟ ଜୟ କରି ନଥାନ୍ତେ। କାରଣ ଜୈନମାନଙ୍କର ପ୍ରଧାନ ନିୟମ ହେଲା ଅହିଂସା। ଜୀବହତ୍ୟା ସମ୍ବନ୍ଧରେ ଜୈନଧର୍ମର କଠୋର ନିୟମ ରହିଛି। ବାଲ୍ୟକାଳରୁ ସେ ଜୈନଥିଲେ ହାତୀଗୁମ୍ଫା ଲିପି ବର୍ଣ୍ଣିତ ହୋମ, ଯଜ୍ଞ ଓ ଯୁଦ୍ଧଯାତ୍ରା ସେ କିପରି କରିଥାଆନ୍ତେ? ଭାରତର ଅର୍ଦ୍ଧାଧିକ ରାଜ୍ୟ ଜୟ କରିବାପରେ ଜୀବନର ଶେଷକାଳରେ 'ଅହିଂସା ପରମଧର୍ମ' ଜପ କରିବା ନିମନ୍ତେ ଜୈନଧର୍ମ ଗ୍ରହଣ କରିଥିଲେ।

ଜୈନ ସାଧକମାନଙ୍କ ନିମନ୍ତେ ଖାରବେଳ ଶତାଧିକ ଗୁମ୍ଫା ଖଣ୍ଡଗିରି ଓ ଉଦୟଗିରିରେ ନିର୍ମାଣ କରିଥିଲେ। ସେ ଜୈନସାଧୁମାନଙ୍କ ପ୍ରତି ଥିଲେ ଗଭୀର ଭାବରେ ଅନୁରକ୍ତ। ହାତୀଗୁମ୍ଫାର ଶିଳାଲେଖ ପ୍ରାରମ୍ଭରେ ଖାରବେଳ ଜୈନଧର୍ମର ନମସ୍ୟମାନଙ୍କୁ ଭକ୍ତି ନୈବେଦ୍ୟ ବାଢିଛନ୍ତି-

**'ନମୋ ଅରହତାନାଂ ନମୋ ସବସିଧାନଂ'**

ସମ୍ରାଟ ଖାରବେଳ ତଥା ତାଙ୍କ ପରିବାର ଲୋକେ ତୋଷାଳି ସନ୍ନିକଟ କୁମାରଗିରି ଓ କୁମାରୀଗିରି ଅର୍ଥାତ୍ ଆଧୁନିକ ଖଣ୍ଡଗିରି ଉଦୟଗିରିରେ ଜୈନ ଅର୍ହତ ତଥା ହିନ୍ଦୁ ମୁନିଋଷି ମାନଙ୍କ ଉଦ୍ଦେଶ୍ୟରେ ୧୧୭ଟି ଗୁମ୍ଫା ନିର୍ମାଣ କରିଥିଲେ। ହାତୀଗୁମ୍ଫା ଶିଳାଲିପିରୁ ଜଣାଯାଏ, ଜୈନ ମୁନିଋଷି ମାନଙ୍କ ବ୍ୟତୀତ ଅନ୍ୟାନ୍ୟ ପ୍ରଖ୍ୟାତ ସାଧୁ, ସନ୍ୟାସୀମାନଙ୍କ ଆଶ୍ରୟ ଗ୍ରହଣ ନିମନ୍ତେ ଖାରବେଳ କୁମାରୀଗିରିଠାରେ ସମସ୍ତ ବନ୍ଦୋବସ୍ତ କରିଥିଲେ। ଏଥିରୁ ଖାରବେଳଙ୍କ ଧର୍ମନିରପେକ୍ଷନୀତି ସ୍ପଷ୍ଟ ଅନୁମିତ ହୁଏ। ସମଗ୍ର ବିଶ୍ୱରେ ଜୈନଧର୍ମ ପ୍ରତିଷ୍ଠା କ୍ଷେତ୍ରରେ ଓଡିଶାର ଦାନ ଅତୁଳନୀୟ।

ପ୍ରତିବର୍ଷ ଏହି ଜୈନକ୍ଷେତ୍ରରେ ମାଘ ଶୁକ୍ଳ ସପ୍ତମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏକ ମେଳା ଅନୁଷ୍ଠିତ ହୁଏ। ସମ୍ଭବତଃ ଏହି ମେଳା ଦୁଇଶହ ବର୍ଷରୁ କିଛି ଅଧିକକାଳ ହେବ ଆରମ୍ଭ ହୋଇଛି। ଏହି ମେଳା ପ୍ରଥମେ ଜୈନ ମେଳା ଭାବରେ ଆରମ୍ଭ ହୋଇଥିବାର ଜଣାଯାଏ। ମରହଟ୍ଟାମାନେ ୧୭୫୧-୧୮୦୩ ମସିହାଯାଏ ଓଡିଶା ଶାସନ କରୁଥିବାର ଜଣାଯାଏ। ଏହି ସମୟରେ ଦିଗମ୍ବର ଜୈନ ଧର୍ମାବଲମ୍ବୀ ମଞ୍ଜୁନାଥ ରାଜସ୍ୱ କର୍ମଚାରୀ ଭାବରେ କଟକରେ ଅବସ୍ଥାନ କରୁଥିଲେ। ମଞ୍ଜୁନାଥଙ୍କ ଦ୍ୱାରା କଟକ ଚୌଧୁରୀ ବଜାର ସ୍ଥିତ ଦିଗମ୍ବର ମନ୍ଦିର ପ୍ରତିଷ୍ଠା ହୋଇଥିଲା। ମଞ୍ଜୁନାଥ ମଧ୍ୟ ଏହି ଖଣ୍ଡଗିରି ଜୈନ ମେଳାର ପ୍ରତିଷ୍ଠାତା ଓ ପୃଷ୍ଠପୋଷକ ଥିଲେ।

ମାଘ ଶୁକ୍ଳ ସପ୍ତମୀ ତିଥିରେ ଖଣ୍ଡଗିରିସ୍ଥିତ ଜୈନ ମନ୍ଦିର ପାଖରେ ଥିବା ବାରଭୁଜାଙ୍କ ପାଖରେ 'ଖଣ୍ଡଖିରି' ଭୋଗହୁଏ। ଦୁଧ, ଅରୁଆ ଚାଉଳ ଓ ଖଣ୍ଡ ଆଦି ମିଶ୍ରିତ ହୋଇ ଏହି 'ଖଣ୍ଡଖିରି' ପ୍ରସ୍ତୁତ ହୋଇଥାଏ। ଜୈନଧର୍ମରେ ପ୍ରବାଦ ଅଛି, ଯେଉଁ ବ୍ୟକ୍ତି ମାଘ ଶୁକ୍ଳ ସପ୍ତମୀ ଦିନ କୋଣାର୍କ ଚନ୍ଦ୍ରଭାଗାରେ ସ୍ନାନ କରି ପୁରୀ ଜଗନ୍ନାଥ ଦର୍ଶନ ସାରି ଖଣ୍ଡଗିରିରେ ପହଞ୍ଚି ଖଣ୍ଡଖିରି ଭୋଗ ଖାଏ, ସେ ସ୍ୱଦେହରେ ସ୍ୱର୍ଗକୁ ଯାଏ। ଜଣାଯାଏ, ଏହି ପ୍ରବାଦଟି ମରହଟ୍ଟା ଶାସନ ସମୟରେ ଜୈନମାନଙ୍କ ପାଖରେ ପ୍ରଚଳିତ ହୋଇଥିଲା। ଚନ୍ଦ୍ରଭାଗାଠାରେ ମାଘସପ୍ତମୀଦିନ ସାଧାରଣ ଲୋକେ ବୁଡ ପକାନ୍ତି। ଖଣ୍ଡଗିରି ମେଳା ମାଘ ସପ୍ତମୀରେ ଅନୁଷ୍ଠିତ ହୁଏ। ଚନ୍ଦ୍ରଭାଗା ବୁଡ ଓ ଖଣ୍ଡଗିରିରେ ମାଘସପ୍ତମୀ ଦିନ ତୀର୍ଥଙ୍କର ପୂଜା ସହ ଏପରି ସମ୍ପର୍କ ସ୍ଥାପନ କରି ଜୈନମାନେ ପ୍ରଥମେ ଖଣ୍ଡଗିରି ମେଳା ଆୟମାରମ୍ଭ କରିଥିଲେ ବୋଲି ଜଣାଯାଏ। ଆଜି ଏହି ଜନସମାଗମ ଖଣ୍ଡଗିରି ମେଳା ନାମରେ ସୁପରିଚିତ।

**ବୌଦ୍ଧଧର୍ମ:** ବୁଦ୍ଧଙ୍କ ସମୟରେ ଉତ୍କଳ ଓ କଳିଙ୍ଗ ନାମରେ ଥିଲା ଦୁଇଟି ରାଜ୍ୟ। ସେତେବେଳେ ଏହି ଦୁଇଟି ରାଜ୍ୟରେ ବୌଦ୍ଧଧର୍ମ ଥିଲା ଅତ୍ୟନ୍ତ ଲୋକପ୍ରିୟ ଧର୍ମ। ବୁଦ୍ଧ ଓଡିଶା ଆସିଥିବାର କୌଣସି ପ୍ରମାଣ ମିଳେ ନାହିଁ। ଓଡିଶାର ପଡୋଶୀ ରାଜ୍ୟ ବିହାରରେ ସେ ତାଙ୍କ ଜୀବନର ବହୁ କାଳ ଅତିବାହିତ କରିଛନ୍ତି। ବୌଦ୍ଧଧର୍ମ ଓଡିଶାରେ କେମିତି

ପ୍ରବେଶକଲା, ସେ ସମ୍ପର୍କରେ ବୌଦ୍ଧ ଧର୍ମଗ୍ରନ୍ଥ 'ବିନୟପିଟକ'ରେ ଏକ ରୋଚକ ପ୍ରସଙ୍ଗ ଉଲ୍ଲେଖ ଅଛି।

"ସେହି ସମୟରେ ଉତ୍କଳର ତପସୁ ଓ ଭଲ୍ଲିକ ନାମରେ ଦୁଇଜଣ ବଣିକ ମଧ୍ୟଦେଶରୁ ପାଞ୍ଚଶହ ଶଗଡରେ ନିଜର ବଣିଜ ପଦାର୍ଥ ଧରି ପୂର୍ବଦିଗକୁ ଯାଉଥିଲେ। ସାରନାଥ ପାଖରେ ଉରୁବେଲାଠାରେ ବୁଦ୍ଧଙ୍କ ସହ ସେମାନଙ୍କର ଭେଟ ହେଲା। ଠିକ୍ ସେ ସମୟରେ ଗୌତମ ସଦ୍ୟ ବୁଦ୍ଧତ୍ୱ ପ୍ରାପ୍ତ ହୋଇ ଅନାହାରରେ ଏକ ବୃକ୍ଷମୂଳରେ ବସିଥିଲେ। ଏହି ବଣିକ ଦ୍ୱୟ ନିଜ ସାଙ୍ଗରେ ନେଇଥିବା ମିଠା ଓ ପିଠା ଗୌତମଙ୍କୁ ଖାଇବାକୁ ଦେଲେ। ଏହା ପରେ ଗୌତମ ବୌଦ୍ଧଧର୍ମ ସମ୍ପର୍କରେ ବଣିକଙ୍କୁ ଉପଦେଶ ଶୁଣାଇଲେ। ଆଉ କହିଲେ, "ତୁମେମାନେ ସ୍ୱଦେଶକୁ ଫେରିବା ପରେ ଏହି ଧର୍ମବାଣୀ ସେଠାରେ ପ୍ରଚାର କରିବ।" ଏହିପରି ଭାବରେ ବୌଦ୍ଧଧର୍ମ ଓଡିଶାରେ ପ୍ରବେଶ କରିଥିଲା। ତା ପୂର୍ବରୁ ଏଠାରେ 'ଅକିରିଆ' ମତବାଦ ପ୍ରଚଳିତ ଥିଲା। ବସସ୍ ଓ ଭଣିନଗକ ଦୁଇଟି ଜାତି ଏହି ମତବାଦର ସମର୍ଥକ ଥିଲେ। ସେମାନେ ବୌଦ୍ଧଧର୍ମ ପ୍ରଚାର ବିରୋଧୀ ଥିଲେ। ବୁଦ୍ଧ ଏହି ମତବାଦକୁ ଖଣ୍ଡନ କଲାପରେ ବୌଦ୍ଧଧର୍ମ ଲୋକପ୍ରିୟ ହୋଇଥିଲା। ଖ୍ରୀଷ୍ଟପୂର୍ବ ୨୬୧ରେ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲା। ଏହି ସମୟରେ କଳିଙ୍ଗରେ ବୌଦ୍ଧଧର୍ମ ବିଶେଷ ଆଦୃତ ହୋଇଥିଲା। ଭୁବନେଶ୍ୱର ଓ ତହିଁ ଆଖପାଖ ଅଞ୍ଚଳରେ ବୌଦ୍ଧଧର୍ମ ଖୁବ୍ ଲୋକପ୍ରିୟ ହୋଇଥିବାର ପ୍ରମାଣ ମିଳେ।

ଅଶୋକ କଳିଙ୍ଗ ବିଜୟକରି ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ। ତାଙ୍କୁ କଳିଙ୍ଗକନ୍ୟା ବୀରା ରମଣୀ କାରୁବାକୀ ଏହି ଧର୍ମରେ ଦୀକ୍ଷିତ କରିଥିବାର ଜଣାଯାଏ। କାରୁବାକୀ ହୋଇଗଲେ ଅଶୋକଙ୍କ ପତ୍ନୀ। ଅଶୋକ ଭୁବନେଶ୍ୱର ପାଖ ଧଉଳିଗିରି ଠାରେ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ। ଏଠାରେ ସେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ। ଅଶୋକଙ୍କ କଳିଙ୍ଗ ବିଜୟ ପରେ ଓଡିଶାର ବୌଦ୍ଧଧର୍ମ ବିଶେଷ ଭାବରେ ପ୍ରସାର ଲାଭ କରିଥିଲା। ଭୁବନେଶ୍ୱର ଭାସ୍କରେଶ୍ୱର ମନ୍ଦିରର ବିରାଟାକାୟ ଶିବଲିଙ୍ଗ ଅଶୋକସ୍ତମ୍ଭର ଏକ ଅଂଶ ବୋଲି ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି। ଅଶୋକ ଧଉଳି ଅନୁଶାସନରେ ପ୍ରସ୍ତର ନିର୍ମିତ ହସ୍ତୀ ଏହାର ପ୍ରମାଣ। ହସ୍ତୀ ବୌଦ୍ଧଧର୍ମରେ ଏକ ଶୁଭ ସଙ୍କେତ।

ଅଷ୍ଟମ ଶତାବ୍ଦୀରୁ ଓଡିଶାରେ ମହାଯାନ ବୌଦ୍ଧଧର୍ମ ତନ୍ତ୍ର ପ୍ରଭାବରେ ଗତିକଲା। ତୋଷାଳିର ଭୌମକର ରାଜବଂଶର କେତେକ ରାଜା ତାନ୍ତ୍ରିକ ବୌଦ୍ଧଧର୍ମର ପୃଷ୍ଠପୋଷକତା କରିଥିଲେ। ସୋମବଂଶୀ ରାଜାମାନଙ୍କର ଶାସନକାଳରେ ତାନ୍ତ୍ରିକ ବୌଦ୍ଧଧର୍ମ ଖୁବ୍ ଲୋକପ୍ରିୟ ହୋଇଥିବାର ଜଣାଯାଏ। ଭୁବନେଶ୍ୱର ତାନ୍ତ୍ରିକ ବୌଦ୍ଧମାନଙ୍କର ଏକ ପ୍ରଧାନ ତଥା ସିଦ୍ଧ କ୍ଷେତ୍ର ହୋଇଥିବାରୁ ଏହାର ନାମ ଏକାମ୍ର ହୋଇଥିବାର ଜଣାଯାଏ।

**ଶୈବଧର୍ମ:** ଆର୍ଯ୍ୟ ଓ ଅନାର୍ଯ୍ୟ ସଂସ୍କୃତିର ମିଳନରେ ଶୈବଧର୍ମର ସୃଷ୍ଟି। ଶୈବଧର୍ମ ଓଡିଶାର ପ୍ରାଚୀନ ଧର୍ମ ଭାବରେ ବିବେଚିତ। ଶୈବ ଧର୍ମାବଲମ୍ବୀମାନଙ୍କର ଉତ୍କଳ ହିଁ ଥିଲା ଏକ ପ୍ରାଚୀନ ତଥା ପ୍ରସିଦ୍ଧ କ୍ଷେତ୍ର। କୁଶାଣ ରାଜତ୍ୱ କାଳରେ ଅର୍ଥାତ୍ ଖ୍ରୀଷ୍ଟୀୟ ପ୍ରଥମ ଶତକରେ ଶିବ ପୂଜା ଏକ ସ୍ୱତନ୍ତ୍ର ଧର୍ମ ଭାବରେ ପ୍ରସିଦ୍ଧି ଲାଭ କରିଥିଲା। ଶୈବଧର୍ମର ଦୁଇ ସମ୍ପ୍ରଦାୟ ଯଥା – ପାଶୁପତ ଓ ମତ୍ତମୟୂର ମଧ୍ୟଯୁଗରେ ଓଡିଶାରେ ଖୁବ୍ ଲୋକପ୍ରିୟ ଥିଲା। ଏହି ପାଶୁପତ ସମ୍ପ୍ରଦାୟ ଖ୍ରୀଷ୍ଟୀୟ ପ୍ରଥମ-ଦ୍ୱିତୀୟ ଶତାବ୍ଦୀରେ ନକୁଳୀଶ ବା ଲକୁଳୀଶଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା।

ଭୁବନେଶ୍ୱରର ପ୍ରାଚୀନ ଭାସ୍କରେଶ୍ୱର ମନ୍ଦିର ସମ୍ମୁଖ ଭାଗରେ ପାହାଚରେ ଏବଂ ପରଶୁରାମେଶ୍ୱର ମନ୍ଦିର ଜଗମୋହନରେ ଲକୁଳୀଶଙ୍କ ମୂର୍ତ୍ତି ଖୋଦିତ ହୋଇଥିବାର ଜଣାଯାଏ। ପରଶୁରାମେଶ୍ୱର (୬୫୦ ଖ୍ରୀ.ଅ.), ମୁକ୍ତେଶ୍ୱର (୯୫୦ ଖ୍ରୀ.ଅ.) ଓ ଶିଶିରେଶ୍ୱର (୮୦୦ ଖ୍ରୀ.ଅ.) ମନ୍ଦିର ଆଦିରେ ନକୁଳୀଶଙ୍କ ମୂର୍ତ୍ତି ରହିଥିବା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା। ଲକ୍ଷ୍ମଣେଶ୍ୱର ଓ ଶତ୍ରୁଘ୍ନେଶ୍ୱର ମନ୍ଦିର ଦ୍ୱୟ ପାଶୁପତ ସମ୍ପ୍ରଦାୟର କୌଣସି ଭକ୍ତମାନଙ୍କ ଦ୍ୱାରା ନିର୍ମିତ ହୋଇଥିବାର ଜଣାଯାଏ। ଏଥିରେ ଲକୁଳୀଶଙ୍କ ଶିଷ୍ୟ ଯଥା – କୁଶିକ, ଗର୍ଗ, ମିତ୍ର ଓ କୌରୁଷ ଆଦିଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ପର୍ଶୁରାମେଶ୍ୱର ମନ୍ଦିର ବିମାନରେ ଶିବଙ୍କ ଜୀବନର ବିଭିନ୍ନ ଘଟଣା ମୂର୍ତ୍ତିକଳାଦ୍ୱାରା ସୁନ୍ଦର ଭାବରେ ରୂପାୟିତ। ଏଥିରୁ ସୁସ୍ପଷ୍ଟ ଯେ, ଭୁବନେଶ୍ୱର ଠାରେ ପାଶୁପତ ଶୈବମାନେ ଷଷ୍ଠ ଓ ସପ୍ତମ ଶତାବ୍ଦୀ ବେଳକୁ ନିଜ ସମ୍ପ୍ରଦାୟକୁ ଖୁବ୍ ବଳିଷ୍ଠ ଭାବରେ ଗଢି ତୋଳିଥିଲେ। ଭୁବନେଶ୍ୱର ନିକଟବର୍ତ୍ତୀ ଗଙ୍ଗୁଆ ନଦୀ (ଯାହାର ପ୍ରାଚୀନ ନାମ ଗନ୍ଧବତୀ) କୂଳରେ ଥିବା ଏକ ଭଗ୍ନ ଭୈରବ ମନ୍ଦିରରୁ ସର୍ପବେଷ୍ଟିତ ଏକ ତ୍ରିନୟନ ଓ ନକୁଳୀଶ ମୂର୍ତ୍ତି ଉଦ୍ଧାର କରାଯାଇଛି। ଏହା ସେତେବେଳର ପାଶୁପତ ଶୈବ ନିଦର୍ଶନ ଭାବରେ ଗ୍ରହଣୀୟ। ଏଠାରେ ଥିବା ଶିବମନ୍ଦିରଗୁଡିକ ସପ୍ତମରୁ ଷୋଡଶ ଶତାବ୍ଦୀ ମଧ୍ୟରେ ନିର୍ମିତ। ଲିଙ୍ଗରାଜ ମନ୍ଦିର (୯୨୫-୯୪୦)ର ଗଠନ ଶୈଳୀ ଅନ୍ୟତ୍ର ଦେଖିବାକୁ ବିରଳ। ଭୁବନେଶ୍ୱରର ଯେଉଁ କେତୋଟି ଶିବମନ୍ଦିରରେ ଲକୁଳୀଶଙ୍କର ମୂର୍ତ୍ତି ଖୋଦିତ ହୋଇଛି, ସେଥିରୁ ପ୍ରମାଣ ମିଳେ ଯେ, ଏହି ସବୁ ମନ୍ଦିରର ପୂଜାବିଧି ପାଶୁପତ ଦର୍ଶନ ସମ୍ମତ। ଏହି ଲକୁଳୀଶ ମୂର୍ତ୍ତିଯୁକ୍ତ ଶିବମନ୍ଦିର ମାନଙ୍କରେ ଯୋନିପୀଠଯୁକ୍ତ ଶିବଲିଙ୍ଗ ସ୍ଥାପିତ ହୋଇଅଛି। ଓଡିଶାର ଅନେକ ସ୍ଥାନରେ ଏପରି ଶିବଲିଙ୍ଗ ରହିଛି, ହେଲେ ଅନେକ ମନ୍ଦିରେ କେବଳମାତ୍ର ଯୋନିପୀଠ ଦେଖାଯାଏ। ଯୋନିପୀଠର ବର୍ତ୍ତୁଳାକାର ଗର୍ତ୍ତରେ କୌଣସି ଲିଙ୍ଗ ନଥାଏ। ଏହି ଦେବତା ସ୍ୱୟମ୍ଭୂଲିଙ୍ଗ ବା ପାତାଳଫୁଟା ମହାଦେବ ଭାବରେ ଖ୍ୟାତ। ଲିଙ୍ଗଯୁକ୍ତ ଶିବମନ୍ଦିରଗୁଡିକୁ ପାଶୁପତ ଦର୍ଶନଭୁକ୍ତ କରାଯାଇପାରେ।

ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀରେ ନିର୍ମିତ ମୁକ୍ତେଶ୍ୱର ଓ ରାଜରାଣୀ ମନ୍ଦିର ଦୁଇଟି ବର୍ତ୍ତମାନ ସୁଦ୍ଧା ଅକ୍ଷୁଣ୍ଣ ରହିଛି। ରାଜରାଣୀ ମନ୍ଦିରର ନବଗ୍ରହ ଶିଳା ଉପରେ ଲକୁଳୀଶ ମୂର୍ତ୍ତି ସହ ଶୈବ ତପସ୍ୱୀମାନଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ମୁକ୍ତେଶ୍ୱର ମନ୍ଦିର ନିକଟସ୍ଥ 'ମରିଚିକୁଣ୍ଡ'ରେ ଏ ପ୍ରକାର ଦ୍ୱାରବନ୍ଧରେ ଲକୁଳୀଶ ମୂର୍ତ୍ତିର ଦୁଇପାର୍ଶ୍ୱରେ ଶୈବ ତପସ୍ୱୀମାନଙ୍କର ମୂର୍ତ୍ତି ଖୋଦିତ ହୋଇଛି। ଏଣୁ ଜଣାଯାଏ ଦଶମ ଶତାବ୍ଦୀ ଯାଏ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଲକୁଳୀଶ ଶୈବ ମତବାଦ ପ୍ରଚଳିତ ଥିଲା।

**ଶାକ୍ତଧର୍ମ:** ଶାକ୍ତଧର୍ମ ହେଉଛି ତନ୍ତ୍ର ଗର୍ଭିତ ଧର୍ମ। ଶାକ୍ତ ସାଧକମାନେ ମହାଶକ୍ତିକୁ ବ୍ରହ୍ମ ଜ୍ଞାନରେ ଓ ବ୍ରହ୍ମଶକ୍ତିକୁ ଅଭେଦ ଜ୍ଞାନରେ ଉପାସନା କରନ୍ତି। ଓଡିଶାର ପାରମ୍ପରିକ ବୌଦ୍ଧ ମତବାଦ ଷଷ୍ଠ ଶତାବ୍ଦୀରୁ ପ୍ରାୟତଃ ହ୍ରାସ ପାଇବାପରେ ଶାକ୍ତ ମତବାଦ ସମାଜରେ ଆଦୃତ ହୋଇଥିଲା।

ଫଳରେ ଶକ୍ତି ଉପାସନା ନିମନ୍ତେ ବହୁ ପୁରାଣ, ଗ୍ରନ୍ଥ ଓ ତନ୍ତ୍ର ଶାସ୍ତ୍ରମାନ ପ୍ରକାଶ ପାଇଲା। ଶାକ୍ତପୂଜା ନିମନ୍ତେ ଓଡିଶାର ଯେଉଁସବୁ ମନ୍ଦିରମାନ ପ୍ରତିଷ୍ଠା ହେଲା, ତନ୍ମଧ୍ୟରୁ ଭୁବନେଶ୍ୱର ମୋହିନୀ, କପାଳିନୀ ଓ ଗୌରୀ ମନ୍ଦିର ଆଦି ଅନ୍ୟତମ ତଥା ପ୍ରଧାନ। ଶାକ୍ତ ଉପାସନା ନିମନ୍ତେ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଭୁବନେଶ୍ୱରରେ ଅନେକ ମନ୍ଦିର ନିର୍ମାଣ ହୋଇଥିଲା। ଶାକ୍ତ ଚିନ୍ତାଧାରାର କାପାଳିକ (ଉପାସକ) ମାନେ ତନ୍ତ୍ର ସାଧନାରେ ସିଦ୍ଧିଲାଭ କରିବା ପାଇଁ ଚାମୁଣ୍ଡା ବା କାପାଳିନୀଙ୍କୁ ତାନ୍ତ୍ରିକ ରୀତିରେ ପୂଜା କରିବା ବେଳେ ସାଧନା କରୁଥିଲେ। ଭୁବନେଶ୍ୱର ବୈତାଳ ମନ୍ଦିର (ତିନିମୁଣ୍ଡିଆ ଦେଉଳ)ରେ ଅର୍ଦ୍ଧନାରୀଶ୍ୱର ଶିବ ଓ ମହିଷାମର୍ଦ୍ଦିନୀ ଦୁର୍ଗାଙ୍କର ମୂର୍ତ୍ତି ପୂଜାପାଏ। ଏଠାରେ ତ୍ରିଭୁବନ ଦେବୀଙ୍କ ଦ୍ୱାରା ପ୍ରତିଷ୍ଠିତ ଗୌରୀ ମନ୍ଦିରରେ ଗୌରୀ ଅଧିଷ୍ଠାତ୍ରୀ ଦେବୀ ଭାବରେ ପୂଜିତା।

ଭୁବନେଶ୍ୱରରେ ଅନେକ ମନ୍ଦିର ଯଥା - ଉତ୍ତରେଶ୍ୱର, ମୋହିନୀ ଓ ଶିଶିରେଶ୍ୱର ମନ୍ଦିର ଗାତ୍ରରେ ମହିଷାମର୍ଦ୍ଦିନୀ ମୂର୍ତ୍ତିମାନ ଖୋଦିତ ହୋଇଛି। ଭୁବନେଶ୍ୱରର ଅଧିଷ୍ଠାତ୍ରୀ ଦେବୀ ଭାବରେ ବରାହୀ, ଭୂବାସିନୀ, ମୋହିନୀ, ଭୁବନେଶ୍ୱରୀ, ଗୌରୀ, କାତ୍ୟାୟିନୀ, ଦ୍ୱାରବାସିନୀ ଓ ରାମଚଣ୍ଡୀ ଆଦି ପୂଜିତା। ଶାକ୍ତଧର୍ମର ଚଉଷଠୀ ଯୋଗିନୀ ପୂଜା ଓଡିଶାରେ ଖୁବ୍ ଲୋକପ୍ରିୟ ଥିଲା। ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଚଉଷଠି ଯୋଗିନୀ ମୂର୍ତ୍ତି ରହିଛି। କଳାଦୃଷ୍ଟିରୁ ଯୋଗିନୀ ମୂର୍ତ୍ତିଗୁଡିକ ଖୁବ୍ ସୁନ୍ଦର। ଏହା ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ ଭୌମକର ରାଜତ୍ୱକାଳରେ ନିର୍ମିତ। ବଲାଙ୍ଗୀରର ରାଣୀପୁର ଝରିଆଲ୍ଠାରେ ମଧ୍ୟ ଚଉଷଠି ଯୋଗିନୀ ମୂର୍ତ୍ତି ରହିଛି। ସେଠାରେ ୪୮ ଗୋଟି ଯୋଗିନୀ ମୂର୍ତ୍ତି ରହିଛନ୍ତି। ଜଣାଯାଏ ଭୁବନେଶ୍ୱରରେ ଖ୍ରୀଷ୍ଟୀୟ ନବମ ଶତାବ୍ଦୀ ବେଳକୁ ଶାକ୍ତଧର୍ମ ଖୁବ୍ ଲୋକପ୍ରିୟ ଥିଲା।

**ବୈଷ୍ଣବ ଧର୍ମ:** ଭଗବାନ ବିଷ୍ଣୁଙ୍କୁ କେନ୍ଦ୍ରକରି ବୈଷ୍ଣବ ଧର୍ମର ଅଭ୍ୟୁଦୟ ଘଟିଛି। ଭାରତବର୍ଷର ଅନ୍ୟରାଜ୍ୟ ତୁଳନାରେ ଓଡିଶାରେ ବୈଷ୍ଣବଧର୍ମ ବହୁ ବିଳମ୍ବରେ ପ୍ରଚାରିତ ହୋଇଥିଲା। ପୁରୀର ଗୁଣ୍ଡିଚା ମନ୍ଦିର, ବାଲେଶ୍ୱର ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର, କଣ୍ଟିଲୋର ନୀଳମାଧବ ଓ ଭୁବନେଶ୍ୱରର ଅନନ୍ତ ବାସୁଦେବ ବୈଷ୍ଣବୀୟ ଉପାସନାର ପ୍ରସିଦ୍ଧ କ୍ଷେତ୍ର। ଖ୍ରୀଷ୍ଟୀୟ ଚତୁର୍ଥ ଶତକରେ ମାଠରମାନଙ୍କ ଶାସନକାଳରେ ଭାଗବତ ଧର୍ମ ବା ବୈଷ୍ଣବଧର୍ମ ଓଡିଶାରେ ପ୍ରବେଶ କରିଥିଲା। ମାଠର ରାଜାମାନେ ଥିଲେ ଭାଗବତଧର୍ମୀ। ନାରାୟଣଙ୍କୁ ସେମାନେ କୁଳଦେବତା ଭାବରେ ପୂଜା କରୁଥିଲେ। ମହେନ୍ଦ୍ରପର୍ବତ ଶିଖର ଦେଶରେ ଓ ଭୁବନେଶ୍ୱର ଅନନ୍ତ ବାସୁଦେବ ମନ୍ଦିର ସମ୍ମୁଖରେ ଦୁଇଟି ନାରାୟଣ ମୂର୍ତ୍ତି ଆବିଷ୍କୃତ ହୋଇଛନ୍ତି। ଏହି ମୂର୍ତ୍ତିଦ୍ୱୟ ମାଠର ଯୁଗର ବୋଲି ଗବେଷକମାନେ ଅନୁମାନ କରନ୍ତି। ବର୍ତ୍ତମାନ ଯେଉଁଠାରେ ଅନନ୍ତ ବାସୁଦେବଙ୍କ ମନ୍ଦିର ଅଛି, ସେହି ସମୟରେ ସେଠାରେ ନାରାୟଣସ୍ୱାମୀଙ୍କର ଗୋଟିଏ ମନ୍ଦିର ଥିବାର ଅନୁମାନ କରାଯାଏ। କ୍ରମେ ତାହା ଭାଙ୍ଗିଯିବାରୁ ୧୨୭୮ ଖ୍ରୀଷ୍ଟାବ୍ଦରେ ଚନ୍ଦ୍ରିକାଦେବୀ ଅନନ୍ତବାସୁଦେବ ମନ୍ଦିର ନିର୍ମାଣ କରିଥିଲେ। ଏହି ମନ୍ଦିରରେ ଶିଳାବ୍ରହ୍ମ ଅନନ୍ତ, ବାସୁଦେବ ଓ ସୁଭଦ୍ରା ପୂଜା ପାଉଛନ୍ତି।

ତୋଷାଳିର ଭୌମକର ରାଜବଂଶରେ ତ୍ରିଭୁବନ ମହାଦେବୀ ନାମରେ ବିଭିନ୍ନ ସମୟରେ ଥିଲେ ତିନିଜଣ ରାଣୀ। ଏମାନେ ସମସ୍ତେ ଥିଲେ ପରମ ବୈଷ୍ଣବୀ। ଏଣୁ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରୁ ଓଡିଶା ତଥା ଭୁବେନଶ୍ୱରରେ ବୈଷ୍ଣବ ଧର୍ମ ପ୍ରଚଳିତ ଥିବାର ଜଣାଯାଏ। ମୁଖ୍ୟତଃ ଏହି ଧର୍ମ ରାଜାମାନଙ୍କର ଧର୍ମ ହୋଇଥିବାରୁ ରାଜାନୁଗତ ଧର୍ମ ରୀତିରେ ସାଧାରଣରେ ଏଇ ଧର୍ମ ଖୁବ୍ ଲୋକପ୍ରିୟ ହୋଇଥିବାର ଜଣାଯାଏ।

ଭୁବନେଶ୍ୱର ଶୈବକ୍ଷେତ୍ର ହୋଇଥିଲେ ହେଁ, ଏଠାରେ ବୈଷ୍ଣବ ଓ ଶୈବଧର୍ମର ସମନ୍ୱୟ ଘଟିଛି। ଗଙ୍ଗରାଜତ୍ୱ କାଳରେ ବୈଷ୍ଣବଧର୍ମ ଖୁବ୍ ପ୍ରଭାବ ଲାଭ କରିଥିଲେ ହେଁ, ଶୈବଧର୍ମ ପ୍ରତି ଅନାସ୍ଥାଭାବ ପ୍ରକାଶ ପାଇ ନଥିଲା। ଗଙ୍ଗରାଜତ୍ୱ କାଳରେ ଶୈବଧର୍ମର ପ୍ରଧାନ ଉପାସ୍ୟ ଲିଙ୍ଗରାଜ ହରିହର ରୂପ ନେଲେ, ତାଙ୍କ ପୂଜାରେ ବେଲପତ୍ର ସହ ତୁଳସୀପତ୍ର ସଂଯୋଗ ହେଲା। ମନ୍ଦିର ସମ୍ମୁଖରେ ବୃଷଭ, ଗରୁଡ, ଓ ତ୍ରିଶୂଳ ସହ ଚକ୍ର ମଧ୍ୟ ରହିଲା। ଏଠାରେ ମହାପ୍ରସାଦ ପ୍ରଚଳିତ ହୋଇ ଲିଙ୍ଗରାଜଙ୍କ ବେଢାରେ ବିଷ୍ଣୁମନ୍ଦିର ପ୍ରତିଷ୍ଠା ହେଲା। କେବଳ ସେତିକି ନୁହେଁ, ଗଙ୍ଗବଂଶ ରାଜତ୍ୱ କାଳରେ ଲିଙ୍ଗରାଜଙ୍କ ପାଖରେ ଅଖଣ୍ଡ ଦୀପଦାନ ପ୍ରଚଳିତ ହେଲା, ଭୋଗମଣ୍ଡପ ଓ ନାଟମନ୍ଦିର ଗଙ୍ଗରାଜାମାନଙ୍କ ଦ୍ୱାରା ନିର୍ମାଣ କରାଗଲା। ଏହିପରି ଭାବରେ ଗଙ୍ଗ ରାଜତ୍ୱକାଳରେ ଭୁବନେଶ୍ୱରରେ ଶୈବ ଓ ବୈଷ୍ଣବ ଧର୍ମର ସ୍ଥାପନ ହୋଇଥିବା ଓଡିଶା ଧର୍ମ ଇତିହାସରେ ଏକ ଅପୂର୍ବ ଘଟଣା।

**ନିରାକାର ଧର୍ମ:** ଅଷ୍ଟାଦଶ ଶତାବ୍ଦୀରେ ନିରାକାରବାଦୀ ତଥା ଓଡିଶା ବୁଦ୍ଧ ଅରକ୍ଷିତ ଦାସ ଯିଏକି ଥିଲେ ବଡଖେମୁଣ୍ଡିର ରାଜକୁମାର ବଳଭଦ୍ର ଦେବ, ସେ ମାତ୍ର ଅଠର ବର୍ଷ ବୟସରେ ରାଜପରିବାର ଭୋଗ ବିଳାସକୁ ତୁଚ୍ଛ କରି ଗୃହତ୍ୟାଗ କରିଥିଲେ। ଦୀର୍ଘ ଅଠର ବର୍ଷ କାଳ ପାହାଡରୁ ପାହାଡ, ଜଙ୍ଗଲରୁ ଜଙ୍ଗଲ ଓ ଗ୍ରାମରୁ ଗ୍ରାମ ଭ୍ରମଣ କରିଥିଲେ। ଶେଷରେ କଟକ ଜିଲ୍ଲା ଓଲାସୁଣୀକୁ ସାଧନା ପୀଠ ଭାବରେ ବରି ନେଇଥିଲେ। ତାଙ୍କର ଧର୍ମମତ ନିରାକାରବାଦ ଉପରେ ପର୍ଯ୍ୟବେଶିତ। ଭଗବାନ ସର୍ବଶକ୍ତିମାନ, ସେ ସର୍ବବ୍ୟାପକ। ତାଙ୍କୁ ମୂର୍ତ୍ତି ବା ପ୍ରତିମା ଦ୍ୱାରା କଳ୍ପନା କରାଯାଇ ନପାରେ। ଛୁଆଁ-ଅଛୁଆଁ ମନଗଢା, ସବୁ ମଣିଷ ସମାନ। ପବିତ୍ର ଅପବିତ୍ର ସବୁ ସମାନ। ଏସବୁ ଥିଲା ତାଙ୍କ ପରିପ୍ରଚାରିତ ଧର୍ମର ମୂଳତତ୍ତ୍ୱ। ଅରକ୍ଷିତ ଦାସଙ୍କ ଶିଷ୍ୟ ପ୍ରଶିଷ୍ୟମାନଙ୍କ ଦ୍ୱାରା ଖଣ୍ଡଗିରି ଠାରେ (ସେ ଅବସ୍ଥାନ କରୁଥିବା ସ୍ଥାନରେ) ଗୋଟିଏ ମଠ ନିର୍ମିତ ହୋଇଛି। ସେଠାରେ ଅରକ୍ଷିତ ଦାସଙ୍କ ପାଦୁକା ପୂଜା କରାଯାଉଛି। ତାଙ୍କର ସନ୍ୟାସୀ ଶିଷ୍ୟ ପ୍ରଶିଷ୍ୟମାନେ ଏଠାରେ ଅବସ୍ଥାନ କରି ଅରକ୍ଷିତ ଦାସଙ୍କ ବାଣୀ ପ୍ରଚାର କରୁଛନ୍ତି। ଖଣ୍ଡଗିରି ମେଳା ସମୟରେ ଏଠାରେ ଭିଡ ଜମେ। ଅରକ୍ଷିତ ଦାସଙ୍କ ରଚିତ 'ମହୀମଣ୍ଡଳ ଗୀତା' ଉପରେ ଏଠାରେ ଆଲୋଚନା ହୁଏ। ତାଙ୍କ ରଚିତ ଭଜନ ଜଣାଣ ପରିବେଷଣ କରାଯାଏ। ତାଙ୍କର ଶହଶହ ଭକ୍ତ ଏଠାରେ ସମବେତ ହୁଅନ୍ତି।

**ମହିମା ଧର୍ମ** - ଓଡିଶାର ନିଜସ୍ୱଧର୍ମ ମହିମାଧର୍ମର ପ୍ରାଣ ପ୍ରତିଷ୍ଠାତା ମହିମା ଗୋସାଇଁ ବା ମହିମାସ୍ୱାମୀ ୧୮୨୬ ମସିହାରେ ପୁରୀଠାରେ ଆବିର୍ଭୂତ ହୋଇ ସେଠାରେ କିଛିକାଳ ଅବସ୍ଥାନ କରି ଖଣ୍ଡଗିରି ଚାଲି ଆସିଥିଲେ। ଖଣ୍ଡଗିରିଠାରେ ସେ ଦୀର୍ଘ ବାରବର୍ଷ (୧୮୨୬-୧୮୩୮) କେବଳ ଜଳପାନ କରି ତପମଗ୍ନ ହୋଇ ରହୁଥିଲେ। ସନ୍ନିକଟ ବରମୁଣ୍ଡା

ଗ୍ରାମର ଭାଗ୍ୟଧର ଦଳେଇ ନାମକ ବ୍ୟକ୍ତି ତାଙ୍କର ଶିଷତ୍ୱ ଗ୍ରହଣ କରି ବାରବର୍ଷ କାଳ ତାଙ୍କୁ ଜଳ ଯୋଗାଣ କରୁଥିଲେ। ଏହି ସମୟରେ ମହିମାସ୍ୱାମୀଙ୍କୁ ଲୋକେ ବିଷ୍ଣୁ ବା ଶିବଙ୍କର ଅବତାର ଭାବରେ ଜ୍ଞାନ କରିବାରୁ ସ୍ୱାମୀ ସେମାନଙ୍କୁ ଏହି ବିଶ୍ୱାସର କ୍ଷାନ୍ତ ହେବାପାଇଁ କହିଥିଲେ। ସେ ଜଳପାନ କରି ବଞ୍ଚି ରହିଥିବାରୁ ଲୋକେ ତାଙ୍କୁ 'ନିରାହାରୀ ସନ୍ୟାସୀ' ବୋଲି ଅଭିହିତ କରିଥିଲେ। ହଠାତ୍ ଦିନେ ମହିମାସ୍ୱାମୀ ଖଣ୍ଡଗିରି ଛାଡି କଟକ ନଗରୀ ଚାଲିଯାଇଥିଲେ। କଟକରେ କିଛିକାଳ ଅବସ୍ଥାନ କରି ଢେଙ୍କାନାଳର କପିଳାସ ପାହାଡକୁ ଚାଲିଯାଇଥିଲେ। କପିଳାସଠାରେ ଚବିଶ ବର୍ଷକାଳ ଆତ୍ମଯୋଗ ସମାଧିରେ ବସିବା ପରେ ସାରା ଓଡିଶାରେ ମହିମାଧର୍ମ ପ୍ରଚାର କରିଥିଲେ। ମହିମାସ୍ୱାମୀଙ୍କର ଖଣ୍ଡଗିରି ତ୍ୟାଗ ବିଷୟରେ ଐତିହାସିକ ନବୀନ କୁମାର ସାହୁ କହନ୍ତି, "୧୮୩୮ ଖ୍ରୀଷ୍ଟାବ୍ଦରେ ବହୁ ଇଂରେଜ ସରକାରୀ କର୍ମଚାରୀ ସର୍ଭେ କାର୍ଯ୍ୟ ନିମନ୍ତେ ଖଣ୍ଡଗିରିରେ ଉପସ୍ଥିତ ହେବା ଫଳରେ ତାଙ୍କର ଧ୍ୟାନ ଭଙ୍ଗ ହେବାରୁ ସେ ଭୀଷଣ ବିରକ୍ତ ହୋଇ ଖଣ୍ଡଗିରି ତ୍ୟାଗ କରିଥିଲେ।"

ଖଣ୍ଡଗିରିଠାରେ ମହିମାସ୍ୱାମୀଙ୍କର ସାଧନାର ସ୍ମାରକୀ ସ୍ୱରୂପ ମହିମା ଆଶ୍ରମ ଓ ମଠ ପ୍ରତିଷ୍ଠା ହୋଇଛି। ଏଠାରେ ମହିମା ସନ୍ୟାସୀମାନେ ଅବସ୍ଥାନ କରି ଧର୍ମତତ୍ତ୍ୱ ଆଲୋଚନା କରନ୍ତି ଓ ଭକ୍ତମାନଙ୍କୁ ଉପଦେଶ ପ୍ରଦାନ କରନ୍ତି। ଭୁବନେଶ୍ୱରର ବମିଖାଲ ଓ ଆଖପାଖ ଅନ୍ଧାରୁଆ, ଦାରୁଠେଙ୍ଗ, ପଟିଆ, କଳାରାହାଙ୍ଗ, ଡମଣା, ଜଟଣୀ, ଖୋର୍ଦ୍ଧା ଆଦି ଅଞ୍ଚଳରେ ହଜାର ହଜାର ମହିମାଧର୍ମୀ ରହିଛନ୍ତି। ମହିମାଧର୍ମର ବିଶେଷତ୍ୱ ହେଲା ଏହା ପ୍ରତିମା ପୂଜା ଓ ଜାତିପ୍ରଥାକୁ ଘୋର ବିରୋଧ କରେ ଓ ସ୍ୱାମୀଙ୍କ ଠାରେ ବିଶ୍ୱାସ କରିବାକୁ ଉପଦେଶ ପ୍ରଦାନ କରେ। ଗୌତମନଗର, ବମିଖାଲ, ବରଗଡ, କଳାରାହାଙ୍ଗ ଆଦି ଅଞ୍ଚଳରେ ମହିମା ଆଶ୍ରମ ଓ ଟୁଙ୍ଗୀ ରହିଛି। କଳାରାହାଙ୍ଗ ଠାରେ ବିଶ୍ୱ ପ୍ରସିଦ୍ଧ ମହିମାଧର୍ମ ଗବେଷଣା ପରିଷଦ ଚାରିଟେବ୍ଲ ଟ୍ରଷ୍ଟ ଗଠନ କରାଯାଇ ଅଖଣ୍ଡବଟୀ ମନ୍ଦିର, ଭୀମଭୋଇଙ୍କ ସ୍ମୃତି ମନ୍ଦିର ପ୍ରତିଷ୍ଠା ହୋଇ ବାବା ରମେଶ ଦାସଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକବର୍ଷ ଭୀମଭୋଇ ଜୟନ୍ତୀ ଓ ମହିମା ମେଳାମାନ ଅନୁଷ୍ଠିତ ହେଉଛି। ଏଠାରେ ହଜାର ହଜାର ମହିମାଭକ୍ତ ସମଗ୍ର ରାଜ୍ୟରୁ ଆସି ଯୋଗଦାନ କରନ୍ତି।

ଏହା ବ୍ୟତୀତ ଭୁବନେଶ୍ୱରଠାରେ ଦୁଇଗୋଷ୍ଠୀ ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟ ତରଫରୁ ଗୀର୍ଜା (ଚର୍ଚ୍ଚ) ପ୍ରତିଷ୍ଠା ହୋଇଛି। ଖ୍ରୀଷ୍ଟିୟାନ୍ ଧର୍ମାବଲମ୍ବୀମାନେ ଏଠାରେ ସେମାନଙ୍କର ପର୍ବମାନଙ୍କରେ ସମବେତ ହୋଇ ପ୍ରାର୍ଥନା କରନ୍ତି। ମୁସଲମାନ ସମ୍ପ୍ରଦାୟ ତରଫରୁ ଚାରିନମ୍ବର ୟୁନିଟ୍, ନୂଆପଲ୍ଲୀ ଆଦି ଅଞ୍ଚଳରେ ମସଜିଦ ନିର୍ମିତ ହୋଇଛି ଏବଂ ସେଠାରେ ଶୁକ୍ରବାର ଦିନ ସାମୂହିକ ଆରାଧନା କରାଯାଏ। ବର୍ଷର ଅନ୍ୟ ପର୍ବ ଦିନମାନଙ୍କରେ ଧର୍ମସଭା ଅନୁଷ୍ଠିତ ହୁଏ। ଏହି ଚର୍ଚ୍ଚ ଓ ମସଜିଦ୍ ନୂଆ ରାଜଧାନୀ ଭୁବନେଶ୍ୱର ଗଠନ ପରର ଘଟଣା ଏବଂ ଏଠିକାର ଜନରାଶିରେ ବିଭିନ୍ନ ଧର୍ମାବଲମ୍ବୀଙ୍କ ଉପସ୍ଥିତିର ସୂଚନା ଦିଏ। ଏମିତି ଭୁବନେଶ୍ୱର ବହୁଧର୍ମର ଐତିହାସିକ ଗୁରୁତ୍ୱ ବହନ କରେ, ପୁଣି ଆଜିର ଯୁଗରେ ସର୍ବଧର୍ମ ସମନ୍ୱୟର ଗୋଟିଏ ପୀଠ ଭାବରେ ବିବେଚିତ।

ଇ-୧୯୨, ହାଉସିଂ ବୋର୍ଡ କଲୋନି, ବରମୁଣ୍ଡା
ଭୁବନେଶ୍ୱର-୭୫୧୦୦୩
ମୋ - ୯୪୩୮୨୯୯୧୭୪



# ଶୈବଧର୍ମର ପୀଠ - ଭୁବନେଶ୍ୱର

*ସୁଶାନ୍ତ କୁମାର ଆଚାର୍ଯ୍ୟ*

ଭାରତବର୍ଷରେ ଶୈବଧର୍ମର ଇତିହାସ ଧର୍ମର ଉତ୍ପତ୍ତି ସମୟରୁ ବୋଲି କଳନା କରାଯାଇ ପାରେ । ଏହା ସିନ୍ଧୁ ସଭ୍ୟତା (ମହେଞ୍ଜୋଦାରୋ ଓ ହରପ୍ପା - ଖ୍ରୀଷ୍ଟପୂର୍ବ ୩୫୦୦ ରୁ ୨୫୦୦), ଋକ୍ ବେଦ (ଖ୍ରୀଷ୍ଟପୂର୍ବ ୧୫୦୦ ରୁ ୧୨୦୦), ଶ୍ୱେତାଶ୍ୱେତ ଉପନିଷଦ (ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ), ମହାଭାରତ, ପତଞ୍ଜଳୀଙ୍କ ମହାଭାଷ୍ୟ ତଥା ମହାଭାରତ, ରାମାୟଣ ଓ ସକଳ ପୁରାଣରେ ଶିବ ନାନା ମତେ କଳ୍ପିତ ।

ସିନ୍ଧୁ ସଭ୍ୟତାରେ ପଶୁପତି ଚିହ୍ନର ଆବିଷ୍କାର ଶିବ ଧାରଣାର ପରିଚୟ ଦିଏ । ଯୋଗମୁଦ୍ରାରେ ବସିଥିବା ମୂର୍ତ୍ତି ପାର୍ଶ୍ୱରେ ପଶୁ ଓ ସିଙ୍ଘଥିବା ଯନ୍ତୁ ପଶୁପତିଙ୍କର ଚିତ୍ରର ପରିଚୟ ଦିଏ । ବେଦର ଦେବତା ରୁଦ୍ର । ଋକ୍‌ବେଦରେ ଶିବ ଶବ୍ଦଟି ସର୍ବନାମ ଅର୍ଥରେ ବ୍ୟବହାର କରାଯାଇଛି । ଶିବ ହେଉଛନ୍ତି ସର୍ବମଙ୍ଗଳ, ସର୍ବଶୁଭଙ୍କର । ଶତରୁଦ୍ରିୟ ନାମକ ଶକ୍ତିଶାଳୀ ରଚନାରେ ଶିବଙ୍କର ବର୍ଣ୍ଣନା କରାଯାଇଛି । ଶ୍ୱେତାଶ୍ୱେତ ଉପନିଷଦରେ ଶିବ, ରୁଦ୍ର, ମହେଶ୍ୱର, ଗୁରୁ, ଭକ୍ତି, ଯୋଗ, ଆତ୍ମନ, ବ୍ରହ୍ମନ୍ ଇତ୍ୟାଦି ବିଷୟରେ ରଚନା କରାଯାଇଛି ।

କିନ୍ତୁ କଳିଙ୍ଗରେ ଅତି ପୁରାତନ କାଳରେ କେବେଠାରୁ ଶୈବଧର୍ମ ପ୍ରଚଳିତ ଅଛି, ସେ ବିଷୟ ପୁଙ୍ଖାନୁପୁଙ୍ଖ ଭାବରେ ଜଣା ନଥିଲେ ବି ଅଶୋକ ଏବଂ ଖାରବେଳଙ୍କ ସମୟରୁ ଓଡିଶାରେ ବ୍ରାହ୍ମଣ୍ୟ ଧର୍ମର ଉପସ୍ଥିତି ଏହି ପୁରାତନ ହିନ୍ଦୁ ଧର୍ମ ରହିଥିବାର କଳ୍ପନା ସୃଷ୍ଟି କରେ । ଅଶୋକଙ୍କ ଭାଷାରେ ସେ କଳିଙ୍ଗ ଯୁଦ୍ଧ ଫଳରେ ବହୁ ଅର୍ହତ, ସାଧୁ ଓ ବ୍ରାହ୍ମଣ ମାନଙ୍କୁ କ୍ଲେଶ ପହଞ୍ଚାଇଥିଲେ । ଖାରବେଳଙ୍କ ଭାଷାରେ ସେ ସର୍ବ ପାଷାଣ୍ଡପୂଜକ । ତେଣୁ ଅନୁମାନ କରାଯାଇ ପାରେ ଭାରତରେ ଯେତେବେଳେ ଭାଷା, ସଂସ୍କୃତି, କାରିଗରୀ କୌଣସି ରାଜ୍ୟ ସୀମାରେ ଆବଦ୍ଧ ହୋଇ ନଥିଲା, ସର୍ବ ପୁରାତନ ଶୈବ ଧର୍ମ କିପରି ବା ମହାଭାରତ କାଳରୁ କଳିଙ୍ଗରେ ପ୍ରଚଳିତ ହୋଇ ନଥିବ ?

ବହୁକାଳରୁ ଶୈବଧର୍ମ ଓଡିଶାରେ ଗଣଧର୍ମ ଭାବରେ ପ୍ରଚଳିତ ହୋଇ ଆସୁଛି । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀର ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜଦରବାରରେ ଅବସ୍ଥାପିତ ହୋଇଥିବା ଗ୍ରୀକ୍ ରାଷ୍ଟ୍ରଦୂତଙ୍କ ବିବରଣୀରୁ ଜଣାଯାଏ ଯେ, ତତ୍କାଳୀନ ଭାରତରେ ଜୈନ ଓ ବୌଦ୍ଧ ଧର୍ମର ଅଭ୍ୟୁଥାନ ହୋଇଥିଲା, ତଥାପି ଶୈବ ଧର୍ମର ବିଲୟ ଘଟି ନଥିଲା । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ଅଶୋକଙ୍କ ଶାସନକାଳରେ ବୌଦ୍ଧଧର୍ମ ବ୍ୟତୀତ ତିଷ୍ଠି ରହିଥିବା ବ୍ରାହ୍ମଣ୍ୟ ଧର୍ମ ମଧ୍ୟରେ ଶୈବଧର୍ମ ଥିଲା ଅନ୍ୟତମ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ କଳିଙ୍ଗରେ ଚେଦିବଂଶବର୍ଦ୍ଧନ ଖାରବେଳଙ୍କ ଶାସନ କାଳରେ ଜୈନଧର୍ମର ରାଜ ପ୍ରୋତ୍ସାହନ ସହିତ କଳିଙ୍ଗ ରାଜ୍ୟରେ ପ୍ରାଧାନ୍ୟ ରହିଥିଲେ ବି ଶୈବଧର୍ମ ଲୋପ ପାଇ ନଥିଲା । ସାତବାହାନ ରାଜବଂଶର ଦ୍ୱିତୀୟ ସାତକର୍ଣ୍ଣୀ ଖ୍ରୀଷ୍ଟପର ପ୍ରଥମ ଶତାବ୍ଦୀ ବେଳକୁ କଳିଙ୍ଗ ଅଧିକାର କରିବା ସମୟରେ କଳିଙ୍ଗରେ ଶୈବଧର୍ମ ମୁଣ୍ଡଟେକି ଉଠିଥିଲା । ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀ ବେଳକୁ କଳିଙ୍ଗରେ ଶୈବଧର୍ମ ପ୍ରାଧାନ୍ୟ ବିସ୍ତାର କରିଥିବାର ପ୍ରମାଣ ରାଜ୍ୟର କଳା ସ୍ଥାପତ୍ୟରୁ ପ୍ରତୀୟମାନ ହୋଇଥାଏ ।

ଐତିହାସିକ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ଷଷ୍ଠ-ସପ୍ତମ ଶତାବ୍ଦୀରୁ ଭୁବନେଶ୍ୱରରେ ଶୈବ ମନ୍ଦିରଗୁଡିକ ନିର୍ମିତ ହୋଇଛି । ଚିନ୍ତାମଣି ଆଚାର୍ଯ୍ୟ ତାଙ୍କର ଭୁବନେଶ୍ୱର ନାମକ ଗ୍ରନ୍ଥରେ ଓଡିଶାରେ ଶୈବଧର୍ମର ପ୍ରାଚୀନତା ସମ୍ପର୍କରେ ଉଲ୍ଲେଖ କରିଛନ୍ତି । କିମ୍ବଦନ୍ତୀ ଅନୁସାରେ ମହାଦେବ ଶିବ ବିଶ୍ୱବିଖ୍ୟାତ ବାରାଣସୀ ପୀଠରେ ତପସ୍ୟା କରିବାକୁ ଶାନ୍ତ ପରିବେଶ ନପାଇ ଏକାମ୍ର କ୍ଷେତ୍ରର ନିରୋଳା ପରିବେଶକୁ ଚାଲିଆସିଥିଲା । ପୁରାଣ ବର୍ଣ୍ଣନା ଅନୁସାରେ ବହୁ ଦୂର ବ୍ୟାପି ରହିଥିବା ଗୋଟିଏ ବିରାଟ ଆମ୍ବ ତୋଟା ବର୍ତ୍ତମାନର କପିଳେଶ୍ୱର-ପୁରୁଣା ଭୁବନେଶ୍ୱର-ବଡଗଡ ଅଞ୍ଚଳରେ ରହିଥିଲା । ଏହାର ନାମ ଥିଲା ଏକାମ୍ରକାନନ । ଏହି ଏକାମ୍ରକାନନର ଦେବତା ହେଉଛନ୍ତି ଶିବ, ତାଙ୍କର ନାମ ତ୍ରିଭୁବନେଶ୍ୱର । ଏହି ନାମରୁ ଭୁବନେଶ୍ୱର ନାମର ଉଦ୍ଭବ ହୋଇଛି ବୋଲି ଅନୁମାନ କରାଯାଏ । ଓଡିଶାରେ ଯେତେ ଶିବଲିଙ୍ଗ ଦେଖାଯାଏ, ତା ମଧ୍ୟରେ ଭୁବନେଶ୍ୱର ଲିଙ୍ଗ ସବୁଠାରୁ ବଡ ହେବା ହେତୁ ଏହାକୁ ଲିଙ୍ଗରାଜ କୁହାଯାଏ ।

କଥିତ ଅଛି, କଳିଙ୍ଗରେ ଏକ ସମୟରେ ବୌଦ୍ଧଧର୍ମ ପୃଷ୍ଠପୋଷକତା ହରାଇ ଶୈବଧର୍ମ ପାଖରେ ହାର ମାନିଥିଲା । ଭୁବନେଶ୍ୱରର ଭାସ୍କରେଶ୍ୱରର ଶିବଲିଙ୍ଗ ଏହାର ପ୍ରମାଣ । ଏହି ଶିବଲିଙ୍ଗ ଗୋଟିଏ ବିଶାଳ ଅଶୋକସ୍ତମ୍ଭର ଅଂଶ ବିଶେଷ । ସପ୍ତମ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରର ଶିବଲିଙ୍ଗ ପଥର ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କର ଖ୍ରୀଷ୍ଟପର ତିନିଶହ ଶତାବ୍ଦୀର ନିର୍ମିତ ସ୍ତମ୍ଭରୁ ତିଆରି । ଅଶୋକସ୍ତମ୍ଭକୁ ଗଢି ଶିବଲିଙ୍ଗ କରାଯାଇଥିବା ସ୍ପଷ୍ଟ ଭାବରେ ଦେଖିବାକୁ ମିଳିଛି । ତା ସହିତ ସ୍ତମ୍ଭର ସିଂହଥିବା ଅଂଶ ନିକଟରୁ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକମାନେ ମନ୍ଦିର ନିକଟରୁ ପାଇଛନ୍ତି ।

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ, କଳିଙ୍ଗରେ ତିଷ୍ଠି ରହିଥିବା ଶୈବଧର୍ମ




ରାଜ୍ୟ ଶାସନର ପ୍ରୋତ୍ସାହନ ପାଇବା ପରେ ବୌଦ୍ଧ ଓ ଜୈନଧର୍ମ ଗୋଟିଏ ସମୟରେ ବିଲୀନ ହୋଇଛନ୍ତି ଓ ଦ୍ରୁତ ଗତିରେ ଧର୍ମାୟତନଗୁଡ଼ିକର ଶିବାୟନ ହୋଇଛି ।

ଓଡ଼ିଶାର ବହୁ ପ୍ରାଚୀନ ଶିବ ମନ୍ଦିରରେ ଲକୁଳୀଶ ପାଶୁପତ ଶୈବ ଧର୍ମର ପ୍ରଭାବ ପରିଲକ୍ଷିତ ହୋଇଥାଏ । ଲୋକୁଳିଷ ହେଉଛନ୍ତି ଏହାର ସ୍ରଷ୍ଟା । ସେ ପ୍ରଥମ ଶତାବ୍ଦୀର ସନ୍ୟାସୀ । କେନ୍ଦୁଝରର ଶୀତାଞ୍ଚ ଓ ଢେଙ୍କାପୋଷିରୁ ମିଳିଥିବା ପ୍ରାଚୀନ ସ୍ଥାପତ୍ୟରୁ ଅନୁମାନ କରାଯାଏ ଯେ, ଓଡ଼ିଶାରେ ଲକୁଳୀଶ ପାଶୁପତ ଶୈବ ସମ୍ପ୍ରଦାୟ ଚତୁର୍ଥ ଶତାବ୍ଦୀରୁ ପ୍ରସାର ଲାଭ କରିଥିଲା । ଷଷ୍ଠ ଶତାବ୍ଦୀରେ ରାଜା ଦେବେନ୍ଦ୍ର ବ୍ରହ୍ମା ମହେନ୍ଦ୍ରଗିରିରେ ଗୋପନେଶ୍ୱର ଶିବମନ୍ଦିର ପ୍ରତିଷ୍ଠା କରିଥିଲେ । ସପ୍ତମ ଶତାବ୍ଦୀ ଶେଷଭାଗ ବେଳକୁ ଓଡ଼ିଶାର ରାଜା ଧର୍ମରାଜ ନିଜକୁ ପରମମାହେଶ୍ୱର ଭାବରେ ଅଭିହିତ କରିଥିଲେ ।

ସପ୍ତମରୁ ଏକାଦଶ ଶତାବ୍ଦୀ ଭିତରେ ଓଡ଼ିଶାରେ ଶୈବଧର୍ମର ଉତ୍କର୍ଷ ଦେଖିବାକୁ ମିଳେ । ଭୌମ ରାଜତ୍ୱ ସମୟରେ ଓଡ଼ିଶାରେ ଶୈବଧର୍ମର ପ୍ରାଧାନ୍ୟ ଥିଲା । ଅଷ୍ଟମରୁ ଦଶମ ଶତାବ୍ଦୀ ମଧ୍ୟରେ ସୋମବଂଶ ରାଜତ୍ୱକାଳରେ ଶୈବଧର୍ମର ଉତ୍‌ଥାନ ବୌଦ୍ଧଧର୍ମ ଉପରେ କୁଠାରାଘାତ କଲା । ଯେଉଁ ରାଜାମାନେ ବୌଦ୍ଧଧର୍ମର ଦର୍ଶନ ଓ ଚର୍ଯ୍ୟକୁ ବିରୋଧ କରୁଥିଲେ, ସେହିମାନଙ୍କର ପୃଷ୍ଟପୋଷକତାରେ ଶୈବଧର୍ମର ପ୍ରସାର ଘଟିଲା । ଏହି ସମୟରେ, ନବମ ଶତାବ୍ଦୀରେ ଓଡ଼ିଶାକୁ ଆଗମନ କରିଥିଲେ ଶଙ୍କରାଚାର୍ଯ୍ୟ । ତାଙ୍କ ଆଗମନରେ ଓଡ଼ିଶାରେ ଶୈବଧର୍ମର ଦୀପଶିଖା ଆହୁରି ପ୍ରଜ୍ୱଳିତ ହୋଇ ଉଠିଲା । ଭୁବନେଶ୍ୱରର ଅନେକ ଶିବ ମନ୍ଦିର ଅଷ୍ଟମ, ନବମ ଓ ଦଶମ ଶତାବ୍ଦୀରେ ମୁଣ୍ଡଟେକିଲା । ସବୁ ମନ୍ଦିର ତଦାନୀନ୍ତନ ଶ୍ରେଷ୍ଠ ଶିଳାଶିଳ୍ପୀମାନଙ୍କର ଖୋଦିତ କଳା ଭାସ୍କର୍ଯ୍ୟରେ ବିମଣ୍ଡିତ ହୋଇଛି । ଶୈବ ସମ୍ପ୍ରଦାୟର ଶିବ-ପାର୍ବତୀ, ଉମା-ମହେଶ୍ୱର, ଗଣେଶ, କାର୍ତ୍ତିକେୟ ସମସ୍ତେ ପୂଜା ପାଉଥିଲେ । ପ୍ରତ୍ୟେକ ଶିବ ମନ୍ଦିରରେ ଏମାନଙ୍କୁ ପାର୍ଶ୍ୱ ଦେବତା ଭାବରେ ଥିବାର ଦେଖାଯାଏ ।

ଶିବ ଉପାସନା ସହିତ ଶକ୍ତି ଉପାସନା ମଧ୍ୟ ଖୁବ୍ ପ୍ରସାର ଲାଭ କରିଥିଲା । ଭୁବନେଶ୍ୱରରେ ନିର୍ମିତ ହୋଇଥିବା ଶକ୍ତି ମନ୍ଦିର ମଧ୍ୟରେ ବୈତାଳ ଓ ମୋହିନୀ ମନ୍ଦିର ଉଲ୍ଲେଖନୀୟ ଅଟେ । ସୋମବଂଶୀ ରାଜାମାନେ ସଂସ୍କୃତିର ପୃଷ୍ଠପୋଷକ ଥିଲେ । ସେମାନଙ୍କ ରାଜତ୍ୱ କାଳରେ ଭୁବନେଶ୍ୱରର ରାଜରାଣୀ, ବ୍ରହ୍ମେଶ୍ୱର ଓ ଲିଙ୍ଗରାଜ ମନ୍ଦିର ନିର୍ମାଣରେ ନୂତନ ପରମ୍ପରା ସୃଷ୍ଟି ହେଲା । ପଶ୍ଚିମ ଓଡ଼ିଶାର ରାଣୀପୁର ଝରିଆଲରେ ଥିବା ଚଉଷଠି

ଯୋଗିନୀ ମନ୍ଦିର ଆଉ ଏକ ସାଂସ୍କୃତିକ ପରମ୍ପରାର ନିଦର୍ଶନ। ତାର ଅନୁରୂପ କୀର୍ତ୍ତି ଭୁବନେଶ୍ୱର ନିକଟରେ ଥିବା ହୀରାପୁର ଗ୍ରାମରେ ଦେଖିବାକୁ ମିଳେ। ଇନ୍ଦ୍ରରଥଙ୍କ ରାଜତ୍ୱ କାଳରେ ଭୁବନେଶ୍ୱରସ୍ଥ ରାଜରାଣୀ ମନ୍ଦିର ନିର୍ମିତ ହୋଇଥିଲା। କିମ୍ବଦନ୍ତୀ ଅନୁସାରେ ଚଣ୍ଡୀହାର ଯଯାତି (ଦ୍ୱିତୀୟ ଯଯାତି)ଙ୍କ ସମୟରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା। ଶୈବଧର୍ମ ପ୍ରତି ତାଙ୍କର ପ୍ରବଳ ଅନୁରକ୍ତି ଥିଲା। ତାଙ୍କ ପରେ ଜଣେ ପରମ ଶିବଭକ୍ତ ଭାବରେ ଉଦ୍ୟୋତ କେଶରୀ ଖ୍ୟାତିଲାଭ କରିଥିଲେ। ଲିଙ୍ଗରାଜ ମନ୍ଦିର ନିର୍ମାଣ କାର୍ଯ୍ୟ ସେ ସମାପନ କରିଥିଲେ। ତାଙ୍କର ମାତା କୋଳାବତୀ ଦେବୀ ବ୍ରହ୍ମେଶ୍ୱର ମନ୍ଦିର ତୋଳାଇଥିବାର ଉଦାହରଣ ରହିଛି। ସେହି ମନ୍ଦିରରେ ଏକପଦ ଶିବ, ନଟରାଜ, ଅର୍ଦ୍ଧନାରୀଶ୍ୱର, ଏକପଦ ଶିବଙ୍କ ହାତରେ ତ୍ରିଶୂଳ, ଡମ୍ବରୁ, ଅକ୍ଷୟମାଳା, ଖପୁରୀର ମୁଣ୍ଡମାଳା ରହିଛନ୍ତି।

ପୁଣି ଧର୍ମ ଇତିହାସରେ ପରିବର୍ତ୍ତନ ଆସିଛି। କଳିଙ୍ଗ ନୃପତି ନିଜକୁ ବୈଷ୍ଣବ ବୋଲି ପ୍ରତିଷ୍ଠିତ କରିଛନ୍ତି। ହିନ୍ଦୁ ଧର୍ମର ଏହି ଦୁଇ ପ୍ରଶାଖା ହେବା ଫଳରେ ଶୈବ ଧର୍ମରେ ବ୍ୟାଘାତ ପହଞ୍ଚିବା ଆଶଙ୍କା ଆସିଛି। ପୁରୁଷୋତ୍ତମ ଓ ଜଗନ୍ନାଥଙ୍କର ସମସ୍ତ ଆକର୍ଷଣ ସତ୍ତ୍ୱେ ଭୁବନେଶ୍ୱରର ଶୈବ କ୍ଷେତ୍ର ଉପେକ୍ଷିତ ହୋଇନି, ବରଂ ଏହା ବି ସମ୍ମାନ ଦେଇଛି ବିଷ୍ଣୁ ଭକ୍ତମାନଙ୍କୁ। ଏଠାରେ ହର ହୋଇଛନ୍ତି ହରିଙ୍କର ମିଶ୍ରିତ ଦେବତା, ମନ୍ଦିର ହୋଇଛି ମିଶ୍ରିତ ଧର୍ମର ଯୋଗସ୍ଥଳ।

ଏକାଦଶ ଶତାବ୍ଦୀ ବେଳକୁ ବୈଷ୍ଣବ ଧର୍ମ ସହିତ ଶୈବଧର୍ମର ସମନ୍ୱୟ ଘଟିଛି। ଏହାର ପ୍ରମାଣ ସ୍ୱରୂପ ଅନନ୍ତ ବାସୁଦେବ ମନ୍ଦିର ନିର୍ମିତ ହୋଇଛି। ହରି ଓ ହରଙ୍କ ମଧ୍ୟରେ ସମନ୍ୱୟ ସ୍ଥାପିତ ହୋଇଛି। ଫଳରେ ଲିଙ୍ଗରାଜ ହୋଇଗଲେ ହରିହର। ଏହି ମନ୍ଦିରରେ ଶୈବ ଓ ବୈଷ୍ଣବ ଧର୍ମ ମତର ସାମ୍ୟତା ପରିଲକ୍ଷିତ ହୁଏ। ଶିବ ମନ୍ଦିର ସମ୍ମୁଖରେ ବୃଷଭ ପରିବର୍ତ୍ତେ ଗରୁଡସ୍ତମ୍ଭର ଉପସ୍ଥିତି ଏହି ସମନ୍ୱୟ ପରମ୍ପରାର ପ୍ରତୀକ ରୂପେ ଗୃହୀତ। କେତେ ଶିବ ମନ୍ଦିରରେ କୃଷ୍ଣଲୀଳାର ବର୍ଣ୍ଣନା ରହିଥିବାର ଦେଖାଯାଏ। ବ୍ରହ୍ମେଶ୍ୱର ଓ ଲିଙ୍ଗରାଜ ମନ୍ଦିରରେ କଳିଙ୍ଗ ଶୈଳୀ ପରିପୂର୍ଣ୍ଣତା ଲାଭକରିଥିବାର ପ୍ରତୀୟମାନ ହୁଏ। ଲିଙ୍ଗରାଜ ମନ୍ଦିର ରୀତି ନୀତିରେ ଉଭୟ ବେଲପତ୍ର ଓ ତୁଳସୀପତ୍ର ବ୍ୟବହାର ଶୈବ ଓ ବୈଷ୍ଣବ ଉପାସନାର ସମନ୍ୱୟ ଆଭାସ। ବିମାନର ଚତୁର୍ଦିଗରେ କୃଷ୍ଣ ରଚିତ ବର୍ଣ୍ଣନା ଉଭୟ ଧର୍ମର ମିଳନର ପ୍ରମାଣ। ସମ୍ରାଟ ନରସିଂହ ଦେବଙ୍କର ଧର୍ମଗୁରୁ ଶୈବାଚାର୍ଯ୍ୟ ସଦାଶିବ ଭୁବନେଶ୍ୱରରେ ଏକ ସଦାଶିବ ମଠ ସ୍ଥାପନ କରିଥିଲେ। ସେଠାରେ ଅନେକ ଶୈବସାଧୁଙ୍କୁ ସ୍ଥାୟୀ ଭାବରେ ବସବାସ କରିବାର ସୁବିଧା ଯୋଗାଇ ଦେଇଥିଲେ।

ଭୁବନେଶ୍ୱର ହେଉଛି ଶୈବଧର୍ମର ପୀଠ। ବହୁ ପ୍ରାଚୀନ ଶୈବମନ୍ଦିର ଏବେ ବି ଭଗ୍ନ ଅବସ୍ଥାରେ ପଡି ରହିଥିବାର ଦୃଷ୍ଟି ଗୋଚର ହୁଏ। କେଦାରଗୌରୀ ନିକଟସ୍ଥ ପର୍ଶୁରାମେଶ୍ୱର ମନ୍ଦିର ଓ ମୁକ୍ତେଶ୍ୱର ମନ୍ଦିର ନିର୍ମାଣ ସମୟ ଅଷ୍ଟମ ଶତାବ୍ଦୀ ବୋଲି ଅନୁମାନ କରାଯାଏ। ଆହୁରି ଭରତେଶ୍ୱର, ଶତ୍ରୁଘ୍ନେଶ୍ୱର, ଲକ୍ଷ୍ମଣେଶ୍ୱର, ଶିଶିରେଶ୍ୱର, ମାର୍କଣ୍ଡେଶ୍ୱର ପ୍ରଭୃତି ବହୁ ପ୍ରାଚୀନ ଶୈବ ମନ୍ଦିର ରହିଛି। ଭୌମବଂଶ ଓ ସୋମବଂଶ ରାଜତ୍ୱ ସମୟରେ ଓଡିଶାରେ ଶୈବଶର୍ମ ରାଜଧର୍ମରେ ପରିଣତ ହୋଇଥିଲା। ଲଲାଟେନ୍ଦୁ କେଶରୀ, ଯଯାତି କେଶରୀ ପ୍ରମୁଖ ରାଜାମାନେ ଭବନେଶ୍ୱରରେ ବହୁ ସଂଖ୍ୟକ ଶିବ ମନ୍ଦିର ନିର୍ମାଣ କରିଥିଲେ। ଭୁବନେଶ୍ୱରର ଚତୁର୍ଦ୍ଦିଗରେ ମନ୍ଦିରଗୁଡିକର ଉତ୍ତୁଙ୍ଗଶିଖର ଦୃଶ୍ୟ ସମସ୍ତଙ୍କ ମନରେ ଏକ ଅନନ୍ୟ ଅନୁଭୂତି ଜନ୍ମାଏ। ସେଇ ଶିବ ପ୍ରେମର ନିଦର୍ଶନ ହୋଇଛି ମନ୍ଦିରମାଳିନୀ ଭୁବନେଶ୍ୱର, ଯାହା କି ସ୍ୱୟଂ ଶିବଙ୍କର ନାମ।

ଡୁମୁଡୁମା (କ), ଖଣ୍ଡଗିରି,
ମୋ - ୯୪୩୭୨୯୦୬୭୮

॥ ତିନି ॥

# ଯୁଗେଯୁଗେ ରାଜଧାନୀ ମାନ୍ୟତାପ୍ରାପ୍ତ ଭୁବନେଶ୍ୱର

# ତିନି ସହସ୍ର ବର୍ଷରଃ ଏକାମ୍ର ଭୁବନେଶ୍ୱର

*ପ୍ରଫେସର ଅଭିନ୍ନ ସାହୁ*

ଅର୍ଦ୍ଧରାତ୍ରି ଯେବେ
କଡ ଲେଉଟାଏ,
ତିନି ସହସ୍ର ବର୍ଷର
ରାଜଧାନୀ, ଏକାମ୍ର ଭୁବନେଶ୍ୱର
ମହାନଗରୀତ ଥାଏ ଶୋଇ,
ନିଶାର୍ଦ୍ଧ ନାୟିକା ରୂପେ ଅପରୂପା
ଶାଳଭଞ୍ଜିକା ରୂପସୀ
ଅବତରେ ଧିରେ
ସପନର ସିଡ଼ି ଦେଇ;
ଦିଶିଧାରୀ ଜାଳେ
ସୁବର୍ଣ୍ଣ ଦିହୁଡ଼ି,
ତା' କଜ୍ଜ୍ୱଳ ଶିଖାରେ
ଶିଖାୟିତ ହୁଏ
ରାଣୀଗୁମ୍ଫା ଆଉ
ରାଣୀ ହଂସପୁର
ଚଉଦିଗ ଉଜଳାଇ;
କୁମାରଗିରି କହେ
ସେଦିନ କାହାଣୀ
କୁମାରୀଗିରିକୁ,
ଶାଳଭଞ୍ଜିକାର
ଆୟତ ନୟନେ,
ଖୁନ୍ଦା ହୋଇଛି
କଳିଙ୍ଗ ସପନ
ସ୍ୱର୍ଣ୍ଣିମ କାହାଣୀ,
ଇତିହାସ ଯାହା
ପାରିନି ବଖାଣି
ରହିଛି ଚିର ଅକୁହା;

ମାୟାବିନୀ ରାତ୍ରି
ପାଟପଣତ ଅଞ୍ଚଳୁ
ଧିରେ, ଧିରେ,
ଫିଟି ଫିଟି ଯାଏ
ମୁକୁଳିତ ହୁଏ,
ତୋଷାଳି-କଳିଙ୍ଗ
ସୁବର୍ଣ୍ଣ ଯୁଗର
ସୁବର୍ଣ୍ଣ ଅଧ୍ୟାୟ- ସ୍ୱର୍ଣ୍ଣଲିପି
ଘନ ଅନ୍ଧାରରେ, ଉଜାଣି ସୁଅରେ
ପୋତି ହୋଇଥିଲା, ଯାହା ଏ ଯାବତ,
ବିସ୍ମୃତ ଥିଲା ଅଦ୍ୟାପି !!

ରାତି ଅଧ ହେଲେ
ପୂର୍ଣ୍ଣିମା ନିଶିରେ
ଭଙ୍ଗାହୀନ ଜୋଛନାର ପାରାବାରେ
ଉଜାଣି ସୁଅରେ,
କିଏସେ ଆସନ୍ତି
ସେ ରାଜ ପୁରୁଷ
ହିମାଚଳ ଠାରୁ କୁମାରିକା ଯାଏ
ବିଜୟ-ବାହୁଡ଼ା ସାରି,
ଥାଟ-ପଟୁଆର
ରୋଷଣି- ସମ୍ଭାରେ,
ପଡୁଥାଏ କେତେ
ଆଲଟ-ଚାମର,
ଚଉଦିଗେ ଶୁଭେ
ମହାମେଘ ବାହନ ଜୟ ଜୟକାର,
ଗଜଦନ୍ତ ପାଲିଙ୍କିରୁ

ଓହ୍ଲାନ୍ତି ସେ ବୀର
କୁମାରୀ ଗିରି ପାଦଦେଶ
ମୁହାନ୍ତି କୁମାରଗିରି;
ରାଣୀଗୁମ୍ଫାର ରାଣୀହଂସ ପୁରେ
ଅଗ୍ନନକ ଜଳେ
ଲକ୍ଷେ ତାରାର ଦିହୁଡି,
ମହାରାଣୀ ସିନ୍ଧୁଳା
ପାଟରାଣୀ ଧୃତି
ପାଛୋଟି ନିଅନ୍ତି;
ମାଣିକ୍ୟ ଖଚିତ
ସୁବର୍ଣ୍ଣ ଥାଳିରେ
ଅର୍ଘ୍ୟ-ପାଦ୍ୟ ଦେଇ
ବିଜୟ ତିଳକ
ଆଙ୍କି ଦିଅନ୍ତି
ଷୋଡଷୋପଚାରରେ,
ଭକ୍ତିଭରେ ବନ୍ଦାପନା କରି;
ବଡ-ବଡଭୀ ମଣ୍ଡନ୍ତି
ସମ୍ରାଟ-ସାମ୍ରାଜ୍ଞୀ
ଦେଖି ନୃତ୍ୟ-ଗୀତ
ମହୋତ୍ସବ ରାତ୍ରିସାରା
ପୂବେଇ ଆକାଶେ
କୁଆଁତାରା ଉଦେ ନ ହେଉଣୁ,
କେଉଁ କୁହୁକରେ
କ୍ଷଣିକ ଭିତରେ
ହୁଏ ଏସବୁର ଅବସାନ,
ଖଣ୍ଡଗିରି-ଉଦୟଗିରି
କୁମାର-କୁମାରୀ ପର୍ବତମାଳା
ପୁଣି ହୁଅଇ ସ୍ତବ୍ଧ-ନିଶୂନ!!

X X X X

ଇତିହାସ-ଐତିହ୍ୟର
ଚିର ରଙ୍ଗସ୍ଥଳୀ, ଶିଶୁପାଳ ଗଡ,
ସଉରଭଗିରି ଧଉଳି ପାହାଡ,
ବରୁଣେଇ ଗଡ ସାଥେ ଗଡ଼ା
ଏକାମ୍ର ନଗର, ଏ ଭୁବନେଶ୍ୱର
ରାଜଧାନୀ ପରା
ସହସ୍ର-ସହସ୍ର ବର୍ଷର,
ବୀର ରକ୍ତ ପିଣ୍ଡେ
ଗଢ଼ା ମାଟି ଯା'ର,
କଳିଙ୍ଗ-ଉତ୍କଳ
ହୃତପିଣ୍ଡ ପରା ଏ
ମନ୍ଦିର ମାଳିନୀ, ପବିତ୍ର ଭାସ୍ୱର
ସାରା ବିଶ୍ୱରେ କି ଅଛି
ଯା'ର ପଟାନ୍ତର ??
ଶୌର୍ଯ୍ୟ ଦୀପ୍ତ ବୀର
କେତେ ବୀରାଙ୍ଗନା,
ମାତୃଭୂମି ଲାଗି ଦେଲେ ଅକାତରେ
ଶୋଣିତ ପାରଣା,
ସାକ୍ଷ୍ୟ ତାହାର
କଳିଙ୍ଗର ସେନାଧକ୍ଷ
କଳିଙ୍ଗର ବୀର ଅଗ୍ରଗଣ୍ୟା
ଜାଙ୍ଗୁଳୀ ଧାମିଲ୍ଲୁ ମହା ବୀରାଙ୍ଗନା,
ଘନକୁନ୍ତଳା, କୁହୁକିନୀ ରାଜବାଳା
ତୋଷାଳି-କଳିଙ୍ଗ ଜାଗ୍ରତ ହେଲା,
ଶତ ସିଂହ ସାହସେ
କଳିଙ୍ଗ ସମରେ ଅବତୀର୍ଣ୍ଣ ହେଲା,
ବିଶାଳ ମଗଧ ସେନାରେ
ଉତ୍ତର ଦେଲା ଅଘଟନ ପଟ୍ଟିୟସୀ
ରୁଦ୍ର ଭୟାନକ ଜାଙ୍ଗୁଳି-କୁହୁକିନୀ,
ଜନଶ୍ରୁତି କହେ
ମଗଧ ନରେଶ ବନ୍ଦୀ ହୋଇଲେ,
ନତଜାନୁ ହୋଇ ସ୍ୱୀକାର କଲେ
"ତରବାରୀ ଜୟ, ନୁହେଁ କେବେ ଜୟ
ହୃଦୟ ଜୟ ତ ଜୟ,
ସତ୍ୟ-ଅହିଂସାର ବରାଭୟ
ଯୁଗେ ଯୁଗେ ହୁଏ ତାର ଜୟ!!"
ଚଣ୍ଡାଶୋକ ହେଲେ
ଶାନ୍ତି-ଅହିଂସାର ଦେବଦୂତ
କଳିଙ୍ଗ ଜେମାଙ୍କ ଦୀକ୍ଷା ପାଇ;
ବିଶ୍ୱ ଇତିହାସ ନୂଆ ମୋଡ଼ନେଲା
ହିଂସ୍ର ତରବାରୀ ଭୁଲିଯାଇ,
ଶାନ୍ତିର ବାର୍ତ୍ତା ଦେଲ, କୁଟୁମ୍ବ କରିଲେ
ସମଗ୍ର ଜଗତ ସମଗ୍ର ବସୁଧା ଭୂଇଁ;
କଳିଙ୍ଗ କୁମାରୀ ଜାଙ୍ଗୁଳୀ ହେଲେ
ମହା ତପସ୍ୱିନୀ, ମହତ ଦୀକ୍ଷା ଗୁରୁ,

ଦୀକ୍ଷିତ ହୋଇଲେ ମଗଧ ନରେଶ
ଚଣ୍ଡ ଅଶୋକ ବିଶ୍ୱ କଲ୍ୟାଣ ପାଇଁ,
ଶାନ୍ତି-ମୈତ୍ରୀ-ପ୍ରଗତି ପଥର
ମାନ୍ତ୍ରିକ ପରାଏ ଭୁବନଈଶ୍ୱର
ଭୁବନେଶ୍ୱର ଏକାମ୍ର ମାଟି,
ମାନବ ଜାତିକୁ ମାନବତା ବାର୍ତ୍ତା ଦେଇ ।।

X X X X

ପୁଣ୍ୟଭୂମି ଇଏ
ପୁଣ୍ୟମାଟି ପରା
ଭୁବନଈଶ୍ୱର, ଭୁବନେଶ୍ୱର;
ଗୁପ୍ତକାଶୀ ଇଏ
ଗଙ୍ଗୋତ୍ରୀ ଏଠି ଗନ୍ଧବତୀ,
ଗଙ୍ଗେଇ ନାମେ
ବହି ଯାଏ ଚୁମି
ଏଇ ପ୍ରାନ୍ତର,
ତ୍ରିବେଣୀ କରୁଣା
ବହେ ଦୟା ନାମେ,
ଆବୋରି ରହିଛି
ଏଇ ପୁଣ୍ୟ ଧାମେ ।।

କେଶରୀ ବଂଶର
ଲଲାଟେନ୍ଦୁ ବୀର,
ଉଦ୍ୟୋତ କେଶରୀ
ଆର୍ଯ୍ୟ ଖାରବେଳ ସମ
ସବୁ ଧର୍ମରେ ଦେଖିଲେ ସାମ୍ୟ;
ସେ ମହା ମହିମ,
ଶିବଭକ୍ତ ହୋଇ
ଜୈନ ତୀର୍ଥଙ୍କର
ମୂର୍ତ୍ତି ସେ ଖୋଦିଲେ,
କୁମାର-ଗିରିର
ଗୁମ୍ଫା-ପ୍ରସ୍ତରେ
ତାଙ୍କରି ସ୍ୱପ୍ନରେ,
ଏକାମ୍ର କ୍ଷେତ୍ର
ତ୍ରିଭୁବନେ ବିଦିତ, ଭୁବନେଶ୍ୱର;
ହରିହର ଏଠି
ବିଜେ ଏକଠାବେ
ଧର୍ମ-ବିଦ୍ୱେଷ ନାହିଁ ଏଠି ଲବେ,
ବିଲ୍ୱପତ୍ର- ତୁଳସୀର ସମନ୍ୱୟ ଏଠି
ହରିହର ଏକ ଆତ୍ମା
କି ମଞ୍ଜୁଳ ଆହା,
ତ୍ରିଭୁବନେ ଖ୍ୟାତ
ଏକାମ୍ର ଭୁବନେଶ୍ୱର,
ବିଶ୍ୱଭୁବନେ କାହିଁ ତା'ର ପଟାନ୍ତର ??

**କୃତାଞ୍ଜଳି :**
କବିତାର କଥାବସ୍ତୁ-ତଥ୍ୟ ଗବେଷକ ଡାକ୍ତର ଇନ୍ଦ୍ରମଣି ଜେନାଙ୍କ ସୌଜନ୍ୟରୁ ପ୍ରାପ୍ତ ।

ଯୋଗାଯୋଗ : ୯୬୬-ବି, ପ୍ରକୃତି ବିହାର, ବରମୁଣ୍ଡା
ଭୁବନେଶ୍ୱର-୩, (ମୋ) ୯୪୩୭୫୬୭୫୦୦୦



# ଭୁବନେଶ୍ୱରରେ ଦିବ୍ୟଜନନୀ ଶ୍ରୀ ସାରଦା ଦେବୀ

*ମନୋଜ କୁମାର ମହାପାତ୍ର*

ଦିବ୍ୟଜନନୀ ଶ୍ରୀସାରଦା ଦେବୀ ଯିଏକି ଥିଲେ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କର ଲୀଳା ସହଚରୀ ତଥା ରାମକୃଷ୍ଣ ମିଶନ ଓ ମଠର ସଂଘ ଜନନୀ ଏକଦା ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଭୁବନେଶ୍ୱର ପରିଭ୍ରମଣରେ ଆସି ଏବଂ ଏହାର ଏହାର ଐତିହାସିକ, ଧାର୍ମିକ, ଆଧ୍ୟାତ୍ମିକ ପରିବେଶ, ଐତିହ୍ୟ ଓ ଦୃଶ୍ୟରାଜି ଅବଲୋକନ କରି ଆତ୍ମହରା ହୋଇ କହିଥିଲେ- "ଭୁବନେଶ୍ୱର ହେଉଛି ହରି-ହରଙ୍କର ନିବାସସ୍ଥଳୀ । ଅଧେ ହେଉଛନ୍ତି ହରି - ଜଗନ୍ନାଥ ଏବଂ ଆଉ ଅଧେ ହେଉଛନ୍ତି ହର - ମହେଶ୍ୱର ।" ଫୁଲ, ବେଲପତ୍ର ଅକ୍ଷତ ଓ ଚନ୍ଦନାଦି ବିବିଧ ଉପଚାରରେ ମା ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କୁ ପୂଜା ଓ ଆରତି କରିଥିଲେ । ମା' ଙ୍କର ଏହି ଭ୍ରମଣ କାହାଣୀ ପାଠ କରି ଆଜି ବହୁ ଭକ୍ତ ଅନନ୍ଦରେ ଶିହରିତ ହୋଇ ଉଠନ୍ତି । ଶ୍ରୀ ରାମକୃଷ୍ଣଙ୍କର ଜଣେ ପ୍ରମୁଖ ଶିଷ୍ୟ ଓ ରାମକୃଷ୍ଣ ମଠ ଓ ମିଶନର ପ୍ରଥମ ଅଧ୍ୟକ୍ଷ ସ୍ୱାମୀ ବ୍ରହ୍ମାନନ୍ଦ ବୋଧହୁଏ ୧୯୧୫ (ମୋର ଠିକ୍ ମନେ ପଡୁନି) କହିଥିଲେ ଯେ ଭୁବନେଶ୍ୱର ଭବିଷ୍ୟତରେ ବିଶ୍ୱରେ ଏକ ବିଖ୍ୟାତ ଆନ୍ତର୍ଜାତୀୟ ସହର ହେବ ଏବଂ ଏଠାରେ ଅନେକ ବିଜ୍ଞ ଲୋକଙ୍କର ସମାଗମ ହେବ । ସେଥିପାଇଁ ଏଠାରେ ରାମକୃଷ୍ଣ ମିଶନ ଓ ମଠର ଏକ ଶାଖା ଖୋଲିଥିଲେ । ଅବଶ୍ୟ ଏହି ମିଶନର ଶାଖା କେନ୍ଦ୍ରଟି ମାଙ୍କର ଭୁବନେଶ୍ୱର ଆଗମନ ପରେ ପ୍ରତିଷ୍ଠିତ ହୋଇଥିଲା । ଯେହେତୁ ଭୁବନେଶ୍ୱର ବିଷୟ ନେଇ ସ୍ୱନାମଧନ୍ୟ ବିଶିଷ୍ଟ ଡାକ୍ତର ଡା. ଇନ୍ଦ୍ରମଣି ଜେନା ବିଜୟିନୀ-୨୦୧୮ ପତ୍ରିକା ପ୍ରକାଶ କରୁଛନ୍ତି, ସେଥିପାଇଁ ଦିବ୍ୟଜନନୀ ଶ୍ରୀ ସାରଦା ଦେବୀଙ୍କର ଭୁବନେଶ୍ୱର ଆଗମନ ଏକ ଐତିହାସିକ ଘଟଣା ହୋଇଥିବାରୁ ଏଥିରେ ସନ୍ନିବେଶିତ କରିବାର ନିଶ୍ଚିତ ପ୍ରୟୋଜନ ରହିଛି ।

ଏଠାରେ ଉଲ୍ଲେଖନୀୟ ଯେ ବେଙ୍ଗଲ-ନାଗପୁର ରେଲୱେ ସେତେବେଳକୁ ପ୍ରତିଷ୍ଠା ହୋଇସାରିଥିଲା । ହାୱଡାରୁ ପୁରୀ ପର୍ଯ୍ୟନ୍ତ ଟ୍ରେନ୍ ମଧ୍ୟ ଚାଲୁଥାଏ । ମାତୁଳ ନୀଳମାଧବ, ସୁରବାଳା, ଗୋଲାପ -ମା, ଲକ୍ଷ୍ମୀଦେବୀ, ରାଧୁ, ମାଷ୍ଟର ମହାଶୟଙ୍କ ପତ୍ନୀ, ଚୁନିଲାଲ ବାବୁଙ୍କର ପତ୍ନୀ କୁସୁମ କୁମାରୀଙ୍କ ସହିତ ଟ୍ରେନରେ ମା ପୁରୀ ଯାତ୍ରା କଲେ ଏବଂ ସ୍ୱାମୀ ପ୍ରେମାନନ୍ଦ ଓ ଦୁଇଜଣ ଭକ୍ତ ବି ମା'ଙ୍କ ସହ ଟ୍ରେନ୍‌ରେ ପୁରୀ ଯାଇଥିଲେ । 'କ୍ଷେତ୍ରବାସୀର ମଠ'ରେ ସେମାନେ ସମସ୍ତେ ଅବସ୍ଥାନ କଲେ । ଶଶୀ-ନିକେତନରେ ସ୍ୱାମୀ ପ୍ରେମାନନ୍ଦ ଓ ଅନ୍ୟ ପୁରୁଷ ଭକ୍ତମାନେ ବାସ କଲେ । ପ୍ରତି ଦିନ ମା ସକାଳେ ଓ ସନ୍ଧ୍ୟାରେ ଶ୍ରୀମନ୍ଦିର ଯାଇ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ସଙ୍ଗେ ମହାପ୍ରସାଦ ସେବନ କରୁଥିଲେ ।

ଏହି ସମୟ ଭିତରେ ମା'ଙ୍କ ପାଦରେ ବଥଟିଏ ବାହାରିଲା, ଯାହାଫଳରେ ମା ଯନ୍ତ୍ରଣାରେ ଛଟପଟ ହେଲେ । ସ୍ୱାମୀ ପ୍ରେମାନନ୍ଦ ଜଣେ ଡାକ୍ତରଙ୍କୁ ଡାକି ଆଣିଲେ ଯିଏ ମା'ଙ୍କ ପାଦର ବଥର ଅସ୍ତ୍ରୋପଚାର କରିଥିଲେ । ବଥ ଭଲ ହୋଇଯିବା ପରେ ମା' ଯୁବ ଡାକ୍ତରଙ୍କୁ ଆଶୀର୍ବାଦ କରିଥିଲେ । ପୁରୀରେ ଅବସ୍ଥାନ ସମୟରେ ନିଜର ମାତା ଶ୍ୟାମାସୁନ୍ଦରୀ ଦେବୀଙ୍କୁ ପୁରୀ ନେଇ ଆସିବା ପାଇଁ ମା ଜଣେ ଭକ୍ତଙ୍କୁ ଜୟରାମବାଟି ପଠାଇ ଥିଲେ । କିନ୍ତୁ ଶ୍ୟାମସୁନ୍ଦରୀ ଦେବୀ ଦଳବଳ ନେଇ ପୁରୀରେ ପହଞ୍ଚିଲେ । ମା'ଙ୍କର ସହୋଦର କାଳୀ, ସମସ୍ତ ଭାଉଜ ଏବଂ ଅନ୍ୟ ସମ୍ପର୍କୀୟମାନେ ଉକ୍ତ ଦଳରେ ସାମିଲ ହୋଇଥିଲେ । ପାଗଳୀ ସୁରବାଳା 'କ୍ଷେତ୍ରବାସୀର ମଠ' ରେ ସେମାନଙ୍କର ପଦାର୍ପଣ ଦେଖି ମା'ଙ୍କୁ ଏଣୁତେଣୁ ବକିବାକୁ ଆରମ୍ଭ କଲା । କାରଣ ମା'ଙ୍କ ସ୍ନେହ ଓ ଟଙ୍କାରେ ଅନ୍ୟମାନଙ୍କର ଭାଗ ରହୁ ବୋଲି ସୁରବାଳା ସବୁବେଳେ ଚାହୁଁନଥିଲେ, ଯେଉଁଥିପାଇଁ ସେ ସେମାନଙ୍କୁ ସର୍ବଦା ଈର୍ଷା କରୁଥିଲେ । ସେ ଯାହାହେଉ, ଆନନ୍ଦ ବଜାରରେ ଜାତି ବର୍ଣ୍ଣ ନିର୍ବିଶେଷରେ ମହାପ୍ରସାଦ ସେବନ ମା'ଙ୍କୁ ବେଶ ଚମତ୍କୃତ କରିଥିଲା । ସେ ଦୁଇଥର ସମୁଦ୍ରରେ ସ୍ନାନ କରଥିଲେ ଏବଂ ପୁରୀରେ ସବୁ ମଠ ଓ ମନ୍ଦିର ବୁଲି ଦର୍ଶନ କରିଥିଲେ । ମହା ଆନନ୍ଦରେ ମା ସମ୍ପର୍କୀୟ ଓ ଭକ୍ତମାନଙ୍କ ଗହଣ ରେ ସମୟ ଏଠାରେ ବିତାଇଥିଲେ ।

ପୁରୀରେ ଅବସ୍ଥାନ କରୁଥିବା ସମୟରେ ଭକ୍ତମାନ ସହ ମା' ଏକାମ୍ର କ୍ଷେତ୍ରକୁ ଆଗମନ କରିଥିବାର ସୂଚନା ମିଳେ । ଏକଦା ଟ୍ରେନ ଯୋଗେ ମା' ପୁରୀରୁ ଭୁବନେଶ୍ୱର ଆସିଥିଲେ । ଭୁବନେଶ୍ୱର ଷ୍ଟେସନରେ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ଜଣେ ସେବକ ମା'ଙ୍କୁ ସାକ୍ଷାତ୍ କଲେ ଏବଂ ତାଙ୍କର ପଣ୍ଡା ହେବା ପାଇଁ ମା 'ଙ୍କ ନିକଟରେ ଅଳିକଲେ । ଏହି ସେବକଙ୍କର ନାମ ଈଶ୍ୱର ବଡୁ । ସେ ମା'ଙ୍କୁ କହିଲେ, "ମା, ମୁଁ ଆପଣଙ୍କଠାରୁ ଟଙ୍କା ପଇସା ନେବାକୁ ଚାହୁଁ ନାହିଁ, ଯାହା ପଣ୍ଡାମାନେ ସାଧାରଣତଃ ଚାହାନ୍ତି । କୌଣସି ପ୍ରକାର ଅର୍ଥଲାଳସା ମନରେ ରଖି ମୁଁ ଆପଣଙ୍କ ପାଖକୁ ଆସିନାହିଁ । କେବଳ ଗୋଟିଏ ଆଶା ନେଇ ମୁଁ ଆପଣଙ୍କ ପାଖକୁ ଆସିଛି, ତାହା ହେଉଛି ମୁଁ ଆପଣଙ୍କୁ ଶ୍ରୀଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କୁ ଦର୍ଶନ କରାଇବାର ସୌଭାଗ୍ୟ ଅର୍ଜନ କରିବି । ଏହାହିଁ ଆପଣଙ୍କଠାରେ ମୋର ଗୁହାରି ।"



ଈଶ୍ୱର ବଡୁଙ୍କର ବ୍ୟାକୁଳତା ପରିଲକ୍ଷିତ କରି ମା ଆନନ୍ଦିତ ହେଲେ ଏବଂ ତାଙ୍କୁ ପଣ୍ଡା ଭାବରେ ବରଣ କଲେ । ଈଶ୍ୱର ବଡୁ ମା'ଙ୍କୁ ପାଛୋଟି ନେଲେ ନିଜ ଗୃହକୁ । ଲିଙ୍ଗରାଜ ମନ୍ଦିର ନିକଟରେ ଶ୍ରୀ ବଡୁଙ୍କ ଘର । ଘରସମ୍ମୁଖରେ ପ୍ରଶସ୍ତ ଅଗଣା । ଏହି ସରଳ ଓ ଅମାୟିକ ବ୍ରାହ୍ମଣଙ୍କ ଘରେ ମା ବିଶ୍ରାମ ନେଲେ । ଏଠାରେ ବସିଥିବା ସମୟରେ ମା କହିଲେ, "ଅହୋଃ ! ଏବେ ମୋର ପ୍ରାଣ ଶାନ୍ତ ହେଲା ।" ଭକ୍ତମାନଙ୍କ ସହିତ ମା ବିନ୍ଦୁସାଗରର ମୋହିନୀ ଘାଟରେ ସ୍ନାନକଲେ । କଥିତ ଅଛି ଯେ ସ୍ନାନ ସମାପନ କରି ମା ମୋହିନୀ ଦେବୀଙ୍କୁ ଦର୍ଶନ କରିଥିଲେ । ତତ୍‌ପଶ୍ଚାତେ ଈଶ୍ୱର ବଡୁ ମା'ଙ୍କୁ ଲିଙ୍ଗରାଜ ମନ୍ଦିର ଭିତରକୁ ପାଛୋଟି ନେଲେ । ଭକ୍ତମାନେ ମଧ୍ୟ ମା'ଙ୍କ ସହ ମନ୍ଦିର ଭିତରକୁ ପ୍ରବେଶ କଲେ ।

ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କୁ ଦର୍ଶନ କରିବା ସମୟରେ ମା ପ୍ରଭୁଙ୍କର ଅଙ୍ଗ ସ୍ପର୍ଶ କରି ଜପ କଲେ । ମା'ଙ୍କ ନିର୍ଦ୍ଦେଶରେ ସହଗାମୀ ଭକ୍ତମାନେ ମଧ୍ୟ ତଦ୍ରୂପ ଜପ ସମ୍ପାଦନ କଲେ । ଅନାଦି ଲିଙ୍ଗଙ୍କ ଅଭିମୁଖେ ମା ଅଙ୍ଗୁଷ୍ଠି ପ୍ରଦର୍ଶନ କରି କହିଲେ, "ଭୁବନେଶ୍ୱର ହେଉଛି ହରି-ହର । ଅଧେ ହେଉଛନ୍ତି ହରି-ଜଗନ୍ନାଥ ଏବଂ ଆଉ ଅଧେ ହେଉଛନ୍ତି ହର- ମହେଶ୍ୱର ।" ଫୁଲ, ବେଲପତ୍ର, ଅକ୍ଷତ ଓ ଚନ୍ଦନାଦି ବିବିଧ ଉପଚାରରେ ମା ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କୁ ପୂଜା ଓ ଆରତି କଲେ । ଭକ୍ତି ବିହ୍ୱଳିତ ହୋଇ ମା ବାରମ୍ବାର ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସ୍ପର୍ଶ କରୁଥିଲେ ।

ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଦର୍ଶନ ଉତାରୁ ଈଶ୍ୱର ମହାଶୟ ଏବଂ ମା ତାଙ୍କର ଭକ୍ତମାନଙ୍କୁ କେଦାରଗୌରି ଦର୍ଶନ ନିମନ୍ତେ ନେଇଯାଇଥିଲେ । ଗୌରିକୁଣ୍ଡରେ ମା ପୁନର୍ବାର ଭକ୍ତମାନଙ୍କ ସହ ସ୍ନାନ କଲେ । ସେଠାରୁ ସମସ୍ତେ ଈଶ୍ୱର ବଡୁଙ୍କ ଘରକୁ ପ୍ରତ୍ୟାବର୍ତ୍ତନ କଲେ । ଈଶ୍ୱର ବଡୁଙ୍କ ଘରେ ମା ଭକ୍ତମାନଙ୍କ ସହ ପ୍ରସାଦ ସେବନ କରି ଆନନ୍ଦିତ ହେଲେ । ଈଶ୍ୱର ମା'ଙ୍କର ସାନିଧ୍ୟ ଲାଭ କରି ଏବଂ ମା ଙ୍କର ପଣ୍ଡା ହେବାର ସୌଭାଗ୍ୟ ଅର୍ଜନ କରି ନିଜକୁ କୃତାର୍ଥ ମଣିଲେ ।

ଈଶ୍ୱର ବଡୁଙ୍କ ଘରେ ମା ରାତ୍ରୀ ଯାପନ କରି ଭକ୍ତମାନଙ୍କ ସହ ପରବର୍ତୀ ଦିନ ଶଗଡରେ ଖଣ୍ଡଗିରି ଓ ଉଦୟଗିରି ଭ୍ରମଣ କରିବାକୁ ଯାଇଥିଲେ । ଏଠାରେ ଏକ ଗୁମ୍ଫାରେ ମା କିୟତ ସମୟ ବସି ଜପ କଲେ । ତତ୍‌ପଶ୍ଚାତେ ମା ସେହିଦିନ ପୁରୀ ଅଭିମୁଖେ ପୁନଶ୍ଚ ଯାତ୍ରା କଲେ ।

ଜଗନ୍ନାଥଧାମ ପୁରୀରେ ଅବସ୍ଥାନ କାଳରେ ମା ଏକଦା ଭକ୍ତମାନଙ୍କ ସହ ସାକ୍ଷୀଗୋପାଳଙ୍କୁ ଦର୍ଶନ କରିବା ନିମନ୍ତେ ସାକ୍ଷୀଗୋପାଳ ଆସିଥିଲେ । ସାକ୍ଷୀଗୋପାଳଙ୍କ ମନ୍ଦିର ପରିସରରେ ମା ଅପଲକ ନୟନରେ ଶ୍ରୀଗୋପାଳଙ୍କୁ ଚାହିଁଲେ । ଗୋପାଳଙ୍କର ମାଧୁର୍ଯ୍ୟ ମୂର୍ତି ଦେଖୁଦେଖୁ ମା ହଠାତ୍ ଭାବ ବିଭୋଳ ହୋଇ କହି ଉଠିଲେ, "ଇୟେ କ'ଣ ବୃନ୍ଦାବନ ? ମା'ଙ୍କର ଏପରି ଭାବବିହ୍ୱଳ ଅବସ୍ଥା ପରିଲକ୍ଷିତ କରି ଜଣେ ସେବକ କହିଲେ, "ମା ଆପଣ ତ ଆଜି ପୁରୀରୁ ସାକ୍ଷୀଗୋପାଳଙ୍କୁ ଦର୍ଶନ କରିବାକୁ ଆସିଛନ୍ତି । ଆପଣ ବର୍ତମାନ ସାକ୍ଷୀଗୋପାଳ ମନ୍ଦିର ପରିସରରେ ଅଛନ୍ତି । ମା ଏହା ବୃନ୍ଦାବନ ନୁହେଁ । ମା ସାମାନ୍ୟ ପ୍ରକୃତିସ୍ଥ ହୋଇ ଚାରିଆଡକୁ ଚାହିଁଲେ ଏବଂ କହିଉଠିଲେ, "ଆରେ ଗୋପାଳଙ୍କୁ ଫୁଲମାଳ, ଭୋଗ, ଉଖୁଡା ଓ ଲଡୁ ନିବେଦନ କର ।"

ମା'ଙ୍କର କହିବା ଅନୁସାରେ ଏହିସବୁ ପୂଜାସାମଗ୍ରୀର ବ୍ୟବସ୍ଥା କରାଗଲା କିନ୍ତୁ ଫୁଲମାଳଟିକୁ ମା ଦେଖି ଆଦୌ ପସନ୍ଦ କଲେନାହିଁ, କାରଣ ଫୁଲମାଳଟି ନିମ୍ନମାନର ଥିଲା । ସେବକ ବୁଝିଗଲେ ମା'ଙ୍କର ଅନ୍ତରର ଭାଷା ଏବଂ ଅବିଳମ୍ବେ ଦୁଇଟା ସୁନ୍ଦର ଫୁଲମାଳ ମା'ଙ୍କ ପାଇଁ କିଣି ଆଣିଲେ । ଫୁଲମାଳ ଦୁଇଟିକୁ ଦେଖି ମା' ଭାରି ଖୁସି ହେଲେ ଏବଂ କହିଲେ, "ବାଃ ବେଶ୍ ଭଲ ହୋଇଛି । ମନ୍ଦିରରେ ପୂଜାରୀକୁ ଦେଇଦିଅ ।" ଏହି ପରିପ୍ରେକ୍ଷୀରେ ଗୋଲାପ-ମା ପରାମର୍ଶ ଦେଲେ ଯେ ଦୁଇଟା ମାଳରୁ ଗୋଟିଏ ମାଳ ଗୋପାଳଙ୍କୁ ଅର୍ପଣ କର ଏବଂ ଅନ୍ୟ ମାଳଟି ମା'ଙ୍କୁ ଅର୍ପଣ କରାଯାଉ । କିନ୍ତୁ ମା' ଗୋଲାପ ମା'ଙ୍କର ପରାମର୍ଶକୁ ଏଡାଇ ଦେଇ କହିଲେ, "ନାରେ ପୁଅ ଏଡେ ସୁନ୍ଦର ଫୁଲମାଳ ଆଣିଛୁ । ଯାଆ, ଏଇ ମାଳ ଗୋପାଳ ଏବଂ ରାଧାରାଣୀଙ୍କ ଗଳାରେ ଲମ୍ବାଇ ଦେ । ସେମାନଙ୍କ ଗଳାରେ ବେଶ୍ ସୁନ୍ଦର ଦେଖାଯିବ । ମା'ଙ୍କର ଆଦେଶ ଶିରୋଧାର୍ଯ୍ୟ ମନେକରି ସେବକ ଦୁଇଟି ଫୁଲମାଳକୁ ନେଇ ମନ୍ଦିରକୁ ଚାଲିଗଲେ ।"

ମନ୍ଦିର ପ୍ରାଙ୍ଗଣରେ ମା ପଦଚାରଣ କରୁଥିବା ସମୟରେ ହଠାତ୍ ତମାଳ ଗଛଟିଏ ତାଙ୍କର ଦୃଷ୍ଟିଗୋଚର ହେଲା । ତମାଳ ଗଛ ନିକଟକୁ ଯାଇ ମା ଉଲ୍ଲସିତ କଣ୍ଠରେ କହିଉଠିଲେ, "ଏଇ ତମାଳ ଗଛଟିକୁ ଦେଖି ମୋର ବୃନ୍ଦାବନ କଥା ମନେପଡୁଛି ।" ମା' ତମାଳ ଗଛଟିକୁ ନିଜ ହାତରେ ବାରମ୍ବାର ଆଉଁସି ଦେଲେ । ମନ୍ଦିର ପ୍ରଦକ୍ଷିଣ କରିସାରିବା ପରେ ମା ପୁନଶ୍ଚ ସାକ୍ଷୀଗୋପାଳଙ୍କୁ ଦର୍ଶନ କରିବାକୁ ଗଲେ । ଶ୍ରୀ ସାକ୍ଷୀଗୋପାଳ ଏବଂ ଶ୍ରୀ ରାଧାରାଣୀଙ୍କୁ ଗଳାରେ ଶୋଭିତ ଫୁଲ ମାଳଟି ଖୁବ୍ ଶୋଭାଦୋଖା ଯାଉଥିଲା । ମା ନିର୍ନିମେଷ ନୟନରେ ସେଇ ଯୁଗଳମୂର୍ତ୍ତିକୁ ଚାହିଁଲେ । ମନ୍ଦିରର ପୂଜାପଣ୍ଡା ହଠାତ୍ ସାକ୍ଷୀଗୋପାଳଙ୍କ ଗଳାରୁ ଫୁଲମାଳଟି ବାହାର କରିଆଣି ମା'ଙ୍କୁ ଅର୍ପଣ କରି କହିଲେ, "ମା ପ୍ରଭୁଙ୍କର ଏହି ଫୁଲମାଳଟି ଆପଣଙ୍କ ପାଇଁ ଉପଯୁକ୍ତ ।" ମା' ଶ୍ରଦ୍ଧାରେ ଫୁଲମାଳଟି ପୂଜାପଣ୍ଡାଙ୍କ ହସ୍ତରୁ ଗ୍ରହଣ କଲେ । ଉପସ୍ଥିତ ଭକ୍ତବୃନ୍ଦ ଏତାଦୃଶ ଅପୂର୍ବ ଘଟଣାକୁ ଅବଲୋକନ କରି ଆନନ୍ଦରେ ଜୟଜୟକାର ଧ୍ୱନି କଲେ । ମା' ପୁନର୍ବାର ପୁରୀ ଫେରିଆସିଲେ ।

ପ୍ଲଟ ନ - ୩୭୧/୨୪୭୬, ଶିଶୁ ବିହାର,
ପୋଷ୍ଟ – କିଟ, ଭୁବନେଶ୍ୱର – ୨୪
ମୋ- ୯୯୩୭୨୯୭୦୩୯

# ନୂଆ ରାଜଧାନୀ ଭୁବନେଶ୍ୱର ପ୍ରତିଷ୍ଠାରେ ହରେକୃଷ୍ଣ ମହତାବ

*ଡ. ପ୍ରତାପ ଚନ୍ଦ୍ର ସ୍ୱାଇଁ*

ସ୍ୱାଧୀନତା ପରବର୍ତ୍ତୀ ଓଡିଶାର ନୂଆ ରାଜଧାନୀ ଭାବେ ଭୁବନେଶ୍ୱରକୁ ମାନ୍ୟତା ମିଳିବା ଏକ ଐତିହାସିକ ଘଟଣା। ଦୀର୍ଘ ସାତ ଦଶନ୍ଧି ଧରି ଭୁବନେଶ୍ୱର ଓଡିଶାର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଶିକ୍ଷା ବ୍ୟବସ୍ଥାର ପ୍ରାଣକେନ୍ଦ୍ର ଭାବେ ପ୍ରତ୍ୟେକ ଓଡିଆକୁ ଅନୁପ୍ରାଣିତ କରିଆସୁଛି। ଅତ୍ୟନ୍ତ ଗୌରବର କଥା ଯେ ଆଜି ଆମ ରାଜଧାନୀ ଭୁବନେଶ୍ୱର ସର୍ବ ଭାରତୀୟ ସ୍ତରରେ ସ୍ମାର୍ଟ ସିଟି ତାଲିକାରେ ପ୍ରଥମ ସ୍ଥାନ ଅଳଂକୃତ କରିଛି। ଏକ ପ୍ରଗତିଶୀଳ ଆଧୁନିକ ସହର ହିସାବରେ ଭୁବନେଶ୍ୱର ବିଶ୍ୱ ଦରବାରରେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଭାଇଚାରାର ଉତ୍ସ ଭାବେ ଆଦୃତ ହୋଇଛି।



ଆମ ରାଜଧାନୀ ଭୁବନେଶ୍ୱରର ଉଜ୍ଜ୍ୱଳ ଓ ଗୌରବାନ୍ୱିତ ବର୍ତ୍ତମାନର ସ୍ଥିତି ଏକ ସୁଦୃଢ ଭିତ୍ତିଭୂମି ଉପରେ ଗଢି ଉଠିଛି। ଇତିହାସର ପୃଷ୍ଠାକୁ ଅବଲୋକନ କଲେ ପ୍ରମାଣ ମିଳେ ଯେ ଭୁବନେଶ୍ୱରକୁ ଓଡିଶାର ନୂଆ ରାଜଧାନୀ ଭାବେ ପ୍ରତିଷ୍ଠା କରିବା ପଛରେ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କର ବଳିଷ୍ଠ ପୃଷ୍ଠପୋଷକତା ଓ ନିରବଚ୍ଛିନ୍ନ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାଙ୍କର ଲୋକପ୍ରିୟ ନେତୃତ୍ୱ ଓ ଦୂରଦୃଷ୍ଟି ବଳରେ ସେ ଭୁବନେଶ୍ୱରକୁ ଏକ ଆଦର୍ଶ ରାଜଧାନୀ ନଗରୀକୁ ବିବର୍ତ୍ତିତ କରିବାର ସଫଳତା ଅର୍ଜନ କରିଛନ୍ତି। ସୁତରାଂ ଡ. ମହତାବଙ୍କ ଭୁବନେଶ୍ୱର ରାଜଧାନୀ ପ୍ରତିଷ୍ଠା ପଛେ ଥିବା ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ପୂର୍ବରୁ ତାଙ୍କର ବ୍ୟକ୍ତିଗତ ଜୀବନୀ ଉପରେ ଆଲୋକପାତ କରିବା ନିତାନ୍ତ ଆବଶ୍ୟକ।

## ଡ. ହରେକୃଷ୍ଣ ମହତାବଙ୍କ ଜୀବନୀ -

ଡ. ମହତାବ ୧୮୯୯ ମସିହା ନଭେମ୍ବର ମାସ ୨୧ ତାରିଖରେ ଅବିଭାଜିତ ବାଲେଶ୍ୱର ଜିଲ୍ଲାର ଅଗରପଡାରେ ପିତା କୃଷ୍ଣଚନ୍ଦ୍ର ଦାସ ଓ ମାତା ତୋଫା ବିବିଙ୍କ ପରିବାରରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ତାଙ୍କର ଅଜା ଜଗନ୍ନାଥ ମହତାବଙ୍କର କୌଣସି ପୁତ୍ର ସନ୍ତାନ ନଥିବାରୁ ସେ ହରେକୃଷ୍ଣଙ୍କୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କରିଥିଲେ। ଗାଁ ସ୍କୁଲରେ ବାଲ୍ୟ ଶିକ୍ଷା ସମାପ୍ତ କରି ହରେକୃଷ୍ଣ ଭଦ୍ରକ ହାଇସ୍କୁଲରୁ ୧୯୧୭ ମସିହାରେ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ। ମାଟ୍ରିକ୍ୟୁଲେସନ୍ ସମୟରେ ସେ ସୁଭଦ୍ରା ମହତାବଙ୍କ ସହିତ ବିବାହ ବନ୍ଧନରେ ବାନ୍ଧିହୋଇ ପାରିବାରିକ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଧର୍ମପତ୍ନୀ ସୁଭଦ୍ରା ମହତାବଙ୍କ ସମର୍ଥନ ଓ ସହଯୋଗକ୍ରମେ ଡ. ମହତାବ ବିଭିନ୍ନ ସାମାଜିକ ଓ ରାଜନୈତିକ ଅନୁଷ୍ଠାନଗୁଡିକ ସହ ଜଡିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ଭୂମିକାରେ ଅବତୀର୍ଣ୍ଣ ହୋଇପାରିଥିଲେ। ଉଚ୍ଚଶିକ୍ଷା ପାଇଁ ଡ. ମହତାବ କଟକସ୍ଥିତ ରେଭେନ୍‌ସା ମହାବିଦ୍ୟାଳୟରେ ଯୋଗଦେଲେ ଏବଂ ସେଠାରୁ ତାଙ୍କର ରାଜନୈତିକ, ଦାର୍ଶନିକ ଓ ସଂଗ୍ରାମୀ ଜୀବନର ଅଗ୍ରମାରମ୍ଭ ହେଲା। ପଢିବା ସହିତ ସେ ବିଶିଷ୍ଟ ସହପାଠୀ ନବକୃଷ୍ଣ ଚୌଧୁରୀ ଆଦିଙ୍କ ସହ ତତ୍କାଳୀନ ରାଜନୈତିକ ପରିବେଶ ଉପରେ ନିରନ୍ତର ଗୂଢଚର୍ଚ୍ଚା କରୁଥିଲେ। ୧୯୧୮ ମସିହାରେ ସେ ଉତ୍କଳ ସମ୍ମିଳନୀରେ ଏକ ସ୍ୱେଚ୍ଛାସେବୀ ଭାବରେ ଯୋଗ ଦେଇଥିଲେ ୧୯୨୦ ସେପ୍ଟେମ୍ବର ମାସରେ ଭାରତୀୟ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ଜଣେ ଶ୍ରୋତା ଓ ପ୍ରତ୍ୟକ୍ଷଦର୍ଶୀ ଭାବରେ ସ୍ୱଇଚ୍ଛାରେ ଅଂଶଗ୍ରହଣ କରିଥିଲେ। ମହାତ୍ମାଗାନ୍ଧୀଙ୍କ ବ୍ୟକ୍ତିତ୍ୱ ଓ ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ଡ. ମହତାବ ପାଠପଢା ଛାଡି ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ ଏବଂ ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ଭାବରେ କାର୍ଯ୍ୟଭାର ଗ୍ରହଣ କଲେ। ୧୯୨୨ ଜୁଲାଇ ମାସରେ କନିକା ପ୍ରଜା ଆନ୍ଦୋଳନରେ ନେତୃତ୍ୱ ନେଇ ସେ ଜେଲ୍ ଗଲେ। ତାଙ୍କର ଏହି କାରାଗାର ଅବଧି ମଧ୍ୟରେ ସେ ଓଡିଆ ଏବଂ ଇଂଲିଶ ଭାଷାରେ ଅନେକ ପୁସ୍ତକ ରଚନା କରିଛନ୍ତି। ତା ମଧ୍ୟରୁ ଅଜବ ଦୁନିଆ,

ଫ୍ରି ଥିଙ୍କିଂ ଦୁଇଟି ଉଦାହରଣ। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ସେ ବାଘାଜତୀନ୍ ଓ ରାମକୃଷ୍ଣ ମିଶନ୍ ମଠର ସନ୍ୟାସୀ ମାନଙ୍କ ତାତ୍ତ୍ୱିକ ମୂଲ୍ୟବୋଧରେ ଅନୁପ୍ରାଣିତ ହୋଇ ନିଜର ଜୀବନଶୈଳୀକୁ ସୁଦୃଢ଼ କରି ପାରିଥିଲେ।

ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ଧୀରେ ଧୀରେ ସ୍ୱାଧୀନତା ସଂଗ୍ରାମରେ ଅଧିକରୁ ଅଧିକ ଜଡ଼ିତ ହେବାକୁ ଲାଗିଲେ। ତତ୍କାଳୀନ ଓଡ଼ିଶା ରାଜ୍ୟରେ ଏକ ବଳିଷ୍ଠ ନେତୃତ୍ୱର ଭାଗ୍ୟୋଦୟ ଘଟିଲା ତାଙ୍କ ମାଧ୍ୟମରେ। ନିଜର ମନର କଥାକୁ ଅଗଣିତ ଓଡ଼ିଆ ମାନଙ୍କ ସମ୍ମୁଖରେ ପହଞ୍ଚାଇ ଦେଲେ ବିଭିନ୍ନ ପତ୍ରପତ୍ରିକା ମାଧ୍ୟମରେ। ଓଡ଼ିଆ ସମାଜକୁ ଦିଗଦର୍ଶନ ଦେବାକୁ ଲାଗିଲେ। ନିଜେ ପ୍ରକାଶ କଲେ ସାପ୍ତାହିକ ଓଡ଼ିଆ ମାଗାଜିନ୍ 'ପ୍ରଜାତନ୍ତ୍ର'। ୧୯୨୭ ମସିହାରେ ପ୍ରକାଶ କଲେ ଇଂରାଜୀରେ ପତ୍ରିକା 'ଆଡଭେନ୍‌ଚର'। ଏହି ଦୁଇଟି ମାଧ୍ୟମ ଓଡ଼ିଆମାନଙ୍କୁ ଆନ୍ଦୋଳିତ କଲା, ଅନୁପ୍ରାଣିତ କଲା ଏମିତିକି ପରବର୍ତ୍ତୀ କାଳରେ 'ଗାଁ ମଜଲିସ' ପରି ତାଙ୍କ କଳ୍ପନା ପ୍ରସୂତ ସ୍ତମ୍ଭଟି ଲୋକ ଖୋଜିଖୋଜି ପଢ଼ି ନିଜର ରାଜନୈତିକ ନିଷ୍ପତ୍ତି ପାଇଁ ଅବଲମ୍ବନ କରିବାକୁ ଶ୍ରେୟ ମନେକରନ୍ତି।

୧୯୨୮ ମସିହାର ଘଟଣା। କଲିକତାରେ ଓଡ଼ିଆ ସମାଜର ପ୍ରତିଷ୍ଠା ସଙ୍ଗେସଙ୍ଗେ ପ୍ରବାସୀ ଓଡ଼ିଆ ମାନଙ୍କୁ ଏକତ୍ରିତ କରି ସାଇମନ୍ କମିଶନ୍ ବିରୁଦ୍ଧରେ ଆନ୍ଦୋଳନ କରିଥିଲେ। ୧୯୩୦ ମସିହାରେ ସେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇ କାରାବରଣ କଲେ, ଦେଢ଼ବର୍ଷ କାରାବାସ ପରେ ଗାନ୍ଧୀ-ଇରଉଇନ୍ ଚୁକ୍ତି ଫଳରେ ଜେଲରୁ ମୁକୁଳିଲେ। ଏହି ପରି ଅନେକ ଥର ସେ କାରାଗାରରେ ବନ୍ଦୀ ହୋଇଛନ୍ତି, ସବୁଠାରୁ ହୃଦୟସ୍ପର୍ଶୀ ହୋଇଛି ଦିନେ ହଜାରିବାଗ କାରାଗାର। ପତ୍ନୀ ସୁଭଦ୍ରା ମହତାବ ବି ସେହି କାରାଗାରରେ ତାଙ୍କ ସହ ସହବନ୍ଦିନୀ ! ସେ ସେହି ସମୟରେ ହଜାରିବାଗ୍ କାରାଗାରରେ ବନ୍ଦୀ ଥିବା ଖାଁ ଅବଦୁଲ୍ ଗଫର ଖାଁ (ସୀମାନ୍ତ ଗାନ୍ଧୀ)ଙ୍କ ସଂସର୍ଗରେ ଆସିଥିଲେ ଓ ତାଙ୍କ ଅଭିଜ୍ଞତା ଓ ଉତ୍ସର୍ଗ ମନୋଭାବ ଶୁଣି ଅନୁପ୍ରାଣିତ ହୋଇଥିଲେ।

୧୯୩୮ ମସିହାରେ ସେ ଗଡଜାତ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତା ପରେ ପ୍ରଜାମଣ୍ଡଳର ଉପଦେଷ୍ଟା ତଥା ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ ମନୋନୀତ ହୋଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ମହତାବ ମହାତ୍ମା ଗାନ୍ଧୀଙ୍କୁ ସ୍ୱାଧୀନତା ସଂଗ୍ରାମ ସମୟରେ ସାରା ଓଡ଼ିଶା ବୁଲାଇ ଅଗଣିତ ଓଡ଼ିଆ ମାନଙ୍କର ଦୁଃଖକଷ୍ଟ ବିଷୟରେ ଅବଗତ କରାଇଥିଲେ। ସୁତରାଂ ସ୍ୱାଧୀନତା ସଂଗ୍ରାମ ମହତାବଙ୍କୁ ଏକ ସୁଦୃଢ଼ ନେତା ଓ ସଂଗ୍ରାମୀ ଚରିତ୍ର ଗଠନର ପୃଷ୍ଠଭୂମି ହେବା ସହିତ ତାଙ୍କୁ ମଧ୍ୟ ଏକ ସର୍ବଭାରତୀୟ ବ୍ୟକ୍ତିତ୍ୱ ପ୍ରଦାନ କରିଥିଲା।

## ସ୍ୱାଧୀନତା ପର ଓଡ଼ିଶାରେ ମହତାବଙ୍କ ଭୂମିକା -

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଶାର ନବନିର୍ମାଣରେ ମହତାବ ଅଗ୍ରଣୀ ଭୂମିକା ନେଇଥିଲେ। ଓଡ଼ିଶାର ପ୍ରଧାନମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ହିସାବରେ ସେ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଅନେକ ଯୋଜନା ମୂଳକ କାର୍ଯ୍ୟ ସମ୍ପାଦନ କରିଥିଲେ। ମହତାବଙ୍କର ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଓ ଗୃହମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ସହ ନିବିଡ଼ତା ଯୋଗୁ ସେ ଓଡ଼ିଶାରେ ବହୁ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ତାଙ୍କର ଅଦମ୍ୟ ପ୍ରଚେଷ୍ଟାରେ ହୀରାକୁଦ ବନ୍ଧ, ପାରାଦ୍ୱୀପ ବନ୍ଦର, ଫେରୋ-ମାଙ୍ଗାନିଜ କାରଖାନା ତଥା ଲୌହ ଇସ୍ପାତ ଓ ସିମେଣ୍ଟ ଭଳି ଅନେକ ଅତ୍ୟାବଶ୍ୟକ ପ୍ରକଳ୍ପର ସୂତ୍ରପାତ ହେଲା। ତା ସହିତ ଆଧୁନିକ ଓଡ଼ିଶାର ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ନୂଆ ଦିଗନ୍ତର ଅୟମାରମ୍ଭ ହେଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ୱାଧୀନତାପର ଭାରତରେ ଯେତେବେଳେ ରାଜ୍ୟଗୁଡ଼ିକ ନିଜର ସୀମା ପରିମାପ କରୁଥିଲେ, ସେଇ ଘଡ଼ିସନ୍ଧିରେ ଓଡ଼ିଶା ରାଇଜ ପାଇଁ ମହତାବଙ୍କ ଭୂମିକା ଏକ ନିର୍ଣ୍ଣାୟକ ପଦ ଭୂଷଣ କରିଥିଲା। ଗଡଜାତ ମିଶ୍ରଣରେ ପୃଷ୍ଠପୋଷକତା କରି ସେ ନୀଳଗିରି ଓ ମୟୂରଭଞ୍ଜ ଶାସନକୁ ଓଡ଼ିଶା ରାଜ୍ୟଭୁକ୍ତ କରିଥିଲେ।

ସ୍ୱାଧୀନତା ପର ସକାଳରୁ ଭାରତବର୍ଷରେ ଓଡ଼ିଶା ନିଜର ରାଜଧାନୀର ଅବୟବ ଓ ଭବିଷ୍ୟତ ପାଇଁ ଘୋର ଚିନ୍ତାରେ ଥିଲା। କଟକର କାମଚଳା ରାଜଧାନୀର ଭବିଷ୍ୟତ ସମ୍ପ୍ରସାରଣ, ନଈବଢ଼ି ସମସ୍ୟା, ଗମନାଗମନ ଆଦି ଦୃଷ୍ଟିରୁ ନୂତନ ନିର୍ଣ୍ଣୟ ଯେ ଅବଶ୍ୟମ୍ଭାବୀ, ଏହା ସମସ୍ତଙ୍କୁ ସ୍ପଷ୍ଟ ହୋଇଯାଇଥିଲା।

ଏହି ନୂତନ ରାଜଧାନୀ ନିର୍ବାଚନ ଓ କାର୍ଯ୍ୟକାରିତାରେ ମହତାବଙ୍କ ଅବଦାନ ଅବିସ୍ମରଣୀୟ। ଅନେକ ପ୍ରତିକୂଳ ପରିସ୍ଥିତି ସାମନାକରି ସେ ଭୁବନେଶ୍ୱର ନୂଆ ରାଜଧାନୀ ପ୍ରତିଷ୍ଠାରେ ଭୀଷ୍ମପ୍ରତିଜ୍ଞ ଥିଲେ। ଅଶୋକ, ଖାରବେଳ ଓ ଲଲାଟେନ୍ଦୁ କେଶରୀଙ୍କ ପରେ ଡ. ହରେକୃଷ୍ଣ ମହତାବ ଜଣେ ଭୁବନେଶ୍ୱର ପ୍ରିୟ ବ୍ୟକ୍ତିତ୍ୱ, ତଦାନୀନ୍ତନ ବିସ୍ତୃତ ଜଙ୍ଗଲଭରା ଏକାମ୍ରରେ ତାଙ୍କର ଦୂରଦୃଷ୍ଟି ଆଜିର ସ୍ୱୟଂସତେଜ ସ୍ମାର୍ଟ ସିଟିଠାରୁ ବି ଆହୁରି ଆଗକୁ ରହିଥିଲା ଭଳି ଅନୁଭବ ଆସେ। ତାଙ୍କର ଭୂମିକା ଓ ସଂଘର୍ଷ ନିମ୍ନ ତଥ୍ୟରୁ ସ୍ପଷ୍ଟ ଜଣାଯାଏ।

## ନୂଆ ରାଜଧାନୀ ସ୍ଥାନ ନିରୂପଣ -

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବରେ ସ୍ୱୀକୃତି ପାଇବା ପରଠାରୁ ଏହାର ରାଜଧାନୀ ବିଷୟରେ ସମସ୍ୟା ରହିଛି। ପୂର୍ବରୁ ଓଡ଼ିଶା ଡିଭିଜନର ମୁଖ୍ୟାଳୟ ଭାବରେ ଇଂରେଜ ସରକାର କଟକକୁ ମାନ୍ୟତା ଦେଉଥିଲେ। କିନ୍ତୁ କଟକ ସହର ମହାନଦୀ ଓ କାଠଯୋଡ଼ି ମଧ୍ୟରେ ଥିବା ଅଣ-ସମ୍ପ୍ରସାରଣକ୍ଷମ ସଂକୀର୍ଣ୍ଣ ସ୍ଥାନରେ ପ୍ରାନ୍ତୀୟ ରାଜଧାନୀ ପ୍ରତିଷ୍ଠା ପାଇଁ ବିଶେଷଜ୍ଞ ମାନଙ୍କ ଦ୍ୱାରା ମନୋନୀତ ହେଉ ନଥିଲା। ଏହା ସତ୍ତ୍ୱେ ଓଡ଼ିଶା ପ୍ରଶାସନିକ କମିଟି ୧୯୩୩ ମସିହାରୁ କଟକକୁ ରାଜଧାନୀରୂପେ ମାନ୍ୟତା ବଜାୟ ରଖିବାକୁ ସୁପାରିଶ କରିଥିଲେ। ଏଥି ମଧ୍ୟରେ କେତେକ ପୁରୀରେ ରାଜଧାନୀ ସ୍ଥାପନ କରିବାକୁ ଯୁକ୍ତି ବାଢ଼ିଥିଲେ। ଏହାର ପ୍ରତିବାଦରେ କଟକ ବାସିନ୍ଦାମାନେ ଯୁକ୍ତି ବାଢ଼ିଥିଲେ କି ପୁରୀ ଗୋଟିଏ ଧାର୍ମିକ ପୀଠ ହୋଇଥିବାରୁ ଏହା ଏକ ଧର୍ମ ନିରପେକ୍ଷ ସରକାରଙ୍କର ରାଜଧାନୀ

ହୋଇପାରିବ ନାହିଁ । ଫଳରେ ରାଜଧାନୀ ନିରୂପଣ ବିଷୟ କଟକ-ପୁରୀ ବିବାଦରେ ପରିଣତ ହେବାକୁ ଯାଉଥିଲା । ଏହାର ସୁଯୋଗ ନେଇ ଦକ୍ଷିଣ ଓଡିଶାର ରାଜନୈତିକ ନେତାମାନେ ରାଜଧାନୀକୁ ଦକ୍ଷିଣ ଅଞ୍ଚଳକୁ ସ୍ଥାନାନ୍ତରିତ କରିବାକୁ ଦାବି କରୁଥିଲେ । କେନ୍ଦ୍ରୀୟ ପୂର୍ତ୍ତ ବିଭାଗ ଇଞ୍ଜିନିଅର ଏଫ.ଟି. ଜୋନ୍‌ସଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଦଳ ୧୯୩୬ ମସିହାରେ ନିଯୁକ୍ତ କରିଥିଲେ । ଏହି ଦଳ ବ୍ରହ୍ମପୁର ନିକଟସ୍ଥ ରାଙ୍ଗାଳୀଗୁଡାରେ ରାଜଧାନୀ ପ୍ରତିଷ୍ଠା ପାଇଁ ମତ ଦେଇଥିଲେ । ଉକ୍ତ ରିପୋର୍ଟକୁ ଅଗ୍ରାହ୍ୟ କରି ଓଡିଶା ସରକାର ଆଇ.ଆର. ବ୍ରେନଙ୍କ ଅଧ୍ୟକ୍ଷତାରେ ଏକ ଫିଜିବିଲିଟ୍ କମିଟି ୧୯୩୭ ମସିହାରେ ଗଠନ କରିଥିଲେ । ଏହି ବ୍ରେନ୍ କମିଟି ନିଜ ରେପୋର୍ଟରେ ଚାରୋଟି ସ୍ଥାନ ଯଥା - କଟକ, ବାରଙ୍ଗ, ଚୌଦ୍ୱାର ଓ ପୁରୀ ମଧ୍ୟରେ ସୀମିତ ରଖିଥିଲେ । ୧୯୩୭ ମସିହା ସେପ୍ଟେମ୍ବର ୨୪ ତାରିଖରେ ବିଧାନସଭାରେ ଗରମାଗରମ ଆଲୋଚନା ପରେ ଗିରିଜା ଭୂଷଣ ଦାସଙ୍କ ପ୍ରସ୍ତାବ କଟକ-ଚୌଦ୍ୱାର ରାଜଧାନୀ ପାଇଁ ଆଦୃତ ହେଲା । କିନ୍ତୁ ଆର୍ଥିକ ସମ୍ବଳ ଅଭାବରୁ ମହାନଦୀ ଉପରେ ଚୌଦ୍ୱାରକୁ ସଂଯୋଗ କରି ପୋଲ ନିର୍ମାଣ ସମ୍ଭବ ହୋଇ ପାରିଲାନାହିଁ । ଯାହା ଫଳରେ କଟକ-ଚୌଦ୍ୱାର ରାଜଧାନୀ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ ।

ନୂତନ ରାଜଧାନୀ ପରିପ୍ରେକ୍ଷୀରେ ମହତାବ ବ୍ୟକ୍ତିଗତ ଭାବରେ କଟକକୁ ରାଜଧାନୀ ଭାବେ ଅବ୍ୟାହତ ରଖିବାକୁ ଚାହୁଁଥିଲେ । ଏଥିପାଇଁ ତାଙ୍କର ସଂପୂର୍ଣ୍ଣ ଇଚ୍ଛାଥିଲା । ଯେତେବେଳେ ସିଏ ଟାଟା କମ୍ପାନୀର ଟାଉନ ପ୍ଲାନରମାନଙ୍କର ପରାମର୍ଶ ନେଲେ, ପ୍ଲାନର ମାନେ କଟକର ପ୍ରତିକୂଳ ଭୌଗୋଳିକ ପରିବେଶ ସହରର ବିସ୍ତାର ଓ ଆଧୁନିକୀକରଣ ପାଇଁ ବ୍ୟୟସାପେକ୍ଷ ହେବ ବୋଲି ମତ ରଖିଥିଲେ ।

ଏହା ମହତାବଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା । ଏତି ମଧ୍ୟରେ ଦ୍ୱିତୀୟ ମାହାଯୁଦ୍ଧ ଉପରାନ୍ତ ପୁନର୍ନିର୍ମାଣ କମିଟି ଭୁବନେଶ୍ୱରକୁ ଭୌଗୋଳିକ, ଐତିହାସିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ରାଜଧାନୀ ପାଇଁ ଏକ ଆଦର୍ଶ ସ୍ଥାନ ଭାବରେ ପ୍ରସ୍ତାବ ଦେଲା । ସରକାରଙ୍କ ପୂର୍ତ୍ତ ବିଭାଗ ମଧ୍ୟ ୧୯୪୫ ମସିହା ଏପ୍ରିଲ ୧୪ ତାରିଖ ଦିନ ରିପୋର୍ଟ ମାଧ୍ୟମରେ ସ୍ପଷ୍ଟ କରିଦେଲା ଯେ, କଟକ ସହର ଚୌଦ୍ୱାର ପର୍ଯ୍ୟନ୍ତ ବିସ୍ତାର କରିବା ଆଦୌ ଫଳପ୍ରଦ ହେବନି, ତେଣୁ ପୂର୍ତ୍ତବିଭାଗ ଭୁବନେଶ୍ୱରକୁ ରାଜଧାନୀ ପାଇଁ ଉପଯୁକ୍ତ ସ୍ଥାନ ଭାବେ ଉଲ୍ଲେଖ କଲା ।

ଏ ସବୁ ରିପୋର୍ଟ ତଥା କଟକ ପ୍ରତି ସମସ୍ତଙ୍କର ମାନସିକ ଦୁର୍ବଳତା ସହିତ ରାଜଧାନୀ ନିମନ୍ତେ ଭୌଗୋଳିକ କାରଣରୁ ଅନୁପଯୋଗୀ ଯୁକ୍ତିକୁ ସାକାରେ ଗ୍ରହଣ କରି ଭୁବନେଶ୍ୱରକୁ ନୂତନ ରାଜଧାନୀ ଭାବେ ନିର୍ବାଚନ କଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତ ହେବାପରେ ତତ୍‌କାଳୀନ ବିଧାନସଭାର ଅନୁମୋଦନ ନେଇ ଭୁବନେଶ୍ୱରକୁ ରାଜଧାନୀ କରିବାର ସିଦ୍ଧାନ୍ତ ନେଲେ ।

### ଭୁବନେଶ୍ୱର ସପକ୍ଷରେ ମତାମତ -

ଧୀରେଧୀରେ ମହତାବଙ୍କ ମନ ଭୁବନେଶ୍ୱର ସପକ୍ଷରେ ଢଳିବାକୁ ଲାଗିଲା । ଏଇପରି କେତେ କାରଣ ତାଙ୍କୁ ଉଲ୍ଲସିତ କଲା -



ପ୍ରଥମତଃ, ଭୁବନେଶ୍ୱର ଏକ ପ୍ରାଚୀନ ରାଜଧାନୀ । ସମ୍ରାଟ ଅଶୋକ ଏହାକୁ ପ୍ରାନ୍ତୀୟ ମୁଖ୍ୟାଳୟ ଭାବରେ ଉପଯୋଗ କରୁଥିଲେ । ଏହା ମଧ୍ୟ ଖାରବେଳଙ୍କର ବିଶାଳ କଳିଙ୍ଗ ସମ୍ରାଜ୍ୟର ରାଜଧାନୀ ଭାବରେ ସୁପ୍ରତିଷ୍ଠିତ ଥିଲା । ସେହି କାରଣରୁ ଭୁବନେଶ୍ୱର ଅଶୋକ ଓ ଖାରବେଳଙ୍କର ସମୟର କଳା, ଭାସ୍କର୍ଯ୍ୟ ଓ ଗୁମ୍ଫାରେ ଶୋଭାପାଉଛି । ଆହୁରି ମଧ୍ୟ ଏହା ଭୌମ, ସୋମବଂଶୀ ଓ ଗଙ୍ଗରାଜୁତି କାଳର ମନ୍ଦିରମାଳାରେ ସୁଶୋଭିତ । ସୁତରାଂ ଭୁବନେଶ୍ୱରରେ ନୂତନ ରାଜଧାନୀ ହେଲେ, ଜାତିର ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏକ ସଂଯୋଗ ସ୍ଥାପନ କରିବ ।

ଦ୍ୱିତୀୟରେ ଭୁବନେଶ୍ୱର ଏକ ବିସ୍ତୀର୍ଣ୍ଣ ଜଙ୍ଗଲ ଓ ପତିତ ଉପଯୋଗୀ ଜମି ଉପରେ ଅବସ୍ଥିତ । ଏଥିପାଇଁ କୌଣସି ନଦୀ କିମ୍ବା ଭୌଗୋଳିକ ପ୍ରତିବନ୍ଧକ ନାହିଁ । କେତେ ଦଶକ ପର୍ଯ୍ୟନ୍ତ ଏହାର ବିସ୍ତାର ଓ ବିକାଶ କ୍ରମାଗତ ଭାବରେ ବୃଦ୍ଧି ହେବାରେ କୌଣସି ଅନ୍ତରାୟ ନାହିଁ ।

ତୃତୀୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ସେନା ଭୁବନେଶ୍ୱରକୁ ଏକ ବିମାନଘାଟୀ ଭାବରେ ବ୍ୟବହାର କରୁଥିଲେ । ସେମାନେ ଭୁବନେଶ୍ୱରରେ ଅନେକ ଆମେରିକୀୟ ଢାଞ୍ଚାରେ ଗୃହ ନିର୍ମାଣ କରିଥିଲେ । ଏସବୁ ଆଧୁନିକ ରାଜଧାନୀ ଭୁବନେଶ୍ୱର ପାଇଁ ଏକ ଭିତ୍ତିଭୂମି ଭାବେ ସହାୟକ ହେବ । ଏହା ସହିତ ତତ୍‌କାଳୀନ ଓଡିଶାର ଗଭର୍ଣ୍ଣରଙ୍କର ମତାମତ ଆଲୋଚନାକୁ ଆଣିବା ଉଚିତ ମନେ ହୁଏ । ୧୯୪୨ ମସିହାରେ ଓଡିଶାର ଗଭର୍ଣ୍ଣର ହୋଇ ଆସିଥିଲେ ସାର୍ ହଥର୍ଣ୍ଣ ଲୁଇସ୍ । ତାଙ୍କର ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀରେ ସେ ସାରା ଭାରତର ସ୍ୱାଧୀନତା ଓ ଉତ୍ତରୋତ୍ତର ବିକାଶର ରାସ୍ତା ପରିକଳ୍ପନା କରୁଥିଲେ । ଓଡିଶାର ପ୍ରଥମ ଗଭର୍ଣ୍ଣର ଯିଏ କଟକ ଲାଲବାଗ କୋଠିରେ ବସବାସ କରି ରାଜ୍ୟ ଶାସନ କରୁଥିଲେ । ସେ ଆନ୍ତରିକତାର ସହ ଚାହୁଥିଲେ, ଓଡିଶା ରାଜ୍ୟର ନୂତନ ରାଜଧାନୀ ଭୁବନେଶ୍ୱରରେ ହିଁ ହେଉ ।

ଚତୁର୍ଥରେ କଟକ-ଭୁବନେଶ୍ୱର ରାଜପଥ ମଧ୍ୟରେ ଛୋଟଛୋଟ ନଦୀ ଉପରେ ସେତୁଗୁଡିକ ଅତି ଶୀଘ୍ର ହୋଇପାରିବ, ଯଦ୍ୱାରା କଟକରୁ ରାଜଧାନୀ ଅପସାରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ । ସରକାରୀ କର୍ମଚାରୀ ମାନେ ଦୁଇ ସହର ମଧ୍ୟରେ ସହଜରେ ଗମନାଗମନ କରିପାରିବେ ।

ପଞ୍ଚମତଃ ଭୁବନେଶ୍ୱରର କଠିନ ପଥୁରିଆ ଜମି ଏବଂ ପାଖରେ ମିଳୁଥିବା ମାଙ୍କଡାପଥର ନୂଆରାଜଧାନୀ ଗୃହନିର୍ମାଣରେ ସହାୟକ ହେବ ।

ପରିଶେଷରେ, ଭୁବନେଶ୍ୱରର ସବୁଜିମା, ସୁମଧୁର ଭୂମିଷ୍ଠ ପାନୀୟ

ଜଳ, ଖୋଲା ମୃଦୁମଳୟ, ଖରାଦିନ ସନ୍ଧ୍ୟାର ପବନ ଲହରି ପ୍ରକୃତିର ସ୍ୱାଦ ଆଣିବ ନୂଆରାଜଧାନୀ ବାସିନ୍ଦାମାନଙ୍କର। ତୁଳନାତ୍ମକ ଭାବରେ ନୂଆ ରାଜଧାନୀ ପାଇଁ ଓଡିଶାରେ ଭୁବନେଶ୍ୱରର ବିକଳ୍ପ ନାହିଁ।

ଡ. ହରେକୃଷ୍ଣ ମହତାବଙ୍କ ନିଜ ଭାଷାରେ, "ଭୁବନେଶ୍ୱର ହେଉଛି ଓଡିଶାର ଏକମାତ୍ର ସ୍ଥାନ, ଯେଉଁଠି ଅଶୋକଙ୍କ ସମୟରୁ ଅଢେଇ ହଜାର ବର୍ଷର କ୍ରମାନ୍ୱୟ ଇତିହାସର ଜୀବନ୍ତ ପ୍ରମାଣ ଆଜିଯାଏ ରହିଛି। ସେହି ହେଉଛି ଭୁବନେଶ୍ୱର ପ୍ରତି ମୋର ବିଶେଷ ଆକର୍ଷଣର କାରଣ।"

ହରେକୃଷ୍ଣ ମହତାବଙ୍କ ପ୍ରଚେଷ୍ଟାରେ ଓଡିଶା ବିଧାନସଭା ୧୯୪୬ ମସିହା ୩୦ ସେପ୍ଟେମ୍ବର ଦିନ ସର୍ବସମ୍ମତି କ୍ରମେ ଭୁବନେଶ୍ୱରରେ ନୂଆ ରାଜଧାନୀ ନିର୍ମାଣ କରିବାର ନିଷ୍ପତ୍ତି ନେଲେ। ୧୯୪୮ ମସିହାରେ ମହତାବ ସରକାର ବିଶିଷ୍ଟ ଜର୍ମାନ ଟାଉନ ପ୍ଲାନର ଓଟୋ କୋନିଂସବର୍ଜରଙ୍କୁ ନୂତନ ରାଜଧାନୀର ନିର୍ମାଣ କାର୍ଯ୍ୟରେ ନିଯୁକ୍ତ କରାଗଲା। କୋନିଂସବର୍ଜରଙ୍କ ପ୍ଲାନିଙ୍ଗ୍ ଅନୁଯାୟୀ ନୂତନ ରାଜଧନୀର ଭିତ୍ତିଭୂମି ବିକାଶ କରିବା ସଙ୍ଗେସଙ୍ଗେ ବିଭିନ୍ନ ପ୍ରକଳ୍ପ ମହତାବଙ୍କ ତତ୍ତ୍ୱାବଧାନରେ ହେଲା। ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୧୯୪୯ ମସିହା ଅପ୍ରେଲ ମାସରେ ନୂତନ ଭୁବନେଶ୍ୱରର ଭିତ୍ତିପ୍ରସ୍ତର ସ୍ଥାପନକଲେ। ୧୯୪୯ ଅକ୍ଟୋବର ୧୦ ତାରିଖରେ ଓଡିଶାର ବିଧାନସଭା ଅଧିବେଶନ ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଅନୁଷ୍ଠିତ ହେଲା।

## ମହତାବଙ୍କ ଅନୁପସ୍ଥିତି ଓ ନୂଆ ରାଜଧାନୀ ନିର୍ମାଣର କଚ୍ଛପଗତି -

ପରବର୍ତ୍ତୀ ସମୟରେ ମହତାବ ଓଡିଶା ଛାଡି କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଯୋଗଦାନ କରିଥିଲେ। ତାଙ୍କ ଅନୁପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚଉଧୁରୀ କିଛିଦିନ କଟକରେ ରହିବାକୁ ଇଚ୍ଛା ପ୍ରକଟ କରିଥିଲେ ଏବଂ ବିରୋଧୀ ନେତା ରାଧାନାଥ ରଥ ଓ ବିଶ୍ୱନାଥ ଦାସ ରାଜଧାନୀ ସ୍ଥାନାନ୍ତରଣର ବିରୋଧୀ ଥିଲେ। ଫଳରେ ନୂତନ ରାଜଧାନୀ ନିର୍ମାଣ କାର୍ଯ୍ୟ ମନ୍ଥର ହୋଇପଡିଲା। ୧୯୫୧ ମସିହା ଶେଷବେଳକୁ ମାତ୍ର ୯ଟି ସରକାରୀ ଅଫିସ୍ କଟକରୁ ଭୁବନେଶ୍ୱରକୁ ଆସିପାରିଥିଲା। ଅନେକ ସେତୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରୁ ନଥିଲା।

ନୂତନ ରାଜଧାନୀ ନିର୍ମାଣରେ ଅର୍ଥ ବ୍ୟବସ୍ଥା ପାଇଁ ହରେକୃଷ୍ଣ ମହତାବଙ୍କର ବିଶେଷ ଅବଦାନ ରହିଛି। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଦୁଇକୋଟି ଟଙ୍କାର ଆକଳନ କରାଯାଇଥିଲା। ମାତ୍ର ଯୁଦ୍ଧ ପରବର୍ତ୍ତୀକାଳରେ ଏତେ ସହାୟତା ମାତ୍ର ୩୦ ହଜାର ମଞ୍ଜୁରରେ ସୀମିତ ରହିଥିଲା। ଚଣ୍ଡୀଗଡ ପରି ସହର ଋଣ ନେଇ ସହର ନିର୍ମାଣ କଲେ, ଯାହା ଓଡିଶା ପକ୍ଷେ ଅସମ୍ଭବ ହୋଇ ପଡିଲା। ଏଥିପାଇଁ ମହତାବ ତତ୍କାଳୀନ ଅର୍ଥମନ୍ତ୍ରୀ ଲିଆକତ୍ ଅଲି ଖାନ୍ଙ୍କ ସହିତ ସ୍ୱତନ୍ତ୍ର ଆଲୋଚନା କରି ୨ କୋଟି ୮୯ ଲକ୍ଷ ଟଙ୍କାର ଅନୁଦାନ ଭାରତ ସରକାରଙ୍କ ଠାରୁ ପାଇଲେ। ଏମିତି ଭୁବନେଶ୍ୱର ଏକମାତ୍ର ନୂତନ ରାଜଧାନୀ, ଯାହାର ସମୁଦାୟ ନିର୍ମାଣ ଖର୍ଚ୍ଚ ଭାରତ ସରକାର ବହନ କରିଛନ୍ତି।

## ମହତାବଙ୍କ ପ୍ରତ୍ୟାବର୍ତ୍ତନ ଓ ନୂଆ ରାଜଧାନୀ ତ୍ୱରାନ୍ୱିତ ରାଜଧାନୀ ନିର୍ମାଣ ପ୍ରକଳ୍ପ -

ଡ. ମହତାବ ଦ୍ୱିତୀୟ ଥରପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ୧୯୫୬ ମସିହାରେ ଶପଥ ନେଲେ। ତୁରନ୍ତ କାଠଯୋଡି ଓ କୁଆଖାଇ ସେତୁଗୁଡିକୁ ସମ୍ପୂର୍ଣ୍ଣ କରାଇ କଟକ ଭୁବନେଶ୍ୱର ମଧ୍ୟରେ ଗମନାଗମନ ସୁଗମ କରିଥିଲେ। ଭୁବନେଶ୍ୱରରେ ନିର୍ମାଣାଧୀନ ଥିବା ସଚିବାଳୟ, ବିଧାନସଭା ଓ ରାଜଭବନ ଆଦିର ପ୍ରକଳ୍ପଗୁଡିକୁ ପ୍ରାଥମିକତା ଭାବରେ ସମ୍ପୂର୍ଣ୍ଣ କରାଇଥିଲେ।

ଭୁବନେଶ୍ୱରକୁ ଏକ ସରସ ସୁନ୍ଦର ସହର ଭାବରେ ଗଢି ତୋଳିବାକୁ ନିଜକୁ ଉତ୍ସର୍ଗ କରିଦେଇଥିଲେ। ମୁଖ୍ୟମନ୍ତ୍ରୀ ତଥା ସକ୍ରିୟ ରାଜନୀତିରୁ ଅପସରି ଯିବା ପରେ ମଧ୍ୟ ସେ ପରୋକ୍ଷ ଭାବରେ ଭୁବନେଶ୍ୱରର ଉନ୍ନତିକଳ୍ପେ ଯତ୍ନଶୀଳ ଥିଲେ।

ଡ. ହରେକୃଷ୍ଣ ମହତାବଙ୍କୁ ଆଧୁନିକ ଭୁବନେଶ୍ୱରର କର୍ଣ୍ଣଧାର କହିଲେ ଅତ୍ୟୁକ୍ତି ହେବନାହିଁ। ସେ ଭୁବନେଶ୍ୱର ଓ ଭୁବନେଶ୍ୱରବାସୀଙ୍କୁ ଏତେ ଭଲ ପାଉଥିଲେ ଯେ, ନିଜର ବାସଭବନର ନାମ ରଖିଥିଲେ, ଏକାମ୍ର ନିବାସ। ଭୁବନେଶ୍ୱର ସହରତଳି ଗାଁ ଗଣ୍ଡାରେ ସିଏ ଲୋକମାନଙ୍କ ସହିତ ମିଶିଯାଇଥିଲେ। ୧୯୮୭ ମସିହା ଜାନୁଆରୀ ୨ ତାରିଖରେ ସେ ଏକାମ୍ରନିବାସ, ଏକାମ୍ର କ୍ଷେତ୍ର ତଥା ସ୍ୱପ୍ନର ନୂଆ ରାଜଧାନୀ ଭୁବନେଶ୍ୱର ଛାଡି ସ୍ୱର୍ଗବାସ କଲେ।

ଆଜିର ଭୁବନେଶ୍ୱର ସତେଜତା ଓ ସ୍ଫୂର୍ତ୍ତତା ମାପରେ ଭାରତର ଏକ ନମ୍ବର ଓ ବିଶ୍ୱର ଉନବିଂଶ ନମ୍ବର ସ୍ଥାନରେ ରହି ପାରୁଛି। ଏବେ ଡେରିରେ ହେଲେ ବି ଡ. ହରେକୃଷ୍ଣ ମହତାବଙ୍କ ନୂତର ରାଜଧାନୀ ପସନ୍ଦକୁ ଆମେ ଏକ ଦୈବୀ ପ୍ରଭାବର ନିଷ୍ପତ୍ତି ବୋଲି ଆକଳନ କରୁ।

ପ୍ରଫେସର, ରାଜନୀତି ବିଜ୍ଞାନ ବିଭାଗ,
ଇନ୍ଦିରା ଗାନ୍ଧୀ ସରକାରୀ ମହାବିଦ୍ୟାଳୟ,
ତେଜୁ, ଅରୁଣାଚଳ ପ୍ରଦେଶ
ମୋ-୦୯୪୩୬୯୪୯୫୦୦



# ଓଡିଶାର ରାଜନୈତିକ ମାନଚିତ୍ରରେ ଭୁବନେଶ୍ୱର

*ଡ. ସୂର୍ଯ୍ୟ ନାରାୟଣ ମିଶ୍ର, ଡ. ଦେବୀଲାଲ ମିଶ୍ର*

ଭୁବନେଶ୍ୱର ଏକ ଆଧୁନିକ ନଗର। କିନ୍ତୁ ଏହା ମଧ୍ୟ ଏକ ପୁରାତନ ନଗର। ୧୯୪୮ ମସିହା ଅପ୍ରେଲ ୧୩ ତାରିଖରେ ନୂତନ ରାଜଧାନୀ ଭାବେ ଭୁବନେଶ୍ୱରର ଶୁଭ ଦିଆଯାଇଥିଲା। ଏହା ପୂର୍ବରୁ ବ୍ରିଟିଶ ଅମଳରୁ କଟକ ବ୍ରିଟିଶ୍ ଓଡିଶାର ରାଜଧାନୀ ଥିଲା। ୧୮୦୩ରୁ ୧୯୧୨ ପର୍ଯ୍ୟନ୍ତ ବେଙ୍ଗଲ-ବିହାର-ଓଡିଶା ବ୍ରିଟିଶ୍ କ୍ଷମତାଧୀନ ଥିଲା। ୧୯୧୨ ରୁ ୧୯୩୬ ବିହାର-ଓଡିଶା ଯୁଗ୍ମ ପ୍ରଦେଶ ଏବଂ ୧୯୩୬ ପରଠାରୁ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ବର୍ତ୍ତମାନ ଇତିହାସର ବିଷୟବସ୍ତୁ। ଇଂରେଜମାନେ ଆସିବା ପୂର୍ବରୁ ମୋଗଲ ଓ ମରାଠାମାନେ ଓଡିଶା ଶାସନ କରୁଥିଲେ। ଭୋଇବଂଶର ମୁକୁନ୍ଦଦେବ ଓଡିଶାର ଶେଷ ସ୍ୱାଧୀନ ରାଜାଥିଲେ।

ଭାରତର ପୂର୍ବତଟରେ ଅବସ୍ଥିତ ଓଡିଶାର ମନ୍ଦିରମାଳିନୀ ସହର ହିସାବରେ ଭୁବନେଶ୍ୱର ପ୍ରତିଷ୍ଠିତ। ଏଠାରେ ପ୍ରସିଦ୍ଧ ଶୈବ ପୀଠ ଅଛି। ତ୍ରିଭୁବନ ଈଶ୍ୱର ଧାରଣାରୁ ଭୁବନେଶ୍ୱର ଶବ୍ଦର ଉଦ୍ଭବ। ପୁରୀ, କୋଣାର୍କ ଓ ଭୁବନେଶ୍ୱର ଯଥାକ୍ରମେ ବିଷ୍ଣୁ, ସୂର୍ଯ୍ୟ ଓ ଶିବଙ୍କର ଆରାଧନା ସ୍ଥଳୀ। ଏହି ତିନି ଗୋଟି ସ୍ଥାନକୁ ସ୍ୱର୍ଣ୍ଣ-ତ୍ରିଭୁଜ ଆଖ୍ୟା ଦିଆଯାଇଛି। ଯଦିଓ ଭୁବନେଶ୍ୱର ଏକ ଆଧୁନିକ ନଗର ଏବଂ ବର୍ତ୍ତମାନ ଏକ ସ୍ମାର୍ଟସିଟି ଭାବରେ ପରିଚିତ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଏହି ସହରର ଅଭ୍ୟୁଦୟ ହୋଇଥିଲା। ଏହି ଅଞ୍ଚଳଟରେ ହିନ୍ଦୁ, ବୌଦ୍ଧ ଓ ଜୈନ ସଂସ୍କୃତିର ଏକ ଅପୂର୍ବ ସମନ୍ୱୟ ଘଟିତ ହୋଇଥିଲା। ଏହାର ସନ୍ନିକଟ ଧଉଳିଗିରିଠାରେ ଖ୍ରୀଷ୍ଟପୂର୍ବ ୨୬୧ ମସିହାରେ ତତ୍କାଳୀନ ମଗଧ ସମ୍ରାଟ ଚଣ୍ଡାଶୋକରୁ ଦେବାନାଂ ପ୍ରିୟଦର୍ଶୀ ଧର୍ମାଶୋକକୁ ବିବର୍ତ୍ତିତ ହୋଇଥିଲେ। କେଶରୀ ସାମ୍ରାଜ୍ୟ ସ୍ଥାପନା ହେବାପରେ ମନ୍ଦିର ଶିଳାଶିଳ୍ପର ବସ୍ତୁତଃ ଅଭ୍ୟୁଦୟ ହୋଇଥିଲା ଷଷ୍ଠରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ। ଏହି ଅଞ୍ଚଳରେ ଅଗଣିତ ମନ୍ଦିରମାନ ମୁଣ୍ଡ ଟେକିଥିଲା। ଆଜିର ନାମକରଣ ମନ୍ଦିର ସହର ଭୁବନେଶ୍ୱର।

ବନ୍ୟା ଓ ସ୍ଥାନାଭାବରୁ ଆଧୁନିକ ଓଡିଶାର ରାଜଧାନୀପାଇଁ କଟକକୁ ମାନସିକ ସ୍ତରରେ ତତ୍କାଳୀନ ସରକାର ଗ୍ରହଣ କରିପାରି ନଥିଲେ। ତେଣୁ ଭବନେଶ୍ୱରର ଆଖପାଖ ଅଞ୍ଚଳରେ ବିସ୍ତୃତ ସରକାରୀ ଜମି ଉପରେ ନୂଆ ରାଜଧାନୀର ସ୍ଥାପନା କରାଗଲା। ପ୍ରଥମେ ବିଧାନସଭା ଓ ରାଜଧାନୀର କିଛି କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରାଗଲା। ୧୯ ଅଗଷ୍ଟ ୧୯୪୯ରେ ଭୁବନେଶ୍ୱର ନୂତନ ରାଜଧାନୀ ଭାବରେ କାର୍ଯ୍ୟ କରିବାର ସ୍ୱାଦ ଚାଖିଲା। ଜର୍ମାନ ସ୍ଥପତି ଅଟୋକୋନିସ୍କ ବର୍ଜର ଏହି ସହରର ଗଠଣଶୈଳୀ ଓ ସୌନ୍ଦର୍ଯ୍ୟକୁ ଋଦ୍ଧିମନ୍ତ କରିଥିଲେ। ସେ ମଧ୍ୟ ଜାମସେଦପୁର ଓ ଚଣ୍ଡୀଗଡ ସହରର ପରିକଳ୍ପନା ସହିତ ଜଡିତ ଥିଲେ। ୧୯୫୧ ମସିହା ଜନଗଣନା ଅନୁସାରେ ଭୁବନେଶ୍ୱରର ଜନସଂଖ୍ୟା ୧୬, ୫୧୬ ଯାହା ବର୍ତ୍ତମାନ ଦ୍ୱୈତନଗରୀ କଟକ-ଭୁବନେଶ୍ୱରର ୨୦୧୧ ଜନଗଣନା ଅନସାରେ ୧୭ ଲକ୍ଷ ବାସିନ୍ଦାଙ୍କୁ ନେଇ ଗଠିତ। ଆଜିର ଭୁବନେଶ୍ୱର ଏକ ଦ୍ୱିତୀୟଶ୍ରେଣୀର ନଗର ହିସାବରେ ପରିଚିତ। ୧୯୫୧ ରୁ ୧୯୭୯ ପର୍ଯ୍ୟନ୍ତ ଏହା ନୋଟିଫାଏଡ୍ ଏରିଆ କାଉନସିଲ୍ (ଆଜିକାର ନଗର ପଞ୍ଚାୟତ) ଥିଲା। ତା ପରେ ପୌରସଭାକୁ ଉନ୍ନିତ ହୋଇ ୧୯୯୪ ମସିହାରେ ମହାନଗର ନିଗମ ଭାବରେ ପ୍ରତିଷ୍ଠିତ ହୋଇଛି।

ଅଧୁନା ଭୁବନେଶ୍ୱରର ସ୍ୱତନ୍ତ୍ର ପରିଚୟ ରହିଛି, କିନ୍ତୁ ଏହା ଏବେ ଖୋର୍ଦ୍ଧା ଜିଲ୍ଲାରେ ଅବସ୍ଥିତ, ପୂର୍ବରୁ ପୁରୀ ଜିଲ୍ଲାରେ ଥିଲା। ଏହି ସହରଟିର ଦକ୍ଷିଣରେ ଦୟାନଦୀ, ପୂର୍ବରେ କୁଆଖାଇ ନଦୀ, ପଶ୍ଚିମରେ ଚନ୍ଦକା ଅଭୟାରଣ୍ୟ ଓ ଉତ୍ତରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ରହିଛି। ଏହି ସହରଟି ପଶ୍ଚିମ ପାର୍ବତ୍ୟାଞ୍ଚଳ ଓ ପୂର୍ବଉପତ୍ୟକା ମଧ୍ୟରେ ସନ୍ନିବେଶିତ। ଭୁବନେଶ୍ୱର ପୌରାଞ୍ଚଳ ବିକାଶ ଯୋଜନାରେ ଭୁବନେଶ୍ୱର ମହାନଗର ନିଗମ, ୧୭୩ ଗୋଟି ରାଜସ୍ୱ ଗ୍ରାମ ଏବଂ ଦୁଇଟି ଭିନ୍ନ ପୌର ସଭା ୩୯୩.୫୭ ବର୍ଗ କିଲୋମିଟର ଅଞ୍ଚଳରେ ସୀମିତ; ଯାହା ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମର ୧୮୬ ବର୍ଗ କିଲୋମିଟର ଜମି।

ଆଧୁନିକ ଗଣତନ୍ତ୍ର ପ୍ରତିନିଧିମୂଳକ ଶାସନ। ଓଡିଶା ୧୯୩୬ ମସିହା ଏପ୍ରିଲ୍ ୧ତାରିଖରେ ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲା ଓ ଭାରତବର୍ଷରେ ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଅଟେ। ଗୋଟିଏ ୬୦ ଜଣିଆ ବିଧାନ ସଭା ଗଠନ କରାଯାଇ ଥିଲା ଏବଂ ଗଡଜାତ ମିଶ୍ରଣ ପରେ ଏହି ସଂଖ୍ୟା ୯୧କୁ ବୃଦ୍ଧି ପାଇଥିଲା। ସେହିପରି ପୁରୀ, କଟକ, ବାଲେଶ୍ୱର, ଗଞ୍ଜାମ, କୋରାପୁଟ ଓ ସମ୍ବଲପୁର ଏହି ଛଅଟି ଜିଲ୍ଲା ପରବର୍ତ୍ତୀ ସମୟରେ ୧୩କୁ ଏବଂ ବର୍ତ୍ତମାନ ୩୦ ଜିଲ୍ଲାକୁ ପୁନର୍ଗଠନ କରାଯାଇଛି। ଅଧୁନା ଓଡିଶା ବିଧାନସଭାରେ ୧୪୭ ଗୋଟି ଆସନ ଅଛି ଏବଂ ଓଡିଶାରେ ୨୧ ଗୋଟି

ଲୋକସଭା ନିର୍ବାଚନ ମଣ୍ଡଳୀରୁ ୨୧ ଜଣ ଲୋକସଭା ସଦସ୍ୟ ନିର୍ବାଚିତ ହୁଅନ୍ତି। ୧୯୫୨ ମସିହାରେ ଏହାର ସଂଖ୍ୟା ଯଥାକ୍ରମେ ୧୪୦ ଓ ୨୦ ଥିଲା। ପ୍ରଥମରୁ ଭୁବନେଶ୍ୱର ଲୋକସଭା ଆସନ ନଥିଲା। ୧୯୫୨ ମସିହାରେ ଏହା ଖୋର୍ଦ୍ଧା ଆସନ ସହିତ ଥିଲା। ପଣ୍ଡିତ ଲିଙ୍ଗରାଜ ମିଶ୍ର ଖୋର୍ଦ୍ଧାର ପ୍ରଥମ ଲୋକସଭା ସଦସ୍ୟ ଥିଲେ। ପରବର୍ତ୍ତୀ ସମୟରେ ୧୯୫୭ ମସିହାରେ ନୃସିଂହ ଚରଣ ସାମନ୍ତସିଂହାର, ୧୯୬୨ ମସିହାରେ ରାଜା ପି.ସି. ଭଞ୍ଜଦେଓ ଏବଂ ୧୯୬୭ ଓ ୧୯୭୧ ମସିହାରେ ଚିନ୍ତାମଣି ପାଣିଗ୍ରାହୀ ଏଠାରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୭ ମସିହାରୁ କେନ୍ଦ୍ରରେ କଂଗ୍ରେସ ଶାସନ ଥିବାବେଳେ, ଭୁବନେଶ୍ୱରରୁ ମାର୍କ୍ସବାଦୀ କମ୍ୟୁନିଷ୍ଟ ନେତା ଶିବାଜୀ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। ତାଙ୍କୁ ଅଣକଂଗ୍ରେସ ବିରୋଧୀଦଳଗୁଡିକ ସମର୍ଥନ କରିଥିଲେ। ୧୯୮୦ ଓ ୧୯୮୪ ଲୋକସଭା ନିର୍ବାଚନ ପୁନର୍ବାର ଚିନ୍ତାମଣି ପାଣିଗ୍ରାହୀ ଭୁବନେଶ୍ୱରରୁ ସାଂସଦ ହିସାବରେ ନିର୍ବାଚିତ ହେଲେ ଓ କେନ୍ଦ୍ରରେ ମଧ ମନ୍ତ୍ରୀପଦ ଗ୍ରହଣ କରିଥିଲେ।

ପରବର୍ତ୍ତୀ ସମୟରେ ସେ ମଣିପୁର ରାଜ୍ୟପାଳ ଭାବେ ଅବସ୍ଥାପିତ ହୋଇଥିଲେ। ୧୯୮୯ ଓ ୧୯୯୧ ମସିହାରେ ସଂଗଠିତ ନିର୍ବାଚନରେ ଅଣକଂଗ୍ରେସ ବିରୋଧୀପ୍ରାର୍ଥୀ ଶିବାଜୀ ପଟ୍ଟନାୟକ ଭୁବନେଶ୍ୱରରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେଓ ୧୯୯୬ ମସିହାରେ କଂଗ୍ରେସଦଳରୁ ବର୍ତ୍ତମାନର ବିଜେଡି ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୮ ମସିହାରୁ ବିଭିନ୍ନ ସମୟରେ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ପାଟସାହାଣୀ ଯେ କି ବାବାଜୀ ନାମରେ ପରିଚିତ, ଲୋକସଭାକୁ ନିର୍ବାଚିତ ହୋଇ ଆସୁଛନ୍ତି।

୧୯୫୨ ମସିହାରେ ସମ୍ବିଧାନମତେ ପ୍ରଥମେ ବିଧାନସଭା ଗଠିତ ହୋଇଥିଲା। ୧୯୫୨ ଓ ୧୯୫୭ ମସିହାରେ ଭୁବନେଶ୍ୱରର ଆସନଟି ଯୁଗ୍ମ ଆସନ ଥିଲା। ଏବଂ ଏହି ସ୍ଥାନରୁ ସତ୍ୟପ୍ରିୟ ମହାନ୍ତି ଓ କାହ୍ନୁ ମଲ୍ଲିକ ଦୁଇଜଣ ନିର୍ବାଚିତ ହୋଇଥିଲେ। ୧୯୬୧ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଏକକ ସ୍ଥାନ ବିଶିଷ୍ଟ ବିଧାନସଭା ଗଠିତ ହୋଇଥିଲା ଏବଂ ଭୁବନେଶ୍ୱରରୁ ସତ୍ୟପ୍ରିୟ ମହାନ୍ତି କଂଗ୍ରେସ ପ୍ରାର୍ଥୀ ହିସାବରେ ନିର୍ବାଚିତ ହୋଇଥିଲେ। ୧୯୬୭ ମସିହା ନିର୍ବାଚନରେ କଂଗ୍ରେସର ବିପର୍ଯ୍ୟୟ ଘଟିଥିଲା। ରାଜନୀତିରେ ଓଡିଶାର ଚାଣକ୍ୟ ହରେକୃଷ୍ଣ ମହତାବ ଭୁବନେଶ୍ୱର ଓ ବାସୁଦେବପୁରରୁ ଜନକଂଗ୍ରେସ ପ୍ରାର୍ଥୀ ହିସାବରେ ନିର୍ବାଚିତ ହୋଇଥିଲେ। ଭୁବନେଶ୍ୱର ଆସନଟି ଛାଡି ଦେବାରୁ ତାଙ୍କ ଧର୍ମପତ୍ନୀ ସୁଭଦ୍ରା ମହତାବ ଉପନିର୍ବାଚନରେ ଭୁବନେଶ୍ୱରର ପ୍ରତିନିଧିତ୍ୱ କଲେ। ଶ୍ରୀଯୁକ୍ତ ମହତାବ ୧୯୭୧ ଓ ୧୯୭୪ ମସିହାରେ ଯଥାକ୍ରମେ କଂଗ୍ରେସ ଓ ଉତ୍କଳ କଂଗ୍ରେସର ପ୍ରାର୍ଥୀ ହିସାବରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୭ ମସିହାର ନିର୍ବାଚନରେ ଜନତାପାର୍ଟି ନୀଳମଣି ରାଉତରାୟଙ୍କ ନେତୃତ୍ୱରେ ସରକାର ଗଠନ କରିଥିଲା ଏବଂ ଭୁବନେଶ୍ୱର ପ୍ରତିନିଧି ସତ୍ୟପ୍ରିୟ ମହାନ୍ତି ବାଚସ୍ପତି ଆସନ ଅଳଙ୍କୃତ କରିଥିଲେ। ଜନତା ସରକାରର



ପତନ ପରେ ଓଡିଶାସହ କେତେଗୁଡିଏ ରାଜ୍ୟରେ ମଧ୍ୟବର୍ତ୍ତୀ ନିର୍ବାଚନ ହେଲା। ଏହି ନିର୍ବାଚନ ୧୯୮୦ ମସିହାରେ ହୋଇଥିଲା। ଭୁବନେଶ୍ୱର ବିଧାନସଭାକୁ ସି.ପି.ଆଇ. ପ୍ରାର୍ଥୀ ରାମକୃଷ୍ଣ ପତି ନିର୍ବାଚିତ ହୋଇଥିଲେ। ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ଏଠାରୁ ବିଧାନସଭାକୁ ନିର୍ବାଚିତ ହୋଇ ରାଜ୍ୟ ବିରୋଧୀଦଳ ନେତା ହୋଇଥିଲେ। ସେ ମଧ୍ୟ ୧୯୯୦ ଓ ୧୯୯୫ ମସିହାରେ ଭୁବନେଶ୍ୱରରୁ ନିର୍ବାଚିତ ହୋଇଥିଲେ ଏବଂ ପ୍ରଥମ ପାଳିରେ ୨୭ବର୍ଷ ବ୍ୟବଧାନରେ ପୁନର୍ବାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେ ୧୯୯୬ରେ କଟକ ଓ ଆସିକା ନିର୍ବାଚନ ମଣ୍ଡଳୀରୁ ଲୋକସଭାକୁ ନିର୍ବାଚିତ ହେବାପରେ ଆସିକା ସ୍ଥାନକୁ ବଜାୟ ରଖିଥିଲେ ଓ ବିଧାନସଭାରୁ ଇସ୍ତଫା ଦେଇଥିଲେ। ଭୁବନେଶ୍ୱର ଉପନିର୍ବାଚନରେ ବିଶ୍ୱଭୂଷଣ ହରିଚନ୍ଦନ ବିଜେପି ପ୍ରାର୍ଥୀ ହିସାବରେ ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ୨୦୦୦ ଓ ୨୦୦୪ ମସିହାରେ ଭୁବନେଶ୍ୱରର ବିଜେପି ପ୍ରାର୍ଥୀ ଭାବରେ ପ୍ରତିନିଧିତ୍ୱ କରିଥିଲେ ଓ ମିଳିତ ସରକାରର ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ।

୨୦୦୮ ମସିହାରେ ସୀମା ପୁନର୍ନିର୍ଦ୍ଧାରଣ କାର୍ଯ୍ୟରେ ଭୁବେନଶ୍ୱର ବିଧାନସଭା ଅଞ୍ଚଳ ସମ୍ପ୍ରସାରିତ ହୋଇ ଭୁବନେଶ୍ୱର କାୟା ପରିବର୍ତ୍ତନ ହୋଇଥିଲା ଏବଂ ତିନିଗୋଟି ବିଧାନସଭା ଆସନ ସୃଷ୍ଟି ହେଲା (ଭୁବନେଶ୍ୱର ଉତ୍ତର, ମଧ୍ୟ ଏବଂ ଏକାମ୍ର)। ୨୦୦୯ ଏବଂ ୨୦୧୪ ମସିହା ନିର୍ବାଚନରେ ବିଜେଡି ପ୍ରାର୍ଥୀମାନେ ଭୁବନେଶ୍ୱରର ତିନିଗୋଟିଯାକ ଆସନକୁ ଅନାୟାସରେ ଜିଣିଛନ୍ତି। ଉତ୍ତର ଭୁବନେଶ୍ୱରରୁ ଭାଗୀରଥି ବଡଜେନା, ମଧ୍ୟ ଭୁବନେଶ୍ୱରରୁ ବିଜୟ ମହାନ୍ତି ଓ ଏକାମ୍ର ଭୁବନେଶ୍ୱରରୁ ଅଶୋକ ଚନ୍ଦ୍ର ପଣ୍ଡା ନିର୍ବାଚିତ ହୋଇଥିବା ବେଳେ ୨୦୧୪ ମସିହାରେ ଉତ୍ତର ଭୁବନେଶ୍ୱରରୁ ପ୍ରିୟଦର୍ଶୀ ମିଶ୍ର ଓ ଅନ୍ୟ ଦୁଇଟି ଆସନରୁ ପୂର୍ବ ପ୍ରାର୍ଥୀମାନେ ନିର୍ବାଚିତ ହୋଇଛନ୍ତି। ଏକାମ୍ର ଭୁବନେଶ୍ୱର ବିଧାନସଭା ସଦସ୍ୟ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶ୍ରୀ ନବୀନ ପଟ୍ଟନାୟକଙ୍କ ବର୍ତ୍ତମାନର ମନ୍ତ୍ରୀମଣ୍ଡଳର ସଦସ୍ୟ ଅଛନ୍ତି।

ଭୁବନେଶ୍ୱର ମହାନଗର ନିଗମ ୬୭ ଗୋଟି ୱାର୍ଡ ଓ କର୍ପୋରେଟରଙ୍କୁ ନେଇ ଗଠିତ। ବିଗତ ଦୁଇଗୋଟି ନିର୍ବାଚନରେ ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନରେ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରି ବିଜେଡି ଆଞ୍ଚଳିକ ବିକାଶ କାର୍ଯ୍ୟରେ ଲିପ୍ତ ରହିଛି ଏବଂ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ମହାନଗର ନିଗମ ମେୟର ହିସାବରେ ଦ୍ୱିତୀୟ ପାଳିରେ କାର୍ଯ୍ୟରତ ଅଛନ୍ତି। ଭୁବନେଶ୍ୱର ବର୍ତ୍ତମାନ ଦେଶର ବିଭିନ୍ନ ଅଞ୍ଚଳରେ ଲୋକମାନଙ୍କୁ ଧର୍ମୀୟ ପର୍ଯ୍ୟଟନ, ପର୍ଯ୍ୟାବରଣ ପର୍ଯ୍ୟଟନ, ସାଂସ୍କୃତିକ-ଐତିହାସିକ ପର୍ଯ୍ୟଟନ ଏବଂ ପୁଞ୍ଜିନିବେଶ ପାଇଁ ଆକୃଷ୍ଟ କରିଛି। ନିକଟ ଅତୀତରେ କ୍ରୀଡା କ୍ଷେତ୍ରରେ ଭୁବନେଶ୍ୱର ଜାତୀୟ ସ୍ତରରେ ଏକ ନୂତନ ପରିଚୟ ସୃଷ୍ଟିକରିଛି। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରୁ ଏହି ଅଞ୍ଚଳଟି ଇତିହାସକୁ ବହୁ ନିକଟରୁ ଦେଖିଛି ଏବଂ ସମୟ ସହିତ ତାଳଦେଇ ଅଗ୍ରଗତି କରୁଛି।

ପ୍ରାକ୍ତନ ରାଜନୀତି ବିଜ୍ଞାନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଉତ୍କଳ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର
ଅଧ୍ୟାପକ, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,
ରେଭେନ୍ସା ବିଶ୍ୱ ବିଦ୍ୟାଳୟ, କଟକ



॥ ଚାରି ॥

# ସଭ୍ୟତାର ମୋହମୁଗ୍ଧ ଦଉଡ଼ ପ୍ରତିଦ୍ୱନ୍ଦ୍ୱିତାରେ

# ରାଜଧାନୀ ଆକାଶର ଇନ୍ଦ୍ରଧନୁ

*ଡ. ଭାଗ୍ୟଲିପି ମଲ୍ଲ*

ଧୂଆଁ ଧୂଳି ପଚା ନିଃଶ୍ୱାସ
ଅଙ୍ଗାରକାମ୍ଳ ଭର୍ତ୍ତି
ରାଜଧାନୀର ଆକାଶରେ
ଏତେ ଇନ୍ଦ୍ରଧନୁ
ହଠାତ୍ ?

ନିସ୍ତରଙ୍ଗ, ବେରଙ୍ଗୀ ଆକାଶ
ଏତେ ଚଳଚଞ୍ଚଳ
ସକାଳୁ ସକାଳୁ ...
ଆଶ୍ଚର୍ଯ୍ୟ !

ଧର୍ମଘଟ, ହର୍ତାଳର
ହୋ ହଲ୍ଲା
ଦୁଃଖୀ ମାନଙ୍କର ଆର୍ତ୍ତି
ସଧବାର ଚୁଡ଼ି ଭାଙ୍ଗୁଥିବା
ଶବ୍ଦର ଆକାଶରେ
ହଠାତ୍ ଏତେ ଉନ୍ମାଦନା !!
ଆଶ୍ଚର୍ଯ୍ୟ !!!

କିଏ ଆଙ୍କିଛି ଇନ୍ଦ୍ରଧନୁ
ଏତେ ବଡ କାନଭାସ୍‌ରେ
ଏତେ ରଙ୍ଗ ଖର୍ଚ୍ଚକରି
ସବୁ ନଥିବା ପଣକୁ ନ ଡରି ?
ଏତେ ଐଶ୍ୱର୍ଯ୍ୟ ଥିଲା କେଉଁଠି ?

ଦୁଃଖର
ଅଭାବର
ଏତେ ଘନନୀଳ ରଙ୍ଗ
ରକ୍ତର ଲାଲ
ବନ୍ୟାର ଧୂସରତା
ଏ ଜୀବନର
ଏତେ ନୀଳପଣ !

ବର୍ଷା ନ ଥିଲା
ମରୁଡ଼ିରେ ଶୁଖିଥିଲା
ମାଟିର ଛାତି
ଦ୍ରୋଣ, ପୁଷ୍କର
ଆବର୍ତ୍ତକ, ସମ୍ବର୍ତ୍ତକ ମେଘମାନେ
କେବଳ ଅକ୍ଷର ହୋଇ
ରହିଥିଲେ
ପାଞ୍ଜିରେ ।

ତା'ହେଲେ
କିଏ, କେମିତି ଗଢିଲା
ଏତେ ଚମତ୍କାର...
ବିଶାଳ ଇନ୍ଦ୍ରଧନୁ...
ବିନା ମେଘରେ ଆକାଶରେ ??

ଆଚ୍ଛା
ଇନ୍ଦ୍ରଧନୁ କ'ଣ
ଅଙ୍କାଯାଇପାରେ
ଲୁହରେ ???

ମୋ: ୯୪୩୯୨୮୧୫୬୧

# ଏକାମ୍ର କ୍ଷେତ୍ର ଭୁବନେଶ୍ୱର - ଅତୀତ ଓ ବର୍ତ୍ତମାନ

*ବିଜୟ କୁମାର ଦାଶ*

**"ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କର ତଥା
ଭିନ୍ନାଭିନ୍ନ ନ କର୍ତ୍ତବ୍ୟ ପଞ୍ଚଦେବ ନମସ୍ତୁତେ"** ॥

ହିନ୍ଦୁ ଧର୍ମାନୁଯାୟୀ ପଞ୍ଚଦେବଙ୍କ ପୂଜାପରେ ହିଁ ଶୁଭକାର୍ଯ୍ୟ ଆରମ୍ଭ ହୁଏ। ଏହି ପଞ୍ଚଦେବତାଙ୍କର ପାଞ୍ଚୋଟି କ୍ଷେତ୍ର ଅଛି। ଚଣ୍ଡୀଖୋଲ ନିକଟସ୍ଥ ମହାବିନାୟକ ଗଣେଶ କ୍ଷେତ୍ର; ପୁରୁଷୋତ୍ତମ ବିଷ୍ଣୁଙ୍କ କ୍ଷେତ୍ର, ଭୁବନେଶ୍ୱର ଶିବଙ୍କ କ୍ଷେତ୍ର, ଯାଜପୁର ଶକ୍ତିଙ୍କ କ୍ଷେତ୍ର ଓ କୋଣାର୍କ ସୂର୍ଯ୍ୟକ୍ଷେତ୍ର। ପୁରୁଷୋତ୍ତମ ମହାତ୍ମ୍ୟରୁ ଜଣାଯାଏ ଯେ, ବିଷ୍ଣୁ ଗୟାସୁରକୁ ବଧ କରି ନିଜ ବିଜୟର ଗୌରବ ସଙ୍କେତ ସ୍ୱରୂପ ପୁରୁଷୋତ୍ତମରେ ଶଂଖ, ଭୁବନେଶ୍ୱରରେ ଚକ୍ର, ଯାଜପୁରରେ ଗଦା ଓ କୋଣାର୍କରେ ପଦ୍ମ ନିକ୍ଷେପ କରିଥିଲେ।

ବିଗତ ଅଢେଇ ହଜାର ବର୍ଷ ଗୌରବମୟ ଐତିହ୍ୟର ଏହି ସାଂସ୍କୃତିକ ଏକାମ୍ର କ୍ଷେତ୍ର। ପୁରାଣ ଯୁଗରୁ ଏକାମ୍ର କ୍ଷେତ୍ର ଶିକ୍ଷା, ସଂସ୍କୃତି, ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ଦୃଷ୍ଟିକୋଣରୁ ନିଜର ସ୍ୱତନ୍ତ୍ରତା ବଜାୟ ରଖି ଆସିଛି। ପଦ୍ମପୁରାଣ, ଶିବପୁରାଣ, ଏକାମ୍ରପୁରାଣ, କପିଳ ସଂହିତା, ଶିବ ସଂହିତା ଓ ପ୍ରାଚୀ ମାହାତ୍ମ୍ୟ ଆଦି ପ୍ରାଚୀନ ଗ୍ରନ୍ଥରେ ଏକାମ୍ର କ୍ଷେତ୍ର ସମ୍ବନ୍ଧରେ ବିସ୍ତୃତ ରଚନା ଦେଖିବାକୁ ମିଳେ। ଏହି ଚିରଶାଶ୍ୱତ ପୁଣ୍ୟ କ୍ଷେତ୍ର ବିଷୟରେ ସ୍କନ୍ଧ ପୁରାଣରେ ମଧ୍ୟ ବର୍ଣ୍ଣିତ ଅଛି। ଭଗବାନ ଭୁବନେଶ୍ୱର ଏହି କ୍ଷେତ୍ରରେ ଏକ ଲିଙ୍ଗ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ ବୋଲି ଏହାର ନାମ 'ଭୁବନେଶ୍ୱର'। କପିଳ ସଂହିତା ଅନୁଯାୟୀ ଚତୁଃବର୍ଗ ଫଳଦାୟକ ଏକ ବିଶାଳ ଆମ୍ରବୃକ୍ଷ ଏହି କ୍ଷେତ୍ରରେ ଥିଲା। ଏଣୁ ଏହି କ୍ଷେତ୍ର 'ଏକାମ୍ରକାନନ' ନାମରେ ଖ୍ୟାତିଲାଭ କରିଛି। କଥିତ ଅଛି ଏହି ଆମ୍ରବୃକ୍ଷ ମୂଳେ ଏକ ଶିବ ଲିଙ୍ଗ 'ଏକାମ୍ରେଶ୍ୱର' ରୂପେ ପୂଜିତ ହେଉଥିଲେ।

ଚକ୍ରକ୍ଷେତ୍ର ଭୁବନେଶ୍ୱରର ଆୟତନ ଚକ୍ରାକାର ଏବଂ ଏହି ମଣ୍ଡଳାକାର କ୍ଷେତ୍ରର ମଧ୍ୟସ୍ଥଳରେ ଏକାମ୍ରେଶ୍ୱର ମହାଦେବ 'ଲିଙ୍ଗରାଜ' ଅବସ୍ଥାନ କରନ୍ତି। ଐତିହାସିକମାନଙ୍କ ମତରେ ଖ୍ରୀଷ୍ଟ ସପ୍ତମ ଶତାବ୍ଦୀ ପରଠାରୁ ଏଠାରେ ନିରବଚ୍ଛିନ୍ନ ଭାବରେ ମନ୍ଦିର ନିର୍ମାଣ କାର୍ଯ୍ୟ ତ୍ରୟୋଦଶ ଶତାବ୍ଦୀ ଶେଷ ଭାଗ ପର୍ଯ୍ୟନ୍ତ ଚାଲିଥିଲା। ସେଇ ମନ୍ଦିରଗୁଡିକରେ ପରିପୂର୍ଣ୍ଣ ହୋଇ ଊନବିଂଶ ଶତାବ୍ଦୀରେ ସହରଟି ମନ୍ଦିରମାଳିନୀ ଆଖ୍ୟା ପାଇଛି। ପୌରାଣିକ ଓ ଐତିହାସିକ ରଚନାରୁ ଏଠାରେ ଦଶ ସହସ୍ର ମନ୍ଦିର ଥିବାର ବର୍ଣ୍ଣନା ମିଳେ। କେବଳ ଲିଙ୍ଗରାଜ ମନ୍ଦିର ବେଢା ଭିତରେ ଏକ ଶତ ମନ୍ଦିର ଦେଖିବାକୁ ମିଳେ। ରାମେଶ୍ୱର, ମୁକ୍ତେଶ୍ୱର, ବ୍ରହ୍ମେଶ୍ୱର, ରାଜରାଣୀ ଆଦି ଭୁବନେଶ୍ୱରର ମୁଖ୍ୟ ମନ୍ଦିର। ଭୁବନେଶ୍ୱରର ମନ୍ଦିରଗୁଡିକ ବିଶିଷ୍ଟ ଶିଳାଶିଳ୍ପର ପରିଚୟ ଦିଏ, ଏହି ମନ୍ଦିରଗୁଡିକ ଦଶ ଶତାବ୍ଦୀରୁ ଊର୍ଦ୍ଧ୍ୱ ଅକ୍ଷତ ଅବସ୍ଥାରେ ରହିବା ଶିଳାଶିଳ୍ପୀର ନିପୁଣ କାରିଗରୀର ସଂକେତ ଦିଏ। ବିଶେଷତଃ ଲିଙ୍ଗରାଜ ମନ୍ଦିରର ସ୍ଥାପତ୍ୟ ଓ ଶିଳ୍ପକଳା ଦର୍ଶକମାନଙ୍କ ମନ ମୋହିଥାଏ। ମନ୍ଦିର ମଧ୍ୟରେ ସ୍ୱୟଂ ଲିଙ୍ଗରାଜ ମହାପ୍ରଭୁ ପୂଜିତ। ଏହା ଏକ ସ୍ୱୟଂସ୍ଥୁଲିଙ୍ଗ, ଅନେକଙ୍କ ମତରେ ଏ ପ୍ରକାର ହିରଣ୍ୟ ଗର୍ଭ ଲିଙ୍ଗ ଏକ ପରଶୁ ପଥରର ଥିଲା, ଯାହାଙ୍କ ଦେହରେ ଯେ କୌଣସି ପଦାର୍ଥ ଛୁଆଁଇ ଦେଲେ ତାହା ହୀରା ବା ମଣିରେ ପରିଣତ ହେଉଥିଲା। ପୂର୍ବର ସେ ହିରଣ୍ୟ ଗର୍ଭ ଲିଙ୍ଗକୁ ପଥର ଦ୍ୱାରା ଆବୃତ କରାଯାଇ ଗୋପନ ରଖାଯାଇଛି। ଏହି କ୍ଷେତ୍ର ପ୍ରଥମେ ଏକ ଶୈବପୀଠ ରୂପେ ପ୍ରତିଷ୍ଠା ଲାଭ କରିଥିଲେ ମଧ୍ୟ କାଳକ୍ରମେ ଏହା ଉଭୟ ଶିବ ଓ ବୈଷ୍ଣବ (ହର ଓ ହରି) ଧର୍ମର ଏକ ମିଳନ କ୍ଷେତ୍ରରେ ପରିଣତ ହୋଇଛି, ତେଣୁ ହରିହର ରୂପୀ ଲିଙ୍ଗରାଜଙ୍କୁ ଉଭୟ ବିଲ୍ୱପତ୍ର ଓ ତୁଳସୀ ଦ୍ୱାରା ପୂଜା କରାଯିବାର ବିଧି ରହିଛି।

ଖ୍ରୀଷ୍ଟପୂର୍ବ ୨୬୧ ବେଳକୁ ଏକାମ୍ର କ୍ଷେତ୍ର ଭୁବନେଶ୍ୱର କଳିଙ୍ଗ ସମ୍ରାଜ୍ୟର ଶାସନ, ପ୍ରଶାସନ, ଶିକ୍ଷା, ସଂସ୍କୃତି ଓ ସଭ୍ୟତାର କେନ୍ଦ୍ରବିନ୍ଦୁ ଥିଲା। ଭୁବନେଶ୍ୱରର ଆଠ କିଲୋମିଟର ଦକ୍ଷିଣପୂର୍ବରେ ଦୟାନଦୀ କୂଳର ଐତିହାସିକ ଧଉଳି ପାହାଡ ଅବସ୍ଥିତ। ଏହା ଅଶୋକଙ୍କ ଶିଳାଲିପି ପାଇଁ ପ୍ରସିଦ୍ଧ। ଦୟାନଦୀ କୂଳରେ କଳିଙ୍ଗ ଯୁଦ୍ଧର ବିଭୀଷିକା ଦିନେ ଘଟିଥିଲା ଏବଂ ତୋଷାଳିର ମାଟି ଚଣ୍ଡାଶୋକକୁ ଧର୍ମାଶୋକ ଭାବେ ରୂପାନ୍ତରିତ କରିଥିଲା। ଭୁବନେଶ୍ୱରର ତିନି କିଲୋମିଟର ପୂର୍ବକୁ ଶିଶୁପାଳଗଡ ବିଂଶ ଶତାବ୍ଦୀର ମଧ୍ୟଭାଗରେ ପ୍ରତ୍ନତତ୍ତ୍ୱବିତ୍‌ଙ୍କ କର୍ତ୍ତୃକ ସମ୍ରାଟ ଖାରବେଳଙ୍କର ରାଜ୍ୟର ରାଜଧାନୀ କଳିଙ୍ଗନଗରୀ ବୋଲି ପ୍ରମାଣିତ ହୋଇଛି। ଭୁବନେଶ୍ୱରର ପଶ୍ଚିମ ଦିଗରେ ଖଣ୍ଡଗିରି ଓ ଉଦୟଗିରି ଖାରବେଳଙ୍କ ସ୍ଥାପତ୍ୟ କଳାରେ ପରିପୂର୍ଣ୍ଣ। ଏଇ ଦୁଇଟି ପାହାଡରେ ସମ୍ରାଟ ଜୈନ ସନ୍ୟାସୀମାନଙ୍କ ପାଇଁ ୧୧୭ଟି ଗୁମ୍ଫା ଖୋଳାଇଥିଲେ। ଏହି ପାହାଡ ଦୁଇଟି କୁମାର ଓ କୁମାରୀ ପର୍ବତ ରୂପେ ପ୍ରଖ୍ୟାତ। ଅଶୋକ ଓ ଖାରବେଳଙ୍କ ବ୍ୟତୀତ କେଶରୀ ନୃପତିଗଣ ତଥା ଗଙ୍ଗବଂଶର ନରେଶମାନେ ଭୁବନେଶ୍ୱରକୁ ପ୍ରାଧାନ୍ୟ ଦେଇ ଧର୍ମକ୍ଷେତ୍ର ଭାବରେ ମନ୍ଦିରମୟୀ କରିଛନ୍ତି।



ପ୍ରାକୃତିକ ପରିବେଶ ଦୃଷ୍ଟିରୁ ଏକାମ୍ର କ୍ଷେତ୍ରର ବୈଶିଷ୍ଟ୍ୟ ରହିଛି। ଆମ୍ବ, ପଣସ, ଜାମୁ, ନିମ୍ବ, କରଞ୍ଜ, ବେଲ, ଅଶ୍ୱତ୍ଥ, ବଉଳ, ଚମ୍ପା, ଅଶୋକ, ନାଗେଶ୍ୱର, ଅନନ୍ତ-ନାଗେଶ୍ୱର, ଉଜୁମ୍ବର ଆଦି ବୃକ୍ଷରେ ଭରପୂର ଥିଲା ଏହି ଏକାମ୍ରକାନନ।

ଯେତେବେଳେ ବିଶ୍ୱରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟା ଓ ଆକାଶ ପଥରେ ଯୁଦ୍ଧ ପାଇଁ ସମସ୍ତ ଉଦ୍ୟମ ଚାଲିଛି, ସାମରିକ କାରଣରୁ ଭାରତ ଶାସନ କରୁଥିବା ଇଂରେଜ ସରକାର ୧୯୪୧ ମସିହାରୁ ଭୁବନେଶ୍ୱର ବର୍ତ୍ତମାନର ଏରୋଡ୍ରମ ପଡିଆରେ ବଙ୍କର ନିର୍ମାଣ କରି ପ୍ରତିରକ୍ଷାର କେତେକ ଉପାୟ ଅବଲମ୍ବନ କରିଥିଲେ। ସେ ସମୟରେ ବର୍ତ୍ତମାନର ନୂଆ ରାଜଧାନୀ ସମ୍ପୂର୍ଣ୍ଣ ଜଙ୍ଗଲ ଥିଲା ଏବଂ ରାସ୍ତା ପୁରୁଣା ଭୁବନେଶ୍ୱରରୁ ଭୀମଟାଙ୍ଗୀ ଦେଇ ଗଣ୍ଡମୁଣ୍ଡା ଓ ଖଣ୍ଡଗିରି ପାଦଦେଶର ପାନ୍ଥଶାଳା ପାଖଦେଇ ଆଇଗିଣିଆରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଯାଇଥିଲା। ଏହା ନାଲି ଗେଙ୍ଗୁଟି ପଥରରେ ସମତଳ କରାଯାଇଥିଲା। ଭୁବନେଶ୍ୱର ପରିକଳ୍ପନା ହେବା ପରଠାରୁ ଖଣ୍ଡଗିରି ଛକ, ଗଣ୍ଡମୁଣ୍ଡା ଠାରୁ ଶିରିପୁର ଦେଇ ଭୁବନେଶ୍ୱର ରେଳଷ୍ଟେସନକୁ ରାସ୍ତା ତିଆରି ହେଲା।

ଇତିହାସ ପୃଷ୍ଠା କହେ ୧୯୩୬ ମସିହାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେବାପରେ, ଏହି ନବଗଠିତ ରାଜ୍ୟର ରାଜଧାନୀ ହେଲା କଟକ। ୧୯୪୬ ମସିହା ଏପ୍ରିଲ ୨୩ ତାରିଖରେ ଓଡିଶା ବିଧାନସଭାରେ ସର୍ବସମ୍ମତି କ୍ରମେ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଲେ। ସେହି ବର୍ଷ ସେପ୍ଟେମ୍ବର ମାସ ୩୦ ତାରିଖ ଦିନ ବିଧାନସଭାରେ ଭୁବନେଶ୍ୱରରେ ରାଜ୍ୟର ନୂତନ ରାଜଧାନୀ ନିର୍ମାଣ ହେବାର ପ୍ରସ୍ତାବ ଗୃହୀତ ହେଲା। କଟକର ସୀମାବୃଦ୍ଧିରେ ମହାନଦୀ ଆଉ କାଠଯୋଡି ପରି ପ୍ରାକୃତିକ ପ୍ରତିବନ୍ଧକ ହେତୁ ରାଜଧାନୀ ସ୍ଥାନାନ୍ତରର ଆବଶ୍ୟକତା ପଡିଲା। ୧୯୪୮ ମସିହା ଏପ୍ରିଲ ୧୩ ତାରିଖ ଦିନ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହାର ଶିଳାନ୍ୟାସ କରିଥିଲେ। ଦେଶର ସମସାମୟିକ ରାଜଧାନୀ ନିର୍ମାଣରେ ଓଡିଶାର ଭୁବନେଶ୍ୱର ପରି ପଞ୍ଜାବର ଚଣ୍ଡୀଗଡରେ ବି ପ୍ରସ୍ତାବିତ ନିର୍ମାଣ ଜଣେ ଆର୍ଚିଟେକ୍ଟଙ୍କ ଗୋଟିଏ ନକସା ଅନୁସାରେ ହେବାର ନିଷ୍ପତ୍ତି ନିଆଗଲା। ଏହି ରାଜଧାନୀ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଏକ କୋଟି ୮୫ ଲକ୍ଷ ଟଙ୍କାର ଅନୁଦାନ ମଗାଗଲା। ସେହିଦିନରୁ ଭୁବନେଶ୍ୱର ଗୋଟିଏ ଶିଶୁ ବୃକ୍ଷରୁ ଆଜି ପର୍ଯ୍ୟନ୍ତ ୭୦ ବର୍ଷ ଧରି ନିଜର ନୂତନ କଳେବର ବୃଦ୍ଧି କରି ଚାଲିଛି। କଟକରୁ ପ୍ରଥମେ ଯେତେବେଳେ ରାଜଧାନୀ ଭୁବନେଶ୍ୱରକୁ ଆସିଲା, ବିଧାନସଭା ସର୍ଦ୍ଦାର ପଟେଲ ହଲ୍‌ରେ ଏବଂ ରାଜ୍ୟ ପ୍ରଶାସନିକ ଦପ୍ତର ମାର୍କେଟ୍ ବିଲ୍‌ଡିଙ୍ଗ୍ ଗୃହରେ ପରିଚାଳିତ ହେଉଥିଲା। ଏସ୍‌ଡିଓ, ତହସିଲ୍‌ଦାର ଓ ସବ୍‌ରେଜିଷ୍ଟ୍ରର ଅଫିସ୍ ଦୁଇ ନମ୍ବର ୟୁନିଟ୍‌ରେ ହେଉଥିଲା। ମାର୍କେଟ୍ ବିଲଡିଙ୍ଗ୍ ସାମନାରେ ପ୍ରଥମ ବସ୍‌ଷ୍ଟାଣ୍ଡ କାର୍ଯ୍ୟକାରୀ ହେଲା। ପୁରୁଣା ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିକଟରୁ ବସ୍ ବାହାରି ବସ୍‌ଷ୍ଟାଣ୍ଡ ଦେଇ କଟକ ଯାଉଥିଲା। ସେତେବେଳକୁ କାଠଯୋଡି ପୋଲ ହୋଇ ସାରିଥାଏ। ନୂଆ ରାଜଧାନୀ ଅଞ୍ଚଳ କହିଲେ ଉତ୍ତରରେ ୩ ନମ୍ବର ୟୁନିଟ୍ ଓ କ୍ୟାପିଟାଲ ହାଇସ୍କୁଲ ଓ ଦକ୍ଷିଣରେ ଫରେଷ୍ଟପାର୍କ। ରାଜୁସାହୁଙ୍କ ପରିଚାଳିତ ରାଜମହଲ ହୋଟେଲ ସେତେବେଳେ ଥିଲା ଗୋଟିଏ ଜଳଖିଆ ଦୋକାନ।

ଧୀରେ ଧୀରେ ଆମ ରାଜଧାନୀ ଭୁବନେଶ୍ୱର ବଢି ବଢି ହଜାର ବର୍ଷର ସହର ତଥା ରାଜ୍ୟର ପୁରୁଣା ରାଜଧାନୀ କଟକ ସହିତ ମିଶି ଯିବାକୁ ବସିଲାଣି। ଏଠାରେ ସ୍ମରଣ କରିଦିଆଯାଇ ପାରେ ୧୯୪୬ ମସିହାରେ

ଓଡ଼ିଶା ସରକାରଙ୍କ ପରାମର୍ଶଦାତା ଡ. ଗୋଖଲେ କଟକ ଓ ଭୁବନେଶ୍ୱର ଦ୍ୱୈତ-ନଗରୀର ସମ୍ଭାବନାକୁ ପ୍ରାଧାନ୍ୟ ଦେଇ ଆଗୁଆ ଯୋଜନା ପ୍ରସ୍ତୁତ କରିବାର ପ୍ରୟାସ କରିଥିଲେ।

୧୯୬୨ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖ୍ୟ କର୍ମସ୍ଥଳୀ କଟକରୁ ବାଣୀବିହାରକୁ ସ୍ଥାନାନ୍ତରିତ ହେଲା, ସେତେବେଳେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଉତ୍କଳ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିଥିଲେ।

ସବୁଜ ସୁନ୍ଦର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭୁବନେଶ୍ୱର ଆଜି ବଦଳିବାକୁ ବସିଛି। ଏକାମ୍ରକାନନ ନାମରୁ ଉଦ୍ଭବ ସହର ଆଜି ବୃକ୍ଷ ସମ୍ପଦ ବିହୀନ ହେବାକୁ ବସିଲାଣି। ସ୍ୱଚ୍ଛଜଳ ଧାରା, ମଧୁର ଜଳବାହୀ ଝରଣା, ତଡାଗ ପୁଷ୍କରିଣୀରେ ଶୋଭିତ ସହର ଆଜି ସହରୀକରଣ ପଦ୍ଧତିରେ ଆବର୍ଜନାମୟ ହୋଇପଡିଛି। ବୃକ୍ଷଲତାର ସହର ଦିନେ ଥିଲା ଖିଲିଖିଲି ବହୁଥିବା ମୁକ୍ତ ଦକ୍ଷିଣା ମଳୟର ସ୍ରୋତରେ, ଯେ କେହି ଏହି ପବନକୁ ଆନନ୍ଦରେ ଉପଭୋଗ କରିପାରୁଥିଲେ ଅବିସ୍ମରଣୀୟ ଭାବେ। ଭୁବନେଶ୍ୱର ସହରରେ ବାସ କରିବାର ଏହା ହୋଇଥିଲେ ଗୋଟିଏ ପ୍ରାକୃତିକ ଆକର୍ଷଣ। ସହରର ବର୍ଦ୍ଧିତ କଳେବର ଓ ବହୁତଳ ପ୍ରାସାଦ ଅବା ପରିବେଶ କ୍ଷୟ ଆଜିର ଭୁବନେଶ୍ୱରକୁ ବଞ୍ଚିତ କରିଛି ସେଇ ଶୀତଳ ପବନରୁ।

ଆଗେ ବାଘ ଭୟ ଯୋଗୁ କେହି ଆଜିର ପୁରୁଣା ଏ.ଜି. କଲୋନିକୁ ଯିବାକୁ ସାହସ କରୁନଥିଲେ। ସେବକାର ନୂଆପଲ୍ଲୀ ବାସିନ୍ଦାମାନେ ବାଇଗଣ ଚାଷ କରି ଏକ ନମ୍ବର ହାଟକୁ ବିକ୍ରି କରିବାକୁ ଆଣୁଥିଲେ। ପଟିଆ ଆଡକୁ ଯିବାକୁ ଲୋକେ ଭୟ କରୁଥିଲେ। କିନ୍ତୁ ଆଜିର ଜନଗହଳି ରାଜଭବନରୁ ନନ୍ଦନକାନନର ରାସ୍ତା ଓ ଏ.ଜି.ଛକରୁ ଆଚାର୍ଯ୍ୟବିହାର ରାସ୍ତା ଅତୀତର ଜଙ୍ଗଲ ଓ ଯନ୍ତୁ ଭୟର କିଛି ବି କଳ୍ପନା କରି ହେବନି। ସତୁରୀ ବର୍ଷରେ ସହର ଗଛପତ୍ରରେ ଲଣ୍ଡା, କଂକ୍ରିଟମୟ ହୋଇପଡିଛି। ଚତୁଷ୍ପାର୍ଶ୍ୱର ନଭଶ୍ଚୁମ୍ବୀ ଅଟ୍ଟାଳିକା ଶୀତଳ ବୃକ୍ଷଛାୟା ବଦଳରେ ନିଆଁହୁଳା ସାଜିଛନ୍ତି।

ଆଜିର ଭୁବନେଶ୍ୱର ମହାନଗର ନିଗମ ସୀମାହୀନ ଭାବରେ ପ୍ରସାରିତ ହେବାରେ ଲାଗିଛି। ଯାନବାହାନର ପରିମାଣ ଆଶାତୀତ ଭାବରେ ବୃଦ୍ଧି ପାଉଛି। ଭୁବନେଶ୍ୱର ଅଧୁନା ଭାରତର ପ୍ରଗତିଶୀଳ ନଗର ହିସାବରେ ଅଦ୍ୱିତୀୟ। ଏହାର ଆୟତନ ୩୩୩ ବର୍ଗ କିଲୋମିଟର, ଜନସଂଖ୍ୟା ଆପାତତଃ ୧୪ ଲକ୍ଷ। ଅନେକାଂଶରେ ଏହାର ବିଭାଜନ ପୌର ମହାନଗର ନିଗମ ୱାର୍ଡ ଅନୁସାରେ ହେଲେ ହେଁ, ନୂଆ ରାଜଧାନୀର ପରିକଳ୍ପିତ ୟୁନିଟଗୁଡିକ ସଂଖ୍ୟା ଅନୁସାରେ ୟୁନିଟ ଏକ, ଦୁଇ ଏମିତି ନଅ ପର୍ଯ୍ୟନ୍ତ। କିନ୍ତୁ ଅନେକ ଆବାସିକ ୟୁନିଟ ସହିତ କେତେକ ଅଞ୍ଚଳ ନାମକରଣ ହୋଇଛି ଇତିହାସର ବ୍ୟକ୍ତିଙ୍କୁ ନେଇ ଯଥା ଖାରବେଳନଗର, ଅଶୋକନଗର, ଭୌମନଗର, କେଶରୀନଗର, ଗଙ୍ଗନଗର, ସୂର୍ଯ୍ୟନଗର, ବାପୁଜୀନଗର, ଶାସ୍ତ୍ରୀନଗର, ମଧୁସୂଦନ ନଗର, ଗୋପବନ୍ଧୁ ନଗର, ବୀର ସୁରେନ୍ଦ୍ରସାଇ ନଗର, ନୀଳକଣ୍ଠ ନଗର, ସତ୍ୟନଗର, ସହିଦନଗର, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ଶୈଳଶ୍ରୀ ବିହାର, ନୀଳାଦ୍ରି ବିହାର ଇତ୍ୟାଦି। ସେହିପରି ମୁଖ୍ୟ ରାସ୍ତାଗୁଡିକୁ ବି ନାମକରଣ କରାଯାଇଛି - ରାଜପଥ, ଜନପଥ, ଗାନ୍ଧୀମାର୍ଗ, ନେହେରୁ ମାର୍ଗ, ବିବେକାନନ୍ଦ ମାର୍ଗ, ଉଦ୍ୟାନ ମାର୍ଗ, ଏକାମ୍ର ମାର୍ଗ, ବିଦ୍ୟୁତ ମାର୍ଗ, କଟକ ଓ ନନ୍ଦନକାନନ ରୋଡ ଇତ୍ୟାଦି। ଏତଦ୍‌ବ୍ୟତୀତ ରାଜଭବନ, ରାଜ୍ୟ ସଚିବାଳୟ (ଭାରତର ସବୁଠାରୁ ଲମ୍ବ ସଚିବାଳୟ), ବିଧାନ ସୌଧ, ରାଜ୍ୟ ଅଭିଲେଖାଗାର, ରାଜ୍ୟ ଅତିଥି ଭବନ, ପି.ଏମ.ଜି. ଡାକଘର, ଇଡ୍‌କଲ୍ ଓ ଇପିକଲ୍ ହାଉସ, ରବୀନ୍ଦ୍ର ମଣ୍ଡପ, ରାଜ୍ୟ ମ୍ୟୁଜିୟମ୍, ଆର୍.ବି.ଆଇ., ରାଜ୍ୟ ହସ୍ତତନ୍ତ ଭବନ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ବିଭିନ୍ନ ସୁପ୍ରତିଷ୍ଠିତ ମେଡିକାଲ ଶିକ୍ଷାନୁଷ୍ଠାନ ତଥା ଅତ୍ୟାଧୁନିକ ଡାକ୍ତରଖାନା ଦେଖିବାକୁ ମିଳେ। ଏସିଆର ସର୍ବ ବୃହତ୍ ୫୦୦ ଏକର ପରିମିତ ଜମିରେ ବିସ୍ତାରିତ ଏକାମ୍ରକାନନ।

ସବୁଠାରୁ ଗର୍ବର ବିଷୟ ବିଶ୍ୱ ସ୍ତରରେ ଆମ ଭୁବନେଶ୍ୱର ମହାନଗର ନିଗମ ଦେଶର ପ୍ରଥମ। ନିଜ ମାଟିର କଳା ସଂସ୍କୃତି, ଭୁଗୋଳ, ଇତିହାସକୁ ନେଇ ପୁରୁଣା ପରମ୍ପରା ଓ ଆଧୁନିକ ପ୍ରଗତିକୁ ନେଇ ଏକ ଅପୂର୍ବ ସମନ୍ୱୟର ସହର ଭୁବନେଶ୍ୱର। ତଥାପି ଜଳଯୋଗାଣ, ରାସ୍ତାଘାଟ, ନାଳନର୍ଦ୍ଦମା, ଗାଡି ପାର୍କିଂ ଆଦିରେ ଅନେକ ସମସ୍ୟା ସମାଧାନ ହେବାକୁ ବାକି ରହିଛି। ଭୁବନେଶ୍ୱର ମହାନଗରନିଗମ ଓ ଓଡିଶା ସରକାରଙ୍କର ମିଳିତ ଉଦ୍ୟମରେ ବିଶ୍ୱରେ ଭୁବନେଶ୍ୱର ଏକ ଆଦର୍ଶ ନଗର ଭାବରେ ପରିଗଣିତ ହେବ ବୋଲି ଓଡିଶାବାସୀ ଆଶାୟୀ।

**ସହାୟକ ପୁସ୍ତକ ସୂଚୀ -**


୧. ଓଡିଶାରେ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଇତିହାସ -ଡ. ଭୋଳାନାଥ ରାଉତ।

୨. ଓଡିଶା ଇତିହାସ - ଡ. ଅତୁଲ୍ୟ ଚନ୍ଦ୍ର ପ୍ରଧାନ

୩. ଭୁବନେଶ୍ୱରିଆର ଅନୁଭୂତି

୪. ଭୁବନେଶ୍ୱର - ବଳରାମ ମିଶ୍ର

୫. ଭିଜିଟ୍ ଭୁବନେଶ୍ୱର - ବଳରାମ ମିଶ୍ର



ରୟାଲ ଗାର୍ଡନ, ପଟିଆ

ମୋ - ୯୪୩୭୩୩୬୫୭୧

# କି ନାରଖାର ବିନ୍ଦୁସାଗର !

*ଡ. ସୋମନାଥ ପ୍ରସାଦ ଜେନା*

ଶହ ଶହ ବର୍ଷ ଆଗରୁ ଯେତେବେଳେ ଭାରତର ବିଭିନ୍ନ ସ୍ଥାନରେ ଶିଳାଶିଳ୍ପର ଉନ୍ନତିକ୍ରମେ ମନ୍ଦିର ସବୁ ଗଢି ଉଠୁଥିଲା, ସେତେବେଳେ ଉତ୍କଳ ଏକାଦିକ୍ରମେ ଉତ୍କୃଷ୍ଟ କଳା ଓ ଧର୍ମଧାରାର ପ୍ରତୀକ ଭାବରେ ଭାସ୍କର୍ଯ୍ୟମଣ୍ଡିତ ମନ୍ଦିରମାଳା ତୋଳା ହୋଇ ମୁଣ୍ଡ ଟେକିଲେ । ଏହି ଘଟିଛି ମୁଖ୍ୟତଃ ଧର୍ମ ପ୍ରଧାନ କେନ୍ଦ୍ରଗୁଡିକରେ । ଏହି ମନ୍ଦିରର ନିର୍ମାତା ତଥା ମୁଖ୍ୟ ସ୍ଥପତିମାନେ କେବଳ ମନ୍ଦିରର ଶିଳାଶିଳ୍ପରେ ପ୍ରକଟିତ ଭାବରେ ବିମୋହିତ ହୋଇ ଆତ୍ମଗ୍ଲାନିରେ ସନ୍ତୁଷ୍ଟ ହୋଇ ରହ ଯାଇନାହାନ୍ତି, ବରଂ ପରିପାର୍ଶ୍ୱର ପ୍ରକୃତ ପରିବେଶରେ ସୃଷ୍ଟିର ଆଧାର ସ୍ୱରୂପ ଜଳ ଓ ଝରଣା ପାଇଁ ସବିଶେଷ ଧ୍ୟାନ ଦେଇଛନ୍ତି ।

ତୀର୍ଥ କେବଳ ଶିଳାଶିଳ୍ପର ନିଦର୍ଶନ ହୋଇନି, ଏହା ହୋଇଛି ପବିତ୍ର ଜଳର ଉତ୍ସ । କଳିଙ୍ଗ ଉତ୍କଳ ସାଜିଲା ଭାରତବର୍ଷରେ କାହିଁକି, ସମଗ୍ର ପୂର୍ବ ପ୍ରାଚ୍ୟର ବିଶିଷ୍ଟ ପର୍ଯ୍ୟଟନ ଶିଳ୍ପ । ଦୂର ଦେଶରୁ ନଦୀନାଳ ପାରିହୋଇ ଦେବସ୍ଥାନ ଦର୍ଶନରେ ଆସୁଥିବା ପର୍ଯ୍ୟଟକ ମାନେ ମନ୍ଦିରର ସୌନ୍ଦର୍ଯ୍ୟଭରା କାରୁକାର୍ଯ୍ୟରେ ଯେତିକି ଆଶ୍ଚର୍ଯ୍ୟ ହେଉଥିଲେ, ପବିତ୍ର ପୁଣ୍ୟଜଳରେ ସ୍ନାନକରି ପାପମୁକ୍ତ ହେବାର ସଂକଳ୍ପସିଦ୍ଧ ହେଉଥିଲେ ।

ଏମିତି ପ୍ରତିଟି ମନ୍ଦିର ଏକ ବା ଏକାଧିକ ପୁଷ୍କରିଣୀ ରହିଛି । ଏମିତି ଶିଳାଶିଳ୍ପର ବାସ୍ତୁ ବିଧାନମତେ ପୁଷ୍କରିଣୀ ମନ୍ଦିରର ଅପରିହାର୍ଯ୍ୟ ଅଂଶ ହୋଇ ଯାଇଛି ।

ପୁରୁଣା ଭୁବନେଶ୍ୱରରେ ଅତି କମ୍ ରେ ୫୦୦ ମନ୍ଦିର ରହିଛି । ପ୍ରତିଟି ମନ୍ଦିରର ଏକ ବା ଏକାଧିକ ପୁଷ୍କରିଣୀ ରହିଛି । ଏଗୁଡିକ ମଧ୍ୟରୁ ଅନେକ କ୍ଷୁଦ୍ର ଆକାରର ପୁଷ୍କରିଣୀ, କେତୋଟି ବଡ ଆକାରର ଓ ସଦ୍ୟ ଝରୁଥିବା ଜଳର ଆଧାର ଅଟନ୍ତି । ମନ୍ଦିର ନିର୍ମାଣର ଆଗରୁ ମୁଖ୍ୟ ସ୍ଥପତି ମନ୍ଦିର ସହିତ ପୁଷ୍କରିଣୀର ସମ୍ଭାବ୍ୟ ରୂପ ଅନୁମାନ କରୁଥାନ୍ତି । କିନ୍ତୁ ମନ୍ଦିର ନିର୍ମାଣ ବେଳକୁ ପୁଷ୍କରିଣୀର ଅବସ୍ଥିତି ଜଣା ପଡିଯାଏ । ମନ୍ଦିରର କେଉଁ ପାର୍ଶ୍ୱରେ ମାଟି ଅଛି, ତାହା ଖୋଳି ମନ୍ଦିର ଯେତିକି ଗଢାଯାଏ, ତାହା ପୋତାଯାଏ, ଫଳରେ ପଥର ଉପରକୁ ଉଠାଯାଇ ପାରିବ । ଏମିତି ଅତ୍ୟୁଚ୍ଚ



ମନ୍ଦିର ପାଖରେ ବିଶାଳ ପୁଷ୍କରିଣୀ ଖୋଳା ଯାଉଥିଲା। ମନ୍ଦିର ଗଢ଼ା ହେବା ପରେ ଏହି ପୋଖରୀଟିର ଚାରିକଡରେ ଉଦବୃତ୍ତ ପଥରରେ ବନ୍ଧ କରି ଏହାକୁ ଗୋଟିଏ ଚିରସ୍ଥାୟୀ ଜଳାଶୟ କରାଯାଉଥିଲା। ଭୁବନେଶ୍ୱରର ପରିବେଶ ମତେ, ଅନେକ ପୁଷ୍କରିଣୀର ସ୍ୱତଃ ଝରଣା ଆସିଯାଏ। ତେଣୁ ପରିଷ୍କାର ଝରଣା ଜଳରେ ପରିପୂର୍ଣ୍ଣ ହୋଇଯାଏ। ଏହା ଠାକୁରଙ୍କର ନୀତି ଓ ବିଧି ନିମନ୍ତେ ପବିତ୍ର ପୁଷ୍କରିଣୀ ଭାବରେ ବ୍ୟବହାର କରାଯାଏ।

ଏମିତି ଧର୍ମ ବିଶ୍ୱାସ ବାସ୍ତବିକ ମନରେ ଆସିଯାଏ। ମନ୍ଦିର ପାର୍ଶ୍ୱ ପୁଷ୍କରିଣୀ ପବିତ୍ର ଜଳ ଧାରଣ କରେ ଯହିଁରେ ସ୍ୱୟଂ ଠାକୁର ସ୍ନାନ କରନ୍ତି, ଖରାଦିନେ ଚନ୍ଦନରେ ଚାପ ଖେଳନ୍ତି। ପର୍ଯ୍ୟଟକ ମାନସିକ କରି ଆସନ୍ତି, କେଉ କୁଣ୍ଡରେ ବୁଡ ପକାଇବେ, କେଉଁଠୁ ପବିତ୍ର ଜଳ ପିଇବେ ଆଉ କେଉଁଠାରୁ ଜଳ ସଂଗ୍ରହ କରି ସ୍ୱସ୍ଥାନକୁ ଘେନିଯିବେ।

ଏଇ ଭୁବନେଶ୍ୱରରେ ଗୋଟିଏ ମନ୍ଦିର ଅଛି ଯାହା ସହସ୍ରଲିଙ୍ଗସର, ଏହି ପୁଷ୍କରିଣୀରେ ସହସ୍ର ଲିଙ୍ଗ ବିଦ୍ୟମାନ। ଆଉ ଗୋଟିଏ ବିଖ୍ୟାତ ମନ୍ଦିର କୋଟିତୀର୍ଥେଶ୍ୱର ଯାହାର ପୁଷ୍କରିଣୀ ଦଶ ନିୟୁତ ପୁଷ୍କରିଣୀର ପବିତ୍ର ଜଳ ଧାରଣ କରେ। ବ୍ରହ୍ମେଶ୍ୱର ଓ ମୁକ୍ତେଶ୍ୱର କୁଣ୍ଡକୁ ମିରିଚି କୁଣ୍ଡ କହନ୍ତି, ଏଥିରେ ସନ୍ତାନହୀନା ମହିଳା ସ୍ନାନ କଲେ, ସେମାନର ସନ୍ତାନ ଲାଭ କରନ୍ତି। ଏମିତି ମିରିଚ କୁଣ୍ଡର ପ୍ରଥମ ଜଳ ଏବେ ବି ସନ୍ତାନହୀନ ଦମ୍ପତି ଅଶୋକାଷ୍ଟମୀ ସମୟରେ ନିଲାମରେ କିଣିବାର ଦେଖିବାକୁ ମିଳେ।

ଆହୁରି ସେମିତି ଅନେକ ପୁଷ୍କରିଣୀ ଅଛି, ଯହିଁରେ ସ୍ନାନ କଲେ ଅଲୌକିକ ଫଳପ୍ରାପ୍ତି ହୁଏ। ରହିଛି ଗୌରୀକୁଣ୍ଡ, ଦୁଧକୁଣ୍ଡ, ଅଶୋକଝର, ଗୋସହସ୍ରେଶ୍ୱର, ପାପନାଶିନୀ କୁଣ୍ଡ, କପିଳେଶ୍ୱର ଓ ଭୀମକୁଣ୍ଡ। ବିଶ୍ୱାସ କରାଯାଏ, ଏହି ପୁଷ୍କରିଣୀଗୁଡ଼ିକର ପବିତ୍ର ଜଳର ଔଷଧୀୟ ଗୁଣ ଓ ଆରୋଗ୍ୟକାରୀ ଫଳ ରହିଛି ଓ କ୍ଷୁଧା ବୃଦ୍ଧିରେ ସହାୟକ।

ବିନ୍ଦୁସାଗର ସମ୍ଭବତଃ ସପ୍ତମ ବା ଅଷ୍ଟମ ଶତାବ୍ଦୀରେ ଖୋଳାଯାଇଥିଲା। କିମ୍ବଦନ୍ତୀ ଅନୁସାରେ ଶିବ ପାର୍ବତୀଙ୍କ ପାଇଁ କୀର୍ତ୍ତି ଓ ବାସ ନାମକ ଦୁଇ ଅସୁରଙ୍କୁ ଦମନ କରିବାପରେ ତାଙ୍କର ତୃଷା ନିବାରଣ ପାଇଁ ତ୍ରିଶୂଳରେ ବିଦ୍ଧକରି ଝରଣା ସୃଷ୍ଟି କରିଥିଲେ, ଯାହାକି ପରେ ଭାରତବର୍ଷର ସବୁ ପୁଣ୍ୟ ନଦୀ ଓ ପୁଷ୍କରିଣୀର ବିନ୍ଦୁ ବିନ୍ଦୁ ଜଳ ଯୋଗ କରାଯାଇ ବିନ୍ଦୁସାଗର ନାମ ବହନ କରିଛି। କେହି କେହି କହନ୍ତି, ଏହା ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କର ପିତା ବିନ୍ଦୁସାରଙ୍କ ନାମ ଅନୁସାରେ ବିନ୍ଦୁସାଗର ହୋଇଥାଇପାରେ। କିନ୍ତୁ ଏକଥା ସତ ଯେ, ଭୁବନେଶ୍ୱରର ବହୁ ଶିବଲିଙ୍ଗର ଆବିର୍ଭାବ ଅଶୋକଙ୍କର ନିର୍ମିତ ବୌଦ୍ଧ ଚୈତ୍ୟ, ସ୍ତୁପର ପଥରରୁ ବୋଲି ଅନୁମାନ କରାଯାଏ। ଏପରି ବହୁ ପୋତି ହୋଇଥିବା ସ୍ତୁପ ଓ ସ୍ତମ୍ଭ ବିନ୍ଦୁସାଗରର ବିଭିନ୍ନ ପାର୍ଶ୍ୱରେ ରହିଥିବା ସମ୍ଭବ ହୋଇପାରେ। ମନ୍ଦିର ନିର୍ମାଣ ପରି ଯଦି ସ୍ତୁପ କି ସ୍ତମ୍ଭ ନିର୍ମାଣ ବେଳେ ମାଟିରେ ପୋତି ପଥର ଉଠା ଯାଉଥିବ, ତେବେ ଅଶୋକଙ୍କର ତୋଷାଳିର ଅସଂଖ୍ୟ ବୌଦ୍ଧ କୀର୍ତ୍ତି



ନିର୍ମାଣ ବେଳ ଠାରୁ ଏଠାରେ ଏକ ପୁଷ୍କରିଣୀ ରହିବା ବିଶ୍ୱାସ କରାଯାଇ ପାରିବ।

ଦକ୍ଷିଣ ଦିଗର ବିରାଟ ଲିଙ୍ଗରାଜ ମନ୍ଦିର ତୋଳା ବେଳକୁ ଏହାର ନିର୍ମାଣ ପୋତିବାକୁ ଆହୁରି ଆୟତନର ମାଟି ଖୋଳିବାକୁ ପଡିଥିବ। ସେପରି ନିକଟସ୍ଥ ମନ୍ଦିର ଗୁଡିକ ବି ସେମିତି ମାଟି ଖୋଳିଖୋଳି ବିରାଟ ବିନ୍ଦୁସାଗର ତିଆରି ହୋଇଯାଇଥିବ। ଝରଣା ଓ ନିର୍ମଳ ଜଳ ଏହି ପୁଷ୍କରିଣୀକୁ ପବିତ୍ର ଦେବସ୍ଥାନର ଜଳ ଭାବରେ ସ୍ୱୀକୃତି ଦେଇଥିବ।

ପୁଷ୍କରିଣୀର ପ୍ରତିଷ୍ଠା ସମୟରେ ଦେଶର ସବୁ ପୁଣ୍ୟକ୍ଷେତ୍ର ଗୁଡିକରୁ ବୁନ୍ଦା ବୁନ୍ଦା ଜଳ ସଂଗ୍ରହ କରି ବିନ୍ଦୁର ସାଗର ତିଆରି କରିଛନ୍ତି। ଏହି ପୁଷ୍କରିଣୀର ପୂର୍ବ ଦିଗରେ ଅନନ୍ତ ବାସୁଦେବ ମନ୍ଦିର, ଦ୍ୱାରବାସିନୀ, ବ୍ରହ୍ମା, ହନୁମାନ; ପଶ୍ଚିମରେ ଲିଙ୍ଗରାଜ ଅତିଥିଭବନ, ନୀଳକଣ୍ଠେଶ୍ୱର; ଦକ୍ଷିଣ ଦିଗରେ ସ୍ୱର୍ଣ୍ଣାଧିଶ୍ୱର ଭବାନୀଶଙ୍କର, ସାରିଦେଉଳ, ମୋହିନୀ ମାର୍କଣ୍ଡେଶ୍ୱର, ଆଖଣ୍ଡଳମଣି, ପଞ୍ଚାନନ; ଉତ୍ତରରେ ଉତ୍ତରେଶ୍ୱର ଏବଂ ଏମାରମଠ ରହିଛି।

୧୪୮୦ ଫୁଟ ଲମ୍ବ, ୫୭୪ ଫୁଟ ଚଉଡା ଏବଂ ଏହାର ଗଭୀରତା ୨୩ ଫୁଟ। ମଝିରେ ଦୀପଦାଣ୍ଡି ବା ଜଗତି ରହିଛି।

ଏହି ବିନ୍ଦୁ ସାଗରରେ ଜଳର ପରିମାଣ ଏତେ ଅଧିକ ଯେ, ଏହା ପ୍ରଥମେ କେବଳ ଝରଣା ଜଳରେ ପରିପୂର୍ଣ୍ଣ ଥିଲା। କିନ୍ତୁ ଏହା ଅନେକ ଉତ୍ସର ନିର୍ଗତ ଜଳ ଉତ୍ତର-ପୂର୍ବ କୋଣ ଦେଇ ପାଇଥାଏ ଏବଂ ବଳକା ଜଳ ଦକ୍ଷିଣ-ପୂର୍ବ କୋଣ ଦେଇ ନିର୍ଗତ ହୁଏ।

କିନ୍ତୁ ସମୟର ସ୍ରୋତରେ ବିଶାଳ ହ୍ରଦ ଆକାରର ବିନ୍ଦୁସାଗର ଆଜି ସହରୀକରଣ ପଦ୍ଧତି ହେଉ ଅବା ପ୍ରକୃତିର କ୍ଷୟକାରୀ ପ୍ରଭାବ ହେଉ, ନାରଖାର ହୋଇ ପଡିଛି। ଯେଉଁ ବିନ୍ଦୁସାଗର କୂଳକୁ ପର୍ଯ୍ୟଟକ ଧାଇଁ ଜଳ ସ୍ପର୍ଶ କରିଆଞ୍ଜୁଳାଏ ପିଇବାର ଅଦମ୍ୟ ଆଶା ପୋଷଣ କରି ନିଜର ଅଭିଳାଷ ଚରିତାର୍ଥ କରୁଥିଲା, ଆଜି ସେଇ ନୀଳ ସିଉଳି ଅଧ୍ୟୁସିତ ଜଳ ନିକଟକୁ ଗଲାବେଳକୁ ତାର ଦୃଷ୍ଟିରେ ବିପଦ ସଙ୍କେତ ଆସୁଥିଲା - ଏହି ଜଳ ଅପରିଷ୍କାର, ମଣିଷ ବ୍ୟବହାର ଅନୁପଯୋଗୀ। ଏହା କେବଳ ପର୍ଯ୍ୟଟକମାନଙ୍କ ପାଇଁ ଯେ ବାରଣ ତା ନୁହେଁ, ସ୍ଥାନୀୟ ଲୋକମାନଙ୍କ ସ୍ନାନ ବା କୌଣସି ଧାର୍ମିକ ସଂସ୍କାର ପାଇଁ ମଧ୍ୟ ବ୍ୟବହାର କରିବାରେ ବିଶୁଦ୍ଧତା କାରଣରୁ ନିଷେଧ କରାଯାଇଛି।

ବିନ୍ଦୁସାଗରକୁ ନିର୍ମଳ ରଖିବାକୁ ବହୁ ଉପାୟ ଅବଲମ୍ବନ କରାଯାଇଛି। ପ୍ରଥମେ ସନ୍ନିକଟ ଗୃହ ଗୁଡିକରୁ ନିର୍ଗତ ଦୂଷିତ ଜଳ ଏହି ପୁଷ୍କରିଣୀରେ ନିଷ୍କାସନ କରିବାକୁ ତାଗିଦ କରାଯାଇଛି। ଦ୍ୱିତୀୟତଃ ଏହି ପୁଷ୍କରିଣୀ ଜଳରେ ବହୁ ଘାସ, ଦଳ ଓ ଶିଉଳି ଆଦିର ଦୂରୀକରଣ ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଇଛି। ପୁଷ୍କରିଣୀଟିର ଆଗତ ଓ ନିର୍ଗତ ଜଳର ସମନ୍ୱୟ ରଖିବାର ଆବଶ୍ୟକତା ରହିଛି।

ପୁଷ୍କରିଣୀର ଜଳ ପରିଷ୍କାର ରଖିବାର ଆବଶ୍ୟକତା ହେଉଛି, ଧାର୍ମିକ ରୀତି ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ପାଇଁ ବିନ୍ଦୁସାଗରର ଚାପ ଗୁରୁତ୍ୱ ବହନ କରେ। ବିନ୍ଦୁସାଗର ଜଳକୁ ପରିଷ୍କାର କରିବା ପାଇଁ ଭୁବନେଶ୍ୱର ନଗରନିଗମ ବହୁବିଧ ପଦକ୍ଷେପ ନେଇଛି। ନଗର ଉନ୍ନୟନ ବିଭାଗ ବି ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରେ। ଭୁବନେଶ୍ୱରର ଅନେକ ସରକାରୀ, ବେସରକାରୀ ଓ କଲେଜ ଅନୁଷ୍ଠାନ ବିନ୍ଦୁସାଗରର ହୃତ ସମ୍ମାନର ପୁନର୍ପ୍ରାପ୍ତି ନିମନ୍ତେ ଅବିରାମ ଚିନ୍ତା କରି କାର୍ଯ୍ୟ କରୁଛନ୍ତି। ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପ୍ରଶାସନ, ଓଡିଶା ସରକାରଙ୍କର ପର୍ଯ୍ୟଟନ ବିଭାଗ, ନଗର ଉନ୍ନୟନ ବିଭାଗ ଆଦି ବିନ୍ଦୁସାଗର ପୁନରୁଦ୍ଧାର କଳ୍ପେ କିଛି ନା କିଛି କରୁଛନ୍ତି। ସହରର ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ ମାନେଜ୍‌ମେଣ୍ଟ୍ ମଧ୍ୟ ସହଯୋଗର ହାତ ବଢାଇଛନ୍ତି।

ମାତ୍ର ପରିତାପର ବିଷୟ, ଥରେ ଓଡିଶାର ଗୋଟିଏ କର୍ପୋରେସନ୍ ଦୁଇ କୋଟି ଅର୍ଥ ବ୍ୟୟରେ ଦଳ ଆଉ ପଙ୍କୋଦ୍ଧାର ବାବତରେ ଯାହା କେତେ କାଳ ନେଲେ, ତହିଁର କପର୍ଦ୍ଦକ ଲାଭ ମିଳିଲା ନାହିଁ। ପୁଣି ଏତେ ବଡ ଜଳାଶୟକୁ କିପରି ତାହାର ଶୁଦ୍ଧ ଝରଣା ଜଳରେ ଦେଖିବାକୁ ମିଳିବ, ତାହା ଆଶା କରିବାରେ ରହିଯିବ।

**ଅବଲମ୍ବନ -**


୧. ଦେବଳା ମିତ୍ର, ଭୁବନେଶ୍ୱର, ୧୯୫୮, ପୃ୬୦

୨. ଏଲ୍.ଏସ.ଏସ. ଓ ମାଲି, ବେଙ୍ଗଲ ଡିଷ୍ଟ୍ରିକ୍ଟ ଗେଜେଟିୟର, ୧୯୦୮, ପୃ-୨୪୩

୩. ନବୀନ କୁମାର ସାହୁ, ହିଷ୍ଟୋରି ଅଫ ଓରିଶା, ଦିଲ୍ଲୀ, ୧୯୮୦, ଭଲ୍ୟୁମ୍-୨, ପୃ-୨୭୦



ସମାରୋହ, ୧୨୮, ଡୁମୁଡୁମା (କ),

ଖଣ୍ଡଗିରି, ଭୁବନେଶ୍ୱର-୩୦.

ମୋ - ୯୦୭୮୬୭୧୪୭୯

# କାହିଁ ସେ ଭୁବନେଶ୍ୱର !

*ଜ୍ୟୋତ୍ସ୍ନା ମହାପାତ୍ର*

ଓଡିଶାର ରାଜଧାନୀ କଟକ ଥିଲା । ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଏହାର ନୂଆ ରାଜଧାନୀ ହେଲା । ଭୁବନେଶ୍ୱର ଓ ଚଣ୍ଡୀଗଡ ସହର ଦ୍ୱୟର ନକ୍‌ସା ଏକାପରି ହେଲା ଓ ଏକ ସମୟରେ ଦୁଇଟି ସହରର ଶୁଭ ଦିଆଯାଇଥିଲା । ଓଡିଶାର ସମସ୍ତ ସ୍ଥାନ ଭିତରେ ଭୁବନେଶ୍ୱର ବାରି ହୋଇଯାଏ । ଯିଏ ଏଠାକୁ ଥରେ ଆସିଛି, ପାଣି ପବନ ଚାଖିଛି, ଫେରିବାକୁ ଚାହିଁନି, ନିଜ ଶକ୍ତିମତେ ରହିଯିବାକୁ ଚେଷ୍ଟା କରିଛି । ଯେତେବେଳେ ଏଠାରେ ନୂଆ ରାଜଧାନୀ ହେଲା, ସରକାର ଯାଚି ଯାଚି ଏଠାରେ ଜାଗା ଦେଉଥିଲେ । ପାହାଡିଆ ଜାଗା, ନାଲିମାଟି ଏଠି କିଛି ହେବନାହିଁ । ଏଠି କିଏ ରହିବ ? ଏହି ପ୍ରଶ୍ନର ଉତ୍ତର କିଏ ବା କାହାକୁ ଦେଇପାରିବ ? କିନ୍ତୁ ଦେଖିବାକୁ ଗଲେ, ଯେଉଁମାନେ ସେତେବେଳେ ଜାଗା ଗ୍ରହଣ କରିନାହାନ୍ତି, ସେମାନେ ପରେ ପସ୍ତେଇଛନ୍ତି ।

ମୁଁ ଏଠିକାର ମୂଳ ବାସିନ୍ଦା ନୁହେଁ । ୧୯୭୮ ମସିହା ପୂର୍ବରୁ ତିନି ଚାରିଥର ବିଭିନ୍ନ ମଉକାରେ ଆସିଛି । ବାଣୀବିହାରରେ ଏମ୍.ଏ. ଏଣ୍ଟ୍ରାନ୍‌ସ ଇଣ୍ଟର୍‌ଭିଉ ପାଇଁ ଆସିଥାଏ । ବର୍ଷାଦିନ, ଅପେକ୍ଷା କଲାବେଳେ ମେଘବାଦଲ ସାଙ୍ଗକୁ ପକ୍ଷୀଦଳ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମୋ ମନଭିତରେ ଏକ ଛାପ ହୋଇ ରହିଯାଇଥିଲା । ୧୯୭୮ ମସିହାରେ ମୁଁ ଏଠାକୁ ଆସିଲି ଆନ୍ତର୍ଜାତିକ ସେବା ସଂସ୍ଥା (CARE)ରେ ଚାକିରୀ କରିବା ପାଇଁ । ମୋର ଏହି କର୍ମସ୍ଥାନ ତଥା ବର୍ତ୍ତମାନର ବାସସ୍ଥାନ ମୋ ଜନ୍ମସ୍ଥାନଠାରୁ ଅତି ନିଜର ହୋଇଯାଇଛି । ଦୀର୍ଘ ଚାଳିଶ ବର୍ଷର ରହଣି ମୋତେ କରିପାରିଛି ଏହାର ପାଣି ପବନ ପାରିପାର୍ଶ୍ୱିକ ପରିବେଶ ସହିତ ନିବିଡ ।

ଭଗବାନଙ୍କ ଆଶୀର୍ବାଦରୁ ସାରା ପୃଥିବୀ ବୁଲିବାର ସୁଯୋଗ ପାଇ ମଧ୍ୟ କେଉଁଠି ବାନ୍ଧିହୋଇ ରହିପାରି ନାହିଁ ।ଏହାର ଖୋଲା ପବନ, ପରିଷ୍କାର ପରିଚ୍ଛନ୍ନ ବାତାବରଣ, ଶାନ୍ତ ପରିବେଶ ମୋତେ ଆକର୍ଷିତ କରିଛି ।

କଟକର ଲୋକମାନେ ହେଲେ କଟକର ମୂଳ ବାସିନ୍ଦା, ସେଠି ଭାଇଚାରା ଥାଏ । ଏହାର ଗଳିକନ୍ଦି, ଅଣଓସାରିଆ ରାସ୍ତା, ଘର ଆଗରେ ଖୋଲା ଡ୍ରେନର ଦୁର୍ଗନ୍ଧ, ଅପରିଷ୍କାର ପରିବେଶ ଭୁବନେଶ୍ୱର ବାସିନ୍ଦାଙ୍କୁ କଟକ ଠାରୁ ଦୂରେଇ ରଖେ । କଟକିଆମାନେ ମଧ୍ୟ ଭୁବନେଶ୍ୱର ପସନ୍ଦ କରନ୍ତି ନାହିଁ ।

ଭୁବନେଶ୍ୱରର ମୂଳବାସିନ୍ଦା (ଗାଁ ବାଲା) କହିଲେ ପୁରୁଣା ଭୁବନେଶ୍ୱର, କପିଳେଶ୍ୱର, ବଡଗଡ, ଲକ୍ଷ୍ମୀସାଗର, ଝାରପଡା, ଗାଡକଣ, ନୂଆପଲ୍ଲୀ, ବରମୁଣ୍ଡା, ଜାଗମରା, ଡୁମୁଡୁମା, ପୋଖରୀପୁଟ, ସୁନ୍ଦରପଦା, ଡମଣା, ପଟିଆ, ଦାରୁଠେଙ୍ଗ, ପଥରଗାଡିଆ, ମଞ୍ଚେଶ୍ୱର, ଚକେଇସିଆଣୀ, ଘାଟିକିଆ, ଅନ୍ଧାରୁଆ, ଚନ୍ଦକା ଆଦି ପୁରାତନ ବସତି ଗୁଡିକ । ଏହି ସବୁ ଜନବସତି ନୂତନ ରାଜଧାନୀ ଭୁବନେଶ୍ୱର ପାଇଁ ପରିକଳ୍ପିତ ବୃହତ୍ ଜଙ୍ଗଲ ଭୂମି ଚତୁଷ୍ପାର୍ଶ୍ୱରେ ଅବସ୍ଥିତ । ପାଞ୍ଚନମ୍ବର ଜାତୀୟ ରାଜପଥ ଭିତର ୟୁନିଟ୍ ଗୁଡିକ ନଗର, ବିହାର (ଯଥା- ବାଣୀବିହାର, ସହିଦନଗର, ସତ୍ୟନଗର, ଅଶୋକନଗର, ବାପୁଜୀନଗର, ଫରେଷ୍ଟ ପାର୍କ, ଗଙ୍ଗନଗର, ଶାସ୍ତ୍ରୀନଗର, ମଧୁସୂଦନ ନଗର, ଭୋଇ ନଗର, ଆଚାର୍ଯ୍ୟବିହାର, ନୂଆପଲ୍ଲୀ ଇତ୍ୟାଦି ରହିଯାଏ । ପ୍ରତି ୟୁନିଟ୍ / ନଗର ଭିତରେ ସାପ୍ତାହିକ ହାଟ, ବିଦ୍ୟାଳୟ ରହିଛି । ଚଉଡା ରାସ୍ତାଗୁଡିକ ସମାନ୍ତରାଳ ଭାବରେ ରହିଛି । ବାଟବଣା ହେବାର ନାହିଁ । ନଳା ନର୍ଦ୍ଦମା ଗୁଡିକ ମାଟି ତଳେ ରହିଥିବାରୁ ତଦ୍‌ଜନିତ ଦୁର୍ଗନ୍ଧ ସମସ୍ୟା ନଥାଏ । ଏଠିକାର ଭୂମି ସମ୍ପୂର୍ଣ୍ଣ ସମତଳ ନହୋଇ ଗଡାଣି-ଉଠାଣି ହୋଇଥିବାରୁ ବର୍ଷାପାଣି ଗଡି ଚାଲିଯାଏ, ଜମେନାହିଁ । ପ୍ରବଳ ବର୍ଷା ପରେ ବର୍ଷା ହୋଇଥିବାର ଜଣାଯାଏନି । ରାସ୍ତାକଡ ଓ ବସତି ମଧ୍ୟରେ ବିଭିନ୍ନ ପ୍ରକାର ଗଛ (ଆମ୍ବ, ପଣସ, ଜାମୁ, ସଜନା, ପିଜୁଳି) ଆଦି ପରିକଳ୍ପିତ ହୋଇ ରୋପଣ କରାଯାଇଛି । କ୍ୱାଟର ଗୁଡିକ ବଙ୍ଗଳା ପରି ତିଆରି । ଏକ ସମୟରେ କେବଳ ୯ ନମ୍ବର ଫ୍ଲାଟ ବ୍ୟତୀତ ଅନ୍ୟ ସବୁଠାରେ ଏକମହଲା ବାସଗୃହ ରହିଥିଲା ।

ଓଡିଶାର ବିଭିନ୍ନ ପ୍ରାନ୍ତରରୁ ଲୋକ ଆସୁଥିଲେ ଚାକରି କରିବା ପାଇଁ । ଏଠିକାର ଦୋକାନ ବଜାର ମଧ୍ୟ ଅଫିସ୍ ସିଷ୍ଟମ ପରି ଖୋଲନ୍ତି, ବନ୍ଦ କରନ୍ତି । ଦିନ ନଅ / ଦଶ ପରେ ଖୋଲିବେ, ଗୋଟାଏ ବେଳକୁ ବନ୍ଦ, ପୁଣି ଚାରି / ପାଞ୍ଚଟା ବେଳକୁ ଖୋଲିବେ, ରାତି ଆଠ / ନଅ ବେଳକୁ ବନ୍ଦ । ରାତି ନଅଟା ବେଳକୁ ରାସ୍ତା ସବୁ ଶୁନଶାନ୍ ଲାଗେ, କୁଆଡେ ଯିବାକୁ ଡର ଲାଗେ । ଖଣ୍ଡଗିରିକୁ ଯିବାକୁ ସାହସ ହୁଏନାହିଁ । ହାତୀ ଭୟ ସାଙ୍ଗକୁ ଚୋର ଭୟ ବି ରହିଛି । ଏହାକୁ କେହି କେହି 'ଗୋଲାମ ନଗରୀ' ବୋଲି କହୁଥିଲେ ।

ଉତ୍କଳ ୟୁନିଭରସିଟିର ପରିସର ବା କ୍ୟାମ୍ପସର ନାଁ ବାଣୀବିହାର । ଓଡିଶାର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ପରିସର ଜ୍ୟୋତିବିହାର ବା ଭଞ୍ଜବିହାର

ତୁଳନାରେ  ବାଣୀବିହାରର ସ୍ୱତନ୍ତ୍ର ପରିଚୟ ରହିଛି ଓଡିଶା ବାହାରେ। ଏମିତି ବି ସଙ୍ଗୀତ ମହାବିଦ୍ୟାଳୟ ଏବଂ ଓ.ୟୁ.ଏ.ଟି. (କୃଷି ମହାବିଦ୍ୟାଳୟ)ର ବି ସୁନାମ ରହିଛି। ସହିଦନଗରର ରୁପାଲି ଛକ ରୁପାଲି ହୋଟେଲ ନାଁ ରେ ନାମିତ। ଜୀବନର ସତ୍ୟକୁ ମୃତ୍ୟୁ ବୋଲି ଧରାଗଲେ, ସତ୍ୟନଗରର ନାମକରଣ ଯଥାର୍ଥ ବୋଲି ପ୍ରତିପାଦିତ ହେବ। କାରଣ ଭୁବନେଶ୍ୱରର ମଶାଣି ଏହି ସତ୍ୟନଗରରେ ରହିଛି। ମାଷ୍ଟର କ୍ୟାଣ୍ଟିନ୍ ଠାରେ ଭୁବନେଶ୍ୱରର ରେଳ ଷ୍ଟେସନ। ଏହା ନିକଟର ଜଣେ ପଞ୍ଜାବୀ ସିଲାଇବାଲା ବା ଟେଲର ମାଷ୍ଟରଙ୍କ ନାମକରଣରେ ମାଷ୍ଟର କ୍ୟାଣ୍ଟିନ୍ ହୋଇଛି। ସେମିତି ରାଜମହଲ ଛକ ରାଜଧାନୀ ତିଆରି ବେଳର ରାଜମହଲ ହୋଟେଲ ନାମାନୁସାରେ ଓ ଶ୍ରୀୟା ଛକ, କଳ୍ପନାଛକ, ରବି ଟକିଜ୍ ଛକ ସନ୍ନିକଟ ସିନେମା ହଲ୍ ନାମ ଅନୁଯାୟୀ ଦିଆଯାଇଛି। ଦୁଇଟି ବଡ ବଡ ସରକାରୀ ଅଫିସ୍ ନାମାନୁଯାୟୀ ପି.ଏମ.ଜି. ଛକ ଓ ଏ.ଜି. ଛକର ନାମକରଣ।

ଆଇ.ଆର୍.ସି. ଭିଲେଜ୍ ଇଣ୍ଡିଆନ ରୋଡ୍ କଂଗ୍ରେସ ସମ୍ମିଳନୀ ହେବା ପରର ନାମକରଣ। ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର ପାଇଁ ନୂତନ ରାଜଧାନୀର ଉତ୍ତର ପ୍ରାନ୍ତ ବିସ୍ତୃତ ଜନବସତିକୁ ଚନ୍ଦ୍ରଶେଖରପୁର ଭାବରେ ନାମିତ ହୋଇଛି।

ପୁଣି ଉତ୍କଳର ରାଜା ଗଙ୍ଗେଶ୍ୱର ଦେବଙ୍କ ପତ୍ନୀ ନାମ ଅନୁସାରେ ଲକ୍ଷ୍ମୀସାଗର ପୁଷ୍କରିଣୀ ଓ ସନ୍ନିକଟ ବସତିର ନାମକରଣ। ପାଣ୍ଡବନଗର ପାଣ୍ଡବଗୁମ୍ଫା ସକାଶେ ହୋଇଛି। ଶିଶୁପାଳଗଡ ଓ ବଡଗଡ ପୁରାତନ କାଳରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗଡ ଥିବାରୁ ଏପରି ନାମକରଣ ହୋଇଛି। ପୁରାତନ ଗନ୍ଧବତୀ ନଦୀର ଏକ ଧାର ଭାବରେ ଆଜିର ଗଙ୍ଗୁଆ ନାଳର ନାମ। ସୁନ୍ଦରେଶ୍ୱରୀ ଠାକୁରାଣୀଙ୍କ ନାମ ଅନୁସାରେ ସୁନ୍ଦରପଦାର ନାମ ବୋଲି ଅନୁମାନ କରାଯାଏ।

ଖଣ୍ଡଗିରି ଜୈନ ଓ ହିନ୍ଦୁ ଧର୍ମର ଏକ ସିଦ୍ଧକ୍ଷେତ୍ର ଭାବରେ ଏଠାରେ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୁଏ। ସେଥିନେଇ ଜାଗମରା ଗ୍ରାମଟିର ନାମ ଯଜ୍ଞ ଓ ପବିତ୍ର ସାଧୁମାନଙ୍କ ସାର୍ଥକତାର ପ୍ରତୀକ ଅଟେ। ସେମିତି ଗଛ ଓ ଦେବତାଙ୍କ ଉପସ୍ଥିତିକୁ ଅବଜ୍ଞା କରାଯାଇ ନପାରେ। ବରମୁଣ୍ଡା, ଘାଟିକିଆ, ଭରତପୁର, ରାମପୁର ଏମିତି ବହୁ ପଲ୍ଲୀର ନାମ ଏହି ବିଶାଳ ଭୁବନେଶ୍ୱରର ଅଧୀନ।

ଏଠାରେ ବିଦ୍ୟାଳୟ କହିଲେ ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ ବା ସରକାରୀ ହାଇସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, କନ୍‌ଭେଣ୍ଟ ସ୍କୁଲ, ଷ୍ଟିୱାର୍ଟ୍ ସ୍କୁଲ, ଡିଏଭି ସ୍କୁଲ୍ (ଆଠ ନମ୍ବର ୟୁନିଟ୍) ଓ ସୈନିକ ସ୍କୁଲ୍‌କୁ ବୁଝାଏ। କଲେଜ ଭାବରେ ବିଜେବି, ରମାଦେବୀ କି ରାଜଧାନୀ କଲେଜ। ସେମିତି ନୂତନ ରାଜଧାନୀରେ ଡାକ୍ତରଖାନା ବୋଇଲେ କ୍ୟାପିଟାଲ୍ ହସ୍‌ପିଟାଲ୍ (ୟୁନିଟ୍ ଛଅ), ୟୁନିଟ୍ ୪ ଡାକ୍ତରଖାନା, ଶିଶୁଭବନ, ମୁନିସିପାଲିଟି ଡାକ୍ତରଖାନା (ପୁରୁଣା ଭୁବନେଶ୍ୱର), ସହିଦନଗର ଡିସପେନସରୀକୁ ବୁଝାଏ।

ପ୍ରଭୁ ଲିଙ୍ଗରାଜ ହେଉଛନ୍ତି ଏଠିକାର ଅଧିଷ୍ଠାତା ଦେବତା। ଏହା ସହିତ ରାଜରାଣୀ, କେଦାରଗୌରୀ, ମେଘେଶ୍ୱର, ମୁକ୍ତେଶ୍ୱର, ବନଦୁର୍ଗା ଓ ଅଗଣିତ ସାନ ବଡ ମନ୍ଦିର, ଯେଉଁଥିପାଇଁ ଭୁବନେଶ୍ୱର ମନ୍ଦିରମାଳିନୀ ବୋଲି ଆଖ୍ୟାୟିତ।



ହୋଟେଲ ଭାବରେ ବାଣୀବିହାର ପାଖ ସ୍ୱପ୍ନପୁରୀ, ରୁପାଲି, ବାପୁ ହୋଟେଲ, ରାଜମହଲ, ସାଉଥ୍ ଇଣ୍ଡିଆନ୍ ହୋଟେଲ, ଭେନସ୍ ଇନ୍, ଭିନିତ୍, ଯଯାତି, ଭୁବନେଶ୍ୱର, ପୁଷ୍ପକ, କୋଣାର୍କ, ଆଇ.ଟି.ଡି.ସି., ଅଶୋକ, ସ୍ୱସ୍ତି (ମାଷ୍ଟର କ୍ୟାଣ୍ଟିନ୍) ଓ ପରେ ପରେ ନନ୍ଦନକାନନ ରାସ୍ତାରେ ଓବେରୟ (ଟ୍ରାଏଡେଣ୍ଟ) ବ୍ୟତୀତ ଆଉ କିଛି ହୋଟେଲ୍ ନଥିଲା ଭୁବନେଶ୍ୱରରେ।

ବଡ ଦୋକାନ ହିସାବରେ ମାର୍କେଟ୍ ବିଲ୍ଡିଙ୍ଗରେ ବର୍ମା ଜେନେରାଲ ଷ୍ଟୋର୍, କ୍ୟାପିଟାଲ୍ ଡ୍ରେସ୍‌ଷ୍ଟୋର, ବୟନିକା, ଉତ୍କଳିକା, ନରୁଲା ଛଡା ବନାରସ୍ ବିଉଟି, ଭାଟିଆ କ୍ଲଥ ହାଉସ୍, ଟି. କ୍ରିଷ୍ଣାପାତ୍ର, ବମ୍ବେ ଡାୟିଂ, ଖେମଜୀ, ଲାଲଚାନ୍ଦ, ଚନ୍ଦ୍ରକାନ୍ତ, ଜୟନ୍ତିଲାଲ, ବାଟା, ଶୀଲା ଏଭଳି ହାତଗଣତିରେ କେତେକ ଲୋକପ୍ରିୟ ବିଭିନ୍ନ ସାମଗ୍ରୀର ଦୋକାନ।

ମାର୍କେଟ୍ ବିଲଡିଂର ବିପରୀତ ପାର୍ଶ୍ୱରେ ବଡ ହାଟ (ଏକ ନମ୍ବର ହାଟ)। ଏହା ସହିତ ସଂଲଗ୍ନ ପୂର୍ବରେ କ୍ୟାପିଟାଲ ପୋଲିସ୍ ଥାନା। ରବୀନ୍ଦ୍ର ମଣ୍ଡପ, କଳାକେନ୍ଦ୍ର, କସ୍ତୁରବା ନାରୀ ମହଲ, ଭଞ୍ଜକଳା ମଣ୍ଡପ, ସୂଚନା କେନ୍ଦ୍ର (ଜୟଦେବ ଭବନ) ଆଦି ଅନୁଷ୍ଠାନ ଗୁଡିକ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ଥାଏ। କଳ୍ପନା ହଲ୍ ଆଉ ରବି ଟକିଜ୍ ଥିଲା ଦୁଇଟି ସିନେମାଘର, ପରେ ମିଶିଲା ଶ୍ରୀୟା ଟକିଜ୍। ପର୍ବପର୍ବାଣୀ ଭାବରେ ଅଶୋକାଷ୍ଟମୀ, ଜାଗର ଯାତ, ଖଣ୍ଡଗିରି ଯାତରା (ମାଘ ସପ୍ତମୀ), ଆଦିବାସୀ ମେଳା, ପରେଡ୍ ପଡିଆରେ (ସେକ୍ରେଟାରିଏଟ୍ ସାମନା ଯାହା ଆଜି ଇନ୍ଦିରା ଗାନ୍ଧୀପାର୍କ ବୋଲି ନାମିତ) ଅଗଷ୍ଟ ପନ୍ଦର ଓ ଜାନୁଆରୀ ୨୬ରେ ପାରେଡ୍। ଏହିଠାରେ ସମସ୍ତ ରାଲି, ହରତାଳ ଓ ରାଜନୈତିକ ସଭା ଅନୁଷ୍ଠିତ ହେଉଥିଲା। ଆଜିକାଲି ପରି ଏତେ ଦୁର୍ଗାପୂଜା, କାଳୀ ପୂଜା, ଲକ୍ଷ୍ମୀପୂଜା ଦେଖା ନଥିଲା। ଦୁଇନମ୍ବର ଭାମରା ପେଟ୍ରୋଲ୍ ଟାଙ୍କି ପାଖରେ ଗୋଟିଏ ଦୁର୍ଗା ମେଢ ହେଉଥିଲା ଆଉ ମାଷ୍ଟର କ୍ୟାଣ୍ଟିନ୍ ଛକରେ ଗଣେଷ ପୂଜା ଅନୁଷ୍ଠିତ ହେଉଥିଲା।

ଭୁବନେଶ୍ୱର ଗୋଟିଏ ପର୍ଯ୍ୟଟନ କ୍ଷେତ୍ର ଭାବରେ ଲିଙ୍ଗରାଜ ମନ୍ଦିର, ବିନ୍ଦୁସାଗର, କେଦାରଗୌରୀ, ଖଣ୍ଡଗିରି ଉଦୟଗିରି, ଧଉଳି, ନନ୍ଦନ କାନନ ଓ ରାଜ୍ୟ ମ୍ୟୁଜିୟମ ପର୍ଯ୍ୟଟକମାନଙ୍କର ଆକର୍ଷଣର କେନ୍ଦ୍ରଥିଲା। ଗମନାଗମନ ଦୃଷ୍ଟିରୁ ଭୁବନେଶ୍ୱରର ବସଷ୍ଟାଣ୍ଡ ପ୍ରଥମେ କ୍ୟାପିଟାଲ ଥାନା ସମାନାରେ ଥିଲା, ପରେ ଏ.ଜି. ଛକ ପାଖକୁ ଏବଂ କେତେବର୍ଷ ପରେ ବରମୁଣ୍ଡାକୁ ସ୍ଥାନାନ୍ତରିତ ହେଲା।

ନନ୍ଦନକାନନ ଚିଡିଆଖାନା ବିଶ୍ୱର ବିଶିଷ୍ଟ ଚିଡିଆଖାନାର ମାନ୍ୟତା ବହନକରେ। ସିଙ୍ଗାପୁର ବା ବେଲଜିୟମ୍‌ର ଚିଡିଆଖାନାର ସମକକ୍ଷ ଭୁବନେଶ୍ୱର ସନ୍ନିକଟ ନନ୍ଦନକାନନ ଗୋଟିଏ ଉଚ୍ଚକୋଟୀର ଅନୁଷ୍ଠାନ। ଏଠାରେ ବିଦେଶ ଚିଡିଆଖାନା ଗୁଡିକ ତୁଳନାରେ ପର୍ଯ୍ୟଟକଙ୍କ ପାଇଁ ହାସ୍ୟାସ୍ପଦ ଖର୍ଚ୍ଚର ଟିକେଟ ପଡେ। ବିଦେଶୀ ଚିଡିଆଖାନାରେ ରକ୍ଷଣାବେକ୍ଷଣା ବାବତରେ ବହୁ ଖର୍ଚ୍ଚ ବହନ କରିବାକୁ ପଡେ, ଯାହାକି ଯଦି ନନ୍ଦନକାନରେ କରାଯାଏ, ଏହା ବିଶ୍ୱର ଅତି ଉଚ୍ଚମାନର ଚିଡିଆଖାନା ହେବା ସୁନିଶ୍ଚିତ।

ଆଜିର ଚିକ୍କଣ ନୂତନ ରାଜଧାନୀକୁ ଦେଖିଲେ ମନକୁ ଯେମିତି ଲାଗୁଛି, ଆମ ସଂସ୍କୃତିରେ ଗଢି ଉଠିଥିବା ମନ୍ଦିର ସଭ୍ୟତାର ପାର୍ଶ୍ୱରେ ନୂଆ ରାଜଧାନୀର ପ୍ରାଥମିକ ବିକାଶ ଆମ ମନରେ ଯେଉଁ ଆଦର୍ଶର ଭିତ୍ତିଭୂମି ଗଢିଥିଲା ତାହା ଅଧିକ ଯାନ୍ତ୍ରିକ ଓ ଅପ୍ରାକୃତିକ ମନେହୁଏ। ସେତେବେଳର ଓ ଆଜିର ଭୁବନେଶ୍ୱର ମଧ୍ୟରେ ଆକାଶ ପାତାଳ ଅନ୍ତର। ମାଳ ମାଳ ବସ୍ତି, ବଡ ବଡ ହୋଟେଲ୍, ମଲ୍,ସିନେମା ହଲ୍, ବିଶାଳ ବିଶାଳ ସୁନା ଅଳଙ୍କାର ଦୋକାନ, ସ୍କୁଲ୍ କଲେଜ। ଡିପିଏସ୍, ଡୁନ୍ ସ୍କୁଲ, ଆଇଆଇଟି, ଆଇଆଇଆଇଟି, ଏମ୍‌ସ, ନାଇଜର, ଏକ୍ସଏମଆଇବ, ଲିଭରପୁଲ୍ ଜନ୍ ମୋରେ ୟୁନିଭରସିଟି, ୟୁକେ ଫ୍ରାଞ୍ଚାଇଜ୍ ଭଳି ଗୁଣାତ୍ମକଶିକ୍ଷାନୁଷ୍ଠାନ। ବଡ ଗୌରବର କଥା।

ଅଗଣିତ ଦୁଇଚକିଆ ଯାନ ବାହାନ, ଅଟୋରିକ୍ସା, ଭଳିକି ଭଳି କାର ସହରର ରାସ୍ତାରେ ଚଳାଚଳକୁ ଅସ୍ତବ୍ୟସ୍ତ କରିଦେଉଛନ୍ତି। ଆଗରୁ କେବଳ ସରକାରୀ ଟାଉନ୍ ବସ୍, ରିକ୍ସା ଓ ହାତଗଣତି କେତୋଟି କାର୍ ଚଳାଚଳ କରୁଥିଲା। ୧୯୯୩ ବେଳକୁ ଭୁବନେଶ୍ୱର ରାସ୍ତାରେ ମାରୁତି ୧୦୦୦ ତିନୋଟି ମାତ୍ର ଚାଲୁଥିଲା। ବଡ ଗାଡିର ପ୍ରଶ୍ନ ନଥିଲା।

ଏହି ଦୁଇ ତିନି ଦଶାବ୍ଦୀ ମଧ୍ୟରେ ସମଗ୍ର ବିଶ୍ୱର ତଥା ଭୁବନେଶ୍ୱରର ଜଳବାୟୁ ବହୁତ ପରିବର୍ତ୍ତନ ହୋଇଗଲାଣି। କଟକ ଅପେକ୍ଷା ଅଧିକ ଗରମ, ଅଧିକ ଗୁଳୁଗୁଳି। ପାରଦ ସବୁବେଳେ ଅଧିକ ଉପରେ। ଯେଉଁ ପବନ ଦିନେ ଭୁବନେଶ୍ୱରକୁ ଅପରାହ୍ନରୁ ଆରମ୍ଭକରି ରାତି ପର୍ଯ୍ୟନ୍ତ ଚନ୍ଦନ ସ୍ପର୍ଶ ପରି ଅନୁଭବ ଆଣୁଥିଲା, ସେହି ଧାର କେବେଠାରୁ ଶୁଷ୍କ ହୋଇଗଲାଣି। ଉଚ୍ଚ ଅଟ୍ଟାଳିକାର ଅଭିବୃଦ୍ଧି ସହିତ ସହରର ଜନରାଶି ବୃଦ୍ଧି ଏଭଳି ଉତ୍ତପ୍ତ ବାୟପ୍ରବାହ ବିହୀନ ପରିବେଶ ସୃଷ୍ଟି କରିଛି।

ଘର ଗଢି ଉଠୁଛି। ତଦନୁଯାୟୀ ପରିମଳ ବ୍ୟବସ୍ଥା ନାହିଁ କହିଲେ ଚଳେ। ଦିନଥିଲା ଆମେ ନଇବଢି ଦେଖିବାକୁ କୁଆଖାଇ କି ଦୟା ବ୍ରିଜ୍ ଯାଉଥିଲୁ। ଆଜି ବର୍ଷାଋତୁ ନିର୍ବିଶେଷରେ ମେଘରୁ ଦି ଠୋପା ପାଣି ବୋହିଲେ ସ୍ମାର୍ଟ ସିଟିରେ ରାସ୍ତାରେ ନାକସରି ପାଣି। ଭାବି ହେଉନି ବିତିଗଲା ଦିନକୁ। ଗଳ୍ପପରି ଲାଗେ। ଅଳିଆ ଆବର୍ଜନା କୁଢକୁଢ। ନୋଟିଫାଏଡ୍ ଏରିଆରୁ ମୁନିସିପାଲିଟି, ତାପରେ ମୁନିସିପାଲ୍ କର୍ପୋରେସନ୍। କ୍ରମ ବର୍ଦ୍ଧିଷ୍ଣୁ ପରିସର ଓ ପୌର ୱାର୍ଡ। କାଉନସିଲରରୁ କର୍ପୋରେଟର୍, ରାସ୍ତା ନାଳ ଓ ରାସ୍ତା ଉଜ୍ଜ୍ୱଳୀକରଣ। ଉନ୍ନତି ଅପେକ୍ଷା ଅବନତି ଆଡକୁ ଗତି। ଚୋରି, ଡକାୟତି, ରାହାଜାନୀ, ଛିନ୍‌ଛାନ୍, ଜୌନ ଦୁଷ୍କର୍ମ, ହତ୍ୟା ଦିନକୁ ଦିନ ବଢିଚାଲିଛି। ସାଧାରଣ ଜୀବନ ଅସୁରକ୍ଷିତ, ଏହି ଦୈନନ୍ଦିନ ଖବରରେ ଅସ୍ତବ୍ୟସ୍ତ। ପ୍ରଶାସନର କର୍ତ୍ତୃତ୍ୱ ନାହିଁ, ଉପଭୋକ୍ତା ଜନତା ନିରବଦ୍ରଷ୍ଟା। ଶିକ୍ଷିତ ଲୋକେ ଏଠି ଭୋଟ୍ ଦିଅନ୍ତିନାହିଁ। ବସ୍ତିଲୋକମାନେ ହିଁ ନିୟମିତ ଭୋଟଦାନ କରନ୍ତି। ସେମାନଙ୍କୁ ପଟ୍ଟା ଦିଆଯିବାର ବନ୍ଦୋବସ୍ତ କରାଯାଏ, ବର୍ଷ ପରେ ବର୍ଷ ସେମାନଙ୍କୁ ସହର ସୀମାରେ ଥଇଥାନ କରାଯାଏ। କିମ୍ବା ପକାଘର ଦିଆଯାଏ। ଜଣେ ସରକାରୀ କର୍ମଚାରୀ ଜୀବଦ୍ଦଶାରେ ରହିବାପାଇଁ ଦରମାରୁ ଘରଭଡା ଦେଇ ବାସକରେ, ଚାକିରିକାଳ ସରିଗଲେ ଗାଁକୁ ଫେରିଯାଏ। କିନ୍ତୁ ବସ୍ତିବାଲା ଫେରେନାହିଁ। ଏଇଟା ଆମର ବିଧାନ, ଏମିତି ଆମର ପ୍ରଗତି।

ସରକାର ଏକ ସମୟରେ ଲିଜ୍ ଦେଉଥିଲେ ଲୋକମାନଙ୍କର ବ୍ୟବହାର ପାଇଁ। ପାଞ୍ଚବର୍ଷ ପରେ ଅନୁମତି ମିଳେ ବିକ୍ରି କରିବାକୁ। ସେଥିରେ ବହୁ ବଡ ବଡ ବାବୁମାନେ ଚଞ୍ଚକତାକରି ଜମି ହଡପ୍ କଲେ। ପଚାଶ ବର୍ଷ ପରେ ସରକାର ସାଧାରଣ ଲୋକଙ୍କର ଜମିକୁ ନେଇଯାଉଛି। ଭୁବନେଶ୍ୱର ଆସିବାବେଳେ ଶୁଣିଥିଲି ଏଠିକାର କ୍ଲୋରିନେଟେଡ୍ ପାଣିରେ ମୁଣ୍ଡରୁ ଚୁଟି ଝଡିଯାଏ। ଏଠାରେ ଗୋଟିଏ ଜାଗାକୁ ଏକାଧିକ ଥରରେ ଅନେକ ଲୋକ ବି କିଣନ୍ତି। ବୁଝି ପାରୁନି ଜାଗା ତ ଗୋଟିଏ, ମାଲିକ ଗୋଟିଏ। ଜଣେ ମାଲିକ ଥାଇ କିପରି ବହୁବାର ବିକ୍ରିଖରିଦ ଚାଲିଛି ? ଶୁଣିଶୁଣି ମୁଁ ବି ଭୁକ୍ତଭୋଗୀ ହୋଇଗଲିଣି।

ପାଶ୍ଚାତ୍ୟ ସଭ୍ୟତା ଭୁବନେଶ୍ୱରକୁ ଗ୍ରାସ କରିଦେଲାଣି। ମଦ୍ୟପାନ, ମୁକ୍ତ ଯୌନଆଚରଣ, ପିଜା ବର୍ଗର ପରି ଖାଦ୍ୟ, ବିବାହ ବିଚ୍ଛେଦ ପରି ସହରୀ ପାଶ୍ଚାତ୍ୟ ଚରିତ ଆପଣେଇଲେଣି ଭୁବନେଶ୍ୱରିଆ ! ପାଶ୍ଚାତ୍ୟ ଲୋକମାନଙ୍କର ଅନେକ ସୁଗୁଣ ରହିଛି। ସେମାନେ କର୍ମଠ, ସମୟାନୁବର୍ତ୍ତୀ, ସତ୍ୟ ଓ ନ୍ୟାୟପ୍ରିୟ, ପରିଷ୍କାର ପରିଚ୍ଛନ୍ନ। ଅନେକ ଦେଶ ଦେଖିବା ପରେ ମୋର ଅନୁଭୂତି ମୁଁ ସ୍ପଷ୍ଟ ଭାବରେ କହିପାରୁନି। ଆମକୁ ସେ ଦିଗରେ ସେମାନଙ୍କୁ ଅନୁସରଣ କରିବାକୁ ହେବ। ତା ନକରି ସେମାନଙ୍କ ସାମାଜିକ ବ୍ୟାଧିକୁ ଆଦରିନେବା କୌଣସିମତେ ବିବେକପଣିଆ ନୁହେଁ। ଆମ ଦେଶରେ ଜଣେ ସ୍ୱାର୍ଥପର ଭାବରେ ନିଜର ଜୀବନଚର୍ଯ୍ୟାକୁ ସୁଖମୟ କରିବାକୁ ଯେ କୌଣସି ଉପାୟ ଅବଲମ୍ବନ କରିବାକୁ ଆଗଭର।

ଭୁବନେଶ୍ୱରର ଅଧିଷ୍ଠିତ ଦେବତା ଲିଙ୍ଗରାଜଙ୍କୁ ପ୍ରାର୍ଥନା ଭୁବନେଶ୍ୱର ବାସିନ୍ଦାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। କାଗଜ କଲମରେ ପରିଚ୍ଛନ୍ନ ସହର, ସ୍ମାର୍ଟ ସହର ପରି ପ୍ରଚାରାତ୍ମକ ଶବ୍ଦ ପ୍ରୟୋଗ ନକରି ବାସ୍ତବିକ ଜୀବନ ପାଇଁ ସହରଟିକୁ ନିରାପଦ ଓ ବସୋପଯୋଗୀ କରିବା ସର୍ବାଦୌ ପ୍ରୟୋଜନ।

ସେଥିପାଇଁ ଉଚ୍ଚମନର ଆବଶ୍ୟକତା ରହିଛି। ଏହା ଉଚ୍ଚ ଶିକ୍ଷାରୁ ଉପଲବ୍ଧ ହୁଏନି। ଭାଷଣ ଦେଲେ ବା ଶୁଣିଲେ ଏହା ମିଳିବନାହିଁ। ଚରିତଶୁଦ୍ଧ ଆତ୍ମଚେତନାଯୁକ୍ତ ନିସ୍ୱାର୍ଥପର ସହରବାସୀ ନହେଲେ ଭୁବନେଶ୍ୱରର ନୈତିକ ଚରିତ୍ର ପାଶ୍ଚାତ୍ୟ ଦୁଶ୍ଚରିତ୍ରଠାରୁ ବି ବଳିପଡିବ। ଆତ୍ମତ୍ୟାଗୀ ମହାଦେବଙ୍କ ଏହି ସହର ଆଉ ମଣିଷ ବାସୋପଯୋଗୀ ହେବାରେ ନାହିଁ ନଥିବା ପ୍ରତିବନ୍ଧକ।

ଓମ୍‌ଫେଡ୍ ଏରିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ -୮୮୯୫୬୨୪୦୧୬





# ଅଣନିଃଶ୍ୱାସୀ

*କଲ୍ୟାଣୀ ବ୍ରହ୍ମା*

ଅଣନିଃଶ୍ୱାସୀ ମଣିଷଟିଏ ମୁଁ
ସ୍ମାର୍ଟ ସିଟିର ପଣତ ତଳେ
ଆସିଥିଲି ଗାଁଆ ଗଳିକନ୍ଦିର ସବୁଜିମା ଭୁଲି
ଜୀବନକୁ ସହଜରେ ଜୀଇଁବାର ଲାଳସାରେ ।
କିନ୍ତୁ ସଂଘର୍ଷ କରି ଜୀବିକା ତ ମିଳିଲାନି
ମିଳିଲାନି ସ୍ୱଚ୍ଛ, ସୁସ୍ଥ ଶୀତଳ ପବନ
ନିଶ୍ୱାସ ନେବାପାଇଁ ।

ସବୁକିଛି ଦୁରଲଭ ଏଠି
ମଣିଷ ସଂଘର୍ଷ-ରତ ସକାଳଠୁ ରାତିଯାଏ,
ବ୍ୟସ୍ତ ରହେ ନିଜେ ବଞ୍ଚିବାର ଲାଳସାରେ
କିମ୍ବା ହଜିଯାଏ ସହର ରାସ୍ତାଘାଟ,
ଅବା କଂକ୍ରିଟର ବଡବଡ ଅଟ୍ଟାଳିକା ଭିତରେ
ତଥାପି ଜୀବନ ଲୋଡେ ସହଜ ନିଃଶ୍ୱାସ
କିନ୍ତୁ କାଇଁ ଏଠି ସବୁ ?

ସେ ସବୁ ଏତେ ଦୁର୍ଲଭ ଏଇ ସ୍ମାର୍ଟ ସିଟିରେ
ଏଠି ଶସ୍ତାମିଳେ କୁଢକୁଢ ଆବର୍ଜନା ଏଠିସେଠି
କୋଉଠି ଜୁଇ ଜଳିବା ଭଳିଆ ଗାଡ ସବୁ ଅବା ଗାଡ଼ିମାନେ
ଅଣ୍ଟା ଦରଜରେ ଡହଳ ବିକଳ ବର୍ଷାପାଣିର ଫୁଆରା ତଳେ
ବା ଅନାବନା ରାସ୍ତାର ତଥା ନର୍ଦ୍ଦମା ପାଣିର ସୁଅ ମୁହଁରେ,
ହନ୍ତସନ୍ତ ଜୀବନ ଏଠି ।

ଖୋଜିବୁଲେ ଜୀବନ ପାଇଁ ସୁରକ୍ଷିତ ସ୍ୱାସ୍ଥ୍ୟର
ଖୋଲାଖୋଲା ଘାସ ଗାଲିଚାରେ କୁନିକୁନି ଲାଲ ସାଧବବୋହୂ
ତାର ଲୁଚକାଳିରେ ଜୀବନକୁ ଉପଭୋଗ କରିବାର ପ୍ରୟାସ
କିନ୍ତୁ ହାୟ, ଏ ସବୁ ତ ସ୍ୱପ୍ନ ଏଠି ।
ବଞ୍ଚିବାକୁ ଅଛି ଯଦି ଏସି, କୁଲର କି ବଡ ବଡ ପଙ୍ଖାର
ଶୀତଳ ପବନକୁ ଆଦରି ମଣିଷ ବଞ୍ଚିଚାଲେ
ଜୀବନ ସହ ସାଲିସ୍ କରି ।

ଯଦି ବଞ୍ଚିବାକୁ ଚାହିଁ ସେ ଜୀବନ ନିଃଶ୍ୱାସର ଦକା ନାହିଁ,
ଏ ସ୍ମାର୍ଟ ସିଟି ଅଣସ୍ମାର୍ଟ, ଭରା ଏଠି ଅଣଚାଶ ପବନ !
ଜୀବନ ସଂଘର୍ଷ ଏଠି ମଣିଷ ଜୀବନେ
ଅନ୍ତିମ ନିଃଶ୍ୱାସ ଯାଏ ସରଳରେ ନିଃଶ୍ୱାସ ପାଇବାପାଇଁ !

ଖୋଲା ପବନରେ ଶାନ୍ତିରେ ଶୋଇବାପାଇଁ
ନିଃଶ୍ୱାସଟା ଛଟପଟ ଅବିରତ
ସନ୍ଧାନରେ ଘୂରି ବୁଲେ ପାର୍କର କୋଉ ସିମେଣ୍ଟ ବେଞ୍ଚର
ଅବା ଏକ ପରିତ୍ୟକ୍ତ ନିର୍ଜନ କୋଠା
ଛାତ ଉପରର ଖଣ୍ଡିଆ ଚେୟାର
ଯହିଁ ଥିବ ସହଜ ନିଃଶ୍ୱାସ ।

ତେଜୁ, ଅରୁଣାଚଳ ପ୍ରଦେଶ
ମୋ - ୦୯୪୩୬୯୪୯୫୦୦

●●●●

॥ ପାଞ୍ଚ ॥

# ସତେଜ ଉଷ୍ମତାରେ ସ୍ଫୂର୍ତ୍ତ :: ସ୍ମାର୍ଟସିଟି ଭୁବନେଶ୍ୱର



# ଘରକୁ ଫେରିବାର ବେଳ

*ଡା. ଗୌରୀଶଙ୍କର ପଣ୍ଡା*

ଆମେ ଏକାସାଂଗେ ଯେ ଯା'ର ଘରକୁ ଫେରୁ ।

ଫାୟାରଷ୍ଟେସନ୍ ଛକର ଗୁପ୍‌ଚୁପ ବାଲା
ସିଆର୍‌ପିଏଫ୍ ଗେଟ୍ ସାଇଡ୍‌ର
ଓମ୍‌ଫେଡ୍ ଦୋକାନୀ
ମହାରାଜା ଫାଷ୍ଟଫୁଡ୍‌ରେ ପ୍ଲେଟ୍ ସାଫ୍ କରୁଥିବା ଟୁଇଁ
ରେଂଟାଲ୍‌ର ପରିବା ନାନୀ
ମସ୍ରୁମ୍ ସୁପ୍ ବିକୁଥିବା ନହନହକା ପତଳା ଟୋକା
ଆପୋଲୋ ଫାର୍ମାସୀ କଡ଼ର ବରା ବାଲା
କୁକିସ୍‌ରେ କୋଲ୍ଡ କଫି ବଢ଼ଉଥିବା ଝିଅ
କେଉଁ ଗୋଟେ ବିଉଟି ପାର୍ଲରରେ
ପାଉଡ଼ର୍ ଲେପୁଥିବା ଗପୁଡ଼ି ଝିଅ
ସାଇମନ୍ଦିର ପାଖ ଲେଡ଼ିଜ୍ କର୍ଣ୍ଣରର ଆଂଟି
ଉବେର୍‌ର ଅଟୋବାଲା
ରୁଚିକାର ଘୁଗୁନି ମଉସା
ଅଣ୍ଡାବାଲି, ମାଛବାଲି, ଚା'ବାଲି
ପାନ ଦୋକାନୀ, ଠେଲା ବାଲା, ଲଣ୍ଡ୍ରି ବାଲା
ଏମିତି ଆହୁରି ଅନେକ
ବାଲି ଓ ବାଲା... ! !
ଏବଂ ମୁଁ... ଗୋଟେ ବେକାରିଆ ସ୍ୱପ୍ନ ବାଲା...
ଯା'ର ତାଲା-ଚାବି ସବୁ ଢ଼ିଲା ... ! !

ଆମେ ଏକା ସାଂଗେ ଯେ ଯା'ର୍ ଘରକୁ ଫେରୁ
ଏକା ସାଂଗେ ଦିନ ଯାକର ହିସାବ୍ କିତାବ୍‌କୁ ପଛ କରୁ ।

କଥାବାର୍ତ୍ତା ନାଇଁ
ଦିଆ ନିଆ ବି କିଛି ନାହିଁ
ଯଦିଓ ଖାଲି ସମାନ ଥାଏ ଯାହା
ଆମର ଡ଼େଣା ବନ୍ଦ୍‌ର ସମୟ
ଓ ଏକାସାଂଗେ ମାଗୁଥାଉ
ସବୁଦିନିଆ ବାଟକୁ ରାତିଏ ବିଦାୟ ।

ତଥାପି, ଥୋକେ ରହିଯା'ନ୍ତି ବାକି
ବୋଧହୁଏ ସେମାନେ ଆଉରି କିଛିକୁ ରହିଥା'ନ୍ତି ଚାକି ।

ଆମେ ଫେରିଲାବେଳେ
ବରମୁଣ୍ଡା ବି
ଶୋଇବ ଶୋଇବ ହେଉଥାଏ
ରାତିବସ୍ ଛାଡ଼ିବାକୁ
ଆଉ ଗୋଟେ ବି ବାକି ନଥାଏ
ଭଂଗା ସିମେଂଟ୍ ବେଂଚ୍‌ରେ ବସି ପୁଲିସ୍ ବାବୁ
କା'କୁ ଗୋଟେ ଦୋ' ଅକ୍ଷରୀ ଶୋଧୁଥାଏ,
ରାତି ସେଠି ସତରେ ରାତି ହୋଇ ସାରିଥାଏ ... !
କାହିଁକିନା, ଅନ୍ଧାରୁଆ ଜାଗାରେ
କେହି ଜଣେ ଦେବୀ ପାଲଟି
ରାଜଧାନୀର ସବୁ ପାପ ଢ଼ୋକୁଥାଏ ... !

ଦେବୀକୁ ଛାଡ଼ି ଆମେ ସଭିଏଁ ଫେରୁ ଏକାସାଂଗେ ।

ରାତି ସତରେ ରାତି ହୋଇ ସାରିଥାଏ
କାରଣ, ସେତେବେଳକୁ ...
ଚକ୍‌ଚକିଆ ମନ୍ଦିର ଭିତରେ
ଶୋଇସାରିଥା'ନ୍ତି ଆମର ପରିଚିତ ଈଶ୍ୱର,
ନିଘୋଡ଼ ନିଦରେ ... ! !

ମାର୍ଫତ୍- ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପଣ୍ଡା
ଶାନ୍ତିନଗର, ସୋନପୁର- ୭୬୭୦୧୭
ମୋ.- ୯୪୩୮୨୦୪୫୯୮

# ଏକାମ୍ର ଗର୍ଭରେ ନୂତନ ଏକାମ୍ର କାନନ

ଡ. ରାମଚନ୍ଦ୍ର ମହାନ୍ତି

ଅଧୁନା ନୂଆ ରାଜଧାନୀ ଭୁବନେଶ୍ୱରର ଅତୀତ ନାମ ଯେ ଏକାମ୍ର କାନନ ଥିଲା, ତାହା ଲୋକଙ୍କ ମନକୁ ଆସିବାରେ ସହାୟକ ହୁଏ, ଏବେ ଏହି ଭୁବନେଶ୍ୱରର ମଧ୍ୟଭାଗରେ ଗଢି ଉଠିଥିବା ଚେନାଏ ସବୁଜିମା, ଯାହାକୁ ପାଥେୟ କରି ଏକ ବିରାଟ ପରିବେଶ ସୃଷ୍ଟି ହୋଇଛି, ଜୀବ ଜଗତର ସବୁ ଜୀବନର ଆଧାର ସବୁଜ ରଙ୍ଗକୁ ଠୁଳ କରି ଆଧୁନିକ ପର୍ଯ୍ୟଟକର ଆକର୍ଷଣର କେନ୍ଦ୍ର ସାଜିଛି ନବକଳ୍ପିତ ଏକାମ୍ରକାନନ। ଏହି ଅଞ୍ଚଳଟି ପୁରାଣ ଓ କିମ୍ବଦନ୍ତୀରେ ସେଇ ଦୃଷ୍ଟିରେ ଆକର୍ଷଣ କରିଥିଲା ଦେବାଧିଦେବ ମହାଦେବଙ୍କୁ। ସେଇ ମାଟି, ସେଇ ଝରଣା ଓ ପାଣି, ସେଇ ସବୁଜ ସୁନ୍ଦର ବନାନୀ ସୃଷ୍ଟି କରିବାର ଆର୍ଦ୍ରତା ଧାରଣ କରିଥିବା ଭୁ ଆଉ ବନ ଆଜି ବି ତିଷ୍ଠି ରହିଛି ଏହି ସହରର ଅନ୍ତରାଳେ।

ଏକଦା ଘଞ୍ଚ ବନାନୀରେ ଭରପୂର ଭୁବନେଶ୍ୱର ରାଜଧାନୀ ହେବା ପରଠାରୁ ଆଧୁନିକତାର ସ୍ପର୍ଶରେ ଉଲ୍ଲସିତ ହେବାରେ ଲାଗିଛି। ଭଳିଭଳି ଆଲୋକରେ ଉଦ୍‌ଭାସିତ କଳା ମଚମଚ ରାଜପଥ ଓ ଜନପଥରେ ଅସୁମାରି ଶାଖା ପ୍ରଶାଖା, କ୍ରମବର୍ଦ୍ଧିଷ୍ଣୁ ଜନବସତି ଏବଂ ଅଟ୍ଟାଳିକାର ତାଲିକା ହୋଇଛି ତାର ରୂପରେଖା। ସେଦିନର ଅବାଧରେ ଘୂରି ବୁଲୁଥିବା ଶୃଗାଳ, ହରିଣ, ବାରହା, କୋକିଶିଆଳି, ହେଟା, କଲରାପତରିଆ ବାଘ. ହାତୀ ଆଦି ବନ୍ୟଜନ୍ତୁ ବାସଚ୍ୟୁତ ହୋଇ ଚନ୍ଦକା, ବାଙ୍କୀ-ଡମପଡା ଜଙ୍ଗଲରେ କଣଠେସା ହୋଇ ବୁଲୁଛନ୍ତି। ବୃକ୍ଷଲତା, ବନସ୍ପତି, ଗୁଳ୍ମରାଜିର ଉଭାନ୍ ତଥା ହଳଦିବସନ୍ତ, କୁମ୍ଭାଟୁଆ, ଡାହୁକ, ଘରଚଟିଆ ଓ ଭଦଭଦଳିଆ ଆଦିଙ୍କର ପକ୍ଷୀକାକଳି ଆଜି ଏଠାରେ ସ୍ୱପ୍ନ। ମଣିଷ ଜୀବନ ପାଇଁ ସେ ପରିବେଶ ଓ ଜଳବାୟୁ ଆଜି ଆଉ ସେ ଭୁବନେଶ୍ୱରରେ ନାହିଁ, ବରଂ ଏକ ଭିନ୍ନ ପରିବେଶ ଓ ପରିବର୍ତ୍ତିତ ଜଳବାୟୁ ଏଠାରେ ଉଦ୍ରେକ ହୋଇଛି ଏବଂ କ୍ରମ ବର୍ଦ୍ଧମାନ ହୋଇଚାଲିଛି। ଆମେ ଯେ, କେତେ ପାଇଛୁ ଆଉ କେତେ ହରାଇଛୁ, ତା'ର ହିସାବ କରିବା ସହଜ ନୁହେଁ।

ପରିବେଶର ଅବକ୍ଷୟ ସାଙ୍ଗକୁ ପୃଥିବୀର ଜଳବାୟୁ ପରିବର୍ତ୍ତନ କେବଳ ଆମପାଇଁ ନୁହେଂ, ସମଗ୍ର ବିଶ୍ୱବାସୀଙ୍କ ପାଇଁ ଦୁର୍ବିସହ ହୋଇପଡିଛି। ଜୀବଜନ୍ତୁ ବୃକ୍ଷଲତା ବିଲୁପ୍ତ ହେବାରେ ଲାଗିଛନ୍ତି, ତେବେ ବି ମଣିଷ ମୁଣ୍ଡରେ ଚେତା ପଶିନି। ଆଧୁନିକ ଜୀବନଶୈଳୀ ସତେ ଯେମିତି ଅପରିହାର୍ଯ୍ୟ, ସମସ୍ତଙ୍କ ପାଇଁ ତଥା ପ୍ରତି ଘରେ ଏକାନ୍ତ କାମ୍ୟ। ପ୍ରକୃତିର କମନୀୟତା, ଚାରୁଗର୍ଭତା ଆଉ କେହି ଉପଲବ୍ଧି କରୁନାହାନ୍ତି, କେହି ଲୋଡା ବୋଲି ଅନୁଭବ କରୁନାହାନ୍ତି। ହୁଏତ ଲୋଡା ବଙ୍ଗଳାପରି ବଡବଡ ଘର, ବହୁ ପେଟ୍ରୋଲ ଜାଳେଣି କରି ବଡବଡ ଗାଡିମୋଟର, ନିଜକୁ ଥଣ୍ଡା ରଖିବାକୁ ରେଫ୍ରିଜରେଟର, ଫ୍ରିଜ୍, ଭୂମି, ପରିବେଶର ଜଳ ଓ ବାୟୁର ଗତିକୁ ଆଖି ବୁଜିଦେଇ ବହୁତଳବିଶିଷ୍ଟ ମଲ୍, ସିନେମାହଲ୍ ଓ ରେଷ୍ଟୁରାଣ୍ଟ ଠିଆ କରିଦେଇ ନିଜକୁ ଉନ୍ନତ ମଣୁଛନ୍ତି। ଏସବୁ ସହିତ ପ୍ରଶସ୍ତ ରାସ୍ତାଘାଟ, ରେଳଲାଇନ୍, ଉଡାଜାହାଜ ପଡିଆର ସମ୍ପ୍ରସାରଣ ବଢିଚାଲିଛି ସିନା, କିନ୍ତୁ କାହା ବିନିମୟରେ ଏ ସବୁ ହାତପାଆନ୍ତା ହୋଇଛି ତା' ବା କିଏ ବୁଝୁଛି ?

ଅନତିକ୍ରମେ ସହରରେ, ରାଜଧାନୀର କୁହୁକ ପରିବେଶରେ ଅବକ୍ଷୟ ଘଟୁଥିବା ବେଳେ ସୁଖର କଥା, ଏକାମ୍ରକାନନ ନାମର ସାର୍ଥକତାରେ ନୂଆପଲ୍ଲୀରେ ଥିବା ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ବା ଆରପିଏସସି ରୁକ୍ଷତା ଭିତରେ ଏକ ବିସ୍ତୀର୍ଣ୍ଣ ସବୁଜିମା ସଂସାରର ସଙ୍କେତ ଦେଉଛି। ପୂରାପୂରି ପ୍ରାକୃତିକ ଜଙ୍ଗଲ ନହେଲେ ବି ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ନିଦାଘରେ ପୂର୍ଣ୍ଣତାର ବାଦଲଭଳି ଏହାର କଳେବର ଭରତପୁର ମୌଜାର ୪୮୭ ଏକର ଜମିରେ ବିସ୍ତାରିତ। ସି.ଆର.ପି. ଛକର ଉତ୍ତରଦିଗକୁ ପାଞ୍ଚ ନମ୍ବର ଜାତୀୟ ରାଜପଥଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ଥିବା ଏହି କେନ୍ଦ୍ରରେ ରହିଛି ଦୁଇ ହଜାରରୁ ଅଧିକ ଘଞ୍ଚ ପ୍ରାକୃତିକ ଏବଂ ମଣିଷ ରୋପିତ ବିଭିନ୍ନ ଜାତି ପ୍ରଜାତିର ଗଛଲତା ଏବଂ ପ୍ରାୟ ଚାଳିଶ ଏକର ଜମିରେ ଏକ ମନଲୋଭା ସ୍ୱଚ୍ଛ ମଧୁର ଜଳର ହ୍ରଦ। ବର୍ଷସାରା ବିଶେଷକରି ଶୀତଋତୁରେ ହ୍ରଦରେ ଜମୁଥିବା ଦେଶବିଦେଶର ଭିନ୍ନଭିନ୍ନ ରଙ୍ଗବେରଙ୍ଗର ଚଢେଇମେଳା ଓ ସେମାନଙ୍କର ଜଳକ୍ରୀଡା ଅତୀବ ମନଲୋଭା। କହିବା ବାହୁଲ୍ୟ କ୍ରମବର୍ଦ୍ଧିଷ୍ଣୁ ରାଜଧାନୀବାସୀଙ୍କର ମନ ପରିବର୍ତ୍ତନ ଏବଂ ମନରେ ଅପାର ଆନନ୍ଦ ବିଚ୍ଛୁରିତ କରିବାର ଯୋଜନା ନେଇ ଏହି ଏକାମ୍ରକାନନ ଉପଲବ୍ଧ ହେଉଥିବା ମନେହୁଏ।

ପୂର୍ବଭାରତର ଭଳିଭଳିକା ବୃକ୍ଷଲତାର ଅନନ୍ୟ ସମାହାର ଭୁବନେଶ୍ୱର ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର କେବଳ ଯେ ଜୀବଜନ୍ତୁ ମାନଙ୍କର ଏକ ପ୍ରମୁଖ ସଂରକ୍ଷଣ ସ୍ଥଳ, ତାହା ନୁହେଁ, ସମାଜର ସବୁ ସ୍ତରର ଲୋକଙ୍କପାଇଁ ଏହା ପାଲଟି ଯାଇଛି ଏକ ଅଭିନବ, ଶିକ୍ଷଣୀୟ ତଥା ଦର୍ଶନୀୟ ସ୍ଥାନ। ଓଡିଶା ସରକାରଙ୍କର ବିଜ୍ଞାନ, ଟେକ୍ନୋଲଜି ଓ ପରିବେଶ ବିଭାଗ ଅଧୀନରେ ଥିବା ଏହି କେନ୍ଦ୍ର ୧୯୮୫ ମସିହା ମାର୍ଚ୍ଚ ୨୩ ତାରିଖରେ ଏକ ସାମାଜିକ ଅନୁଷ୍ଠାନ ଭାବେ ପଞ୍ଜୀକୃତ ଏବଂ ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ରଭାବେ ସୃଷ୍ଟ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ପରିଚାଳିତ ହୋଇଆସୁଛି। ଯେଉଁ ଉଦ୍ଦେଶ୍ୟ ଓ



ପରିକଳ୍ପନା ଦେଇ ଏହି କେନ୍ଦ୍ର ସ୍ଥାପିତ ହେଲା, ତନ୍ମଧ୍ୟରେ ଅଛି -

ଭବିଷ୍ୟତ ପାଇଁ ସଂରକ୍ଷଣ ଓ ଗବେଷଣାଯୋଗ୍ୟ ବଛାବଛା ଉଦ୍ଭିଦ ଗୋଷ୍ଠୀର ଜୀବନ୍ତ ଜନନଦ୍ରବ୍ୟ ଯଥା - ବୀଜ କିମ୍ବା ତନ୍ତୁ ଯାହା ଦୀର୍ଘ ସମୟ ପର୍ଯ୍ୟନ୍ତ ଉଦ୍ଭିଦ ପ୍ରଜନନ ନିମନ୍ତେ ସହାୟକ ଉପାଦାନ ହେବ ଏବଂ ନବୀନ ଉଦ୍ଭିଦ ସୃଷ୍ଟି କରିବ; ଔଷଧୀୟ ତୈଳ ଉତ୍ପାଦନ କରି ଏବଂ ଅନ୍ୟ ଆଂଶିକ ଉଦ୍ଭିଦର ବୃଦ୍ଧି, ସଂକ୍ଷଣ ଓ ପରୀକ୍ଷଣ; ବିଲୁପ୍ତ, ବିରଳ ଏବଂ ବିପଦ ସଂକୁଳ ଲୁପ୍ତପ୍ରାୟ ଉଦ୍ଭିଦର ପୁନଃବସତି ଓ ପୁନଃବସ୍ଥାନ; ବଂଶକଣିକା ଖଞ୍ଜନ (ଜେନେଟିକ୍ ମାନିପୁଲେସନ୍) ଓ ଜିନ୍ ପରିବର୍ତ୍ତନ ପାଇଁ କୋଷ, ତନ୍ତୁ ଓ ଅଙ୍ଗୀୟପୋଷଣ; ଅଲିଙ୍ଗିୟ କୋଷ (ଭେଜିଟେଟିଭ୍ କୋଷ)କୁ ଭ୍ରୂଣର ପରିବର୍ତ୍ତନ କରି ବିଭିନ୍ନ ଜୈବ ପଦ୍ଧତି (ବାୟୋଟେକ୍ନୋଲଜିକାଲ)ର ସଫଳ ପ୍ରୟୋଗ ଦ୍ୱାରା ବଂଶବୃଦ୍ଧି; ଜ୍ୱଳନଶୀଳ ଉଦ୍ଭିଦର ବହୁଳ ବିସ୍ତାର ଓ ଅନ୍ୟ ଉଦ୍ଭିଦରୁ ଏହି ଜାତୀୟ ଉଦ୍ଭିଦକୁ ପରିବର୍ତ୍ତନ; ସବୁଜବଳୟ ଉଦ୍ୟାନ ନିର୍ମାଣର ମୂଳଭିତ୍ତି ତଥା ସବୁଜିମା ଦ୍ୱାରା ପରିସୀମା ସୌନ୍ଦର୍ଯ୍ୟକରଣ ଏବଂ ନିମ୍ନନ ଆଦି କାର୍ଯ୍ୟରେ ସମାଜରେ ସହାୟତା ଓ କୁଶଳତା ବିତରଣ; ନର୍ସରୀ ଓ ଉଦ୍ଭିଦର ଉତ୍ପନ୍ନ କୌଶଳ ଟ୍ରେନିଂ ମାଧ୍ୟମରେ ଶିକ୍ଷାଦାନ; ଜାତୀୟ ତଥା ଆନ୍ତଃଜାତୀୟ ପ୍ରତିଷ୍ଠାନ ସହ ଉଦ୍ଭିଦ ସଂରକ୍ଷଣପାଇଁ ସମ୍ପର୍କ ସ୍ଥାପନ ଓ ବୀଜ ତଥା ଉଦ୍ଭିଦର ଆଦାନପ୍ରଦାନ; ସାବଲିଳ ଲେଖା ମାଧ୍ୟମରେ ଉଦ୍ଭିଦଜନିତ ଜ୍ଞାନର ପ୍ରସାରଣ; ନିଜଦ୍ୱାରା ଉପଲବ୍ଧ ସୂକ୍ଷ୍ମ ପରିବେଶ (ମାଇକ୍ରୋହାବିଟାଟ୍)ରେ ନିର୍ଦ୍ଦିଷ୍ଟ ଉଦ୍ଭିଦ କିପରି ବୃଦ୍ଧିହୁଏ, ତା'ର ସୂଚନା ପ୍ରଦାନ।

ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ସ୍ଥାପନ ହେବାଠାରୁ ଏହାର ଯେଉଁ ଦୁଇଟି ମୂଳଲକ୍ଷ୍ୟ ରହିଛି, ତାହା ହେଲା ଉଦ୍ଭିଦ ଜୈବ ବିଭିନ୍ନତାର ପରୋକ୍ଷ ସଂସ୍ଥାପନ ଓ କେତେକ ସ୍ଥାନରେ ପରସଂସ୍ଥା ସଂରକ୍ଷଣ। ଏତ୍‌ଦବ୍ୟତୀତ ଉଚ୍ଚକୋଟୀର ବିଜ୍ଞାନାଗାର ଏବଂ ଉନ୍ନତ ଯନ୍ତ୍ରପାତି ବ୍ୟବହାର କରି ଉଦ୍ଭିଦର ବର୍ଗୀକରଣ, ଜୀବ ସଂରକ୍ଷଣ, ଲୋକ ବନସ୍ପତି ବିଜ୍ଞାନ, ପ୍ରାଣୀଧର୍ମ ବିଦ୍ୟା ଓ ଜୀବରସାୟନ, ଫଳଫୁଲ ବିଜ୍ଞାନ, ଔଷଧୀୟ ତଥା ସୁଗନ୍ଧୀୟ ଉଦ୍ଭିଦ, ଜୈବପଦାର୍ଥ (ବାୟୋମାସ୍) ଉତ୍ପାଦନ ଉପରେ ଗବେଷଣା ଦୃଷ୍ଟି ଆକର୍ଷଣ କରିଛି। ଅଦ୍ୟାବଧି ପରୋକ୍ଷ ସଂରକ୍ଷଣ କ୍ଷେତ୍ରରେ ୪୨୦ ପ୍ରଜାତିର ବୃକ୍ଷ, ୨୯୦ ପ୍ରଜାତିର ଔଷଧୀୟ ଉଦ୍ଭିଦ, ୫୪ ପ୍ରକାରର ତାଳ, ୩୪ ପ୍ରକାରର ବାଉଁଶ, ୧୦୭ ପ୍ରଜାତିର ଜଙ୍ଗଲି ଜାତୀୟ ଖାଦ୍ୟୋପଯୋଗୀ ଫଳ ଉଦ୍ଭିଦ, ୧୦୫୦ ପ୍ରଜାତିର ମରୁ ତଥା ଅବୟବରେ ପ୍ରଚୁର ଜଳ ସଂଚୟ କରିପାରୁଥିବା ଉଦ୍ଭିଦ, ୨୨୦ ପ୍ରଜାତିର ସ୍ଥାନୀୟ ଓ ବହିର୍ଦେଶୀୟ ଅର୍କିଡ୍ ଓ ୪୦ ପ୍ରକାର ଲୁପ୍ତପ୍ରାୟ ଉଦ୍ଭିଦ ସଂରକ୍ଷିତ ହୋଇପାରିଛି। ଏଠାରେ ଥିବା ଉଦ୍ଭିଦପାଇଁ ଅନ୍ୟାନ୍ୟ ସୁବିଧା ଭିତରେ ବିସ୍ତୀର୍ଣ୍ଣ ଗବେଷଣା ଉଦ୍ୟାନ, ସ୍ଥିର ପରିବେଶ ସବୁଜ ଘର, ଧୂର୍ମିତ ବରଫ କୋଠରି, ଛାୟାଜାଲି ଏବଂ ପଲିଥିନର ନୂଆଁଣିଆ ଘର ଉପଲବ୍ଧ। ଅଲିଙ୍ଗୀୟ ପ୍ରଜନନ ତଥା ତନ୍ତୁପୋଷଣ (ଟିସୁ କଲଚର) କୌଶଳ ଅବଲମ୍ବନରେ ବିଭିନ୍ନ ବୃକ୍ଷଲତାର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି।

ଘଞ୍ଚ ବନଲତା ସାଙ୍ଗକୁ ଜୀବଜନ୍ତୁ ସଂଖ୍ୟା ବି ବଢୁଛି। ସେମାନଙ୍କ ମଧ୍ୟରେ ୩୦ ପ୍ରକାରର ସ୍ତନ୍ୟପୋଷ୍ୟ ପ୍ରାଣୀ, ୧୪୮ ପ୍ରକାରର ପକ୍ଷୀ, ୩୮ ପ୍ରଜାତିର ସରୀସୃପ, ୧୫ ପ୍ରଜାତିର ଉଭୟଚର ପ୍ରାଣୀ, ୧୫ ପ୍ରଜାତିର ମାଛ, ୧୦୪ ପ୍ରଜାତିର ପ୍ରଜାପତି, ୫୮ ପ୍ରକାରର ଅଷ୍ଟପଦୀ କୀଟ ଏବଂ ୪୧ ପ୍ରଜାତିର କଙ୍କି ଜାତୀୟ କୀଟ ଠାବ ହୋଇଛି। ଏହାଛଡା ସନ୍ନିକଟ ଜଙ୍ଗଲରୁ ବନ୍ୟଜନ୍ତୁଙ୍କ ଅବାଧ ପ୍ରବେଶ ନିତିଦିନିଆ କଥା। ଏହା ଜଣାଶୁଣା ଯେ, ଏପରି ସମ୍ପର୍କ ବଳରେ ବଂଶକଣିକାର ପ୍ରସାର ଘଟିବ, ଜୀବ ସଂରକ୍ଷଣ ସୁରକ୍ଷିତ ହେବ ଓ ଜାତି ଦୀର୍ଘଜୀବୀ ହୁଏ। ଏକଥା ବି ସତ, ଜଙ୍ଗଲର ଜନ୍ତୁ ବିଶେଷକରି ବନ୍ୟହସ୍ତିଙ୍କ ବାରମ୍ବର ପ୍ରବେଶ ଯୋଗୁ ଆର.ପି.ଆର.ସି. ଅଞ୍ଚଳରେ ଅନେକ କ୍ଷୟକ୍ଷତି ଘଟେ।

ଜଙ୍ଗଲପାଇଁ ଲୋଡ଼ା ବୃକ୍ଷ ଓ ବୃକ୍ଷପାଇଁ ଜଙ୍ଗଲ, ପରସ୍ପରର ପରିପୂରକ। ଆର.ପି.ଆର.ସି. ଜଙ୍ଗଲରେ ଏବେ ସମୁଦାୟ ୧୪୩୦ ପ୍ରଜାତିର ବୃକ୍ଷ ଦେଖିବାକୁ ମିଳେ। ବୃକ୍ଷ ଗୁଡ଼ିକର ଉପାଦେୟତା ହେଲା - କାଷ୍ଠବୃକ୍ଷ, ଜାଳେଣି ବୃକ୍ଷ, ସୌନ୍ଦର୍ଯ୍ୟକରଣ ବୃକ୍ଷ ତଥା ଅନେକ ରେଜିନ୍, ଅଠା, ଫେଣ, ଫୁଲ, ଫଳ ତଥା ଅନ୍ୟାନ୍ୟ ଆବଶ୍ୟକ ତୈଳ ଉତ୍ପାଦନ ଉପଯୋଗୀ ବୃକ୍ଷ। ସୁପ୍ରସିଦ୍ଧ ଭାରତ-ବର୍ମା ସାଗୁଆନ୍ ମଧ୍ୟ ଏହି ବିଷୟରେ ଉଲ୍ଲେଖଯୋଗ୍ୟ। ଅନେକ ଗୁଡ଼ିଏ ବିଦେଶୀ (ଆଫ୍ରିକୀୟ, ବ୍ରାଜିଲ ଦେଶୀୟ, ଅଷ୍ଟ୍ରେଲିୟ, ମାଡ଼ାଗାସ୍କରୀୟ) ବୃକ୍ଷରାଜି ଏହି କେନ୍ଦ୍ରକୁ ସମୃଦ୍ଧ କରିଛି। ବିଭିନ୍ନତା ଭିତରେ ଭାରତୀୟ ବୃକ୍ଷମାନଙ୍କର ମହତ୍ତ୍ୱ ବାରି ହୋଇଯାଏ।

ସମଗ୍ରଦେଶରେ ବାଉଁଶର ବହୁଳ ବ୍ୟବହାର ଯୋଗୁ ଏହାର ଚାହିଦା ରହିଛି। କଥାରେ ଅଛି, 'ବାଉଁଶ ଗୋଜା, ଏନ୍ତୁଡ଼ିଶାଳରୁ ସ୍ୱର୍ଗଦ୍ୱାର ଯାଏ ପଡେ ତା ଲୋଡ଼ା'। ବାଉଁଶ ବିନା କାଗଜକଳ କି ଚଳେ ? ଏମିତି ପୂର୍ବାଞ୍ଚଳରୁ ୩୨ ପ୍ରଜାତିର ବାଉଁଶ ଏକାମ୍ରକାନନ ବାଉଁଶ ଗୋଷ୍ଠୀରେ ସ୍ଥାନ ପାଇଛି। ସେହିପରି ତାଳବୃକ୍ଷ ଆଉ ଗୋଟିଏ ଗୋଷ୍ଠୀର ଆକର୍ଷଣୀୟ ସମାବେଶ କରିଛି। ଏହା ଅର୍ଥ ଉତ୍ପାଦନକାରୀ ଆଉ ଲାଭଜନକ। ଏମିତି ୩୫ ଏକର ଜମିରେ ୬୦ ପ୍ରଜାତିର ବିଷୁବ ଏବଂ ଉପବିଷୁବ ମଣ୍ଡଳୀୟ ତାଳର ବିଭବ ସୃଷ୍ଟି କରାଯାଇଛି। ଅନେକ ଗବେଷଣା ଉପଯୋଗୀ ଅମୂଲ୍ୟ ତାଳ ପ୍ରଜାତିର ସଂଗ୍ରହାଳୟ ହୋଇଚି ଏହି ଅନୁଷ୍ଠାନ। ଏହା ମଧ୍ୟ ଅର୍ଥ ଉପାର୍ଜନକାରୀ। ତାଳ ଗୋଟିଏ ଗୋଷ୍ଠୀ ଉଦ୍ଭିଦ ହିସାବରା ଏହାର କଳେବର ବିଚିତ୍ର।

ସ୍ୱାଧୀନତା ପୂର୍ବରୁ ଅବା କିଛିଦିନ ପରେ ଗାଁଗଣ୍ଡାରେ ପ୍ରଚୁର କୋଳି ମିଳୁଥିଲା। ଏହି କୋଳି କ୍ଷୀରକୋଳିରୁ ଆରମ୍ଭକରି ଭଇଞ୍ଚକୋଳି, କଣ୍ଟେଇକୋଳି, ତୁତକୋଳି, ଜାମୁକୋଳି, ନରକୋଳି, ଖିରକୋଳି, ବରକୋଳି ପର୍ଯ୍ୟନ୍ତ। ତା ସାଥିକୁ କଇଁଥ, କେନ୍ଦୁ ବି ପର୍ଯ୍ୟାପ୍ତ ପରିମାଣରେ ମିଳୁଥିଲା। ଏହି ପ୍ରାକୃତିକ ଖାଦ୍ୟ ଖାଇ ପେଟ ଭରିଯାଉଥିଲା ତଥା ମନ ପୂରି ଉଠୁଥିଲା। ଆଜି ସହର କାହିଁକି, ଗାଁଗଣ୍ଡାରେ ବି ଏ ସବୁ ଦୁର୍ଲ୍ଲଭ ହୋଇଯାଇଛି। ଏହା ଅନେକ ସ୍ଥଳରେ ଲୋକମାନଙ୍କର ଖାଦ୍ୟ ସମସ୍ୟା ସମାଧାନ କରିଥାଏ। ଦ୍ରୁତ ଜଙ୍ଗଲକ୍ଷୟ ସକାଶେ କୋଳି ଆଜି ଅଦୃଶ୍ୟ ହେବାକୁ ବସିଲାଣି। ବୋଧହୁଏ, ଏହି ଦୃଷ୍ଟିରୁ ଏକାମ୍ରକାନନରେ ଏକ ଖାଦ୍ୟୋପଯୋଗୀ ଜଙ୍ଗଲଜାତୀୟ ଫଳ ଉଦ୍ୟାନ ରହିଛି। ଦେଶର ବିଭିନ୍ନ ରାଜ୍ୟରୁ ସଂଗୃହୀତ ୧୦୨ ପ୍ରକାରର କୋଳି-ଫଳ ଉଦ୍ଭିଦ ଏଠାରେ ସ୍ଥାନ ପାଇଲା ପରଠାରୁ ଏହି ସଂଖ୍ୟା ବୃଦ୍ଧିପାଉବା ଦେଖିବାକୁ ମିଳୁଛି।

ଭୁବନେଶ୍ୱରବାସୀ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନଙ୍କ ଆକର୍ଷଣ ରହିଛି ଏକାମ୍ରକାନନର କ୍ୟାକ୍‌ଟସ୍ ନିବାସରେ। ଏହାକୁ ଏସିଆ ମହାଦେଶର ଗୋଟିଏ ବଡ କ୍ୟାକ୍‌ଟସ୍ କେନ୍ଦ୍ର ବୋଲାଯାଏ। ରଙ୍ଗବେରଙ୍ଗର ଅନେକ ଶଙ୍କର ଜାତୀୟ କ୍ୟାକ୍‌ଟସ୍ ସାଙ୍ଗକୁ ଦେଶବିଦେଶର ପ୍ରାୟ ୧୦୫୦ରୁ ଅଧିକ ମରୁଜାତୀୟ ଏହି ଉଦ୍ଭିଦ ଏକାମ୍ରକାନନର ସୌନ୍ଦର୍ଯ୍ୟ ବହୁଗୁଣା କରିଦେଇଛି। ଅନେକ ଗୁଡ଼ିକୁ କୌତୁକିଆ ନାମକରଣ କରାଯାଇଛି ଯଥା - ଜେଜେଙ୍କ ବୈଠକୀ, ମମିସ୍ ପାୟଲ୍, ପାଗ୍‌ଲା ଘୋଡାର ଲାଞ୍ଜ, ଦିଦିର ଫ୍ରକ୍, ଗୁଣ୍ଡାପା କ୍ୟାକ୍‌ଟସ୍ ଇତ୍ୟାଦି। ଅନେକ ଶଙ୍କର ଜାତୀୟ କ୍ୟାକଟସ ଏହି



ଏକାମ୍ରକାନନରେ ସୃଷ୍ଟି କରାଯାଏ। ସତରେ ବିଦେଶରେ ଏହି କ୍ୟାକ୍‌ଟସ୍ ଗୁଡ଼ିକର ବହୁ ଚାହିଦା ଅଛି ଏବଂ ଏହାଦ୍ୱାରା କୋଟି କୋଟି ଟଙ୍କା ରୋଜଗାର କରିବାର ପଥ ରହିଛି।

ସେମିତି ଫୁଲ ବଜାରରେ ଅର୍କିଡ୍ ସବୁଠାରୁ ଦାମୀ ଏବଂ ଅଳଙ୍କାର ସଦୃଶ ଶୋଭା ପାଉଥିବା ପୁଷ୍ପ। ଏହାର ଆବରଣରେ ବା ବ୍ୟବହାର ଦ୍ୱାରା ଅପାର ଆନନ୍ଦରେ ହୃଦୟ ଭରିଯାଏ। ଏହି ସୁନ୍ଦର ଫୁଲଗୁଡ଼ିକ ଆଭିଜାତ୍ୟ ଓ ପୂର୍ଣ୍ଣ ବୈଭବଶାଳୀତା ପ୍ରସ୍ଫୁଟିତ କରେ। ଦୁଃଖର କଥା, ଜଙ୍ଗଲରେ ବଢ଼ିଥିବା ଅର୍କିଡ୍ ଗୋଷ୍ଠୀର ଅପୂର୍ବ ଶୋଭାର ଆକର୍ଷଣ ଓ ଲୋଭଦ୍ୱାରା ମାତ୍ରାଧିକ୍ୟ ଆହରଣ ତଥା ବ୍ୟବସାୟୀକରଣ ଏ ଦୁର୍ଲ୍ଲଭ ଜାତିକୁ ଲୋପ କରିବାପାଇଁ ଦାୟୀ। ଲୋକମାନଙ୍କର ଏହି ଫୁଲର ଚାହିଦା ମେଣ୍ଟାଇବା ପାଇଁ ଏଭଳି ଦୁଷ୍ପ୍ରାପ୍ୟ ଉଦ୍ଭିଦ ଗୁଡ଼ିକର ସଫଳ ପୁନର୍ବସତିକୁ ଆଖି ଆଗରେ ରଖି ତଥା ଗବେଷଣାଦ୍ୱାରା ନୂତନ ଅର୍କିଡ୍ ନିବାସ ଗଠନ କରାଯାଇଛି ଏଠାରେ।

କଥାରେ ଅଛି, 'ଫୁଲରେ ଅତର, ମନରେ ଜୁଆର'। ଏକ ଲାଭଜନକ ଶିଳ୍ପ ରୂପେ ଅତର ଉତ୍ପାଦନ ପ୍ରଚେଷ୍ଟା ବଢ଼ିବାକୁ ଲାଗିଛି। ସଉକ ଛଡ଼ା, ଆକର୍ଷଣ ସାମଗ୍ରୀ ଭାବରେ ବାସ୍ନା ଫୁଲର ବଗିଚା ବା ଫୁଲକୁଣ୍ଡ ନତୁବା ଘର ଭିତରେ ବୈଠକଖାନାରେ ଫୁଲଗଛ ବା କଟାଫୁଲର ରୋଶଣୀ ଆମେ କରୁ। ବାସ୍ନା ଫୁଲର ଏକ ସୁନ୍ଦର ବଗିଚା ଏକାମ୍ରକାନନର ଏକ ପ୍ରାନ୍ତରେ ରହିଛି। ଖାଣ୍ଟି ଓଡ଼ିଶା ପୁରପଲ୍ଲୀର କିଆକେତକୀରୁ ଆରମ୍ଭ କରି ଅନେକ ମନମୋହକ ବାସନା ପୂରି ରହିଛି ଏଠାରେ।


ପ୍ରାଚୀନକାଳରୁ ଅଦ୍ୟାବଧି ଔଷଧୀୟ ଉଦ୍ଭିଦର ଆବଶ୍ୟକତା ଓ ଆଦର ରହିଛି। ଏଗୁଡ଼ିକ ଆମକୁ ନୈସର୍ଗିକ ଉପହାର ବୋଲି ମନେହୁଏ। ଏଥିପାଇଁ ଏକାମ୍ରକାନନରେ ରହିଛି ଏକ ବିଶେଷ ପ୍ରାଙ୍ଗଣ, ଯହିଁରେ ଏମିତି ୨୩୭ ପ୍ରକାର ସ୍ୱୀକୃତ ଔଷଧୀୟ ଚାରା ପ୍ରଦର୍ଶନୀ ଖୋଲିଛନ୍ତି।

ଫୁଲ କେବଳ ଇତିହାସ କି ମୋଗଲ ବାଦ୍‌ସାହଙ୍କର ସୌଖୀନ ଦ୍ରବ୍ୟ ହୋଇ ରହିନି, ଆଜିର ଜନସମାଜରେ ଏହା ଦୈନନ୍ଦିନ ଜୀବନରେ ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ଏକାମ୍ରକାନନ ସାଜିଛି ସ୍ଥାନୀୟ ଆବଶ୍ୟକତା ନେଇ ଅସଂଖ୍ୟ ଗୋଲାପ ଓ ମନ୍ଦାରର ଉଦ୍ୟାନ। ଅନ୍ୟୁନ ୧୧୦୦ ପ୍ରକାର ଗୋଲାପ ଓ ୫୨ ପ୍ରକାର ମନ୍ଦାର ସୁନ୍ଦର ଆକର୍ଷକ ବଗିଚାଟିଏ ବସାଇଛନ୍ତି, ସେଇଠି ଆଖିର ପଲକ ପଡ଼ିବନି।

ଘର ଭିତରେ ଅଭ୍ୟନ୍ତର ସାଜସଜ୍ଜାରେ ଅନେକ ଉଦ୍ଭିଦର ଚାହିଦା ରହିଛି। ଏଥିପାଇଁ ଏକାମ୍ରକାନନ ସାଜିଛି ଗୋଟିଏ କାରଖାନା। ବହୁପ୍ରକାରର ପତ୍ରପୁଷ୍ପ ସମାହାର ବିଶିଷ୍ଟ ବୃକ୍ଷ ମିଳୁଛି ଏଠାରେ। ପୁଣି ବିଲୁପ୍ତ ହୋଇଯାଉଥିବା ଅନେକ ଦୁର୍ଲଭ ସଂକଟାପନ୍ନ ବୃକ୍ଷଲତାର ସଂରକ୍ଷଣର କେନ୍ଦ୍ର ସାଜିଛି ଏକାମ୍ରକାନନ। ଏମିତି ୩୧ ପ୍ରଜାତିର ବୃକ୍ଷଲତା ଏଠାରେ ରହିଛି। ଏଗୁଡ଼ିକ କିପରି ଆଧୁନିକ ପରିବେଶରେ ବଂଶବୃଦ୍ଧିକରି ବଞ୍ଚିରହିବେ, ତାହା ହିଁ ଏଠାରେ ଗବେଷଣାର ବିଷୟବସ୍ତୁ।

ଆଜି ଭୁବନେଶ୍ୱରରେ ପର୍ଯ୍ୟଟକମାନଙ୍କ ପାଇଁ ଏହି ଏକାମ୍ରକାନନ କେବଳ ଦର୍ଶନୀୟ ସ୍ଥାନ ଭାବରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିନି, ଏହା ଏହି ଭୌଗୋଳିକ ପରିବେଶ ସମ୍ବନ୍ଧରେ ସଠିକ୍ ପରିଚୟ ଦେବାରେ ସମର୍ଥ ହୋଇପାରିଛି। ଦେଶବିଦେଶର ଅସଂଖ୍ୟ ଜନତା ଏହି ସ୍ଥାନର ମହନୀୟତା ଓ ସବୁଜିମା ପ୍ରସବିନୀ ଗୁଣରେ ମୁଗ୍ଧ ହୋଇ ମାନସପଟରେ ସାଇତି ରଖିଛନ୍ତି। ସ୍ୱସ୍ଥାନରେ ଚିତ୍ତବିନୋଦନ ସହିତ ଯୋଗାଭ୍ୟାସ, ପ୍ରଭାତଭ୍ରମଣ, ପୁଷ୍ପ ପ୍ରଦର୍ଶନୀ ଓ ପ୍ରାକୃତିକ ଜଙ୍ଗଲର ଛାୟାକଳ୍ପରୂପେ ଶୀତଳ ସ୍ପର୍ଶ ପାଇଁ ଏହା ଏକ ଆଶୀର୍ବାଦ। କହିବା ବାହୁଲ୍ୟ ଯେ କ୍ରମାଗତ ଉତ୍ତାପ ବୃଦ୍ଧି ଭୁବନେଶ୍ୱରପାଇଁ ଏକ ପ୍ରମୁଖ ସମସ୍ୟା ରୂପେ ଦେଖାଦେଉଥିବା ବେଳେ, ଏହି ଏକାମ୍ର କାନନର ସବୁଜ ବନାନୀ ମନରେ ଆଣେ ଦୁର୍ଲ୍ଲଭ ଉନୁଭବ, ଶୀତଳତାର ସ୍ପର୍ଶ।

ପ୍ରାକ୍ତନ ପ୍ରଫେସର,
ବଟାନୀ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର
ମୋ - ୯୪୩୭୨୩୧୯୯୪



# ସତେଜ ସହର - ଭୁବନେଶ୍ୱର

*ଶ୍ରୀମତୀ ବିଦେଶୀ ଭଞ୍ଜ*

ଆୟୁଷ୍ମାନ ଏ ସହର ଆଶାଭେଳା
ଟିକି ଟିକି ଉଷ୍ମ ବିଶ୍ୱାସର
ବର୍ତ୍ତମାନ-ଅତୀତ ଓ ଭବିଷ୍ୟର ସଂବିଧାନ - ସଂପର୍କ ସ୍ମୃତିର
ସମୟର ସାମୁକା ଶଯ୍ୟାରେ ବସି ମୁକ୍ତା ଖୋଜୁ ଖୋଜୁ
ଅଜାଣତେ ଜିତିଯାଏ ବୟସର ବର୍ଣ୍ଣିଳ ସକାଳ
ମୁହୂର୍ତ୍ତର ରଥଚକ ଗଡିଚାଲେ ଆଗକୁ ଆଗକୁ ........
ନୂତନର ସ୍ୱାଗତିକା ସମ୍ବର୍ଦ୍ଧନା ମଧ୍ୟେ
ସ୍ତିମିତ ଆଲୋକ ନେଇ -

ପୁରାତନ ଜଳୁଥାଏ ନୂତନକୁ ଆବାହନୀ ଦେଇ,
ଜନ୍ମ ଲଗ୍ନ ଉନ୍ମାଦନା - ପ୍ରୀତି ପ୍ରତୀକ୍ଷାରେ
ଉଲ୍ଲସିତ ଏ ଦ୍ୱୈତ ନଗରୀ,
ଅସଂଖ୍ୟ କଂକ୍ରିଟ୍ ଛାତ - ଲକ୍ଷ ଲକ୍ଷ ଇଟାର ସାମ୍ରାଜ୍ୟେ ଭରା ପାଣ୍ଡୁଲିପିଟିଏ
ପ୍ରାଚୁର୍ଯ୍ୟର ସମ୍ମୋହନୀ ସୃଷ୍ଟି କରେ ମାତ୍ର -
ହୃଦୟକୁ ହୃଦୟ ଚିହ୍ନେନା, ଅନ୍ତରକୁ ଅନ୍ତର ମିଳେନା।

ଏ ସହର ଗନ୍ତାଘର ଅୟୁତ ଇଚ୍ଛାର
ଇପ୍‌ସା ଓ କାମନାଭରା ଇଗଲ୍‌ର ଡେଣା ନେଇ
ଦ୍ରୁତଗାମୀ ମଖମଲି ଭବ୍ୟତାର ସବାର ଏଠି
ଗଛମାନେ ପତ୍ରଝଡା ଦିଅନ୍ତି ଉଦ୍‌ବେଗେ
ଏ ସହର ଆଭିଜାତ୍ୟ-ଶ୍ରଦ୍ଧାମଖା ମିଶାଇଲ୍‌ର ସନ୍ଦର୍ଶନ ପାଇଁ।

ଅତୀତର ଅନ୍ତରାଳୁ ପ୍ରତିଧ୍ୱନି ଶୁଭେ
ମାଟି ରଙ୍ଗ ଲାଲ ଦିଶେ - ଗାଏ ସିଏ ହଜିଲା କାହାଣୀ,
ଅନୁତାପ ଜ୍ୱାଳା ନେଇ 'ଚଣ୍ଡାଶୋକ' ମନ୍ତ୍ରସିଦ୍ଧ 'ଧର୍ମାଶୋକ' ହୁଏ,
ଆତ୍ମଗ୍ଲାନି ଆବେଗରେ ଅଭିଭୂତ ଯେହ୍ନେ ସବୁ ଗର୍ବିତ ଐଶ୍ୱର୍ଯ୍ୟ



ପରାଜିତ ପ୍ରତିଜ୍ଞାରେ ସୃଷ୍ଟି ହୁଏ
ନୂଆ ଏକ ଧଉଳି ସମ୍ରାଜ୍ୟ।
ମ୍ରିୟମାଣ ଖଣ୍ଡଗିରି - ଉଦୟଗିରିର ବାର୍ତ୍ତା
କଳିଙ୍ଗ ସେନାନୀ ହାତେ କରେ ସମର୍ପଣ
'ଯୁଦ୍ଧଂଦେହି' ଅଭିଯାନ ଅଜେୟ ମାର୍ଗର
ବିଜୟର ଅକ୍ଷୟ ଗୌରବେ ବିଖଣ୍ଡିତ କୀର୍ତ୍ତିସ୍ତମ୍ଭ
ଉତ୍କଳର ପ୍ରଥିତ କୃତିତ୍ୱ
ଯାହା ଆଜି ପୃଥିବୀ ବିଦିତ
ବିଜୟର ବୈଜୟନ୍ତୀ ଉଡାଇ ସ୍ପର୍ଦ୍ଧାରେ
'ଜିନାସନ' ପୁନଃ ପ୍ରାପ୍ତି -
ଖାରବେଳ ଅକ୍ଷୟ କୀରତି.
କାରୁବାକୀ ଦଗଧ ପ୍ରାଣେ
ସତେ ଅବା ସଞ୍ଚରିତ ମୁକ୍ତି ପ୍ରସବଣ।

ଏ ସହର ଶୀର୍ଷେ ଉଡେ ପକ୍ଷୀସମ
ଦେଶରୁ ବିଦେଶ ଯାଏଁ ଅନେକ ବିମାନ
ପର୍ଯ୍ୟଟନ ସ୍ଥଳୀ ଏହା
କେତେ ରଙ୍ଗେ ଚିକ୍ ମିକ୍ ଆଲୋକର ନନ୍ଦନକାନନ।

ବିଶ୍ୱର ନମ୍ବର ଓ୍ୟାନ୍ ସ୍ମାର୍ଟ ସିଟି ଇୟେ
ଏହାର ବାସିନ୍ଦାମାନେ ସ୍ଫୂର୍ତ୍ତ ଓ ଶିକ୍ଷିତ
ଆଚାରେ ବିଚାରେ ଉଚ୍ଚ, ଆଭିଜାତ୍ୟପୂର୍ଣ୍ଣ
ଶୈଳୀ ଓ ଠାଣିରେ ନିପୁଣ,
ଏ ସହର ଅଭିଧାନ ଅମାପ ପ୍ରୀତିର!

ପ୍ରେମସିକ୍ତ ଜୀବନ ଦର୍ଶନେ
ଦିଗବଳୟ ସ୍ୱର୍ଣ୍ଣଗର୍ଭା ରଙ୍ଗୀନ୍, ବିଭୋର,
ସହର ଏ ବିଦ୍ୟାର୍ଜନା, ପୀଠସ୍ଥଳୀ ଜ୍ଞାନ ବିଜ୍ଞାନର।
ଉଚ୍ଚାକାଂକ୍ଷା - ଅଭିଳାଷ, ସୃଷ୍ଟିକରେ ନିତି ଏଠି
ଲକ୍ଷ ଲକ୍ଷ ବିଦ୍ୱାନ ବିଶ୍ୱର।
ଏ ସହର ବ୍ୟଥାର ସହର?
ବିଶ୍ୱାସର ଅନ୍ତରାଳେ ବିଷ ମିଳେ ଅମାପ, ପ୍ରଚୁର,
ଅଦେଖା-ଅସରା ଲୁଚି ବହିଯାଏ ତ୍ରିବେଣୀର ଅନ୍ତଃସ୍ରୋତ ହୋଇ
ଅନେକ ଅକୁହା କଥା ରହିଯାଏ ଗୁମ୍ ହୋଇ
ସୁପ୍ତ ସେ ଆଗ୍ନେୟଗିରି ଅନ୍ଧାରି ମୁଲକେ,
ଶୁଣିବାକୁ ବେଳ କାହିଁ? ବ୍ୟଥାତୁର ହୃଦୟକୁ ସାଉଁଟିବା ପାଇଁ,
କୃତ୍ରିମ ସହର ଇୟେ - ଅଭିନବ ଅଭିନୟେ ସୁଚତୁର!
ସ୍ୱାର୍ଥାନ୍ୱେଷୀ ରାଜନୀତି-ପ୍ରିୟାପ୍ରୀତି ଲାଂଚ ଓ ଛଳନା ବିନା
ଜୀବନର ଅଭିସନ୍ଧି ଯେହ୍ନେ ନିରର୍ଥକ, ନପୁଂସକ।

ସଦ୍ୟସ୍ନାତ ମହାମନ୍ତ୍ର କଳୁଷିତ ହୁଏ
ବ୍ୟଭିଚାର ଦୁନ୍ଦୁଭିନାଦରେ।

ଅସୁମାରି ସ୍ୱପ୍ନର ରାଜଧାନୀ ଇୟେ!
ସଙ୍କୋଚ ଶାସକଗଣ ହାତେଧରି ଶାସନର ଡୋରି
ରୁଦ୍ଧଦ୍ୱାର ଆଲୋଚନା ଚାଲେ, ଅତ୍ୟନ୍ତ ନିଷ୍ଠାରେ,
ବାଣିଜ୍ୟ ଓ ବ୍ୟବସାୟ ପୃଷ୍ଠଭୂମିପରେ
ଏ ମାଟି କାହାଣୀ ଲେଖେ
ରାଜଧାନୀ ପ୍ରାନ୍ତରରେ
ପ୍ରକାଣ୍ଡ ମଅଲ୍ ଆଉ ବିଜିନେସ୍ ସେଣ୍ଟରର
ମଖମଲି ମହଲ ପ୍ରାନ୍ତରେ
ଏକମାତ୍ର ମୂକସାକ୍ଷୀ ଏ ସଚିବାଳୟ।

ଏ ସହର ଜଳନ୍ତା ସହର!
ଉତ୍ତପ୍ତ ଲାଭାର ପ୍ରାୟ ପରିବେଶ-ଉତ୍ତାପିତ ବିଦଗ୍ଧ ବିଧୁର,
ସପନ ସହର ଇୟେ - ସ୍ୱପ୍ନିଳ ତୃଷ୍ଣାର!
ରାତ୍ରିର ଅନ୍ଧାରଭିଜା ଶୀତଳ ବର୍ଷାରେ
ପ୍ରତୀକ୍ଷିତ ଆତ୍ମାମାନେ ଟୋପେମାତ୍ର ଅମୃତର ଆସ୍ୱାଦନ ପାଇଁ
ଆତ୍ମ ସମର୍ପଣେ ହୁଅନ୍ତି ବ୍ୟାକୁଳ।
ରାତ୍ରିର ବୟସ ସରେ ସପନର ଆଭା କାନ୍ତିହୀନ ହୁଏ।

ଏ ସହର ମାୟାର ସହର!
ସ୍ୱର୍ଣ୍ଣାତୁର ମନ ଖୋଜେ ସୁନାର ହରିଣ (ହେଉ ପଛେ ମାୟାବିନୀ ସେ)
ବିଶାଳ ଏ ରାଜରାସ୍ତା, ଆକର୍ଷଣୀ ବାସନାରେ ବିଭୋର ହୋଇ,
ପଛକୁ ଚାହିଁ ନପାରଇ କେହି
ମାୟାଛନ୍ନ ମୋହରାତ୍ରି - ତା' ପଣତେ ସମସ୍ତଙ୍କୁ ଦେଇଛି ଘୋଡାଇ,
ଏ ସହର ବର୍ଣ୍ଣାଢ୍ୟ, ଚକମକ ଆଲୋକମାଳାର,
ଝିଲିମିଲି ଝଲକର ଦିବ୍ୟ ସମ୍ଭାରରେ
ସୁସଜ୍ଜିତା ସ୍ୱପ୍ନମୟୀ ପ୍ରେୟସୀ ସେ
ଆକାଂକ୍ଷିତ ବାସର ରାତିର।


ଏ ସହର ପୁଣ୍ୟକ୍ଷେତ୍ର
ମନ୍ଦିର ମାଳିନୀ ରୂପେ ଶୋଭାପାଏ
ସାହା ଓ ଭରସା ସିନା ଅସଂଖ୍ୟ ଭକ୍ତର,
ଗୁରୁଦ୍ୱାରା, ଚର୍ଚ୍ଚ ପୁଣି ମଦ୍‌ରସାମାନ
ବଖାଣନ୍ତି ବିବିଧତା ମଧ୍ୟେ
ଏକତାର ବିଶ୍ୱମୈତ୍ରୀ ମଧୁର ଝଂକାର।

ଅଭୁଲା ସହର ଇୟେ ପରିପୂର୍ଣ୍ଣ ଜୀବନବାଦର !
ଅଗଣିତ କର୍ମବୀର-ଧର୍ମବୀର
ଏମାଟିରେ ଜନ୍ମ ନେଇ ବସନ୍ତର ମଧୁ ପିଇ
ଜଗତକୁ ଦିଅନ୍ତି ଆଲୋକ
ଅକଳନ୍ତି ଅଭିଳାଷ ।
ଉଚ୍ଚାରିତ ଓଁ କାର ଧ୍ୱନୀରେ
ପ୍ରତିଭାତ ପ୍ରଗତିର ଦାମ୍ଭିକ ଉଚ୍ଛ୍ୱାସ
ଏ ସହର ସବୁଜ ସହର ।

ରାଶି ରାଶି ବୃକ୍ଷାରଣ୍ୟେ ସୁଶୋଭିତ
ପେନ୍ଥା ପେନ୍ଥା କୃଷ୍ଣଚୂଡା ପୁଷ୍ପର ସୌନ୍ଦର୍ଯ୍ୟ
ମୁକ୍ତ ବାୟୁ ଆଣିଦିଏ ମନରେ ମହକ

ଏଇ ପ୍ରିୟ ସହର ଆମର
ସ୍ପନ୍ଦିତ ପୃଥିବୀ ଡେଇଁ ଛାତ୍ର ଗଢୁ ବିଶ୍ୱାସର କୁତବମିନାର,
ବିଜୟର ସିଦ୍ଧମନ୍ତ୍ରେ ଅଭିଭୂତ ହୋଇ -
ଯୁବଶକ୍ତି ପ୍ରତିବିମ୍ବ ସୃଷ୍ଟିକରୁ ଶୁଦ୍ଧ ଚେତନାର
ଯେଉଁଠି ନଥିବ ଦୁଃଖ, ଲୁହର କାହାଣୀ,
ବଞ୍ଚିବାର ରାହା ଖୋଜି - ଏ ମଣିଷ ଭଲପାଉ ନିଜକୁ ଆହୁରି,
ସର୍ବହରା ନ ହୁଅନ୍ତୁ କେହି -
ପୂର୍ଣ୍ଣତାର ଛଟା ଥାଉ ହସରେ ସବୁରି ।
ଏ ସହର ପ୍ରାଣବିନ୍ଦୁ ବନ୍ଧୁତା ଓ ବିଜ୍ଞତାର,
ଲକ୍ଷ୍ୟପ୍ରାପ୍ତି ବିଶ୍ୱାସର - ସହଯୋଗୀ ପ୍ରତିଟି କ୍ଷଣର,
ସହଯୋଗୀ ପ୍ରତିଟି କ୍ଷଣର ।

ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର - ୩୦
ମୋ - ୯୪୩୭୦୮୨୧୦୬



|| ଷଷ୍ଠ ||

# ସମ୍ଭାବନାର ସିନ୍ଦୂରା ପ୍ରତୀକ୍ଷାରେ

# ଭୁବନେଶ୍ୱର, କେତୋଟି ସ୍କେଚ୍

*ମମତା ପଟନାୟକ*

ମନ୍ଦିରମାଳିନୀ
ଏବେ ଗୁଡ଼ାଏ ଶିଉଳିଲଗା
ନିର୍ଜୀବ ପଥରରେ
ବେପରୁଆ କଳାଭାସ୍କର୍ଯ୍ୟ
କଂକ୍ରିଟର ଛାତିରେ
ଦେଖେଇ ହେବାର ପ୍ରବଣତାରେ
ଉତ୍ତପ୍ତ ଜଳବାୟୁ
ତତଲା ଭୂଇଁ ଆକାଶ
ସଂଶୟରେ ଧୂମାୟିତ ଦେହମନ। ୧।

ଆଉ କଣ ଅଛିକି,
ଅବିକଳ ସେଇଭଳି ରୂପ ନେଇ
ଭୁବନେଶ୍ୱର
ଧୋବ ଫରଫର ଚଦର ଘୋଡେଇ
ସ୍ନିଗ୍ଧ ଶାନ୍ତିର କଥା କହୁନି
ଧଉଳିର ଶାନ୍ତି ସ୍ତୂପ ।୨।

ଫି ଦିନ ଉଉଁଛି ନାରଙ୍ଗୀ ସୂର୍ଯ୍ୟ
ତାରାଭର୍ତ୍ତି ରାତିରେ ଆକାଶୁ ଓହ୍ଲାଉଛି
ବାଲକୋନିକୁ ଜହ୍ନ
ଅଥଚ ଖସୁନି କୁନାମୁନିଙ୍କ ପାପୁଲିରେ
ପାପୁଲିରେ ଏବେ ଛଦ୍ମବେଶୀ
ଜୀବନରେ ଦରଭଙ୍ଗା କେଇଟା
ଚାଇନା ତିଆରି ସ୍ୱପ୍ନ
ନିଃଶ୍ୱାସରେ ଦଲକାଦଲକା
ବିଷାକ୍ତ ପବନ। ।୩।

ଆଜିକାଲି, ଭୁବନେଶ୍ୱର ଆକାଶ
ଭାଙ୍ଗିପଡେ ଖଣ୍ଡେଖଣ୍ଡେ ହୋଇ
ମୁଣ୍ଡଉପରେ ଛାତର
ଝଡିପଡେ ବାଡିର କଷିଫଳ
ଫୁଲର ପାଖୁଡା ସବୁ ଭୋରକୁ
କଞ୍ଚାଡାହିସହ ବୃନ୍ତଚ୍ୟୁତ
ପରିବାରେ ରଙ୍ଗର ମହୋତ୍ସବ
ହୁହୁ ବଢିଲା ବଜାରଦର ।୪।

ଧାଉଁଥିବା ସ୍ମାର୍ଟସିଟିର ମାନଚିତ୍ରରେ
କଳାଧଳା ନାଲିନେଳି ଚିହ୍ନ
ନିଶାନେତା ଅନୈତିକତା ପୁଞ୍ଜିବାଦୀ
ବଜାରରେ ନାରୀଦେହର କିଣାବିକା
ବଜାରରେ ଅର୍ଦ୍ଧଉଲଗ୍ନ
ଯୌନ ଭଙ୍ଗିମାର ବିପଣନ ବିଜ୍ଞାପନ
ନାରୀ ସ୍ୱାଧୀନତା, ଧୂଆଁବାଣ
ଗାନ୍ଧୀ ପ୍ରତିମୂର୍ତ୍ତି କାନ୍ଦେ,
ଏ ଦେଶ ସ୍ୱାଧୀନ? ।୫।

ଭୁବନେଶ୍ୱର
ଚୋରୀ ଛିନତାଇ ରାହାଜାନୀ
ବଳାତ୍କାର ଅନୀତିର ବିଭତ୍ସବଜାର
ତଥାପି, ଗାଁ ଠୁ ସୁନ୍ଦର
ଭିଟାମାଟି ଠୁ ପର କରିଦେଇପାରେ,
ଏ ସହର, ଭୁବନେଶ୍ୱର। ।୬।

ଅଧାଚେଇଁ ଶୋଇଥିବା ସହର
ଫୁଟ୍‌ପାଥର ପାଗଳୀ ଚମକି ଚିହିଁକି ଉଠିଲେ
ଡେରି ରାତିରେ କାହା ସ୍ପର୍ଶରେ
ଆଣ୍ଠୁଜାକି ବସିଯାଏ ଗୋଟେ ପାପ
ସକାଳକୁ, କୁହୁଡି କାକରରେ
ଠାଏ ଠାଏ ଚିହ୍ନ ରକ୍ତର ।୭।

ଲହଲହ କାମନାରେ
ଚାଟିଦେବାକୁ ଆପାଦମସ୍ତକ
ଅକ୍ଟୋପସ୍ ପରି ଲମ୍ବା ଜିଭ ପାରି
ପଡିଥାଏ ସଡକ
ଧାଉଁଥିବା ଜୀବନରେ ପଡେ ପୂର୍ଣ୍ଣଚ୍ଛେଦ। ୮।

ତଥାପି, ବି
ଏଇଠି ଆଳୁଅ ଲିଭେଇଦେଇ
ଦିନସାରା ଖଟିଥିବା ହାଡୁଆ ଦେହଟେ
ଖୁସିମନାଏ ତତଲା ଲୁହସାଙ୍ଗେ
ବୋତଲେ ଦେଶୀ ମଦସହ । ୯।

କଫିନରେ ଶୁଆଇଦେଇ ତମାମ
ଆୟୁଷର ଅସହାୟତା
ସଂସାରକୁ ଶ୍ମଶାନ ମୁହାଁ କରି
ହଜାରେ ଲୋକଙ୍କ ଭିଡରେ ହଜେ
ହଳେ ଦେହ
ପୋଡା ସ୍ୱପ୍ନଙ୍କ ଶବରେ
ଫୁଲମାଳ ପିନ୍ଧେଇ ବିଭତ୍ସ ହସ
ହସୁଥାଏ ଜୀବନ..... ।୧୦।

ଘାଟିକିଆ, ଖଣ୍ଡଗିରି
ଭୁବନେଶ୍ୱର

●●●●



# ଭୁବନେଶ୍ୱର ପୌର ପ୍ରଶାସନ ସମ୍ବନ୍ଧିତ ବିଜୟିନୀ ମହାନ୍ତିଙ୍କର ସନ୍ଦର୍ଭ ଓ ପ୍ରବନ୍ଧମାଳା

*ଡ. ସ୍ୱର୍ଣ୍ଣମୟୀ ତ୍ରିପାଠୀ*

ବିଜୟିନୀ ମହାନ୍ତି ନିଜର ଅଧ୍ୟାପନା ଅବଧିରେ ପି.ଏଚ୍.ଡି. ଓ ଡି.ଲିଟ୍. ଉପାଧି ନିମନ୍ତେ ବହୁ ଗବେଷଣା କରିଛନ୍ତି ତଥା ଅନେକ ସନ୍ଦର୍ଭ ପ୍ରକାଶିତ କରିଛନ୍ତି, ଯାହାର କିଛି ମୂଲ୍ୟବୋଧ ଓ ଦୂରଦୃଷ୍ଟି ଅନୁଭବ ହୁଏ। ୧୯୮୫ରୁ ୮୮ ମସିହାରେ ଭୁବନେଶ୍ୱରରେ ପୌରପାଳିକା ବା ମୁନିସିପାଲିଟି ଥିଲା। ଏହାର ପରିସର ଓ କାର୍ଯ୍ୟନିର୍ବାହ ସହିତ ଏହି ତୃଣମୂଳ ଗଣତାନ୍ତ୍ରିକ ଅନୁଷ୍ଠାନର ଦୈନନ୍ଦିନ ରାଜନୈତିକ କାର୍ଯ୍ୟରେ ପୌର ନାଗରିକମାନଙ୍କର ଅଂଶଗ୍ରହଣ ତାଙ୍କର ପି.ଏଚ.ଡି. ସନ୍ଦର୍ଭର ବିଷୟବସ୍ତୁ ଥିଲା।

ଏହି ସନ୍ଦର୍ଭଟି ସମ୍ପୂର୍ଣ୍ଣ ଭାବରେ ମୁନିସିପାଲ୍ ଶିଷ୍ଟମ୍ ଇନ ଇଣ୍ଡିଆ ନାମକ ପୁସ୍ତକରେ ପ୍ରକାଶିତ। ଏହାର ପ୍ରକାଶନ କାଳ ୧୯୯୩, ପ୍ରକାଶକ ଦିଲ୍ଲୀର ଆଶିସ୍ ପବ୍ଲିଶିଙ୍ଗ ହାଉସ, ପଞ୍ଜାବୀବାଗ। ମୂଳ ଭାବରେ ପୌରପାଳିକାର ଉଦ୍‌ଭବ ସହିତ ଭାରତରେ ଏହାର ପ୍ରସାର ତଥା ଓଡିଶାରେ ପୌରପାଳିକାର ଅଭିବୃଦ୍ଧି ସହିତ ଭୁବନେଶ୍ୱର ପୌରପାଳିକାର ସବୁ ଦୃଷ୍ଟିରୁ ବିଶ୍ଳେଷଣ କରାଯାଇଛି।

ପ୍ରଫେସର ବିଜୟିନୀ ମହାନ୍ତି ବହୁବାର ଆନ୍ତର୍ଜାତୀୟ ରାଜନୀତି ବିଜ୍ଞାନ କଂଗ୍ରେସରେ ଯୋଗଦେଇ ଦେଶର ପୌରଶାସନର ସମସ୍ୟା ଜଡିତ ଅନେକ ପ୍ରବନ୍ଧ ପାଠ କରିଛନ୍ତି। ସେଗୁଡିକ ବି ଏହି ପୁସ୍ତକରେ ସ୍ଥାନ ପାଇଛି। ଅନେକ ପୌର ସମସ୍ୟା ଜନିତ ପ୍ରବନ୍ଧ ଯାହାକି ଜାତୀୟ କି ଆନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ସେଗୁଡିକ ବି ଏହି ପୁସ୍ତକରେ ସ୍ଥାନିତ ହୋଇଛି।

ବିଶେଷ ଭାବରେ ଦେଖିବାକୁ ଗଲେ, ୧୯୯୨ ପୂର୍ବର ଭାରତୀୟ ପୌର ପ୍ରଶାସନ ବହୁ ସମସ୍ୟାଭିତ୍ତିକ ଥିଲା। ରାଜ୍ୟ ରାଜ୍ୟ ମଧ୍ୟରେ ବହୁ ଅନ୍ତର ରହିଥିଲା ଓ କାର୍ଯ୍ୟତଃ ପୌରପରିଷଦ ଗୁଡିକ ସବୁବେଳେ ରାଜ୍ୟସରକାରଙ୍କ ଚାପଗ୍ରସ୍ତ ହୋଇ କାମ କରୁଥିଲା ଅବା ରଦ୍ଦ କରାଯାଇ ସରକାରୀ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ବହୁବର୍ଷରେ ଥରେ ନିର୍ବାଚନ ହେଉଥିଲା, ହେବା ପରେ ବି ରାଜ୍ୟ ସରକାର କୌଣସି ଆଳରେ ଏହାକୁ ଅସିଦ୍ଧ ଘୋଷଣା କରି ଏହାର ଗଣତାନ୍ତ୍ରିକତାର ଦ୍ୱାହି ଦେଉଥିଲେ। ବର୍ଷବର୍ଷ ଧରି ଭାରତର ପ୍ରତିଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଏଇଟା ଧରାବନ୍ଧା ବ୍ୟାପାର ହୋଇଥିଲା। ଏହି ବିଷୟରେ ଚାରିଆଡୁ ପ୍ରତିକାରର ଦାବି ଉଠୁଥିଲେ ବି ଜାତୀୟ ସ୍ତରରେ କୌଣସି ପ୍ରତିକାର କରିବାକୁ ରାଜୀବଗାନ୍ଧୀଙ୍କ ସରକାର ବି ସମର୍ଥ ହୋଇନଥିଲେ।

ତେଣୁ ବିଂଶ ଶତାବ୍ଦୀର ନବେ ଶତକରେ ଭୁବନେଶ୍ୱର ପୌର ପାଳିକା ଦେଶର ଶତପ୍ରତିଶତ ଅନୁଷ୍ଠାନ ପରି ବିନା ପୌର ନିର୍ବାଚନରେ କାର୍ଯ୍ୟନିର୍ବାହ କରୁଥିଲା। ଯେବେ ବି ନିର୍ବାଚନ ସଂଗଠିତ ହେଉଥିଲା, କୌଣସି ନା କୌଣସି କାରଣ ଆଳରେ ସରକାର ଏହାକୁ ବିନା କାରଣରେ ବି କାର୍ଯ୍ୟରହିତ କରି ନିଜ ଅଧିକାରୀ ନିଯୁକ୍ତକରି କାମଚଳା ଅନୁଷ୍ଠାନ କରି ରଖିଥିଲେ।

ବସ୍ତୁତଃ ନଗରାଞ୍ଚଳର ସ୍ଥାନୀୟ ଜନାଦେଶ ଜନସମର୍ଥିତ ନିର୍ବାଚିତ ପରିଷଦ କେବଳ ଭୁବନେଶ୍ୱର କାହିଁକି ସାରା ଦେଶରେ ବି ଦେଖିବାକୁ ନଥିଲା। ସ୍ୱାୟତ୍ତ ଶାସନ ଗୋଟିଏ ରାଜ୍ୟ ପରିଚାଳିତ ବିଷୟ ହୋଇଥିବାରୁ, ସାରା ଭାରତରେ ପ୍ରତି ପ୍ରଦେଶ ଓ କେନ୍ଦ୍ରଶାସିତ ଅଞ୍ଚଳ ଅନୁସାରେ ବିବିଧତାର ଚରମସୀମାରେ ପହଞ୍ଚିଥିଲା।

ବସ୍ତୁତଃ ପୌରାଞ୍ଚଳରେ କୌଣସି ବିକାଶମୂଳକ କାର୍ଯ୍ୟକୁ ପୌର ପ୍ରଶାସନର ପରିସର ଭିତରକୁ ନଆଣି ରାଜ୍ୟ ସରକାର ନୂତନ ପନ୍ଥା ଗ୍ରହଣ କରିବାରେ ଧୂରନ୍ଧର। ଏମିତି ଭୁବନେଶ୍ୱରରେ କେବଳ ଓଡିଶା ସରକାରଙ୍କର ବିଡିଏ ପରି ଭୁବନେଶ୍ୱର ପୌରସଂସ୍ଥାକୁ ଦାୟିତ୍ୱମୁକ୍ତ କରି ବିକାଶମୂଳକ ପ୍ରଶାସନିକ ଗଳିବାଟ ସୃଷ୍ଟି କରିଥିଲେ। ଏହା ଦ୍ୱାରା ପ୍ରଶାସନିକ କ୍ଷେତ୍ରରେ ଭ୍ରମ ଓ ପୌରାଞ୍ଚଳରେ ରାଜ୍ୟ ପ୍ରଶାସନ ଓ ପୌର ପ୍ରଶାସନ ତରଫରୁ ଦୋହରା କାର୍ଯ୍ୟ କରାଯାଉଥିଲା, ଏବେ ବି ତାହା ଚାଲିଛି। ଉଦାହରଣ ସ୍ୱରୂପ ଭୁବନେଶ୍ୱରରେ ଘର ତିଆରି ପାଇଁ ସରକାରଙ୍କ ତରଫରୁ ବିଡିଏ, ହାଉସିଂ ବୋର୍ଡ ଓ ସାଧାରଣ ପ୍ରଶାସନ ବିଭାଗ ସଂପୃକ୍ତ, ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗରେ ସେମିତି ସରକାରୀ, ପୌର ଏମିତି ଅନେକ ଦ୍ୱୈତ ଶାସନ ଆଜି ବି ବଳବତ୍ତର ଅଛି। ତେବେ ପୌର ପ୍ରଶାସନର ମୂଲ୍ୟ ରହିଲା କେଉଁଠି ?

ନିୟମିତ ପୌର ନିର୍ବାଚନ ଓ ପୌର ପରିଷଦର ବାତିଲ, ପୌର ପରିଷଦ ପାଇଁ ମହିଳା, ଅନୁସୂଚିତ ଜାତି ଉପଜାତି ନିମିତ୍ତ ସ୍ଥାନ ସଂରକ୍ଷଣ ଆଦି ୧୯୯୨ ପୂର୍ବରୁ ସ୍ୱପ୍ନ ଥିଲା।

ଓଡିଶାରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶାସନକାଳରୁ ମହିଳାମାନଙ୍କ ସ୍ଥାନ ସଂରକ୍ଷଣ ଭାରତର ପ୍ରଥମ ଉଦାହରଣ ଭାବରେ କେତକ ପ୍ରବନ୍ଧ ଦିଲ୍ଲୀର ଲୋକ ପ୍ରଶାସନ ସଂସ୍ଥା ତରଫରୁ ପ୍ରକାଶିତ ନଗରଲୋକ ମାଗାଜିନରେ ପ୍ରକାଶ କରିଛନ୍ତି। ସେ ମଧ୍ୟ ୪ଥର ପ୍ରତି ୩ ବର୍ଷରେ ଅନୁଷ୍ଠିତ ହେଉଥିବା ଆନ୍ତର୍ଜାତୀୟ ରାଜନୀତି ବିଜ୍ଞାନ କଂଗ୍ରେସ୍‌ରେ ଯୋଗଦାନ କରି ଦେଶର ପୌରଶାସନ ପଦ୍ଧତି ଅବା ପୌର ସମସ୍ୟା ନେଇ ପ୍ରବନ୍ଧ ଉପସ୍ଥାପନ କରିଥାନ୍ତି। ଏମିତି ୧୯୯୨ର ପୌର ଓ ପଞ୍ଚାୟତ ପାଇଁ ଯୁଗ୍ମ ସମ୍ବିଧାନ ସଂଶୋଧନ ଆଇନ ପରେ ଗୋଟିଏ ପ୍ରବନ୍ଧ ଉପସ୍ଥାପନା କରିଥିଲେ - ପୌର ଶାସନ କ୍ଷେତ୍ରରେ ନୂତନ ଦିଗନ୍ତ। ଆଜି ମହିଳା ସଂରକ୍ଷଣ ଏକ-ତୃତୀୟାଂଶରୁ ଶତକଡା ପଚାଶ ଭାଗ। ଚିନ୍‌ଭାଷାରେ ମହିଳାମାନେ ଆକାଶର ଅର୍ଦ୍ଧେକ ଅଂଶର ଅଧିକାରୀ। ଗଣନା ଭିତ୍ତିରେ ଏହା ହିଁ ଯଥାର୍ଥ।

ଅବଶ୍ୟ ଯେଉଁ ସମୟରେ ବିଜୟିନୀ ମହାନ୍ତି ନିଜର ଗବେଷଣା କାର୍ଯ୍ୟ କରୁଥିଲେ, ସେପରି ପ୍ରଶାସନ ବଳବତ୍ତର ଥିଲା, ସେ ନିଜେ ୨୦ ବର୍ଷରେ ହୋଇଥିବା ପରିବର୍ତ୍ତନ ନିଜେ ଦେଖିଛନ୍ତି। ନିଜ ଗବେଷଣାର ଦିଗ ପରିବର୍ତ୍ତନ କରିଦେଇଛନ୍ତି ଗ୍ରାମୀଣ ସ୍ୱାୟତ୍ତ ଶାସନ ସଂଗଠନ ପଞ୍ଚାୟତିରାଜ ବ୍ୟବସ୍ଥା ଦିଗକୁ। କେତେ ଗବଷଣାତ୍ମକ ଅନୁସନ୍ଧାନ କରିଛନ୍ତି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ଓଡିଶା ତଥା ପଶ୍ଚିମ ବଂଗରେ ଯୁବ-ବୟସ୍କ ନାଗରିକମାନଙ୍କର ଅଂଶଗ୍ରହଣ ସମ୍ବନ୍ଧରେ। ଦୁଇଟି ଗବେଷଣାତ୍ମକ ସନ୍ଦର୍ଭ ଚେନ୍ନାଇର ଶ୍ରୀପେରୁମ୍ବଦୁର ଯୁବ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସମ୍ପାଦନ କରି ଦାଖଲ କରିଛନ୍ତି।

ଏବେ ୨୦୧୮ ମସିହା ବେଳକୁ ବହୁ ପରିବର୍ତ୍ତନ ହୋଇଯାଇଛି। ଭୁବନେଶ୍ୱର ମୁନିସିପାଲିଟିର ଯାହା ହେଉ ନ ହେଉ, ପରିସର ବହୁତ ବଢିଯାଇଛି। ନିଜ ଅଞ୍ଚଳରେ ଘରଦ୍ୱାର ନିର୍ମାଣର ଦାୟିତ୍ୱ ଆଉ ବିଡିଏ ଉପରେ ନ୍ୟସ୍ତ ନାହିଁ। କେବଳ ଭୁବନେଶ୍ୱରରେ କାହିଁକି, ସାରା ଭାରତବର୍ଷରେ ବି ନଗର ଉନ୍ନୟନ କର୍ତ୍ତୃପକ୍ଷ ପୌରାଞ୍ଚଳ ପରିସୀମା ବାହାରେ ବୃହତ୍ତର ପରିଧିରେ ସୀମିତ ରହି କାର୍ଯ୍ୟ କରୁଛନ୍ତି।

ଏମିତି ଆଜିକାର ଭୁବନେଶ୍ୱର ମୁନିସିପାଲିଟିର ବିହଙ୍ଗାଲୋକନ କଲେ, ଆମେ ଏହି ନଗର ନିଗମର କେତେ ବିଶେଷ ଉନ୍ନତିମୂଳକ କାର୍ଯ୍ୟ ଦେଖି ପାରିବା। ଆଜିର ଭୁବନେଶ୍ୱର ନଗରନିଗମରେ ରହିଛ ୧୯୯୪ ମସିହାରୁ ପୌରପାଳିକାରୁ ମହାନଗରନିଗମ ହୋଇଥିବା ଭୁବନେଶ୍ୱର ମହାନଗରନିଗମ ଆଜି ୪୬ଟି ରାଜସ୍ୱ ମୌଜା ଉପରେ ପ୍ରତିଷ୍ଠିତ। ଏହାର ୬୭ଟି ୱାର୍ଡ ରହିଛି। ପ୍ରତି ୱାର୍ଡରୁ ଜଣେ କାଉନସିଲର ବା କର୍ପୋରେଟର ନିର୍ବାଚିତ ହୁଅନ୍ତି। ଏବେ ପୌରପାଳିକାରେ ରାଜନୈତିକ ଦଳର ଅଂଶ ଗ୍ରହଣ ଫଳରେ ନିଗମର କାଉନସିଲ୍ ସେମିତି ଦଳମତ ଅନୁସାରେ ଚାଲିଛି। ବିଗତ ୨୦୧୪ ପୌର ନିର୍ବାଚନ ବଳରେ ଆଜି ଭୁବନେଶ୍ୱର



ନଗରନିଗମରେ ବିଜେଡି ଦଳର ସଂଖ୍ୟାଗରିଷ୍ଠତା ପ୍ରତିପାଦିତ । ଏହି ୬୭ ଜଣ କର୍ପୋରେଟରଙ୍କ ମଧ୍ୟରୁ ବିଜଡି ସର୍ବାଧିକ ୪୯ଜଣ କର୍ପୋରେଟର୍, ବିଜେପିର ୪ ଜଣ, ଭାରତୀୟ ଜାତୀୟ କଂଗ୍ରେସର ୨ ଜଣ ଏବଂ ୧୨ ଜଣ ସ୍ୱାଧୀନ କର୍ପୋରେଟର୍ ଅଛନ୍ତି ।

ଆଜିର ଭୁବନେଶ୍ୱର ନଗର ନିଗମର ନିମ୍ନଲିଖିତ ପରିସଂଖ୍ୟାନ ମିଳେ-

| | | |
|---|---|---|
| ୧. | ଆୟତନ | - ୧୮୬ ବର୍ଗ କିଲୋମିଟର |
| ୨. | ଜନସଂଖ୍ୟା | - ୮, ୪୦, ୮୩୪ |
| ୩. | ଓ୍ୟାର୍ଡ ସଂଖ୍ୟା | - ୬୭ |
| ୪. | ରାଜସ୍ୱ ଗ୍ରାମ | - ୪୬ |
| ୫. | ହୋଲ୍ଡିଙ୍ଗ୍ | - ୭୮, ୮୪୬ |
| ୬. | ବସ୍ତିଜନସଂଖ୍ୟା | - ୩, ୦୧, ୬୧୧ |
| ୭. | ବସ୍ତିଘରସଂଖ୍ୟା | - ୮୦, ୬୬୫ |
| ୮. | ଷ୍ଟାଣ୍ଡିଂ କମିଟି | - ୯ |
| ୯. | ପୌର ପ୍ରଶାସନ | - ମେୟର ଇନ କାଉନସିଲ୍ |
| ୧୦. | ମୁଖ୍ୟ ପୌର କାର୍ଯ୍ୟ | - ଜଳ ଯୋଗାଣ, ପରିମଳ, ନଳା ନର୍ଦ୍ଦମା, ବର୍ଜ୍ୟବସ୍ତୁ ନିଷ୍କାସନ, ରାସ୍ତା ଆଲୁଅ, ଗୃହ ନକ୍ସା ଅନୁମୋଦନ, ବସ୍, ପାର୍କ, ଭେଣ୍ଡିଂ ଜୋନ୍, ଜନ୍ମ ମୃତ୍ୟୁ ସାର୍ଟିଫିକେଟ୍, କଲ୍ୟାଣ ମଣ୍ଡପ |

ତଥାପି ବହୁ ଗୁଡ଼ିଏ କାର୍ଯ୍ୟ ଭୁବନେଶ୍ୱର ନଗର ନିଗମ ପାଖରେ କରିବା ଜରୁରୀ ମନେ ହୁଏ । ପ୍ରାଚୀନ କୀର୍ତ୍ତିର ସୁରକ୍ଷା ସହିତ ବିଶେଷ କରି ପୁରୁଣା ଭୁବନେଶ୍ୱରର ବିନ୍ଦୁସାଗରର ଉଦ୍ଧାର ଏକ ବିରାଟ ସମସ୍ୟା ଭାବରେ ରହିଅଛି । ସହରରେ ଯାନବାହାନ ଚଳାଚଳ ବୃଦ୍ଧି ପାଉଥିବାରୁ ପାର୍କିଂ ବ୍ୟବସ୍ଥା ସହିତ ଟ୍ରାଫିକ୍ ବ୍ୟବସ୍ଥାରେ ଉନ୍ନତି କରିବାକୁ ହେବ । ଦିନକୁ ଦିନ କ୍ରମବର୍ଦ୍ଧିଷ୍ଣୁ ନଗରଟିକୁ ସୁନ୍ଦର ଓ ଆକର୍ଷଣୀୟ କରିବାର ଆବଶ୍ୟକତା ରହିଛି ।

**ଅବଲମ୍ବନ -**

୧. ବି.ଏମ୍.ସି. ଓ୍ୱିକିପିଡିଆ. (୧୦-୦୮-୨୦୧୮)

୨. ବିଜୟିନୀ ମହାନ୍ତି, ମୁନିସିପାଲ୍ ସିଷ୍ଟମ୍ ଅଫ୍ ଇଣ୍ଡିଆ - ସିଟିଜେନ୍ସ ଇନଭଲ୍ଭମେଣ୍ଟ୍ ଆଶିଷ ପବ୍ଲିସିଂ ହାଉସ, ନିଉ ଦିଲ୍ଲୀ, (୧୯୯୩)

୩. ବିଜୟିନୀ ମହାନ୍ତି, ଗ୍ଲିମ୍ପସେସ୍ ଅଫ୍ ଲୋକାଲ୍ ଗଭର୍ଣ୍ଣାନ୍ସ, କୁନାଲ ବୁକସ, ନିଉ ଦିଲ୍ଲୀ (୨୦୧୨)

ପ୍ରଫେସର,
ଲୋକ ପ୍ରଶାସନ ବିଭାଗ, ବାଣୀ ବିହାର
ଫୋନ - ୯୪୩୮୦୧୩୯୪୬



# ଅନୁଶାସନ, ପ୍ରଶାସନ ଓ ସୁଶାସନର ଆଦର୍ଶ ଭୁବନେଶ୍ୱର

*ଡ. ପଦ୍ମାଳୟା ମହାପାତ୍ର*

ଶାସନ ସମ୍ବନ୍ଧିତ କେତୋଟି ଶବ୍ଦ ଯଥା - ଅନୁଶାସନ, ପ୍ରଶାସନ ଓ ସୁଶାସନ ସଙ୍ଗତ ଭାଷା ଗୁଡିକ ତୋଷାଳି, କଳିଙ୍ଗନଗରୀ-କୁମାରୀଗିରି ଓ ଆଧୁନିକ ଭୁବନେଶ୍ୱର ସହିତ ଓତୋପ୍ରୋତ ଭାବରେ ଜଡିତ।

ଆଜି ଓଡିଶା ରାଜ୍ୟର ରାଜଧାନୀ ଭୁବନେଶ୍ୱର ଯେପରି ଶାସନ ତଥା ଆଧୁନିକ ଶଦ୍ଧାୟମାନ ସାଂଖ୍ୟ ଯୁଗରେ ସୁଶାସନର ଉଦାହରଣ ପାଲଟିଛି, ଅତୀତରେ ବି ଏହାର ମୌର୍ଯ୍ୟଯୁଗର ତୋଷାଳି ନାମକରଣଥିବା ବେଳେ ଏଠାରେ ମୌର୍ଯ୍ୟ ଉପନିବେଶ କଳିଙ୍ଗର ମୁଖ୍ୟକେନ୍ଦ୍ର ଥିଲା। ଏଠାରେ ମୌର୍ଯ୍ୟ ଅଶୋକ ବର୍ଦ୍ଧନଙ୍କର ଅନୁଶାସନ ଆଜି ଧଉଳି ଶିଳା ଲେଖରେ ଦେଖିବାକୁ ମିଳେ।

ସେମିତି କଳିଙ୍ଗର ସୁବର୍ଣ୍ଣ ଯୁଗରେ ମହାମେଘବାହାନ ଖାରବେଳଙ୍କ ବର୍ଷ ବର୍ଷ ହୋଇ ତେର ବର୍ଷର ରାଜ୍ୟ ପ୍ରଶାସନ, ବିକାଶ ମୂଳକ କାର୍ଯ୍ୟକ୍ରମ ହାତୀଗୁମ୍ଫାର ମଥାରେ ସତର ଧାଡିରେ ଖୋଦିତ। ଏହା ଅନ୍ଧକାରାଚ୍ଛନ୍ନ କେବଳ କଳିଙ୍ଗର କାହିଁକି, ଭାରତର ତଥା ବିଶ୍ୱର ଇତିହାସକୁ କିଛି ତଥ୍ୟାଲୋକ ପ୍ରଦାନ କରିଥାଏ। ଏହା ଏମିତି ରାଜ୍ୟ ପ୍ରଶାସନ ପ୍ରାଞ୍ଜଳ ଭାବରେ ଦର୍ଶାଇବାର ଗୋଟିଏ ଦୁର୍ମୂଲ୍ୟ ଉଦାହରଣ।

ଆଜି ଇତିହାସର ସମୟ ସ୍ରୋତରେ ପୁଣି ଓଡିଶା ଶାସନର କେନ୍ଦ୍ରବିନ୍ଦୁ ପାଲଟିଥିବା ଭୁବନେଶ୍ୱର ଯେ ବିଶ୍ୱ ସ୍ତରରେ ଆଦର୍ଶ ନାଗରିକ ଭିତ୍ତିକ ସୁଶାସନର ଏକ କ୍ଷେତ୍ରକୁ ବିବର୍ତ୍ତିତ ହୋଇଛି, ତାହା ସବୁମନ୍ତେ ଦେଖିବାକୁ ମିଳେ।

ଇତିହାସର ଭୋର୍‌ବେଳରୁ ଦେଖାଯାଏ ତୋଷାଳି କଳିଙ୍ଗ ପରି ଗୋଟିଏ ପୁରାତନ ସମୃଦ୍ଧ ଭାରତୀୟ ରାଜ୍ୟର ବଳିଷ୍ଠ ଶାସନ କେନ୍ଦ୍ର। ପୁରାତନ ଜୈନଗ୍ରନ୍ଥ ଗୁଡିକର ରଚନା ଅନୁସାରେ ଏଠାରେ ଜୈନଦେବତା ପୂଜା ପାଉଥିଲେ, ସେତେବେଳେ କଳିଙ୍ଗର ନୃପତି ଥିଲେ ତୋଷାଳିକ। ଏହା କଳିଙ୍ଗ ଯୁଦ୍ଧ ସମୟର ବହୁ ପୂର୍ବର କଥା।


ମୌର୍ଯ୍ୟକାଳରେ କଳିଙ୍ଗ ସମର ଘଟିଛି ଖ୍ରୀଷ୍ଟପୂର୍ବ ୨୬୧ ରେ। ଏହି ଯୁଦ୍ଧରେ ତୋଷାଳି ତଥା କଳିଙ୍ଗର ଧନଜନ ଧର୍ମ ଆଦିକୁ ବିବେଚନାକୁ ନ ନେଇ ରାଜନୈତିକ ଦୃଷ୍ଟିରୁ ସମୀକ୍ଷା କଲେ, ଦୁଇଟି ବିଶେଷ ଘଟଣା ଘଟିଥିବା ଅନୁମେୟ ହୁଏ। ଓଡିଶାରେ ବହୁ ବର୍ଷ ପାଇଁ ସମ୍ପ୍ରସାରଣବାଦୀ ମୌର୍ଯ୍ୟଶାସନ ବଳବତ୍ତର ରହିଲା। ଦ୍ୱିତୀୟତଃ ଏହି କେନ୍ଦ୍ରୀଭୂତ ପାଟଳୀପୁତ୍ର ମୌର୍ଯ୍ୟ ଶାସନର ଓଡିଶା ସଂସ୍କରଣ ଅଶୋକଙ୍କର ଅନୁଶାସନ ଭାବରେ ମୁଖ୍ୟ ଶାସନ କେନ୍ଦ୍ର ତୋଷାଳିରେ ଧଉଳି ପର୍ବତରେ ଶିଳାଲେଖ ଭାବରେ ଆଜି ବି ତିଷ୍ଠି ରହିଛି।

ଏହି ମୌର୍ଯ୍ୟ ଉପନିବେଶରୁ କଳିଙ୍ଗ ମୁକ୍ତ ହୋଇ ଭାରତର ଏକ ପ୍ରମୁଖ ରାଜ୍ୟ ଭାବରେ ଅର୍ଥ, ସଂସ୍କୃତି, ଶିକ୍ଷା ତଥା ସାମରିକ ଶ୍ରେଷ୍ଠତା ହାସଲ କରିଛି। ତାହାର ସୁଶାସକ ଖାରବେଳଙ୍କ କଳିଙ୍ଗର ରାଜଧାନୀ ଥିଲା କଳିଙ୍ଗନଗରୀ। ଏହା ଶିଶୁପାଳ ଗଡ। ଉଦାହରଣ ଭାବରେ ବର୍ଷ ବର୍ଷ ହୋଇ ନିଜ ସମସ୍ତ ଶାସନକାଳର ବିସ୍ତୃତ ବିବରଣୀ କୁମାରୀଗିରି ହାତୀଗୁମ୍ଫାରେ ଲିପିବଦ୍ଧ କରିଛନ୍ତି।

ଏଇ ଭୁବନେଶ୍ୱର ବିଷୟରେ ନିଜକୁ ସୀମିତ କରିବାକୁ ଯାଇ ଆମେ ଇତିହାସରେ ଅଶୋକଙ୍କ ସମୟରେ ତୋଷାଳି, ଖାରବେଳଙ୍କ ସମୟରେ କଳିଙ୍ଗନଗରୀ ଆଉ ବିସ୍ତୀର୍ଣ୍ଣ ଏକାମ୍ର ସନ୍ନିକଟ ଜଙ୍ଗଲ ଯାଗାରେ ସ୍ୱାଧୀନ ଭାରତର ଓଡିଶାର କଳ୍ପିତ ନୂଆ ରାଜଧାନୀ ଭୁବନେଶ୍ୱର ଭାବରେ ନିର୍ମିତ। ମନରେ ଦ୍ୱନ୍ଦ୍ୱ ଆସେ, ସତରେ ତୋଷାଳି କଅଣ ଧଉଳି ? ଶହେ ବର୍ଷ ପରେ ଧଉଳିରୁ ଶିଶୁପାଳଗଡକୁ ଶାସନକେନ୍ଦ୍ର ବଦଳିଗଲା ? ଯଦି ଧଉଳି ତୋଷାଳି, ତେବେ ଅଶୋକ ତାଙ୍କର ସ୍ତୂପ, ସ୍ତମ୍ଭ ଓ ଝର କାହିଁକି ପୁରୁଣା ଭୁବନେଶ୍ୱର ଓ ବିନ୍ଦୁସାଗର ଚତୁଷ୍ପାର୍ଶ୍ୱରେ ନିର୍ମାଣ କରିଛନ୍ତି ? ଖାରବେଳଙ୍କର କଳିଙ୍ଗ ନଗରୀ ମୁଖ୍ୟ ପୁରୁଣା ଭୁବନେଶ୍ୱର ବସତିର ପୂର୍ବ ଦିଗରେ ସୁରକ୍ଷା ଦୃଷ୍ଟିରୁ ନିର୍ବାଚିତ ହୋଇଥିବା ପ୍ରତୀୟମାନ ହୁଏ। ତେଣୁ ତୋଷାଳି ଓ କଳିଙ୍ଗନଗରୀ ଯେ ପୁରୁଣା ଭୁବନେଶ୍ୱର ଏହା ଧାରଣା କରିବା ବାସ୍ତବ।

ଇତିହାସ ବ୍ୟାଖ୍ୟା କରିବା ବେଳେ ମନରେ ଭ୍ରମ ଆସେ, କଳିଙ୍ଗାଧିପତି ଖାରବେଳ କଅଣ ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କୁ ଜାଣି ନଥିଲେ ? ମନେହୁଏ, ଜାଣିଥିଲେ। ତାଙ୍କ ଅନୁଶାସନକୁ ବଳି ଓଡିଶା ପ୍ରଶାସନ ବହୁ ସୁନ୍ଦର ଭାବରେ ଗୀତି ଶୈଳୀରେ ଶିଳାଲେଖ କରିଛନ୍ତି ଠିକ୍ ଅନୁଶାସନର ସାମନାରେ। ସମ୍ଭବତଃ ଅଶୋକ ବର୍ଦ୍ଧନଙ୍କର ବହୁବର୍ଦ୍ଧିତ ମୃତାହତ ପରିସଂଖ୍ୟାନକୁ ଗ୍ରହଣ ନକରି ଉପେକ୍ଷା କରିବାର ତରିକା।

ଅଶୋକଙ୍କର ଧଉଳି ଅନୁଶାସନ ହେଉ ବା ଖାରବେଳଙ୍କର



କୁମାରୀଗିରି (ଖଣ୍ଡଗିରି ଉଦୟଗିରି) ହାତୀଗୁମ୍ଫା କଳିଙ୍ଗ ପ୍ରଶାସନ ଶିଳାଲେଖ ହେଉ, ସବୁ ଗୁଡିକ ପ୍ରତ୍ନତାତ୍ତ୍ୱିକ ଆବିଷ୍କାର। ଉନବିଂଶ ଶତାବ୍ଦୀରେ ଇଂରେଜ ଶାସନକାଳରେ ଭାରତରେ ଇତିହାସ ରଚନା ନିମନ୍ତେ ଯେଉଁ ପ୍ରତ୍ନତାତ୍ତ୍ୱିକ ଗବେଷଣାର ଧାରା ସୃଷ୍ଟି ହୋଇଥିଲା, ତାହାର ଫଳ ସ୍ୱରୂପ ଉଭୟ ଧଉଳି ଓ ହାତୀଗୁମ୍ଫାର ଶିଳାଲେଖ ଅନୂଦିତ ହୋଇପାରିଲା, କଳିଙ୍ଗ (ଯେଉଁ ନାମଟି ବିସ୍ମୃତ ହେବାକୁ ବସିଥିଲା, ଉଦଜୀବିତ ହୋଇଉଠିଲା), ମଗଧ ନୃପତି ଅଶୋକ ବର୍ଦ୍ଧନଙ୍କର ଅନୁଶାସନ ଓ କଳିଙ୍ଗାଧିପତିଙ୍କ ତ୍ରୟୋଦଶ ବର୍ଷର ବିସ୍ତୃତ ପ୍ରଶାସନ ଆମ ଐତିହ୍ୟକୁ ଅଳଙ୍କୃତ କରିଦେଲା।

ଅଶୋକଙ୍କ ଅନୁଶାସନ ଦେଶବ୍ୟାପୀ ବିଭିନ୍ନ ଜାଗାରେ (ଗୁଜୁରାଟର ଗିର୍ଣ୍ଣାର ଓ ସୋପରା, ଉତ୍ତରପ୍ରଦେଶର କାଲସି, ଆନ୍ଧ୍ରର ୟେରାଗୁଡି, ପାକିସ୍ଥାନର ମନସେହରା ଓ ଶାହାବାଜଗଡି, ଧଉଳି, ଜଉଗଡ) ପରିଦୃଷ୍ଟ ହୁଏ। ଅଶୋକଙ୍କର ୧୪ଟି ଆଦେଶ ବା ଅନୁଶାସନ ମଧ୍ୟରୁ ଓଡିଶାର ଧଉଳି ଓ ଜଉଗଡ ଓ ପାକିସ୍ଥାନର ମନସେହରାକୁ ଛାଡି ସବୁଠାରେ ପ୍ରିୟଦର୍ଶୀ ଅଶୋକଙ୍କର ୧୪ଟି ଅନୁଶାସନ ଲିପିବଦ୍ଧ। ଓଡିଶାର ଦୁଇଟି ଯାକ ଶିଳାଲିପିରେ ପ୍ରଥମରୁ ଦଶମ ଅନୁଶାସନ ସହିତ ଚତୁର୍ଦ୍ଦଶ ଅନୁଶାସନ ରହିଛି, କୌଣସି କାରଣରୁ ଏକାଦଶ, ଦ୍ୱାଦଶ ଓ ତ୍ରୟୋଦଶ ଅନୁଶାସନ ବାଦ୍ ପଡିଛି। କହିବା ବାହୁଲ୍ୟ ଏହିକି, ଖ୍ରୀଷ୍ଟପୂର୍ବ ୨୬୧ କଳିଙ୍ଗଯୁଦ୍ଧର ବିଭୀଷିକା ବର୍ଣ୍ଣନା ଥିବା ତ୍ରୟୋଦଶ ଅନୁଶାସନ ମନସ୍ତାତ୍ତ୍ୱିକମତେ ଯୁଦ୍ଧୋତ୍ତର ଆଠରୁ କୋଡିଏ ବର୍ଷ ପରେ ଖୋଦିତ ଶିଳାଲେଖ କାଳରେ କଳିଙ୍ଗଙ୍କୁ କଳଙ୍କିତ ଅଧ୍ୟାୟରୁ ମୁକ୍ତ ରଖାଯାଇଛି, ଏବଂ ତା ବଦଳରେ ପୁତ୍ରବତ୍ ସ୍ୱତନ୍ତ୍ର କଳିଙ୍ଗ ଶାସନ ନିମନ୍ତେ ଚତୁର୍ଦ୍ଦଶ ଅନୁଶାସନ ବିଷୟରେ ଲିପିବଦ୍ଧ କରାଯାଇଛି।

ତଥାପି ଧଉଳି ଅନୁଶାସନରେ ନଥିବା ତ୍ରୟୋଦଶ ଅନୁଶାସନ ବିଷୟରେ ଧାଡିଏ ପ୍ରତି କଳିଙ୍ଗବାସୀ ଜାଣିବା ଉଚିତ ମନେହୁଏ।

"ଦେବପ୍ରିୟ ପ୍ରିୟଦର୍ଶୀ (ଅଶୋକ) ରାଜ୍ୟାଭିଷେକର ଅଷ୍ଟମ ବର୍ଷରେ କଳିଙ୍ଗ ଜୟ କଲେ। ଏଥିରେ ଏକଶତ ପଚାଶ ସହସ୍ର ଲୋକ ବନ୍ଦୀ ହେଲେ, ଏକଶତ ସହସ୍ର ଆହତ ହେଲେ ଏବଂ ତାହାର ବହୁଗୁଣ ଅନ୍ୟ ଭାବରେ ପ୍ରାଣ ହରାଇଲେ। x x x ବର୍ତ୍ତମାନ କଳିଙ୍ଗ ଅଧିକାର କରିବା ପରେ ଦେବପ୍ରିୟ ପ୍ରିୟଦର୍ଶୀଙ୍କର ଧର୍ମପାଳନ, ଧର୍ମକାର୍ଯ୍ୟ ଓ ଧର୍ମ ଉପଦେଶ ପ୍ରଦାନ ନିମନ୍ତେ ତୀବ୍ର ଇଚ୍ଛା ପ୍ରକାଶ ପାଇଛି। କଳିଙ୍ଗ ଜୟକରି ଦେବପ୍ରିୟଙ୍କର ଗଭୀର ଅନୁଶୋଚନା ଜାତ ହୋଇଛି। x x x ଏକ ଅବିଜିତ ରାଜ୍ୟ ବିଜିତ ହେବାଦ୍ୱାରା ଯେଉଁ ହତ୍ୟା, ମୃତ୍ୟୁ ଓ ସ୍ଥାନାନ୍ତର ବା ବନ୍ଦୀକରଣ ଘଟିଯାଇଛି, ତାହାହିଁ ଦେବପ୍ରିୟଙ୍କ ପକ୍ଷେ ଅତି ବେଦନାଦାୟକ ଓ ଅନୁତାପର ବିଷୟ। ବିଜିତ ହେଲେ ସୁଦ୍ଧା ସେ କଳିଙ୍ଗଙ୍କୁ ଅବିଜିତ ମନେକରନ୍ତି। x x x"

ଅଶୋକ ତାଙ୍କର ଧଉଳି ଅନୁଶାସନ ଶିଳାଲିପି ଦର୍ଶାଏ ସ୍ୱତନ୍ତ୍ର କଳିଙ୍ଗ ଶିଳାନୁଶାସନ (୧) ଓ (୨) ଯେଉଁଗୁଡିକ ଅଶୋକଙ୍କର ମନୋଭାବର ପରଚୟ ଦିଏ।

***କଳିଙ୍ଗ ଶିଳାନୁଶାସନ - (୧)***

ଦେବତାମାନଙ୍କ ପ୍ରିୟ ପ୍ରିୟଦର୍ଶୀଙ୍କ ଆଦେଶରେ ତୋଷାଳିରେ ନିଯୁକ୍ତ ମହାମାତ୍ର ଓ ନଗର ପରିଚାଳକଗଣ ନିଜେ ଉପଲବ୍ଧି କରିବା ଉଚିତ୍ ଯେ, ସେମାନେ ଯାହା ଉଚିତ୍ ବୋଲି ମନେକରନ୍ତି, ତାହାକୁ ସୁଚାରୁରୂପେ କାର୍ଯ୍ୟରେ ପରିଣତ କରିବେ। ଏହାହିଁ ମୋ ମତରେ ସର୍ବୋକୃଷ୍ଟ ଏବଂ ଏହି ଉଦ୍ଦେଶ୍ୟରେ ମୁଁ ତୁମ୍ଭ ସମସ୍ତଙ୍କୁ ଅନୁଜ୍ଞା ପ୍ରଦାନ କରୁଅଛି।

ତୁମ୍ଭମାନଙ୍କୁ ସହସ୍ରସହସ୍ର ଲୋକଙ୍କର ଶାସନ ଦାୟିତ୍ୱ ଦିଆଯାଇଛି। ଏସବୁ ଲୋକଙ୍କୁ ତୁମ୍ଭେ ପ୍ରେମ କରିବାକୁ ଶିଖ। ସମସ୍ତ ପ୍ରଜା ମୋର ସନ୍ତାନ। ମୋର ସନ୍ତାନମାନେ ଇହଲୋକ ଓ ପରଲୋକ ଉଭୟରେ ସୁଖଲାଭ କରନ୍ତୁ ବୋଲି ମୁଁ ଇଚ୍ଛା କରେ। ସେହିପରି ସକଳ ମାନବ ସମାଜର ମଙ୍ଗଳ ପାଇଁ ମଧ୍ୟ କାମନା କରେ। x x x

ଏହି ଲିପି ଏଠାରେ ଉତ୍କୀର୍ଣ୍ଣ କରିବାର ଉଦ୍ଦେଶ୍ୟ ହେଉଛି ସେ ନଗରବ୍ୟବହାରକଗଣ (ନଗରପରିଚାଳକଗଣ) ସର୍ବଦା ଏହାକୁ ଅନୁସରଣ କରି କାର୍ଯ୍ୟ କରିବେ ଏବଂ ଯେପରି ତୋଷାଳି ନଗରବାସୀମାନଙ୍କ ପ୍ରତି ବିଚାରଶୂନ୍ୟ ଭାବରେ ଶାସ୍ତିବିଧାନ କରା ନଯାଏ, ସେଥିପ୍ରତି ଦୃଷ୍ଟିଦେବେ। ଏହି ଉଦ୍ଦେଶ୍ୟ ସାଧନପାଇଁ ମୁଁ ପ୍ରତି ପାଞ୍ଚବର୍ଷରେ ଥରେ ତୋଷାଳିକୁ ଶାନ୍ତ, ସୁଶୀଳ ମହାମାତ୍ରମାନଙ୍କୁ ପ୍ରଶାସନିକ ଭ୍ରମଣରେ ପ୍ରେରଣ କରିବି। ସେମାନେ ମୋ ଉଦ୍ଦେଶ୍ୟ ହୃଦୟଙ୍ଗମ କରି ଆକର୍ଷଣ, ଅଚଣ୍ଡ ଓ ମୃଦୁସ୍ୱଭାବଯୁକ୍ତ ହୋଇ କର୍ତ୍ତବ୍ୟ ସମ୍ପାଦନ କରିବେ ଓ ମୋ ଆଜ୍ଞାନୁଯାୟୀ କାର୍ଯ୍ୟ କରିବେ।

ଉଜ୍ଜୟିନୀରୁ ରାଜପ୍ରତିନିଧି କୁମାର ମଧ୍ୟ ପ୍ରତି ତିନିବର୍ଷ ମଧ୍ୟରେ ମହାମାତ୍ରମାନଙ୍କୁ ଏହି ଉଦ୍ଦେଶ୍ୟରେ ଭ୍ରମଣରେ ପଠାଇବେ। ତକ୍ଷଶିଳା ରାଜପ୍ରତିନିଧି କୁମାର ମଧ୍ୟ ଅନୁରୂପ କାର୍ଯ୍ୟ କରିବେ। ଯେତେବେଳେ ମହାମାତ୍ରମାନେ ଶାସନ ସଂକ୍ରାନ୍ତରେ ବହିର୍ଗତ ହେବେ, ସେମାନେ କର୍ତ୍ତବ୍ୟରେ ତୃଟି ନକରି ଶାସନକାର୍ଯ୍ୟରେ ରାଜାଜ୍ଞା ଅକ୍ଷରେ ଅକ୍ଷରେ ପାଳିତ ହୋଇଛି କି ନାହିଁ ବୁଝିବେ।

***କଳିଙ୍ଗ ଶିଳାନୁଶାସନ - (୨)***

ଦେବତାମାନଙ୍କ ପ୍ରିୟ ପ୍ରିୟଦର୍ଶୀଙ୍କ x x x

ମୋ ସମ୍ରାଜ୍ୟର ସୀମାନ୍ତବାସୀ ଅବିଜିତ ଲୋକେ ସେମାନଙ୍କ ପ୍ରତି ମୋର ମନୋଭାବ ଜାଣିବାକୁ ବ୍ୟଗ୍ରଥିବେ। ରାଜା ନିଜେ ଚାହାନ୍ତି ଯେ, ସେମାନେ ରାଜାଙ୍କ ଯୋଗୁ ଉଦବିଗ୍ନ ହୁଅନ୍ତୁନି। ସେମାନେ ଆଶ୍ୱସ୍ତ ହୁଅନ୍ତୁ ଯେ, ସେମାନେ ରାଜାଙ୍କଠାରୁ ଦୁଃଖ ନୁହେଁ, ସୁଖ ଲାଭ କରିବେ।

ସେମାନେ ବୁଝନ୍ତୁ ଯେ, ଯେତେଦୂର ସମ୍ଭବ ରାଜା ସେମାନଙ୍କୁ କ୍ଷମା କରିବାକୁ ସର୍ବଦା ତତ୍ପର। ତାଙ୍କ ନିମନ୍ତେ ସେମାନେ ଧର୍ମ ଆଚରଣ କରନ୍ତୁ ଏବଂ ଇହ ଓ ପର ଉଭୟ ଲୋକରେ ସୁଖଭୋଗ କରନ୍ତୁ।

ମୋର ଏହି ଆଦେଶ ପ୍ରଦାନର ଉଦ୍ଦେଶ୍ୟ ହେଉଛି, ମୁଁ ଏପରି କରିବା ଦ୍ୱାରା ତୁମମାନଙ୍କଠାରୁ ଋଣମୁକ୍ତ ହେବି ଓ ତୁମମାନଙ୍କୁ ମୋର ନୀତି ଜଣାଇଦେବା ଦ୍ୱାରା ଜନ୍ମିବ ଯେ, ମୋର ମାନସିକ ଦୃଢତା ଓ ପ୍ରତିଜ୍ଞା ଅଟଳ ଅଟେ। x x x । ମୁଁ ତୁମମାନଙ୍କୁ ଆଜ୍ଞା କରୁଛି ଯେ, ତୁମେମାନେ ମୋର ଉଦ୍ଦେଶ୍ୟ ଭଲଭାବରେ ବୁଝ, ମୋର ଧୈର୍ଯ୍ୟ ଓ ପ୍ରତିଜ୍ଞା ଅଟଳ ଓ ଅସୀମ। x x x

ଏପରି ଅନୁଶାସନ ବଳରେ କଳିଙ୍ଗରେ ମୌର୍ଯ୍ୟଶାସନ ବଳବତ୍ତର ହୋଇଥିଲା ଏବଂ ଅନୁମାନ କରାଯାଏ, କଳିଙ୍ଗରେ ଏହା ପୂର୍ବରୁ ଆବହମାନ କାଳରୁ ନିଜର ପ୍ରାକତିକ ନିୟମ ଓ ଧର୍ମନୀତି ଅନୁସାରେ ଚାଲିଥିବା ଶାସନ ଅନେକଟା ମୌର୍ଯ୍ୟ ଅମଲାତନ୍ତ୍ର ଦ୍ୱାରା ପ୍ରଭାବିତ ହେବା ଆରମ୍ଭ ହେଲା।


***ହାତୀଗୁମ୍ଫା ଶିଳାଲିପି ଓ କଳିଙ୍ଗାଧିପତି ଖାରବେଳଙ୍କ କଳିଙ୍ଗଶାସନ-***

ଅଶୋକ ବର୍ଦ୍ଧନଙ୍କର ଦୁଇଶହ ବର୍ଷ ପରେ ଇତିହାସର ପଟ ପରିବଳୟର୍ଲନ ହୋଇଯାଇଛି। ଇତିହାସର ସମର୍ଥ କଳିଙ୍ଗାଧିପତି ଖାରବେଳ ଅତି ଉଚ୍ଚଶିକ୍ଷିତ ବହୁଗୁଣରେ ଭୂଷିତ ଏବଂ ସମସାମୟିକ ବିଶ୍ୱରେ ଅଦ୍ୱିତୀୟ ସମରବିଦ୍ୟା ନିପୁଣ। ସେ ନିଜର ରାଜନୈତିକ ପ୍ରତିଭାର ଏମିତି ପ୍ରମାଣ ଦେଇଯାଇଛନ୍ତି, ଯାହା କି ଇତିହାସରେ ବିରଳ।

ଖାରବେଳ ଖୋଲାଖୋଲି ଅଶୋକବର୍ଦ୍ଧନ ମୌର୍ଯ୍ୟଙ୍କ ବିଷୟ ଉଲ୍ଲେଖ କରି ନଥିଲେ ହେଁ, ମୌର୍ଯ୍ୟଶାସନରୁ ଓଡିଶାରେ ତୌର୍ଯ୍ୟତ୍ରିକ ବା ନାଚ-ଗୀତ-ଦର୍ପର ବାରଣ ବିଷୟ ଉଲ୍ଲେଖ ମୌର୍ଯ୍ୟ ଉପନିବେଶର ଆଭାସ ଦିଏ। ପୁଣି ହାତୀଗୁମ୍ଫାର ଶିଳାଲେଖ ସିଧାସଳଖ ଧଉଳିର କଳିଙ୍ଗ ଅନୁଶାସନକୁ ମୁହଁ କରିଛି। ଏହା ଜାଣତ କି ଅଜାଣତରେ ଖାରବଳଙ୍କ କର୍ତ୍ତୃକ ହୋଇଛି, କହିବା ସହଜ ନୁହେଁ।

ଯାହାହେଉ, ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ଗୀତିମୟ ଏବଂ କଳିଙ୍ଗର ରାଜନୀତି, ଅର୍ଥନୀତି, ସମରକୌଶଳ ଓ ସୁବର୍ଣ୍ଣଯୁଗର ସୂଚନା ଦିଏ। ଏହି ୧୭ ଧାଡିର କଳିଙ୍ଗ ପ୍ରଶାସନର ଏକ ଝଲକ୍ ନିମ୍ନ କେତୋଟି ଧାଡିରୁ ଅନୁମେୟ -

ଅଭିଷେକ ହେବାର ପ୍ରଥମ ବର୍ଷରେ ବାତ୍ୟାବିଧ୍ୱସ୍ତ କଳିଙ୍ଗନଗରୀ ପ୍ରବେଶ ଫାଟକ ଓ ଦୁର୍ଗର ମରାମତି କରାନ୍ତି, ଥଣ୍ଡା ଜଳର ପୁଷ୍କରିଣୀର ପାହାଚ ଓ ଅନେକ ବଗିଚା ନିର୍ମାଣ କରନ୍ତି। ଏସବୁରେ ଖର୍ଚ୍ଚର ପରିମାଣ ୩୫ ଲକ୍ଷ ମୁଦ୍ରା। ଏଥିରେ ପ୍ରଜାମାନେ ଖୁସୀ ହୁଅନ୍ତି। ଶାସନର ଦ୍ୱିତୀୟ ବର୍ଷରେ ସାତକର୍ଣ୍ଣୀଙ୍କୁ ଖାତିର ନକରି ନିଜର ଅଶ୍ୱ, ଗଜ, ପଦାତିକ ଓ ରଥାରୋହୀ ସେନାନୀକୁ ପଶ୍ଚିମ ଦିଗକୁ କ୍ରିଷ୍ଣାନଦୀ ପର୍ଯ୍ୟନ୍ତ ପ୍ରେରଣ କରି ଅସିକନଗରକୁ ଭୟଭୀତ କରାନ୍ତି। ତାପରେ ଶାସନର ତୃତୀୟ ବର୍ଷରେ ନିଜ ଗନ୍ଧର୍ବ ବିଦ୍ୟାର କୃତିବଳରେ କଳିଙ୍ଗନଗରୀରେ ଦର୍ପ-ନୃତ୍ୟ-ଗୀତ ବାଦିତ ଉତ୍ସବ ସମାଜ ତଥା କ୍ରୀଡା ପ୍ରତିଯୋଗିତା ଆୟୋଜନ କରନ୍ତି। ଚତୁର୍ଥ ବର୍ଷରେ ବିଦ୍ୟାଧର ରାଜ୍ୟଗୁଡିକୁ ଦୃଷ୍ଟି ଦିଅନ୍ତି। ପୂର୍ବରୁ କଳିଙ୍ଗ ରାଜାମାନେ ସମ୍ପର୍କ ରଖିଥିଲେ ବି ଏମିତି ଦମନ କରି ନଥିଲେ। ରାଷ୍ଟ୍ରିକ



ଓ ଭୋଜକ ମୁଖ୍ୟମାନେ ସେମାନଙ୍କ ମୁକୁଟ ଅବନତ କରି, ନିଜର ରାଜଛତ୍ରୀ ଓ ରାଜଚିହ୍ନ ହଟାଇଦେଇ ସମସ୍ତ ଅଳଙ୍କାର ଓ ସମ୍ପତ୍ତି ଅର୍ପଣକରି ପଦଲେହନ କରନ୍ତି। ପଞ୍ଚମ ବର୍ଷରେ କଳିଙ୍ଗାଧିପତି ନନ୍ଦରାଜା ତିନିଶହ ବର୍ଷ ପୂର୍ବରୁ କଳିଙ୍ଗନଗରୀକୁ ଖୋଳାଇଥିବା ନାଳ ଖୋଳା କାର୍ଯ୍ୟ ସମ୍ପୂର୍ଣ୍ଣ କରିଦିଅନ୍ତି। ପୁଣି ଷଷ୍ଠ ବର୍ଷରେ ରାଜକୋଷର ପରିଚୟ ଦେବାକୁ ଯାଇ ରାଜ୍ୟର ସବୁ ପ୍ରଜାମାନଙ୍କର ସମସ୍ତ ଖଜଣା ଓ ଦେୟ ମୁକ୍ତ କରିଦିଅନ୍ତି, ଯାହାର ପରିମାଣ କେତେ ଲକ୍ଷ ମୁଦ୍ରା।

ସପ୍ତମ ବର୍ଷ ଶାସନରେ ଭଜିରଘର-ରାଣୀ ପୁତ୍ର ସନ୍ତାନ ଜନ୍ମଦେଇ ମାତୃତ୍ୱ ଲାଭ କରନ୍ତି। ଅଷ୍ଟମ ବର୍ଷରେ ବିଶାଳ ସେନା ଦ୍ୱାରା ଗୋରଥଗିରିର ଶକ୍ତିଶାଳୀ ଦୁର୍ଗ ଧ୍ୱଂସ କରି ରାଜଗୃହରେ ଭୟସଞ୍ଚାରର କାରଣ ହୁଅନ୍ତି। ଏ ସବୁ ସାମରିକ କୃତିତ୍ୱର ଆଭାସ ପାଇ ମଗଧ ଆଡକୁ ମୁହାଁଇଥିବା ଯବନରାଜ (ସମ୍ଭବତଃ ଡିମିଟ୍ରିୟସ) ମଥୁରାକୁ ପଛଘୁଞ୍ଚା ଦିଏ ଓ ନିଜର ସୈନ୍ୟସାମନ୍ତ ସହ ଆତ୍ମସମର୍ପଣ କରେ। ସନ୍ଥ ଖାରବେଳ ପଲ୍ଲବିତ କଳ୍ପବୃକ୍ଷ ସହ ନିଜ ଅଶ୍ୱ, ଗଜ ଓ ରଥ ସହ କଳିଙ୍ଗ ପ୍ରତ୍ୟାବର୍ତ୍ତନ କରନ୍ତି, ପ୍ରତି ଘରେ ଘରେ, ପାନ୍ଥଶାଳାରେ ସର୍ବସାଧାରଣଙ୍କୁ ବିଜିତ ସମ୍ପତ୍ତି ବାଣ୍ଟିବାରେ ଲାଗନ୍ତି, ପୁଣି ଅନେକ ବ୍ରାହ୍ମଣମାନଙ୍କ କର୍ତ୍ତୃକ ରାଜ୍ୟରେ ବଣ୍ଟନ କରନ୍ତି।

ଶାସନର ନବମ ବର୍ଷରେ କଳିଙ୍ଗନଗରୀରେ ୩୮ ଲକ୍ଷ ମୁଦ୍ରା ଖର୍ଚ୍ଚକରି ବିଶାଳ ବିଜୟ ପ୍ରାସାଦ ନିର୍ମାଣ କରନ୍ତି। ଦଶମ ବର୍ଷ ରାଜନୀତି, କୂଟନୀତି ଓ ଶାନ୍ତି ସମୀକରଣରେ ଭାରତବର୍ଷ ଦିଗବିଜୟ ଲକ୍ଷ୍ୟରେ ବାହାରି ପଡନ୍ତି।

ଶାସନର ଏକାଦଶ ବର୍ଷରେ କଳିଙ୍ଗାଧିପତି ପଳାତକ ରାଜାମାନଙ୍କଠାରୁ ବହୁ ଧନରତ୍ନ ଲାଭକରନ୍ତି। ସେଇ ବର୍ଷ ପୂର୍ବ କଳିଙ୍ଗରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ପିଥୁଣ୍ଡାନଗରୀକୁ ଗଧ ଦ୍ୱାରା ହଳ କରାଇ ପୁନରୁଦ୍ଧାର କରନ୍ତି। ତା ସହିତ ବିଗତ ତେର ଶହ ବର୍ଷ ଧରି ସଂଗଠିତ ଥିବା ଦ୍ରାବିଡ-ମେଳକୁ ଛିନ୍ନଭିନ୍ନ କରିଦିଅନ୍ତି।

### *ନୂତନ ରାଜଧାନୀ ଭୁବନେଶ୍ୱରରୁ ଓଡିଶାର ସୁଶାସନ-*

ଭୁବନେଶ୍ୱର ଆଧୁନିକ ଓଡିଶାର ନୂତନ ରାଜଧାନୀ ହେବା ପରଠାରୁ ଏହା ରାଜ୍ୟ ଶାସନର କେନ୍ଦ୍ରବିନ୍ଦୁ ପାଲଟିଛି ଓ ଯୁଗୋପଯୋଗୀ ଜ୍ଞାନକୌଶଳ ଆହରଣରେ ଦେଶର ଗୋଟିଏ ପ୍ରମୁଖ ରାଜ୍ୟ ରାଜଧାନୀ। ଆଜିର ସୁଶାସନ ଓ ସମ୍ବାଦ ସରବରାହ ଯୁଗରେ କୌଣସି ନିଷ୍ପତ୍ତି ନେବାକୁ, ଅର୍ଥନୈତିକ ସମୀଚୀନତା, ନୀତି ନିର୍ଦ୍ଧାରଣରେ ରାଜ୍ୟ ଅବଲମ୍ବନ କରୁଥିବା ସାଂଖ୍ୟିକ ପ୍ରଶାସନିକ ମାଧ୍ୟମ ହିଁ ସବୁ ସୂଚିତ କରେ।

ଯାହା ପ୍ରତୀୟମାନ ହୁଏ, ଆଜିର କୌଶଳୀ ଦୁନିଆରେ ଜ୍ଞାନ-ବିଜ୍ଞାନର ଇତିହାସରେ ପ୍ରଶାସନ ଗଣତନ୍ତ୍ରରୁ ଅପସରି ଯାଉଛି ଏବଂ ପ୍ରଚାର ସର୍ବସ୍ୱ ଜଗତରେ ଭୋଟ ପାଇଁ ସ୍ୱାର୍ଥରକ୍ଷା କରିବା ଶାସନ ସାର ହୋଇଛି। ଅଶେଷ ଭୌଗୋଳିକ ସମ୍ପଦ, ପର୍ଯ୍ୟଟନ ବିଭବ ଆଦିର ଅଧିକାରିଣୀ ଓଡିଶା ଜନନୀ ପ୍ରଶାସନ ଦୁର୍ବଳତାରୁ ଆଜି ତଳିତଳାନ୍ତ ହୋଇ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ କେବଳ ନୁହେଁ ପ୍ରତିଟି କ୍ଷେତ୍ରରେ ରସାତଳଗାମୀ ହେବାରେ ଲାଗିଛି। ଇଏ ତ ପ୍ରଶାସନର କାର୍ଯ୍ୟକ୍ଷମତା।

ସବୁ ସତ୍ତ୍ୱେ ରାଜ୍ୟର ଶାସନର ହୃତ୍ପିଣ୍ଡ ଭୁବନେଶ୍ୱର ଭାରତବର୍ଷର ଗୋଟିଏ ପ୍ରମୁଖ ଉଦାହରଣ ହୋଇଛି ଅତୀତ ବୈଭବ ପାଇଁ ଏବଂ ଏହା ଅତୀତ ଓ ବର୍ତ୍ତମାନର ମିଳନ ସ୍ଥଳ।

### ଅନୁସୃତ ରଚନାବଳୀ -


୧. ଓଡିଆ ଜାତିର ଇତିହାସ, ଡ. ନବୀନ କୁମାର ସାହୁ

୨. ଖାରବେଳ, ଡ. ନବୀନ କୁମାର ସାହୁ

୩. ଓଡିଶା ଇତିହାସ, ଡ. ହରେକୃଷ୍ଣ ମହତାବ

୪. ଧଉଳି ଶିଳାଲିପି

୬. ହାତୀଗୁମ୍ଫା ଶିଳାଲିଖନ



ବିଭାଗୀୟ ମୁଖ୍ୟା,

ଲୋକପ୍ରଶାସନ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

ମୋ - ୯୪୩୭୪୯୧୬୦୬

# ସମ୍ଭାବନାମୟ ମହାନଗରୀ

ଡ. କେଶବ ଚନ୍ଦ୍ର ଶତପଥୀ

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ପ୍ରତିଷ୍ଠା ହେଲା ବେଳେ ତା'କୁ ନେଇ ଅନେକ ଆଶା ଓ ସମ୍ଭାବନା ପୋଷଣ କରାଯାଇଥିଲା । ସମଗ୍ର ଭାରତବର୍ଷରେ ଏହାକୁ ଅନ୍ୟତମ ଶ୍ରେଷ୍ଠ ନଗରୀ ରୂପେ ପରିଗଣିତ କରିବା ପାଇଁ ଯୋଜନାବଦ୍ଧ ଓ ସୁଚିନ୍ତିତ ପ୍ରୟାସ କରାଯାଇଥିଲା । ସେହି ସମୟର ଆକର୍ଷଣୀୟ ସହର ଚଣ୍ଡୀଗଡ ଢାଞ୍ଚାରେ ଏହାର ରାସ୍ତାଘାଟ ଓ ଜନବସତିର ଖସଡା ପ୍ରସ୍ତୁତ ହୋଇଥିଲା । ଏହାର ୭୦ ବର୍ଷ ବିତିଗଲା ପରେ ପ୍ରତ୍ୟେକ କ୍ଷେତ୍ରରେ ଆମେ କେତେ ସଫଳ ଅବା ବିଫଳ ହୋଇଛୁ, ଚିନ୍ତା କରିବାର ବେଳ ଆସିଛି ।

ପ୍ରଥମେ ସଫଳତାଗୁଡ଼ିକୁ ଆଲୋଚନା ପରିସରକୁ ଆଣିଲେ ସେ ସବୁକୁ ନେଇ ଗର୍ବ ଅନୁଭବ କରିବାର ଯଥେଷ୍ଟ କାରଣ ରହିଛି । ବର୍ତ୍ତମାନ ଏହା କେବଳ ଓଡ଼ିଶାର ନୁହେଁ, ଦେଶର ଅନ୍ୟତମ ପ୍ରମୁଖ ଓ ଚର୍ଚ୍ଚିତ ସହର । ରାଜଧାନୀ ହୋଇଥିବାରୁ ରାଜନୀତିକ ଘଟଣାପ୍ରବାହର କେନ୍ଦ୍ରସ୍ଥଳ ହୋଇ ରହିବା ଅତ୍ୟନ୍ତ ସ୍ୱାଭାବିକ । ନିର୍ଦ୍ଦିଷ୍ଟ ମାନଦଣ୍ଡରେ ଉତ୍ତୀର୍ଣ୍ଣ ହୋଇ ଏହା ସ୍ମାର୍ଟନଗରୀର ଆଖ୍ୟା ଲାଭ କରିପାରିଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଯୋଗାଯୋଗ, ବ୍ୟବସାୟ ବାଣିଜ୍ୟ, ଦକ୍ଷତାବିକାଶ ଆଦି କ୍ଷେତ୍ରରେ ଉଭୟ ସଂଖ୍ୟାତ୍ମକ ଓ ଗୁଣାତ୍ମକ ବିକାଶ ସାଧିତ ହୋଇଛି । ଜନସଂଖ୍ୟା ବଢ଼ିବା ସହ ଆନୁଷଙ୍ଗିକ ସୁବିଧା ସୁଯୋଗରେ ମଧ୍ୟ ଆଖିଦୃଶିଆ ଉନ୍ନତି ହାସଲ ହୋଇଛି । ଆଇଆଇଟି, ଏମ୍ସ, ନାଇଜର୍ ଭଳି ସର୍ବଭାରତୀୟ ଖ୍ୟାତନାମା ଅନୁଷ୍ଠାନ ପ୍ରତିଷ୍ଠା ହେବା ଫଳରେ ଏହାର ଗାରିମା ବହୁଗୁଣିତ ହୋଇଛି । ସେହିପରି, ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ମଧ୍ୟ ଗତ କେତେ ଦଶନ୍ଧି ମଧ୍ୟରେ ଯଥେଷ୍ଟ ପାରଦର୍ଶିତା ପ୍ରକଟିତ ହୋଇଛି । ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନସମୂହ ନିରନ୍ତର ଏହାର ମର୍ଯ୍ୟାଦା ବଢାଇଚାଲିଛନ୍ତି ।

ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ପ୍ରଗତି ସନ୍ତୋଷଜନକ । ସ୍ୱର୍ଣ୍ଣତ୍ରିଭୁଜର ପ୍ରବେଶଦ୍ୱାର ହୋଇଥିବାରୁ ପ୍ରତିଦିନ ଦେଶବିଦେଶରୁ ଅନେକ ଲୋକଙ୍କର ଆଗମନ ଘଟୁଛି । ଏଠାକାର ପରିବେଶ ଓ ଅନ୍ୟାନ୍ୟ ସ୍ଥିତି ଅନେକ ଦୃଷ୍ଟିରୁ ଆଦରଣୀୟ ହୋଇପାରିଛି । ଆମ ରାଜ୍ୟକୁ ଦେଶର ଅନ୍ୟତମ ପ୍ରମୁଖ ରାଜ୍ୟ ରୂପେ ଗଢ଼ିତୋଳିବାରେ ଭୁବନେଶ୍ୱର ହିଁ ମୁଖ୍ୟଭୂମିକା ନିର୍ବାହ କରୁଛି ।

ସୁଯୋଗ ସହ ସମସ୍ୟା ମଧ୍ୟ କିଛି କମ୍ ନାହିଁ ଏଠାରେ । ପ୍ରମୁଖ ସମସ୍ୟା ହେଲା – ଜଳ ନିଷ୍କାସନ ବ୍ୟବସ୍ଥା । ଏଥିରେ ଗୁରୁତର ତ୍ରୁଟି ରହିଥିବାରୁ ସାମାନ୍ୟ ବର୍ଷାରେ ରାଜଧାନୀ ଉବୁଟୁବୁ ହେଉଛି । ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ବ୍ୟାପକ କଂକ୍ରିଟୀକରଣ ଫଳରେ ବର୍ଜ୍ୟଜଳ ଓ ବର୍ଷାଜଳ ଠିକଣା ଢଙ୍ଗରେ ନିଷ୍କାସିତ ହୋଇପାରୁନାହିଁ । ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧି ଯୋଗୁଁ ନାନାଦି ପରିବେଷ୍ଟନୀଗତ ସମସ୍ୟା ଓ ବ୍ୟାପକ ପ୍ରଦୂଷଣ ସୃଷ୍ଟି ହେଉଛି । ଯାନବାହନ ସଂଖ୍ୟା ଅନେକଗୁଣରେ ବଢ଼ିଯିବା କାରଣରୁ ଟ୍ରାଫିକ୍ ପରିଚାଳନାରେ ତ୍ରୁଟି ଲୋକଙ୍କୁ ବ୍ୟତିବ୍ୟସ୍ତ କରୁଛି । ଶିଳ୍ପାୟନ, ଶିକ୍ଷାୟନ ଓ ଜଗତୀକରଣ କାରଣରୁ ଆଇନ୍‌ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ନୂଆ ନୂଆ ଆହ୍ୱାନମାନ ମୁଣ୍ଡ ଟେକୁଛି । ଲୋକମାନଙ୍କ ପ୍ରଗତିସହ ସମତାଳରେ ସମସ୍ୟାମାନ ମଧ୍ୟ ବଢ଼ିଚାଲିଛି ।

ତେବେ ଏସବୁ ଭିତରେ ଉଜ୍ଜ୍ୱଳ ଦିଗଟି ହେଲା – ଆମ ରାଜଧାନୀର ଦ୍ରୁତ ବିକାଶ । ଯେଉଁମାନେ ଏଠାରେ କିଛି ଦଶନ୍ଧିହେବ ଅବସ୍ଥାନ କରିଆସୁଛନ୍ତି, ସେମାନେ ଏହାର ଉଭୟ ଦିଗ ଦେଖୁଛନ୍ତି । ପ୍ରଗତି ଓ ସମସ୍ୟାକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସ୍ୱାଭାବିକ । ରାଜନୈତିକ ଇଚ୍ଛାଶକ୍ତି, ଜନସାଧାରଣଙ୍କ ସଚେତନତା ଓ ସହଯୋଗ ବଳରେ ଅନେକ ସମସ୍ୟାକୁ ଦୂର କରିହେବ । ସବୁ ସ୍ତରରେ ଏଥିଲାଗି ପ୍ରଗାଢ ଆନ୍ତରିକତା ରହିବା ଉଚିତ୍ । ଐତିହ୍ୟପୂର୍ଣ୍ଣ ଏହି ମନ୍ଦିରମାଳିନୀ ମହାନଗରୀକୁ ସର୍ବଶ୍ରେଷ୍ଠ କରିବା ଦିଗରେ ଆମ ସମସ୍ତଙ୍କର ଦାୟିତ୍ୱବୋଧ ଓ ଅଙ୍ଗୀକାରବଦ୍ଧତା ରହିବା ଆବଶ୍ୟକ ।

ଅଧ୍ୟକ୍ଷ, ଡିଏଭି ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁର ଓ
ଆଞ୍ଚଳିକ ନିର୍ଦ୍ଦେଶକ, ଡିଏଭି ଶିକ୍ଷାନୁଷ୍ଠାନ ସମୂହ, ଓଡ଼ିଶା ଜୋନ୍- ୧

# ଭୁବନେଶ୍ୱରର ଭିତିରି କଥା

*ଡ. ରାଧାଚରଣ ଦାସ*

ଯଦିଓ ଭୁବନେଶ୍ୱର ୧୯୪୮ ମସିହାରୁ ଓଡ଼ିଶା ପ୍ରଦେଶର ରାଜଧାନୀ ହେବାର ମାନ୍ୟତା ପାଇଛି, ହେଲେ ଏହା ଏକ ପୁରାତନ ସହର। ଯାହାକି ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ କିମ୍ବା ତା ଆଗରୁ ଅବସ୍ଥିତ। ଭୁବନେଶ୍ୱରରେ ଅନେକଗୁଡ଼ିଏ ଶିବ ମନ୍ଦିର ଥିବାରୁ ଏହାକୁ ମନ୍ଦିରମାଳିନୀ ସହର ମଧ୍ୟ କୁହାଯାଏ। ଅନେକଗୁଡ଼ିଏ ଶିବ ମନ୍ଦିରର ସମଷ୍ଟି ପାଇଁ ଭୁବନେଶ୍ୱର ଏକ ଶୈବପୀଠ ଭାବରେ ପରିଚିତ। ଏଠାରେ ସର୍ବ ପ୍ରସିଦ୍ଧ ଶ୍ରୀଲିଙ୍ଗରାଜ ମନ୍ଦିର ଅବସ୍ଥିତ। ସମସ୍ତ ମନ୍ଦିର ଖୋଦେଇ ମୂର୍ତ୍ତିର ଚାରୁକଳାରେ ଭରପୂର। ଏଠାରେ ଥିବା ରାଜାରାଣୀ ମନ୍ଦିରର ଚାରୁକଳା ସର୍ବପ୍ରସିଦ୍ଧ। ସେହିଭଳି ମୁକ୍ତେଶ୍ୱର ମନ୍ଦିର ବି ଚାରୁକଳାରେ ଭରପୂର।

ଇତିହାସ କହେ, ଭୁବନେଶ୍ୱର ୨ହଜାର ବର୍ଷର ପୁରୁଣା ସହର। ଯାହାକି ପୁରାତନ କଳିଙ୍ଗ ରାଜ୍ୟର ରାଜଧାନୀ ଥିବାର ଉଲ୍ଲେଖ ଅଛି। କିମ୍ବଦନ୍ତୀ ଅନୁସାରେ ଧଉଳି ନିକଟରେ ବିଖ୍ୟାତ କଳିଙ୍ଗ ଯୁଦ୍ଧ, ସମ୍ରାଟ ଅଶୋକ ଏବଂ କଳିଙ୍ଗ ସେନାଙ୍କ ମଧ୍ୟରେ ହୋଇଥିଲା। ଏହି ଯୁଦ୍ଧ ପରେ ଯୁଦ୍ଧର କ୍ଷୟକ୍ଷତିରେ ବିବ୍ରତ ହୋଇ ସମ୍ରାଟ ଅଶୋକ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ।

ଭୁବନେଶ୍ୱର ନିକଟରେ ଥିବା ପ୍ରସିଦ୍ଧ ଓ ପ୍ରାଚୀନ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ଜୈନ ସାମ୍ରାଜ୍ୟର କୀର୍ତ୍ତିକୁ ଆଜି ପର୍ଯ୍ୟନ୍ତ ବଜାୟରଖିଛି। ଭୁବନେଶ୍ୱର ମଧ୍ୟ ଏକାମ୍ର କ୍ଷେତ୍ର ଭାବରେ ପରିଚିତ। ଏହା ଏକ ପ୍ରସିଦ୍ଧ ଶୈବପୀଠ ମଧ୍ୟ।

ଭୁବନେଶ୍ୱରର ଇତିହାସ ସମସ୍ତେ ଅଳ୍ପ ବହୁତ ଜାଣନ୍ତି। ଏଣୁ ଇତିହାସକୁ ନ ଦୋହରାଇ, ମୋ ନିଜର ଅଭିଜ୍ଞତା, ଯାହାକି ମୁଁ ଭୁବନେଶ୍ୱର ସହିତ ୧୯୫୬ ମସିହାରୁ ଜଡ଼ିତ ସେ ବିଷୟରେ ଆଲୋକପାତ କରିବି।

ମୋ ନିଜର ଅଜାଙ୍କ ଘର ପୁରୁଣା ଭୁବନେଶ୍ୱର ହୋଇଥିବାରୁ ମୁଁ ଭୁବନେଶ୍ୱର ସହିତ ୧୯୫୬ ମିହାରୁ ଜଡ଼ିତ। ସେତେବେଳେ ଭୁବନେଶ୍ୱରକୁ ଓଡ଼ିଶାର ନୂଆ ରାଜଧାନୀ କରାଯାଇଥିଲା। ନୂତନ ସଚିବାଳୟର ବିରାଟ ପ୍ରାସାଦର ନିମାଣ ସରିଥାଏ। କଟକରୁ ସମସ୍ତ ସରକାରୀ ବିଭାଗମାନ ସ୍ଥାନାନ୍ତର ହେଉଥାଏ। ପିଲାବେଳ, ମନରେ ଅନେକ କୌତୁକ। ସଚିବାଳୟକୁ ଯିବା ପାଇଁ ଆଜି ଭଳି ସେତେବେଳେ କୌଣସି କଟକଣା ନଥାଏ। ଆମେ କେଇଜଣ ସଚିବାଳୟ ଭିତରେ ପଶି ସେଠାରେ ଲାଗିଥିବା ଲିଫ୍ଟ ବା ଉତ୍ତୋଳନ ଯନ୍ତ୍ରରେ ଅନେକ ସମୟଧରି ତଳ ଉପର ହେଉଥିଲୁ।

୧୯୬୬ ମସିହାରେ ବିଜେବି କଲେଜ୍‌ରେ ନାମ ଲେଖାଇବା ପରେ ଭୁବନେଶ୍ୱର ସହରକୁ ଭଲ ଭାବରେ ବୁଲି ଦେଖିବାର ସୁଯୋଗ ପାଇଲି। ସେତେବେଳେ ପରିବହନର ସୁବିଧା ନଥିବାରୁ ସାଇକେଲ୍ ଧରି ସାରା ଭୁବନେଶ୍ୱର ବୁଲିବା ଛଡ଼ା ଅନ୍ୟ ଉପାୟ ନଥିଲା। ପୁରୁଣା ଭୁବନେଶ୍ୱରରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଯିବାକୁ ହେଲେ ବୁଦ୍ଧୁବୁଦ୍ଧୁକିଆ ଜଙ୍ଗଲ ଭିତର ଦେଇ ଲମ୍ବି ଯାଇଥିବା ପିଚୁ ରାସ୍ତାରେ ଯିବାକୁ ହୁଏ। ସହିଦ ନଗର ଅଞ୍ଚଳ ଅଳ୍ପ ଜଙ୍ଗଲରେ ଭରପୂର ଥିଲା। ସେହିଦିନଠାରୁ ଭୁବନେଶ୍ୱରରେ ରହି ଏହି ସହରର କ୍ରମବର୍ଦ୍ଧମାନ ରୂପକୁ ସ୍ୱଚକ୍ଷୁରେ ଦେଖିଆସିଛି। ବର୍ତ୍ତମାନର ଭୁବନେଶ୍ୱର ବିଗତ ଦୀର୍ଘ ୫୦ ବର୍ଷର ଗତିକ୍ରମର ପରିଣାମ। ଭୁବନେଶ୍ୱର ସହର ତାର ଲମ୍ବ ଓ ପ୍ରସ୍ଥ ଦେଇ ବିସ୍ତାର ଲାଭ କରିଛି। ଅନେକ ନୂତନ ସରକାରୀ କାର୍ଯ୍ୟାଳୟ ଗଢ଼ିଉଠିଛି ତ ଅନେକ ବେସରକାରୀ ବାସସ୍ଥାନ ଗଢ଼ାଯାଇଛି। ପ୍ରଥମେ ବାପୁଜୀନଗର, ଅଶୋକନଗର, ଖାରବେଳ ନଗର, ସତ୍ୟନଗର, ସହିଦନଗର, ମଧୁସୂଦନ ନଗର, ଗୋପବନ୍ଧୁ ନଗର ଓ ସୂର୍ଯ୍ୟ ନଗର ଗଢ଼ି ଉଠିଥିଲା। ପରେ ଶାସ୍ତ୍ରୀନଗର , ଭୌମ ନଗର, ଭୋଇ ନଗର ଆଦି ଗଢ଼ି ଉଠିଲା। ଏହି ନଗରଗୁଡ଼ିକ ପୁରୁଣା ଭୁବନେଶ୍ୱରରୁ ଜାତୀୟ ରାଜପଥ ନମ୍ବର ୫ ଭିତରେ ବିସ୍ତୃତ। ଜାତୀୟ ରାଜପଥର ଅପର ପାର୍ଶ୍ୱରେ ସାମ୍ପ୍ରତିକ ଦଶନ୍ଧିରେ ଗଢ଼ି ଉଠିଥିବା ଜନବସତି ସମସ୍ତ ନଗର ବଦଳରେ ବିହାର ଭାବରେ ନାମିତ। ଯଥା ଶୈଳଶ୍ରୀ ବିହାର, ଶ୍ରୀ ବିହାର, ନୀଳାଦ୍ରି ବିହାର, କୈଳାସ ବିହାର, ନନ୍ଦନ ବିହାର ଇତ୍ୟାଦି। ସରକାରଙ୍କ ହାଉସିଂବୋର୍ଡ ଏବଂ ଭୁବନେଶ୍ୱର ଉନ୍ନୟନ ନିଗମ ଦ୍ୱାରା ନିର୍ମିତ ଜନବସତି ସବୁ ମୈତ୍ରୀ ବିହାର, ସାମନ୍ତ ବିହାର, ତଥା କଳିଙ୍ଗ ନଗର ଇତ୍ୟାଦିରେ ନାମିତ। ୧୯୬୬ ମସିହା ପରଠାରୁ ଭୁବନେଶ୍ୱର ଜନବସତି ବହୁଳ ଭାବରେ ବିସ୍ତାରିତ ହୋଇଛି।

ଜନବହୁଳ ସହିତ ରାସ୍ତାଘାଟ, ବିଭିନ୍ନ ପୋଲ ବା ସେତୁର ଅଭିବୃଦ୍ଧି ଘଟିଛି। ଗମନାଗମନର ସୁବିଧା ପାଇଁ ପରିବହନର ପ୍ରସାର କରାଯାଇଛି। ଭୁବନେଶ୍ୱରକୁ ଏକ ସ୍ମାର୍ଟସିଟିରେ ପରିଣତ କରିବା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ସହାୟତାରେ ଜୋରଦାର ଯୋଜନାମାନ ପ୍ରସ୍ତୁତ କରାଯାଇଛି। ଏବଂ ତାକୁ କାର୍ଯ୍ୟକାରୀ କରିବାକୁ ମଧ୍ୟ କାମ ଆରମ୍ଭ ହୋଇଛି। ଭୁବନେଶ୍ୱର ସହରକୁ ସର୍ବାଙ୍ଗୀନ ସୁନ୍ଦର ସହର ଭାବରେ ଦେଖିବାକୁ ସହରର ସମସ୍ତ ବାସିନ୍ଦା ଉତ୍କଣ୍ଠିତ ଏବଂ ଇଚ୍ଛୁକ।

ଭୁବନେଶ୍ୱର ସହର ଯେତିକି ବିସ୍ତାର ଲାଭ କରୁଛି, ଏ ସହରର ବାସିନ୍ଦାମାନଙ୍କର ମନ ଆଉ ହୃଦୟ ସେତିକି ଉତ୍‌ଫୁଲିତ ହୋଇ ଉଠୁଛି। ମାତ୍ର ପ୍ରାୟ ସମସ୍ତ ବାସିନ୍ଦାଙ୍କ ମନରେ ଭୁବନେଶ୍ୱରର ପରିବେଶ ଓ ସ୍ୱଚ୍ଛତାକୁ ନେଇ ଅସନ୍ତୋଷ ଏବଂ କ୍ଷୋଭ ଦିନକୁ ଦିନ ବଢ଼ିଚାଲିଛି। ସାରା ସହରରେ କୁଢ଼କୁଢ଼ ଆବର୍ଜନା, ବର୍ଷାଦିନେ ନାଳ ନର୍ଦ୍ଦମାର ଦୂଷିତ ଜଳ ରାସ୍ତା ଉପରେ ଭାସିବା, ଘର ଭିତରେ ନାଳ ପାଣି ପଶିବା, ରାସ୍ତା ଉପରେ ଶ୍ୱାନ ଓ ଗାଇଗୋରୁଙ୍କ ଅବାଧ ଉତ୍ପାତ ସାରା ସହରବାସୀଙ୍କ ମନରେ ବିଷାଦ ଭରିଦେଇଛି। ଏଥିପାଇଁ ଦାୟୀ କିଏ ? ସରକାର ନା ଆମେ ? କିଛି ତ୍ରୁଟି ସରକାରଙ୍କର ଆଉ କିଛିଟା ତ୍ରୁଟି ସହରବାସୀଙ୍କର। ଭୁବନେଶ୍ୱର ମହାନଗର ନିଗମର ଦାୟିତ୍ୱ ଏଦିଗରେ ସର୍ବାଧିକ। ଭୁବନେଶ୍ୱରବାସୀଙ୍କ ମନରେ, ବିଭିନ୍ନ ପ୍ରକାର ସାକ୍ଷାତକାର ମାଧ୍ୟମରେ, ସଚେତନତା ସୃଷ୍ଟି କରିବା ନିତାନ୍ତ ଜରୁରୀ। ସେମାନଙ୍କ ବିବେକାନୁମୋଦିତ ଚିନ୍ତାଧାରାକୁ ବଦଳାଇବା ପାଇଁ ସରକାରଙ୍କ ତରଫରୁ ପ୍ରଚେଷ୍ଟା ହେବା ଦରକାର।

ସ୍ୱଗୃହକୁ ପରିଷ୍କାର ପରିଚ୍ଛନ୍ନ ରଖୁଥିବା ସହରବାସୀ ନିଜ ସହରକୁ ସେହିଭଳି ଚିନ୍ତାଧାରାରେ ଦେଖିପାରିଲେ, ପରିଷ୍କାର ପରିଚ୍ଛନ୍ନତା ଆପେଆପେ କାୟା ବିସ୍ତାର କରିପାରିବ। ସରକାରୀ କଳର ତତ୍ପରତା ରହିଲେ ଏ ଭୁବନେଶ୍ୱର ସହର ସ୍ୱର୍ଗରେ ପରିଣତ ହୋଇପାରିବ। ନୀତି ନିୟମ ନମାନିବା ମନୁଷ୍ୟର ଏକପ୍ରକାର କୁଅଭ୍ୟାସରେ ପରିଣତ ହୋଇଛି। ଯାହାକି ସଚେତନତା ମାଧ୍ୟମରେ ଏବଂ କିଛିଟା ଦଣ୍ଡବିଧାନ ମାଧ୍ୟମରେ ପରିବର୍ତ୍ତନ କରାଯାଇପାରିବ। ସରକାରଙ୍କ ଅପାରଗତା ମଧ୍ୟ ଆବର୍ଜନାପୂର୍ଣ୍ଣ ଭୁବନେଶ୍ୱର ସହର ପାଇଁ ଅନେକ ପରିମାଣରେ ଦାୟୀ। ନୀତି ନିୟମକୁ ସୁଚାରୁ ରୂପରେ ପାଳନ କରିବା ନିହାତି ଦରକାର। ନିୟମକୁ କାର୍ଯ୍ୟରେ ପରିଣତ କରିବା ଦାୟିତ୍ୱ ସରକାରଙ୍କର। ଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ନାଳ ଉପରେ କିଛି ବ୍ୟକ୍ତିଙ୍କର ବଳପୂର୍ବକ ଜମି ଦଖଲକରି ଗୃହନିର୍ମାଣ ଏବଂ ନାଳର ସଙ୍କୋଚନକୁ ପ୍ରଶ୍ରୟ ଦେଇଛି ଆମ ସରକାରୀ କଳର ଅପାରଗତା। ଯେଉଁଥି ପାଇଁ ଭୁବନେଶ୍ୱର ସହର ଆଜି ଆଜି ନର୍ଦ୍ଦମା ଏବଂ ଆବର୍ଜନାଯୁକ୍ତ ପୂତିଗନ୍ଧମୟ ସହରରେ ପରିଣତ ହୋଇଛି। ନାଗରିକ ସଚେତନତା ଏବଂ ସରକାର ଜାଗ୍ରତ ହେଲେ ଏହି ଐତିହ୍ୟ ସହର ଭୁବନେଶ୍ୱରର ସୌନ୍ଦର୍ଯ୍ୟକୁ ବିକଶିତ କରାଯାଇ ପାରିବ।




ବିଗତ ୫ ଦଶନ୍ଧି ମଧ୍ୟରେ ଭୁବନେଶ୍ୱର ଶିକ୍ଷା କ୍ଷେତ୍ରରେ ଏକ ଦୁର୍ଗ ପାଲଟିଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ସମୟ ମଧ୍ୟରେ ବହୁଗୁଡ଼ିଏ ଶିକ୍ଷାନୁଷ୍ଠାନ ଗଢ଼ିଉଠିଛି। ବହୁ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଛି। ଶିକ୍ଷାର ମାନ ବଢ଼ିଛି ସତ, କିନ୍ତୁ ନୀତିଶିକ୍ଷା ଅଭାବରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ବିଶୃଙ୍ଖଳାର ସୂତ୍ରପାତ ହୋଇଛି। ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ବୈଷୟିକ ଶିକ୍ଷା ସହିତ ନୈତିକଶିକ୍ଷାର ନିତାନ୍ତ ଆବଶ୍ୟକତା ରହିଛି ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ହେବା ସଙ୍ଗେସଙ୍ଗେ ଶ୍ରେଷ୍ଠ ନାଗରିକ ମଧ୍ୟ ହୋଇପାରିବେ।

ଗ୍ଲୋବାଲ୍ ସ୍ମାର୍ଟସିଟି ପରଫର୍ମାନ୍ସ ଇଣ୍ଡେକ୍ସ ୨୦୧୭ ଅନୁଯାୟୀ ଆମ ଭୁବନେଶ୍ୱର ସହରସାରା ପୃଥିବୀରେ ୧୯ତମ ସ୍ଥାନରେ ରହିଛି। ଏହା ଏକ ଗୌରବର କଥା। ୨୦୧୬ ମସିହାରେ ମଧ୍ୟ ଭୁବନେଶ୍ୱର ସିଟିକୁ ଗତିଶୀଳତା, ସୁସ୍ଥତା ଓ ଉତ୍ପାଦନ ସାମର୍ଥ୍ୟ ପାଇଁ ଶ୍ରେଷ୍ଠ ବିବେଚିତ କରାଯାଇଛି। ଭୁବନେଶ୍ୱର ସଂସ୍କୃତି ଓ ପରମ୍ପରା ଉଚ୍ଚକୋଟିର। ସରକାରଙ୍କର ବିଭିନ୍ନ ବିଭାଗର ଉଦାସୀନତା ଆମର ସଂସ୍କୃତି ଓ ପରମ୍ପରାକୁ କୁଠାରାଘାତ କରୁଛି। ଏ ଦିଗରେ ସରକାରଙ୍କ ତରଫରୁ ପ୍ରଚେଷ୍ଟା ଜାରି ରହିଲେ, ଭୁବନେଶ୍ୱର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରା ଯାଇପାରିବ।

ସରକାରଙ୍କ ତରଫରୁ ଭୁବନେଶ୍ୱର ସହରକୁ ସର୍ବାଙ୍ଗ ସୁନ୍ଦର କରି ଗଢ଼ିବା ପାଇଁ ବିଭିନ୍ନ ପ୍ରକାର ଯୋଜନାମାନ ପ୍ରସ୍ତୁତ କରାଯାଉଛି। ସେଥିପାଇଁ ବ୍ୟୟ ଓ ଆୟର କଳନା କରାଯାଉଛି। ମାତ୍ର ବ୍ୟୟ ସଠିକ୍ ଭାବରେ କରାଯାଉନାହିଁ। ଅର୍ଥ ବାଟମାରଣା ହେଉଥିବାରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହୋଇପାରୁନାହିଁ। ଉନ୍ନୟନରେ ବାଧକ ସୃଷ୍ଟି ହେଉଛି। ଯୋଜନା ସବୁ ଠିକ୍ ଭାବରେ କାର୍ଯ୍ୟରେ ପରିଣତ ହୋଇପାରୁନାହିଁ। ନାଗରିକ ସଚେତନତା ଏବଂ ସରକାରଙ୍କ ପ୍ରଚେଷ୍ଟା ଭୁବନେଶ୍ୱର ସହରକୁ ଶ୍ରେଷ୍ଠତାର ମାନ୍ୟତା ଦେଇପାରିବ, ଏଥିରେ ସନ୍ଦେହ ନାହିଁ।

ଭୁବନେଶ୍ୱରବାସୀଙ୍କର ଗୁଣାତ୍ମକ ଜୀବନଶୈଳୀରେ ବାଧକ ସୃଷ୍ଟି କରୁଛି ଆମ ନିକୃଷ୍ଟ ଆଇନ ପ୍ରଣୟନ। ସରକାରଙ୍କ ଟାଳଟୁଳ ନୀତି, କାର୍ଯ୍ୟଧାରା ଏବଂ ଅରାଜକତା ଏସବୁକୁ ଶୃଙ୍ଖଳିତ ଭାବରେ ପରିଚାଳନା କରିପାରିଲେ ସହରବାସୀଙ୍କର ଜୀବନଶୈଳୀ ବିକଶିତ ହୋଇପାରିବ। ରାସ୍ତାଘାଟର ପ୍ରସାର, ସହର ବନୀକରଣ, ଅଳିଆ ଅବର୍ଜନାର ସୁପରିଚାଳନା, ଯାତାୟତ କରୁଥିବା ଯାନବାହାନ ସମୂହର ଉପଯୁକ୍ତ ନିୟନ୍ତ୍ରଣ ଏବଂ ସହରରୁ ଜଳ ନିଷ୍କାସନର ଉପଯୁକ୍ତ ବ୍ୟବସ୍ଥା କରା ଯାଇପାରିଲେ ଭୁବନେଶ୍ୱର ଏକ ଶ୍ରେଷ୍ଠ ସହର ରୂପେ ପରିଗଣିତ ହୋଇପାରିବ ଏବଂ ସହରବାସୀଙ୍କର ସମ୍ପୂର୍ଣ୍ଣ ଜୀବନଶୈଳୀ ବଦଳିଯାଇପାରିବ।

ପ୍ରାକ୍ତନ ମତ୍ସ୍ୟ ବୈଜ୍ଞାନିକ, ଅଧୁନା ଆଡ୍‌ଭୋକେଟ୍
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋବାଇଲ୍: ୯୪୩୭୭୬୪୬୭୩

# ସ୍ମାର୍ଟ ଭୁବନେଶ୍ୱର ସହରରେ ନିରାପଦ ଜୀବନ

***ସୁଶୀଳ କୁମାର ପଟ୍ଟନାୟକ***

ସଭ୍ୟତାର ବିବର୍ତ୍ତନରେ ସହର ଆଜି ବିଶିଷ୍ଟ ଭୂମିକା ବହନ କରେ। ବିଶ୍ୱ ସ୍ତରରେ ଏହା ଯନ୍ତ୍ର ସଭ୍ୟତା ଦିଗରେ ଗତି କରି ନଭଶ୍ଚୁମ୍ବୀ ଅଟ୍ଟାଳିକାମୟ କଂକ୍ରିଟ୍ ନଗରୀରେ ପରିଣତ ହେବା ସହିତ ମାନବିକତା, ସାମାଜିକତା, ବିବେକବୋଧତାର କ୍ଷୟ ହେବା ପରିଲକ୍ଷିତ ହୁଏ। ସେଥିରେ ଯଦି ଭୁବନେଶ୍ୱର ନିଜର କୃତିତ୍ୱ ଅର୍ଜନ କରିଛି, ଏହାର ବାସିନ୍ଦାମାନଙ୍କର ମାନବିକ ମୂଲ୍ୟବୋଧ ଉପରେ ଏକ ବିହଙ୍ଗାବଲୋକନ କରିବା ନିଶ୍ଚୟ ଅତ୍ୟାବଶ୍ୟକ। ବିଭିନ୍ନ ଦୃଷ୍ଟିକୋଣରୁ ଯଦି ଭୁବନେଶ୍ୱର ୧୯ତମ ବିଶ୍ୱର ମାନ୍ୟତାପ୍ରାପ୍ତ ସ୍ମାର୍ଟ ସହର ଆଉ ଧନଜୀବନର ନିରାପତ୍ତା ଦୃଷ୍ଟିରୁ ବିବେଚନାରେ ବିଶ୍ୱରେ ତ୍ରୟୋଦଶ, ଆମକୁ ଆତ୍ମ ସମୀକ୍ଷାର ଅବକାଶ ଆସିଛି।

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସାରା ଭାରତରେ ପ୍ରସିଦ୍ଧ। ଭୁବନେଶ୍ୱରରେ ଅନେକ ମନ୍ଦିର ଥିବାରୁ ଏହାକୁ ମନ୍ଦିରମାଳିନୀ ଭୁବନେଶ୍ୱର ବି କୁହାଯାଏ । ଏଠାରେ ହଜାର ହଜାର ଶିବଲିଙ୍ଗ ଥିବାରୁ ତତ୍‌ସହିତ ଦେବଦେବ ମହାଦେବ ପ୍ରଭୁ ଲିଙ୍ଗରାଜଙ୍କର ବିଜେସ୍ଥଳି ହୋଇ ଥିବାରୁ ଏହାକୁ ଶିବ ପିଠ ମଧ୍ୟ କୁହାଯାଏ । ଅଶୋକଙ୍କଠାରେ ମାନବିକତାର ଉଦୟ ଏବଂ ଧର୍ମବନ୍ତ ହେବାର ସାଧନା ପୀଠର ସ୍ମୃତି ସ୍ମାରକୀ ରୂପେ ଧଉଳି ଶାନ୍ତିସ୍ତୂପ ବିଦ୍ୟମାନ। କଳିଙ୍ଗର ଅନ୍ୟତମ ଯୋଦ୍ଧା ସ୍ୱାଭିମାନୀ ଖାରବେଳଙ୍କର ରାଜତ୍ୱର ପ୍ରତୀକ ଶିଶୁପାଳଗଡ଼, ଖଣ୍ଡଗିରି, ଉଦୟଗିରି ସହିତ ହାତୀ ଗୁମ୍ଫା ମଧ୍ୟ ଏହି ଭୁବନେଶ୍ୱର ସୀମା ମଧ୍ୟରେ ଅବସ୍ଥିତ। ଏହାଛଡା ଚନ୍ଦକା ଜଙ୍ଗଲ, ଗୋଲାପ ବଗିଚା, ଏକାମ୍ରକାନନ ସହିତ କୁଆଖିଆ ଓ ଦୟାନଦୀ ଭୁବନେଶ୍ୱରର ପାଦଧୌତ କରୁଥିବା ସ୍ଥଳେ, ଶିଖର ଚଣ୍ଡୀ ପାହାଡ ମା'ଚଣ୍ଡୀଙ୍କୁ ମୁଣ୍ଡରେ ଧରି ଭୁବନେଶ୍ୱରର ମଧ୍ୟ ଭାଗରେ ଦଣ୍ଡାୟମାନ । ବନ୍ୟଜନ୍ତୁ ପକ୍ଷୁପକ୍ଷୀଙ୍କୁ ଧରି ମନେ ପକେଇ ଦେଉଛି ଆମେ ଦିନେ ପଶୁଥିଲୁ, ଭୁଲେଇ ଦେଉଛି ନନ୍ଦନ କାନନ ।

ରାଜ୍ୟପାଳ ଠାରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ ଠାରୁ କିରାଣୀ, ଚପରାସି, ଏଗାର ମହଲା ସହିତ ସମସ୍ତ ଭବନଠାରୁ ବସ୍ତି ପର୍ଯ୍ୟନ୍ତ, ଓଡ଼ିଶୀନୃତ୍ୟ ଠାରୁ ଧାଙ୍ଗେଡ଼ି ନୃତ୍ୟ , ସାଧୁ ସନ୍ଥଙ୍କ ଠାରୁ ଆରମ୍ଭ କରି ଚୋର, ଖଣ୍ଟ, ଟାଉଟର, ଡକାୟତ, ଦେଶୀ ଠାରୁ ବିଦେଶୀ ଓ ଛେନା-ରାବେଡ଼ି ଠାରୁ ଆରମ୍ଭ କରି ଭାଙ୍ଗ ଗଞ୍ଜେଇ, ଚରସ ପର୍ଯ୍ୟନ୍ତ, କ'ଣ ନାହିଁ ଏ ଭୁବନେଶ୍ୱରରେ ? ସମସ୍ତ ଖାଦ୍ୟ ଖାଦକଙ୍କୁ କୋଳରେ ଧରି ସୁଯୋଗ ଦିଏ ସେମାନଙ୍କ ପାପ, ପୁଣ୍ୟର ହିସାବ ନକରି ଏହି ଭୁବନେଶ୍ୱର । ଶାସ୍ତ୍ରୀୟ ସଂଗୀତ ଶିକ୍ଷାଳୟ, ଉତ୍କଳ ସଂଗୀତ ମହାବିଦ୍ୟାଳୟ ଠାରୁ ଘରୋଇ ସଂଗୀତ ଶିକ୍ଷାଳୟ, ପ୍ରଚାର ପାଇଁ ଏ ଠାରୁ ଜେଡ୍ ଟିଭି କେବଳ ହଟ୍ ନିଉଜ୍ ପରି କାର୍ଯ୍ୟରେ ପ୍ରଚାର ପାଇଁ ପ୍ରଖ୍ୟାତ । ଭୁବନେଶ୍ୱର ଭଳି ମହାନ୍ ସ୍ଥାନର ମହନୀୟତାକୁ ଆମେ ଚାହିଁଲେ ଦୁଇ ଗୁଣିତ କରିପାରିବା, ଚାହିଁଲେ ରସାତଳକୁ ବି ନେଇ ଯାଇପାରିବା । କିନ୍ତୁ ଆମେ ଏଠି ସମସ୍ତେ ଚାକିରିଆ ଆମେ ସମସ୍ତେ ସରକାରଙ୍କର ଗୋଲାମ, ଆମ ମାନଙ୍କର ମନୋବୃତ୍ତି ସେହି ଭାବରେ ରହିଛି । ଏଠି ପୋଲିସ୍, ଓକିଲ, ରାଜନେତା, ଡାକ୍ତର, ଅଧ୍ୟାପକଙ୍କ ଠାରୁ ଆରମ୍ଭ କରି ଦଲାଲ, ଠକ, ଚୋରଙ୍କର ପ୍ରାଧାନ୍ୟ ମଧ୍ୟ କମ୍ ନୁହେଁ । ତେଣୁ ମୋ କବିତାରେ ମୁଁ ଲେଖିଛି-

'ଆସ ଭାଇ ଯିବା ଭୁବନେଶ୍ୱର ବୁଲି ଦେଖିବା ଗୋଲାପ ନଗରୀ,
ପ୍ରତିଦିନ ଏଠି ଚୋରି ଡକାୟତି ହରଣଚାଳ ହୁଅନ୍ତି ନରନାରୀ,
ଶିକ୍ଷାଳୟ ଠାରୁ ବ୍ୟାଙ୍କ ପର୍ଯ୍ୟନ୍ତ ସବୁଠାରେ କଳା ବଜାରୀ,
ଟିଉସନ ନିଶା ଅଧ୍ୟାପକଙ୍କୁ ଘାରିଛି ଛାତ୍ରୀ ମରନ୍ତି ଆତ୍ମହତ୍ୟା କରି,
ରାଜନେତା କଥା ନ କହିଲେ ଭଲ କହୁଛନ୍ତି କିଣିବେ ଭୁବନେଶ୍ୱର,
ପାଞ୍ଚ ବରଷର ଚାକିରି ଆଉ ସବୁ ଉପୁରୀ,
ଲାଇଫ୍ ଟାଇମ୍ ପେନ୍‌ସନ ଟଲ୍ ଟାଇମ୍ ଫ୍ରି
ଦେଶ ସେବକ ବାନା ଉଡାଇ ଲୁଟନ୍ତି ଦେଶକୁ ଆପଣା କରି
ବାଟେ ଘାଟେ ଏଠି ଟଙ୍କା ଚେନ୍ ଟଣାଟଣି,
ଗାଡି ବାଡାବାଡି, ଚୋର-ପୋଲିସ ଏଠି ଯୋଡ଼ାଯୋଡ଼ି
ଜାଣି ହୁଏନା ଏଠି କିଏ କାହାରି,
ଛେନା ଦୋକାନରେ ଭାଂଗ ବିକିରି,
ପାନଦୋକାନ ପାନରେ ଚରସ ଭରି
ସିଗାରେଟ ଭିତରେ ହୁଏ ଗଞ୍ଜା ବିକିରି,
ସ୍ୱାସ୍ଥ୍ୟସେବା କଥା ତୁଣ୍ଡେ ନଧରିବ,
ବଇଦ ପାଖରେ ଧାଡ଼ିଶକତ।
ସବୁ ରୋଗୀଙ୍କର ପାଥୋଲୋଜି ଟେଷ୍ଟ,
ଦେଖୁ ନଦେଖୁଣୁ ଇନ୍‌ଫେକ୍‌ସନ୍ ଫାଷ୍ଟ୍
ଜରୁରୀ ହେଉଛି ଆଣ୍ଟିବାଟିକ୍ ଦାମୀ
ମଲୁ ବଥା କି ଯନ୍ତ୍ରଣା କାନେ ନ ଶୁଣି ।

ଏହାଦ୍ୱାରା ଭୁବନେଶ୍ୱରର ପରମ୍ପରା ସଂସ୍କୃତି ନଷ୍ଟହେବାକୁ ଯାଉଛି । ଲୋକମାନେ ଅପସଂସ୍କୃତିକୁ ଆଦରି ନେଉଛନ୍ତି , ନିଜର ସ୍ୱାର୍ଥ ଚିନ୍ତାରେ ଅନ୍ଧ ହୋଇ ସାମାଜିକ ସ୍ଥିତି ବଢାଇବାକୁ , କିନ୍ତୁ ଏହାଦ୍ୱାରା ସମାଜ ଛୋଟ ହୋଇ ଯାଉଛି । ଅପସଂସ୍କୃତି ଦ୍ରୁତ ଗତିରେ ବୃଦ୍ଧି ପାଉଛି ।

"ଆମ ସଂସ୍କୃତି ଆମେ ତ ଭୁଲିଛୁ,
ବାପା' ମା' ଛାଡ଼ି ଡେଡ୍ ମମ୍, ଡାକୁଛୁ
ବୈଶାଖୀ ଖରାରେ ଦେହ ସିଝିଲେ ବି, ବିଦେଶୀ ଖଣ୍ଡକ ପିନ୍ଧୁଛୁ
ଠାକୁରଙ୍କୁ କାନ୍ଥ ପଟାପରେ ରଖି, ଭୁଲିଛୁ ଗୀତା ଭାଗବତକୁ
ଜନମ ଦିନରେ ସତ୍ୟନାରାୟଣ ପାଲା ଭୁଲି,
ଅଣ୍ଡା ମିଶା ପିଠା କାଟୁଛୁ
ବାପା, ମା'କୁ ଘରୁ ବିଦାକରି ପ୍ରାଇଭେଟ ଲାଇଫ୍ ପାଳୁଛୁ
ବାରମାସେ ତେର ପରବକୁ ଭୁଲି, ଚୋଲ୍ ଚାଉମିନ୍‌କୁ ଗିଳୁଛୁ ।
ଅମୃତ ସମାନ ବେଲ ପଣା ଭୁଲି, ତ୍ରିଫଳାକୁ ଭୁଲି,
ଥଣ୍ଡାପାନୀୟକୁ ଆଦର, ଲାଟ୍ରିନ୍ କ୍ଲିନରୁ ଶୋଷୁଛୁ ।"

୩୮ ବର୍ଷର ଅତୀତ କଥା ମୁଁ କହୁଛି, ମୁଁ ଭୁବନେଶ୍ୱରରେ ନୂଆ ନୂଆ ପାଦଦେଇଥାଏ (୧୯୭୯ ଅଗଷ୍ଟ ୯) । ସଂଗୀତ ଶିଖିବା ପାଇଁ ସଂଗୀତ ମହାବିଦ୍ୟାଳୟରେ ନାମ ଲେଖାଇ ଥାଏ । ପଢ଼ିବା ପାଇଁ କିଛି ପଇସା ଦରକାର ତେଣୁ ଦୈନିକ ପ୍ରଗତିବାଦୀରେ ଟ.୬୦ଙ୍କାରେ ଚାକିରି କଲି ମେସ୍ ଖର୍ଚ୍ଚ ଯାଇ କିଛି ପଇସା ମଧ୍ୟ ବଳୁଥାଏ । ପର୍ବପର୍ବାଣୀ ପୂର୍ବଦିନ ରାତି ଅଧକ ହେଲେ ବି ପ୍ରେସ୍ କାମ ସାରିବା ପାଇଁ ପଡେ, ତେଣୁ ରାତି ୧୨ ଟା ବା ୧ଟା ବି ହୁଏ ଫରେଷ୍ଟ୍ ପାର୍କ୍ ଦେଇ ଚାଲିଚାଲି ଯାଏ ବରମୁଣ୍ଡା, ବହୁତ କଷ୍ଟ ଲାଗୁଥିଲା, ଭୋକ ବି ପ୍ରବଳ ହେଉଥିବ, କିନ୍ତୁ ଆଶ୍ଚର୍ଯ୍ୟ ଲାଗେ, ହଠାତ୍ କିଏ ଆସି ଅଟକି ଯାଏ ଯେପରି ଆଗକୁ ଖବର ଦେବା ଭଳି ସେ ସାଇକେଲ୍ ବା ମଟରସାଇକେଲ୍‌ରେ, କୁହନ୍ତି, ବସନ୍ତୁ ଆଗରେ ଛାଡିଦେବି, ମୋତେ କେବେ ଅବିଶ୍ୱାସ ଲାଗୁନଥିଲା ମୁଁ ବସିଯାଉଥିଲି । ଘର ପାଖରେ ଓହ୍ଲାଇ ଦିଅନ୍ତି ତାଙ୍କୁ ଧନ୍ୟବାଦଦେବା ସହିତ ଭଗବାନଙ୍କୁ କୃତଜ୍ଞତା ଜଣାଏ । ଏପରି ସାହାଯ୍ୟ ଦିନେ ନୁହେଁ ଅନେକଥର ପାଇଛି ଏବଂ ସାରାଜୀବନ ମନେରଖିବି କୃତଜ୍ଞତା ସହିତ । ସେତେବେଳେ ବାପୁଜିନଗରରୁ ବରମୁଣ୍ଡା ରାସ୍ତା ବହୁତ ନିଛାଟିଆ ଥାଏ । ଚାଲି ଚାଲି ଗଲା ବେଳେ ଗାଈ, ଷଣ୍ଢ, କୁକୁରଙ୍କୁ ବେଶି ଡର ଥିଲା, ମଣିଷ ଟିଏ ଦେଖିଲେ ସାହସ ଆସୁଥିଲା କାରଣ ସେତେବେଳେ ମଣିଷ ମଧ୍ୟରେ ପରସ୍ପର ସାହାଯ୍ୟ ସହାନୁଭୂତିର ମନୋଭାବ ଥିଲା । ମାତ୍ର ୨୦-୩୫ ବର୍ଷ ମଧ୍ୟରେ ଭୁବନେଶ୍ୱର ଏତେ ବଦଳିଛି ବିଶ୍ୱାସ କରି ହୁଏନି । ସ୍ୱାର୍ଥର ଅନ୍ଧପୁଟୁଳି ସମସ୍ତଙ୍କ ଆଖିରେ ବନ୍ଧା ହୋଇଛି । ରାତାରାତି କିପରି ବଡଲୋକ ହେବି ନିଜର ଖ୍ୟାତି ବଢାଇବି ପଇସା ହିଁ ସବୁର ଉତ୍ସ ବୋଲି ଏ ଭ୍ରମ ଧାରଣା ସମସ୍ତଙ୍କୁ ଗ୍ରାସ କରିଛି । ସମସ୍ତେ ସମାଜକୁ ଲୁଣ୍ଠନ କରୁଛନ୍ତି । କିଛି କୃପଣତା ପରିଲକ୍ଷିତ ହୋଇଛି । ସୃଷ୍ଟିର ନିୟମ କି ସୁନ୍ଦର ସ୍ରଷ୍ଟାର ଉଦ୍ଦେଶ୍ୟ କି ମହାନ୍ ପରସ୍ପର ସହାନୁଭୂତି, ସ୍ନେହଶ୍ରଦ୍ଧା, 'ବସୁଧୈବ କୁଟୁମ୍ବକମ୍' ନୀତିକୁ ଏବଂ ସାମାଜିକ ପ୍ରଥାକୁ ଆମେ ଭୁଲି ଯାଇଛୁ, ଆସୁରିକ ସତ୍ତା ବଳବତ୍ତର ରହୁଛି, ଭଗବାନ୍ ଦେବତ୍ୱ ଓ ଅସୁରତ୍ୱ ଦୁଇଟି ଗୁଣକୁ ଏକତ୍ରିତ କରି ମଣିଷ ଜନ୍ମ ଦେଲେ, ଯିଏ ଚାହିଁବ ଦେବତ୍ୱକୁ ସେ ଦୈବୀ ଗୁଣର ଅଧିକାରୀ ହେବ, ଯିଏ ବାହିଁବ ନର୍କଗାମୀ ହେବାକୁ ସେ ଆସୁରିକ ସ୍ୱଭାବର ହେବ ନୀଚ କାର୍ଯ୍ୟ କରିବ । ସେ ଦାୟିତ୍ୱ ଭଗବାନ ଆମ ଉପରେ ଛାଡିଦେଇଛନ୍ତି । କାରଣ ଆମକୁ ବୁଦ୍ଧି, ବିବେକ, ଭଲ ମନ୍ଦ, ବୁଝିବାର ଜ୍ଞାନ ଦେଇଛନ୍ତି । ପାଶବିକ ଗୁଣର ମାନବିକତା ଭରା ଗୁଣ ଆମପାଖରେ ରହିଛି । ତାହା ଆମେ ତୃତୀୟ ନେତ୍ରରେ ଦେଖିବା ଉଚିତ୍ ।

ବର୍ତ୍ତମାନ ଭୁବନେଶ୍ୱରରେ ରାତି କଥା ଛାଡ, ଦିନରେ ମଧ୍ୟ ଭୟ ଲାଗେ ତାହା ପୁଣି ଷଣ୍ଢ ବା କୁକୁରଙ୍କୁ ନୁହେଁ ଆମରି ନିଜର ସ୍ୱଜାତିକୁ । ସାହାଯ୍ୟ କରିହେଉନି । ମୁଁ ପାଇଥିବା ସାହାଯ୍ୟକୁ ମନେ ପକାଇ ଚେଷ୍ଟା କରେ ସାହାଯ୍ୟ କରିବା ପାଇଁ ।

ଦିନକର କଥା ଶୀତଦିନ ହୋଇଥାଏ, ଭୋର ସମୟରେ ମୁଁ ନାଲ୍‌କୋ ଛକରୁ ଆସୁଥାଏ । ଜାଭିୟରସ୍ ଛକରେ ଦୁଇଜଣ ଯୁବକ ବସିଥିଲେ ଜଣେ ଉଠି ହାତଦେଖାଇଲା ଜୟଦେବ ବିହାର ଛକ ଆସିବା ପାଇଁ ଉଠାଇ ଆଣିବା ପରେ ଆଇନାରେ ଦେଖିଲି ଥୁଆ ହୋଇଥିବା ମଟର ସାଇକେଲରେ ଆଗ ପିଲାଟି ଆସୁଛି । ମୁଁ ଗାଡି ଅଟକାଇ ସେ ପିଲାକୁ ଚାହୁଁଥିବା ସ୍ଥାନରେ ଉହ୍ଲାଇ ଦେବା ପରେ ସେହି ବାଇକ୍‌ଟି ମୋତେ ପଛପଟୁ ପିଟି ଦେଲା, ଫଳରେ ମୁଁ ରାସ୍ତା ତଳକୁ ଗଡି ଗଡି ସ୍କୁଟରଟି ପଡ଼ିଗଲା, କିଛି ଚିନ୍ତା କରିବା ମଧ୍ୟରେ ମୋ ସାଙ୍ଗରେ ଆସିଥିବା ପିଲାଟି ମୋ ନୂଆ ସ୍କୁଟରଟିକୁ ଉଠାଇ ଲାଣି ମୁଁ ପଡିଛି, କାଳବିଳମ୍ବ ନକରି କଷ୍ଟ ହେଉଥିଲେ ମଧ୍ୟ ସ୍କୁଟରଟିକୁ ମାଡିବସିଲି ଏବଂ ପାଟି କଲି ସଙ୍ଗେ ସଙ୍ଗେ ସେ ଦୁଇଜଣ ତାଙ୍କ ଗାଡିରେ ପଳାଇ ଗଲେ । "ରଖେ ହରି ମାରେ କିଏ ମାରେ ହରି ରଖେ କିଏ" ତେଣୁ ବର୍ତ୍ତମାନ ରାସ୍ତାରେ ଯିବା ସମୟରେ ଦିନ କିବା ରାତି ମଣିଷଟିଏ ଦେଖିଦେଲେ ମନରେ ଭୟ ସଂଚାର ହେଉଛି କାରଣ ହୁଏତ ଗାଡି ଛଡାଇ ପାରେ, ମୋବାଇଲ୍ ନେଇ ପାରେ ବା ମନିପର୍ସ ବା ଜୀବନ ବି ନେଇ ପାରେ । ପଶୁପକ୍ଷୀ, ମହାବଳ ବାଘ, ସିଂହକୁ ଏହି ମଣିଷ ମନରେ ରଖି ପାରିଛି କିନ୍ତୁ ଏ ମଣିଷ କୁ ପାରିଲାନି । ନିଜର ପୁଅ ପାଖରେ ମଧ୍ୟ ହାର ମାନୁଛି ବାପା । ଅନେକ ପିତା ମାତା ଅସହାୟରେ ସମୟ ବିତାଉଛନ୍ତି ପୁଅଟି ମଣିଷ ହେଲାନି, ମୋ କଥାରୁ ବାହାରି ଗଲାଣି, ଲୋକଲଜ୍ୟା ପାଇଁ ମୃତ୍ୟୁ ଅପେକ୍ଷାରେ । ଏହାର କାରଣ ସ୍ୱାର୍ଥପରତା ଏବଂ ଅନେକ ଦିବାସ୍ୱପ୍ନ । ଏ ରୋଗ ଏଡ୍‌ସ୍ ରୋଗ ଭଳି ଦିନକୁ ଦିନ ସାରା ସମାଜ କୁ ଗ୍ରାସ କରୁଛି । ଆଗକୁ ବିବାହ ବ୍ରତରେ ବୟସ୍କ ଲୋକଙ୍କୁ ଖୋଜି କରି ନିଆଯାଉଥିଲା, ବର୍ତ୍ତମାନ ଯାଉଛନ୍ତି ୧୫-୩୦ ବର୍ଷର ଯୁବକମାନେ । ବୟସ୍କମାନେ ଆଉଟ୍‌ଡେଟେଡ୍ ହୋଇଯାଇଛନ୍ତି । ଯୁବକଗଣ ପିଆ-ପିଇ, ନଚା-ନଚି, ଆବଶ୍ୟକ ସ୍ଥଳେ ପିଟାପିଟି ହେବାକୁ ପଛାଉ ନାହାନ୍ତି । ଝିଅ ଘର ଟିକେ ଲୋକ ବଳଥିଲେ ଏହିଭଳି ବର ଯାତ୍ରୀଙ୍କୁ ଠେଙ୍ଗା, ରଡ୍ ବା ଜଳନ୍ତା କାଠ ଫାଳିଆ ପାହାରରେ ସ୍ୱାଗତ କରୁଛନ୍ତି । ଏଭଳି ଅବସ୍ଥାରେ ରାତି ୨ଟା ବା ୩ଟା ରେ ପହଞ୍ଚିଲାବେଳକୁ ଖାଦ୍ୟ ଗନ୍ଧିଆ ଆହୁରି ଅପ୍ରୀତିକର ପରିବେଶ, କିନ୍ତୁ ବର୍ତ୍ତମାନ ରାତି ୧୦ଟା ପରେ ଶବ୍ଦ ବନ୍ଦ, ଶୋଭା ଯାତ୍ରା ବନ୍ଦ, ପ୍ରକୃତରେ ସରକାରଙ୍କୁ ଆଇନକୁ ଧନ୍ୟବାଦ

ଦେବି ଏହା ହେବା ଦ୍ୱାରା କେତେ ଧନ ଜୀବନ ଖାଦ୍ୟ ପେୟ ରକ୍ଷା ହୋଇ ପାରିଲା । ଏହା ସମାଜ ପାଇଁ ସ୍ୱାଗତ ଯୋଗ୍ୟ । ସହରୀ ସଭ୍ୟତା ଅଦ୍ଭୁତ, ଯଦି କାହା ଘରେ ଚୋର ପଶିଛି ପଡିଶାଘରର ଲୋକ ଆଲୁଅ ଲିଭାଇ ଚୁପଚାପ୍ ରହିଯାଉଛି । ବୁଝି ପାରୁନି କାଲି ସେହି ଚୋର ମୋ' ଘରେ ବି ପଶି ପାରେ, ରାଜରାସ୍ତାରେ ଜଣେ ଗାଡି ଧକ୍କାରେ ରାସ୍ତାରେ ପଡି ପାଣି ପାଣି ଚିତ୍କାର କରୁଥିଲେ ମଧ୍ୟ ଲୋକ ନଦେଖିଲାପରି ଚାଲି ଯାଉଛନ୍ତି । ଯିଏ ଚୋରି ଡକାୟତି କରୁଛି, ସେମାନେ ତ ଅସମାଜିକ କିନ୍ତୁ ଯେଉଁମାନେ ଭଦ୍ର ପୋଷାକ ପିନ୍ଧି ଅତି ମାନବ ବୋଲି ସମାଜରେ ନିଜର ସ୍ଥିତି ବଜାଇ ରଖିଛନ୍ତି ସେମାନଙ୍କ ହୃଦୟରେ ଦୟା ନାହିଁ କି ମାନବିକତା ନାହିଁ , ସେମାନେ ପରୋକ୍ଷରେ ଅସାମାଜିକ କାର୍ଯ୍ୟକୁ ସାହାଯ୍ୟ କରୁଛନ୍ତି (ଯେହେତୁ ବିରୋଧ କରୁନାହାନ୍ତି), ସେମାନଙ୍କୁ କ'ଣ କୁହାଯିବ ? ଆଜି ପୁଣି ସ୍ମାର୍ଟ ସିଟିର ବହୁତ ଆଶା ବହୁତ ସ୍ୱପ୍ନ । ସ୍ମାର୍ଟ ସିଟି ହେଉ ଆମେ ସ୍ମାର୍ଟ ହେବାକୁ ମନା ନାହିଁ; କିନ୍ତୁ ଆମେ ଆମର ପରମ୍ପରା ସଂସ୍କୃତିକୁ ଯଦି ଭୁଲିଯିବା ଆମ ପିତାମାତାକୁ ସମ୍ମାନ ନଦେବା ସ୍ମାର୍ଟ ସିଟିରେ ସ୍ମାର୍ଟ ହୋଇ ପରୋପକାର କରିବାନି(ପରୋପକାରାୟ ସ୍ୱର୍ଗାୟ) ଏହା ଯଦି ଭୁଲିଯିବା ତେବେ ସର୍ବନାଶ ହୋଇଯିବ ।

ଅଧୁନା ବିଶ୍ୱରେ ସ୍ମାର୍ଟସିଟି ଛଳରେ ଅନେକ ଦେଶୀ ବିଦେଶୀ ଭୁବନେଶ୍ୱର ଐତିହ୍ୟ ସମ୍ପନ୍ନ ସହର ବ୍ୟତୀତ ଆଜି ଏହାର ବିଶେଷତ୍ୱ କଅଣ ବୋଲି ଯଦି ଖୋଜିବେ, ସେମାନେ ଯେମିତି ଏଠିକାର ମାନବଧର୍ମୀ ଗୋଟିଏ ପ୍ରାକୃତିକ ଆଉ ଏକବିଂଶ ଶତାବ୍ଦୀର ଗୋଟିଏ ଆଦର୍ଶ ମନୁଷ୍ୟତ୍ୱର ନଗରୀ ବୋଲି ପରିଚୟ ପାଇବେ ।

କ୍ଷୋଭର ବିଷୟ ବିଗତ ଦୁଇ ତିନି ଦଶାବ୍ଦୀ ମଧ୍ୟରେ ଲିଙ୍ଗରାଜ ଧାମ, ଭୁବନେଶ୍ୱରର ମୁଣ୍ଡ ଉପରେ ଆଜି ପୁନରାୟ କୀର୍ତ୍ତି ଆଉ ବାସ ନାମକ ସେଇ ଦୁଇଟି ପୁରୁଣା ଅସୁର କାୟା ମେଲାଇଲେଣି, ତେଣୁ ସେମାନଙ୍କ ଠାରୁ ମୁକ୍ତ ହେବା ପାଇଁ ସମସ୍ତେ ଚିନ୍ତା କରିବା ଉଚିତ୍ । କିନ୍ତୁ କିଏ ମା' ଦୁର୍ଗା ହେବେ ତାହା ଚିନ୍ତାର ବିଷୟ । ଡରିବାର ନାହିଁ, ଦୁର୍ଗା ହେବା ପାଇଁ ଭୟ କାହିଁକି ? ଭୁବନେଶ୍ୱରବାସୀ ସମସ୍ତେ ଦେବତାମାନଙ୍କ ଭଳି ମିଳିମିଶି ନିଜ ନିଜର ସହଯୋଗ ରୂପକ ଅସ୍ତ୍ର ପ୍ରଦାନ କରିବେ କି ନାହିଁ ? ଏହା ସମ୍ଭବ କରିବା ପାଇଁ, ଭୁବନେଶ୍ୱରକୁ ମୁକ୍ତ କରିବା ପାଇଁ ସମସ୍ତ ସାହିତ୍ୟିକମାନେ ମସି ଚାଳନା ଜାରି ରଖିବା ଉଚିତ୍ । କାରଣ ଅଶି ଠାରୁ ମସିର ଶକ୍ତି ଅଧିକା ଯୁଗେ ଯୁଗେ ପରୀକ୍ଷିତ, ଆସନ୍ତୁ ହାତ କୁ ହାତ, କାନ୍ଧକୁ କାନ୍ଧ, କାଗଜକୁ କଲମ ମିଳେଇ ଆଗେଇବା, ଶପଥ କରିବା, ନିଶ୍ଚୟ ବିଜୟୀ ହେବା !

କଳାଭୂଷଣ ଗୀତିକବି, ସଙ୍ଗୀତ ବିଭାଗ ମୁଖ୍ୟ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ - ୯୪୩୭୪୯୬୭୪୮



# ଐତିହ୍ୟ ପଦଯାତ୍ରା ଓ ବିସ୍ତୃତ ପର୍ଯ୍ୟଟନସ୍ଥଳୀ :: ଭୁବନେଶ୍ୱର

*ଡ. ସୁଜାତା ପ୍ରିୟଦର୍ଶିନୀ*

ଏବେ ନୂଆ ଦେଖିବାକୁ ମିଳୁଛି । ବିଦେଶୀ ପର୍ଯ୍ୟଟକମାନେ କିପରି ପୁରୁଣା ଭୁବନେଶ୍ୱରର ଭାସ୍କରେଶ୍ୱର କି ରାଜରାଣୀ ମନ୍ଦିରରୁ ବାହାରି ବିନ୍ଦୁସାଗର ଓ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ଏକ ଐତିହ୍ୟ ପଦଯାତ୍ରାରେ ବାହାରି ବହୁ ମନ୍ଦିର ଦର୍ଶନକରିବାର ସୁଯୋଗ ଲାଭ କରୁଛନ୍ତି । ସେମାନେ ଦଳବଦ୍ଧ ଭାବରେ ଆସି ଏହି ଐତିହ୍ୟସ୍ଥଳଗୁଡିକୁ ପରିଦର୍ଶନ କରିବା ସହିତ ଏହି ସମ୍ବାଦ ପରିବେଷଣରେ ପୁରାତନ କୀର୍ତ୍ତିରାଜିର ପୁନର୍ପ୍ରଚାର କରୁଛନ୍ତି । ଏମିତିକି ବାସିନ୍ଦାମାନେ ବି ଏହି ସମ୍ବାଦରେ ମନ୍ଦିର ଦେଖି ନଥିଲେ, ଶୀଘ୍ର ଦେଖିଯିବାକୁ ମନ ବଳାଉଛନ୍ତି ।

ପର୍ଯ୍ୟଟନ ଦିଗରୁ ଭୁବନେଶ୍ୱରର ସବୁଠାରୁ ଆକର୍ଷକ ହେଉଛି ଲିଙ୍ଗରାଜ ମନ୍ଦିର । ବିନ୍ଦୁସାଗର ଦ୍ୱିତୀୟ ସ୍ଥଳ, ଯେଉଁଠି ସ୍ନାନକରି ପୁଣ୍ୟ ଅର୍ଜନ କରିବାର ମାନସିକତା ରଖନ୍ତି ପର୍ଯ୍ୟଟକମାନେ । ବହୁ ଅତୀତ କାଳରୁ ଏହି ମାନସିକତା ରହିଛି ମୁନି, ଋଷି ତଥା ମହାମାନବମାନଙ୍କର । ଏମିତି ବି ଶ୍ରୀ ଚୈତନ୍ୟଙ୍କ ପୁରୁଷୋତ୍ତମ କ୍ଷେତ୍ରକୁ ଆଗମନ କାଳରେ ବିନ୍ଦୁସାଗରରେ ସ୍ନାନକରି ମହାପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିବାର ଘଟଣା ପଢିବାକୁ ମିଳେ ।

ମନ୍ଦିରମାଳିନୀ କ୍ଷେତ୍ରରେ ପର୍ଯ୍ୟଟକମାନଙ୍କର ଅନ୍ୟ ମନ୍ଦିର ଗୁଡିକର ଆକର୍ଷଣର କ୍ରମ ହେଉଛି ରାଜରାଣୀ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, ମୁକ୍ତେଶ୍ୱର, କେଦାରଗୌରୀ, ଚିତ୍ରକାରିଣୀ ମନ୍ଦିର । ପୁରାତନ କୀର୍ତ୍ତିରାଜି ବହନ କରିଥିବା ବୈତାଳ ମନ୍ଦିର ଅନେକଙ୍କୁ ଆକର୍ଷିତ କରିଥାଏ । ଅନେକ ଇତିହାସ ଓ ପ୍ରତ୍ନତତ୍ତ୍ୱର ଗବେଷକ ବିନ୍ଦୁସାଗରର ଚତୁର୍ଦ୍ଦିଗରେ ଥିବା ସବୁ ମନ୍ଦିର, ରାମେଶ୍ୱର ଏବଂ ତତ୍ସଲଗ୍ନ ସର୍ବପୁରାତନ ମନ୍ଦିର ଗୁଡିକୁ ପରିଦର୍ଶନ କରିଥାଆନ୍ତି । ମେଘେଶ୍ୱର, ଭାସ୍କରେଶ୍ୱର ଆଦି ବହୁ ପରିଦର୍ଶକଙ୍କୁ ଆକର୍ଷିତକରେ । ଅନତିଦୂରରେ ଥିବା କପିଳେଶ୍ୱର ଓ ଭୀମେଶ୍ୱର ମନ୍ଦିର ବି ରହିଛି ।

ଅତି ପୁରାତନ କାଳରୁ ସାରା ଭାରତବର୍ଷରେ ଭୁବନେଶ୍ୱରର ସନ୍ନିକଟ ଆକର୍ଷଣ ହେଉଛି ପ୍ରସିଦ୍ଧ ଗୁମ୍ଫା ପରିପୂର୍ଣ୍ଣ ଖଣ୍ଡଗିରି ଉଦୟଗିରି । ଅଦ୍ୟାବଧି ପୁରୀରୁ ଭୁବନେଶ୍ୱର ପରିବହନ କରି ଆସୁଥିବା ସବୁ ବସ୍ ଯଦି ଦୁଇଟି ସ୍ଥାନ ପରିଦର୍ଶନ କରିବେ, ତାହା ହେଲା ଲିଙ୍ଗରାଜ ଓ ଖଣ୍ଡଗିରି । ଉଦୟଗିରି ବା ପୁରାତନ ନାମ କୁମାରୀଗିରି ଓଡ଼ିଶାର ଦୁଇ ହଜାର ବର୍ଷର ଯଶକୀର୍ତ୍ତି ବହନକରେ । ହାତୀଗୁମ୍ଫାର ଶିଳାଲିପି ଓ ରାଣୀଗୁମ୍ଫା ଦୁଇଟି କୁମାରୀଗିରିର ବିଶ୍ୱବିଖ୍ୟାତ କୀର୍ତ୍ତି । ଖଣ୍ଡଗିରିର ପଛ ପାଖରେ ଏବେ ରହିଛି ଜୟଦେବ ବାଟିକା । ଭୁବନେଶ୍ୱରର ସବୁଠାରୁ ସୁନ୍ଦର ବଣଭୋଜିର ସ୍ଥଳ ।

ଏମିତିକି, ପୁରୀରୁ ଭୁବନେଶ୍ୱର ଆସୁଥିବା ରାସ୍ତାରେ ଧଉଳିଗିର ଓ ଏଠାରେ ମୌର୍ଯ୍ୟକାଳୀନ ଅଶୋକଙ୍କ ଶିଳାଲିପି, ପୁରାତନ ଖୋଦିତ ହାତୀ ଦେଖିବାକୁ ରହିଛି । ନୂତନ ଭାବରେ ୧ ୯ ୭ ୨ ମସିହାରୁ ଉନ୍ମୋଚିତ ଏହି ବୌଦ୍ଧ ଶାନ୍ତିସ୍ତୂପରେ ଧର୍ମଚକ୍ର ପ୍ରବର୍ତ୍ତକ ବୁଦ୍ଧଙ୍କର ଧ୍ୟାନାଧୀନ ମୂର୍ତ୍ତି ଦେଖିବାକୁ ଅଛି । ତା ସହିତ ରହିଛି ଭଗବାନ ବୁଦ୍ଧଙ୍କର ମହାରାଜା ବିମ୍ବିସାରଙ୍କୁ ନିର୍ଦ୍ଦେଶ, ବୋଧିଦ୍ରୁମ ତଳୁ ସଂଘମିତ୍ରାଙ୍କର ସିଂହଳଗସ୍ତର ପ୍ରସ୍ତୁତି । ଆଉ ଅନେକ ବୁଦ୍ଧ ସ୍ମାରକୀ ଗଳ୍ପ ସଂକଳିତ ଦୃଶ୍ୟ । ଭାବବିହ୍ୱଳ ହେବାଭଳି ଦୃଶ୍ୟସମୂହ ।

ଭୁବନେଶ୍ୱର ସହର ନୂତନ ରାଜଧାନୀ ହେବା ପରଠାରୁ ଅନେକ ନୂତନ ପର୍ଯ୍ୟଟନ ସ୍ଥଳର ଉତ୍ପତ୍ତି ହୋଇଛି । ସେଗୁଡିକ ହେଲେ, ଓଡିଶା ରାଜ୍ୟ ସଂଗ୍ରହାଳୟ (ମ୍ୟୁଜିୟମ), ଆଦିବାସୀ କଳା ସଂଗ୍ରହାଳୟ (ମ୍ୟୁଜିୟମ ଅଫ୍ ଟ୍ରାଇବାଲ୍ ଆର୍ଟ), ପଠାଣି ସାମନ୍ତ ପ୍ଲାନେଟୋରିଅମ୍, ଇସ୍କନ ମନ୍ଦିର ।

ନୂତନ ଭୁବନେଶ୍ୱରରେ ଗଢି ଉଠିଥିବା ରାମ ମନ୍ଦିର, ଇସ୍କନ ମନ୍ଦିର, ବିକଶିତ ଶିଖର ଚଣ୍ଡୀ ଅଞ୍ଚଳ ଆଜି ପର୍ଯ୍ୟଟନ ସ୍ଥଳ ହୋଇପାରିଛି । ଭୁବନେଶ୍ୱର ସହରତଳି ଅଞ୍ଚଳ ଭାବରେ ଦକ୍ଷିଣ-ପୂର୍ବ ଦିଗରେ ହୀରାପୁର ଚଉଷଠି ଯୋଗିନୀ ଗୋଟିଏ ପୁରାତନ କ୍ଷେତ୍ର ।

ନୂଆ ରାଜଧାନୀ ଭୁବନେଶ୍ୱର ପରିସର ମଧ୍ୟରେ ରହିଛି ଅନେକ ପାର୍କ ଓ ଦର୍ଶନୀୟ ଉଦ୍ୟାନ - ବିଜୁ ପଟ୍ଟନାୟକ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ, ବି.ଡି.ଏ. ନିକୋ ପାର୍କ । ସବୁଠାରୁ ଉଲ୍ଲେଖଯୋଗ୍ୟ ହେଉଛି ଏକାମ୍ର କାନନ (ରିଜିଓନାଲ୍ ପ୍ଲାଣ୍ଟ୍ ରିସର୍ଚ୍ଚ ସେଣ୍ଟର୍) । ଏଠାରେ ଜଣେ ଏହି ସୁନ୍ଦର ପୁଷ୍ପ ଉଦ୍ୟାନ ମଧ୍ୟରେ ଜଣେ ଆନନ୍ଦରେ ନିଜକୁ ହଜାଇଦେବ । ସବୁଜିମା ଭରା ଏଇ ଉଦ୍ୟାନରେ ରହିଛି ଅନେକ ଔଷଧୋପଯୋଗୀ ବୃକ୍ଷଲତା ।

ନୂଆ ରାଜଧାନୀ ଭୁବନେଶ୍ୱରର କ୍ରମିକ ବିବର୍ତ୍ତନର ଫଳସ୍ୱରୂପ କେତେ ନୂଆ ନୂଆ ପର୍ଯ୍ୟଟନ କ୍ଷେତ୍ର ଦୃଷ୍ଟିକୁ ଆସୁଛି । ଏମିତି ଅଛି ରିଜିଓନାଲ

ମ୍ୟୁଜିୟମ ଅଫ୍ ନାଚୁରାଲ ହିଷ୍ଟୋରି, ଓଡିଶା ମଡର୍ଣ୍ଣ ଆର୍ଟ ଗ୍ୟାଲେରି।

ଆଜିକାର ଭୁବନେଶ୍ୱରର ସବୁଠାରୁ ଚିତ୍ତ ବିନୋଦନ ପର୍ଯ୍ୟଟନ ସ୍ଥାନ ହେଉଛି ନନ୍ଦନକାନନ। ପ୍ରାକୃତିକ ପରିବେଶରେ ଜୀବଜନ୍ତୁଙ୍କର ସାଜସଜ୍ଜା ଛୁଟିଦିନରେ ପିଲାମାନଙ୍କୁ ଏଠାକୁ ଆସିବାକୁ ଆକର୍ଷିତ କରିଥାଏ।

ଭୁବନେଶ୍ୱରକୁ ସବୁଠାରୁ ବେଶି ପର୍ଯ୍ୟଟକ ନେଇ ପୁରୀରୁ ଅନେକ ବସ୍ କେବଳ ଛୁଟି ଦିନରେ କାହିଁକି ସବୁଦିନ ଧଉଳି, ଲିଙ୍ଗରାଜ, କେଦାରଗୌରୀ, ଖଣ୍ଡଗିରି, ନନ୍ଦନକାନନ ଆଦି ବସଷ୍ଟାଣ୍ଡ ପରିପୂର୍ଣ୍ଣ କରିଥାଆନ୍ତି।

ଆସନ୍ତା ଦଶନ୍ଧିରେ ଭୁବନେଶ୍ୱରର ପର୍ଯ୍ୟଟନକ୍ଷେତ୍ରର ଆକର୍ଷଣ ଆଧୁନିକ ସୁଚନା ପରିବେଷଣ ମାଧ୍ୟମରେ ପର୍ଯ୍ୟଟକ ସଂଖ୍ୟା ବହୁ ବୃଦ୍ଧି କରିବା ଆଶାଜନକ। ସଡକ ଓ ରେଳପଥରେ ସହଜ ସ୍ଥାନ ନେଇଥିବା ଭୁବନେଶ୍ୱରର ଭୂଗୋଳ ଆକାଶ ପଥରେ ଦେଶର ଅନେକ ନଗରୀ ସହିତ ସଂଯୁକ୍ତ। ପୁଣି ଆନ୍ତର୍ଜାତୀୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାକୁ ନୂଆ ହୋଇ ଚାଳିତ ହେଲାଣି ଆନ୍ତର୍ଜାତୀୟ ବିମାନସେବା। ନିଶ୍ଚିତ ଭାବରେ ବିଶ୍ୱ ଓ ରାଷ୍ଟ୍ରର ଏହି ସ୍ମାର୍ଟ ଭୁବନେଶ୍ୱର ସହର ପର୍ଯ୍ୟଟକ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବାକୁ ଯାଉଛି, ଏଥିରେ ଦ୍ୱିମତ ନାହିଁ।


ରିଡର୍, ଇଂରାଜୀ, ରାଜଧାନୀ କଲେଜ, ଭୁବନେଶ୍ୱର

ମୋ-୯୪୩୭୧୩୭୩୭୭




# ଆଦ୍ୟା

*ରବି କାନୁନ୍‌ଗୋ*

*"ନାରୀ ନ ଥିଲେ ସମର ନ ଥା'ନ୍ତା ।"*

ଦ୍ରୌପଦୀରୁ କ୍ଲିଓପେଟ୍ରାଯାଏ ସାରା ଇତିହାସ ଏହାର ସାକ୍ଷୀ । ସାମାଜିକ ଚିତ୍ରଟିଏ ପୁରାଣ ବା ପୋଥିରେ ଥାନ ପାଇଲାବେଳକୁ ପୃଥିବୀରେ ଆମ-ତମଙ୍କ ଶିଳା ଗଡ଼ିଗଡ଼ି ଧୂଳି କି ବାଲିଗରଡ଼ାରେ ପରିଣତ ହୋଇସାରିଥା'ନ୍ତି । ତେଣୁ ଇତିହାସକୁ ସର୍ବଦା ଏକ ଦୂରଛଡ଼ା ମନ ନେଇ ଦେଖିବାକୁ ପଡ଼େ । ଏ ଶୃଙ୍ଖଳାକୁ ଆମେ କ୍ୱଚିତ୍ ମାନୁ । ମନୁଙ୍କୁ ମାୟାବତୀ ଶୋଧନ୍ତି ଏବଂ ପାର୍ଲାମେଣ୍ଟ କହେ – ସବୁ ସଜାଡ଼ି ଦେବ ! କାଳକୁ କୀଳା ମାରି ଅଟକାଇବା ଶକ୍ତି ରାଜନୀତି ଛଡ଼ା ଆଉ କାହାର ଥାଇପାରେ ?

ନର-ମାନସିକତାରେ ନାରୀ ଯେ ସମ୍ମାନିତା, ଏହା କହିବାକୁ 'ବେଦ'ଠାରୁ ଆରମ୍ଭ କରି ପୁରାଣଯାଏଁ ନାନା ଚରିତ୍ର ଓ ବିବରଣୀ ରହିଛି । 'ଆଦି ଶକ୍ତି' – ମାନେ ହେଲା ନାରୀ । ଦୁର୍ଗା କାଳୀ ଲକ୍ଷ୍ମୀ ସରସ୍ୱତୀ ଆଦ୍ୟ ରୂପରେ ଉଭା ହେଲେ ତା'ପରେ ସେଠୁ ଅଜବ ମଣିଷଙ୍କ ସୃଷ୍ଟି ଆରମ୍ଭ ହୁଏ । ଥୋକେ ମରିବେ, ଆଉ ଥୋକେ ଉପୁଜିବେ । ବ୍ରହ୍ମା ବିଷ୍ଣୁ କି ମହେଶ୍ୱରଙ୍କ କାଟତି ନ ଥାଏ । ବର ମାଗିବାକୁ ରାବଣ ଶିବଙ୍କ ପାଖରେ କେତେ ତପସ୍ୟା କଲା । ଭୋଳା ମହେଶ୍ୱର ପଟିବାକୁ ସବୁବେଳେ ହୁକୁହୁକୁ । ହେଲେ ମା' ସରସ୍ୱତୀ ସେତିକିବେଳେ ଆଦ୍ୟା ରୂପରେ ଉଏଦର୍ ଚେଞ୍ଜ୍ କରିଦିଅନ୍ତି । ପ୍ରଭୁଙ୍କ ଗଞ୍ଜା ନିଶା ମଳୟରେ ଅଧିକ ପୁଲକିତ ହୁଏ । ସେ ରାବଣ କଥା ଭୁଲିଯା'ନ୍ତି । ହିନ୍ଦୁ ପୁରାଣରେ ଅଦ୍ୟା ଶକ୍ତି ସର୍ବଦା ବଳିୟାନ । ବହୁ ଧ୍ୱଂସ କରୁ ପଛେ, ଜିତିବ ନିଶ୍ଚୟ ।

ରାବଣ ଦିନେ ରାଗିଗଲା । କହିଲା – ଭକ୍ତ ହୋଇ ଆଜିଯାଏଁ ତୋ ପାଦ ତଳେ ଅଧିଆ ପଡ଼ିନି କି ? ଆଉମାନେ କେଡ଼େ ସହଜରେ ବର ହାସଲ କରନ୍ତି ଓ ଶେଷରେ ତୋ'ରି ପଛରେ ଗୋଡ଼ାନ୍ତି – ସବୁ ଖବର ରଖିଚି । ଆଜି ମୋର ବିଶ୍ୱାସ ହେଉଚି ଯେ ତୁ ସତ ବୁଝିବାକୁ ନିରପେକ୍ଷ ନୁହେଁ । ରାମଙ୍କ ପାଖରେ ମଥା ନୋଇଁବାକୁ ମତେ ଇନ୍‌ଡାଇରେକ୍ଟଲି ବ୍ଲମ୍ କରୁଚୁ । ଗୋଟିଏ ପ୍ରଶ୍ନର ଉତ୍ତର ଦେ । ମୁଁ ରାମଙ୍କୁ କ୍ଷମା ମାଗି ସୀତାଙ୍କୁ ମା' କହି ଫେରେଇ ଦେଇଆସିବି । ଶକ୍ତି ରହିବ ଓ ସେଥିପାଇଁ ଅହଂକାର ରହିବନି – ଏ କେମିତି କଥା ହୋ ଭୋଳେଶ୍ୱର ? ଅସୁର ଛଳ କରନ୍ତି । ରାମଙ୍କ ପରି ଏକ-ପତ୍ନୀ ବ୍ରତ ଆମ ଜାତିର ଅଭ୍ୟାସ ନୁହେଁ ବା ସେ ଆମର ମଡେଲ୍ ନୁହଁନ୍ତି । ମୁଁ ସୀତାଙ୍କୁ ହରିଲି ତ ଭୋଗ କରିବାକୁ । କି ଭୁଲ କଲି ?

ଶିବ ଏହାର ଉତ୍ତର ଦେଇନାହାଁନ୍ତି । ଭାରତରେ ସୀତା ଶବ୍ଦର ମହିମା ପ୍ରାୟ ଏଇଠି ଷ୍ଟାଚ୍ୟୁ । ସୀତା ରହିଲେ ପୂଜା ପାଇଁ । ଯୁଗୋପଯୋଗୀ ନାରୀ-ଜୀବନ ଆଗକୁ ଚାଲିଛି ।

'ପୃଥ୍ୱୀ ହୋଇବ ଗୋଳଗୁଣ୍ଡା – ମାତିବେ ମଦନ ଭୂଷୁଣ୍ଡା' ପରି ଇଦାନୀଂ କାଳରେ ସବାଆଗେ ଆଶା ନୁହେଁ, ଦେଖାଯାଉଛି - ଆତଙ୍କ । ଆମକୁ ଜଗିବା ଲୋକ ଫିକ୍କର କରି ଦେଶକୁ ଖୋଳ କରି ସାରିଲେଣି । ଆଗେ, ଏକଲା ରାସ୍ତାରେ ଯିବାକୁ ଡର ମାଡୁଥିଲା । ଯେତେ ଅଚିହ୍ନା ହେଉ ପଛେ, ମନ ସହଗାମୀ ସାଥୀଟେ ଖୋଜୁଥିଲା । ଆଜି ଆଉ ଜଣକୁ ଦେଖିଲେ ଡର ଲାଗୁଛି – ଇଏ ମତେ ମାରି ଦେବନି କି ରେପ୍ କରି ଦେବନି ତ ? ଏକଲା ଭଲ । ମଣିଷ ଡରରେ ମନରୁ ଭୂତପ୍ରେତ ଡର ଆପେ ହଜି ଗଲାଣି । ଏପରି ଅଭିଯୋଗ ଓ ଧାରଣାର ପିରାମିଡଗୁଡ଼ିଏ ଦେଶର ଗଣତନ୍ତ୍ର ଓ ଶାସନ ଉପରେ ଆସ୍ଥା ହରେଇବାକୁ ସମସ୍ତଙ୍କୁ ବାଧ୍ୟ କରୁଛି ।

ଆମେ ଏବେ ଇଲେକ୍‌ଟ୍ରୋନିକ ଜଗତରେ । ଆଗେ ଲାଞ୍ଜରେ ନିଆଁ ଲାଗିବା ପରେ ହନୁମନ୍ତ ଡେଇଁଥିଲେ, ମାତ୍ର ଏବେ ଏମିତି ରିମୋଟ୍-କଣ୍ଟ୍ରୋଲ୍‌ରେ ନିଆଁ ଲଗେଇ ହେଉଛି ଯେ ଆଉ କେଉଁଠି ଶୋଇଥିବା ହନୁମାଙ୍କଡ଼ମାନେ ସେଇଠି କୁଦୁଛନ୍ତି କାହିଁରେ କେତେ । ଶନିବାର (୫.୧) ଦିନ ହିନ୍ଦୀ 'ଜି ନିଉଜ' ଏକ ସାକ୍ଷାତକାର ପ୍ରଚାର କଲା । ସେଥିରେ ମୁହଁ ଲୁଚାଇ ରହିଥିଲେ ୧୬. ୧୨ ଦିଲ୍ଲୀ ବସ୍-ରେପ୍ ମୃତାଙ୍କ ବନ୍ଧୁ ଓ ସହଯାତ୍ରୀ । ବିଷୟବସ୍ତୁ ସ୍ୱାଭାବିକ ଭୟାନକ ଥିଲା । ଆହୁରି ଭୟାନକ ଲାଗୁଥିଲା – ଦୁର୍ଦ୍ଦଶା ଦେଖି ବି ପୁଲିସ-'ଲଫଡ଼ା' ଡରରେ କେହି ସେମାନଙ୍କୁ ସାହଯ୍ୟ – ମାନେ, ଲଙ୍ଗଳା ଦେହରେ ଲୁଗାଖଣ୍ଡେ ଘୋଡ଼େଇବାକୁ ବି ଆସିଲେନି । ପୁଲିସ ଆସିଲା ତ ନିଶ୍ଚୟ, ହେଲେ ବିଳମ୍ବରେ ଆସିଲା । କାହା ଏରିଆ – ଏମିତିକା ଜୁରିଡିକ୍ସନ ଖୋଜି ଆହୁରି କିଛି ସମୟ ସାରିଲା । ତା'ପରେ ଡେରି ହେଲା – ପୁଲିସ ନେଲା ସଫଦରଜଙ୍ଗ ସରକାରୀ ହସପିଟାଲକୁ ।

ଅଭିଯୋଗ ଅସତ୍ୟ ବୋଲି ପୁଲିସ ଜିପିଏସ ପ୍ରମାଣ ଦେଖାଉଛି ।

'ଫ୍ରିଡମ୍ ଅଫ୍ ସ୍ପିଚ୍ ଏଣ୍ଡ୍ ଏକ୍ସପ୍ରେସନ'କୁ ଜାବୁଡ଼ି ଧରିଲେ – ନିଉଜ ପର୍ଯ୍ୟନ୍ତ କଥାଟି ଠିକ । ଆମ ସାମାଜିକ ଆଚରଣ ବି ସେଇଆ । ଦୁର୍ଘଟଣାଟିଏ ଦେଖିଲେ କେହି ସେ 'ଲଫଡ଼ା'ରେ ପଶନ୍ତିନି । ପ୍ରତିବାଦ କରିବାକୁ ମହମବତୀ ଜାଳିବା ସହଜ ଏବଂ ରୋମାଣ୍ଟିକ ଲାଗେ । ପୁଲିସ ଦୁଷ୍କର୍ମଗୁଡ଼ିକ ମଧ୍ୟ ସବୁ ଜାଗାରେ ପ୍ରଚଳିତ ସତ ।

ଡେଡ୍-ବଡିକୁ ଲାଇଫ୍ ଜ୍ୟାକେଟ୍ ପିନ୍ଧେଇ ପହଁରେଇବା ପରି ଦେଢ଼ ଶତାବ୍ଦୀ ପୂର୍ବର ଲ' ବାଟେ 'ରେପ୍'ର ସଜ୍ଞା ନିର୍ଦ୍ଧାରଣ ହେଉଛି । ଦିଲ୍ଲୀ ବସ୍-ରେପ୍‌ରେ ଜୀବନ ହାରିଥିବା ଅନାମିକା ତରୁଣୀଟିର ମରଣ ଆଜି ଯୁଗ ଜୟ କରିଛି, କାରଣ 'ରେପ୍'ର ମାନେ କ'ଣ ଏବଂ ଆଇନରେ ତାହା କି ଶବ୍ଦରେ କୁହାଯିବ – ଏ ଜଞ୍ଜାଳ ଏବେ ପୃଥିବୀସାରା ସମସ୍ତଙ୍କୁ ଘାରିଛି । ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଆନୁମାନିକ ନାରୀ-ପରିଚୟ 'ସତୀ-ସାବିତ୍ରୀ'ରୁ ଓ ଆଇଟମ-ନମ୍ବରଯାଏଁ ମିଳାମିଶାରେ ଚାଲିଛି । ଯୁଗର ସୁଯୋଗ ଓ ମନସ୍ତାତ୍ତ୍ୱିକ ବିବର୍ତ୍ତନରେ ସମାଜ ଓ ନରନାରୀଙ୍କ ଆଚରଣ ବଦଳିଥିବା ନିହାତି ସତ ଏବଂ ସେଇ ଅନୁରୂପରେ ଆଇନ ଅଚଳ । ତେଣୁ ଅସତ୍ୟ । ସାରା ବିଶ୍ୱରେ ଏଇ ଚେତନାକୁ ହଲେଇ ପାରିଛି ଝିଅଟିର ମୃତ୍ୟୁ । ସରକାର ତା ନାଁରେ ଆଇନ କରନ୍ତୁ କି ନା, ସେ ପ୍ରତୀକ ହେଉ ବା ସତ ହେଉ – ବିଜୟିନୀ ହେବ ସେହି ଅନାମିକା ଝିଅଟି । ସାର୍ଥକ ହୋଇଛି ତା ସ୍ମୃତି । ସେ ଡାକ୍ତର ହୋଇ ଗାଁର ସେବା କରିଥା'ନ୍ତା, ଏବେ ତା ମରଣ ଓ ସଂଘର୍ଷ ପୃଥିବୀର ସେବା କରିଛି ।

ସୂର୍ଯ୍ୟପ୍ରଭା, ଭୁବନେଶ୍ୱର

॥ ସାତ ॥

# ଭୁବନେଶ୍ୱରର ସ୍ମୃତି-ଅନୁଭୂତି

# ଆଜି ସବୁ ନୂଆ ନୂଆ

*ମନଜ୍ୟୋତ୍ସ୍ନା ସାମଲ*

ଭୁବନେଶ୍ୱର ମୋ ସ୍ମୃତିର କାରାଗାର
ସତେ ଆଜି ଜରାଜୀର୍ଣ୍ଣ !
ତୁମ ଆଖି ଝଲସା ନିଅନ ଆଲୁଅରେ
ସ୍ପର୍ଦ୍ଧିତ ଛାତିରେ, ପ୍ରାଚୁର୍ଯ୍ୟର ଆଟୋପରେ
ଆଜି ବି ଖୋଜୁଛି ମୁଁ
ତୁମର ସେ ସାଧା ସଫା ନିରୋଳାପଣ ।
ମୁଣ୍ଡରୁ ରିବନ ଟାଣିନେଉଥିବା
ସାନଭାଇର ହାତ
ବୋଉର ଝାଳୁଆ ପଣତ ପରି
ସାଉଁଳି ଦେଉଥିବା ମିଠାମିଠା ପବନ ।।
ମୋ ନଖାଇବାର ଜିଦ
ଅଝଟପଣ ବୁଝି ଯାଉଥିଲା
ପଡିଶାଘର ମାଉସୀଙ୍କ ରନ୍ଧା ତିଅଣରେ,
ଆଜି କାହିଁ ସବୁ ନୂଆ ନୂଆ ?
ନା ପଡିଶା ନା ମାଉସୀ
ସମସ୍ତେ ଅଚିହ୍ନା ଅଜଣା
ଗୋଟିଏ କାନ୍ଥର ଏପାଖରେ
ଆଉ ସେପାଖରେ ।।
ସ୍କୁଲ ଫେରନ୍ତା ବେଳ କଟେ
ବରକୋଳି ଗଛମୂଳେ
ଭୀମ ମଉସାଙ୍କ ଅଗଣାରେ
ଆମକୁ ଆଖି ମିଟିକା ମାରୁଥିବା
ପିଜୁଳି ଗଛରେ ।
ଚଗଲା ବୟସ ସବୁ ଭିଡ ଜମାନ୍ତି
ରାସ୍ତା ଉପରେ, କାହା ବାଡିରୁ ଫୁଲଚୋରି ହେବ
ଶୁନ ଶାନ ବେଳେ, ନୂଆ କୌଶଳରେ ।
ଆଜି ସବୁ ନୂଆ ନୂଆ
ସବୁ ଚପଳତା ଜାକି ଜୁକି ହୋଇ ବସିରହେ
ନିଜ ଘରେ, ମୋବାଇଲ, ଲାପ୍‌ଟପ୍ ଆଗରେ ।।
ଘର ଆଗ ଟଗରର ଗଛର ଫୁଲ
ଆଞ୍ଜୁଳାଏ ଫିଙ୍ଗିଦେଇ ପ୍ରଣାମ କରେ
ଅଚିହ୍ନା ଶବଟିଏ ରାସ୍ତାଦେଇ ଗଲେ ।
କଅଁଳିଆ ମନ ଦିନସାରା ପଚାରୁଥାଏ
ସମସ୍ତେ କଅଣ ମରନ୍ତି ଥରେ ଜନ୍ମ ହେଲେ ?
ମୁହଁ ସଂଜର ଅମାନିଆଁ ପାଦକୁ ମୋ
ମୁଣ୍ଡ ତଳକୁ କରି ଫେରାଇ ଆଣେ
ଚୁପ ଚାପ ବହି ପାଖକୁ
ବଜାର ପାଖ ଟୁଲୁଭାଇଙ୍କ ଆକଟ ।
ହେଲେ ଆଜି ଆମ୍ବୁଲାନ୍ସ କି
'ସ୍ୱର୍ଗଦ୍ୱାର ରଥ' ଗାଡି ଦେଖି
ଆପେ ଆପେ ବନ୍ଦ ହୋଇଯାଏ
ପଡୋଶୀଙ୍କ ଝରକା କବାଟ ।।
ହେ ମୋର କୋଳାହଳର ସହର
ଭୁବନେଶ୍ୱର !
କେତେ ଆଉ ଧାଉଁଥିବ
  ନିତି ନୂଆ ବେଶ ହେଉଥିବ
  ବଢୁଥିବ ସିନା କଳେବର ।
ଲହୁ ଲୁହାଣ ଛାତିରେ
ଭିଡ ଲାଗିଥିବ
ସବୁ ଥାଇ କିଛି ନ ଥିବାର ।
ଯନ୍ତ୍ର ମଣିଷ ମେଳରେ
ତୁମେ ଖାଲି ନାଁ ଟିଏ
ହୋଇ ରହିଯିବ ।।

ବରମୁଣ୍ଡା, ଭୁବନେଶ୍ୱର
ମୋ - ୮୨୪୯୮୩୬୬୧୧

# କୃଷ୍ଣଚୂଡାର ସହର, ବସାଘର ଓ ଭୁବନେଶ୍ୱରଃ ଗାଁଆରୁ କେତେ ଦୂର ?

*ଡ. ଅଜିତ ମହାନ୍ତି*

ସିଏ ଥିଲା ଏକ ଉନ୍ମୁକ୍ତ ସହର । ମୁକ୍ତ ପବନର ସହର, କୃଷ୍ଣଚୂଡାର ରଙ୍ଗରେ ଛାଇ ହୋଇଥିବା ସହର । ପବନରେ ହଲିହଲି କୃଷ୍ଣଚୂଡାମାନେ ହାତ ଠାରି ଡାକୁଥିଲେ, ଏ ହେଇ ଆସ, ରଙ୍ଗ ନିଅ, ରଙ୍ଗ ଦିଅ । ନୂଆ ସହର, ଲିଙ୍ଗରାଜଙ୍କ ମନ୍ଦିର, ହଜାର ହଜାର ଶିବଲିଙ୍ଗ ଓ ଛୋଟ ବଡ ମନ୍ଦିର । ଆଖି ପାଉ ନଥିବା ବିନ୍ଦୁସାଗର । ଏ ସବୁକୁ ବେଢି ପୁରୁଣା ଭୁବନେଶ୍ୱର । ମନ୍ଦିରମାନଙ୍କ ସହ ଯୋଡି ହୋଇଥିବା ପୁରୁଣା ବାସିନ୍ଦାମାନେ । ସେଇମାନେ ବାସ ଦେଇଥିଲେ ନୂଆ ସରକାରୀ ସହରର ସମ୍ଭାବନାରେ ଆକର୍ଷିତ ହୋଇ ଆସିଥିବା ଛୋଟ ବଡ ବ୍ୟବସାୟୀ, ଦୋକାନୀ, ନୂଆ କଚେରୀର ଓକିଲ, ମୋହରିର ଓ ଅନ୍ୟ ବେସରକାରୀ ଲୋକଙ୍କୁ । ନୂଆ ସହର, ଧାଡି ଧାଡି ସରକାରୀ କ୍ୱାର୍ଟର, ସରକାରୀ ଦପ୍ତର ଓ ଆନୁଷଙ୍ଗିକ ସଂସ୍ଥାର ଛୋଟ ଛୋଟ କୋଠାର ସହର । ନାମ ହୀନ ପରିଚୟ, ଠିକଣା କେବଳ ବି ମୂର୍ତ୍ତ, ଆତ୍ମା ଓ ସମ୍ପର୍କହୀନ କେତୋଟି ନମ୍ବର । ଏକ ନମ୍ବର, ଚାରି ନମ୍ବର, ଆଠ ନମ୍ବର, ନଅ ନମ୍ବର ଇତ୍ୟାଦି ନମ୍ବର ଓ ୟୁନିଟ୍ ଓ ଘର ନମ୍ବର - ଏଠି ନାମ ପରିଚୟ ଗୌଣ । ଏ ନୂଆ ସହରରେ ଘର ନଥିଲା, ଥିଲା କେବଳ ବସାଘର । ଘର କେଉଁଠି ? ଅମୁକ ଗାଁଆରେ । ଗାଁଆ ହିଁ ଥିଲା ପରିଚୟ, ତାହା ହିଁ ଠିକଣା । ଏ ନୂଆ ସହରର ନମ୍ବର ମାନ କେବଳ ଗୋଟିଏ ଗୋଟିଏ ଅସ୍ଥାୟୀ ବାସ, ଘର ନୁହେଁ ବସାଘର, ପ୍ରବସୀ ମାନଙ୍କର ଅସ୍ଥାୟୀ ମୁଣ୍ଡଗୁଞ୍ଜା ଥାନଟିଏ । ଘର ଥିଲା ଗାଁଆର ନୀଡ, ଯେଉଁଠିକୁ ପ୍ରବାସୀମାନେ ଧାଇଁ ଯାଉଥିଲେ, ଚଢେଇମାନେ ଆତୁର ହୋଇ ସଞ୍ଜ ନଇଁବାରେ ନିଜ ନିଜ ନୀଡର ସୁରକ୍ଷାକୁ ଉଡିଗଲାପରି । ସବୁ ଛୁଟି, ପର୍ବପର୍ବାଣୀ, ରବିବାରକୁ ଚାହିଁ ରହୁଥିଲେ ନୂଆ ସହରର ନୂଆ ସହରୀମାନେ । ଆହୁରି ଅନେକ ବସାଘର ନ ଖୋଜି ଆଖପାଖରୁ ଓ ଦୂରଦୂରାନ୍ତରୁ ଧାଇଁ ଆସୁଥିଲେ ସରକାରୀ ସମୟକୁ ଦେଖି, ଆଉ ସମୟ ବିତିଲେ ସଞ୍ଜ ନଇଁବା ଆଗରୁ ଆତୁରତାର ସହ ଫେରୁଥିଲେ । ଗାଁଆଗୁଡିକ କୋଡକୁ, ନିଜ ନିଜ ନୀଡକୁ, ଘରକୁ ।

ନୂଆ ଭୁବନେଶ୍ୱର । ନଥିଲା କାହାର ସହର, ନଥିଲା ଆତ୍ମୀୟତାର ସହର, ନଥିଲା ପରିଚୟର ସହର । କିଏ କିଏ କହୁଥିଲେ ଗୋଲାମ ନଗରୀ । ଏକ ଧରାବନ୍ଧା ନିତିଦିନିଆ ରୁଟିନ୍‌ର ଜୀବନ । ଉଭଟ ସହର, ଉଭଟ ଜୀବନ । ସରକାରୀ ସମୟ ହେଲେ ଗାତରୁ ବାହାରି ଦଳଦଳ ହୋଇ ସରକାରୀ ଦପ୍ତରମାନଙ୍କର ଖୁଆଡରେ ପଶି ଯିବାର ବେଳ । ତା ପରେ ସମୟ ସରିଲେ ପୁଣି ପାରାଭାଡି ଖୋଲିଲା ପରି ଦଳ ଦଳ ହୋଇ ବସାଘରକୁ ଉଡିଯିବାର ଅମୁହାଁ ଦୃଶ୍ୟ । ପ୍ରବାସୀ ଜୀବନ ଜୀଇଁବାର ନିତିଦିନିଆ ଆବସର୍ଡ ରୁଟିନ୍, ବାରମ୍ବାର ଦୋହରା ଯାଉଥିବା ବିରକ୍ତିକର କର୍ମ ପରମ୍ପରା । ଦିନରାତିମାନେ କେବଳ ନିଜ ନିଜ ଗାଁଆ, ନିଜ ନିଜ ଘରୁ ଆସି ପୁଣି ସେଇଠିକୁ ଫେରି ଯିବାର ବ୍ୟବଧାନ । ନୂଆ ସହରର ବସାଘରର ବାସିନ୍ଦାମାନେ ଉଭଟ ସମୟ ବିତାଉଥିଲେ ଭୁବନେଶ୍ୱରରେ, ଜୀବିକାର ଉଦ୍‌ବେଳନରେ !

ଏମାନେ ପରିଚୟ ଖୋଜୁଥିଲେ "ନିଜ" ଘରେ, ଗାଁଆରେ । ପରିଚୟ ହୀନ ଏଇ ନୂଆ ସହରରେ ପ୍ରାୟତଃ ପ୍ରବାସୀମାନେ ଏକା ସମୟରେ ବାହାରୁଥିଲେ ଆଗରୁ ଅନୁମାନ କିଛି ହେଉଥିବା ସାରଶୀର ଜୀବନକ୍ଷେତ୍ରକୁ । ଅଫିସ୍ ବା କର୍ମକ୍ଷେତ୍ର ଯଥା ସମୟରେ ଏବଂ ଜୀବନର ତେଲ ଲୁଣ ଦଉଡରେ ସନ୍ଧ୍ୟାବେଳେ ନୂଆ ନୂଆ ମୁଣ୍ଡ ଟେକୁଥିବା ସାପ୍ତାହିକ ହାଟବଜାର ଏବଂ ସହରର କେତେକ ପ୍ରଥମ ସ୍ଥାନରେ ଥିବା ମାର୍କାମରା ଛକ ଓ ଦୋକାନ । ରେଳଷ୍ଟେସନ ପାଖରେ ସେବେକାର ମାଷ୍ଟର କ୍ୟାଣ୍ଟିନ ଦୋକାନ - ତେଜରାତି ସଉଦା ଇତ୍ୟାଦି ଓ କିଛିଟା ଜଳଖିଆ ଦୋକାନ, ବର୍ତ୍ତମାନର ରାଜମହଲ ଛକରେ ରାଜୁସାହୁ ଜଳଖିଆ ଦୋକାନ, ବରମୁଣ୍ଡା ବର୍ମାସେଲ୍ କମ୍ପାନୀର ପେଟ୍ରୋଲ ପମ୍ପ ପରି କେତେ ଗୁଡିଏ ଉଦାହରଣ । ନିର୍ଦ୍ଦିଷ୍ଟ ସମୟ ପରେ ଅବା ପୂର୍ବରୁ ରାସ୍ତାଘାଟ ଶୂନ ଶାନ ।  କାରଣ ସେ ସମୟ ଥିଲା ବସାଘରର ସୀମିତ ଆୟତନରେ ନିତିଦିନିଆ ସମୟ ବିତାଇବାର ମାନସିକତା ।

ମାଷ୍ଟର କ୍ୟାଣ୍ଟିନରୁ ସିଧାରାସ୍ତା ପାଞ୍ଚନମ୍ବର କଲିକତା -ମାଡ୍ରାସ ଜାତୀୟ ରାଜପଥ ଆରପଟେ ଗଢା ଯାଇଥିବା ବାଣୀବିହାର ପରିସର । ରେଳଷ୍ଟେସନ୍‌ରୁ ବାଣୀବିହାର ଲମ୍ବାରାସ୍ତାର ଦୁଇପଟେ ଚାଷଜମି, ପ୍ରାୟତଃ ଧାନଚାଷ - ପୁରୁଣା ଭୁବନେଶ୍ୱର, ନୂଆପଲ୍ଲୀ ଓ ପାଖ ଆଖ ଗାଁର ଚାଷୀମାନଙ୍କର ଜମି । ଶୂନଶାନ ରାସ୍ତା କଡରେ କେବଳ କେତୋଟି ଗଛ, ଅନେକ କୃଷ୍ଣଚୂଡା ଗଛ ଓ ଫୁଲମାନଙ୍କର ରଙ୍ଗ । ବାଟରେ ପ୍ରାୟ କିଛି ନାହିଁ, ଧାନଜମି, ସତ୍ୟନଗର ପୁରୁଣା ଶ୍ମଶାନ ଓ ରେଳରାସ୍ତାର ଏପଟେ ମୁଣ୍ଡ ଟେକୁଥିବା ସହିଦନଗର, ଯେଉଁଠି ଲୋକବସତି ଆସ୍ତେ ଆସ୍ତେ ବଢିବାରେ ଲାଗିଛି ଏବଂ ଆଖପାଖ ଅଫିସମାନଙ୍କ ଲାଗି ଗୋଟିଏ କ୍ୟାଣ୍ଟିନ୍ - ରୁପାଲି କ୍ୟାଣ୍ଟିନ୍, ଯାହାକୁ ନେଇ ରୁପାଲି ଛକର ପରିଚୟ । ବାଣୀବିହାର କ୍ୟାମ୍ପସ, ସେମିତି ଖୋଲାଖୋଲା । ସ୍ନାତକୋତ୍ତର ବିଭାଗମାନଙ୍କର ଗୋଟିଏ କୋଠାଘର, ବିଶ୍ୱବିଦ୍ୟାଳୟ ଅଫିସ୍,

ଲାଇବ୍ରେରୀ, ଦେଢଟି ପୁରୁଷ ଛାତ୍ରାବାସ ଓ ଗୋଟିଏ ଛାତ୍ରୀନିବାସ ଏବଂ ଅଳ୍ପ କେତେଜଣ ଶିକ୍ଷକ ଓ ଅଣଶିକ୍ଷକଙ୍କ ପାଇଁ ବିଶ୍ୱବିଦ୍ୟାଳୟର କ୍ୱାର୍ଟର୍ସ। ଏସବୁ ମିଶିଲା ପରେ ମଧ୍ୟ କୃଷ୍ଣଚୂଡ଼ା ଗଛମାନଙ୍କଠାରୁ ସଂଖ୍ୟା କମ୍ ଏବଂ ବାଣୀବିହାରର ସାମୂହିକ ଜୀବନ ସତେ ଯେମିତି କୃଷ୍ଣଚୂଡ଼ାରେ ହିଁ ଛାଇ ହୋଇଥିଲା। କ୍ୟାମ୍ପସ୍‌ର ଉତ୍ତରପଟେ ଚନ୍ଦକା ଜଙ୍ଗଲ, ଜୀବଜନ୍ତୁ, ଠେକୁଆ, ହରିଣ, ଅଜଗର ଓ ଅନ୍ୟାନ୍ୟ ସାପ ଯେଉଁମାନେ ଅନେକ ସମୟରେ ବାଣୀବିହାର ଭିତରକୁ ପଶି ଆସୁଥିଲେ। ମୁକ୍ତ ପବନ, କୃଷ୍ଣଚୂଡ଼ା ଗଛ, ଉଠାଣି-ଗଡ଼ାଣିର ଲମ୍ୱାଲମ୍ୱା ସିଧାସିଧା ରାସ୍ତା, କିନ୍ତୁ ପୂରା ସହରଟିରେ ଯାହା ଥିଲା ନୂଆ ରାଜଧାନୀ, ସେଠାରେ କେବଳ ସାମୟିକ ଚଳପ୍ରଚଳ। ବାକୀ ସମୟ ସମସ୍ତଙ୍କ ପାଇଁ ଏକାନ୍ତ ସମୟ। ବସାଘରେ ଅସ୍ଥାୟୀ ବାସିନ୍ଦାଙ୍କର ସହର, ଯାହାଥିଲା କେବଳ କର୍ମଧନ୍ଦାର ସହର, ଗାଁଆରେ ଚେରଥିବା ଲୋକଙ୍କର ଜୀବିକାର ସହର। ପରିଚୟ ଗାଁଆରେ, ସମ୍ପର୍କ ସେଠାରେ। କେବଳ ନିର୍ଦ୍ଧାରିତ କର୍ମର ସମୟ ଏଇ ସହରରେ। ସହରର ସାମୂହିକ ଜୀବନ କେବଳ ପରିଚୟହୀନ ବସାଘରମାନଙ୍କର ଜୀବନ। ବର୍ତ୍ତମାନର ଭୁବନେଶ୍ୱର ସେ ସମୟକୁ ଅନେକ ପଛରେ ଛାଡ଼ିଆସିଛି। ସମୟ ବଦଳିଛି, ବଦଳିଛି ସହର।

ଗୋଲାମୀର ସହର ଆସ୍ତେଆସ୍ତେ ପରିଚୟ ଖୋଜିଲା। ଧରାବନ୍ଧା ରୁଟିନ୍‌ର ଉଦ୍ଭଟ ଜୀବନ ବୋଧହୁଏ ବାଧିଲା ଏବଂ ତା ସହିତ ଧୀରେ ଧୀରେ ପରିଚୟ ପତ୍ରର ଠିକଣା ବଦଳିଲା। ନିତିଦିନିଆ କର୍ମର ଜୀବନ ଅଭ୍ୟାସଗତ ହେଲାପରେ ସହର ଯୋଡ଼ି ହେଲା ଜୀବନ ସହିତ, ପରିଚୟ ସହିତ। ସହରୀ ଆଲୋକ ଆଗରେ ଗାଁଆର ଡିବିରି ଆଲୁଅ ଅନ୍ଧାର ଅନ୍ଧାର ବୋଧହେଲା ଏବଂ ଖୁବ୍ ନିଷ୍ପ୍ରଭ ଲାଗିଲା। ଝଡ଼ିପୋକ ପ୍ରକୃତିଗତ ଭାବରେ ନିଆଁ ଆଉ ଆଲୁଅ ଆଡ଼କୁ ଟାଣି ହେଲାପରି ସହରୀ ଜୀବନ ନୂଆ ରାଜଧାନୀର ଆଲୋକ ଓ ସହରର ସମ୍ଭାବନା ଓ ପ୍ରତିଶ୍ରୁତିମାନ ନୂଆ ବାସିନ୍ଦାମାନଙ୍କୁ ଆକର୍ଷଣ କଲେ। ଧୀରେଧୀରେ ପରିଚୟମାନେ ଗାଁଆରୁ ସହରକୁ, ରାଜଧାନୀର ସହରକୁ ବଦଳିବାକୁ ଲାଗିଲେ। ବସାଘର ମାନଙ୍କରେ ମୋହ ଲାଗିଗଲା ଓ ଗାଁଆର ଜୀବନର ସହରୀ ପର ଲାଗିଗଲା। ଛୋଟଛୋଟ ଅଳ୍ପଦିନର ଛୁଟିମାନଙ୍କରେ ଆଉ ଗାଁଆ ତା'ର ପ୍ରବାସୀମାନଙ୍କୁ ଟାଣି ପାରିଲାନାହିଁ। କେବଳ ଲମ୍ୱାଛୁଟିମାନେ ଦୋଳଯାତ ଓ ଠାକୁରାଣୀ ପୂଜାର ସମୟମାନେ ବାଧ୍ୟକଲେ ଗାଁଆକୁ ଲେଉଟିବା ଲାଗି। ରାଜଧାନୀର ସହର ଭିତରେ ଥିବା ଚାଷଜମିମାନେ ଆସ୍ତେଆସ୍ତେ ହଜିବାରେ ଲାଗିଲେ ଓ କୃଷ୍ଣଚୂଡ଼ା ଗଛମାନେ କଂକ୍ରିଟ୍ ଜଙ୍ଗଲ ଭିତରେ କୁଆଡେ ଲୁଚିଗଲେ। ବସାଘରର ଭୁବନେଶ୍ୱର ବଦଳିଲା, ଆଉ ଲୋକ ଖୋଜିଲେ ସେଦିନର ଗୋଲାମନଗରୀରେ ସ୍ଥାୟୀ ଠିକଣା। ସରକାରୀ ଓ ବେସରକାରୀ ଜମି ଓ ଚାଷଜମି ମାନଙ୍କ ଉପରେ ମୁଣ୍ଡ ଟେକିଲେ ସରହଦ ଚିହ୍ନଟର ପଥରଖଣ୍ଡମାନ, ଯେଉଁମାନେ ରୂପାନ୍ତରିତ ହୋଇ ଆଜିର ସ୍ଥାୟୀ ଠିକଣା। ନୂଆ ରାଜଧାନୀର ରୂପ ବଦଳିବାରେ ଲାଗିଲା। ସନ୍ଧ୍ୟାବେଳର ସେଇ ସହରର ପବନର ବେଗ ଧିମା ହେବାକୁ ଲାଗିଲା ଆଉ କୃଷ୍ଣଚୂଡ଼ା ଗଛମାନେ ବୋଧହୁଏ ବଦଳୁଥିବା ସହରକୁ ପର କରିଦେଲେ। ସାଢେ ତିନିହାତର ମଣିଷମାନଙ୍କ ନୂଆ ଠିକଣା ପାଇଁ ନୂଆ ସହରରେ ଏତେ ଜମି ଲୋଡ଼ା ହେଲା ଯେ, ସତେ ଯେମିତି ସେ ଦିନର ପୁରୁଣା କୃଷ୍ଣଚୂଡ଼ା ଗଛମାନଙ୍କ ପାଇଁ ଥାନ ମିଳିଲା ନାହିଁ। ସହରର ରଙ୍ଗ ବଦଳିଲା - କୃଷ୍ଣଚୂଡ଼ା ଫୁଲର ରଙ୍ଗରୁ କଂକ୍ରିଟ୍ ସୌଧମାନଙ୍କର ଧୂସର ବର୍ଣ୍ଣର ନିର୍ଲଜ୍ଜ ପ୍ରଦର୍ଶନ।

ନୂଆ ରାଜଧାନୀ ନୂଆ ଭୁବନେଶ୍ୱର ଆଉ ନାହିଁ। ନୂଆରୁ ପୁରୁଣା ହୋଇଛି, ବଦଳିଛି ଅନେକ କିଛି। ଭିଡ଼ ବଢ଼ିଛି, ବଢ଼ିଛି ଲୋକମାନଙ୍କର ଓ ଗାଡ଼ିମୋଟରର ଭିଡ଼। ରାସ୍ତା ଯେତିକି ଚଉଡ଼ା ହେଉଛି, ସେତିକି କମୁଛି ଯିବା ଆସିବାର ବାଟ। ସହର ରୁଟିନ୍ ମଧ୍ୟ ବଦଳିଛି, ମାନଚିତ୍ର ବଦଳିଛି। ଗାଁଆମାନେ ଯେତିକି ଯେତିକି ରିକ୍ତ, ଭୁବନେଶ୍ୱର ବକ୍ଷ ସେତିକି ଉଚ୍ଛୁଳା। ନୂଆ ରାଜଧାନୀର ପ୍ରବାସୀମାନେ ଏବେ ନିଜ ନିଜ ଗାଁଆରେ ପ୍ରବାସୀ, ଭୁବନେଶ୍ୱରର ସ୍ଥାୟୀ ବାସିନ୍ଦା। ଭୁବନେଶ୍ୱରର ପୁରୁଣା ସରକାରୀ ଘରମାନ କଂକ୍ରିଟ୍ ଜଙ୍ଗଲ ଭିତରେ ମୁହଁ ଲୁଚେଇଲେଣି। ସହର ମାଡ଼ିମାଡ଼ି ଚାଲିଛି, ଆଖପାଖ ଚାଷ, ଜଙ୍ଗଲ ଓ ଗାଁଆବସତିର ଜମି ଗିଳି ଗିଳି। ଏବେ ସେଇ ସର୍ବଗ୍ରାସୀ ଅବତାରରେ ମଧ୍ୟ ସହରର ସମ୍ପ୍ରସାରଣର ନିଶା ଛାଡ଼ିନାହିଁ, ସହର ଧୀରେଧୀରେ ଆକାଶ ଛୁଇଁବାରେ ବ୍ୟସ୍ତ। ଭୁବନେଶ୍ୱର ସେ ସମୟର ନୂଆ ରାଜଧାନୀ, ଯେତିକି ଯେତିକି ଅଧିକ ସମ୍ପ୍ରସାରିତ, ତାର ହୃଦୟ ସେତିକି ସଙ୍କୁଚିତ। କେବଳ ନିଜ ଭିତରେ ବୁଡ଼ି ରହିବା ସହର।

ଭୁବନେଶ୍ୱର ସହର, ଗାଁଆକୁ ପଛରେ ପକାଇ ଦେଇ ଆସିଥିବା ବିଚ୍ଛିନ୍ନ ଏକକମାନଙ୍କ ସହର। ମାଟିର ବାସ୍ନା ଭୁଲିଥିବା ଏଇ ସହର ଯେଉଁଠି କେବଳ ବ୍ୟସ୍ତତା ଓ ବ୍ୟସ୍ତତା, ପୁଣି ପଥ ଓ ପଥିକର ପଥାଚାର ନିୟମ ଭାଙ୍ଗି ନିରନ୍ତର ଆଗେଇ ଯିବାର ଚିନ୍ତାରେ ଘାରି ହେଉଥିବା ସହର। ସମସ୍ତେ ବ୍ୟସ୍ତ, ନିଜ ନିଜର ସ୍ଥିତାବସ୍ଥାରୁ ଊର୍ଦ୍ଧ୍ୱକୁ, କୌଣସି ବାଟରେ ଲକ୍ଷ୍ୟରେ ପହଞ୍ଚିବାକୁ ଘାରି ହେଉଥିବା ଭୁବନେଶ୍ୱରବାସୀ, କେବଳ ଆଗେଇ ଯିବାର ନିଶାରେ ଧାଇଁଛନ୍ତି ; ଠିକ୍ ସେମିତି ସାଧାରଣ ପଥଚାରୀମାନଙ୍କ ଫୁଟ୍‌ପାଥ୍‌ରେ ମୋଟରସାଇକେଲ, ଗାଡ଼ିମାନ ଅଙ୍କାବଙ୍କା ହୋଇ କୌଣସି ଉପାୟରେ ଅନ୍ୟମାନଙ୍କ ଆଗ ବଳି ଲକ୍ଷ୍ୟରେ ପହଞ୍ଚିଯିବାର ପ୍ରତିଯୋଗିତା। ଇଏ ଏକ ନିଜ ନିଜ ଏକାନ୍ତରେ ବଞ୍ଚିବାର ଅଜଣା ସହର। ଗାଁଆର ଆତ୍ମୀୟତା, ପରସ୍ପର ସହ ଯୋଡ଼ାଯୋଡ଼ି ଜୀବନକୁ ହରାଇଥିବା ଶୂନ୍ୟ ସହର। ଘରମାନେ ଖୁନ୍ଦାଖୁନ୍ଦି, ହେଲେ ଘରର ବାସିନ୍ଦାମାନେ ପରସ୍ପରର ଅଚିହ୍ନା, ନିଜ ନିଜଠାରୁ ଦୂରରେ ଅନେକ ଦୂରରେ। ଗାଁଆର ଗୋଷ୍ଠୀ ଜୀବନ ସହରୀ ବ୍ୟସ୍ତତା ଭିତରେ କୁଆଡେ ହଜି ଯାଇଛି। ଗାଁଆର ସ୍ମୃତି ଗୁଡ଼ିକୁ ଧରି ରଖିବାକୁ ଅନେକ ବେସୁରା ପ୍ରୟାସ। ଗାଁଆର ଗୋଷ୍ଠୀ ଜୀବନର ପର୍ବମାନଙ୍କୁ ସହରରେ ମନେଇବାର ଅନେକ ପ୍ରୟାସ, ଗାଁଉଲି ମନର ଭଙ୍ଗାଭଙ୍ଗା ପ୍ରତିବିମ୍ୱ ସହରୀ ଜୀବନ ଭିତରେ ଆଖି ମିଟିକା ମାରୁଛି। ଦୁର୍ଗାପୂଜା ଉତ୍ସବରେ ସାମୂହିକ ଠାକୁରାଣୀ ପୂଜା, ଦୋଳ ଉତ୍ସବର ଠାକୁରମାନଙ୍କର ଘରେଘରେ ଭୋଗଖିଆ ପରମ୍ପରାମାନ ଏଇ ନୂଆ ସହରବାସିନ୍ଦାଙ୍କ ସହିତ ଗାଁଆରୁ ସହରକୁ ପଳେଇ ଆସିଛି। ଗାଁଆକୁ ଅନାଦାର କରି ଛାଡ଼ି ଆସିଥିବା ମନମାନଙ୍କର ଏକ ସାମୂହିକ ଅବଚେତନର ପ୍ରତିଫଳନ ସହରରେ ରୂପାନ୍ତରିତ ହୋଇଥିବା ଏଇ ଗ୍ରାମୀଣ ପରମ୍ପରା ଓ ଉତ୍ସବମାନେ। ପ୍ରତିପାଳନର ମୌଳିକ ଧାରା ଗାଁଆର କିନ୍ତୁ ସହରୀ ଜୀବନର ଚାକଚକ୍ୟ ଭିତରେ ଉତ୍ସବମାନେ ପରମ୍ପରାରୁ ଅନେକ ଦୂରରେ, ଜୀବନ ଓ ସମ୍ପର୍କମାନଙ୍କ

ଠାରୁ ବିଚ୍ଛିନ୍ନ । ଗାଁଆ ଛାଡି ଆସିଥିବା ଏଇ ପ୍ରବାସୀମାନଙ୍କ ସହର ବଦଳିଛି ।

ଭୁବନେଶ୍ୱର ଏକ ଉଦ୍ଭଟ ସହର । ସମ୍ବେଦନଶୀଳତା ଓ ସମ୍ପର୍କର ନିବିଡତା ହରେଇଥିବା ଗାଁଉଲି ମନ ଓ ଆଧୁନିକତାର ଚାକଚକ୍ୟରେ ଭେଳିକିରେ ଭଳିଯାଇଥିବା ପ୍ରାଣ ଓ ଘୋଡାଦୌଡରେ ଅଣନିଶ୍ୱାସୀ ସହରୀ ଜୀବନ । ଏ ସହର ଦ୍ୱନ୍ଦ୍ୱର ସହର, ବିରୋଧାଭାସର ସହର । ସହରୀମାନେ ଜାକିଜୁକି ହୋଇ ସଙ୍କୁଚିତ ଅଞ୍ଚଳରେ ପରସ୍ପରର ଖୁବ ନିକଟରେ ଅଥଚ ପ୍ରତ୍ୟେକେ ଗୋଟିଏ ଗୋଟିଏ ବିଚ୍ଛିନ୍ନ ଏକକ । ଭାଷଣ ସମ୍ଭାଷଣର ଗତାନୁଗତିକତା ଏବଂ ନିଜ ନିଜ ଗାତ ଭିତରେ ବୁଡି ରହିବାର ଜୀବନ । ସ୍ୱପ୍ନମାନେ ନିଜର ମାତ୍ର ବାସ୍ତବିକତା ଗହଳିର । ପରିଚୟ ହରେଇ ପରିଚୟ ପତ୍ର ଅଣ୍ଟାଳି ହେଉଥିବା ବିଚିତ୍ର ଜୀବନର ସମାରୋହ – ଏଇ ଭୁବନେଶ୍ୱର । ପରମ୍ପରାକୁ ପଛରେ ଛାଡିଆସି ଆଧୁନିକତାର ଆଲୋକ ଭିତରେ ଜଳକା ହୋଇଯାଇ ନିଜକୁ ଓ ପରମ୍ପରାକୁ ଖୋଜି ହେଉଥିବା ଇଏ ଏକ ଅଜବ ସହର – ଭୁବନେଶ୍ୱର ।

ପ୍ରାକ୍ତନ ମନୋବିଜ୍ଞାନ ପ୍ରଫେସର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ – ୯୪୩୮୩୬୦୦୦୩



(ହାତୀ ଉପରେ ରାଜକୀୟ ରୋଷଣୀ)

# ଆମ ସ୍ମାର୍ଟ ସିଟି, ଆମ ଦାୟିତ୍ୱ, ଆମ ସମୃଦ୍ଧିର ନବଦିଗନ୍ତ

*ସଂଘମିତ୍ରା ମିଶ୍ର*

ଏଇ ଗତ ଗୁରୁବାର ୧୧ ଅପ୍ରେଲ ୨୦୧୮ ଦିନ ଭୁବନେଶ୍ୱରର ବୟସ ୭୦ ବର୍ଷ ହେଲା। ଖୁବ୍ ଆଡମ୍ବରପୂର୍ଣ୍ଣ ସାଜସଜ୍ଜା ଆଖିଝଲସା ଉତ୍ସବ ସହିତ ସ୍ମାର୍ଟସିଟି ଲୋଗୋ ଉନ୍ମୋଚିତ ହଏଲା। ଭୁବନେଶ୍ୱରର ପୁରୁଣା ମଣିଷମାନେ ନିଜନିଜ ଅନୁଭବ ବାଣ୍ଟିଲେ ଖବରକାଗଜରେ। ଭଲ ଲାଗିଲା। ଏଥିସହ ଆହୁରି ଭଲ ଲାଗିଲା ଭୁବନେଶ୍ୱରର ଭବିଷ୍ୟତ ରୂପରେଖ। ତେବେ ଏସବୁ ସହିତ ମୋର ବିଶେଷ ସମ୍ପର୍କ ନାହିଁ। ମୁଁ ପ୍ରାୟ ୧୯୬୩-୬୪ ରେ ଆସିଥିଲି ଭୁବନେଶ୍ୱର। ମୋର ନାନୀ (ସ୍ୱର୍ଗତା କୃଷ୍ଣବଲ୍ଲଭୀ ରଥ) ଖଦୀବୋର୍ଡରେ ଚାକିରି କରୁଥିଲେ। ତାଙ୍କ ପାଖରେ ୫/୭ ଦିନ ରହି ଫେରୁଥିଲି। ପୁରୁଣା ଭୁବନେଶ୍ୱରରେ କେଦାରଗୌରୀ ପାଖରେ ସେ ଭଡାଘରେ ରହୁଥିଲେ। ସେଇଠୁ ଚାଲିଚାଲି ଆମେ କେଦାରଗୌରୀ କୁଣ୍ଡକୁ ଗାଧୋଇ ଯାଉଥିଲୁ। କେବେ କେମିତି ଚାଲିଚାଲି ଲିଙ୍ଗରାଜ ମନ୍ଦିର। ହଁ, ପ୍ରାୟ ୧୯୭୦ ଯାଏ ଅନେକଥର ଆସିଛି। ରୂପମନ୍ଦିର ସିନେମା ହଲ୍‌ରେ 'ଭାଗ୍ୟ' ଓ 'ଜୀବନସାଥୀ' ସିନେମା ଦେଖିଛୁ। ରବୀନ୍ଦ୍ର ମଣ୍ଡପ ଭିତର ଦେଖି ଏକଦା ଚକିତ ହୋଇଛୁ। ଥରେ ୪ ନମ୍ବରରେ ରହୁଥିବା ନାନୀର ପୁତୁରା ରବି ରଥଙ୍କ ଘରକୁ ଏପ୍ରିଲ୍ ପହିଲାରେ ଆସିଥିଲି। ସନ୍ଧ୍ୟାରେ ଚାଲିଚାଲି ବିଧାନ ସୌଧ, ଏ.ଜି. ଅଫିସ୍ ଇତ୍ୟାଦିର ଆଲୋକସଜ୍ଜା ଦେଖିଥିଲି। ହଁ ମିଉଜିୟମ ମଧ୍ୟ ଦେଖିଥିଲି ବଡ ଆଗ୍ରହରେ। ବାସ୍।

ତା'ପରେ ଭୁବନେଶ୍ୱର ଆସିଲି ୭୪ ମସିହା ଅଗଷ୍ଟରେ। ପୁଣି ନାନା ଚେଷ୍ଟାପରେ। ଏମ୍. ଏ. ପଢୁଥାଏ। ୫ମ ବର୍ଷ ଖୋର୍ଦ୍ଧାରୁ ଯା ଆସ କରି କଷ୍ଟ ପାଉଥାଏ। ତେଣୁ ଅନେକ ଦୁଆର ବାଡେଇବା ପରେ ମୋ ସ୍ୱାମୀଙ୍କର ନବନିର୍ମିତ ସହିଦନଗର ଡିସ୍‌ପେନ୍‌ସାରିକୁ ବଦଳି ହେଲା। ମୁଁ ୟୁନିଟ୍ ୯ ଟାଇପ୍ ୮/୪ ଫ୍ଲାଟ୍‌ଘରେ ପିଲା ଦୁହିଙ୍କୁ ଧରି ରହୁଥିଲି। ଏ ତ ଘର କଥା ହେଲା। ତେବେ ସେହି ଦିନରୁ ଭୁବନେଶ୍ୱର କେତେ ବଦଳିଛି ତାହା ହିଁ ମୁଁ ଲେଖିବି।

ମନେଅଛି ପୁରୁଣା ବସ୍‌ଷ୍ଟାଣ୍ଡରୁ ଟାଉନ୍‌ବସ୍‌ରେ ବାଣୀବିହାର ଆସିଲେ ଚାରିଅଣା ପଡେ। ମୋର ଜଣେ ସାଙ୍ଗର ଭାଇ ଯେଉଁ ବସ୍‌ରେ କଣ୍ଡକ୍ଟର ଥାଆନ୍ତି, ସେ ବସ୍‌ରେ ମୁଁ ବା ମୋ ସହିତ ଥିବା ୨/୩ ଜଣ ଝିଅ ଟିକଟ ପଇସା ଦେଉନା। ଦେଲେ ସିଏ ରଖନ୍ତିନି। ସନ୍ଧ୍ୟାରେ ଦେଢଟଙ୍କା ଦେଇ ରିକ୍ସାରେ ମାର୍କେଟ୍ ବିଲଡିଙ୍ଗ୍ ଯାଉ। କେବେ କଅଣ ଟିକେ କିଣୁ ନ ହେଲେ ଚାର୍ଟ ଖାଇ ଫେରୁ। ଟାଉନ୍ ବସ୍ ନ ଚାଲିଲେ (ଷ୍ଟ୍ରାଇକ୍ ହେଲେ) ଆମେ ଦେଢଟଙ୍କା ଦେଇ ରିକ୍‌ସାରେ ବାଣୀବିହାର ଆସୁ। ହଁ ଦେଢଟଙ୍କା ମଧ୍ୟ ସେତେବେଳେ ଆମପାଇଁ ଢେର୍। ବ୍ୟାଗରେ ଦୁଇ ବା ତିନିଟଙ୍କା ଥିଲେ ଯଥେଷ୍ଟ।

୧୯୭୫ରେ ଏବେ ଆମେ ରହୁଥିବା ଘର ପାଇଁ ଜମି କିଣାହେଲା। ୨୭ ହଜାର ଟଙ୍କା ଆମେ ଚାରି କିସ୍ତିରେ ଦେଇଥିଲୁ। ସମସ୍ତେ ହସୁଥିଲେ। "ତୁମେ କଅଣ ଜୁଆ ଖେଳୁଛ ? ଏମିତି ଜମି କିଣାବିକା ଯାଏନି। ବିଦ୍ୟା, କନ୍ୟା ଓ ଗୃହ ଭାଗ୍ୟରେ ଥିଲେ ମିଳେ।" ଏକଥା ଶୁଣିଛୁ ବାରମ୍ବାର। ଘର ତିଆରି ଦେଖିବାକୁ ୯ ନମ୍ବରରୁ ଚାଲିଚାଲି ସହିଦନଗର ଆସିଛୁ। ମୁଁ, ମୋ ପୁଅଝିଅ, ଦି'ଝିଆରୀ। ବାପୁ ହୋଟେଲରୁ ପାଞ୍ଚ ଟଙ୍କାର ବରା ସିଙ୍ଗଡା ପେଟ ଭରି ଖାଇଛୁ। ଆଉ କିଛି ଅଧିକ କିଣି ଘରକୁ ମଧ୍ୟ ନେଇଛୁ। ଖରାବେଳେ ଫ୍ଲାଟ୍‌ଘରମାନଙ୍କୁ ଆସୁଥିବା ଫେରିବାଲାଙ୍କ ଠାରୁ ଶାଢୀ କିଣି ମଧ୍ୟ ପିନ୍ଧିଛି। ଦାମ ୨୦ରୁ ୩୦ ଟଙ୍କା ଭିତରେ। ଚାରିନମ୍ବର ମାର୍କେଟ୍ ନୂଆ ନୂଆ ବସୁଥାଏ। ସେଠାକୁ ଅନେକଥର ଚାଲିଚାଲି ଯାଇ ସେତେବେଳେ କମ୍ ମୂଲ୍ୟ ଥିବା ଲୁଗାପଡା ମଧ୍ୟ ଆଣିଛି। ଦୁଆରକୁ କଦଳୀବାଲା, ମାଛବାଲା, ପରିବାବାଲା ଆସି ଦେଇଯାଆନ୍ତି। ଫ୍ଲାଟ୍‌ଘରେ ମଧ୍ୟ ଚିତା ପଡେ। ପିଠାପଣା ଯା'ଘରୁ ତା'ଘରକୁ ଯାଏ।

ଆସ୍ତେ ଆସ୍ତେ ରାସ୍ତା ଓ ଗଳିଗୁଡିକରେ ବିଜୁଳି ଆଲୁଅର ବି ବିବର୍ତ୍ତନ ଘଟିଚି। ସାଦା ଇଲେକ୍ଟ୍ରିକ୍ ବଲ୍‌ବରୁ ବାର ଓ ପରେ ଏଲ୍.ଇ.ଡି. ଲାଇଟରେ ରାସ୍ତାର ଗମନାଗମନ ମାନ ବଢିଛି ରାତିରେ। ରାସ୍ତା ମଝିରେ ଭାଜକ ବା ଡିଭାଇଡର୍ ତିଆରି କରି ଗମନାଗମନ ଗୋଟିଏ ଦିଗକୁ କରିବାର କଳା ନିଶ୍ଚୟ ବହୁ ଦୁର୍ଘଟଣା ଦୂର ହୋଇଛି। କିନ୍ତୁ ସହରାଞ୍ଚଳରେ ଏହି ଆଧୁନିକ ଗମନାଗମନ ଆମର ମାନସିକତାକୁ ବଦଳାଇ ଦେଇଛି। ମନରେ ଆସେ ଜାତୀୟ ରାଜପଥ ହେଉ କି ଭୁବନେଶ୍ୱରର ଭିତର ବିଭାଜିତ ରାସ୍ତା ହେଉ, ଏଗୁଡିକ ଗୋଟିଏ ଗୋଟିଏ ଜଳପୂର୍ଣ୍ଣ ନଦୀ। ପାର ହେବାକୁ ଏକ ଦୁଇ କିଲୋମିଟର ଯାଏ ଯାଇ ଛକ ପାଖରୁ ଘୁରି ଆସିଲେ ସାମନା ଦୋକାନକୁ କି ମଲ୍‌କୁ ପଶି ହେବ। ନୂଆ ବେଳେ ଏଇ ରାଜଧାନୀରେ ବର୍ମା ଜେନେରାଲ ଷ୍ଟୋର୍ ଗୋଟିଏ ବଡ ଦୋକାନ ଥିଲା। ଆଜିର ମଲ୍ ସଭ୍ୟତା ଏତେ ସଂକ୍ରାମକ ହୋଇ

ଗଳିଗଳିରେ ବହୁତଳ ବିଶିଷ୍ଟ ଆଧୁନିକ ସ୍ୱୟଂଚାଳିତ ପାହାଚ ବା ଏଲିଭେଟରରେ ପରିପୂର୍ଣ୍ଣ, ମନେ ହୁଏ ଏହି ଉଗ୍ର ଆଧୁନିକତା ଭିତରେ ବ୍ୟକ୍ତିତ୍ୱ କୁଆଡେ ହଜି ଯାଉଛି ଆଉ ସ୍ୱାଦ କୁଆଡେ ମଉଳି ଯାଉଛି। ଆଉ ସେ ମଲ୍ ପାଖର ଚାଟ୍ କି ଗୁପ୍ ଚୁପ୍‌ରେ ସୁଆଦ ନାହିଁ, ସବୁ ଅଣସୁଆଦ ସାଦା ସାଦା ଲାଗୁଚି।

କାହାର ବାହାଘର କି ବ୍ରତଘର ହେଲେ ପାଖ ଓ ସାମନା ଫ୍ଲାଟରୁ ୩/୪ ବଖରା ଘର ଖାଲି କରିଦିଆ ଯାଏ। ତେଣୁ ଜାଗା ଅଭାବ ହୁଏନି। ସମସ୍ତେ ସାହି ଭଳି ଏକାଠି ହୋଇ ବାହାଘର କାମ ଉଠାଇ ନିଅନ୍ତି। ପୁଣି ଗଢାହେଲା କଲ୍ୟାଣ ମଣ୍ଡପ। ଏକେତ କଲ୍ୟାଣମଣ୍ଡପ କଥା ନ କହିବା ଭଲ। ତେବେ ଏତେ ହୋଟେଲ ଯେ ବାହାଘର ପାଇଁ, ସବୁ ସୁବିଧା ପଇସା ପକାଇଲେ ମିଳିପାରୁଛି। ବନ୍ଧୁବାନ୍ଧବ ସଜବାଜ ହୋଇ ଭୋଜି ଖାଇବାକୁ ଯାଇଛନ୍ତି। ହଁ ବାରମ୍ବାର ଭଦ୍ରଲୋକଙ୍କୁ ଫୋନ୍ କରି ପଚାରିବାକୁ ହେଉଛି, "ତୁମେମାନେ ଆସୁଛ ତ ? ଗୋଟାଏ ପ୍ଲେଟ୍‌କୁ ଏତେ ପଇସା, ନଷ୍ଟ ହୋଇଯିବ ନଆସିଲେ।"

ସ୍ୱାସ୍ଥ୍ୟସେବା ସମ୍ପର୍କରେ ମୁଁ ଜାଣିଥିବା କଥା କିଛି କହିବି। କ୍ୟାପିଟାଲ ହସ୍ପିଟାଲ୍ ଥିଲା ଭୁବନେଶ୍ୱର ଅଧିବାସୀଙ୍କର ଭରସା। ୧୯୮୭ ଜାନୁଆରୀ ୨ ତାରିଖରେ ଡକ୍ଟର ହରେକୃଷ୍ଣ ମହତାବ ସେଠାରେ ହିଁ ଦେହତ୍ୟାଗ କରିଥିଲେ। ୨୦୦୬ରେ ନନ୍ଦିନୀ ଶତପଥୀ ମଧ୍ୟ ଦୀର୍ଘ ଦିନ ସେଠାରେ ଚିକିତ୍ସିତ ହୋଇଥିଲେ। ହଁ ପୁରୁଣା ଭୁବନେଶ୍ୱର ମୁନିସିପାଲିଟି ଡାକ୍ତରଖାନା ମଧ୍ୟ ସ୍ୱାସ୍ଥ୍ୟସମସ୍ୟା ସମାଧାନରେ ଅନ୍ୟ ଏକ ଅନୁଷ୍ଠାନ ଥିଲା ଓ ପୁରୁଣା ଭୁବନେଶ୍ୱରର ଲୋକେ ତାହା ଉପରେ ନିର୍ଭର କରୁଥିଲେ। ଆଜିଭଳି ଏତେ ପ୍ରାଇଭେଟ୍ ହସ୍ପିଟାଲ କି ନର୍ସିଂହୋମ୍ ସେଦିନ ନଥିଲା। ବେଶି ଗୁରୁତର ହେଲେ କଟକ ବଡ ଡାକ୍ତରଖାନା ଯାଉଥିଲେ ଲୋକେ। ବହୁ ପୂର୍ବରୁ ଭୁବନେଶ୍ୱର ଯେବେ ୧୯୬୦ ଦଶକରେ ଏନ୍.ଏ.ସି ଥିଲା, ସେତେବେଳେ ଡାକ୍ତର ଗଦାଧର ମହାପାତ୍ର ନାମକରା ଡାକ୍ତର ଥିଲେ। ବହୁ ଶଗଡଗାଡିରେ ରୋଗୀ ପୁରୁଣା ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପଛରେ ଏନ୍.ଏ.ସି. ଡାକ୍ତରଖାନାକୁ ଆସୁଥିଲେ। ଆମ ଘର ସାମନାରେ ବି ପାଖ ଗାଁ ମାନଙ୍କରୁ ରୋଗୀଙ୍କ ଶଗଡ ଆସି ଲାଗୁଥିଲା। ଆଜିକା ଯୁଗ ଅବଶ୍ୟ ବିଶେଷଜ୍ଞ ବା ସ୍ପେସିଆଲିଷ୍ଟ୍ ଚିକିତ୍ସାର ଯୁଗ, ମାତ୍ର ଏତେ ସୁବିଧା ସୁଯୋଗ ଥିବାବେଳେ ମଧ୍ୟ ଅବେଳରେ କେହି ଅସୁସ୍ଥ ହେଲେ ତା ଅବସ୍ଥା ବେହାଲ ହୋଇଯାଉଛି।

୧୯୯୫ରେ ସର୍ବଭାରତୀୟ ଚିକିତ୍ସକ ସମ୍ମିଳନୀ ଭୁବନେଶ୍ୱରରେ ହୋଇଥିଲା। ସେଥିପାଇଁ ରବୀନ୍ଦ୍ର ମଣ୍ଡପ ଓ ସଙ୍ଗୀତ ମହାବିଦ୍ୟାଳୟ ମଝିରେ ଥିବା ବାଡ/ପାଚେରୀ କିଛି ଉଠାଇଦେଇ ବାଟ ତିଆରି ହୋଇଥିଲା। ଆଜିର ଉତ୍କଳମଣ୍ଡପ ହୋଇଥିବା ଜାଗାରେ ଖଇବାପାଇଁ ବ୍ୟବସ୍ଥା ହୋଇଥିଲା। କାରଣ ସେତେବେଳେ ଭୁବନେଶ୍ୱରରେ ବଡ ବଡ ହୋଟେଲ ନଥିଲା। ରାମମନ୍ଦିର ସାମନାରେ ପ୍ରାଚୀ (ମାରିଅନ) ହୋଟେଲ୍ ଯେବେ ହେଲା, ସେତେବେଳେ ବହୁ ଲୋକ ନାପସନ୍ଦ କରିଥିଲେ। ମନ୍ଦିର ସାମନାରେ ହୋଟେଲ ହେଲା ବୋଲି। ଏବେ ଅନେକ ହୋଟେଲ ସାମନାରେ ମନ୍ଦିର ଗଢି ଉଠିଲାଣି।

ଶିକ୍ଷାନୁଷ୍ଠାନ କହିଲେ ଓ.ୟୁ.ଏ.ଟି., ବିଜେବି କଲେଜ, ବାଣୀବିହାର ଅବା ରମାଦେବୀ କଲେଜ ଥିଲା। ଏବେ ତ ୟୁନିଭରସିଟି ସଂଖ୍ୟା ଗଣିବା କଷ୍ଟକର ହୋଇପଡୁଛି। ପୁଣି ଘରୋଇ ଶିକ୍ଷାନୁଷ୍ଠାନ ଖୁବ୍ ଚାକଚକ୍ୟରେ ଗଢି ଉଠୁଛି। ଫିଜିକ୍ସ ଇନଷ୍ଟିଚ୍ୟୁଟ୍, ପ୍ଲାନେଟୋରିୟମ୍ ଏପରିକି ଇପିକଲ୍ କି ଇଡକଲ ହାଉସ୍ ଗଢାହେବା ମୁଁ ଦେଖିଛି। ରାସ୍ତାକଡରେ ବସୁଥିବା ଫଳ, ପରିବା, ଏପରିକି ବାଦାମ, ପିଜୁଳି, ଜାମୁକୋଳି ପ୍ରଭୃତି କିଣି ଖାଇବାର ଦିନ ଖୁବ୍ ଭଲଥିଲା। ଆଜି ରାସ୍ତା ଅଳିଆ ହେବ ବୋଲି ସେମାନେ କେଉଁଠି ବସୁଥିବେ କେଜାଣି ? ଏପରି କି ଶୀତଦିନେ ରାସ୍ତାରେ ବସୁଥିବା ଉଲ୍ ଦୋକାନ ବି ଉଭେଇ ଗଲାଣି।

ସହର ବଢିଛି। ସହରତଳି ଅଞ୍ଚଳ ତଥା ବସ୍ତି ଜନାକୀର୍ଣ୍ଣ ହୋଇଛି। ଅଭାବ, ଅଶିକ୍ଷା ଓ ରୋଗ ରାଜଧାନୀ ପିଛା ଛାଡିନି। ସ୍ୱଚ୍ଛ ରାଜଧାନୀର ସ୍ୱପ୍ନ ପୂରଣ ହେବାକୁ ବହୁତ ବାକୀ ଅଛି। ଛୋଟ ଛୋଟ ଦୋକାନ ସବୁ ଦୁଇ ତିନି ମହଲା ହୋଇଛି। ୨୦୦୦ ମସିହା ବେଳକୁ ବିଗ୍ ବଜାର ହେବାବେଳେ ଲୋକ ତାକୁ ଦେଖିବାକୁ ଯାଉଥିଲେ। ଆଜି ଭୁବନେଶ୍ୱରରେ ଏକାଧିକ ମଲ୍‌ର ପ୍ରାଚୁର୍ଯ୍ୟ। ଲୋକେ ଥରେ ମଲ୍‌କୁ ଗଲେ ଜିନିଷ କିଣିବା ସହିତ ଖାଇବାର ମଜା ନେଉଛନ୍ତି। ଦିନକୁ ଦିନ ସଂସ୍କୃତିର ପରିବର୍ତ୍ତନ ଘଟୁଛି। ରାକ୍ଷୀ ଓ ହୋଲିର ବଜାର ବଢୁଛି, ମାତ୍ର ଗ୍ରୀଟିଙ୍ଗ୍‌ସ ଓ ଡଙ୍ଗାଭସାର ବଜାର କମୁଛି।

ଭୁବନେଶ୍ୱର ସ୍ମାର୍ଟ୍‌ସିଟି। ସୁନ୍ଦର। ଚକ୍ ଚକ୍। ଉଡାଜାହାଜ ପଡିଆ ଠାରୁ ପଟିଆ ଛକ କିଟ୍‌ସ ଓ କିମ୍‌ସ ଯାଏ ରାଜପଥ ଚମତ୍କାର। ଆଲୋକ, ଜଳ ଓ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ରାସ୍ତାରେ ଗାଡି ରଖିଲେ ପାର୍କିଂ ଫି ଲାଗୁଛି, ବସ୍ତିରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଲାଗି ରହିଛି। ବିଭିନ୍ନ ଯୋଜନାର ସୁଫଳ ସ୍ମାର୍ଟ୍‌ସିଟି ବାସିନ୍ଦାଙ୍କ ପାଖରେ ପହଞ୍ଚୁଛି। ପାର୍କ୍‌ଗୁଡିକ ସଜେଇ ହୋଇ ଶିଶୁମାନଙ୍କଠାରୁ ଆରମ୍ଭ ହୋଇ ବୟସ୍କ ସବୁରି ସ୍ୱାସ୍ଥ୍ୟ ସଚେତନତା ବଢାଉଛନ୍ତି। ବହୁତଳ ବିଶିଷ୍ଟ ପାର୍କିଂ କମ୍ପ୍ଲେକ୍ସ ତିଆରି ହେଉଛି। ବହୁ ବାଣିଜ୍ୟ ଅନୁଷ୍ଠାନ ଏବେ ଏଠାରେ କାରବାର ଆରମ୍ଭ କରିଛନ୍ତି। ଶିକ୍ଷାନୁଷ୍ଠାନମାନେ ଆମ ସ୍ମାର୍ଟ୍‌ସିଟି ଭୁବନେଶ୍ୱରକୁ ପୂର୍ବ ଭାରତର ଶିକ୍ଷାପୀଠରେ ପରିଣତ କରିଛନ୍ତି। ଭାରତର ବିଭିନ୍ନ ପ୍ରାନ୍ତରୁ ଉଚ୍ଚାକାଙ୍କ୍ଷୀ ତରୁଣ ତରୁଣୀ ଆସୁଛନ୍ତି ଉଚ୍ଚ ଶିକ୍ଷା ପାଇଁ। ବଢିଛି ଟିଭି ଦେଖିବାରେ ବହୁତ ଚାନେଲ୍।

ଏସବୁକୁ ନେଇ ଗର୍ବ କଲାବେଳେ ଅନେକ କିଛି ରହିଛି ଯାହା ହୃଦୟକୁ ଆଘାତ ଦିଏ। ବଢିଛି ଯୁବାବୟସର ନିଶାସକ୍ତି। ଫେସନ ବଜାରରେ ଆମ ପିଲାଏ ବେଶ୍ ମାତିଛନ୍ତି। ସଭିଏ ସ୍ମାର୍ଟ୍‌ଫୋନରେ ବ୍ୟସ୍ତ। ସମସ୍ତେ ଇଅରଫୋନ୍ ଲଗାଇ ତଳକୁ ଚାହିଁ ବସୁଛନ୍ତି। ପାଖରେ କେତେ ଆପଣାର ମଣିଷଟିଏ ଥିଲେ ବି ସେମାନଙ୍କୁ ଦିଶୁନି। ବଢିଛି ହୋଟେଲଖିଆ, ପାର୍ଟିକ୍ଲବ୍ ସଂସ୍କୃତି। ଆମ ଭୁବନେଶ୍ୱର ବିମାନ ବନ୍ଦର ଚୋରାସୁନାରେ ଓଜନଦାର। ବହୁ ହୋଟେଲ, ସ୍ପା ବା ଭଡାଘରୁ ଦେଶୀବିଦେଶୀ ମହିଳାଙ୍କୁ ନେଇ ଆପତ୍ତିଜନକ ଦୈନିକ ଖବର।

ବହୁତ ଜନହିତକର କାର୍ଯ୍ୟ ସରକାରୀ, ବେସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ କରୁଛନ୍ତି। ଦେଖନ୍ତୁ ୧୯୯୮ ମସିହାରୁ

ଆରମ୍ଭ ହୋଇଥିବା ନିକୋ ପାର୍କର ଅବସ୍ଥା। ଯେଉଁଠି ବୋଟ୍ ଚଳାଇବା ଆନନ୍ଦଦାୟକ ଥିଲା ଏବେ ସେଠାରେ ବାହାଘର ଖାଲି ହେଉଛି ଯାହା। ସେଠାରେ ବରଫଘର (ଇଗ୍‌ଲୁ) ଭିତରକୁ ଯିବାର ସୁଯୋଗ ମୋତେ ଥରେ ମିଳିଥିଲା। ଏବେ ନିକୋପାର୍କ ନିଜର ଗୁରୁତ୍ୱ ହରାଇଛି।

ମୁଁ ତ ଦେଖୁଛି ଛକ ଉପରେ ଆଲୋକ ସଂକେତରେ ଯାନବାହାନ ନିୟନ୍ତ୍ରଣ ଭୁବନେଶ୍ୱର ଛକମାନଙ୍କରେ କୌତୂହଳ ଉଦ୍ଦୀପକ। କେବେ ଲାଇଟ୍ ଜଳୁନି ତ କେବେ କେତେ ଉଚ୍ଚରେ ପୋଲିସ୍ ଠିଆହୋଇ ହାତ ଇଙ୍ଗିତରେ ଟ୍ରାଫିକ୍ ନିୟନ୍ତ୍ରଣ କରୁଛନ୍ତି, ଗାଡି ଚାଳକ ତାଙ୍କୁ ଦେଖିବାକୁ ଅକ୍ଷମ। ଟ୍ରାଫିକ୍ ନିୟମ ଏଡାଇବା ଭୁବନେଶ୍ୱର ପରି ସ୍ମାର୍ଟ୍ ସହରରେ ଯେମିତି ଏକ ଗୌରବମୟ କାର୍ଯ୍ୟ।

ଆଜି ଭୁବନେଶ୍ୱରରେ ଏକାଧିକ ଫ୍ଲାଇ-ଓଭର, ନିଶ୍ଚିତ ଯାନବାହାନ ଗତି ତୀବ୍ରତର ହୋଇଛି। ପୁଣି ବମିଖାଲ ଫ୍ଲାଇ-ଓଭର ମରଣଯନ୍ତାର ଗୋଟିଏ ଉଦାହରଣ ପାଲଟିଛି। ଗୋଦରା କୋଡେ ଯେତେ, ମାଡେ ସେତେ। ଏହି ସ୍ମୁର୍ତ୍ତୀମନ୍ତ ସଜାଗ ସହରରେ ଜମି କିଣିବା ଗୋଟିଏ ବିପଜ୍ଜନକ ବ୍ୟବସାୟ ଭାବରେ ଧରାଯାଏ। ଯେତେ ମଧସ୍ଥ, ରେଜିଷ୍ଟ୍ରିଖାନା, ତହସିଲ କାଗଜପତ୍ର ମାଲିକାନା ତନଖି ଜମି ଖଣ୍ଡେ କିଣିଲେ, ଏହା ଚାରି ପାଞ୍ଚ ପରସ୍ତ ବିକ୍ରି ସରିଥିବ! ଗୋଟିଏ ଗୋଟିଏ ଅଞ୍ଚଳରେ ପ୍ରତିଟି ପ୍ଲଟ ଏମିତି ଗ୍ରାହକ ପାଇଁ ଭଣ୍ଡାଇବାର ଉଦାହରଣ।

ଭୁବନେଶ୍ୱରରେ ଲୋକମାନଙ୍କର କ୍ରୟଶକ୍ତି ବଢିଛି, ଘର ପିଛା ଚାରିଚକିଆ ଦି'ଚକିଆ ମିଶି ତିନି ଚାରିଟି ଯାନ ରହିଛି। ଖାଇବାରେ ଊଣା ହେଉ ପଛେ, ସ୍ମାର୍ଟ୍‌ଫୋନର ଅଭାବ ନାହିଁ। ତେବେ ନିଜ ଭିତରେ ଅହରହ ବୁଡି ରହୁଥିବା ଏହି ପୀଢି ଅନ୍ୟକୁ ସାହାଯ୍ୟ କରିବାର ମନୋଭାବ ଆଣିବ କେଉଁଠୁ? ସବୁ ସୁବିଧା ସୁଯୋଗ ପାଇ ମଧ ସଂସ୍କାର ପାଉ ନଥିବା ଏହି ପୀଢିର ଭବିଷ୍ୟତ କଥା ଭାବିଲେ ବ୍ୟସ୍ତ ଲାଗୁଛି। ପ୍ରେମରେ ନିଷ୍ଠା ତ କେଉଁ କାଳୁ ଉଭେଇ ଗଲାଣି। ସେ କଥା ଆଉ କହିବା କାହିଁକି?

ଶିକ୍ଷାପାଇଁ ଅଧିକ ବ୍ୟୟ ହେଉଛି। ଇଂରାଜୀ ମାଧ୍ୟମ ସ୍କୁଲରେ ଗୋଟିଏ ଗୋଟିଏ ପିଲାକୁ ପାଠ ପଢାଇ ଅଧିକ ଆୟ କରୁଥିବା ବାପା ମାଆ ମଧ କ୍ଳାନ୍ତ ହୋଇ ପଡୁଛନ୍ତି। ସେଇ ସ୍ମାର୍ଟ୍‌ସିଟିରେ ମଧାହ୍ନ ଭୋଜନ ପାଇଁ (ବିଶେଷକରି ଅଣ୍ଡା ମିଳୁଥିବା ଦିନ) ପିଲାମାନେ ଆସୁଛନ୍ତି। ସେମାନେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ଚତୁର୍ଥ ଶ୍ରେଣୀର ପାଠ କହି ପାରୁ ନାହାନ୍ତି।

ଶିଶୁମାନେ ଅଧିକ ଅବହେଳିତ ହେଉଛନ୍ତି। ଗୋଟିଏ ଗୋଟିଏ ପିଲା ଥିବା ପରିବାରରେ ଶିଶୁମାନେ ଖୁବ୍ ସ୍ୱାର୍ଥପର ହେଉଛନ୍ତି। ସେମାନେ ବାଣ୍ଟି ଖାଇବା ଶିଖୁ ନାହାନ୍ତି। ସବୁଠୁ ମର୍ମାନ୍ତିକ କଥା ହେଉଛି ସେମାନେ ଅମ ପରିବାର ସହିତ ପରିଚିତ ହେଉ ନାହାନ୍ତି। ବରଂ ପରମ୍ପରା ଠାରୁ ଦୂରେଇ ଯାଉଛନ୍ତି। ସେମାନଙ୍କୁ କେହି ରାମାୟଣ ମହାଭାରତର କାହାଣୀ କହି ନାହାନ୍ତି। କିଏ କହିବ ଯେ? ଜେଜେ ଜେଜେମା ତ ଗାଁରେ ଅଲୋଡା ହୋଇ ରହିଗଲେ। ମାଆମାନେ ଯେ ଘର, ଚାକିରି, ପିଲା ନେଇ ଧନ୍ଦି ହେଉଛନ୍ତି। ସେମାନେ ଗପ କହିବେ କେତେବେଳେ? ସେମାନେ ଜାଣିଥିବା କି ନାହିଁ କେଜାଣି?

ଆମ ସ୍ମାର୍ଟ୍‌ସିଟି ଆମ ରାଜ୍ୟର ହୃଦୟ ସଦୃଶ। ସବୁ ନେତାଙ୍କ ଭିଡ ଏଇଠି। ପ୍ରତି ସନ୍ଧ୍ୟାରେ ନିହାତି ତିନି ଚାରି ଜାଗାରେ ସେମାନେ ଭାଷଣ ଦେଉଛନ୍ତି। କିନ୍ତୁ ସାଧାରଣ ଜନତା ପାଇଁ ଏସବୁର ଅର୍ଥ କିଛି ନାହିଁ। ବହୁ ଦୁର୍ନୀତି ଭିତରେ ଚିଟ୍ ଫଣ୍ଡ ଦୁର୍ନୀତି ଗୁରୁତ୍ୱପୂର୍ଣ୍ଣ। ଏଠାରେ ସାଧାରଣ ଜନତାର ସଂଚୟ ଭାବପ୍ରବଣତାକୁ ନେଇ ଚତୁର ମଣିଷ ମାନେ ଖେଳୁଛନ୍ତି। ସ୍ମାର୍ଟ୍‌ସିଟିରେ ନାଗରିକମାନେ ଋଣ, ସାହାଯ୍ୟ, ସବ୍‌ସିଡି, ଜିଏସ୍‌ଟି, ପ୍ରଭୃତି ମାୟାରେ ପଡିଛନ୍ତି। ବରିଷ୍ଠ ନାଗରିକ ମାନଙ୍କୁ ଦିଆଯାଉଥିବା ଏ.ଟି.ଏମ୍. କାର୍ଡ ସେମାନେ ନିଜେ ପ୍ରୟୋଗ କରିପାରୁ ନାହାନ୍ତି ଓ ପରପିଢିର ପୁଅଝିଅ ନାତିମାନଙ୍କ ଉପରେ ନିର୍ଭର କରୁଛନ୍ତି। ଚାରିଆଡେ ଏ.ଟି.ଏମ୍ ବ୍ୟାପିଛି ତା ସହିତ ଅନେକ ଅଞ୍ଚଳରେ ଏ.ଟି.ଏମ୍ ଭାଙ୍ଗି ଟଙ୍କା ଲୁଟ୍ ହେବାର ଖବର ପ୍ରତ୍ୟହ ପ୍ରକାଶିତ ହେବାର ଦେଖିବାକୁ ମିଳୁଛି। ବିମୁଦ୍ରାୟନ ପ୍ରଚଳିତ ହେବାପରେ କିଛି କିଛି ଅର୍ଥ ରଖି ନିଜକୁ ସବଳ ମନେ କରୁଥିବା ବୟସ୍କ ମଣିଷମାନେ ବେଶ୍ କଷ୍ଟ ପାଉଛନ୍ତି। କ୍ୟାସ୍‌ଲେସ୍, ପେଏଟିଏମ୍ ଭଳି କଥା ବୁଝିବା କଷ୍ଟକର ହେଉଛି।

ଆଜିର ଯୁବକ କର୍ମତତ୍ପର ନୁହେଁ ଶ୍ରମକାତର। ଯଦି ସ୍ମାର୍ଟ୍‌ଫୋନ୍ ସବୁ ଦାୟିତ୍ୱ ସମ୍ଭାଳିଦେଲା, ତେବେ କାମ କରିବା ଲୋଡାନାହିଁ। ତେଣୁ ୫ଟଙ୍କିଆ ଭାତ.ଡାଲମା ମିଳୁଥିବା ସ୍ଥାନରେ ଅନେକ ଲୋକ ମାଛ ଧରି ପହଞ୍ଚି ଦିବ୍ୟଭୋଜନ କରୁଛନ୍ତି। ଦେଶର ଯୁବଶକ୍ତି ଅକର୍ମା ହେଲେ ସ୍ମାର୍ଟ୍‌ସିଟିର ଦାୟିତ୍ୱ ନେବ କିଏ?

୧୯୭୪ରେ ସମାଜବାଦୀ ସୋସାଇଟି ଆନୁକୁଲ୍ୟରେ ଧରିତ୍ରୀ ପ୍ରକାଶିତ ହେଲା। ଧରିତ୍ରୀର ଜନ୍ମ ଉତ୍ସବରେ ଜଣେ ସର୍ବଭାରତୀୟ ଶିକ୍ଷାବିତ୍, ନେତା ବା କବି ଲେଖକ ଆସୁଥିଲେ। ସେ ଉତ୍ସବ ପାଇଁ ବର୍ଷସାରା ଅପେକ୍ଷା ରହୁଥିଲା। ୧୯୮୪ରୁ ପ୍ରକାଶିତ ହେଲା ସମ୍ବାଦ। ସମ୍ବାଦ ନଦେଖିଲେ ଆଜି ବି ଦିନଟା ପାଣିଚିଆ ଲାଗେ। ଏବେ ଖବରକାଗଜ ସଂଖ୍ୟା ହିସାବ କଲେ ଭୁଲ ହିଁ ହେବ। ତା ସହିତ ସପ୍ତାହିକୀ, ପାକ୍ଷିକ, ମାସିକ, ତ୍ରୈମାସିକ ପ୍ରଭୃତିର ଭିଡ। ପୂଜା ପତ୍ରିକା ବିଷୟ ଲେଖିବାକୁ ସ୍ୱତନ୍ତ୍ର ବିଚାର ଲୋଡା। ସେମିତି ଟେଲିଭିଜନ କଥା। ଏସିଆଡ୍ ଗେମ୍ (୧୯୮୨) ସମୟରେ ଆସିଥିବା ଦୂରଦର୍ଶନରେ ଏବେ ଅନେକ ଚାନେଲ। ପ୍ରତି ଘଣ୍ଟାରେ ଆମେ ଦେଶବିଦେଶ ବା ଆମ ଅଞ୍ଚଳର ଖବର ପାଉ। ଏଥରେ ହତ୍ୟା, ଲୁଣ୍ଠନ, ଆତଙ୍କ, ଧର୍ଷଣ ପ୍ରଭୃତିର ସଂଖ୍ୟା ମଧ ବଢିଛି।

ଏମିତି ଅନେକ ଘଟଣା ଭିତରେ କନ୍ୟା ସନ୍ତାନର ବ୍ୟାପାର କି ସାଙ୍ଘାତିକ ତାହା ମନେ ପଡେ। ଏବେ ତ 'ପରୀରଥ' ବାହାରୁଛି। କନ୍ୟାଶିଶୁ ଦିନେ ଆତଙ୍କଶୂନ୍ୟ ଆନନ୍ଦମୟ ଦିନ କଟାଇ ବଡ ହେଉଥିଲା, ଆଜି ତା ଜୀବନ ବିପନ୍ନ। ଘରେ ବାହାରେ କେଉଁଠି ସେ ସୁରକ୍ଷିତା ନୁହେଁ। ସ୍ମାର୍ଟ୍‌ସିଟିରେ ଏ ବ୍ୟବସ୍ଥା ଆହୁରି କଡାକଡି ହେବା ଲୋଡା। ଆଜି ପୋଲିସ୍ ବିଭାଗ ବେଶ୍ ପରିବ୍ୟାପ୍ତ। ସେମାନଙ୍କୁ ଚକ୍‌ମା ଦେବାରେ ସୋସିଆଲ୍ ମିଡିଆର ଉପଯୋଗ ମଧ ଚାଲିଛି। ଛାଡନ୍ତୁ!

ଆମ ସ୍ମାର୍ଟ୍‌ସିଟିର ସ୍ମାର୍ଟ୍ ନାଗରିକ ହେବା ଆମର ଦାୟିତ୍ୱ। ଆମକୁ ସୁସ୍ଥ, ନିରାମୟ, ଭୟଶୂନ୍ୟ ଜୀବନ ଧାରଣ କରିବାରେ ପାଥେୟ ହେବା ଆମ ସରକାର ତଥା ଲୋକ ପ୍ରତିନିଧିଙ୍କର ଦାୟିତ୍ୱ। ଆଜି ଘର ସାମନା

ପରିସ୍କାର ହୋଇ ସ୍ୱଚ୍ଛତାର ସଂକେତ ବହନ କଲେ କଅଣ ହେବ, ବାରିଆଡ ନର୍ଦ୍ଦମା ପାଣିରେ ପୂର୍ଣ୍ଣ। ମଶାମାଛିଙ୍କ ପ୍ରାଦୁର୍ଭାବ ବେଶ୍ ଅଧିକ, ସେମାନଙ୍କ ବିରୁଦ୍ଧରେ ଅତୀତରେ ହୋଇଥିବା ଅନେକ କାର୍ଯ୍ୟକ୍ରମ ପରାହତ ହୋଇଛି। ତଥାପି ପ୍ରତ୍ୟେକଙ୍କ ପକ୍ଷରୁ ମିଳିତ ଉଦ୍ୟମ ବଳରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଲେ ପରିବେଶ ସୁସ୍ଥ ରହିବ, ଭାଇଚାରା ବଢାଇ ଏକ ଅନ୍ୟର ବିପଦରେ ସହାୟକ ହେବା। ସମ୍ବାଦ ଓ ସରବରାହ ମାଧ୍ୟମ ଯୋଗେ ସାରା ବିଶ୍ୱ ଗୋଟିଏ ଗ୍ରାମ ବୋଲି ଗର୍ବରେ ଉଲ୍ଲସିତ ହେବାବେଳେ ଯଦି ଆମେ ପଡୋଶୀଙ୍କୁ ଚିହ୍ନି ନ ପାରୁ ତେବେ ଏ ବିଶ୍ୱଗ୍ରାମ ବ୍ୟବସ୍ଥା ସ୍ୱପ୍ନରେ ରହିଯିବ ସିନା !

ପ୍ଲଟ-ବି-୩୫, ସହିଦନଗର, ଭୁବନେଶ୍ୱର୭୫୧୦୦୭
ମୋ - ୯୪୩୭୦୧୯୧୩୩



# ଆମ ରାଜଧାନୀ : ମୋ ପହିଲା ସ୍ମୃତି

***ସ୍ୱଦେଶ ସୁନ୍ଦର ପଟ୍ଟନାୟକ***

**ପ୍ରଥମ ଦେଖା**

ଐତିହ୍ୟ ସମ୍ପନ୍ନ, ମନ୍ଦିରମାଳିନୀ ଭୁବନେଶ୍ୱର। ଓଡିଶାର ରାଜଧାନୀ। ଭାରତର ପ୍ରଥମ ସ୍ମାର୍ଟ ସହର। ସହସ୍ର ଯୁବକ ଯୁବତୀଙ୍କ ସ୍ୱପ୍ନ ରାଇଜ ପ୍ରଗତିର ସୋପାନ। ପ୍ରଶାସନର ମୂଳ କେନ୍ଦ୍ର। ତହୁଁ ବଡି ତହୁଁ ବଡି ଆକାଶଛୁଆଁ ଅଟ୍ଟାଳିକା, ଦିଗନ୍ତ ବ୍ୟାପି ବାସଗୃହର ଥାକ। ଅନ୍ତର୍ଜାତୀୟ ବିମାନ ବନ୍ଦର, ବିଶ୍ୱସ୍ତରୀୟ ଶିକ୍ଷାକେନ୍ଦ୍ର, ହସ୍ପିଟାଲ, ହୋଟେଲ। ଲମ୍ବା ଚଉଡା ରାସ୍ତା। ସୁନ୍ଦର ବଜାର ଘାଟ। ଭଳିକି ଭଳି ଆକର୍ଷଣ। ଲକ୍ଷ ଲକ୍ଷ ଲୋକଙ୍କ ହାଉଜାଉ, ଗାଡି ଘୋଡାର ନାହିଁ ନଥିବା ଭିଡ। ହଜିଯିବା ହଜେଇ ଦେବାର ଏହା ଏକ ପ୍ରକୃଷ୍ଟ ଇଲାକା, ଅଦ୍ଭୁତ ଭୁଲଭୁଲୟା। ବେଳେ ବେଳେ ମନେହୁଏ ସତରେ ଏହା କଣ ଆମ ଓଡ଼ିଶାର ସହର, ମୋ ପିଲା ଦିନର ସେହି ନୂଆ ରାଜଧାନୀ ?

ମୋ ଘର ଓଡ଼ିଶାରୁ ବିଛିନ୍ନ ଏକ ଗଡଜାତିଆ ଗାଁ, ଜଳନ୍ତର ଗଡ। ଊଣେଇଶ ଚଉବନ ମସିହାରେ ମୋ ବଡଭାଇ ପ୍ରଥମ କରି ଚାକିରି କରି ଭୁବନେଶ୍ୱର ସରକାରୀ ଘର ଖଣ୍ଡେ ପାଇଥାନ୍ତି। ଅତଏବ ବୋଉର ସ୍ୱାସ୍ଥ୍ୟ ତଥା ମୋର ଓ ମୋ ଉପର ଭଉଣୀର ପଢାପଢିର ଅଧିକ ସୁବିଧା ପାଇଁ ସେ ଥିଲା ଉପଯୁକ୍ତ ସୁଯୋଗ। ବଡଭାଇ ଆମକୁ ଭୁବନେଶ୍ୱର ଆଣିବା ପାଇଁ ଆଗଭର ହେଲେ। ଆମେ ଗାଁ ଛାଡିଲୁ। ସେତେବେଳକୁ ମୋତେ ହୁଏତ ସାତ ପୁରି ଆଠ ଚାଲୁଥିଲା ଓ ମୋ ଉପର ଭଉଣୀକୁ ଦଶ।

ଆମ ଯାତ୍ରା ଆରମ୍ଭ ହୁଏ ଗାଁରୁ ସୋମପେଣ୍ଠ ଷ୍ଟେସନ ପର୍ଯ୍ୟନ୍ତ ବଳଦ ଗାଡିରେ ଓ ତା ପରେ କୋ'ଚି (ପାସେଞ୍ଜର ଟ୍ରେନ)ରେ ଭୁବନେଶ୍ୱର। ହେତୁ ହେଲାଦିନୁ ଛତ୍ରପୁର ରେଳ ଯାତ୍ରା କରିବା ମୋ ଜୀବନରେ ସେ ଥିଲା ପ୍ରଥମ ଅନୁଭୂତି। ରମ୍ଭା ପରେ ଚିଲିକା କୂଳେ କୂଳେ ଗାଡି ଚାଲିଥାଏ। ଏତେ ପାଣି ମୁଁ କେବେ ଦେଖିନଥିଲି। ପାଣି ଓ ଆକାଶ ଦୂରରୁ ମିଶି ଗଲା ପରି ମନେହେଉଥାଏ। ସୂର୍ଯ୍ୟାସ୍ତ ପୂର୍ବର ନାରଙ୍ଗୀ କିରଣ ପାଣି ଉପରେ ଝଲମଲ କରୁଥାଏ। ମଝିରେ ମଝିରେ ପାଲ ଟଣା ଡଙ୍ଗା। ଏଣେ ସୁ ସୁ ପବନ ସାଙ୍ଗକୁ କଳା ଧୂଆଁ ମିଶା କୋଇଲା ଗୁଣ୍ଡ ମୁହଁରେ ବାଡେଇ ହେଉଥାଏ। ତେବେ ଶୀତଳ ହାୱା ଓ ବୋଉର ଉଷୁମ ହାତର ପରସରେ ମୋ ଆଖି କେତେବେଳେ ବୁଜିହୋଇଗଲା ଜାଣି ପାରିଲି ନାହିଁ।

ହଠାତ୍ କିଚିରିମିଚିରି ଶବ୍ଦରେ ନିଦ ଭାଙ୍ଗିଗଲା। ଝରକା ବାଟେ ବାହାରକୁ ଦେଖିଲି। ଟ୍ରେନ ଗୋଟିଏ ଲମ୍ବା ଷ୍ଟେସନ ଭିତରକୁ ଧିରେ ଧିରେ ପ୍ରବେଶ କରୁଛି। ଅଧା ଆଲୁଅ ଅଧା ଅନ୍ଧାର ଭିତରେ ଲମ୍ବା ଝଙ୍କାଳିଆ ଗଛର ଧାଡି। ଅସଂଖ୍ୟ ଚମଚଟିଆ, ବାଦୁଡିଙ୍କ ଫଡ ଫଡ। ଗାଡି ରହିଲା। ତରତରରେ ଜିନିଷପତ୍ର ଧରି ଆମ ପରି ପ୍ରାୟ ଚାଳିଶି ପଚାଶ ଯାତ୍ରୀ ଓହ୍ଲାଇଗଲେ। ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ପ୍ଲାଟଫର୍ମ ଲମ୍ବି ଯାଇଥାଏ। ମଝିରେ ମଝିରେ ଡେଙ୍ଗା ବିଜୁଳି ଖୁଣ୍ଟ। ରେଳ ଇଞ୍ଜିନଟି ସଁ ସଁ ନିଃଶ୍ୱାସ ଛାଡି ହାଲିଆ ମାରୁଥାଏ। ପ୍ଲାଟଫର୍ମ ମଝିରେ ଛାମୁଡିଆ ପରି ଛୋଟିଆ ଆଜବେଷ୍ଟ ଛାତ। ଗୋଟିଏ ପାଖେ ଷ୍ଟେସନ ମାଷ୍ଟରଙ୍କ ଅଫିସ୍ ତ ଅନ୍ୟ ପାଖେ ଟିକଟ ଘର ଓ ଯାତ୍ରୀଙ୍କ ପାଇଁ ଛୋଟ ମୁସାଫିର ଖାନା। ତା ପାଖକୁ ଫାଟକ। ସେଇଠି ଛିଡା ହୋଇଥାଏ କଳା କୋଟ ପିନ୍ଧା ଜଣେ ରେଳବାଇ କର୍ମଚାରୀ। ସେ ଟିଟିଆଇ କିମ୍ବା ଷ୍ଟେସନ ମାଷ୍ଟର ବି ହୋଇଥାଇପାରେ। ମୋ ପାଇଁ ଏ ଥିଲା ନୂଆ ରାଜଧାନୀ ଭୁବନେଶ୍ୱରର ପ୍ରଥମ ଦର୍ଶନ।

ଷ୍ଟେସନ ବାହାରେ ଆଠ ଦଶଟି ସାଇକେଲ ରିକ୍ସା ଯାତ୍ରୀମାନଙ୍କୁ ଅପେକ୍ଷା କରିଥାନ୍ତି। ସବୁ ରିକ୍ସା ପ୍ରାୟ ନୂଆ। ସୁନ୍ଦର ରଙ୍ଗୀନ କଭର ଓ ପ୍ଲାଷ୍ଟିକ ଫୁଲରେ ସଜା ହୋଇଥାନ୍ତି। ଘଣ୍ଟି ଓ ପେଁ କାଳି ବଜାଇ ଆମକୁ ଆକର୍ଷଣ କରିବା ପାଇଁ ସେମାନଙ୍କ ମଧ୍ୟରେ ରୀତିମତ ଟଣାଓଟରା ଚାଲିଲା। ମୁଲାମୁଲି ପରେ ଦୁଇଟି ରିକ୍ସାରେ ଆମେ ଘରମୁହାଁ ହେଲୁ। ରିକ୍ସା ଗଡିଚାଲିଲା ଷ୍ଟେସନ କଡେ କଡେ ଦକ୍ଷିଣ କ୍ୟାବିନ ଦିଗରେ। ସେଠୁ ଲେବୁଲ କ୍ରସିଂ ଡେଇଁ ଗୋଟିଏ ସରୁ ପିଚୁ ରାସ୍ତା କ୍ୟାପିଟାଲ କ୍ୟାବିନ ପଛକୁ ଯାଇଥାଏ। ତେବେ ସେହି ରାସ୍ତାରେ ନ ଯାଇ ଅଧିକାଂଶ ଅନ୍ୟ ଏକ ସରୁଆ କଚ୍ଚା ରାସ୍ତା ଧରିଲେ। ସେମାନଙ୍କ ସହ ଆମ ରିକ୍ସା ବି। ରାସ୍ତା ଦୁଇକଡେ ଅମରୀ ଗଛର ଜଙ୍ଗଲ। କିଛି ସମୟ ପରେ ରିକ୍ସା କ୍ୟାପିଟାଲ କ୍ୟାବିନ ଛକରେ ପହଞ୍ଚିଲା। ତା ପଛ ପଟେ ୟୁନିଟ ୱାନ। ସେଠି ଆମ ନୂଆ ଠିକଣା। ଟାଇପ ଫୋର ଘର। ବିଜୁଳି ସଂଯୋଗ ହେବାକୁ ବାକି ଥାଏ। ଚାରିଆଡ ଜିକି ଜିକି ଅନ୍ଧାର। ପାଖ ପଡ଼ିଶା ଶୁନଶାନ। ମହମବତୀ ଜାଳି ବୋଉ ଆଣିଥିବା ପୁରଦିଆ ଏଣ୍ଡୁରିପିଠା ଖାଇ ଶୋଇଗଲୁ।

**ପାଉରୁଟି, ବିସ୍କୁଟ୍, ନାନଖଟେଇ**

ପର ଦିନ ସକାଳ। ଗାଁର ଅତି ପରିଚିତ ନା କୁକୁଡା ଡାକ, ହମ୍ବାରଡି ନା ଚୁଡାକୁଟା ଶବ୍ଦ। ସବୁ ଖାଁ ଖାଁ। ଚାରିଆଡେ ଲମ୍ବା ସରୁ ନାଳି ରାସ୍ତା। ଧାଡି

ଧାଡି ଏକା ଢାଞ୍ଚାରେ ତିଆରି ଘର । ପ୍ରାୟ ସବୁ ଘରର ଦ୍ୱାର ବନ୍ଦ । କାଁ ଭାଁ କେତୋଟି ପରିବାର ଚଳ ପ୍ରଚଳ ହେଉଥାନ୍ତି । ସବୁ ମୋତେ ନୂଆ ନୂଆ ଲାଗୁଥାଏ । ନିଛାଟିଆ ବି । ମଝିରେ ମଝିରେ ମୁଣ୍ଡରେ ବାକ୍ସଟିଏ ଧରି କେତେଜଣ ବୁଲାବିକାଳି ଡାକ ପକାଉଥାନ୍ତି; ପାଉଁରୁଟି, ବିସ୍କୁଟ, ନାନଖଟେଇ । ମୁଁ ତ ସହଜେ ଗାଁ ପିଲା; ସେ ସବୁ ଲୋଭନୀୟ ଟକଳା ପଦାର୍ଥ ଦେଖି ପାଟିରୁ ଲାଳ ବୋହିବାରେ ଲାଗିଲା ।

ଦିନ ବଢିଲା । ଖରା ଟାଣ ହେଲା । ରାଜଧାନୀ ଚହଲବହଲ ଆରମ୍ଭ ହେଲା । ଧୋବଧାଉଳିଆ ଲୋକମାନେ ଦଳଦଳ ହୋଇ ସାଇକେଲ ଚଢ଼ି ଅଫିସ୍ ବାହାରିଲେ । ଅନେକ ପାଦରେ ହିଁ ଚାଲୁଥାନ୍ତି । ସମସ୍ତେ ଚାକିରିଆ, ଗୋଲାମି ନଗରୀର ଗୋଲାମ । ପେଟ ପୋଷିବା ପାଇଁ ସମସ୍ତେ ଧାଇଁଥାନ୍ତି । ସମସ୍ତଙ୍କ ଗୋଟିଏ ଲକ୍ଷ : ପହିଲା କେବେ ଆସିବ, ଦରମା କେବେ ମିଳିବ । 'ପହିଲା' ଶବ୍ଦ ମୁଁ ସେଦିନ ପ୍ରଥମେ ଶୁଣିଲି ଓ ତାହାର ମର୍ମ ଭାଇ ବୁଝାଇ କହିଲେ ।

ଆଜିକାର ଏକ ନମ୍ବର ଦୈନିକ ହାଟ ଓ ଥାନା ଯେଉଁଠି ଅଛି ତାହା ଏକ ବିସ୍ତାର ଖୋଲା ପଡିଆ ଥିଲା । ଠିକ ଆମ ଘର ପାଖାପାଖି । ସକାଳୁ ସକାଳୁ ସେଥିରେ କୁଢ କୁଢ ବାଲି, ଗୋଡି, ଇଟା, ପଥର ଟ୍ରକରେ ବୁହା ହୋଇ ଜମା ହେବା ଆରମ୍ଭ ହେଲା । ଟ୍ରକ ଡ୍ରାଇଭର ପ୍ରାୟ ସମସ୍ତେ ପଞ୍ଜାବୀ । ପିଁ ପାଁ କରି ଯୋରରେ ଗାଡି ଚଲାଇବା ସେମାନଙ୍କର ବାହାଦୂରି । ଡ୍ରାଇଭର ବ୍ୟତୀତ କଣ୍ଟ୍ରାକ୍ଟର, ମିସ୍ତ୍ରୀ, ସୁପରଭାଇଜର ପ୍ରଭୃତି ଅଧିକାଂଶ ପଗଡିବନ୍ଧା ପଞ୍ଜାବୀ ନହେଲେ ବିହାରୀ ବା ତେଲଗୁ ।

ଆମ ଘର ଆଗ ଲେନ୍‌ର ଘରଗୁଡିକରେ ଛାତ ପଡୁଥାଏ । ପ୍ରାୟ ତିରିଶି ଚାଳିଶି ଜଣ ମହିଳା ଓ ପୁରୁଷ କାଠ ଫଡା ଧରି ଭୋଜି ଖାଇଲା ଭଳି ବସିଥାନ୍ତି । ଓ ଏକା ତାଳରେ ଛାତକୁ ବାଡାଉଥାନ୍ତି । ତା ସାଙ୍ଗକୁ ଗାଉଳି ଗୀତର ଏକ ଲୟ ଛୁଟୁ ଥାଏ । ସେ ଗୀତର ସୁମଧୁର ଲହରୀ ଆଜି ବି ମୋ କାନରେ ଗୁଞ୍ଜରି ଉଠୁଛି । ସେ ଛାତପକା ପ୍ରଣାଳୀ ଆଜିକାଲି ତ ବଦଳି ଗଲାଣି; ଅଧିକାଂଶ କାମ ମେସିନ୍‌ରେ ହେଉଛି । ସେ ରସରସିଆ ଲୋକଗୀତ, ଢଗଢମାଳି ଆଉ ରାଜଧାନୀରେ ଶୁଭିବ କୁଆଡୁ ?

**କ୍ୟାପିଟାଲ କ୍ୟାବିନ୍**

ବର୍ତ୍ତମାନ ରାଜମହଲ ଛକ ଯାହାକୁ କୁହାଯାଉଛି ସେଠି ରାଜୁ ସାହୁ ନାମକ ଜଣେ ବ୍ୟକ୍ତି ବରା, ପକୁଡି ରସଗୋଲା ବିକ୍ରି କରୁଥିଲେ । ଅଫିସ ଫେରନ୍ତା ଚାକିରିଆଙ୍କ ସେ ଥିଲା ମୁଖ୍ୟ ଆଡ୍ଡା । ତା ନା ଥିଲା କ୍ୟାପିଟାଲ କ୍ୟାବିନ୍ । ସେହି ନାମ ଅନୁଯାୟୀ ସେଇ ଛକର ନା ବି କ୍ୟାପିଟାଲ କ୍ୟାବିନ ଛକ ରୂପେ ପରିଚିତ ହେଲା । ରାଜୁ ସାହୁର ବରା ରସଗୋଲା ଯିଏ ଖାଇଛି ସେ କେବେ ଭୁଲିପାରିବ ନାହିଁ । କ୍ୟାପିଟାଲ କ୍ୟାବିନ୍ ପରେ ରାଜମହଲ ହୋଟେଲରେ ପରିଣତ ହେଲା । ତା ସାଙ୍ଗକୁ ଛକର ନା ବି ବଦଳି ଗଲା ରାଜମହଲ ଛକ ।

କ୍ୟାପିଟାଲ କ୍ୟାବିନ ଛକର ଦକ୍ଷିଣକୁ ଛୋଟ ଛୋଟ ଦୋକାନ ଧାଡିବାନ୍ଧି ଥାନ୍ତି । ସେଥିରେ ଥାଏ ଗୋଟିଏ କିରାନ ଦୋକାନ, ଟେଲର, ବାଳକଟା ସେଲୁନ, ପାନଦୋକାନ ପ୍ରଭୃତି । ପ୍ରତ୍ୟେକ ଦୋକାନ ମାଲିକର ନା ନେଇ ତାର ପରିଚୟ: ଯଥା 'ମୂଷାସାହୁ'ଦୋକାନ, 'କୃଷ୍ଣ'ଦୋକାନ ଇତ୍ୟାଦି ଦୋକାନ ଶେଷରେ ହରିଜନ କଲୋନୀ । କଲୋନୀକୁ ଲାଗି ପାଳିକିଆ ହାଟ । ଉଞ୍ଚା ମୁଖ୍ୟ ରାସ୍ତାରୁ ଓହ୍ଲାଇ ପାଦଚଲା ରାସ୍ତାରେ ସେଠାକୁ ଯିବାକୁ ହୁଏ । ବର୍ତ୍ତମାନ ବାପୁଜୀ ନଗର ତ ନଥିଲା । ଥିଲା ଖାଲି ଅନାବନା ଗଛବୃଛଙ୍କ ଜଙ୍ଗଲ, କୋକିଶିଆଳଙ୍କ ଆଡ୍ଡା । କ୍ୟାବିନ ଛକର ଅନ୍ୟ ଦିଗରେ ଦୁଇ ତିନୋଟି ଆଖିଦୃଷ୍ଟିଆ ଷ୍ଟେସନାରୀ, ମନୋହାରୀ ତଥା ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ଜିନିଷର ଦୋକାନ ଥିଲା । ସେଥି ମଧ୍ୟରେ ବର୍ମା ଜେନେରାଲ ଷ୍ଟୋର ଅନ୍ୟତମ, ଯାହାର ନୂଆ ଅବତାର ଆଜିକାର 'କଳାମନ୍ଦିର' ।

**ବ'ସ ରହିବ**

ସେ ସମୟରେ କଲିକତା ମାନ୍ଦ୍ରାଜ ଜାତୀୟ ରାଜପଥ କ୍ୟାପିଟାଲ କ୍ୟାବିନ ଛକ ଦେଇ ହିଁ ଯାଉଥାଏ । ତେବେ କାଁ ଭାଁ କେଇଜଣ ତୀର୍ଥ ଯାତ୍ରୀଙ୍କ ବ୍ୟତୀତ ସାଧାରଣ ଜନତାଙ୍କ ଭୁବନେଶ୍ୱରରେ ବିଶେଷ ଆକର୍ଷଣ ନଥିଲା କହିଲେ ଚଳେ । ଅତଏବ କଟକରୁ ବ୍ରହ୍ମପୁର ଯିବା ବାଟରେ ନୂଆ ରାଜଧାନୀ କେବଳ କେଇ ମିନିଟର ରହଣି । ବର୍ତ୍ତମାନ ଦୁଇ ନମ୍ବର ୟୁନିଟର ଗୋବିନ୍ଦ ଚୌଧୁରୀ ପେଟ୍ରୋଲ ପମ୍ପ ଯେଉଁଠି ଅଛି ତା ନିକଟରେ ଏକ ଛୋଟ ଫିଲିଂ ଷ୍ଟେସନ ଥିଲା । ତାକୁ ଲାଗି ଏକ ଝଙ୍କାଳିଆ କୃଷ୍ଣଚୂଡା ଗଛର ରଙ୍ଗ ଯେ ଦିନେ ରାଜଧାନୀକୁ ରଙ୍ଗୀନ କରି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବ ତାହା ହୁଏତ କେହି ସେତେବେଳେ କଳ୍ପନା ବି କରି ନଥିବେ । କିଏ ଜାଣିଥିଲା ଲଣ୍ଡନର ରାଜ ରାସ୍ତାରେ ଏଇ ଭୁବନେଶ୍ୱରକୁ ନେଇ ଦିନେ ବିଶ୍ୱ ହକିର ବିଜ୍ଞାପନ ରଥ ଦୌଡିବ ।

ୟୁନିଟ୍ ଛ'ର କିଛି ଘର ଓ ନିର୍ମାଣରତ କ୍ୟାପିଟାଲ୍ ହସ୍ପିଟାଲ୍ ବ୍ୟତୀତ ସେ ସମୟରେ ରାଜଧାନୀ କହିଲେ ମୁଖ୍ୟତଃ ତିନୋଟି ୟୁନିଟକୁ ହିଁ ବୁଝାଉଥିଲା । ଘର ଓ ଲେନ୍‌ଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଢାଞ୍ଚାରେ ତିୟାର ହୋଇଥାଏ । ଅଧିକାଂଶ ଅଟ୍ଟାଳିକା ମନ୍ଦିର ଆକୃତିରେ ନିର୍ମିତ । ବିଶ୍ୱବିଖ୍ୟାତ ଫରାସୀ ସ୍ଥପତି ଲା କର୍ବୋଜୀଓଙ୍କ ପରିକଳ୍ପନାର ଏହା ଥିଲା ଆଂଶିକ ଅଭିବ୍ୟକ୍ତି । ସବୁଠାରୁ ବଡ଼ ନାଲି ରଙ୍ଗର ବିଲ୍ଡିଙ୍ଗରେ ରାଜ୍ୟ ସଚିବାଳୟ କାର୍ଯ୍ୟ କରୁଥାଏ । ବର୍ତ୍ତମାନର ଦୁଇନମ୍ବର ୟୁନିଟ୍‌ର ମାର୍କେଟ୍ ବିଲ୍ଡିଙ୍ଗ୍ ଦୁଇଟିରେ ମଧ୍ୟ ଡାକ ଘର ଓ ଅନ୍ୟାନ ଅଫିସ୍ ଚାଲିଥାଏ । କେବଳ ଗୋଲେଇ ଦୁଇଟିରେ କିଛିଟା ମନୋହାରୀ, ବିଦ୍ୟୁତ୍ ସରଞ୍ଜାମ, ଔଷଧ, ଲୁଗା ଦୋକାନ ପ୍ରଭୃତି ଖୋଲାଯାଇଥାଏ ।

କେହି ହୁଏତ ବିଶ୍ୱାସ କରିବେ ନାହିଁ, ରାଜଧାନୀର ସବୁଠାରୁ ଉଚ୍ଚା ବିଲ୍ଡିଙ୍ଗ୍ ଥିଲା ଛ'ମହଲା ପାଣିଟାଙ୍କି । ତାକୁ ଦେଖିବା ପାଇଁ ଲୋକଙ୍କ ବେଶ ଭିଡ଼ ଜମେ । ଉଡ଼ାଜାହାଜ ପଡ଼ିଆରେ ବ୍ୟୋମଯାନ ଦେଖିବା ଦର୍ଶକଙ୍କ ଅନ୍ୟ ଏକ ମୁଖ୍ୟ ଆକର୍ଷଣ । ସେତେବେଳେ ବିମାନ ବନ୍ଦର କହିଲେ ଗୁଳୁଚି କଣ୍ଟା ଘେରା ଏକ ଛୋଟ ଘର, ଦିଗବାରଣ ଯନ୍ତ୍ର, ପବନର ଦିଗ ଦର୍ଶାଇବା ପାଇଁ ଫରଫର୍ ଉଡୁଥିବା କନାର ପତାକା ଓ ଲମ୍ବୁଡ଼ିଆ ଚୋଟ ରନ୍‌ୱେ । ସେଥିରେ ଦୈନିକ କେବଳ ଗୋଟିଏ ମାତ୍ର ତିରିଶି ଜଣିଆ ଯାତ୍ରୀ ଉଡ଼ାଜାହାଜ ଅବତରଣ କରେ । ତା ସାଙ୍ଗକୁ କେତୋଟି ଛୋଟ ଦୁଇଜଣିଆ (?) ଜାହାଜ ପ୍ରଶିକ୍ଷଣ ପାଇଁ ମଝିରେ ମଝିରେ ଘୁଡ଼ି ଉଡ଼ିଲା ପରି ଆକାଶକୁ ଉଠୁଥାନ୍ତି, ଖସୁଥାନ୍ତି ।

**କ୍ୟାପିଟାଲ୍ ହାଇସ୍କୁଲ୍**

ବର୍ତ୍ତମାନର ୟୁନିଟ ଟୁ ବାଳିକା ବିଦ୍ୟାଳୟ ଯେଉଁଠି ଚାଲିଛି ମୁଁ ପଢ଼ିଲା ବେଳେ ରାଜଧାନୀରେ ସେହି ଗୋଟିଏ ମାତ୍ର ସ୍କୁଲ ଥିଲା । ତା ନା କ୍ୟାପିଟାଲ ହାଇସ୍କୁଲ । ସେଇ ଏକା ପ୍ରାଙ୍ଗଣରେ ସେଇ ଗୋଟିଏ ଦଫା(ସିଫ୍ଟ)ରେ ଚତୁର୍ଥରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ା ହେଉଥିଲା । ପୁରୁଣା ଭୁବନେଶ୍ୱରରେ ଅବଶ୍ୟ ବିବେକାନନ୍ଦ ହାଇସ୍କୁଲ ଓ କପିଳ ପ୍ରସାଦ ହାଇସ୍କୁଲ ଆଗରୁ ଥିଲା । ପଢ଼ାପଢ଼ିରେ କ୍ୟାପିଟାଲ ହାଇସ୍କୁଲର ବିଶେଷ ଖ୍ୟାତି ଥିଲା । ମୋ ଦୁର୍ଭାଗ୍ୟ, ମୁଁ କେବଳ ଗୋଟିଏ ବର୍ଷ ସେହି ସ୍କୁଲରେ ପଢ଼ି ପାରିଲି । ଭାଇଙ୍କ ବଦଳି ହେତୁ ଆମକୁ ପୁଣି ଗାଁକୁ ଫେରିବାକୁ ବାଧ୍ୟ ହେଲୁ ।

କ୍ୟାପିଟାଲ ହାଇସ୍କୁଲର କୌଣସି ସହପାଠୀଙ୍କ ନାମ ମୋର ମନେନାହିଁ । କିନ୍ତୁ କେତେକଙ୍କ ମୁହଁ ଆଜି ପର୍ଯ୍ୟନ୍ତ ସତେଜ ଅଛି । ସେମାନଙ୍କୁ ଚିହ୍ନିବା ବର୍ତ୍ତମାନ କାଠିକର ପାଠ । କାରଣ ବୟସ ତାର ପାଂଶୁଳ ପ୍ରଲେପ ମୋ ପରି ସେମାନଙ୍କ ମୁଣ୍ଡରେ ବି ବୋଳି ହୋଇ ସାରିବଣି । କେତେକ ହୁଏତ ମରିହଜି ଯିବେଣି ତେବେ ସୁନ୍ଦର କଥା ଉପର ଶ୍ରେଣୀର ଅନ୍ତତଃ ଜଣକୁ ସେଦିନ ମିଠା ଦୋକାନରେ ଅକସ୍ମାତ ଚିହ୍ନି ପାରିଲି; ସେ ଥିଲେ ଆମ ସ୍କୁଲର ସବୁଠାରୁ ବିଚକ୍ଷଣ ହାତଖଣ୍ଡିଆ ଫୁଟବଲ ଖେଳାଳି । ତାର ଖେଳର ଚମତ୍କାରିତା ଓ ଦିବ୍ୟାଙ୍ଗ ଶରୀର ପାଖରେ ହୁଏତ ବୟସର କୁଟିଳ ଆବରଣ ହାର ମାନିଛି । ବର୍ତ୍ତମାନ ସେ ସେକ୍ରେଟେରିଏଟର ଅବସର ନେଇ ଆମ ଘର ପାଖ ୟୁନିଟରେ ରହୁଛନ୍ତି ।

ଗୋଟିଏ ବର୍ଷ ହେଉପଛେ କ୍ୟାପିଟାଲ ହାଇସ୍କୁଲ ହିଁ ମୋର ଶକ୍ତ ମୂଳଦୁଆ ପକାଇଥିଲା । ସେଠାକାର ପାଠପଢ଼ାର ନିଷ୍ଠା, ଶୃଙ୍ଖଳା ଓ ଆଦର୍ଶ ବାସ୍ତବିକ ଅନନ୍ୟ । ଆଜିବି ମୋ ମନର କେଉଁ ନିଭୃତ ଗମ୍ଭୀର ଭିତରେ ସାଇତି ହୋଇ ରହିଛି ସଦାନନ୍ଦ ସାର୍‌ଙ୍କ ମଜାଳିଆ କଥାର ପସରା, ସ୍ନେହତୋଳା ପିଠିଥାପୁଡ଼ା; ଶଚିସାରଙ୍କ ଓଜସ୍ୱିନୀ ଭାଷଣ । ସରୋଜିନୀ ଦିଦି, ଅହଲ୍ୟା ଦିଦି ଓ ବିଷ୍ଣୁ ଦିଦିଙ୍କ ଆପଣାପଣ । ଅହଲ୍ୟା ଦିଦିଙ୍କ ଝିଅ ପ୍ରତିମା ଅପା ମୋ ଉପର ଭଉଣୀର ବଡ ସାଙ୍ଗ ଥିଲେ । ତେଣୁ ଅହଲ୍ୟା ଦିଦି ମୋତେ ମାଗଣାରେ ତାଙ୍କ ଘରେ ଟ୍ୟୁସନ ପଢ଼ାଉଥିଲେ ।

ଜୟୀ ସାର ସମସ୍ତଙ୍କ ଠାରୁ ନିଆରା । ତମ୍ଭା ଖଡିକା ପରି ଡକ୍ ଡକ୍ ଚେହେରା, ତେଲଲଗା କଳା ମଚମଚ ବାଳ, ସାମାନ୍ୟ ଉଠାଦାନ୍ତ ସାଙ୍ଗକୁ କଳଭରା ପାନ । ହାତରେ ବହି ମେଞ୍ଚାଏ ସାଙ୍ଗକୁ ଡଷ୍ଟର ଟିଏ ଥିବ । ତାଙ୍କ ପାଇଁ ମୋର ପ୍ରାଣେ ଡର । କାରଣ ଅଙ୍କରେ ମୁ ଅତ୍ୟନ୍ତ ଦୁର୍ବଳ ଥିଲି ଓ ସେ ଥିଲେ ଆମ ପ୍ରବିଣ ଗଣିତ ସାର୍ । ପ୍ରତି ସୋମମବାରେ ହୋମଓ୍ୱାର୍କ ଦିଅନ୍ତି ଓ ସୋମବାରେ ଖାତା ଦେଖନ୍ତି । ଅଙ୍କ ମନେନଥିଲେ ବେଞ୍ଚ ଉପରେ ଗୋଟେ ଗୋଡରେ ଛିଡ଼ା କରାଇବା ସର୍ବୋଚ୍ଚ ଓ କାନମୋଡ଼ି ଡଷ୍ଟରରେ ହାଲକା ଠଣାଟିଏ ଦେବା ସର୍ବନିମ୍ନ ଦଣ୍ଡ । ମୋ ପାଇଁ ବେଳେବେଳେ ଉଭୟ ଦଣ୍ଡ ପ୍ରଯୁଜ୍ୟ ଥିଲା । କାରଣ ମୋ ଅଙ୍କ ଖାତା 'ଆଳୁ' ମାନଙ୍କରେ ଭରପୁର ଥିଲା ଓ ହୋମଓ୍ୱାର୍କ କରିବାରେ ମୁଁ ଏକ ସ୍ଥାୟୀ ଅପରାଧୀ ଥିଲି । ତେବେ ଶିକ୍ଷକଙ୍କ କଡ଼ା ଶାସନ ସଂପର୍କରେ ଆଜିକାଲିର ନିତିନିୟମ ଯାହା କହୁ ପଛେ ସମାଜର ଦୃଷ୍ଟିଭଙ୍ଗୀ ଯାହାହେଉନା କାହିଁକି ଆଜି ମୁଁ ଯାହା କେବଳ ତାଙ୍କରି ନିହଣ-ବାରିସିର କରାମତି ।

ରାଜଧାନୀରେ କେବଳ କ୍ୟାପିଟଲ ହାଇସ୍କୁଲ ଛଡା କୌଣସି କଲେଜ ନଥିଲା । ବର୍ତ୍ତମାନର ଏକ ନଂମ୍ବର ହାଇସ୍କୁଲ ବିଲ୍ଡିଙ୍ଗ୍‌ରେ କେବଳ କୃଷି ବିଶ୍ୱ ବିଦ୍ୟାଳୟରେ ପରିଣତ ହୋଇ ଶିରିପୁରକୁ ଘୁଞ୍ଚିଗଲା

ସହୀଦ ବେଙ୍ଗପାଣିଆ ଓ ସୁନିଲ କଥା କିଏ ନଜାଣେ । ଓଡ଼ିଶାରୁ ବିଚ୍ଛିନ୍ନ ହୋଇଯାଇଥିବା ଷଢେଇକଳା, ଖରସୁଆଁ ସହ ଟିକାଲି, ମଞ୍ଜୁଷା, ଜଳନ୍ତର ପ୍ରଭୃତି ଅଞ୍ଚଳମାନଙ୍କୁ ଓଡ଼ିଶାରେ ମିଶ୍ରଣ ପାଇଁ ଉଦ୍ଦିଷ୍ଟ ଶେଷ ଯଜ୍ଞରେ ଦିହେଁ ନିଜ ଜୀବନକୁ ପୂର୍ଣ୍ଣାହୁତି ଦେଇଥିଲେ । ତାର ପ୍ରଭାବରେ ସମଗ୍ର ରାଜ୍ୟ ଜଳିଉଠିଥିଲା । ଆମ ରାଜଧାନୀ ବି । ଘରେ ଘରେ ସେହି ଗୋଟିଏ ଚିନ୍ତା, ଗୋଟିଏ ଚର୍ଚ୍ଚା: ଉତ୍କଳ ଜନନୀ ତାର ପୂର୍ଣ୍ଣାଙ୍ଗ କେବେ ପାଇବ ।

ଆନ୍ଦୋଳନ ସମୟରେ ଆମେ ସବୁ ଛୋଟ ଛୋଟ ପିଲାମାନେ ସକାଳୁ ସ୍କୁଲରେ ପହଞ୍ଚି ଯାଇଥିଲୁ । ପ୍ରାର୍ଥନା ସଭା ହୁଏ । ତା ପରେ ଫାଟକ ବାହାରେ ଧାଡ଼ିବାନ୍ଧୁ । ଉଚ୍ଚ ଶ୍ରେଣୀର କେତେକ ଛାତ୍ର କିଛି ସମୟ ବକ୍ତୃତା ମାଧ୍ୟମରେ ଆନ୍ଦୋଳନର ଉଦ୍ଦେଶ୍ୟ ବୁଝାନ୍ତି । ଉତ୍କଳ ଜନନୀର ବର୍ଣ୍ଣନା ଗାଇ ଗାଇ ଆମେ ସହର ପରିକ୍ରମା କରି ଶେଷରେ ରାଜ୍ୟ ସଚିବାଳୟରେ ଫାଟକ ଆଗରେ ଧାରଣା ଦେଉ । ଆମ ସହ ବିବେକାନନ୍ଦ ହାଇସ୍କୁଲର ଓ କୃଷି ମହାବିଦ୍ୟାଳୟର ଛାତ୍ରମାନେ ମଧ୍ୟ ଯୋଗ ଦିଅନ୍ତି । ସମସ୍ତଙ୍କ ହାତରେ ପ୍ଲାକାର୍ଡ । କୃଷି ମହାବିଦ୍ୟାଳୟର ଛାତ୍ରମାନେ ନେତୃତ୍ୱ ନିଅନ୍ତି । ଓଡ଼ିଶାର ଐତିହ୍ୟ ତଥା ଓଡ଼ିଆ ଜାତିର ବୀର ଗାଥା ଜଣକ ପରେ ଜଣେ ବର୍ଣ୍ଣନା କରୁଥାନ୍ତି । ସେ ସବୁ ଶୁଣି ଆମ ରୋମ ଟାଙ୍କୁରି ଉଠେ ।

ଦପ୍ତର ଖୋଲିବା ସମୟ ହୁଏ । କର୍ମଚାରୀମାନେ ଜଣ ଜଣ କରି ପହଞ୍ଚନ୍ତି । କେହି ଫାଟକ ଡେଇଁ ଅଫିସ୍ ଭିତରକୁ ଯିବାକୁ ଚେଷ୍ଟା କରନ୍ତି ନାହିଁ । ବଂର ଅଧିକାଂଶ ଆମ ସାଙ୍ଗରେ ଯୋଗ ଦିଅନ୍ତି । ଶେଷରେ ବଡ ବଡ ଗାଡ଼ିରେ କୋଟ୍-ଟାଇପିନ୍ଧା କେଇଜଣ ବଡ ହାକିମ ପହଞ୍ଚନ୍ତି । ଧାରଣା ବନ୍ଦ କରିବାକୁ କିଛି ସମୟ ବୁଝାଇ କହନ୍ତି । ଆମେ ଅଟଳ ରହୁ । ସେମାନେ ଫେରିଯାନ୍ତି । ଦପ୍ତର ବନ୍ଦ ରହେ । ମୋର ଯାହା ମନେହୁଏ ବଡହାକିମ ମାନଙ୍କର ବି ଆନ୍ଦୋଳନକୁ ପରୋକ୍ଷ ସମର୍ଥନ ଥିଲା । ଧାରଣା ବିରୁଦ୍ଧରେ ବୁଝାଇ କହିବା ସେମାନଙ୍କର ହୁଏତ ବୃତ୍ତିଗତ କର୍ତ୍ତବ୍ୟ ଥିଲା ।

ପ୍ରତିଦିନିଆ ଧାରଣା ଚାଲିଥିଲା ବେଳେ ଦିନେ କେନ୍ଦ୍ରକୁ ରିଜର୍ଭ ପୋଲିସ୍ ଏକ ଉଡାଜାହଜରେ ଭୁବନେଶ୍ୱର ଆସୁଛନ୍ତି । ନେତା ମାନେ ନିଷ୍ପତି ନେଲେ ଯେ ସେହି ଉଡାଜାହଜକୁ ଭୁବନେଶ୍ୱରରେ ଅବତରଣ କରିବାକୁ ଦିଆଯିବ ନାହିଁ । ଆମକୁ ଉଡାଜାହାଜ ପଡିଆକୁ ଯିବାକୁ କୁହାଗଲା ଆମେ ଠିକ ସମୟରେ ପହଞ୍ଚି ଗଲୁ । ଉଡାଜାହାଜ ରନଓ୍ୱେରେ ହିଁ ସମସ୍ତେ ବସି ମିଟିଂ କଲୁ । ଚାରିଆଡେ ପୋଲିସ୍ ଘେରି ରହିଥାନ୍ତି । ଉଡା ଜାହାଜ ଆସି ଆକାଶ ମାର୍ଗରେ ଆସି ଉଡିବାକୁ ଲାଗିଲା । ଏଣେ ଲାଠିଚାର୍ଜ ପାଇଁ ପୋଲିସ୍ ପ୍ରସ୍ତୁତ ହୋଇ ରହିଥାନ୍ତି । ଆମ ନେତାମାନେ କାନ୍ଦି କାନ୍ଦି ବୀରତ୍ୱର ବାଣୀ ଶୁଣାଉ ଥାନ୍ତି ଓ କୌଣସି ପରିସ୍ଥିତିରେ ରନଓ୍ୱେ ନ ଛାଡି ଶୋଇରହିବାକୁ ଉତ୍ସାହିତ କରୁଥାନ୍ତି । ସେହି ଛାତ୍ର ନେତା ଙ୍କ ମଧ୍ୟରୁ କୃଷି ମହାବ୍ୟିାଳୟର ଶିବ ଭାଇଙ୍କ ମୁହଁଟି ଆଜି ପର୍ଯ୍ୟନ୍ତ ମୋ ମନରେ ନାଚି ଉଠୁଛି । ଶିବ ଭାଇ ଓ ତାଙ୍କ ସାଥିମାନେ ସେତେବେଳେ ଆମ ସମସ୍ତଙ୍କ ହିରୋ ।



ଲାଠି ଚାଳନା ତ ହେଲା । କିନ୍ତୁ କାହା ଦେହରେ ଗୋଟିଏ ହେଲେ ବି ଶକ୍ତ ପାହର ପଡୁ ନଥାଏ । ମୋପରି ଶୋଇଥିବା ପିଲା ମାନଙ୍କୁ ପୋଲିସ୍ ଭାଇମାନେ ଟେକି ନେଇ ବାହାରେ ଛାଡି ଆସନ୍ତି ଓ ଆମେ ପୁଣି ଥରେ ରନୱେକୁ ଫେରି ଆସୁ । ଏ ପ୍ରକାର ଚୋର୍ ସିପାହୀ ଡ୍ରାମା ପ୍ରାୟ ଦଶ ପନ୍ଦର ମିନିଟ ଯାଏ ଚାଲିଲା । ଉଡା ଜାହାଜ ସେମିତି ଆକାଶ ମାର୍ଗରେ କିଛି ସମୟ ପାଇଁ ଚକ୍କର କାଟି ଫେରି ଗଲା । ପୋଲିସ କାରବାର ବନ୍ଦ ହେଲା । ଶିବ ଭାଇ ଓ ତାଙ୍କ ସାଥିମାନେ ଆମକୁ କାନ୍ଧରେ ବସାଇ ଜୟଜୟକାର କରି ନାଚିବାକୁ ଲାଗିଲେ । ଆମେ ଦଳ ଦଳ ହୋଇ ବିଜୟ ଦର୍ପରେ ଘରକୁ ଫେରିଲୁ ।

ସେ ସମୟର ସୀମା ଆନ୍ଦୋଳନ ବିଫଳ ହେଲା ସତ । ତେବେ ମୋ ପରି ଆଠ ଦଶ ବର୍ଷ ବୟସର ବାଳକ ବାଳିକା ପାଇଁ ସେ ଥିଲା ଓଡ଼ିଆ ସ୍ୱାଭିମାନର ଜ୍ୱଳନ୍ତ ଅଗ୍ନିଶିଖା । ଆନ୍ଦୋଳନ କାହିଁକି ବିଫଳ ହେଲା, କିଏ ଦମନ କଲା ସେ ସମ୍ପର୍କରେ ଆଲୋଚନା କରିବା ଏ ଆଲେଖ୍ୟର ଉଦ୍ଦେଶ୍ୟ ନୁହେଁ ।

### ବିନୋବା ଭାବେଙ୍କ ଭୂଦାନ ଯାତ୍ରା ଓ ଅନ୍ୟାନ୍ୟ ସ୍ମରଣୀୟ ଘଟଣା

ଭୂଦାନ ଆନ୍ଦୋଳନ ସଂମ୍ପର୍କରେ ଲେଖା ଆମ ପାଠ୍ୟ କ୍ରମରେ ଅନ୍ତର୍ଭୁକ୍ତ ଥିଲା ଓ ବିନୋବା ଭାବେଙ୍କ ଉତ୍ସର୍ଗୀକୃତ ଜୀବନ କାହାଣୀ କ୍ଲାସରେ ପଢା ଯାଉଥିଲା । ମହାତ୍ମା ଗାନ୍ଧୀଙ୍କ ପରେ ସବୁଠାରୁ ଆଦର୍ଶବାଦୀ ରାଜନୈତିକ ସନ୍ଥ ରୂପେ ଆମେ ତାଙ୍କୁ ବେଶ ଶ୍ରଦ୍ଧା ଓ ସମ୍ମାନ କରୁଥିଲୁ । ସେ ସମୟରେ ତାଙ୍କରି ଭୂଦାନ ଅଭିଯାନ ଏକ ଅଭିନବ ଓ ଯୁଗାନ୍ତକାରୀ ଆନ୍ଦୋଳନ ରୂପେ ଗଣା ଯାଉଥିଲା । ତାହା ୧୯୫୧ ମସିହାରେ ତେଲେଙ୍ଗାନା ରାଜ୍ୟର ପଞ୍ଚମପଲ୍ଲୀ ଠାରୁ ଆରମ୍ଭ ହୋଇ ସାରା ଦେଶରେ ବ୍ୟାପିବାରେ ଚାଲିଥାଏ । ଓଡ଼ିଶାରେ ମଧ୍ୟ ତାର ପ୍ରତିଧ୍ୱନି ଶୁଭିଲା । ସ୍ୱର୍ଗତଃ ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ଆଚାର୍ଯ୍ୟ ହରିହର, ବିଶ୍ୱନାଥ ଦାସ, ସୁରେନ୍ଦ୍ରନାଥ ଦ୍ୱିବେଦୀ ପ୍ରମୁଖ ଓଡ଼ିଶାରେ ବରପୁତ୍ରମାନେ ତାର ନେତୃତ୍ୱ ନେଲେ । ବିନୋବାଜୀ ନିଜେ ସାରା ଦେଶ ପଦଯାତ୍ରା କରି ଲୋକଙ୍କୁ ଭୂଦାନର ମହତ୍ୱ ବୁଝାଉ ଥାନ୍ତି । ୧୯୫୫ ମସିହାରେ ସେ ଓଡ଼ିଶା ଆସି କୋରାପୁଟରେ ପ୍ରାୟ ଦୁଇମାସ ରହିବା ପାଇଁ ସ୍ଥିର କଲେ । ମୋର ସୌଭାଗ୍ୟ ଯେ ମୁଁ ସେହି ସମୟରେ ହିଁ ଭୁବନେଶ୍ୱରରେ ପଢୁଥିଲି ।

ବିନୋବାଜୀଙ୍କ ଓଡ଼ିଶା ଗ୍ରସ୍ତର ଦିନ ଧାର୍ଯ୍ୟ ହେଲା । ଖବର ପହଞ୍ଚିଲା ଯେ ନିର୍ଦ୍ଦିଷ୍ଟ ଦିନ ସକାଳ ପ୍ରାୟ ନ'ଟା ବେଳେ କଟକରୁ ପଦଯାତ୍ରା ସେ ଭୁବନେଶ୍ୱର ରାସ୍ତାରେ ଅପେକ୍ଷା କଲୁ । ଆମପରି ସହସ୍ର ଲୋକ ଫୁଲ ମାଳ ଧରି ଠିଆ ହୋଇ ରହିଥାନ୍ତି । ଶେଷରେ ବିନୋବାଜୀ ତାଙ୍କ ଅନୁଧାବକ ମାନଙ୍କ ସହ ନିକଟରୁ ନିକଟତର ହେଲେ । ଡେଙ୍ଗା ଡେଙ୍ଗା ଗୋଡରେ ଲମ୍ବା ଲମ୍ବା ପାହୁଣ୍ଡ ପକାଇ ଆଗେଇ ଆସୁଥାନ୍ତି । ଆଣ୍ଠୁ ପର୍ଯ୍ୟନ୍ତ ଖଦଡ ଧୋତି । ଫୁଙ୍ଗୁଳା ଦେହ । ଲମ୍ବା ଧଳା ଦାଢି । କଳା ଚଷମା । ଠିକ୍ ଫଟୋରେ ଦେଖୁଥିବା ଚେହେରା ପରି । ଏକ୍ସପ୍ରେସ୍ ରେଳ ଗାଡି ଯେପରି ଛୋଟ ଷ୍ଟେସନରେ ନରହି ଭୁଷକିନା ଆଗକୁ ମାଡିଯାଏ ଠିକ ସେହିପରି ସେ ଆମ ଆଗ ଦେଇ ଚାଲିଗଲେ । ତେବେ ହାତଯୋଡି, ହସି ହସି ରାସ୍ତାକଡର ସବୁ ଲୋକଙ୍କ ଅଭିବାଦନ ଗ୍ରହଣ କରୁଥାନ୍ତି । ସେଇ କେଇ ମୁହୂର୍ତ୍ତର ଚାହାଣୀରେ କି ଚୁମ୍ବକ ଥିଲା କେଜାଣି ଆମେ ତାଙ୍କ ପଛେ ପଛେ ଦୌଡିବାରେ ଲାଗିଲୁ । ତାଙ୍କ ସହଯୋଗୀମାନେ ମଧ୍ୟ ବସ୍ତୁତଃ ଧାଇଁ ସଇଁ ହୋଇ ଦୌଡୁଥାନ୍ତି । ଯାତ୍ରା ପୁରୁଣା ଭୁବନେଶ୍ୱରରେ ସେ ଦିନ ପାଇଁ ଶେଷ ହେଲା ।

କିଛି ସମୟ ବିଶ୍ରାମ ନେଲା ପରେ ମୋ ପରି ଅପେକ୍ଷା କେଇଜଣ ପିଲାଙ୍କ ମଧ୍ୟରେ ବିନୋବାଜୀ ଆସି ବସିଲେ ଓ ହସଖୁସିରେ ଏଣୁ ତେଣୁ ଆଳାପ କଲେ । ତାଙ୍କ ପିଲା ଦିନର କଥା କହିଲେ ଓ ଭଲ ପଢ, ଭଲ ମଣିଷ ହୁଅ ଓ ଦେଶ ପାଇଁ କିଛି କର ବୋଲି ଉପଦେଶ ଦେଲେ । ଭୂଦାନ

ଆନ୍ଦୋଳନର ତାତ୍ପର୍ଯ୍ୟ ସମ୍ପର୍କରେ ବି ସଂକ୍ଷିପ୍ତରେ ବୁଝାଇ କହିଲେ  କଥା ଛଳରେ ପଚାରିଲେ 'ତୁମ ବାପାଙ୍କ ପାଖରେ ଥିବା ଅଧିକା ସଂପତ୍ତିର କିଛି ଅଂଶ ଗରିବଙ୍କୁ ଦାନ କରିଦେବା ପାଇଁ ତୁମେ ତୁମ ବାପ ମାଁଙ୍କୁ ବୁଝାଇ ପାରିବ କି ?' ଆମେ ସମସ୍ତେ ଏକା ସ୍ୱରରେ 'ହଁ'କହିଲୁ । ତାଙ୍କର ଓଲଟା ପ୍ରଶ୍ନ, 'ବାପା ମାଁ ଯଦି ତମ କଥାରେ ରାଜି ହେବେନାହିଁ ତେବେ ତୁମେ କଣ କରିବ ?' ତାରି ଜବାବରେ ଆମେ କହିଲୁ, 'ଆମେ ବୁଝାଇ କହିବୁ, ରୁଷିବୁ, ଦରକାର ହେଲେ ରାଜି ହେଲା ପର୍ଯ୍ୟନ୍ତ ଖାଇବା ବନ୍ଦ କରିଦେବୁ ।' ଆମ ଉତ୍ତରରେ ବିନୋବାଜୀ ଅତ୍ୟନ୍ତ ଖୁସି ହୋଇଗଲେ ଓ ସେଦିନର ସଂଧ୍ୟାର ସର୍ବସାଧାରଣ ସଭାରେ ଆମ ସମ୍ପର୍କରେ ବର୍ଣ୍ଣନା କଲେ ।

ବର୍ତ୍ତମାନର ପରିସ୍ଥିତିରେ ଭୂଦାନ ଆନ୍ଦୋଳନର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିପବା ଏହି ଆଲେଖ୍ୟର ପରିସର ବାହାରେ । ତେବେ ତ୍ୟାଗ, ଆଦର୍ଶ ଓ ନିଷ୍ଠାପର ଦେଶ ସେବାରେ ସେ ଥିଲା ଏକ ଅଲିଭା ମସାଲ । ସନ୍ଥ ବିନୋବା ଭାବେଙ୍କ ସହ ସେଦିନର କେଇ ମୁହୂର୍ତ୍ତର ଅନୁଭୂତିକୁ ବାଦ ଦେଇ ମୋ ଭୁବନେଶ୍ୱର କାହାଣୀ ସଂପୂର୍ଣ୍ଣ କରିବା ଅସମ୍ଭବ ।

ଦଳେଇଘାଇ ଭାଙ୍ଗିବା ୧୯୫୫ ମସିହାରେ ସବୁଠାରୁ ଦୁଃଖଦ ଘଟଣା । ସେ ବର୍ଷର ଭୟାବହ ବନ୍ୟାରେ ଅକଳନୀୟ ଜନ ଧନ ଗୋରୁ ଗାଈ ବନ୍ୟାରେ ଭାସି ଯାଇଥିଲେ । ସହସ୍ର ଲୋକ ସର୍ବସ୍ୱ ହରାଇ ନିରାଶ୍ରୟ ହୋଇଗଲେ । ସେ ସମୟରେ ରାଜଧାନୀରେ ଭୋକିଲା ପେଟର ପଟୁଆର ଦେଖିବା ମୋ ଜୀବନର ପ୍ରଥମ । ସେମାନଙ୍କର କଙ୍କାଳସାର ଚେହେରା ମୋତେ ଆଜି ମଧ୍ୟ ବ୍ୟଥିତ କରେ ।

ସେତେବେଳେ ମୋ ବରି ପିଲାଙ୍କ ପାଇଁ ଜବାହର ଲାଲ ନେହରୁ ଜଣେ ଦିବ୍ୟ ପୁରୁଷ । ତାଙ୍କରି ସମ୍ପର୍କରେ ଅନେକ ରୋଚକ ଗଳ୍ପ ଶୁଣା ଯାଉ ଥାଏ । ଚାଚା ନେହରୁ କହିଲେ ଆମ ଭିତରେ ଏକ ଅଦ୍ଭୁତ ଆବେଗ ସୃଷ୍ଟି ହେଉଥିଲା । ଯୋଗକୁ ମୁଁ ପଢିଲା ବେଳେ ହିଁ ସେ ଭୁବନେଶ୍ୱର ପରିଦର୍ଶନରେ ଆସିଥିଲେ । ଖବର ପାଇ ଆମେ କେତେ ଜଣ ସ୍କୁଲ ଛାଡି ଉଡା ଜାହଜ ପଡିଆକୁ ଦୌଡି ଗଲୁ । ଦୁର୍ଭାଗ୍ୟ ବଶତଃ ଆମର ଟିକେ ଡେରି ହୋଇଗଲା ଓ ମାଳମାଳ ଗାଡିମଧ୍ୟରେ ଆମ ପାଖ ଦେଇ ନେହରୁ ଚାଲିଗଲେ । ମୋ ସାଙ୍ଗମାନେ କିନ୍ତୁ ହାତ ହଲେଇ 'ଚାଚା ନେହରୁ, ଚାଚା ନେହରୁ' କହି ପାଟି କରି ଉଠିଲେ । ମୁଁ ମଧ୍ୟ ସେମାନଙ୍କ ସହିତ ଯୋଗ ଦେଲି । ତେବେ ବାସ୍ତବିକ ମୁଁ ସେଦିନ ନେହରୁଙ୍କୁ ଦେଖି ପାରିନଥିଲି । ମୁଁ ନିଶ୍ଚିତ ଯେ ମୋ ପରି ଅନ୍ୟମାନେ ବି କେହି ହେଲେ ତାଙ୍କୁ ଦେଖି ପାରି ନାହାନ୍ତି, ଶୁଖିଲା ବାହାଦୂରି ନେଉ ଥାନ୍ତି । କାରଣ ଏତେ ଗାଡି ଭିତରେ ତାଙ୍କୁ ଠାବ କରିବା ସହଜ ନଥିଲା ।

ସେ ସମୟରେ ହିଁ ବାପୁଜୀନଗରର ଶୀଳାନ୍ୟାସ ହେଲା । କ୍ୟାପିଟଲ କ୍ୟାବିନ ଛକ ଠାରୁ ହରିଜନ କଲୋନୀ ପର୍ଯ୍ୟନ୍ତ ସରକାରୀ ଯାଗା ଆବଣ୍ଟନ ହେଲା । ପ୍ରତି ପ୍ଲଟର ମୂଲ୍ୟ ହାରାହାରି ଏକଶହରୁ ଦୁଇଶହ ମଧ୍ୟରେ ଥିଲା । ତା'ଛଡ଼ା ଏକ ସମବାୟ ସଂସ୍ଥା ବି ଗଢ଼ି ଉଠିଲା । କୋଡ଼ିଏ ଟଙ୍କା ଦେଇ ସେହି ସଂସ୍ଥାରେ ପଞ୍ଜିକରଣ କଲେ ସହଜରେ ଦଶରୁ ପନ୍ଦର ହଜାର ଟଙ୍କା ପର୍ଯ୍ୟନ୍ତ ଅଳ୍ପ ସୁଧ ହାରରେ ଋଣ ମିଳିବ ବୋଲି ପ୍ରଚାର ହେଉଥାଏ । ଏକ ମଧ୍ୟମ ଧରଣର ଘର ତିଆରି ପାଇଁ ପନ୍ଦର ହଜାର ଟଙ୍କା ସେ ସମୟରେ ପର୍ଯ୍ୟାପ୍ତ ଥିଲା । ଅଧିକାଂଶ ଘର ସ୍ଥାନୀୟ ମାଙ୍କଡ଼ା ପଥରରେ ତୟାର ହେଉଥିଲା । ମୋର ଯାହା ମନେପଡ଼େ ପରବର୍ତ୍ତି ସମୟର କେତେକ ପ୍ରତିଷ୍ଠିତ ତଥା ପ୍ରତିପତ୍ତି ସମ୍ପନ୍ନ ଓଡ଼ିଆ କଣ୍ଟ୍ରାକ୍ଟର ସେ ସମୟରେ ରାଜମିସ୍ତ୍ରୀ ରୂପେ ମୋ ମାମୁଙ୍କ ବାପୁଜୀ ନଗର ଘର ତିଆରି ବେଳେ କାମ ଆରମ୍ଭ କରିଥିଲେ ।

**ଶେଷରେ ପଦେଅଧେ**

ଭୁବନେଶ୍ୱରର ଜନଜୀବନ ଏକ ପ୍ରବହମାନ ନଦୀ ସ୍ୱରୂପ । ଐତିହାସିକ କୃତିବାସ ନଗର, ଏକାମ୍ର ବିହାର, ଶିଶୁପାଳଗଡ଼ ଠାରୁ ଆରମ୍ଭ କରି ଶୈବପୀଠ ପୁରାତନ ଭୁବନେଶ୍ୱର ଓ ନୂତନ ରାଜଧାନୀ ପର୍ଯ୍ୟନ୍ତ କେତେ ଯେ ଜନବସତି, ସଭ୍ୟତା, ସଂସ୍କୃତିର ଉତ୍ଥାନପତନ ସେହି ନଈ ପଠାରେ ହିଁ ଘଟିଛି । ସେଠାରେ ଲୁଚି ରହିଛି ଅନେକ ସାମ୍ରାଜ୍ୟର ଜୟ ପରାଜୟର କାହାଣୀ । ଗୋଟିଏ ଦିଗରେ ଚଣ୍ଡାଶୋକର ସୈନିକ ଛାଉଣି, ବୀର କଳିଙ୍ଗ ସେନାର ରକ୍ତ ନଦୀ, ଖାରବେଳଙ୍କ ବିଜୟ ଉଲ୍ଲାସ ତ ଅନ୍ୟ ଦିଗରେ ବୁଦ୍ଧଂ ଶରଣଂ ଗଚ୍ଛାମି, ଓଁ ନମଃ ଶିବାୟର ପ୍ରତିଧ୍ୱନି । ଆଜିକାର ରାଜଧାନୀରେ ଗୋଟିଏ ପକ୍ଷ ପ୍ରଗତିର ଦୁନ୍ଦୁଭି ଓ ସ୍ମାର୍ଟ ସିଟିର ଧ୍ୱଜା ତ ଅନ୍ୟ ପକ୍ଷେ ରାଜଦାଣ୍ଡରେ ହାତୀବୁଡ଼ା ଜଳସ୍ରୋତ, ନର୍ଦ୍ଦମାର ହ୍ରଦ, ବର୍ଯ୍ୟବସ୍ତୁର ବିଭତ୍ସତା ତଥା ବସ୍ତିବାସିନ୍ଦାଙ୍କ ଅମାନବୀୟ ଦୁରାବସ୍ଥା ।

ଭୁବନେଶ୍ୱର ସଂପର୍କରେ ଲେଖାଟିଏ ଦେବା ପାଇଁ ବନ୍ଧୁ ଇନ୍ଦ୍ରମଣିବାବୁ ଯେତେବେଳେ ଅନୁରୋଧ କଲେ ମୁଁ ପଚାରିଲି କେଉଁ ଭୁବନେଶ୍ୱର କଥା ଲେଖିବି । ସେ କହିଲେ ଆପଣଙ୍କ ଅଙ୍ଗେ ନି;ଭାଇଥିବା କଥା ହିଁ କୁହନ୍ତୁ । ତେଣୁ ଏ ଆଲେଖ୍ୟ ଏକ ତଥ୍ୟ ଭିତ୍ତିକ ସନ୍ଦର୍ଭ ନୁହଁ । ଗବେଷଣାର ନିର୍ଯ୍ୟାସ ନୁହଁ । ଯେଉଁ ଘଟଣା, ଚରିତ୍ର ଓ ପରିସ୍ଥିତିମାନଙ୍କୁ ନେଇ ଯେଉଁ କାହାଣୀ ବର୍ଣ୍ଣନା କରାଯାଇଅଛି, ତାହା ହୁଏତ ସମ୍ପୂର୍ଣ୍ଣ ନୁହଁ । ଭୁଲ ବି ହୋଇପାରେ । ତାର କାରଣ ଆଠଦଶ ବର୍ଷର ଏକ ନାବାଳକ ଦୃଷ୍ଟିରେ ଯାହା ପଡ଼ିଛି ଓ ସେ ଯାହା ଅନୁଭବ କରିଛି, ତାକୁ ହିଁ ଏଠାରେ ଉଲ୍ଲେଖ କରାଯାଇଛି । ସେ ଯାହା ଦେଖିଛି ହୁଏତ ଅନ୍ୟମାନେ ଦେଖିନଥିବେ ବା ଅନ୍ୟ ପ୍ରକାରେ ଦେଖିଥିବେ । ଅନ୍ୟମାନେ ଯାହା ଦେଖିଛନ୍ତି ହୁଏତ ସେ ଦେଖିନଥିବ ।

ଏକ ପ୍ରବହମାନ ନଦୀର ସୃଷ୍ଟି ଓ ବିଲୟର ପୂର୍ଣ୍ଣସ୍ୱରୂପ ଏକାବେଳେ ଆକଳନ କରିବା ଏକାନ୍ତ ଅସମ୍ଭବ । ଆମ ଆଖିକୁ ଯେତିକି ଦୃଶ୍ୟମାନ ହୁଏ ତାହା ସମଗ୍ର ନଦୀର ଏକ ଅଂଶ ବିଶେଷ ମାତ୍ର; ତାର ସମଗ୍ରତା ନୁହଁ । ଦୃଷ୍ଟି ବାହାରର ଅବଶିଷ୍ଟ ଅଂଶ ହିଁ ସମଗ୍ର ନଦୀ । ଅତଏବ ଭୁବନେଶ୍ୱର ସଂପର୍କରେ ମୁଁ ଯାହା ଲେଖିଛି ତାହା ଏକ ଆଠଦଶ ବର୍ଷ ବାଳକର ସୀମିତ ଦୃଷ୍ଟିରେ ଏକ ନିର୍ଦ୍ଦିଷ୍ଟ ସମୟର ଆଂଶିକ ଝଲକ ମାତ୍ର । ଯାହା ଏଠାରେ କୁହାଯାଇନାହିଁ ତାହା ହିଁ ଅସଲ ଭୁବନେଶ୍ୱର ।

ପିଲାଦିନର ମୋଜା ହଳେ, ଜାମାଖଣ୍ଡେ ବା ପେଁକାଳୀଟିଏ ଦେଖି ଆମେ ଯେପରି ଉଲ୍ଲସିତ ହେଉ, ଏକ ପ୍ରକାର ଭାବତରଳ ଆବେଗରେ ଭାସିଯାଉ, ସେହିପରି ଉନ୍ନତିର ଶିଖରରେ ପହଞ୍ଚିବାକୁ ପ୍ରୟାସ କରୁଥିବା ଆଜିକାର ରାଜଧାନୀ ବାସୀଙ୍କ ପାଇଁ ସେଦିନମାନଧ୍ରାଜଧାନୀର ସ୍ମୃତି ନିଶ୍ଚିତ ଭାବେ ଆନନ୍ଦଦାୟକ ହେବ ।

ଏନ୍-୩/୩୧୬, ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର-୧୫
ଦୂରଭାଷ : ୯୪୩୭୪୯୦୯୯୨୭

# ଅନୁଭୂତିରେ ଭୁବନେଶ୍ୱର :
# ମନ୍ଦିରମାଳିନୀ ନଗରୀ ଆଜି ପାଲଟିଛି ପ୍ରାସାଦନଗରୀ

*ଡକ୍ଟର ବିଷ୍ଣୁପ୍ରିୟା ଓତା*

ଭୁବନେଶ୍ୱର ଆଜି ୨୦୧୮ ମସିହାରେ ଛିଡା ହୋଇଛି ଏକ କଂକ୍ରିଟ ନଗରୀ ଭାବରେ । ଭୁବନେଶ୍ୱର ଏକଦା ମନ୍ଦିରମାଳିନୀ ଭୁବନେଶ୍ୱର ଭାବରେ ସମଗ୍ର ଭାରତବର୍ଷରେ ନିଜର ଗୌରବ ରକ୍ଷା କରିଥିଲା । ଭୁବନେଶ୍ୱର ପ୍ରସିଦ୍ଧି, ସୌନ୍ଦର୍ଯ୍ୟ ଓ ଭୌଗୋଳିକ ସ୍ୱାତନ୍ତ୍ୟ ରହିଛି । ପୂର୍ବରେ ଗନ୍ଧବତୀ ନଦୀ, ଦକ୍ଷିଣରେ ଧଉଳି, ପଶ୍ଚିମରେ ଖଣ୍ଡଗିରି ଓ ଉଦୟଗିରି, ଉତ୍ତରରେ କୁଆଖାଇ ନଦୀର ଧୀର ପ୍ରବାହିତ ଧାରା । ଧଉଳି ପାହାଡରେ ରହିଥିବା ବୌଦ୍ଧକୀର୍ତ୍ତି ବହୁ ଗୌରବର ଗାଥା ବହନ କରିଛି । ଖ୍ରୀ.ପୂ. ୨୬୧ ରେ ସମ୍ରାଟ ଅଶୋକଙ୍କ ଆକ୍ରମଣକୃତ କଳିଙ୍ଗ ଯୁଦ୍ଧରେ ବହୁ ସୈନ୍ୟ ନିହତ ହେଲେ ଏବଂ ବିଜୟ ହାସଲ ପରେ ପରେ ମୃତ୍ୟୁ ତାଣ୍ଡବ ଦୃଶ୍ୟରେଚଣ୍ଡାଶୋକର ମନ ପରିବର୍ତ୍ତନ ଘଟିଲା । ଏହିଠାରେ ସେ ଉପଗୁପ୍ତଙ୍କଠାରୁ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ବର୍ତ୍ତମାନର ଶିଶୁପାଳଗଡ଼ ହେଉଛି ତୋଷାଳିଗଡ, ଯାହାକି ଭୁବନେଶ୍ୱରଠାରୁ ଦୁଇମାଇଲ ପୂର୍ବରେ ଅବସ୍ଥିତ । ସେଠାରେ ଏକ ଶାସନକେନ୍ଦ୍ର ଗଢ଼ିଉଠିଥିଲା ଓ ରାଜପୁତ୍ରମାନେ ଶାସନ କାର୍ଯ୍ୟରେ ଅଶୋକଙ୍କ ଧଉଳିର ଅଶ୍ୱତ୍ଥମା ପାହାଡରେ ଶିଳାଲିପି ଅନୁଶାସନ ପାଲି ଭାଷାରେ ପାଠକରି ବୁଝାଉଥିଲେ ।

ଏହାର ଉତ୍ତର-ପଶ୍ଚିମରେ ଆଠମାଇଲ ଦୂରରେ ଖଣ୍ଡଗିରି ଓ ଉଦୟଗିରି ପାହାଡ ଦ୍ୱୟରେ ଦେଖାଯାଏ ପ୍ରାଚୀନ ଶିଳ୍ପକଳାର ବିଶେଷତ୍ୱ ଏଠାରେ ପରିଲକ୍ଷିତ ହୁଏ । ରାଣୀହଂସପୁର ଉଦୟଗିରିର ସବୁ ଗୁମ୍ଫାଠାରୁ ଅତିବଡ ଓ ଦୁଇତଳ ବିଶିଷ୍ଟ କାରୁକାର୍ଯ୍ୟରେ ପରିପୂର୍ଣ୍ଣ ଗୁମ୍ଫା । ଏହି ଦୁଇଧାଡି ଗୁମ୍ଫା ପ୍ରସ୍ତର ଧାଡିରେ ଖୋଳାଯାଇଛି । ପ୍ରତ୍ୟେକ ସାମ୍ନା ଧାଡିରେ ଚାରିଟି ଗୁମ୍ଫା ରହିଛି । ଏଗୁଡିକ ଦକ୍ଷିଣ, ପଶ୍ଚିକ ଓ ଉତ୍ତର ଦିଗରେ ରହିଛି, ପୂର୍ବ ଦିଗ ଉନ୍ମୁକ୍ତ । ପ୍ରତ୍ୟକ ଗୁମ୍ଫା ସମ୍ମୁଖରେ ଉନ୍ମୁକ୍ତ ବାରଣ୍ଡା । ଏହି ଗୁମ୍ଫା ଗୁଡିକ ବାସୋପଯୋଗୀ ।

ଭୁବନେଶ୍ୱର ଏକ ଦେବାଳୟପୂର୍ଣ୍ଣ ଓ ପୁଷ୍କରିଣୀ ଶୋଭିତ କ୍ଷୁଦ୍ର ନଗରୀ । ଧଉଳି, ଖଣ୍ଡଗିରି ଓ ଭୁବନେଶ୍ୱରକୁ ପଞ୍ଚକୋଣୀ କୁହାଯାଏ । ଭୁବନେଶ୍ୱରରେ ବହୁଯାତ୍ରା ଅନୁଷ୍ଠିତ ହୁଏ । ତନ୍ମଧ୍ୟରେ ଅଶୋକାଷ୍ଟମୀ, ପ୍ରଥମାଷ୍ଟମୀ, ଚନ୍ଦନଯାତ୍ରା, ଜାଗର ପ୍ରଧାନ । ଖଣ୍ଡଗିରିରେ ମାଘସପ୍ତମୀରେ ସାତଦିନଧରି ମେଳା ହୁଏ । ଗୃହୋପକରଣ ଠାରୁ ଆରମ୍ଭ କରି ହାଣ୍ଡି ମାଠିଆ ଆଦି ବହୁଦିନ ପର୍ଯ୍ୟନ୍ତ ବିକ୍ରୀ ହୋଇଥାଏ । ଧଉଳିରେ ରଜସଂକ୍ରାନ୍ତିରେ ଯାତ୍ରା ହୁଏ ଓ ଲୋକମାନେ ବୌଦ୍ଧସ୍ତୁପ ଦର୍ଶନ କରିଥାନ୍ତି ।

ପୁରୁଣା ଭୁବନେଶ୍ୱରରେ ରାମକୃଷ୍ଣମିଶନ ତରଫରୁ ଶିକ୍ଷାନୁଷ୍ଠାନ ଖୋଲାଯାଇଥିଲା । ଫଳରେ ପାଖ ସହର ରୁ ବହୁତ ପିଲା ଆକର୍ଷିତ ହୋଇ ପାଣିକାଦୁଅରେ ମଧ୍ୟ ଧାଇଁ ଆସୁଥିଲେ ପାଠପଢ଼ିବା ପାଇଁ । ରଥଯାତ୍ରା, ରଥଟଣା, ହରିହର ମିଳନର ଫଗୁଖେଳ ଘଣ୍ଟ ଘଣ୍ଟା ମର୍ଦ୍ଦଳର ସ୍ୱର ବେଶ ସୁଖପ୍ରଦ । ତେବେ କିଛି ଉନ୍ନତି ପଛରେ ଥାଏ କିଛି ହାର, ତେଣୁ ରାଜଧାନୀ ଆରମ୍ଭ ହେଲାପରେ ପ୍ରାକୃତିକ ସମ୍ଭାର ଓ ସମ୍ପତ୍ତିକୁ ହରାଇଛି ଭୁବନେଶ୍ୱର । ଚିରସ୍ରୋତା ଗନ୍ଧବତୀ ମଧ୍ୟ ହଜିଯାଇଛି । ଏଠାରେ ପାଞ୍ଚଭାଇକୁଣ୍ଡ, ଭୀମଚୁଲି, ପଶାପାଳି, ଚଣ୍ଡେଇକୁଣ୍ଡ (ଝରଣା) ପ୍ରଭୃତି ନଷ୍ଟ ହୋଇଯାଇଛି । ଏକାମ୍ରକାନନ, ଯାହାକୁ କି ବର୍ତ୍ତମାନର ଭୁବନେଶ୍ୱର କୁହାଯାଉଛି, ଏହା ବହୁ ବୌଦ୍ଧ କୀର୍ତ୍ତିରେ ପରିପୂର୍ଣ୍ଣଥିଲା । ବୁଦ୍ଧଙ୍କର ଭସ୍ମାବଶେଷ ଧାରଣ କରି ବୌଦ୍ଧ ସ୍ତୁପମାନ ପବିତ୍ର ସ୍ଥାନ ବୋଲି ବିବେଚିତ ହୋଇଥିଲା । ଗୌଡ ଦେଶର ରାଜା ଶଶାଙ୍କ ବୌଦ୍ଧ ବିଦ୍ୱେଷୀ ଥିବାରୁ ଏକାମ୍ରକାନନକୁ ବାଛି (ଆଜିର ଭୁବନେଶ୍ୱର) ଆକ୍ରମଣ କରି ସ୍ତୁପମାନ ନଷ୍ଟକରି ଏଥିରେ ତ୍ରିଭୁବନେଶ୍ୱର ମନ୍ଦିର ନିର୍ମାଣ କରିଥିଲେ । ଏହି ତ୍ରିଭୁବନେଶ୍ୱରର ନାମରୁ ଭୁବନେଶ୍ୱର ନାମ ହୋଇଥିବାର ଲକ୍ଷ୍ୟ କରାଯାଏ । ଏହି ଦେଉଳଟିର ଶିଳ୍ପକଳା, କାରୁକାର୍ଯ୍ୟ, କମନୀୟ କୀର୍ତ୍ତିସବୁ ବିଶ୍ୱ ପ୍ରସିଦ୍ଧ । ବହୁଯୁଗର ଅଭିଜ୍ଞତାକୁ ନେଇ ଶିଳ୍ପୀମାନେ ଏହାର ରୂପରେ ଓ ଚିତ୍ରକଳାର ପରିପ୍ରକାଶ କରିଛନ୍ତି । ଏହାର ପ୍ରଧାନ ମନ୍ଦିର ଲିଙ୍ଗରାଜ ମନ୍ଦିରର ଆକାର ଗୋଲାକାର । ଏହି ମନ୍ଦିରଟି ପଞ୍ଚରଥ ବିଶିଷ୍ଟ ।

ସପ୍ତମ ଶତାବ୍ଦୀଠାରୁ ଭୁବନେଶ୍ୱରରେ ବିଭିନ୍ନ ବଂଶର ରାଜାମାନେ ଭୁବନେଶ୍ୱର ଅଞ୍ଚଳଟିକୁ ବାଛି ମନ୍ଦିର ନିର୍ମାଣ କରିଥିଲେ ।



ସେଥିରେ ମୂର୍ତ୍ତିମାନଙ୍କୁ ପୂଜା କରାଯାଉଥିଲା ଓ ବହୁତ ଖର୍ଚ୍ଚ କରା ଯାଉଥିଲା। ଭୁବନେଶ୍ୱରର ପ୍ରଥମ ସାମୂହିକ ମନ୍ଦିର ହେଉଛି ଭରତେଶ୍ୱର ଲକ୍ଷ୍ମଣେଶ୍ୱର ଓ ଶତ୍ରୁଘ୍ନେଶ୍ୱର। ଏହି ମନ୍ଦିର ଗୁଡିକର ଗଠନ ପ୍ରଣାଳୀରୁ ମନେହୁଏ ଯେ ବେଶ୍ ଦକ୍ଷ ଶିଳ୍ପୀମାନେ ସେମାନଙ୍କର ନବୀଶମାନଙ୍କୁ ସାହାଯ୍ୟ କରି କେତେକ ମୂର୍ତ୍ତି ଗଠନ କରିଛନ୍ତି। ଏଗୁଡିକ ସବୁ ଶୈବ ମନ୍ଦିର।

ପ୍ରାଚୀନ ଦେଉଳ ହେଲା ପରଶୁରାମ ମନ୍ଦିର, ବୋଇତାଳ ମନ୍ଦିର ଓ ଶିଶିରେଶ୍ୱର ଇତ୍ୟାଦି ମନ୍ଦିର, ଲିଙ୍ଗରାଜ ମନ୍ଦିର, ଭୁବନେଶ୍ୱରର ସର୍ବ ବୃହତ୍ତମ ମନ୍ଦିର। କ୍ଲୋରାଇଟ୍ ଗଣେଶ, କାର୍ତ୍ତିକେୟ, ପାର୍ବତୀ ମୂର୍ତ୍ତିଙ୍କର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିଲେ ଜଣାଯାଏ ପୁରୁଣା ଯୁଗର ଓଡ଼ିଆ ଶିଳ୍ପୀମାନେ କୃଚ୍ଛ୍ର ସାଧନକରି ଏହି ସୁନ୍ଦର ଓ ମନୋରମ ମନ୍ଦିର ଓ ମୂର୍ତ୍ତି ନିର୍ମାଣ କରିଛନ୍ତି। ଏହାଛଡା ମନ୍ଦିର ମାନଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ ମନ୍ଦିର ମୁକ୍ତେଶ୍ୱର ମନ୍ଦିର। ଏହାକୁ କଳାପଥରରେ ସ୍ୱପ୍ନ ବୋଲି ଅନେକ ବିଦେଶ ସମାଲୋଚକ କହିଥାନ୍ତି। ଅନ୍ୟଏକ ବିଶିଷ୍ଟ ମନ୍ଦିର ହେଉଛି 'ରାଜରାଣୀ ମନ୍ଦିର'। ଏହା ରାଜରାଣୀ ପଥରରେ ନିର୍ମିତ ହୋଇଥିବାରୁ ଦେଉଳଟିର ନାମକରଣ ଏପରି କରାଯାଇଛି। ଏହାର ଗଠନ ପ୍ରଣାଳୀ ଓ ସୁନ୍ଦର ମୂର୍ତ୍ତିମାନ ଶିଳ୍ପୀର ନିହଣ ମୁନରେ ଏପରି ସୁନ୍ଦର ଭାବରେ ଅଙ୍କିତ ଯେ ଏହାକୁ ଦେଖି ଆନନ୍ଦ ଉପଲବ୍ଧି କରିବା ପାଇଁ ପର୍ଯ୍ୟଟକ ଓ ଦର୍ଶକମାନେ ଆସିଥାନ୍ତି। ଶୁଣାଯାଏ, ଏହି ମନ୍ଦିର କରିଥିବା ରାଜା ମନ୍ଦିର ପ୍ରତିଷ୍ଠା ପୂର୍ବରୁ ଶତ୍ରୁଦ୍ୱାରା ନିହତ ହେଲେ। ତେଣୁ ଏ ମନ୍ଦିରରେ ମୂର୍ତ୍ତି ସ୍ଥାପନ ହୋଇନାହିଁ ଓ ପୂଜା ଆରଧନା ହୁଏନାହିଁ। ଖଜୁରାହ ପରି ଏହି ମନ୍ଦିରର ଖ୍ୟାତି ଇତିହାସରେ ପ୍ରସିଦ୍ଧି ଲାଭ କରିଛି।

ବ୍ରହ୍ମେଶ୍ୱର ମନ୍ଦିର ଓ ଭାସ୍କରେଶ୍ୱର ମନ୍ଦର ଦ୍ୱୟ ମନ୍ଦିର ମାଳିନୀ ଭୁବନେଶ୍ୱରର ଶୋଭା ବର୍ଦ୍ଧନ କରିଥାନ୍ତି। ଭୁବନେଶ୍ୱର ବିଭିନ୍ନ ମନ୍ଦିର ମାନଙ୍କୁ ନେଇ ବେଶ୍ କାରୁକର୍ଯ୍ୟରେ ପରିପୂର୍ଣ୍ଣ। ସୌନ୍ଦର୍ଯ୍ୟମୟୀ ଭୁବନେଶ୍ୱରକୁ ନେଇ ବହୁ କବିତାର ଭିନ୍ନ ଭିନ୍ନ ପ୍ରକାରେ କଳ୍ପନା ଜଳ୍ପନା ଦେଖିବାକୁ ମିଳେ।

୧୯୫୬-୫୭ ବେଳକୁ ଭୁବନେଶ୍ୱରର ସବୁଆଡ ଫାଙ୍କା ଫାଙ୍କା ଦେଖାଯାଉଥାଏ। ଗୋଟିଏ ନାଳିକୋଠା, ତାହା ହେଉଛି ସେକ୍ରେଟେରୀଏଟ୍। ସାମନାରେ ବିସ୍ତୀର୍ଣ୍ଣ ପଡିଆ ଯାହାକି ପରେ 'ପରେଡ ପଡିଆ' ଭାବେ ରହିବା ପରେ ବର୍ତ୍ତମାନ ଇନ୍ଦିରା ଗାନ୍ଧୀଙ୍କ ନାମରେ ଇନ୍ଦିରା ପାର୍କ ହୋଇଛି। ଏ ପାର୍କରେ ପିଲାଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତଙ୍କର ଭିଡ ଲାଗିରହିଛି। ତେବେ ସେକ୍ରେଟେରୀଏଟରେ ଚାକିରୀ କରୁଥିବା ଲୋକଙ୍କୁ ସରକାରୀ କ୍ୱାଟର ମିଳୁଥିଲା। ସେତେବେଳେ ଆଜିର ରାଜମହଲ ଛକକୁ କ୍ୟାବିନ୍ ଛକ କୁହାଯାଉଥିଲା। ସେଠାରେ କାଠ କ୍ୟାବିନ୍‌ରେ ଝଲଘରେ ହୋଟେଲ ସବୁ ଗଢି ଉଠିଥିଲା। ଋକିରିଆ ମାନେ ସେହି ହୋଟେଲ ମାନଙ୍କରେ ଖାଉଥିଲେ।

ୟୁନିଟ ୧ର ଆଦିବାସୀ ପଡିଆରେ ପ୍ରତିବର୍ଷ ଆଦିବାସୀ ମେଳା ହୁଏ। ଏଠାରେ ପ୍ରବଳ ଲୋକଭିଡ ହୋଇଥାଏ। ଆନନ୍ଦ ଉଲ୍ଲାସ ଓ ଅବସର ବିନୋଦର ଏହାହିଁ ମାଧ୍ୟମ ଥିଲା। ସେତେବେଳେ ଗାଁ ଗହଳିରୁ ବନ୍ଧୁବାନ୍ଧବମାନେ ଆସିଲେ ଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି, ଉଦୟଗିରି, ଉଡାଜାହାଜ ପଡିଆ ଥିଲା ବୁଲିବାର ସ୍ଥାନ। ହାଟ କହିଲେ ଏକ ନମ୍ବର ହାଟକୁ ବୁଝାଉଥିଲା। ହାଟ ପାଖରେ ପୋଲିସ ଥାନା।

ସେତେବେଳେ ଲୋକମାନେ ନିର୍ଭୟରେ ଓ ମହା ଶାନ୍ତିରେ ଜୀବନଯାପନ କରୁଥିଲେ। ସ୍କୁଟର, ମଟର ସାଇକେଲ ଓ ଚାରିଚକିଆ ଭିଡ ବିଶେଷ ନଥିଲା। ଲୋକମାନେ ସାଇକେଲରେ ଯିବାଆସିବା କରୁଥିଲେ। ଯଦି ବା ପ୍ରବଳ ବର୍ଷା ପାଇଁ ହେଉ ବା ଭୁଲ୍‌ରେ କିଏ ସାଇକେଲ ଛାଡି ଚାଲିଯାଉଥିଲା ପରଦିନ ଆସିଲାବେଳକୁ ସାଇକେଲଟି ସେଇଠି ଥାଏ। ତାହା ଚୋରି ହୋଇନଥାଏ ବା କେହି ନେଇଯାଇ ନଥାନ୍ତି।

ଏ.ଜି. ଅଫିସ୍ ଷ୍ଟେଟ ଗେଷ୍ଟହାଉସ ପଛପଟେ ୫ ନମ୍ବର ୟୁନିଟ୍‌ରେ ଗୋଟିଏ ଆଜବେଷ୍ଟସ୍ ଘରେ ହେଉଥିଲା।

ଧୀରେ ଧୀରେ ଘରବାଡି ରାସ୍ତାଘାଟ ବଢିଲା ଜଙ୍ଗଲ କଟାହେଲା ୪ ନମ୍ବର ପୁରୁଣା ଏଜି କଲୋନିକୁ ବାଘ-ଭାଲୁ ଭୟରେ କେହି ଯାଉନଥିଲେ। ନୂଆପଲ୍ଲୀ ମଧ୍ୟ ଆଜିର ନୂଆପଲ୍ଲୀ ନଥିଲା। ଏହି ଜଙ୍ଗଲରେ ଚାଷବାସ କରି ଲୋକମାନେ ବାଇଗଣ ଆଦି ପରିବାପତ୍ର ଆଣି ବିକ୍ରି କରୁଥିଲେ। ପଟିଆ ଆଡକୁ ଯିବା ପାଇଁ ଲୋକମାନେ ଡରୁଥିଲେ। ଆଉ ନନ୍ଦନକାନନର ଚିଡିଆଖାନା ଦେଖିବା ପାଇଁ ଗଲାବେଳେ ଟ୍ରେନରେ ଯାଇ ବାରଙ୍ଗ ଷ୍ଟେସନ୍‌ରେ ଓହ୍ଲାଇ ଚିଡିଆଖାନା ଦେଖି ଫେରିଲାବେଳେ ବାରଙ୍ଗ କାଚକାରଖାନା ଦେଖୁଥିଲେ।

ଏ.ଆଇ.ସି.ସି. ମହା ଅଧିବେଶନ ସମୟରେ ଭୁବନେଶ୍ୱର ରାସ୍ତାକଡର ଦୋକାନ ବଜାର ଭାଙ୍ଗିଦିଆଗଲା ଏବଂ ଆଠ ନମ୍ବର ୟୁନିଟ୍ ତିଆରି ହୋଇ ସେଥିରେ ଅଧିବେଶନ ହେଲା। ପି.ଏଣ୍ଡ୍ ଟି. କଲୋନି, ନଅନମ୍ବର, ଉତ୍କଳ ବିଶ୍ୱବିଦ୍ୟାଳୟ, ରବୀନ୍ଦ୍ରମଣ୍ଡପ, ଆସେମ୍ବ୍ଲି ହଲ୍, ରିଜର୍ଭ ବ୍ୟାଙ୍କ ପ୍ରଭୃତି ଗଢିଉଠିଲା। ରାସ୍ତାଘାଟ ମଧ୍ୟ ଧୀରେ ଧୀରେ ଉନ୍ନତି ଘଟିଲା। ରାଜଭବନ ଠାରୁ ନନ୍ଦନକାନନ ରାସ୍ତା, ସେକ୍ରେଟାରୀଏଟ୍ ଠାରୁ ଆଚାର୍ଯ୍ୟବିହାର ରାସ୍ତା ଖୋଲିଯିବାରୁ ବହୁତ ସୁବିଧା ହେଲା। କଟକରୁ ଭୁବନେଶ୍ୱର ବସ୍ ଚଳାଚଳ ହେଉଥିଲା। ପୁରୁଣା ଭୁବନେଶ୍ୱରରେ ରୂପମନ୍ଦିର ସିନେମା ହଲ୍ ଥିଲା। ପରେ କଳ୍ପନା ସିନେମା ହଲ୍ ହେଲା। ବର୍ତ୍ତମାନ ଅନେକ ଗୁଡିଏ ସିନେମା ହଲ୍ ସ୍ୱାତୀ, ଶ୍ରୀୟା, ସ୍ତୁତି, କେଶରୀ ଆଦି ଗଢିଉଠିଛି।

ବର୍ତ୍ତମାନ ଚାରିଆଡେ କୋଠା ଆଉ କୋଠା ଅଳ୍ପ ଟିକିଏ ଜାଗାରେ ବୃହତ୍ତର ଆପାର୍ଟମେଣ୍ଟ ଗଢିଉଠିଛି କଲୋନି, ବସ୍ତି। ଚନ୍ଦ୍ରଶେଖରପୁର, ଶୈଳଶ୍ରୀ ବିହାରର ଫେଜ୍୧ ଫେଜ୍୨, ହେବାରୁ ନନ୍ଦନକାନନ ରାସ୍ତା ପାଖରେ ଆଉ ସେ ସବୁଜିମା ନାହିଁ ରାସ୍ତାର ଦୁଇପାର୍ଶ୍ୱରେ କୋଠାଘର, ବଡ ବଡ ଆପାର୍ଟମେଣ୍ଟରେ ଭିଡ। ଆଉ ବଣଜଙ୍ଗଲ କଥା ଛାଡ ସବୁଜ ବିଲ ମଧ୍ୟ ଇତିହାସ ହୋଇଗଲାଣି। ମନ୍ଦିର ମାଳିନୀ, ସବୁଜିମା ଭରା ମଳୟପବନର ମନମତାଣିଆ ସମୟ ଆଉ ନାହିଁ। ଆଉ ସଂଧ୍ୟାରେ ବହୁନାହିଁ ସେ ସୁଲୁସୁଲିଆ ନିର୍ମଳ ପବନ। ଆଜି ଏହା ବଦଳି ଯାଇଛି କଂକ୍ରିଟ ନଗରରେ ସବୁକିଛି ନୂଆ ବମ୍ବେ, ଦିଲ୍ଲୀ, ବାଙ୍ଗାଲୋର ଭଳି ଆଦି ପ୍ରଯୁକ୍ତି ବିଦ୍ୟାରେ ଉନ୍ନତି ହେତୁ ଗଢି ଉଠିଛି। ଇନ୍ଫୋସିସ୍, ଟିସିଏସ୍ ଭଳି ବଡ ବଡ କମ୍ପାନି ବହୁ ଅଣଓଡ଼ିଆ ଲୋକ ନିଜେ ସ୍ଥାୟୀ ବାସିନ୍ଦା ଭାବରେ ଭୁବନେଶ୍ୱରରେ ଘରଦ୍ୱାର କରି ରହିଲେଣି। ଅନେକ କିଛି ପରିବର୍ତ୍ତନ ଘଟିଛି। କିଟ୍ କ୍ୟାମ୍ପସ୍ ଓ ଅନେକ ବିଶ୍ୱବିଦ୍ୟାଳୟର ଉନ୍ନତି ପ୍ରଗତି ପୁରୁଣା ରେଳଷ୍ଟେସନ ପରିବର୍ତ୍ତେ ନୂଆ ରେଳଷ୍ଟେସନ। ପୁରୁଣା ବସ୍‌ଷ୍ଟାଣ୍ଡ ଉଠିଯାଇଛି ବରମୁଣ୍ଡା ନୂଆ ବସ୍‌ଷ୍ଟାଣ୍ଡକୁ।

ଅବଶ୍ୟ ପରିବର୍ତ୍ତନ ସବୁସମୟରେ ଅଭିନନ୍ଦନୀୟ ମାତ୍ର ସଭ୍ୟଶିକ୍ଷିତ (ଆଡଭାନ୍ସ) ହୋଇ ମଧ୍ୟ ନିଜ ସଂସ୍କୃତି ନିଜ ପରମ୍ପରାକୁ ନିଜଆଦର୍ଶକୁ ମାଟିର ଅସ୍ମିତାକୁ ବଜାୟ ରଖିବାକୁ ହେବ ଆଜିର ପରପିଢିକୁ। ସବୁ ନୂତନତା ଭିତରେ ନିଜ ମାଟି ନିଜ ମାତୃଭାଷା ନିଜ ସମାଜ ସଂସ୍କୃତିକୁ ସମ୍ମାନ ଦେବା ପ୍ରତିଟି ଭୁବନେଶ୍ୱରିଆ ଓ ଓଡ଼ିଶା ବାସୀର ଧ୍ୟେୟ ହେଉ।

ବିଭାଗ ମୁଖ୍ୟ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଉତ୍କଳବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର



# ଗର୍ବରେ କହେ, ମୁଁ ଭୁବନେଶ୍ୱରିଆ

*ସୟଦ୍ ମକ୍‌ବୁଲ୍ ଅଲ୍ଲୀ*

ଆଃ! ମୁଁ ସେତେବେଳେ ଗୁଡିକୁ ଉପରକୁ ଉପରକୁ ଉଡେଇ ଚାଲିଥିଲି, ମୃଦୁ ମଳୟ ମୋ ଗୁଡିକୁ ଆହୁରି ଉଚ୍ଚକୁ ନେଇ ଚାଲିଥିଲା। କିନ୍ତୁ ହଠାତ୍ ଗୁଡିର ସୁତା ଛିଣ୍ଡିଗଲା ଆଉ ମୋଠୁ ଦୂରେଇ ଗୁଡି ମାଡି ଚାଲିଲା ଘନ ଜଙ୍ଗଲ ଭିତରକୁ, ମୋ ହାତ ପାଆନ୍ତାରୁ ଆହୁରି ଦୂରକୁ।

ପଚାଶ ଦଶକରେ ଭୁବନେଶ୍ୱର ଏମିତି ହିଁ ଥିଲା। ସାରା ଦିନର ଖୋଲା ପବନ ସନ୍ଧ୍ୟା ହେଲେ ଆହୁରି ଥଣ୍ଡା ହେବାକୁ ଲାଗୁଥିଲା। ଯୁବସୁଲଭ ଶକ୍ତି ସଞ୍ଚରିତ ପିଲାଳିଆମି, ଆନନ୍ଦମୟ ପରିବେଶ ସହି ଦିଗନ୍ତବିସ୍ତାରୀ ଖୋଲା ଜାଗା ଓ ସବୁଜିମାର ପ୍ରାକୃତିକ ମିଶ୍ରଣ। ମୋ ଭୁବନେଶ୍ୱର।


ପ୍ରଥମ ସ୍ମୃତି ଏକ ଉଜ୍ଜ୍ୱଳ ଖରାବେଳ ନଈପଠା ଦେଇ କଟକ ଯିବାର। ଘଞ୍ଚ ଜଙ୍ଗଲ ଭିତରେ ଅସ୍ଥାୟୀ ରାସ୍ତାରେ ଚନ୍ଦକାର ସବୁଜିମା ଆଉ ଖଣ୍ଡଗିରି ଦେଇ ୟୁନିଟ-୬ରେ ଆମେ ନୂଆକରି ରହୁଥିବା ସରକାରୀ କ୍ୱାଟର୍ସକୁ ଫେରୁ। ସମୟ ପଚାଶ ଦଶକର ପ୍ରାରମ୍ଭ।

ଆଦ୍ୟ ଗ୍ରୀଷ୍ମର ଫୁଲରେ ସୁସଜ୍ଜିତ ଆମ୍ବଗଛ ଆଉ ପବନରେ ଆମ୍ବ ଆଉ ନିମ୍ବ ବାସନାର ମହକ। ଚଢେଇ ମାନଙ୍କର କିଚିରି ମିଚିରି। ଘରଚଟିଆ ଆଉ ଶୁଆମାନଙ୍କର ଆମ ପାଖରେ ଖେଳ ସୂଚାଉଥିଲା ସେମାନେ ପ୍ରଫୁଲ୍ଲିତ, ଏହା ଥିଲା ଆମର ଆନନ୍ଦ। କେତେବେଳ ଆମ ଉପର ଦେଇ ଚାଲିଯାଉଥିଲେ ତ ଆଉ କେତେବେଳେ ଧୀର ଗତିରେ ମାଡି ଚାଲୁଥିବା ଆମ କଳା ରଙ୍ଗର ଓଜନଦାର ଫୋର୍ଡ କାର ପାଖଦେଇ ଫୁର୍ କିନା ଉଡିଯାଉଥିଲେ। ଆଉ ଗୁଣ୍ଡୁଚି ମୂଷାଙ୍କ ପାଖରେ ପହଞ୍ଚିବା ଆଗରୁ ହିଁ ନିମିଷକରେ ଛତ୍ରଭଙ୍ଗ ଦେଉଥିଲେ। ଜଙ୍ଗଲୀ କୁକୁଡା ଉଡିଯାଉଥିବେ, ସକାଳୁ ବାଟ ଭୁଲିଯାଇଥିବା ଗଧିଆ ଲୁଚିବାକୁ ବୁଦା ଖୋଜୁଥିବେ। ମୁଖ୍ୟତଃ କିଛି ଘରୋଇ କିଣାକିଣି ପାଇଁ କଟକକୁ କେତେଥର ଯିବା ଆସିବା। ଆଜି ବି ସେ ସ୍ମୃତି ସତେଜ ରହିଛି। ଫେରିଲା ବେଳକୁ କେବେକେବେ ସଂଧ୍ୟା ହୋଇଗଲେ, ହାତୀପଲ ରାସ୍ତା ପାରିହେବା ଦେଖିବାକୁ ମିଳେ, ଚିତ୍ତାଳ ହରିଣ ଓ ଅଣ୍ଡିରା ହରିଣ ରାସ୍ତାକୁ ମାଡି ଆସନ୍ତି, ଆମ ଫୋର୍ଡ ଆଲୁଅରେ ଥରେ ଚିତାବାଘ ବି ଦେଖିଛୁ। ଥରେ ଗୋଟିଏ ଡରକୁଳା ଗଧିଆ ସବୁଜ ବୁଦବୁଦିଆ ଜଙ୍ଗଲରେ ଲୁଚିବାର ଦେଖିଲୁ, ଆଉଥରେ ଜଙ୍ଗଲରୁ ମହାବଳ ଗର୍ଜନ ଶୁଣିବାକୁ ପାଇଛୁ। ସେ ରାସ୍ତାରେ ସକାଳୁଆ କେବେ ଗଲେ, ନୀଳଗାଈ, ଗୟଳ, ବାର୍‌ହା, ହରିଣ, ଚଢେଇ, ସାପ, ଗୋଧି ଓ କେବେ କେମିତି ଗଧିଆଟେ ଭେଟ ହୋଇଯାଏ।

ପଚାଶ ଦଶକର ଶେଷ ଆଡକୁ ମୋର ୟୁନିଟ-୬, ୟୁନିଟ୍-୧ ଓ ୟୁନିଟ୍-୨ ଆଡକୁ ବେଶି ଆତଯାତ ଥିଲା। ଜୀବନ ସେତେବେଳେ ପଡୋଶୀ ପିଲାଙ୍କ ସହିତ ଖେଳାବୁଲାରେ ହି କଟିଯାଉଥିଲା। ଛୋଟ ଗୋଟେ ଦୋକାନରୁ ପିପରମେଣ୍ଟ ଭଳିକି ଭଳି ସ୍ୱାଦର ସୋଡା କିଣିବା ଏବେ ବି ମୋର ମନେଅଛି। ସେତେବେଳେ ୟୁନିଟ-୧ର ତିନି ବଖୁରିଆ କ୍ୱାର୍ଟରରେ ଚାଲୁଥିବା ଏକ କନଭେଣ୍ଟ୍ ସ୍କୁଲ୍ ଯାଉଥିଲି। ସନ୍ଧ୍ୟାହେଲେ ରାଜୁ ସାହୁଙ୍କ ପ୍ରସିଦ୍ଧ ଛପର ଛାତ ଜଳଖିଆ ଦୋକାନରେ ବରା, ସିଙ୍ଗଡା ଆଉ ଗୁଲୁଗୁଲା ପାଇଁ ହାଜର ହୋଇଯାଉଥିଲୁ। ସେତେବେଳେ ହିଁ ଭୁବନେଶ୍ୱରରେ ପ୍ରମୁଖ ପରିବର୍ତ୍ତନ ସ୍ୱରୂପ ଗଢା ହୋଇଥିଲା ରାଜମହଲ ହୋଟେଲ, ସେତେବେଳର ଦେଖିଲାଭଳି ଜାଗାଟିଏ।

ବୁଲାବୁଲି ପାଇଁ ଆଉ ଏକ ଆକର୍ଷଣ ଥିଲା ରେଲୱେ ଷ୍ଟେସନ ପାଖ ମାଷ୍ଟର କ୍ୟାଣ୍ଟିନ୍। ଫୋର୍ଡ କାରରେ ଜଣେ ଡ୍ରାଇଭର ଆଉ ଅଜାଙ୍କ ସହିତ ମାଡି ଯାଉଥିଲୁ ମାସିକିଆ ସଉଦାପାଇଁ। ବେଲୁଚିସ୍ଥାନରୁ ଅକସ୍ମାତ୍ ଭାବେ ନୂଆ ରାଜଧାନୀ ଭୁବନେଶ୍ୱର ଚାଲିଆସିଥିବା ହଂସ ପରିବାର ଏଇଠି ଗୋଟିଏ ଟେଲର୍ ଦୋକାନ ଏବଂ ଗୋଟିଏ ଧାନ ଚାଉଳ ଦୋକାନ କରିଥିଲେ। ଟେଲର ଦୋକାନର ମୁଖ୍ୟଙ୍କୁ ହିନ୍ଦିରେ 'ମାଷ୍ଟର' ସମ୍ବୋଧନ କରନ୍ତି। ହଂସ ପରିବାର ମୁଖିଆ ମାଷ୍ଟର ନାଁ ସହିତ କ୍ୟାଣ୍ଟିନ ଯୋଡା ହୋଇ ସେ ଅଞ୍ଚଳ 'ମାଷ୍ଟର କ୍ୟାଣ୍ଟିନ' ନାମରେ ପ୍ରସିଦ୍ଧ ହୋଇଯାଇଥିଲା। ବର୍ତ୍ତମାନର ପ୍ରସିଦ୍ଧ ଲାଲଚାନ୍ଦ ଜୁଏଲର୍ସ ଚଳାଉଥିବା ସଞ୍ଜୟ ହଂସ ସେଇ ହଂସ ପରିବାରର ଦ୍ୱିତୀୟ ପିଢି। ଷ୍ଟେସନ ଛକର ପ୍ରାୟ ସମ୍ପୂର୍ଣ୍ଣ ଅଞ୍ଚଳ ପରିବର୍ଦ୍ଧିତ ହଂସ ପରିବାର ମାଲିକାନାରେ ଅଛି। ସେମାନେ ଆଜି ଯେଉଁ ସ୍ଥାନରେ ପହଞ୍ଚିଛନ୍ତି, ସେଥିପାଇଁ ବହୁତ ପରିଶ୍ରମ କରିଛନ୍ତି। ଭୁବନେଶ୍ୱରର ବ୍ୟବସାୟିକ ଅଭିବୃଦ୍ଧିରେ ଅବଦାନ ଥିବାରୁ ହଂସ ପରିବାରର ପ୍ରତ୍ୟେକ ସଦସ୍ୟ ପ୍ରଶଂସା ଓ ସମ୍ମାନର ପାତ୍ର।

ବର୍ମା ଜେନେରାଲ ଷ୍ଟୋର ସିଂହ ବଂଶଜ ବର୍ମାରୁ ଶରଣାର୍ଥୀ ଭାବେ ଆସିଥିଲେ। ପ୍ରଥମେ ତେଜରାତି ଦୋକାନ ଖୋଲିଥିବା ଏହି ପରିବାର ପରେ ଅନ୍ୟ ସାମଗ୍ରୀ ଏବଂ ଜେନେରାଲ ଷ୍ଟୋର ଖୋଲିଥିଲେ। ସେହି ଅଞ୍ଚଳ ଆଜିର ଅଶୋକନଗର। ସେତେବେଳେ ଷ୍ଟେସନ ଅଞ୍ଚଳରେ





ଏହା ଏକ ପରିବର୍ଦ୍ଧିତ ଅଞ୍ଚଳ ଥିଲା । ଆଜି ସେହି ପରିବାରର ପୋଷାକ ଦୋକାନ କଳାମନ୍ଦିର ସାରେ ରାଜ୍ୟରେ ପ୍ରସିଦ୍ଧ । ଛୋଟ ସହର ଭୁବନେଶ୍ୱରରୁ ସ୍ମାର୍ଟ ସହର ଭୁବନେଶ୍ୱରରେ ପହଞ୍ଚିବାର ସ୍ୱର୍ଣ୍ଣିମ କାହାଣୀରେ ସିଂହ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉଭୟ ହଂସ ପରିବାର ଏବଂ ସିଂହ ପରିବାର ସହିତ ମୋର ସମ୍ପର୍କ ଅତି ପୁରୁଣା, ଭୁବନେଶ୍ୱର ଆରମ୍ଭ ସମୟରୁ । ଆମ ଭାଇଚାରା ଏବେ ବି ଦୃଢ଼ ଅଛି, ଆଗକୁ ମଧ୍ୟ ସେମିତି ରହିଥିବ ।

ଆମେରିକାର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରୁ ପାସ୍ କରିଥିବା ଯୁବ ଇଞ୍ଜିନିୟର ମୋ ଜେଜେ ସ୍ୱର୍ଗତଃ ସୟଦ ମୁମତାଜ ଅଲ୍ଲୀ ୪୦ ଦଶକରେ ବିଦେଶରେ ପଢ଼ି ସାରିବାପରେ ଏଇଠି ଓଡ଼ିଶା ସରକାରଙ୍କ ଅଧୀନରେ ଚାକିରୀ କରିଥିଲେ । ସେତେବେଳେ ଆମଦେଶ ସ୍ୱାଧୀନତା ଲାଭର ପରବର୍ତ୍ତୀ କାଳ । ସେ ଆମକୁ ଭୁବନେଶ୍ୱରର ଆରମ୍ଭ ହେବାର କାହାଣୀ କୁହନ୍ତି । ସେତେବେଳେ ତାଙ୍କର ଛୋଟିଆ ଇଞ୍ଜିନିୟରିଂ ସବ୍‌ଡିଭିଜନାଲ୍ ଅଫିସ୍ ଥିଲା ଏବେର ୟୁନିଟ୍-୬ ଅଧୀନସ୍ଥ ଗଙ୍ଗନଗରରେ । ସେ ସେଇଠି ହିଁ ରହୁଥିଲେ । ସେ କହୁଥିବା କାହାଣୀ ଭିତରେ ଥାଏ ସେ ମଫସଲ ଅଞ୍ଚଳରେ କାମ କରୁଥିବା ସମୟରେ ମହାବଳ ବାଘ ଓଭରସିଅରଙ୍କ ବାଟ ଓଗାଳିବାରୁ ତାଙ୍କ ଫେରିବାରେ ଡେରି ହେବାର କାହାଣୀ, ହରିଣ କେମିତି ତାଙ୍କ ବସାର ବାରଣ୍ଡା ଉପରକୁ ଚାଲିଆସନ୍ତି, ଜନ୍ତୁ ଭୟରେ ଘରଠାରୁ ଶହେ ଫୁଟ ଦୂର ପାଇଖାନା ଯିବାକୁ କେମିତି ସିଏ କାର୍ ଲାଇଟ୍‌ର ସାହାଯ୍ୟ ନିଅନ୍ତି ଆଉ ବଣୁଆ ଜନ୍ତୁଙ୍କ ଆକ୍ରମଣର ଅସରନ୍ତି କଥା । ୧୯୫୦ ଦଶକ ଆରମ୍ଭରେ, ଯେତେବେଳେ ଜେଜେ 'ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର୍ ଇନ୍ ଚାର୍ଜ ଅଫ୍ କ୍ୟାପିଟାଲ୍ କନ୍‌ଷ୍ଟ୍ରକସନ୍' ପଦବୀରେ ନିଯୁକ୍ତ ହେଲେ, ଆମେ ଆଉଥରେ ଭୁବନେଶ୍ୱର ଫେରିଲୁ ।

କଟକରୁ ରାଜଧାନୀ ଭୁବନେଶ୍ୱରକୁ ଉଠାଇ ଆଣିବା ଦିନକରେ ସମ୍ଭବ ହୋଇ ନଥିଲା, ବରଂ କିଛି ମାସ ଧରି ଏହି ପ୍ରକ୍ରିୟା ଚାଲିଥିଲା ।ଏଥିପାଇଁ ପ୍ରମୁଖ ଅଫିସ୍ ସବୁ ରାଜ୍ୟ ସଚିବାଳୟ ଏବଂ ତା' ପାଖାପାଖି ଅଞ୍ଚଳରେ ହିଁ ପ୍ରତିଷ୍ଠା ହୋଇଥିଲା । ୧୯୬୧-୬୨ ବେଳକୁ ରାଜ୍ୟ ସଚିବାଳୟର ଶୁଭାରମ୍ଭ ସମୟରେ ଆମେ ଯାଇଥିଲୁ । ମୋର ମନେ ପଡୁଛି, ସଚିବାଳୟ ଆଲୋକରେ ସଜ୍ଜିତ ହୋଇଥିଲା ଆଉ ବଗିଚାର ଘାସ ବେଶ୍ ଜୀବନ୍ତ ହୋଇ ଚମକୁଥିଲା । ପାଖରୁ ଦେଖିଲେ ଜଣାଯାଉଥିଲାଏ ଯେମିତି ସଚିବାଳୟ ଶୋଭାବର୍ଦ୍ଧନ କରିବାପାଇଁ ସତେ ଯେମିତି ସ୍ୱଚ୍ଛ ସବୁଜ ରଙ୍ଗର କାଗଜ କୋଠା ସାମନାରେ ବିଞ୍ଚି ଦିଆଯାଇଛି !

ଲିଙ୍ଗରାଜ ମନ୍ଦିର, ରାଜରାଣୀ ମନ୍ଦିର, କେଦାରଗୌରୀ ଆଉ ଛୋଟ ଛୋଟ ମନ୍ଦିରଗୁଡ଼ିକର ଛାଉଣି ନେଇ ଭୁବନେଶ୍ୱରର ପୁରୁଣା ସହର । କେତେବେଳେ ମନୋହରି ଦୋକାନ, ପରିବା ଦୋକାନ, ଗୁଡ଼, ଦେଶୀ ଚାଉଳ ଏବଂ ଗହମ ବଜାରର ରୂପ ନେଇଥିଲା । ଆମ ପରିବାର ସହିତ ଜଡ଼ିତ ଦରଜୀ ବା ଟେଲରଙ୍କର ଛୋଟ ଦୋକାନଟିଏ ସେଇଠି ଥିଲା । ମୋ ଇଦ୍ ପୋଷାକ ପାଇଁ ପାଇଜାମା ଆଉ କୁର୍ତ୍ତା ସେ ହିଁ ସିଲାଇ କରନ୍ତି । ଡାଃ ହରେକୃଷ୍ଣ ମହତାବ ମଧ୍ୟ ସେଇ ପୁରୁଣା ସହରରେ ରହୁଥିଲେ । ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ଭାବେ ଭୁବନେଶ୍ୱରର ପ୍ରାୟ ସମସ୍ତେ ତାଙ୍କୁ ଜାଣିଥିଲେ ଓ ସମ୍ମାନ ଜଣାଉଥିଲେ ।

୧୯୬୦ ମସିହାରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଭୁବନେଶ୍ୱର ଗସ୍ତ ଏମିତି ଏକ ଅବସର, ତାହା କେବେ ବି ଭୁଲି ହେବନି । ଆମ ୟୁନିଟ-୬ ପିଲା ଘର ତିଆରି କିଛି ଫୁଲ ତୋଡା ଧରି ତାଙ୍କ କାରକୁ ଅପେକ୍ଷା କରିଥିଲୁ । ଆମ ବିସ୍ମୟ ଓ ଆନନ୍ଦର ସୀମା ପାରକରି ଅଚାନକ ତାଙ୍କ କାର ଆମ ପାଖରେ ଅଟକିଲା ଆଉ ଚାଚା ନେହେରୁ ଗାଡ଼ିରୁ ଓହ୍ଲାଇ ଆମ ହାତରୁ ଫୁଲତୋଡା ନେଲେ । ନେହେରୁ ମୋତେ ଆଲିଙ୍ଗନ କରିବା ସହିତ ମୋତେ ଗେଲ କରିବାର ମୁହୂର୍ତ୍ତ ସବୁବେଳ ପାଇଁ ଅଭୁଲା । ପରେ ମୁଁ ଆଉ ମୋ ବଡଭାଇ ନୂଆକରି ତିଆରି କରାଯାଇଥିବା ରାଜଭବନରେ ତାଙ୍କ ସହ ଫଟୋ ଉଠାଇଥିଲୁ ।

ଭୁବନେଶ୍ୱରରେ ରହିବା ଏବଂ ବର୍ଷସାରା ବୁଲିବା ଆନନ୍ଦର ବିଷୟ ପାଲଟିଥିଲା, କାହିଁକି ନା ପଶ୍ଚିମବଙ୍ଗ ପରି ଅନ୍ୟ ରାଜ୍ୟ ଅପେକ୍ଷା ଆମର ଏଠି ଖରାଦିନେ ଟିକେ କମ୍ ଗରମ ହୁଏ । ପରିଦର୍ଶକ ଆଉ ନୂଆ କରି ଆସୁଥିବା ନୂଆ କରି ଆସୁଥିବା ଲୋକେ ନୂଆ ରାଜଧାନୀକୁ ଭଲରେ ଜାଣିବା, ଖଣ୍ଡଗିରି ବୁଲିବା, ସହର ସାରା ପୂରି ରହିଥିବା ସ୍ଥାପତ୍ୟଭରା

ମନ୍ଦିର ସବୁ ଦେଖିବା, ସହର ତଳି ଗାଁ ଓ ସାପ୍ତାହିକି ହାଟ ବୁଲିବା, ଆଖୁଶାଳକୁ ଯାଇ ଆଖୁରସ ଆଉ ଗୁଡ ଚାଖିବାରେ ମଜା ଆସେ। ଏଥିପାଇଁ ସାଇକେଲ କି ଟାଉନ୍ ବସ୍‌ରେ ଯିବାକୁ ପଡେ। ଏ ସବୁ ଆଉ ଅବାଧ୍ୟ ଫାଙ୍କା ପରିବେଶର ମୁକ୍ତ ଜୀବନ ପରି ଖୁସି ହେବାର ଏକମାତ୍ର କାରଣ ପାଲଟିଥିଲା, ନୂଆ ରାଜଧାନୀ ଭୁବନେଶ୍ୱର। କେହି କେହି ସପ୍ତାହ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାଙ୍ଗକୁ ବେଳାଭୂମିରେ ଚଲାବୁଲା ଉଦ୍ଦେଶ୍ୟରେ ପୁରୀ ବୁଲାର ଛୋଟିଆ ଆୟୋଜନଟିଏ ମଧ୍ୟ କରୁଥିଲେ।

ରାଜଧାନୀବାସୀ ଦ୍ୱିପ୍ରହର ସମୟରେ ପଡୋଶୀଙ୍କ ଘରକୁ ରୀତିମତ ଯାଉଥିଲେ, ଚଟ୍‌ପଟା କିଛି ଖିଆପିଆ ହେଉ କି ଖଟି କରିବା ଛଳରେ ପୁରୁଣା ସମ୍ପର୍କ ନିବିଡ କରିବା ଏବଂ ଅଜଣା ଲୋକଙ୍କ ସହ ବନ୍ଧୁବାନ୍ଧିବା ଦ୍ୱିପ୍ରହର ତମାମ ଚାଲିଥାଏ। ନୂଆ ଜାଗା, ନୂଆ ବନ୍ଧୁ, ନୂଆ ଆବଶ୍ୟକତା, ନୂଆ ସମସ୍ୟା ଆଉ ତା'ର ସମାଧାନ। ପାଣିପାଗ, ବିସ୍ତୀର୍ଣ୍ଣ ରାଜଧାନୀ ଓ ସବୁଜିମା ସେମାନଙ୍କୁ ସ୍ୱାଗତ କରିବାପାଇଁ ଅପେକ୍ଷାରତ ଥାଏ। ବିଭିନ୍ନ ବାଟରେ ଏ ରାଜଧାନୀ ସତେ ଯେମିତି ବୃନ୍ଦାବନ ପାଲଟି ଯାଇଥିଲା। ନୂଆ ରାଜଧାନୀ ଭୁବନେଶ୍ୱର ଆଶ୍ୱାସନା ଯୋଗାଉଥିଲା, ଅଳସୁଆ ମନକୁ ଭାବନାପୂର୍ଣ୍ଣ ଏବଂ ପ୍ରସଙ୍ଗଭିତ୍ତିକ କରି ଦେଉଥିଲା। ଛୋଟ ଚା' ଦୋକାନରେ ବସି ଛୋଟ ଛୋଟ ଅପ୍ରସଙ୍ଗ କଥାକୁ ନେଇ ଗପିବା ଏବେ କାହିଁକି ସ୍ୱତନ୍ତ୍ର ମନେ ହେଉଛି। ନା ଗହଳି ଚହଳି, ନା ଟ୍ରାଫିକ୍ ସମସ୍ୟା, ନା ପ୍ରଦୂଷଣ, ନା କାପୁରୁଷ, ନା ନକାରାତ୍ମକ ଚିନ୍ତା - ସତେ ଭୁବନେଶ୍ୱର ଯେମିତି ବନ୍ଧୁତ୍ୱପୂର୍ଣ୍ଣ ଗାଁଟିଏ ଥିଲା, ଯେଉଁଠି ଭରି ରହିଥିଲା ଶାନ୍ତିର ପ୍ରାଚୁର୍ଯ୍ୟ। ମୋ ସ୍କୁଲ ସେଣ୍ଟ୍ ଜୋଶେଫ୍ କନଭେଣ୍ଟ ମୁଖ୍ୟ ସହରର ଟିକେ ବାହାରକୁ ଚାଲିଯାଇଥିଲା, ଯାହାକି ଏବେର ରାମମନ୍ଦିର ଅଞ୍ଚଳ। ୧୯୬୧ ମସିହା ଜାନୁଆରୀ ମାସରେ ମୋ ନୂଆ ସ୍କୁଲ୍ ଷ୍ଟୁଆର୍ଟ ସ୍କୁଲ୍ ଆରମ୍ଭ ହେବା ଦିନ ହିଁ ମୁଁ ସ୍କୁଲ ଯାଇଥିଲି। ତାହା ବି ସେ ସମୟ ସହରଠାରୁ ଟିକିଏ ଦୂରରେ ଥିଲା, ଆଜି ତାହା ସିଆରପି ଅଞ୍ଚଳଭାବେ ବେଶ୍ ପରିଚିତ। ୧୯୬୩ ମସିହାରେ ବାପାଙ୍କ ସମ୍ବଲପୁରରେ ପିଡବ୍ଲ୍ୟୁଡି ବିଭାଗରେ ସୁପରିଟେଣ୍ଡେଣ୍ଟ୍ ଇଞ୍ଜିନିୟରଭାବେ ବଦଳି ହେବାପରେ ମୋତେ ସ୍କୁଲ ହଷ୍ଟେଲରେ ରହିବାକୁ ହେଲା। ଗୋଟିଏ ଶୀତ ରାତିର ୯ଟା ସମୟ ହେବ ବୋଧେ, ଲାଇନ୍ କଟିଯିବାରୁ ଆମେ ଦେଖିଲୁ ଆମ ହଷ୍ଟେଲ ଝରକା ପାଖ ଦେଇ ବଡବଡ ଛାଇ ଚାଲିଛନ୍ତି। ବୋଧହୁଏ, ହାତୀପଲ ଆମ ସ୍କୁଲକୁ ଟହଲ ମାରିବାକୁ ଆସିଥିଲେ। ଆମେ ସେହି ସମୟର ଅଳ୍ପଦିନ ପରେ ନବନିର୍ମିତ ରାଜଭବନ ଆରପଟକୁ ଥିବା ସୂର୍ଯ୍ୟନଗର ଅଞ୍ଚଳରେ ଆମର ନୂଆ ଘରକୁ ଗଲୁ। ଥରେ ରାତିରେ ଦେଖିଲି, ବିଲୁଆ ପରି ଜନ୍ତୁଟିଏ ଛୋଟେଇ ଛୋଟେଇ ଚାଲୁଛି। ପରେ ଜାଣି ଉଲ୍ଲସିତ ହେଲି, ସେଇଟା ଗୋଟିଏ ହେଟା ଥିଲା। ଆମେ ବାରମ୍ବାର ବଣ ଠେକୁଆ, ବିଲୁଆ, ଗଧିଆ, ହରିଣ ଭୁବନେଶ୍ୱର ଭିତରେ ଓ ବାହାରେ ଦେଖି ଆନନ୍ଦିତ ହୋଇଛୁ।

ଷାଠିଏ ଶତକ ଶେଷ ଓ ସତୁରି ଦଶକ ଆରମ୍ଭ ସମୟ। ସ୍ଥାନୀୟ ବିଜେବି କଲେଜରେ ମୋ ପଢାପଢି ଆରମ୍ଭ ହେଲା ବେଳକୁ ନୂଆ ରାଜଧାନୀ ଯୋଜନା ଅନୁସାରେ ନବଢି ଲକ୍ଷ୍ୟହୀନ ଭାବରେ ବଢିବାକୁ ଆରମ୍ଭ କରିଥିଲା। ଅଜଣା ଅନାହୂତ ଲୋକଙ୍କ ସଂଖ୍ୟା କ୍ରମାଗତ ଭାବରେ ବଢି ଚାଲିଥିଲା, ଅପରାଧ ଘଟଣା ବଢିବାରେ ଲାଗିଥିଲା, ସହଜ ରୋଜଗାରର ଲୋଭ ଲୋକଙ୍କୁ ବଶ କରିଥିଲା, ବସ୍ତିର ପରିସୀମା ଅନେକଟା ବଢିବାରେ ଲାଗିଥିଲା, ଛିନତାଇ, ଚୋରି ଆଦି ନଦେଖିବା ନଶୁଣିବା ଘଟଣା ଘଟିବାକୁ ଆରମ୍ଭ ହୋଇଥିଲା। ତା ସାଙ୍ଗକୁ ଜାନବାହାନ, ରାସ୍ତାଘାଟ ଓ ଟ୍ରାଫିକ୍ ସମସ୍ୟା ନୂଆ ରାଜଧାନୀ ଭୁବନେଶ୍ୱରରେ ଶାନ୍ତିକୁ ଅସ୍ତବ୍ୟସ୍ତ ହୋଇ ଓଟାରିବାକୁ ଲାଗିଲା।

ଅନ୍ତତଃ ପ୍ରତି ଭୁବନେଶ୍ୱର ବାସିନ୍ଦାଙ୍କର ଦୁଇଟି ଠିକଣା ଥିଲା - ଗୋଟିଏ ଭୁବନେଶ୍ୱରରେ ଆଉ ଗୋଟିଏ ନିଜର ଜନ୍ମିତ ଗାଁରେ। ଏଠିକାର ଠିକଣାକୁ ଏତେ ନିଜର ଭାବୁ ନଥିବା କାରଣରୁ ସେମାନଙ୍କର ଆନୁଗତ୍ୟ ରହିଲାନି, ଫଳତଃ ନୂଆ ରାଜଧାନୀ ପ୍ରତି ସେମାନଙ୍କର ଆନ୍ତରିକତା ଭାଙ୍ଗିଚୂନା ହୋଇଗଲା ଏବଂ ଭୁବନେଶ୍ୱରକୁ ଗଢି ତୋଳିବା ପାଇଁ ଆବଶ୍ୟକୀୟ ନୀତି ନିୟମ ପ୍ରତି କ୍ୱଚିତ ସମର୍ଥନ ମିଳିଲା। ଯାରି ଭିତରେ ଭୁବନେଶ୍ୱର ସହିତ ଯୋଡି ହୋଇଯାଉଥିଲା ବସ୍ତି। କିଛି କନିଷ୍ଠ ଅଧିକାରୀ ସହରତଳି ଅଞ୍ଚଳର ଲୋକଙ୍କୁ କିମ୍ବା ଦୂରଦୂରାନ୍ତରୁ ଲୋକଙ୍କୁ ଆଣି ବସା ପାଖରେ ଅସ୍ଥାୟୀ ଘର କରି ରହିବାକ ପ୍ରଶୟ ଦେଲେ। ଏହି ବସ୍ତିବାସିନ୍ଦା ସେମାନଙ୍କ ବ୍ୟକ୍ତିଗତ କାମରେ ସହାୟକ ଥିଲେ, ବଦଳରେ ସେମାନଙ୍କୁ ସର୍ତ୍ତମୂଳକ ପ୍ରାପ୍ୟ ମିଳୁଥିଲା। ବସ୍ତି ବଢିଚାଲିଥିଲା, କିନ୍ତୁ ପ୍ରଶାସକଙ୍କର ଏଥିପ୍ରତି ନିଘା ନଥିଲା। ନିଘା ଥିଲେ ବି ବିକାଶମୂଳକ କାର୍ଯ୍ୟକୁ ମନଯୋଗ ଦେଲେନି ପ୍ରଶାସକ । ଯୋଜନା ଭିତ୍ତିକ ସ୍ଥାନରେ ବସ୍ତି ଓ କୁଡିଆ ବଢିବାରେ ଏମାନଙ୍କର ଭୂମିକା ଓ କାରସାଦି ରହିଲା, ପରିଶେଷରେ ବସ୍ତିବାସିନ୍ଦା ପ୍ରଶାସନ ସହିତ ସଂଶ୍ଳିଷ୍ଟ ହୋଇ ରୋଜଗାରର ଉତ୍ସ ପାଲଟିଗଲେ। ଘରୋଇ ଲୋକ ଏହାର ସମର୍ଥକ ନଥିଲେ ବି ସେମାନେ ଏହି ସହଜ ବାଟକୁ ବି ଆଦରିଲେ।

ଅଶୀ ଆଉ ନବେ ଶତକରେ କ୍ରମବର୍ଦ୍ଧିଷ୍ଣୁ ସହର ଅଧିକ ମାତ୍ରାରେ ବଢିବାକୁ ଲାଗିଲା। ଟ୍ରାଫିକ୍ ଗହଳି, ପ୍ରଦୁଷଣ, ଅଳିଆ, ବିନା ଯୋଜନାରେ ଘର ଓ ଅନଧିକାର ପ୍ରବେଶର ମାତ୍ରା ବଢିବାରେ ଲାଗିଲା। ଏହାର ପରିମାଣ ଏତେ ବିଶାଳ ଆକାରର ଯେ, ପ୍ରଶାସନର ନିଜ ହଜାଇଦେଲା।

ଟ୍ରାଫିକ୍ ବ୍ୟବସ୍ଥାରେ ଗଳାବାଟ ଏବଂ ପରିବହନ ବ୍ୟବସ୍ଥାରେ ପରିଚାଳନାଗତ ତ୍ରୁଟିକୁ ଆଖି ଆଗରେ ରଖି, ମୁଁ ଗୋଟିଏ ଉତ୍ସାହୀ ଗୋଷ୍ଠୀ ସହିତ ମିଶି ଆରମ୍ଭ କରିଥିଲି ସ୍ୱେଚ୍ଛାସେବୀ ସଂଗଠନ ପ୍ରିଭେନ୍‌ସନ୍ ଅଫ ଆକ୍ସିଡେଣ୍ଟ ସୋସାଇଟି (ପାଶୋ) ଯାହାକି ଛାତ୍ର ଛାତ୍ରୀ ଏବଂ ଜନସାଧାରଣଙ୍କୁ ସୁରକ୍ଷିତ ଯାତ୍ରା ଏବଂ ସଡକ ସୁରକ୍ଷା ବାବଦରେ ସଚେତନ କରୁଥିଲା। ଆମେ ସ୍ୱେଚ୍ଛାସେବୀ କାମ କରୁଥିଲୁ, ଏଥିରେ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ, ସାଧାରଣ ଲୋକେ, ଛୋଟ ଦୋକାନୀମାନେ, ସ୍ଥାନୀୟ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ସାହାଯ୍ୟ କରୁଥିଲେ। ଛାତ୍ରଛାତ୍ରୀ ଏବଂ ସାଧାରଣଲୋକଙ୍କ ସହିତ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ବିଷୟରେ ଜ୍ଞାନ ବାଣ୍ଟିବା ସତରେ ବିସ୍ମୟକର ଥିଲା। ମୋର ସିଙ୍ଗାପୁର ରହଣି କାଳରେ ମୁଁ ଏ ଜ୍ଞାନ ଆୟତ୍ତ କରିଥିଲି।

ଥରେ ଏଜି ଛକରେ ଏମିତି କାର୍ଯ୍ୟକ୍ରମରେ ଓଡିଶାର ବିଶିଷ୍ଟ ରାଜନେତା ସ୍ୱର୍ଗତଃ ବିଜୁ ପଟ୍ଟନାୟକ (ପାରିବାରିକ ସମ୍ପର୍କ ହେତୁ ସ୍ନେହରେ ବିଜୁ ଅଙ୍କଲ୍ ବୋଲି ଡାକୁଥିଲି)ଙ୍କ ସହିତ ଦେଖା ହୋଇଥିଲା। ସେ ଗୋଟେ ରିକ୍ସାରେ ବସି ସଚିବାଳୟ ଯାଉଥିଲେ। ଟ୍ରାଫିକ୍ ପୋଲିସ୍ ତାଙ୍କୁ ଅଗ୍ରାଧିକାର ଦେଇ ତୁରନ୍ତ ଛକ ପାର ହେବାକୁ ସିଟି ବଜାଇଲେ। ସେ କିନ୍ତୁ ନିଜ ରିକ୍ସା ଅଟକାଇ ଅନ୍ୟମାନଙ୍କୁ ସୁରକ୍ଷିତ ଭାବରେ ଯିବାକୁ ଦେଇଥିଲେ। ମୁଁ ତାଙ୍କ ପାଖକୁ ଯାଇ ଅଭିବାଦନ ଜଣାଇବାରୁ ସେ ମୋତେ ଚିହ୍ନି ପକାଇଲେ। ତାଙ୍କ ଚିରାଚରିତ ଭଙ୍ଗୀରେ ମୋତେ ପଚାରିଲେ, 'କ'ଣ ଚାଲିଛି ମକବୁଲ୍ ?' ଏଇ ଘଟଣା ଆଉ ଏମିତି ଅନେକ ସ୍ମୃତି ମୋ ଭୁବନେଶ୍ୱର ରହଣିକୁ ଆହୁରି ଜଡସଡ କରି ଦେଇଛି।

ଏ ସହର ବଢିବା ପଛରେ ଅନେକ ସହୃଦୟ ପରିବାରର ଅବଦାନ ରହିଛି। ସ୍ୱସ୍ତି ଗ୍ରୁପ ମହାନ୍ତି ପରିବାର, ପଟ୍ଟନାୟକ ପରିବାର, ସିଂହ ପରିବାର, ହଂସ ପରିବାର, ମହାପାତ୍ର ପରିବାର, ମିଶ୍ର ପରିବାର, ଅଲ୍ଲୀ ପରିବାର, ପଟିଆ ଗାଁ, ବଡଗଡ, ନୂଆପଲ୍ଲୀ, ଯଦୁପୁର, ଚନ୍ଦକା ଆଉ ତା ପାଖାପାଖି ଗାଁ ସବୁ, ଉତ୍ସର୍ଗୀକୃତ ଆଉ ଯେତେ ସବୁ ଅଚିହ୍ନା ପ୍ରଶସନିକ ଅଧିକାରୀ, ପୌର କର୍ମଚାରୀ ଆଉ କେତେ ସବୁ ଅଜଣା ନାୟକ ଓ ନାୟିକା ଯେଉଁମାନେ କି ଆଜି ଆମେ ଦେଖୁଥିବା ଭାରତର ଶ୍ରେଷ୍ଠ ସ୍ମାର୍ଟ ସହରକୁ ଗଢିଛନ୍ତି, ଆମ ଭୁବନେଶ୍ୱର !

କିନ୍ତୁ ଆମକୁ ନିୟମ କାନୁନ ପାଳନ କରିବାର ଅଛି। ନିରପେକ୍ଷ ଭାବରେ ଯୋଜନା ଏବଂ ତା'ର କାର୍ଯ୍ୟକାରିତାକୁ ଗୁରୁତ୍ୱ ଦେବାର ଅଛି। ସାରା ସହରରେ ଟ୍ରାଫିକ୍ ପରିଚାଳନା, ଖୋଲାସ୍ଥାନ, ପାଦଚଲାବାଟ, ସାଇକେଲ ବାଟ, ପାର୍କ, ଜଳାଶୟ, ବୃକ୍ଷରାଜି, ଗଛ ଛାଇ, ଯୋଜନା ଅନୁଯାୟୀ ଭିତ୍ତିଭୂମି, ପିଣ୍ଡି ଆଦିକୁ ଅଧିକରୁ ଅଧିକ ଗୁରୁତ୍ୱ ଦେବାକୁ ହେବ। ଆମକୁ ପୁନର୍ବାର ଚିନ୍ତା କରିବାକୁ ପଡିବ, ଅତୀତର ଗରିମା ଫେରାଇବାକୁ ଯୋଜନା କରିବାକୁ ପଡିବ। ଛୋଟଛୋଟ କ୍ଷେତ୍ରରେ ଆମକୁ ଶାଳୀନତା ଓ ଶୃଙ୍ଖଳା ପାଇଁ ଆମକୁ ନିରପେକ୍ଷ ଭାବେ ଆମକୁ ନୀତି ନିୟମ ମାନିବାକୁ ହେବ

ଏ ସହରରେ ରହୁଥିବାରୁ ଗର୍ବ କରିବା ସହିତ ସୁନାଗରିକ ହେବା ଆମର ଧ୍ୟେୟ ଏବଂଦାୟିତ୍ୱବାନ ନାଗରିକଟିଏ ହେବା ଆମର ସ୍ୱପ୍ନ ହେବା ଉଚିତ୍। ମୁ ସେହି ପିଲା, ଯିଏକି ଶିଶୁରୁ କିଶୋର, ମାମୁଁ, ବାପା ଆଉ ଏବେ ଜେଜେବାପା ହୋଇଗଲିଣି ଏଇ ଭୁବନେଶ୍ୱରରେ !

ମୋ ଭୁବନେଶ୍ୱର !

ସୂର୍ଯ୍ୟନଗର, ଭୁବନେଶ୍ୱର
ମୋ-୯୪୩୭୦୦୭୭୯୯



# ରାଜଧାନୀର ଅତୀତରୁ ଚେନାଏ::ଶଗଡ଼ ଗାଡ଼ିରୁ ଏୟାର୍ ଏସିଆ

***ସତ୍ୟ ନାରାୟଣ ରାଉତରାୟ***

ରାଜାରାଣୀ ମଉଜାର ଉର୍ବର ଜମିରେ ପଦ୍ମକେଶରୀ ସରୁ ଚିନାମାଳି ଆଉ ବାସୁମତିର ବାସ୍ନା ନାହିଁ। ଜୟପୁର ଗୁଡ଼ର ଚିହ୍ନବର୍ଣ୍ଣ ନାହିଁ କି ଦୟାନଦୀ ପଶ୍ଚିମପଟ ଗହୀରରେ ଆଉ ଆଖୁ ଚାଷ ହେଉନି। ଲକ୍ଷ୍ମୀସାଗରର ପାନବରଜ ଆଉ କେଶୁରା, ବାଙ୍କୁଆଳର ବାଇଗଣକୁ ଆଉ କେହି ଚାହିଁ ବସୁନାହିଁ। ମାତ୍ର ଦିନେ କୋଚିଲା, ଧଳାଙ୍କୁ ଓ ଆମ୍ବ ଗଛରେ ପରିପୂର୍ଣ୍ଣ ଥିଲା ଏକାମ୍ର କ୍ଷେତ୍ରର ରମଣୀୟ ବନଭୂମି। ଆଜିର ଗଭର୍ଣ୍ଣର ହାଉସ୍ ବୋଲାଉଥିବା ଅଞ୍ଚଳ ଦିନେ ଥିଲା ବଳିଦାସବାଗ ଜଙ୍ଗଲ। ଜଙ୍ଗଲରେ ଯେବେ ୨୦ ଫୁଟିଆ ଅଜଗର ବାଛୁରିକୁ ଗିଳିଦେବା ପରେ କୁନି ବାଛୁରି ହମ୍ବା ଡାକ ଛାଡ଼ୁଥିଲା ସେତେବେଳେ ଅନେକଙ୍କ ହୃଦୟକୁ ବିଦାରି ଦେଉଥିଲା। ଏଇ ଅଞ୍ଚଳରେ ସେତେବେଳେ ବାଘର ହୁଙ୍କାର ତାଟି କବାଟ ବୁଜି ରହିବାକୁ ବାଧ୍ୟ କରୁଥିଲା। ଗପ ଭଳି ଲାଗୁଥିଲେ ହେଁ ସ୍ୱର୍ଗତ ଗୁଣନିଧି ମହାପାତ୍ରଙ୍କ ପୁସ୍ତକରେ ରାଜଧାନୀର ଏହି ରୋମାଞ୍ଚିତ ଅତୀତ କଥା ପଢ଼ିଲେ ଲୋମ ଟାଙ୍କୁରି ଉଠେ।

ଏତକ ପଢ଼ିବା ପରେ ଇତିହାସର ଛାତ୍ର ଭାବେ ଭୁବନେଶ୍ୱର ଇତିହାସ ପଢ଼ିବାକୁ ମନ ଆହୁରି ରୋମାଞ୍ଚିତ ହୋଇଥିଲା। ସେ ନିଜେ ହିଁ ଥିଲେ ସେ ପୁସ୍ତକର ମୁଖ୍ୟଚରିତ୍ର। ନିଜ ଅଭିଜ୍ଞତାକୁ ବ୍ୟକ୍ତ କରି ସେ ଲେଖିଥିଲେ ବହୁ ଗହନକଥା। ଗପ କହିବା ଢଙ୍ଗରେ ସେ ଲେଖିଥିଲେ, ମନେଅଛି ଆମେ ସାଙ୍ଗ ହୋଇ ଶିରିପୁର ବାଟରେ ଯିବା ବେଳେ ସଉରୁଣୀମାନେ କାଠ ବିକିବା ପାଇଁ ଏଇ ରାସ୍ତା ଦେଇ ଯାଉଥିଲେ। କହୁଥିଲେ କାଳେ ବାଘ ଏଠିକି ପାଣି ପଇିବାକୁଆସେ।ଲକ୍ଷ୍ମଣ ବେହେରା ନାମକ ଗାଈ ଚରାଳି ଆଜିର ନବୀନ ନିବାସ ବୋଲାଉଥିବା ଅଞ୍ଚଳରେ ସେତେବେଳେ ଯାଇ ଗାଈ ଚରାଉଥିଲା। ଦିନେ ଶୁଣିଲୁ ତାକୁ ବାଘ ମାରିନେଇ ଗଭର୍ଣ୍ଣର ହାଉସ୍ ପାଖ ବାଉଁଶ ଜଙ୍ଗଲରେ ପକାଇଛି। ତେଣୁ ଭୁବନେଶ୍ୱରରୁ ପ୍ରାୟ ୫୦ ଜଣ ଲୋକ ଠେଙ୍ଗା, ବାଡ଼ି, ଲାଟ୍ ବାଜା ନେଇ ଲକ୍ଷ୍ମଣ ବେହେରାର ଶବ ଆଣିଥିଲେ। ହାଡ଼ୁ ବେହେରା ନାମକ ବ୍ୟକ୍ତିର ବି ସମଦଶା ହୋଇଥିଲା। ହେଲେ ହାଡ଼ୁ ବେହେରା ବାଘ ସହ ଲଢ଼ି ଖଣ୍ଡିଆଖାବରା ହୋଇଥିଲା। କଟୁରି ଆଉ ପାଞ୍ଚଣରେ ବାଘ ସହ ଲଢ଼ିଥିଲା। ମାତ୍ର ବାଘ ଆକ୍ରମଣ ଯୋଗୁଁ କିଛିଦିନ ରୋଗରେ ପଡ଼ିବା ପରେ ତାର ମୃତ୍ୟୁ ହେଲା।

## ହୁଡ୍‌ପକା ଅଷ୍ଟିଅନ କାର୍‌ରେ ଯାଉଥିଲା ବର

ବ୍ରିଟିଶ ଅମଳର ଏକ ଡାକବଙ୍ଗଳା ସେ ସମୟରେ ଆର୍ ଆଇ ଅଫିସ୍ ହୋଇଥିଲା। ଆଉ ଏବେ ଯେଉଁଟା କେଦାରଗୌରୀ କ୍ଲବ୍ ହୋଇଛି ତାହା ଥିଲା ସେତେବେଳେ ପିଡବ୍ଲ୍ୟୁଡି ବିଶ୍ରାମଶାଳା (ରେଷ୍ଟ୍ ସେଡ୍)। କେଦାର ଗୌରୀ, ରବି ଟକିଜ୍ ରାସ୍ତା, କପିଳେଶ୍ୱର ରାସ୍ତା, ବିବେକାନନ୍ଦ ମାର୍ଗରେ ଥିବା ରାମକୃଷ୍ଣ ମିସନ୍ ପର୍ଯ୍ୟନ୍ତ ଏତେ ବଙ୍ଗାଳୀ ଘର ଥିଲା ଯେ ଏଠିକୁ ଯିଏ ଆସୁଥିଲା ତାକୁ ବଙ୍ଗଳା ଗାଁର ଭ୍ରମ ସୃଷ୍ଟି ହେଉଥିଲା। ସ୍ମୃତି ରୋମନ୍ଥନ କରି ସେ ଉଲ୍ଲେଖ କରିଛନ୍ତି, ଲିଙ୍ଗରାଜ ମନ୍ଦିରକୁ ସାରା ଦେଶରୁ ସେତେବେଳେ ବି ବହୁ ଲୋକ ଆସୁଥିଲେ। ରେଳରେ ଆସି ପହଞ୍ଚିବା ପରେ ଲୋକଙ୍କୁ ବୋହି ନେବା ପାଇଁ ଶଗଡ଼ ଠିଆ ହେଉଥିଲା। ମନେଅଛି ସେତେବେଳେ ଦୃଷ୍ଟିହୀନ ଧଡ଼ୁ ବେହେରାର ଗୋଟେ ଭଲ ଟିଣସିଟ୍ ବାଲା କତାଗଦି ପକା ତାଟ ଶଗଡ଼ର ଭଲ ଚାହିଦା ଥିଲା। ୧୯୪୦ ବେଳକୁ ଗୋଟିଏ ଘୋଡ଼ାଗାଡ଼ି ଭୁବନେଶ୍ୱର ରେଳ ଷ୍ଟେସନ୍ ଓ ଖଣ୍ଡଗିରିକୁ ଯାତ୍ରୀଙ୍କୁ ନବା ଆଣିବାକଲା। ଏହି ସମୟରେ ପଦ ନନ୍ଦଙ୍କର ଗୋଟେ ଖୋଲା ମଟରଗାଡ଼ି ଟାଉନ୍ ବସ୍ ଭୁବନେଶ୍ୱରରୁ ଖୋର୍ଦ୍ଧାକୁ



ଚାଲିଲା। ସେତେବେଳେ ମଟର ଗାଡ଼ିରେ ବସିବା ହିଁ ଥିଲା ସବୁଠୁ ଆନନ୍ଦ। ଆଉ ଯେବେ ବାହାଘର ହେଉଥିଲା ଅତି ଧନୀ ଲୋକମାନେ ହୁଡ୍‌ପକା ଛୋଟ ଅଷ୍ଟିନ୍ କାର୍‌ରେ ବରକୁ ନେବାକୁ ପସନ୍ଦ କରୁଥିଲେ। ଗବେଷକ ତଥା ଲେଖକ ପଣ୍ଡିତ ମାନଗୋବିନ୍ଦ ମହାସୂପକାରଙ୍କ କହିବା ମୁତାବକ, ଭୁବନେଶ୍ୱରରେ ସେତେବେଳେ ହାତଗଣତି ଲୋକ ରହୁଥିଲେ। ଏମିତି ଆଡ଼ମ୍ବର ନଥିଲା। ମତେ ୧୧ ବର୍ଷ ବୟସ ହୋଇଥାଏ। ରାଜଧାନୀ ପାଇଁ ଶିଳାନ୍ୟାସ ହେଲା। ମୁଁ ବି ସେଠିକି ଚାଲିଚାଲି ଯାଇଥିବା ମନେ ପଡ଼ୁଛି। ତେବେ ସେତେବେଳେ ଷ୍ଟେସନ୍‌ରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ମାତ୍ର ୨ଟା ଶଗଡ଼ ଚାଲୁଥିଲା। ବଡ଼ଗଡ଼ର ଜଣେ ବ୍ୟକ୍ତି ଏବଂ ଆଉ ବେହେରା ବୋଲି ଜଣେ ବ୍ୟକ୍ତିଙ୍କର ଶଗଡ଼ ଚାଲୁଥିଲା। ଶୀତଋତୁରେ ଜଳବାୟୁ ପରିବର୍ତ୍ତନ ବେଳେ ସୁସ୍ଥ ରହିବା ପାଇଁ ବଙ୍ଗାଳୀମାନେ ଭୁବନେଶ୍ୱର ଚାଲି ଆସୁଥିଲେ। ଆଜି ବହୁତ ଉନ୍ନତି ହୋଇଛି। ଘରଦ୍ୱାର ବଢ଼ିଛି। ଅଫିସ ବାଡ଼ି ସୁବିଧା ହୋଇଯାଇଛି। କିନ୍ତୁ ସେତେବେଳର ବହୁ ଐତିହ୍ୟ କୀର୍ତ୍ତିରାଜି କୁଆଡ଼େ ଅଦୃଶ୍ୟ ହୋଇଯାଇଛି।

## କ୍ଲବ୍ ଓ ଖାଦ୍ୟ ସଂସ୍କୃତି

ମେଳା ମହୋତ୍ସବ ସାଙ୍ଗକୁ ମଉଜ ପାଇଁ ପ୍ରଥମେ କିଛି ଯୁବକଙ୍କୁ ନେଇ ବଢ଼େଇବାଙ୍କ ନିକଟରେ ଗଢ଼ି ଉଠିଥିଲା ଟାଉନ୍ କ୍ଲବ୍। ଆଉ ଶୀତଦିନେ କପାଳୀ ମନ୍ଦିର ବେଢ଼ାରେ ଗୋବରା ଚଢେଇ-ଲଢ଼େଇ ଆଉ ଗନ୍ଧା ପୂନେଇରେ ବଡ଼ଦାଣ୍ଡରେ ନଡ଼ିଆ ଲଢେଇ ଦେଖିବାକୁ ଭିଡ଼ ଜମୁଥିଲା। ଲିଙ୍ଗରାଜ ମନ୍ଦିର ପାଖରେ ହାଡ଼ୁ ସାହୁ ଆଉ ବିଶୋଇ ଦୋକାନର ବି ଭାରି ଚାହିଦା ଥିଲା। ରସଗୋଲା, ମଗଜ ଲଡ଼ୁ, ଫେଣିଗଜା, ଲବଙ୍ଗ ଲତା, ଗଜା, ଖଜା, ନିମିକି ଖାଇବାକୁ ଭିଡ଼ ଜମୁଥିଲା। ଗଣେଶ ବିଶୋଇଙ୍କ କୋରା, ଖଇ ଆଉ ମୁଢ଼ି ନେବାକୁ ବରାଦ ଦିଆ ହେଉ ଥିଲା। ଗବେଷକ ତଥା ଲେଖକ ପଣ୍ଡିତ ମାନଗୋବିନ୍ଦ ମହାସୂପକାରଙ୍କ କହିବା ଅନୁଯାୟୀ ସେତେବେଳେ ଲିଙ୍ଗରାଜ ମନ୍ଦିରକୁ ୨ଟା ଶଗଡ଼ ଯାଆସ କରୁଥିଲା। ପରେ ବାଳକୃଷ୍ଣ ପଣ୍ଡାଙ୍କ କୋଇଲା ଇଂଜିନ୍‌ବାଲା ଟାଉନ୍ ବସ୍ ଚାଲିଲା। ଏବେ ସବୁ ବଦଳିଗଲାଣି। ଏୟାର ଏସିଆ ଟ୍ରିପ୍‌ରେ ଲୋକେ ମାଲୟେସିଆରେ ପାଦ ଥାପିବାକୁ ସଜ ହେଲେଣି। ମାତ୍ର ବିସ୍ତୀର୍ଣ୍ଣ ବନ ଭୂମିରେ ପୁରୁଣା ଭୁବନେଶ୍ୱର ସେତେବେଳେ ଥିଲା ଗାଁଟିଏ। ଏଠି ଥିଲା ମାତ୍ର ୫ଟା ସାହି। କିନ୍ତୁ ମହତାବଙ୍କ ପରିକଳ୍ପନା ଆଉ ଜବାହାରଲାଲ ନେହେରୁ ଏଠି ରାଜଧାନୀର ଶିଳାନ୍ୟାସ କରିବା ପରେ ଧୀରେଧୀରେ ଏକାମ୍ର ନଗରୀର ରୂପ ବଦଳିଗଲା। ବର୍ଦ୍ଧିତ ଜନସଂଖ୍ୟାର ଭିଡ଼ ଭିତରେ ସହରର ସମୃଦ୍ଧ ସ୍ମୃତି ସବୁ ହଜିଗଲା। ସମୟର ଗତି ସହ ରାଜଧାନୀର କଳେବରରେ ପରିବର୍ତ୍ତନ ହୋଇଛି। କିନ୍ତୁ ଉନ୍ନତି ଆଳରେ ବହୁ କିଛି ହଜିଯିବା ପରିଲାଗୁଛି। ସତୁରି ଦଶକରେ ରାଜଧାନୀରେ ଏତେ ଥଣ୍ଡା ପବନ ବହୁଥିଲା ଯେ ବାଟଚାଲିବା ବି କଷ୍ଟକର ହୋଇପଡ଼ୁଥିଲା। ଏବେ ରାଜଧାନୀକୁ ବସ୍ତି ମାଡ଼ିମାଡ଼ି ଆସୁଛି। ଠିକ୍ ଭାବେ ଯୋଜନା ହେଉନଥିବାରୁ ଅନେକ ସ୍ଥାନରେ ରାସ୍ତାଘାଟ ଓ ପରିପାର୍ଶ୍ୱିକ ସ୍ଥିତି ସହରର ସମୃଦ୍ଧିକୁ ନଷ୍ଟକରୁଛି। ତେଣୁ ଯେଉଁଭଳି ରାଜଧାନୀର କଳେବର ଆଶା କରୁଥିଲୁ ଏବେ ତାହା ଦେଖିବାକୁ ମିଳୁନାହିଁ। ଖାଲି ସ୍ମାର୍ଟ ସିଟି ହେଲେ ଚଳିବନି ସବୁ ଦିଗକୁ ଦୃଷ୍ଟି ଦେଇ ପ୍ଲାନିଙ୍ଗ୍ କରାଯିବା ଆବଶ୍ୟକ।

## ଆଶା ଦେଖାଇଛି ପର୍ଯ୍ୟଟନ

ଈଶ୍ୱରଙ୍କ ଭୁବନ ଭୁବନେଶ୍ୱର ତାର ଐତିହ୍ୟକୁ ନେଇ ଯେତିକି ସମୃଦ୍ଧ, ବହୁବିଧ ସଂସ୍କୃତିର ବାତାବରଣ ଭାବେ ସେତିକି ପ୍ରସିଦ୍ଧ। ଐତିହ୍ୟ କୀର୍ତ୍ତିରାଜିକୁ ନେଇ ପର୍ଯ୍ୟଟନ ବିଭାଗ ଦେଖାଇଥିବା ସ୍ୱପ୍ନ ଅନେକ ସାକାର ହୋଇଛି ଆଉ କିଛି ସାକାର ରୂପ ନେବାକୁ ବାକି ଅଛି। ନିକଟରେ ବିଡିଏର ଐତିହ୍ୟ ସେଲ୍‌ର ସହଯୋଗରେ ରାଜଧାନୀର ୫୨୧ଟି କୀର୍ତ୍ତିରାଜିକୁ ଉନ୍ନତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ମଧ୍ୟ ଏନେଇ ତତ୍ପରତା ପ୍ରକାଶ ପୂର୍ବକ ଅନେକ ସ୍ଥାନରେ ଐତିହ୍ୟ କୀର୍ତ୍ତିରାଜିକୁ ହଜିଯିବା ପୂର୍ବରୁ ସଜାଡ଼ିବା ଆରମ୍ଭ କରିଛି। ଏୟାର ଏସିଆ ସହ ଏମ୍ଓୟୁ ହୋଇଥିବା ବେଳେ ସିଧାସଳଖ ଭୁବନେଶ୍ୱରରୁ କୁଆଲାଲମପୁରକୁ ବିମାନ ଉଡ଼ାଣ ସୁବିଧା ପାଇଁ ବ୍ୟବସ୍ଥା ହୋଇଛି। ଇତି ମଧ୍ୟରେ ଭୁବନେଶ୍ୱରର ଐତିହ୍ୟ ବିମଣ୍ଡିତ ସହରକୁ ପର୍ଯ୍ୟଟକଙ୍କ ଆଗମନ ପାଇଁ ଐତିହ୍ୟ ପଦଯାତ୍ରା, ସାଇକେଲ୍ ଯାତ୍ରା ଭଳି ଅଭିନବ ପନ୍ଥା ଭୁବନେଶ୍ୱରରେ ଆରମ୍ଭ ହୋଇଛି। ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟାରେ ମଧ୍ୟ ଧୀରେଧୀରେ ଉନ୍ନତି ପରିଲକ୍ଷିତ ହେଉଛି। ମୁମ୍ବାଇରେ ଓଡ଼ିଶାର ପର୍ଯ୍ୟଟନ, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ପାଇଁ ମୁମ୍ବାଇର ମେଟ୍ରୋ ଟ୍ରେନ୍‌କୁ ପୂରା ଓଡ଼ିଶାର ଚିତ୍ରରେ ସଜାଯାଇଛି। ଯାତ୍ରା ଡଟ୍ କମ୍ ସହ ଏମ୍ଓୟୁ କରି ପର୍ଯ୍ୟଟନ ବିଭାଗ ଷ୍ଟେ-ଜିଲ୍ଲା ବ୍ୟବସ୍ଥାକୁ ନୂଆ ଦିଗରେ ଅଗ୍ରସର କରାଇଛି।

ତେବେ ବି ଅନେକ ଯୋଜନା ସ୍ୱପ୍ନ ହୋଇରହିଯାଇ ଛି। ରାଜଧାନୀର ଐତିହ୍ୟ ଓ ସାଂସ୍କୃତିକ କଳେବରକୁ ନେଇ ଯେଉଁ ଆଶା ଉଙ୍କି ମାରୁଥିଲା ତାହା ମନ୍ଥର ହୋଇଯାଇଛି। ଖଣ୍ଡଗିରି ଉଦୟଗିରିରେ ପରିକଳ୍ପିତ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ସୋ ଇଞ୍ଚେ ମାତ୍ର ଆଗେଇ ପାରିନାହିଁ। ପୁରୁଣା ଭୁବନେଶ୍ୱର ବିନ୍ଦୁସାଗର ପଛରେ ବିଭାଗ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛି। ତଥାପି ନିରାଶ ହୋଇଛି। ଅବସ୍ଥା ଯଥା ପୂର୍ବ ତଥା ପରଂ। ରାଜ୍ୟ ସଂଗ୍ରହାଳୟର କଳେବର ବୃଦ୍ଧି ପାଇଁ ଅନେକ ଯୋଜନା ହୋଇ ଛି। ନିକଟରେ ପାଇକ ବିଦ୍ରୋହ ଗ୍ୟାଲେରି ନାମରେ ଏକ ନୂଆ ଗ୍ୟାଲେରି ସୃଷ୍ଟି କରାଯାଇଛି। ଏଥି ସହିତ ପାଇକ ବିଦ୍ରୋହର ଅନୁଭୂତିକୁ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ସୋ ଜରିଆରେ ସାଉଁଟିବାର ଅନୁଭୂତି ମିଳିଛି। କିନ୍ତୁ ଅଟକି ଯାଇଛି ଧଉଳିରେ ଆରମ୍ଭ ହେବାକୁ ଥିବା ରୋପ୍-ୱେ। ଏହା ପାଦଦେଶରେ ଥିବା ମାର୍କେଟ୍ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ ହୋଇପାରିନି। ଖଣ୍ଡଗିରି ପଛପାର୍ଶ୍ୱରେ ଥିବା ବ୍ୟାଖ୍ୟାନ କେନ୍ଦ୍ର ବି ଆରମ୍ଭ ହୋଇ ପାରିନାହିଁ। କାମ ସରିଥିଲେ ବି ଯେମିତି ୨ଟି ଯାକ ପାଲଟିଛି ଅଭିଶପ୍ତ କ୍ଷେତ୍ର। ରାଜଧାନୀର କଳେବର ବୃଦ୍ଧି ପାଉଥିବା ବେଳେ ଐତିହ୍ୟ ସହରକୁ ନେଇ ଅନେକ ନୂଆନୂଆ ଯୋଜନା ଉଙ୍କି ମାରୁଛି। ତେବେ ବୁଦ୍ଧିଜୀବୀଙ୍କ ମତ, ଯେତେ ଯୋଜନା ହେଲେ ବି ସହରର ଜନତାଙ୍କ ସଦିଚ୍ଛା ବିନା ଐତିହ୍ୟ ସହରର ଗାରିମା ବୃଦ୍ଧି ସମ୍ଭବ ନୁହେଁ।

ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର - ୩୦
ମୋ- ୯୮୫୩୭୭୨୮୦୦

# ବେଦ-ବିଶ୍ୱ ସମ୍ବିଧାନ

*ଦ୍ୱାରିକା ମୋହନ ମିଶ୍ର*

ଜୀବନ ସହ ହୋଇଥାଉ ବା ଜୀବନ ବ୍ୟତିରେକ ହୋଇଥାଉ, ଈଶ୍ୱର ଯେତେବେଳେ ବିଶ୍ୱବ୍ରହ୍ମାଣ୍ଡ ସର୍ଜନା କଲେ, ସେ ସ୍ୱାଭାବିକ ଭାବରେ ଇଚ୍ଛା କରିଥିଲେ ଯେ, ଏଥି ମଧ୍ୟରେ ଥିବା ସମସ୍ତ ଜଗତ ଏବଂ ପ୍ରତ୍ୟେକ ସୃଷ୍ଟି ଏକ ନିର୍ଦ୍ଦିଷ୍ଟ ମାର୍ଗରେ ଆଚରଣ ପ୍ରଦର୍ଶନ କରିବା ଉଚିତ, ଯାହା ଫଳରେ ବିଶ୍ୱବ୍ରହ୍ମାଣ୍ଡ ତାଙ୍କ କଳ୍ପିତ ମାର୍ଗରେ କାର୍ଯ୍ୟ କରିବ ଏବଂ ବିଶୃଙ୍ଖଳିତ ବା ଓଲଟପାଲଟ ହୋଇପାରିବ ନାହିଁ। ତାଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ମଣିଷକୁ ବୁଦ୍ଧି ଦେଇଥିବାରୁ ତାକୁ ଆବଶ୍ୟକ ଜ୍ଞାନ ଦେବାର ଯଥାର୍ଥତା ନଥିଲା। ବିଶ୍ୱବ୍ରହ୍ମାଣ୍ଡର କାର୍ଯ୍ୟକାରିତାକୁ ପରିଚାଳନା କରିବାପାଇଁ ଆବଶ୍ୟକ ଏହି ଜ୍ଞାନକୁ ନିୟମକାନୁନ କୁହାଯାଏ। ଅନ୍ୟ ଦୃଷ୍ଟିରୁ ଦେଖିବାକୁ ଗଲେ, ତାଙ୍କ ନିର୍ଦ୍ଦେଶିତ ଭାଷାରେ ବ୍ୟକ୍ତ କରାଯାଇଥିବା ବିଶ୍ୱବ୍ରହ୍ମାଣ୍ଡର ସମ୍ବିଧାନକୁ ବେଦ କୁହାଯାଏ।

ଆମେ ସବୁବେଳେ ଦେଖିବାକୁ ପାଉ, ଗୋଟିଏ କ୍ଲବ କି ସମିତି ଗଠନ କରାଗଲା ବେଳେ ବା କୌଣସି ବ୍ୟକ୍ତିବିଶେଷ ବା ସଂଗଠନ ଦ୍ୱାରା ଗୋଟିଏ ଅନୁଷ୍ଠାନ ଆରମ୍ଭ କଲାବେଳେ, ଅନୁଷ୍ଠାନର ପରିଚାଳନା ପାଇଁ ନିୟମାବଳୀ, ଉପବିଧି ଆଦି ପ୍ରସ୍ତୁତ କରାଯାଇଥାଏ। ସେହି ନିୟମାବଳୀକୁ ନିଷ୍ଠାପର ଭାବରେ ଅନୁସରଣ କରାଗଲେ, ଉଦ୍ୟୋକ୍ତାଙ୍କ କଳ୍ପନା ଫଳପ୍ରସୂ ହୁଏ ଏବଂ ସଂଗଠନ ସୁପରିଚାଳିତ ହୋଇ ଅଗ୍ରଗତି କରିଥାଏ। ଯଦି ନିୟମାବଳୀକୁ ଅନୁସରଣ ନକରି ଲଂଘନ କରାଯାଏ, ବିଶୃଙ୍ଖଳା ପରେ ବିଶୃଙ୍ଖଳା ହିଁ ପରିଣତି ହୋଇଥାଏ। ସେହିଭଳି ଈଶ୍ୱରସୃଷ୍ଟ ବିଶ୍ୱବ୍ରହ୍ମାଣ୍ଡ ପରି ବିଶାଳ ଅନୁଷ୍ଠାନ ଅଦୃଷ୍ଟ ଦକ୍ଷ ସୁପରିଚାଳନା ପଦବାଚ୍ୟ ବିବେକବାନ ନିୟମ ଦ୍ୱାରା ଚାଳିତ ହେବା ଆବଶ୍ୟକ। ବହୁ ସ୍ୱାଭାବିକ, ମାନବିକ, ପ୍ରକୃତିଗତ, ବ୍ୟବହାରିକ ନିୟମାବଳୀ କେବଳ ବେଦରେ ହିଁ ଦେଖିବାକୁ ମିଳେ, ଯାହାକୁ ଆମେ ଅତିମାନବିକ ବା ଦେବଦତ୍ତ ବୋଲି ବିଶ୍ୱାସ କରୁ। ଏହା ଏପରି ଅଭିଜ୍ଞତା ଉପରେ ପର୍ଯ୍ୟବେଶିତ, ଏଥିରେ ରହିଥିବା ପରାମର୍ଶକୁ ନିଷ୍ଠାପର ଭାବରେ ପାଳନ ନକଲେ କୁପରିଣାମ ଦୃଷ୍ଟିଗୋଚର ହୁଏ। ଅସମୟରେ ବର୍ଷା, ଶସ୍ୟହାନୀ, ଭୂକମ୍ପ, ବନ୍ୟା, ଦୁର୍ଦ୍ଦଶା, ମହାମାରୀ ଓ ସାମୂହିକ ବିପର୍ଯ୍ୟୟ ଆଦି ଘଟିବାର ଦେଖିବାକୁ ମିଳୁଛି। ଯଦିଓ ବହୁ ମାନବପ୍ରେମୀ ଓ ଗଭୀର ଅଧ୍ୟାତ୍ମବାଦୀ ଈଶ୍ୱରଙ୍କୁ ଜାଣିବା ପାଇଁ ଓ ବେଦକୁ ବୁଝିବା ପାଇଁ ସର୍ବଦା ପ୍ରୟାସ କରି ଆସିଛନ୍ତି, ବେଦବର୍ଣ୍ଣିତ ପ୍ରାକୃତିକ ନିୟମ ବିରୁଦ୍ଧରେ କରାଯାଉଥିବା କାର୍ଯ୍ୟକଳାପରୁ ସୃଷ୍ଟ ବିଶ୍ୱଜନୀନ ବିଶୃଙ୍ଖଳାକୁ ଏହି ଅଳ୍ପ ଲୋକ ଏଡାଇ ଦେଇପାରିବେ ନାହିଁ।

ବେଦର ଯେଉଁ ନିୟମାବଳୀ ଲିପିବଦ୍ଧ କରାଯାଇଛି ତାହା ସାର୍ବଜନୀନ ଭାବେ ଅନୁସୃତ ହେବା ଉଚିତ ଏବଂ ସେହି ଅନୁସାରେ କାର୍ଯ୍ୟନିର୍ବାହ କରାଯିବା ବିଧେୟ। ସେପରି କରାଗଲେ ପ୍ରକୃତି ଯେଭଳି ଆଚରଣ କରିବାର ଆଶା କରାଯାଉଛି, ସର୍ବଦା ସେହିପରି ସଂଗଠିତ ଓ ଶୃଙ୍ଖଳିତ ରୂପେ ରହିଲେ ବିପର୍ଯ୍ୟୟ ଓ ବିଶୃଙ୍ଖଳାର କୌଣସି ଅବକାଶ ରହିବ ନାହିଁ। ଆମେ ସାଧାରଣତଃ ପ୍ରତ୍ୟେକ ପଦାର୍ଥର ପ୍ରାଚୁର୍ଯ୍ୟ ଥିବା ପ୍ରାଚୀନ କାଳ କଥା ପଢୁ ଓ ଶୁଣିବାକୁ ପାଇଥାଉ। ସେତେବେଳେ ବହୁତ ଅଳ୍ପ ଯୁଦ୍ଧ ହେଉଥିଲା, କୌଣସି ମହାମାରୀ ନଥିଲା କି କୌଣସି ବିରାଟ ବିପର୍ଯ୍ୟୟ ଘଟୁ ନଥିଲା। ମଣିଷ ବେଶ୍ ସ୍ୱାସ୍ଥ୍ୟବାନ, ବିତ୍ତଶାଳୀ ଓ ସୁଖୀ ଥିଲେ। ସେମାନଙ୍କର ଅଲୌକିକ ଶକ୍ତି ଥିଲା ଓ ଜରୁରୀ ପରିସ୍ଥିତିରେ ଜନସାଧାରଣଙ୍କ ସ୍ୱାର୍ଥ ନିମିତ୍ତ ବ୍ୟବହାର କରୁଥିଲେ। ତାହା କୌଣସି ଇନ୍ଦ୍ରଜାଲ ବା ଅସାଧାରଣ ଘଟଣା ନଥିଲା। ସେ କାଳକୁ କୁହାଯାଉଥିଲା ସୁବର୍ଣ୍ଣ ଯୁଗ। ଲୋକମାନେ ବେଦବାଣୀ ଅନୁସରଣ କରୁଥିବାରୁ ସେ ଯୁଗ ଅନନ୍ୟ ଓ ଅସାଧାରଣ ହୋଇପାରିଥିଲା। ପରବର୍ତ୍ତୀ କାଳରେ ସମୟକ୍ରମେ ଉତ୍ତରପୁରୁଷରୁ ଉତ୍ତରପୁରୁଷ ଜ୍ଞାନ ଓ ପ୍ରଜ୍ଞା ହ୍ରାସ ପାଇବାରେ ଲାଗିଲା ଏବଂ ଲୋକମାନେ ବେଦକୁ ଉପେକ୍ଷା ଓ ଅବଜ୍ଞା କଲେ। ତାହା ହିଁ ସବୁ ଓଲଟପାଲଟ କରିଦେଲା ଏବଂ ପ୍ରାକୃତିକ ଦୃଶ୍ୟପଟ ବଦଳାଇ ଦେଲା, ବର୍ତ୍ତମାନ ଏହି ପରିବର୍ତ୍ତନର ପୂର୍ଣ୍ଣାଙ୍ଗ ସ୍ୱରୂପ ପ୍ରତିଫଳିତ ହୋଇଛି।

ଈଶ୍ୱରଙ୍କ ମୁଖନିସୃତ ବେଦ ହେଉଛି ଜ୍ଞାନର ଭଣ୍ଡାର। ଜଣେ ଯାହା କିଛି ଜ୍ଞାନ ଆହରଣ କରିବାକୁ ଚାହେଁ, ସବୁ ରହିଛି ବେଦରେ। ସେ କଣ କରିବା ଅନୁଚିତ ବୋଲି କୌଣସି ବ୍ୟକ୍ତି ଜାଣିବାକୁ ଇଚ୍ଛାକରେ, ବେଦ ତାହା ନିଶ୍ଚୟ ପ୍ରକାଶ କରିବ। ଜଣେ ନିଜକୁ ଶିକ୍ଷିତ କରାଇବା ପାଇଁ ବେଦ ତାକୁ ଦର୍ଶନର ଅନୁମୋଦିତ ପାଠ୍ୟକ୍ରମ ଯୋଗାଇଦେବ। ସେ ପାଠ୍ୟକ୍ରମ ବିଶ୍ୱାସଯୋଗ୍ୟ ସ୍ୱୟଂସଂପୂର୍ଣ୍ଣ ଓ ଅନ୍ତିମ। ଏହାର ପ୍ରତ୍ୟେକ ଶବ୍ଦ ସଂପୂର୍ଣ୍ଣଭାବେ ବିଜ୍ଞାନସମ୍ମତ, ବିଶ୍ୱବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ବୈଜ୍ଞାନିକଙ୍କ ଦ୍ୱାରା ଘୋଷିତ ଏବଂ ଜ୍ଞାନାନ୍ୱେଷୀଙ୍କ ପାଇଁ ବେଦ ମାନବ ସମାଜ ପାଇଁ ଉପାଦେୟ ହୋଇଥିବା ନୈତିକତା ନିୟମାବଳୀ ପ୍ରଣୟନ କରିଛି। ଏହି ନିୟମକୁ

ଅନ୍ୟ ଭାଷାରେ କୁହାଯାଏ ଧର୍ମ ବା ସତ୍ୟ ସନାତନ ଧର୍ମ।

ବେଦ ବର୍ଣ୍ଣିତ ମାର୍ଗ ଦର୍ଶନ, ସତ୍ୟ ସନାତନ ଧର୍ମ ସେହି ସର୍ବଶକ୍ତିମାନଙ୍କ ମୁଖନିସୃତ। ମାନବଜାତି ଏହାକୁ ଅନୁସରଣ କରି ସୁଖ ଓ ଆନନ୍ଦର ପଞ୍ଚମାର୍ଗ-ଯଜ୍ଞ, ଦାନ ତପ, କର୍ମ ଓ ସ୍ୱାଧ୍ୟାୟର ପଥକୁ ଆଦରି ନେବା ଉଚିତ। ଏ ପଞ୍ଚମାର୍ଗକୁ ନିଷ୍ଠାପରଭାବେ ଅନୁସରଣ କଲେ, ତାହା ବ୍ୟକ୍ତିକୁ ମୁକ୍ତି ଆଡକୁ ବାଟ କଢାଇ ନେବ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେବ।

ଆମେ ଯଜ୍ଞର ବିଶ୍ଳେଷଣ କଲାବେଳେ ଦେଖିବାକୁ ପାଉ, ଏହା ପ୍ରକୃତରେ ମାନବ ଜାତିକୁ ବେଦ ଦେଇଥିବା କାମଧେନୁ। ମଣିଷ ପ୍ରକୃତିରେ ସର୍ବଦା ସାଧାରଣତଃ କିଛି କାମନା ଓ କିଛି ଅଭିଳାଷ ଥିବାରୁ ତାହାର ପ୍ରାପ୍ତି ନିମିତ୍ତ ଯଜ୍ଞ କର୍ମ କରିବାର ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ପ୍ରକାର ପାର୍ଥିବ ଉପଦେଶ ଓ ବାସନା ପୂରଣ କରିବାପାଇଁ ଅଗ୍ନିହୋତ୍ର ଓ ଅଶ୍ୱମେଧ ଭଳି ଭିନ୍ନଭିନ୍ନ ପ୍ରକାର ଯଜ୍ଞ ବ୍ୟବସ୍ଥା କରାଯାଇଛି। ଜଣେ ବ୍ୟକ୍ତିବିଶେଷର ଚାହିଦା ଓ ଆବଶ୍ୟକତା ପୂରଣ କରିବା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନୀୟ ଅଞ୍ଚଳ, ଗୋଟିଏ ପ୍ରଦେଶ, ଗୋଟିଏ ରାଷ୍ଟ୍ର ବା ଦେଶ, ସମଗ୍ର ପୃଥିବୀ ଓ ସଚରାଚର ବିଶ୍ୱବ୍ରହ୍ମାଣ୍ଡର ଆବଶ୍ୟକତା ପୂରଣ କରିବା ପାଇଁ ଭିନ୍ନଭିନ୍ନ ଉପକରଣ ତଥା ପଦ୍ଧତିର ବ୍ୟବହାର କରିବାକୁ କୁହାଯାଇଛି। ସୁବର୍ଣ୍ଣ ଯୁଗରେ ସାଧାରଣତଃ ପ୍ରତ୍ୟେକ ଗୃହରେ ଅଗ୍ନିହୋତ୍ର ଯଜ୍ଞ ଅନୁଷ୍ଠିତ ହେଉଥିଲା। ସେଥିରୁ ପ୍ରତ୍ୟେକ ତାଙ୍କ ଭୌତିକ ଆବଶ୍ୟକତା ଓ ଅଭିଳାଷ ପୂରଣ କରି ପାରୁଥିଲେ ଏବଂ ସେ ଯୁଗର ଲୋକମାନଙ୍କର ବସ୍ତୁଗତ ଦୃଷ୍ଟିରୁ କୌଣସି ଅଭାବ ନଥିବା ପରି ମନେହୁଏ। କିନ୍ତୁ ଯେତେବେଳେ ଏହା କାଁ ଭାଁ କରାଗଲା ଏବଂ ପ୍ରାୟତଃ ଏହାକୁ ତ୍ୟାଗ କରାଗଲା, ଏହା କେବଳ ଯେ ବାୟୁମଣ୍ଡଳଗତ ଅଶୁଦ୍ଧତା ସୃଷ୍ଟି କଲା ତାହା ନୁହେଁ, ବରଂ ସାମାଜିକ ବିପର୍ଯ୍ୟୟ ଓ ଅସନ୍ତୁଳନ ସୃଷ୍ଟି କଲା। ସେହି କାରଣରୁ ଆମେ ଯଜ୍ଞକୁ କାମଧେନୁ ବୋଲି କହୁ।

ପ୍ରତ୍ୟେକ ପ୍ରକାରର ଯଜ୍ଞ କର୍ମ ସମ୍ପାଦନ କ୍ରିୟାବିଧି ବୈଜ୍ଞାନିକ ଭିତ୍ତିରେ ବତାଇ ଦିଆଯାଇଛି। ବର୍ତ୍ତମାନର ବିଶୃଙ୍ଖଳିତ ଓ ଅସୁଖୀ ବିଶ୍ୱ ପାଇଁ ଆରୋଗ୍ୟ ଲାଭ କରିବାର ଏକ ମାତ୍ର ପନ୍ଥା ଅଗ୍ନିହୋତ୍ର ଓ ଯଜ୍ଞ କର୍ମ କରିବା। ଏହା ଦ୍ୱାରା କେବଳ ଯେ ବ୍ୟକ୍ତିଗତ ସମୃଦ୍ଧି ନିଶ୍ଚିତ ହେବ ସେତିକି ନୁହେଁ, ବାୟୁ ମଣ୍ଡଳୀୟ ଅଶୁଦ୍ଧତା ମଧ୍ୟ ଦୂର ହୋଇପାରିବ। ଏପରି ବିଶୁଦ୍ଧକରଣ ସହ ପ୍ରାକୃତିକ ଘଟଣାବଳୀ ଯଥାଯଥ ଭାବେ ବ୍ୟବସ୍ଥିତ ମାର୍ଗରେ କାର୍ଯ୍ୟ କରିବ ଏବଂ ତଦ୍ୱାରା ମାନବିକତାର ମନୋଭାବ ଆହୁରି ଭଲ ଦିଗକୁ ପରିବର୍ତ୍ତିତ ହେବ। ଲୋଭ, ହିଂସା, ଶତ୍ରୁତା, ଚୋରି, ଡକାୟତି ତଥା ଯୁଦ୍ଧ ଘନଘଟା ଭିଆଇବାର ଅପକର୍ମରୁ ଲୋକମାନଙ୍କୁ ସାଧାରଣ ଭାବେ ନିବର୍ତ୍ତାଇବ। ପରିଣାମରେ ମାନବ ସମାଜରେ ଦେଖାଯାଉଥିବା ଖଳ ମନୋବୃତ୍ତିରୁ ମୁକ୍ତି ମିଳିବ।

ବେଦରେ ଉଲ୍ଲେଖ କରାଯାଇଥିବା 'ଦାନ' ଶବ୍ଦର ଅର୍ଥ ହେଉଛି ଜଣେ ଆହରଣ କରି ବା ଠୁଳ କରି ରଖିଥିବା ତା'ର ସମ୍ପତ୍ତିରୁ ଗୋଟିଏ ଅଂଶ ଦେଇଦେବା। ଯଦି ଏହା ଯଥାଯଥ ଓ ଉଦ୍ଦେଶ୍ୟ ରଖି ଉପଯୁକ୍ତ ଲୋକକୁ ବା ସତ୍‌କର୍ମ ପାଇଁ ଦିଆଯାଇଥାଏ, ତା' ହେଲେ ଏହା ଅନେକ ଗୁଣ ବୃଦ୍ଧି ପାଇ ଦାନ ଦେଇଥିବା ଲୋକ ହାତକୁ ପେରିଆସିବ। ଏବଂ ବ୍ୟକ୍ତିର ସମୃଦ୍ଧି ଘଟାଇବ। ଯଦି ଏହା ଖାଦ୍ୟଦାନ ହୋଇଥାଏ, କ୍ଷୁଧାର୍ତ୍ତକୁ ଦାନ କର; ଯଦି ବସ୍ତ୍ର ହୋଇଥାଏ, ଉଲଗ୍ନକୁ ଦାନକର; ଯଦି ଏହା ଏକ ଗାଈ ହୋଇଥାଏ, ଚାହୁଁଥିବା ଏବଂ ଏହାର ଯତ୍ନ ନେବାର କ୍ଷମତା ଥିବା ଜଣେ ଗୃହସ୍ଥକୁ ଏହା ଦାନକର। ମହତ୍ ଉଦ୍ଦେଶ୍ୟ ରଖି ଏବଂ ଦିବ୍ୟ ଅଭିପ୍ରାୟ ଥାଇ ଯେ କୌଣସି ବସ୍ତୁ ଦାନ କରା ଯାଇପାରେ। ଯେତେବେଳେ ଏହାକୁ ଦୃଢ ବିଶ୍ୱାସ ସହ ଉତ୍ସର୍ଗୀକୃତ ମନୋଭାବ ରଖି ଦାନ କରାଯାଇଥାଏ, ବ୍ୟକ୍ତିବିଶେଷଙ୍କର ବର୍ତ୍ତମାନ ଅବସ୍ଥାରେ ଥିବା ସମୃଦ୍ଧି ନିଶ୍ଚିତ ରୂପେ ବହୁଗୁଣିତ ହୋଇପାରିବ। ପ୍ରକୃତରେ ଜଣକର ନିଜର ମନୋଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ବ୍ୟକ୍ତିବିଶେଷକୁ ତା'ର ମନୋବୃତ୍ତି ଓ ଭାବାବେଗ ଏବଂ ଉଲ୍ଲାସ ବା ଅବସାଦରୁ ନିୟନ୍ତ୍ରଣ କରିବା ଉପରେ ଗୋଟିଏ ପାଦ ଆଗକୁ ନେଇଯାଇଥାଏ। ଏହା ଦାନର ମହତ୍ତ୍ୱ ବୃଦ୍ଧିକରେ।

ତୃତୀୟ ପଥ ତପର ଅର୍ଥ ତପସ୍ୟା। ଏହା ବ୍ୟକ୍ତିକୁ ଭୌତିକ ସଂପଦ ପ୍ରତି ଅନାସକ୍ତ କରିବାକୁ ତାଲିମ ଦେଇଥାଏ। ତପସ୍ୟା ମାଧ୍ୟମରେ ଆତ୍ମ ନିୟନ୍ତ୍ରଣ ବା ଆତ୍ମ ସଂଯମ ହାସଲ କରାଯାଇ ପାରିଥାଏ। ଦୈନନ୍ଦିନ ଅଭ୍ୟାସ ବଳରେ ଶାରୀରିକ ଓ ମାନସିକ କ୍ଳେଶକୁ ସ୍ୱଇଚ୍ଛାରେ ନିମନ୍ତ୍ରଣ କରି ସେଥିରୁ ନିଜକୁ ଅଭ୍ୟସ୍ତ କରିବା ଆବଶ୍ୟକ ହୁଏ। ସଂସାର ତ୍ୟାଗକରି ଏକ ନିର୍ଦ୍ଦିଷ୍ଟ ପ୍ରକାର ପରିଚ୍ଛଦ ପରିଧାନ କରିବାର ଅଭ୍ୟାସ କରି ଏବଂ ଜନସମାଜ ଠାରୁ ଦୂରରେ କୌଣସି ଜଙ୍ଗଲ ମଧ୍ୟରେ ଗୋଟିଏ ପର୍ଣ୍ଣକୁଟୀରରେ ବାସକରି ଶାରୀରିକ ଦୁଃଖ ଭୋଗିବା ତପସ୍ୟା ନୁହେଁ। କିନ୍ତୁ ତ୍ୟାଗ ମନୋବୃତ୍ତି ଏବଂ ଅବୟବ ଓ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ବଳରେ ଏହା ଫଳପ୍ରଦ ଓ ଆଦର୍ଶ ହୋଇଉଠେ। ସମୟେ ସମୟେ ଏହା ସ୍ୱଦଣ୍ଡବିଧାନ ହୋଇପଡେ, ସ୍ୱନିଷିଦ୍ଧ ହୋଇଯାଏ। ଶରୀର ଓ ମନର ନିୟନ୍ତ୍ରଣ ପାଇ ଏବଂ ଆଚରଣରେ ଅଧିକ ଶୃଙ୍ଖଳିତ ହେବାପାଇଁ ତପସ୍ୟା ଆବଶ୍ୟକ। ଉପରୁ ଲଦି ଦିଆଯାଇ ନଥିବା ଏହି ସ୍ୱ-ଆମନ୍ତ୍ରିତ ଅଭ୍ୟାସ ପରିଶେଷରେ ଆତ୍ମସଂସ୍କାର ଆଡକୁ ବାଟ କଢାଇ ନେବ। ତପସ୍ୟା ଉଦ୍ଭବ ସମସ୍ତ ଶାରୀରିକ କ୍ଳେଶ ଦାସତ୍ୱରୁ ମୁକ୍ତି ବ୍ୟତୀତ ଆଉ କିଛି ନୁହେଁ।

ଚତୁର୍ଥ ଚଲାପଥ ହେଉଛି କର୍ମ। ଏହା ସଂସାରରେ ଦୈନନ୍ଦିନ ଜୀବନର ଅପରିହାର୍ଯ୍ୟ ଅଂଶବେଶେଷ। ମନର ଶାନ୍ତି ଓ ପ୍ରଶାନ୍ତି ପାଇଁ ମଣିଷ କେଉଁ ନୀତି ନିୟମ ଓ ରାସ୍ତା ଆଦରି ନେବା ଉଚିତ ଏହା କର୍ମର ପରିସରଭୁକ୍ତ। ମର୍ମତଃ କର୍ମର କେତେ ଗୁଡିଏ ଉଦାହରଣ ହେଉଛି - ସତ୍ୟ, ଅହିଂସା, ବ୍ରହ୍ମଚର୍ଯ୍ୟ, ଆସ୍ତେୟ, ଅପରିଗ୍ରହ, ପିତାମାତାଙ୍କ ଆଦେଶ ପାଳନ, ସନ୍ତୋଷ ଓ ଶୌଚ (ବିଶୁଦ୍ଧତା)। ବିନା ଦ୍ୱିଧାରେ ଏହି ମାନବ ତଥା ଦେବ ସୁଲଭ ଗୁଣ ଗୁଡିକୁ ଅନୁସରଣ କରିବା ବିଧେୟ। ସତ କଥା କୁହ, ସତ୍ୟାଶ୍ରୟୀ ହୋଇ ଜୀବନଯାପନ କର, ଅସତ୍ୟର ପାଖ ମାଡ ନାହିଁ ଯଦ୍ୱାରା ଈଶ୍ୱରଙ୍କର ସମୀପବର୍ତ୍ତୀ ହୋଇ ପାରିବ। ଏପରିକି ବେଳେବେଳେ ମିଥ୍ୟା କହିବା ସର୍ବନିମ୍ନ ସ୍ତରରେ ରଖିଲେ ସତ୍ୟ କହିବା ଅଭ୍ୟାସ ହେବ ଏବଂ ନୈତିକ ଚରିତ୍ର ଭଗବତ ବୋଧର ଅଲୌକିକତା ଅନୁଭବ

କରିପାରିବ। ସତ୍ୟ ଆମର ଆଦର୍ଶ, ସତ୍ୟ ବିନା ସଂସାରରେ ଚଳିବା ସମ୍ଭବ ନୁହେଁ।

ମଣିଷ ଗୋଟିଏ ଜୀବ ହିସାବରେ ଏବଂ ସାମାଜିକତା ଭିତ୍ତିରେ ଜୀବନ ଧାରଣ କରୁଥିବାରୁ ଅଂହିସା ଚରିତ୍ରର ଅପରିହାର୍ଯ୍ୟ ଗୁଣ ହେବା ବିଧେୟ। ପ୍ରତିଶୋଧ ପରାୟଣ ହେବା ଏକ ବିବେକହୀନତା ଏବଂ ମାଡର ଉତ୍ତର ମାଡରେ ନ ଦେଇ ବିବେକ ବଳରେ କାର୍ଯ୍ୟ କଲେ ମାଡ ଦେଲା ଲୋକର ନୈତିକତା ହାନି ହେବ, ଅଥଚ ମାଡର ଉତ୍ତର ମାଡରେ କେବଳ ମାଡ ମାରିବା ପ୍ରଥା ବଢ଼ି ଉଠିବା ସାର ହେବ। ଖଳ ଲୋକକୁ ଦଣ୍ଡିତ କରିବାର ମାନସିକତା ନନେଇ ନିଜ ବାଟରେ ଶାନ୍ତିରେ ଚାଲିଲେ, ଖଳ ତା'ର ସମୟକ୍ରମେ ଦଣ୍ଡ ପାଇବ। ଏଇଟା ସର୍ବଶକ୍ତିମାନଙ୍କ ଖଳ ପ୍ରତି ଦଣ୍ଡ। ଏହି ମାନସିକତା ଆସିଲେ ଜଣେ ଦୟାଶୀଳ, କ୍ଷମାଶୀଳ ଓ ଜନହିତୈଷୀ ହୋଇ ପାରିବ। କେହି ବା କୌଣସି ଜୀବାତ୍ମା କାହାର ଦୁଷ୍ଟ ଆଚରଣ ବା ଅସନ୍ତୋଷ ପାଇଁ ଭୟଭୀତ ହେବେନାହିଁ।

ଯୌନ କାମନା ଉପରେ ନିୟନ୍ତ୍ରଣକୁ ବ୍ରହ୍ମଚର୍ଯ୍ୟ କୁହାଯାଏ। ଏହା ସୁସ୍ଥ ଜୀବନର ଗୋପନ କଥା। ଯେ କୌଣସି ନିର୍ଦ୍ଦିଷ୍ଟ ବୟସ ଗୋଷ୍ଠୀର ଲୋକଙ୍କ ପକ୍ଷେ ଏହା ପାଳନୀୟ। ପ୍ରତି ସମାଜରେ ସୁସ୍ଥ ବିବେକବାନ ଗୃହସ୍ଥ ଜୀବନ ବଞ୍ଚିବାର ଅନୁସୃତ ନିୟମ ରହିଛି। ମଣିଷ ସମାଜରେ ବିବାହ ପ୍ରଥା ଗଢ଼ି ଉଠିବାର ପରଠାରୁ ଏପରି କ୍ଷେତ୍ରରେ ଚାରିତ୍ରିକ ଓ ନୈତିକ ପଦ୍ଧତି ମାନବିକ ସ୍ତରକୁ ଆସି ମଣିଷକୁ ବିବେକବାନ ଓ ବିଶ୍ୱର ଶ୍ରେଷ୍ଠ ପ୍ରାଣୀର ଆଖ୍ୟା ଦିଆଯାଏ। ଯୌନ କାମନାରେ ବିପଥଗାମୀ ହେଉଛି ପଶୁଗୁଣ, ମାନବିକତାର ସ୍ଖଳନ ଓ ମଣିଷର ବିବେକ ତଥା ବ୍ରହ୍ମଚର୍ଯ୍ୟର ଅପଚୟ। ଏହା ନୈତିକ ସ୍ଖଳନ, କୁଅଭ୍ୟାସ ତଥା ଚରିତ୍ରହୀନତା। ବ୍ରହ୍ମଚର୍ଯ୍ୟ ନୁହେଁ ଯେ ଜଣେ ବିବାହ ନ କରିବ ବା ବିବାହିତ ହୋଇ ସନ୍ତାନସନ୍ତତି ଲାଭ ନ କରିବ। ବ୍ରହ୍ମଚର୍ଯ୍ୟ ବଳରେ ଶାରିରିକ ସ୍ୱାସ୍ଥ୍ୟର ଉନ୍ନତି ହେବ, ମୁଖମଣ୍ଡଳରେ ଉଜ୍ଜ୍ୱଳ ଆଭା ପ୍ରକାଶିତ ହେବ, ଜଣେ ଶାରୀରିକ ଓ ମାନସିକ ଭାବରେ ଶକ୍ତିଶାଳୀ ହୋଇ ଉତ୍ତମ କାର୍ଯ୍ୟ କରିବାର ଆତ୍ମସନ୍ତୋଷ ଲାଭ କରିବ। ବେଦକୁ ଆଦରି ନେଇ ତା ସହିତ ଯୋଡି ହୋଇ ରହିବାର ଏହା ଏକ ଉଲ୍ଲେଖନୀୟ ବିଭାବ।

ଅପରିଗ୍ରହର ଅର୍ଥ, ତୁମେ ଦାତାଙ୍କୁ ପରିଶୋଧ କରିବା ଅବସ୍ଥାରେ ନଥିଲେ, କାହାରି ଠାରୁ କୌଣସି ପଦାର୍ଥ ମାଗଣାରେ ବା ଉପହାର ଆକାରରେ ଗ୍ରହଣ କରିବା ମନା। ଯଦି ତୁମେ ଅନୁଭବ କରୁଥାଅ ଯେ ତୁମେ କେବେହେଲେ ମୂଲ୍ୟ ପରିଶୋଧ କରିପାରିବ ନାହିଁ, ତାହା ହେଲେ ଦ୍ରବ୍ୟଟିକୁ ଗ୍ରହଣ କରନାହିଁ। ତାହା ହିଁ ଅପରିଗ୍ରହର ନିର୍ଦ୍ଦେଶ।

ପିତାମାତାଙ୍କ ଆଜ୍ଞା ପାଳନ କରିବା ସନ୍ତୋଷ, ଶୌଚ ଅର୍ଥ ହେଉଛି ପିତାମାତାଙ୍କ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ରୂପେ ପାଳନ କରିବା। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଥିବା ଗୁରୁଜନ ଓ ବୟୋଜ୍ୟେଷ୍ଠ ମାନଙ୍କର ଆଦେଶ ପାଳନ କରିବା ମଧ୍ୟ ଏହାର ଅନ୍ତର୍ଭୁକ୍ତ। ତୁମକୁ ଦିଆ ଯାଇଥିବା ପ୍ରତିଟି ସେବା ପାଇଁ ଅବା ତୁମର ଦୈନନ୍ଦିନ ଧରାବନ୍ଧା ଜୀବନରେ କୌଣସି ପରିସ୍ଥିତିରେ ଉତ୍ପୀଡ଼ିତ ହୋଇ ସମ୍ମୁଖୀନ ହେଉଥିବା ପରିବେଶରେ ସୁଖ ଅନୁଭବ କରିବା ହେଉଛି ସନ୍ତୋଷ। ଶୌଚର ସଂଜ୍ଞା ହେଉଛି ଶରୀର, ମନ ଓ ଆତ୍ମାକୁ ନିର୍ମଳ ରଖିବା। ଏହାର କର୍ମକାଣ୍ଡରେ ବେଦ ପ୍ରକଟିତ ହୋଇଛି। ସେଥିରେ ପ୍ରତ୍ୟେକଟି କର୍ମ ଉଲ୍ଲେଖ କରାଯାଇଛି। କଅଣ କରାଯିବା ଉଚିତ ଓ କଅଣ ଉଚିତ ନୁହେଁ ତାହାର ନିର୍ଦ୍ଦେଶ ସ୍ପଷ୍ଟ ଭାବରେ ଦିଆଯାଇଛି।

ତପ ଓ କର୍ମ ପରି ସ୍ୱାଧ୍ୟାୟ (ଆତ୍ମ ଶିକ୍ଷା) ଜଣକର ବ୍ୟକ୍ତିଗତ ଜ୍ଞାନାଲୋକ ପ୍ରାପ୍ତି ପାଇଁ ଅଭ୍ୟାସ କରାଯାଇଥାଏ। ଏଥିରେ ତୁମେ ଜାଣିବା ପାଇଁ ଚେଷ୍ଟା କରିବ – 'ତୁମେ କିଏ', 'ତୁମେ କଅଣ', 'ଏହି ବିଶ୍ୱ ବ୍ରହ୍ମାଣ୍ଡରେ ତୁମର ସ୍ଥାନ କେଉଁଠି', 'ଏଠିକାର ସ୍ରଷ୍ଟା କିଏ', 'ଏହାକୁ କିଏ ପରିଚାଳନା କରେ ?', 'ଜନ୍ମ ଓ ମୃତ୍ୟୁ କଅଣ ?', 'ଈଶ୍ୱର କିଏ', 'ସେ ସର୍ବଶକ୍ତିମାନ କାହିଁକି', 'ଦେବତ୍ୱ କଅଣ ?' ଏସବୁଗୁଡ଼ିକ ସାଧାରଣ ପ୍ରଶ୍ନ ନୁହେଁ, ଏହାର ମାନସିକ ବିଶ୍ଳେଷଣ ଓ ଉତ୍ତର ଜଣକୁ ବାସ୍ତବବାଦୀ ଦାର୍ଶନିକ ଭାବନାରେ ଭରିଦେବ। ଏହି ସବୁର ଉତ୍ସ ହେଉଛି ବେଦ, ମଣିଷ ଯାହା ପ୍ରକୃତିରେ ଜୀବନର ପରିସର ଭାବରେ ଦେବତ୍ୱ ଗୁଣାବଳୀର ନିର୍ବାଚନ ଭାବରେ ଗ୍ରହଣ କରେ। ଏପରି ଚାରି ବେଦର ଗୁଣାବଳୀ ଜାଣିବା ଓ ଅଭ୍ୟାସ କରିବା ମାନବିକତା ପାଇଁ ଏକ ଆହ୍ୱାନ। ସହସ୍ର ବର୍ଷର ପରିବର୍ଦ୍ଧିତ ବସ୍ତୁବାଦୀ ମଣିଷ ଜୀବନ ଆଜି ସମୟ ଓ ମାନସିକ ଯାତନାରେ ଯେତିକି ଅସହାୟ ମନେକରୁଛି, ତାହାର ସମାଧାନ ହିଁ ବେଦରେ ରଚିତ। ବେଦ ଲବ୍ଧ ଜ୍ଞାନର ଆଲୋକ ଓ ଏହାର ପ୍ରୟୋଗ ହିଁ ସ୍ୱାଧ୍ୟାୟ।

ଭୌତିକ ସୁଖର ଆଧ୍ୟାତ୍ମିକ ସନ୍ତୋଷ ନଥାଏ, କିନ୍ତୁ ଆଧ୍ୟାତ୍ମିକ ସାମର୍ଥ୍ୟର ଅଭ୍ୟାସରେ ଭୌତିକ ସନ୍ତୋଷଲାଭ ମିଶି ରହିଥାଏ। ଚିରନ୍ତନ ଓ ଚିରସ୍ଥାୟୀ ହୋଇଥିବା ଈଶ୍ୱରଙ୍କର ଦୈବୀ ଚେତନାରେ ପ୍ରବେଶ କରିବା ସୁଯୋଗ ସମଗ୍ର ମାନବ ସମାଜ ପାଇଁ ନିର୍ଦ୍ଦେଶିତ ସତ୍ୟ ସନାତନ ଧର୍ମର ଆଚରଣ ବିଧି। ଏହି ଆଚରଣବିଧିର ଅଭ୍ୟାସରେ ଭରି ରହିଥାଏ ସତ୍ୟ ଏବଂ ସତ୍ୟ ବ୍ୟତିତେକ ଆଉ କିଛି ନୁହେଁ। ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସମ୍ବିଧାନ ବେଦରେ ଏହି ମାର୍ଗ ଦର୍ଶନ ସ୍ପଷ୍ଟ ଭାବେ ଲିପିବଦ୍ଧ କରାଯାଇଛି।

ଗଜପତି ନଗର, ଭୁବନେଶ୍ୱର-୫
ମୋ – ୯୪୩୭୦୬୦୭୦୩

# ଭୁବନ ବିଘୋଷିତ ଖ୍ୟାତି ଯା'ର

*ଡ. ଦେବେନ୍ଦ୍ର କୁମାର ପତି*

ଇତିହାସ-ସହର ସେ ଐତିହ୍ୟ ଯା' ଚିର ଅମଳିନ
ଭୁବନେଶ୍ୱର ନାମ ଖ୍ୟାତ କୀର୍ତ୍ତି ପୁଣି କେତେ ଯେ ପ୍ରାଚୀନ
ଏକାମ୍ର କ୍ଷେତ୍ର ବୋଲି ବିରାଜିଲା ମନ୍ଦିରମାଳିନୀ
ପ୍ରଭୁ ଲିଙ୍ଗରାଜ ଇଷ୍ଟଦେବ ଚଣ୍ଡୀମାତା ଶିଖରଶୋଭିନୀ
ଗିରିମୟ ଗିରିରାଜ ଖଣ୍ଡଗିରି ଉଦୟଗିରି
ଧଉଳିଗିରିରେ ପ୍ରକଟିତ ଧବଳିମା ଅପୂର୍ବ ଶାଶ୍ୱତ-ଶିରୀ ।

ବୁଦ୍ଧ ମହାବୀର ବାଣୀ ଶୋହେ ଶିଳାରେ ଶିଳାରେ
ଶିଳାଲେଖ କହିଯାଏ ଜୀର୍ଣ୍ଣସ୍ମୃତି ଅସ୍ପଷ୍ଟ ଉଚ୍ଚାରେ
ସୁଶୋଭନ ସବୁଜିମା ହର୍ମ୍ୟମାଳା ନଭଶ୍ଚୁମ୍ବୀ ଉଭା
ଗଣତନ୍ତ୍ର ଶାସନ ଓ ପ୍ରଶାସନର ଯେତେ ଯେତେ ପ୍ରଭା
ଅତୀତ ମହାନ ତା'ର ବର୍ତ୍ତମାନ ପ୍ରତିଶ୍ରୁତିମୟ
ଭବିତବ୍ୟ ବଖାଣନ୍ତି ବୁଦ୍ଧିଜୀବୀ କେତେ ସମ୍ଭାବନାମୟ
କେତେ ସୁକୀର୍ତ୍ତି କୋଣାର୍କ ଗଢାହୁଏ ଏଠି ଅହରହ
ପ୍ରସରି ଯାଉଛି ସୁଗନ୍ଧ ଦିଗନ୍ତରେ ସଦା ମହମହ
ମନ୍ଦପଣ ଦିଶେ ଯାହା ତାହା ଆମ ନିଜସ୍ୱ ଭିଆଣ
ସାମୂହିକ ପ୍ରୟାସରେ ଭରିଦେବା ଆସ ଯେତେ ଭଲପଣ ।

ଡିଏଭି ପବ୍ଲିକ୍ ସ୍କୁଲ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧



# ଭୁବନେଶ୍ୱର ବ୍ୟକ୍ତିତ୍ୱର କେତୋଟି ଦିଗ

*ଡ. ଫକୀର ମୋହନ ସାହୁ*

ଭୁବନେଶ୍ୱର ବ୍ୟକ୍ତିତ୍ୱ ପରିଭାଷାଟି ଅନେକ ଲୋକଙ୍କୁ ତ୍ରୁଟିପୂର୍ଣ୍ଣ ମନେ ହୋଇପାରେ । ବ୍ୟକ୍ତିର ବ୍ୟକ୍ତିତ୍ୱ ରହିଥାଏ – ଏହା ଏକ ସାଧାରଣ ଧାରଣା । କିନ୍ତୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ପରିବେଶର ମଧ୍ୟ ବ୍ୟକ୍ତିତ୍ୱ ରହିଛି । ଯାହା ବ୍ୟକ୍ତି ବା ଅଭିବ୍ୟକ୍ତି ବା ପ୍ରକାଶ ରୂପରେଖ ନିଏ, ତାହା ହେଉଛି ବ୍ୟକ୍ତିତ୍ୱ । ଏ ଦୃଷ୍ଟିରୁ ପ୍ରତିଟି ପରିବେଶର ବ୍ୟକ୍ତିତ୍ୱ ରହିଛି । ବାହ୍ୟ ଜଗତ ସହ ସମନ୍ୱୟ ରକ୍ଷା କରିବାର ଶୈଳୀ ହିଁ ବ୍ୟକ୍ତିତ୍ୱର ସଜ୍ଞା । ମଣିଷ ଯେପରି ଶୈଶବ, ବାଲ୍ୟ, କିଶୋର ଓ ଯୌବନର ସୋପାନଦେଇ ଗତିକରେ, ପ୍ରତିଟି ସହର ଓ ନଗର ମଧ୍ୟ ସେପରି ବିକାଶର ସୋପାନ ଦେଇ ଗତିକରିଥାଏ । ଏ ଦୃଷ୍ଟିରୁ ଭୁବନେଶ୍ୱରର ବିକାଶର ଧାରାରେ ଏକ ଶୈଳୀ ରହିଛି; ସୋପାନ ରହିଛି । ଗୋଟିଏ ପ୍ରବନ୍ଧର କଳେବର ମଧ୍ୟରେ ଏହାର ପୂର୍ଣ୍ଣାଙ୍ଗ ରୂପରେଖ ପ୍ରଦାନ କରିବା ସମ୍ଭବପର ନ ହେଲେ ମଧ୍ୟ ଏହି ବିକାଶଶୀଳ ବ୍ୟକ୍ତିତ୍ୱର କେତୋଟି ଦିଗର ସୂଚନା ଦିଆଯାଇପାରେ ।

କୌଣସି ବ୍ୟକ୍ତି ବା ସ୍ଥାନ କିପରି ଦେଖାଯାଉଛି ତାହା ଦର୍ଶକର ସ୍ଥିତି ଓ ସମୟରେଖା ଉପରେ ନିର୍ଭର କରେ । ଲେଖକଙ୍କର ପର୍ଯ୍ୟବେକ୍ଷଣ ସୀମାରେଖା ଅତି ସଙ୍କୁଚିତ ନୁହେଁ । ଏହା ୧୯୭୦ରୁ ଆରମ୍ଭ ହୋଇ ଆଜିପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଜୀବନଯାତ୍ରାର ପ୍ରସାରିତ ସମୟରେଖା । ସପ୍ତମ ଦଶକ ପୂର୍ବରୁ କାଁ ଭାଁ କେବେ କେମିତି ଭୁବନେଶ୍ୱରକୁ ଅବଲୋକନ କରିବାର ସୁଯୋଗ ଜୁଟିଥିଲେ ମଧ୍ୟ ମନନଶୀଳତାର ସହିତ ପର୍ଯ୍ୟବେକ୍ଷଣ କରିବାର ଅବକାଶ ନଥିଲା ।

୧୯୭୦ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ମନୋବିଜ୍ଞାନ ବିଭାଗର ଛାତ୍ର ହିସାବରେ ଭର୍ତ୍ତି ହେଲି । କେବଳ ଭୁବନେଶ୍ୱର କାହିଁକି, ସମଗ୍ର ଓଡିଶାର ବୌଦ୍ଧିକତାର ନାଭିକେନ୍ଦ୍ର ରୂପେ ପରିଚିତ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଏହାର ଭୌଗୋଳିକ ପରିସର ବାଣୀବିହାର ମାଟିର ବାସ୍ନାରେ ନିଶ୍ଚୟ ସ୍ୱାଦୁତା ଥିଲା । ସୁଯୋଗ ଓ ଆହ୍ୱାନ ଦୁହେଁ ହାତ ଧରାଧରି ହୋଇ ଚାଲୁଥିଲେ ।

ସୁଯୋଗଟି ମୁଖ୍ୟତଃ ଶିକ୍ଷାଗତ ଓ ଆତ୍ମବିଶ୍ୱାସ କୈନ୍ଦ୍ରିକ । ସ୍ନାତକୋ□ର ବିଭାଗର ସଂଖ୍ୟା ଅତି ବେଶୀ ନଥିଲା । ପ୍ରତି ବିଭାଗର ଛାତ୍ର ସଂଖ୍ୟା ସୀମିତ ଥିଲା । ଏପରିକି ଭୂଗୋଳ ବିଭାଗର ଛାତ୍ରଛାତ୍ରୀ ସଂଖ୍ୟା 'ଆଠ'ରେ ସୀମିତ ଥିଲା । ପ୍ରତି ବିଭାଗରେ ପ୍ରାୟ ଜଣେ ମାତ୍ର ପ୍ରଫେସର ଥିଲେ, ଅନ୍ୟମାନେ ରିଡର୍ କିମ୍ବା ଅଧ୍ୟାପକ ପଦବୀରେ ରହିଥିଲେ । ଏପରି ଏକ ପରିବେଶ ମଧ୍ୟରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ମଧ୍ୟରେ ପାରସ୍ପରିକ କ୍ରିୟା ଅନୁକ୍ରିୟା ପର୍ଯ୍ୟାପ୍ତ ଓ ଗତିଶୀଳ ହୋଇପାରୁଥିଲା । ସମ୍ବନ୍ଧ ଉପରେ ବିଶେଷ ଚାପ ନଥିଲା । ଯେଉଁମାନେ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ପଦରେ ରହିଥିଲେ, ସେମାନେ ଶିକ୍ଷା ଓ ଗବେଷଣା ଦୃଷ୍ଟିରୁ ଆନ୍ତର୍ଜାତିକ ଖ୍ୟାତିର ଅଧିକାରୀ ଥିଲେ । ପ୍ରଫେସର ଗଣେଶ୍ୱର ମିଶ୍ର (ଦର୍ଶନ), ପ୍ରଫେସର ରାଧାନାଥ ରଥ (ମନସ୍ତତ୍ୱ ବିଜ୍ଞାନ), ପ୍ରଫେସର ଶ୍ରୀରାମ ଚନ୍ଦ୍ର ଦାଶ (ରାଜନୀତି ବିଜ୍ଞାନ), ପ୍ରଫେସର ମନ୍ମଥନାଥ ଦାସ (ଇତିହାସ), ପ୍ରଫେସର ବିଭୂତି ଭୂଷଣ ଦେଓ (ପଦାର୍ଥ ବିଜ୍ଞାନ), ପ୍ରଫେସର ଶିବରାମ ମହାନ୍ତି (ରସାୟନ ଶାସ୍ତ୍ର), ପ୍ରଫେସର ସାଧୁଚରଣ ଦାଶ (ପରିସଂଖ୍ୟାନ), ପ୍ରଫେସର ଶଙ୍କର ମିଶ୍ର (ଗଣିତ), ପ୍ରଫେସର କକ୍ଷ୍ମଣ ମହାପାତ୍ର (ନୃବିଜ୍ଞାନ) ଏବଂ ପ୍ରଫେସର ସୂର୍ଯ୍ୟକାନ୍ତ ଦାସ (ବାଣିଜ୍ୟ)ଙ୍କ ପରି ଯଶସ୍ୱୀ ପ୍ରତିଭା ଉତ୍କଳ ବିଶ୍ୱବିଦ୍ୟାଳୟ ଓ ବାଣୀବିହାରର ଶୈକ୍ଷିକ ବାତାବରଣକୁ ସକ୍ରିୟ ଓ ଉଦ୍ଦୀପିତ କରି ରଖିଥିଲେ ।

ତତ୍କାଳୀନ ଭୁବନେଶ୍ୱରର ଅଭିବୃଦ୍ଧି ବାଣୀବିହାର ଜୀବନରେ କିଛିଟା ଆହ୍ୱାନ ମଧ୍ୟ ରହିଥଲା । ଦୁଇଟି ମାତ୍ର ଛାତ୍ରନିବାସ ଓ ଗୋଟିଏ ଛାତ୍ରୀନିବାସ ରହିଥିଲା । ଆମେ କେତେକ ଛାତ୍ର ଓ ଅଧ୍ୟାପକ କଟକରୁ ପ୍ରତିଦିନ ଯିବାଆସିବା କରୁଥିଲୁ । ଘରୋଇ ବସ୍‌ର ପ୍ରଚଳନ ନଥିଲା । ଓଡିଶା ରୋଡ୍ ଟ୍ରାନ୍ସପୋର୍ଟର କଟକ-ଭୁବନେଶ୍ୱର ମଧ୍ୟରେ ଯାତାୟତ କରୁଥିବା କେତୋଟି ବସ୍ ବାଣୀବିହାର ମଧ୍ୟଦେଇ ଗତି କରୁଥିଲା । ବିଶ୍ୱବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଏହି ସବୁ ବସ୍‌ର ସୁବିଧା ନେଉଥିଲେ ।

ଗୋଟିଏ ନିର୍ଦ୍ଦିଷ୍ଟ ବସ୍ କଟକ ଚାନ୍ଦିନୀଚୌକ୍‌ରୁ ବାହାରି କଟକର ମୁଖ୍ୟରାସ୍ତା ମଧ୍ୟଦେଇ ଠିକ୍ ସାଢେ ଦଶଟାରେ ବାଣୀବିହାରରେ ପହଞ୍ଚି ପାରୁଥିଲା । ଏଥିରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟର ବହୁ କର୍ମଚାରୀ ଆସୁଥିଲେ । ନିତ୍ୟ ପରିଚିତ ଲୋକମାନେ ଏହି ନିର୍ଦ୍ଦିଷ୍ଟ ବସରେ ଆସୁଥିବାରୁ ଏହା ମଧ୍ୟରେ ଏକ ବନ୍ଧୁଗୋଷ୍ଠୀର ଉଦ୍‌ଭବ ଘଟିଲା । ନିୟମିତ ଯାତାୟତ କରୁଥିବା ଲୋକମାନେ ଓ.ଆର୍.ଟି. ପ୍ରଦତ୍ତ ମାସିକ ରିହାତି ଦରରେ ଟିକେଟ୍ ବ୍ୟବହାର କରୁଥିବାରୁ ଏହାକୁ 'ପାସ୍ ବସ୍' ବୋଲି କୁହାଯାଉଥିଲା ।



ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ ସାଢେ ଚାରିଟାରେ ଶେଷ ହେବାପରେ ପାସ୍ ବସ୍‌ଟି କଟକ ଫେରୁଥିଲା। ଏହି ବସ୍‌ର ଯାତ୍ରୀମାନେ ବେଳେବେଳେ କଟକ ଫେରିବା ସମୟରେ ରାସ୍ତାରେ ପାହାଳ ପାଖରେ ବସ୍ ଅଟକାଇବାପାଇଁ ଚାଳକଙ୍କୁ ଅନୁରୋଧ କରୁଥିଲେ। ଚାଳକ ମଧ୍ୟ ଖୁସିରେ କିଛି ସମୟ ବସ୍ ରଖୁଥିଲେ। ଅଳ୍ପ କିଛି ବର୍ଷ ହେଲା ପାହାଳ ଏକ ରସଗୋଲା ବିକ୍ରୟ କେନ୍ଦ୍ର ହୋଇ ଉଠିଥିଲା। କିଛି ଲୋକ ଅଟକିଥିବା ବସ୍‌ରୁ ବାହାରିଯାଇ ରସଗୋଲା କିଣି ଖାଉଥିଲେ ଆଉ ଅନ୍ୟମାନଙ୍କୁ ମଧ୍ୟ ଅଂଶୀଦାର କରୁଥିଲେ। ଗାଡିରୁ ଚାଳକ ଏବଂ କଣ୍ଡକ୍ଟର ହେଲ୍ପର ବି ମିଠାସ୍ୱାଦ ଆନନ୍ଦର ଭାଗ ନେଉଥିଲେ।

ବସ୍‌ର ସଂଖ୍ୟା ଖୁବ୍ କମ୍ ହୋଇଥିବାରୁ ଦୈନନ୍ଦିନ ଗମନାଗମନରେ ଅସୁବିଧା ରହିଥିଲା। ଅପରାହ୍ଣରେ ଫେରିବା ସମୟରେ ବସ୍‌ରେ ବସିବା ପାଇଁ ଆମମାନଙ୍କୁ ଏକରକମ ସଂଗ୍ରାମ କରିବାକୁ ପଡୁଥିଲା। ଆମର ସ୍ନାତକୋତ୍ତର ଶ୍ରେଣୀର ଶେଷ କ୍ଲାସ୍ ସରିବା ମାତ୍ରେ ଆମ୍ଭେମାନେ

ଦୌଡିଦୌଡି ରୂପାଲୀ ଛକ ପର୍ଯ୍ୟନ୍ତ ଚାଲିଯାଉଥିଲୁ। ପାସ୍ ବସ୍‌ଟି ଆଞ୍ଚଳିକ ଶିକ୍ଷା ମହାବିଦ୍ୟାଳୟ ଦେଇ ରୂପାଲୀ ଛକକୁ ଆସେ ଏବଂ ଜନପଥ ଦେଇ ବାଣୀବିହାର ପରିସର ମଧ୍ୟକୁ ପ୍ରବେଶ କରେ। ସାଢେ ଚାରିଟାର ଅବ୍ୟବହିତ ପୂର୍ବରୁ ଆମେ ବସ୍ ଧରି ବସିବାର ସୁଯୋଗ ପାଉ।

ବର୍ତ୍ତମାନ ଅସମ୍ଭବ ଜନଗହଳି ଓ ବିପଣୀମାଳାରେ ବିଭୂଷିତ ହୋଇଥିବା ରୂପାଲୀଛକ ସେବେ ପ୍ରାୟ ଜନଶୂନ୍ୟ ଥିଲା। ପ୍ରଥମେ ଗୋଟିଏ ଭଙ୍ଗାରୁଜା ଜଳଖିଆ ଦୋକାନ ଓ ପରବର୍ତ୍ତୀ ପର୍ଯ୍ୟାୟରେ ରୂପାଲୀ ନାମଧେୟ ଏକ ରେଷ୍ଟୋରାଂର ଆବିର୍ଭାବ ଘଟିଲା। ସେ ରେଷ୍ଟୋରାଂ ନଥିଲେ ମଧ୍ୟ ରୂପାଲୀ ନାମ ଧାରଣକରି ଛକଟି ସ୍ମୃତିସ୍ତମ୍ଭର କାମକରୁଛି। କୌଣସି କାରଣରୁ ବିଭାଗରେ ଅଟକିଗଲେ, ପାଞ୍ଚଟା ପରେ ବାଣୀବିହାରରୁ ଫେରିବାରେ ବେଶ୍ ଅସୁବିଧା ରହିଥିଲା। ସଂଧ୍ୟା ଓ ରାତିରେ କାଁ ଭାଁ ବସ୍ ବାଣୀବିହାରକୁ ଆସୁଥିଲା। ଅପେକ୍ଷା କରିବା ସମୟରେ ଦୁଇ ତିନୋଟି ଜଳଖିଆ ଦୋକାନ ବିଶେଷ ସକ୍ରିୟ ନଥିଲେ। ସନ୍ଧ୍ୟା ଆରମ୍ଭରୁ ହୁଏତ ରସଗୋଲା ଓ ବ୍ରେଡ୍, ଆଉ କିଛି ସମୟ ପରେ କେବଳ ରସଗୋଲା ଓ ବିଳମ୍ବ ହୋଇଗଲେ ପ୍ରାୟ କିଛି ମିଳୁ ନଥିଲା। ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀମାନେ ଖୁସିରେ କିଛି ଖାଇବାପାଇଁ ଇଚ୍ଛାକଲେ ଟାଉନ୍‌ବସ୍ ଧରି ସହରର କେନ୍ଦ୍ରସ୍ଥଳକୁ ଯାଉଥିଲେ। ବସ୍‌ଷ୍ଟାଣ୍ଡ (କ୍ୟାପିଟାଲ୍ ଥାନା ଓ ଡେଲିମାର୍କେଟ ସାମନା ଯାହାକୁ ଅତି ପୁରୁଣା ବସ୍‌ଷ୍ଟାଣ୍ଡ କୁହାଯାଉଛି) ଓ ରାଜମହଲ ଛକକୁ ସହରର କେନ୍ଦ୍ରସ୍ଥଳ କୁହାଯାଉଥିଲା। ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିବା ସାଉଥ୍ ଇଣ୍ଡିଆନ୍ ରେଷ୍ଟୁରାଣ୍ଟ ଓ ବନାରସିୱାଲା ଦୁଇଟି ମୁଖ୍ୟ ଆକର୍ଷଣ ଥିଲା। ଛାତ୍ରଛାତ୍ରୀମାନେ ଏଠାକୁ ଆସି ପ୍ରିୟ ଓ ତୃପ୍ତିକର ଖାଦ୍ୟର ସୁଯୋଗ ନେଉଥିଲେ।

ସପ୍ତମ ଦଶକର ଶେଷଭାଗକୁ ଏବଂ ଅଷ୍ଟମ ଦଶକର ଆରମ୍ଭବେଳକୁ ଯୋଗାଯୋଗ ଓ ସଂଯୋଗକରଣରେ ଦ୍ରୁତ ବିକାଶ ଘଟିଲା। ବାଣୀବିହାର ଭିତରକୁ ଓ.ଆର.ଟି. ଏବଂ ଅନ୍ୟସବୁ ବସ୍ ବନ୍ଦହେଲା ସତ, ମାତ୍ର ଅସଂଖ୍ୟ ଘରୋଇ ବସର ଯାତାୟତ ଜୀବନକୁ ଚଳଚଞ୍ଚଳ କରିଦେଲା। ରାସ୍ତାଘାଟର ମଧ୍ୟ ଦ୍ରୁତ ବିକାଶ ଘଟିଲା। ସୁତରାଂ ବାଣୀବିହାର ସମେତ ଭୁବନେଶ୍ୱରର ଅନ୍ୟ ସମସ୍ତ ଅଞ୍ଚଳର ପାରସ୍ପରିକ ସମ୍ପୃକ୍ତି ବୃଦ୍ଧି ପାଇଲା। ବିଶେଷତଃ ଅଟୋରିକ୍ସାର ବହୁଳ ବ୍ୟବହାର ଭୁବନେଶ୍ୱରର ମାନଚିତ୍ର ବଦଳାଇଦେଲା। ଯେଉଁ ଅଞ୍ଚଳ ପୂର୍ବରୁ ଅରଣ୍ୟ ଓ ବିପଦସଙ୍କୁଳ ମନେ ହେଉଥିଲା, ସେଠାରେ ମଧ୍ୟ ଜନବସତି ଆଶାତୀତ ଭାବରେ ବୃଦ୍ଧି ପାଇଲା।

ଆମ୍ଭମାନଙ୍କ ପରି କଟକର ସାଂସ୍କୃତିକ ଓ ପରମ୍ପରାଶୀଳ ବାତାବରଣକୁ ଖୁବ୍ ଭଲପାଉଥିବା ଲୋକମାନଙ୍କ ପକ୍ଷରେ ଭୁବନେଶ୍ୱରକୁ ସ୍ଥାୟୀ ବାସଭୂମି ରୂପେ ବାଛି ନେବାରେ ପ୍ରାଥମିକ ଅବସ୍ଥାରେ କିଛିଟା ଅସ୍ୱସ୍ତି ରହିଥିଲା। ତାହାର ଏକ ବିଶେଷ କାରଣ ହେଉଛି ଭାଇଚାରାର ଅଭାବ, ପାରସ୍ପରିକ ସାମାଜିକ ସଂପୃକ୍ତିର ଅଭାବ। କଟକରେ ଅଧିକାଂଶ ବାସଭବନର ପ୍ଲଟ୍ ନମ୍ବର ବା ଘରନମ୍ବର ଅଜଣା ଥିଲେ ବି ଘର ଚିହ୍ନିବାରେ କୌଣସି ଅସୁବିଧା ନଥାଏ। ଜଣେ ଆଗନ୍ତୁକ ଅଚିହ୍ନା ପାନଦୋକାନୀକୁ ପଚାରିଲେ ମଧ୍ୟ ସେ ଅତି ସହଜରେ ଗୃହକର୍ତ୍ତାଙ୍କ ସମସ୍ତ ବିବରଣୀ ସହଜରେ ଦେଇପାରିବ। ଘରଟି କେଉଁଠାରେ ଅବସ୍ଥିତ, ସେ କେଉଁ କାର୍ଯ୍ୟ କରନ୍ତି, ତାଙ୍କର ପିଲାମାନେ କେଉଁ ସ୍କୁଲରେ ପଢନ୍ତି, ସେ କେଉଁ ଅଫିସ୍‌ରେ କାମକରନ୍ତି - ଏ ସବୁ ଖବର ସେ ଦେଇପାରିବ। ଅନ୍ୟ ପକ୍ଷରେ ଭୁବନେଶ୍ୱରରେ ଗୋଟିଏ ଦଶନ୍ଧି ବିତାଇଲେ ମଧ୍ୟ ନିକଟସ୍ଥ ପ୍ରତିବେଶୀମାନଙ୍କୁ ଜାଣିବା ତ ଦୂରର କଥା, ନାମ ମଧ୍ୟ ଉଲ୍ଲେଖ କରିବା ସହଜ ହେଉନାହିଁ। କହିବା ଅନାବଶ୍ୟକ ଯେ, ବ୍ୟକ୍ତିଗତ ସଂସର୍ଗର ଅଭାବ ବିଭିନ୍ନ ଅପରାଧ ଓ ଜଟିଳତାର ଏକ ମୁଖ୍ୟ କାରଣ।

"ଆମ୍ଭେମାନେ ଭୁବନେଶ୍ୱରର ଅଧିବାସୀ" - ସମ୍ଭବତଃ ଏପରି ଏକ ଐକ୍ୟବୋଧ ବିକଶିତ ହେବାରେ ଆଉ କିଛି ସମୟ ଲାଗିବ। ବହୁ ବୈଷମ୍ୟ ଓ ବହୁ ପରମ୍ପରା ନେଇ ଲୋକମାନେ ଏଠାକୁ ଆସିଛନ୍ତି ଏବଂ ବସତି ସ୍ଥାପନ କରିଛନ୍ତି। କେତେକ ସାମାଜିକ ଦୁର୍ବଳତା ସତ୍ତ୍ୱେ ଭୁବନେଶ୍ୱର ବ୍ୟକ୍ତିତ୍ୱରେ କେତୋଟି ସବଳ ଦିଗ ରହିଛି।

ପ୍ରଥମତଃ ଭୁବନେଶ୍ୱର ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱର ଅଧିକାରୀ। ବିଗତ ଦୁଇ ଦଶକରେ ଏହାର ଶାରୀରିକ ସୌଷ୍ଠବ ଯଥେଷ୍ଟ ଶ୍ରୀମୟ ହୋଇଛି। ବୈଷୟିକ ବିକାଶ, ପ୍ରଯୁକ୍ତିଜ୍ଞାନର ପ୍ରୟୋଗ ଏହାର ବୃଦ୍ଧିରେ ସହାୟକ। "ସ୍ମାର୍ଟ ସିଟି" ସ୍ୱୀକୃତ ଏହି ଶ୍ରୀବୃଦ୍ଧିର ପ୍ରମାଣପତ୍ର।

ଦ୍ୱିତୀୟତଃ ମନରେ ପ୍ରଶ୍ନ ଉଠିପାରେ - ଭୁବନେଶ୍ୱରର ବ୍ୟକ୍ତିତ୍ୱ ମୁଖ୍ୟତଃ ନାରୀସୁଲଭ କି ପୁରୁଷୋଚିତ ? ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହା ଏକ "ସମନ୍ୱିତ ବ୍ୟକ୍ତିତ୍ୱ"। ମହାପ୍ରଭୁ ଶିବଙ୍କୁ ଅର୍ଦ୍ଧନାରୀଶ୍ୱର ଆଖ୍ୟାଦେଇ ସ୍ତୁତି କରିବା ପରି ଭୁବନେଶ୍ୱରକୁ ମୂଲ୍ୟାୟନ କଲାବେଳେ ଏହାର ନାରୀସୁଲଭ ବୈଶିଷ୍ଟ୍ୟ ଏବଂ ପୁରୁଷୋଚିତ ସ୍ୱାତନ୍ତ୍ର୍ୟ ଦୃଷ୍ଟିଗୋଚର ହୁଏ। ବିଭିନ୍ନ ଅଭାବୀ ଓ ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କ ବସତି (ଯାହାକୁ କହନ୍ତି ବସ୍ତି) ଦେଇ ଏହା ଯେପରି ନାରୀସୁଲଭ ସମ୍ବେଦନଶୀଳ ପରିଚୟ ଦେଉଛି, ସେହିପରି ଅନ୍ୟ କେତେକ କ୍ଷେତ୍ରରେ ଦୃଢ ଆକାଂକ୍ଷା, ଅଭିଳାଷ, ପ୍ରତିଯୋଗୀମନୋଭାବର ପରିଚୟ ଦେଇ ପୁରୁଷସୁଲଭ ଗୁଣର ସମନ୍ୱୟଧାରା ଭୁବନେଶ୍ୱର ଚରିତ୍ରରେ ସ୍ପଷ୍ଟ ପ୍ରକଟିତ।

ଭୁବନେଶ୍ୱର ବ୍ୟକ୍ତିତ୍ୱର ସବୁଠାରୁ ବଳିଷ୍ଠ ଦିଗ ହେଉଛି ପରମ୍ପରା ଓ ଆଧୁନିକତାର ସମନ୍ୱୟ। ମନେହୁଏ, ଭୁବନେଶ୍ୱରଏକ ମନ୍ଦିରମାଳିନୀ ସହର ନୁହେଁ, ଏହା ଏକ ସମନ୍ୱୟ ପୀଠ। ଏହା ଏପରି ଏକ ସହର, ଯେଉଁଠାରେ ସବୁ ଶତକର ସମ୍ଭବପର ହୋଇଛି। ପରମ୍ପରାଚାଳିତ ଜୀବନ ନିର୍ବାହ କରୁଥିବା ଲୋକମାନଙ୍କର ବାସସ୍ଥଳୀ ପୁରୁଣା ଭୁବନେଶ୍ୱର କେବଳ ଏକ ଭୌଗୋଳିକ ଅଂଶ ବିଶେଷ ନୁହେଁ। ଏହା ଏକ ସାଂସ୍କୃତିକ ଓ ମନସ୍ତାତ୍ତ୍ୱିକ ପ୍ରତୀକ। ସେହିପରି ବୈଷୟିକ ଶିକ୍ଷାର ନାଭିକେନ୍ଦ୍ର ରୂପେ ଭୁବନେଶ୍ୱରର ଯେପରି ଦ୍ରୁତ ବିବର୍ତ୍ତନ ଘଟୁଛି, ଏକବିଂଶ ଶତାବ୍ଦୀର ପରିବର୍ତ୍ତନ ଇତିହାସରେ ଏକ ଅଲିଭା ସ୍ୱାକ୍ଷର ହୋଇ ରହିଯିବ।

ବିଶ୍ୱ ମାନଚିତ୍ରରେ ନାମାଙ୍କନ ପାଇଁ ଏହାର ସଚଳତା ପ୍ରତି ସଚେତନ ହେବାର ଯେତିକି ଆବଶ୍ୟକତା ରହିଛି, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସାମାଜିକ ସମ୍ପର୍କ ଓ ସଂଯୋଗୀକରଣର ପ୍ରୟୋଜନୀୟତା ମଧ୍ୟ ସେତିକି ରହିଛି।

ରିସର୍ଚ୍ଚ ପ୍ରଫେସର,
ଜାଭିୟର୍ସ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ - ୯୪୩୭୧୨୧୨୭୯

# ଅନ୍ଧାରିବସ୍ତିର ଅନ୍ଧାର ଭୁବନେଶ୍ୱର

*ଲୋପାମୁଦ୍ରା କର*

ଦେଖ,
କାଲି ପୁଣିଥରେ
ସୂର୍ଯ୍ୟାସ୍ତ ହେବ,
ଲାଲ ରଙ୍ଗର ଅସ୍ତଗାମୀ ସୂର୍ଯ୍ୟ
ଝିଟିପିଟିର ଲାଲ ଲେଲିହାନ
ଶିଖା ଭଳି,
ଏଇ ଭଙ୍ଗା କର୍ଦ୍ଦମାକ୍ତ
ବସ୍ତିର ପଛପାଖରୁ,
ଭଙ୍ଗା ଟାୟାର ଧରି
ଚାହିଁଥିବା ବିକଳାଙ୍ଗ ଶିଶୁର
ଚିତ୍କାର ମଧ୍ୟରୁ,
ଜରିଗୋଟାଳି ଝିଅର
ଅନାସକ୍ତ ଭବିଷ୍ୟତ ମଧ୍ୟରୁ,
ରଙ୍ଗୋଲି ଆଲୋକରେ
ରଙ୍ଗୀନ୍ ସ୍ୱପ୍ନ ଦେଖୁଥିବା
ଗଣିକାର ଅନାବୃତ୍ତ ହୃଦୟରୁ,
ଠିକ୍
ସବୁଦିନ ଭଳି ସୁଉଚ୍ଚ ଅଟ୍ଟାଳିକାର ଅଟ୍ଟହାସ୍ୟ
ଦେଖି ସ୍ୱପ୍ନ ଦେଖୁଥିବା
ବସ୍ତିର ମଧ୍ୟଭାଗରୁ ।୧।

ଏଠି
ରାତି ଆସେ,
ସହରର ସବୁ ବତୀ ଶୋଇଯିବା ପରେ,
ନିଷ୍ପାପ ଶିଶୁର
ଭୋକରେ ଡହଳ ବିକଳ ଆଖି ଦୁଇ ପରି,
ନଗଡାର ସାମ୍ରାଜ୍ୟ
ପସରା ମେଲାଏ
ସପୁଷ୍ଟି, ପୁଷ୍ଟି, ଅପପୁଷ୍ଟି !

ଆହାର ମୁହଁରେ ବସେ ନିତି ପାହାର,
ଯୋଜନା, ପ୍ରତିଶ୍ରୁତି, ସମବେଦନା
ସବୁ ଏଠି ଧୂଆଁବାଣ
ମାତାଲ ମଣିଷ ଏଠି
ଚଳଚିତ୍ର ଗୀତରେ
ମନକୁ ମତୁଆଲା କରି
ଗାଇ ଯାଉଥାଏ
ସଙ୍ଗମଭରା ସଙ୍ଗୀତ ।୨।

ଦୂରରୁ ଭାସି ଆସୁଥିବା
ଲାଲ ଟକ୍‌ମକ୍ ଚିଙ୍ଗୁଡି ଭଜା ଓ ଅଣ୍ଡାଝୋଳର ଉଷୁମ ବାସ୍ନା !
ମିଟିମିଟି ଆଖିରେ ଶୋଇବାକୁ
ଚେଷ୍ଟାରତ ନିଷ୍ପାପ ଶିଶୁ,
ବଡବାବୁଙ୍କ ପାଖ ଡଷ୍ଟବିନ୍‌ରେ
ଖୋଜେ ବଳିପଡିଥିବା କିଛି ଦାନାକୁ,
ଫୁଟ୍‌ପାଥ୍ ଏଠି ତୂଳୀତଳ୍ପ ଶଯ୍ୟା
ବାପା, ମା’ ଛେଉଣ୍ଡ ଛୁଆ ପାଇଁ
ରାତିର ନିଶାଚରମାନେ
ଏଠି ଘୂରି ବୁଲୁଥାନ୍ତି
ରକ୍ତର ଛିଟା ବୁହାଇବାକୁ,
ଯାଦୁଗରୀ ପବନର
ଶିହରିତ ପରଶରେ ଯେବେ ଶୋଇପଡେ ସାରା ସହର
ଅଭିଶପ୍ତ କିନ୍ନରର ବୁକୁଫଟା କ୍ରନ୍ଦନରେ
ଟାଙ୍କୁରିଉଠେ ହୃଦୟର କୋଣ ଓ ଅନୁକୋଣ ।୩।

ନିତି ଚାଲୁଥାଏ ଏଠି ମଣିଷ (ନାରୀ)
ଦେହର ସଉଦା
ସୌଦାଗର ସାଜନ୍ତି
କେତେ ନେତା, ରାଜନେତା, ଅଭିନେତା ପୁଣି ସାଧାରଣ ଜନତା,

ହତ୍ୟା, ଆତ୍ମହତ୍ୟା, ବଳାତ୍କାର
ଘଟିଚାଲିଥାଏ ବରାବର ।

ଭୁବନେଶ୍ୱର ! ସ୍ମାର୍ଟ ଏ ସହର
ପାଖରେ ଥିଲେ ସ୍ମାର୍ଟ ଫୋନ୍
ସବୁ କିଛି ଲାଗେ ନିଜର ।
ଭିନ୍ନ ଏ ସହର
ଆପଣା ଲାଗଇ ପର,
ପର ନିଜଠୁ ଅତି ଆପଣାର,
କୁଢକୁଢ ଆବର୍ଜନା ଏଠି
ମଶାମାଛି ପୋକଜୋକଙ୍କ ସଂସାର
ଆଲୁଅ ଏଠି ସାତ ସପନ
ମହମ, ଡିବି, ଲଣ୍ଠନ ଲିଭାଏ ଅନ୍ଧାର,
ଷ୍ଟେସନଗଳି ବଜାର
ଏଠି କଳା ମଚମଚ ଅନ୍ଧାର
ପତି ପରିତ୍ୟକ୍ତା କାନ୍ଦଣା ଶୁଭଇ
କ୍ରମଶଃ
ରାତି ପାହି ସକାଳ ଘନେଇ ଆସଇ ।୪।

ଭୁବନେଶ୍ୱର,
ମୋ - ୮୦୧୮୬୪୧୫୮୫

●●●●



# ଭୁବନେଶ୍ୱର ହେ ଭୁବନେଶ୍ୱର

*ଆରିଆ ରାଉତରାୟ*

ଭୁବନେଶ୍ୱର ହେ ଭୁବନେଶ୍ୱର
ସତେ ତୁମେ ଦିଶ କେତେ ସୁନ୍ଦର
ପାଖରେ ରହିଲେ ଯେତେ ଦିଶୁଥାଅ
ଦୂରୁ ମନେ ପଡ କି ମନୋହର ।
ପ୍ରକୃତିର କୋଳେ ବଢିଚ ତୁମେ,
ଏକାମ୍ର ବନର ଗହନ ବନେ
ବହୁଛି ଝରଣା ଧୀର ସୁଅରେ,
ଗାଆନ୍ତି ଚଢେଇ ସୁନ୍ଦର ତାନେ ।
ତା ପାଖେ ତୋଳିଲେ ରଜା ଆମର,
କୀରତି ଦେଉଳ କେଦାରେଶ୍ୱର
ଶୁଣିଲେ ଯେବେ ସେ ପ୍ରେମର ଭାଷା
ଗଉରୀ କେଦାର ପିରତି କଥା ।
ଭାବର ରାଇଜ କଳିଙ୍ଗ ଦେଶେ
ସାଧବ ଯାହାର ଦୂର ବିଦେଶେ
ବଣିକ ବେଶରେ ନଉକା ବାହି
ଲୁଗା, ଗୁଡ, ମୂର୍ତ୍ତି ନିଏ ହରଷେ ।
ସେଇ ସାତ ଭାଇ ଫେରିଲେ କାଲି
କାନ୍ଦଇ ଦେଖିଲେ ସୁନାରନାକୀ
ବନସ୍ତୁ ଆଣିଲେ ଗେହ୍ଲା ଭଉଣୀ
ଦୁଃଖ ଦେଇଛନ୍ତି ସେ ଅବିବେକୀ ।
ଭାବର ଅବଳା ସେ ତଅପୋଇ,
ନାକକାଟେ ରାଗେ ଛୁରି ପଜେଇ
ସାନ ବୋହୂ ପାଇଁ କିପାଇଁ ସାହା ?
ଭାବ ମନେ ନେଇ ଦେଉଛି ରାହା ।
ପୁରୁଣା ସହର ଭୁବନେଶ୍ୱର
ଭାବର ବରଷ କେଇ ହଜାର
କେତେ ଦେବାଦେବୀ ରାଜା ଓ ରାଣୀ
ଭରନ୍ତି ତାହାର କଥା କାହାଣୀ ।
ପାଠ ପଢାଇଲେ ଗୁରୁମା ଆମର
ମନେ ରହିଯାଏ ଶୁଣିଲା ପରେ
ମଧ୍ୟାନ୍ତର ଆମ ଖାଇବା ଛୁଟିରେ
ବାଣ୍ଟି ବଦଳାଇ ଖାଉ ମଜାରେ ।
ଅଜା ତ ମୋଅର କାମରେ ବେସ୍ତ
ତାଙ୍କ ପାଖେ ମିଳେ ସବୁ ହରଷ
ଭୁବନେଶ୍ୱର ହିଁ ଆମ ଜୀବନ
ପାଣିକୁ ଦେଖିଲେ ଯେମିତି ମୀନ ।
ଛଟଛଟ ହୁଏ ଦୂରକୁ ଆସି
ମନ ପୂରୁନାହିଁ ବିଦେଶ ଭୂଇଁ
ଡହଳ ବିକଳ କେବେ ଛୁଟି ହେଲେ
ଭୁବନେଶ୍ୱରକୁ ଯିବିକି ଧାଇଁ !

ସୁନାବେଡା
ମୋ - ୮୪୮୦୩୭୪୦୪୧



# ରାଜଧାନୀରେ ଘରଟିଏ

*ଡ. ନାରାୟଣ ସାହୁ*

ବୟସ ସତୁରୀ ପାଖାପାଖି। ଗୋଟିଏ ବି ମୁଣ୍ଡବାଳ ପାଚି ନଥିଲା। ସିଏ ଆଗେଇ ଚାଲିଥିଲା ରାଜଧାନୀ ରାଜରାସ୍ତାରେ। ଚାଲିଲେ ମେଦିନୀ କମ୍ପି ଯାଉଥିଲା। କାନ୍ଧରେ ପଡିଥିଲା ଖୋର୍ଦ୍ଧା ଗାମୁଛା। ଯାଙ୍କୁ ଆପଣ ନାଟୁବାବୁ ବୋଲି ଧରିନିଅନ୍ତୁ। କେହି ନଟ, କେହି ନଟବରବାବୁ ବୋଲି ଡାକିଥାନ୍ତି। ଢ଼େଙ୍ଗା ମଣିଷଟିଏ।

ବଡ଼ିଭୋରୁ ନାଟୁବାବୁ ଚାଲୁଥିଲେ। ଆଜିର ଲକ୍ଷ୍ୟସ୍ଥଳ ଥିଲା ରାମମନ୍ଦିର ଛକ। ଲକ୍ଷ୍ୟ କରିଥିଲେ ପାଖ ଦୋକାନଟିକୁ, ଯେଉଁଠି ପ୍ରାୟ ସବୁବେଳେ ଜଳଖିଆ ପାଇଁ ଭିଡ଼ ଜମେ। କୋକାନର ପଛପଟକୁ ବୁଲି ଯାଇଥିଲେ। ଦୁଇଟା କୁକୁର, ଗୋଟାଏ ବିରାଡି ଅଇଁଠା ବାସନ ଉପରେ ତାଙ୍କର କସରତ ଜାରି ରଖିଥିଲେ। ସେଇଠି ଦୁଇ ତିନିଜଣ କାରିଗର ଖାଇବା ଜିନିଷ ତିଆରି କରୁଥିଲେ। ଏ ସବୁ କିନ୍ତୁ ନାଟୁବାବୁଙ୍କୁ ପସନ୍ଦ ନ ଥିଲା, - 'ଏଗୁଡାକୁ ଗ୍ଲିଟୁ ନାହାନ୍ତି କାହିଁକି ?' ଜିନିଷ ତିଆରି କରୁଥିବା ଲୋକ ଦି'ଟା କିଛି ନ କହି ଖାଲି ହସିଥିଲେ। ଫେରି ଆସିଥିଲା ନାଟୁବାବୁ।

ଅନେକ ଦିନ ପରେ ସହରକୁ ଆସିଥିଲେ ନାଟୁବାବୁ। ବଡ଼ପୁଅ ଏଠି ଅଫିସର ଅଛି ରାଜସ୍ୱ ବିଭାଗରେ। ସାନପୁଅ ଆମେରିକାରେ। ବଡ଼ପୁଅର ଗୋଟିଏ ଝିଅ। ଆଉ ସାନପୁଅର ଗୋଟିଏ ପୁଅ। ଗାଁରେ ଦଶ ଏକର ଜମି, ଡିଅବାରି ସହିତ ରହନ୍ତି ନାଟୁବାବୁ। ବୁଢୀ ପାଞ୍ଚବର୍ଷ ହେଲା ଆରପାରିକୁ ଚାଲିଗଲାଣି। ଦୁଇ ପୁଅଙ୍କ ଇଛା, ବାପା ଜମିବାଡ଼ି ବିକି ସେମାନଙ୍କ ପାଖେ ରହନ୍ତୁ। ସେମାନେ ସ୍ଥିର କରିଛନ୍ତି ଗାଁକୁ ଆଉ ଫେରିବେନି। ନାଟୁବାବୁ କିଛି ସ୍ଥିର କରିପାରୁ ନାହାନ୍ତି। କିଛି ଗୋଟାଏ ଫଇସଲା କରିବାକୁ ପଡ଼ିବ। ସେଥିପାଇଁ ଭୁବନେଶ୍ୱର ଆସିଛନ୍ତି।

'ହେଇଟି, ବାପା କଣ ଜଳଖିଆ ଖାଇବେ। ରୁଟି କରିଦେବି ?' - 'ନା', ସିଏ ଗାଁରୁ ଚୁଡ଼ା, ଗୁଡ଼ ଆଣିଛନ୍ତି। ତାଙ୍କର ସେଇଟା ହଉଛି ସକାଳ ଖାଇବା। ଆରେ ହଁ, ଆମ କ୍ୱାଟର ବଗିଚାଟା ଟିକିଏ ସଫା ଦେଖାଯାଉଛି। ତମେ ମୂଲିଆ ଡାକି ଥିଲ କି ? କହିଦଉଚି, ମୋ ପାଖରେ ପଇସା ନାହିଁ। ମାସର ସବୁ ଖର୍ଚ୍ଚର ହିସାବ ଦେଇଦେଇଛି। ଏ ଫାଲ୍‌ତୁ ଖର୍ଚ୍ଚ ପାଇଁ ମୋ ପାଖରେ ଟଙ୍କା ନାହିଁ।'

'ମୁଁ ତ କାହାରିକୁ ଡାକିନି। ବଗିଚା ସଫା କରିବା ବି ଦେଖିନି। କେତେବେଳେ କିଏ ସଫା କଲା, ମୁଁ କେମିତି କହିବି ?'

'ତା ହେଲେ କିଏ ସଫା କଲା ?'

X X X

ସନ୍ଧ୍ୟା ଆନତ ପ୍ରାୟ। ନାଟୁବାବୁ ଚାଲିଥିଲେ ଆଗକୁ ଆଗକୁ। ଦୂରରୁ ଗୋଟାଏ ହସର ମୁକୁଳା ଜୁଆର ଶୁଭିଲା। ସନ୍ଧ୍ୟା ସମୟରେ ହସ କୋଉଠୁ ଆସୁଛି ? ସେଇ ଦିଗକୁ ଆଗେଇଲେ। ତିନି ଶହ ପାଖାପାଖି ନରରୂପୀ ନାରୀ ଏଠି ଆସର ଜମେଇଥିଲେ। ସେଇ ପାଖ ଦେଇ ଯା ଆସ କରୁଥିବା ଦୁଇଚକିଆରୁ ଚାରିଚକିଆ ପର୍ଯ୍ୟନ୍ତ ଯାନର ନିସ୍ତାର ନଥିଲା। ଜୋରଦାର ଜୁଲମ। ବିଚିତ୍ର ପରିବେଶ। ଏଇ ଜାଗାଟା ଥିଲା ହିଂଜଡା ହାଟ। ଏ ଦୃଶ୍ୟ ଥିଲା ନାଟୁବାବୁଙ୍କ ପାଇଁ ପ୍ରଥମ। ଅତି ସନ୍ତର୍ପଣରେ ଜାଗାଟାକୁ ପାରି ହୋଇଥିଲେ ନାଟୁବାବୁ। ବାଃ ବାଃ ରେ ରାଜଧାନୀ !!

ଆଉ ଦିନେ ବଡି ଭୋରୁ ଗୋଟାଏ ନୂଆ ପାର୍କ ଆଡେ ଯାଇଥିଲେ ନାଟୁବାବୁ। ପିଲାଠାରୁ ବୁଢା ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ହାଫ୍ ପ୍ୟାଣ୍ଟ-ବାନିଅନ ପିନ୍ଧି ଦଉଡୁଥିଲେ। ବିଗତ ଯୌବନକୁ ଧରି ରଖିବା ପାଇଁ ବିଚିତ୍ର ପ୍ରୟାସ। ଷାଠିଏ ପରବର୍ତ୍ତୀ ପିଢି ସ୍ୱଷ୍ଟ ବାରି ହେଇ ପଡୁଥିଲେ। ପାର୍କର ନିର୍ଦ୍ଦିଷ୍ଟ ପାଥିରେ ୩/୪ ରାଉଣ୍ଡ୍ ମାରିଲା ପରେ ସେମାନେ ଯାଉଥିଲେ ପାର୍କ ଭିତରେ ରହିଥିବା ବିଭିନ୍ନ ପ୍ରକାର ବ୍ୟାୟାମ ପାଇଁ ସାମଗ୍ରୀ ପାଖକୁ। ହାତ, ଗୋଡ, ଛାତି, ପିଠି, ମୁଣ୍ଡ ଆଦିକୁ ବ୍ୟବସ୍ଥିତ ଭାବେ ଚଳାଇ ଫେରି ଆସୁଥିଲେ ପାର୍କର ମୁଖଶାଳା ପାଖକୁ। ମହା ଆନନ୍ଦରେ ଗିଲାସେ ଜୁସ୍ ପିଇ କିଛି ଗଜାବୁଟ ଚୋବେଇ ନିଜକୁ ବାର୍ଦ୍ଧକ୍ୟରୁ ଦୂରେଇ ରଖିବାକୁ ଚେଷ୍ଟା କରୁଥିଲେ ଆମର ବୟସ୍କ ବନ୍ଧୁଗଣ। କେବେ ଧୁଆଁ ହେଉ ନଥିବା ଜୁସ୍ ଦୋକାନୀର ରଙ୍ଗଛଡା ବୋତଲଗୁଡାକ ସତେ ଯେମିତି ଏଇ ବିକଳିଆ ମଣିଷଗୁଡାଙ୍କୁ ନିତିଦିନ ଅପେକ୍ଷା କରି ରହୁଥିଲେ। ନାଟୁବାବୁ ସେଇ ଆଡକୁ ଚାହିଁ ଟିକିଏ ହସିଥିଲେ, ପୁଣି ଆଗେଇଥିଲେ।

ଘରେ ପୁଅ ବୋହୂଙ୍କର ଚିନ୍ତା ବଢିଯାଇଥିଲା। ବାପା ତାଙ୍କ ଘରେ କେତେଦିନ ରହିବେ ଏବଂ ଗାଁ ଜମି ଘରଡିହ କେବେ ବିକ୍ରିହେବ ? କିଛି କୂଳକିନରା ପାଉନଥିଲେ ଏ ଦୁହେଁ। ଗେଟ୍ ଖୋଲି ଭିତରକୁ ଆସିଲେ ନାଟୁବାବୁ। - 'ବାପା ଚା' ଆଣିବି ?'

'ନା, ଥାଉ। ସେଗୁଡାକ ମୋର ଅଭ୍ୟାସ ନାହିଁ। ଏ ସବୁ ତମ ସହରରେ ଚଳେ।'

'ବାପା ମୁଁ କ'ଣ କହୁଥିଲି କି ......'

- 'ଘର ଜମିବାଡ଼ି ବିକିବା କଥା ତ ? ସବୁ ଠିକ୍ ହୋଇଯାଇଛି। ପଚାଶ ଲକ୍ଷ ଟଙ୍କା ହେବ। କଥା ଛିଣ୍ଡିଛି। ତମ ଦିହିଙ୍କି ପଚିଶି ପଚିଶି ଦେଇଦେଲେ ମୋ କାମ ଶେଷ।'

- 'ଭଲ ହେଲା ବାପା, ତମେ ବାକିତକ ଜୀବନ ଆମ ପାଖରେ କଟାଇଦେବ।'

ବଡ ବୋହୂ ମୁହଁଟା କେମିତି ଆମ୍ବିଳା ହୋଇ ଉଠିଲା। ସେ ତତ୍‌କ୍ଷଣାତ୍ ପ୍ରତିବାଦ ସ୍ୱରରେ କହିଲା, 'ବାପା କଣ ଏକା ତମର। ସେ ଏଠି ରହିଲେ ସୁଶାନ୍ତ - ନିରୁ କଣ ଭାବିବେ ?'

'ମୁଁ ଜାଣେ। ସେମାନେ ବାପାଙ୍କୁ ନେବାକୁ କେବେ ଚାହିଁବେନି। ଆମେରିକାରେ ରହି ସେମାନେ ସେଠିକାର ସ୍ଥାୟୀ ନାଗରିକ ହୋଇଯାଇଛନ୍ତି। ବାପା ସେଠିକା ଜଳବାୟୁରେ ଚଳି ପାରିବେନି। ବରଂ ଆମ ପାଖରେ ରହିଲେ ଭଲ। ତମେ କଥାଟା ବୁଝୁନ କାହିଁକି ? ତମ ସାନଭାଇ ଆଉ ତା ସ୍ତ୍ରୀ ପିଲା ନୁହଁନ୍ତି। ସେମାନଙ୍କର ମଧ୍ୟ ବାପାଙ୍କ ପ୍ରତି କିଛି କର୍ତ୍ତବ୍ୟ ରହିଛି। ଶେଷକୁ ଲୋକେ କହିବେ, ସମ୍ପତ୍ତି ଲୋଭରେ ଏ ନାଟ ଭିଆଇଛ ତମେ।'- ଏକାସ୍ୱରରେ କହିଗଲା ବୋହୂ।

-'ସୁଶାନ୍ତକୁ ମୁଁ ପିଲାଟି ଦିନରୁ ଜାଣେ। ତାର କୌଣସି ଜିନିଷ ଉପରେ ଲୋଭ ନାହିଁ। ତମେ କାହିଁକି ବ୍ୟସ୍ତ ହେଉଛ ?'



ନାଟୁବାବୁ ଏମାନଙ୍କ କଥା ଏତେ ବେଳଯାଏ ଧୈର୍ଯ୍ୟର ସହିତ ଶୁଣୁଥିଲେ।

-'ତା ହେଲେ ଠିକ୍ ଅଛି। ଆଉ ସେ ସବୁ କାହିଁକି ବିକ୍ରି କରିବାନି ! ମୋର ତ ଇଚ୍ଛା ନଥିଲା। ଖାଲି ତମମାନଙ୍କ କଥାରେ ପଡି.........'

-'ନା ବାପା। ସେ କଥା ବି ଠିକ୍ ନୁହେଁ। ତମେ ଗାଁରେ ଏକା ରହୁଛ। କେତେବେଳେ କୋଉକଥା। ଆଗରୁ ଝାମେଲା ନ ବଢାଇଲେ, ପଛକୁ ସମସ୍ତେ ହଇରାଣ ହେବା।'

-'ଠିକ୍ ଅଛି। ମୁଁ ଆଗ ଥରକୁ ଆସିଲାବେଳକୁ ସବୁକାମ ଶେଷ କରି ଆସିବି। ଦିହିଙ୍କି ସମାନ ଭାବେ ବାଣ୍ଟିଦେବି।'

-'ବାପା, କଥା କ'ଣ କି........ ସୁଶାନ୍ତର ଟଙ୍କା କଣ ହେବ ? ସେ ଦି ଜଣ ଯେତିକି ରୋଜଗାର କରୁଛନ୍ତି, ତାଙ୍କ ଖର୍ଚ୍ଚଠାରୁ ଢେର୍ ବେଶି। ୟା'ଙ୍କ ରୋଜଗାର କଥାତ ଜାଣିଛ। ତମ ନାତୁଣୀ ପଢୁଛି। କାଲି ସକାଳେ ତାର ବିଭାଘର ହେବ। ଏତେ ଟଙ୍କା ଆମେ ଆଣିବୁ କୋଉଠୁ ? ତେଣୁ ମୁଁ କ'ଣ କହୁଥିଲି କି .........'

- 'ତମମାନଙ୍କ କଥା ବୁଝିପାରୁଛି। ଥରେ ତାକୁ ପଚାରିଦେବା ଉଚିତ୍ ହେବ। ସିଏ ଯାହା କହିବ, ସେଇଆ ହେବ।'

ଭିତରକୁ ଚାଲିଗଲେ ନାଟୁବାବୁ। ସ୍ୱାମୀଙ୍କ ମୁହଁକୁ ଏକ କର୍କଶ ଦୃଷ୍ଟିରେ ଚାହିଁଥିଲେ ସହଧର୍ମିଣୀ।

X X X

ସହରଠାରୁ ଦୂରରେ ଏକ ଶ୍ୟାମଳ ପରିବେଶରେ ଗଢି ଉଠିଥିଲା ଘରଟିଏ। ଚାଲୁ ଚାଲୁ ପ୍ରାୟ ୮/୧୦ କିଲୋମିଟର ଆସିଯାଇଥିଲେ ନାଟୁବାବୁ। ଭାରି ଶୋଷ ହେଲା। ପାଖ ପାଣିପମ୍ପ ଆଡକୁ ଅନାଇଲେ। ପମ୍ପ ଚାଲୁ ନଥିଲା। ହତାଶ ହେଇ ଚାରିଆଡକୁ ଦୃଷ୍ଟି ବୁଲାଇଲେ। ହାତ ଠାରି ବୁଢା ଲୋକଟିଏ ଡାକିଲା। ସେଇ ଘରପାଖକୁ ଗଲେ ନାଟୁବାବୁ।

ପାଣି ପିଇବ ? ଭିତରକୁ ଆସ। ତୁମେ ବୋଧେ ଏ ଭୁବନେଶ୍ୱରକୁ ନୂଆ ହୋଇ ଆସିଛ ! ବସ। ପାଣି ଆଣୁଛି।

ନାଟୁବାବୁ ଘରେ ପଡିଥିବା ଚେୟାର ଉପରେ ବସିଲେ। ଭିତରେ ଚଳପ୍ରଚଳ ହେଉଥିଲେ କେତେ ବୁଢାବୁଢୀ। କିଏ ଖେଳୁଥିଲା ତ କିଏ ପେପର ପଢୁଥିଲା, କିଏ କଂପ୍ୟୁଟରରେ କାମ କରୁଥିଲା। କେତେଜଣ ରୋଷେଇ କରୁଥିଲେ। କେତେଜଣ ସ୍ତ୍ରୀପୁରୁଷ ପରିବା କାଟୁଥିଲେ। ଘର ବାହାରକୁ କିଛି ଜଣା ପଡୁ ନଥିଲେ ବି ଭିତରେ କିନ୍ତୁ ସମସ୍ତେ ବେଶ୍ ଚଳଚଞ୍ଚଳ ଥିଲେ। ବୟସ ସେମାନଙ୍କ ପାଖରେ ହାର ମାନିଯାଇଥିଲା। ସେହି ବ୍ୟକ୍ତଜଣକ ପାଣି ଗ୍ଲାସ୍ ଧରି ଆସିଲେ। ନାଟୁବାବୁ ପାଣି ପିଇଲେ।

- ଏତେ ଲୋକ ଏଠି ଏମିତି ?

- ଇଏ ବି ଏକ ନୂଆଘର। ଘର ଯେଉଁ ମାନଙ୍କୁ ପର କରିଦିଏ, ସେମାନଙ୍କୁ ଏ ଘର ଆପଣେଇନିଏ। ଏଠି ଯେତେ ଲୋକଙ୍କୁ ଦେଖୁଛ, ସମସ୍ତଙ୍କ ପଛରେ କିଛି ନା କିଛି କାରଣ ରହିଛି। ପିଲାମାନେ ଏମାନଙ୍କୁ ହତାଦର କଲେ। ସେମାନେ ଆଉ କୁଆଡେ ଯାଇଥାଆନ୍ତେ ?

ହଁ, ଦୀର୍ଘଶ୍ୱାସ ଛାଡିଲେ ନାଟୁବାବୁ। ସମସ୍ତେ ପରିବାର ଭଳି ଚଳୁଛନ୍ତି।

- ଅସୁବିଧାରେ ପଡିଲେ, ପିଲାମାନେ ତଡିଦେଲେ ଏଇ ବୟସ୍କ ମଣିଷମାନେ ଏଇଭଳି ସ୍ଥାନକୁ ଆସିଥାନ୍ତି। ଏ ଘରେ ସମସ୍ତେ ସମାନ। କଣ ଏଠିକି ଆସିବ ?

- ନା ........ନା ...... ମୋ ପିଲାଏ ସେମିତି ନୁହନ୍ତି। ସେମାନେ ମୋତେ କେବେ ବି ଏମିତି ହତାଦର କରିବେନି।

-ଈଶ୍ୱରଙ୍କୁ କେବଳ ସେତିକି ପ୍ରାର୍ଥନା କର। ହଁ, ଯଦି କେବେ କେଉଁଠି ଏମିତିକା ମଣିଷମାନଙ୍କୁ ଦେଖ, ଯେଉଁମାନେ ପିଲାମାନଙ୍କ ଦ୍ୱାରା ଏକ ରକମ ନିର୍ବାସିତ, ଅନୁରୋଧ - ସେମାନଙ୍କୁ ଏଇ ଘରର ଠିକଣା ଜଣେଇଦବ ଆଉ କହିବ ରାଜଧାନୀରେ ବି ସେମାନଙ୍କର ନିଜର ଏକ ଘର ରହିଛି।

X X X

ଗାଁର ଜମିବାଡି ଢିଅ ପଚାଶ ଲକ୍ଷ ଟଙ୍କାରେ ବିକ୍ରି ହୋଇଯାଇ ଥିଲା ନାଟୁବାବୁ ବଡ ପୁଅକୁ ତିରିଶ ଆଉ ସାନ ପୁଅ ନାମରେ କୋଡିଏ ଲକ୍ଷ ରଖି ଦେଇଥିଲେ। ଏଥିରେ କିନ୍ତୁ ବଡ ବୋହୂ ଖୁସି ନଥିଲା। ନାଟୁବାବୁ ଭୁବନେଶ୍ୱରରେ ବଡପୁଅ ପାଖରେ ରହୁଥିଲେ। ଧୀରେ ଧୀରେ ବୋହୂର ବ୍ୟବହାର ବଦଳି ଚାଲିଥିଲା। ଏ କଥା କାହାକୁ ବା କହିବେ? ବଡପୁଅକୁ କିଛି କହିହବନି କାରଣ ବୋହୂ କଥାରେ ସେ ଉଠବସ୍ ହେଉଥିଲା।

କିଛି ଦିନ ପରେ ବଡପୁଅର ହଠାତ୍ ବଦଳି ହେଲା ରାଉରକେଲାକୁ। ପୁଅବୋହୂଙ୍କ ମଧ୍ୟରେ କଥା କଟାକଟି ଚାଲିଥିଲା। ରାଉରକେଲାର ଘରେ ଜିନିଷପତ୍ର ଠିକ୍ ଠାକ୍ କରିବାକୁ ଅନ୍ତତଃ ୩/୪ ଦିନ ଲାଗିଯିବ। ସେଇତକ ଦିନ ବାପା ଯଦି କେଉଁଠି ରହିଯାଆନ୍ତେ?

– 'ଏକଥା କେମିତି ମୁଁ କହିପାରିବି ବାପାଙ୍କୁ? ଏଇଟା ମୋ ଦ୍ୱାରା ସମ୍ଭବ ନୁହେଁ।'

– 'ଘର ବଦଳାଇବା ଟା ସହଜ କାମନୁହେଁ। ଏକା ଦିନରେ ଯଦି ସବୁ କାମ କରିପାରିବ, ତାହେଲେ ବାପାଙ୍କୁ ନେଇଚାଲ। ମୋର କିଛି କହିବାର ନାହିଁ।'

ବାହାରୁ ପୁଅ ବୋହୂଙ୍କ କଥା ଶୁଣୁଥିଲେ ନାଟୁବାବୁ। ମନେପଡିଗଲା ସେଇଘର ବା ଜରାଶ୍ରମ କଥା।

– 'ଆରେ ତମେ ଦିହେଁ ସେଥିପାଇଁ କାହିଁକି ଚିନ୍ତା କରୁଛ? ମୁଁ ଏଇଠି ୩/୪ ଦିନ ରହିଯିବି। ମୋର ଗୋଟିଏ ଚିହ୍ନା ଘର ଅଛି। ସେମାନେ ବି ମୋତେ କହୁଥିଲେ। ତାଙ୍କପାଖେ ରହିଯିବି।'

ସକାଳୁ ଗୋଟେ ଅଟୋରେ କିଛି ଜିନିଷ ସହିତ ଟ୍ରଙ୍କଟିଏ ଧରି ନାଟୁବାବୁ ପୁଅ ସହିତ ପହଞ୍ଚିଲେ ଜରାଶ୍ରମରେ। ପୂର୍ବର ସେହି ବ୍ୟକ୍ତି ଜଣକ ନାଟୁବାବୁଙ୍କୁ ପାଛୋଟି ନେଲେ ଭିତରକୁ।

– 'ତମେ ଏତେ ଶୀଘ୍ର ଆସିଯିବ ବୋଲି ଆମେ ଭାବି ନଥିଲୁ। ଇଏ ତମ ପୁଅ ବୋଧେ!'

ନମସ୍କାର କରିଥିଲା ପୁଅ। – 'ମଉସା ୪/୫ ଦିନ ପରେ ଆସି ମୁଁ ବାପାଙ୍କୁ ନେଇଯିବି। ମୋର ରାଉରକେଲା ବଦଳି ହୋଇଛି। ସେଠି ଜିନିଷପତ୍ର ଠିକ୍ ଠାକ୍ କରି ମୁଁ ଆସି ବାପାଙ୍କୁ ନେଇଯିବି। ଏଇ କେତେଦିନ ଯଦି ଆପଣ..........'

ହସୁଥିଲେ ଭଦ୍ରବ୍ୟକ୍ତି ଜଣକ। ଅଟୋରେ ଫେରି ଯାଉଥିଲା ପୁଅ।

X X X

ନାଟୁବାବୁ ବାରମ୍ବାର ଦଉଡୁଥିଲେ ଟେଲିଫୋନ୍ ପାଖକୁ। କାଳେ କେତେବେଳେ ରାଉରକେଲାରୁ ଫୋନ୍ ଆସିଯିବ! ଟେଲିଫୋନ ପାଖରେ ବସିଥିବା ଲୋକଟିକୁ କରୁଣ ଦୃଷ୍ଟିରେ ଚାହିଁଥିଲେ।

– 'ଆଠ ଦିନ ହେଇଗଲାଣି। ଫୋନଟା ଆସୁନି। ଆଚ୍ଛା, ମୋ ଅନୁପସ୍ଥିତିରେ କେବେ ପୁଅ ପାଖରୁ ଫୋନ୍ ଆସଛି?'

– 'ଆସିଥିଲେ, କହି ନଥାନ୍ତି? ପୁଅର ଫୋନ ନମ୍ବର କେତେ?'

– 'ସେଇଟା ତ ମତେ ଜଣା ନାହିଁ। ପୁଅ-ବୋହୂ ଦି ଜଣଯାକ କହିଥିଲେ ଫୋନ୍ କରିବାକୁ। ୪/୫ ଦିନ ଭିତରେ ସବୁ ଠିକ୍‌ଠାକ୍ ହୋଇଯିବ। ଏତେ ଦିନ ତ ଲାଗିବା କଥା ନୁହଁ।'

ଆଗେଇ ଆସିଲେ ପ୍ରଥମରୁ ନାଟୁବାବୁଙ୍କୁ ସ୍ୱାଗତ କରିଥିବା ବ୍ୟକ୍ତି ଜଣକ।

– 'କ'ଣ ଆହୁରି ବି ଆଶା ରଖିଛ ଫୋନ୍ ଆସିବ?'

– 'ନା......ନା......ମୋ ପୁଅ ସେମିତିକା ପିଲା ନୁହଁ। କେଉଁଠି କିଛି ଅସୁବିଧା ନିଶ୍ଚୟ ହୋଇଛି।'

– 'ଏଠି ଯେତେ ଜଣଙ୍କୁ ଦେଖୁଛ, ସମସ୍ତେ ସେଇ ଏକା କଥା କହି ସାରିଛନ୍ତି। ବର୍ଷ ପରେ ବର୍ଷ ବିତିଯାଇଛି। ସେମାନଙ୍କ ପିଲାଏ କେବେ ବି ଗୋଟିଏ ଦିନ ଏ ସ୍ଥାନ ମାଡି ନାହାନ୍ତି। ସବୁ କିଛି ଦେହସୁହା ହୋଇଯାଇଛି।'

ନିଜ ଭିତରେ ଭାଙ୍ଗିପଡୁଥିଲେ ନାଟୁବାବୁ। ତାଙ୍କ ପୁଅ କ'ଣ ଏମିତି କରିପାରିବ! ସାନପୁଅ ଏକଥା ଶୁଣିଲେ କ'ଣ ଭାବିବ! ଦୁଃଶ୍ଚିନ୍ତା ଭିତରେ ଦେହଟାକୁ ଲୋଟାଇ ଦେଇଥିଲେ ନାଟୁବାବୁ। ସ୍ୱପ୍ନ ଦେଖୁଥିଲେ। ପୁଅ ପାଖରୁ ଚିଠି ଆସିଛି। ସେ ଚିଠିରେ ସେ ନିଶ୍ଚିତ ତାଙ୍କୁ ରାଉରକେଲା ନେବାପାଇଁ ଲେଖିଥିବ। ହେଲେ ସେ ଏତେ ଶୀଘ୍ର ଯିବେନି। ବରଂ ପୁଅକୁ ରୋକ୍‌ଠୋକ୍ ଚିଠିରେ ଲେଖିଦେବା ଉଚିତ୍ ହବ ସେ ଅଲୋଡା ନୁହନ୍ତି। ତାଙ୍କର ଢେର୍ ସାଙ୍ଗସାଥୀ ଅଛନ୍ତି। ରାଜଧାନୀ ଭୁବନେଶ୍ୱରରେ ତାଙ୍କର ବି ଘରଟିଏ ଅଛି। ସିଏ କାହା ପାଖକୁ କାହିଁକି ବା ଯିବେ? ବେଶ୍ ଆନନ୍ଦରେ ଅଛନ୍ତି ଏହି ଘରେ।

ଭୋର ଚାରିଟା। ଘଣ୍ଟା ଟିଂ ଟିଂ ହେଲା। ସ୍ୱପ୍ନ ଭାଙ୍ଗିଗଲା। ମୁହଁ ହାତ ଧୋଇ ନିତ୍ୟକର୍ମ ସାରିବାକୁ ହେବ। ସାଢେ ଚାରିଟା ବେଳକୁ ସମବେତ ପ୍ରାର୍ଥନା ରାମଧୁନ୍ ବୋଲାହେବ।

'ରଘୁପତି ରାଘବ ରାଜାରାମ୍ ...... ସବକୋ ସନମତି ଦେ ଭଗବାନ।'

ବି,ଏଲ-୨୪, ବୀର ସୁରେନ୍ଦ୍ର ସାଇ ନଗର,
ବାଣୀବିହାର, ଭୁବନେଶ୍ୱର-୬
ମୋ - ୯୪୩୭୯୧୯୧୨୩



# ବୟସ କେତେ ?

*ତପନ ମହାପାତ୍ର*

ମୁଣ୍ଡରେ ଟିକିଏ ପାଣି ଛିଞ୍ଚିହୋଇ ବିନ୍ଦୁସାଗର ପାହାଚ ଉଠୁ ଉଠୁ ସେ ମୋ ପାଖକୁ ଲାଗି ଆସିଲେ। ପଚାରିଲେ, ଦର୍ଶନ କରିବେ ?

ସେ ପଚାରୁ ପଚାରୁ ମୁଁ କହିଲି, ନା।

ମନେମନେ ଭାବିଲି, ଏ ପଣ୍ଡା ଭାଇନା କି ନନାମାନଙ୍କୁ ମାନିବାକୁ ପଡିବ। ଯାତ୍ରୀଙ୍କ ବେଶଭୂଷା ଚାଲି କି କେଉଁଥରୁ କେଜାଣି, ସେମାନେ ଜାଣିନିଅନ୍ତି କିଏ ଦର୍ଶନାର୍ଥୀ କିଏ ନୁହେଁ।

ମୋର ମନ୍ଦିର ଯିବା, ଦର୍ଶନ କରିବା ସତ କିନ୍ତୁ ଏମାନଙ୍କ ବିନା। ଥରେ ଏମାନଙ୍କ ମାୟାରେ ପଡିଲେ, ନାନା ଝେଙ୍କେଝାଙ୍କ୍। ଝିନ୍‌ଝଟ୍। କିଏ ପାଣି ଚୋଳେ ହାତରେ ଧରାଇ ସପ୍ତପୁରୁଷ ଉଦ୍ଧାର ନିମନ୍ତେ ହଜାରେ ଏକ ମାଗି ଶପଥ କରାଇବେ ତ କିଏ ପାଦୁକ ଟିକେ ଦେଇ ବ୍ରାହ୍ମଣଙ୍କୁ ଅନ୍ନବସ୍ତ୍ର ନିମନ୍ତେ ଚାପ ପକାଇବେ। ଭକ୍ତର ଇଚ୍ଛା ଅନିଚ୍ଛା କଥା ଛାଡ୍ ତାର ଧାର୍ମିକ ଆବେଗ ଟିକକୁ ଦଳିଦାଳି ଛାଡିବେ।

ସେଥିପାଇଁ ପ୍ରଥମରୁ ମନା କରିଦେଇଥିଲି। ମାତ୍ର ଭାଇନା ମୋ ପିଛା ଛାଡୁନାହିଁ। ବିନ୍ଦୁସାଗରରୁ ଚାଲିଚାଲି ଆସି ଅନନ୍ତ ବାସୁଦେବ ମନ୍ଦିର ଡେଇଁଲାଣି, ସେ ଆସୁଛି। ସେଇ ଗୋଟିଏ କଥା ବାରମ୍ବାର କହୁଛି, ଭଲରେ ଦର୍ଶନ କରାଇବି। ବେଢା ବୁଲାଇବି, ଭୋଗ କରିବେ ଯଦି, ଠିକ୍‌ରେ ଲାଗି କରାଇଦେବି, ଖୁସିରେ ଯାହା ହେବ ଦେବେ।

ଜାଣିଲି, ଭାଇନା ମୋ ପିଛା ଛାଡିବନି। ସେଥିପାଇଁ ଟିକେ ଟାଣ କରି କହିଲି, ମୁଁ ନିଜେ ଦର୍ଶନ କରିପାରିବି। ଆପଣଙ୍କ ସହାୟତା ଦରକାର ନାହିଁ କି କିଛି ବି ଦେବାର ନାହିଁ। ସମୟ କାହିଁକି ସାରୁଛନ୍ତି ?

ଆମ ସମୟ ତ ଏମିତି ସରେ। ଯାତ୍ରୀଙ୍କ ଲାଗି। ସମୟ ସାରିବା କଥା କଅଣ କହୁଛନ୍ତି ?

ହଁ ଯେ, ...ମୁଁ ତ ସେ ଯାତ୍ରୀ ନୁହେଁ, ଖାଣ୍ଟି ଓଡିଆ ମୁଁ। ଘରଟା ବି କୋଉ ଦୂର ହୋଇଛି ? କଥାରୁ ତ ଜାଣି ପାରୁଥିବେ। ତା’ ପରେ ମୁଁ ଯେତେବେଳେ ଛୋଟ ଥିଲି, ସେଇବେଲୁ ମନ୍ଦିର ଆସୁଛି। ଦର୍ଶନ କରୁଛି। ଯାଉଛି।

ଭାଇନାର ସମୟ ସରୁନି ମୋର ବି ମନ୍ଦିର ଯିବାର ଅଛି। ତେଣୁ ସେତିକି ବାଟ ସାରିବାକୁ ମୁଁ ମୋ କଥାକୁ ଆଉଟିକେ ଲମ୍ବ କରିଦେଲି। ସେତେବେଳେ ଏ ରାସ୍ତା ଏତେ ଚଉଡା କି ଚିକ୍‌ଚିକ୍ ନଥିଲା। ମୁଁ ବସ୍‌ରେ ଆସିଲାବେଳେ ମୋତେ ନିଦ ହୋଇଯାଇଥାଏ। ଭାଙ୍ଗେ ଖଣ୍ଡଗିରି ଛକରେ। ସେତେବେଳେ ଖଣ୍ଡଗିରି ଛକଟା ଏମିତି ନଥିଲା। କୋଉ ଦୋକାନ ନା ବଜାର ? ଅଳ୍ପ କେତେଟା ଡାଟି ଦୋକାନ ଥିଲା। ଥିଲା ଦି’ଧାଡିରେ ବିରାଟ ବିରାଟ ଆମ୍ବ, ଜାମୁ, ବର ଅଶ୍ୱତ୍ଥ ଗଛ। ସେଠି ଗାଡି ରହୁ ରହୁ ଜାଗାଟା ଏତେ ଶୀତୁଆ ଲାଗେ, ଏ.ସି. ରୁମ୍‌ରେ ପଶିଗଲାଭଳି। ସେତିକି ବେଳକୁ ନିଦ ଭାଙ୍ଗେ। ଓଃ, କି ଛାଇ! କି ଥଣ୍ଡା!

ମୁଁ ସେଇବେଲୁ ମନ୍ଦିର ଆସୁଛି। ପାଖାପାଖି ଚାଳିଶ କି ବେଶି ବର୍ଷ ହେବ। ଆଉ ତମେ ଦର୍ଶନ କରାଇବ କ’ଣ ?

ସେବେଳେ ଆସୁଥିଲ ଯଦି ତେବେ ତ ତେରେଣ୍ଡା ମାଛ ଖାଇଥିବ ?

ମାଛର ନାଁ ଟା ମୋତେ ନୂଆ ଲାଗିଲା। ରୋହି, ଭାକୁର, ଫଳି, ଚିତଳ, ଚେଙ୍ଗ, ଗଡିଶା କେତେ ମାଛ ଖାଇଛି। ନାଁ ଶୁଣିଛି। ପୁଣି ଏ ତେରେଣ୍ଡା ମାଛ ପୁଣି କ’ଣ ? ଭାଇନାଟା ମନକୁ ଫାନ୍ଦି ଏମିତି କହୁଛି ନିଶ୍ଚେ।

ତେବେ ପଚାରିଦେଲି। ନାଁଟା ତ ମୁଁ ଆପଣଙ୍କଠାରୁ ପ୍ରଥମେ ଶୁଣୁଛି।

ସେ ମୋ କଥା ଉପରେ କଥା ମଡାଇ କହି ଉଠିଲେ, ସେଇ କଥା ତ ? ଆମେ ପିଲାବେଳେ ବିନ୍ଦୁସାଗରରୁ ଏଇ ମଝାମଝି ସାଇଜ୍‌ର ମାଛ ମିଳୁଥିଲା। କି ସୁଆଦ! ଭାଜିଦେଲେ କି ବାସନା! ନୋହିଲେ ଆମେ ଯେଉଁ ବରଫଦିଆ ମାଛ ଖାଉଛେ କି ପାଟି ପାକୁପାକୁ କରୁଥିବା ରୋହି ଭାକୁର ଖାଉଛେ ତା’ ସୁଆଦ କ’ଣ ଅଛି ? ସେଥିପାଇଁ କହୁଛି, ଆପଣ ମନ୍ଦିର ଦେଖିଥିବେ କିଛି ଦେଖି ନଥିବେ। ଯାହାକୁ ବୁଝେଇବାକୁ ବସିଲେ ସେମାନେ କହୁଛନ୍ତି ଆମର ଏତେ କଥା ଜାଣିବା ଦରକାର ନାହିଁ। ଆମେ କୋଉ ଗବେଷକ ନୁହଁ ଭକ୍ତ। କୁହ ତ, ଭଗବାନଙ୍କ ବିଷୟରେ ନଜାଣିଲେ ଭକ୍ତି ଆସିବ କେଉଁଠୁ ? ବେଶି ବାଧ କରି କହିଲେ କହୁଛନ୍ତି ଆମେ ନେଟ୍‌ରୁ ପାଇଯିବୁ।

ଦିନେ ଜଣଙ୍କୁ ବିରକ୍ତ ହୋଇ କହିଲି, ନେଟ୍‌ରେ ଧୂପ, ଦୀପ, ଭୋଗ ଚଢାଇ ଦେଲୁନି, ଏତେ ବାଟ କାହିଁକି ଆସିଲୁ ?

ଆପଣଙ୍କର ଜିଓ ଅଛି ତ ?

କଥା ମଝିରେ ଭାଇନା ମୋତେ ଏମିତି ପ୍ରଶ୍ନଟେ କଲେ ପ୍ରଥମେ ମୁଁ ଜାଣି ପାରିଲିନି। ପରେ ଉତ୍ତର ଦେଲି, ନାଁ। ବି.ଏସ.ଏନ୍.ଏଲ୍। କାହିଁ

କ'ଣ ହେଲାକି ?

ନେଟ୍ ପ୍ୟାକ୍ ଅଛି ?

ହଁ ଅଛି ।

ଏଥର ସେ ମୁହଁକୁ ଚାହିଁ କହିଲେ ମନ୍ଦିରକୁ ନେଇ ମୁଁ ଗୋଟେ ପ୍ରଶ୍ନ କହୁଛି, ମୋତେ ଟିକେ ନେଟ୍‌ରୁ ଉତ୍ତରଟା କହିଦେଲେ ?

ନେଟ୍‌ରୁ କ'ଣ ସବୁ ମିଳିବ ? ମୁଁ କହୁକହୁ ସେ କହିବା ଆରମ୍ଭ କରିଦେଲେ ।

ସେଇ କଥା ତ । ସବୁ କ'ଣ ନେଟ୍‌ରୁ ମିଳିବ ? ସେଥିପାଇଁ କହୁଛି, ଭଲକରି ଦର୍ଶନ କରାଇଦେବି । ବେଢ଼ା ଚାରିପାଖ ମନ୍ଦିର ବିଷୟରେ କହିବି । ଆପଣ ଯାହା ଖୁସିରେ ଦେବେ ।

ଭାଇନା ପ୍ରତି ମୋର ଟିକେ ଦୁର୍ବଳତା ଆସିଯାଇଥିଲା । ସତରେ, ଲୋକଟା ପିଛା ପିଛାରେ ଏତେ ବାଟ ଆସିଲାଣି, ଏତେ କଥା କହିଲାଣି, କ'ଣ ଜାଣିଛି ଶୁଣିଦେଲେ ମୋର ଅସୁବିଧା କ'ଣ ?

କିନ୍ତୁ ବେଢା ଯଦି ବୁଲାଇବ, ତେବେ କେତେ ଟଙ୍କା ନେବ ? ଥରେ ତ ଧୋକା ଖାଇଛି ଯେ ମନରୁ ଯାଇନି ।

ପୁରୀ ପଣ୍ଡା ଜଣେ ଏମିତି ମୋ ପଛରେ ପଡିଥିଲା ଅନେକ ଦିନ ତଳେ । ଠିକ୍ ଏଇ ଭାଇନା ପରି କହିଥିଲା ଜଗନ୍ନାଥଙ୍କୁ ଦର୍ଶନ କରାଇବି, ବେଢା ମନ୍ଦିର ବିଷୟରେ କହିବି ଯାହା ଦେବ ଖୁସିରେ ।

ମୁଁ ପଚାରିଦେଲି ଖୁସିରେ ମାନେ କେତେ କହିଲେ ସିନା ମୁଁ ହଁ କହିବି କି ନା । ନୋହିଲେ ପଛରେ ମନ ଦୁଃଖ କରିବ କାହିଁକି ?

ସେମାନେ ପିଲାଟି ଦିନରୁ ଯାତ୍ରୀଙ୍କ ପକେଟ୍ ଦେଖିଛନ୍ତି ମୋତେ ସୁହାଇଲା ପରି କହିଦେଲା, ଅରେ ତୁ ତ ପିଲାଲୋକ । ଟଙ୍କା ଦୁଇଶ ଦେବୁ ।

ଏତେ ଗୁଡାଏ ମନ୍ଦିର ବୁଲାଇବ, ଏତେ କଥା କହିବ ଟଙ୍କା ଦୁଇଶ ବେଶି ନୁହେଁ ଭାବି ହଁ କରିଦେଲି । ତା ପରେ ନୂଆ କରି ଦରମା ପାଇଥିଲି । ଜଗନ୍ନାଥ ମନ୍ଦିରରେ ଦର୍ଶନଟା ଭଲ କରିବି କି ମନ୍ଦିର ବିଷୟରେ କିଛି ଜାଣିବି, ପଣ୍ଡାଟା ସାଥିରେ ମୂଲଚାଲ କ'ଣ କରିବି ?

ପଣ୍ଡାଟା ମୋତେ ବଟଗଣେଶଙ୍କ ପାଖରେ ଠିଆ କରାଇ କହିଲା, ଏ ବଟ ଗଣେଶ । ସରସ୍ୱତୀଙ୍କ ପାଖରେ ଏ ସରସ୍ୱତୀ, ବିମଳାଙ୍କ ପାଖରେ ଏ ବିମଳା, ଲକ୍ଷ୍ମୀଙ୍କ ପାଖରେ ଏ ଲକ୍ଷ୍ମୀ ଜଗନ୍ନାଥ ମନ୍ଦିର ତଳେ କହିଲା – ଦେ ଦୁଇଶ ।

ମୁଁ କାବା ହୋଇ ଚାହିଁଲି । ମନେମନେ ଭାବିଥିଲି ବେଢ଼ା ବୁଲାଇସାରି ସେ ବୋଧେ କିଛି ନୂଆକଥା ଶୁଣାଇବ କିନ୍ତୁ କିଛି ନକହି ପଇସା କ'ଣ ମାଗିଲାଣି ?

ପଣ୍ଡାଟା ସେମିତି ବ୍ୟସ୍ତ ହୋଇ କହିଲା, ଦେଲୁ ମୁଁ ଯାଏ ।

ସେତିକିରେ ମୁଁ ପଚାରିଦେଲି, ମୋତେ କଣ କହିଲେ ଯେ ? ମୁଁ କଣ ଗଣେଶଙ୍କୁ ଦେଖି ସରସ୍ୱତୀ କହିଥାନ୍ତି ନା ଲକ୍ଷ୍ମୀଙ୍କୁ ଦେଖି ଚିହ୍ନି ପାରି ନଥାନ୍ତି ? ମୋତେ ପରା କହିଥିଲ ମନ୍ଦିର ବିଷୟରେ କହିବ ?

ପଣ୍ଡାଟା ମାର-ନମାର ହେଲା । କହିଲା, ମୁଁ ତ ସେଇ ମନ୍ଦିର ବିଷୟରେ କହୁଥିଲି । ଯୋଉଠିକି ନେଲି, ସେ ମନ୍ଦିର ନାଁ କହୁଥିଲି ନା ନାଇଁ ? ଟଙ୍କା ଦେଲୁ ମୁଁ ଯାଏ ।

ବାଧରେ ଟଙ୍କା ଦୁଇଶ ଦେଲି । କହିଦେଲି, ଆଉ ଏ ମନ୍ଦିରଟା ଜଗନ୍ନାଥ ମନ୍ଦିର ତ ? ଟିକେ ଜଗନ୍ନାଥଙ୍କୁ ଦେଖାଇ ଦେଉନ ?

ଦିଅଁ ତ ସାହାଣମେଲା । ଦେଖାଇବି କଅଣ ?

ଆଜି ସେଇ ପଣ୍ଡାର ଆଉ ଏକ ଅବତାର ଯେମିତି ମୋ ଆଗରେ ଛିଡା ହୋଇଛି ସେମିତି ମନେକରି ପଚାରିଦେଲି, କେତେ ଟଙ୍କା ଦେବି ? କ'ଣ ସବୁ କହିବ ?

ସେ ମୁହଁକୁ ଚାହିଁ ରୋକ୍‌ଠୋକ୍ କହିଲେ, ନାଇଁ ତୋର କିଛି ଦେବାର ନାହିଁ କି ମୁଁ କିଛି ନେବି ନାଇଁ । ଯାହା ଜାଣିଛି ଜଣାଇଦେଲେ, ମୋର ଖୁସି । ଆସ ଶୀଘ୍ର ।

ମୁଁ ଷ୍ଟାଣ୍ଡରେ ଜୋତା, ବେଲ୍ଟ, ମୋବାଇଲ୍ ଥୋଇ ସିଂହଦ୍ୱାର ମୁହଁକୁ ଆସିଲି । ସେ କହିବା ଆରମ୍ଭ କଲେ –

ପ୍ରତ୍ନତତ୍ତ୍ୱ ଡାକ୍ତର ରାଜେନ୍ଦ୍ର ଲାଲ ମିତ୍ର ମହାଶୟ ବହୁ ଗବେଷଣା କରି ଭୁବନେଶ୍ୱରର ପ୍ରକୃତ ନାମ 'ତ୍ରିଭୁବନେଶ୍ୱର' କହିଛନ୍ତି । କାରଣ ଲିଙ୍ଗରାଜ, ସ୍ୱର୍ଗ, ମର୍ତ୍ତ୍ୟ ପାତାଳର ଅଧିଶ୍ୱର । ହରି, ହର ଏଇ ମାତ୍ର ପରବର୍ତ୍ତୀ ସମୟରେ ଏହା ଭୁବନେଶ୍ୱର ନାମରେ ପରିଚିତ ।

ମୁଁ ବେଶି ଆଗ୍ରହ ପ୍ରକାଶ କଲିନି ଭାଇନାଙ୍କ କଥାରେ । କାରଣ ମନ୍ଦିର କିଏ ନିର୍ମାଣ କରିଥିଲେ, କାହିଁକି ନିର୍ମାଣ କରିଥିଲେ ଅବା ମନ୍ଦିରକୁ ନେଇ ଯେଉଁସବୁ ପୌରାଣିକ ଆଖ୍ୟାନ ଅଛ ସେ ବିଷୟରେ ମୋର ସମ୍ୟକ ଧାରଣା ରହିଛି । ବରଂ ଆଉ କିଛି ନୂଆ କଥା ଶୁଣିବାକୁ ମୋର ଆଗ୍ରହ ।

ମୋ ମୁହଁ ଦେଖି ସେ ଏ ସବୁକୁ ବୁଝିଯିବା ପରି କହିଲେ, ହଁ ଏ ସବୁ ତମେ ଜାଣିଥିବ; କିନ୍ତୁ ଏକଥା ତୁମେ ଜାଣି ନଥିବା ଆମ ଶିଳ୍ପୀମାନେ ବହୁତ ଗଛ ନିଜେ ଚିହ୍ନିଥିଲେ । ନୋହିଲେ ଏ ଗଛ ଲାଗି ସେମାନେ ନିଜନିଜ ଅଞ୍ଚଳର ପୁରୁଣାଲୋକ ବା ବୈଦ୍ୟଙ୍କ ସହାୟତା ନେଉଥିଲେ ।

କଥାଟା ମୋତେ ଆଶ୍ଚର୍ଯ୍ୟକଲା, ପଥରର ଶିଳ୍ପୀ ଗଛ ଚିହ୍ନିବା କ'ଣ ଦରକାର ?

ମୁଁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁବାରୁ ସ୍ପଷ୍ଟ କଲେ ସେ । ଗଛ ନଚିହ୍ନିଲେ ପ୍ରକୃତିକୁ ନଜାଣିଲେ, ସେମାନେ କେଉଁଠୁ କେମିତି ରସ ସଂଗ୍ରହ କରିବେ ?

ରସ ? କି ରସ ? ମନ୍ଦିର ମୂର୍ତ୍ତି ଗଢିବାପାଇଁ ରସ କଅଣ ଦରକାର ?

ମୁଁ ଯେମିତି ପଚାରିଦେଲି, ସେ ମୋ ମୁହଁକୁ ଚାହିଁ ହସିଦେଲେ । କହିଲେ, ସେଇ କଥା ତ ? ପଥର ନରମ କି କଅଁଳ ହେଲେ ସିନା ମୂର୍ତ୍ତି ଗଢିବେ ନୋହିଲେ ଏତେ ସୁନ୍ଦର କମକୁଟ କରିବେ କେମିତି ? ଜଣେ କାରିଗର ଶିଳ୍ପଚନ୍ଦ୍ରିକା ପୋଥି ଲେଖିଥିଲେ । ପଥରରେ କି ମସଲା ଦେଲେ ପଥର କୋମଳ ହେବ ସେମାନେ ଜାଣିଥିଲେ । ଶିଳ୍ପୀ ଜଣକ ନିଜେ ଲେଖିଛନ୍ତି –

ବଚ ଅଁଳା ପାରାଗୁଣ୍ଡି କୋଇଲଖା ଆଣିବ ସଙ୍ଗାଦି ।
ବିଡଙ୍ଗ ରସ ଚାରିପଳ ଆବର ଶିବଲିଙ୍ଗ ଫଳ ।
କଣ୍ଟା ସାମୁକା ଷୋଳ ରତି ମର୍ଦ୍ଦନ କରିବା ସଂଗତି ।
କଟୁକି ପତ୍ରରେ ମିଶାଇ ପଥର ପରେ ଲେପଦେଇ ।
ତା ପରେ ଚିତ୍ର ଯେ କରିବ ପଥର କୋମଳ ହୋଇବ ।

ଆଙ୍କିବ ପ୍ରିୟ ତୂଳୀ ଧରି          ଗୁନିଡି ଛଡାଇବ ଡରି।

ଗଛ ନଜାଣିଲେ ଶିଳ୍ପୀ କେତେ କାହାକୁ ନେହୁରା ହେବ? ଏବେ ସିନା ପଥରକଟା ମେସିନ କି ବିଭିନ୍ନ ପ୍ରକାରର ଯନ୍ତ୍ର ବାହାରିଲାଣି, ସେତେବେଳେ?

ପତ୍ରରସ କି କଷ୍ଣା ଶାମୁକାରେ ଏତେ ଟାଣଟାଣ ପଥର ଯେ କୋମଳ ହୋଇପାରିବ, ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା।

ସେ କହିଲେ, ତମେ ଲିଙ୍ଗରାଜଙ୍କୁ ଦର୍ଶନ କରିଆସ। ମୁଁ ଏଇଠି ଛିଡା ହୋଇଛି, ଗଣେଶ ମନ୍ଦିରକୁ ଯିବା।

ମୋର ଅନେକ କଥା ଶୁଣିବାର ଅଛି ଭାବି ମୁଁ ଲିଙ୍ଗରାଜଙ୍କୁ ମୁଣ୍ଡିଆଟାଏ ମାରି ତାଙ୍କ ପାଖକୁ ଚାଲିଆସିଲି।

ଦେଉଳ ଦକ୍ଷିଣ ପାର୍ଶ୍ୱରେ କେତୋଟି ପାହାଚ ଉଠାଇ ଗଣେଶଙ୍କ ସାମନାରେ ସେ ଠିଆ କରାଇଦେଲେ। କହିଲେ, ମୂର୍ତ୍ତିଟିକୁ ଭଲକରି ଦେଖ। ଦେଖୁଛ କେମିତି ଥନ୍ତଲ ପେଟ? ପଦ୍ମପୀଠ ଉପରେ ଦଣ୍ଡାୟମାନ। ବସନ ଦେଖ, ଆଣ୍ଠୁ ଲୁଚିନାହିଁ। କିନ୍ତୁ ଦେଖୁଛ ଏତିକି ଜାଗାରେ କେତେ କାରୁକାର୍ଯ୍ୟ! ଦକ୍ଷିଣପାର୍ଶ୍ୱ ନିମ୍ନ ହସ୍ତରେ ଅକ୍ଷମାଳା। ଉର୍ଦ୍ଧ୍ୱହସ୍ତରେ ଗଜଦନ୍ତ। ବାମହସ୍ତରେ ଲଡୁପାତ୍ର। ନିମ୍ନହସ୍ତରେ ଗଦା। ପେଟରେ ସର୍ପ। ସ୍କନ୍ଧରେ ପଇତା। ମସ୍ତକରେ ଶିରସ୍ତ୍ରାଣ ଦେଖ। କି ସୁନ୍ଦର!

ଆଗରୁ ବହୁଥର ମୁଁ ଦେଖିଛି ଗଣେଶଙ୍କୁ, କିନ୍ତୁ ଏମିତି ଦେଖି ନଥିଲି। ଜାଣି ନଥିଲି ବି ଏ ସବୁ ନୂଆ ନୂଆ ନାଁ - ଅକ୍ଷମାଳା, ଶିରସ୍ତ୍ରାଣ ଆଦି।

ମୁଁ ପକେଟରୁ କାଗଜ ଖଣ୍ଡେ କାଢି ନୂଆ ନୂଆ ଶବ୍ଦ ସବୁ ଟିପି ରଖିଲି। କାଳେ ଭୁଲିଯିବି! ଏସବୁ ବି ମୁଁ ପାଇବି କୋଉଠୁ?

ମନ୍ଦିରରୁ ଓହ୍ଲାଇବା ଭିତରେ ସେ କହି ଚାଲୁଥିଲେ, ସବୁ ମନ୍ଦିରକୁ ନେଇ ଅନେକ ଅନେକ କଥା ଅଛି। ଲୌକିକ, ଅଲୌକିକ, ପୌରାଣିକ କି ଐତିହାସିକ। କିନ୍ତୁ ମନ୍ଦିରକୁ ଆସି ଏସବୁ ବୁଝିବାକୁ କାହାର ବେଳ ଅଛି ନା ଆଗ୍ରହ ଅଛି? ଏଇ ଦେଖ। ବିଶ୍ୱକର୍ମାଙ୍କ ମନ୍ଦିର। କଥିତ ଅଛି, ଏ ମନ୍ଦିର ଲାଗି ସ୍ୱୟଂ ବିଶ୍ୱକର୍ମା ଆସି ସହାୟତା କରିଥିଲେ। ସେଥିପାଇଁ ଏଠି ସେ ପୂଜା ପାଉଛନ୍ତି। କେହି ନୂଆଘର କଲେ ବି ଆମେ ଯେମିତି ବାହାଘର ବେଳେ ଜଗନ୍ନାଥଙ୍କୁ ପ୍ରଥମେ ନିମନ୍ତ୍ରଣ କରିଥାଉ, ଏଠି ସେମିତି କେହି କେହି ଘର କରିବା ପୂର୍ବରୁ ବା ପରେ ଆସି ପୂଜା କରିଥାଆନ୍ତି।

ସାମନାରେ ମା' ପାର୍ବତୀ। ପଦ୍ମପୁଷ୍ପ ଉପରେ ବିରାଜିତା। ଦକ୍ଷିଣହସ୍ତରେ ପଦ୍ମପୁଷ୍ପ। ବାମହସ୍ତରେ କୁମ୍ଭ। ମା ସିଂହବାହିନୀ।

ପଦ୍ମପାଖୁଡାଗୁଡାକ ଏତେ ଜୀବନ୍ତ! ପଥର ବୋଲି ମନେ ହେଉନି। ମୁକୁଟରେ ବି କେତେ ଭାଙ୍ଗ ଭଙ୍ଗୀ, ଖୁବ୍ ସ୍ୱାଭାବିକ ଲାଗୁଥିଲା, ସୁନ୍ଦର ଲାଗୁଥିଲା। ଭାଇନା ଗୋଟି ଗୋଟିକରି ବୁଝାଇ ଦେବାରୁ।

ସତରେ ଉତ୍କଳ କଳାର ଦେଶ, କେବଳ ପଢିଥିଲି, କିନ୍ତୁ ବୁଝିନଥିଲି ଯେମିତି ଏଯାଏଁ। ମୁଗୁନି ପଥରରେ ମୂର୍ତ୍ତି ଗଢିବା କ'ଣ ଏତେ ସହଜ!

ଗୋଟିଏ ଗୋଟିଏ ଜାଗାରେ ମୁଁ ବେଶ୍ ସମୟ ଠିଆ ହୋଇ ରହୁଥିଲି। ମୋ ସହିତ ସେ ବି। ମୋ ଭାବନା ସରିଲେ, ମୁଁ ପାଦ କାଢୁଥିଲି, ମୋ ସହିତ ସେ।

ଏ ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ଭୁବନେଶ୍ୱରୀ ବା ଗୋପାଳିନୀ। କଥିତ ଅଛି ଗୋପାଳିନୀ ଗୋବୃନ୍ଦଙ୍କୁ ଗୋସାଗରରେ ଜଳପାନ କରାଇ ଏକାମ୍ରବନ ଶିବଲିଙ୍ଗ ଉପରେ ଦୁଗ୍ଧ ଦୋହନ କରନ୍ତି। ଏ ମୂର୍ତ୍ତି କଟୀଦେଶରୁ ବଞ୍ଚିଯାଇଛି କଳାପାହାଡ ଦାଉରୁ। ଜାଣିଛ ତା ବିଷୟରେ?

ହଁ, କିଛି କିଛି। ଅଇଲା କଳାପାହାଡ, ଭାଙ୍ଗିଲା ଲୁହାର ବାଡ।

ସେ ମୋ ସହିତ ସ୍ୱର ମିଳାଇ କହିଲେ, ହଁ....ହଁ...ଭାଙ୍ଗିଲା ଲୁହାର ବାଡ। କିନ୍ତୁ କୋଉ ଲୁହାର ବାଡ ଭାଙ୍ଗିଲା? କେତେ ଅତ୍ୟାଚାରୀ ଥିଲା ସେ? ଉତ୍କଳର କଳାବିଭବ କେମିତି ନାରଖାର ଛାରଖାର କଲା ସେ ବିଷୟରେ କ'ଣ ଏବର ପିଲା ଜାଣିଛନ୍ତି। କୋର୍ସରେ ଏସବୁ ବିଷୟ ଗୋଟେ ଗୋଟେ ରହିବା କଥା। ସେମାନଙ୍କୁ ଆଣି ମନ୍ଦିର ଦେଖାଇ ପୂର୍ବ ଗୌରବକୁ ବୁଝାଇବା କଥା। ଆମ କଥାକୁ ଆମେ ଜାଣିବାନି କି ଜଣାଇବାନି ଯଦି, ଜଣାଇବ କିଏ? ଦେଖ ବୃଷଭକୁ।

କଥା ଭିତରେ ଭିତରେ ସେ ମୋତେ ବୃଷଭ ମନ୍ଦିର ଭିତରେ ଠିଆ କରାଇ ଦେଇଥିଲେ।

ବୃଷଭ ଗୋଡ ଭାଙ୍ଗି, ବେକ ବୁଲାଇ ତେରେଛା ଚାହାଣୀ ମାରି ଶୋଇଛି। ତା ଶୋଇବାର ଭଙ୍ଗୀ ସହିତ କାନ, ଆଖି, ଚୂଳ, ପିଠିଶିରା, ପଗ, ଲାଙ୍ଗୁଳକୁ ଦେଖି ଚାଲୁଥିଲି ମୁଁ।

ଗୋଟିଏ ଜୀବର ଗତିବିଧିକୁ ସମ୍ପୂର୍ଣ୍ଣ ନିରୀକ୍ଷଣ ନକଲେ ଯେ ଏପରି ଏକ ମୂର୍ତ୍ତି ନିର୍ମାଣ ସମ୍ଭବ ନୁହେଁ, ମୁଁ ହୃଦ୍‌ବୋଧ କରୁଥିଲି।

ଏଥର ମୋ ଆଡକୁ ଚାହିଁ ମୁରୁକିହସା ଦେଲେ। ପଚାରିଲେ, ଏତେ ସବୁ ବଡବଡ ମୂର୍ତ୍ତି ଦେଖିଲ। ଏତେ ଥର ତ ଆସିଛ କହୁଥିଲ, ସବୁଠୁ ଛୋଟ ମୂର୍ତ୍ତିଟିଏ ଏ ମନ୍ଦିର ଭିତରେ ଅଛି। ଦେଖିବ ଆସ।

ମୋତେ ଏତିକି କହି ସେ ବୃଷଭ ମନ୍ଦିର ଆଗକୁ ଗୋଟେ ଚଉତରା ଉପରକୁ ଉଠାଇନେଲେ।

ମେଲାରେ ଥିବା ଛୋଟ ମୂର୍ତ୍ତିଟିକୁ ମୋତେ ଦେଖାଇ ପଚାରିଲେ, ଏ ମୂର୍ତ୍ତି ଆଗରୁ ଦେଖିଛ?

ନା!

ମୋ ଉତ୍ତର ସରୁ ନସରୁ ସେ କହିଲେ, ବିରଞ୍ଚି ନାରାୟଣ ମୂର୍ତ୍ତି ଏ। ଆପଣ ସେ ମୁହଁକୁ ଟିକେ ଚାହାନ୍ତୁ। ନିଜକୁ ଏକାକରି। ମନରେ କିଛି ଭାବନା ନରଖି। କେବଳ ମୁହଁକୁ ଚାହାନ୍ତୁ।

ଭାଇନା ନିରବ ହୋଇଗଲେ।

କାହିଁ ଆଉ କେଉଁ ମୂର୍ତ୍ତି ଦେଖିଲାବେଳେ ସେ ତ ଏମିତି କିଛି କହି ନଥିଲେ? ମୁଁ ମନେମନେ ଭାବି ନିଜକୁ ଯଥାସମ୍ଭବ ଏକାକରି ବିରଞ୍ଚିନାରାୟଣଙ୍କୁ ଚାହିଁ ରହିଛି।

ମୁହୂର୍ତ୍ତକ ପରେ ମୋତେ ଲାଗିଲା, ବିରଞ୍ଚିନାରାୟଣ ମୋ ମୁହଁକୁ ଚାହିଁ ହସୁଛନ୍ତି। ମୁଁ ବି। ତାଙ୍କ ହସ ସହିତ ମୋ ହସ ମିଳିତ ହୋଇଯାଉଛି। କେବେ ଲାଗୁଛି ମୋ ହସ ସହିତ ସେ ହସ ମିଳାଉଛନ୍ତି ଅବା ତାଙ୍କ ହସ ସହିତ ମୁଁ। ବିରଞ୍ଚିନାରାୟଣଙ୍କୁ ଛାଡି ଆସିବାକୁ ମୋ ମନ ନଥିଲା। ସତରେ ପଥର ମୂର୍ତ୍ତିଟାଏ ଯେ ହସିପାରେ, ହସାଇପାରେ ମୁଁ ପ୍ରଥମ କରି ଅନୁଭବ କରୁଥିଲି।

ଅବଶ୍ୟ ଦର୍ଶନ ନାଁରେ ମୁଁ ତ ସବୁଥର ଦେବଦେବୀଙ୍କୁ ପଲକେ ଚାହିଁ ଆଖିବୁଜି ହାତଯୋଡି ଛିଡା ହୋଇଛି । ପ୍ରଣାମ କରି ଫେରିଛି । ଏମିତି ମୁହଁରେ ମୁହଁ ମିଶାଇ କୋଉ ଛିଡା ହୋଇଛି କେବେ ?

ଭାଇନା ପାହାଚ କେତୋଟି ଉଠି ମୋ ପାଖକୁ ଚାଲି ଆସିଥିଲେ । କହୁଥିଲେ, ସମସ୍ତେ ଲିଙ୍ଗରାଜ ମନ୍ଦିରକୁ ଆସନ୍ତି । ଦର୍ଶନ କରି ଚାଲିଯାନ୍ତି । କିନ୍ତୁ ୟା ଭିତରେ ଯେ ଏତେକଥା ଦେଖିବାର ଅଛି, ସେକଥା ଜାଣୁଛି କିଏ ? ଆଚ୍ଛା, କହିଲ ଏ ବୃକ୍ଷର ବୟସ କେତେ ?

କଳା, ଐତିହ୍ୟ, ପୌରାଣିକ ଆଖ୍ୟାନ ଭିତରୁ ଏମିତି ଗୋଟାଏ ପ୍ରଶ୍ନ ସେ ଯେ ମୋତେ ପଚାରୁଛନ୍ତି, ମୁଁ ବୁଝି ପାରି ନଥିଲି ।

ସେ ପଚାରୁଛନ୍ତି, କୁହ, ବୃକ୍ଷ ଏ ନାଁ କ'ଣ, ବୟସ ?

ପତ୍ର କେତୋଟି କାଣି ଆଙ୍ଗୁଠି ମୋଟର ଗୋଟେ ଡାଳ ଅଗକୁ ଲାଗିରହିଥିଲା । ପତ୍ରକୁ ମନେପକାଇ ପକାଇ କହିଦେଲି - କରଞ୍ଜ !

ସେ ହସିଦେଇ କହିଲେ, ନା ।

ମୁଁ ମୋ କଥାରେ ଜୋର ଦେଇ କହିଲି, ନା କ'ଣ କହୁଛନ୍ତି, କରଞ୍ଜ ଗଛ ପରି ପତ୍ରଗୁଡା ।

ସେ ସେମିତି ହସି ଦେଇ କହିଲେ, ବରୁଣ ବୃକ୍ଷ ଏ ।

ବରୁଣ ଦେବତାଙ୍କ ନା ଜାଣିଥିଲି, କିନ୍ତୁ ବରୁଣ ବୃକ୍ଷ ମୁଁ ପ୍ରଥମେ ଶୁଣିଲି । ଚାହିଁଲି ଭଲକରି ଗଛଟିକୁ ।

ଏ ବୃକ୍ଷର ବୟସ କେତେ ?

କାଣି କି ବୁଢା ଆଙ୍ଗୁଠି ମୋଟ ଗୋଟେ ଗଛର ବୟସ ଅବା କେତେ ହେବ ?

କହିଲି, ଗୋଟେ ବର୍ଷ ।

ସେ ସେମିତି ହସିଦେଇ କହିଲେ, ନା, ଆଉ ଟିକେ ଭାବନ୍ତୁ ।

ମୁଁ ଅଧିକ ଅନୁମାନ ଲଗେଇ ପାରୁ ନଥିଲି । ବେଶି ଭାବି ଭାବି ଆଉ ଗୋଟେ ବର୍ଷ ଯୋଡି ଉତ୍ତର ଦେଲି, ଦି' ବର୍ଷ ।

ସେ ମୋ ଉତ୍ତରକୁ ଶୁଣି ନଶୁଣିବା ପରି କହିଚାଲିଲେ । ସବୁ କ୍ଷେତ୍ରର ମାହାତ୍ମ୍ୟ ଯେ କେବଳ ମନୁଷ୍ୟକୃତ ବା ମନୁଷ୍ୟ ଦ୍ୱାରା ପରିବ୍ୟାପ୍ତ, ସେପରି ଭାବିବା ଅନୁଚିତ୍ । ଏ ଦେବ ବୃକ୍ଷ । ପ୍ରକୃତିର ବିସ୍ମୟ । ଏ ବୃକ୍ଷ ଆବାହମାନ କାଳରୁ । କୁହନ୍ତୁ ଲିଙ୍ଗରାଜ ମନ୍ଦିର ନିର୍ମାଣ କାଳରୁ । ଏ ବୃକ୍ଷ ବଡ ହେଉନାହିଁ । ବେକଭାଙ୍ଗି ବସିଥିବା ଯେଉଁ ବୃଷଭକୁ ଆପଣ ସେଠୁ ଦେଖୁଛନ୍ତି, ବିଶ୍ୱାସ ଅଛି ଦିନେ ନା ଦିନେ ଉଠିବ । ଏ ବରୁଣ ବୃକ୍ଷକୁ ଖୁଣ୍ଟି ଖାଇଯିବ । ସେହିଦିନ କଳିଯୁଗ ଶେଷ ହେବ ।

ସେ ଚୁପ୍ ପଡିଗଲେ ।
କଳିଯୁଗ ଶେଷ ହେବ ।
ପଥର ମୂର୍ତ୍ତି ଖୁରା ଟେକି ଉଠିବ ।

ଏ ସବୁକୁ ମୁଁ ସେତେଟା ଗୁରୁତ୍ୱ ଦେଉ ନଥିଲି କି ବିଶ୍ୱାସ କରୁ ନଥିଲି, ଚାହିଁ ରହିଥିଲି ଗଛଟାକୁ କିନ୍ତୁ !

ବର୍ଷ ବର୍ଷ ଧରି କ'ଣ ଗୋଟାଏ ଗଛ ଏମିତି ବଞ୍ଚି ରହିବ? ଦି'ଚାରିଟା ପତ୍ର । ପାଣି, ପବନ ବା ସୂର୍ଯ୍ୟରଶ୍ମିରୁ କେତେ ଖାଦ୍ୟ ସଂଗ୍ରହ କରିପାରିବ ?

ମୋ ଅବିଶ୍ୱାସ ଭରା ଚାହାଣିକୁ ସେ ବୁଝିପାରିଲା ଭଳି କହିଲେ, ଆପଣ ଆଉଥରେ ଆସନ୍ତୁ । ବୃକ୍ଷଟିକୁ ଦେଖିବେ । ସତ କି ମିଛ ପରଖିବେ ।

ମନ୍ଦିର ବାହାରେ, ପକେଟରୁ ଟଙ୍କା ଦୁଇଶ କାଢି ତାଙ୍କ ଆଗକୁ ବଢାଇଲି ।

ସେ ଟଙ୍କା ନନେଇ ଆଗେଇ ଗଲେ । କହିଲେ, ନା ମନାକରିଛି ଥରେ ମାନେ ଆଉ ନେବିନି । ଶୋଷ ଲାଗୁଛି । ଚାଲନ୍ତୁ ଗୋଟେ ପଇଡ ପିଇବା ।

ମୁଁ ଆଶ୍ଚର୍ଯ୍ୟ ହେଲି । କାଳେ ଟଙ୍କାଟା ମନକୁ ପାଉନି ଭାବି କହିଲି, ଭାଇନା, ଆଉ ଶହେ ଟଙ୍କା ଦେଉଛି, ମନା କରନ୍ତୁନି ।

ସେ ନିଜ ଜିଦ୍‌ରେ ଅଟଳ ।

ମୋ ତରଫରୁ ଆଉ ଗୋଟିଏ ପଇଡ ପିଆଇଲି । ଫେରିଲି ।

ଫେରିଲାବେଳେ ସେ ମୋତେ କହିଲେ, ମୁଁ କେବଳ ଏସବୁ ଜଣାଇଦେବାକୁ ଯାତ୍ରୀ ଖୋଜେ । ଜଣେ କେହି ବି ଆମ ଉତ୍କଳର ଐତିହ୍ୟ ଜାଣୁ । ଶିଳ୍ପୀର କଳା ନିପୁଣତାକୁ ଭଲରେ ନିରୀକ୍ଷଣ କରୁ । ତା' ନିଜ ଜାତିର ଗାରିମା ବୁଝୁ । ଯେଉଁଦିନ ମୁଁ ଆପଣଙ୍କ ପରି ଜଣକୁ ବି ଏମିତି କିଛି ବୁଝାଇ ପାରିଲି, ଦେଖାଇ ପାରିଲି କିଛି, ସେ ଦିନ ମୋତେ ବହୁତ ଶାନ୍ତି ଲାଗେ । ସୁଖରେ ନିଦ ଯାଏ ।

ମୁଁ ତାଙ୍କ ଫେରନ୍ତା ବାଟକୁ ଚାହିଁ ରହିଥିଲି ବହୁ ବେଳ ଯାଏଁ । ଟଙ୍କା ତିନିଶହକୁ ବି ସେମିତି ହାତରେ ଧରିଥାଏ, କାହିଁକି କେଜାଣି ?

ଅବଶ୍ୟ ସେ ଟଙ୍କାକୁ ଶେଷ ଥରପାଇଁ ଚାହିଁ ପକେଟରେ ସାଇତିବା ବେଳେ ଏକ ନିର୍ଯ୍ୟାସରେ ପହଞ୍ଚିଥିଲି ।

ଏବେ ଯେବେ ମୁଁ ମନ୍ଦିର ଯାଏ, ଯାହାକୁ ନିଏ, ଶିଳ୍ପୀର ଶ୍ରମ ବିଷୟରେ କୁହେ । ବିରଞ୍ଚିନାରାୟଣଙ୍କ ମୁହଁ ସହିତ ମୁହଁ ମିଶାଇ ହସଖିଏ ଧରାଇ ଆଣେ । ବରୁଣ ବୃକ୍ଷକୁ ଦେଖାଇ କୁହେ, କହିପାରିବ ଏ ବୃକ୍ଷର ବୟସ କେତେ ?

କେତେ ? କେତେ ?

ଶ୍ରୀବିହାର, ଖୋର୍ଦ୍ଧା-୭୫୨୦୫୫
ମୋ - ୯୪୩୮୦୧୨୨୮୬



# କୁମାରୀ

*ପ୍ରତିମା ମହାପାତ୍ର*

ପ୍ରତ୍ୟହ ଦୁଇଘଣ୍ଟା ପାଇଁ ବାଲକୋନିର ଏକ ନିର୍ଦ୍ଦିଷ୍ଟ ସ୍ଥାନ ବୋଉ ପାଇଁ ରଖାଯାଏ ସଂରକ୍ଷିତ। ଚଳଚଞ୍ଚଳମାନ ପ୍ରଶସ୍ତ ରାଜରାସ୍ତା ସେଇଠୁ ଦେଖାଯାଏ ସ୍ପଷ୍ଟ ଭାବେ। ଅହରହ ରାସ୍ତାଟା ଲାଗେ ଜୀବନ୍ତ। କର୍ମ ତତ୍ପର। ବୋଉକୁ ଭଲଲାଗେ ଏ ସବୁ ଦୃଶ୍ୟ। ସେଇଥି ପାଇଁ, ବୋଉ ପାଇଁ ଉଦ୍ଦିଷ୍ଟ ଜାଗାରେ କେହି ଜଣେ ବେତ ଚଉକିଟିଏ ପକାଇ ଦେଇଥାଏ।

ବୋଉ ଯେତେଦିନ ଅନୁରାଧା ପାଖରେ ରହିଥାଏ, ଏଥିରେ କେବେ ତ୍ରୁଟି ହୁଏନାହିଁ। ସସ୍ନେହେ, ଆଦର ସହିତ ଘରର ପ୍ରତ୍ୟେକ ସଦସ୍ୟ ଚୌକି ରଖିବା କାମ କରିଥାଆନ୍ତି। ବାପୁ ହେଉ କି ଲିପୁ (ଯଦି ସ୍କୁଲରୁ ଫେରି ଥାଆନ୍ତି) ଆଈ ପାଇଁ ରଖିଦିଅନ୍ତି। ନହେଲେ, ଅଫିସରୁ ଫେରିଥିଲେ, ଅନୁରାଧା ରଖିଦିଏ। ଛୁଟି ଦିନ ଥିଲେ କେବେ କେବେ ପ୍ରକାଶ ଶାଶୁମାଙ୍କ ପାଇଁ ସେ କର୍ତ୍ତବ୍ୟଟି ପାଳନ କରନ୍ତି। ଅପରାହ୍ନରେ।

ବୋଉ ଖୁସି ହେଲେ, ଅନୁରାଧାକୁ ଶାନ୍ତିମିଳେ। ମନକୁ ଉର୍ଜାମିଳେ ତାର। ଯଦି ବୋଉ ସହିତ ଖୁସିରେ ଦୁଇପଦ କଥା ହୁଏ ତେବେ ତାକୁ ଅନୁଭବ ହୁଏ, ବୋଉର ଅଭିଯୋଗ ତା ପ୍ରତି କିଛି ନାହିଁ। ସେଥିପାଇଁ ସିଏ ସତତ ଚେଷ୍ଟିତ ଥାଏ ବୋଉକୁ ଖୁସି ରଖିବାକୁ। ଯେତେଦିନ ବୋଉ ତା ପାଖରେ ରହୁଛି ଅନ୍ତତଃ ଖୁସି ରହୁ। ତାର ଇଚ୍ଛା ଇଏ।

ଅନୁରାଧା ପାଇଁ ବୋଉର ଅନେକଗୁଡିଏ ଆଶା ଅପୂରଣ ରହିଯାଇଛି। ଏଇ କଥା ବୋଉ ଅଭିଯୋଗ କରେ। ଅନୁରାଧା ବିଚାରରେ ଜୀବନର ଗୋଟିଏ ଦିଗକୁ ପୂର୍ଣ୍ଣ ଆଲୋକିତ କରି ଅନ୍ୟ ଦିଗଗୁଡିକୁ ଅନ୍ଧକାର କରି ରଖିବାଟା ଜଣେ ଆଶାବାଦୀ ଜୀବନକାମୀ ମଣିଷର କର୍ତ୍ତବ୍ୟ ନୁହେଁ। ଯାହା ସିଏ କରିଛି ଠିକ୍ କରିଛି ବୋଲି ମନେକରେ।

ବୋଉର ଆଶା ଆଉ ଅନୁରାଧାର ନିର୍ଣ୍ଣୟ ଭିତରେ ରହିଯାଇଛି ବଡ ଶୂନ୍ୟ ସ୍ଥାନଟିଏ। ସେଇ ଶୂନ୍ୟ ସ୍ଥାନରେ କିଛି ଖୁସି ଭରିବାପାଇଁ ଅନୁରାଧା ଚେଷ୍ଟା କରିଥାଏ ସର୍ବଦା।

ଅନୁରାଧାର ଅଫିସ୍ ଲେଉଟାଣି। ନିଜର ମାନସ ମନ୍ଥନରେ ବିରାମ ଲାଗିଲା ରାମମନ୍ଦିର ଛକରେ ପହଞ୍ଚିଲା ବେଳକୁ। ବୋଉର ମନ ପସନ୍ଦର କିଛି ନବ ଆଜି। ବରା, ସିଙ୍ଗଡା, ଆଳୁଚପ୍, ଦୋସା ଆଦିର ପୁନରାବୃତ୍ତି ହେବନି। ଆଉ ଭାବିଲା ସ୍ପ୍ରିଙ୍ଗରୋଲ୍। ଏଇଟା କେମିତି ଲାଗିବ ବୋଉକୁ? ଭଲ ଲାଗିବ ନିଶ୍ଚୟ। ଏଇଠିକାର ସ୍ପ୍ରିଙ୍ଗରୋଲ୍ ଅନ୍ୟ ଜାଗାଠୁ ନିଆରା।

କିଣିଲା ଅଧାକିଲୋ ଛେନାପୋଡ ସହିତ ସ୍ପ୍ରିଙ୍ଗରୋଲ୍। ରଖିଲା ସ୍କୁଟିର ବାସ୍କେଟ୍‌ରେ। ବୋଉ ପାଇଁ ପୁଡିଆଟିଏ ଖୁସି ବାନ୍ଧି ଚାଲିଲା ଘର ଅଭିମୁଖେ।

ଅନୁରାଧାର ଅନୁମାନ ବିଲ୍‌କୁଲ୍ ଠିକ୍ ଥିଲା।

"ଭଲ ଲାଗିଲା ଲୋ ଅନୁ! କୋଉଠୁ ଆଣିଚୁ ଯାକୁ?" ବଡ ତୃପ୍ତିରେ ପଚାରିଲା ବୋଉ।

ତୃପ୍ତି ବୋଉ ଭିତର ଅପେକ୍ଷା ଅନୁରାଧା ଭିତରେ ଥିଲା ଅଧିକ। ବୋଉ ଖୁସିରେ ରୋଲ୍‌ର ସ୍ୱାଦ ନେବାବେଳେ ଅନୁରାଧା ମନରେ ଲାଗୁଥିଲା ଖୁସିର ସ୍ୱାଦ। ଆଉ ଗୋଟିଏ ରୋଲ୍ ବୋଉ ପ୍ଲେଟ୍‌ରେ ଦେଇ କହିଲା, "କାଲି ଅଫିସ୍‌ରୁ ଫେରିବା ବେଳେ ଆଣିବି ଯେ।"

ସାରାଦିନର କ୍ଳାନ୍ତି ଅନୁରାଧା ଶରୀରରେ ଅଳସ ଭାଙ୍ଗୁଚି। ତା ସତ୍ତ୍ୱେ ମନ ହେଲା ବୋଉ ପାଖରେ ଘଡିଏ ବସିବ। ଦୁଇପଦ କଥା ହେବ। ଗଲା। ହାତମୁହଁ ଧୋଇଲା। ଚୌକିଟାଏ ଟାଣି ଆଣି ବସିଲା ବୋଉ ପାଖରେ। ସେଇ ବାଲ୍‌କୋନିରେ।

ସ୍ୱାଭାବିକ। ଏଇ ବାଲକୋନିରେ ବସିଲେ ଆପେଆପେ ଆଖିଟାଣି ହୋଇଯାଏ ରାସ୍ତା ଉପରକୁ। ଅନୁରାଧା ଚାହିଁଲା ରାସ୍ତା ଗହଳିଆଡେ। ଓଃ, କି ଭିଡ! ଲାଗୁଛି ଏତେ ବଡ ପ୍ରଶସ୍ତ ରାସ୍ତାଟାର ଦୁଇପଟ ବାଡ ଭାଙ୍ଗି ପାଣିପରି ବହିଯିବ ଗାଡି ଗୁଡାକ ଯାଡେ ସିଆଡେ। ଅବଶ୍ୟ ଏଇ ଟିକିଏ ଆଗରୁ ଏ ଗହଳିର ଗୋଟିଏ ଅଂଶ ଥିଲା ସିଏ। କିନ୍ତୁ ବାଲ୍‌କୋନି ଉପରୁ ଦେଖିଲେ ଗହଳିର ଘନତ୍ୱ ଲାଗେ ଅଧିକ। ଯେମିତି ସ୍ରୋତସ୍ୱିନୀ ଦୁଇଟି ନଦୀଧାର। ତା ବି ଦୁଇ ବିପରୀତ ଦିଗରେ ବହି ଚାଲିଛି ଚଞ୍ଚଳ ଗତିରେ। ଡିଭାଇଡର୍ ଏ ପଟଟି ପୂର୍ବକୁ ଓ ଅପର ପାର୍ଶ୍ୱଟି ପଶ୍ଚିମକୁ ଗତିକରୁଛି। ଆଉ ଫୁଟ୍‌ପାଥ୍ କଥା ଛାଡ। ମଝିରେ ମଝିରେ ମନଚଲା ସ୍କୁଟିବାଲାଟାଏ କି ବାଇକ୍‌ଟାଏ ପଥଚାରୀ ଭିତରେ ପଶି ଚହଲେଇ ଦେଇ ଗଡି ଯାଉଛି।

"ଜାଣିଲୁ ଅନୁ! ......." ବୋଉ ପଚାରିବାରୁ ଅନୁରାଧାର ଧ୍ୟାନ ଫେରିଲା ବୋଉ ଆଡକୁ। ବୋଉର କଣ୍ଠସ୍ୱର ତାକୁ ଶୁଣାଗଲା ହଜିଲା ହଜିଲା।

"କ'ଣ ହେଲା?" କହି ଚାହିଁଲା ଅନୁରାଧା ବୋଉକୁ।

"ଅବିକଳ ତୋ ବାପା ଭଳିଆ ଲୋକଟିଏ ଯାଉଥିଲା ରେ ଏଇ

ରାସ୍ତାରେ। ଛତାଟାଏ ହାତରେ ଧରିଥିଲେ ଲାଗିଥାଆନ୍ତେ ତୋ ବାପା ଯେମିତି ଚାରିଟା ବେଳେ ସ୍କୁଲ୍‌ରୁ ଫେରୁଛନ୍ତି। ସେମିତି ଧୋତି, ସେମିତି ପଞ୍ଜାବୀ ......"

କହୁ କହୁ ଆର୍ଦ୍ରତା ଭରି ଆସୁଥିଲା ବୋଉ କଣ୍ଠରେ। ଲୁହ ବି ଆଖି ଭିତରେ ଲେଖିଦେଇ ଥିଲା ସେ ଦିନର ବେସାହାରା ବ୍ୟଥାକୁ। ଆଉ ଆଗକୁ କିଛି କହିପାରିଲାନି। ଚୁପ୍ ରହିଗଲା ବୋଉ।

ଚୁପ୍ ଥିଲା ଅନୁରାଧା। ଯା ପରେ ବୋଉକୁ ଆଉ କ'ଣ ସାନ୍ତ୍ୱନା ବା ଦବ! ଆଜିଯାଏ ନିଜକୁ କି ସାନ୍ତ୍ୱନା ଦେଇପାରିଛି ?

ଜୀବନର ସବୁଠାରୁ ଅସହାୟ ଦୁଃଖଦ ଥିଲା ସେ ଦିନଟି। ବାପା ଚାଲିଗଲେ ସେ ଦିନ ଅଚାନକ। ରାତିରେ। ଘରେ ବୋଉ ଆଉ ସାନ ଭାଇଭଉଣୀ। ସିଏ ଥିଲା ହଷ୍ଟେଲ୍‌ରେ। ବି.ଏସ୍.ସି. ଫାଇନାଲ୍ ଇୟର ଥିଲା ତାର। ନା ଫୋନ୍ ନା ବାର୍ତ୍ତା ପଠେଇବାର କିଛି ଚଞ୍ଚଳ ମାଧ୍ୟମ ଥିଲା ସେତେବେଳେ। ଚିଠିକୁ ଛାଡି। ପରଦିନ ପଡିଶାଘର ଦାଦା ପହଞ୍ଚିଲେ ହଷ୍ଟେଲ୍‌ରେ ତାକୁ ନେବାକୁ।

ଘରର ସବୁ ସୁଖକୁ ନେଇ ବାପା ଚାଲିଗଲେ। ଏଲ୍.ପି. ସ୍କୁଲ ଶିକ୍ଷକ ଥିଲେ ବାପା। ସୀମିତ ଆୟରେ ଛୋଟିଆ ଛୋଟିଆ ସ୍ୱପ୍ନକୁ ବି ସଜାଡିବା ବି କଷ୍ଟଥିଲା। ତେଣୁ ଘରର ଭବିଷ୍ୟତ, ନିଶ୍ୱାସ ନେବା ପାଇଁ ମଧ୍ୟ କଷ୍ଟଥିଲା।

ଓଃ! କେଉଁଠି ଆସି ପହଞ୍ଚିଗଲା ସିଏ! ଦୁଇ ପଦ ମିଠା କଥା ହେବାପାଇଁ ବସିଥିଲା ବୋଉ ପାଖରେ। ଚାଲିଗଲା ଅତୀତର ତିକ୍ତ ଅନୁଭୂତି ଆଡକୁ। ଛାଡ...। ସହଜ କଲା ନିଜକୁ। ସବୁ ଫେରି ଆସିବ, କିନ୍ତୁ ବାପା ତ ଆଉ ଫେରି ଆସିବେନି। ବୁଝାଇଲା ମନକୁ ମନ ଅନୁରାଧା।

"ବୋଉ!" ଡାକିଲା ଅନୁରାଧା। ସେତେବେଳକୁ ବୋଉର ଆଖି ପାଣି ଓଠ ଛୁଇଁଲାଣି। କାନିରେ ମୁହଁ ପୋଛି ଚାହିଁଲା ଅନୁରାଧାକୁ। କିଛି ନ କହିଲେ ବି ଲାଗିଲା ପଚାରୁଛି – କଣ କହୁନୁ?

"ବୋଉ! ଆଜି ଏଠି ବସି କ'ଣ କ'ଣ ସବୁ ଦେଖିଲୁ କହିଲୁନି ତ? ସବୁଦିନ ତ କିଛି ନା କିଛି ଘଟଣା ଦୁର୍ଘଟଣା ତୋ ଆଖିରେ ଧରାପଡେ। କିଛି ଘଟିନି ଆଜି କି।" ଧୀରେ ଦୁର୍ଘଟଣାରୁ ବୋଉକୁ ଟାଣି ଆଣିବାକୁ ପ୍ରୟାସ କଲା ଅନୁରାଧା।

ବୋଉ ରାସ୍ତା ଉପରକୁ ଦୃଷ୍ଟି ଦେଲା। କହିଲା ଉଦାସମିଶା କଣ୍ଠରେ, "ହଁ ବା ଏଇଠି ତ ଦେଖୁଛି। କେତେ ଗାଡି ମଟର, ଏତେ ଭିଡ ଆଗରୁ ନଥିଲା ତ? ଏତିକି ଗାଡି ମଟର, ଲୋକ ଦଉଡୁଛନ୍ତି?"

ବୋଉକୁ ଆହୁରି ଟିକେ କଥା ମୁଖର କରିବାପାଇଁ ଅନୁରାଧା ଯୋଡିଲା – "ଦିନକୁ ଦିନ ଲୋକ ଗହଳି ବଢୁଛି ସହରରେ। ସେଇ ଅନୁସାରେ ଗାଡି ମଟର ବି ତ ବଢିବ ନା!"

"ଗାଁରେ କ'ଣ ଆଉ ସେମିତି ଗହଳି ଚହଳି ଅଛି କି? ଯିଏ ଅଛନ୍ତି ସିଏ କୋଉ କାମ କରୁଛନ୍ତି! ମିଳୁଛି ଟଙ୍କିକିଆ ଚାଉଳ। ସେଦିନ ଚାଷ ଆଉ ନାହିଁଲୋ ମା!" ବୋଉ କହିଲା।

ଅନୁରାଧା ବୋଉର ମତାମତକୁ ସମର୍ଥନ କଲା। ଖୁସି ହେଲା ବି ବୋଉର ମନ ବଦଳି ଯାଉଛି ଦେଖି। କହିଲା, "ତୁ ଯାହା କହିଲି ସତ ବୋଉ! ଟଙ୍କାଟାରେ ଚାଉଳ କିଲେ। ମାଗଣାରେ ଇନ୍ଦିରା ଆବାସ। ପକା ଘର। କାମ କାହିଁ କିଏ କରିବ କହିଲୁ? ଆମେ ପଚାଶ ଟଙ୍କାରେ ଚାଉଳ କିଲେ କିଣିଲେ ପେଟ ପାଇଁ ଦଉଡିବୁ ନାହିଁ ଦିନରାତି? ମିଛଟାରେ କ'ଣ ଏତେ ଗାଡିମଟର ଲୋକବାକ ରାସ୍ତାରେ ଦଉଡୁଛନ୍ତି?"

ସରକାରୀ ସିଷ୍ଟମ ଉପରେ ମା ଝିଅଙ୍କର ଗପ ଆଗକୁ ବଢୁଥିବା ବେଳେ ବୋଉ ଅଚାନକ୍ ଚୁପ୍ ରହିଗଲା। ଫୁଟ୍‌ପାଥ୍ ଆଡେ ଅଙ୍ଗୁଳି ନିର୍ଦ୍ଦେଶ କରି ପଚାରିଲା, "ହେଇ ଅନୁ! ଦେଖିଲୁ ଦେଖିଲୁ ଏଇ ସ୍ତ୍ରୀଲୋକ ଟିକୁ।" କେତେ ସ୍ତ୍ରୀଲୋକ ଚାଲୁଛନ୍ତି ଫୁଟ୍‌ପାଥ୍‌ରେ। କାହା ଉପରେ ବୋଉର ଏତେ ଉତ୍ସୁକତା। ଜାଣିବାପାଇଁ ଚାହିଁଲା ଫୁଟ୍‌ପାଥ୍ ଆଡକୁ ଅନୁରାଧା। ଓ, ଏ ଯେଉଁ ସ୍ତ୍ରୀଲୋକଟି ନାଲିଧଳା ଛପା ଶାଢି ପିନ୍ଧିଛି। ସବୁଦିନ ଦେଖୁଛି ଏତେ ବେଳକୁ ତାକୁ। ଏଇ ଆମ କଲୋନି ଭିତରକୁ ଆସୁଛି।

"ଆଚ୍ଛା ଆଚ୍ଛା, ସିଏ?"

"ତୁ ତା ହେଲେ ଜାଣିଛୁ ତାକୁ?"

ଅନୁରାଧା ବୁଝି ପାରୁ ନଥିଲା। ବୋଉର ନଜର ତା ଉପରେ କାହିଁକି ପଡିଲା? ପୁଣି ଅତି ଉତ୍ସୁକ ତାକୁ ଜାଣିବାକୁ।

ଜାଣିଛି ଅନୁରାଧା ବୋଉକୁ ତାର। ବୋଉର ଜିଜ୍ଞାସା ଜାଲରେ ଯିଏ ପଡିଲା ଥରେ, ତାର ପୂରା ଅଡ଼ାପଡ଼ା ଖଙ୍ଗାରି ସିଏ ଛାଡିବ। ପୂରା ଡି.ଏନ୍.ଏ. ଟେଷ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ।

"ତା ନାଁ କଅଣ? କୋଉଠି ରହେ?" ବୋଉର ଜେରା ଆରମ୍ଭ ହେଲା।

"ସିଏ କୁମାରୀ।" ସଂକ୍ଷିପ୍ତ ଉତ୍ତର ଦେଇ ଅନୁରାଧା ଚାହିଁଲା ଏଇଠି କୁମାରୀ ବିଷୟରେ ତରକିକାତ୍ ଶେଷହେଉ। କୁମାରୀ ତାର ଅତି ଅନ୍ତରଙ୍ଗ ବାନ୍ଧବୀ। ସମବୟସୀ। କିନ୍ତୁ କୁମାରୀ ଦିଦି ବୋଲି ସମ୍ବୋଧନ କରେ ଅନୁରାଧାକୁ।

"ଧେତ୍! ତା ନାଁ ଟା କହ। କୁମାରୀ ଆଗରେ କ'ଣ ଗୋଟାଏ ନାଁ ତ ଥିବ ନା?" ବିରକ୍ତି ପ୍ରକାଶ କଲା ସାମାନ୍ୟ ବୋଉ।

"ଆଲୋ ବୋଉ ତା ନାଁ ହିଁ କୁମାରୀ।"

"ରହୁଛି କେଉଁଠି? କ'ଣ କରୁଛି?"

ଅତି ଅନ୍ତରଙ୍ଗ ବାନ୍ଧବୀକୁ ନେଇ ବୋଉ ବିଚାର ତର୍ଜମା କରୁ, ଚାହୁଁ ନାହିଁ ଅନୁରାଧା। ବୋଉ ବି ଛାଡିବାର ଲୋକ ନୁହଁନ୍ତି। ସବୁ ଜାଣିବା ଯେମିତି ତାଙ୍କର ଜନ୍ମସିଦ୍ଧ ଅଧିକାର। କେତେ ସଂକ୍ଷିପ୍ତ ବାକ୍ୟରେ କୁମାରୀ କହିଲେ ବୋଉ ଆଉ ଆଗକୁ ପ୍ରଶ୍ନ କରି ପାରିବନି ସେ କଥା ଭାବୁଥିଲା ଅନୁରାଧା। ବୋଉ ଆଉଥରେ ତା ପ୍ରଶ୍ନକୁ ଦୋହରାଇବା ପରେ ଅନୁରାଧା କହିଲା, "କୁମାରୀ ଆମ ଏଇ କଲୋନୀରେ ଘର ଭଡା ନେଇ ରହୁଛି। ସେ ହାଇସ୍କୁଲର ଶିକ୍ଷୟିତ୍ରୀ। ଦୁଇ ଭାଇ ପରିବାର ପାଖରେ ଅଛନ୍ତି। ବାସ୍।"

ବାସ୍? ସରିଗଲା କେମିତି? ଗୋଛାଏ ପ୍ରଶ୍ନ ଥୋଇଦେଲା ବୋଉ ଅନୁରାଧା ଆଗରେ।

"ଭାଇ ପରିବାର ସାଙ୍ଗରେ କଣ ? ଶାଶୂଘର ? ପିଲାଛୁଆ ?

ବାଧ୍ୟ ହେଲା ଅନୁରାଧା କହିବାକୁ, "କୁମାରୀ ବାହା ହୋଇନି। ବାପା ତାର ଏ.ଜି. ଅଫିସ୍ ରେ ଚାକିରି କରୁଥିଲେ। କୁମାରୀ ବି.ଏସ୍.ସି. ପାସ୍ କଲା ଯେଉଁ ବର୍ଷ, ସେଇ ବର୍ଷ ତାର ବାପା ଚାଲିଗଲେ। କ୍ୟାନ୍‌ସର ହେଲା। ପିଲାଦିନରୁ ମା ମରି ଯାଇଥିଲା। ଛୋଟ ଭାଇ ଦୁଇଜଣ ହାଇସ୍କୁଲରେ ପଢୁଥିଲେ। ଗୁରୁଜନ ବୋଇଲେ ଥିଲେ ଜଣେ ଦାଦା। ସିଏ କାହିଁ ପଚାରିବେ ବା ବୁଝିବେ। କ'ଣ ମନହେଲା କୁମାରୀ ଭୀଷ୍ମ ପ୍ରତିଜ୍ଞା କଲା, ବାହା ହବନି। ଭାଇମାନଙ୍କୁ ମଣିଷ କରିବ।"

"ବାଃ ! କେତେ ବଢିଆ କାମଟାଏ କଲା ! ଯାକୁ କ'ଣ ମଣିଷ କହିବ ? ଦେବୀଟାଏ ସିଏ।"

ଅନୁରାଧାର କଥା ମଝିରୁ ଭାଙ୍ଗିଦେଇ ବୋଉ ତାର ଏଇ ମନ୍ତବ୍ୟଟି ଥୋଇଦେଲା। ତୀକ୍ଷଣ ଧାର ତରବାରି ଠାରୁ କମ୍ ନୁହେଁ ବୋଉର ମନ୍ତବ୍ୟ। କୁମାରୀକୁ ଦେବୀ କହିଲା, ଖୁସିର କଥା। ନିଶ୍ଚିତ ଭାବେ କୁମାରୀର ତ୍ୟାଗ ଦେବୀ ତୁଲ୍ୟ। ଅନୁରାଧା ଏକଥାକୁ ଅସ୍ୱୀକାର କରିନାହିଁ କିମ୍ବା କରିବନାହିଁ। କିନ୍ତୁ ବୋଉ ଯେପରି ଅନୁରାଧାର ଛାତିକୁ ବିଦୃପାତ୍ମକ ତରବାରିରେ ଭେଦକରି କୁମାରୀକୁ ଦେବୀ ଆସନରେ ବସାଇଲା, ତାହା ଅନୁରାଧା ପକ୍ଷେ ସହ୍ୟ ହେଲାନି।

ବୋଉ ତାର ଗୋଟିଏ ଧାଡିରେ ବହୁତ କିଛି କହିଦେଲା ପରି ଲାଗିଲା। ଶୂନଟାଏ ପରି ପବନରେ ଉଡେଇଦେଲା କୁମାରୀର ତ୍ୟାଗକୁ।

ବାପା ଚାଲିଗଲେ। ବି.ଏସ୍.ସି. ପାସ୍ କଲା। କାନର ରିଙ୍ଗ୍ ବିକିଲା ଫିସ୍ ଭରିବା ପାଇଁ। ଫିଜିକ୍ସ ଅନର୍ସ ପାଇଥିଲେ ବି ଭବିଷ୍ୟତକୁ ଡୋର ବାନ୍ଧି ରଖିଲା ସେଇଠି। କ୍ୟାରିୟର୍ ଭଲ ଥିଲା। ତେଣୁ ବ୍ୟାଙ୍କ୍‌ରେ କିରାଣୀ ଚାକିରିଟିଏ ପାଇବାକୁ ଅସୁବିଧା ହେଲାନି। ତାରି ରୋଜଗାରରେ ଘର ଚାଲିଲା। ସାନ ଭଉଣୀର ପାଠ ପଢା ବି। ବୋଉର ଜୀବନକାଳରେ ଆଶା ଥିଲା ସାନ ଭାଇର ଆଇ.ଏସ୍.ସି. ପରେ ଡୋନେସନ୍ ଦେଇ ଇଂଜିନିୟରିଂ ପଢାଇବାକୁ। କୋଡିଏ ବର୍ଷ ତଳେ ଦୁଇ ଲକ୍ଷ ଟଙ୍କା ଯୋଗାଡ କରିବା ଜଣେ କିରାଣୀ ପକ୍ଷରେ କେତେ ଅସମ୍ଭବ ବୋଉ ବୁଝିଲାନାହିଁ। ବୋଉ ଇଂଜିନିୟର ପୁଅର ମା ହେବାରୁ ବଞ୍ଚିତ ହେଲା ତା ପାଇଁ। ତଥାପି ଭାଇ ପାଇଁ ଚାକିରି ଯୋଗାଡ କରିବା, ଭଉଣୀର ପାଠପଢା, ଚାକିରି, ବାହାଘର ସବୁ ତୁଲେଇଛି ଅନୁରାଧା।

କେବେ କାହାକୁ ଅପେକ୍ଷା କରେ ସମୟ ? ତାର ଶରୀର ଉପରେ ସେତେବେଳକୁ ଛତିଶ ବର୍ଷର ସମୟ ଅତିକ୍ରମ କରିଗଲାଣି। ଗୋଟି ଗୋଟି ଦାୟିତ୍ୱ ସମ୍ପୂର୍ଣ୍ଣ କରିବା ଭିତରେ ଅତିକ୍ରାନ୍ତ ସମୟକୁ ଦେଖିବାକୁ ଫୁରସତ୍ କାହିଁଥିଲା ତା ପାଖରେ ? ଜାଣିଶୁଣି ବୋଧହୁଏ ସମୟକୁ ବିତିବାକୁ ଦେଲା ବୋଲି। ନିଜେ ବୋଉ ବଞ୍ଚିଥିଲେ ପାରି ନଥାନ୍ତା କିମ୍ବା ପୁଅର ସ୍ୱଳ୍ପ ଆୟରେ ଘରର ଆର୍ଥିକ ସ୍ଥିତିକୁ ସମ୍ଭାଳି ପାରି ନଥାନ୍ତା। ବୋଉ ଆଡୁ କଥା ପଡିଥିଲେ ହୁଏତ ସିଏ କେବେ ତା ବାହାଘରର ସ୍ୱପ୍ନ ଦେଖିଥାଆନ୍ତା।

ଏକାକିନୀର ଅନ୍ଧକାର ଭିତରକୁ ଥରେଥରେ ଆସିଛି ଅନୁରାଧା। କିଛି ମିଠା ସ୍ୱପ୍ନ। ହେଲେ ସେଇ ଅନ୍ଧକାର ଭିତରେ ହିଁ ସଉା ହଜାଇଛି। ବରଂ ନିଜେ ନିଜେ ସ୍ୱପ୍ନମାନଙ୍କୁ ପୋଛି ଦେଇଛି ମନରୁ। କାରଣ, ସ୍ୱପ୍ନ ଦେଖିବାରେ ବୟସ ତା ହାତରୁ ଖସି ଯାଇଛି ବୋଲି।

ଆଉ ଗୋଟିଏ ଦିନକୁ ବି ସେ ଆଶା କରି ନଥିଲା। ଏତେ ଖୁସି ପାଖରେ ସିଏ ଥିଲା କେମିତି ? ପ୍ରସ୍ତାବ ବାଢିଲେ ପ୍ରକାଶ ତା ପାଖରେ ଜୀବନ ସାଥି କରିବାକୁ। ପ୍ରକାଶ ଏ.ଜି.ରେ ଅଡିଟର ଥିଲେ। ଏସ୍.ବି.ଆଇ. ବ୍ୟାଙ୍କର ଉପଭୋକ୍ତା ହିସାବରେ ଯେତିକି ଅନୁରାଧା ସହିତ ପରିଚୟ ଥିଲା ତା ଠୁ ଅଧିକା ନୁହେଁ।

ଅନୁରାଧା କେମିତି କାହିଁକି ପ୍ରକାଶଙ୍କ ହୃଦୟରେ ସ୍ଥାନ ପାଇଲା ଜାଣିନି ସିଏ। ବୟସରେ ଅନୁରାଧା ଦୁଇବର୍ଷ ପ୍ରକାଶଙ୍କ ଠାରୁ ବଡ। ତେବେ ବି ପ୍ରକାଶଙ୍କର ଆପତ୍ତି ନଥିଲା। ପ୍ରକାଶଙ୍କ କହିବା ଅନୁସାରେ ସରଳ ନିର୍ମଳ ଆଚରଣ ପାଖରେ ବୟସ ପାର୍ଥକ୍ୟ କିଛି ଗୋଟାଏ ବଡ ପ୍ରତିବନ୍ଧ ନୁହେଁ।

ଅଚାନକ ଅତୀତ ମନ୍ଥନରୁ ଫେରି ଆସିବାକୁ ପଡିଲା ଅନୁରାଧାକୁ। ଡୋର୍ ବେଲ୍ ବାଜୁଛି। ବୋଉ ଶୁଣୁଛି। ସିଏ ଶୁଣୁଛି। ଦୁଇଜଣଙ୍କ ଭିତରେ ଚାଲିଥିବା ନିରବ ଯୁଦ୍ଧର ଅନ୍ତ ଘଟିଲା ଏଇଠି। ଅନୁରାଧା ଉଠିଗଲା ଦୁଆର ଖୋଲିବାକୁ।

କିଏ ହୋଇପାରେ ଏତେବେଳେ ? ପିଲାମାନଙ୍କର ଟିଉସନ ସମୟ। ପ୍ରକାଶ ଟୁର୍‌ରେ। ଭବାନୀପାଟଣା ଯାଇଛନ୍ତି। ଯିଏ ହେଉ, ଖୋଲିଲା ଦୁଆର।

ନିରବ ଯୁଦ୍ଧର ବିଭୀଷିକାର କୟଦ ଛାପ ତଥାପି ମୁଖମଣ୍ଡଳର ରହିଯାଇଛି। ଦେଖିଲା ଦୁଆରେ କୁମାରୀ।

"ଆରେ କୁମାରୀ ! ତୁମେ ? ଆସ, ଆସ, ଭିତରକୁ ଆସ।" ସାଦରେ ପାଛୋଟି ଆଣିଲା କୁମାରୀକୁ। ଯେତିକି ଉତ୍ସାହରେ କୁମାରୀକୁ ସ୍ୱାଗତ କରେ ଅନୁରାଧା ଅନ୍ୟ ଦିନମାନଙ୍କରେ ସେଥିରେ କିଛି କମି ରହିଥିଲା ନିଶ୍ଚୟ। ଜ୍ଞାତରେ ନୁହେ, ଅପ୍ରସ୍ତୁତ କାରଣରୁ।

କୁମାରୀ ଆଖି କିନ୍ତୁ ଧରିନେଇଥିଲା ଅନୁଦିଦିକୁ ତାର। ଅନୁରାଧାକୁ ସହଜ କରିବା ଉଦ୍ଦେଶ୍ୟରେ ପଚାରିଲା, "କ'ଣ ଦିଦି ! ଭାଇ ଦୂରରେ ଅଛନ୍ତି ବୋଲି ଉଦାସ ନା ଅଫିସ୍ ଟେନ୍‌ସନ୍ ?"

"ଧେତ୍, ଉଦାସ ? ପୁଣି ଭାଇଙ୍କ ପାଇଁ ? ପଚାଶ ବର୍ଷ ପାରି ହେଲାଣି ମ !" ଦୁଇ ବାନ୍ଧବୀ ହସିଲେ ଇସତ୍। ଅନୁରାଧା କୁମାରୀକୁ ବୋଉ ପାଖକୁ ନେବା ବେଳେ କହିଲା, ଆସ କୁମାରୀ ବାଲକୋନିକୁ, ବୋଉ ଆସିଛି।

"ହଁ, ଏଇଲେ ମୁଁ ରାସ୍ତା ଉପରୁ ଦେଖିଲି ତୁମକୁ। ଭାବିଲି ଦିଦିଙ୍କ ମା ବୋଧେ ଆସିଛନ୍ତି। ସେଥିପାଇଁ ଆସିଗଲି। ଆଉ ଗୋଟାଏ ଇମ୍ପୋର୍ଟାଣ୍ଟ କଥା ବି ଥିଲା କହିବାକୁ।"

ବାଲକୋନିରେ ପହଞ୍ଚି ଅନୁରାଧା ପରିଚୟ କରାଇଦେଲେ। ବୋଉ ସାଥିରେ କୁମାରୀକୁ। "ବୋଉ, ଇଯେ କୁମାରୀ। ରାସ୍ତା ଉପରୁ ଦେଖିଲା ତୋତେ। ଦେଖା କରିବାକୁ ଆସିଛି।"

"କୁମାରୀ ? ଏଇ କୁମାରୀ ? ବସ ଝିଅ ବସ ଏଠି।"

କୁମାରୀ ବସିଲା ବୋଉ ପାଖରେ। କିନ୍ତୁ ପ୍ରଶ୍ନିଳ ଚାହାଣିଟିଏ

ଚାହିଁଲା ଅନୁରାଧା ଆଡେ। ବହୁତ କିଛି ମୋ ବିଷୟରେ କହି ଦେଇଛ କି? ପଚାରୁଥିଲା ଯେମିତି।

ପାଖା ପାଖି କୁମାରୀ ଆଉ ବୋଉ, ଅନୁରାଧା ଅପର ପାର୍ଶ୍ୱ କଡକୁ ବସିଲେ। ଏବେ ସାକ୍ଷାତ ଦେବୀ ମା ବୋଉ ପାଖରେ କୁମାରୀ। ତ୍ୟାଗର ଜୀବନ୍ତ ପ୍ରତୀକ। ଲକ୍ଷ୍ୟ କଲେ ଜଣା ପଡୁଛି, ବୋଉ ପୂରା ପୂରି ସାତ୍ତ୍ୱିକ ଭାବଧାରାର ଦ୍ରବୀଭୂତ ଅଛି। ଜଟିଆ ବାବାଙ୍କ ମଠରେ ବୋଉ ଯେମିତି ବାବାଙ୍କ ସାମନାରେ ବସିଥାଏ। ସେମିତି ଭକ୍ତିଭାବ ନେଇ ବସିଛି। ହାତ ଦୁଇଟା ଯୋଡିନି କେବଳ। ଅପେକ୍ଷା କରିଛି ବାବା କଅଣ ହୁକୁମ୍ ଦେବେ। କୁମାରୀ ଆଉ କଅଣ କଅଣ ତାର ତ୍ୟାଗର କାହାଣୀ କହିବ, ସେ ଶୁଣିବ।

କୁମାରୀ ଚୁପ୍, ଅନୁରାଧା ବି ଚୁପ୍। ଆରମ୍ଭ କଲା ବୋଉ ତା ତରଫରୁ, "ଭାଇମାନଙ୍କର ପିଲାପିଲି କେତୋଟି ରେ ମା?"

"ବଡଭାଇର ଦୁଇଟି ଝିଅ, ସାନଭାଇର ପୁଅଟିଏ", ମା ଜାଣିଛନ୍ତି ଯେତେବେଳେ ସଂକ୍ଷିପ୍ତ ଉତ୍ତର ଦେଲା କୁମାରୀ।

"ଭଲ, ଭଲ। ଖୁସି ସଂସାର। ଈଶ୍ୱର ତୋତେ ଖୁସିରେ ରଖିବେ ରେ ମା!"

ପରିବେଶ ଆସ୍ତେ ଆସ୍ତେ ଅସୁସ୍ଥ ହେବାକୁ ଯାଉଛି ଲାଗିଲା ଅନୁରାଧାକୁ। ଆଗକୁ ଉଠ୍-ପଟାଙ୍ଗ୍ କଣ ଗୋଟାଏ ପଚାରି ଦବ ବୋଉ। ଏଇଠି ବିରାମ ଲାଗୁ ବୋଉ କଥାରେ। ପଚାରିଲା ଅନୁରାଧା,

"କଣ ଇମ୍ପୋର୍ଟାଣ୍ଟ୍ କଥାଥିଲା କହୁଥିଲ?"

"ସେଇ ଏଗ୍ରୀମେଣ୍ଟ କଥା ମ! ପଣ୍ଡିଚେରୀ ଯାଇଥିଲି ଲାଷ୍ଟ୍ ମନ୍‌ଡେ।"

"ଫାଇନାଲ୍ ହେଲା? କେତେ ଦବାକୁ ପଡିବ?"

"ତିନିଲକ୍ଷ ଦେବି। ଦୁଇ ବର୍ଷ ଭିତରେ। ଦୁଇ ବର୍ଷ ପରେ ଭି.ଆର୍.ଏସ୍. ନେଇଯିବି ବୋଲି ଭାବୁଛି।"

ପୁଳାଏ ଖୁସି ଯେମିତି ଅନୁରାଧା ହୃଦୟରୁ କାଢି ଫୋପାଡିଦେଲା କିଏ। କୁମାରୀର ଶେଷ ଧାଡିକ ଅନୁରାଧାକୁ ଶକ୍ତ ଛାଟରେ ପାହାରେ ପିଟିଦେଲା। ସତଟାକୁ ସତ ବୋଲି ମଣିବାକୁ କଷ୍ଟ ହେଲା ତାକୁ। ଆଗ ଅପେକ୍ଷା ଏବେ ଅଧିକ ଉଦାସ ଦିଶିଲା ଅନୁରାଧାର ମୁହଁ।

କୁମାରୀ ନିଜକୁ ତଥା ଅନୁରାଧାକୁ ସାନ୍ତ୍ୱନା ଦେବାପାଇଁ ଏତିକି କହିଲା, "ଆଜି ନହେଲେ କାଲି ମୋ ଭବିଷ୍ୟ ଏଇଆ ଥିଲାନା ଦିଦି? ଏଇ ନିର୍ଣ୍ଣୟ ମୋ ପାଇଁ ସବୁଠୁ ଉଚିତ୍ ନିର୍ଣ୍ଣୟ ନୁହେଁକି? ମୋତେ ବି ବହୁତ କଷ୍ଟ ହେଉଛି। ତୁମ ପରି ଜଣେ ଅନ୍ତରଙ୍ଗ ସାଥି ଛାଡିବି, ମୋର ପ୍ରିୟ ସହର ଛାଡିବି, ସ୍କୁଲ ସାଙ୍ଗସାଥି ସବୁ ଛାଡିବି। କମ୍ କଷ୍ଟ ଦିଦି?"

ଦୁର୍ବୋଧ ଥିଲା ବୋଉପାଇଁ ଦୁଇ ସହେଲୀଙ୍କର କଥୋପକଥନ। ବୁଝି ନ ପାରୁଥିଲେ ବି ବୋଉ ମୁହଁଟା ହତାଶ ହତାଶ ଦିଶୁଥିଲା। ସମ୍ଭାଳି ପାରିଲାନି। ପଚାରିଲା, "ଆରେ ମା! ମତେ ଟିକିଏ ସଫା ସଫା ବୁଝେଇ କହିଲ - ତିନି ଲକ୍ଷ ଟଙ୍କା ଦବ, ପୁଣି ସହର ଛାଡିବ, ସାଥି ଛାଡିବ ପୁଣି ଯିବ କୁଆଡେ? ତିନି ଲକ୍ଷ ଦବ, ଘର କରିବ କି ପିଲାଙ୍କ ପଢାରେ ଖର୍ଚ୍ଚ କରିବ। ଭାଇ ଘର ଛାଡି ଯିବ କୁଆଡେ?"

ଅସମଞ୍ଜସରେ ପଡିଲା କୁମାରୀ।

"କିଛି ଜାଣି ନାହାନ୍ତି କି ମାଉସୀ?" କୁମାରୀର ଅନୁରାଧା ପଚାରିଲା।

"ନା" ଉତ୍ତର ଦେଲା ଅନୁରାଧା।

ବୋଉ ମୁହଁକୁ ଦେଖୁଥିଲା କୁମାରୀ। କ'ଣ ଦେଖିଲା କେଜାଣି, ନିଜ ଦୁଇ ହାତ ପାପୁଲିରେ ଭିତରେ ବୋଉର ହାତକୁ ଜାବୁଡି ଧରିଲା। ମହମ ପରି ତରଳିବାକୁ ଲାଗିଲା କ୍ରମଶଃ। ବୋଉ ଭିତରେ ଖୋଜି ପାଇଗଲା ବୋଧେ ମାକୁ ତା'ର। ମମତାର ଉତ୍ସଟିଏ ମିଳିଗଲା ତାକୁ। ସେଇ ଉତ୍ସରେ ଧୋଇବାକୁ ଚେଷ୍ଟା କରୁଥିଲା ଜୀବନରେ ପାଇଥିବା କ୍ଲେଶ, ଯନ୍ତ୍ରଣାକୁ।

ବୋଉର ଶିରାଳ ହାତପାପୁଲିକୁ ବାର ବାର ନିଜ ପାପୁଲିରେ ସାଉଁଳିଲା କୁମାରୀ। ଚେଷ୍ଟାକଲା ତାରି ମାଧ୍ୟମରେ ବୋଉର ହୃଦୟରେ ଲେଖିଦେବ ତାର ବ୍ୟଥାର ଗାଥା। ମୁକ୍ତ କରିଦେବ ମନର ଭାରକୁ।

ଆରମ୍ଭ କଲା, "ମାଉସୀ! ଦୁଇ ଭାଇଙ୍କୁ ମଣିଷ କଲି। ପିଲାମାନେ ତାଙ୍କର ବଡ ହେଲେଣି। ଯାହା ରୋଜଗାର କଲି, ମୋର ବୋଲି କିଛି ନାହିଁ। ସବୁ ତାଙ୍କପାଇଁ ଖର୍ଚ୍ଚକଲି। ଭାବୁଥିଲି, ଏଇମାନେ ମୋର ସର୍ବସ୍ୱ। କିନ୍ତୁ ମୁଁ ଭୁଲ୍ ଥିଲି ମାଉସୀ। ଦୁଇ ବର୍ଷ ତଳେ ଲୋନ୍ କଲି। ପଟିଆରେ ଗୋଟିଏ ପ୍ଲଟ୍ ପାଇଁ ଆପ୍ଲାଇ କଲି। ଯେହେତୁ ମୁଁ ମୋ ନାଁରେ ଲୋନ୍ କଲି, ଘରଟା ବି ମୋ ନାଁରେ ହବା କଥା ନା? କ'ଣ ମାଉସୀ?"

"ହଁ, ହବା କଥା। ଏଥିରେ ଅସୁବିଧା କେଉଁଠି?" ବୋଉ କହିଲା।

ସେଇ ହେଲା ମୂଳ କାରଣ ମାଉସୀ। ବଡ ଭାଇ କହିଲା ତା ବଡ ଝିଅକୁ ଝିଅ କରି ତା ନାଁରେ ଘରଟା କରିଦେବାକୁ। ନହେଲେ ଶେଷ ବେଳକୁ ମୋର ସେବା କରିବ କିଏ? ସେଇଠି ସାନଭାଇର କଥା ଥିଲା, ଦିଦି ଦୁଇ ନାବରେ ଗୋଡ ଦେବା କଥା କରୁଛି। ଝିଅଟା ନାଁରେ ଘର କ'ଣ? ତା ପୁଅ ବଂଶ ରକ୍ଷା କରିବ। ଘର ତା ନାଁରେ ହେବା କଥା। କୁହ ମାଉସୀ, ଆଗକୁ କାହା ଉପରେ ଆଉ ଭରସା କରିବି?"

"ତା ପରେ?" ବୋଉ ପଚାରିଲା।

ତା ପରେ ଆଉ କ'ଣ? ଘରଟାର କିସ୍ତି ସରି ନଥିଲା। ବିକ୍ରି କରିଦେଲି ତୃତୀୟ ପକ୍ଷକୁ। ଯାହା ମିଳିଲା, ସେଥିରୁ ତିନି ଲକ୍ଷ ପଣ୍ଡିଚେରୀର ଗୋଟିଏ ଆଶ୍ରମ ସ୍କୁଲକୁ ଦେଲି। ଦୁଇ ବର୍ଷ ପରେ ସେଠିକୁ ଚାଲିଯିବି। ସେଠିକାର ଜରାଶ୍ରମରେ ଶେଷଜୀବନ ବିତିବ। ସ୍କୁଲରେ ପାଠ ପଢେଇବି, ଯେତେଦିନ ପାରିବି।

କିଛି ସମୟ ଚୁପ୍ ରହିଲା କୁମାରୀ। ତା ପରେ ହୃଦୟ ଭିତରେ ସାଇତି ରଖିଥିବା ଶେଷ ଅବସୋସତକ ବୋଉ ହୃଦୟରେ ଅଜାଡି ପକାଇଲା, ବୋଉର ହାତକୁ ଜାବୁଡି ଧରିଲା ଜୋର୍‌କରି।

କହିବାକୁ ଲାଗିଲା, "ଅନୁଦିଦି ପରି ଭାଗ୍ୟବତୀ ମୁଁ ନୁହେଁ ମାଉସୀ! ତୁମପରି ମା' ଟିଏ ଥିଲ ବୋଲି ସିନା ଅନୁଦିଦିଙ୍କ ପାଇଁ ଜୀବନସାଥୀଟିଏ ଖୋଜି ଆଣିଲ। ମୋ ମା ଥିଲେ କ'ଣ ଏ କୁମାରୀ ସାରା ଜୀବନ କୁମାରୀ ରହିଥାଆନ୍ତା?"

ଅନୁରାଧା ଦେଖିଲା, ବୋଉର ଶିରାଳ ହାତଟା ଥରିବାକୁ ଲାଗୁଛି।

ତଥାପି ଚଟ୍ କରି କୁମାରୀ ହାତ ଭିତରୁ ନିଜ ହାତକୁ ମୁକ୍ତ କଲା । ପୁଳାଏ କାନିରୁ ଆଖିରେ ଚାପିଧରି ଭୋ କରି ଛୁଆଙ୍କ ଭଳିଆ କାନ୍ଦି ଉଠିଲା । କୋହ ଉଠିଲା ଯେ ଆଉ ଥମିବାର ନୁହେଁ । ଗୋଟାଏ ପଟେ କୁମାରୀ, ଅନ୍ୟପଟେ ଅନୁରାଧା ବୋଉକୁ ଧରିଲେ, ତଥାପି ବୋଉ କାନ୍ଦୁଥାଏ । କୁମାରୀକୁ ଲାଗିଲା ସମବେଦନାର ଅଶ୍ରୁ । ଅନୁରାଧା ଯଦିବା ବୋଉର ଅନୁଭବକୁ ବୁଝୁଥିଲା, ତଥାପି ଦୋଷ ଦେଉଥିଲା ଦୂରଦୃଷ୍ଟି ଥିବା ପ୍ରତିଜ୍ଞାକୁ ।

ମନେମନେ ଅନୁରାଧା କୁମାରୀକୁ କହିଲା, "ବୁଝିଲ କୁମାରୀ ! ଭୀଷ୍ମ ପିତାମହ ଯଦି ତ୍ୟାଗର ପରାକାଷ୍ଠା ଦେଖାଇବାକୁ ପ୍ରତିଜ୍ଞାବଦ୍ଧ ହୋଇ ନଥାନ୍ତେ, ତେବେ ମହାଭାରତର ମହାସଂଗ୍ରାମ ହୁଏତ ଘଟି ନଥାନ୍ତା । କୁମାରୀ ରହିବାର ପ୍ରତିଜ୍ଞା କରିବା ଆଗରୁ ତାକୁ ଶହେବାର ବିଚାର କରିବାର ଥିଲା । ଯେହେତୁ ତୁମେ ଜଣେ ନାରୀ !"

ଡି. ଆଇ.ଏମ୍. - ୮୩, ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ -୯୪୩୭ ...............



# ବାଃ ବାଃରେ କ୍ୟାପିଟାଲ୍

*ପୀତବାସ ରାଉତରାୟ*

କଥାରେ ଅଛି, ଗଡ଼ିଗଲା ବୟସ, ଗଡ଼ିଗଲା ପାଣି । ଚାହୁଁ ଚାହୁଁ ୭୦ ବର୍ଷ ହୋଇଗଲାଣି ଏଇ ଆମର ରାଜଧାନୀ ଭୁବନେଶ୍ୱରକୁ, ହେଲେ ବୟସ ଯେତେ ଯେତେ ବଢ଼ୁଛି ସେ ସେତିକି ଯୌବନ ଫେରାଇ ଆଣିବାକୁ ଚେଷ୍ଟା କରୁଛି । ଆଜିକାଲିକା ଯୁଗ ହେଲା ପରା ବାହାର ଚାକଚକ୍ୟର ଯୁଗ ଆଉ ବୟସକୁ ପଛେଇ ନେବାର ପ୍ରଚେଷ୍ଟା । ବିଶିଷ୍ଟ ଉପନ୍ୟାସିକା ଓ ସ୍ତମ୍ଭକାର ଶ୍ରୀମତୀ ଶୋଭା ଦେ ପରା ଷାଠିଏ ବର୍ଷ ପଦାର୍ପଣ କରିବା ଦିନ କହିଲେ ଜୀବନ ଆରମ୍ଭ ହୁଏ ଷାଠିଏରୁ !

ପଛକୁ ଫେରି ଚାହାଁନ୍ତୁ, ଭାରତ ସ୍ୱାଧୀନ ହେବାପରେ ଦୁଇଟି ରାଜ୍ୟରେ ରାଜଧାନୀ ନୂଆ ଜାଗାରେ ବଛାଗଲା । ପଞ୍ଜାବରେ ଚଣ୍ଡୀଗଡ଼ ଓ ଓଡ଼ିଶାରେ କଟକକୁ ବଦଳାଇ ଭୁବନେଶ୍ୱର । ଏକା ଦିନରେ ଦୁଇଟି ସ୍ଥାନରେ ଶ୍ରୀଗଣେଶ ହେଲା ନୂଆ ରାଜଧାନୀର ରୂପରେଖ । ଧୀରେ ଧୀରେ ଲୋକମୁଖରେ ଭୁବନେଶ୍ୱର ନ ହୋଇ ଏହାର ନାମ ହୋଇଗଲା ନିଉ କ୍ୟାପିଟାଲ୍ । ଏବେ ମଧ୍ୟ ଏତେ ବର୍ଷପରେ ବସ୍‌ମାନଙ୍କରେ ଲେଖା ହୋଇଥାଏ କ୍ୟାପିଟାଲ୍ । ଗାଁ ଗହଳିରେ ଲୋକ ଚିହ୍ନନ୍ତି ଭୁବନେଶ୍ୱରକୁ କ୍ୟାପିଟାଲ୍ ନାମରେ !

ହଠାତ୍ କ୍ୟାପିଟାଲ୍ ସିନା ହୋଇଗଲା ମାତ୍ର ସହରଟିଏ ହେଲେ କିଛି ତ କଲୋନୀର ସମାହାରରେ ଗଢ଼ିଉଠିବ । ପୁରୁଣା ରାଜଧାନୀ କଟକରେ ସବୁ ସାହିର ନାମ ସହିତ କେତେ ଇତିହାସ ଥାଇ ସମ୍ପର୍କୟର ସୂତ୍ରପାତ ହୋଇଥିଲା ଯଥା- ଦୋଳମୁଣ୍ଡାଇରେ ଦୋଳକୁ ମୁଣ୍ଡାଇ ଯାଇଥିବେ ବୋଲି ନାମକରଣ ଦୋଳମୁଣ୍ଡାଇ ହୋଇଥିବ, ଚାନ୍ଦିନୀଚୌକ ନିଶ୍ଚିତ ଭାବେ ଦିଲ୍ଲୀ ବାଦ୍‌ଶାହଙ୍କ ଦିଲ୍ଲୀରେ ନାମିତ ଚାନ୍ଦିନୀଚୌକ ସହ କିଛି ସାମଞ୍ଜସ୍ୟ ଥିବ, ତୁଳସୀପୁରରେ ତୁଳସୀଚଉରା ଅବା ତୁଳସୀ ବଣରେ ଭର୍ତ୍ତିଥିବ, ରାଣୀହାଟରେ କେଉଁ ରାଣୀଙ୍କ ପାଦ ପଡ଼ିଥିବ ଏମିତି ସବୁ ନାମ ଯେମିତି ବାଲୁବଜାର, ବଜ୍ରକବାଟୀ, ଶଗଡ଼ିଆ ସାହି, ଛତ୍ର ବଜାର, ବକ୍ସି ବଜାର ଆଦି ସବୁ ନାମରୁ କିଛି ନା କିଛି ଅର୍ଥ ବାହାରୁଛି ଯାହାର କିଛି ଇତିହାସ ଥିବ ମାତ୍ର ସେଭଳି ଇତିହାସ ବା କିମ୍ବଦନ୍ତୀଙ୍କୁ ଆଶ୍ରୟ କରି ଭୁବନେଶ୍ୱର ତ ଗଢ଼ିଉଠିନାହିଁ । ସେ କାଳର ପୁରୁଣା ଲୋକଙ୍କ କଥାରେ ଆଜି ଯେଉଁଠି କୋଠାବାଡ଼ି ଗଢ଼ି ଉଠିଛି ସେତେବେଳେ ସେଠାରେ ବିଲୁଆ ଡେଉଁଥିଲେ, ଏବେ ବି ହାତୀଙ୍କ ଭୟ କେତେ ସ୍ଥାନରେ ଲାଗି ରହିଛି । ନିଉକ୍ୟାପିଟାଲ୍ ଆରମ୍ଭ ବେଳକୁ ଭୁବନେଶ୍ୱରର କେତୋଟି ଗ୍ରାମପୁଞ୍ଜ ଯଥା ଜାଗମରା, ଡୁମୁଡୁମା, ବରମୁଣ୍ଡା, ବମିଖାଲ, ଶିରିପୁର ଓ ପଟିଆ ଭଳି ଗ୍ରାମର ନାମ ଉଚ୍ଚାରିତ ହେଉଥିଲା ତା'ପରେ ଆରମ୍ଭ ହେଲା ନିଉକ୍ୟାପିଟାଲ୍ । ପ୍ରଥମେ ପ୍ରଥମେ ଜେଲ୍ କଏଦୀଙ୍କ ନାମକରଣ ଭଳି ଆରମ୍ଭ ହୋଇଥିଲା ୟୁନିଟ୍ ୧, ୟୁନିଟ୍ ୨, ୟୁନିଟ୍ ୩ ଏଇଭଳି ୟୁନିଟ୍‌ରେ ଆରମ୍ଭ ହୋଇଥିଲା ନିଉକ୍ୟାପିଟାଲ୍‌ର ରୂପରେଖ । ଭାଗ୍ୟ ଭଲ ଏହା ୟୁନିଟ୍ ୯ରେ ହିଁ ରହିଯାଇଛି କୌଣସି ଶିଳ୍ପ ନଗରୀର ସେକ୍ଟର ଭଳି ଆଗେଇ ଯାଇନାହିଁ । କେଉଁ ବିଶିଷ୍ଟ ବ୍ୟକ୍ତିମାନଙ୍କର ମାନସ ମନ୍ଥନ ଫଳରେ କ୍ୟାପିଟାଲ୍ ଆଜି ପାଲଟିଯାଇଛି ନୂଆ ନୂଆ ଫୁଲରେ ତିଆରି ସୁନ୍ଦର ମାଳାଟିଏ ।

ଆଜିର କ୍ୟାପିଟାଲ୍ ହେଉଛି ନଗର, ବିହାର, ପୁର ଓ ପଲ୍ଲୀର ସମାହାର । ନୂଆ ରାଜଧାନୀ ଗଠନ ପରେ ଯେଉଁସବୁ ନଗର ଗଢ଼ିଉଠିଲା ତା'ର ନାମକରଣ ହେଲା ଗଙ୍ଗନଗର, ସତ୍ୟ ନଗର, ଶହୀଦ ନଗର, ଅଶୋକ ନଗର, ଶାସ୍ତ୍ରୀ ନଗର, ସୂର୍ଯ୍ୟ ନଗର, ଗୌତମ ନଗର, ଖାରବେଳ ନଗର, ଜୟଦୁର୍ଗା ନଗର, ଭୌମ ନଗର, ବିଜେବି ନଗର, ବୀର ସୁରେନ୍ଦ୍ର ସାଏ ନଗର, ଶତାବ୍ଦୀ ନଗର, ପାଇକ ନଗର, ଶ୍ରୀରାମ ନଗର, ଗୌରୀ ନଗର, ରାଜୀବ ନଗର ଏପରିକି କମ୍ପାନୀ ନାମ ଅନୁସାରେ ନୂତନ ନାମକରଣ କରାଯାଇଛି ନାଲ୍‌କୋ ନଗର । ତା'ପରେ ବିହାର ଶ୍ରେଣୀରେ ଆସିଲେ- ଆଚାର୍ଯ୍ୟ ବିହାର, ବାଣୀ ବିହାର, ଜୟଦେବ ବିହାର, ପ୍ରକୃତି ବିହାର, ଶୈଳଶ୍ରୀ ବିହାର, ପଦ୍ମାବତୀ ବିହାର ଓ ରେଳ ବିହାର ଇତ୍ୟାଦି ବିହାର ।

ପୁର ଶ୍ରେଣୀରେ ଆପଣ ପାଇବେ - ଶିରିପୁର, ଭରତପୁର, ଇଟିପୁର, ଚନ୍ଦ୍ରଶେଖରପୁର ଓ ସାମନ୍ତରାପୁର । ପଲ୍ଲୀରେ ଆସିବେ ନୟାପଲ୍ଲୀ, ପଳାଶପଲ୍ଲୀ ଓ ଶାନ୍ତିପଲ୍ଲୀ ଇତ୍ୟାଦି । ତା ବ୍ୟତୀତ କେତେକ ବିଶିଷ୍ଟ ଦେବ ଦେବୀ କିମ୍ବା ଐତିହାସିକ ସ୍ମୃତିକୁ ନେଇ ଗଢ଼ିଉଠିଛି କିଛି କଲୋନୀ ଯେପରି ବୁଦ୍ଧେଶ୍ୱରୀ, ଲକ୍ଷ୍ମୀସାଗର, ଚିନ୍ତାମଣିଶ୍ୱର, ବ୍ରହ୍ମେଶ୍ୱର ପାଟଣା, ଭୀମଟାଙ୍ଗୀ ଭଳି କଲୋନୀ । ସାହି ଭିତରେ ଏବେ ବି ରହିଛି ମାଳି ସାହି, ଶାଳିଆ ସାହି ଓ ଶବର ସାହି । ଇଂରାଜୀ ଶବ୍ଦକୁ ବ୍ୟବହାର କରି ମଧ୍ୟ ରହିଛି ଆଇଆରସି ଭିଲେଜ ଓ ଫରେଷ୍ଟ ପାର୍କ । ଏ ହେଲା ସହରରେ ରହିବାର ଜାଗା ମାତ୍ର ଗାଡ଼ିମଟର ଗଲେ କେତୋଟି ଛକ ହିଁ ହୁଏ ଅସଲ ମାଧ୍ୟମ ଜାଗା ଚିହ୍ନିବାର । ସେଇଭଳି ଛକ ଜାଗାଗୁଡ଼ିକ ହେଲା ରୂପାଲୀ ଛକ, ସିଆରପି ଛକ, ମାଷ୍ଟରକ୍ୟାଣ୍ଟିନ୍ ଛକ, ରାମ ମନ୍ଦିର ଛକ, ବାୟାବାବା ଛକ, ଗୋପବନ୍ଧୁ ଛକ, ଡାକ୍ତରଖାନା ଛକ, ଆସେମ୍ବ୍ଲି

ଛକ, ଖଣ୍ଡଗିରି ଛକ ଇତ୍ୟାଦି ।

ଛକଗୁଡ଼ିକ ହେଲା କ୍ୟାପିଟାଲ୍‌ର ଆଉ ଏକ ବିଭବ । ଏଇ ସବୁ ଛକ ଜନଶ୍ରୁତିରୁ ହିଁ ନାମକରଣ ହୋଇ ଆଗେଇ ଚାଲିଛି । ଛକଗୁଡ଼ିକ ସାଧାରଣତଃ କୌଣସି ସ୍ଥାନ ବା ମୂର୍ତ୍ତିକୁ ନେଇ ନାମକରଣ ହୋଇଥାଏ ମାତ୍ର ଭୁବନେଶ୍ୱରରେ କେବଳ ନାମକୁ ନେଇ ଗୋପବନ୍ଧୁ ଛକ ଗୋଟିଏ । ଆଉ କୌଣସି ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଛକ ନାହିଁ ବରଂ ପେଟପୂଜାକୁ ପ୍ରାଧାନ୍ୟ ଦେଇ ଗଢ଼ିଉଠିଚି ତିନୋଟି ଛକ- ରାଜମହଲ ଛକ, ମାଷ୍ଟରକ୍ୟାଣ୍ଟିନ୍ ଛକ ଓ ରୂପାଲୀ ଛକ । ଗୋଟିଏ ମୁଖ୍ୟରାସ୍ତା ଜନପଥ ଉପରେ ଏହି ତିନୋଟି ଛକରେ ଥିଲା ଜନପ୍ରିୟ ଖାଇବା ହୋଟେଲ । ଇଂରାଜୀରେ ଗୋଟିଏ ବାକ୍ୟ ଅଛି- The best way to human heart is through stomach. କ୍ୟାପିଟାଲ ଗଠନ ସମୟରେ ଏଇ ତିନୋଟି ଖାଦ୍ୟ ପରଷିବା ହୋଟେଲ ନାମରେ ତିନୋଟି ଛକ ନାମିତ ହୋଇଗଲା । ଆଜି ମଧ୍ୟ କେହି ଷ୍ଟେସନ୍ ଛକ ନ କହି କହନ୍ତି ମାଷ୍ଟରକ୍ୟାଣ୍ଟିନ୍ ଛକ, ଶହୀଦ ନଗର ଛକ ନ କହି ରୂପାଲୀ ଛକ ଯଦିଓ ଏ ଦୁଇଟି ଛକରେ ପୁରୁଣା ହୋଟେଲର ଚିହ୍ନବର୍ଣ୍ଣ ନାହିଁ ।

ସେମିତି ଦ୍ୱିତୀୟ ପର୍ଯ୍ୟାୟରେ ଆସିଲେ ମନୋରଞ୍ଜନ ସ୍ଥାନ । ଦୁଇଟି ସିନେମା ହଲ୍‌କୁ ନେଇ ଦୁଇଟି ଛକ, ରବି ଟକିଜ୍ ଛକ ଓ କଳ୍ପନା ଟକିଜ୍ ଛକ ଯଦିଓ କଳ୍ପନା ଛକ ପାଖରେ ଦମ୍‌କଳ କେନ୍ଦ୍ର ଓ ରବି ଟକିଜ୍ ପାଖରେ କେଦାରଗୌରୀ ଭଳି ପ୍ରସିଦ୍ଧ ସ୍ଥାନ ଅଛି, କିନ୍ତୁ ଛକ ପାଲଟି ଯାଇଛି ସିନେମା ହଲ୍ ନାମରେ ।

ଆଜିର କ୍ୟାପିଟାଲ୍ କେବଳ ବଢ଼ିଚାଲିଛି ଆୟତନରେ ଯାହା ଦୁଇଆଡ଼ୁ ଯଥା Horizental । Vertical । ରାଜଧାନୀର ଛାତିରେ ଆକାଶଚୁମ୍ବୀ ଅଟ୍ଟାଳିକା ସବୁ ଜହ୍ନକୁ ଛୁଇଁବା ପାଇଁ ବ୍ୟଗ୍ର ହୋଇ ଉଠିଲେଣି । ଏଣେ ରାଜଧାନୀ ଉତ୍ତରପଟେ ଛୁଇଁଲାଣି କଟକ, ଦକ୍ଷିଣରେ ଖୋର୍ଦ୍ଧା, ପୂର୍ବପଟେ ପିପିଲି ଓ ପଶ୍ଚିମରେ ଛୁଇଁଲାଣି ଚନ୍ଦକା ଜଙ୍ଗଲ ।

ଏବେ ଆସିଛି ନିଉକ୍ୟାପିଟାଲ୍‌ରେ ନିଉଚେଞ୍ଜ ବା ପରିବର୍ତ୍ତନ ।

ଆଗେ କନା କିଣି ଟେଲରିଂ ଦୋକାନରେ ଦରଜୀକୁ ମାପନେଇ ପ୍ୟାଣ୍ଟ ସାର୍ଟ ସିଲାଇ କରିବା ପାଇଁ ଦିଆଯାଉଥିଲା । ଏବେ ଇନ୍‌ଷ୍ଟାଣ୍ଟ କଫି ଭଳି ଗଢ଼ିଉଠିଛି ବିଭିନ୍ କମ୍ପାନୀର ରେଡିମେଡ୍ ପୋଷାକର ସୋ'ରୁମ୍ । ସୋ' ରୁମ୍‌କୁ ଯାଇ ନିଜ ମାପର ଉଠାଇ ଆଣିବେ ନିଜ ମନପସନ୍ଦର ।

ଆଗେ ଥିଲା ସବୁ କଲୋନୀରେ ଡାଲିଚାଉଳ ଓ ଅନ୍ୟାନ୍ୟ ଘରୋଇ ଜିନିଷ ପାଇଁ ତେଜରାତି ଓ ଷ୍ଟେସନାରୀ ଷ୍ଟୋର ଏବେ ହୋଇଗଲା ସପିଙ୍ଗ ମଲ୍ ଓ ବିଗ୍‌ବଜାର । ପୈସା ଫେଙ୍କୋ ତମାସା ଦେଖୋ ।

ଆଗେ ରାଜଧାନୀର ରାଜରାସ୍ତାରେ ଚାଲୁଥିଲା ଦୁଇଚକିଆ ରାଜଦୂତ୍ ମଟର ସାଇକେଲ, ଆମ୍ବାସଡ଼ର ଓ ଫିଆଟ କାର । ଏବେ ଭଳିକି ଭଳି ମଟରସାଇକେଲ୍ ସ୍କୁଟର ଓ କାରରେ ରାଜଧାନୀର ରାସ୍ତା ଦିଶୁଛି ମନୋରମ ।

ସେତେବେଳେ ସୌନ୍ଦର୍ଯ୍ୟ ଥିଲା ଦର୍ଶକର ଆଖିରେ ଆଜି ସୌନ୍ଦର୍ଯ୍ୟ ତିଆରି ହୋଇଛି ବ୍ୟୁଟିପାର୍ଲରରେ ।

ସେତେବେଳେ ଦେହ ଖରାପ ହେଲେ ଥିଲେ ଭଗବାନ୍ ଓ ସରକାରୀ ଡାକ୍ତରଖାନା ଏବେ ଭଗବାନ ବଦଳି ନାହାନ୍ତି ମାତ୍ର ଗଣ୍ଡା ଗଣ୍ଡା ଘରୋଇ ଚିକିତ୍ସାଳୟ ଟଣାଟଣି ହେଉଛନ୍ତି ରୋଗୀକୁ ଚିକିତ୍ସା କରିବାକୁ, ଅବଶ୍ୟ ଟଙ୍କା ବିନିମୟରେ !

ସେତେବେଳେ ମା' ସରସ୍ୱତୀ ଥିଲେ ବାଣୀବିହାର ଓ ଗୋଟିଏ ଦୁଇଟି ମହାବିଦ୍ୟାଳୟ ଓ ଚାରିପାଞ୍ଚଟି ହାଇସ୍କୁଲ୍‌ରେ ସୀମିତ । ଏବେ ମା' ତାଙ୍କର କାୟା ବିସ୍ତାର କରି ଏଇ କ୍ୟାପିଟାଲ୍‌ରେ ଖୋଲି ଦେଇଛନ୍ତି ଶିକ୍ଷାର ବିପଣୀ । ଗଣ୍ଡାଗଣ୍ଡା ବିଶ୍ୱବିଦ୍ୟାଳୟ ଆଉ ସେଇ ଅନୁପାତରେ କଲେଜ ଓ ସ୍କୁଲ !

ଆଗେ ଜଳଖିଆ ମାନେ ଥିଲା ଦୋଷା, ଇଡିଲି, ସିଙ୍ଗଡ଼ା ଓ ବରା । ଏବେ ଆସିଗଲା ପିଜା, ବର୍ଗର ଓ ଚିକେନ ରୋଲ୍ ।

ସେକାଳେ ଥିଲା ଗୋଟିଏ ପୁଷ୍ପକ ବିମାନ – ନାମ ତା'ର ଇଣ୍ଡିଆନ୍ ଏୟାର୍‌ଲାଇନ୍‌ସ, ଏବେ ଆକାଶରେ ଚିଲ ଭଳି ଉଡୁଛନ୍ତି ଇଣ୍ଡିଗୋ, ଏୟାର ଏସିଆ, ଜେଟ୍ ଏୟାର ୱେଜ୍ ଆଦି ଆହୁରି ଅନେକ ଏୟାରଲାଇନ୍‌ସ ।

ଆଗେ ଭୁବନେଶ୍ୱର ଥିଲା କଲିକତା ଓ ମାଡ୍ରାସ ମଝିରେ ଗୋଟିଏ ରେଳ ଷ୍ଟେସନ୍ ଆଜି ଭୁବନେଶ୍ୱରରେ ପୂର୍ବତଟ ରେଳବାଇର ହେଡ୍‌କ୍ୱାର୍ଟର । ଆଗେ ଗଣମାଧ୍ୟମରେ ରେଡ଼ିଓ, ଯେଉଁଥିରେ ଗୁରୁଗମ୍ଭୀର କଣ୍ଠରରେ ଶୁଭୁଥିଲା ଆକାଶ ବାଣୀ, ଖବର ପଢୁଛନ୍ତି ଯତୀନ୍ ଦାସ । ଆଗେ ଟେଲିଭିଜନରେ ଥିଲା ଦୂରଦର୍ଶନର ଚ୍ୟାନେଲ୍ । ଆଜି ଟେଲିଭିଜନ୍‌ରେ ଗଣ୍ଡା ଗଣ୍ଡା ଚ୍ୟାନେଲ୍ ଖବର କ'ଣ ମନୋରଞ୍ଜନ କ'ଣ ଯାହା ଚାହିଁବ ତାହା ପାଇବ ଚବିଶ ଘଣ୍ଟା । ରେଡ଼ିଓ ମଧ୍ୟ ଆସିଗଲାଣି ମନୋରଞ୍ଜନ ପାଇଁ ରେଡ଼ିଓ ମିର୍ଚ୍ଚି ଓ ରେଡ଼ିଓ ଚକୋଲେଟ୍ ହୋଇ ।

ଆଗେ ଖବର କାଗଜ ବୋଇଲେ ଥିଲା 'ସମାଜ' ଓ 'ପ୍ରଜାତନ୍ତ୍ର' ତା' ପୁଣି ପ୍ରକାଶ ପାଉଥିଲା କଟକରୁ, ଭୁବନେଶ୍ୱର ନିଜର କିଛି ନ ଥିଲା । ଆଜି ଖବର ପରିବେଷଣରେ କଟକକୁ ଟକ୍କର ଦେଇ ଆଗେଇ ଆସିଛି ନିଉକ୍ୟାପିଟାଲ୍ । ନିଉକ୍ୟାପିଟାଲ୍‌ର ରାଜ ମସ୍ତକରେ ଗୋଟିକପରେ ଗୋଟିଏ ଖବରକାଗଜ ସଜାହୋଇ ଚାଲିଛନ୍ତି ଫୁଲଭଳି । ସମସ୍ତେ ଘୋଷଣା କରିଛନ୍ତି ସେମାନେ ପ୍ରଭାତୀ ସଂସ୍କରଣ – ଧରିତ୍ରୀ, ସମାଜ, ପ୍ରଗତିବାଦୀ, ସମୟ, ସଂଚାର, ନିତିଦିନ ଆଦି କେତେ ଯେ ଖବର କାଗଜ ସମ୍ଭାର ।

ଆଗେ ଥିଲା ଘରେ ଗୋଟିଏ କଳାରଙ୍ଗର ଟେଲିଫୋନ୍, କ୍ରିଂ କ୍ରିଂ କରି ଘରର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା । ଘରର ମୁରବୀଙ୍କର ସେ ଥିଲା ଏକପ୍ରକାର ଏକଚାଟିଆ ଅଧିକାର । ଏବେ ଆସିଗଲା ମୋବାଇଲ୍‌ର ଯୁଗ । ପରିବାରରେ ଯେତେ ଲୋକ ଅତି କମ୍‌ରେ ସେତେଟା ମୋବାଇଲ୍ ତା' ଦେହରେ ପୁଣି କାହାର ହସ୍ତମଣ୍ଡନ କରୁଛି ଦୁଇ ବା ତିନୋଟି ମୋବାଇଲ୍ ଏପରିକି ଗୋଟିଏ ମୋବାଇଲ୍‌ରେ ଦୁଇ ଦୁଇଟି ନେଟ୍‌ୱର୍କ !

ଆଗେ ରାସ୍ତାଘାଟ ବହୁତ କମ୍ ଥିଲା ଏବେ ୭୦ବର୍ଷରେ ରାଜଧାନୀରେ ଗଢ଼ି ଉଠିଛି କେତେ ବିପଣୀ – ଆଗେ ଭୁବନେଶ୍ୱରରେ କାହାର ବାହାଘର ହେବାକୁ ଥିଲେ ସମସ୍ତେ ଯାଉଥିଲେ କଟକ କପଡ଼ା ଆଉ ସୁନାଗହଣା କିଣିବା ପାଇଁ ମାତ୍ର ବର୍ତ୍ତମାନ ସୁନା ଦୋକାନ ଏତେ ସଂଖ୍ୟାରେ ବଢ଼ିଚାଲିଛି ଯେ କଟକବାଲା ଭୁବନେଶ୍ୱର ଆସିବା ଆରମ୍ଭ କଲେଣି ।

ଆଗେ ଭୁବନେଶ୍ୱରରେ ଥିଲା କେତେ ଗଛ - ଦିନଯାକ ଯେତେ ଗରମ ହେଲେ ମଧ୍ୟ ସଂଧ୍ୟାବେଳକୁ ସୁନ୍ଦର ପବନ ବହୁଥିଲା । ମାତ୍ର ଏବେ ରାସ୍ତା ଆଉ ରାସ୍ତା ହୋଇନାହିଁ ସହରଯାକ ଫ୍ଲାଇ ଓଭର ଓ ଓଭର ବ୍ରିଜ୍ ଗଢ଼ିଉଠିଲାଣି । ଟିକିଏ ବର୍ଷା ହୋଇଗଲେ ବନ୍ୟାର ଭ୍ରମ ସୃଷ୍ଟି କରୁଛି ।

ଏବେ ଆଉ ଭୁବନେଶ୍ୱର କେବଳ କ୍ୟାପିଟାଲ୍ ନୁହେଁ ଏବେ ସେ ପ୍ରତିଯୋଗୀତାରେ ଅଛି ଶ୍ରେଷ୍ଠ ସ୍ମାର୍ଟ ସିଟିର ମାନ୍ୟତା ନେବାପାଇଁ । ସେଥିପାଇଁ ବହୁ କିଛି କାର୍ଯ୍ୟକ୍ରମ ଚାଲିଛି ।

ଏତେ ସବୁ ବୃଦ୍ଧି ହେବାପରେ ମନକୁ ଗୋଟିଏ ପ୍ରଶ୍ନ ଆସେ - ଭୁବନେଶ୍ୱର ସ୍ମାର୍ଟ ସିଟି ହେବା ପାଇଁ ପ୍ରଚେଷ୍ଟା କରୁଛି ମାତ୍ର ପୂର୍ବ ଦିନକୁ ଫେରିଗଲେ ବୁଢ଼ା ଲୋକମାନେ କହୁଛନ୍ତି ଯେ ନିଉ କ୍ୟାପିଟାଲ୍ ଆରମ୍ଭ ହେବା ବେଳକୁ ସବୁ ଜଙ୍ଗଲ ଥିଲା । ଦିନରେ ଯିବାକୁ ଡର ମାଡୁଥିଲା । ରାସ୍ତାରେ ଶିଆଳ ଗଣ୍ଡାଗଣ୍ଡା ଦିଶୁଥିଲେ, ହାତୀ ଓ ବାଘ ଭୟ ମଧ୍ୟ ଥିଲା ।

ଏବେ ସେ ଗଛକଟା ହୋଇ ନିର୍ମାଣ ହେଉଛି କଂକ୍ରିଟ୍ ଜଙ୍ଗଲ । ଆଉ ଏ କଂକ୍ରିଟ୍ ଜଙ୍ଗଲରେ ସେ କାଳର ସତ ଜଙ୍ଗଲର ଚାରିଗୋଡ଼ିଆ ବାଘ ପରିବର୍ତ୍ତେ ଉତ୍ପାତ ହେଉଛନ୍ତି ଏବେର ଦୁଇଗୋଡ଼ିଆ ବାଘ । ରାସ୍ତାରେ ଯିବା ବେଳେ ମହିଳାଙ୍କ ବେକରୁ ଚେନ୍ ଛିଣ୍ଡାଇବାଠୁ ଆରମ୍ଭ କରି ଅସଦାଚରଣ କରିବା ହୋଇଯାଇଛି ଏକ ନିୟମିତ ବ୍ୟାପାର । ତା'ସହିତ ଧୋବଧବଳିଆ ବାଘମାନେ କେତେବେଳେ ଲୁଟ୍‌ରେ ମାତିଲେଣି ତ କେତେବେଳେ ହତ୍ୟା ପାଇଁ ଜାଲ୍ ବିଛାଇବାରେ ।

ଏ ନୂଆ ସ୍ମାର୍ଟ କ୍ୟାପିଟାଲ୍ ଦେଖିଲେ ମନେହେଉଛି କହିବାକୁ "ଏହିକି ଭୁବନେଶ୍ୱର ? ଶରୀର ଚକ୍‌ଚକ୍ ଆତ୍ମା ନାରଖାର ।"

ଅନନ୍ୟା, ଏ/୬୬, ପିପିଏଲ୍ ହାଉସିଂ କଲୋନୀ
ଖଣ୍ଡଗିରି ଛକ, ଭୁବନେଶ୍ୱର-୭୫୧୦୧୯
ମୋ: ୯୪୩୭୫୭୪୬୪୯



